
ବାର୍ଷିକ ସଂଖ୍ୟା

# ଭଞ୍ଜପ୍ରଦୀପ

ବାରିପଦା, ଆଶ୍ୱିନ ୧୩୪୪




ଉତ୍ତିଷ୍ଠତ ଜାଗ୍ରତ ପ୍ରାପ୍ୟ ବରାନ୍ନିବୋଧତ

Digitized by srujanika@gmail.com

PHONE 2492 CAL. GRAM "LAVATORY"

# SANITATION

PLUMBING
DRAINAGE
& WATER-WORKS.

CONSULT.

## S. K. CHAKRAVARTI LTD.

MISSION ROW SANITARY ENGINEERS — CALCUTTA

**Mayurbhanj Law Reporter**

**Highly appreciated in India & Abroad.**

It is a quarterly publication.

It is published in September, December, March and June.

| | |
|---|---|
| Yearly Subscription | Rs. 3 |
| Single Copy | As. 12 |

**Postage Extra.**

*Manager*—N. C. SANYAL, B. A.
MAYURBHANJ LAW REPORTER.

Estd. Half A Century

**J. N. CHUNDER & BROS.**

*33 Radha Bazar Street,* CALCUTTA

CHEAPEST HOUSE FOR

**PRINTING & STATIONERY GOODS**

*Please ask for Price List.*

**Bhanja Pradeepa**

*It is an illustrated Oriya quarterly quite independent of the English Edition of the Mayurbhanj Chronicle.*

SUBSCRIPTION

| | | | |
|---|---|---|---|
| *Annual* - - | *Rs.* | *0-12-0* | *(post free)* |
| ,, | ,, | *1-4-0* | *(with postage)* |
| *Price per copy* | ,, | *0-3-0* | *(post free)* |
| | ,, | *0-5-0* | *(with postage)* |

*Manager*—N. C. SANYAL, B.A.
BHANJA PRADEEPA

Digitized by srujanika@gmail.com

# The Mayurbhanj Chronicle

***Publication:*** The Chronicle is a quarterly publication. It is published in October, January, April and July.

***Subscription;*** Annual Rs 1-8-0. Single copy As. 6 only. Postage per copy 2 As. extra.

## SCALE OF CHARGES FOR ADVERTISEMENTS

*( Single Insertion )*

| | | | |
|---|---|---|---|
| **Outer page of Cover :—** | Full page | Rs. | 50/- |
| | Half | ,, | 25/- |
| | Quarter | ,, | 15/- |
| **Inner page of Cover :—** | Full | ,, | 40/- |
| | Half | ,, | 20/- |
| | Quarter | ,, | 12/- |
| **Inner page of Cover : reverse of title page :** | Full page | Rs. | 50/- |
| | Half | ,, | 25/- |
| | Quarter | | 15/- |
| **Ordinary page :—** | Full | | 36/- |
| | Half | | 18/- |
| | Quarter | | 10/- |

*Rates for smaller spaces on application*

N. C. SANYAL, B. A.

*Manager, Mayurbhanj Chronicle.*

STATE PRESS, BARIPADA, MAYURBHANJ

# ମୟୂରଭଞ୍ଜ ଷ୍ଟେଟ ଗେଜେଟ

ପ୍ରତି ଇଂରାଜୀ ମାସ ୭ ଓ ୨୧ ତାରିଖରେ ପ୍ରକାଶିତ ହୁଏ । ଏଥିରେ କେବଳ ଅଫିସ ସମ୍ବନ୍ଧୀୟ ବିଷୟମାନ ପ୍ରକାଶିତ ହୁଏ ।

ବାର୍ଷିକ ମୂଲ୍ୟ—ଟ୩୯ ( ଡାକମାସୁଲ ବ୍ୟତୀତ ) ଟ୩୷ ( ଡାକମାସୁଲ ସହ ) ପ୍ରତି ସଂଖ୍ୟାର ମୂଲ୍ୟ ଟ୦୷

**ଏଥିରେ ବିଜ୍ଞାପନ ଛପାଇବାର ଦର**

ପ୍ରତି ସଂଖ୍ୟା—ପୂର୍ଣ୍ଣ ଏକ ପୃଷ୍ଠାକୁ ଟ୧୦୯ ପ୍ରତି ସଂଖ୍ୟା—ଅର୍ଦ୍ଧ ପୃଷ୍ଠାକୁ ଟ ୫୯

ସାମୟିକ ବିଜ୍ଞାପନ ପ୍ରକାଶେ—ପ୍ରତି ସଂଖ୍ୟା ଡବଲ୍ କଲମ୍ ଧାଡ଼ିକୁ ଟ୦।

,, ,, ସିଙ୍ଗଲ୍ ,, ,, ଟ୦୷

ଗ୍ରାହକ ହେବାକୁ କିମ୍ବା ବିଜ୍ଞାପନ ଛପାଇବାକୁ ଇଚ୍ଛା କଲେ ଅଗ୍ରିମ ଦେବାକୁ ପଡ଼ିବ ।

**ମେନେଜର,**

ଷ୍ଟେଟ୍ ପ୍ରେସ୍, ବାରିପଦା ।


Digitized by srujanika@gmail.com

# ଭଞ୍ଜ ପ୍ରଦୀପ

**ଷଷ୍ଠ ଭାଗ** **ପ୍ରଥମ ସଂଖ୍ୟା**

## ସୂଚିପତ୍ର


| | | ପୃଷ୍ଠା |
|---|---|---|
| ୧ । ଶ୍ରୀମନ୍ ମହାରାଜାଙ୍କର ୟୁରୋପରୁ ପ୍ରତ୍ୟାବର୍ତ୍ତନ | | ୧ |
| ୨ । ପଥିକ-ଗୀତ (କବିତା) | ଶ୍ରୀ ବୈକୁଣ୍ଠନାଥ ପଟ୍ଟନାୟକ, ଏମ୍. ଏ., ବି. ଇଡି. | ୨ |
| ୩ । ନାରାୟଣ | ଶ୍ରୀ ଜଳଧର ଦେବ | ୩ |
| ୪ । କବି ଓମାର | ଶ୍ରୀ କ୍ଷିତୀଶଚନ୍ଦ୍ର ଦେ, ଏମ୍. ଏ., ଡି. ଇଡି. | ୪ |
| ୫ । ଓଡ଼ିଶାର ପଲ୍ଲୀ ସମସ୍ୟା | ଶ୍ରୀ ଜଗବନ୍ଧୁ ସିଂହ | ୯ |
| ୬ । ଝଙ୍ଗିରର ଗୁମ୍ଫା | ଶ୍ରୀ ଶଶୀଭୂଷଣ ରାୟ | ୧୩ |
| ୭ । ଚନ୍ଦ୍ରଲୁଗା | ଶ୍ରୀ ଅଲେଖ ପ୍ରସାଦ ଦାସ | ୧୭ |
| ୮ । ବୈଦିକ ଚିତ୍ର କଳା | ଶ୍ରୀ ବଂଶୀଧର ବର୍ମା | ୧୯ |
| ୯ । ଉତ୍କଳରେ ସାମୟିକ ପତ୍ରିକାର କ୍ରମ ବିକାଶ | ଶ୍ରୀ ରାଧାଚରଣ ପଣ୍ଡା, ଏଲ୍. ଏମ୍. ପି. | ୨୩ |
| ୧୦ । ରୋଜଗାର (ଗଳ୍ପ) | ଶ୍ରୀ ନିତ୍ୟାନନ୍ଦ ମହାପାତ୍ର | ୨୭ |
| ୧୧ । ପୁସ୍ତକ ପରିଚୟ | | ୩୦ |
| ୧୨ । ଦେଶୀୟ ରାଜ୍ୟ ସମାଚାର | | ୩୧ |
| ୧୩ । ସମ୍ବାଦ ଓ ସଙ୍କେତ | | ୩୫ |


## ଚିତ୍ର-ସୂଚି


| | |
|---|---|
| ୧ । ଶ୍ରୀକାର—ଶିଳ୍ପୀ ଶ୍ରୀ ବୃନ୍ଦାବନ ସିଂହ | ପ୍ରଚ୍ଛଦପଟ |
| ୨ । ମୟୂରଭଞ୍ଜର ଟୀକାୟତ ସାହେବ ଶ୍ରୀ ଶ୍ରୀ ପ୍ରଦୀପ ଚନ୍ଦ୍ର ଭଞ୍ଜ ଦେଓ ଏବଂ ଛୋଟରାୟ ସାହେବ ଶ୍ରୀ ଶ୍ରୀ ସ୍ୱରୂପ ଚନ୍ଦ୍ର ଭଞ୍ଜ ଦେଓ | ପ୍ରଥମ ପୃଷ୍ଠାର ସମ୍ମୁଖୀନ |
| ୩ । ଦୀପଦାନ—ଶିଳ୍ପୀ ଶ୍ରୀ ବଂଶୀଧର ବର୍ମା | ୨୦ଶ ପୃଷ୍ଠାର ସମ୍ମୁଖୀନ |
| । ମୟୂରଭଞ୍ଜର ରାଉତରାୟ ସାହେବ ବାରିପଦା ହାଇସ୍କୁଲର କାପ୍ତେନଙ୍କୁ ସିଲ୍ଡ ପ୍ରଦାନ କରୁଅଛନ୍ତି | ୩୫ |
| ୫ । ମୟୂରଭଞ୍ଜର ଶ୍ରୀମନ୍ ରାଉତରାୟ ସାହେବ (ମଧ୍ୟ ସ୍ଥଳରେ ଆସୀନ) ଏବଂ ଜାମସେଦପୁର ଓଲ୍ଡ ବଏଜ୍ ଟିମ୍‌ର ଖେଳୁଅଡ଼ମାନେ | ୩୬ |
| ୬ । ଗମ୍ଭାରଅ ପୋଲର ଦୃଶ୍ୟ | ୩୬ |
| ୭ । ଗମ୍ଭାରଅ ପୋଲ୍ ନିର୍ମିତ ହେଉଥିବା ଉପରଭାଗର ଦୃଶ୍ୟ | ୩୬ |


—0—

Digitized by srujanika@gmail.com

# ଭଞ୍ଜପ୍ରଦୀପ

ସମ୍ପାଦକ—ଶ୍ରୀ ରାଧାଗୋବିନ୍ଦ ଦାସ

ସହକାରୀ ସମ୍ପାଦକ—ଶ୍ରୀ କାଳନ୍ଦୀଚରଣ ପାଣିଗ୍ରାହୀ

ଦଶହରା ସଂଖ୍ୟା

ଷଷ୍ଠ ଭାଗ | ଆଶ୍ୱିନ, ସନ ୧୩୪୪ ସାଲ | ୧ମ ସଂଖ୍ୟା

## ଶ୍ରୀମନ୍ ମହାରାଜାଙ୍କର ୟୁରୋପରୁ ପ୍ରତ୍ୟାବର୍ତ୍ତନ

ମୟୂରଭଞ୍ଜାଧିପ ଶ୍ରୀମନ୍ ମହାରାଜା ଓ ମହାରାଣୀ ସାହେବା ଗତ ମେ ମାସ ତା ୨୭ ରିଖରେ ଶ୍ରୀମାନ୍ ଯୁବରାଜ ଟୀକାଏତ ସାହେବ, ଛୋଟରାଏ ସାହେବ ଓ ମହାରାଜକୁମାରୀଙ୍କୁ ସଙ୍ଗରେ ନେଇ 'ଭାଇସ୍‌ରୟ୍ ଅବ ଇଣ୍ଡିଆ' ନାମକ ଜାହାଜରେ ବିଲାତ ଯାତ୍ରା କରିଥିଲେ। ଇଂଲଣ୍ଡରେ କିଛି ଦିନ ଅତିବାହିତ କରି ୟୁରୋପର ନାନା ସ୍ଥାନ ଭ୍ରମଣ କରି ସେଠାରୁ ନିରାପଦରେ ଏଠାରେ ସେପ୍ଟେମ୍ବର ମାସରେ ପହଞ୍ଚିଛନ୍ତି।

କେବଳ ଟୀକାଏତ ସାହେବ ଶ୍ରୀମନ୍ [illegible]ଚନ୍ଦ୍ର ଭଞ୍ଜ ଦେଓ ଓ ଛୋଟରାଏ ସାହେବ ଶ୍ରୀମନ୍ [illegible]ଚନ୍ଦ୍ର ଭଞ୍ଜ ଦେଓ ଲଣ୍ଡନ ନିକଟବର୍ତ୍ତୀ ଗୋଟିଏ ଶିକ୍ଷା କେନ୍ଦ୍ରରେ ପ୍ରାଥମିକ ଶିକ୍ଷା ଲାଭ କରିବା ପାଇଁ ଇଂଲଣ୍ଡରେ ରହିଲେ। ଟୀକାଏତ ସାହେବ ୧୯୨୯ ମସିହା ଡିସେମ୍ବର ମାସ ତା ୧୦ ରିଖରେ ଜନ୍ମ ଗ୍ରହଣ କରିଥିଲେ ଓ ଛୋଟରାଏ ସାହେବ ତାଙ୍କଠାରୁ ୨ ବର୍ଷର କନିଷ୍ଠ।

ଶ୍ରୀମନ୍ ମହାରାଜା ଇତି ପୂର୍ବରୁ ଦୁଇ ଥର ଇଂଲଣ୍ଡ ଭ୍ରମଣ କରିଥିଲେମଧ୍ୟ ରାଜଗାଦି ଆରୋହଣ ପରଠାରୁ ବିଲାତ ଯାତ୍ରା କରିବା ଏହା ତାଙ୍କର ପ୍ରଥମ।

ଶ୍ରୀମନ୍ ମହାରାଜା ସହଗାମିମାନଙ୍କ ସହିତ ଜିବ୍ରାଲଟର ବାଟେ ଯାତ୍ରା କରି ଜୁନ ମାସ ତା ୧ ରିଖରେ ଲଣ୍ଡନଠାରେ ପଦାର୍ପଣ କରିଥିଲେ। ସେଠାରୁ ସେ ସ୍କଟଲାଣ୍ଡର ଲକ୍ ଲମଣ୍ଡ୍ ନାମକ ହ୍ରଦରେ ମତ୍ସ୍ୟ ଶୀକାର କରିଥିଲେ ଏବଂ ସ୍ୱିଜରଲାଣ୍ଡରେ ମଧ୍ୟ କିଛି ଦିନ ସୁଖରେ ଅତିବାହିତ କରିଥିଲେ। ଶ୍ରୀମନ୍ ମହାରାଜାଙ୍କ ସହିତ ପୋଲିସ୍ ସୁପାରିଣ୍ଟେଣ୍ଡେଣ୍ଟ ଶ୍ରୀଯୁକ୍ତ ରାମଚନ୍ଦ୍ର ଦାସ ଓ ଶ୍ରୀଯୁକ୍ତ ସୁଧାକର ଭଞ୍ଜ ଦେଓ ସହଗାମୀ ହୋଇଥିଲେ। ଏହା ବ୍ୟତୀତ କଟକ ରେଭେନ୍ସା କଲେଜର ପ୍ରିନ୍‌ସିପାଲ ମିଷ୍ଟର ଏସ୍. ସି. ତ୍ରିପାଠୀ ବି. ଏ. (କେମ୍ବ୍ରିଜ୍) ଆଇ. ଇ. ଏସ୍ ଓ ପାଟନା ବିଶ୍ୱବିଦ୍ୟାଳୟର ପୋଷ୍ଟ ଗ୍ରେଜୁଏଟ୍ ଛାତ୍ର ଶ୍ରୀଯୁକ୍ତ ଗୋକୁଳ ଚନ୍ଦ୍ର ଶତପଥୀ ମଧ୍ୟ ତାଙ୍କ ସଙ୍ଗରେ ଯାତ୍ରା କରିଥିଲେ। ଶ୍ରୀଯୁକ୍ତ ଶତପଥୀ ଇଂଲଣ୍ଡରେ ରାଜକୁମାରମାନଙ୍କର ତତ୍ତ୍ୱାବଧାନ ପାଇଁ ରହିଲେ।

ମହାରାଜା ଓ ସହଗାମିମାନେ ଅଗଷ୍ଟ ମାସ ତା ୨୮ ରିଖରେ ମାର୍ସେଲ ବନ୍ଦରଠାରେ ମୁଲତାନ ଜାହାଜ ଯୋଗେ ଯାତ୍ରା କରି ସେପ୍ଟେମ୍ବର ମାସ ତା ୧[illegible] ରିଖରେ ବୋମ୍ବାଇଠାରେ ପହଞ୍ଚିଲେ।

Digitized by srujanika@gmail.com

# ପଥିକ-ଗୀତି

ଶ୍ରୀ ବୈକୁଣ୍ଠନାଥ ପଟ୍ଟନାୟକ

( ୧ )

ସୁଦୂର ପଥର ପଥିକ
ପଛେ ଆଉ ଚାହଁନା ଫେରି,
ଆଗଭର ହୋଇ ତୁ ଚଲ
ପଛେ ଅମା ରହିଛି ଘେରି ।

ପଥେ ଯେତେ ହେଲରେ ଦେଖା,
ଗଲେ କାହିଁ ରହିଲୁ ଏକା,
ଭୁଲି ଗତ ନିଶା-ସପନ
ନିଜ ପାଦେ ଲଗାନା ବେଡ଼ି । ୧ ।

ପଥେ କେତେ ଫୁଟନ୍ତି ଫୁଲ,
ରୂପେ ଗନ୍ଧେ କଲେ ଅକୁଳ,
ଦିନ ଶେଷେ ପଡ଼ିଲେ ଲୋଟି
ଏ ଧୂଳିରେ ପାରିଲୁ ଏଡ଼ି ? ।୨।

ବଂଶୀ କେତେ ଉଠିଛି ମାତି,
ଉଛୁଳିଛି ଜୋଛନା ରାତି,
ସଚକିତ କାନନ ବଲ
ଶୁଣିଛୁତ ଶ୍ରବଣ ଡେରି ।୩।

ହଜାଇଲୁ ତରୁଣ ଧୃତି,
ଆଜି ସେ ଯେ ସପନ-ସ୍ମୃତି,
କୋମଳ ସେ ସ୍ୱର ଲହରୀ
ପଛେ ଶୁଭେ ମରଣ ଭେରି ।୪।

ସଞ୍ଜ ଦୀପ ଜାଳିଲେ ବଧୂ
କାନ୍ଦି କହେ ଚକୋର ବନ୍ଧୁ
ଭେଟ ହେବ କାଲି ପ୍ରଭାତେ
ଦେବି ମୁଁ ଗୋ ହୃଦୟ ଫେଡ଼ି ।୫।

ଅନାଗତ ପ୍ରଭାତେ ଚାହିଁ
ପ୍ରାଣେ ତୋର ଭାବନା କାହିଁ ?
ଗୁଞ୍ଚୁ ଭରେ ପଡ଼ିଲୁ ଥକି
ଆସେ ନିଶା ଚୂଳରେ ଠେଲି ।୬।

( ୨ )

ତରଙ୍ଗେ ସେ ତରଙ୍ଗ ରହେ
ଜ୍ଞାନ ଫାନ୍ଦେ ନ ଦିଏ ଧରା,
ଅଭିମାନ ଗରବ କାନେ
ପଦ୍ମ ଫେର କରେ ଠାପରା ।

ତା ଇଙ୍ଗିତେ ହସଇ ଫୁଲ,
ଉଷାଲୋକ ନିତି ଅକୁଳ,
ସମୀରଣ ବଜାଇ ବାଣୀ
ଦିବା ରାତି ଘୋଷଇ ପରା ।୧।

ବ୍ୟଥା ଅଶ୍ରୁ ଦୁଃଖ ଆରତେ,
କହି କିବା ଯାଏ ଗୁପତେ,
ପରାଣର ଶୋଣିତ ଦାନେ
କିଣେ ଜନ ଶୋକ ପସରା ।୨।

ସରସୀରେ ଘେରିଛି ଦଳ,
ସାତ ତନ୍ତୁ ଫୁଟେ କମଳ,
ନ ଧରିଲେ ମୃଣାଳ ଜଳ
ଭେକୀ ହଂସ ଫେରେ କି ଭଲ ? ।୩।

ବୁଡ଼ିଲେ ରେ ସାଗର ନୀରେ,
ମାଣିକ୍ୟର ସନ୍ଧାନ ମିଳେ,
ସମ୍ଭବ କି କିନାରେ ବୁଲି
ମୃତ୍ୟୁ ଲୋକେ ଜୀବନ ଖରା ? ।୪।

ଏ ମରତ ବିଷମ ବାଜି,
କେତେ ମତେ ରହିବୁ ମଜି,
ବୁଡ଼ ଯା ତୁ ସାଗର ନୀରେ
ହସେ ପଛେ ମରଣ ଜରା ।୫।

ତୋ ପରାଣ ନିଗମ ପୁରେ,
କିବା ଧ୍ୱନି ସ୍ଫୁରେ ମଧୁରେ,
ସବୁ ଶୂନ୍ୟ ଉଠଇ ପୂରି
ଓଁ ତମେ ତପନ ତରା ।୬।



Digitized by srujanika@gmail.com

# ନାରାୟଣ

**ଶ୍ରୀ ଜଳନ୍ଧର ଦେବ**

ଆହା ! ହିନ୍ଦୁ ପ୍ରତି ନାରାୟଣରୂପ କି କମନୀୟ, କି ଲୋଭନୀୟ ! ଏ ରୂପର ଭାବନାରେ ମନ ପୁଲକିତ ହୁଏ, ଶରୀର ରୋମାଞ୍ଚିତ ହୁଏ । ପୁରୁଷାନୁକ୍ରମିକ ଅଭ୍ୟାସ । ନାରାୟଣ ନାମ ଉଚ୍ଚାରଣ କଲେ ସମସ୍ତ ପାପ ବିନଷ୍ଟ ହୁଏ । ଅନ୍ୟେ ପରେ କା କଥା, ନାରାୟଣ ଶବ୍ଦ ଉଚ୍ଚାରଣ କଲେ ମୋକ୍ଷ ଲାଭ ହୁଏ ।

ନାରାୟଣେତି ଶବ୍ଦୋଽସ୍ତି ବାଗସ୍ତି ବଶବର୍ତ୍ତିନୀ ।
ତଥାପି ନରକେ ମୂଢ଼ାଃ ପତନ୍ତୀତି କିମଦ୍ଭୁତଂ ॥

ନାରାୟଣ ଶବ୍ଦ ଥାଉ ଥାଉ ଏବଂ ବଶବର୍ତ୍ତିନୀ ବାକ୍‌ଶକ୍ତି ଥାଉ ଥାଉ ମୂଢ଼ମାନେ ଯେ ନରକରେ ପଡ଼ନ୍ତି, ଏଥିରୁ ବଳି ଅଦ୍ଭୁତ କଥା କି ଅଛି ? ଏଣୁ ନାରାୟଣ ନାମ ହିନ୍ଦୁର ଜପଯୋଗ୍ୟ ଏବଂ ରୂପ ଧ୍ୟାନଯୋଗ୍ୟ ।

ଶଙ୍ଖ-ଚକ୍ର-ଗଦା-ପଦ୍ମଧାରୀ, କମଳଲୋଚନ, ନୀଳାମ୍ବୁଜଚ୍ଛବି, ଶ୍ରୀବତ୍ସଲାଞ୍ଛନ, ବନମାଳାଧର, କେୟୂରକୁଣ୍ଡଳ କିରୀଟ-ମୁକୁଟ-ଶୋଭୀ, ଗରୁଡ଼ୋପରିସଂସ୍ଥିତ, ପଦ୍ମାସନ ନାରାୟଣସ୍ୱରୂପମାଧୁରୀ ଯୁଗେ ଯୁଗେ ହିନ୍ଦୁର ମନକୁ ମୋହିତ କରି ରଖିଅଛି । ନାରାୟଣଙ୍କର ଧାତବ ମୂର୍ତ୍ତି ଏବଂ ଚିତ୍ର ହିନ୍ଦୁର ନେତ୍ର ପ୍ରୀତିକର ।

ନାରାୟଣଙ୍କର ପତ୍ନୀ ଦୁଇ:—ଜଳଧି ସୁତା ଲକ୍ଷ୍ମୀ ଏବଂ ବିଦ୍ୟାଧାତ୍ରୀ ସରସ୍ୱତୀ । ଜଣେ ଧନଦାତ୍ରୀ, ଜଣେ ବିଦ୍ୟାଦାତ୍ରୀ । ନାରାୟଣଙ୍କର ନିବାସ ବୈକୁଣ୍ଠ । ସେହି ବୈକୁଣ୍ଠ ପ୍ରାପ୍ତି ହିନ୍ଦୁର ପରମ କାମ୍ୟ; ଏଣୁ ନାରାୟଣ ଧ୍ୟାନ, ନାରାୟଣ ପୂଜା ଓ ଜପ ।

ନାରାୟଣଙ୍କର ଆଉ ଗୋଟିଏ ଧ୍ୟାନ ଅଛି । ଆମ୍ଭେମାନେ ସନ୍ଧ୍ୟୋପାସନା କରୁଥିଲା ବେଳେ ସେହି ନାରାୟଣ ଆମ୍ଭମାନଙ୍କର ଧ୍ୟେୟ ଥିଲେ:—

ଧ୍ୟେୟଃ ସଦା ସବିତୃମଣ୍ଡଳମଧ୍ୟବର୍ତ୍ତୀ
ନାରାୟଣସରସିଜାସନସନ୍ନିବିଷ୍ଟଃ
କେୟୂରବାନ୍ କନକ କୁଣ୍ଡଳବାନ୍ କିରୀଟି-
ହାରୀ ହିରଣ୍ମୟ ବପୁଃ ଧୃତଶଙ୍ଖଚକ୍ରଃ ॥

ପ୍ରଚଣ୍ଡ ସୂର୍ଯ୍ୟମଣ୍ଡଳ ମଧ୍ୟବର୍ତ୍ତୀ ଦେହଧାରୀ ନାରାୟଣଙ୍କ ଧ୍ୟାନ ଅସମ୍ଭବ; ତଥାପି ଧ୍ୟାନଟି ମୁଖରେ ଉଚ୍ଚାରଣ କରିବାକୁ ହିନ୍ଦୁ ବାଧ୍ୟ । ଆମ୍ଭେମାନେ ଅନେକ ଦିନ ଏହି ଧ୍ୟାନ ମୁଖରେ ଉଚ୍ଚାରଣ କରିଥିଲୁଁ । ସ୍ୱାଧୀନ ଉଚ୍ଚ ଶିକ୍ଷା ମନକୁ ବିଚଳିତ କଲା । ସ୍ୱାଧୀନ ଶିକ୍ଷାର ଏହା ଗୋଟିଏ ଦୁର୍ଗୁଣ—ଭକ୍ତି ଓ ବିଶ୍ୱାସରେ ବ୍ୟାଘାତ ଜନ୍ମାଏ, ସନ୍ଦେହରେ ମନକୁ ଆନ୍ଦୋଳିତ କରେ, ତତ୍ତ୍ୱାନ୍ୱେଷଣ ନିମନ୍ତେ ଆଗ୍ରହ ଜନ୍ମାଏ ।

ପାଶ୍ଚାତ୍ୟ ଶିକ୍ଷା ଓ ସ୍ୱାଧୀନ ଶିକ୍ଷା ଯିନା ସନ୍ଦେହ ଜାତ କରେ, ମାତ୍ର ହିନ୍ଦୁର ଆରାଧ୍ୟ ଦେବତାମାନଙ୍କର ତତ୍ତ୍ୱ ବୁଝାଇବାକୁ ତାହା କ୍ଷମ କି ? ବେଦ ହିଁ ହିନ୍ଦୁର ଶାସ୍ତ୍ର ଓ ଜ୍ଞାନର ଉତ୍ସ । ତତ୍ତ୍ୱ ମିଳିବ ବେଦରୁ । ଏଣୁ ଧର୍ମାଲୋଚନାରେ ବେଦର ଶରଣ ନେବାକୁ ପଡ଼େ । ଋଗ୍‌ବେଦ ଦେଖାଗଲା । ଋଗ୍‌ବେଦରେ ନାରାୟଣଙ୍କର ନାମ, ରୂପ ଓ ଗୁଣର କୌଣସି ଉଲ୍ଲେଖ ନାହିଁ, କିମ୍ବା ଅନ୍ୟ ବେଦରେ ନାହିଁ । ଶତପଥବ୍ରାହ୍ମଣରେ କେବଳ ନାରାୟଣ ଶବ୍ଦର ଉଲ୍ଲେଖ ଅଛି । ଏହା ଗୋଟିଏ ନରମେଧ ଯଜ୍ଞର ବିବରଣ । "ପୁରୁଷୋହ-ନାରାୟଣୋଽକାମୟତ ଅତିତିଷ୍ଠେୟଂ ସର୍ବାଣି ଭୂତାନ୍ୟହ ମେବେଦଂ ସର୍ବଂସ୍ୟାମିତି । ସ ଏତଂ ପୁରୁଷମେଧଂ ପଞ୍ଚରାତ୍ରଂ ଯଜ୍ଞଂ" ଇତ୍ୟାଦି ।

ଏଥିରୁ ଜଣାଯାଏ ଯେ ନାରାୟଣ ଜଣେ ପୁରୁଷ, ସେ କି ବିଧିପୂର୍ବକ ନରମେଧ ଯଜ୍ଞ କରି ଶ୍ରେଷ୍ଠତ୍ୱ ଲାଭ କରିଥିଲେ । ଶତପଥବ୍ରାହ୍ମଣର ନାରାୟଣ ଆମ୍ଭମାନଙ୍କର ପ୍ରିୟଦର୍ଶନ ବୈକୁଣ୍ଠ-ବିହାରୀ ନାରାୟଣ ନୁହନ୍ତି । ଏ ନାରାୟଣ ଚତୁର୍ଭୁଜ ନୁହନ୍ତି, ବା ଶଙ୍ଖ-ଚକ୍ର-ଗଦାପଦ୍ମଧାରୀ ନୁହନ୍ତି, କିମ୍ବା ସୂର୍ଯ୍ୟମଣ୍ଡଳ ମଧ୍ୟବର୍ତ୍ତୀ ନୁହନ୍ତି । ତେବେ ବୈଦିକ ଯୁଗରେ ନାରାୟଣ ରୂପ ପରିକଳ୍ପିତ ହୋଇ ନ ଥିଲା ବୋଲି କହିଲେ କି ଆମ୍ଭେମାନେ ଦୋଷୀ ସାବ୍ୟସ୍ତ ହେବୁଁ ?

ଦୁର୍ଗା, କାଳୀ, ଗଣେଶ, ମହେଶ୍ୱର, ଇନ୍ଦ୍ର, ବ୍ରହ୍ମା ପ୍ରଭୃତି ମୂର୍ତ୍ତି ସମୂହ ଯେମନ୍ତ ତାନ୍ତ୍ରିକ ସାଧକମାନଙ୍କର କଳ୍ପନାପ୍ରସୂତ, ସେହିପରି ନାରାୟଣ ରୂପ ମଧ୍ୟ ସାଧକର କଳ୍ପନାପ୍ରସୂତ । ଭୟରୁ ଭକ୍ତି ଏବଂ ପ୍ରେମରୁ ଭକ୍ତି । ଉଗ୍ର ସାଧକମାନେ ଭୟ ଜନ୍ମାଇ ଭକ୍ତମାନଙ୍କଠାରୁ ଭକ୍ତି ଆଦାୟ କରନ୍ତି । ଶାନ୍ତ ସାଧକମାନେ ଆପଣାର କଳ୍ପିତ ଦେବତାର ସଦ୍‌ଗୁଣ ବର୍ଣ୍ଣନାରେ ଭକ୍ତମାନଙ୍କୁ ମୋହିତ କରନ୍ତି । କାଳୀ ତାର ଉଗ୍ର ସାଧକର କଳ୍ପନାର ଫଳ ଏବଂ ନାରାୟଣ ଶାନ୍ତ ସାଧକର କଳ୍ପନାର ଫଳ ।

ପୁରାଣରେ ନାରାୟଣଙ୍କର ବର୍ଣ୍ଣନାର ସୀମା ନାହିଁ । ପୁରାଣରେ ନାରାୟଣ ଶବ୍ଦର ବ୍ୟୁତ୍ପତ୍ତିର ଅଭାବ ନାହିଁ । କାହାରି ମତରେ 'ନାର' ଅର୍ଥ ଆତ୍ମା, କେହି କହନ୍ତି 'ନାର' ଅର୍ଥ ପାପ, କେହି କହନ୍ତି ମୋକ୍ଷ, କେହି କହନ୍ତି ଜୀବ । ଆପଣା ଆପଣା ଅଭୀଷ୍ଟସିଦ୍ଧି କଳ୍ପନାରେ ଗୋଟାଏ ଶବ୍ଦର ଏତେ ଅର୍ଥ । ପୁଣି ଅନେକଙ୍କ ମତରେ 'ନାର' ଅର୍ଥ ଜଳ । ମନୁଙ୍କ ମତରେ 'ନାର' ଅର୍ଥ ଜଳ । ପୁଣି 'ଅୟନ' ଅର୍ଥ ଗମନ, ସ୍ଥାନ, କ୍ରୀଡ଼ା ଇତ୍ୟାଦି । ଗୋଟାଏ ଶବ୍ଦ ନେଇ ପୌରାଣିକ ବ୍ୟାଖ୍ୟା ଅନେକ । ବାହୁଲ୍ୟ ଭୟରେ ଅଧିକ ଲେଖାଗଲା ନାହିଁ । ମନୁଙ୍କ ମତରେ:—



Digitized by srujanika@gmail.com

ଆପୋ ନାରା ଇତି ପ୍ରୋକ୍ତା ଆପୋ ବୈ ନରସୂନବଃ ।
ତା ଯଦସ୍ୟାୟନଂ ପୂର୍ବଂ ତେନ ନାରାୟଣଃ ସ୍ମୃତଃ ॥

ବ୍ୟାଖ୍ୟାକାରୀମାନେ ଏହି ଶ୍ଳୋକର ଅର୍ଥକୁ ଯେତେ ଦୂର ସମ୍ଭବ ଜଟିଳ କରିବାକୁ ଚେଷ୍ଟା କରିଅଛନ୍ତି । ଏହାର ସ୍ଥୂଳ ଅର୍ଥ ଏହି ଯେ, ଯେ ଜଳରେ କ୍ରୀଡ଼ା କରେ ସେ ନାରାୟଣ । ଏହି ଅର୍ଥକୁ ହୃଦୟଙ୍ଗମ କଲେ ପ୍ରତୀତ ଜନ୍ମେ ଯେ ଜୀବ ମାତ୍ରେ ହିଁ ନାରାୟଣ, ବା ଜୀବର ନାମାନ୍ତର ନାରାୟଣ । ଭୂପୃଷ୍ଠରେ ଏପରି ଜୀବ ନାହିଁ ଯେ କି ଜଳରେ କ୍ରୀଡ଼ା କରେ ନାହିଁ । ଉଦ୍ଭିଜ୍ଜ, ଅଣ୍ଡଜ, ଜରାୟୁଜ ସମସ୍ତଙ୍କର ଜନ୍ମ ଜଳରୁ ବା ଜଳ ସାହାଯ୍ୟରେ । ଏହା ଅସ୍ୱୀକାର୍ଯ୍ୟ ନୁହେଁ । ଏହା ଶାସ୍ତ୍ର ଓ ବିଜ୍ଞାନସମ୍ମତ ।

ଜୀବମାନଙ୍କ ମଧ୍ୟରେ ମନୁଷ୍ୟ ଶ୍ରେଷ୍ଠ ଜୀବ ; ଜଳରେ ଏହାର ଉତ୍ପତ୍ତି ଓ ଜନ୍ମ, ଏଣୁ ସେ ନାରାୟଣ । ନରରୂପୀ ନାରାୟଣର କିଞ୍ଚିତ ଆଲୋଚନା କରାଯାଉ ।

ନାରାୟଣ ରୂପ ଓ ଧ୍ୟାନ କଳ୍ପନା-ପ୍ରସୂତ ଏବଂ ନାରାୟଣ ଶବ୍ଦର ଜଟିଳ ବ୍ୟାଖ୍ୟା ସମୂହ ମଧ୍ୟ କଳ୍ପନା ପ୍ରସୂତ । ମାତ୍ର ତାହା ହିନ୍ଦୁର ଶିରୋଧାର୍ଯ୍ୟ । କୌଣସି ନୂତନ ବ୍ୟାଖ୍ୟା ହାସ୍ୟୋଦ୍ଦୀପକ ଓ ହେୟ । ଏହା ଆମ୍ଭମାନଙ୍କୁ ଜଣା । ତଥାପି ଗୋଟିଏ ବ୍ୟାଖ୍ୟା ପାଠକମାନଙ୍କୁ ନିବେଦନ କଲେ କ୍ଷତି କଣ ?

ପୁନରୁଲ୍ଲେଖିତ କଥିତ ପ୍ରୟୋଜନ ଅଛି:—ଜଳରେ ଯେ କ୍ରୀଡ଼ା କରେ ସେ ନାରାୟଣ । ଜୀବ ମାତ୍ରର ଜଳରୁ ଉତ୍ପତ୍ତି ଓ ଜନ୍ମ ଏବଂ ଜୀବ ସମସ୍ତେ ଜଳରେ କ୍ରୀଡ଼ା କରନ୍ତି; ଏଣୁ ଜୀବ ସମୂହ ନାରାୟଣ ପଦବାଚ୍ୟ । ନର ଶ୍ରେଷ୍ଠ ଜୀବ । ଏଣୁ ନାରାୟଣ । ଅନ୍ୟ ଜୀବର କଥା ଛାଡ଼ି ଆମ୍ଭେମାନେ ଏଠାରେ କେବଳ ନର ନାରାୟଣର ଆଲୋଚନାରେ ପ୍ରବୃତ୍ତ ହେବୁଁ ।

ମାତୃ ଗର୍ଭ ଅନନ୍ତ ବ୍ରହ୍ମାଣ୍ଡ ଗୋଲକ । ତହିଁର ଜଳ ରାଶିରେ ଶିଶୁର ଉତ୍ପତ୍ତି । ସେହି ଜଳ ରାଶିରେ ବଟପତ୍ରଶାୟୀ ନାରାୟଣର କ୍ରୀଡ଼ା ; ଶିଶୁ ନାରାୟଣର ଗର୍ଭସ୍ଥ ଜଳ ରାଶି ଭିନ୍ନ ବାହ୍ୟିକ ବସ୍ତୁ ସହିତ ସମ୍ବନ୍ଧଶୂନ୍ୟ । ଆହାର ନାହିଁ ନିଦ୍ରା ନାହିଁ ନିଶ୍ୱାସ ପ୍ରଶ୍ୱାସ ନାହିଁ । ସଦ୍ୟ ଜାଗ୍ରତ ବୋଇଲେ ଚଳେ । ଶିଶୁ-ନାରାୟଣର ନାଭିରେ କମଳ । ମାତୃଦେବୀ ଏହି କମଳର ଅଧିଷ୍ଠାତ୍ରୀ ଦେବତା, ସୃଷ୍ଟିକର୍ତ୍ତ୍ରୀ । ଶିଶୁ-ନାରାୟଣର ଜନ୍ମ ବା ସଂସାର ଦର୍ଶନ ମାତୃ କର୍ତ୍ତୃକ ଜଗତ ସୃଷ୍ଟି । ଶିଶୁ ଭୂମିଷ୍ଠ ହେଲାରୁ ସୃଷ୍ଟି କାର୍ଯ୍ୟ ଶେଷ । ଶିଶୁର ନାଭି-ଚ୍ଛେଦନ ଉତ୍ତାରୁ ନାଭି କମଳର ଅନ୍ତର୍ଦ୍ଧାନ । ଜନ୍ମାବଧି ଗର୍ଭସ୍ଥ ଶିଶୁର କାର୍ଯ୍ୟକଳାପଦ୍ୱାରା ସାଧକ ମନରେ ସୃଷ୍ଟି ପ୍ରଣାଳୀର ଅଙ୍କୁରୋଦ୍‌ଗମ ହେଲା । ନର ଜୀବ ମଧ୍ୟରେ ଶ୍ରେଷ୍ଠ ହେତୁ ନରକୁ ନାରାୟଣ ଆଖ୍ୟା ଦିଆଗଲା । ନର ଏବଂ ନାରାୟଣ ଭେଦ ନାହିଁ । କ୍ରମେ ଶ୍ରେଷ୍ଠ ନରକୁ ନାରାୟଣ ଆଖ୍ୟାରେ ପରିଚୟ କରାଗଲା । ସେ ଯାହାହେଉ, ତାନ୍ତ୍ରିକମାନେ ଯେ ନରଠାରୁ ନାରାୟଣ ରୂପ ସ୍ୱତନ୍ତ୍ର କରି ବୈକୁଣ୍ଠବାସୀ ଓ ସୂର୍ଯ୍ୟ-ମଣ୍ଡଳ-ମଧ୍ୟବର୍ତ୍ତୀ କରିଅଛନ୍ତି ଏଥିରେ ସନ୍ଦେହ ନାହିଁ । ସାଧକର କଳ୍ପନା ବଳରୁ ନରଠାରୁ ନାରାୟଣ ସ୍ୱତନ୍ତ୍ର ହୋଇଅଛନ୍ତି । ଶିଷ୍ୟମାନେ କ୍ରମେ ନର ନାରାୟଣର ପ୍ରଭେଦକୁ ବୃଦ୍ଧି କରିଅଛନ୍ତି । ସୁତରାଂ ପରବର୍ତ୍ତୀ ପୁରାଣ ବିଶ୍ୱାସୀମାନେ ନର ଯେ ନାରାୟଣ, ଏଥିରେ ଆସ୍ଥା ସ୍ଥାପନ କରିବାର କାରଣ ଦେଖି ପାରିଲେ ନାହିଁ—ସାଧକର କାଳ୍ପନିକ ନାରାୟଣରୂପର ଧ୍ୟାନ ଓ ପୂଜାରେ ଲାଗିଲେ । ଆଶା ରହିଲା କାଳ୍ପନିକ ବୈକୁଣ୍ଠ ବାସରେ ।

ପ୍ରଥମରୁ ଯେବେ ଭାରତ-ବାସୀର ନର ନାରାୟଣ ମଧ୍ୟରେ ଅଭେଦ ଜ୍ଞାନ ଜନ୍ମିଥାନ୍ତା, ତାହାହେଲେ ଏ ଜାତିର ଅସାଧାରଣ ଉପକାର ହୋଇଥାନ୍ତା ଏବଂ "ସକଳ ଦେହେ ନାରାୟଣ" ଭାଗବତର ଏହି ପଦଟି ସାର୍ଥକ ହୋଇଥାନ୍ତା । ନର ହିଁ ସେବ୍ୟ, ନର ହିଁ ପୂଜ୍ୟ—ନରର ପୂଜା ହିଁ ନାରାୟଣର ପୂଜା, ନର ସେବା ହିଁ ନାରାୟଣ ସେବା । ନରର ଉନ୍ନତି ଇଚ୍ଛା ହିଁ ନାରାୟଣ ଧ୍ୟାନ—ନରର ଚରମୋନ୍ନତି ମୁକ୍ତି, ନରର ଅବନତି ଅଧୋଗତି । ବିଜ୍ଞ ବ୍ୟକ୍ତିମାନେ ଏହା ପ୍ରତ୍ୟକ୍ଷ କରି ମଧ୍ୟ ନର ଭିନ୍ନ ସ୍ୱତନ୍ତ୍ର କାଳ୍ପନିକ ନାରାୟଣ ରୂପରେ ପ୍ରତ୍ୟୟ ରଖନ୍ତି । ଅଭ୍ୟାସ, ପାରିବାରିକ ବିଶ୍ୱାସ ! ଯେଉଁ ଦିନ ନର ନାରାୟଣ ଭେଦ ଜ୍ଞାନ ମାନବ ହୃଦୟରୁ ତିରୋହିତ ହେବ ସେ ଦିନ ନରର ପୂର୍ଣ୍ଣତା ପ୍ରାପ୍ତି, ହିଂସା-ଦ୍ୱେଷ ଦୂର ହେବ, ଭେଦଜ୍ଞାନ ରହିବ ନାହିଁ । ମନୁଷ୍ୟ ସୁଖରେ କାଳାତିପାତ କରିବ ।

# କବି ଓମାର

**ଶ୍ରୀ କ୍ଷିତୀଶଚନ୍ଦ୍ର ଦେ**

ପ୍ରାୟ ନଅ ଶହ ବର୍ଷ ଆଗର କଥା । ହିନ୍ଦୁର ଗୌରବ-ସୂର୍ଯ୍ୟ ସେତେବେଳେ ଭାରତ ଆକାଶର ପଶ୍ଚିମାଭିମୁଖୀ, ମୁସଲମାନ ଏକାଧିପତ୍ୟ ଭାରତବ୍ୟାପୀ ହୋଇ ନାହିଁ । ୟୁରୋପୀୟ କ୍ରୁସେଡ୍ ଯୁଦ୍ଧର ଅନତିପୂର୍ବ ସମୟ । ଏହି ସମୟରେ ପାରସ୍ୟର ଖୋରସାନ୍ ଅଞ୍ଚଳର ନୈଶାପୁର ନାମକ ଗୋଟିଏ ପଲ୍ଲୀରେ ଇମାମ୍ ମୋଓୟା-ଫକ୍ ନାମକ ଜଣେ ବୃଦ୍ଧ ଅଧ୍ୟାପକ ଥିଲେ । ତାଙ୍କ ପାଣ୍ଡିତ୍ୟର



Digitized by srujanika@gmail.com

ଖ୍ୟାତି ଓ ଅଧ୍ୟାପନାର କୃତିତ୍ୱ ପାରଶ୍ୟର ପ୍ରାୟ ସର୍ବତ୍ର ସୁବିଦିତ ଥିଲା । ବିଭିନ୍ନ ଅଞ୍ଚଳରୁ ଶିକ୍ଷାର୍ଥୀମାନେ ଆସି ତାଙ୍କର ଛାତ୍ରତ୍ୱ ଗ୍ରହଣ କରି ଆପଣାକୁ ଧନ୍ୟ ମଣୁଥିଲେ । ଅଶୀତିପର ବୃଦ୍ଧ ଯେତେବେଳେ ଛାତ୍ର-ମଣ୍ଡଳ ମଧ୍ୟରେ ଆସୀନ ହୋଇ ଅଧ୍ୟାପନା ଆରମ୍ଭ କରୁଥିଲେ, ସେତେବେଳେ ସୁଦୂର ଭାରତର ଶ୍ୟାମ ବନାନୀର ପ୍ରଚ୍ଛାଦନ ତଳେ ଆଶ୍ରମ-ଜୀବନର ଗୋଟିଏ ପବିତ୍ର ଛବି, ପାରଶ୍ୟର ମରୁପ୍ରାୟ ଋକ୍ଷ ଭୂମି ଉପରେ କ୍ଷଣ କାଳ ପାଇଁ ଜାଗି ଉଠୁଥିଲା ।

ପକ୍ୱକେଶ ଜ୍ଞାନବୃଦ୍ଧ ଇମାମ୍ ସାହେବଙ୍କର ଅନ୍ୟାନ୍ୟ ଅନେକ ଛାତ୍ର ମଧ୍ୟରୁ ତିନି ଜଣ ଥିଲେ ବିଶେଷ ଉଲ୍ଲେଖଯୋଗ୍ୟ—ଜଣେ ନିଜାମ୍ ଉଲ୍‌ମୁଲ୍‌କ୍, ଦ୍ୱିତୀୟ ହାସାନ ବେନ୍ ସବ୍ବା ଓ ତୃତୀୟ ହକିମ୍ ଓମାର୍ ଖାୟାମ୍ । ପ୍ରଥମ ଦୁଇ ଜଣ ଦୂର ଦେଶରୁ ଆସିଥିଲେ କିନ୍ତୁ ତୃତୀୟ ଜଣ ଥିଲେ ସ୍ଥାନୀୟ ଛାତ୍ର । କିନ୍ତୁ କେହି କାହାକୁ ଊଣା ନ ଥିଲେ; ପ୍ରତ୍ୟେକେ ଆପଣାର ତୀକ୍ଷ୍ଣ ବୁଦ୍ଧି ଓ ସ୍ୱାଭାବିକ ଶକ୍ତି ବଳରୁ ଗୁରୁ ଇମାମ୍‌ସାହେବଙ୍କ ସ୍ନେହ ଦୃଷ୍ଟି ଆକର୍ଷଣ କରି ପାରିଥିଲେ । ତିନି ଜଣଙ୍କ ମଧ୍ୟରେ ପ୍ରଗାଢ଼ ବନ୍ଧୁତ୍ୱ ଥିଲା ।

ପ୍ରତି ଦିନ ଗୁରୁଙ୍କର ଅଧ୍ୟାପନା ଅନ୍ତେ ତିନି ଜଣ ସେହି ଦିନର ଅଧୀତ ପାଠ ପରସ୍ପରଠାରେ ଆବୃତ୍ତି କରୁଥିଲେ । ତତ୍‌ପରେ ଅନ୍ୟାନ୍ୟ ଗଳ୍ପାଳାପରେ ସମୟ ଅତିବାହିତ ହେଉଥିଲା । ଦିନେ ହାସାନ୍ ବେନ୍ ସବ୍ବା ଅନ୍ୟ ଦୁଇ ସହାଧ୍ୟାୟୀଙ୍କୁ କହିଲେ—"ଦେଖ, ଏହା ପ୍ରାୟ ସମସ୍ତଙ୍କର ବିଶ୍ୱାସ ଯେ, ଯେଉଁମାନେ ଇମାମ୍ ସାହେବଙ୍କ ଛାତ୍ର ହୁଅନ୍ତି, ସେମାନେ ଭବିଷ୍ୟତରେ ସୌଭାଗ୍ୟଶାଳୀ ହୋଇଥାନ୍ତି । ଆମ ଭିତରୁ ତିନିହେଁ ସୌଭାଗ୍ୟଶାଳୀ ନ ହେଲେ ସୁଦ୍ଧା, କେହି ଜଣେ ଯେ ହେବ, ଏହା ନିଶ୍ଚୟ । ଅଚ୍ଛା, ଯେ ହେବ, ସେ ଅପର ଦି' ଜଣଙ୍କ ପାଇଁ କଣ କରିବ, ପ୍ରତିଜ୍ଞା କର !" ଏହା ଶୁଣି ଅପର ଦୁଇ ଜଣ କହିଲେ "ତୁମେ କୁହ, କଣ ସେ କରିବ, ଆମେ ପ୍ରତିଜ୍ଞା କରିବାକୁ ରାଜି ।" ହାସାନ୍ କହିଲେ, "ବେଶ୍, ଚାଲ ଆମେ ଏହାହିଁ ଶପଥ କରିବା ଯେ, ଭବିଷ୍ୟତରେ ଆମ ଭିତରୁ କେହି ଯଦି ସୌଭାଗ୍ୟଶାଳୀ ହୁଏ ତାହାହେଲେ ସେ ସୌଭାଗ୍ୟକୁ ସେ ତିନି ଜଣଙ୍କ ମଧ୍ୟରେ ସମାନ ଭାବେ ବିଭକ୍ତ କରି ଭୋଗ କରିବ, ଆପଣାର ସ୍ୱାର୍ଥୋନ୍ନତି ପାଇଁ ଅତିରିକ୍ତ କିଛି ରଖିବ ନାହିଁ ।" ତିନି ବନ୍ଧୁ ଏ କଥାରେ ଆନନ୍ଦରେ ରାଜି ହୋଇ ଶପଥ କଲେ ।

ତା ପରେ କେତେ ବର୍ଷ ବିତି ଗଲା । କାଳକ୍ରମେ ନିଜାମ୍ ଉଲ୍‌ମୁଲ୍‌କ୍ ପାରଶ୍ୟ ସୁଲତାନଙ୍କର ପ୍ରଧାନ ମନ୍ତ୍ରୀ ହେଲେ । କିନ୍ତୁ ହାସାନ ଓ ଓମାରଙ୍କ ଉପରେ ଭାଗ୍ୟଲକ୍ଷ୍ମୀଙ୍କର ପ୍ରସନ୍ନ ଦୃଷ୍ଟି ପଡ଼ିଲା ନାହିଁ । ଦୁହେଁ ବାଲ୍ୟବନ୍ଧୁ ନିଜାମ୍ ଉଲ୍‌ମୁଲ୍‌କ୍‌ଙ୍କ ନିକଟରେ ଉପସ୍ଥିତ ହେଲେ ଏବଂ ପଠନ କାଳର ପ୍ରତିଜ୍ଞା ସ୍ମରଣ କରାଇ ତାଙ୍କ ସୌଭାଗ୍ୟର ଅଂଶ ଭିକ୍ଷା କଲେ । ଉଦାରଚେତା ନିଜାମ ଉଲ୍‌ମୁଲ୍‌କ୍ ତହିଁରେ ବିରକ୍ତ ନ ହୋଇ ହାସାନଙ୍କ ପ୍ରାର୍ଥନାନୁଯାୟୀ ରାଜସରକାରରେ ତାଙ୍କୁ ଗୋଟିଏ କର୍ମଚାରୀର ପଦ ଅର୍ପଣ କଲେ । ନୀଚପ୍ରକୃତି କୁଟିଳମତି ହାସାନ ଶନୈଃ ଶନୈଃ ପଦୋନ୍ନତି ଆଶାରେ ଧୈର୍ଯ୍ୟ ଧାରଣ କରି ରହିପାରିଲେ ନାହିଁ । ହଠାତ୍ ବଡ଼ ଲୋକ ହେବା ଲୋଭରେ ନିଜାମ୍ ଉଲ୍‌ମୁଲ୍‌କ୍‌ଙ୍କ ବିରୁଦ୍ଧରେ ଷଡ଼ଯନ୍ତ୍ର କରିବାକୁ ଲାଗିଲେ କିନ୍ତୁ ଧରା ପଡ଼ି ପଦଚ୍ୟୁତ ଓ ଅପମାନିତ ହେଲେ । ତା' ପରେ ନାନା ଉତ୍ଥାନ ପତନ ଓ ଅବସ୍ଥା ବିପର୍ଯ୍ୟୟ ମଧ୍ୟରେ ହାସାନଙ୍କ ଘଟଣା ବହୁଳ ଜୀବନ ଅତିବାହିତ ହେବାକୁ ଲାଗିଲା । ଅବଶେଷରେ ସେ ଗୋଟିଏ ଧର୍ମ ସମ୍ପ୍ରଦାୟର ନେତା ହୋଇ କାସ୍ପିୟାନ୍ ହ୍ରଦର ଦକ୍ଷିଣ ଅଞ୍ଚଳରେ ଗୋଟିଏ ଦୁର୍ଗ ଅଧିକାର କରି କ୍ରୁସେଡାରମାନଙ୍କର ବିଭୀଷିକାର ପାତ୍ର ହୋଇ ଉଠିଲେ । ବହୁ ଲୋକର ରକ୍ତରେ ତାଙ୍କର ତରବାରି ରଞ୍ଜିତ ହେଲା । ଅବଶେଷରେ ତାଙ୍କର ଗୁପ୍ତ ଛୁରିକାଘାତରେ ନିଜାମ ଉଲ୍‌ମୁଲ୍‌କ୍‌ଙ୍କ ଜୀବନଲୀଳା ମଧ୍ୟ ଶେଷ ହୋଇଥିଲା । ବାଲ୍ୟ ବନ୍ଧୁତ୍ୱ ଓ ଉପକାରର ଋଣ ହାସାନ୍ ଏହି ଭାବରେ ପରିଶୋଧ କରିଥିଲେ ।

କିନ୍ତୁ ଓମାର ଥିଲେ ଅନ୍ୟ ଧରଣର । ନିଜାମ୍ ଉଲମୁଲ୍‌କ୍‌ଙ୍କ ବହୁ ଅନୁରୋଧ ସତ୍ତ୍ୱେ, ସେ ଉପାଧି ବା ଉଚ୍ଚ ପଦର ଅଭିଳାଷୀ ହୋଇ ନ ଥିଲେ । ବାଲ୍ୟ ବନ୍ଧୁଙ୍କୁ ଖାଲି ଏତିକି ଜଣାଇଥିଲେ "ଭାଇ, ତମେ ମୋର ସବୁଠାପେକ୍ଷା ବଡ଼ ଉପକାର କରିବ, ଯଦି ତମର ଆଶ୍ରୟ ତଳରେ ରହି ମତେ ଏହି ବିସ୍ତୀର୍ଣ୍ଣ ରାଜ୍ୟର ଗୋଟିଏ କୋଣରେ ମୋର ନିରାଡ଼ମ୍ବର ଜୀବନ ଯାପନର ସୁବିଧା କରିଦିଅ । ମତେ ସେତିକି ଖାଲି ଦିଅ, ମୁଁ ଆଉ କାହିଁର ଅଭିଳାଷୀ ନୁହେଁ । ସେହିଠାରେ ରହି ଜ୍ଞାନାନୁଶୀଳନରେ ଦିନ ଯାପନ କରିବି ଏବଂ ତୁମର ଦୀର୍ଘାୟୁ କାମନା କରୁଥିବି ।"

ଏହା ଶୁଣି ନିଜାମ୍ ଉଲ୍‌ମୁଲ୍‌କ୍ ଆଉ ଜିଦ୍‌ରେ ନ କରି, ଓମାରଙ୍କ ଚଳାଚଳର ସୁବିଧା ପକ୍ଷରେ ବାର୍ଷିକ ବାର ଶହ ସ୍ୱର୍ଣ୍ଣ ମୁଦ୍ରାର ଗୋଟିଏ ପେନ୍‌ସନ୍ ଧାର୍ଯ୍ୟ କରିଦେଇ ଥିଲେ । ସେଥି ଯୋଗୁ ଓମାରଙ୍କୁ ଆମରଣ କେବେହେଁ ଅଭାବଗ୍ରସ୍ତ ହେବାକୁ ପଡ଼ି ନାହିଁ । ନୈଶାପୁର ପଲ୍ଲୀରେ ଜନ୍ମ ଗ୍ରହଣ କରି, ଜ୍ଞାନତପସ୍ୱୀର ସରଳ ନିରାଡ଼ମ୍ବର ଜୀବନ ସେହି ନୈଶାପୁରରେ ହିଁ ସେ ସମାପ୍ତ କରିଥିଲେ । ଜ୍ୟୋତିଷ ବିଷୟକ ତାଙ୍କର ଅନେକ ଗୁଡ଼ିଏ ଗଣନା ଆଜି ଯାଏ ମଧ୍ୟ ବିଶେଷଜ୍ଞଙ୍କଦ୍ୱାରା ପ୍ରଶଂସିତ ହୁଏ ଏବଂ ଅଳ୍ପ ଦିନ ପୂର୍ବେ ବୀଜଗଣିତ ବିଷୟରେ ତାଙ୍କର ଖଣ୍ଡିଏ ଗ୍ରନ୍ଥ ଆରବ ଭାଷାରୁ ଅନୂଦିତ ହୋଇ ଫରାସୀ ଭାଷାରେ ପ୍ରକାଶିତ ହୋଇଅଛି ।

ଏହା ହିଁ ତାଙ୍କ ଜୀବନର ମୋଟାମୋଟି ଘଟଣା । ଉଲ୍ଲେଖଯୋଗ୍ୟ ଆଉ ବିଶେଷ କିଛି ନାହିଁ ; କେବଳ ମୃତ୍ୟୁ ବିଷୟରେ ଗୋଟିଏ ସୁନ୍ଦର ଗଳ୍ପ ଅଛି । ତାଙ୍କର ଜଣେ ଛାତ୍ରଙ୍କ ଆଗରେ ଥରେ ସେ କହିଥିଲେ "ଯେଉଁ ସ୍ଥାନରେ ମୋର କବର



Digitized by srujanika@gmail.com

ଉଆର ହେବ, ଉତ୍ତର ପବନ ଯେଉଁଠାରେ ଗୋଲାପ ବର୍ଷଦେଇ ଯିବ।” ଛନ୍ଦନ୍ତି ଏ କଥା ଗୁଡ଼ିକ ଶୁଣି ଅଳ୍ପ ବିସ୍ମିତ ହୋଇଥିଲେ; କିନ୍ତୁ ବହୁ ବର୍ଷ ପରେ କାର୍ଯ୍ୟୋପଲକ୍ଷେ ସେ ଯେତେବେଳେ ପୁଣି ନୈଶାପୁରକୁ ଆସିଲେ, ସେତେବେଳେ ଦେଖିଲେ ଯେ ଓମାରଙ୍କୁ ଗୋଟିଏ ଉଦ୍ୟାନର ପ୍ରାନ୍ତ ଭାଗରେ କବର ଦିଆହୋଇଛି। ବୃକ୍ଷ ଗୁଡ଼ିକ ଫଳଭରରେ ନଇଁ ପଡ଼ି ତାଙ୍କ କବର ଉପରକୁ ଶାଖାଗୁଡ଼ିକ ବିସ୍ତାରିତ କରିଛନ୍ତି। ଅଜସ୍ର ଫୁଲ ଝଡ଼ି ଝଡ଼ି ତାଙ୍କର ସମାଧିଟିକୁ ଘୋଡ଼ାଇ ପକାଇଛି। ଏହା ଦେଖି ଛନ୍ଦନ୍ତି ବୁଝିଲେ ଯେ ଓମାର ଯେଉଁ ଇଚ୍ଛା ପ୍ରକାଶ କରିଥିଲେ, ତାହା ପ୍ରକୃତରେ ପୂର୍ଣ୍ଣ ହୋଇଅଛି।

ତାଙ୍କ ସାଂସାରିକ ଜୀବନର ଏହି ବିବୃତ ମଧ୍ୟରେ ତାଙ୍କୁ ଆମେ ପ୍ରଧାନତଃ ନିରଭିଳାଷୀ ଜ୍ଞାନପିପାସୁ ହିସାବରେ ଦେଖୁଁ, କବି ରୂପରେ ନୁହେଁ। ଜୀବନ କାଳ ମଧ୍ୟରେ ସେ ଦେଶବାସୀଙ୍କ-ଠାରୁ ଜ୍ଞାନୀ ଓ ପଣ୍ଡିତ ବୋଲି ସମ୍ମାନ ପାଇଥିଲେ। ନିଜାମ୍ ଉଲ୍ ମୁଲ୍କଙ୍କ ମୃତ୍ୟୁ ପରେ ରାଜସରକାରରୁ ତାଙ୍କର ପେନ୍‌ସନ୍ ବନ୍ଦ ହୋଇ ନ ଥିଲା। ସୁଲତାନ୍ ମଲ୍ଲିକ ସାହା ଗୋଟିଏ ଅବ୍ଦ ପ୍ରଚଳନ କରିବାକୁ ଇଚ୍ଛୁକ ହେଲାରୁ ଓମାର ତାଙ୍କୁ ବହୁତ ସାହାଯ୍ୟ କରିଥିଲେ; ଫଳରେ, ଜଲାଲୀ ଅବ୍ଦ ପ୍ରଚଳିତ ହୋଇଥିଲା। ଏହିପରି ନାନା ଜ୍ଞାନୀଜନୋଚିତ କାର୍ଯ୍ୟ କରି ସେ ସୁଲତାନଙ୍କର ପ୍ରିୟପାତ୍ର ହୋଇ ପାରିଥିଲେ ଏବଂ ମୃତ୍ୟୁ ପର୍ଯ୍ୟନ୍ତ ରାଜାନୁକମ୍ପାରୁ ବଞ୍ଚିତ ହୋଇ ନ ଥିଲେ। କିନ୍ତୁ ତାଙ୍କର କବିଖ୍ୟାତି କୌଣସି କାଳେ ଦେଶମଧ୍ୟରେ ବ୍ୟାପକତା ଲାଭ କରି ନ ଥିଲା। ସେ ନିଜେ ମଧ୍ୟ କାବ୍ୟ ରଚନାକୁ ଜୀବନର ଶ୍ରେଷ୍ଠ ଆଶ୍ରୟ ବୋଲି କେବେହେଁ ବୋଧହୁଏ ଅବଲମ୍ବନ କରି ନ ଥିଲେ। ଗଣିତ, ଜ୍ୟୋତିଷ ବା ଦର୍ଶନର ଦୁରୂହ ପ୍ରଶ୍ନର ମୀମାଂସା କରିବାକୁ ଯାଇ ମସ୍ତିଷ୍କ ଯେତେ-ବେଳେ ଭାରାକ୍ରାନ୍ତ ଓ ଉତ୍ତପ୍ତ ହୋଇ ଉଠୁଥିଲା ସେହି ସମୟରେ ବୋଧହୁଏ ଭାରାକ୍ରାନ୍ତ ଚିତ୍ତକୁ କିଛି ବିଶ୍ରାମ ଦେବାଲାଗି ସେ ମଧ୍ୟେ ମଧ୍ୟେ ତାଙ୍କର ଚୌପଦୀ ଗୁଡ଼ିକୁ ରଚନା କରୁଥିଲେ। ତାହା ନ ହୋଇଥିଲେ ତାଙ୍କର ଚୌପଦୀ ଗୁଡ଼ିକ ଏପରି ପରସ୍ପର ଅସଂଲଗ୍ନ ହୋଇ ନ ଥାନ୍ତା କିମ୍ବା ଏକାର୍ଥବୋଧକ ଅନେକ ଗୁଡ଼ିଏ ଚୌପଦୀ କେବଳ ବିଭିନ୍ନ ଭଙ୍ଗୀରେ ରଚିତ ହୋଇ ନ ଥାନ୍ତା। ତା’ଛଡ଼ା, ଅନ୍ୟାନ୍ୟ କାବ୍ୟରେ--ତାହା ଚରିତ୍ରମୂଳକ, ବର୍ଣ୍ଣନାତ୍ମକ ବା ଗଳ୍ପାତ୍ମକ, ଯାହାହେଉ ପଛକେ—ଯେପରି ଗୋଟିଏ ଅନ୍ତର୍ନିହିତ ଭାବର ମେରୁଦଣ୍ଡ ଥାଏ, ଯାହାକୁ ଆଶ୍ରୟ କରି କାବ୍ୟର ଅନ୍ୟାନ୍ୟ ଘଟଣା ଓ ଚରିତ୍ରାପରମ୍ପରା ଅବିଚ୍ଛିନ୍ନ ଐକ୍ୟ, ବିମୋହିତ ଓ ପୁଷ୍ଟି ଲାଭକରେ, ଓମାରଙ୍କ ଚୌପଦୀ ଗୁଡ଼ିକ ମଧ୍ୟରେ ସେପରି କୌଣସି ଗୋଟିଏ ଭାବର ପ୍ରଚ୍ଛନ୍ନ ଐକ୍ୟ ନାହିଁ। ଏହି ସବୁ କାରଣରୁ ମନେହୁଏ କାବ୍ୟଲକ୍ଷ୍ମୀ ଚିନ୍ତାକ୍ଳାନ୍ତ ଓମାରଙ୍କର କେବଳ ଅବସରର ସଙ୍ଗିନୀ ଥିଲେ, କଦାପି ସେ ତାଙ୍କଠାରୁ ଏକାଗ୍ର ପୂଜା ଲାଭ କରିପାରି ନାହାନ୍ତି।

ଦେଶ ଓ ରାଜା ତାଙ୍କୁ କବିଜନୋଚିତ ସମ୍ମାନ ଦେଇ ନ ଥିଲେ। ପ୍ରାୟ ଆଠ ଶହ ବର୍ଷ ତାଙ୍କର ଚୌପଦୀ ଗୁଡ଼ିକର ପାଣ୍ଡୁଲିପି ଅଳ୍ପ କେତେ ଜଣଙ୍କ ଛଡ଼ା ଜନସାଧାରଣଙ୍କର ଅଜ୍ଞାତ ଥିଲା। ଗତ ଶତାବ୍ଦୀରେ ସୌଭାଗ୍ୟବଶତଃ ତାହା ଏଡ୍‌ଓ୍ୱାର୍ଡ୍ ଫିଟ୍‌ଜାରଲଡ୍‌ଙ୍କ ଆଖିରେ ପଡ଼େ ଏବଂ ତାଙ୍କର ଅତୁଳନୀୟ ଇଂରାଜୀ ଅନୁବାଦଦ୍ୱାରା ହିଁ ୟୁରୋପ ପ୍ରଥମେ ଓମାରଙ୍କୁ ଜାଣିଲା; ତାହା ପରେ ଓମାରଙ୍କ ଯଶ ବଢ଼ିବାକୁ ଲାଗିଲା। ପ୍ରତ୍ନତତ୍ତ୍ୱବିତ୍‌ମାନେ ତାଙ୍କ ପାଣ୍ଡୁଲିପି ଖୋଜିବାକୁ ଲାଗିଗଲେ; ଚୌପଦୀ ଗୁଡ଼ିକର କେତେ ଭିନ୍ନ ଭିନ୍ନ ପାଠ ମିଳିଲା। କବିଯଶପ୍ରାର୍ଥୀ ଅନେକ ନୂଆ ଅନୁବାଦକ ମଧ୍ୟ ବାହାରିଲେ। ଚୌପଦୀ ଗୁଡ଼ିକର କେତେ ସଚିତ୍ର ବିଚିତ୍ର ସଂସ୍କରଣ ମଧ୍ୟ ପ୍ରକାଶିତ ହେଲା। ଏପରି କି, ଓମାରଭକ୍ତ କେତେ ଜଣ ଯୁବକ ୟୁରୋପରୁ ସୁଦୂର ପାରସ୍ୟକୁ ମଧ୍ୟ ବାହାରିପଡ଼ିଲେ ନୈଶାପୁରରେ କବିଙ୍କ ସମାଧି ଉପରେ ଭକ୍ତିମାଲ୍ୟ ଦେଇ ଆସିବେ ବୋଲି। ଶେଷରେ ସିନେମାରେ ମଧ୍ୟ ଓମାରଙ୍କ ଜୀବନୀ ପ୍ରଦର୍ଶିତ ହେଲା।

ଅଧିକାଂଶ ବିଷୟରେ ୟୁରୋପର ପାଲ୍‌ଟା ଲୁଗା ପିନ୍ଧିବା ଭାରତର ଯେପରି ଅଭ୍ୟାସ, ଓମାରଙ୍କ ବିଷୟରେ ମଧ୍ୟ ତାହାର ବ୍ୟତିକ୍ରମ ହୋଇ ନାହିଁ। ୟୁରୋପର ଅନୁକରଣ ବିଷୟରେ ବଙ୍ଗ ଦେଶର କୃତିତ୍ୱ ଅପ୍ରତିଦ୍ୱନ୍ଦୀ। ସେଥିପାଇଁ ପାଲ୍‌ଟା ଲୁଗାଟା ପ୍ରଥମେ ବଙ୍ଗ ଦେଶ ପିନ୍ଧେ, ତା’ ପରେ ଅନ୍ୟାନ୍ୟ ପ୍ରଦେଶ। ୟୁରୋପରେ ଓମାରଙ୍କ ଯଶସୂର୍ଯ୍ୟ ପଶ୍ଚିମକୁ କିଛି ଢଳି ପଡ଼ିଲା ଯେଣି ବଙ୍ଗ ଦେଶରେ ଓମାର ଖ୍ୟାତିର ସିନ୍ଦୁର ଫାଟିଲା। ପ୍ରଥମେ ଶ୍ରୀଯୁକ୍ତ କାନ୍ତିଚନ୍ଦ୍ର ଘୋଷ ଗୋଟିଏ କ୍ଷୁଦ୍ର ପୁସ୍ତିକାରେ ଫିଟ୍‌ଜାରଲ୍‌ଡ୍‌ଙ୍କ ଅନୂଦିତ ପଞ୍ଚସପ୍ତତି ଚୌପଦୀ ସୁନ୍ଦର ମଧୁର ଛନ୍ଦରେ ଅନୁବାଦ କରି ପ୍ରକାଶ କଲେ। ଗୃହେଁ ଗୃହେଁ ବଙ୍ଗ ଦେଶରେ ଆସିଲା ଓମାର ପ୍ରଶସ୍ତିର ଜୁଆର ସମୟ। ଅନେକ ବିଭିନ୍ନ ଅନୁବାଦ ପ୍ରକାଶିତ ହେଲା। ଶିଳ୍ପଗୁରୁ ଅବନୀନ୍ଦ୍ରନାଥଙ୍କଠାରୁ ଆରମ୍ଭ କରି ସ୍କୁଲର ଡ୍ରଇଂ ମାଷ୍ଟର ପର୍ଯ୍ୟନ୍ତ ଓମାର ଚୌପଦୀ ଘେନି ଛବି ଆଙ୍କିବାକୁ ଲାଗିଲେ; କଲିକତାର ଚାହା, ପାନ ଓ ସରବତ୍ ଦୋକାନରେ ମଧ୍ୟ ଓମାର ଚିତ୍ର ଶୋଭା ପାଇବାକୁ ଲାଗିଲା।

ଏଣେ ଆମ ଓଡ଼ିଶାରେ ମଧ୍ୟ ଓମାର ଅପରିଚିତ ରହିଲେ ନାହିଁ। ପରଲୋକଗତ ଶ୍ରୀଯୁକ୍ତ ଅଜୟଚନ୍ଦ୍ର ଦାସ ଫିଟ୍‌ଜାରଲ୍‌ଡ୍‌ଙ୍କ ଇଂରାଜୀଠାରୁ କଠିନତର ଓ ଅଧିକ ଦୁର୍ବୋଧ ଓଡ଼ିଆରେ ଓମାର ଚୌପଦୀ “ଉତ୍କଳ ସାହିତ୍ୟ”ର ଯୋଡ଼ିଏ କି ତିନୋଟି ସଂଖ୍ୟାରେ ପ୍ରଥମେ ପ୍ରକାଶ କରି, ପରେ ଖଣ୍ଡିଏ କ୍ଷୁଦ୍ର ପୁସ୍ତିକା ଆକାରରେ ପ୍ରକାଶ କଲେ। ତାଙ୍କ ପରେ, ବୋଧହୁଏ ଆଉ ଦୁଇ ଜଣ ଅନୁବାଦକଙ୍କର ଦୁଇ ଖଣ୍ଡି ଅନୁବାଦ ପ୍ରକାଶିତ ହୋଇଛି। ପ୍ରାୟ ଏକ ଶତାବ୍ଦୀ ମଧ୍ୟରେ ଓମାରଙ୍କ ଖ୍ୟାତି ସୁଦୂର ଆଟ୍‌ଲାଣ୍ଟିକ୍ କୂଳରୁ ବଙ୍ଗୋପସାଗର କୂଳ ପର୍ଯ୍ୟନ୍ତ ଯେପରି ଶୀଘ୍ର ପରିବ୍ୟାପ୍ତ ହେଲା, ତାହା



Digitized by srujanika@gmail.com

ବୋଧହୁଏ ନୈଶାପୁରର ଶାନ୍ତିପ୍ରିୟ ନିରଭିଳାଷୀ କବି ସ୍ୱପ୍ନରେ ସୁଦ୍ଧା କେବେହେଁ କଳ୍ପନା କରି ନ ଥିବେ ।

ଏ ବୈଜ୍ଞାନିକ ଯୁଗରେ ସବୁ ବିଷୟରେ ମନୁଷ୍ୟର ମନ କାରଣ ଖୋଜିବାକୁ ବ୍ୟଗ୍ର । ସେଥିପାଇଁ ଅନ୍ତରରେ ଗୋଟିଏ ପ୍ରଶ୍ନ ଜାଗେ—ପ୍ରାୟ ସାତ ଆଠ ଶତାବ୍ଦୀର ବିସ୍ମୃତି ଓ ଅବହେଳା ପରେ ହଠାତ୍ ଏ ବିଶ୍ୱବ୍ୟାପୀ ଖ୍ୟାତିର କାରଣ କଣ ?

ଅନେକେ ଭାବନ୍ତି, ଓମାରଙ୍କ ସୁରା ପ୍ରଶସ୍ତି ଆଧୁନିକ ଧର୍ମଗ୍ଳାନି ଯୁଗ-ରୁଚିର ପରିପୋଷକ, ତେଣୁ ଏହି ଖ୍ୟାତି । ଓଡ଼ିଆରେ ଓମାରଙ୍କ ପ୍ରଥମ ଅନୁବାଦକ ଅଜୟ ବାବୁଙ୍କର ବୋଧହୁଏ ଏହି ମତ ଥିଲା । ମୋର ଯେତେଦୂର ମନେ ପଡ଼େ, ସେ ତାଙ୍କର କ୍ଷୁଦ୍ର ପୁସ୍ତିକାର ଭୂମିକାରେ କହିଥିଲେ "ସୁରା, ସାକୀ ଓ ଗୋଲାପ" ଏହି ତିନୋଟି ଓମାର କାବ୍ୟର ପ୍ରଧାନ କଥା । ଶ୍ରେଷ୍ଠ ଇଂରାଜ ସମାଲୋଚକଙ୍କ ମଧ୍ୟରୁ ଅନ୍ୟତମ ମ୍ୟାଥ୍ୟୁ ଆର୍ନଲ୍ଡ ମଧ୍ୟ ଓମାର କାବ୍ୟକୁ ସେହି ଦୃଷ୍ଟିରେ ଦେଖିଥିଲେ । ତାଙ୍କ ମତରେ ଓମାର କାବ୍ୟ ଜୀବନ ସମସ୍ୟାର କୌଣସି ସମାଧାନର ଚେଷ୍ଟା ନ କରି, ଇନ୍ଦ୍ରିୟ ସୁଖରେ ରତ ହୋଇ ରହିବା ପାଇଁ ମନୁଷ୍ୟର ମନକୁ ଆକର୍ଷଣ କରେ ।

କିନ୍ତୁ ଓମାର କାବ୍ୟକୁ ଗମ୍ଭୀର ଭାବରେ ଅଧ୍ୟୟନ କଲି ପରେ, ତାଙ୍କ କାବ୍ୟ ବିଷୟରେ ଏପରି ମତ ପୋଷଣ, ତାଙ୍କ ପ୍ରତି ସୁସ୍ପଷ୍ଟ ଅବିଚାର ବୋଲି ମନେ ହୁଏ । ମଦ୍ୟପ ସଂସାରରେ ବିରଳ ନୁହେ ଏବଂ ସୁରା ପ୍ରଶସ୍ତି ଆମର ଦେଶୀୟ ସାହିତ୍ୟରେ ନ ହେଉ, ବିଲାତି ସାହିତ୍ୟରେ ଅପ୍ରଚୁର ନୁହେ । ଓମାର ଚୌପଦୀ ଯଦି କେବଳ ଇନ୍ଦ୍ରିୟସୁଖ-ବିଳାସୀ ମଦ୍ୟପର ଅବିମିଶ୍ର ମଦସ୍ତବ ହୋଇଥାନ୍ତା, ତାହାହେଲେ ୟୁରୋପ ତ ତାଙ୍କଠାରେ ଏପରି କୌଣସି ନୂତନ ବସ୍ତୁ ପାଇ ନ ଥାନ୍ତା, ଯଦ୍ଦ୍ୱାରା ୟୁରୋପୀୟ ଯୁବକ ଆକୃଷ୍ଟ ହୋଇ କବିଙ୍କର ସମାଧି ଦେଖିବା ଲାଗି ନୈଶାପୁର ପର୍ଯ୍ୟନ୍ତ ଧାଇଁଥାନ୍ତେ କିମ୍ବା ଆମର ନିରାମିଷାଶୀ ଭାରତୀୟ ମନ ଏପରି ନିର୍ଜଳା "ମାର୍‌ଲିମି"କୁ ମଧ୍ୟ ଏତେ ସହଜରେ ଓ ଆଗ୍ରହଭରେ ହଜମ୍ କରି ପାରି ନ ଥାନ୍ତା । ନିଶ୍ଚୟ ଓମାର କାବ୍ୟ ମଧ୍ୟରେ ଏପରି କୌଣସି ବସ୍ତୁ ନିହିତ ଅଛି, ଯାହା ଏସିଆ ଓ ୟୁରୋପର ଅଶେଷ ରୁଚିଗତ ତଥା ସଂସ୍କୃତିଗତ ପାର୍ଥକ୍ୟ ସତ୍ତ୍ୱେ, ଉଭୟଙ୍କର ମନକୁ ଏପରି ଭାବରେ ମୁଗ୍ଧ କରିପାରି ଅଛି । ସେ ବସ୍ତୁ ପ୍ରଧାନତଃ ଓମାରଙ୍କର କବିତ୍ୱ ଶକ୍ତି । ତାଙ୍କର ବିଭିନ୍ନ ମତ ବିଷୟରେ ସମସ୍ତେ ଏକ ମତ ହେଉନ୍ତୁ ବା ନ ହେଉନ୍ତୁ, ତାଙ୍କର ଚିନ୍ତାଧାରା କାହାରି କାହାରିକି ଖରାପ ଲାଗିପାରେ କିନ୍ତୁ ତାଙ୍କର ସୁସ୍ପଷ୍ଟ ଓ ଅନିନ୍ଦ୍ୟସୁନ୍ଦର କବିତ୍ୱ ଶକ୍ତି ସବୁ କଥା ଗୁଡ଼ିକୁ ଗୋଟିଏ ମନୋହର ଆବରଣରେ ଘୋଡ଼ାଇ ରଖିଛି । ତାହାହିଁ ସମସ୍ତଙ୍କୁ ମୁଗ୍ଧ କରେ । ଅବଶ୍ୟ ଫିଟ୍‌ଜିରାଲ୍ଡଙ୍କ ଅନୁବାଦ ଯେତେ ସୁନ୍ଦର ହେଲେ ସୁଦ୍ଧା, ମୂଳ ଲେଖାର ସୌନ୍ଦର୍ଯ୍ୟକୁ ସମ୍ପୂର୍ଣ୍ଣ ଭାବେ ରକ୍ଷା କରି ପାରି ନ ଥିବ ; ତଥାପି, ଅନୁବାଦରେ ଯେଉଁ ସୌନ୍ଦର୍ଯ୍ୟ ଅଛି, ତାହା ପ୍ରଥମ ଶ୍ରେଣୀର କବିମାନଙ୍କ ଛଡ଼ା ଅନ୍ୟତ୍ର ବିରଳ । ପ୍ରଥମ ଚୌପଦୀଟିରେ,

ଚାହିଁ ଦେଖ ଏବେଣି, ପୂରୁବ-ନିଷାଦ ଆଲୋକ-ବାଗୁରା ଫାନ୍ଦ
ସୁଲତାନଙ୍କର ପ୍ରାସାଦର ଚୂଡ଼ା ଦେଲଣି କିପରି ବାନ୍ଧି !

କହିବା ଦ୍ୱାରା, କବି ଭାଷା ତୁଳିକାରେ ଗୋଟିଏ ସୁନ୍ଦର ଚିତ୍ର ଆଙ୍କିଛନ୍ତି । ପୂର୍ବ ଦିଗ୍‌ବଳୟ ଉପରେ ସୂର୍ଯ୍ୟ ଧୀରେ ଧୀରେ ଉଦୟ ହେଉଛନ୍ତି । ତାଙ୍କର ନବ ବର୍ଦ୍ଧମାନ କନକ ରଶ୍ମି ଆସି ପଡ଼ୁଛି ରାଜ ପ୍ରାସାଦର ସର୍ବୋଚ୍ଚ ଚୂଡ଼ାର ଅଗ୍ର ଭାଗରେ । ସେଠାରେ ପଡ଼ି, ତାହାର ଚତୁର୍ଦ୍ଦିଗରେ ଗୋଟିଏ ଜ୍ୟୋତିର୍ମୟ ବୃତ୍ତ ରଚନା କରୁଛି । ଏହା ଦେଖି କବି କହୁଛନ୍ତି, ସୂର୍ଯ୍ୟ ଯେମିତି ପୂର୍ବ ଦିଗର ଗୋଟିଏ ବ୍ୟାଧ ପରି ଆଲୋକର ଫାଶ ପକାଇ ସୁଲତାନଙ୍କର ପ୍ରାସାଦ ଚୂଡ଼ାଟିକୁ ଧରିଛନ୍ତି । ସଂସ୍କୃତ ବା ତଦନୁକରଣେ ରଚିତ ଆମର ଅନ୍ୟାନ୍ୟ ପ୍ରାଦେଶିକ ସାହିତ୍ୟର ଉଦୟ ବର୍ଣ୍ଣନାରେ ସୂର୍ଯ୍ୟ ଓ ପଦ୍ମର ବିରକ୍ତିକର ଗତାନୁଗତିକତା ଏଥିରେ ଆଦୌ ନାହିଁ । ଏହା ନୂତନ, ସୁନ୍ଦର ଓ ଯୋଡ଼ିଏ ଧାଡ଼ିରେ ଗୋଟିଏ ସମ୍ପୂର୍ଣ୍ଣ ଚିତ୍ର ।

ଭବ-ଭଙ୍ଗୁରତା ବିଷୟକ ଲେଖାରେ ସଂସ୍କୃତଠାରୁ ଆରମ୍ଭ କରି ଆମର ଅନ୍ୟାନ୍ୟ ସବୁ ପ୍ରାଦେଶିକ ସାହିତ୍ୟ ଏକ ପ୍ରକାର ଭାରାକ୍ରାନ୍ତ କହିଲେ ଚଳେ । ତଥାପି, ଓମାର ଯେତେବେଳେ ଏହି ସଂସାରକୁ ଗୋଟିଏ ଦାଦରା ଚଟି ଘର ସହିତ ତୁଳନା କରି କହୁଛନ୍ତି:—

ଭାବି ଦେଖ ଥରେ ଫଟା ଦାଦରା ଏ ପୁରୁଣା ପାନ୍ଥ-ବାସେ,
ଦିନ ରାତି ଯାର ଦୁଆର ଯୋଡ଼ିକ ଗୋଟି ପରେ ଗୋଟି ଆସେ
ରାଜା ପରେ ରାଜା ବିଳାସ ବିଭବେ ଘଡ଼ିଏ ବା' ଘଡ଼ି ଥାଇ,
ନିଜ ରାହା ଧରି ଅଜଣା ରାଜ୍ୟକୁ ଗଲେଣି ତ ଚୁପି କାହିଁ ।

ସେତେବେଳେ କଥାର ବାସ୍ତବତା ବିଷୟରେ ଗୋଟାଏ ନୂତନ ଉପଲବ୍ଧି କିଛି ନ ହେଉ ପଛକେ, ଉପମାର ସୌନ୍ଦର୍ଯ୍ୟ ମନକୁ ମୁଗ୍ଧ ନ କରି ରହି ପାରେ ନାହିଁ ।

ଭାଗ୍ୟ-ବିଶ୍ୱାସ ଭାରତ କାହିଁକି, ପ୍ରାଚ୍ୟ ଜଗତର ଏକ ପ୍ରକାର ରକ୍ତଗତ । ମନୁଷ୍ୟାତୀତ ଗୋଟାଏ ପ୍ରବଳ ଶକ୍ତି—ସେ ଯେ କେହି ହେଉ ପଛକେ—ଅଛି, ଏବଂ ତାହାରିଦ୍ୱାରା ମନୁଷ୍ୟ ସମ୍ପୂର୍ଣ୍ଣ ଭାବରେ ଚାଳିତ ଓ ନିୟନ୍ତ୍ରିତ ହେଉଛି । ଏହାହିଁ ଭାଗ୍ୟବାଦର ପ୍ରଧାନ କଥା । ଗ୍ରୀକ୍ ନାଟକଠାରୁ ଆରମ୍ଭ କରି ଭାରତର ନାନା କାବ୍ୟ ନାଟକରେ ଏହାର ପ୍ରଭାବ ବହୁଳ ଲକ୍ଷିତ ହୁଏ । କିନ୍ତୁ କୌଣସିଠାରେ ମନୁଷ୍ୟର ଏକାନ୍ତ ଆତ୍ମକର୍ତ୍ତୃତ୍ୱହୀନତାର ଛବି ଏପରି ସୁଦକ୍ଷ ଭାବରେ କେହି ବୋଧହୁଏ ଆଙ୍କି ନାହାନ୍ତି, ଯେପରି ଆଙ୍କିଛନ୍ତି ଓମାର ତାଙ୍କର ନିମ୍ନ ଲିଖିତ ଚୌପଦୀଟିରେ:—

ପଶା ପାଲି ପରି ଦଶେ ଏ ଜଗତ ଅଙ୍କା ଦିନ ରାତି ଦ୍ୱାରା,
ନର ନାରୀ ଗିନା ସାରି ରୂପେ ତହିଁ ବୁଲୁଛନ୍ତି, ନାହିଁ ଚାରା!



Digitized by srujanika@gmail.com

ଖେଳୁଛି ଦଇବ, ଚଳାଉଛି ସାର, ସାଜୁଛି ଖିଆଲ ସର,
ଖେଳ ସରିଗଲେ ରହସ୍ୟ ମୁଣାରେ ରଖେ ଗୋଟି ଗୋଟି କରି।

ଏ ଚୌପଦୀଟିର ଉପମା ଓ ତାହାର ଭାବର ବ୍ୟଞ୍ଜନାଟି ଅତି ସୁନ୍ଦର। ଦୃଷ୍ଟାନ୍ତ ଧାଡ଼ିରେ କବି ଅସହାୟ ଦୈବମୁଖାପେକ୍ଷୀ ମନୁଷ୍ୟର ଗୋଟିଏ କରୁଣ ଛବି, ଜୀବନର ଅନିଶ୍ଚୟତା ଓ ମୃତ୍ୟୁର ଚିରନ୍ତନ ରହସ୍ୟ ସୁନ୍ଦର ଭାବରେ ପ୍ରକାଶ କରି ପାରିଛନ୍ତି।

ଏହିପରି ନାନା ସୌନ୍ଦର୍ଯ୍ୟରେ ତାଙ୍କର ଚୌପଦୀଗୁଡ଼ିକ ରତ୍ନ-ଖଚିତ ହୋଇ ରହିଛି। ତାଙ୍କର ମତ ଆମକୁ ଭଲ ଲାଗୁ ବା ନ ଲାଗୁ, ତାଙ୍କର କଳା-ନୈପୁଣ୍ୟ ଆମକୁ ଆକର୍ଷଣ ନ କରି ରହି ପାରେ ନାହିଁ।

ତା ଛଡ଼ା, ତାଙ୍କର ଅଧିକାଂଶ ଚୌପଦୀଗୁଡ଼ିକ ମଧ୍ୟରେ ଗୋଟିଏ ପ୍ରଚ୍ଛନ୍ନ ବେଦନା ରହିଛି ଏବଂ ତାହାହିଁ ଆମକୁ ବେଶୀ ଆକର୍ଷଣ କରେ। ହାସ୍ୟରସର ସ୍ଥାନ ଜୀବନରେ ତଥା ସାହିତ୍ୟରେ ତୁଚ୍ଛ ନୁହେଁ, କିନ୍ତୁ କାବ୍ୟଲକ୍ଷ୍ମୀଙ୍କୁ ଅଶ୍ରୁତର୍ପଣଟାହିଁ ବୋଧହୁଏ ବେଶୀ ପ୍ରୀତିକର ଲାଗେ। ସେଥିପାଇଁ "କମିଡି" ଅପେକ୍ଷା "ଟ୍ରାଜେଡି"ର ସ୍ଥାନ ସାହିତ୍ୟରେ ଅନେକ ଉପରେ। ଓମାର କାବ୍ୟର ଏହି ବେଦନାଟି ନୈରାଶ୍ୟର ବିଫଳତାର ବେଦନା। ସେ ନୈରାଶ୍ୟ ସାଂସାରିକ କୌଣସି ବସ୍ତୁ ନ ପାଇବା ଯୋଗୁଁ ନୁହେଁ, ତାହା ଜୀବନ, ମରଣ ଓ ଭାଗ୍ୟର ଚିରନ୍ତନ ରହସ୍ୟର ଗୋଟିଏ କୌଣସି ଯୁକ୍ତିଯୁକ୍ତ ମୀମାଂସା ନ କରି ପାରିବା ଯୋଗୁଁ।

ମ୍ୟାଥ୍ୟୁ ଆର୍ନଲ୍ଡ ଓମାରଙ୍କୁ ଭୁଲ ବୁଝିଥିଲେ। ଓମାର ସୁଖ ଓ ଆନନ୍ଦରେ ଏ ଅଢ଼େଇ ଦିନିଆ ଜୀବନ କଟାଇ ଦେବାକୁ କହନ୍ତି, କିନ୍ତୁ ତାଙ୍କର ଏ ଯୁକ୍ତି ସାଧାରଣ ଦାୟିତ୍ୱଜ୍ଞାନହୀନ ଲଘୁଚିତ୍ତ ଲୋକର ଇନ୍ଦ୍ରିୟ ଭୋଗ ବିଳାସର ଯୁକ୍ତି ନୁହେଁ। ଜୀବନ ମରଣର ଯେଉଁ ପ୍ରଶ୍ନ ଗୁଡ଼ିକ ବୈଦିକ ଋଷିଙ୍କଠାରୁ ଆରମ୍ଭ କରି ଯୁଗେ ଯୁଗେ ସବୁ ଦେଶର ମନୀଷିମାନଙ୍କ ଚିତ୍ତକୁ ଆଲୋଡ଼ିତ କରି ଆସୁଛି ଏବଂ ଚିର ଦିନ କରୁଥିବ, ତାହା ତାଙ୍କ ପ୍ରାଣରେ ଉଦିତ ହୋଇଥିଲା। ଜୀବନ କଣ, ତାହାର ଉଦ୍ଦେଶ୍ୟ କଣ, କାହିଁପାଇଁ ଆମେ ଏ ସଂସାରକୁ ଆସୁଁ ଏବଂ ଦିନେ କେଉଁଠା ଯାଉ ନ ଯାଉଣୁ କାହିଁକି ବା ପୁଣି ଏଠାରୁ ଚାଲିଯାଉଁ ଏବଂ ଯଦି ବା ଯାଉଁ, ତାହାହେଲେ କେଉଁଠାକୁ—ଏ ସବୁ ପ୍ରଶ୍ନ ମନୁଷ୍ୟ ମନରେ ଚିର ଦିନ ଉଠେ, ଉଠିଛି ଓ ଉଠିବ ଏବଂ ତାହାର ମୀମାଂସା କରି-ବାକୁ ଯାଇ ମନୁଷ୍ୟ ନାନା ମତବାଦ, ନାନା ଧର୍ମ, ନାନା ଦର୍ଶନ ଗଢ଼ି କିନ୍ତୁ ସର୍ବବାଦିସମ୍ମତ ଗୋଟାଏ କିଛି ସମାଧାନ କରି ପାରେ ନାହିଁ। ଦାର୍ଶନିକ ଓମାର ଏ ପ୍ରଶ୍ନ ଗୁଡ଼ିକର ଦୌରାତ୍ମ୍ୟରୁ ରକ୍ଷା ପାଇ ନ ଥିଲେ କିନ୍ତୁ କୌଣସି ଏକ ସନ୍ତୋଷଜନକ ମୀମାଂସାରେ ପହଞ୍ଚି ପାରି ନ ଥିଲେ। ଶେଷରେ ନିରୁପାୟ ହୋଇ ଧରି ବସିଲେ ଜୀବନର ଆନନ୍ଦକୁ। ଜୀବନ ତ କ୍ଷଣସ୍ଥାୟୀ। ଜଗତରେ ଆଉ କୌଣସି ସତ୍ୟ ଥାଉ ବା ନ ଥାଉ, ଜୀବନ ଯେ କ୍ଷଣସ୍ଥାୟୀ ଏହା ତ ପରମ ସତ୍ୟ। ଅଢ଼େଇ ଦିନିଆ ଜୀବନରେ ଯେତିକି ସୁଖ ଅଛି, ତାକୁ ପୂର୍ଣ୍ଣଭାବେ ଭୋଗ ନ କରି ଦାର୍ଶନିକ ଚିନ୍ତାରେ ଚିତ୍ତ ଭାରାକ୍ରାନ୍ତ କଲେ ତ ଏ ଜୀବନ ପୁଣି ଫେରି ଆସିବ ନାହିଁ। ପରକାଳ? କେ ଜାଣି, ପରକାଳ ଅଛି କି ନାହିଁ; ଅନ୍ତତଃ ତାହା ଯେ ଇହକାଳ ପରି ଏତେ ବାସ୍ତବ ଓ କରଗତ ନୁହେଁ, ତାହା ତ ସ୍ୱତଃସିଦ୍ଧ କଥା। ତେଣୁ କବି ଗାଇଲେ,

ବଡ଼ ପ୍ରିୟ ଏହି ଜୀବନଟି ବାପ, ଘଡ଼ିକେ ପିବନି ସରି,
ଜୀବନର ସୁରା ସରିବା ଆଗରୁ ପିଇ ନେ ପିଆଲା ଭରି।

ଅଥବା, ଅଯାଚିତ ଭାବେ କେଉଁ ଦୂର ଦେଶୁଁ ଆଗମନ ଏ ମରତେ,
ଅଯାଚିତ ଭାବେ ବିଦାୟ ଏଠାରୁ କେଉଁ ସେ ଦୂର ଜଗତେ?
ଅର୍ଥହୀନ ପ୍ରଶ୍ନ। ଉଠେ ବାରମ୍ବାର ନାହିଁ କିଛି ସମାଧାନ।
ଭରି ନେ ପିଆଲା, ସବୁ ସ୍ମୃତି ତାର ଲଭୁ କ୍ଷଣେ ଅବସାନ।

ପୁଣି, ତହୁଁ ଜୀବନର ନିଗୂଢ଼ ରହସ୍ୟ ସହଜେ ଜାଣିବା ଆଶେ
ମଧୁ ସୁରାପାତ୍ର ନେଲି ଅଧରକୁ ପରମ ପ୍ରୀତି ଉଲ୍ଲାସେ;
ଅଧରେ ଅଧର ପରଶିଲା କ୍ଷଣି, ଚମକିଲି ଯେହ୍ନେ ଶୁଣି,
"ପାନ କରିଯାଅ ଯେତେ ଦିନ ଅଛ, ଗଲେ ନ ଫେରିବ ପୁଣି।"

ସୁତରାଂ ଓମାରଙ୍କ ସୁରା-ଉପାସନା, ଜୀବନର ଅମୀମାଂସିତ ନାନା ଗମ୍ଭୀର ପ୍ରଶ୍ନର ବୃଶ୍ଚିକ ଦଂଶନ ଜ୍ୱାଳାରୁ ଅବ୍ୟାହତି ପାଇବା ଉଦ୍ଦେଶ୍ୟରେ; ତାହା କଦାପି ସାଧାରଣ ଇନ୍ଦ୍ରିୟପର ବ୍ୟକ୍ତିର ସ୍ୱାଭାବିକ ଆସକ୍ତି ଯୋଗୁଁ ନୁହେଁ। ବୁଝିବାକୁ ଗଲେ, ଏହା ତାଙ୍କର ଜୀବନର ଗୋଟିଏ ଗମ୍ଭୀର ଟ୍ରାଜେଡି। ସାଧାରଣ ଲୋକ ପାଖରେ ଜୀବନ ଯେପରି ଖାଇବା, ପିଇବା, ବସିବା, ଶୋଇବା ଇତ୍ୟାଦି କେତେଟା କର୍ମ ଓ କେତେଟା ବର୍ଷ ମାସର ସମଷ୍ଟି, ଓମାର ସେପରି ଭାବରେ ଜୀବନକୁ ଦେଖି ନ ଥିଲେ। ଜୀବନକୁ ସେ ଦେଖିଥିଲେ ଦାର୍ଶନିକ ଦୃଷ୍ଟିରେ; ତାହାର କ୍ଷଣିକତା, ତାହାର ନଶ୍ୱରତା ପଶ୍ଚାତରେ କୌଣସି ସ୍ଥାୟୀ ସତ୍ୟ ଅଛି କି ନାହିଁ, ତାହାର ଅନ୍ୱେଷଣ ସେ ଜୀବନ ଯାକ କରୁଥିଲେ, କିନ୍ତୁ ଫଳ କିଛି ହେଲା ନାହିଁ। ତାଙ୍କରି ଭାଷାରେ କହିବାକୁ ଗଲେ:—

ଯଉବନେ ଦିନେ ଜ୍ଞାନ ପିପାସାରେ ଆକୁଳ ଅଧୀର ପ୍ରାଣେ,
ସୁଧୀ ସାଧୁ ମେଳେ ମିଶିଥିଲେ କେତେ, ଶୁଣିଥିଲି ବାଣୀ କାନେ
ବୃଥା ପରିଶ୍ରମ! ଜ୍ଞାନ ମନ୍ଦିରରେ ଯେଉଁ ପଥେ ପଶିଥିଲି,
ନୈରାଶ୍ୟ-କାତର ସେହି ପଥ ଦେଇ ଅବଶେଷେ ବାହୁଡ଼ିଲି!

ଅଥବା, ବୁଣିଥିଲି ମୁହିଁ ଜ୍ଞାନବୀଜ ଦିନେ ସେମାନଙ୍କ ସଙ୍ଗେ ମିଶି
ଅତି ଯତନରେ ଜ୍ଞାନତରୁ ଧୀରେ ବଢ଼ାଇଲି ଦିବାନିଶି;
ପରିଶେଷେ ହାୟ! ଏହି ଫଳ ଖାଲି ଆଣିଲା ସକଳ ଶ୍ରମ—
"ଜଳଧାର ସମ ଆସେଁ ଏ ଧରାକୁ, ଫେରିଯାଏଁ ବାୟୁ ସମ।"

ଆବାଲ୍ୟ ପରିଶ୍ରମର ଫଳ ଯେତେବେଳେ ଏହା ହିଁ ହେଲା,



Digitized by srujanika@gmail.com

ସେତେବେଳେ ଆଉ ଉପାୟ କଣ ଅଛି ? ସବୁ ସନ୍ଦେହ-ହୀନ ଅତିବାସ୍ତବ ବର୍ତ୍ତମାନ, ସେତେବେଳେ ଏକମାତ୍ର ଆଶ୍ରୟ ସ୍ଥଳ ! ତେଣୁ କବି ଗାଇଲେ :—

ଭରି ନେ ପିଆଲା, ଗୋଟିଏ କଥା ମୁଁ କେତେ ବା
ହୋଇବି ଘୋଷି,
ପ୍ରତି ପଲକରେ ଚରଣ ତଳରୁ ସମୟ ଯାଉଛି ଖସି !
ମୃତ ଗତ କାଲି ହେଲାଣି ଅତୀତ, କାଲିର ଜନମ କାହିଁ
ଆଜି ମଧୁମୟ ହୁଏ ଯଦି ପ୍ରିୟେ, ତାକୁ ଭାବି କାହିଁ ପାଇଁ ?

ଗ୍ରୀସର ସକ୍ରେଟିସ୍ ଓ ପାରଶ୍ୟର ଓମାର ଏକ ପଥର ଯାତ୍ରୀ । ପ୍ରଚଳିତ ଧର୍ମବିଶ୍ୱାସ ପ୍ରତି କାହାରି ଆସ୍ଥା ନ ଥିଲା; ଉଭୟେ ସତ୍ୟକୁ ନିଜ ନିଜ ଚିତ୍ତର କଷଟିରେ ପରଖି କରିନେଇ, ତାହାର ପ୍ରକୃତ ସ୍ୱରୂପ ଦେଖିବାର ପ୍ରୟାସ କରିଥିଲେ । ଫଳରେ ସକ୍ରେଟିସ୍ ରହିଗଲେ ଆମରଣ ସଂଶୟୀ ଏବଂ ତାଙ୍କର ସବଳ ଚିତ୍ତ ସଂଶୟର ଜ୍ୱାଳା ସହ୍ୟ କରି ରହି ପାରିଥିଲା କିନ୍ତୁ ଓମାର ଖୋଜିଲେ ପିଆଲା ମଧ୍ୟରେ ସବୁ ସଂଶୟର ଚରମ ମୀମାଂସା ।

ତେଣୁ ଓମାରଙ୍କୁ ଅନେକେ ଯେପରି ଭାରତୀୟ ଚାର୍ବାକଙ୍କର ଗୋଟିଏ ପାରଶ୍ୟ ସଂସ୍କରଣ ବୋଲି ଭାବନ୍ତି, ସେପରି ଭାବିବା ଉଚିତ ନୁହେଁ । ଓମାର "ଯାବତ୍ ଜୀବେତ୍ ସୁଖଂ ଜୀବେତ୍" କଥାଟି ପ୍ରଚାର କଲେ ସୁଦ୍ଧା "ଋଣଂ କୃତ୍ୱା ଘୃତଂ ପିବେତ୍" କଥାଟି କେବେହେଁ କହି ନାହାନ୍ତି । ତାଙ୍କର ଆଡ଼ମ୍ବରହୀନ ସରଳ ଶାନ୍ତ ଜୀବନରେ ସୁଖର ଅଭିଳାଷ ଓ ଆଦର୍ଶ କେବେହେଁ ଏତେ ଖରଚ-ସାପେକ୍ଷ ନ ଥିଲା ଯେ ଋଣ କରି ଘିଅ ପିଇବାର ପ୍ରୟୋଜନ ପଡ଼ିବ । ଜୀବନକୁ ଆନନ୍ଦରେ କଟାଇ ଦେବା ଲାଗି ସେ ଉପଦେଶ ଦେଇଥିଲେ, କିନ୍ତୁ ସେ ଆନନ୍ଦ କବିର ଆନନ୍ଦ— ଅତି ସରଳ, ଅତି ସୁଲଭ । ତାଙ୍କୁ ଜଣାଥିଲା ଯେ ଆନନ୍ଦ ଲିପ୍ସାର ଉତ୍କଣ୍ଠା ଟିକିଏ ବଢ଼ିଲାକ୍ଷଣି, ମନୁଷ୍ୟ କାଣ୍ଡ-ଜ୍ଞାନ-ବିହୀନ ହୋଇ ତା ପଛରେ ଯେଉଁ ଦୌଡ଼ାଦୌଡ଼ି ଆରମ୍ଭ କରିଦିଏ, ତହିଁରେ ଆନନ୍ଦ ଶବ୍ଦ ହାତ ଦୂରରୁ ଜୁହାର କରି ପଳାୟନ କରେ । ଜୀବନଯାକ କେବଳ ଭୁଆଁ ବୁଲିବାଟାହିଁ ସାର ହୁଏ । ସେଥିପାଇଁ ଓମାରଙ୍କ ଆନନ୍ଦର ଆଦର୍ଶ ଅତି ସରଳ । ସେ ବେଶୀ କିଛି ଚାହାନ୍ତି ନାହିଁ । ମରୁଭୂମିର ପ୍ରାନ୍ତଭାଗରେ ତୃଣାଚ୍ଛାଦିତ ଖଣ୍ଡିଏ ଭୂମି; ତହିଁରେ ସାନ ବଡ଼ ଗଛ କେତୋଟା ଏଠି ସେଠି ଉଠିଛି,

ସେହି ଠାବେ ବସି ତରୁଛାୟା ତଳେ ଅଳପ ଆହାର ସାଥେ
ଲଳିତ ମଧୁର କାବ୍ୟ ଗ୍ରନ୍ଥଟିଏ ଆଦରେ ଧରିଣ ହାତେ,
ଶୁଣୁଥିଲେ ତବ ମଧୁକଣ୍ଠ ଗୀତି, ସୁରା-ଭାଣ୍ଡ ପାର୍ଶ୍ୱେ ରଖି
ଗୃହୁଁ ଗୃହୁଁ ସେହି ବଣ ଅରମାଟା ହୋଇବ ସ୍ୱରଗ ସଖି !
ମୃତ୍ୟୁ ସମୟରେ ବା ପରେ ମଧ୍ୟ ତାଙ୍କ ଅଭିଳାଷ ଅତି ସାମାନ୍ୟ ;
ଅନ୍ତିମ ସମୟେ ତୋଷିବ ପରାଣ ସୁମଧୁର ଦ୍ରାକ୍ଷା ଦାନେ,
ପ୍ରାଣହୀନ ତନୁ ଧୋଇ ଦେବ ମୋର ଦ୍ରାକ୍ଷା-ରସ-ସୁଧାସ୍ନାନେ !
ଦ୍ରାକ୍ଷା-ପତ୍ରେ ମୋର ରଚି ଆଚ୍ଛାଦନ, ସୁବାସିତ ମାଳଞ୍ଚର
ସମୀପେ ସଜନି, ଅନ୍ତିମ-ସମାଧି ରଚିବ ଏକା ମୋର !

ଏ ହିସାବରେ ଓମାର ପ୍ରକୃତ କବି-ବୈରାଗୀ । ସନ୍ନ୍ୟାସୀ ସଂସାର ତ୍ୟାଗ କରି ସାଂସାରିକତାର ଦାଉରୁ ଆତ୍ମରକ୍ଷା କରିବାର ଚେଷ୍ଟା କରେ; କବି ସୃଷ୍ଟିର ସୌନ୍ଦର୍ଯ୍ୟ ଓ ଆନନ୍ଦ ମଧ୍ୟରେ ଆତ୍ମହରା ହୋଇ ସାଂସାରିକତାରେ ନିଜକୁ ବୁଡ଼ାଇବାକୁ ଦିଏ ନାହିଁ । ବାହ୍ୟ ଦୃଷ୍ଟିରେ ଉଭୟେ ଭିନ୍ନ ଦିଶିଲେ ସୁଦ୍ଧା ପରିଣାମରେ ଉଭୟେ ଅଭିନ୍ନ । ସେଥିପାଇଁ ଓମାର ନିଜାମ ଉଲ୍‌ମୁଲ୍‌କଙ୍କ ସହିତ ସାକ୍ଷାତ କରି "ଦେହି" "ଦେହି" ରବରେ ତାଙ୍କ କର୍ଣ୍ଣ ବଧିର କରି ନ ଥିଲେ । ବାଲ୍ୟବନ୍ଧୁଙ୍କୁ ଖାଲି ମାଗିଥିଲେ ଗୋଟିଏ ନିଭୃତ ସ୍ଥାନ, ଯେଉଁଠାରେ ରହି, ସେ ତାଙ୍କର ନିର୍ଲୋଭ ସରଳ ଜୀବନର ଦିନ କେତୋଟା ଜ୍ଞାନାନୁଶୀଳନରେ କଟାଇ ଦେଇ ପାରିବେ । ପ୍ରକୃତ କବି ଓ ଜ୍ଞାନ ତପସ୍ୱୀର ଏହାଠାରୁ ଉଚ୍ଚ ଆକାଂକ୍ଷା ନ ଥାଏ, ଏବଂ ଓମାରଙ୍କର ମଧ୍ୟ ନ ଥିଲା ।

# ଓଡ଼ିଶାର ପଲ୍ଲୀ ସମସ୍ୟା

**ଶ୍ରୀ ଜଗବନ୍ଧୁ ସିଂହ**

ନୂତନ ପ୍ରଦେଶ ହେଲା । ସହରରେ ଶିକ୍ଷିତ ଲୋକେ ଖବର କାଗଜମାନଙ୍କରେ ଏ ସମ୍ବାଦ ଦେଖୁଛନ୍ତି, ସଭା ସମିତି କରୁଅଛନ୍ତି । କିନ୍ତୁ ପଲ୍ଲୀବାସୀ ଏ ସବୁ ବିଷୟର ଧାର ଧାରେ ନାହିଁ । ପଲ୍ଲୀବାସୀ ସକାଳୁ ଉଠି ଲଙ୍ଗଳେ ଯାଏ, ସନ୍ଧ୍ୟା ହେଲେ ପଲ୍ଲୀ ଅନ୍ଧକାରଚ୍ଛନ୍ନ ।

ପଲ୍ଲୀ ଦେଶର ମୂଳଦୁଆ । ଶିକ୍ଷିତ ପଲ୍ଲୀସନ୍ତାନମାନେ ନାନା ବ୍ୟବସାୟ ସୂତ୍ରରେ ଆସି ସହରରେ ବାସକରନ୍ତି । ପଲ୍ଲୀକି ବର୍ଷକେ ଥରେ ଅଧେ ଗଲେ ବଡ଼ କଥା । ସେ ପୁଣି ଶିକ୍ଷିତ ବୋଲି ଗର୍ବ କରେ ଓ ପଲ୍ଲୀବାସୀଙ୍କି ଅସଭ୍ୟ ଅଶିକ୍ଷିତ ବୋଲି ଘୃଣା କରେ । ପଲ୍ଲୀବାସୀ ସଙ୍ଗେ ବସିବାକୁ କଥା କହିବାକୁ ଲାଜ ମାଡ଼େ । ସୁତରାଂ

ଶିକ୍ଷିତ ଅଶିକ୍ଷିତ ଦୁଇଟା ପୃଥକ ଜାତ । କେହି କାହାର ସଙ୍ଗେ ମିଶନ୍ତି ନାହିଁ । ପରସ୍ପର ମଧ୍ୟରେ ଭାବ ଆଦାନ ପ୍ରଦାନ ହୁଏ ନାହିଁ । ପଲ୍ଲିର ପନ୍ଦର ପଣ ଲୋକ ନିରକ୍ଷର—କେହି ସାକ୍ଷର ଥିଲେ ମଧ୍ୟ ଖବର କାଗଜ ପଢ଼େ ନାହିଁ । ବର୍ତ୍ତମାନ ଯୁଗରେ ଖବର କାଗଜ ପଢ଼ିଲେ ଗୋଟାଏ ମୋଟାମୋଟି ଜ୍ଞାନ ହୁଏ, ଅନେକ ଗୁଡ଼ାଏ କଥା ଜଣାଯାଏ । ପଲ୍ଲିକି ଖବର କାଗଜ ଯାଏ ନାହିଁ । ଯଦି କେହି ଶିକ୍ଷିତ ଥାଏ, ସେ ଯେବେ ଖଣ୍ଡେ ନିଏ ତେବେ ସେ ନିଜେ ପଢ଼ି ନିଜେ ବୁଝେ । ଅନ୍ୟ କାହାକୁ କହେ ନାହିଁ । ତେଣୁ ଦେଖାଯାଏ—'କାଣିଆ କପିଲା ଭେଟ ନାହିଁ' ଯେପରି, ଶିକ୍ଷିତ ଅଶିକ୍ଷିତ ମଧ୍ୟରେ ସମ୍ପର୍କ ସେହିପରି । ଏ ତ ଗଲା ଶିକ୍ଷିତ ଅଶିକ୍ଷିତଙ୍କ କଥା । ପଲ୍ଲିବାସୀଙ୍କ ମଧ୍ୟରେ ପୂର୍ବ ସ୍ନେହ, ସୌହାର୍ଦ୍ଦ୍ୟ, ଭ୍ରାତୃଭାବ ନାହିଁ । ଏକତା ସେଠାରୁ ବିଦାୟ ନେଇଛି । ପଲ୍ଲିବାସୀଙ୍କ ଅବସ୍ଥାରେ ଅଳ୍ପ ଟିକିଏ ବିଶେଷ ଭାବରେ ଆଲୋଚନା କରାଯାଉ ।

ପଲ୍ଲିବାସୀ ସାଧାରଣତଃ କୃଷୀ । କୃଷି ଜୀବନର ବୃତ୍ତିର ମୂଳ ସମ୍ବଳ । କୃଷି ମଧ୍ୟରେ ଧାନ ଫସଲ ପ୍ରଧାନ । ମୁଗ, ବିରି, ହରଡ଼, କୋଳଥ, ମାଣ୍ଡିଆ, ରାଶି, ସେଣି, ଆଖୁ ପ୍ରଭୃତି କିଏ କରେ, କିଏ ନ କରେ—ଯେ କରେ ଖୁସି ବାଡ଼ିରେ କିଛି ଜମି କରି ଦେଇଥାଏ । ଅନେକ ପଲ୍ଲିରେ ଆଜି କାଲି ପାନ ଫସଲ ହେଉଛି । ଯେ ପାନ କରେ ସେ ଧାନ ଛଡ଼ା ଆଉ କୌଣସି ଫସଲ କରେ ନାହିଁ । କୃଷିର ପ୍ରଧାନ ତିନି ଗୋଟି ଅଙ୍ଗ—୧। ବିହନ ୨। ଖତ ୩। ବଳଦ ଏବଂ ସର୍ବୋପରି ଚଷା । ପୁରୁଣା କାଳିଆ ଚଷାକୁଳ କ୍ରମେ ଲୋପ ହୋଇଗଲେଣି । ସେମାନେ କୃଷି ବିଦ୍ୟାରେ ବିଶାରଦ ଥିଲେ । ସେମାନଙ୍କୁ ପାଗ ଯୋଗ ଜଣାଥିଲା । ସେମାନେ ବିହନ ବାଛି ସାଇତି ରଖୁଥିଲେ । ସେ ବିହନ ପ୍ରକୃତ ବିହନ—ସେଥିରୁ ଯେଉଁ ଗଛ ହୁଏ ସେ ଭାରି ହୃଷ୍ଟପୁଷ୍ଟ ହେଉଥିଲା ଏବଂ କେଣ୍ଡାକେ ବହୁତ ଧାନ ଫଳୁଥିଲା । ଗୋବର ପ୍ରଧାନ ଖତ ହେଉଥିଲା । ଗୋବର ଖାତରେ ପଡ଼ି ସଢ଼ୁଥିଲା । ତା ଉପରେ ବର୍ଷା ପାଣି ପଡ଼ୁ ନ ଥିଲା, ସୂର୍ଯ୍ୟ କିରଣ ମଡ଼ୁ ନ ଥିଲା । ଯୋର ଗଡ଼ିଆ ପ୍ରଭୃତିରୁ ମାଟି ନେଇ ବିଲରେ ପକାଉଥିଲେ । ବଳଦ ଠାଣିଆ ଥିଲା, ହଳୁଆ ଅଭ୍ୟାସକୁଆ ଥିଲା । ଜମି କୃଷି ପାଞ୍ଚ ଓଡ଼ କୃଷି ହେଉଥିଲା । ଧାନ କୃଷି ସାତ ଓଡ଼ । ଚଷା ପାଗ ଦେଖି ବୁଝୁଥିଲା । ଏପରି କରୁଥିବାରୁ ମାଣେ ଜମିରୁ ଫଳୁଥିଲା ଚାରି ଭରଣ, ପାଞ୍ଚ ଭରଣ, ଛଅ ଭରଣ । ଏବେ ଆଉ ସେ କଥା ନାହିଁ । ବିହନ କେହି ବାଛି ରଖେ ନାହିଁ । ଗୋବରଯୋକ ଜାଳ ହେଉଛି । ପାଉଁଶ ହେଉଛି ଖତ; ତା ପୁଣି ଜମା ହୁଏ ବାଟ ଦାଣ୍ଡ ଉପରେ—ଯାହା କିଛି ସାର ଥାଏ ବର୍ଷା ପାଣିରେ ଧୋଇ ହୋଇଯାଏ । ଖଣ୍ଡ କେତେ ଅଂଶ ସାର ଟାଣି ନିଏ ଯାହା ଅବଶିଷ୍ଟ ଥାଏ ସେ ଖତଯୋଗ୍ୟ ନୁହେ । ଯୋର ପୋଖରୀରୁ କେହି ଟୋକାଇଏ ମାଟି ନେଇ କ୍ଷେତରେ ପକାଇବାର ଦେଖାଯାଏ ନାହିଁ । କୃଷି ସାତ ଓଡ଼ ହେବା ଦୂରରେ ଥାଉ, ଏକା ଓଡ଼କେ ଧାନ ବୁଣା ସବୁ ହୋଇଯାଏ । ପାଗ କଥା ଏ କାଲ ଚଷାପୁଅ ଜାଣେ ନାହିଁ । ଏ ଅବସ୍ଥାରେ ଜମି ମାଣକେ ଫଳୁଛି ଖୁବ୍ ବେଶୀ ହେଲେ ଦୁଇ ଭରଣ କି ଦଶ କୋଡ଼ି । ଏଣେ ଖଜଣା ହାର ବନ୍ଦୋବସ୍ତକୁ ବନ୍ଦୋବସ୍ତ ବୃଦ୍ଧି ହେବାରେ ଲାଗିଛି । ପ୍ରତି ବନ୍ଦୋବସ୍ତରେ ଚାରି ଅଣା ଆଠ ଅଣା ବଢ଼ୁଛି । ଜମିରୁ ଯାହା ଫଳେ ଖଜଣା ଦେଇ ଅବଶିଷ୍ଟ କିଛି ବଳେ କି ନ ବଳେ—ଖୁବ୍ ଟଣାଟଣି ଅବସ୍ଥା । ଖଜଣା ବାଦ ଆଉ କେତେ ପ୍ରକାର ନିତାନ୍ତ ଆବଶ୍ୟକୀୟ ଖର୍ଚ୍ଚ ଅଛି—ନିଜ ପରିବାରର ଖୋରାକ, ବଳଦ ଖୋରାକ, ଅଧିକା ମୂଲିଆ ପକାଇଲେ ତା ମୂଲ, କୃଷକର ରଖିଲେ ତା ପଡ଼ି ଦରମା, ଲୁଗାପଟା, ମାଗୁଣି, ପର୍ବପର୍ବାଣି, ପୁଅ ବାହା, ଝିଅ ବାହା ଇତ୍ୟାଦି କେତେ ପ୍ରକାର ଖର୍ଚ୍ଚ ଅଛି—ଯେ ଘର ଚଳାଏ ସେ ଜାଣେ । କାହିଁ କିଛି ଅଣ୍ଟେ ନାହିଁ । ତେଣୁ ଚଷା ମହାଜନ ଦ୍ୱାରକୁ ଭରସା କରେ । ମହାଜନଠାରୁ ଧାନ ଟଙ୍କା କରଜ ଆଣି କୌଣସି ରକମ ବରଷକ ମଜଲ ମୁଣ୍ଡ ପହଞ୍ଚାଏ । ଏତେ କରି ଓଳିଏ ଖାଇଲେ ଓଳିଏ ଉପବାସ । ଭଲ ଲୁଗା ଖଣ୍ଡେ ପିନ୍ଧିବାକୁ ପାଏ ନାହିଁ । ଭଲ କରି ତେଲ ଟିକିଏ ମୁଣ୍ଡରେ ଦେହରେ ଲଗାଇବାକୁ ପାଏ ନାହିଁ । ଭଣ୍ଡାରି କି ବର୍ତ୍ତନ ଦେବାରେ ହଇରାଣ କଲେ ସେ ମାସକେ ଥରେ ପଟାଏ ଖିଅର କରେ, ଧୋବା ମାସକେ ଥରେ ଲୁଗା କାଚିଦିଏ । ଦୁଧ ଘିଅ ତା ପାଟି କେବେ ଚାଖେ ନାହିଁ । ପିଠାପଣା, ଖିରି, ଖେଚଡ଼ି କଥା ଛାଡ଼ । ଏଥିରେ ଯେ ଯାହା ପେଟ ପାଟଣା ନେଇ ବ୍ୟସ୍ତ । ଗ୍ରାମର ସମୂହ ମଙ୍ଗଳ, ସମୂହ ଉନ୍ନତି ଚିନ୍ତା କରିବାକୁ ବେଳ କାହିଁ ? ସାହୁ ମହାଜନ ଜମିଦାର ଚିନ୍ତା ସବୁବେଳେ, ରାତିରେ ସେହି କଥା ସ୍ୱପ୍ନ ଦେଖେ । ବିଲରୁ ସନ୍ଧ୍ୟା ବେଳକୁ ଫେରି ଆସି ମନ ଦୁଃଖରେ ପଡ଼ିଯାଏ ।

ପଲ୍ଲିବାସିନୀର ଅବସ୍ଥା ତତୋଽଧିକ । ମନ ସୁଖରେ ଖଣ୍ଡେ ଭଲ ଲୁଗା ପାଏ ନାହିଁ ପିନ୍ଧିବାକୁ । ଅଳଙ୍କାର ବୋଇଲେ ନାକରେ ନିମ୍ବ କାଠି । ଧାନ କୁଟା, ପାଣି ଅଣା, ଗୁହାଳ ପୋଛା, ଭାତ ରନ୍ଧା, ପିଲାଙ୍କ ଜଞ୍ଜାଳ ବୁଝୁ ବୁଝୁ ନାକ ଫନ୍ଦିବାକୁ ଫୁରୁସତ ହୁଏ ନାହିଁ ଅଥଚ ପେଟପୂରା ଦି ଓଳି ମୁଠାଏ ମିଳେ ନାହିଁ । ସୁନା ରୁପା ଅଳଙ୍କାର ଆଖି କେବେହେଲେ ଦେଖି ନାହିଁ ; ବାସି ଧୋବ ଲୁଗା ଖଣ୍ଡେ କେବେ ପିନ୍ଧି ନାହିଁ । ସେହି ମୋଟା କାଚ, ଶଙ୍ଖା ବା ପିତଳ ଖଡ଼ୁ ହାତରେ ଲଗାଇ ଦିନ ସାରେ । ଶୋଇଲା ଘର—ଯେଉଁଠି ଗୁହାଳ, ସେଇଠି ଶୋଇଲା ଘର । ପଲ୍ଲିରେ ପିଇବାକୁ ଦଳପାଣି, ଗାଧୋଇବାକୁ ଦଳପାଣି । ଗାଁ ପୋଖରୀଗୁଡ଼ିକ ପଙ୍କ ଓ ଦଳପୂର୍ଣ୍ଣ । ଗାଁ ଦାଣ୍ଡଯାକ ଖତଗଦା, ଗାଁ ଦୁଇ ମୁଣ୍ଡେ ପାଇଖାନା । ବର୍ଷା କାଲରେ କୌଣସି କୌଣସି ପଲ୍ଲିକି ଯିମ ଯିବ ନାହିଁ । ଜ୍ୱର, କାଛୁ କୁଣ୍ଡିଆ, ପେଟମରା ପ୍ରଭୃତି ରୋଗର ପଲ୍ଲିରେ ବସାଘର । ପାଞ୍ଚ କୋଶ ତିନି କୋଶ ଦୂରରେ ଯେବେ ଡାକ୍ତରଖାନା ଥାଏ,



Digitized by srujanika@gmail.com

ରୋଗୀ ଗଲେ ପାଏ କୁଇନାଇନ, ନ ହେଲେ ବିଶୁଦ୍ଧ ଜଳ । ବହୁଆପକା ବୈଦ୍ୟ ଆସିଲେ କୁଇନାଇନ ବଟିକା ଦିଏ । ପେଟଜ୍ୱାଳା ସହି ନ ପାରି ଅନେକ ପଲ୍ଲୀ ଯୁବକ କଲିକତା, ଆସାମ, ରେଙ୍ଗୁନ ଯାଇ କୁଲିଗିରି କରି ପେଟ ପୋଷୁଛନ୍ତି । ପଲ୍ଲୀରେ ଅଛନ୍ତି କେବଳ ବୃଦ୍ଧ ଓ ବାଳକ । ଜମିବାଡ଼ି ଚଷିବ କିଏ ? ସମସ୍ତଙ୍କର ଆଶା ବିଦେଶ ଗଲେ ବେଶୀ ପଇସା ମିଳିବ । ଯେଉଁମାନେ ଯାଇଛନ୍ତି କିଛି ବେଶୀ ରୋଜଗାର କରୁଛନ୍ତି, ମାତ୍ର କାହିଁ ଏତେ ଆଣିବା ସତ୍ତ୍ୱେ କାହାରି ଅବସ୍ଥା ତ କିଛି ବଦଳୁ ନାହିଁ । ପଲ୍ଲୀ ପରିସ୍ଥିତି ଓ ସହର ପରିସ୍ଥିତି ମଧ୍ୟରେ ଆକାଶ ପାତାଳ ପ୍ରଭେଦ । ପଲ୍ଲୀରେ ଯେତେ ରୋଗ ଅଛି ସେ ସବୁର ପ୍ରଧାନ ନିଦାନ ଅର୍ଥ । ଅର୍ଥ ସମସ୍ୟା ଦୂର ନ ହେବା ପର୍ଯ୍ୟନ୍ତ ପଲ୍ଲୀର ଉନ୍ନତି ସୁଦୂରପରାହତ ।

ପଲ୍ଲୀର ଏପରି ପରିସ୍ଥିତି ବେଳେ ବର୍ତ୍ତମାନ ଦେଶରେ ଗୋଟାଏ ଦ୍ୱନି ଉଠିଛି । ଗ୍ରାମସଂଗଠନ ଓ ଗ୍ରାମଶିଳ୍ପୋଦ୍ଧାର । ମହାତ୍ମା ଗାନ୍ଧି ମଧ୍ୟ ଏହି ଦ୍ୱନି ଧରିଛନ୍ତି । କଂଗ୍ରେସ ମଧ୍ୟ ସଂଗଠନ କାର୍ଯ୍ୟ ଉପରେ ଯୋର ଦେଉଛି । ଏ ସମ୍ବନ୍ଧରେ ଅନେକ ନିର୍ଦ୍ଧାରଣ କରାଯାଉଛି । ଗ୍ରାମସଂଗଠନ କାର୍ଯ୍ୟଟା କଣ ମୁଁ ଏ ପର୍ଯ୍ୟନ୍ତ ବୁଝି ପାରୁ ନାହିଁ । ପଲ୍ଲୀଗ୍ରାମ ତ ଯେପରି ଥିଲା ସେପରି ଅଛି, ସେହି ସୀମା ଅଛି, ସେହି ଲୋକେ ଅଛନ୍ତି, ସେହି ଜମି ବାଡ଼ି ଅଛି, ତେବେ ଆଉ ସଂଗଠନ ହେବ କିପରି ? ତେବେ ପଲ୍ଲୀବାସୀଙ୍କ ମଧ୍ୟରେ ଐକ୍ୟ ଭାବ ନାହିଁ । ସମସ୍ତ ଗ୍ରାମବାସୀ ଏକ ମନ ଏକ ଚିତ୍ତରେ ସମ୍ପଦ ଆପଦ ବେଳେ କାର୍ଯ୍ୟ କରି ପାରୁ ନାହାନ୍ତି । କେହି କାହାକୁ ମାନିବାକୁ ନାହିଁ । ବ୍ୟକ୍ତିଗତ ସ୍ୱାର୍ଥ ପ୍ରତ୍ୟେକ ଲୋକକୁ ଗ୍ରାସ କରିଛି । ଏ ଭାବ ଦୂର କରାଇ ସକଳ ଗ୍ରାମବାସୀ ଜାତିବର୍ଣ୍ଣନିର୍ବିଶେଷରେ ଗୋଟିଏ ସମିତିରେ ପରିଣତ ହେବ । ସବୁ ଗ୍ରାମବାସୀ ସେ ସମିତିରେ ସଭ୍ୟ ରହିବେ । ପ୍ରତ୍ୟେକ ସଭ୍ୟ ଆପଣା ସାମର୍ଥ୍ୟାନୁସାର କିଛି କିଛି ଚାନ୍ଦା ଦେବେ, ସେ ଟଙ୍କା ଗ୍ରାମ ସମିତିର ପାଣ୍ଠି ହେବ । ସେ ପାଣ୍ଠି ଗ୍ରାମର ସାଧାରଣ ମଙ୍ଗଳଜନକ କାର୍ଯ୍ୟରେ ବ୍ୟୟିତ ହେବ । ଗ୍ରାମବାସୀଙ୍କ ମଧ୍ୟରେ ଗୋଟିଏ କାର୍ଯ୍ୟକାରୀ ସମିତି ଗଢ଼ା ହେବ । ସେହି କାର୍ଯ୍ୟକାରୀ ସମିତିର ଜଣେ ସଭାପତି ବା ପ୍ରଧାନ ରହିବେ ଏବଂ ଜଣେ ସମ୍ପାଦକ ରହିବେ । ଗ୍ରାମର ସମସ୍ତ ଲୋକେ ଏ ସମିତିକୁ ମାନି ଚଳିବେ ଏବଂ ଏ ସମିତିର ସଭ୍ୟମାନେ ଆପଣାକୁ ଗ୍ରାମ ସେବକ-ଦଳ ମନେକରି କାର୍ଯ୍ୟ କରିବେ । ଗ୍ରାମର ସ୍ୱାସ୍ଥ୍ୟ, ପରିଷ୍କାର ପରିଚ୍ଛନ୍ନତା ଓ ଉତ୍ତମ ପାନୀୟ ଜଳର ବ୍ୟବସ୍ଥା ଏବଂ ଗ୍ରାମର ଅନ୍ୟାନ୍ୟ ସାଧାରଣ ହିତକର କାର୍ଯ୍ୟ କରିବେ । ଗ୍ରାମବାସୀମାନେ ସମସ୍ତେ ସାହାଯ୍ୟ ସହାନୁଭୂତି କରିବେ । ଗ୍ରାମର ଭାଗବତ ଘର ଗୁଡ଼ିକର ପୁନରୁଦ୍ଧାର କରିବାକୁ ହେବ । ସନ୍ଧ୍ୟା ବେଳେ ପୁରାଣ ପାଠ ପ୍ରଭୃତି ଏହି ସ୍ଥାନରେ ହେବ । ପୁରାଣ ପାଠ ପରେ ଗ୍ରାମର ସାଧାରଣ ମଙ୍ଗଳଜନକ ବିଷୟରେ ଆଲୋଚନା କରାଯିବ । ଅନ୍ତତଃ ଖଣ୍ଡେ ଖବର କାଗଜ ପାଠ କରାଯିବ । ଏ ସମିତିର ଯେ ଚାଳକ ହେବ ସେ ଜଣେ ନ୍ୟାୟପରାୟଣ ଧର୍ମଭୀରୁ ଶିକ୍ଷିତ ନିଷ୍ପାପର କର୍ମୀ ହେବା ଆବଶ୍ୟକ । ତାର କାର୍ଯ୍ୟକାରିତା ଉପରେ ସମିତିର ଅଭିବୃଦ୍ଧି ନିର୍ଭର କରେ । ଏପରି କଲେ ଗ୍ରାମଟି ଗୋଟିଏ ପରିବାରରେ ପରିଗଠିତ ହେବ । ଭୋଟ ବେଳେ ଗ୍ରାମବାସୀମାନେ ଏକତ୍ର ବୈଠକରେ ଯାହାକୁ ଭୋଟ ଦେବାର ସ୍ଥିର କରିବେ ତାଙ୍କୁ ଭୋଟ ଦେବେ । କେହି ଅନ୍ୟଥା କଲେ ଅର୍ଥାତ୍ କୌଣସି ପ୍ରକାର ଲୋଭପରବଶ ହୋଇ ଭୋଟ ଦେଲେ, ସାମାଜିକ ଦଣ୍ଡରେ ଦଣ୍ଡନୀୟ ହେବ । ଗ୍ରାମସଂଗଠନ ଅର୍ଥ ମୁଁ ଏତିକି ମାତ୍ର ବୁଝିଛି ।

ଅନ୍ୟ ବିଷୟଟି ଗ୍ରାମ ଶିଳ୍ପୋଦ୍ଧାର । ଗ୍ରାମ ଶିଳ୍ପମାନ ଆମ୍ଭମାନଙ୍କ ଆଖି ଆଗରେ ନଷ୍ଟଭ୍ରଷ୍ଟ ଧ୍ୱଂସ ହୋଇଗଲା । ଫିରିଂଗିଙ୍କ ତେ ବା କିମ୍ବା ସାବଧାନଂ ପରି ଧ୍ୱଂସ ହୋଇ ପାଉଁଶ ହେବା ପରେ ଆମ୍ଭମାନଙ୍କର ଚେତା ଆସୁଛି । ଏ ଦେଶର ଜାତି—ବିଭାଗ ଗ୍ରାମ ଶିଳ୍ପ ସଂରକ୍ଷଣ କରିଥିଲା । ବିଭିନ୍ନ ଶିଳ୍ପ କାର୍ଯ୍ୟ ବିଭିନ୍ନ ଜାତିର କୁଳବୃତ୍ତି ଥିଲା । ଗ୍ରାମର ପ୍ରଧାନ ଓ ପ୍ରଥମ ଶିଳ୍ପ ଥିଲା ବସ୍ତ୍ରବୟନ । ଏ ଶିଳ୍ପ କାର୍ଯ୍ୟ ବାଉରି କରୁଥିଲେ । ପ୍ରତ୍ୟେକ ପଲ୍ଲୀବାସୀ ତା ବାଡ଼ିରେ କପା କରୁଥିଲା । ଅଶନ ବସନ ମାନବର ଦୁଇଟି ପ୍ରଧାନ ନିତ୍ୟ ବ୍ୟବହାର୍ଯ୍ୟ ବିଷୟ । ଲୁଗା ଖାଇବା କାଟି ପିନ୍ଧିବା ନୀତି ପ୍ରତି ପଲ୍ଲୀରେ ଥିଲା । ସେହି ଜମି ଅଛି, ଡିହ ଅଛି, ମାତ୍ର ଲୋକେ କପା କରୁନାହାନ୍ତି । ୧୩୦୪ ସାଲ ବନ୍ଦୋବସ୍ତ ବେଳେ କପା ଫସଲ ଉପରେ ବେଶୀ କର ଧାର୍ଯ୍ୟ ହେବା ଆଶଙ୍କାରେ ଏ ଫସଲକୁ ଲୋକେ ଛାଡ଼ିଦେଲେ । ଏଣେ ଶସ୍ତା ବିଦେଶୀ ବସ୍ତ୍ର ଆସି ଦ୍ୱାର ମୁହଁରେ ଜାଲା ଖେଳା କଲା । ଲୋକେ ସେ ଚାକଚକ୍ୟରେ ଭୁଲିଗଲେ । ସେତେବେଳେ ଧାନ ମହର୍ଗ ହେଲା । ଜଣେ ଧାନ ବିକିଲେ ୪୨୦୯ କା । ଜଣେ ଧାନ ବିକି ଦେଲେ ବର୍ଷ ଯାକ ଲୁଗା ପିନ୍ଧି ଚଳିବେ । ଏତେ ପରିଶ୍ରମ କରୁଛି କିଏ ? କପା କର, କପା ତୋଳ, କପା ଖୁଆଇ ତୁଳା ବାହାର କର, ତୁଳାକୁ ଭଣ, ସୁତା କାଟ, ତା ପରେ ଲୁଗା ବୁଣାଅ । ଏ ତ ବହୁତ ପରିଶ୍ରମମୂଳକ । ଆଠ ଅଣା ଦଶ ଅଣା ପଇସା ପକାଇ ଦେଲେ ଗୋଟାଏ ଆଠ ହାତି ଧୋତି—ଏ ସୁଖ ଛାଡ଼ି କପା ଗଛରେ ଏତେ ପରିଶ୍ରମ କିଏ କରିବ ? ଏ ସବୁ ଅବସ୍ଥା ଏକତ୍ରିତ ହୋଇ ବସ୍ତ୍ର ଶିଳ୍ପକୁ ଧ୍ୱଂସ କରିଦେଲା । ଏହି ଗୋଟିକ ଶିଳ୍ପ ଉଦ୍ଧାର କରିବା ପାଇଁ ଉତ୍କଳର ବରେଣ୍ୟ ୰ ମଧୁ ବାବୁ ଓ ଭାରତର ପ୍ରଧାନ ନେତା ଗାନ୍ଧିଜୀ ଆଜକୁ କୋଡ଼ିଏ ପଚିଶ ବର୍ଷ କାଳ ପ୍ରାଣ ପ୍ରାୟଶ୍ଚିତ୍ତ କରି ତକା ପକାଇଲେ, ଖଦଡ଼ ଲୁଗା ପ୍ରସ୍ତୁତ କରି ଲୋକଙ୍କୁ ଦେଖାଇ ଦେଲେ, ଆପେ ତାକୁଡ଼ି ଅରଟ ଧରି ସୂତା କାଟିଲେ; ମାତ୍ର ଆମ୍ଭ ଦେଶ ଲୋକେ ନିଦାବିଷ୍ଟ ପରି ସବୁ ଦେଖିଲେ, ଶୁଣିଲେ; କାର୍ଯ୍ୟରେ କିଛି କଲେ ନାହିଁ । ବସ୍ତ୍ର ଶିଳ୍ପ ଗୋଟିଏ ପ୍ରଧାନ ପଲ୍ଲୀ-ଶିଳ୍ପ । ସେ ଶିଳ୍ପ ପୂର୍ଣ୍ଣ ମାତ୍ରାରେ ଧ୍ୱଂସ ହୋଇଛି ।



Digitized by srujanika@gmail.com

କୁମ୍ଭାର ହାଣ୍ଡି ଗଢ଼ି ପେଟ ପାଉଥିଲା । ଏବେ ଟିଣ ହାଣ୍ଡି ଆସିକା ଆସି ମାଟି ହାଣ୍ଡିର ସ୍ଥାନ ଅଧିକାର କଲା । ଭରି ସୁନ୍ଦର ଚିକ ଚକ, ଦେଖିବାକୁ ପରିଷ୍କାର ପରିଚ୍ଛନ୍ନ, ମୂଲ୍ୟ ମଧ୍ୟ ଅଳ୍ପ, ସୁତରାଂ ସେହି ବାସନ ହାଣ୍ଡି ଆଟିକା ପ୍ରତି ଘରେ ବିରାଜମାନ କଲାଣି । ପାଇପେ ସେ ହାଣ୍ଡି ଆଟିକା ଦେଖି ଝୁରି ମରୁଛନ୍ତି । ମାଟି ହାଣ୍ଡିରେ ରନ୍ଧା ବଢ଼ା କରିବାକୁ ନାକ ଟେକୁଛନ୍ତି । କଂସା ବାସନ ଦେଖିବାକୁ ସ୍ୱପ୍ନ ହେଲାଣି । ସମୟ ଅସମୟରେ ଘରେ ପାଞ୍ଚ ପଲ କଂସା ବାସନ ମିଳିବ ନାହିଁ । ସୁନା ରୁପା ପଲ୍ଲିରେ ଦେଖିବାକୁ ସ୍ୱପ୍ନ ହେଲାଣି । ଏବେ ଟିଣ ଅଳଙ୍କାର ସଂଖ୍ୟା ବୃଦ୍ଧି ହେଉଛି । ବଣିଆର ଶିଳ୍ପ ମଧ୍ୟ ଲୋପ ପାଇଆସୁଛି । ଏହି ପରି ତନ୍ନ ତନ୍ନ କରି ଦେଖିଲେ ଜଣାଯିବ ପଲ୍ଲିରୁ ସକଳ ପ୍ରକାର ଶିଳ୍ପ ଧ୍ୱଂସ ହୋଇ-ଯାଉଛି ।

ଯେଉଁ ଦେଶ ତାର ନିତ୍ୟ ଆବଶ୍ୟକୀୟ ପଦାର୍ଥମାନ ବିଦେଶରୁ କିଣେ ସେ ଦେଶ ସମୃଦ୍ଧିଶାଳୀ ହେବ କିପରି ? ଯେଉଁ ଦେଶ ଆପଣା ଦେଶର ନିତ୍ୟ ବ୍ୟବହାର୍ଯ୍ୟ ପଦାର୍ଥ ନିଜେ ପ୍ରସ୍ତୁତ କରେ ଏବଂ ନିଜ ଦେଶ ପ୍ରସ୍ତୁତ ଜିନିଷ ନେଇ ବିଦେଶରେ ବିକି କରି ଧନ ଆଣେ ସେ ଦେଶ ସମୃଦ୍ଧିଶାଳୀ ହୁଏ । ଏହା ଚିରନ୍ତନ ପ୍ରଥା । ଆମ୍ଭ ଦେଶକୁ ଅନେକ ମନୋହାରୀ ଦ୍ରବ୍ୟ ବିଦେଶରୁ ଆସୁଛି, ଆମ୍ଭମାନେ ମାନ ଗୃଉଲ ଦେଇ ସେ ସବୁ କିଣି ଆନନ୍ଦ ଉପଭୋଗ କରୁଛୁ ; କିନ୍ତୁ ଆମ୍ଭମାନଙ୍କ ମନକୁ ଏ କଥା ସ୍ପର୍ଶ କରୁନାହିଁ ଯେ ଏପରି ଜିନିଷ ସବୁ କିପରି ଆମ ଦେଶରେ ପ୍ରସ୍ତୁତ ହେବ । ଆମେ କିପରି ଏପରି ଜିନିଷ ପ୍ରସ୍ତୁତ କରିବା । ସ୍କୁଲ କଲେଜ ସଂଖ୍ୟା ବଢ଼ୁଛି, ପାଶ କରିବା ସଂଖ୍ୟା ବଢ଼ୁଛି, ବେକାର ସଂଖ୍ୟା ବଢ଼ୁଛି କିନ୍ତୁ ଶିଳ୍ପୋନ୍ନତି ସେହି ପରିମାଣରେ ବୃଦ୍ଧି ହେଉ ନାହିଁ । ଶିକ୍ଷା ପ୍ରଣାଳୀ ଦୋଷରୁ ହେଉ ବା ଅନ୍ୟ ଯେ କୌଣସି କାରଣରୁ ହେଉ ଆମ୍ଭମାନଙ୍କ ମସ୍ତିଷ୍କକୁ ସେ ଚିନ୍ତା ସ୍ପର୍ଶ କରୁ ନାହିଁ । ଶିଳ୍ପ—ଶିକ୍ଷା-ମୂଳକ ଶିକ୍ଷା ମଧ୍ୟ ଆମ ଦେଶରେ ନାହିଁ

କୃଷି ଉନ୍ନତି ପାଇଁ ସରକାର ତରଫରୁ କେତେ ସ୍ଥାନରେ କୃଷିକ୍ଷେତ୍ର ଖୋଲା ଯାଇଅଛି । ସେଠାରେ ଆଦର୍ଶ କୃଷି ହୁଏ—ଉଦ୍ଦେଶ୍ୟ ଲୋକ ଶିକ୍ଷା—ଆଦର୍ଶ କୃଷିକ୍ଷେତ୍ରରେ ଯେଉଁସବୁ କୃଷି-ଜାତ ପଦାର୍ଥ ହୁଏ ତାକୁ ଦେଖି ଲୋକେ ଉନ୍ନତ କୃଷି ଶିକ୍ଷା ପାଇବେ । ମାତ୍ର ଆଦର୍ଶ କୃଷି ଅନେକ କାଳ ଲୋକେ ଦେଖୁଛନ୍ତି, କାହିଁ ? କିଛି ତ ଶିକ୍ଷା କରି ପାରୁନାହାନ୍ତି ! ଆଦର୍ଶ କୃଷିକ୍ଷେତ୍ରରେ ଯେତେ ବ୍ୟୟ ହୁଏ ତାହା ଶୁଣିଲେ କାନରେ ହାତ ଦେବ । ଯେଉଁଠି ବ୍ୟୟର ମାପଖାପ ନାହିଁ, ସେଠି ବହୁ ବ୍ୟୟ କରି କେତୋଟି ନିର୍ଦ୍ଦିଷ୍ଟ ଫସଲ କରିବାରେ କିଛି ମାତ୍ର ବିଶେଷତ୍ୱ ନାହିଁ । ଚଷା ଆଦର୍ଶ କୃଷିକ୍ଷେତ୍ର ଦେଖେ, ସବୁ ଶୁଣେ, କିନ୍ତୁ ଘରକୁ ଫେରି ଯାଇ ସେ ସବୁ ପାସୋରି ପକାଏ । କାରଣ ହାତରେ କିଛି ସମ୍ବଳ ନାହିଁ । ଘରେ ତ "ଭୁଲାଦେଇ ଓପା", ଶିଳ୍ପ କୃଷି ଉନ୍ନତି ପାଇଁ ପାଣ୍ଠି କାହିଁ ? ଆଦର୍ଶ କୃଷି କ୍ଷେତ୍ରରେ ଯେପରି ବଳଦ, ଯେପରି ଲଙ୍ଗଳ, ଯେପରି ପାଣି ଦେବା ପ୍ରଣାଳୀ, ଯେପରି ଖତ ବ୍ୟବହୃତ ହୁଏ, ସେପରି କରିବା ପାଇଁ ସମ୍ବଳ ନାହିଁ । ସୁତରାଂ ଚଷା ଆଦର୍ଶ କୃଷି କ୍ଷେତ୍ରରେ ଯାହା ସବୁ ଶିଖେ ତାକୁ ସେଇଠି ରଖିଦେଇ ଆସେ । ଏପରି ପରିସ୍ଥିତିରେ କୃଷିଶିଳ୍ପ ଉନ୍ନତ ହେବ କିପରି ?

ଆମ ଦେଶର ପରିସ୍ଥିତିକୁ ପର୍ଯ୍ୟାଲୋଚନା କଲେ ଜଣାଯାଏ ଯେ ଦେଶ ସନ୍ନିପାତ ମତ୍ତ ପରି । ନାଡ଼ି ଛାଡ଼ିଗଲାଣି, ରକ୍ତ ପରିଚାଳନା-ଶକ୍ତି ରହିତ ହୋଇଆସୁଛି, କଥା କହିବାର ଶକ୍ତି ନାହିଁ । ହାତ ଗୋଡ଼ ପରିଚାଳନା ବନ୍ଦ ହୋଇ ଆସିଲାଣି ଏପରି ଅବସ୍ଥାକୁ ଔଷଧ ମକରଧ୍ୱଜ, କସ୍ତୁରୀ, ନ ହେଲେ କେବଳ ବଲ୍ଲିତା ବଟିକାରେ ଏ ରୋଗର ଉପଶମ ହେବ ନାହିଁ । ସେପରି ବିଶାରଦ ବୈଦ୍ୟ କାହିଁ ? ରୋଗଟା ଦେଶଯାକ ବ୍ୟାପିଛି । ଦେଶରୁ ଉଚ୍ଚାଭିଳାଷ, ଉଚ୍ଚାକାଙ୍କ୍ଷା ବିଦାୟ ନେଇଛି ! ଏ ଅବସ୍ଥାରେ ଗୋଟାଏ ଦେଶବ୍ୟାପୀ ଜାଗରଣ ଆବଶ୍ୟକ । ଦେଶର ସକଳ ଶ୍ରେଣୀୟ ଲୋକଙ୍କ ମଧ୍ୟରେ ଗୋଟାଏ ସାଧାରଣ ଜାଗ୍ରତାବସ୍ଥା ନ ଆସିବା ଯାକେ କିଛି ହେଲେ ଫଳ ଲାଗୁ ନାହିଁ । ଚତୁର୍ଦ୍ଦିଗ ନିରୀକ୍ଷଣ କଲେ କେବଳ ହତାଶା ଦେଖାଯାଏ । ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେଲା । ଏଥିରେ ଯେତିକି ଆନନ୍ଦ ସେତିକି ନିରାନନ୍ଦ ମନକୁ ଆସେ । ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବା କଥା ପଲ୍ଲୀବାସୀ ଶୁଣି ପଚାରୁଛି କରଭାର ଊଣା ହେବଟିକି ? ଏଥିରୁ କଣ ଜଣାଯାଉଛି ? ପଲ୍ଲୀବାସୀ ଆଉ କିଛି ବୁଝୁ ନାହିଁ, ସେ କେବଳ ଖୋଜୁଛି ଅର୍ଥପୀଡ଼ାରୁ ମୁକ୍ତି । ଅର୍ଥାଭାବ ରାକ୍ଷସର କରାଳ କବଳରେ ପଡ଼ି ଯେଉଁମାନେ ଛଟପଟ, ସେମାନଙ୍କର ଏକମାତ୍ର କାମନା ଅର୍ଥ-ପୀଡ଼ା-ମୁକ୍ତ ସ୍ୱାଭାବିକ । ସେ ରାଜନୀତି ବୁଝେ ନାହିଁ, ଧର୍ମନୀତି ବୁଝେ ନାହିଁ, ସମାଜନୀତି ବୁଝେ ନାହିଁ—ସେ ବୁଝୁଛି କେବଳ ଅର୍ଥନୀତି । ଯେ ତାକୁ ସେ ମୁକ୍ତି ଦେଇ ପାରିବ ସେ ତାର ଦେବତା, ସେ ତାର ପୂଜ୍ୟ, ସେ ତାର ନମସ୍ୟ ।

# ଖଣ୍ଡଗିରିର ଗୁମ୍ଫା

**ଶ୍ରୀ ଶଶିଭୂଷଣ ରାୟ**

ଉତ୍କଳର ଅନ୍ୟତମ ପ୍ରଧାନ ତୀର୍ଥ "ଏକାମ୍ରକାନନ"ର ବର୍ତ୍ତମାନ ନାମ "ଭୁବନେଶ୍ୱର"। ଏହି ଭୁବନେଶ୍ୱରର ଅନତିଦୂରରେ ଗୋଟିଏ ଅତି ପ୍ରାଚୀନ ଜୈନ ତୀର୍ଥ ଅବସ୍ଥିତ; ଏହାର ବର୍ତ୍ତମାନ ନାମ "ଖଣ୍ଡଗିରି"। ଭୁବନେଶ୍ୱରରୁ ଯେଉଁ ମାର୍ଗ ଖୋର୍ଦ୍ଧା ଏବଂ ମାନ୍ଦ୍ରାଜ ଅଭିମୁଖକୁ ଯାଇଅଛି, ସେହି ପଥରେ ଗଲେ ଦୁଇ କୋଶ ଦୂରରେ ଖଣ୍ଡଗିରି ଶୈଳରେ ଉପନୀତ ହେବାକୁ ହୁଏ। ଏହି ଶୈଳକୁ ଦୁଇ ଭାଗରେ ବିଭକ୍ତ କରି ରାଜପଥ ପଶ୍ଚିମାଭିମୁଖକୁ ଯାଇଅଛି। ଶୈଳର ଦକ୍ଷିଣ ଅଂଶର ନାମ ଉଦୟଗିରି ଓ ବାମ ଅଂଶର ନାମ ଖଣ୍ଡଗିରି। ମାତ୍ର ଏହି ନାମ ଅତ୍ୟନ୍ତ ଆଧୁନିକ। ପ୍ରାଚୀନ ଶିଳାଲିପିରେ ଦେଖିବାକୁ ମିଳେ ଯେ ଖଣ୍ଡଗିରିର ପ୍ରାଚୀନ ନାମ କୁମାର ପର୍ବତ ଏବଂ ଉଦୟଗିରିର ନାମ କୁମାରୀ ପର୍ବତ।

ଖଣ୍ଡଗିରି ଗାତ୍ରରେ ଖୋଦିତ ପ୍ରାଚୀନ ଗୁହା ସମୂହ ସମସ୍ତଙ୍କର ଦ୍ରଷ୍ଟବ୍ୟ ବିଷୟ। ଅଧିକାଂଶ ଗୁହା ଯୀଶୁଖ୍ରୀଷ୍ଟଙ୍କ ଜନ୍ମର ୨।୩ ଶତ ବର୍ଷ ପୂର୍ବରୁ ଖୋଦିତ ଏବଂ ଏଥିମଧ୍ୟରୁ କେତେଗୁଡ଼ିକରେ ପ୍ରାଚୀନ ଖୋଦିତ ଲିପି ରହିଅଛି।

ଭୁବନେଶ୍ୱରଠାରୁ ଖଣ୍ଡଗିରିର ମାର୍ଗ ଯେଉଁ ସ୍ଥାନରେ ପର୍ବତର ନିମ୍ନ ଦେଶରେ ପହଞ୍ଚିଅଛି, ସେହି ସ୍ଥାନରେ ଗୋଟିଏ କୁଟୀରରେ କେତେଗୁଡ଼ିଏ ଦେବମୂର୍ତ୍ତି ଏବଂ ମହାପୁରୁଷମାନଙ୍କର କାଷ୍ଠ ପାଦୁକା ରକ୍ଷିତ; ଜଣେ ବ୍ରାହ୍ମଣ ଏହି ମଠର ସେବାକାରୀ। ସେ ମଠସ୍ଥିତ ଦେବମୂର୍ତ୍ତି ପ୍ରଭୃତିର ପୂଜା କରିଥାଆନ୍ତି ଏବଂ ସମସ୍ତ ସମୟରେ ଦର୍ଶକମାନଙ୍କୁ ପ୍ରାଚୀନ କୀର୍ତ୍ତିଗୁଡ଼ିକ ଦେଖାଇ ଯତ୍କିଞ୍ଚିତ ଅର୍ଥ ଉପାର୍ଜନ କରିଥାଆନ୍ତି। ଅନେକ ଦିନ ହେଲା ଜଣେ ଚୌକିଦାର ଏହି ସମସ୍ତ ଗୁହା ରକ୍ଷା ସକାଶେ ନିଯୁକ୍ତ ରହିଅଛି। ବୃଦ୍ଧ ଅପର୍ତ୍ତି ଦଲେଇ ବହୁ କାଳ ଏହି କାର୍ଯ୍ୟରେ ନିଯୁକ୍ତ ରହିଥିଲେ ଏବଂ ବିଗତ ଅର୍ଦ୍ଧ ଶତାବ୍ଦୀ ମଧ୍ୟରେ ଯେଉଁମାନେ ଖଣ୍ଡଗିରି ଦର୍ଶନରେ ଆସିଅଛନ୍ତି ସମସ୍ତଙ୍କ ସଙ୍ଗରେ ଅପର୍ତ୍ତି ଦଲେଇ ସୁପରିଚିତ। ତାହାଙ୍କର ମୃତ୍ୟୁ ହେବାରୁ ତଦୀୟ ପୌତ୍ର ପିତାମହଙ୍କ କାର୍ଯ୍ୟରେ ନିଯୁକ୍ତ ରହିଅଛନ୍ତି। ଏମାନେ ନଗଦ ବେତନ ପରିବର୍ତ୍ତରେ ଖୋର୍ଦ୍ଧା ଖାସମହାଲରୁ କିଛି ନିଷ୍କର ଜମି ବୃତ୍ତି ସ୍ୱରୂପ ପାଇଥାଆନ୍ତି।

ମଠ ପାର୍ଶ୍ୱରେ ପ୍ରସ୍ତର ନିର୍ମିତ ସୋପାନ ଅବଲମ୍ବନ କରି ଉଦୟଗିରିର ଉପରକୁ ଉଠିବାକୁ ହୁଏ; ସମ୍ମୁଖରେ କ୍ଷୁଦ୍ର କ୍ଷୁଦ୍ର ଗୁହା ମଧ୍ୟରୁ କେତେ ଗୁଡ଼ିଏ ଦ୍ୱିତଳ, କେତେ ଗୁଡ଼ିଏ ଏକତଳବିଶିଷ୍ଟ। ଦକ୍ଷିଣ ଆଡ଼ରୁ ଗୁହାଗୁଡ଼ିକର ନାମ— ବଜାର ଦ୍ୱାର, ସାନ ହାତୀଗୁମ୍ଫା, ଅଲକାପୁରୀ ଓ ଜୟାବିଜୟା। ବଜାର ଦ୍ୱାର ନାମରେ ଦୁଇଟି ଗୁମ୍ଫା ଅଛି। ପ୍ରଥମଟିରେ ଗୋଟିଏ ଚତୁଷ୍କୋଣ କକ୍ଷ ଓ ତାହା ସମ୍ମୁଖରେ ଗୋଟିଏ ଚତୁଷ୍କୋଣ ବାରନ୍ଦା। ବାରନ୍ଦାରୁ ଭିତର କକ୍ଷକୁ ଯିବାକୁ ଯୋଡ଼ିଏ ଦ୍ୱାର ରହିଥିଲା, କିନ୍ତୁ ଏହି ଦୁଇଟି ଦ୍ୱାର ମଧ୍ୟସ୍ଥିତ ପ୍ରାଚୀର ଭାଙ୍ଗି ପଡ଼ିଅଛି। ପରବର୍ତ୍ତୀକାଳରେ ଗୁମ୍ଫାର ତଳ ମୃତ୍ତିକା ଦେଇ ଉଚ୍ଚ କରାଯାଇଅଛି ଏବଂ ବାରନ୍ଦା ସମ୍ମୁଖରେ ବର୍ଷା ଦିନରେ ମାଟି ଭୁସୁଡ଼ି ପଡ଼ିବା ଭୟରେ ପ୍ରସ୍ତର ଗ୍ରଥିତ ହୋଇଅଛି। ବାରନ୍ଦାର ଉଭୟ ପାର୍ଶ୍ୱରେ ସ୍ତମ୍ଭ (Pilaster) ଅଛି, ସେଥିରୁ ଗୋଟିକ ଉପରେ ବୃଷଯୁଗଳ ଏବଂ ଅପର ଉପରେ ହସ୍ତୀ ସହିତ ସର୍ପର ଯୁଦ୍ଧ ଖୋଦିତ ରହିଅଛି। ଆଉ ଗୋଟିଏ ସ୍ତମ୍ଭ ଉପରେ ଗୋଟିଏ ହସ୍ତୀର ମୂର୍ତ୍ତି ରହିଅଛି।

ଏହି ଗୁହାର ବାମ ଦିଗରେ ଏହାର ଅନୁରୂପ ଆଉ ଗୋଟିଏ ଗୁହା ଅଛି। ଏଥିରେ ମଧ୍ୟ ଗୋଟିଏ ଚତୁଷ୍କୋଣ କକ୍ଷ ଓ ବାରନ୍ଦା ଥିଲା। ବାରନ୍ଦାର ଅର୍ଦ୍ଧେକାଂଶ ଭାଙ୍ଗି ପଡ଼ିଅଛି। ବର୍ତ୍ତମାନ ଗୋଟିଏ ସ୍ତମ୍ଭ ଏବଂ ଦକ୍ଷିଣ ପାର୍ଶ୍ୱର ସ୍ତମ୍ଭାନୁକରଣ ମାତ୍ର ରହିଅଛି। ଭିତର କକ୍ଷରେ କୌଣସି କାରୁକାର୍ଯ୍ୟ ନାହିଁ। ପୂର୍ବେ ବାରନ୍ଦାରୁ ଭିତରକୁ ଯିବାର ଯୋଡ଼ିଏ ଦ୍ୱାର ରହିଥିଲା କିନ୍ତୁ ଦ୍ୱାର ଦ୍ୱୟ ମଧ୍ୟସ୍ଥିତ ପ୍ରାଚୀର ଭାଙ୍ଗି ଯାଇଅଛି। ଗୁହାର ବାମ ପାର୍ଶ୍ୱର ପ୍ରାଚୀର ଭାଙ୍ଗି-ଯାଇ ଗୋଟିଏ ବୃହତ୍ ଗର୍ତ୍ତ ହୋଇଅଛି। ବାରନ୍ଦାର ସ୍ତମ୍ଭାନୁକରଣର ଶୀର୍ଷରେ ଯୋଡ଼ିଏ ସିଂହ ମୂର୍ତ୍ତି ରହିଅଛି। ସ୍ତମ୍ଭ ଶୀର୍ଷର ଦକ୍ଷିଣକୁ ଯୋଡ଼ିଏ ଅଶ୍ୱ ଓ ବାମ ପାର୍ଶ୍ୱକୁ ଯୋଡ଼ିଏ ଶୃଙ୍ଗ-ବିଶିଷ୍ଟ ସିଂହ ମୂର୍ତ୍ତି ରହିଅଛି।

ଏହି ଗୁହା ଅଥବା ଗୁମ୍ଫାର ବାମ ପାର୍ଶ୍ୱକୁ ସାନ ହାତୀ-ଗୁମ୍ଫା ଅବସ୍ଥିତ। ପୂର୍ବେ ଏହି ଗୁମ୍ଫାରେ ଗୋଟିଏ ବାରନ୍ଦା ଓ ଗୋଟିଏ କକ୍ଷ ଥିଲା, ମାତ୍ର ଉପରୁ ଖଣ୍ଡିଏ ବୃହଦାକାର ପ୍ରସ୍ତର ଗୁମ୍ଫାର ଛାତ ପଡ଼ିଯିବାରୁ ବାରନ୍ଦାଟି ଭାଙ୍ଗି ଯାଇଅଛି। କକ୍ଷାଭ୍ୟନ୍ତରକୁ ଯିବା ସକାଶେ ଗୋଟିଏ ମାତ୍ର ଦ୍ୱାର। ଦ୍ୱାରଟି ଚତୁଷ୍କୋଣ। ଦ୍ୱାରର ପ୍ରତ୍ୟେକ ପାର୍ଶ୍ୱରେ କ୍ଷୁଦ୍ର ସ୍ତମ୍ଭାନୁକରଣ (Pilaster) ରହିଅଛି ଏବଂ ଏଗୁଡ଼ିକର ଶୀର୍ଷରେ ପାରସ୍ୟ ଦେଶୀୟ ସ୍ତମ୍ଭ-ଶୀର୍ଷ (Persepolitan Capital) ରହିଅଛି। ଏହି ଜାତୀୟ ସ୍ତମ୍ଭ ଶୀର୍ଷରେ ପ୍ରାୟେ ସିଂହ କିମ୍ବା ଅପର ଜନ୍ତୁର ମୂର୍ତ୍ତି ଖୋଦିତ ରହି-ଥାଏ। ଏହି ଗୁହାର ସ୍ତମ୍ଭ-ଶୀର୍ଷ ଦୁଇଟିରେ ପକ୍ଷଯୁକ୍ତ ସିଂହ ରହିଅଛି। ଏହି ଦୁଇଟି ସ୍ତମ୍ଭ ଉପରେ ଗୋଟିଏ ସକୋଣ ଶିଳ୍ପଣର ବେଢ଼ି ଉପରେ ପଦ୍ମ ଓ ଲତା ଅଙ୍କିତ। ପ୍ରତ୍ୟେକ ସ୍ତମ୍ଭରୁ କକ୍ଷର ପ୍ରାଚୀର ପର୍ଯ୍ୟନ୍ତ ବେଷ୍ଟନୀ ଅଥବା ରେଲିଂ





Digitized by srujanika@gmail.com

ଖୋଦିତ। ବୌଦ୍ଧ ସ୍ତୂପାଦି ପାର୍ଶ୍ୱରେ ଏହି ଜାତୀୟ ବେଷ୍ଟନୀ ଖୋଦିତ ଅଥବା ନିର୍ମିତ ହେଉଥିଲା ବୋଲି ଇଂରେଜ ପ୍ରତ୍ନତତ୍ତ୍ୱ-ବିଦ୍‌ଗଣ ଏହାର ନାମ ବୌଦ୍ଧ-ବେଷ୍ଟନୀ (Buddhist railing) ଦେଇଥିଲେ। ଶିଳଣ ନିମ୍ନରେ ଅର୍ଦ୍ଧବୃତ୍ତାକୃତ ସ୍ଥାନଟି କାରୁକାର୍ଯ୍ୟ ଶୂନ୍ୟ। ଏଥିରେ ଖ୍ରୀଷ୍ଟପୂର୍ବ ପ୍ରଥମ କିମ୍ବା ଦ୍ୱିତୀୟ ଶତାବ୍ଦୀର ଅକ୍ଷରରେ ଗୋଟିଏ ଖୋଦିତ ଲିପି ଉତ୍କୀର୍ଣ୍ଣ ରହିଥିଲା, କିନ୍ତୁ ତାହାର ଶେଷରେ ଦୁଇଟି ଅକ୍ଷର ବ୍ୟତୀତ ଆଉ କିଛି ହିଁ ପାଠ କରିବା ଅସମ୍ଭବ। ଏହି ଦୁଇ ଅକ୍ଷର ପ୍ରତ୍ନତତ୍ତ୍ୱବିଦ୍‌ଙ୍କର ମତରେ 'ଲେଣଂ' ଅର୍ଥାତ୍ 'ଗୁହା'। ଶିଳଣ ଓ ଛତର ସଂଯୋଗ ସ୍ଥଳରେ ଯୋଡ଼ିଏ ହସ୍ତୀ ମୂର୍ତ୍ତି ଅଛି। ଶିଳଣର ବାମ ଆଡ଼କୁ ଗୋଟିଏ ବୃହଦାକାର ହସ୍ତୀର ମୂର୍ତ୍ତି ଅଛି, ହସ୍ତୀଟି ଦକ୍ଷିଣ ଆଡ଼କୁ ଚାଲି ଆସୁଅଛି। ଏହାର ପଶ୍ଚାଦ୍‌ଦିଗରେ ଆଉ ଗୋଟିଏ ହସ୍ତୀ ବୃକ୍ଷାନ୍ତରାଳରୁ ନିର୍ଗତ ହେଉଅଛି, ଏହାର ସମ୍ମୁଖ ଭାଗ ମାତ୍ର ଦିଶୁଅଛି। ଶେଷ ହସ୍ତୀର ଶୁଣ୍ଢରେ ଗୋଟିଏ ସଫଳ-ପୁଷ୍ପ-ପତ୍ର ବିଶିଷ୍ଟ ବୃକ୍ଷଶାଖା। ଶିଳଣର ଦକ୍ଷିଣ ଆଡ଼ରେ ଗୋଟିଏ ହସ୍ତୀ ବାମ ଆଡ଼କୁ ଚାଲି ଯାଉଅଛି ଏବଂ ତାହା ପଶ୍ଚାତରେ ଆଉ ଗୋଟିଏ ଅପେକ୍ଷାକୃତ କ୍ଷୁଦ୍ର ହସ୍ତୀ ତାହାର ଅନୁସରଣ କରୁଅଛି।

ସାନ ହାତୀ-ଗୁମ୍ଫାର ବାମ ଦିଗକୁ ଗୋଟିଏ ଦ୍ୱିତଳ ଗୁମ୍ଫା ଅଛି। ଏହାର ନାମ "ଅଳକାପୁରୀ"। ଏହି ଗୁହାର ନିମ୍ନ ତଳରେ ପୂର୍ବେ ଗୋଟିଏ ବାରଣ୍ଡା ଓ ଗୋଟିଏ ପ୍ରକୋଷ୍ଠ ଥିଲା କିନ୍ତୁ ବାରଣ୍ଡାର ଅଧିକାଂଶ ଭାଙ୍ଗି ଯାଇଅଛି। ବାରଣ୍ଡାର ଦକ୍ଷିଣାଂଶରେ ଗୋଟିଏ ସ୍ତମ୍ଭାନୁକରଣ ମାତ୍ର ଅଛି ଏବଂ ତାହାର ଶୀର୍ଷରେ ଯୋଡ଼ିଏ ପକ୍ଷଯୁକ୍ତ ଦଣ୍ଡାୟମାନ ସିଂହ ମୂର୍ତ୍ତି। ଏହି ସ୍ତମ୍ଭାନୁକରଣରୁ ଗୋଟିଏ ବ୍ରାକେଟ (ବନ୍ଧନୀ) ଉଠି କାର୍ଣ୍ଣିସ ଧାରଣ କରିଅଛି। ବାରଣ୍ଡାର ଦକ୍ଷିଣାଂଶରେ ବସିବା ପାଇଁ ଗୋଟିଏ ବେଞ୍ଚ ଏବଂ ଏହା ଉପରକୁ ଦ୍ରବ୍ୟାଦି ରଖିବା ସକାଶେ ଗୋଟିଏ ବଡ଼ କାନ୍ଥ-କୁଡ଼ି ଖୋଦିତ। ପୂର୍ବେ ଭିତରକୁ ଯିବା ସକାଶେ ତିନୋଟି ଦ୍ୱାର ରହିଥିଲା କିନ୍ତୁ ଏହି ଦ୍ୱାରତ୍ରୟ ମଧ୍ୟସ୍ଥିତ ପ୍ରାଚୀର ଦୁଇଟି ଭାଙ୍ଗି ଯିବାରୁ ଗଭର୍ଣ୍ଣମେଣ୍ଟଙ୍କର ବ୍ୟୟରେ ଯୋଡ଼ିଏ ନୂତନ ସ୍ତମ୍ଭ ନିର୍ମିତ ହୋଇଅଛି। ଖଣ୍ଡଗିରି ଓ ଉଦୟଗିରିର ନାନା ସ୍ଥାନରେ ଏହିରୂପ ନୂତନ ସ୍ତମ୍ଭ ନିର୍ମିତ କିନ୍ତୁ ନୂତନତ୍ୱ ସକାଶେ ଏହି ସ୍ତମ୍ଭ ସମୂହ ସୁନ୍ଦର ଦିଶୁ ନାହିଁ। ପୂର୍ବେ ବାରଣ୍ଡାର ବାହାରକୁ ଦ୍ୱିତଳକୁ ଉଠିବା ସକାଶେ ପ୍ରସ୍ତରରେ ଖୋଦିତ ସୋପାନ ଶ୍ରେଣୀ ରହିଥିଲା। ଆଜିକାଲି ଅଳକାପୁରୀ ଗୁହାର ଦ୍ୱିତଳକୁ ଉଠିବାକୁ ହେଲେ ଜୟ-ବିଜୟା ଗୁହାର ସମ୍ମୁଖସ୍ଥିତ ଆଧୁନିକ ସୋପାନ ଶ୍ରେଣୀ ଅବଲମ୍ବନ କରିବାକୁ ହୋଇଥାଏ। ନିମ୍ନ ତଳର ଭିତର କକ୍ଷରେ ଗୋଟିଏ ଚତୁଷ୍କୋଣ ଜଳାଶୟ ଏବଂ ଏହାର ପାର୍ଶ୍ୱରେ ଅନ୍ୟର ତିନି ଗୋଟି ଗୋଲକାର ଗର୍ତ୍ତ ରହିଅଛି। ଦ୍ୱିତଳରେ ଗୋଟିଏ ବାରଣ୍ଡା, ଗୋଟିଏ ପ୍ରକୋଷ୍ଠ ଏବଂ ଏହାର ଦକ୍ଷିଣ ପାର୍ଶ୍ୱକୁ ଆଉ ଗୋଟିଏ କ୍ଷୁଦ୍ର ପ୍ରକୋଷ୍ଠ ଏବଂ ବାରଣ୍ଡା। ବାରଣ୍ଡାରେ ପୂର୍ବେ ଦୁଇଟି ସ୍ତମ୍ଭ ଥିଲା କିନ୍ତୁ ଏହି ସ୍ତମ୍ଭ ଦୁଇଟିର ନିମ୍ନାଂଶ ଭାଙ୍ଗି ଯାଇଅଛି। ବାରଣ୍ଡା ସମ୍ମୁଖରେ ଗୋଟିଏ ଗୋଲ କାର୍ଣ୍ଣିସ ଅଛି, କେତେଗୁଡ଼ିଏ ବ୍ରାକେଟ ତାହାର ଭାର ବହନ କରୁଅଛି।

ବାମ ପାର୍ଶ୍ୱର ସ୍ତମ୍ଭାନୁକରଣର ଶୀର୍ଷରେ ହସ୍ତୀ ଓ ସର୍ପ ଯୁଦ୍ଧର ଗୋଟିଏ ଚିତ୍ର ଖୋଦିତ। ସର୍ପଟି ଅଜଗର ଜାତୀୟ— ସର୍ପର ଲାଞ୍ଜ ଗୋଟିଏ ବୃକ୍ଷରେ ଏବଂ ତାହାର ଦେହ ହସ୍ତୀର ଗୋଟିଏ ପାଦ ଓ ସ୍ତମ୍ଭରେ ବେଢ଼ିତ ରହିଅଛି। ସର୍ପଟି ହସ୍ତୀକୁ ଏହିପରି ଭାବରେ ଆବଦ୍ଧ କରି ମସ୍ତକରେ ଦଂଶନ କରିବା ସକାଶେ ଊର୍ଦ୍ଧ୍ୱକୁ ଫଣା ଉତ୍ତୋଳନ କରିଅଛି। ବାମ ପାର୍ଶ୍ୱର ସ୍ତମ୍ଭର ଶୀର୍ଷ ମାତ୍ର ରହିଅଛି—ଏହାର ଦକ୍ଷିଣକୁ ପକ୍ଷଯୁକ୍ତ ଅଶ୍ୱ (unicorn) ଓ ବାମକୁ ମନୁଷ୍ୟ ମୁଖ ଓ ପକ୍ଷଯୁକ୍ତ ସିଂହଦ୍ୱାର। ଏହି ସ୍ତମ୍ଭ ଶୀର୍ଷରୁ ଭିତର ଆଡ଼କୁ ଗୋଟିଏ ବ୍ରାକେଟ ଚିତ୍ର ଖୋଦିତ। ଏହି ଚିତ୍ରରେ ହସ୍ତୀ-ପୃଷ୍ଠପଛ ଉପବିଷ୍ଟ ରହିଅଛନ୍ତି, ତାହାଙ୍କ ସମ୍ମୁଖରେ ଗୋଟିଏ ବାନର ଦଣ୍ଡାୟମାନ ଏବଂ ଉଭୟ ପାର୍ଶ୍ୱରେ ଛତ୍ର ଓ ଚାମରଧାରୀ ହସ୍ତୀଦ୍ୱୟ ଉପବିଷ୍ଟ। ଦ୍ୱିତୀୟ ସ୍ତମ୍ଭ-ଶୀର୍ଷର ଅର୍ଦ୍ଧାଂଶ ମାତ୍ର ଅବଶିଷ୍ଟ ରହିଅଛି, କାର୍ଣ୍ଣିସର ବ୍ରାକେଟରେ କେତେଗୁଡ଼ିଏ ହସ୍ତୀମୁଣ୍ଡର ଚିହ୍ନ ଦେଖାଯାଏ। ଭିତରର ବ୍ରାକେଟରେ ଗୋଟିଏ ସିଂହର ମୂର୍ତ୍ତି। ଏହି ଦୁଇଟି ସ୍ତମ୍ଭର ନିମ୍ନ ଭାଗ ଗଭର୍ଣ୍ଣମେଣ୍ଟଙ୍କ ବ୍ୟୟରେ ନୂତନ ରୂପରେ ନିର୍ମିତ ହୋଇଅଛି। ଦକ୍ଷିଣ ପାର୍ଶ୍ୱର ସ୍ତମ୍ଭାନୁକରଣ ଶୀର୍ଷରେ ଗୋଟିଏ ଚିତ୍ର ଖୋଦିତ, ତହିଁରେ ଗୋଟିଏ ପୁରୁଷ ଜଣେ ରମଣୀକୁ ଅଙ୍କରେ ଧେନି ଉପବିଷ୍ଟ ଏବଂ ସେମାନଙ୍କ ସମ୍ମୁଖରେ ଗୋଟିଏ ହସ୍ତୀ ଦଣ୍ଡାୟମାନ। ବାରଣ୍ଡାର ଦକ୍ଷିଣ ଓ ବାମ ପାର୍ଶ୍ୱର ପ୍ରାଚୀରରେ ପ୍ରସ୍ତରରେ ଖୋଦିତ କାନ୍ଥ-କୁଡ଼ି ଏବଂ ବାରଣ୍ଡାର ବାମ ପାର୍ଶ୍ୱର ଛାତ ଭାଙ୍ଗି ଯାଇଅଛି। ବାରଣ୍ଡାରୁ ଭିତର କକ୍ଷକୁ ଯିବାର ତିନୋଟି ଦ୍ୱାର ଥିଲା, କିନ୍ତୁ ଯୋଡ଼ିଏ ଦ୍ୱାରର ଭିତର ପ୍ରାଚୀର ଭାଙ୍ଗି ଯାଇଅଛି।

ଦ୍ୱିତଳର ଦକ୍ଷିଣ ଆଡ଼କୁ ରାଣୀଗୁମ୍ଫା ଓ ଗଣେଶ-ଗୁମ୍ଫାକୁ ଯିବାର ଗୋଟିଏ ମାର୍ଗ। ମାର୍ଗର ଦକ୍ଷିଣ ଦିଗକୁ ଗୋଟିଏ କ୍ଷୁଦ୍ର କକ୍ଷ ଓ ବାରଣ୍ଡା। ଏହି କକ୍ଷର ଉପର ବାଟେ ସ୍ୱର୍ଗଗୁମ୍ଫାକୁ ଯିବା ସକାଶେ ପାଷାଣରେ ଖୋଦିତ ସୋପାନ ଶ୍ରେଣୀ ଥିଲା। ଏହି କ୍ଷୁଦ୍ର ଗୁହାଟିର ବାରଣ୍ଡାର ଛାତ ଭାଙ୍ଗି ପଡ଼ିଅଛି। ଅଳକା ପୁରୀ ଗୁହାର ସମ୍ମୁଖରେ କେତେ ଗୁଡ଼ିଏ ପ୍ରାଚୀନ ମଳୟ ପ୍ରଣାଳୀ ରହିଅଛି।

ଅଳକାପୁରୀର ବାମ ପାର୍ଶ୍ୱରେ ଜୟ-ବିଜୟା ଗୁହା ଅବସ୍ଥିତ, ଏହା ମଧ୍ୟ ଗୋଟିଏ ଦ୍ୱିତଳ ଗୁହା। ନିମ୍ନ ତଳରେ ଗୋଟିଏ ମାତ୍ର ପ୍ରକୋଷ୍ଠ—ଏହାର ବାହାରକୁ ପୂର୍ବେ ବାରଣ୍ଡା ନ ଥିଲା କାରଣ କକ୍ଷର ସମ୍ମୁଖରେ ବାମ ଆଡ଼କୁ ପାଷାଣ ଖୋଦିତ ସୋପାନ ଶ୍ରେଣୀ ଅବଲମ୍ବନ କରି ଦ୍ୱିତଳକୁ ଉଠିବାକୁ ହୁଏ। ଏହା ଗଭର୍ଣ୍ଣ-ମେଣ୍ଟଙ୍କ ବ୍ୟୟରେ ପ୍ରଶସ୍ତ ହୋଇଅଛି। ଦ୍ୱିତଳରେ ଗୋଟିଏ



Digitized by srujanika@gmail.com

ବାରନ୍ଦା ଓ ଦଓଟି କକ୍ଷ ଅଛି । ବାରନ୍ଦାର ବାହାରକୁ ଯୋଡ଼ାଏ ମନୁଷ୍ୟ ମୂର୍ତ୍ତି—ଏମାନେ ଦ୍ୱାରପାଳ । ବାମ ଦଗର ମୂର୍ତ୍ତିଟି ସ୍ତ୍ରୀମୂର୍ତ୍ତି ଏବଂ ଏହା ହାତରେ ଗୋଟିଏ ଶୁକ ପକ୍ଷୀ । ରମଣୀର ମସ୍ତକୋପର ବ୍ରାକେଟରେ ବୃକ୍ଷାରୂଢ଼ା ଆଉ ଗୋଟିଏ କ୍ଷୁଦ୍ର ରମଣୀ ମୂର୍ତ୍ତି । ଡାହାଣ ଦଗର ଦ୍ୱାରପାଳଟି ପୁରୁଷ ଏବଂ ଏହାର ମସ୍ତକୋପର ବ୍ରାକେଟରେ ଗୋଟିଏ ସିଂହ ମୂର୍ତ୍ତି । ବାରନ୍ଦାର ତନ ପାର୍ଶ୍ୱରେ ବେଦୀ ଅଥବା ବେଞ୍ଚ ଏବଂ ଦକ୍ଷିଣ ଓ ବାମ ଦଗର ପ୍ରାଚୀରରେ କାନ୍ଥ-କୁଣ୍ଡ ରହିଅଛି । ବାରନ୍ଦାରୁ ଭିତର କକ୍ଷକୁ ଯିବାର ଦ୍ୱାର ଯୋଡ଼କ ପାର୍ଶ୍ୱରେ ପାରସ୍ୟ ଦେଶୀୟ ସ୍ତମ୍ଭ; ସ୍ତମ୍ଭ ଉପରେ ଜନ୍ତୁଗୁଡ଼ିକ ଦେଖିଲେ ଶଶକାତୀୟ ବୋଲି ବୋଧହୁଏ । କିନ୍ତୁ ପ୍ରକୃତ ପ୍ରସ୍ତାବରେ ଏଗୁଡ଼ିକ ମୃଗ । ଏହି ସ୍ତମ୍ଭ ଗୁଡ଼ିକ ଉପରେ ଗୋଟିଏ ବୌଦ୍ଧ ବେଷ୍ଟନୀ ରହିଅଛି । ବେଷ୍ଟନୀଟି ଉଭୟ ଦଗର ପ୍ରାଚୀର ପର୍ଯ୍ୟନ୍ତ ବିସ୍ତୃତ । ଦ୍ୱାରଦ୍ୱୟ ନିକଟରେ ବେଷ୍ଟନୀ ଖିଲାଣ ସହିତ ମିଶି ଯାଇଅଛି । ଖିଲାଣ ଗୁଡ଼ିକ ଶେଷରେ ଗୋଟିଏ ଗୋଟିଏ ମକର ମୁହଁ । ଯୋଡ଼ାଏ ଖିଲାଣ ଉପରେ ଯୋଡ଼ାଏ ପୁଷ୍ପ ରହିଅଛି ଏବଂ ଖିଲାଣର ଧାରକୁ (Band) ମକର ମୁଖ ନିର୍ଗତ ସପୁଷ୍ପଲତିକା ଏବଂ ମଧୁକୁମ୍ଭିକା ଅଙ୍କିତ ରହିଅଛି ।

ଖିଲାଣ ଦ୍ୱୟର ମଧ୍ୟ ସ୍ଥଳରେ ଚତୁଷ୍କୋଣ ବେଷ୍ଟନୀ ମଧ୍ୟରେ ଗୋଟିଏ ବୋଧିବୃକ୍ଷ, ଏହା ଉପରେ ଗୋଟିଏ ଛତ୍ର ଓ ବୃକ୍ଷ ଶାଖାରୁ ଲମ୍ବିତ ଯୋଡ଼ାଏ ମାଳ ରହିଅଛି । ବୃକ୍ଷର ବାମ ଦଗରେ ଗୋଟିଏ ପୁରୁଷ କର ଯୋଡ଼ି ଏବଂ ଏହାର ପଶ୍ଚାତରେ ଗୋଟିଏ ରମଣୀ ଫୁଲଡାଲା ଯେନ ଛିଡ଼ା ହୋଇଅଛି । ରମଣୀର ଦକ୍ଷିଣ ହସ୍ତର ଗୋଟିଏ ଅଙ୍ଗୁଳି ବୃଦ୍ଧାଙ୍ଗୁଷ୍ଠରେ ସଂଲଗ୍ନ । ଦକ୍ଷିଣ ଦଗରେ ମଧ୍ୟ ଏହି ରୂପ ପୁରୁଷ ଓ ରମଣୀ ମୂର୍ତ୍ତି ଅଛି । ବାମ ଦଗର ପ୍ରାଚୀର ନିକଟରେ ଜଣେ ଯକ୍ଷ ପୁଷ୍ପପାତ୍ର ହସ୍ତରେ ଦକ୍ଷିଣ ଦଗକୁ ଧାଇଁ ଯାଉଅଛି । ଦକ୍ଷିଣ ଦଗର ପ୍ରାଚୀର ନିକଟରେ ମଧ୍ୟ ଏହିପରି ଗୋଟିଏ ଯକ୍ଷ ମୂର୍ତ୍ତି । ଯକ୍ଷର ବାମ ହସ୍ତରେ ପୁଷ୍ପ ପାତ୍ର ଓ ଦକ୍ଷିଣ ହସ୍ତରେ ପଦ୍ମ-କଳିକାର ଗୁଚ୍ଛ । ଦ୍ୱିତଳର ଦକ୍ଷିଣରେ ପାଷାଣ ଖୋଦିତ ସୋପାନ ଶ୍ରେଣୀ ଅବଲମ୍ବନ କରି ଉଠିବାକୁ ହୋଇଥାଏ, ଉପରେ ଗୋଟିଏ କ୍ଷୁଦ୍ର ଗୁହା ଏବଂ ଏହାର ସମ୍ମୁଖରେ ଗୋଟିଏ ସୁଦୀର୍ଘ ପୟଃପ୍ରଣାଳୀ ପାତାଳପୁରୀ ଗୁମ୍ଫା ପର୍ଯ୍ୟନ୍ତ ଲମ୍ବିଅଛି ।

ଜୟବିଜୟ ଗୁମ୍ଫାର ବାମ ପାର୍ଶ୍ୱରେ ଠାକୁରାଣୀ ଗୁମ୍ଫା । ଏହି ଗୁମ୍ଫାଟି ଏକ ତଳ ଏବଂ ଏଥିରେ ଦଓଟି କକ୍ଷ ରହିଅଛି । ବାମ ଆଡ଼ର କକ୍ଷଟି କ୍ଷୁଦ୍ର, ଏହାର ସମ୍ମୁଖରେ ପ୍ରସ୍ତର ଖୋଦିତ ୨ । ୩ ଗୋଟି ଜଳାଧାର । ଗୁହାର ଦ୍ୱାର ଉପରେ ୨ । ୩ ଗୋଟି ଚତୁଷ୍କୋଣ ଗର୍ତ୍ତ । ଅନୁମିତ ହୁଏ ଯେ ଏହି ଗୁଡ଼ିକରେ ଚନ୍ଦ୍ରାତପର ଦଣ୍ଡ ସଂଲଗ୍ନ ହେଉଥିଲା । ଠାକୁରାଣୀ ଗୁମ୍ଫାର ବାମ ଦଗରେ ପଣସ ଗୁମ୍ଫା—ଏହା ମଧ୍ୟ ଏକ ତଳ ବିଶିଷ୍ଟ । ଏଥିରେ ଗୋଟିଏ ବାରନ୍ଦା ଓ ଭିତରକୁ ଗୋଟିଏ କକ୍ଷ ଅଛି । ବାରନ୍ଦାର ସମ୍ମୁଖରେ ପ୍ରସ୍ତର କାଟି ସମତଳୀକୃତ । ବାରନ୍ଦାରେ ଗୋଟିଏ ସ୍ତମ୍ଭ ଅଛି, ତାହାର ଶୀର୍ଷରେ ବାମ ଆଡ଼କୁ ଯୋଡ଼ାଏ ମକର ଓ ଦକ୍ଷିଣ ଆଡ଼କୁ ପକ୍ଷ ଓ ଶୁକ-ଚଞ୍ଚୁ ବିଶିଷ୍ଟ ସିଂହ ଦ୍ୱୟ (ପ୍ରତ୍ନତତ୍ତ୍ୱବିଦ୍ ଇଂରାଜୀରେ ଯାହାକୁ **Leographs** କହନ୍ତି) ଖୋଦିତ ରହିଅଛି । ବାମ ଦଗର ସ୍ତମ୍ଭାନୁକରଣରେ ପକ୍ଷଯୁକ୍ତ ଅଶ୍ୱଦ୍ୱୟ ଓ ଦକ୍ଷିଣ ଦଗର ସ୍ତମ୍ଭାନୁକରଣରେ ପକ୍ଷଯୁକ୍ତ ଶୁକ-ଚଞ୍ଚୁ ବିଶିଷ୍ଟ ସିଂହ ଦ୍ୱୟ ଖୋଦିତ । ବାରନ୍ଦାରୁ ଭିତର କକ୍ଷକୁ ଯିବାର ଯୋଡ଼ାଏ ଦ୍ୱାର । ଭିତର କକ୍ଷଟି ଠାକୁରାଣୀ ଗୁମ୍ଫାର ପଶ୍ଚାଦ୍ଦିଗରେ ଅବସ୍ଥିତ । ଏହି ସ୍ଥାନରୁ ପାଷାଣ ଖୋଦିତ ପ୍ରାଚୀନ ସୋପାନ ଶ୍ରେଣୀ ଅବଲମ୍ବନ କରି ଊର୍ଦ୍ଧ୍ୱକୁ ଓ ବାମ ପାର୍ଶ୍ୱକୁ ପାତାଳପୁରୀ ଗୁମ୍ଫାକୁ ଯିବାକୁ ହୋଇଥାଏ ।

ପଣସ ଗୁମ୍ଫାର ବାମ ପାର୍ଶ୍ୱରେ ପାତାଳପୁରୀ ଗୁମ୍ଫାଟି ମଧ୍ୟ ଏକତଳ । ଗୁହାର ସମ୍ମୁଖରେ ପାଷାଣ କାଟି ସମତଳ ଧେଳ ପ୍ରସ୍ତୁତ ହୋଇଅଛି । ଏହି ଗୁହାରେ ଗୋଟିଏ ବାରନ୍ଦା ଓ ଛଅଗୋଟି କକ୍ଷ ଅଛି । ବାମ ପାର୍ଶ୍ୱର ପ୍ରଥମ ସ୍ତମ୍ଭ ଶୀର୍ଷର ଦକ୍ଷିଣ ପାର୍ଶ୍ୱରେ ଦଓଟି ପକ୍ଷଯୁକ୍ତ ସିଂହ ଏବଂ ଦକ୍ଷିଣ ପାର୍ଶ୍ୱର ପ୍ରଥମ ସ୍ତମ୍ଭ ଶୀର୍ଷର ପଶ୍ଚାଦ୍ଦିଗର ବ୍ରାକେଟରେ ଗୋଟିଏ ସିଂହ ସହିତ ଗୋଟିଏ ରମଣୀର ଯୁଦ୍ଧ ଖୋଦିତ ରହିଅଛି । ବାରନ୍ଦାର ପଶ୍ଚାତରେ ଗୋଟିଏ ବୃହତ ପ୍ରକୋଷ୍ଠ ଏବଂ ବାରନ୍ଦାର ବାମ ଓ ଦକ୍ଷିଣ ଦଗରେ ଯୋଡ଼ାଏ କ୍ଷୁଦ୍ରତର ପ୍ରକୋଷ୍ଠ ଅଛି । ବାମ ପାର୍ଶ୍ୱର କ୍ଷୁଦ୍ର କ୍ଷୁଦ୍ର ପ୍ରକୋଷ୍ଠର ଛାତ ଏବଂ ଦକ୍ଷିଣ ପାର୍ଶ୍ୱସ୍ଥିତ ପ୍ରକୋଷ୍ଠର ବାହାର ପ୍ରାଚୀର ପଡ଼ି ଯାଇଅଛି । ବାରନ୍ଦାର ପଶ୍ଚାତର ପ୍ରକୋଷ୍ଠ ପୂର୍ବେ ଦୁଇ ଭାଗରେ ବିଭକ୍ତ ଥିଲା, କିନ୍ତୁ ବର୍ତ୍ତମାନ ଏ ଗୁଡ଼ିକର ମଧ୍ୟସ୍ଥିତ ପ୍ରାଚୀର ପଡ଼ି ଯାଇଅଛି । ପ୍ରଥମ ଭାଗରେ ଦଓଟି ଲେଖାଏଁ ଦ୍ୱାର ଥିଲା, ଏହି ଦ୍ୱାର ଚତୁଷ୍ଟୟ ମଧ୍ୟସ୍ଥିତ ପ୍ରାଚୀର ଗୁଡ଼ିକ ଭାଙ୍ଗି ଯାଇଥିଲା, ସମ୍ପ୍ରତି ଗଭର୍ଣ୍ଣମେଣ୍ଟଙ୍କ ବ୍ୟୟରେ ପୁନର୍ନିର୍ମିତ ହୋଇଅଛି ।



Digitized by srujanika@gmail.com

# ତନ୍ତ ଲୁଗା

ଶ୍ରୀ ଅଲେଖ ପ୍ରସାଦ ଦାସ

ଏ ଦେଶର ସାଧାରଣ ପ୍ରଜାକୁଳର ଅବସ୍ଥା ଟିକିଏ ଭଲ କରିବା ପାଇଁ, ସର୍କାର ଆଜିକାଲି ଯେତେ ଉପାୟ ଅବଲମ୍ବନ କରିଅଛନ୍ତି ତହିଁମଧ୍ୟରୁ ତନ୍ତୀକୁଳକୁ ସାହାଯ୍ୟ ଓ ତନ୍ତ ଲୁଗା ବୁଣାଇବା ଗୋଟିଏ ପ୍ରଧାନ ଉପାୟ । ଆମ୍ଭମାନଙ୍କର ସାଧାରଣ ପରିବାରରେ ଖାଇବା ପିଇବାରେ ଯେତେ ଖରଚ ହୁଏ, ତହିଁର ଗୃହ ଭାଗରୁ ଭାଗେ ପିନ୍ଧିବାରେ ଖରଚ ହୁଏ । କୌଣସି କୌଣସି ସ୍ଥଳରେ ପୋଷାକ ପରିଚ୍ଛଦର ଖରଚ ଅଧିକ ବେଶି ହୋଇଥାଏ । ଯାହାହେଉ, ଲୁଗାପଟା ମାନବ ଜୀବନର ଏକ ଉପାଦେୟ ଅଂଶ ।

ପୂର୍ବେ ଏ ଦେଶ ସୁଖୀ ଥିଲା, କାରଣ ଲୋକଙ୍କର ବେଶି ଖରଚ ନ ଥିଲା । କୃଷିକୁଳ ଖାଦ୍ୟଦ୍ରବ୍ୟ ଯାହା ଅମଦାନୀ କରୁଥିଲେ ତହିଁର କିୟଦଂଶ କାରିଗର କୁଳକୁ ଦେଇ, ସେମାନଙ୍କଠାରୁ ଲୁଗାପଟା, ବାସନ, ଗହଣା, ଦୁଧ, ଘିଅ ଆଦି ଯାବତୀୟ ଦ୍ରବ୍ୟ କିଣୁଥିଲେ । ତେଣୁ ଗୋଟିଏ ଗାଁରେ ସବୁ ପ୍ରକାର ପେଷାଦାର ବାସ କରୁଥିଲେ ଏବଂ ନିଜ ନିଜ ଜୀବିକାରେ ସେମାନେ କୃତତ୍ତ୍ୱ ଲାଭ କରୁଥିଲେ । ଆଜି ଆଉ ସେ କଥା ନାହିଁ, ଗାଁର ପ୍ରତ୍ୟେକ ଜାତି ଆଜି କୃଷୀ ହେବାକୁ ବଡ଼ ବ୍ୟଗ୍ର । କୃଷି ବିନା ଆଉ ଯେ କିଛି ଉପାୟ ନାହିଁ । କଳ-କାରଖାନା ପ୍ରାୟ ସବୁ ଉପାୟର ପଥ ବନ୍ଦ କରି ଦେଲଣି । ଅଧିକନ୍ତୁ ଆଜିକାଲି ଜୀବନ ନିର୍ବାହ ପାଇଁ ଆମ୍ଭମାନଙ୍କର ନାନାବିଧ ଖରଚ ବଢ଼ିଯାଇଛି । ପୃଥିବୀର ସଭ୍ୟତା ମାପକାଠିରେ ଏ ଦେଶର ସଭ୍ୟତା ପୂର୍ବାପେକ୍ଷା ଅଧିକ ଉନ୍ନତି ଲାଭ କରିଛି । ମନୁଷ୍ୟ ନିଜର ଦୈହିକ ସୁଖ ଅଧିକ ପାଇବାରେ ଭୋଗ କରି ପ୍ରାକୃତିକ ବସ୍ତୁଗୁଡ଼ିକୁ ନାନାଭାବରେ କଳ-କାରଖାନା ଛଳରେ ପାଦତଳେ ଖଟାଇ ଅଛି ।

କାର୍ଯ୍ୟତଃ ଏହି ଅପ୍ରତିହତ ପ୍ରଭାବରେ ଆମ ଦେଶର ଶିଳ୍ପୀକୁଳ ହାତରେ ଆଉ କାମ ନାହିଁ । ଏ ଦେଶର ଶିଳ୍ପୀ ତଥା କାରିଗରମାନଙ୍କ ମଧ୍ୟରେ ତନ୍ତୀ ଗୋଟିଏ ବଡ଼ କାରିଗର । ଏ ଦେଶର ଲୁଗାପଟା ଅତି ଉତ୍କୃଷ୍ଟ, ଅତି ସୂକ୍ଷ୍ମ, ଅତି ସୁନ୍ଦର ବୋଲି ପୂର୍ବକାଳରେ ପୃଥିବୀର ସଭ୍ୟ ଦେଶମାନଙ୍କରେ ପରିକୀର୍ତ୍ତିତ ହୋଇଥିଲା, କିନ୍ତୁ ଆଜି ସେ କାରିଗରୀ ଆଉ ଦେଖିବାକୁ ମିଳେ ନାହିଁ । ତନ୍ତୀମାନଙ୍କ ମଧ୍ୟରୁ ଅନେକେ ଆଜି ତନ୍ତ ଛାଡ଼ି, ମୂଲ, କୃଷି, ଦୋକାନ ଓ କୁଲିଗିରି ପ୍ରଭୃତି ବ୍ୟବସାୟ ଧରିଲେଣି । ଯେଉଁ କେତେ ଜଣ ଲୁଗା ବୁଣୁଛନ୍ତି ସେମାନଙ୍କ ରୁଚି କ୍ରମେ ଧୂର୍ବଳତର ହେଉଅଛି । ସେମାନେ କେବଳ ସମାଜର ଅଧସ୍ତନ ଲୋକମାନଙ୍କୁ ମୋଟା ଲୁଗା ଖଣ୍ଡେ ଖଣ୍ଡେ ଯୋଗାଉଛନ୍ତି । ଏହି ମୋଟା ଲୁଗା ସହିତ ପ୍ରାଚୀନ କାରିଗରୀକୁ ତୁଳନା କଲେ ଏ ଜାତିର ହସ୍ତ-କୌଶଳ ପାଇଁ ଯେତିକି ଆଶ୍ଚର୍ଯ୍ୟାନ୍ୱିତ ହେବାକୁ ପଡ଼େ, ସେତିକି ଦୁଃଖାଭିଭୂତ ହେବାକୁ ହୋଇଥାଏ ।

କାହିଁକି ତନ୍ତ ଲୁଗା ଯେ ଆଜି ଅବହେଳିତ ହେଉଅଛି, ତହିଁର କାରଣମାନ ଅନୁସନ୍ଧାନ କଲେ ଜଣାଯାଏ—କଳ ଲୁଗା ଶସ୍ତା ହେବାରୁ ତନ୍ତୀମାନେ ହାତ ବୁଣା ଲୁଗାକୁ ଶସ୍ତା କରିବାକୁ ଯାଇ କେତେ ଗୁଡ଼ିଏ ଅନ୍ୟାୟ ଉପାୟ ଅବଲମ୍ବନ କଲେ ଏବଂ ଲୋକ ସାଧାରଣ କେବଳ ଶସ୍ତା କଥାଟି ବିବେଚନା କରି ହାତବୁଣା ଲୁଗାର ମଜବୁତ ପଣିଆ ଓ ସାଧାରଣ ଆର୍ଥିକ ଉନ୍ନତି କଥା ଭାବିଲେ ନାହିଁ, ତେଣୁ ହାତବୁଣା ଲୁଗାକୁ କଳ ଲୁଗା ପରି ଶସ୍ତାରେ କିଣିବାକୁ ମନ କଲେ ।

ତନ୍ତୀ-କାରିଗର ମଧ୍ୟ ଭୁଲ ବାଟ ଧରିଲେ, ଯଥା—ଲୁଗା ମାପରେ ଗଣ୍ଡଗୋଳ:—ତନ୍ତୀର ହାତ ମାପ କଦାପି ଗଜ ଫୁଟ ଇଞ୍ଚ ସଙ୍ଗେ ସମାନ ହୁଏ ନାହିଁ । କାରଣ କାହାର ହାତ ୧୮ ଇଞ୍ଚ ତ କାହାର ହାତ ୧୭ ଇଞ୍ଚ—ତନ୍ତୀ ଯାହା ମୁହଁରେ କହେ, ମାପିଲେ ନିଶ୍ଚେ ଗୃହଖଣ୍ଡେ କମ ହୁଏ, ତନ୍ତୀ କହେ "କାଠ ଗଲା" । ପୁଣି ଖାପ ପାନିଆରେ ଓ ପତଳା ପାନିଆରେ ୦୫ ଇଞ୍ଚ ଚୌଡ଼ା ଧୁଇ ଖଣ୍ଡ ଲୁଗା ବୁଣା ହେଲେ ପତଳା ପାନିଆରେ ବୁଣା ହୋଇଥିବା ଲୁଗା ଧୋଇଲାରେ ଇଞ୍ଚେ କମି ଯିବ ଓ ଖାପ ପାନିଆରେ ବୁଣା ହୋଇଥିବା ଲୁଗା ୨ ଇଞ୍ଚ କମିଯିବ । ଲମ୍ବରେ ମଧ୍ୟ ଭରଣୀ ସୂତା ଖାପ ଓ ପତଳା ବୁଣା ଅନୁସାରେ ଏହିପରି ହୋଇଥାଏ । ତନ୍ତୀ ଏପରି ମାପ ଦେଇ ଖଣ୍ଡେ ଲୁଗାରେ ୦/ କି ୦/୬ ଲାଭ କରେ ସତ ମାତ୍ର ପରିଆରେ ହରାଏ ଯେ ତାହାର ଲୁଗା ମାପ ଠିକ୍ ନୁହେ ।

୨ । ଟାଣି ଭରଣୀରେ ଅସମାନ ସୂତାର ବ୍ୟବହାର-ଏପ୍ରକାର ବୁଣିବାରେ ଲୁଗା ଶୀଘ୍ର ଚିରିଯାଏ ଓ ଧୋଇବା ହେବା ପରେ ଲୁଗା ଅସୁନ୍ଦର ଦିଶେ ଏବଂ ଶ୍ରୀହୀନ ହୋଇଯାଏ ।

୩ । ଧୁଇ ପାଖ ଖାପ ଓ ମଝି ପାତଳା ପାନିଆ ବ୍ୟବହାର—ଏ ପାନିଆରେ ଲୁଗା ବୁଣିଲେ ତନ୍ତୀ ଲୁଣ୍ଡି ସୂତାକୁ ଆଣାଏ କି ଧୁଇ ଅଣାର ସୂତା ବଞ୍ଚାଇ ନିଏ, ମାତ୍ର ଲୁଗାଟା ଆଗ ମଝିରୁ ଚିରିଯାଏ ।

୪ । ପକ୍କା ରଙ୍ଗ ପରିବର୍ତ୍ତରେ କଞ୍ଚା ରଙ୍ଗର ସୂତା ଲୁଗା ଧଡ଼ିରେ ବ୍ୟବହାର—କଞ୍ଚା ରଙ୍ଗର ସୂତା ବଜାରରେ ଶସ୍ତାରେ ମିଳେ । ଭଲ ଦେଖାଇବା ପାଇଁ ତନ୍ତୀମାନେ ଲୁଗା ବୁଣି ସାରି ସେହି ରଙ୍ଗ ଅନେକ ସମୟରେ ମୁଠ ଦେଇଥାନ୍ତି କିନ୍ତୁ ଶୀଘ୍ର ସେ ରଙ୍ଗ ଧୋଇ ଯାଏ ଓ ଲୁଗା ଅସୁନ୍ଦର ଦିଶେ ।



Digitized by srujanika@gmail.com

୫ । ଅସତ୍ ବ୍ୟବହାର—କେହି ଖଣ୍ଡେ ଲୁଗା ବୁଣିବାକୁ ସୂତା ଦେଲେ, ତାକୁ ନାନା ପ୍ରକାରେ ଠକାନ୍ତି ଏବଂ ଠିକ୍ ସମୟରେ ଲୁଗା ବୁଣି ଦିଅନ୍ତି ନାହିଁ । ଗ୍ରାହକ ଲୁଗା ପାଇଁ ତନ୍ତୀ ଦ୍ୱାରକୁ ଗୁଲି ଗୁଲି ବିରକ୍ତ ହୁଏ ।

ଏପରି କରିବା ହେତୁ ତନ୍ତମାନଙ୍କ ହାତରୁ କ୍ରମେ କାମ ଖସିଗଲା । ସେମାନେ ଯେତିକି ଅଭାବରେ ପଡ଼ିଲେ, ସେମାନଙ୍କ ସ୍ୱଭାବ ସେତେ ଅଧିକ ଖରାପ ହେବାକୁ ଲାଗିଲା । ଆଳସ୍ୟ ଓ ଅବହେଳା ଉଦ୍ୟମ ବିହୀନ ତନ୍ତୀ ଜାତିକୁ ପୂର୍ଣ୍ଣତଃ ଗ୍ରାସ କଲା ଏବଂ ସେମାନେ ଭାଗ୍ୟକୁ ଠୁକି ବା "ବୁଣିଖିଆ, ଛଣିଖିଆ, ସବୁ ଦିନେ କାଅଣ୍ଟିଆ" ପ୍ରବାଦଟି ଗାଇ ଲୁଡ଼ିଆରେ ପଡ଼ିରହିଲେ । ଏଣେ ପଢ଼ାଶୁଣା ନ ଥିବାରୁ ଅଜ୍ଞତା ବଶତଃ ନିଜ ବ୍ୟବସାୟର ପୁନରୁଦ୍ଧାର ପାଇଁ ଯତ୍ନ କଲେ ନାହିଁ । ଦେଶର ଜ୍ଞାନୀ ଲୋକେ ତଥା ଦେଶର ନାୟକମାନେ ଏହି ପ୍ରଧାନ ଜୀବିକାକୁ ବଞ୍ଚାଇ ରଖିବାପାଇଁ ଆରମ୍ଭରୁ ଭାବି ପାରିଲେ ନାହିଁ । ପ୍ରାୟ ତିନି ପୁରୁଷ ହୋଇଗଲା ତନ୍ତୀ କୁଳ ଏହିପରି ଦୁର୍ଗତିରେ ବୁଡ଼ି ରହିଲାଣି । ଏହି ଦୁର୍ଗତିରୁ ତନ୍ତୀ କାରିଗରଙ୍କୁ ଉଠାଇବାକୁ ହେଲେ ପ୍ରଗାଢ଼ ଅଧ୍ୟବସାୟ ଓ ଅଟଳ ଧୈର୍ଯ୍ୟ ପ୍ରୟୋଜନ । ଯେଉଁ ଅବନତି ଶତାବ୍ଦୀ ଧରି ତଳକୁ ତଳ ଖସି ଆସିଛି, ତାହାର ଉନ୍ନତି ଅନ୍ତତଃ ଆଶାନୁରୂପ ଉଦ୍ଯୋଗ ଓ ସମୟସାପେକ୍ଷ । ବର୍ତ୍ତମାନ ଅବସ୍ଥାରେ ସରକାର ବାଧ୍ୟତାମୂଳକ ଶିକ୍ଷା ପରି ବାଧ୍ୟତାମୂଳକ ଶିଳ୍ପୋଦ୍ଧାର କଲେ ଅଳ୍ପ କାଳ ମଧ୍ୟରେ ଏ ଦେଶବାସୀଙ୍କ ଅବସ୍ଥା ପୁଣି ଭଲ ହୋଇ ଆସି ପାରନ୍ତା । କାରଣ—

ଆମ ଦେଶର କାରିଗରମାନେ ନିରକ୍ଷର ମୂର୍ଖ, ପୁଣି ଅଭାବଗ୍ରସ୍ତ । ନାନା ପ୍ରକାର ଚିନ୍ତା ଓ ଅଭାବରେ ସେମାନଙ୍କର ବୁଦ୍ଧିମାନ୍ଦ୍ୟ ଉପସ୍ଥିତ ହୋଇଅଛି । ଦେଶ ବିଦେଶର ଉନ୍ନତିକର କାହାଣୀ ସେମାନେ ପିଲାଦିନ ଅସୁରୁଣୀ ବୁଢ଼ୀ ଗପ ପରି କୌତୁହଳପ୍ରଦ ମନେକରି ଶୁଣନ୍ତି । ସେଥିରୁ ନିଜର ଅଭାବ ବୁଝି କର୍ମଠ ହେବାକୁ ହେବ—ଏ କଳ୍ପନାରେ ପର୍ଯ୍ୟନ୍ତ ସେମାନେ ପହଞ୍ଚି ପାରନ୍ତି ନାହିଁ । ଯେପରି ଅଭ୍ୟସ୍ତ ପଶୁକୁ କାମରେ ଯୋଚିଦେଲେ ସେ ପ୍ରହାର ଭୟରେ ଚାଲିଥିବ, ଆମ ଦେଶର ପ୍ରଜାକୁଳର ଅବସ୍ଥା ଠିକ ସେହିପରି । ତନ୍ତୀ ଲୁଗାରେ କେତେ ସୂତା ଲଗାଇଛି ତାହା ଗଣିଦେଇ ଠିକ୍ ହିସାବ କରିହେବ, କିନ୍ତୁ ତନ୍ତୀ ସେ କଥା ଶୁଣିବ ନାହିଁ । ଅତି ପରିଶ୍ରମ କରି ଦଶ ପନ୍ଦର ଘଣ୍ଟା ଲାଗି ତାକୁ ଅଙ୍କ ହିସାବ ପଢ଼ାଇ ବୁଝାଇଲେ ସେ ମାନିବ, କିନ୍ତୁ କହିବ "ନା, ଆମେ ଏ ହିସାବରେ କାମ କରି ପାରିବା ନାହିଁ ।" ଦୁଧରେ ପାଣି ଓ ଶସ୍ୟର ଭିତର ଯନ୍ତ୍ରମାନଙ୍କ ଅବସ୍ଥା "ଟୁ ଏଡ଼ଲର" ଆଉ "ଏକ୍ସରେ" ଦ୍ୱାରା କହି ପାରୁଛନ୍ତି, କିନ୍ତୁ ତନ୍ତୀ ଲୁଗାରେ କେତେ କେଉଁ ସୂତା ଖରଚ କରିଛି, ତାକୁ ଏତେ ହିସାବ କରି କିଏ ଧରି ପାରିବ ନାହିଁ ବୋଲି ତା' ମନରେ ବଡ଼ ଦମ୍ଭ । ଯଦି ତା'ର ଚୋରି ଧରାଯାଏ, ତେବେ ଅଭିମାନ ଯେ ସେ ଆଉ ଲୁଗା ବୁଣିବ ନାହିଁ । ଏଥିପାଇଁ ମନେହୁଏ—

ଏ ଦେଶର ସାମାଜିକ ଓ ଆର୍ଥିକ ଅବସ୍ଥାର ଉନ୍ନତି ପାଇଁ ବ୍ୟବସାୟ ଗୁଡ଼ିକ ବାଧ୍ୟତାମୂଳକ ହେବା ନିତାନ୍ତ ପ୍ରୟୋଜନ । ଅର୍ଥାତ୍ ପ୍ରତ୍ୟେକ କୃଷକ ନିଶ୍ଚୟ କିଛି ଜମିରେ କପା ଚାଷ କରିବ । ନିରୂପିତ ମୂଲ୍ୟରେ କପା ବିକ୍ରୀ କରିବ, କିମ୍ବା ତା' ଘରେ ସୂତା କାଟିବ । ଦେଶର ସୂତା-କଳରେ ନିରୂପିତ ମୂଲ୍ୟରେ ସୂତା ତିଆରି ହୋଇ ବିକ୍ରୀ ହେବ । ତନ୍ତମାନେ ସେହି ସୂତାରେ ଲୁଗା ବୁଣିବେ ଏବଂ କପାର ମୂଲ୍ୟ ବର୍ଷକ ପାଇଁ ନିର୍ଦ୍ଦିଷ୍ଟ ହେଲେ ସୂତା, ସୂତାକଟାଳି ବୁଣାକାର ଏବଂ ବ୍ୟବସାୟୀର ଲାଭ ଓ ମୂଲ୍ୟ ଏବଂ ଲୁଗାର ଦର, ବର୍ଷକ ପାଇଁ ସ୍ଥିର କରିଦେଇ ହେବ । ଏଥିରେ ଲୁଗା ନିଶ୍ଚେ ଶସ୍ତା ହେବ, କାରଣ କପା ପାଇଁ ଦୂର ଦେଶରୁ ଆଣିବା ଖର୍ଚ୍ଚ ଦେବାକୁ ପଡ଼ିବ ନାହିଁ । ସରକାରୀ ଶୁଳ୍କ ମଧ୍ୟ ଖୁବ୍ କମ୍ ପଡ଼ିପାରେ । ଯଦି ଏତେ ଜଗିରଖି କଲେ ସୁଦ୍ଧା ଲୁଗା ଶସ୍ତା ନ ପଡ଼େ ତେବେ ବାହାରୁ ଆସୁଥିବା ଲୁଗା ଦୋକାନ ଉପରେ ଅଧିକା ଟିକସ ବସାଇବା କଦାପି ଅଯୁକ୍ତିକର ହେବ ନାହିଁ—ଏ ଦେଶର ଦାରିଦ୍ର୍ୟ ଓ ଅବସ୍ଥା ବିବେଚନାରେ । ଏହି କର୍ମଚକ୍ରଦ୍ୱାରା ଦେଶବାସୀ ବଢ଼େଇ, କମାର, ତନ୍ତୀ ପ୍ରଭୃତି କାରିଗର, କୃଷକ, ବ୍ୟବସାୟୀ, କୁଲି, ଗାଡ଼ିବାଲା ପ୍ରଭୃତି ନାନା ଶ୍ରେଣୀର ଲୋକଙ୍କର ଆୟସଂସ୍ଥାନ ସମସ୍ୟାର ସମାଧାନ କରି ହେବ ।

ଅନ୍ୟଥା—ଆମର କାରିଗର କୁଳ ଯେଉଁ ଦୁର୍ଗତିରେ ପଡ଼ିଛନ୍ତି, ସେଥିରୁ ସେମାନେ ଉଠିବା ପାଇଁ ବୁଝାଇଲେ ତାକୁ ସେମାନେ ଖୋସାମତି ପରି ମନେ କରୁଛନ୍ତି । ସେମାନଙ୍କ ଉପକାର ପାଇଁ କହିଲେ, ସେମାନେ ଭାବୁଛନ୍ତି ଆମର ଯେପରି ଗରଜ ଅଛି । ସେମାନଙ୍କର ଭୁଲ ପାଇଁ ଆମେ ବୁଝାଇ ଦେଇ ମୂଲ ପଇସା ନ କାଟିଲେ—ସେମାନେ ମନେ କରୁଛନ୍ତି ଆମେ ତାଙ୍କୁ ଭୟ କରୁଛୁଁ । ଭୁଲ ପାଇଁ ସେମାନଙ୍କୁ କହିଲେ କିମ୍ବା ମୂଲ କାଟିଲେ—ଆଉ କାମ କରିବେ ନାହିଁ ବୋଲି ଅଭିମାନ କରି ମାସେ ପକ୍ଷେ ଦେଖା ଦେଉ ନାହାନ୍ତି । ନିଶ୍ଚୟ ଏ କର୍ମଚକ୍ରରେ ଖାଲି ସେମାନଙ୍କର ବା ଆମର ନୁହେ, ଦେଶମୟ ସମସ୍ତଙ୍କର ଉପକାର ହେବ । ପାଜି ତନ୍ତମାନେ ନିଜର ଲାଭ ନ ବୁଝି ଆମର ଲାଭ ହେବ କହୁଛନ୍ତି ଏବଂ "ଏଇ ମଜୁରି ହେଲେ କାମ କରିବୁଁ ନହେଲେ ନାହିଁ" କିମ୍ବା ସେମାନେ ମୂର୍ଖ ଭାବରେ ଯେତେ ସୂତା ଲାଗିଛି କହିବେ ତା' ଆମେ ମାନି ନେବୁ ତ ସେମାନେ କାମ କରିବେ ଇତ୍ୟାଦି—ଏଣୁ ସେମାନଙ୍କ ବସତି ମଧ୍ୟରେ ଆମ୍ଭମାନଙ୍କୁ ଆସନ ଜମାଇ କାମ କରିବାକୁ ହେଲେ—

୧ । ଯାହାର ତନ୍ତ ନାହିଁ ଅଥଚ ସେ ଜାତିରେ ତନ୍ତୀ ଏବଂ ତାହାର ସ୍ତ୍ରୀ ବା ମା ଲୁଗା ବୁଣାର ଆନୁସଙ୍ଗିକ କାମ ଜାଣନ୍ତି, ସେ



Digitized by srujanika@gmail.com

କିନ୍ତୁ ଦୁଇ ଅଣା ମଜୁରି ଖଟୁଛି, କାରଣ ତାକୁ ଲୁଗା ବୁଣି ଆସେ ନା – ଏପରି ଲୋକକୁ ଲୁଗାବୁଣା ଶିଖାଇବା ଏବଂ ତନ୍ତ ଦେବା ।

୨ । ତନ୍ତିମାନଙ୍କର ପିଲାମାନଙ୍କୁ ପଢ଼ାଶୁଣା କରାଇବା—ବିଶେଷରେ ତନ୍ତ ସମ୍ବନ୍ଧୀୟ ପାଠ ଓ ହିସାବ କିତାପରେ ଧୁରନ୍ଧର କରାଇବା ।

୩ । ନିରକ୍ଷର ତନ୍ତିଙ୍କୁ ବର୍ଣ୍ଣ ପରିଚୟ ପାଠ ନ ହେଉ ପଛକେ ବ୍ୟବସାୟ ସମ୍ବନ୍ଧୀୟ ହିସାବ କିତାପ ଦେଖାଇ, ଶିଖାଇବାକୁ ହେବ—ସେ ଯେପରି ଭଲ କରି ବୁଝିବ ଯେ ଠକିବାକୁ ଗଲେ ନିଜର କ୍ଷତି କରିବ ଆଉ ଧରା ପଡ଼ିବ ।

୪ । ସେମାନେ ପ୍ରତି ଦିନ କେତେ ଘଣ୍ଟା କାମ କରୁଛନ୍ତି ତହିଁର ହିସାବ ଦେବାକୁ ହେବ ଏବଂ ତନ୍ତବୁଣାରେ ଲାଭ ଅଧିକ ବୋଲି ବୁଝାଇ ପ୍ରମାଣ କରି ଦେବାକୁ ହେବ ।

୫ । ତନ୍ତିମାନେ ପ୍ରତ୍ୟେକେ ହାଟ ପାଇଁ ଲୁଗା ବୁଣନ୍ତି ଏବଂ ହାଟ ପାଳିକେ ୨ । ୩ ଖଣ୍ଡି ଗାମୁଛା ଓ ଶାଢ଼ୀ ନେଇ, ଦିନେ ବନ୍ଦ ହୋଇ ହାଟରେ ଦରିଦ୍ର-ପସରା ଧରି ବସନ୍ତି । ମାଡୁଆଡ଼ିମାନଙ୍କର କଳ ଲୁଗା ବଜାରର ସ୍ଫୂର୍ତ୍ତି ସହିତ ଓଡ଼ିଆ ତନ୍ତିର ମୋଟ ଖଦି, କ୍ଷୀଣ ଭାଷା ଓ ଶ୍ଳଥ ଚର୍ମର ଦୁର୍ଦ୍ଦଶାମୟ ତୁଳନା ବର୍ଣ୍ଣନାତୀତ । ଏହି ହାଟ ଯିବା ଅଭ୍ୟାସ ଭାଙ୍ଗି ଦେଇ ସହଯୋଗ ଦ୍ୱାରା ଗାଁରୁ ଗୋଟିଏ ଦୋକାନ ପ୍ରତି ହାଟକୁ ପଠାଇବାର ବ୍ୟବସ୍ଥା କରିବା ।

୬ । ତନ୍ତିମାନଙ୍କୁ ଲୁଗା ବୁଣା ବେଳେ ଦେଖି ବରାବର ସେମାନଙ୍କ ବୟନ କଳାକୁ ଉନ୍ନତତର କରିବାକୁ ହେବ ତଥା ସେମାନଙ୍କଠାରେ ଉନ୍ନତ ରୁଚି ଆଣିବାକୁ ହେବ ।

୭ । ଅନ୍ୟ ସ୍ଥାନରେ ବୁଣା ହେଉଥିବା ଉତ୍କୃଷ୍ଟ ବସ୍ତ୍ରର ନମୁନା ଦେଖାଇ ଭଲ ତନ୍ତିମାନଙ୍କୁ ଉତ୍ସାହ ଦେଇ କଳାର ଉନ୍ନତି ସାଧନ ।

୮ । କର୍ମୀ ଖଣ୍ଡେ ଅଦେଖ ତନ୍ତ ନିଜେ ଚଳାଇବେ । ତହିଁରେ ଘଣ୍ଟାରେ କେତେ ବୁଣା ହେଉଛି ଦେଖାଇ ସ୍ଥାନୀୟ ତନ୍ତୀମାନଙ୍କ ମଧ୍ୟରେ ପ୍ରତିଯୋଗିତା ବଢ଼ାଇବାକୁ ହେବ ।

୯ । ଆଧୁନିକ ବୟନ କଳାର ସାଜ-ସରଞ୍ଜାମ ରଖି ତହିଁରେ ତନ୍ତିମାନଙ୍କୁ ଅଭ୍ୟସ୍ତ କରାଇବା ।

୧୦ । ତନ୍ତିମାନଙ୍କ ମଧ୍ୟରୁ ଉତ୍କୃଷ୍ଟ ବୁଣାକାରମାନଙ୍କୁ ପାରି-ତୋଷିକ ଦେଇ ଉତ୍ସାହିତ କରିବା ।

୧୧ । କେନ୍ଦ୍ରରେ ଗୋଟିଏ ରଙ୍ଗ ଓ ଛପା ବିଭାଗ ରଖିବା ।

ଭାରତର ଅନ୍ୟାନ୍ୟ ଅଞ୍ଚଳରେ ତନ୍ତିମାନେ ମାସକୁ ଟ ୧୫୯ ଠାରୁ ଟ ୩୫୯ ଙ୍କା ପର୍ଯ୍ୟନ୍ତ ତନ୍ତବୁଣାରେ ଆୟ କରନ୍ତି । ଓଡ଼ିଶାର ଗାଁମାନଙ୍କରେ ତନ୍ତିମାନଙ୍କର ଦୈନିକ ଆୟ ଜଣପିଛା ଟ୦୭, ଟ୦୭୬ କି ଟ୦୮; କିନ୍ତୁ ତନ୍ତିମାନଙ୍କୁ ସଂଗଠିତ ଅନୁଷ୍ଠାନ ଅଧୀନରେ କାମ କରାଇ ଉପଯୁକ୍ତ ସାଜ-ସରଞ୍ଜାମ ଦେଲେ ସେମାନେ କ୍ରମଶଃ ଅଧିକ ଆୟ ପାଇଁ ସମର୍ଥ ହେବେ । ଉଦାହରଣ ସ୍ୱରୂପ ମୟୂରଭଞ୍ଜର ଚନ୍ଦନପୁର ତନ୍ତିମାନେ ତିନି ବର୍ଷର ସଂଗଠନ ଫଳରେ ଏବେ ଦିନକୁ ଟ୦୧ ପର୍ଯ୍ୟନ୍ତ ବୁଣା ମଜୁରି ପାଇଲେଣି ।

ଅଳ୍ପ ଦୂରରେ ତନ୍ତି ବସତିମାନ ଥିବା ଅଞ୍ଚଳ ଏ ପ୍ରକାର ଗଠନ-ମୂଳକ କାମ ପାଇଁ ଉତ୍କୃଷ୍ଟ ସ୍ଥାନ । ଯଦି ଶଏ ଖଣ୍ଡ ତନ୍ତକୁ କାମ ଦିଆଯାଏ, ତେବେ ପ୍ରଥମେ ଦିନକୁ ପା ୫୦ ଗଣ୍ଡା ବା ମାସକୁ ୧୪୦ ବଣ୍ଡିଲ ସୂତା ଦରକାର । ୪୦ଶା ସୂତା ହେଲେ ଏହାର ମୂଲ୍ୟ ଟ ୯୧୦୯ ଓ ବୁଣା ମଜୁରି ଟ ୪୫୦୯ ଦରକାର । ଠକ୍‌ଠକା ତନ୍ତ ହେଲେ ମାସରେ ଏହାର ଦେଢ଼ ଗୁଣ ସୂତା ଓ ଦେଢ଼ ଗୁଣ ମଜୁରି ଦରକାର । କ୍ରମେ ତନ୍ତୀ ସମୟର ମୂଲ୍ୟ ବୁଝି ଆଠ ଘଣ୍ଟା ତନ୍ତରେ ଖଟିବାକୁ ଅଭ୍ୟସ୍ତ ହେଲେ ଏହା ଦୁଇ ଅଢ଼େଇ ଗୁଣକୁ ଆସିଯିବ । କିନ୍ତୁ ତନ୍ତୀକୁ ବୁଝାଇ ଶୁଝାଇ ଏ ଅବସ୍ଥାରେ ପହଞ୍ଚାଇବାକୁ ଅନେକ ଡେରି ହେବ ।

ଦୁଃଖର କଥା ଯେ ତନ୍ତିମାନେ ଆଜି ଗୃହୀ ହୋଇ ଯାଉଛନ୍ତି । ଗୃହକାମ ନ ଥିଲା ବେଳେ କେବଳ ତନ୍ତରୁ ଦୁଇ ପଇସା ପାଇବେ ବୋଲି ଏଣୁତେଣୁ ମୋଟାମୋଟି ଲୁଗାଖଣ୍ଡେ ବୁଣୁଛନ୍ତି । ଏପରି କେତେକ ତନ୍ତିକୁ ବିଲ କାମ କରି ଦୁଇ ଅଣା ମୂଲ ଆଣିବା ଅଧିକ ଭଲ ବୋଲି କହିବାର ଶୁଣାଯାଉଛି । ଏ ଅବସ୍ଥାରୁ ସେମାନଙ୍କୁ ଉଠାଇବା ବଡ଼ କଷ୍ଟକର ହେଲେ ସୁଦ୍ଧା ଆଶା କରାଯାଏ ଯେ ତନ୍ତଲୁଗା ଭଲ ଭାବରେ ଉଠିବସିବ ।

କାରିଗରି କାମ ଯେତିକି ସୁନ୍ଦର, ସେତିକି କଷ୍ଟକର । ପରିଶ୍ରମକାତର ହୋଇ ଆମ ଦେଶର କାରିଗରମାନେ ଅଳସୁଆ ହୋଇଯାନ୍ତି । କଳ କାରଖାନାର ଆବିର୍ଭାବ କାରିଗରକୁ ଆନନ୍ଦ ଓ ଉତ୍ସାହ ଦେଇଛି, କାରଣ କଳ ତାହାକୁ ବହୁତ ପରିଶ୍ରମରୁ ରକ୍ଷା କରିଛି । ସୁତରାଂ କି ଉପାୟ ଦ୍ୱାରା ତନ୍ତୀ ତାର କାରିଗରି ମଧ୍ୟରେ ସବୁବେଳେ ସମୟ ବଞ୍ଚାଇ ପାରିବ ଏବଂ ଅଳ୍ପ ପରିଶ୍ରମ କରି ଅଧିକ ଲାଭବାନ ହୋଇପାରିବ, ଏହି ବାଟ ଦେଖାଇବାକୁ ଗବେଷଣା ଆବଶ୍ୟକ ।

ବୟନ କଳା ସହିତ ରଞ୍ଜନ କଳାର ଘନିଷ୍ଠ ସମ୍ବନ୍ଧ । ପୂର୍ବେ ତନ୍ତୀ, ପାଟରା ଓ ରଙ୍ଗଣୀ ଜାତି ଦେଶକୁ ପରିଧେୟ ଯୋଗାଉଥିଲେ । ଆଜି ରଙ୍ଗଣୀ ଜାତିର ବିଦ୍ୟା ଲୁପ୍ତ ହେଲାଣି । କ୍ୱଚିତ ରଙ୍ଗଣୀ-ମାନଙ୍କର ରଙ୍ଗକୁଣ୍ଡ ଦେଖିବାକୁ ମିଳେ । ଗଡ଼ଜାତରେ କୌଣସି କୌଣସି ଗାଁରେ ତନ୍ତିମାନେ ମଧ୍ୟ ରଙ୍ଗକୁଣ୍ଡ ରଖିଛନ୍ତି ।



Digitized by srujanika@gmail.com

ବନଜାତ ଚେରମୂଳ, ଫଳ ଓ ତେଲରେ ଏହି କୁଣ୍ଡ ତିଆର ହୋଇଥାଏ। ଏ ରଙ୍ଗ ଆଜିକାଲି କଳା ପରି ପକ୍କା ହୁଏ। ନାଳ, ନେଳ ଓ ହଳଦିଆ—ଏ ତିନି ମୂଳ-ରଙ୍ଗର କୁଣ୍ଡ କେଉଁଠି ଆଉ ଦେଖାଯାଏ ନାହିଁ। ରଙ୍ଗଣୀମାନେ ରଙ୍ଗ କାମ ଛାଡ଼ି ଆଜିକାଲି ଲୁଗା ବୁଣୁଛନ୍ତି ଓ ଅନ୍ୟାନ୍ୟ ବ୍ୟବସାୟ କରୁଛନ୍ତି।

ବୟନବିଦ୍ୟା ତଥା ତନ୍ତଲୁଗାର ଉନ୍ନତି ପାଇଁ ଦେଶବାସୀ ସମସ୍ତଙ୍କର ସହଯୋଗ ଏକାନ୍ତ ପ୍ରୟୋଜନ। ଯେଉଁମାନେ ଖାଲି ସମାଲୋଚନା କରି କଳ ଲୁଗାକୁ ପସନ୍ଦ କରନ୍ତି, ସେମାନେ ତନ୍ତ ଲୁଗାର ଉପାଦେୟତା ବୁଝି ତାହାକୁ ଶସ୍ତା ଦରରେ ଓ ପରିପାଟିରେ ପାଇବାକୁ ଚେଷ୍ଟା କରନ୍ତୁ। ସୂତାର ମୂଲ୍ୟ କାହିଁକି ଅଧିକ ପଡ଼ୁଛି, ଯାତାୟାତ ଖରଚ କେତେ ଲାଗୁଛି, ସରକାର କେତେ ଟାକ୍ସ ଦେଉଛନ୍ତି, ମିଲ୍ କେତେ ଲାଭ ନେଉଛି, ବେପାରୀ କେତେ ଲାଭ ନେଉଛନ୍ତି, ସେଗୁଡ଼ିକ ଆଲୋଚନା କରି କପଡ଼ା କିଣା କଲେ ହାତବୁଣା ଲୁଗା ଶସ୍ତାରେ ମିଳିବ ସେଥିପାଇଁ ପରାମର୍ଶ ଦିଅନ୍ତୁ। ହାତବୁଣା ଲୁଗା ଦୁଇ ପଇସା ଅଧିକ ପଡ଼ିଲେ ମଧ୍ୟ ଏହା ଦୁଇମାସ ଅଧିକ ପିନ୍ଧି ହେବ, ଏଥିରେ ଦୁଇ କେସ୍ ସୂତା ଅଧିକ ଲାଗିଥିବ। ଏଥିରେ ପରିଶ୍ରମ କରି ଯେଉଁ ତନ୍ତୀ, ମୂଲିଆ, ବେପାରୀ, ଗାଡ଼ିବାଲା ଏହାକୁ ବ୍ୟବସାୟ ସୂତ୍ରରେ ଚଳାଉଛନ୍ତି, ସେହି ଲୋକମାନଙ୍କର ପରିଶ୍ରମ ଲବ୍ଧ ଧନ ଏହି ଦେଶରେ ଦଶ ହାତରେ ଖେଳୁଅଛି। ସୁତରାଂ ଏହି ବିଷୟରେ ଉଦ୍‌ବୁଦ୍ଧ ହୋଇ ହାତବୁଣା ଲୁଗା କିଣିବା ସଙ୍ଗେ ସଙ୍ଗେ ସେ ବିଷୟରେ ଅନୁଧ୍ୟାନ କରିବା ଅଧିକତର ପ୍ରୟୋଜନ। ଏପରି କଲେ ଅଳ୍ପ ଦିନ ମଧ୍ୟରେ ଯେ ଏହି ଭୁବନବିଶ୍ରୁତ କଳାର ନଷ୍ଟ ଗୌରବ ପୁନଃ ଫେରି ଆସିବ, ସେଥିରେ କିଛିମାତ୍ର ସନ୍ଦେହ ନାହିଁ।

# ଚୈନିକ ଚିତ୍ର କଳା

**ଶ୍ରୀ ଶମ୍ଭୁଧର ବର୍ମା**

ସାତ ସମୁଦ୍ର ତେର ନଦୀ ସେ ପାଖ ବିଳାତରେ ଶିଳ୍ପ ଓ ସାହିତ୍ୟ ତଥା ସଭ୍ୟତା ବିଷୟ ଆମ୍ଭେମାନେ ସହସ୍ରମୁଖ ହୋଇ ଆଲୋଚନା କରୁଁ; ଅଥଚ ଆମର ପଡ଼ୋଶୀ, ଆମର ସୁପ୍ରାଚୀନ ବନ୍ଧୁ ଫାହିୟାନ, ହୁଏନସାଂଙ୍କ ଦେଶ ଚୀନର କୌଣସି ସମ୍ବାଦ ରଖୁଁ ନା। ଏହି ଲେଖାଟି ଚୀନର ସୁବିଶାଳ ଚିତ୍ର ସମ୍ପଦ ସମ୍ବନ୍ଧରେ ଯତ୍‌କିଞ୍ଚିତ୍ କଥାଭାସ ମାତ୍ର।

ଚିତ୍ର କହିଲେ ଯାହା ବୁଝାଏ ଅର୍ଥାତ୍ ପାଶ୍ଚାତ୍ୟ ଯାହା ବୁଝେ, ଚୈନିକ ଚିତ୍ର କଳା ତାହା ନୁହେଁ; ବରଂ ଚୈନିକ ଚିତ୍ର କଳାର ମୂଳ ନୀତି ସହିତ ଆମ୍ଭମାନଙ୍କର ଭାରତୀୟ ଚିତ୍ର କଳାର ସାମଞ୍ଜସ୍ୟ ଅଧିକ। ସର୍ବ ପ୍ରଥମେ ଜାପାନରେ ଏହି ଚୈନିକ ଚିତ୍ର କଳାର ଆବିଷ୍କାର ହେଲା। ତାହା ପୂର୍ବରୁ ଚୀନାମାନଙ୍କର ମନୋହର ବେଣୀ ଓ ଚୀନା ମାଟିର ବାସନ ନିର୍ମ୍ମାଣ କୌଶଳ ୟୁରୋପ ଦୃଷ୍ଟିରେ ଏକ ମାତ୍ର ବୈଶିଷ୍ଟ୍ୟ ଥିଲା। ଜାପାନରୁ ପ୍ରଥମେ ଜଣାଗଲା ଯେ ଚୈନିକମାନେ କେବଳ ଚୀନା ମାଟିର ବାସନ କିମ୍ବା ମସ୍ତକର ବେଣୀ ରଚନା ଜାଣନ୍ତି ନାହିଁ, ଆଲେଖ୍ୟ ମଧ୍ୟ ଅଙ୍କନ କରନ୍ତି। ଜାପାନର ଚିତ୍ର ଗୁଡ଼ିକ କେବଳ ଚୈନିକ ଚିତ୍ରର ହିଁ ଅନୁକରଣ। ଜାପାନର ବିଖ୍ୟାତ ଆଲେଖ୍ୟ ଗୁଡ଼ିକ ଚୀନା-ଚିତ୍ର କଳାର ଅନୁଲିପି ମାତ୍ର। ସେହିଠାରୁ ପାଶ୍ଚାତ୍ୟର ଆବେଶ-ଦୃଷ୍ଟି କ୍ରମଶଃ ଚୈନିକ ଚିତ୍ର କଳା ଉପରେ ପଡ଼ିଲା। ଗତ ବର୍ଲିଂଟନ ହାଉସ୍‌ର ଚିତ୍ର ପ୍ରଦର୍ଶନୀରେ ୬୦୦ ଶତ ବର୍ଷର ଚୈନିକ ଚିତ୍ର କଳାର ନିଦର୍ଶନ ପ୍ରଦର୍ଶିତ ହୋଇଥିଲା। ଏଥିରୁ ସହଜରେ ଅନୁମିତ ହୁଏ ଯେ ସେମାନେ କେତେ ପୂର୍ବ କାଳର ସୁସଭ୍ୟ ଜାତି। ସେଠାରେ ତାହାର ସୁପ୍ରାଚୀନ ଚିତ୍ର, ଭାସ୍କର୍ଯ୍ୟ, ତାମ୍ରାଦି ମୁଦ୍ରାଙ୍କନାଦି ଚୀନା ମାଟିର ବାସନ ଦେଖି ପାଶ୍ଚାତ୍ୟ ଚିତ୍ର-ସମାଲୋଚକମାନେ କହନ୍ତି—ଯେବେ ଚୀନ ଦେଶର ସମସ୍ତ ଶିଳ୍ପ-ସମ୍ପଦ ସଂରକ୍ଷିତ ହୁଅନ୍ତା, ତେବେ ଅନାୟାସରେ ବକ୍ତ-କର୍ଣ୍ଣୋଷରେ କହି ହୁଅନ୍ତା ଯେ ଚୈନିକ ଶିଳ୍ପ ଜଗତର ସର୍ବ ଶ୍ରେଷ୍ଠ ଶିଳ୍ପ; ପୁନଶ୍ଚ ଯାହା ରାଷ୍ଟ୍ର-ବିପ୍ଳବ, ଜଳ ପ୍ଲାବନ ଓ କାଳର ପ୍ରଳୟଙ୍କରୀ କବଳ ହସ୍ତରୁ ରକ୍ଷା ପାଇ ଜୀବିତ ରହି ପାରିଅଛି, ତାହା ମଧ୍ୟ ଏକ ଅତି ଅପୂର୍ବ ଶିଳ୍ପ।

କିନ୍ତୁ ଏହି ଚୈନିକ ଚିତ୍ର କଳାକୁ ଗଣଶିଳ୍ପ ଅର୍ଥାତ୍ ଜନ ସାଧାରଣଙ୍କ ବୋଧଗମ୍ୟ ବା ମନୋରଞ୍ଜନକାରୀ ଶିଳ୍ପ ଶ୍ରେଣୀର ଅନ୍ତର୍ଗତ ବୋଲି କହାଯାଇ ନ ପାରେ। ଏହା ମଧ୍ୟରେ ବର୍ଣ୍ଣ ବୈଚିତ୍ର୍ୟ ନାହିଁ। ନର ନାରୀମାନଙ୍କ ଅଙ୍ଗ ସୌଷ୍ଠବର ପୂର୍ଣ୍ଣ-ବିକାଶ ନାହିଁ। ଆନାଟମି ଏବଂ ପରସ୍ପେକ୍‌ଟିଭର ଅଭିନ ଅମାନ୍ୟ କରି ସେମାନଙ୍କର କାର୍ଯ୍ୟ-ଧାରା। ସେମାନେ ଭାବନ୍ତି, ଚିତ୍ର ଗୋଟିଏ ଇଙ୍ଗିତ ମାତ୍ର; ଛବିରେ ଯାହା ପ୍ରକାଶ ପାଉଛି,



Digitized by srujanika@gmail.com

ତାହା ଅପେକ୍ଷା ଅପ୍ରକାଶିତ ରହିଅଛି ଅତି ଅଧିକ । ଏହି ସୂଚନା-ସୋପାନରେ ପାଦ ରଖି କ୍ରମଶଃ ହୃଦୟଙ୍ଗମ କରିବାକୁ ହେବ ଏହି ଶିଳ୍ପର ମୂଳ ତତ୍ତ୍ୱ; ତାହା ପରେ ଧୀରେ ଧୀରେ ଚିତ୍ରର ପ୍ରଶାନ୍ତ ଭାବ ଓ ଆନନ୍ଦଦାୟିନୀ ଶକ୍ତି ହୃଦୟକୁ ଜାଗ୍ରତ କରିଦେବ । ଚିତ୍ର ଚକ୍ଷୁର ଖାଦ୍ୟ ନୁହେ, ମନର ଖାଦ୍ୟ—ସୁତରାଂ ଏଥିରୁ ଅନାୟାସରେ ଅନୁମିତ ହେବ, କାହିଁକି ଚୈନିକ ଚିତ୍ର କଳା ଜନ ସାଧାରଣର ଶିଳ୍ପ ନୁହେ । ଏହା ଅବଶ୍ୟ ସ୍ୱୀକାର୍ଯ୍ୟ ଯେ ପ୍ରତ୍ୟେକ ଦେଶର ମନ ଓ ଅନ୍ତର୍ନିହିତ ଉଚ୍ଚ ଭାବ ସେହି ଜାତିର ଶିଳ୍ପ ମଧ୍ୟରେ ଆତ୍ମ-ପ୍ରକାଶ କରିଥାଏ । ସେହି ଦିଗରୁ ଚୈନିକ ଶିଳ୍ପର ଭିତ୍ତି ଅନୁସନ୍ଧାନ କଲେ ଲାଓସେ ଓ ଧର୍ମ, ଏହି ଦୁଇ ଗୋଟି ନାମ ପାଇବାକୁ ହୁଏ ।

ଯୀଶୁଖ୍ରୀଷ୍ଟଙ୍କର ଜନ୍ମ ପୂର୍ବରୁ ରାଷ୍ଟ୍ର ବିପ୍ଳବ ଓ ଯୁଦ୍ଧ-କ୍ଳାନ୍ତ ଚୀନ ତ୍ୟାଗଧର୍ମ ଏବଂ ଲାଓସେ ଓ ବୁଦ୍ଧଦେବଙ୍କ ଉପଦେଶ ଗ୍ରହଣ କରିଥିଲା । ମନୁଷ୍ୟଠାରୁ ମନୁଷ୍ୟର ଶ୍ରଦ୍ଧା ଓ ବିଶ୍ୱାସ ସେତେବେଳକୁ ହ୍ରାସ ପାଇବା ଉପରେ । ଲାଓସେ ପ୍ରଥମେ ବାହାରର ଉନ୍ମୁକ୍ତ ବିରାଟ ପ୍ରକୃତି, ନୀଳ ଆକାଶ, ଘନ ନୀଳ ସମୁଦ୍ର ଓ ବିଚିତ୍ର ଗିରି-କାନନ ଆଡ଼କୁ ଦୃଷ୍ଟି ଆକର୍ଷଣ କଲେ । ଉଦାତ୍ତ ସ୍ୱରରେ ଧରଣୀ ଆକାଶ ମୁଖରିତ କରି କହିଲେ—“ ଗିରି ଓ ନିର୍ଝରିଣୀ, ମେଘ ଓ କୁହେଳିକାର ଶାନ୍ତ ଆବେଷ୍ଟନ ମଧ୍ୟରେ ପ୍ରବେଶ କର—ବିଶ୍ୱାତ୍ମା ନିଜକୁ କିପରି ସ୍ୱଚ୍ଛ ସୁନିର୍ମଳ ଭାବରେ ବିକଶିତ କରିଛନ୍ତି ଆଖି ମେଲି ଦେଖ । ”

ଭାରତ-ପ୍ରେରିତ ପ୍ରଚାରକ ‘ପ୍ରବାଦ’ ମଧ୍ୟ ସେହି କଥା କହିଲେ, —ରୀତି, ନୀତି ସବୁ ଫିଙ୍ଗି ଦିଅ । ମୂର୍ତ୍ତି ଏବଂ ଉପାସନାକୁ ବିସର୍ଜନ ଦେଇ ନିଜ ହୃଦୟ ନିକଟରେ ଉପବେଶନ କର ; ବିଶ୍ୱାସ ଘେନି ଡାକ. ବୁଦ୍ଧ ହୃଦୟ ମନ୍ଦିରରେ ଆସି ଆବଦ୍ଧ ହେବେ । ଯେମନ୍ତ ବୁଦ୍ଧ-ବାଣୀ-ବନ୍ୟାରେ ଭାରତରେ ଶିଳ୍ପ-ପ୍ଳାବନ ବହି ଯାଇଥିଲା, ସେହିପରି ଘଟିଲା ଚୀନରେ—ଜାତି ଜାଗ୍ରତ ହେଲା, ଯୁଦ୍ଧ ବିଗ୍ରହର ନାଗପାଶ ଛିନ୍ନ କରି ନିଜର ଅନ୍ତର ଦ୍ୱାରରେ ଚିର ସୁନ୍ଦରର ସ୍ୱପ୍ନ ଦେଖିଲା, ନୂତନ ଶିଳ୍ପର ନବ ଉତ୍ସବରେ ଗଗନ ପବନ ଆମୋଦିତ ହୋଇଗଲା ।

ଏହାର ମଧୁର ଉଦାହରଣ ଶିଳ୍ପୀ ସୁ-ଫେଂଙ୍କ ଜୀବନରେ ପ୍ରତିଫଳିତ ହେବାର ଦେଖାଯାଏ । ସେ ଏକାଧାରରେ ଚିତ୍ରକର ଓ ତତ୍ତ୍ୱବାଦୀ ତପସ୍ୱୀ ଥିଲେ । ସେ ଲେଖିଛନ୍ତି— “ଲୁ ଓ ହେଂ ପର୍ବତ ନିକଟରେ ମୁଁ ମୋର ହୃଦୟଟିକୁ ହଜାଇ ଦେଇଛି । ଅନେକ ଦିନରୁ ମୁଁ ଚୀନ୍ ଓ ଇଉକୁ ( ଦୁଇଟି ପାହାଡ଼ ) ଦେଖିନି; ତାହା କଥା ନିତ୍ୟ ନିରନ୍ତର ଭାବିଛି, ଆଉ ମଧ୍ୟ ଜରା ଆକ୍ରମଣ କରିବା କଥା ସେଥି ସଙ୍ଗେ ବିସ୍ମୃତ ହୋଇଯାଇଛି । ପାଷାଣ ଦ୍ୱାରରେ ଜଳପ୍ରପାତ ନିକଟକୁ ଆଉ ଯାଇ ପାରୁ ନାହିଁ, ସେଗୁଡ଼ିକୁ ମୁଁ ଆଉ ଉପଭୋଗ କରି ପାରୁନାହିଁ; ତେଣୁ ସେମାନଙ୍କର କଳ୍ପନାକୁ ରୂପ ଦାନ କରେଁ । ”

କନ୍‌ଫ୍ୟୁସିଅସ୍ ମଧ୍ୟ ସେହି କଥା ପ୍ରକାଶ କରିଛନ୍ତି—ହ୍ରଦ ଓ ନଦୀ ସନ୍ଦର୍ଶନରେ ବିଜ୍ଞ ଲୋକମାନଙ୍କର ଏବଂ ପର୍ବତର ଦୃଶ୍ୟରେ ଧାର୍ମିକମାନଙ୍କର ଆନନ୍ଦ ବର୍ଦ୍ଧିତ ହୁଏ । ବିଜ୍ଞମାନେ କର୍ମୀ, ଆଉ ଧାର୍ମିକମାନେ ଧ୍ୟାନୀ । ଭାରତର ଶିଳ୍ପଧାରା ସହିତ ଚୈନିକ ଶିଳ୍ପର ସାମ୍ୟ ଏହିଠାରେ—ଉଭୟେ ଜନ୍ମ ଲାଭ କଲେ ଧର୍ମ ମଧ୍ୟରୁ, ଦୁହେଁ ଗୃହୀ ଥିଲେ ମନୁଷ୍ୟର ଶିଳ୍ପକୁ ମନୁଷ୍ୟର ସାଧନାର ସହାୟକ ଓ ପରିଚୟ ରୂପେ ପ୍ରକାଶ କରିବା ନିମିତ୍ତ । ତାହା ପରେ ଦୁଇ ଦେଶର ଦୁଇଟି ଧାରା ଭିନ୍ନ ପରିବେଶ ଓ ଶିଳ୍ପ ପ୍ରତିଭାର ମଧ୍ୟରେ ଗତିଶୀଳ ହେଲା ।


ଚୀନା ଶିଳ୍ପର ଏହି ମୂଳ ସୂତ୍ର ବିକଶିତ ହେଲା ସମସ୍ତ ସୃଷ୍ଟି ସମ୍ପଦ ମଧ୍ୟରୁ । ଶିଳ୍ପୀ ନିଜ ମଧ୍ୟରୁ ବାହାରି ନିଜକୁ ଅନନ୍ତ ବିଶ୍ୱ ପ୍ରକୃତି ମଧ୍ୟରେ ଭସେଇ ଦେଲେ । ପ୍ରକୃତି ମଧ୍ୟରେ କେତେ ବିଭିନ୍ନ ରୂପରେ ପ୍ରାଣ ପ୍ରସ୍ଫୁଟିତ ହୋଇଛି, ଏହା ହିଁ ସେମାନଙ୍କର ବିଷୟବସ୍ତୁର ସାମଗ୍ରୀ ରୂପେ ପରିଗଣିତ ହେଲା । ଗୋଟିଏ ଫୁଲ, ତାହାର ମୂଲ୍ୟ କୌଣସି ଗୋଟିଏ ମନୁଷ୍ୟର ମୂଲ୍ୟଠାରୁ କୌଣସି ଅଂଶରେ ହୀନ ନୁହେ । ଗୋଟିଏ ତନ୍ୱୀ ଯୁବତୀର କମନୀୟ କାନ୍ତି ଓ ଲାବଣ୍ୟ ଚିତ୍ର ମଧ୍ୟରେ ଯେଉଁ ଆନନ୍ଦ ଓ ମାଧୁର୍ଯ୍ୟ ସଂଗୃହୀତ ହୋଇପାରେ, ଶିଶିର-ସିକ୍ତ ଗୋଟିଏ କୁସୁମର ଲାବଣ୍ୟ ମଧ୍ୟରେ ବି ସେହି ମାଧୁର୍ଯ୍ୟ ଓ ସେହି ଆନନ୍ଦ ନିହିତ ଅଛି, ଯାହା ମାନବ ପ୍ରକୃତିକୁ ସମ୍ପୂର୍ଣ୍ଣ ଭାବରେ ଅଧିକାର କରିପାରି ନାହିଁ—ବିରାଟ ପ୍ରକୃତି ମଧ୍ୟରେ ତାହାର ମଧ୍ୟ ସ୍ଥାନ ଓ ମୂଲ୍ୟ ରହିଅଛି ।

ଏହିଠାରେ ବିଖ୍ୟାତ ପ୍ରାଚୀନ ଶିଳ୍ପୀ ସିୟୋ-କୁୟୋଙ୍କ ‘ହଜାର କୋଶୀ ନଈ’, ସମ୍ରାଟ୍ ହୁଇ-ସୁଙ୍ଗ୍‌ଙ୍କ ( ୧୦୮୨—୧୧୩୫ ଖ୍ରୀ: ଅ: ) ‘ ହଂସ ଓ ଲତିକା ’, ସପ୍ତଦଶ ଶତାବ୍ଦୀର ଜନୈକ ଶିଳ୍ପୀଙ୍କର ଅନବଦ୍ୟ ସୂଚି ଚିତ୍ର ‘ଅପ୍‌ସରା’, ପକ୍ଷୀ-ଶିଳ୍ପ-ବିଶାରଦ ଲି-ଚିଙ୍କର ‘ ବୃକ୍ଷର ଉପରେ ପକ୍ଷୀ ’ ଓ ରେଶମ କନା ଉପରେ ଅଙ୍କିତ ଶିଳ୍ପୀ ଚିଏନ-ହୁଇଙ୍କ ‘ ଶୀତ ଓ ଗ୍ରୀଷ୍ମ ’ ଛବିଗୁଡ଼ିକ ସ୍ମୃତି ପଥରେ ଭାସି ଉଠେ । ତନ୍ମଧ୍ୟରୁ ‘ ହଜାର କୋଶୀ ନଈ ’ ଟିର ବର୍ଣ୍ଣନା ଏହିପରି:—

ପ୍ରବାହିତ ନଦୀ—ଦୁଇ ପାଖରେ ହରିତ ଶସ୍ୟ କ୍ଷେତ୍ର, ପକ୍ଷୀ ଉଡ଼ି ଚାଲିଛନ୍ତି, କେଉଁଠାରେ ଗୋଟିଏ ଲତା-ପୁଷ୍ପ ହସି ଉଠିଛି, ତାହା ପରେ ନଦୀର ସ୍ରୋତ କ୍ରମେ ବଢ଼ିବାକୁ ଲାଗିଲା । ଏଥର ପର୍ବତର ଦେହ ଘଷି, ଉପଲ ଖଣ୍ଡଗୁଡ଼ିକୁ ପ୍ରତିହତ କରି ସେ ଯେପରି ଉନ୍ମତ୍ତ, ସ୍ରୋତ ଉପରେ ତା’ର ଅସଂଖ୍ୟ ଫେନିଳ ତରଙ୍ଗ; ଗୋଟିଏ ନୌକା ଦେଖା ଯାଉଛି—ନଦୀର ତରଙ୍ଗାଘାତରେ ତାହା ବୁଡ଼ିଯିବା ପ୍ରାୟ, ନଦୀର ବିସ୍ତୃତି ଯେପରି ଅଧିକ ବୃଦ୍ଧି ପାଉଛି,



Digitized by srujanika@gmail.com



ଦୀପ-ଦାନ

ଶିଳ୍ପୀ—ଶ୍ରୀ ବମ୍ବାଧର ବର୍ମା

ମୟୂରଭଞ୍ଜ ଷ୍ଟେଟ୍ ପ୍ରେସ୍

Digitized by srujanika@gmail.com

ଦୁଇ ପାଖର କୂଳ ଆଉ ଦେଖା ଯାଉନି । ଦୂର ଦିଗ୍‌ବଳୟରେ ନଦୀ ଉପରେ ଆକାଶ ଯେପରି ନଇଁ ପଡ଼ିଛି ।

ଗୋଟିଏ ସଙ୍ଗୀତ ଭଳି, କେତେବେଳେ ଏ ଚିତ୍ର ମାନବ ମନକୁ ନଦୀର ଶାନ୍ତ ବୀଚିଭଙ୍ଗଦ୍ୱାରା ପ୍ରଶାନ୍ତ କରିଦିଏ, କେତେବେଳେ ବା ବିସ୍ତାରହୀନ ନଦୀବକ୍ଷର ତରଙ୍ଗ-ନର୍ତ୍ତନରେ ବ୍ୟାକୁଳ କରିପକାଏ । କେଉଁଠାରେ କତିପୟ ରେଖା-ସ୍ପର୍ଶରେ ପାହାଡ଼ର ରୁକ୍ଷ ମୂର୍ତ୍ତି ସ୍ପଷ୍ଟ ହୋଇଉଠିଛି, ପୁନଶ୍ଚ କେଉଁଠି ମୃଦୁ ରେଖାର ଲଘୁ ସ୍ପର୍ଶରେ ନଦୀବକ୍ଷ କୁହେଳି-ଗୁଣ୍ଠିତ ହୋଇ ଅସ୍ପଷ୍ଟ ଦେଖା ଯାଉଅଛି । କେହି ପଚାରି ପାରନ୍ତି, ଖଣ୍ଡିଏ ଛବି ମଧ୍ୟରେ ଏତେ ଗୁଡ଼ିଏ କଥା କହିହେଲା କିପରି । କିନ୍ତୁ ଯେଉଁ ଗତାନୁଗତିକ ଚିତ୍ରର ରୂପ-କଳ୍ପନା ମୁଣ୍ଡ ମଧ୍ୟରେ ଆମ୍ଭମାନଙ୍କର ବସା ବାନ୍ଧି ରହିଛି—ଏ ଖଣ୍ଡିକ ଠିକ୍ ସେପରି ନୁହେଁ, ରସିକମାନଙ୍କର ଅବସରବିନୋଦନ, ଆନନ୍ଦବର୍ଦ୍ଧନ ଓ ଚିନ୍ତାର ସଂପ୍ରସାରଣ ସକାଶେ ଏ ଖଣ୍ଡିକ ପ୍ରାୟ ଉଦ୍ଦିଷ୍ଟ, ଭିତ୍ତିଗାତ୍ରର ସୌନ୍ଦର୍ଯ୍ୟ-ବର୍ଦ୍ଧନ ପାଇଁ ନୁହେଁ ।

ପ୍ରାଚୀନ ଚୈନିକ ଚିତ୍ରପଦ୍ଧତି ଏହିପରି ଭାବ-ସ୍ରୋତ ଘେନି ଜନ୍ମଲାଭ କରିଛି । ବର୍ତ୍ତମାନ ଦେଖିବାକୁ ହେବ, ତାହାର ବିକାଶ ସାଧିତ ହେଲା କିପରି ଓ ତାହା ବୈଶିଷ୍ଟ୍ୟ ଲାଭ କଲା କେଉଁଠି ।

ଏହାର ପ୍ରଥମ ବୈଶିଷ୍ଟ୍ୟ, ଏହି ପ୍ରାକୃତିକ ଚିତ୍ରାଙ୍କନ ଉପରେ ହିଁ ଆସ୍ଥା ସ୍ଥାପନ ହେତୁ—ଫୁଲ, ପକ୍ଷୀ, ପର୍ବତ, ନଦୀ, କୁହେଳିକା ଇତ୍ୟାଦି ପ୍ରାକୃତିକ ଶ୍ରେଷ୍ଠ ସଂପଦଗୁଡ଼ିକୁ ଘେନି । ଭାସ୍କର୍ଯ୍ୟରେ ମଧ୍ୟ ଚୀନା ଶିଳ୍ପୀମାନଙ୍କୁ ମୂର୍ତ୍ତି ବାଛି ନେବାକୁ ହୋଇଛି—କିନ୍ତୁ ଶିଳ୍ପୀ ସେତେବେଳେ କୌଣସି ସାଧାରଣ ମୂର୍ତ୍ତିକୁ ଆଦର୍ଶ କରି ନାହାନ୍ତି—ଧରିଛନ୍ତି ବୁଦ୍ଧ ମୂର୍ତ୍ତି । ଶାରୀରିକ ସୌଷ୍ଠବ ସଂପାଦନର ପ୍ରଚେଷ୍ଟା ନାହିଁ; ସବୁ ସମୟରେ ଦେଖାଇବାର ଚେଷ୍ଟା କରିଛନ୍ତି ଅନ୍ତର୍ନିହିତ ଶାନ୍ତି, କରୁଣା ଓ ଶକ୍ତି । ଏହି ମୂଳ ଭାବ, ଯାହା ବାହାରର ସୌନ୍ଦର୍ଯ୍ୟ ନୁହେଁ, ଅନ୍ତରର ସୌନ୍ଦର୍ଯ୍ୟ,—ଚିତ୍ରରେ ମଧ୍ୟ ଏହି ନୀତି ଅନୁସୃତ ହୋଇଅଛି । ପ୍ରାକୃତିକ ଚିତ୍ରାଙ୍କନରେ ମଧ୍ୟ ଏହି ବାହାର ସୌନ୍ଦର୍ଯ୍ୟର ଅଭାବ ଦେଖା ଯାଇଥାଏ । ଆମ୍ଭେ-ମାନେ ଯାହାକୁ ଛବି କହୁଁ, ଚୀନାମାନେ ତାକୁ କହନ୍ତି 'ସେଙ୍ଗ୍'—ଏହାର ଅର୍ଥ ଭାବ-ସଂଗ୍ରହଣ । ଆପଣା ମନଃଶକ୍ତିଦ୍ୱାରା ଛବିକୁ ଜାଗ୍ରତ କରାଇବାକୁ ହେବ—ତାହାଦ୍ୱାରା ଛବିଟି ବାହ୍ୟ ବସ୍ତୁର ପ୍ରତିକୃତି ଗ୍ରହଣ କରୁ ବା ନ କରୁ । କୌଣସି ନଦୀ ବା ପର୍ବତ କିମ୍ବା କୌଣସି ନରନାରୀ ଶିଳ୍ପୀ ମନରେ ପ୍ରଭାବ ବିସ୍ତାର କରିବାଯାଏ, ତାହା ମଧ୍ୟରୁ କୌଣସି ଗୋଟିଏ ଅର୍ଥ ପାଇବା ପର୍ଯ୍ୟନ୍ତ—ପ୍ରାଣର ବାର୍ତ୍ତା ପାଇବା ଅବଧି ଶିଳ୍ପୀ ତାହାକୁ ଅପେକ୍ଷା କରେ; ତାହା ପରେ ତୂଳିକାର ଦୁଇ ତିନୋଟି ରେଖା-ସ୍ପର୍ଶରେ ସେହି ଭାବଟିକୁ ରୂପ ଦାନ କରେ ।

ଚୀନା ଆର୍ଟର ଆଉ ଗୋଟିଏ ବୈଶିଷ୍ଟ୍ୟ ତାହାର ବ୍ୟଞ୍ଜନା । ସେ ଯାହା କହେ—ନ କହେ ତହିଁରୁ ଯଥେଷ୍ଟ ଅଧିକ । ଚିତ୍ରରେ ଯେଉଁ ଜିନିଷଗୁଡ଼ିକ ଦିଆଯାଇଛି ସେ ବିଷୟରେ ନ ଭାବି ଯାହା ଦିଆହୋଇ ନାହିଁ, ସେ ବିଷୟରେ ଚିନ୍ତା କଲେ ଦର୍ଶକ ସହଜରେ ଚିତ୍ରଟିକୁ ହୃଦୟଙ୍ଗମ କରି ପାରିବେ । ଚିତ୍ର ମଧ୍ୟରେ ଯାହା ଦେବାକୁ ଅନାବଶ୍ୟକ ବିବେଚନା କରନ୍ତି, ଚିତ୍ରକର ନିର୍ମମ ଭାବରେ ତାହାକୁ ପରିହାର କରିଥାନ୍ତି; ଫୁଲାଚିତ୍ରଶେଷରେ ଏହାର ବ୍ୟତିକ୍ରମ ଯେ ଦେଖା ନ ଯାଏ ଏହା ମଧ୍ୟ ବିରଳ ନୁହେଁ । ଏପରି ମଧ୍ୟ ଦେଖାଯାଇଛି, ଚିତ୍ରକର ଖଣ୍ଡିଏ ଛବିର ଗୋଟିଏ କୋଣରେ ଗୋଟିଏ ଚେରି ଫୁଲ ଆଙ୍କିଦେଇଛନ୍ତି, ଅପର କୋଣରେ ନିଜର ନାମଟି ଲିପିବଦ୍ଧ କରିଛନ୍ତି; ଏଥିରୁ ମଧ୍ୟ ଦର୍ଶକମାନଙ୍କୁ କୌଣସି ଗୋଟିଏ ଅର୍ଥ-ଅନୁସନ୍ଧାନ କରିବାପାଇଁ ଅବସର ମିଳିଥାଏ ।

ବ୍ୟଞ୍ଜନାର ପରବର୍ତ୍ତୀ ସୋପାନ ରୂପକ । ଏହି ଶ୍ରେଣୀୟ ଚିତ୍ରରେ ପ୍ରକାଶଭଙ୍ଗୀର ନୂତନତା ଓ କୌଶଳ ଯେପରି ଆଦୃତ ହୁଏ, ସେହିପରି ରେଖାର ଜୋର ( Force ) ଓ ନିର୍ଦ୍ଦୋଷ ଭଙ୍ଗୀ ମଧ୍ୟ ଆଦର ଲାଭକରେ । ଗୋଟିଏ ଦୁଇଟି ଉଦାହରଣରୁ ତାହା ଅନୁମାନ କରାଯାଇ ପାରିବ । ଏକ ସମୟରେ ଚୀନରେ ଚିତ୍ର ଶିଳ୍ପ ଏପରି ପ୍ରଭାବ ବିସ୍ତାର କରିଥିଲା ଯେ ରାଜକର୍ମଚାରୀଙ୍କ ନିଯୁକ୍ତି ସମୟରେ ମଧ୍ୟ ସେମାନଙ୍କର ଛବି ଅଙ୍କନରେ କିପରି ପାରଦର୍ଶିତା ଅଛି, ତାହା ପରୀକ୍ଷା କରାଯାଉଥିଲା । କୌଣସି କବିତା ମଧ୍ୟରୁ ଗୋଟିଏ ଦୁଇଟି ପଂକ୍ତି ନିରୂପଣ କରି ସେହି ଭାବଟିକୁ ଚିତ୍ରରେ ଅଭିବ୍ୟକ୍ତ କରିବା ପାଇଁ ଆଦେଶ ଦିଆଯାଏ । ଉଦାହରଣ ସ୍ୱରୂପ ପ୍ରଶ୍ନ ଓ ଉତ୍ତରର ନମୁନା ଏହିପରି:—

ପ୍ରଶ୍ନ—କୁଞ୍ଜ ଭ୍ରମଣ ସମୟରେ ମୋର ଅଶ୍ୱଖୁରାଘାତରେ କେତେକ ପୁଷ୍ପ ବିଦଳିତ ହେଲା । ଫେରି ଆସିବା ପରେ ଦେଖିଲି, ଅଶ୍ୱଖୁର ସୁରଭିତ ହୋଇଛି ।

ଉତ୍ତର ସ୍ୱରୂପ ପଦପ୍ରାର୍ଥୀ ଅଙ୍କନ କଲେ ଘୋଡ଼ା, ତାହାର ଖୁରା ଚାରିପଟେ ଦୁଇ ତିନୋଟି ପ୍ରଜାପତି ଉଡ଼ି ବୁଲୁଛନ୍ତି ।

ଚୈନିକ ଦର୍ଶକ ଚିତ୍ର ଦେଖିବା ମାତ୍ରେ ବୁଝି ପାରିବେ ଘୋଡ଼ାର ଖୁରା ଦେହରେ ପୁଷ୍ପ ସୁଗନ୍ଧ ଲାଗି ରହିଥିଲା, ତା' ନ ହେଲେ ପ୍ରଜାପତିଗୁଡ଼ିକ ଏଠାରେ ଉଡ଼ନ୍ତେ କାହିଁ—? ଘୋଡ଼ାଟି ମଧ୍ୟ ପୁଷ୍ପ ଦଳନ କରିଥିଲା, ନଚେତ୍ ବା ଖୁରା ଗୁଡ଼ିକ ତାହାର ସୁଗନ୍ଧ ଯୁକ୍ତ ହୁଅନ୍ତା କିପରି—?

ଆଉ ଗୋଟିଏ ପ୍ରଶ୍ନ ମଧ୍ୟ ଏହିପରି—"ପାହାଡ଼ର ଗୁହାସ୍ଥିତ ଗୋଟିଏ ବିହାର— ।"

ପଦପ୍ରାର୍ଥୀ ଅଙ୍କନ କଲେ—"ଗୋଟିଏ ଉଚ୍ଚ ପାହାଡ଼ ସମ୍ମୁଖରେ କୂଅ ମଧ୍ୟରୁ ପାଣି କାଢ଼ିବା ଅବସ୍ଥାରେ ଜଣେ ଶ୍ରମଣ । ଅଥଚ ପାଖ ଆଖରେ କେଉଁଠାରେ ବିହାରର ଛବି ନାହିଁ । କିନ୍ତୁ

ଏଥିରୁ ଚୀନା ଦର୍ଶକ ବୁଝିବେ, ତଳେ ପାହାଡ଼ ନିକଟରେ ବିହାର ଅଛି, ନ ହେଲେ ଶ୍ରମଣ ଏଠାକୁ ଆସିଲେ କାହିଁକି ?

ତାହା ପରେ ଚୀନା ଲିଖନ ଓ ଅଙ୍କନର ସାଦୃଶ୍ୟ ଚୈନିକ ଅଙ୍କନର ସମାଲୋଚକଗଣ ଦେଖାଇ ଦେଇଅଛନ୍ତି । ଚୈନିକ ଲିଖନ ପାଠବିଧି ହିଁ ଚୈନିକ ଅଙ୍କନର ଉତ୍ପତ୍ତି । ଉଭୟ ସ୍ଥଳେ ତୁଳିକାର ସାହାଯ୍ୟ ଆବଶ୍ୟକ ହୁଏ । ଚୈନିକ ଲେଖା ଯେପରି ଉପରୁ ତଳକୁ ପ୍ରଧାବିତ ହୁଏ ତାହାର ଚିତ୍ର ଦେଖିବାର କାଇଦା ମଧ୍ୟ ତଦ୍ରୂପ—ଉପରୁ ଆରମ୍ଭ କରି କ୍ରମେ ତଳକୁ ଦୃଷ୍ଟିପାତ କରିବାକୁ ହେବ । ଚିତ୍ରଗୁଡ଼ିକ ମଧ୍ୟ ସେହି ହେତୁରୁ ଦୀର୍ଘ ରେଶମ କନା ଉପରେ, କନାର ଉପରିଭାଗରୁ ଅଙ୍କନ କରାଯାଏ ।

ବର୍ଲିଂଟନ ହାଉସର ଚିତ୍ର ପ୍ରଦର୍ଶନୀରେ ବହୁ ସୁନ୍ଦର ଚୀନା ଛବି ପ୍ରଦର୍ଶିତ ହୋଇଥିଲା । ତନ୍ମଧ୍ୟରୁ ଖଣ୍ଡିଏ ପ୍ରାଚୀନ ଚିତ୍ର ବ୍ରିଟିଶ୍ ମିଉଜିୟମ୍‌ରେ ରଖାଯାଇଛି । ସେ ଖଣ୍ଡିକ ଅଙ୍କିଛନ୍ତି ଶିଳ୍ପୀ 'କୁ-କାଇ-ଚିକ୍' । ଚିତ୍ରଟିର ଅଙ୍କନ କାଳ ଚତୁର୍ଥ ଶତାବ୍ଦୀ । ଛବିଟିର ଅନବଦ୍ୟ ଶାନ୍ତି ଓ କୋମଳତା ସମାଲୋଚକମାନଙ୍କୁ ମୁଗ୍ଧ କରିଦେଇଥିଲା । ଛବି ଖଣ୍ଡିକ ଯେପରି ପ୍ରାଚୀନ ଚୀନର ଅତ୍ୟୁଚ୍ଚ ସଭ୍ୟତାର ଅତ୍ୟୁଜ୍ଜ୍ୱଳ ମୂକସାକ୍ଷୀ ।

ଏ ଗଲା ପ୍ରାଚୀନ ଚୀନର ଶିଳ୍ପକଳାର ଅତି ସଂକ୍ଷିପ୍ତ ପରିଚୟ । କିନ୍ତୁ ଆଧୁନିକ ଚିତ୍ରକଳା ପ୍ରାଚୀନ ଚିତ୍ରଶିଳ୍ପ ପରି ଅନାବିଳ ନୁହେଁ । ଅଧୁନା ଅସଂଖ୍ୟ ଶିଳ୍ପୀ ପାଶ୍ଚାତ୍ୟ ରୀତିରେ ଶିକ୍ଷା ଲାଭ କରି ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି । ଏଣୁ ଆଧୁନିକ ଚୀନର ଚିତ୍ରକଳା ଧୀରେ ଧୀରେ ପ୍ରତୀଚ୍ୟ ଭାବଧାରାରେ ନିତାନ୍ତ ପ୍ରଭାବାନ୍ୱିତ ହୋଇପଡ଼ୁଛି । କିନ୍ତୁ ଏହି ରମ୍ୟ କଳାର ଉନ୍ନତି ବିଧାନ କରିବାକୁ ହେଲେ ପ୍ରାଚୀନ ଯୁଗର ନିଜସ୍ୱ ଚୈନିକ ଭାବଧାରା ଓ ଏହି ଆଧୁନିକ ପାଶ୍ଚାତ୍ୟ ଭାବଧାରାର ସଂମିଶ୍ରଣ ହେବା ଉଚିତ । ଅତୀତ ପ୍ରଣାଳୀକୁ ପୁନଃ ପ୍ରଚଳିତ କରିବାକୁ ହେଲେ ସୌଖୀନ୍ ଚିତ୍ରକର ଓ ଯଥାର୍ଥ ଶିଳ୍ପୀମାନଙ୍କର ସତ୍ୟ ବିଶ୍ଲେଷଣର ପ୍ରୟୋଜନୀୟତା ରହିଅଛି । ପାଶ୍ଚାତ୍ୟ-ଶିଳ୍ପଧାରା ଅତୀତର ଶିଳ୍ପ-କଳାକୁ ଅଧିକ ସୌନ୍ଦର୍ଯ୍ୟଶାଳୀ କରିପାରେ ।

ବର୍ତ୍ତମାନ ଚୀନରେ ଯେଉଁ ଶିଳ୍ପୀମାନେ ଚିତ୍ରାଙ୍କନ କରୁଛନ୍ତି ସେମାନଙ୍କୁ ତ୍ରୟ ଶ୍ରେଣୀରେ ବିଭକ୍ତ କରାଯାଏ । ଅଧିକ ସଂଖ୍ୟକ ଚିତ୍ରକର ପୁରାତନ-ପନ୍ଥୀ ; ଏମାନେ ଚିନ୍ତାଶକ୍ତି ଏବଂ କଳ୍ପନା ଓ ସ୍ୱତନ୍ତ୍ରଦ୍ୱାରା ଅନୁପ୍ରାଣିତ ହୋଇ ପ୍ରାଚୀନ ଶିଳ୍ପ-ରତ୍ନମାନଙ୍କର ଆଲେଖ୍ୟ ଅନୁକରଣ କରନ୍ତି । କେତେବେଳେ କେତେବେଳେ ଏ ଗୁଡ଼ିକ ବିକ୍ରୀତ ହୋଇଥାଏ, କିନ୍ତୁ ଅଧିକାଂଶ ସମୟରେ ଏହା ଚିତ୍ତ-ବିନୋଦନ ନିମିତ୍ତ ହିଁ ଅଙ୍କିତ ହୁଏ ।

ଏହି ସନାତନ-ପନ୍ଥୀ ଦଳର ପ୍ରଧାନ ଚିତ୍ରକର ହେଉଛନ୍ତି ଚି-ପାଇ-ସି । ସେ ପିପିଂ ସହରରେ ରହନ୍ତି । ଚୀନର ଚିତ୍ର ଜଗତରେ ଏହାଙ୍କର ନାମ ବିଶେଷ ପରିଚିତ । ପ୍ରତୀଚ୍ୟ ପ୍ରଭାବ ଏହାଙ୍କୁ ବିନ୍ଦୁମାତ୍ର ସ୍ପର୍ଶ କରିନାହିଁ । ବର୍ତ୍ତମାନ ଏହାଙ୍କର ବୟସ ୬୨ ବର୍ଷ । ସୂତ୍ରଧର ଚିତ୍ରକର ନାମରେ ସେ ସମଧିକ ପ୍ରସିଦ୍ଧ । ସମସାମୟିକ ଚିତ୍ରକରଗଣ ଏହାଙ୍କୁ ଖଣିଜ ହୀରକ ସହିତ ତୁଳନା କରନ୍ତି । ଖଣିଜ ହୀରକ ସମ୍ପୂର୍ଣ୍ଣତାର ଅଭାବରୁ ସମ୍ପୂର୍ଣ୍ଣ ଔଜ୍ଜ୍ୱଲ୍ୟ ଲାଭ କରିପାରେ ନାହିଁ, କିନ୍ତୁ ଏହାଙ୍କର ସ୍ୱାଭାବିକ ଦୀପ୍ତି ଅନନ୍ୟ-ସାଧାରଣ । ଚି-ପାଇ-ସିଙ୍କର ଅଙ୍କିତ ସମୁଦ୍ରୋତ୍ଥିତ ପ୍ରଭାତର ରକ୍ତବର୍ଣ୍ଣ ସୂର୍ଯ୍ୟକିରଣ ନିରୀକ୍ଷଣକାରୀ "କରମୋରାଣ୍ଟ ପକ୍ଷୀଦଳ" ଚିତ୍ରଟି ସମ୍ପୂର୍ଣ୍ଣ ପ୍ରାଚୀନ ଆଦର୍ଶରେ ଅନୁପ୍ରାଣିତ । ଚୀନର ଅନ୍ୟତମ ସୁବିଖ୍ୟାତ ଶିଳ୍ପୀ ଜୁ-ପିୟୁନ ଏହାଙ୍କର ଶିଷ୍ୟ ଅଟନ୍ତି ।

ଶିଳ୍ପୀ ଲୁଂ-ପା-କିଂ ଦ୍ୱିତୀୟ ଶ୍ରେଣୀର ଚିତ୍ରକରମାନଙ୍କର ଅଗ୍ରଣୀ । କେତେକ ବର୍ଷ ହେଲା ଏ ମୃତ୍ୟୁମୁଖରେ ପଡ଼ିବାରୁ ଆଧୁନିକ ଚୈନିକ ଶିଳ୍ପ-ଜଗତ ଜଣେ ବିଶିଷ୍ଟ ପଥ ପ୍ରଦର୍ଶକ ହରାଇ ଅଛି । ଚୀନର ଅବହମାନ କାଳ-ପ୍ରଚଳିତ ଶିଳ୍ପ-ଧାରା ଯେତେବେଳେ ଧ୍ୱଂସୋନ୍ମୁଖ ହେବାକୁ ବସିଥିଲା, ସେତେବେଳେ ଏହି ମହାନୁଭବ ଶିଳ୍ପୀ ହିଁ ତାହାକୁ ସଂଜୀବିତ କରିବାପାଇଁ ଆପ୍ରାଣ ଚେଷ୍ଟା କରିଥିଲେ । ତାହାଙ୍କର ଅମର ଅବଦାନ କାହାଣୀ ବୋଧହୁଏ ଚୀନର ବର୍ତ୍ତମାନ ଶିଳ୍ପରସପିପାସୁଗଣ କେହି ଅସ୍ୱୀକାର କରିବେ ନାହିଁ । ସେ ସମ୍ଭ୍ରାନ୍ତ ଓ ଧନୀ ଲୋକ ଥିଲେ । ନିଜ ବ୍ୟୟରେ ସେ ଗୋଟିଏ କଳାଭବନ ପ୍ରତିଷ୍ଠିତ କରିଯାଇଅଛନ୍ତି । ଏହି ପ୍ରତିଷ୍ଠାନରେ ପ୍ରାଚୀନ ଶିଳ୍ପରଥୀଗଣଙ୍କ ଚିତ୍ରାବଳି ଅନୁକରଣରେ ଛାତ୍ରମାନେ ଶିଳ୍ପ-ଶିକ୍ଷା ଲାଭକରିଥାନ୍ତି । ଏହିପରି ସେ ଅତୀତ ଓ ବର୍ତ୍ତମାନ କାଳର ଚିତ୍ରାଙ୍କନ ବିଧିର ଏକତ୍ର ସମାବେଶ କରି ଦେଶର ପ୍ରଭୂତ କଲ୍ୟାଣ ସାଧନ କରିଯାଇଛନ୍ତି । ଏହାଙ୍କ ବଂଶର ସମସ୍ତେ ଚିତ୍ର-ବିଦ୍ୟାରେ ପାରଦର୍ଶୀ ହୋଇଛନ୍ତି ଓ ହେଉ-ଅଛନ୍ତି । ଏହାଙ୍କର ସହୋଦରା ଶ୍ରୀଯୁକ୍ତା ଓୟାଂ-ଓ ଜଣେ ଲବ୍ଧପ୍ରତିଷ୍ଠ ଶିଳ୍ପୀ । ସେମାନେ ଉଭୟେ ପାଶ୍ଚାତ୍ୟ ରୀତିରେ ଶିକ୍ଷା ଲାଭ କରିବା ସତ୍ତ୍ୱେ ପୁରାତନ ଜାତୀୟ ଧାରାକୁ ପୁରାପୁରି ବିସ୍ମୃତ ହୋଇ ନାହାନ୍ତି ।

ଚୀନର ନିଜସ୍ୱ ପ୍ରଥାନୁଯାୟୀ ଚିତ୍ରାଙ୍କନ କରିବାକୁ ଗଲେ ସେହି ଦେଶର ସନାତନ କାଳରୁ ପ୍ରଚଳିତ ରଙ୍ଗ ବ୍ୟବହାର କରିବା ଉଚିତ ବୋଲି ସାଧାରଣ ମତ ପୋଷଣ କରନ୍ତି । କିନ୍ତୁ ଏହି ଧାତବ ରଙ୍ଗ ଅତ୍ୟନ୍ତ ଦୁଷ୍ପ୍ରାପ୍ୟ ଓ ଦୁର୍ମୂଲ୍ୟ । ସାଧାରଣ ଚିତ୍ରକର ଏଥିପାଇଁ ଏହା ବ୍ୟବହାର କରି ପାରନ୍ତିନାହିଁ । ଅତୀତ ଚିତ୍ରାଙ୍କନ ଉପଯୋଗୀ ରଙ୍ଗ ସଂଗ୍ରହ କରିବା ସେମାନଙ୍କ ପକ୍ଷରେ ସମ୍ପୂର୍ଣ୍ଣ ଅସମ୍ଭବ । ସୁତରାଂ ପୁରାତନ ଧାରାନୁଯାୟୀ ଅଙ୍କିତ ଚିତ୍ର ଆଧୁନିକ ରଙ୍ଗରେ ଚିତ୍ରିତ ହେବା ଫଳରେ ପୁରାତନ ଚିତ୍ର ସହିତ ଏହି ନବୀନ ଶିଳ୍ପର ସାଦୃଶ୍ୟ ମୋଟେ ନାହିଁ କହିଲେ ବାହୁଲ୍ୟ ହେବ ନାହିଁ ।



Digitized by srujanika@gmail.com

ତୃତୀୟ ଶ୍ରେଣୀର ଚିତ୍ରକରଗଣ ଆଧୁନିକ ପ୍ରତୀଚ୍ୟ ଚିତ୍ର-କୌଶଳ ଅନେକାଂଶରେ ଅନୁକରଣ କରିପାରିଅଛନ୍ତି। ଏହି ସମସ୍ତ ଚିତ୍ର ମଧ୍ୟରେ ପାଶ୍ଚାତ୍ୟ କୌଶଳ ବିଦ୍ୟମାନ ଥିଲେ ମଧ୍ୟ ନିପୁଣତାର ଯଥେଷ୍ଟ ଅଭାବ ପରିଲକ୍ଷିତ ହୁଏ। ପାଶ୍ଚାତ୍ୟ ନଗ୍ନ ଚିତ୍ର ଚୀନା ଚିତ୍ରକରମାନେ ମଧ୍ୟ ଅଙ୍କନ କରନ୍ତି, କିନ୍ତୁ ତାହା ଅତ୍ୟନ୍ତ ନୀରସ ଓ ଭାବବିହୀନ।

ଶିଳ୍ପୀ ଲିଉ-ସୁ ତୃତୀୟ ଦଳର ଜଣେ ବିଖ୍ୟାତ ଚିତ୍ରକର। ତାହାଙ୍କର ସବୁ ଚିତ୍ରଗୁଡ଼ିକହିଁ ତୈଳଚିତ୍ର ଓ ପାଶ୍ଚାତ୍ୟ ପ୍ରଥାରେ ଅଙ୍କିତ। ସମସ୍ତ ଚିତ୍ରଗୁଡ଼ିକ ପଛରେ ଏକ ଅପୂର୍ବ ବାସ୍ତବତା ଓ ବିପ୍ଳବ-ପ୍ରବଣତାର ଭାବ ସୁପ୍ରକଟିତ। ୧୯୩୨ ସାଲର ଚୀନ ଜାପାନ ସଂଘର୍ଷର ଚିତ୍ର ମଧ୍ୟ ସେ ଅଙ୍କନ କରିଛନ୍ତି। ଏହି ବାସ୍ତବତାର ସ୍ପର୍ଶ ଏହା ପୂର୍ବରୁ କେବେହେଲେ ଚୈନିକ ଚିତ୍ର-ରାଜ୍ୟରେ ଦୃଷ୍ଟିଗୋଚର ହୋଇ ନ ଥିଲା। ଚୀନ ଚିତ୍ର-ଶିଳ୍ପ ଜଗତରେ ବାସ୍ତବତାର ପ୍ରଭାବ ପ୍ରଥମେ ଏହାଙ୍କଦ୍ୱାରା ପରିଲକ୍ଷିତ ହେଲା।

ନ୍ୟାନ୍‌କିନର ଜୁ-ପିୟୁନ ଏହି ତୃତୀୟ ଦଳର ଶ୍ରେଷ୍ଠ ଚିତ୍ରକର। ସେ ଫ୍ରାନ୍‌ସରେ ଶିକ୍ଷାଲାଭ କରିଛନ୍ତି; ତାହାଙ୍କ ଅଙ୍କିତ ତୈଳଚିତ୍ରଗୁଡ଼ିକ ବିଶେଷଜ୍ଞମାନଙ୍କର ବିଶେଷ ପ୍ରଶଂସା ଅର୍ଜନ କରିଛି। ବର୍ତ୍ତମାନ ସେ ପାଶ୍ଚାତ୍ୟ ପ୍ରଭାବରୁ ନିଜକୁ ମୁକ୍ତ କରିବାପାଇଁ ଚେଷ୍ଟା କରୁଅଛନ୍ତି ଏବଂ ଚୀନର ଅତୀତ ଯୁଗର ଶିଳ୍ପସାଧନାର ଧାରାରେ ଚିତ୍ରାଙ୍କନ କରୁଅଛନ୍ତି। ଏହି ଚିତ୍ର-ମାନଙ୍କର ପରିକଳ୍ପନା ମଧ୍ୟରେ ସେ ନିଜର କଳ୍ପନା ଓ ଚିନ୍ତାଧାରା ସଂଯୋଜିତ କରିଅଛନ୍ତି।

ଶ୍ରୀଯୁକ୍ତ କୋ-କି-ଫେଙ୍ଗ୍ ମଧ୍ୟ ଏହି ଦଳର ଜଣେ ବିଶିଷ୍ଟ ଶିଳ୍ପୀ। ଜୀବ-ଜଗତର ଚିତ୍ରରାଜି ଅନ୍ତରାଳରେ ମଧ୍ୟ ଯେ କୌଣସି ଅନନୁଭୂତ ଆଧ୍ୟାତ୍ମିକଭାବ ଧାରା ପ୍ରବାହିତ ହୁଏ, ଏହାର ଅଭାବ ପାଶ୍ଚାତ୍ୟ ଶିଳ୍ପରେ ଅନୁଭବ କରି ସେ ଆକ୍ଷେପ ପ୍ରକାଶ କରିଅଛନ୍ତି। ସେ ଉଷା, ଗୋଧୂଳି, ପ୍ରାକୃତିକ ଦୃଶ୍ୟାବଳି ଓ ସନ୍ଧ୍ୟାସମାଗମରେ ନୀଡ଼ାଭିମୁଖରେ ପ୍ରତ୍ୟାବୃତ୍ତ ପକ୍ଷୀମାନଙ୍କର ଚିତ୍ର ଅଙ୍କନ କରିବାକୁ ଭଲ ପାନ୍ତି। ତାହାଙ୍କର ପରିକଳ୍ପନା ଆଧ୍ୟାତ୍ମିକ ଭାବ-ଧାରାରେ ସମୃଦ୍ଧ।

ଚତୁର୍ଥ ଦଳର ଆଧୁନିକ ଶିଳ୍ପୀଗଣ ତୃତୀୟ ଆଦର୍ଶରେ ଅନୁପ୍ରାଣିତ, ସେମାନଙ୍କର ଚିତ୍ରସମୂହ କୌଣସି ନା କୌଣସି ରାଜନୈତିକ ଉଦ୍ଦେଶ୍ୟ ସଫଳ କରିବା ସକାଶେ ଅଙ୍କିତ। ସେମାନଙ୍କର ଅଙ୍କିତ 'କାର୍ଟୁନ୍' ଚିତ୍ରର ସଂଖ୍ୟାହିଁ ଅଧିକ। ବିଦ୍ରୂପାତ୍ମକ ଚିତ୍ରର ଭାବଧାରା ଏମାନେ ବିଶେଷ ଭାବରେ ଅନୁକରଣ କରିପାରିଛନ୍ତି। ଏହା ପୂର୍ବରୁ ହାସ୍ୟରସାତ୍ମକ ଘଟଣାର ଅବତାରଣା କରି ଚିତ୍ରାଙ୍କନ କରିବାର ପ୍ରଥା ଚୀନରେ ଏକ ପ୍ରକାର ଅଜ୍ଞାତ ଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ।

ଆଧୁନିକ ଚୀନର ଚିତ୍ରକଳା ବିଷୟରେ ଶିଳ୍ପ-ବିଶେଷଜ୍ଞ **Mr. D. Curter** ସମାଲୋଚନା କରି ଲେଖିଛନ୍ତି :—

ଚୀନ ଦେଶର ବର୍ତ୍ତମାନ ଚିତ୍ର କଳାକୁ କୌଣସି ରୂପେ ମୃତ ଶବ ସହିତ ତୁଳନା କରିବା ସମୀଚୀନ ହେବ ନାହିଁ, ବରଂ ଏହାକୁ ନବଜାତ ଶିଶୁ କହିବାକୁ ହିଁ ହେବ। ଏହି ଚିତ୍ରକଳା ସମ୍ବନ୍ଧରେ କୌଣସି ଭବିଷ୍ୟଦ୍‌ବାଣୀ କହିବା କୌଣସି ଶିଶୁ ସମ୍ବନ୍ଧରେ ଭବିଷ୍ୟଦ୍‌ବାଣୀ କହିବା ପରି ସୁକଠିନ। କିନ୍ତୁ ଇତିହାସ ଦୃଷ୍ଟିରୁ ଧରିଲେ, ଏଠାରେ ମନେ ରଖିବାକୁ ହେବ, ପୃଥିବୀର ଅତୀତ ଇତିହାସ ଘଟଣାର ପୁନରାବୃତ୍ତି ଚୀନ ଦେଶରେ ଯେପରି ହୋଇଅଛି, ଏପରି ଆନ୍ୟ କୌଣସିଠାରେ ହୋଇନାହିଁ— ଆମ୍ଭମାନଙ୍କୁ ବିଶ୍ୱାସ କରିବାକୁହିଁ ହେବ ଯେ ଚୀନ ଦେଶରେ ଚିତ୍ରକଳା କ୍ଷେତ୍ରରେ ନବ ଯୁଗର ସୂଚନା ମିଳିଅଛି ଏବଂ ଏହି ଯୁଗର ଭବିଷ୍ୟତ୍ ଉଜ୍ଜ୍ୱଳ।

# ଉତ୍କଳରେ ମାସିକ ପତ୍ରିକାର କ୍ରମ ବିକାଶ

**ଶ୍ରୀ ରାଧାଚରଣ ପଣ୍ଡା**

ସଂବାଦ ପତ୍ର କହିଲେ କେବଳ ଦେଶ ବିଦେଶର ସଂବାଦ ପ୍ରକାଶ ହୋଇଥିବା ଖଣ୍ଡିଏ କାଗଜ ନୁହେଁ। ଆଜିକାଲି ଯେଉଁ ସବୁ ଦୈନିକ, ସାପ୍ତାହିକ, ପାକ୍ଷିକ, ମାସିକ, ଦ୍ୱୈମାସିକ ଓ ତ୍ରୈମାସିକ ପତ୍ର ପତ୍ରିକା ପ୍ରକାଶିତ ହୁଏ, ସେଗୁଡ଼ିକୁ ସଂବାଦପତ୍ର କହାଯାଏ। ଦୈନିକ ଓ ସାପ୍ତାହିକ ପତ୍ରିକା ଗୁଡ଼ିକରେ ପ୍ରାୟ ଏକ ରକମ ସଂବାଦ ପ୍ରକାଶିତ ହୁଏ, କିନ୍ତୁ ଅନ୍ୟଗୁଡ଼ିକ ଭିନ୍ନ ଧରଣର। ସେଥିରେ ସାଧାରଣ ଦୈନିକ ସଂବାଦ ଅପେକ୍ଷା ବିଶେଷ ପରିମାଣରେ ସାହିତ୍ୟିକ ପ୍ରବନ୍ଧ, କବିତା ଓ ବିଜ୍ଞାନ-ଚର୍ଚ୍ଚା ପ୍ରଭୃତିର ବିସ୍ତୃତ ଲେଖାମାନ ପ୍ରକାଶିତ ହୁଏ। ଏଗୁଡ଼ିକ ସାଧାରଣ ସଂବାଦ ଅପେକ୍ଷା ବେଶି ଶିକ୍ଷଣୀୟ ବିଷୟ ଅଟେ। ଏଗୁଡ଼ିକୁ ପଢ଼ିଲେ ଆମ୍ଭମାନଙ୍କର

ଜ୍ଞାନର ସୀମା ବୃଦ୍ଧି ପାଏ ଏବଂ ଅନେକ ନୂତନ ଭାବ ଆସି ମସ୍ତିଷ୍କରେ ପ୍ରବେଶ କରେ । ଏଥିପାଇଁ ଆମ୍ଭେମାନେ ସାଧାରଣ ଦୈନିକ ବା ସାପ୍ତାହିକ ସମ୍ବାଦ ପତ୍ର ସଙ୍ଗେ ସଙ୍ଗେ ଏକାଧିକ ମାସିକ ପତ୍ରିକା ପାଠ କରୁଁ । ଏହି ପତ୍ରିକାଗୁଡ଼ିକରେ କେବଳ ସାଧାରଣ ମନଗଢ଼ା ଗଳ୍ପ ( Fiction ) ବା କବିତା ପ୍ରକାଶ ହେବା ସଙ୍ଗେ ସଙ୍ଗେ ଦେଶର ସାଧାରଣ ଲୋକମାନଙ୍କ ବୋଧଗମ୍ୟ ବିବିଧ ବିଷୟର ବୈଜ୍ଞାନିକ ପ୍ରବନ୍ଧ ଯଥା:—କୃଷି, ବାଣିଜ୍ୟ ଓ ଅନ୍ୟାନ୍ୟ ଅର୍ଥକରୀ ବ୍ୟବସାୟ ସମ୍ବନ୍ଧରେ ପ୍ରବନ୍ଧମାନ ପ୍ରକାଶିତ ହେବା ଆବଶ୍ୟକ । ବର୍ତ୍ତମାନ ଅନ୍ୟ ପ୍ରଦେଶ ବା ସଭ୍ୟ ଜଗତର ମାସିକ ପତ୍ରିକା-ଗୁଡ଼ିକ ସଙ୍ଗେ ଆମ ଉତ୍କଳ ପ୍ରଦେଶର ମାସିକ ପତ୍ରିକାଗୁଡ଼ିକୁ ତୁଳନା କଲେ ଆକାଶ ପାତାଳ ପ୍ରଭେଦ ଦେଖାଯାଏ । ଏହି ଦେଶର ପତ୍ରିକାଗୁଡ଼ିକ କିପରି ଚାଲିତ ହୁଏ, ଏଗୁଡ଼ିକରେ କି କି ଅଭାବ ଅଛି, କି କି କାର୍ଯ୍ୟ କଲେ ଏଗୁଡ଼ିକର କ୍ରମୋନ୍ନତି ହେବ, ସେ ସମ୍ବନ୍ଧରେ କେତୋଟି କଥା ଏଠାରେ ବର୍ଣ୍ଣନା କରାଯିବ ।

## ଉତ୍କଳର ମାସିକ ପତ୍ରିକା

ମାସିକ ପତ୍ରିକାଗୁଡ଼ିକୁ ସାଧାରଣତଃ ନିମ୍ନ ୬ ଶ୍ରେଣୀରେ ବିଭକ୍ତ କରାଯାଉ ।

୧। ସାଧାରଣ ସାହିତ୍ୟିକ—ଏଥିରେ ଗଦ୍ୟ, ପଦ୍ୟ ଓ ନାଟକ ପ୍ରଭୃତି ପ୍ରକାଶିତ ହୁଏ ।

୨। ବୈଜ୍ଞାନିକ—କୃଷି, ଶିଳ୍ପ, ସ୍ୱାସ୍ଥ୍ୟ, ଚିତ୍ରକଳା, ବାଣିଜ୍ୟ, ଆଇନ, ଶିକ୍ଷା ଓ ଇତିହାସ ପ୍ରଭୃତି ବିଷୟ ଏଥିରେ ପ୍ରକାଶିତ ହୁଏ ।

୩। ଧର୍ମ ସମ୍ବନ୍ଧୀୟ—ଆଧ୍ୟାତ୍ମିକ ପ୍ରବନ୍ଧଗୁଡ଼ିକର ଚର୍ଚ୍ଚା ଏଥିରେ ହୁଏ ।

୪। ସମାଲୋଚନାମୂଳକ ମାସିକ ପତ୍ର—ଏଗୁଡ଼ିକରେ ଶିକ୍ଷା, ସଭ୍ୟତା ଓ ବିଜ୍ଞାନ ପ୍ରଭୃତିର ସମାଲୋଚନାମୂଳକ ପ୍ରବନ୍ଧ ବାହାରେ ।

୫। ସ୍ତ୍ରୀମାନଙ୍କ ପତ୍ରିକା—ସ୍ତ୍ରୀମାନଙ୍କ ରନ୍ଧନ ପ୍ରଣାଳୀ, ଶିଶୁପାଳନ, ରୋଗୀର ସେବା ଶୁଶ୍ରୂଷା, ଘରକରଣା ପ୍ରଭୃତି ବିଷୟଗୁଡ଼ିକ ଏ ଶ୍ରେଣୀ ପତ୍ରିକାରେ ପ୍ରକାଶିତ ହୁଏ ।

୬। ଶିଶୁ ଶିକ୍ଷା—ଛୋଟ ପିଲାଙ୍କ ପାଇଁ ଗଳ୍ପ, ଗୀତ ଓ ଅଭିନୟ-ପୂର୍ଣ୍ଣ ପତ୍ରିକା ମଧ୍ୟ ପ୍ରକାଶିତ ହୁଏ ।

ବର୍ତ୍ତମାନ ଏହି ବିଭାଗ ସଙ୍ଗେ ଆମ ଦେଶର ମାସିକ ପତ୍ରିକାଗୁଡ଼ିକୁ ତୁଳନା କରାଯାଉ ।

୧ମ—ଉତ୍କଳରେ ଆଜିକାଲି ଯେଉଁ କେତେ ଖଣ୍ଡ ଛୋଟ ଓ ବଡ଼ ମାସିକ ପତ୍ରିକା ପ୍ରକାଶିତ ହୁଏ ସେଥିରୁ ଅଧିକାଂଶ ପତ୍ରିକାର ପ୍ରବନ୍ଧ ଉପର୍ଯ୍ୟୁକ୍ତ ୬ ଶ୍ରେଣୀର ପତ୍ରିକାରେ ଥିବା ପ୍ରବନ୍ଧର ସମଷ୍ଟି ପରି ଦେଖାଯାଏ । ଅର୍ଥାତ୍, ଏଗୁଡ଼ିକରେ କୌଣସି ଗୋଟିଏ ବିଷୟ ନେଇ ପ୍ରବନ୍ଧ ପ୍ରକାଶିତ ନ ହୋଇ ପ୍ରାୟ ସବୁ ଶ୍ରେଣୀର ପ୍ରବନ୍ଧଦ୍ୱାରା ଏଗୁଡ଼ିକୁ ଏକ ପ୍ରକାର " ଖେଚଡ଼ି ପତ୍ରିକା " କରି ପାଇଥାଏ । ସେହି କାରଣରୁ ତାହା ସବୁ ଶ୍ରେଣୀର ଲେଖକ ଓ ପାଠକମାନଙ୍କ ଦ୍ୱାରା ଆଦୃତ ହୋଇ ପାରୁନାହିଁ ।

୨ୟ—ଏହି ବିଜ୍ଞାନ ଯୁଗରେ ସୁଦ୍ଧା ଉତ୍କଳରେ ଖଣ୍ଡିଏ ଆଦର୍ଶ ବିଜ୍ଞାନ ସମ୍ବନ୍ଧୀୟ ପତ୍ରିକା ପ୍ରକାଶିତ ହୋଇ ନାହିଁ । କେତେ ବର୍ଷ ହେଲା, "ସ୍ୱାସ୍ଥ୍ୟ" ଓ "ସମବାୟ" ପ୍ରଭୃତି କେତେଖଣ୍ଡ ମାସିକ ପତ୍ରିକା ବାହାରୁଥିଲା । କିନ୍ତୁ, ସମ୍ପାଦକଙ୍କର ଅଯତ୍ନରୁ ଏବଂ ଦେଶର ଶିକ୍ଷିତ ସମାଜର ହତାଦର ଓ ଉଦାସୀନତା ଯୋଗୁଁ ଏଗୁଡ଼ିକ ଜୀବନ୍ମୃତ ହୋଇ ପଡ଼ିଛି । ଏ ଦେଶରେ ପ୍ରତି ବର୍ଷ ବନ୍ୟା, ମରୁଡ଼ି, ଦୁର୍ଭିକ୍ଷ ଓ ମଡ଼କ ପ୍ରଭୃତି ଅବାଧରେ ଚାଲିଛି । ଏଗୁଡ଼ିକ କାହିଁକି ହୁଏ, ତାହିଁର କି କି ପ୍ରତିକାର କରାଯାଇ ପାରେ, ସେ ସମ୍ବନ୍ଧରେ ଗମ୍ଭୀର ଆଲୋଚନା କରି ପ୍ରବନ୍ଧମାନ ପ୍ରକାଶ କଲେ ଏ ଦେଶରେ ବୈଜ୍ଞାନିକ ପତ୍ରିକା ବେଶ୍ ଚଳି ପାରନ୍ତା, କିନ୍ତୁ ସେ ଦିଗରେ କେତେ ଜଣ ଉଚ୍ଚ ଶିକ୍ଷିତ ଯୁବକ ମନ ଦିଅନ୍ତି ?

୩ୟ—ସମଗ୍ର ଓଡ଼ିଶାର ପୁରପଲ୍ଲୀରେ ଧର୍ମୀବମାନଙ୍କର ଆଡ୍ଡା ଦେଖାଯାଏ । ସବୁ ଧର୍ମବାଦୀମାନେ—ଜୈନ, ବୌଦ୍ଧ, ଶାକ୍ତ, ଶୈବ, ସୌର, ଗାଣପତ୍ୟ, ଆର୍ଯ୍ୟ, ଅନାର୍ଯ୍ୟ, ସନାତନୀ—ଏହି ଦେଶରେ ଦେଖାଯାନ୍ତି । କିନ୍ତୁ କାହିଁ କେହି ହେଲେ ପ୍ରକୃତ ଧର୍ମ ବିଷୟରେ ଗମ୍ଭୀର ଆଲୋଚନା କରି ମାସିକ ପତ୍ରିକା ପ୍ରକାଶ କରନ୍ତି ନାହିଁ ।

୪ର୍ଥ—ଖଣ୍ଡିଏ ଉଚ୍ଚ ଧରଣର "ସମାଲୋଚନା"-ମୂଳକ ପତ୍ରିକା ନ ଥିବାରୁ ଉତ୍କଳର ମାସିକ ପତ୍ରିକାଗୁଡ଼ିକର ସମାଲୋଚନା ହେଉ ନାହିଁ । କଟକରୁ ଯେଉଁ "ରସଚକ୍ର" ବାହାରୁଥିଲା ତାହା ବର୍ତ୍ତମାନ ବନ୍ଦ ହୋଇ ଯାଇଅଛି । ତାହା ବଦଳରେ ଖଣ୍ଡିଏ ନିରପେକ୍ଷ ସମାଲୋଚନା-ମୂଳକ ମାସିକ ବା ଦ୍ୱୈମାସିକ ପତ୍ରିକା ପ୍ରକାଶିତ ହେବା ଦରକାର ।

୫ମ—କେତେକ ବର୍ଷ ତଳେ କଟକରୁ 'ଶିକ୍ଷାଦର୍ପଣ' ଓ 'ପରିଚାରିକା' ନାମରେ ଯେଉଁ ପତ୍ରିକା କେବଳ ନାରୀମାନଙ୍କ ସମ୍ପାଦକତ୍ୱରେ ପ୍ରକାଶିତ ହେଉଥିଲା ତଦ୍ଦ୍ୱାରା ଅନ୍ତଃପୁର ମହିଳା-ମାନଙ୍କ ମଧ୍ୟରେ ସାହିତ୍ୟ ଚର୍ଚ୍ଚାର ଏକ ଢେଉ ଖେଳି ଯାଇଥିଲା, କିନ୍ତୁ ଆଜିକାଲି ଉତ୍କଳରୁ ଖଣ୍ଡିଏ ନାରୀ ପତ୍ରିକା ଦେଖିବାକୁ ପାଉ ନାହୁଁ । ଦଶ ବର୍ଷ ମଧ୍ୟରେ ଅନେକ ମହିଳା ବିଶ୍ୱବିଦ୍ୟାଳୟରୁ ଡିଗ୍ରୀ ପାଇଛନ୍ତି । ଏକାଧିକ ଯୁବତୀ ଡାକ୍ତରୀ ଓ ଆଇନ ପ୍ରଭୃତି ପାସ କରିଛନ୍ତି । ସାମୟିକ 'ଖେଚଡ଼ି' ପତ୍ରିକା ଗୁଡ଼ିକରେ ନିଜର ଧାରାବାହିକ ପଦ୍ୟ ଓ ଗଦ୍ୟ ପ୍ରବନ୍ଧ ଲେଖନ୍ତି । ତଥାପି, ଏ ଯୁଗରେ ଖଣ୍ଡିଏ ନାରୀ-ପତ୍ରିକା ଉତ୍କଳରେ ପ୍ରକାଶିତ ହୋଇପାରୁ ନାହିଁ ।

୬ଷ୍ଠ—ଶିଶୁ-ଶିକ୍ଷା ସମ୍ବନ୍ଧୀୟ ପତ୍ରିକା ମଧ୍ୟ ସେହି ପରି ବିରଳ । 'ପଞ୍ଚାମୃତ' ଖଣ୍ଡିକ ପାଞ୍ଚ ବର୍ଷ ନ ପୂରୁଣୁ ପଞ୍ଚତ୍ୱ ଲାଭ କଲା ।



Digitized by srujanika@gmail.com

ବର୍ତ୍ତମାନ କେବଳ ଜନ୍ମମାତ୍ର ପାଞ୍ଚ ବର୍ଷରେ ପ୍ରବେଶ କରିଛି—କିନ୍ତୁ ଏଥିରେ ମଧ୍ୟ ସେଇ ରକମ ଖେଚଡ଼ ପ୍ରବନ୍ଧ ବାହାରେ ।

ଏକ୍ଷଣି ଉତ୍କଳର ବିଭିନ୍ନ ହାଇ ସ୍କୁଲ, ଅଳ୍ପ କେତୋଟି ମାଇନର ସ୍କୁଲ ଏବଂ କଟକ କଲେଜ ଓ ଟ୍ରେନିଂ ସ୍କୁଲରୁ ଖଣ୍ଡିଏ ଖଣ୍ଡିଏ ତ୍ରୈମାସିକ ପତ୍ରିକା ବାହାରେ । ଏଗୁଡ଼ିକ କେବଳ ଛାତ୍ର-ମାନଙ୍କପାଇଁ ନିର୍ଦ୍ଦିଷ୍ଟ । ସେଥିର ପ୍ରବନ୍ଧଗୁଡ଼ିକ ମଧ୍ୟ ପୁରୁଣାକାଳିଆ ଚର୍ବିତ ଚର୍ବଣ ପରି ବୋଧହୁଏ ।

## ଆଉ କେତୋଟି ଅଭାବ

ଉପର୍ଯ୍ୟୁକ୍ତ ସାଧାରଣ ଅଭାବ ବ୍ୟତୀତ ଆମ ଦେଶର ମାସିକ ପତ୍ରିକା ଗୁଡ଼ିକରେ ନିମ୍ନ କେତୋଟି ବିଶେଷ ଅଭାବ ମଧ୍ୟ ଦେଖାଯାଏ:—

୧ । ଠିକ୍ ନିର୍ଦ୍ଦିଷ୍ଟ ଦିନରେ ପ୍ରକାଶିତ ହୁଏ ନାହିଁ ।

୨ । "ମାସିକ ପତ୍ରିକା" କହିବା ସତ୍ତ୍ୱେ ବର୍ଷ ମଧ୍ୟରେ ଏକାଧିକ ଥର ଦୁଇ ମାସରେ ଥରେ ପ୍ରକାଶିତ ହୁଏ, ପୁଣି ତାହା ମଧ୍ୟ ସେଇ ଛୋଟ ଆକାରରେ—ଗ୍ରାହକମାନଙ୍କଠାରୁ ଦୁଇ ସଂଖ୍ୟାର ପଇସା ନେଇ ଗୋଟିଏ ସଂଖ୍ୟା ସେମାନଙ୍କୁ ଦେବାଦ୍ୱାରା ପ୍ରକୃତରେ ସେମାନଙ୍କ ପ୍ରତି ଅନ୍ୟାୟ କରି ଯାଇଥାଏ କିନା ?

୩ । ପ୍ରତି ମାସର ବିଷୟ ନିର୍ବାଚନ ଦିଗରେ ଆଦୌ ଦୃଷ୍ଟି ଦିଆଯାଏ ନାହିଁ । ଗୋଟିଏ ସଂଖ୍ୟାରେ ଗୁଡ଼ାଏ ପଦ୍ୟ ହେଲେ, ଅନ୍ୟ ସମୟରେ କେବଳ ଗଳ୍ପ, କାହାଣୀ ପ୍ରକାଶିତ ହୁଏ । ଗୋଟିଏ ସଂଖ୍ୟାରେ ଜଣେ ଲେଖକଙ୍କର ଏକାଧିକ ପ୍ରବନ୍ଧ ମଧ୍ୟ ଦିଆଯାଏ ।

୪ । ସାଧାରଣ ଚୁଟୁକୁଲା ଓ ନିର୍ଜୀବ ପ୍ରବନ୍ଧ କିମ୍ବା ଅନ୍ୟ ଜାତିର କବିତାଗୁଡ଼ିକୁ ଭାଙ୍ଗିଭୁଙ୍ଗି ଛୋଟ ବଡ଼ କବିତାକୁ ପାଳ-ଗୋଛ ପରି ଏକାଠି କରି ଛାପି ଦେଲେ ହେଲା—ଏହା ମଧ୍ୟ କେତୋଟି ପତ୍ରିକାର ଜୀବନରେ ଘଟିଥାଏ ।

୫ । ପ୍ରବନ୍ଧଗୁଡ଼ିକ ଛାପା ହେବା ପୂର୍ବରୁ ତହିଁର ଭୁଲ ସଂଶୋଧନ କରିବା ଓ ନିତାନ୍ତ ଆବଶ୍ୟକୀୟ ସ୍ଥାନରେ ଅଳ୍ପ କେତୋଟି ସଂଶୋଧନ, ପରିବର୍ତ୍ତନ ବା ପରିବର୍ଦ୍ଧନ କରିବା ପାଇଁ ସଂପାଦକ କିମ୍ବା ତାଙ୍କ ପାହ୍ୟା ଲୋକମାନେ ଉପଯୁକ୍ତ ଯତ୍ନ ନିଅନ୍ତି ନାହିଁ ।

୬ । ଅନେକ ପତ୍ରିକାର ଆକାର ପ୍ରକାର ମଧ୍ୟ ରୁଚିକର ଦେଖାଯାଏ ନାହିଁ ।

୭ । ଏ ଯୁଗରେ ଆମ ଦେଶର ମାସିକ ପତ୍ରିକା ଗୁଡ଼ିକରେ ପ୍ରତି ମାସରେ ସଚିତ୍ର ପ୍ରବନ୍ଧ ଛାପିବା ବ୍ୟବସ୍ଥା କରାଯାଉ ନାହିଁ—ଏ ଦିଗରେ କେତେକ ଅସୁବିଧା ଥିବାର ମୁଁ ଜାଣେ, କିନ୍ତୁ ଚେଷ୍ଟା କଲେ ଏହି ଅଭାବ ଅଚିରେ ଦୂର ହେବା ଅସମ୍ଭବ ନୁହେଁ ।

## ସଂପାଦକଙ୍କ ଦାୟିତ୍ୱ

୧ । ଖଣ୍ଡିଏ ସୁରୁଚିପୂର୍ଣ୍ଣ ଏବଂ ଦେଶବାସୀଙ୍କର ଆଦରଣୀୟ ମାସିକ ପତ୍ରିକା ପ୍ରକାଶ କରିବାପାଇଁ ତିନି ଚାରୋଟି ପ୍ରଧାନ ବିଷୟ ଦରକାର:—

(କ) ଜଣେ ନିରଳସ ଓ କର୍ମପଟୁ ସଂପାଦକ, ଯେ କି ନିଜର ସମସ୍ତ ସମୟ କେବଳ ସେଇ କାର୍ଯ୍ୟରେ କଟାଇବେ ।

(ଖ) ଧାରାବାହିକ ପ୍ରବନ୍ଧ ଲେଖକ ।

(ଗ) ଯଥେଷ୍ଟ ପରିମାଣରେ ଗ୍ରାହକ ଏବଂ

(ଘ) ଦେଶର ପ୍ରତ୍ୟେକ ପୁରପଲ୍ଲୀରେ ପ୍ରଚାରକ ଓ ପାଠକ ।

୨ । ନିଜର ସମସ୍ତ ସମୟ କେବଳ ପତ୍ରିକା ସଂପାଦନରେ କଟାଇବା ଭଳି ସଂପାଦକ ଆମ ଉତ୍କଳରେ କିଏ ଅଛନ୍ତି ମୁଁ ଦେଖିନି । ଗତ ଦଶ ବର୍ଷ ମଧ୍ୟରେ ମୁଁ ପ୍ରାୟ ସବୁ ପତ୍ରିକାର ସଂପାଦକମାନଙ୍କୁ ଦେଖିଛି—କିନ୍ତୁ ଏହା ମଧ୍ୟ ଦେଖିଛି ଯେ ସେମାନଙ୍କର ଅନୁପସ୍ଥିତିରେ ଏକ ଦୁଇ ମାସର ପତ୍ରିକା ପ୍ରକାଶିତ ହୋଇଛି ।

୩ । ଆଦର୍ଶ ସାହିତ୍ୟ ପତ୍ରିକା ପ୍ରକାଶ କରିବା ପାଇଁ ସଂପାଦକ-ମାନଙ୍କୁ ଯଥେଷ୍ଟ କାର୍ଯ୍ୟ କରିବାକୁ ହେବ । ଦେଶର ପ୍ରତ୍ୟେକ ଶ୍ରେଣୀ ଶିକ୍ଷିତ ବ୍ୟକ୍ତିଙ୍କ ସହ ସମ୍ବନ୍ଧ ରଖି ସେମାନଙ୍କଠାରୁ ସାମୟିକ ଉପଦେଶ, ପରାମର୍ଶ ଓ ଉତ୍ସାହ ଲାଭ କରିବାକୁ ହେବ । ଦେଶର ସାଧାରଣ ଲୋକମାନେ କି ଧରଣର ପ୍ରବନ୍ଧ ପଢ଼ିବାକୁ ଚାହାନ୍ତି ଏବଂ ସେପରି ଲେଖକ କିଏ କେଉଁଠାରେ ଅଛନ୍ତି, ଏ ସବୁ ଜାଣି ନିଜର ଦରକାରୀ ପ୍ରବନ୍ଧ ସଂଗ୍ରହ କରିବାକୁ ହେବ । ଅନେକ ନୂତନ ଲେଖକଙ୍କୁ ଉତ୍ସାହ ଦେବା, ପୁରୁଣା ଲେଖକଙ୍କୁ ତାଲିମ କରିବା ଏବଂ ଦେଶକାଳପାତ୍ର ବିବେଚନାରେ ଯେଉଁ ଯେଉଁ ନୂତନ ବିଷୟ ନେଇ ପ୍ରବନ୍ଧ ଲେଖିବା ଦରକାର ସେ ଶ୍ରେଣୀ ପ୍ରବନ୍ଧ ଲେଖିବା ପାଇଁ କେତେକ ନିର୍ଦ୍ଦିଷ୍ଟ ଲେଖକଙ୍କୁ ବାଛି ନେବା ଭାର ସଂପାଦକଙ୍କର । କିନ୍ତୁ ଆମ ଦେଶର କେତେ ଜଣ ସଂପାଦକ ଏଇ କାର୍ଯ୍ୟ କରନ୍ତି ?

୪ । ଏ ଦେଶରେ ଧାରାବାହିକ ପ୍ରବନ୍ଧ ଲେଖକ ନାହାନ୍ତି କହିଲେ ଚଳେ । କାହିଁକି ବା ରହିବେ ? ମୋର ଗତ ଦଶ ବର୍ଷର ଅନୁଭୂତିରୁ ମୁଁ ସ୍ପଷ୍ଟ କହିପାରେଁ ଯେ ଏ ଦେଶର ଲେଖକ ହେବା ମାନେ "ଘରୁ ଭାତ ଖାଇ ବଣ ବଲୁଡ଼ ହକାଇବା ।"

ସଭ୍ୟ ଦେଶରେ ପ୍ରତ୍ୟେକ ଲେଖକ ନିଜ ପ୍ରବନ୍ଧ ପାଇଁ ସଂପାଦକଙ୍କଠାରୁ କିଛି ଅର୍ଥ ପୁରସ୍କାର ପାଏ କିନ୍ତୁ ଏଠି ସାମୟିକ ସେହି ପ୍ରବନ୍ଧର କେତେ ଖଣ୍ଡ ପୁନର୍ମୁଦ୍ରଣ (Re-print) ମାଗିଲେ ମଧ୍ୟ ତାହା ଦେବା ପାଇଁ କୌଣସି ସମ୍ପାଦକ ଇଚ୍ଛା କରନ୍ତି ନାହିଁ ।



ଛ

Digitized by srujanika@gmail.com

୫। ମୋର ନିଜ ଅନୁଭୂତିରୁ ଲେଖୁଛି—ମୁଁ ପଠାଇଥିବା ଖଣ୍ଡିଏ ପ୍ରବନ୍ଧ ସମ୍ପାଦକ ନିଜ ନାମରେ ଆପଣା ପତ୍ରିକାରେ ପ୍ରକାଶ କରିଥିଲେ। ଏହା ଅପେକ୍ଷା ସମ୍ପାଦକୀୟ ଦାୟିତ୍ୱର ଆଉ କି ଘୋର ତ୍ରୁଟି ହୋଇପାରେ ?

୬। ପରିଶେଷରେ ପ୍ରଚାରର ଅଭାବ। ଏ ଦେଶର ମାସିକ ପତ୍ରିକାଗୁଡ଼ିକ ମୁଷ୍ଟିମେୟ 'ସହରିଆ ଶିକ୍ଷିତ' ମାନଙ୍କ ମଧ୍ୟରେ ସୀମାବଦ୍ଧ ହୋଇ ରହୁଛି। ଶତ ଶତ ପଲ୍ଲୀରେ ଥିବା ଶିକ୍ଷିତ ଓ ଧନୀ ବ୍ୟକ୍ତି ଏଗୁଡ଼ିକର ନାମ ଗନ୍ଧ ସୁଦ୍ଧା ଜାଣନ୍ତି ନାହିଁ। ଏଗୁଡ଼ିକର ବିଷୟ ନିର୍ବାଚନ ମଧ୍ୟ ଏହି ଅଭାବର ପ୍ରଧାନ କାରଣ ଅଟେ। ପଲ୍ଲୀର ନିରାହ, ଦୁଃସ୍ଥ, ବନ୍ୟା ମରୁଡ଼ି ଦୁର୍ଭିକ୍ଷ ପ୍ରପୀଡ଼ିତ ଓ ଜମିଦାର ସାହୁକାର କବଳରେ ନିଷ୍ପେଷିତ ପଲ୍ଲୀବାସୀଙ୍କ ପାଇଁ ଓଟୁଆଟକ୍ର, ଅବିସିନିଆ ସମ୍ରାଟ କଥା କିମ୍ବା ଚୀନ ଜାପାନ ଯୁଦ୍ଧ ସମ୍ବନ୍ଧରେ ପୃଷ୍ଠା ପୃଷ୍ଠା ବ୍ୟାପୀ ପ୍ରବନ୍ଧ କି ଦରକାର ? ଏ ଦେଶର ସ୍କୁଲ ଛାତ୍ରଙ୍କ ଆଦର୍ଶ ଜୀବନ ଗଠନ ପ୍ରଣାଳୀ, ପଲ୍ଲୀବାସୀଙ୍କ କୃଷି, ଶିଳ୍ପ, ବାଣିଜ୍ୟ, ବନ୍ୟାର ପ୍ରତିକାର, ରୋଗ ବ୍ୟାଧିର ପ୍ରତିକାର ଏବଂ ସାମାଜିକ ଓ ନୈତିକ ସଂସ୍କାର ପ୍ରଭୃତି ପ୍ରବନ୍ଧ ଯେତେ ଦିନ ଯାଏ ପ୍ରକାଶ ନ ପାଉଛି, ଆମ ଦେଶର ପଲ୍ଲୀବାସୀ ଆଧୁନିକ ମାସିକ ପତ୍ରିକାଗୁଡ଼ିକର କାହିଁକି ଆଦର ଓ ସଦ୍‌ବ୍ୟବହାର କରିବେ ?

# ରୋଜଗାର

## ଶ୍ରୀ ନିତ୍ୟାନନ୍ଦ ମହାପାତ୍ର

ମଣିଷ ଜୀବନରେ ଏମିତି ଗୋଟାଏ ଗୋଟାଏ ବେଳ ଆସେ ଯେ ବାହାରର ଅମାବାସ୍ୟା ଅନ୍ଧାରରେ ବାଟ ଘାଟ ବାରି ନ ହେଲେ ପରି ନିଜ ଭିତରକୁ ଚାହିଁ ସେ ଯେ ନିଜକୁ ଚିହ୍ନି ପାରେ ନାହିଁ, ଏତିକି ନୁହେଁ—ବରଂ ଡରିଯାଏ ବି।

ନିଛାଟିଆ ଅଗସ୍ତା ଉପରେ ଅନ୍ଧାର ଓହ୍ଲେଇ ଆସୁଥିଲା—ଖୁବ୍ ସାବଧାନରେ। ଡେଙ୍ଗା ତାଳଗଛ ତଳେ ସେ ଗାଁର କାନ ପାଖରେ ଅଜାଣତା ନଇଁପଡି କଣ କହୁଥିଲା କେ ଜାଣେ ?

ତାକୁ ଦେଖୁଛ କିଏ ? ପେଟରେ ଭୋକ—ରାକ୍ଷସ ପରି ଭୋକ। ସମାଳି ହେଉ ନାହିଁ।

" ସେଠି କିଏ ବସିଛ ? "—ତେଣେ ଜଣେ କିଏ ଡାକିଲା। ସେ ଶୁଣିଲା ନାହିଁ। କାହିଁକି ଶୁଣିବ ? ସେ ଖାଲି ଚମକି ପଡ଼ି ଚାହିଁଲା। ପୁଣି ଅଣ୍ଟୁ ଭିତରେ ମୁହଁ ଗୁଞ୍ଜି ବସିଲା। ଆଖିରୁ ଦରି ଦରି ଲୁହ ବହି ଯାଉଥାଏ ସେମିତି।

ସେ ଲୋକଟା ବୁଝିଲା ଚାଲିଗଲା। ତା'ର କି ଯାଏ ଆସେ ଏଠି କିଏ ବସି ହସୁଛି କି କାନ୍ଦୁଛି, ବୁଝିବ ଏତେ ? ତା କାମରେ ସେ ତାର ଚାଲିଗଲା।

ଝିପ୍ରେ ମେଘ ଆସି ଆକାଶଟାକୁ ଢାଙ୍କି ପକେଇଲା ସଙ୍ଗେ ସଙ୍ଗେ। ନଈ ସେ ପଟରୁ ତୋଫା ବନ୍ଦରଗଛ ପତର ଗହଳି ଭିତରେ ଚଗଲା ପବନଟା ସେଇଠି ନଟପଟ ହେଉଥିଲା ଦଣ୍ଡିକ ଆଗରୁ, ବୁଝିଲେ ଯେ ପଳେଇଲା ତାର ପତ୍ତା ନାହିଁ।

ସେ ହଠାତ୍ ଚମକି ପଡ଼ି ଆକାଶକୁ ଚାହିଁଦେଲା। କାଳିଆ ଭୂତ ପରି ମେଘ ମାଡ଼ି ଆସୁଛି। ଘନଘୋଟ ଅନ୍ଧାର। ସେ ଡରିଗଲା। ମନ କଲା ପଳେଇବ।

କେଉଁଠିକି ଯିବ ସେ ? ତାର କିଏ ଅଛି—ପୁଣି ନାହିଁ ବା କିଏ ? ମା ଅଛି, ଭାଇ ଅଛି, ଭଉଣୀ ଅଛି, ଆଉ ଥାଆନ୍ତା କିଏ ? କିନ୍ତୁ ସମସ୍ତେ ଥାଇ ବି କେହି ନାହାନ୍ତି ତା'ର।

କାରଣ ?

କାରଣ ଆଉ କ'ଣ ? କାରଣ, ସେ ରୋଜଗାର କରେ ନାହିଁ। ତା'ଛଡ଼ା ଆଉ କାରଣ କ'ଣ ? ଥିଲେ ଥାଇ ପାରେ, କିନ୍ତୁ ସେ ତ ବୁଝେ ଏୟା।

ମିଛ କଥା। ରୋଜଗାର ନ କଲା ବୋଲି, ମା—ଯେ ଜନ୍ମ କରିଛି—ରକ୍ତ ଦେଇ ଗଢ଼ିଛି କ୍ଷୀର ଦେଇ ପାଳିଛି, ସେ କଣ ପର ହୋଇ ପାରେ ? କେବେ ନୁହେଁ।

ତେବେ ଏୟା ହେଲା କିମିତି ? ସେ ଦିନ ସେ ଯାଇଥିଲା ବୁଲି—ଆସିବା ବେଳକୁ ଟିକିଏ ଡେରି ହୋଇଗଲା। ସମସ୍ତେ ଖାଇ ପିଇ ସାରି ହାଣ୍ଡି ପଖାଳି ଦେଲେଣି। ମାକୁ ଯାଇ ଭାତ ମାଗିଲାରୁ ମା କହିଲା ଭାତ ନାହିଁ। ପୁଣି ଗାଳି ବି ଦେଲା। କହିଲା—'ଯେଉଁ ରୋଜଗାର କରି ସମସ୍ତିଙ୍କି ପୋଷି ପକାଉଚୁ ନା, ପୁଅ ନ ଆସିଛି ବୋଲି ଦଣ ଘଡ଼ଯାଏ ଅଖିଆ ଅପିଆ ସମସ୍ତେ ଚାହିଁ ବସିଥାନ୍ତେ। କେଉଁ ଗାଡକୁ ଯାଇଥିଲୁ କି ? କେଉଁ ଚୁଲିରେ ପଶିଥିଲୁ କି ? କାହାର କୋଡ଼ ହାଣୁଥିଲୁ କି ?'



Digitized by srujanika@gmail.com

ଭାଉଜ ଗାଳିଦିଏ । ଯେତେବେଳେ ପାରେ ସେତେବେଳେ ଗାଳିଦିଏ, ତାକୁ ସେ କାନରେ ନିଏ ନାହିଁ । ପର ମଣିଷ ସେ, ତାର ଦରଜ ହେବ କାହିଁକି—ଯିଏ ଭଲ ମନ୍ଦ ହାନି ଲାଭ ବୁଝିବ? ତାର କି ଗରଜ ? କଥାରେ କହନ୍ତି ଭାଇ ଯେ, ଭଗାରି ସେ । ଗଣ୍ଡେ ଗଣ୍ଡେ ଖାଇବାକୁ ଯେ ମିଳୁଛି, ସେଇ ତାଙ୍କର ଅସୀମ ଦୟା । ଖାଇବାକୁ ଦିଅନ୍ତି ବୋଲି ଯେ ବସେଇ ପୂଜା କରି ଖାଇବାକୁ ଦିଅନ୍ତି, ତାହା ନୁହେ । ଜବରକରି ଖଟେଇ ନିଅନ୍ତି—ତେବେ ଯାଇ ଦିଅନ୍ତି ଖାଇବାକୁ । ସକାଳୁ ସଞ୍ଜ ଯାଏ ତ ସେ ଛୁଆଟାକୁ ଧରିଥାଏ । ଛୁଆଟା ବି ଏମିତି ଯେ ତା ଛଡ଼ା ଆଉ କାହାରି ପାଖ ପଶିବ ନାହିଁ । ସବୁବେଳେ ଦିନ ରାତି ସେଇ 'ଦାଦା' 'ଦାଦା' । 'ଦାଦାକୁ ମରଣ ନାହିଁ କି ତୋତେ ବି ମରଣ ନାହିଁ'—ଯେତେବେଳେ ନିହାତି ଚଡ଼ାଏ ପିଲାଟା, ବେଳେ ବେଳେ ତା ପାଟିରୁ ବାହାରି ପଡ଼େ । ଛୁଆଟା—କଥାର ମରମ ତ ବୁଝିପାରେ ନାହିଁ; ଖାଲି ବାରକୁର ଭାବଟା ବୁଝି ପାରି କାନ୍ଦେ । ସେ ପୁଣି ତାକୁ ଛାତିରେ ଯାକିନେଇ କପାଳ ଉପରେ ବାର ବାର ଚୁମା ଦିଏ । କାଖରେ ଧରି ବୁଲାଏ, ନଚାଏ । ଦିନେ ଏମିତି କଅଣ ଗୋଟାଏ ଅଖାଡ଼ୁଆ କଥା ତା' ମୁହଁରୁ ବାହାରି ପଡ଼ିଲା । ଭାଉଜ ଆସି ଚମ୍ପ ପରି ମାଁ ଫାଁ ଗର୍ଜି କହିଲା—"ଭାରି ମଙ୍ଗଳରେ ଅଛ ତ ତମେ ? ହଁ, ଗୃହିବ ନାହିଁ—ତା' ମରଣ ତମେ ଖୋଜିବ ନାହିଁ ? ତା ନ ହେଲେ ସବୁ ସମ୍ପତ୍ତିଯାକ ପୁଣି ଭୋଗନ୍ତି କମିତି? ମାଧ ମୋର ମଲେ ତମର କାମ । ଛାଡ଼—ଛାଡ଼—ତମ ଭଲ—ଲୋକେ ଜଣା ପଡ଼ିଲଣି । କେତେବେଳେ ଯେ କ'ଣ କରିବ ତା' କିଏ ଜାଣେ? " କହି ଛୁଆଟାକୁ ତା' ପାଖରୁ ଟାଣି ଆଣିଲା । ଛୁଆଟା 'ଦାଦା ଦାଦା' ବୋଲି କାନ୍ଦିଲା । ଏ ବଲ ବଲ କରି ଗୃହିଁ ଥାଏ ।

ତେବେ ସେ ସବୁ କଥାକୁ ସେ ଖାତିର କରେ ନାହିଁ । କିନ୍ତୁ ମା—ନିଜର ମା—ଯେ ଦଶ ମାସ ଦଶ ଦିନ ପେଟରେ ଧରିଛି, ତା' ମନରେ ପୁଣି ଏ କଥା । ତାକୁ ବଡ଼ ବାଧିଲା । କାହା ମୁହଁକୁ ଗୃହିଁ ଘରକୁ ଯିବ ?

ମା କ'ଣ ତାକୁ କେବେ କିଛି କହେ ନାହିଁ ? କେବେ ଏମିତି ଗାଳି ଦିଏ ନାହିଁ ? ଦିଏ । କହେ । କିନ୍ତୁ ଆଜି ତାକୁ କାହିଁକି କେଜାଣି ବଡ଼ ବାଧିଲା । ଭୋକ—ଅଜ୍ଞାନ ଭୋକ ବେଳ । ଭୋକରେ ଅଉଟି ହେଉଥାଏ ସେତେବେଳେ । ଶୋଷରେ ଛାତି ଫାଟି ଯିବ କି ସତେ ? ଖରାରେ ସେ କେତେଗୁଡ଼ାଏ ବାଟ ଦଉଡ଼ି ଦଉଡ଼ି ଆସିଥିଲା । ପ୍ରାଣ ଖାଲି ଡହଳ ବିକଳ ହେଉଥିଲା । ଏଇ ତାତୁଣିଆ ବେଳରେ କି ମାର ଏ କଥା । ସେ ସହି ପାରିଲା ନାହିଁ । ପ୍ରାଣରେ ବଡ଼ ଲାଗିଲା । କାହାରିକୁ କିଛି ନ କହି ସେ ଘରୁ ବାହାରି ଆସିଲା, ତାକୁ କେହି ପଦେ ପଚାରିଲା ନାହିଁ ସେ ଯାଉଛି କୁଆଡ଼େ ବୋଲି । ଏତେବେଳ ଆସି ହେଲଣି । ଆଉ ପୁଣି ସେ ଫେରିବ କେଉଁ ମୁହଁରେ ?

କିନ୍ତୁ ଫେରିଲା । ଆଉ ଟିକକେ ବର୍ଷା ହେବ । ବାଧ୍ୟହୋଇ ଫେରିଲା । କିନ୍ତୁ କେଉଁଠିକି ଯିବ ସେ ଜାଣେ ନାହିଁ । କିଛି ଠିକ୍ କରି ପାରିଲା ନାହିଁ ।

ବର୍ଷା ହେଲା । ସେ ସଡ଼କ ଉପରେ ହେଇଚି, ହେଲା ଯେ ବର୍ଷା, ଗଲା—ଛେଚି ପକେଇ ଗଲା ପରଦ୍ରେ । କଅଣ କରିବ ସେ ? ନାଚାର । ଭିଜିଲା ।

'ହାଁ ହାଁ ଭାଇ ଭିଜିଗଲ ଯେ । ଏଇ ଛତା ତଳକୁ ଆସ ।'

କିଏ ଜଣେ ବାଟୋଇ ଡାକିଲା । ସେ ବିଶ୍ୱାସ କରି ପାରିଲା ନାହିଁ । ସେ ଭୁଲ ଶୁଣିଛି । ଆଉ କିଏ କାହାକୁ କ'ଣ କହୁଛି, ତାର ଏଇଟା ଦରକାର ବୋଲି ତାକୁ ଶୁଭିଲା ଏମିତି ।

ବାଟୋଇଟି ଆସି ତା' ମୁଣ୍ଡ ଉପରେ ଛତା ଧରିଲା । ପଚାରିଲା—'କୁଆଡ଼କୁ ଯିବ ?'

ସେ ତାକୁ ପଦେ କାଳ ଅନେଇ ରହିଲା । ଏ ମଣିଷ ତ । ଯେଉଁ ରକତ ମାଉଁସରେ ଭାଇ ଭାଉଜ ମା ବାପଙ୍କର ଦେହ ଗଢ଼ା, ଏ ସେଇ ରକତ ମାଉଁସରେ ଗଢ଼ା ତ ? ଯେଉଁ ଦୁନିଆରେ ଏତେ ସ୍ୱାର୍ଥ—ଏତେ ଅହମିକା, ଏ ସେଇ ଦୁନିଆରେ ଘର କରିଅଛି ତ ? ଯେଉଁଠି ନିଜ ମଣିଷ ଏଡ଼େ ଶତ୍ରୁ, ଏତେ ପର ହେଇପାରନ୍ତି, ସେଠି ଏ ଭଳି ମଣିଷ ଜନ୍ମ ହୁଅନ୍ତି ପୁଣି କେମିତି ?

କୃତଜ୍ଞତାରେ ତା' ଭିତର ପୂରିଉଠିଲା । ଆଖିରେ ତାର ଲୁହ ଛଳ ଛଳ କଲା ।

'ସ୍କୁଲେ ଯିବ ତ ?' ସେ ପୁଣି ପଚାରିଲା ।

'ହଁ ।' ତା' ନ କହି ଆଉ ସେ କହନ୍ତା କ'ଣ ?

'ଏଇ ଗାଁରେ ତମ ଘର ?' ଆଗ ଗାଁକୁ ଗୃହିଁ ସେ ପଚାରିଲା । ସେଥିରେ ବି ସେ ହଁ ଭରିଲା । ଅଥଚ ଘର ତାର ରହିଗଲାଣି, ତେର ପଛରେ ।

'ଚାଲ, ମୁଁ ତ ସେଇ ବାଟେ ଯିବି । ତମକୁ ଘରେ ଛାଡ଼ି ଦେଇ ଯିବି ।'

'ତମେ ଯିବ କେଉଁଠିକି ?'

'ମୁଁ ଷ୍ଟେସନ ଯାଉଛି—ଯିବି କଲିକତା ।'

'କଲିକତା ?' ତା' ଛାତିରେ ଯେମିତି ସାହସର ବଳ ଜମା ହୋଇଗଲା ସାଙ୍ଗେ ସାଙ୍ଗେ ।

'ହଁ । କାହିଁକି ? ତମର କେହି ଲୋକ ଅଛନ୍ତି କି ? କିଛି ଖବର ଦେବ ?'

'ନା, କିଛି ଖବର ଦେବ ନାହିଁ ଯେ—ତେବେ—'

'କ'ଣ କହୁ ନାହଁ ।'

'ମୋତେ—ମୋତେ ତମେ ସାଙ୍ଗରେ କଲିକତା ନେଇ ପାରିବ?'

'କଲିକତା ?'

'ହଁ, କଲିକତା ।'

'କାହିଁକି ଯିବ ତମେ କଲିକତା ?'

'ହଁ ମୁଁ ଯିବ ।'

'ଭଲ ମଣିଷ ଯାଆନ୍ତି ନାହିଁ ସେଠିକି ।'

'ହଁ, ମୁଁ ଯିବ । ତମେ ପୁଣି ଯାଉଛ ତ ?'

'ପେଟ ପୋଡ଼ିବାରୁ'

'ନାଇଁ, ମୋତେ ନେଇ ଚାଲ । ମୋତେ ଦୟା କର ।'

'କି ଅଲଗି କଥା ! ମୁଁ ତମକୁ ନେଇଯିବି କେମିତି ? ତମେ ଘରେ ପଚାରିଚ ?'

'ଘରେ ? ଘରେ କାହାକୁ ପଚାରିବି ?'

'ଘରେ କଣ କେହି ନାହାନ୍ତି ?'

'ନା, ମୋର କେହି ନାହିଁ । ମୁଁ ବଡ଼ ଦୁଃଖୀ—ମୋତେ ନେଇ ଚାଲ—ମୋତେ ଦୟା କର ।'

'କାହିଁକି ଯିବ ସେଠିକି ? ସେଠା ବଡ଼ ଖରାପ ଜାଗା ।'

'ତମେ ଯଉଥି ପାଇଁ ଯାଉଚ, ମୁଁ ବି ସେଇଥି ପାଇଁ ଯିବି । କାମ କରିବି—ଖାଇବି । ଆଉ ପୁଣି କାହିଁକି ଯାଆନ୍ତି ଲୋକେ ? ମୋତେ ଦୟାକର—ମୋତେ ନେଇ ଚାଲ ସଙ୍ଗରେ । ମୁଁ ଉପାସରେ ପଡ଼ି ମରୁଛି । ମୋର କେହି ନାହିଁ—ମୁଁ ତମର କେତେବେଳେ ହେଲେ କ'ଣ କିଛି ଉପକାର କରି ପାରିବି ନାହିଁ?'

ତାର ବିକଳ ଦେଖି ଲୋକଟିର ଦୟା ହେଲା । କହିଲା—'ଆଚ୍ଛା, ଷ୍ଟେସନ ଯାଏ ଚାଲ ଆଗ । ଦେଖେଁ, ଯଦି ଟିକେଟକୁ ପଇସା ହେବ !''

## ଦୁଇ

କଲିକତା । ଟ୍ରାମ, ମଟର, ଗାଡ଼ି, ରିକ୍ସା ଦିନରାତି ଚାଲିଛି । ବିରାମ ନାହିଁ, ଅବସର ନାହିଁ । କଲ କାରଖାନା, ଦୋକାନ ବଜାର ଯେଉଁଠି ଦେଖ ସେଇଠି ଅଗଣିତ । ଓଡ଼ିଆ, ବଙ୍ଗାଳି, ହିନ୍ଦୁସ୍ଥାନୀ, ମାଡ୍ରାସୀ, ଫିରିଙ୍ଗି, ସାହେବ, ସ୍ତ୍ରୀ ପୁରୁଷ, ଲକ୍ଷ ଲକ୍ଷ ଲୋକ ଚାଲିଛନ୍ତି । ସୁମାରି ନାହିଁ । ତାରି ଭିତରେ ଗୋଟିଏ ଲୋକ । ତାକୁ ପଚାରେ କିଏ ? ତାକୁ ଚିହ୍ନେ କିଏ ? ଜାଣେ କିଏ ? ଜୀଅନ୍ତା ମଣିଷଟେ । ସେ ମରି ନାହିଁ । ଏତିକ ସମସ୍ତେ ଜାଣନ୍ତି । ସମସ୍ତେ ନୁହନ୍ତି—ଯେ ଦେଖେ ସେ ଜାଣେ । ସେ ଜାଣିବାର କିଛି ମୂଲ୍ୟ ନାହିଁ । ବଣ ଭିତରେ ଛୋଟ ବଡ଼ ହଜାର ହଜାର ଗଛ—ନାନା କିସମର ଗଛ ଥାଏ । ବାଟୋଇ ଜାଣେ ଯେ ଏଟା ବଣ । ଏଠି ଅନେକ ଗଛ ଅଛି । ସେଇ ଅନେକ ଭିତରେ ଗୋଟିଏ । ଅନେକର ମାନେ ଏଇ ଗୋଟିକୁ ଛାଡ଼ି ନୁହେଁ । ଏହି ଗୋଟିକ ବି ତା' ଭିତରେ ଅଛି । ତାକୁ ସେ ଦେଖୁ ନ ଦେଖୁ, ଜାଣୁ ନ ଜାଣୁ ସେ ଅଛି । ସେମିତି ଏ ମଣିଷଟି ବି ଅଛି । ବିରାଟ କଲିକତା ନଗରୀ ଭିତରେ ଏ ଗୋଟାଏ କ୍ଷୁଦ୍ର ଜୀବ—ଦୀନ, ଦରିଦ୍ର । ସକାଳୁ ରାତି ଅଧଯାଏ ତାକୁ କଲିକତାର ନାନା ଷ୍ଟ୍ରୀଟ ଲେନରେ କେତେ ଲୋକ ଦେଖୁଥିବେ—କେତେ ଲୋକ ଜାଣୁଥିବେ । କିନ୍ତୁ ପଚାରିଲେ ତା' କଥା କେହି କହି ପାରିବେ ନାହିଁ । ସେ ବଞ୍ଚିଛି—ଏତିକ ସମସ୍ତଙ୍କୁ ଜଣା । କାରଣ ଲୋକଟା ମରିଥିଲେ ହୁଏ ତ ଯାବତ ବାଟଗଲା ଲୋକେ ଆସି ଅନେଇ ଦେଇ ଯାଉଥାନ୍ତେ । କେତେ ଲୋକ ଆହା ବୋଲି ପଦେ କହି ଦେଇ ଯାଉଥାନ୍ତେ । କା' ପ୍ରାଣରେ ମୁହୂର୍ତ୍ତିକ ପାଇଁ ଟିକିଏ ହେଲେ ଆଘାତ ବାଜୁଥାନ୍ତା । କାରଣ ମଲା ମଣିଷର ଭଲ ମନ୍ଦ ଦୁଃଖ ସୁଖ ବୁଝିବାର କ୍ଷମତା ନାହିଁ । ତାକୁ ବାଡ଼େଇଲେ ସେ କାନ୍ଦିବ ନାହିଁ । ତା' ପାଇଁ ଦୁଖ କଲେ ସେ ଆଶ୍ୱାସନା ପାଇବ ନାହିଁ—କାହାରି ସହାନୁଭୂତି ବୁଝିବ ନାହିଁ— । କିନ୍ତୁ ଜଣେ ବଞ୍ଚିଛି—ଅତି ଗରିବ—ଅତି ଦୁଖୀ—ତା' ପ୍ରାଣ ଭିତରେ କେତେ ଯେ ବେଦନା—ତା' କଲିଜାରେ କେତେ ଯେ ଫର୍ଚ୍ଚିସ, ସେ କଥା କେହି ବୁଝିବାକୁ ଚାହେଁ ନାହିଁ—ଥରେ ହେଲେ ବି ଚେଷ୍ଟା କରେ ନାହିଁ ।

ଦିନେ ସେ ଯାହା ଥିଲା, ଆଜି ତାର ଅଧା ହେଲାଣି । ଦିନ ନାହିଁ, ରାତି ନାହିଁ, ଖରା ନାହିଁ, ବର୍ଷା ନାହିଁ, ପାଣି ନାହିଁ, କାକର ନାହିଁ—ସେ ଭାରି ବନ୍ଧି ଦଉଡ଼ୁଛି । ଗୋଡ଼ରେ ହଲେ ଚପଲ ଚଟି, ଦିହରେ ଖଣ୍ଡେ ଜାକିଟି—ଆଣ୍ଠୁ ଉପରକୁ ଟେକା ଲୁଗା ଖଣ୍ଡେ, ଆଉ ମଥାରେ ଗୋଟିଏ ପଗଡ଼ି । ଏତିକ ତାର ସମ୍ବଳ । ସେଇ ତାର ଆବରଣ । ଖରା ବର୍ଷା ପାଣି କାକରରୁ ରକ୍ଷା ପାଇବା ପାଇଁ ସେଇ ତାର ଯଥେଷ୍ଟ ।

ସେ ରିକ୍ସା ଟାଣେ । ଏଇ ରିକ୍ସା ଖଣ୍ଡିକ ତାର ଦାନା—ତାର ସର୍ବସ୍ୱ—ତାର ଜୀବନ—ଜୀବନ ଠାରୁ ବି ଅଧିକ । କାରଣ ତା' ପାଇଁ ତାର ଜୀବିକା । ତାକୁ ସେ ଦେବତା ପରି ବିଚାରେ । ସକାଳୁ ଉଠି ଗାଧୋଇ ଖାଇ ପିଇ ସେ ଯେତେବେଳେ ରିକ୍ସା ପାଖକୁ ଯାଏ, ତାକୁ ଛୁଇଁ ଆଗ ମଥାରେ ମାରେ । ତା' ପରେ ପୁଣି ଯେତେବେଳେ ଅଧ ରାତିରୁ ତାକୁ ରଖି ଦେଇ ଶୋଇବାକୁ ଯାଏ, ଜୁହାରଟିଏ ହୋଇ ଯାଏ ।

ସେତିକ ସେ କରିଛି—ଦିନକର ନୁହେଁ, ଅଧିକର ନୁହେଁ, ମାସକର ନୁହେଁ, ବର୍ଷକର ନୁହେଁ, କେତେ ବର୍ଷର ହାଡ଼ଭଙ୍ଗା ପରିଶ୍ରମ ଫଳରେ । ଚଟ କଲରେ ପାଞ୍ଚ ବର୍ଷ କାଳ ରହିଲା । ପେଟକୁ ଶୁଖେଇ ଶୁଖେଇ ମାସକୁ ଦି' ଟଙ୍କା ଟଙ୍କେ ବଞ୍ଚେଇ ଯାହା ସେ ସଞ୍ଚି ରଖିଥିଲା, ଏଇ କେତେ ଦିନ ହେବ ଖଣ୍ଡେ ପୁରୁଣା ରିକ୍ସା କିଣି ଚଲାଉଚି । ଏଥିରେ ବେଶି ଲାଭ ହେବ, ଏଇ ଆଶାରେ । ତା' ଛଡ଼ା ସ୍ୱାଧୀନ କାମ । ସାମାନ୍ୟ ମଫସଲିଆ ଲୋକଟେ—ତା ଭିତରେ ପୁଣି ଏ ସ୍ୱାଧୀନତାର ଭାବ ! ନ ହେବ ବା କାହିଁକି ? ସେ ତ ମଣିଷ । ତାର ତ ବୁଝିବାର ଶକ୍ତି ଅଛି ।

ଦିନେ ତାକୁ ଜର ହେଲା । ତହୁଁ ଆଉ ଦିନ ସବୁ ଝାଡ଼ଝୁଡ଼ା ଦେଇ ପୁଣି ଟାଣିଲା ରିକ୍ସା । ମରିବ ପଛେ ସେ ରିକ୍ସା ଟଣା ଛାଡ଼ିବ ନାହିଁ । ଆଜିକି ସେ ପାଞ୍ଚ ବର୍ଷ ୬ ମାସ ହେଲା ଘରୁ ଆସିଲାଣି । ଆସିଥିଲା, ଆଉ ପଛକୁ ମୁହଁ କରି ନାହିଁ । ମା ତାର ଗାଳି ଦେଇ



Digitized by srujanika@gmail.com

ଥିଲା, ସେ ରୋଜଗାର କରେ ନାହିଁ ବୋଲି । ଭାଇ ତାର ରୋଜଗାର କରୁଥିଲା ବୋଲି ମା ଗୋଟିପଣେ ତାର ଭାଇ ଭାଉଜଙ୍କର । ଏଥର ସେ ଘରକୁ ଫେରିବ, ଆଉ ସେ ମଣିଷ ହୋଇ ନୁହେ । ଟଙ୍କା ଶହେ ଦୁଇ ଶହ ହାତରେ ନେବ । ଭାଇ ଘର ଆଗରେ ଘର ଛାଆଣି କରିବ । ବାହା ହେବ, ଚୁଲି ହେବ । ମାକୁ ତା' ନୂଆ ଘରକୁ ଡାକି ନେଇ ଦେଖେଇ ଦେବ ଯେ, 'ଦେଖ୍, ତୋ' ଅଗଣାର କଉମତ ଅଛି କି ନାହିଁ ।' ଭାଇର ଛୁଆଗୁଡ଼ିକ ବଡ଼ ବଡ଼ ହୋଇ ଯାଇଥିବେ । 'ଦାଦା' 'ଦାଦା' କହି ଦଉଡ଼ି ଆସିବେ । ତାଙ୍କ ପାଇଁ ଭଲ ଭଲ ଖେଳଣା, ଛତା, ଯୋତା, ସେ ନେଇ ଯିବ । ଆହା ! ପିଲାଗୁଡ଼ିକ—ତାଙ୍କର କି ଦୋଷ ? ତାଙ୍କ ପାଇଁ ସେ ନ ନେବ କାହିଁକି ?

ଏମିତି କେତେ ଭାବନା ତା' ମନକୁ ଆସେ । ଜର ହୁଏ । ଏଣିକି ବରବର ଜର ହୁଏ । ସେଇ ଜରରେ ସେ ସକାଳୁ ଉଠି ରିକ୍ସା ଧରି ଦଉଡ଼େ । ଯେତେବେଳେ ଥକା ହୋଇ କଷ୍ଟରେ ବସି ପଡ଼େ, ପୁଣି ତା' ମନେ ପଡ଼ିଯାଏ, ମା ତାର ଧିକ୍କାର କରି ଯାହା ଗାଳି ଦେଇଥିଲା । ତା' କାନରେ ସେ ଗୁଡ଼ାକ ଠାଁ ଠାଁ କରି ବାଜେ । ସେ ପୁଣି ନୂଆ ତେଜରେ ଉଠି ବସେ । ପୁଣି ରିକ୍ସା ଟାଣେ । ଧଇଁ ସଇଁ ହୋଇପଡ଼େ । ତଥାପି ଟାଣେ । ପ୍ରାଣ ବାହାରିଯିବ କି ସତେ ! ତେବେ ବି ଛାଡ଼େ ନାହିଁ । ଏହି ପୂଜା ପରେ ସେ ଘରକୁ ଯିବ, ଶହେ ଟଙ୍କା ଆଉ କେତେ ରେଜା ସେ ରଖିଛି । ଆଉ ଶହେ ଟଙ୍କା ନ କଲେ ସେ ଘରକୁ ଯିବ କେଉଁ ମୁହଁରେ ? ଶହେ ଟଙ୍କା କରିବ । ଯେମିତି ହେଉ କରିବ । ତା' ନ ହେଲେ ସେ ପଉରୁଷ ଦେଖେଇବ କିମିତି ? ରୋଜଗାରିଆ ପୁଅ ବୋଲି ଜଣେଇ ହେବ କିମିତି ?

ଆଉ ଉଠି ପାରିଲା ନାହିଁ । ବିଛଣାରେ ପଡ଼ି ରହିଲା । ହାସପାତାଳକୁ ବୁହା ହେଲା । ଡାକ୍ତର କହିଲେ 'କାଳି ଜର' ।

ଦିହ ହାତ ଫୁଲିଗଲା । ପେଟଟା ବୁଜୁଳି ପରି ବାହାରିପଡ଼ିଲା । ଝାଡ଼ା ହେଲା । ଦିନରାତି ଆଉ ଜର ଓହ୍ଲେଇଲା ନାହିଁ ।

ପାଟି ପଡ଼ିଗଲା । ପାଟିରୁ ପୂଜ ଗଡ଼ିଲା । ହଲିବାର ବି କ୍ଷମତା ରହିଲା ନାହିଁ । ଔଷଧ ପାଣି ଯେତେ ଦିଆଗଲା, କିଛି ଆଉ ଶୁଣିଲା ନାହିଁ ।

ବଡ଼ ଡାକ୍ତର ଆସିଲେ । ଏଇଟା ବୋଧହୁଏ ଶେଷ ବେଳ— ସେ ବୁଝି ପାରିଲା । ବହୁତ କଷ୍ଟରେ ହାତ ଟେକି ସେ ଡାକ୍ତରଙ୍କୁ ଜୁହାର ହେଲା । ଆଉ ତା'ର ମୁଣ୍ଡ ତଳକୁ ଠାରି ଦେଖେଇଦେଲା ।

ଡାକ୍ତରଙ୍କ ହୁକୁମରେ ଜଣେ ଲୋକ ତା'ର ମୁଣ୍ଡତକିଆ ଧୀରେ ଧୀରେ ଗୋଟିଏ ମୁଣି କାଢ଼ି ଆଣିଲା । ସେଥିରେ ଥିଲା ଟଙ୍କା ।

ଡାକ୍ତର ପଚାରିଲେ—ଇଏ କ'ଣ ହେବ ?

ଓଠକୁ ଥରାଇ ଥରାଇ ପ୍ରାଣପଣେ ଚେଷ୍ଟାକରି ସେ କହିଲା— 'ମା'—ଆଉ କହି ପାରିଲା ନାହିଁ ।

## ଚେନ

ମିଶ୍ରଘର ଦାଣ୍ଡ ପୋଖରୀ ହିଡ଼ରେ ମୁହଁ ଦେଖି ସୂର୍ଯ୍ୟ ଦେବତା କେତେ ଥର ଏଇ ବାଟ ହୋଇ ଗଲେଣି । ଅଳ୍ପ ନୁହେ, ଗଲା ଛଅ ବର୍ଷ ହେଲା ସେ ସେଇମିତି ଗୋଟାଏ ଠିକଣା ବେଳରେ ଆସି ଚାଲିଯାନ୍ତି । ଗାଁର ଟୋକା, ଛୁଆ, ବୁଢ଼ା, ଝିଅବୋହୂ ସମସ୍ତଙ୍କୁ ସେ ଦେଖନ୍ତି, ପୁଣି ଚାଲିଯାନ୍ତି । କିନ୍ତୁ 'ଅଗଣା'କୁ ଆଉ ଦିନକ ପାଇଁ ଦେଖି ନାହାନ୍ତି । ଆଉ କ'ଣ ଦେଖିବେ ନାହିଁ ?

ପୋଖରୀ ମଝିରେ ଅତଳତଳ ପାଣିରେ ପହଁରିବା ପୁଅ ତା' ଛଡ଼ା ଆଉ ଏ ଗାଁ ଗୋଟାକରେ କେହି ନ ଥିଲା । ଏବକୁ କେହି କେହି ଯାଉଛନ୍ତି । ହେଲେ, ମଝି ପରିଯନ୍ତ ଯିବାର ସାହସ କାହାର ନାହିଁ । ଲୋକେ କହନ୍ତି, ଗୁରୁବାର ଦିନ ସେଠି ଗୋଟାଏ ଜଞ୍ଜିର ଉଠେ । ମଣିଷ ଯିବା କ୍ଷଣି ତା' ଗୋଡ଼ରେ ଛନ୍ଦି ହୋଇଯାଏ, ଆଉ ଭିତରକୁ ଭିତରକୁ ଟାଣି ନିଏ । ସେଥିପାଇଁ ଡରେ କି ଗୁରୁବାର କି ଶୁକ୍ରବାର କେହି ଆଉ ତା ପାଖ ପଶନ୍ତି ନାହିଁ । ଅଗଣା କିନ୍ତୁ ଗୁରୁବାର, ମଙ୍ଗଳବାର କିଛି ମାନୁ ନ ଥିଲା । ପହଡ଼େ ଯାଏଁ ଚିତ୍ ପହଁରି ଦେଇ ସେଇ ପୋଖରୀ ମଝିରେ ପଡ଼ିଥାଏ ।

ଯେ ଟିକିଏ ଛକିଛାଟରେ ପହଁଚିଯାଏ, ଅଗଣା ମା ଆଖିକୁ ଅଗଣା ପରି ଦିଶେ । ଯେ ହୁକାପିଟା ମଣିଷଟେ ଚାଲିଯାଏ ବାଟରେ, ଅଗଣା ଚାଲିଗଲା ପରି ଲାଗେ । ସେ କ'ଣ ମନେ ରାଗିଯାଇ କହିଥିଲା ବୋଲି ଅଗଣା ଘର ଛାଡ଼ି ପଳେଇଲା । ପାଞ୍ଚ ବର୍ଷ ପାରି ଛଅ ବର୍ଷ ପୂରିବ ଏଇ ଆଶିଣକୁ; ଆଉ ତ ସେ ବାହୁଡ଼ିଲା ନାହିଁ !

ଅଗଣା ମା ସେ ଦିନ ଗାଧୋଇ ଓଦା ଲୁଗା ଝଟକେଇ ପିନ୍ଧି ଘର ଦୁଆରବନ୍ଧ ମାଡ଼ିଛି କି ନାହିଁ, ପୋଲିସ ଆସି ପଚାରିଲା—ଅଗଣି ନାହାକ ଘର କିଏ ?

'ଅଗଣି ! ଅଗଣି ମୋରି ପୁଅ ? କାହିଁକି ବାପ ? କ'ଣ କଥା ?' ବୁଢ଼ୀ ପଚାରିଲେ । ପୋଲିସ କହିଲା—'କିଛି ହୋଇନାହିଁ । ହେବ କ'ଣ ? ଏଟା ଅଗଣି ନାହାକ ଘର ତ ?'

'ହଁ—'

'ତୁ ତାର ମା?'

'ହଁ, କାହିଁକି ?'

'ତୋର ଟଙ୍କା ଆସିଛି ।'

'ଟଙ୍କା ?' ଅଗଣା ମା ଆଶ୍ଚର୍ଯ୍ୟ ହୋଇଗଲା ।

'ହଁ ।'

'କେଉଁଠୁ ଆସିଛି ? କିଏ ଦେଇଛି ? ଅଗଣା ?'

'ହଁ, ଅଗଣା । ଏଇଠି ଗୋଟାଏ ଟିପ ଦେ । ଆଉ ଏ ଟଙ୍କା ନେ ।'



କ୍ଷ

ଅଗଣା ମା ଖୁସି ହୋଇ ଟଙ୍କା ନେଲା । ସଙ୍ଗେ ସଙ୍ଗେ ଯାଇ କାଗଜ ଉପରେ ଟିପ ବସେଇ ଦେଇ ପଚାରିଲା—'ଅଗଣା ମୋର କେବେ ଆସିବ, ଲେଖିଛ ନା ?'

ପୋଲିସ ଗୃହଁଯିବାକୁ ବସିଲା ।

ଅଗଣା ମା ବଡ଼ ବ୍ୟସ୍ତ ହୋଇ ପଚାରିଲା—'ବାବୁ, ଟିକିଏ କହିଲ ନାହିଁ, ଅଗଣା ମୋର କେବେ ଆସିବ ? ଆଜକୁ ପାଞ୍ଚ ବର୍ଷ ହେବ ଗଲାଣି ସେ, ମୁଁ ଆଉ ତାକୁ ଦେଖି ନାହିଁ ।'

'ଏ ଜୀବନରେ ଆଉ ତାକୁ ଦେଖିବୁ ବି ନାହିଁ ।'

'ଏଁ—କଣ—କଣ—କହୁଛ ବାବୁ—ଅଗଣା—ଅଗଣା—'

କଥା ତାର ପାଟିରେ ରହିଗଲା ।

'ହଁ, ହଁ, ଅଗଣାକୁ ଆଉ ତୁ ଦେଖି ପାରିବୁ ନାହିଁ । ଅଗଣା କଲିକତା ବଡ଼ ହାସପାତାଲରେ ପଡ଼ିଥିଲା । ମଲାବେଳକୁ ତା' ପାଖରେ ଏଇ ୧୫୦ ଟଙ୍କା ଥିଲା । ସେ କହିଥିଲା ଯେ ଏ ଟଙ୍କା ତୋତେ ଦେବାପାଇଁ । ବଡ଼ ଡାକ୍ତର ସାହେବ ଏ ଟଙ୍କା ପଠେଇଛନ୍ତି । ରଖ—ରଖ—ପୁଅ ରୋଜଗାର କରି ଦେଇଛି, ରଖ । ବସିକରି ଖାଇବୁ ଥୋଡ଼ା ଦିନ ।'

ପରି ମରିଛି ସେ । ଅଟ୍ଟ କରି ଗୃଲଗଲା ।

ଅଗଣା ମା ବସିବା ଯାଗାରୁ ଆଉ ଉଠି ନାହିଁ ।

## ପୁସ୍ତକ ପରିଚୟ

**ଛିନ୍ନମସ୍ତା**—( ଉପନ୍ୟାସ ) ଲେଖକ ଶ୍ରୀ ରାମପ୍ରସାଦ ସିଂହ । ୯୮ ପୃଷ୍ଠା । ମୂଲ୍ୟ ସାତ ଅଣା । ସାରସ୍ୱତ ଭଣ୍ଡାର, କଟକ ।

ଉପନ୍ୟାସଟିର ସଂକ୍ଷିପ୍ତ ପରିଚୟ ଦେବାକୁ ଯାଇ ଗ୍ରନ୍ଥକାର କହିଅଛନ୍ତି, "ସ୍ୱତନ୍ତ୍ର ଉତ୍କଳ ଆନ୍ଦୋଳନ ମଧ୍ୟରେ ଯେଉଁ ଯେଉଁ ଶକ୍ତି ପ୍ରସ୍ଫୁଟିତ ହୋଇ ଉଠିଅଛି, ତାହାର ଭିତରେ କାଳ୍ପନିକ ବ୍ୟକ୍ତିତ୍ୱ ଆରୋପ କରି ଜାତୀୟ ଜୀବନର ଜାଗ୍ରତ ଧାରାକୁ ଗୌରବମୟ ଭବିଷ୍ୟତ ଅଭିମୁଖରେ ଫେରାଇ ଦେବାପାଇଁ ଏକ ଚିତ୍ର ଅଙ୍କିତ କରିବାର ଚେଷ୍ଟା କରିଛି ।"

ଏହି ଚିତ୍ର କେତେ ଦୂର ନିପୁଣ ହୋଇଅଛି ତାହା ପାଠକ-ମାନଙ୍କର ବିଚାର୍ଯ୍ୟ । ଆମ୍ଭମାନଙ୍କ ମତରେ ରାମପ୍ରସାଦ ବାବୁଙ୍କର ଅନ୍ୟାନ୍ୟ ଉପନ୍ୟାସ ପରି ବର୍ତ୍ତମାନ ଉପନ୍ୟାସଟିରେ ମଧ୍ୟ ଲେଖନୀ ବୈଶିଷ୍ଟ୍ୟ ଅକ୍ଷୁଣ୍ଣ ରହିଅଛି । ଭାବର ଅନୁଗାମୀ ହୋଇ ଭାଷା ଯଥାସ୍ଥାନରେ ଗମ୍ଭୀର ଅଥବା ଲଳିତ କରୁଣ ହୋଇ ଉଠିଅଛି । ଲେଖକ ଓଡ଼ିଶାର ବାବୁ-ଶ୍ରେଣୀୟ ଲୋକଙ୍କର ଯେ ରୂପ ବାସ୍ତବ ଚିତ୍ର ଦେଇଅଛନ୍ତି, ଗ୍ରାମ୍ୟ-ଜୀବନ ଚିତ୍ରଣରେ ସେହି ରୂପ ସିଦ୍ଧ-ହସ୍ତତା ଦେଖାଇଅଛନ୍ତି । ଭାଷାକୁ ଆହୁରି ଟିକିଏ ଖାଣ୍ଟି-ଓଡ଼ିଆ କରିବାକୁ ଦୃଷ୍ଟି ଦେଲେ ଲେଖକଙ୍କର ରଚନା ଅଧିକ ହୃଦୟଗ୍ରାହୀ ହେବ ବୋଲି ମନେକରୁଁ ।

**Children's A B C**—ଲେଖକ ଶ୍ରୀ କାଶୀନାଥ ଜଗତି ବି. ଏଲ୍. । ପ୍ରକାଶକ—ଚଉଧୁରୀ ଲୋକନାଥ ନନ୍ଦ, ସାରସ୍ୱତ ଭଣ୍ଡାର, କଟକ । ୨୪ ପୃଷ୍ଠା, । ମୂଲ୍ୟ ତିନି ଅଣା ମାତ୍ର ।

କେତେ ଗୁଡ଼ିଏ ଇଂରାଜୀ ଶବ୍ଦ ଏବଂ ତାହାର ଓଡ଼ିଆ ଅନୁବାଦ ଏ ପୁସ୍ତକଟିରେ ଦିଆ ଯାଇଅଛି । ଓଡ଼ିଆ ଜାଣିଥିବା ପିଲାମାନେ ଇଂରାଜୀ ଶିଖିବା ଉଦ୍ଦେଶ୍ୟରେ ଏ ପୁସ୍ତକଟି ଲିଖିତ ।

**ଡାହାଣୀ ପାଠ**—ଶ୍ରୀ ବୈଦ୍ୟନାଥ କରଙ୍କଦ୍ୱାରା ରଚିତ ଓ କଟକ ସାରସ୍ୱତ ପ୍ରେସ୍‌ରେ ମୁଦ୍ରିତ । ୫୨ ପୃଷ୍ଠା । ମୂଲ୍ୟ ଚାରି ଅଣା ମାତ୍ର ।

ଏଥିରେ ବଡ଼ ବଡ଼ ଅକ୍ଷରରେ ଛୋଟ ବାଳକ ବାଳିକାମାନଙ୍କ ପାଇଁ ଆଠ ଗୋଟି ମଜାର ଗପ ଲେଖା ଯାଇଛି । ଭାଷା ସରଳ ଓ ସୁଖ-ପାଠ୍ୟ । ଛୋଟ ପିଲାମାନଙ୍କୁ ଉପହାର ଦେବାପାଇଁ ପୁସ୍ତକଟି ଉପାଦେୟ ହୋଇଅଛି ।

**ପରୀକ୍ଷିତ**—ଲେଖକ ଶ୍ରୀ ନାରାୟଣ ତ୍ରିପାଠୀ । କଟକ ସାରସ୍ୱତ ପ୍ରେସ୍‌ରେ ମୁଦ୍ରିତ ଓ ଚଉଧୁରୀ ଶ୍ରୀ ଲୋକନାଥ ନନ୍ଦଙ୍କ-ଦ୍ୱାରା ପ୍ରକାଶିତ । ୨୮ ପୃଷ୍ଠା । ମୂଲ୍ୟ ତିନି ଅଣା ମାତ୍ର ।

ଗଳ୍ପ ଛଳରେ ପୁରାଣ-ପ୍ରସିଦ୍ଧ ପରୀକ୍ଷିତ ରାଜାଙ୍କ କଥା କହି ଶିଶୁମାନଙ୍କୁ ନୀତିଶିକ୍ଷା ଦେବାପାଇଁ ପୁସ୍ତକଟି ମୂଲ୍ୟବାନ୍ ହେବ ବୋଲି ମନେହୁଏ । ପ୍ରାଥମିକ ସ୍କୁଲ ଲାଇବ୍ରେରୀ ଓ ପ୍ରାଇଜ୍ ପାଇଁ ଏହା ଉପଯୁକ୍ତ ହୋଇଅଛି । ପୁସ୍ତକଟିରେ କେତୋଟି ଛବି ଦିଆ ହୋଇଥିଲେ ପିଲାଙ୍କ ମନକୁ ଆହୁରି ପାଇଥାନ୍ତା ।

**ସୁଦାମା**—ଶ୍ରୀ ଧନେଶ୍ୱର ଶତପଥୀଙ୍କଦ୍ୱାରା ରଚିତ ଓ କଟକ ସାରସ୍ୱତ ପ୍ରେସ୍‌ରେ ଚଉଧୁରୀ ଶ୍ରୀ ଲୋକନାଥ ନନ୍ଦଙ୍କଦ୍ୱାରା ପ୍ରକାଶିତ । ୩୨ ପୃଷ୍ଠା । ମୂଲ୍ୟ ତିନି ଅଣା ମାତ୍ର ।

ଦ୍ୱାରକାର ରାଜା ଶ୍ରୀକୃଷ୍ଣ ତାଙ୍କର ବାଲ୍ୟବନ୍ଧୁ ଗରିବ ସୁଦାମା ପ୍ରତି ଯେଉଁ ଭ୍ରାତୃଭାବ ଦେଖାଇଥିଲେ ତାହା ସରଳ ଭାଷାରେ ଛୋଟ ପିଲାଙ୍କ ପାଇଁ ଗଳ୍ପାକାରରେ ଲେଖାଯାଇଛି । ଶିଶୁର ଆଦର୍ଶ, ଶିକ୍ଷା ଓ ଜୀବନ ଗଠନ ପାଇଁ ପୁସ୍ତକଟି ଉପାଦେୟ ହୋଇଛି ।

**ଲୀଳାବତୀ**—ଲେଖକ ଶ୍ରୀ ଧନେଶ୍ୱର ଶତପଥୀ । କଟକ ସାରସ୍ୱତ ପ୍ରେସ୍‌ରେ ମୁଦ୍ରିତ ଓ ପ୍ରକାଶିତ । ୩୨ ପୃଷ୍ଠା । ମୂଲ୍ୟ ତିନି ଅଣା ମାତ୍ର ।

ଛୋଟ ବାଳକ ବାଳିକାମାନଙ୍କ ପାଇଁ ଏହା ଗୋଟିଏ ଉପଯୁକ୍ତ ପୁସ୍ତକ । ଅଙ୍କଶାସ୍ତ୍ର-ନିପୁଣା ଲୀଳାବତୀଙ୍କର କରୁଣ ଜୀବନ ଚରିତ ଓ ଅଙ୍କଶାସ୍ତ୍ର ପ୍ରତି ତାଙ୍କର କିପରି ଗଭୀର ଅନୁରାଗ ଥିଲା, ତାହା ବିଶଦ୍‌ଭାବରେ ଏଥିରେ ବର୍ଣ୍ଣିତ ହୋଇଅଛି । ତେଣୁ ଏହା ବାଳକ ଓ ବିଶେଷତଃ ବାଳିକାମାନଙ୍କ ପକ୍ଷରେ ଗୋଟିଏ ଆଦର୍ଶ ଚିତ୍ର ।



Digitized by srujanika@gmail.com

# ଦେଶୀୟ ରାଜ୍ୟ ସମାଚାର

## ତ୍ରିବାଙ୍କୁଡ଼

### ଗୃହପାଳିତ ପଶୁର ଉନ୍ନତି

ମହାମାନ୍ୟ ବଡ଼ଲାଟ ମହୋଦୟଙ୍କ ପ୍ରସ୍ତାବ ଅନୁଯାୟୀ ତ୍ରିବାଙ୍କୁଡ଼ ଦରବାର ରାଜ୍ୟର ଗୃହପାଳିତ ପଶୁମାନଙ୍କର ଉନ୍ନତି ପାଇଁ ପାଣ୍ଠି ମଞ୍ଜୁର କରିବା ସକାଶେ ଇମ୍ପିରିଏଲ କାଉନ୍‌ସିଲ ଅଫ୍ ଏଗ୍ରିକାଲ୍‌ଚର୍ ରିସର୍ଚ୍ଚଙ୍କୁ ଅନୁରୋଧ କରିଅଛନ୍ତି ।

ଅଧିକନ୍ତୁ ଶୁଣାଯାଏ ଯେ ତ୍ରିବାଙ୍କୁଡ଼ ଷ୍ଟେଟର କୃଷିବିଭାଗୀୟ ଡିରେକ୍ଟର ଏଥିପାଇଁ ତିନି ଲକ୍ଷ ଟଙ୍କା ମଞ୍ଜୁର କରିବା ସକାଶେ କାଉନ୍‌ସିଲରେ ଏକ ପ୍ରସ୍ତାବ ଆଗତ କରିଅଛନ୍ତି । ମାଲବାର, ତ୍ରିବାଙ୍କୁଡ଼ ଓ କୋଚିନର ମୃତ୍ତିକା ମଧ୍ୟରେ ଚୂନ ଅଂଶ ଅପେକ୍ଷାକୃତ କମ ଥିବାରୁ ଓ ଘାସ ପ୍ରଚୁର ପରିମାଣରେ ମିଳୁ ନ ଥିବାରୁ ସେଠାର ଗୃହପାଳିତ ପଶୁଗୁଡ଼ିକର ଅବସ୍ଥା ଅତି ଶୋଚନୀୟ । ସିନ୍ଧୁ ପ୍ରଦେଶରୁ ଭଲ ଭଲ ଷଣ୍ଢ ଅଣାଇ ସ୍ଥାନୀୟ ଗୃହପାଳିତ ପଶୁଗୁଡ଼ିକର ଉନ୍ନତି କରିବା ସକାଶେ ଡିରେକ୍ଟର ପ୍ରସ୍ତାବ କରିଅଛନ୍ତି ।

### ଦେୱାନ ଅଫିସରେ ପରିବର୍ତ୍ତନ

ତ୍ରିବାଙ୍କୁଡ଼ ଷ୍ଟେଟର ଦେୱାନ ନବାବ ସର ମହମ୍ମଦ ହାବିବୁଲ୍ଲା ଦେୱାନ କାର୍ଯ୍ୟରୁ ଅବସର ଗ୍ରହଣ କରିଅଛନ୍ତି । ସେହି ଉପଲକ୍ଷେ ତାଙ୍କୁ ବିଦାୟ ଦେବା ପାଇଁ ଯେଉଁ ସଭା ଆହୂତ ହୋଇଥିଲା ସେଥିରେ ସର ମହମ୍ମଦ କହିଥିଲେ:—"ଭାରତରେ ଗୁରୁତର ପରିବର୍ତ୍ତନର ସମୟ ଆମ୍ଭମାନଙ୍କୁ ଅପେକ୍ଷା କରୁଛି । ଗୋଟାଏ ସୁଦୃଢ଼ ଅସ୍ଥାୟୀକାର ମୂଳଭିତ୍ତି ବର୍ତ୍ତମାନ ସ୍ଥାପନ କରାଯାଉଛି ଓ ଏହାର ଅଭିପ୍ରାୟର ଏହି ସୂଚନା ମିଳେ ଯେ, ଭାରତର ଦେଶୀୟ ରାଜ୍ୟ-ଗୁଡ଼ିକୁ ପୂର୍ବାପେକ୍ଷା ଅଧିକ ଦାୟିତ୍ୱ ଓ ଶାସନ ତନ୍ତ୍ରର ଭାର ଗ୍ରହଣ କରିବାକୁ ପଡ଼ିବ ।"

ମହାରାଜା ସାହେବଙ୍କର ଜୀବନର ଏକମାତ୍ର ଲକ୍ଷ୍ୟ ନାନା ଦିଗରେ ଷ୍ଟେଟର ଉନ୍ନତି ବିଧାନ କରିବା । ସେଥିପାଇଁ ତାଙ୍କୁ ସବିଶେଷ ଧନ୍ୟବାଦ ଜଣାଇ ସର୍ ମହମ୍ମଦ କହିଥିଲେ:—

"ମହାରାଜାଙ୍କ ଅଧୀନରେ କାର୍ଯ୍ୟ କରୁଥିଲି ବେଳେ ତାଙ୍କର କାର୍ଯ୍ୟପରାୟଣତା ଓ ତାଙ୍କ ଅଧୀନସ୍ଥ ପ୍ରଜା-ସାଧାରଣଙ୍କର ମଙ୍ଗଳ ପାଇଁ ସେ ନାନା ଦିଗରେ ଯତ୍ନ ନେବାର ମୁଁ ପ୍ରତି ଦିନ ଭୂରି ଭୂରି ପ୍ରମାଣ ଲକ୍ଷ୍ୟ କରିଅଛି । ମହାରାଜ ଭାବନ୍ତି ଯେ ତାଙ୍କ ପ୍ରଜା-ସାଧାରଣଙ୍କର ଗୁରୁଭାର ଭଗବାନ ତାଙ୍କ ଉପରେ ନ୍ୟସ୍ତ କରି-ଅଛନ୍ତି । ନ୍ୟାୟବିଚାର ଓ ବିଭିନ୍ନ ଶ୍ରେଣୀର ଲୋକଙ୍କୁ ଏକ ଦୃଷ୍ଟିରେ ଦେଖିବା ତାଙ୍କର ଗୋଟିଏ ବିଶିଷ୍ଟ ଗୁଣ ଓ ତାହା ସବୁବେଳେ ମୋତେ ତାଙ୍କ ପ୍ରତି ଆକୃଷ୍ଟ କରି ରଖିଥିଲା ।"

ଅଧିକନ୍ତୁ ମଧ୍ୟ ସେ କହିଥିଲେ "ରାଜନୀତିକୁ କାର୍ଯ୍ୟରେ ପରିଣତ କରିବାର ବଳବତୀ ଚେଷ୍ଟା ସବୁବେଳେ ତାଙ୍କ ମଧ୍ୟରେ ଜାଗ୍ରତ ଥିଲା ।"

ତା'ପରେ ତାଙ୍କର ଉତ୍ତରାଧିକାରୀ ସର୍ ସି. ପି. ରାମସ୍ୱାମୀ ଆୟାରଙ୍କୁ ପ୍ରଶଂସା କରି ସେ କହିଲେ ଯେ ମହାରାଜା ସାହେବ ବର୍ତ୍ତମାନ ଜଣେ ସୁଦକ୍ଷ, କର୍ତ୍ତବ୍ୟପରାୟଣ ଓ ନ୍ୟାୟବାନ୍ ମନ୍ତ୍ରୀ ପାଇଅଛନ୍ତି । ରାଜ୍ୟ ମଧ୍ୟରେ ଶାନ୍ତି ସ୍ଥାପନ ଏବଂ ପ୍ରଜା-ସାଧାରଣଙ୍କର ଉନ୍ନତି ଓ ମଙ୍ଗଳ ପାଇଁ ସେ ନିଶ୍ଚୟ ମହାରାଜାଙ୍କର ନୀତି ଅନୁସରଣ କରିବେ ।

ଶେଷରେ ସେ କହିଥିଲେ "ମୋର ଦୃଢ଼ ବିଶ୍ୱାସ ତ୍ରିବାଙ୍କୁଡ଼ ତାହାର ନିଜର କର୍ତ୍ତବ୍ୟ କରିବ ଓ ନିଜ ମାନ ମର୍ଯ୍ୟାଦା ଅକ୍ଷୁଣ୍ଣ ରଖି ଉନ୍ନତି ଦିଗରେ ମଣ୍ଡିତ ହେବ ।"

## କୋଚିନ

### ଆସନ୍ତା ବଜେଟରେ ଦେଶହିତକର କାର୍ଯ୍ୟ ପାଇଁ ବ୍ୟୟ ନିର୍ଦ୍ଧାରଣ

କୋଚିନ ବ୍ୟବସ୍ଥାପିକା ସଭାର ଅଧିବେଶନରୁ କର୍ତ୍ତୃପକ୍ଷଙ୍କ ବିବୃତିର ରିପୋର୍ଟରୁ ଜଣାଯାଏ ଯେ ବଜେଟରେ ପୂର୍ବ ବର୍ଷର ରାଜସ୍ୱ ଟ ୧,୦୦,୯୦,୨୦୦ ଥିବା ସ୍ଥଳେ ଚଳିତ ବର୍ଷ ଟ ୧,୦୨,୩୮,୬୦୦ ନିରୂପଣ କରି ଯାଇଥିଲା । ପ୍ରଚଳିତ ପ୍ରଥା ଅନୁଯାୟୀ ଅନ୍ୟାନ୍ୟ ବ୍ୟୟର ପ୍ରସ୍ତାବ ହେଲା ପରେ ଦେଶହିତକର କାର୍ଯ୍ୟ ପାଇଁ ନିମ୍ନ ଲିଖିତ ପ୍ରସ୍ତାବଗୁଡ଼ିକ ଆଗତ ହୋଇ ମଞ୍ଜୁର କରି ଯାଇଥିଲା:—ସର୍କାରୀ କର୍ମଚାରୀମାନଙ୍କର କାର୍ଯ୍ୟକାଳ କମାଇ ଦେବା, ଆୟୁର୍ବେଦୀୟ ଚିକିତ୍ସାଳୟଗୁଡ଼ିକର ସଂଖ୍ୟା ବଢ଼ାଇବା, ଅତିରିକ୍ତ ପଞ୍ଚାୟତ ସଭ ବସାଇବା, କୃଷି ଓ ଗୃହପାଳିତ ପଶୁର ସଂରକ୍ଷଣ ପାଇଁ ଲୋକ ନିଯୁକ୍ତ କରିବା, ଦରବାରରେ [illegible]



Digitized by srujanika@gmail.com

ବ୍ୟକ୍ତିଗତ ଶିକ୍ଷାନୁଷ୍ଠାନର ବ୍ୟବସ୍ଥା, ମଦନାପାଲି ଯକ୍ଷ୍ମା ଆଶ୍ରମକୁ ସାହାଯ୍ୟ ଯୋଗାଇବା, ଅଧିକ ଚିକିତ୍ସାକେନ୍ଦ୍ର ଖୋଲିବା, ନିଜ ଦିଲ୍ଲୀରେ ଗୋଟିଏ କୋଚିନ-ଭବନ ନିର୍ମାଣ କରିବା ( ଟ୧,୭୦,୦୦୦ ), ଇର୍ଣ୍ଣାକୁଲମଠାରେ ଗୋଟିଏ ଅତିଥିଶାଳା ପ୍ରସ୍ତୁତ କରିବା (ଟ ୧,୦୦,୦୦୦), ତ୍ରିଚୁରରେ ଗୋଟିଏ ଟାଉନହଲ ନିର୍ମାଣ କରିବା, ଶୋରନୁର-କୋଚିନ ରେଲଓ୍ୱେକୁ ଇଦାପାଲି ଇର୍ଣ୍ଣାକୁଲମ ଦେଇ ବଢ଼ାଇବା ( ଟ ୨୦୦,୦୦୦ ) ଓ ବନ୍ଦରର ଅବଶିଷ୍ଟ ଚତୁର୍ଥାଂଶ କାର୍ଯ୍ୟ ଆରମ୍ଭ କରିବା ( ଟ ୩୦,୦୦,୦୦୦ ) ।

## କୋଚିନ ବନ୍ଦର

କୋଚିନର ମହାରାଜା ସାହେବ ଗତ ଅଗଷ୍ଟ ମାସ ଦ୍ୱିତୀୟ ସପ୍ତାହରେ ଇର୍ଣ୍ଣାକୁଲମ ରେଲଓ୍ୱେ ଲାଇନ ଓ ଉଇଲିଂଡନ୍ ଦ୍ୱୀପର ରେଲଓ୍ୱେ ଲାଇନକୁ ଯୋଗ କରିବାପାଇଁ ଯେଉଁ ପୋଲ-ନିର୍ମାଣ କାର୍ଯ୍ୟ ହେଉଛି, ତାହାର ଭିତ୍ତି ସ୍ଥାପନ କରିଥିଲେ । ଏହି କାର୍ଯ୍ୟ ଉପଲକ୍ଷରେ ଆହୂତ ସଭାରେ ତ୍ରିବାଙ୍କୁଡ଼, କୋଚିନ ଓ ଭାରତ ଗଭର୍ଣ୍ଣମେଣ୍ଟର ପ୍ରତିନିଧିମାନେ ଉପସ୍ଥିତ ଥିଲେ ଏବଂ ମାନ୍ଦ୍ରାଜ ଦେଶୀୟ ରାଜ୍ୟର ଏଜେଣ୍ଟ ଲେଫ୍‌ଟେନେଣ୍ଟ କର୍ଣ୍ଣେଲ୍ ଡବ୍ଲିଉ. ଏ. ଏମ୍. ଗାର୍ଷ୍ଟିନ୍ ମଧ୍ୟ ଏଥିରେ ଯୋଗ ଦେଇଥିଲେ ।

କୋଚିନ ବନ୍ଦରର ୩ୟ ଭାଗ କାର୍ଯ୍ୟ ଶେଷ ହେଲା ପରେ ବର୍ତ୍ତମାନ କୋଚିନ ପୋର୍ଟ ଟ୍ରାଷ୍ଟ ସଂସ୍ଥାପିତ ହୋଇଅଛି । ଏହି ବନ୍ଦରର ଶାସନକାର୍ଯ୍ୟ ବର୍ତ୍ତମାନ ଜଣେ ଶାସନବିଭାଗୀୟ ଅଫିସରଙ୍କ-ଦ୍ୱାରା ଚାଲୁଛି ଓ ତାଙ୍କୁ ସାହାଯ୍ୟ କରିବାପାଇଁ ପୋର୍ଟ୍ କନ୍‌ଜର୍-ଭେନ୍‌ସି ବୋର୍ଡ ପରିବର୍ତ୍ତେ ଗୋଟିଏ ପରାମର୍ଶସଭା ଗଠିତ ହୋଇ-ଅଛି । ମାନ୍ଦ୍ରାଜ ଗଭର୍ଣ୍ଣମେଣ୍ଟର ବନ୍ଦରବିଭାଗ ଇଞ୍ଜିନିଅର-ଇନ୍-ଚିଫ୍ ମିଷ୍ଟର ଆର୍. ସି. ବ୍ରିଷ୍ଟୋ ଏହାର ଶାସନକର୍ତ୍ତା ନିଯୁକ୍ତ ହୋଇଅଛନ୍ତି ।

କୋଚିନ ବନ୍ଦରକୁ ପ୍ରଧାନ ବନ୍ଦର ରୂପେ ନିଆଯାଇ ତାହାର କାର୍ଯ୍ୟ ଭିଜାଗାପଟ୍ଟମ ବନ୍ଦରର କାର୍ଯ୍ୟ ପ୍ରଣାଳୀ ଅନୁଯାୟୀ ଚାଲୁଛି ।

## ରେଓ୍ୱା

### ବାଳିକାମାନଙ୍କ ପାଇଁ ନୂଆ ହାଇ ସ୍କୁଲ୍

ଗତ ଅଗଷ୍ଟ ମାସ ଶେଷ ସପ୍ତାହରେ ମହାରାଜା ସାହେବ ବାହାଦୁର ସୁଦର୍ଶନ-କୁମାରୀ ବାଳିକା ବିଦ୍ୟାଳୟର ଦ୍ୱାରୋଦ୍‌ଘାଟନ କରିଥିଲେ । ସରକାରୀ କର୍ମଚାରୀ ଓ ଅନ୍ୟାନ୍ୟ ବିଶିଷ୍ଟ ଲୋକ-ମାନଙ୍କୁ ନେଇ ଅନେକେ ଏହି ଉତ୍ସବରେ ଉପସ୍ଥିତ ଥିଲେ । ମହାରାଜା ବାହାଦୁରଙ୍କୁ ଅଭିବାଦନ କରି ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଏହି ଅନୁଷ୍ଠାନର କାର୍ଯ୍ୟକଳାପ ଓ ତାହା ଗତ ଦୁଇ ବର୍ଷ ମଧ୍ୟରେ ଗୋଟିଏ ସାମାନ୍ୟ ହିନ୍ଦି ପାଠଶାଳାରୁ ବର୍ତ୍ତମାନ ହାଇ ସ୍କୁଲରେ ପରିଣତ ହୋଇ ପାରିଥିବାର ବିବରଣ ବିଶଦ୍‌ଭାବରେ ବର୍ଣ୍ଣନା କରିଥିଲେ ।

ଏହି ଅନୁଷ୍ଠାନର ବିଶିଷ୍ଟତା ବିଷୟରେ ସେ କହିଥିଲେ ଯେ ଛାତ୍ରୀମାନଙ୍କଠାରୁ ସ୍କୁଲ ଦରମା ନିଆଯାଏ ନାହିଁ କିମ୍ବା ସେମାନଙ୍କର ଯିବା ଆସିବାପାଇଁ ମଧ୍ୟ ସେମାନଙ୍କୁ ଖର୍ଚ୍ଚ ଦେବାକୁ ପଡ଼େ ନାହିଁ ।

ମହାରାଜା ବାହାଦୁର ଅତିଶୟ ପ୍ରୀତ ହୋଇ ସ୍ତ୍ରୀଶିକ୍ଷାର ଉନ୍ନତି ଦିଗରେ ଶିକ୍ଷାବିଭାଗ ଓ ଫାଇନେନ୍‌ସ ମନ୍ତ୍ରୀଙ୍କର ଉଦ୍ୟମକୁ ପ୍ରଶଂସା କରିଥିଲେ ।

## ବୌଦ

### ପ୍ରଜାମାନଙ୍କ ପାଇଁ ହିତକର କାର୍ଯ୍ୟ

ଗତ ବର୍ଷ ଅନାବୃଷ୍ଟି ଯୋଗୁଁ ଷ୍ଟେଟର କେତେକ ସ୍ଥାନରେ ପ୍ରଜାମାନେ ଖାଦ୍ୟାଭାବ ହେତୁ ବଡ଼ କଷ୍ଟ ପାଉଥିଲେ । ଷ୍ଟେଟ୍ କର୍ତ୍ତୃପକ୍ଷମାନେ ଏହି ଅଭାବ ଦୂର କରିବା ପାଇଁ କେତେକ ସ୍ଥାନରେ ଆବଶ୍ୟକ ଅନୁଯାୟୀ ପୋଖରୀ ଓ ବନ୍ଧ ପ୍ରସ୍ତୁତ ଖୋଳାଇବାର ବ୍ୟବସ୍ଥା କରିଥିଲେ । ତଦ୍ଦ୍ୱାରା ପ୍ରଜାମାନେ କାମ ପାଇ କିଛି କିଛି ରୋଜଗାର କରିଥିଲେ ।

ଏ ବର୍ଷ ଷ୍ଟେଟ୍ ଧାନଗୋଲାମାନଙ୍କରୁ ପ୍ରାୟ ଟ ୬୫,୦୦୦ ର ବିହନ ଧାନ କୃଷିମାନଙ୍କ ମଧ୍ୟରେ ବଣ୍ଟାଯାଇଛି ।

## ମହୀସୂର

### ଷ୍ଟେଟ୍‌ରେ ଶିକ୍ଷା ବିସ୍ତାର

ମହୀସୂର ଷ୍ଟେଟ୍ ଶିକ୍ଷାବିଭାଗର ୧୯୩୪-୩୫ ସାଲ ରିପୋର୍ଟରୁ ଜଣାଯାଏ ଯେ ମହୀସୂର ଗଭର୍ଣ୍ଣମେଣ୍ଟ ଏ ବର୍ଷ ଶିକ୍ଷା ପାଇଁ ଟ ୩୯,୭୪,୪୪୨ ଖର୍ଚ୍ଚ କରିଅଛନ୍ତି । ଅନ୍ୟାନ୍ୟ କାର୍ଯ୍ୟରେ ମୋଟ ଟ ୬୩,୮୦,୧୩୧ ଖର୍ଚ୍ଚ ହୋଇଥିଲେ ହେଁ ସେଥିମଧ୍ୟରୁ ବେଶି ଅଂଶ ପ୍ରାଥମିକ ଶିକ୍ଷା ପାଇଁ ଖର୍ଚ୍ଚ ହୋଇଅଛି । ଷ୍ଟେଟ୍‌ର ଜନସଂଖ୍ୟା ଦୃଷ୍ଟିରେ ପ୍ରତ୍ୟେକ ଲୋକ ପିଛା ଶିକ୍ଷାପାଇଁ ଟ ୦।୬।୧୧ ଖର୍ଚ୍ଚ ପଡ଼ୁଛି ଓ ସେଥିମଧ୍ୟରୁ ଟ ୦।୬।୬ ଷ୍ଟେଟ୍‌ରୁ ଖର୍ଚ୍ଚ ହୋଇଛି ।

ଶିକ୍ଷା ସମ୍ବନ୍ଧୀୟ ଅନ୍ୟାନ୍ୟ କାର୍ଯ୍ୟ ମଧ୍ୟରେ ଷ୍ଟେଟ୍ କର୍ତ୍ତୃପକ୍ଷମାନେ ପୂର୍ଣ୍ଣ ବୟସ୍କ ବ୍ୟକ୍ତିମାନଙ୍କର ନିମନ୍ତେ ଶିକ୍ଷା ପ୍ରଚାର ଉଦ୍ଦେଶ୍ୟରେ ଚେଷ୍ଟା କରୁଛନ୍ତି । ଯେଉଁମାନଙ୍କର ବୟସ ଅତିକ୍ରମ କରିଅଛି ଓ ଯେଉଁମାନେ ବର୍ତ୍ତମାନ ସୁଦ୍ଧା ଅଶିକ୍ଷିତ ହୋଇ ପଡ଼ିଛନ୍ତି, ସେମାନେ କିପରି ଆଧୁନିକ ରାଜନୈତିକ, ସାମାଜିକ ଓ ଗାର୍ହସ୍ଥ୍ୟ ଜୀବନରେ ନିଜକୁ ଉପଯୁକ୍ତ ମନେ କରିପାରିବେ, ସେଥିପାଇଁ ଏ ଉଦ୍ୟମ ଚାଲିଛି । ଏହି ରିପୋର୍ଟରୁ ଜଣାଯାଏ ଯେ ମିଷ୍ଟର ଶିବନାରାୟଣ



Digitized by srujanika@gmail.com

ଗ୍ରାମ ଗ୍ରାମ ବୁଲି ବକ୍ତୃତା ସାହାଯ୍ୟରେ ଲୋକମାନଙ୍କୁ ପ୍ରାଥମିକ ବୈଜ୍ଞାନିକ ଶିକ୍ଷା ଦେଉଅଛନ୍ତି । ଗଭର୍ଣ୍ଣମେଣ୍ଟ ତାଙ୍କର କାର୍ଯ୍ୟ ପ୍ରଣାଳୀରେ ପ୍ରୀତ ହୋଇ ଓ ତାହାର ମୂଲ୍ୟ ବୁଝିପାରି ତାଙ୍କୁ ଯଥେଷ୍ଟ ସୁବିଧା ଦେଇଅଛନ୍ତି ।

### ଜଳସେଚନ କାର୍ଯ୍ୟ

ଅଞ୍ଜନାପୁରଠାରେ ଯେଉଁ ଜଳସେଚନ କାର୍ଯ୍ୟ ଶେଷ ହୋଇ ଆସିଲାଣି, ତାହା ସଂମୋଗା ଜିଲ୍ଲାର ୯୬୪୪ ମାଣ ଜମିରେ ଜଳ ଯୋଗାଇ ପାରିବ ବୋଲି ଶୁଣାଯାଏ । ଏଥିରେ ପ୍ରାୟ ଟ ୧୭,୮୫,୦୦୦ ଖର୍ଚ୍ଚ ହେବାର ଅନୁମିତ ହୁଏ ଓ ସେଥି ମଧ୍ୟରୁ ପ୍ରଜାମାନଙ୍କଠାରୁ ପ୍ରାୟ ଟ ୫,୬୨,୨୦୦ ଚାନ୍ଦା ଉଠିବ । ଇରୱିନ କେନାଲକୁ ଛାଡ଼ି ଦେଲେ ଗତ ଦଶ ବର୍ଷ ମଧ୍ୟରେ ଏପରି କାର୍ଯ୍ୟ ହୋଇ ନାହିଁ ଓ ଆଶାହୁଏ ଯେ ଏଥିରୁ ଶତକଡ଼ା ୬·୫ ଲାଭ ହେବ । ତୁମୁଦାବତୀ ନଦୀରେ ୫,୦୫୦ ଫୁଟ ଲମ୍ବା ଓ ୧୫ ଫୁଟ ଗଭୀର ଗୋଟାଏ ବନ୍ଧ ଦିଆ ଯାଇଅଛି । ଏହି ବନ୍ଧକୁ ଲଗାଇ ୨୧୦ ବର୍ଗ ମାଇଲ କେନାଲ ତିଆରି ହୋଇଅଛି । ଏଠାର ହାରାହାରି ବୃଷ୍ଟି ବର୍ଷକୁ ୫୦ଇଞ୍ଚ । ବର୍ତ୍ତମାନ ପ୍ରାୟ ୪୬୨୫ ମାଣ ଜମିରେ ଜଳ ଲାଗେ ଓ ସେଗୁଡ଼ିକରେ ଚାଷ ହୁଏ; କିନ୍ତୁ ଏହି ବନ୍ଧଦ୍ୱାରା ଏହାର ଦୁଇ ଗୁଣ ଜମିରେ ଜଳ ମାଡ଼ି ପାରିବ ବୋଲି ଆଶା କରାଯାଏ । ଏହି ବନ୍ଧର ଦକ୍ଷିଣ ଓ ବାମକୁ ଯେଉଁ କେନାଲ ଦୁଇଟି ଯାଇଛି ତାହାର ଲମ୍ବ ଯଥାକ୍ରମେ ୨୦½ ମାଇଲ ଓ ୮ ମାଇଲ ଏବଂ ସେଥିରୁ ପ୍ରାୟ ୭୮୦୦ ଓ ୧୮୦୦ ମାଣ ଜମିରେ ଯଥାକ୍ରମେ ଜଳସେଚନ ହୋଇପାରିବ ।

ପ୍ରଜାମାନେ ରାଜସରକାରଙ୍କ ସହିତ ଏହି ସର୍ତ୍ତ କରିଅଛନ୍ତି ଯେ ତାଙ୍କର ଯେଉଁ ଜମିଗୁଡ଼ିକରେ ଜଳ ଭଲ ଭାବରେ ମାଡ଼ି ପାରିବ, ସେଥିପାଇଁ ସେମାନେ ମାଣ ପ୍ରତି ଟ ୬୧ଙ୍କା ଲେଖାଏଁ କରି ଦେବେ ଓ ଏହି ବନ୍ଧର ଖର୍ଚ୍ଚ ପାଇଁ ମାଣ ପ୍ରତି ଟ ୫୦ ଙ୍କା ଲେଖାଏଁ ଚାନ୍ଦା ଦେବେ । ଏହି ସ୍ଥାନରୁ ମେଲେରିଆ ନିବାରଣ କରିବା ପାଇଁ ମଧ୍ୟ ଦୁଇ ଲକ୍ଷ ଟଙ୍କା ମଞ୍ଜୁର ହୋଇଅଛି ।

## ଭାଦିଆ

### କୃଷକମାନଙ୍କ ପାଇଁ ହିତକର କାର୍ଯ୍ୟ

ଗତ ଅଗଷ୍ଟ ମାସରେ ଭାଦିଆ ଷ୍ଟେଟ୍‌ର ପ୍ରଜାମାନେ ମହାରାଜାଙ୍କୁ ଯେଉଁ ଅଭିନନ୍ଦନ ଦେଇଥିଲେ ସେଥିରୁ ଜଣାଯାଏ ଯେ ୧୯୩୦ ସାଲରେ ଷ୍ଟେଟ୍‌ରେ ଧାର୍ଯ୍ୟ ଜମା କମାଇ ଦିଆ ଯାଇଥିଲା । କୃଷିବିଧାନ ସମୟରେ ଶତକଡ଼ା ଟ ୫୦୧ଙ୍କା ଲେଖାଏଁ ବାକି ଖଜଣା ଛାଡ଼ି ଦିଆ ଯାଇଥିଲା ଓ ଷ୍ଟେଟ୍ କୃଷିଜାତ ଦ୍ରବ୍ୟର ମୂଲ୍ୟ ହ୍ରାସ ହୋଇଥିବାରୁ ଟଙ୍କା ପରିବର୍ତ୍ତେରେ ଫସଲ ଗ୍ରହଣ କରିଥିଲେ । ଗୃହପାଳିତ ପଶୁ ଓ ଜମିର ଉନ୍ନତି ପାଇଁ ନାମମାନ ସୁଧରେ ପ୍ରଜାମାନଙ୍କୁ ଷ୍ଟେଟ୍ ବ୍ୟାଙ୍କରୁ ଋଣ ଦିଆ ଯାଇଥିଲା । କୃଷକମାନଙ୍କର ବିଧବାମାନଙ୍କୁ ଲୁଗାବୁଣା ଶିକ୍ଷା କରିବା ପାଇଁ ବୃତ୍ତି ଦିଆ ଯାଇଥିଲା ଏବଂ ସେମାନଙ୍କ ଚିକିତ୍ସାର ମଧ୍ୟ ସୁବନ୍ଦୋବସ୍ତ କରା ଯାଇଥିଲା ।

## ଅର୍ଚ୍ଛା

### ସାହିତ୍ୟ ଚର୍ଚ୍ଚାରେ ଉତ୍ସାହ ଦାନ

ଅର୍ଚ୍ଛା ଷ୍ଟେଟ୍‌ର ମହାରାଜା ସଓଆଇ ମହାରାଜା ବୀର ସିଂ ଦେଓ, ଯେଉଁ ଦେବ-ପୁରସ୍କାର ଦାନ କରି ଯାଇଅଛନ୍ତି, ତାହା ବର୍ତ୍ତମାନ ଭାରତବର୍ଷରେ ସାହିତ୍ୟ ଚର୍ଚ୍ଚା ପାଇଁ ଦିଆ ଯାଉଥିବା ପୁରସ୍କାରମାନଙ୍କ ମଧ୍ୟରେ ବିଶେଷ ଉଲ୍ଲେଖଯୋଗ୍ୟ । ଏହି ପୁରସ୍କାରର ମୂଲ୍ୟ ଟ ୨୦୦୦ ଙ୍କା ଓ ପ୍ରତି ବର୍ଷ ଏହା ବିଶିଷ୍ଟ ହିନ୍ଦି କବିତା ଲେଖକଙ୍କୁ ଦିଆଯାଏ । ପ୍ରଧାନ ପ୍ରଧାନ ହିନ୍ଦି ସାହିତ୍ୟିକମାନଙ୍କୁ ନେଇ ଗୋଟିଏ କମିଟି ଗଠିତ ହୁଏ ଓ ସେହି କମିଟି ଏହି ପୁରସ୍କାର ବିତରଣ କରନ୍ତି । ଏ ବର୍ଷ ଏଲାହାବାଦ ବିଶ୍ୱବିଦ୍ୟାଳୟର ହିନ୍ଦି ବିଭାଗର ଅଧ୍ୟାପକ ରାମକୁମାର ବର୍ମା ଏହି ପୁରସ୍କାର ପାଇଅଛନ୍ତି । ସେ ଯେଉଁ କବିତା ଲେଖିଥିଲେ ତାହାର ନାମ "ଚିତ୍ରରେଖା"

## ନଓନଗର

### ବ୍ୟବସାୟର ଉଦ୍ୟମ

ରାଜ୍ୟର କୃଷି ଓ ଶିଳ୍ପ ବିଭାଗର ଉନ୍ନତି ପାଇଁ ବ୍ୟବସା, ବାଣିଜ୍ୟ ଓ ଶିଳ୍ପ ବିଭାଗ ଅଳ୍ପ ଦିନ ହେଲା ସ୍ଥାପିତ ହୋଇଅଛି । ଶୁଣାଯାଏ ଯେ ଗୋଟିଏ ଲୁଣ କାରଖାନା, ଗୋଟିଏ ଚିଣ କାରଖାନା, ଗୋଟିଏ ଡିପାର୍ଟମେଣ୍ଟ କାରଖାନାର କାର୍ଯ୍ୟ ଆରମ୍ଭ ହୋଇ ଯାଇଛି । ତେଲ ଜାହାଜ ରଖିବା ପାଇଁ ସମୁଦ୍ର କୂଳରେ ଏକ ବନ୍ଦର ସ୍ଥାପନ, ଗ୍ୟାସ୍ ସିଲିଣ୍ଡର କାରଖାନା, ଚିନି ଓ ରଙ୍ଗ କାରଖାନା ଏବଂ ଧଆସିଲି କାରଖାନା ବସାଇବା ପାଇଁ ଯେଉଁ ସବୁ ଦରଖାସ୍ତ ଆସିଛି, ତାହା ବର୍ତ୍ତମାନ ରାଜସରକାରଙ୍କଦ୍ୱାରା ଆଲୋଚିତ ହେଉଅଛି ।

## ଗୋୟାଲିଅର

### ଶିକ୍ଷା ବିଭାଗ ପାଇଁ ବେସରକାରୀ ଉଦ୍ୟମ

ସାହିତ୍ୟ, ବିଜ୍ଞାନ, ବାଣିଜ୍ୟ ଓ ଶିଳ୍ପଶିକ୍ଷାର ବିସ୍ତାର ଉଦ୍ଦେଶ୍ୟରେ ରାଓ ସାହେବ ଆପ୍‌ଟେ ଓ ମିଷ୍ଟର ହରିଭାଉ ସିନ୍ଧିଆ-ଶିକ୍ଷା-ସମିତି ଗଠନ କାର୍ଯ୍ୟରେ ନେତୃତ୍ୱ ଗ୍ରହଣ କରିଅଛନ୍ତି । ସେମାନେ ପ୍ରଥମେ ମାଧନଗର ଓ ଉଜ୍ଜୟିନୀଠାରେ ଗୋଟିଏ ଆଦର୍ଶ ସ୍କୁଲ ସ୍ଥାପନ କରି କାର୍ଯ୍ୟ ଆରମ୍ଭ କରିଅଛନ୍ତି ଓ ଗୋୟାଲିଅର ରାଜସରକାର ତାଙ୍କୁ ମଧ୍ୟ ଇଂରାଜୀ ବିଦ୍ୟାଳୟ ପର୍ଯ୍ୟନ୍ତ ମନୋନୀତ କରିଅଛନ୍ତି । ସ୍କୁଲ ଦିଓଟି ସରକାରଠାରୁ ପୂର୍ଣ୍ଣ ସାହାଯ୍ୟ ଓ ସହାନୁଭୂତି ପାଉଅଛି ଓ ଅଳ୍ପ ଦିନ ମଧ୍ୟରେ ଏହା ହାଇ ସ୍କୁଲରେ ପରିଣତ ହେବ ବୋଲି ଆଶା କରାଯାଏ ।



Digitized by srujanika@gmail.com

## ହାଏଦ୍ରାବାଦ
### ମଦ୍ୟପାନ ନିବାରଣ କାର୍ଯ୍ୟ

ହାଏଦ୍ରାବାଦ ହାଇକୋର୍ଟର ପ୍ରଧାନ ଜଜ୍ ଓ ମଦ୍ୟପାନ-ନିବାରଣ ସଭାର ସଭାପତି ନବାବ ମିର୍ଜା ୟାର ଜଙ୍ଗ୍‌ଙ୍କ ପ୍ରସ୍ତାବ ଅନୁସାରେ ମଦ୍ୟପାନ ନିବାରଣ କାର୍ଯ୍ୟ ବର୍ତ୍ତମାନ ଦୃଢ଼ ଗତିରେ ଚାଲିଅଛି । ଅଳ୍ପ ଦିନ ପୂର୍ବେ ନବାବ ସାହେବ ବ୍ରିଟେନକୁ ଯାଇ-ଥିଲେ ଓ ସେଠାରେ ବ୍ରିଟିଶ୍ ମଦ୍ୟପାନ-ନିବାରଣ ସଙ୍ଘର କାର୍ଯ୍ୟ ଦେଖି ଏତେ ଆକୃଷ୍ଟ ହୋଇଥିଲେ ଯେ ବ୍ରିଟିଶ ରୀତି ଅନୁଯାୟୀ ଉକ୍ତ କାର୍ଯ୍ୟ ହାଏଦ୍ରାବାଦ ଷ୍ଟେଟ୍‌ରେ ଆରମ୍ଭ କରିବା ପାଇଁ ସେ ଦୃଢ଼ ସଙ୍କଳ୍ପ ହୋଇଅଛନ୍ତି । ସେଥିପାଇଁ ବ୍ୟବସ୍ଥା ବିଭାଗ, ଶିକ୍ଷା ବିଭାଗ ଓ ପ୍ରଚାର ବିଭାଗମାନ ରହିବ ଏବଂ କଦର୍ଯ୍ୟ ଗୃହ୍ମ ଓ ଗଳ ପ୍ରଭୃତିରେ କାର୍ଯ୍ୟ ଚାଲିବ । ପ୍ରଚାର କାର୍ଯ୍ୟର ଭାର ଦେବାନ ବାହାଦୂର ଏସ୍.ଅରାଭାମୁଦା ଅୟେଙ୍ଗାରଙ୍କ ଉପରେ ଏବଂ ଲାଇବ୍ରେରୀ କାର୍ଯ୍ୟଭାର ଓ କଦର୍ଯ୍ୟ ଗୃହ୍ମ ଏବଂ ଗଳ ପ୍ରଭୃତିର କାର୍ଯ୍ୟଭାର ମିଷ୍ଟର ସି. ସି. ପାଲଙ୍କ ଉପରେ ନ୍ୟସ୍ତ ଅଛି । ସଭାପତି ସମସ୍ତ ବିଭାଗଗୁଡ଼ିକର କାର୍ଯ୍ୟ ପର୍ଯ୍ୟବେକ୍ଷଣ କରିବେ ।

### ଷ୍ଟେଟାର୍ କ୍ଲବ

ଏହି କ୍ଲବ୍‌ର ସଭ୍ୟ ନିର୍ବାଚନ ବିଷୟରେ ସର ଆକବର ହାଇଦରୀ ବିଶେଷ ଦୃଷ୍ଟି ଦେଇଅଛନ୍ତି । ସେ ଚାହାନ୍ତି ଯେ ସମସ୍ତ ସମ୍ପ୍ରଦାୟର ଲୋକେ ଏଥିରେ ଯୋଗ ଦେଇପାରିବେ । ତେଣୁ ହିନ୍ଦୁ, ମୁସଲମାନ, ଇଉରୋପୀଅନ ଓ ପାର୍ସି ପ୍ରଭୃତି ସମସ୍ତେ ନିର୍ବିଘ୍ନରେ ଏଥିରେ ସଭ୍ୟ ହୋଇ ପାରିବେ । ସେ ଉକ୍ତ କ୍ଲବର ଗୋଟିଏ ପ୍ରାରମ୍ଭିକ ସଭାରେ କହିଥିଲେ ଯେ ଷ୍ଟେଟାର କ୍ଲବର ପ୍ରତ୍ୟେକ ସଭ୍ୟ ନିଜ ନିଜର ବିଶେଷ ଜ୍ଞାନଦ୍ୱାରା ଅନ୍ୟାନ୍ୟ ସଭ୍ୟମାନଙ୍କର ସାଧାରଣ ଜ୍ଞାନ ବଢ଼ାଇବାକୁ ଚେଷ୍ଟା କରି ଏହି ଆନ୍ତର୍ଜାତିକ ଆନ୍ଦୋଳନକୁ ସଫଳ କରିବା ଉଚିତ ।

## ବାମଣ୍ଡା
### ସଂସ୍କାର କାର୍ଯ୍ୟ ଆରମ୍ଭ

ବାମଣ୍ଡା ଷ୍ଟେଟ୍‌ର ରାଜାସାହେବ ଗଭର୍ଣ୍ଣର ଜେନେରେଲଙ୍କ ଏଜେଣ୍ଟଙ୍କୁ ଦେଖା କରିବାପାଇଁ ଅଳ୍ପ ଦିନ ତଳେ ରାଞ୍ଚି ଯାଇଥିଲେ । ସେଠାରୁ ଅକ୍ଟୋବର ମାସ ୩ ତାରିଖରେ ପ୍ରେରିତ ଏକ ସମ୍ବାଦରୁ ଜଣାଯାଏ ଯେ ବାମଣ୍ଡାର ରାଜା ସାହେବ କେବଳ ୧୮ ମାସ ଆଗରୁ ଗାଦି ପାଇଥିଲେହେଁ ରାଜ୍ୟରେ ଉପଯୁକ୍ତ ସଂସ୍କାର କାର୍ଯ୍ୟ ଆରମ୍ଭ କରି-ଅଛନ୍ତି । ସେ ଅଳ୍ପ ଦିନ ହେଲା ଗୋଟିଏ ଷ୍ଟେଟ୍ କାଉନ୍‌ସିଲ୍ ବା ବ୍ୟବସ୍ଥା-ସଭା ଗଠନ କରି ନିଜେ ସଭାପତିତ୍ୱ ଗ୍ରହଣ କରିଅଛନ୍ତି ଏବଂ ପ୍ରଧାନ ମନ୍ତ୍ରୀ ଓ ଷ୍ଟେଟ୍ ଜଜ୍ ସଭ୍ୟ ନିର୍ବାଚିତ ହୋଇଅଛନ୍ତି । ଆସନ୍ତା ଜାନୁଆରୀ ମାସଠାରୁ ପାଞ୍ଚ ବର୍ଷ ପର୍ଯ୍ୟନ୍ତ କୃଷିର ଉନ୍ନତି ପାଇଁ ଏକ ବ୍ୟବସ୍ଥା ହୋଇଅଛି ଏବଂ କୃଷି ଓ ଗୃହପାଳିତ ପଶୁ ବିଭାଗର ତତ୍ତ୍ୱାବଧାନ ଲାଗି ଏକ ଡାଇରେକ୍ଟର କାର୍ଯ୍ୟ ଖୋଲା ଯାଇଅଛି । ପାଞ୍ଚ ବର୍ଷ ପାଇଁ ଯେଉଁ ବ୍ୟବସ୍ଥା ହୋଇଛି ତାହାର ପ୍ରଧାନ କାର୍ଯ୍ୟ ଜଳସେଚନ ଓ ଗୃହପାଳିତ ପଶୁମାନଙ୍କ ପାଇଁ ନାନା ପ୍ରକାର ଘାସ ଚାଷର ବନ୍ଦୋବସ୍ତ କରିବା । ଗଭର୍ଣ୍ଣମେଣ୍ଟରୁ ଜଣେ ବିଶେଷଜ୍ଞଙ୍କୁ ଆଣାଇ ଓ ଭଲ ଭଲ ଷଣ୍ଢ ଆଣାଇ ଗୋଟିଏ ଆଦର୍ଶ ଗୋଶାଳା ଖୋଲାଯିବ । ସେଠାରେ ପ୍ରଜାମାନେ ନାନା ପ୍ରକାର ଉପଦେଶ ଓ ମିତବ୍ୟୟିତା ଶିକ୍ଷା କରିବେ ।

ସ୍ୱାସ୍ଥ୍ୟୋନ୍ନତି ପାଇଁ କେତେଗୁଡ଼ିଏ ଆଦର୍ଶ ଗ୍ରାମ ମଧ୍ୟ ଗଠନ କରାଯାଉଅଛି ।

## ତ୍ରିପୁରା
### ଲଣ୍ଡନରେ ପ୍ରଥମ ହିନ୍ଦୁ ମନ୍ଦିର ନିର୍ମାଣ

ଲଣ୍ଡନରେ ପ୍ରଥମ ହିନ୍ଦୁ ମନ୍ଦିର ନିର୍ମାଣ ପାଇଁ ତ୍ରିପୁରା ଷ୍ଟେଟ୍‌ର ମହାରାଜା ସାହେବ ସମସ୍ତ ଖର୍ଚ୍ଚ ବହନ କରିବାକୁ ସ୍ୱୀକୃତ ହୋଇଅଛନ୍ତି । ଏହି ମନ୍ଦିର ନିର୍ମାଣରେ ପ୍ରାୟ ୫୦,୦୦୦ ପାଉଣ୍ଡ ଖର୍ଚ୍ଚ ହେବ ଓ ତାହା ଠିକ ହିନ୍ଦୁ ଆଚାର ଓ ପ୍ରଥା ଅନୁଯାୟୀ କେନ୍‌ସିଙ୍ଗ୍‌ଟନ ବଗିଚାର ପଶ୍ଚିମ ସୀମାନ୍ତରେ ନିର୍ମିତ ହେବ । ତ୍ରିପୁରାର ମହାରାଜା ସାହେବ ଅଳ୍ପ ଦିନ ହେଲା ଲଣ୍ଡନରୁ ଫେରିଅଛନ୍ତି ଓ ରାଜ୍ୟାଭିଷେକ ଦେଖିବା ପାଇଁ ୧୯୩୭ ସାଲରେ ପୁଣି ସେଠାକୁ ଯିବେ । ସେହି ସମୟରେ ସେ ତାହାର ଭିତ୍ତିସ୍ଥାପନ କରିବେ । ମନ୍ଦିରକୁ ଲଗାଇ ଧର୍ମଚର୍ଚ୍ଚା ପାଇଁ ଗୋଟିଏ ପ୍ରକାଣ୍ଡ ହଲ ପ୍ରସ୍ତୁତ ହେବ ଓ ପୁରାତନ ହିନ୍ଦୁ ପୁସ୍ତକ ଗୁଡ଼ିକର ଗୋଟିଏ ଲାଇବ୍ରେରୀ ମଧ୍ୟ ତାହା ସହିତ ରହିବ ।

## ବୋଣାଇ
### କୃଷିର ଉନ୍ନତି ପାଇଁ ବ୍ୟବସ୍ଥା

ଗୃହପାଳିତ ପଶୁର ଉନ୍ନତି ପାଇଁ ଭଲ ଭଲ ଷଣ୍ଢ ରଖିବା ଆବଶ୍ୟକ, ଏହି ଭାବ ଚାରିଆଡ଼େ ପ୍ରଚାର ହେବା ପୂର୍ବରୁ ବୋଣାଇ ଷ୍ଟେଟ୍ ବିହାର ଗଭର୍ଣ୍ଣମେଣ୍ଟ ଫାର୍ମରୁ ଭଲ ଭଲ ଷଣ୍ଢ ଆଣାଇବାର ବନ୍ଦୋବସ୍ତ କରି ସାରିଛନ୍ତି । ରାଜା ସାହେବ ଷ୍ଟେଟ୍‌ରେ ସୋୟାବିନ ଚାଷର ପ୍ରଚାର କରିବା ପୂର୍ବରୁ ପ୍ରଥମେ ତାହା ନିଜ ବଗିଚାରେ ପରୀକ୍ଷା କରୁଅଛନ୍ତି । ସିଲ୍‌ଭର୍ ଜୁବିଲି ପାଣ୍ଠିରୁ ଫେରସ୍ତ ମିଳିଥିବା ଟଙ୍କାରେ ନୂତନ ପୋଖରୀ ଖୋଳାଇବା ଓ ପୁରାତନ ପୋଖରୀ-ଗୁଡ଼ିକର ପଙ୍କୋଦ୍ଧାର କରିବା ପ୍ରଭୃତି ଜଳସେଚନ କାର୍ଯ୍ୟର ମଧ୍ୟ ବ୍ୟବସ୍ଥା ହେଉଅଛି । ଜଳ ଜମା ରଖିବା ପାଇଁ କୋଇଡ଼ା ପ୍ରଗନାରେ ଗୋଟିଏ ବଡ଼ ବନ୍ଧ ପ୍ରସ୍ତୁତ ହେଉଅଛି ।

କୃଷିଶିକ୍ଷା ସମ୍ବନ୍ଧରେ ପ୍ରାଥମିକ ବିଦ୍ୟାଳୟର ଛାତ୍ରମାନଙ୍କୁ ବିଶେଷ ଉତ୍ସାହିତ କରାଯାଉଅଛି । ଧାନବୁଣା ସମୟରେ ଛାତ୍ର-ମାନେ ନିଜ ହାତରେ ଜମି ଚାଷ କରିଥିଲେ ଓ ତାହା ସେମାନଙ୍କର ଶିକ୍ଷା ନିର୍ଘଣ୍ଟ ମଧ୍ୟରେ ଅନ୍ତର୍ଭୁକ୍ତ କରାଯାଇଅଛି । ସେଥିପାଇଁ ଷ୍ଟେଟ୍‌ରୁ ପ୍ରତ୍ୟେକ ବିଦ୍ୟାଳୟକୁ ଜମି ମଧ୍ୟ ଦିଆଯାଇଅଛି ।



Digitized by srujanika@gmail.com

# ସମ୍ବାଦ ଓ ସଙ୍କେତ

## ପୂର୍ବାଞ୍ଚଳ ଦେଶୀୟ ରାଜ୍ୟ ସମୂହର ମନ୍ତ୍ରୀମଣ୍ଡଳିର ବୈଠକ

ପୂର୍ବାଞ୍ଚଳ ଦେଶୀୟ ରାଜ୍ୟମାନଙ୍କର ମନ୍ତ୍ରୀମଣ୍ଡଳର ଏକ ବୈଠକ ଅକ୍ଟୋବର ମାସ ୪ ତାରିଖରେ କଲିକତାରେ ହୋଇ-ଥିଲା । ନାବାଳକ ଶାସନରେ ଥିବା କେତେକ ଷ୍ଟେଟ୍ ଛଡ଼ା ଅନ୍ୟାନ୍ୟ ସମସ୍ତ ଷ୍ଟେଟ୍‌ର ମନ୍ତ୍ରୀମାନେ ଏଥିରେ ଯୋଗ ଦେଇ-ଥିଲେ । ମୟୂରଭଞ୍ଜ ଷ୍ଟେଟ୍‌ର ଦେଓଆନ ମିଷ୍ଟର କେ. ସି. ନିୟୋଗୀ ଏହି ବୈଠକରେ ସଭାପତି ହୋଇଥିଲେ । ଉକ୍ତ ସଭାରେ ନୂତନ ଫେଡ଼େରେଶନ ସମ୍ବନ୍ଧୀୟ କେତେକ ଅତି ଉପଯୋଗୀ ଆଲୋଚନା କରା ଯାଇଥିଲା ।

## ଫୁଟ୍‌ବଲ ପ୍ରତିଯୋଗିତା

ଏଠାରେ ଫୁଟ୍‌ବଲ ପ୍ରତିଯୋଗିତା ଅଗଷ୍ଟ ମାସ ୭ ତାରିଖରେ ଆରମ୍ଭ ହୋଇ ସେପ୍ଟେମ୍ବର ମାସ ପ୍ରଥମ ସପ୍ତାହରେ ଶେଷ ହୋଇଥିଲା । ପଡ଼ିଆର ଗୋଟିଏ ପ୍ରଶସ୍ତ ଅଂଶ ଏଥିପାଇଁ ବନ୍ଦ କରାଯାଇଥିଲା ଓ ଶହ ଶହ ଲୋକ ବର୍ଷାର ବାଧା ନ ମାନି ଖେଳ ଦେଖିବା ପାଇଁ ପ୍ରତ୍ୟହ ଜୁଟୁଥିଲେ । ବାରିପଦା ଏଥ୍‌ଲେଟିକ୍



ମୟୂରଭଞ୍ଜର ରାଜଗୁରୁ ସାହେବ ବାରିପଦା ହାଇସ୍କୁଲର କାପ୍ଟେନଙ୍କୁ ସିଲ୍ଡ ପ୍ରଦାନ କରୁଅଛନ୍ତି ।

ଏସୋସିଏସନ ଅନ୍ୟାନ୍ୟ ବର୍ଷ ପରି ଲୋକମାନଙ୍କୁ ସ୍ଥାନ ଯୋଗାଇବାର ସୁବନ୍ଦୋବସ୍ତ କରିଥିଲେ ଓ ପରଦାନସୀନ ଭଦ୍ର ମହିଳାମାନଙ୍କ ପାଇଁ ମଧ୍ୟ ପୃଥକ୍ ବନ୍ଦୋବସ୍ତ କରିଥିଲେ ।

ଶ୍ରୀରାମଚନ୍ଦ୍ର ମେମୋରିଏଲ୍ ଶିଲ୍ଡ ଓ ଇଣ୍ଟର୍ ସ୍କୁଲ ଚ୍ୟାଲେଞ୍ଜ୍ ଶିଲ୍ଡ ପ୍ରତିଯୋଗିତାରେ ଯୋଗ ଦେବା ପାଇଁ ଓଡ଼ିଶାର ବହୁଅଞ୍ଚଳ ଓ ଜାମସେଦପୁରରୁ ଫୁଟବଲ୍ ଟିମ୍ ସବୁ ଆସିଥିଲେ । ଇଣ୍ଟର-ସ୍କୁଲ ଚ୍ୟାଲେଞ୍ଜ ଖେଳ ଦିନକୁ ଦିନ ଅଧିକ ଚିତ୍ତାକର୍ଷକ ହୋଇଥିଲା । ଫାଇନେଲ୍ ମ୍ୟାଚ ବାରିପଦା ସ୍କୁଲ (ଏ) ଓ ବାଲେଶ୍ୱର ଜିଲ୍ଲା ସ୍କୁଲ ମଧ୍ୟରେ ହୋଇଥିଲା । ଉଭୟ ପକ୍ଷ ବିଚକ୍ଷଣ ଖେଳ ଥିଲେହେଁ ଶେଷରେ ବାରିପଦା ଗୋଟିଏ ଗୋଲରେ ଜିତି ଶିଲ୍ଡ ନେଲେ । ବାରିପଦା ଛାତ୍ରମାନଙ୍କ ପକ୍ଷରେ ଏହା ବଡ଼ ଗୌରବର ବିଷୟ ଯେ ସେମାନେ ଏକାଦିକ୍ରମେ ଗତ ୫ ବର୍ଷ ଧରି ଏହି ଶିଲଟି ନେଇ ଆସୁଅଛନ୍ତି ।

ମୟୂରଭଞ୍ଜ ଏଥ୍‌ଲେଟିକ୍ ଏସୋସିଏସନ୍‌ର ଇତିହାସରେ ଏଥର ଏକ ଉଲ୍ଲେଖ ଯୋଗ୍ୟ ବିଷୟ ଯେ ତାହା ଏହି ବର୍ଷ କଲିକତାର ପ୍ରସିଦ୍ଧ ଭାରତୀୟ ଫୁଟବଲ ଏସୋସିଏସନ୍‌ର (I. F. A.) ଅନ୍ତର୍ଗତ ହେଲା । ତାହାର ଫଳରେ ଏଠାରେ ଏକ ଆଇ. ଏଫ୍. ଏ. ଟିମ ଓ ଶ୍ରୀରାମଚନ୍ଦ୍ର-ସ୍ମୃତି ପ୍ରତିଯୋଗିତାରେ ଯୋଗ ଦେଇଥିବା ଟିମ୍‌ମାନଙ୍କରୁ ବଶିଷ୍ଟ ୧୧ ଜଣ ଖେଳୁଆଡ଼ଙ୍କୁ ନେଇ ଗୋଟିଏ ପ୍ରଦର୍ଶନୀ ମ୍ୟାଚ ହୋଇଥିଲା ।

ପ୍ରଦର୍ଶନୀ ଖେଳ ଦେଖିବା ପାଇଁ ନିକଟବର୍ତ୍ତୀ ମୋଗଲବନ୍ଦୀ ଜିଲ୍ଲାମାନଙ୍କରୁ ଅନେକ ଲୋକ ଟିକଟର ହାର ବଢ଼ି ଯାଇଥିବା ସ୍ଥଳେ ଓ ପ୍ରଳୟ ବୃଷ୍ଟିର ବାଧା ନ ମାନି ମଧ୍ୟ ଆସିଥିଲେ । ଉକ୍ତ ଖେଳରେ ଆଇ. ଏଫ୍. ଏ ଇଣ୍ଡିଆନ ଟିମ୍ ଜିତିଲେ ।

କଲିକତା ରେଫାରି ଏସୋସିଏସନ୍‌ରୁ ମିଷ୍ଟର ଏସ୍. ସି. ଘୋଷ ଓ ଜେ. ଏମ୍. ଦାସଙ୍କୁ ଅଣା ଯାଇଥିଲା । ସେମାନେ ସୁନ୍ଦର ଭାବରେ ତାଙ୍କର କାର୍ଯ୍ୟ ସମ୍ପନ୍ନ କରିଥିଲେ ।

ମୟୂରଭଞ୍ଜର ମାନନୀୟ ରାଜତନ୍ତ୍ରୀ ସାହେବ ଖେଳରେ ଉପସ୍ଥିତ ଥାଇ ଶିଲ୍ଡ ଓ ପଦକାଦି ପ୍ରଦାନ କରିଥିଲେ ।



ମୟୂରଭଞ୍ଜର ଶ୍ରୀମନ୍ ରାଜତନ୍ତ୍ରୀ ସାହେବ ( ମଧ୍ୟସ୍ଥଳରେ ଆସୀନ )
ଏବଂ ଜାମସେଦପୁର ଓଲ୍ଡ ବଏଜ୍ ଟିମ୍‌ର ଖେଳୁଆଡ଼ମାନେ

ଶ୍ରୀ ରାମଚନ୍ଦ୍ର ମେମୋରିଏଲ ଶିଲ୍ଡ ପ୍ରତିଯୋଗିତାରେ ଜାମସେଦପୁର ଓଲ୍ଡ ବୟେଜ୍ କଟକ ବି. ଏନ୍. ଆର୍. ସ୍ପୋର୍ଟିଂକୁ ଦୁଇ ଗୋଟି ଗୋଲରେ ପରାସ୍ତ କରି ସୁଖ୍ୟାତିସହ ଶିଲ୍ଡ ନେଇ ଥିଲେ । ପରିତାପର ବିଷୟ ଯେ ଶ୍ରୀ ରାମଚନ୍ଦ୍ର ମେମୋରିଏଲ ଚ୍ୟାଲେଞ୍ଜ ଶିଲ୍ଡ ପ୍ରତିଯୋଗିତା ପୁନର୍ଗଠିତ ହେଲା ଦିନୁ ପ୍ରଥମ ଥର ପାଇଁ ସେମିଫାଇନେଲରେ ବାରିପଦା ଜାମସେଦପୁରଦ୍ୱାରା ଗୋଟିଏ ଗୋଲରେ ପରାସ୍ତ ହୋଇଥିଲେ ।

## ବାଘ ମଡ଼ିରେ ବାଘ ଶୀକାର


ଗତ ଅଗଷ୍ଟ ମାସରେ ମୟୂରଭଞ୍ଜର ହାତୀଦାଣ୍ଡି ଗ୍ରାମରେ ଦୁଇ ଗୋଟି ଶତା ବାଘ ମରା ହୋଇଥିବାର ସମ୍ବାଦ ମିଳିଥିଲା । ଜୁଲାଇ ମାସ ୨୬ ତାରିଖ ରାତିରେ ଉକ୍ତ ଗ୍ରାମର ଜଣେ ଲୋକ ତାହାର ଘର ବାହାର ବାରଣ୍ଡାରେ ଛୋଟ ପୁଅଟିକୁ ନେଇ ଶୋଇଥିବା ଅବସ୍ଥାରେ ଗୋଟାଏ ବାଘ ଆସି ପିଲାଟିକୁ ନେଇଗଲା । ତହିଁ ଆର ଦିନ ସକାଳେ ପିଲାର ମୃତ ଦେହଟି ଅର୍ଦ୍ଧଭୁକ୍ତ ଅବସ୍ଥାରେ ଗାଁ ବାହାରେ ପଡ଼ିଥିବାର ଦେଖାଗଲା । ଏହି ସମ୍ବାଦ ପାଇ ସ୍ଥାନୀୟ ଫରେଷ୍ଟ ଇନ୍‌ସପେକ୍ଟର ସେଠାକୁ ଆସି ଗୋଟିଏ ମଞ୍ଚା ବାନ୍ଧି ବାଘ ଅପେକ୍ଷାରେ ଜଗିଲେ ଓ ସନ୍ଧ୍ୟା ସମୟରେ ଗୋଟିଏ ବାଘୁଣୀକୁ ଗୁଳିକଲେ । ମୃତ ବାଘୁଣୀଟି ସେ ଦିନ ସେଠାରେ ପଡ଼ି ରହିଲା । କିନ୍ତୁ ତହିଁ ଆର ଦିନ ସକାଳେ ଦେଖାଗଲା ଯେ ବାଘୁଣୀ ଦେହରୁ ମଧ୍ୟ କିଏ ଅର୍ଦ୍ଧେକ ମାଂସ ଖାଇଯାଇଛି । ଶୀକାରୀ ପୁଣି ସେଠାରେ ଜଗିଲେ ଓ ପର ଦିନ ଗୋଟାଏ ଶତା ବାଘକୁ ଗୁଳି କଲେ । ଅନ୍ୟ ଏକ ବାଘର ମଡ଼ଦ୍ୱାରା ବାଘ ଶୀକାର ହୋଇ ଥିବାର କ୍ୱଚିତ ଶୁଣାଯାଏ ।



Digitized by srujanika@gmail.com

## ଗମ୍ଭାରିଆ ପୋଲ


ବିହାର ଓ ବଙ୍ଗଦେଶର ପ୍ରଧାନ ବ୍ୟବସାୟ କେନ୍ଦ୍ର ଜାମସେଦପୁରକୁ ଯିବା ଆସିବାର ସୁବିଧା ପାଇଁ ମୟୂରଭଞ୍ଜ ଷ୍ଟେଟ୍ କର୍ତ୍ତୃପକ୍ଷ ଗମ୍ଭାରିଆ ଓ ଅନ୍ୟାନ୍ୟ ତିନି ଗୋଟି ବଡ଼ ପୋଲ ଏବଂ ୧୫ ଗୋଟି ଛୋଟ ପୋଲ ନିର୍ମାଣ କରାଉଅଛନ୍ତି ।



ଗମ୍ଭାରିଆ ପୋଲର ଦୃଶ୍ୟ

ଗମ୍ଭାରିଆ ପୋଲର କାର୍ଯ୍ୟ ୧୯୩୫ ସାଲ ନଭେମ୍ବର ମାସରେ ଆରମ୍ଭ ହୋଇଥିଲା ଓ ବର୍ତ୍ତମାନ ତାହା ପ୍ରାୟ ଶେଷ ହେବା ଉପରେ । ଏଥିରେ ୩୫ ଫୁଟ ୯ ଇଞ୍ଚ ଚଉଡ଼ାର ୬ ଗୋଟି ଖିଲଣି କରା ଯାଇଅଛି ଓ ରାସ୍ତାଟିର ଚଉଡ଼ା ୧୨ ଫୁଟ । ଏହି ପୋଲ ଉପର ରାସ୍ତା ଓ ଟିରିଙ୍ଗ ପର୍ଯ୍ୟନ୍ତ ଯେତେଗୁଡ଼ିଏ ଛୋଟ ବଡ଼ ପୋଲ ଅଛି, ତାହାର ମଧ୍ୟ ଉପର ରାସ୍ତାଗୁଡ଼ିକ ପକ୍କା କରାଯାଇ ବହୁଳ ଯାତାୟାତର ଉପଯୁକ୍ତ ହୋଇଅଛି ।

ମୟୂରଭଞ୍ଜରେ ଇତି ପୂର୍ବରୁ ଯେତେଗୁଡ଼ିଏ ପୋଲ କରା ଯାଇଅଛି ସେଥି ମଧ୍ୟରେ ଏ ଗୁଡ଼ିକ ବେଶ୍ ଶକ୍ତ ଓ ମଜବୁତ ଏବଂ ଏ ଗୁଡ଼ିକର ନିର୍ମାଣ ଖର୍ଚ୍ଚ ମଧ୍ୟ କମ । କାମ ଅନେକ ଦୂର ଅଗ୍ରସର ହୋଇଗଲାଣି ଓ ୨୧ ମାଇଲ ମଧ୍ୟରେ ଥିବା ସମସ୍ତ ପୋଲର କାର୍ଯ୍ୟ ୧୯୩୭ ଫେବ୍ରୁୟାରୀ ମଧ୍ୟରେ ଶେଷ ହୋଇଯିବାର ଆଶା କରାଯାଏ ।



ଗମ୍ଭାରିଆ ପୋଲ ନିର୍ମିତ ହେଉଥିବା ଉପରଭାଗର ଦୃଶ୍ୟ

## ସୁନିଆଁ

ଓଡ଼ିଆ ବର୍ଷାରମ୍ଭ ବା ସୁନିଆଁ ଗତ ସେପ୍ଟେମ୍ବର ମାସ ତା ୨୮ ରିଖରେ ଷ୍ଟେଟ୍‌ରେ ଯଥାବିଧି ପ୍ରତିପାଳିତ ହୋଇଥିଲା । ଅନ୍ୟାନ୍ୟ ବର୍ଷ ପରି ସେ ଦିନ ସମସ୍ତ ସରକାରୀ ଅନୁଷ୍ଠାନ ବନ୍ଦ ଥିଲା ଓ ପ୍ରଚଳିତ ପ୍ରଥାନୁଯାୟୀ ରାଜପ୍ରାସାଦରେ ସୁନିଆଁ ଉତ୍ସବ ଅନୁଷ୍ଠିତ ହୋଇଥିଲା । ବାମନ ଅବତାର ଗ୍ରହଣ କରି ବିଷ୍ଣୁ ବାଲୀ ରାଜାଙ୍କୁ ପରାସ୍ତ କରିଥିବା ବିଷୟ ପୁରାଣରେ ବର୍ଣ୍ଣିତ ଅଛି । ସେହି ବାମନଙ୍କର ଜନ୍ମ ଦିନ ଏହି ସୁନିଆଁ । ତେଣୁ ହିନ୍ଦୁମାନେ ଏହାକୁ ଗୋଟିଏ ଶୁଭ ଦିନ ରୂପେ ମାନନ୍ତି । ଓଡ଼ିଶାର ଏହା ନବ ବର୍ଷ ବା ସନ ୧୩୪୪ ସାଲର ଅୟମାରମ୍ଭ ଭାବରେ ଗୃହଅଙ୍କେ ପ୍ରତିପାଳିତ ହୋଇଥିଲା । ସୁନିଆଁ ଶବ୍ଦଟିର ଉତ୍ପତ୍ତି ସଂସ୍କୃତ 'ସୁବର୍ଣ୍ଣ'ରୁ । ପ୍ରଚଳିତ ପ୍ରଥାରୁ ମଧ୍ୟ ଦେଖାଯାଏ ଯେ ସୁନିଆଁ ଦିନ ପ୍ରଜାମାନେ ରାଜାମାନଙ୍କୁ ଟଙ୍କା କିମ୍ବା ଅନ୍ୟାନ୍ୟ କୌଣସି ପଦାର୍ଥ ନେଇ ଭେଟି କରନ୍ତି । ସେ ପ୍ରଥା ବର୍ତ୍ତମାନ ଅନେକ ପରିମାଣରେ କମି ଯାଉଥିଲେହେଁ ମୟୂରଭଞ୍ଜରେ ସେ ଦିନ ଗଡ଼ର ଅଧିଷ୍ଠାନୀ ଦେବୀ କୀଚକେଶ୍ୱରୀଙ୍କଠାରେ ପୂଜା ହୁଏ ଓ ସେହି ଦିନଠାରୁ ମୟୂରଭଞ୍ଜାଧୀଶଙ୍କର ନୂଆ ଅଙ୍କ ଆରମ୍ଭ ହୁଏ ।



Digitized by srujanika@gmail.com

## ପ୍ରାଥମିକ ସ୍କୁଲପାଇଁ ଦାନ

ମୟୂରଭଞ୍ଜ ଗଡ଼ଅ ଗ୍ରାମ ନିବାସୀ ମିଷ୍ଟର ବି. ପାଲ. ମାଜିଷ୍ଟ୍ରେଟ୍ ତାଙ୍କ ଗାଁ ଉଚ୍ଚପ୍ରାଥମିକ ବିଦ୍ୟାଳୟଟିକୁ ନିକଟ ଭବିଷ୍ୟତରେ ମଧ୍ୟ-ଇଂରାଜୀ ବିଦ୍ୟାଳୟରେ ପରିଣତ କରିବା ଆଶାରେ ଗୋଟିଏ ପକ୍କା-ଗୃହ ନିର୍ମାଣ ପାଇଁ ଟ ୧୦୦୦ ଙ୍କା ଦାନ କରି ବିଶେଷ ଧନ୍ୟବାଦାର୍ହ ହୋଇଛନ୍ତି । ମିଷ୍ଟର ପାଲ କିଛି କାଳ ହେଲା ସ୍କୁଲର ଜଣେ ଇଂରାଜୀ ଶିକ୍ଷକଙ୍କର ବେତନ ନିଜେ ବହନ କରୁଥିଲେ । ତାଙ୍କର ସ୍ୱର୍ଗୀୟା ମାତା ତାରାସୁନ୍ଦରୀ ଦେବୀଙ୍କର ମୃତ୍ୟୁର ସ୍ମରଣଚିହ୍ନ ସ୍ୱରୂପ ସେ ଉକ୍ତ ଦାନ କରିଅଛନ୍ତି ।

## ବାରିପଦା ଫ୍ରେଣ୍ଡସ୍ ରିକ୍ରିଏସନ

ବାରିପଦା ଫ୍ରେଣ୍ଡସ୍ ରିକ୍ରିଏସନ କ୍ଲବର ସଭ୍ୟମାନେ ସୁନିଆଁ ଦିନ ତାଙ୍କ କ୍ଲବ୍‌ର ବାର୍ଷିକ ଉତ୍ସବ ପାଳନ କରିଥିଲେ । ସୁଚିହିତ ନିମନ୍ତ୍ରଣ ପତ୍ରରେ ନବ ବର୍ଷର ଅଭିବାଦନ ଜଣାଇ ସେମାନେ ସ୍ଥାନୀୟ କେତେକ ବିଶିଷ୍ଟ କର୍ମଗୃହୀ ଓ ଭଦ୍ରବ୍ୟକ୍ତିଙ୍କୁ ଗୋଟିଏ ସାନ୍ଧ୍ୟ ଭୋଜନକୁ ନିମନ୍ତ୍ରଣ କରିଥିଲେ । ଭଦ୍ରବ୍ୟକ୍ତି-ମାନଙ୍କ ଚିତ୍ତବିନୋଦନ ପାଇଁ ସଙ୍ଗୀତ ଓ ମେଜିକର ବ୍ୟବସ୍ଥା ମଧ୍ୟ ହୋଇଥିଲା । ସମ୍ପାଦକଙ୍କ ଦ୍ୱାରା ପଠିତ ବାର୍ଷିକ ବିବରଣୀରୁ ଜଣାଯାଏ ଯେ ଏହି କ୍ଲବ୍‌ଟି କ୍ରୀଡ଼ାକୌତୁକ, ସଙ୍ଗୀତ, ଅଭିନୟ, ସାହିତ୍ୟ ଓ ଲୋକସେବା ଆଦି ନାନା ବିଭାଗରେ ଅନେକ ପ୍ରଶଂସନୀୟ କାର୍ଯ୍ୟ କରିଅଛି । କ୍ଲବର ସ୍ଥାପନ ଓ ପରିଚାଳନା ପାଇଁ ଏହି କ୍ଲବର ପ୍ରଧାନ ସଭ୍ୟ ଶ୍ରୀଯୁକ୍ତ ହରିଶଚନ୍ଦ୍ର ଦାଶଙ୍କର ଚେଷ୍ଟା ଓ ଉତ୍ସାହ ସର୍ବାଦୌ ଉଲ୍ଲେଖଯୋଗ୍ୟ ।

## ବାରିପଦାରେ ସଙ୍ଗୀତ ପ୍ରତିଯୋଗିତା

ବାରିପଦା ସାହିତ୍ୟ ସମାଜ ତରଫରୁ ବାର୍ଷିକ ସଙ୍ଗୀତ ପ୍ରତିଯୋଗିତା ଅକ୍ଟୋବର ମାସ ୪ ତାରିଖରେ ସ୍ଥାନୀୟ ହାଇସ୍କୁଲ ହଲ୍‌ରେ ଅନୁଷ୍ଠିତ ହୋଇଥିଲା । ଶ୍ରୀମନ୍ ମହାରାଜା ସାହେବ ବିଲାତରୁ ପ୍ରତ୍ୟାବର୍ତ୍ତନ କରିବା ପରେ ପ୍ରଥମେହିଁ ଏହି ସାଧାରଣ ଅନୁଷ୍ଠାନର ସଭାପତି ଆସନ ଅଲଙ୍କୃତ କରିଥିଲେ । ପୁରୁଷ ଓ ନାରୀ ଉଭୟେହିଁ ଏହି ପ୍ରତିଯୋଗିତାରେ ଯୋଗ ଦେଇଥିଲେ ଏବଂ ସେମାନଙ୍କ ମଧ୍ୟରୁ କେତେକ କଟକରୁ ମଧ୍ୟ ଆସିଥିଲେ । ପ୍ରତିଯୋଗିତା ଦେଖିବା ପାଇଁ ଅନେକ ଦର୍ଶକ ସେ ଦିନ ସନ୍ଧ୍ୟାରେ ସ୍କୁଲ ହଲ୍‌ରେ ସମବେତ ହୋଇଥିଲେ । ଭାରତୀୟ ସଙ୍ଗୀତର ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗିମାନଙ୍କୁ ପଦକ ପ୍ରଦାନ କରିବା ପରେ ଶ୍ରୀମନ୍ ମହାରାଜା ମହୋଦୟ ସଙ୍ଗୀତ-ଚର୍ଚ୍ଚା ପାଇଁ ଶ୍ରୋତାମାନଙ୍କୁ ଉତ୍ସାହିତ କରି ଓଡ଼ିଆରେ ଗୋଟିଏ ନାତିଦୀର୍ଘ ଉପାଦେୟ ଭାଷଣ ଦେଇଥିଲେ ।

ସଙ୍ଗୀତ ଓ ନୃତ୍ୟକଳାରେ ମୟୂରଭଞ୍ଜ ତାହାର ପ୍ରସିଦ୍ଧ ଛଉନାଚ ପାଇଁ ଯଥେଷ୍ଟ ସୁଖ୍ୟାତି ଲାଭ କରିଅଛି । ପ୍ରତିଯୋଗିତାର କାର୍ଯ୍ୟ ନିର୍ଘଣ୍ଟ ବହୁଳ ହୋଇଥିଲେହେଁ ପ୍ରୀତିପ୍ରଦ ହୋଇଥିଲା । ସେଥିପାଇଁ ପର ଦିନ ମଧ୍ୟ ଗୋଟିଏ 'ବୈଠକୀ' ହୋଇଥିଲା ଏବଂ ଶ୍ରୀମନ୍ ମହାରାଜା ସାହେବ ଉକ୍ତ ଦିନ ମଧ୍ୟ ଉପସ୍ଥିତ ରହି କଟକରୁ ଆଗତ ମଧ୍ୟପୁରେ ପଠାଏତଙ୍କର ସଙ୍ଗୀତ ସମ୍ବନ୍ଧରେ ବକ୍ତବ୍ୟ ଶ୍ରବଣ କରିଥିଲେ ।




ମୟୂରଭଞ୍ଜ ଷ୍ଟେଟ୍ ପ୍ରେସ୍‌ରେ ଶ୍ରୀପଦ୍ମଚରଣ ଦାଶଙ୍କଦ୍ୱାରା ମୁଦ୍ରିତ ଓ ପ୍ରକାଶିତ ।

Digitized by srujanika@gmail.com

# ଉତ୍କଳ ପ୍ରଭାତ

ବାରିପଦା, ପୌଷ ୧୩୪୪




Digitized by srujanika@gmail.com

PHONE 2492 CAL.

GRAM "LAVATORY"

# SANITATION

PLUMBING
DRAINAGE
& WATER-WORKS.

CONSULT

## S. K. CHAKRAVARTI LTD.

MISSION ROW SANITARY ENGINEERS CALCUTTA

## Mayurbhanj Law Reporter

Highly appreciated in India & Abroad.

It is a quarterly publication.

It is published in September, December, March and June.

| | |
|---|---|
| Yearly Subscription | Rs. 3 |
| Single Copy | As. 12 |

Postage Extra.

*Manager*—N. C. SANYAL, B. A.
MAYURBHANJ LAW REPORTER.

Estd. Half A Century

## J. N. CHUNDER & BROS.

*33 Radha Bazar Street,* CALCUTTA

CHEAPEST HOUSE FOR

**PRINTING & STATIONERY GOODS**

*Please ask for Price List.*

## Bhanja Pradeepa

*It is an illustrated Oriya quarterly quite independent of the English Edition of the Mayurbhanj Chronicle.*

SUBSCRIPTION

| | | |
|---|---|---|
| *Annual -* | *Rs. 0-12-0* | *(post free)* |
| | *1-4-0* | *(with postage)* |
| *Price per copy ,,* | *0-3-0* | *(post free)* |
| | *0-5-0* | *(with postage)* |

*Manager*—N. C. SANYAL, B.A.
BHANJA PRADEEPA

Digitized by srujanika@gmail.com

# The Mayurbhanj Chronicle

*Publication:* The Chronicle is a quarterly publication. It is published in October, January, April and July.

*Subscription;* Annual Rs. 1-8-0. Single copy As. 6 only. Postage per copy 2 As. extra.

## SCALE OF CHARGES FOR ADVERTISEMENTS

(*Single Insertion*)

| | | |
|---|---|---|
| **Outer page of Cover :—** | Full page | Rs 50/- |
| | Half ,, | 25/- |
| | Quarter ,, | 15/- |
| **Inner page of Cover :—** | Full ,, | 40/- |
| | Half ,, | 20/- |
| | Quarter ,, | 12/ |
| **Inner page of Cover : reverse of title page :** | Full page | Rs. 50/- |
| | Half ,, | 25/- |
| | Quarter ,, | 15/- |
| **Ordinary page : -** | Full | 36/- |
| | Half | 18/ |
| | Quarter | 10/- |

*Rates for smaller spaces on application*

N. C. SANYAL, B. A.

*Manager, Mayurbhanj Chronicle.*

STATE PRESS, BARIPADA, MAYURBHANJ



# ମୟୂରଭଞ୍ଜ ଷ୍ଟେଟ ଗେଜେଟ

ପ୍ରତି ଇଂରାଜୀ ମାସ ୭ ଓ ୨୨ ତାରିଖରେ ପ୍ରକାଶିତ ହୁଏ । ଏଥିରେ କେବଳ ଅଫିସ ସମ୍ବନ୍ଧୀୟ ବିଷୟମାନ ପ୍ରକାଶିତ ହୁଏ ।

ବାର୍ଷିକ ମୂଲ୍ୟ—ଟ ୩୲ ( ଡାକମାସୁଲ ବ୍ୟତୀତ ) ଟ ୩୲ ( ଡାକମାସୁଲ ସହ ) ପ୍ରତି ସଂଖ୍ୟାର ମୂଲ୍ୟ ଟ ୦୵

**ଏଥିରେ ବିଜ୍ଞାପନ ଛପାଇବାର ଦର**

ପ୍ରତି ସଂଖ୍ୟା—ପୂର୍ଣ୍ଣ ଏକ ପୃଷ୍ଠାକୁ ଟ ୧୦୲ ପ୍ରତି ସଂଖ୍ୟା—ଅର୍ଦ୍ଧ ପୃଷ୍ଠାକୁ ଟ ୫୲

ସାମୟିକ ବିଜ୍ଞାପନ ପ୍ରକାଶ—ପ୍ରତି ସଂଖ୍ୟା ଡବଲ୍ କଲମ୍ ଲାଇନ୍‌କୁ ଟ ।

,, ସିଙ୍ଗଲ୍ ,, ,, ଟ ୦୵

ଗ୍ରାହକ ... ଜବାବ୍ ନିମନ୍ତେ ବିଜ୍ଞାପନ ଛପାଇବାକୁ ଇଚ୍ଛା କଲେ ଅଗ୍ରିମ ଦେବାକୁ ହେବ ।

**ମେନେଜର,**

ଷ୍ଟେଟ୍ ପ୍ରେସ୍, ବାରିପଦା ।

# ଭଞ୍ଜ ପ୍ରଦୀପ

ଷଷ୍ଠ ଭାଗ — ଦ୍ୱିତୀୟ ସଂଖ୍ୟା

## ସୂଚିପତ୍ର


| | | | ପୃଷ୍ଠା |
|---|---|---|---|
| ୧ । | ଧର୍ମ | ଶ୍ରୀ ଜ୍ଞାନେଶ୍ୱର ଦେବ | ୧ |
| ୨ । | କ୍ଷିତିଂ ଦର୍ଶନ (ପଦ୍ୟ) | ଶ୍ରୀ ନିତ୍ୟାନନ୍ଦ ମହାପାତ୍ର | ୨ |
| ୩ । | ହିମାଳୟ ଭ୍ରମଣ | ଶ୍ରୀ ନରେନ୍ଦ୍ର ମୋହନ ତ୍ରିପାଠୀ | ୩ |
| ୪ । | ପାଗଳ ଦୁର୍ଗାମାଧବ | ଶ୍ରୀ ଉପେନ୍ଦ୍ର ପ୍ରସାଦ ମହାନ୍ତି | ୯ |
| ୫ । | ଅନ୍ତର ଗାୟନ | ଶ୍ରୀ ପଦ୍ମଚରଣ ପଟ୍ଟନାୟକ | ୧୯ |
| ୬ । | ସାଗରୁ ଆକାଶ | ଶ୍ରୀମତୀ ସରୋଜିନୀ ଚୌଧୁରୀ | ୨୧ |
| ୭ । | ସମୁଦ୍ର ମନ୍ଥନ | ଶ୍ରୀ ଚନ୍ଦ୍ରମଣି ପାଣିଗ୍ରାହୀ | ୨୫ |
| ୮ । | ଦେଶୀୟ ରାଜ୍ୟ ସମାଚାର | | ୨୭ |
| ୯ । | ସମ୍ବାଦ ଓ ସଙ୍କେତ | | ୩୧ |
| ୧୦ । | ପୁସ୍ତକ ପରିଚୟ | | ୩୬ |


## ଚିତ୍ର-ସୂଚି


| | | |
|---|---|---|
| ୧ । | ମୟୂରଭଞ୍ଜ ଷ୍ଟେଟର ବଡ଼ ଉଡ଼ାଜାହାଜ "ଚପଳା" | ପ୍ରଚ୍ଛଦପଟ |
| ୨ । | ନବନଗର ରାଜ୍ୟର ଅବସରପ୍ରାପ୍ତ ରାଜସ୍ୱ-ସଚିବ ଶ୍ରୀଯୁକ୍ତ ସୋମଚନ୍ଦ୍ର ସାହା | ୩୦ |
| ୩ । | ମୟୂରଭଞ୍ଜର ପୋଲିସ ଫୌଜ | ୩୧ |
| ୪ । | ବାରିପଦା ରାଜଭବନସ୍ଥ ଦରବାର ହଲର ବାହାର ଦୃଶ୍ୟ | ୩୨ |
| ୫ । | ମୟୂରଭଞ୍ଜ ଷ୍ଟେଟର ବଡ଼ ଉଡ଼ାଜାହାଜ "ଚପଳା" | ୩୩ |
| ୬ । | ବାଦାମପାହାଡ଼ ଲୁହା ଖଣିର ବାହାର ଦୃଶ୍ୟ | ୩୪ |
| ୭ । | ୧୨୦ ଗଜ ହାଇ ହାର୍ଡ଼ଲ୍ ଦୌଡ଼ ପ୍ରତିଯୋଗିତା | ୩୫ |


Digitized by srujanika@gmail.com

# ଭଞ୍ଜପ୍ରଦୀପ

ସମ୍ପାଦକ—ଶ୍ରୀ ରାଧାଗୋବିନ୍ଦ ଦାସ

ସହକାରୀ ସମ୍ପାଦକ—ଶ୍ରୀ କାଳନ୍ଦୀଚରଣ ପାଣିଗ୍ରାହୀ

ମକର ସଂଖ୍ୟା

ଷଷ୍ଠ ଭାଗ | ପୌଷ, ସନ ୧୩୪୪ ସାଲ | ୬ଷ୍ଠ ସଂଖ୍ୟା


## ସୃଷ୍ଟି


**ଶ୍ରୀ ଜଳନ୍ଧର ଦେବ**


ସୃଷ୍ଟି-ବିଶ୍ୱାସ ମୂଳରୁ ହିଁ ଭିନ୍ନ ଧର୍ମ-ବିଶ୍ୱାସର ଉତ୍ପତ୍ତି । ନିଜ ନିଜ ଜଗତ୍—ସୃଷ୍ଟିର ସୃଷ୍ଟିକର୍ତ୍ତା । ସୁତରାଂ ବିଭିନ୍ନ ଜାତି ବିଭିନ୍ନ ସୃଷ୍ଟିର ଇତିହାସ ପ୍ରକାଶ କରିଅଛନ୍ତି । ଏକ ଇତିହାସ ସହିତ ଅପର ଇତିହାସର ମେଳ ନାହିଁ । ହେବ ବା କିପରି ? କଳ୍ପନା ସତ୍ୟ ନୁହେଁ; କଳ୍ପନା ଯୁକ୍ତିମୂଳକ ଅନୁମାନ ମଧ୍ୟ ନୁହେଁ । ଯେଉଁ ଯେଉଁ ଜାତି ସୃଷ୍ଟିର କଳ୍ପନା କଲେ ସେମାନଙ୍କର ନିଶ୍ଚିତ ବା **Reveletion** ଉପରେ ଘୋରତର ବିଶ୍ୱାସ ଥିଲା । ଏଣୁ ସେମାନଙ୍କର ପୂର୍ବ ପୁରୁଷଙ୍କ ମୁଖରୁ ବା ଲେଖାରୁ ସେମାନେ ଯାହା ଜ୍ଞାତ ହେଲେ ତାକୁ ଧ୍ରୁବ ସତ୍ୟ ଭାବିଲେ ଏବଂ ତାହାର ପ୍ରଚାର ବିଷୟରେ ସଚେଷ୍ଟ ହେଲେ । ମାତ୍ର ଯାହା ସତ୍ୟ ନୁହେଁ ତାହା ସମସ୍ତଙ୍କର ହୃଦୟଙ୍ଗମ ହେବା ଅସମ୍ଭବ—ଏଣୁ ସୃଷ୍ଟି-ପ୍ରକ୍ରିୟା ଏବଂ ସୃଷ୍ଟିକର୍ତ୍ତା ବିଭିନ୍ନ କବି ଓ ଦ୍ରଷ୍ଟା ପ୍ରତି ଭିନ୍ନ ରୂପେ ପ୍ରତିଭାତ ହେଲା ।

ସତ୍ୟ ଉଦ୍‌ଘାଟନ ଓ ସତ୍ୟ ଆବିଷ୍କାର ନିମନ୍ତେ ମାନବର ଯେ ଚେଷ୍ଟା ଓ ସ୍ପର୍ଦ୍ଧା ତାହା ପ୍ରଶଂସନୀୟ । ମାତ୍ର ସୃଷ୍ଟି ତତ୍ତ୍ୱକୁ କଳ୍ପନା କରି ପାରି ଥିବାର ଯେ ସ୍ପର୍ଦ୍ଧା ତାହା ହାସ୍ୟାସ୍ପଦ ଓ ଅସହନୀୟ ମନେ ହୁଏ । ବିଶ୍ୱ-ବ୍ରହ୍ମାଣ୍ଡ ଅଧ୍ୟାତ୍ମ ଛାଡ଼ି ପୃଥିବୀ କଥା ଧର । ପୃଥିବୀ ଉପରେ ଜଳ, ସ୍ଥଳ ଓ ବାୟୁରେ ବାସ କରୁଥିବା ଅସଂଖ୍ୟ ଜୀବମାନଙ୍କୁ ତୁମେ ଗୋଟିଏ ଜୀବ କି ? କାଳ ଯେଉଁଠି ନିର୍ଣ୍ଣିତ ହେଉନାହିଁ ସେଠିକେ ହେଲା ବା ତୁମର ଜନ୍ମ ? ତୁମର ପ୍ରଗତିରେ କେତେ ସମୟ ବା ଅତିବାହିତ ହୋଇଅଛି ? ଅଦ୍ୟାପି ଜ୍ଞାନର ଚରମ ବିକାଶ ହେଲାଣି କି ? ତଥାପି ଆଜି ମଧ୍ୟ ଅତୀତ ହଜାର ବର୍ଷର ଦ୍ରଷ୍ଟାମାନଙ୍କ ମୁଖରୁ ଯାହା ଉଚ୍ଚାରିତ ହେଲା, ତାହାକୁ ତୁମେ ଅଭ୍ରାନ୍ତ ସତ୍ୟ ବୋଲି ଭାବୁଛ ଏବଂ ତାହା ଉପରେ ଟୀକାଟିପ୍ପଣୀ ଓ ବ୍ୟାଖ୍ୟା ଲେଖି ସମସ୍ତଙ୍କ ଆଖିରେ ଅନ୍ଧ—ପଟଳ ବାନ୍ଧିବାର ଚେଷ୍ଟା କରୁଅଛ ।

“ନା ଥିଲା ଏ ସବ୍ କିଛି” ଅର୍ଥାତ୍ ଏ ଅନନ୍ତ ଆକାଶ-ସୂର୍ଯ୍ୟ ନକ୍ଷତ୍ରାଦି ଜ୍ୟୋତିଷ୍କ ବା କୌଣସି ବସ୍ତୁ ନ ଥିଲା ବୋଲିବାଠୁଁ ବଳି ଭ୍ରାନ୍ତିମୂଳକ ଉକ୍ତି କିଛି ହିଁ ନୁହେଁ । ପୁଣି ଆଲୋକ ନ ଥିଲା ଏହା ତତୋଽଧିକ ଭ୍ରମପୂର୍ଣ୍ଣ ବିଶ୍ୱାସ । ତଥାପି ବାଇବଲ୍ ଓ ପୁରାଣ ବିଶ୍ୱାସୀମାନେ ଅମ୍ଳାନ ବଦନରେ ଏ ଉକ୍ତି ଯୋଡ଼ିକୁ ଧ୍ରୁବ ସତ୍ୟ ବୋଲି ଘୋଷଣା କରିବାକୁ ଛାଡ଼ୁ ନାହାନ୍ତି ।


Digitized by srujanika@gmail.com

କୁମ୍ଭ ଦେଖି କୁମ୍ଭକାରର ଅନୁମାନ ସହିତ ଜଗତ୍ ଦେଖି ଜଣେ ସୃଷ୍ଟି କର୍ତ୍ତାର ଅନୁମାନ ସାମଞ୍ଜସ୍ୟବିଧାନ । ଜ୍ଞାନ ବିକାଶର ବାଲ୍ୟାବସ୍ଥାରେ ଏ ଅନୁମାନ ଆଦରଣୀୟ ହୋଇପାରେ; ମାତ୍ର ଏ ଯୁଗରେ ଏତାଦୃଶ ବିଶ୍ୱାସ ଆଦରଣୀୟ ହୋଇ ନ ପାରେ । ବାଇବଲ୍ ଯୁଗରେ ଜ୍ୟୋତିଷ ସମ୍ବନ୍ଧେ ଲୋକମାନଙ୍କର ଜ୍ଞାନର ଅଭାବ ଥିଲା ଏଣୁ ଆଲୋକ ନ ଥିଲା ବୋଲି ବ୍ୟକ୍ତ କରିବାଟା ସଙ୍ଗତ । ଯାହା ନ ଥିଲା ତାହା ହେଲା, ଏ କଥା ଯେପରି ଅଯୌକ୍ତିକ ତେପରି ହାସ୍ୟାସ୍ପଦ । ଏକ ସମୟରେ ସୂର୍ଯ୍ୟ ନ ଥିଲା, ଚନ୍ଦ୍ର ନ ଥିଲା, ପୃଥିବୀ ନ ଥିଲା, ଏହା ସତ୍ୟ; ମାତ୍ର ଆଲୋକ ନ ଥିଲା ବା ଅନ୍ୟ ସୂର୍ଯ୍ୟ ନକ୍ଷତ୍ର ନ ଥିଲେ ବୋଲି କହିବାଦ୍ୱାରା ଅଜ୍ଞତାର ପରିଚୟ ଦିଆହୁଏ—କାଳର ସୀମା ନାହିଁ, ଆକାଶ ଅନନ୍ତ, ଆଲୋକ ଚିର ବିଦ୍ୟମାନ ।

ଯେଉଁମାନେ ସୃଷ୍ଟିକର୍ତ୍ତାଦ୍ୱାରା ଏ ଜଗତ ସୃଷ୍ଟି ବୋଲି ଆମ୍ଭମାନଙ୍କୁ ଭ୍ରାନ୍ତ କରିଅଛନ୍ତି ଓ ଅଦ୍ୟାପି ଭ୍ରାନ୍ତ କରୁଅଛନ୍ତି, ସେମାନଙ୍କର ବିଶ୍ୱବ୍ରହ୍ମାଣ୍ଡର ଧାରଣା କୂପମଣ୍ଡୁକର ପାରିବାରର ଧାରଣା ତୁଲ୍ୟ । ଆଧୁନିକ ବୈଜ୍ଞାନିକ ଓ ଜ୍ୟୋତିର୍ବେତ୍ତାମାନେ ଅନନ୍ତ ଓ ଅସୀମ ଆଡ଼କୁ ଯେପରି ଧାବମାନ ହେଉଅଛନ୍ତି, ମନ୍ତ୍ରଦ୍ରଷ୍ଟାମାନେ ସେପରି ଭାବରେ ଅଗ୍ରସର ହେବାକୁ ଶକ୍ତିସମ୍ପନ୍ନ ହୋଇ ନ ଥିଲେ । ସୂର୍ଯ୍ୟ, ଗ୍ରହ, ନକ୍ଷତ୍ର, ସ୍ଥିତି ଓ ଦୂରତା ଯେଉଁ-ମାନଙ୍କର ବୋଧଗମ୍ୟ ନ ଥିଲା ସେମାନେ ବିଶ୍ୱବ୍ରହ୍ମାଣ୍ଡକୁ କଳନା କରି ପାରୁଥିଲେ, ବୋଲିବା ହାସ୍ୟାସ୍ପଦ ନୁହେଁ କି ? ଆଲୋକ ଏକ ସେକେଣ୍ଡରେ ୧୮,୬୦୦୦ ମାଇଲ ଗତି କରେ । ଏ ଗତିର କଥା ଭାରତବାସୀ ବା ଜେରୁଜେଲମବାସୀ ଜାଣୁଥିଲେ କି ? ସୂର୍ଯ୍ୟର ଆକାର ଓ ଦୂରତାର କଳନା ସେମାନେ କରି ପାରୁଥିଲେ କି ? ନକ୍ଷତ୍ରମାନଙ୍କର ଆକାର, ଦୂରତା ଓ ତୁଳନା କେଉଁଣେ ଥାଉ । ପୃଥିବୀଠାରୁ ଅତି ନିକଟବର୍ତ୍ତୀ ନକ୍ଷତ୍ରର ଦୂରତା ୪୫ ଆଲୋକ ବର୍ଷ । ଧ୍ରୁବ ନକ୍ଷତ୍ରର ଦୂରତା ୬୮ ଆଲୋକ ବର୍ଷ । ଅନ୍ୟାନ୍ୟ ନକ୍ଷତ୍ରମାନଙ୍କର ଦୂରତାର ହିସାବ କରିବାକୁ ଯାଏ କିଏ! କଳନାର ଦୌଡ଼ କେତେ ? କନ୍ୟାଦାନର ଫଳରେ ଲେଖା-ଅଛି—ପୃଥିବୀ ଉପରେ ଯବ, ବ୍ରୀହି ଓ ସର୍ଷପ ଗଦା କଲେ ତାହାର ଅଗ୍ରଭାଗ ସୂର୍ଯ୍ୟ-ଚନ୍ଦ୍ର-ମଣ୍ଡଳ ଓ ଧ୍ରୁବ-ଲୋକ ପର୍ଯ୍ୟନ୍ତ ଲାଗିବ ଏବଂ ସେହି ଶସ୍ୟ ସ୍ତୂପରୁ ଗୋଟିଏ ଗୋଟିଏ ପ୍ରତି ବର୍ଷ ଅପହରଣ କରିବାକୁ ଯେତେ ବର୍ଷ ଲାଗିବ, କନ୍ୟାଦାନକର୍ତ୍ତା ପିତା ସେତିକି ବର୍ଷ ଧ୍ରୁବ-ଲୋକରେ ବାସ କରିବ । ଯେଉଁ ସୂଚ୍ୟାଗ୍ରର ଉଚ୍ଚତା ୬୪ ଆଲୋକ ବର୍ଷ, ତାର ଭୂମିର ପରିମାଣ କେତେ କେତେ ମସ୍ତିଷ୍କକୁ ସ୍ପର୍ଶ କରି ପାରେ କି ?

ବାଇବଲ୍ ଲେଖକମାନେ ପୃଥିବୀର ବୟସ ୬୦୦୦ ବର୍ଷରୁ ଉର୍ଦ୍ଧ୍ୱକୁ ଉଠାଇ ପାରିଲେ ନାହିଁ । ଆଜି ସେହି ବାଇବଲ୍‌କୁ ଈଶ୍ୱର-ଦତ୍ତ ବୋଲି ସଭ୍ୟମାନେ ସ୍ୱୀକାର କରନ୍ତି, ଯେ ହେତୁ ସ୍ୱାର୍ଥ ସେମାନଙ୍କୁ ଅନ୍ଧ କରିଅଛି ।

ଏଡ଼ାମ୍ ଇଭ୍ କଥା ତତୋଽଧିକ ହାସ୍ୟାସ୍ପଦ ଭିନ୍ନ କିଛି ନୁହେ । ନୋଆର ଆର୍କ ଏବଂ ମନୁଙ୍କର ନୌକା ବିବରଣ ଏକ ମୂଳରୁ ଉତ୍ପନ୍ନ । ଉଭୟ ବ୍ୟକ୍ତି ସମସ୍ତ ସୃଷ୍ଟ ବସ୍ତୁ ଓ ଜୀବରୁ ଯୋଡ଼ିଏ ଲେଖାଏଁ ନେଇ ନୌକାରେ ରଖିଲେ ଏବଂ ପ୍ରଳୟରୁ ଜୀବ-ସୃଷ୍ଟିକୁ ରକ୍ଷା କଲେ । ବ୍ରାହ୍ମଣ ଓ ବାଇବଲ୍ ଲେଖକଙ୍କୁ ଜଣାଥିଲା କି ଯେ ତାଙ୍କର ଏହି କାଳ୍ପନିକ ଲେଖା ପୂର୍ବରୁ ଅତି ପ୍ରକାଣ୍ଡକାୟ ଜୀବମାନେ ଏହି ପୃଥିବୀରୁ ଅନ୍ତର୍ହିତ ହୋଇଥିଲେ ? ଯେଉଁମାନଙ୍କର ଧାରଣା, ସୃଷ୍ଟିକର୍ତ୍ତାଙ୍କର ସୃଷ୍ଟ ଜୀବର ଧ୍ୱଂସ ନାହିଁ କିମ୍ବା ନୂତନ ଜୀବର ଅଭିବ୍ୟକ୍ତି ନାହିଁ, ସେମାନେ ଭୂପୃଷ୍ଠରୁ ଅନ୍ତର୍ହିତ ପ୍ରକାଣ୍ଡ ଜୀବମାନଙ୍କର କଙ୍କାଳ ଦେଖି କି ଉତ୍ତର ଦେବେ ? ଯେତେବେଳେ ଏହି ଅତିକାୟ ଜୀବମାନେ ବିଚରଣ କରୁଥିଲେ ସେତେବେଳେ ମନୁଷ୍ୟର ପୂର୍ବ ପୁରୁଷଗଣ ଏବଂ ଅଶ୍ୱ ହସ୍ତୀ ପ୍ରଭୃତି ଜୀବମାନେ ଯେ ସୃଷ୍ଟ ହୋଇଥିବାର ନିଦର୍ଶନ ନାହିଁ, ଏଥିର ଉତ୍ତର ସୃଷ୍ଟି, ବିଶ୍ୱାସିମାନେ କଣ କହିବେ ? ଅଭିବ୍ୟକ୍ତି ଗୁଳିଛି, ଏହା ଦେଖି ସୁଦ୍ଧା ଲୋକେ ସୃଷ୍ଟି-ବିଶ୍ୱାସରେ ଭ୍ରାନ୍ତ ।

ସୃଷ୍ଟି-ବିଶ୍ୱାସ ନିର୍ମୋଳତର ମୂଳରେ କୁଠାରାଘାତ କରିଅଛି । ସୃଷ୍ଟି-ବିଶ୍ୱାସିମାନେ ଆପଣାକୁ ଜୀବଜଗତରେ ଶ୍ରେଷ୍ଠ ବୋଲି ବିଶ୍ୱାସ କରି ପାରନ୍ତି ଏବଂ ପୃଥିବୀରେ ଯାହା ସୁନ୍ଦର, ତାହା ନରର ନେତ୍ରପ୍ରୀତି ନିମନ୍ତେ, ଯାହା ବ୍ୟବହାର୍ଯ୍ୟ ତାହା ନର ନିମନ୍ତେ ବୋଲି ଭାବି ପାରନ୍ତି, ଯେହେତୁ ସେମାନେ ପୂର୍ବ ପୁରୁଷଠାରୁ ଆଶ୍ୱାସ ବାଣୀ ପାଇଅଛନ୍ତି । ମାତ୍ର ସମୁଦ୍ର-ଗର୍ଭରେ ଯେ ଅତି କ୍ଷୁଦ୍ର ଜୀବ ଅଛନ୍ତି ଯାହାଙ୍କର ଶାରୀରିକ କାରୁକାର୍ଯ୍ୟ ଅଦ୍ୟାପି ସୂର୍ଯ୍ୟାଲୋକ ଦେଖିଲା ନାହିଁ, ତାହା କି ତୁଚ୍ଛ ନରର ନେତ୍ରପ୍ରୀତି ନିମନ୍ତେ ? ନର ! ତୁମେ ସମସ୍ତଙ୍କର ପ୍ରଭୁ ବୋଲି ମନେକର; ମାତ୍ର ତୁମକୁ ଯେ ପିପୀଲିକା ପଦାଘାତ କରେ—ତୁମର ନର-ଦେବତା ସମ୍ରାଟ ରାଜା ମହାରାଜଙ୍କର ଶରୀରରେ ଚଢ଼ି ବିଚରଣ କରିବାର ସ୍ପର୍ଦ୍ଧା ରଖେ—ତୁମର ସଭ୍ୟତାକୁ ଉଜାଡ଼ କରିବାକୁ ଯେ ପିପୀଲିକା ଓ ଉଇ ସଚେଷ୍ଟ—ଏଥିନିମନ୍ତେ ଯେ ତୁମେ ଚିନ୍ତାଗ୍ରସ୍ତ ! ତେବେ ତୁମେ ଜୀବଜଗତର ପ୍ରଭୁ କିପରି—ଈଶ୍ୱରଙ୍କର ପ୍ରିୟପାତ୍ର କିପରି ? ଜୀବମାନଙ୍କ ସହିତ ତୁମର ଜୀବନ-ସଂଗ୍ରାମ ଲାଗିଛି, ଜୟଯୁକ୍ତ କିଏ ହେବ ଏତେ ବେଳଯାଏ ସ୍ଥିର ହୋଇ ନାହିଁ । ନରମାନଙ୍କ ମଧ୍ୟରୁ ମଧ୍ୟ ଏକ ଜାତି ସହିତ ଅପର ଜାତିର ଯୁଦ୍ଧ ଲାଗିଛି, ମାତ୍ର ସମଗ୍ର ମାନବ ଜାତି ଜ୍ଞାତ ବା ଅଜ୍ଞାତସାରରେ ସମସ୍ତ ଜୀବ ବିରୁଦ୍ଧରେ ଯୁଦ୍ଧ କରୁଅଛି । ଚିରକାଳ ଏହା ଲାଗିଥିବ ତଥାପି ନିଜକୁ ପ୍ରଭୁ ବୋଲିବା ସେ ଛାଡ଼ିବ ନାହିଁ ।



Digitized by srujanika@gmail.com

# ଖିଚିଂ ଦର୍ଶନେ

**ଶ୍ରୀ ନିତ୍ୟାନନ୍ଦ ମହାପାତ୍ର**

ହେ ଶିଳା, ଦେଖିଛ କହ କେତେ ଦିନ ଏ ଭଙ୍ଗୁର ଲୀଳା
ସର୍ବଥା ବିଜୟୀ କାଳ ରଚିଛି ଉପଲ, ଦିନେ ଯାହା ଅଇଶ୍ୱର୍ଯ୍ୟେ ଥିଲା;
ହେ ମୂର୍ତ୍ତି, ପାଷାଣ ଦେବ ! କହ କହ କେ ଥିଲା ସମ୍ବାଦ
ପାଷାଣ ପ୍ରତିମା ଦେହେ ପ୍ରାଣ ସମାବେଶ ! ଯେନ ଯାହା ଜୀବନ୍ତ ସମାଧି,
ବହୁ ଶତ ଶତ ବର୍ଷ ଯୁଗଯୁଗାନ୍ତରେ, କେତେ ବାତ୍ୟା
କେତେ ଆଲୋଡ଼ନ
କେତେ ବିପର୍ଯ୍ୟୟ ସହି, ପୈଶାଚିକ ହସ୍ତର ତାଡ଼ନ,
ଅଦ୍ୟାପି ରହିଛି ଅହା କି ଜ୍ୱଳନ୍ତ—କେଡ଼େ ପ୍ରାଣମୟ !
କିଏ ସେ ଯାଇଛି କହ, କହ ବାରେ, ଏ ମୃଣ୍ମୟେ ଆରୋପି ଚିନ୍ମୟ !
ମୂକ-ତୁମ୍ଭେ ନୁହ କେବେଁ ! ତେବେ କିପାଁ ନ ସ୍ଫୁରଇ ବାକ୍ୟ
ବିଶ୍ୱ ସମକ୍ଷରେ ଆଜ ଦାନିବାକୁ ଏହି ସତ୍ୟ ସାକ୍ଷ୍ୟ ?

କହ କହ ଏ ଦେଶର ପ୍ରାଣ ଯେବେ ଥିଲା, ପାଷାଣରେ ଗଢ଼ିଲା ପ୍ରତିମା
ଅସୀମ ଭାବକୁ ଆଣି କି କୌଶଳେ ନିର୍ଦ୍ଦେଶିଲା ସୀମା,
ଅମର ସୌନ୍ଦର୍ଯ୍ୟ ତେଜ ଖେଳାଇଲା କଠୋର ପାଷାଣେ
କେ ଜାଣେ ରସାଣି କେଉଁ ଅପୂର୍ବ ରମାଣେ,
ଆପଣା ହୃଦୟ ଚିରି ବସାଇଲା ଅପରୂପ ଠାଣି
ବୁକୁର ବେଦନା ତାର ଭରିଗଲା ନିଖିଳ ବିଶ୍ୱର ବୋଧ ବାଣୀ !
ଅତୀତ ଯାହାର ଅହୋ ଏଡ଼େ ସୁମହାନ୍ ! କହ—କହ—
ଅଛି ତାର କିମ୍ପା ଭବିଷ୍ୟତ
ଅହଙ୍କାରୀ ଅଭିମାନୀ ମତ୍ତ କାଳ କିନ୍ତୁ ତାହା ପାଶେ
ଅଛି ଆଜି ହୁଏ ଶିର ନତ ।

ବୈଶାଖ ୩୦, ୧୯୪୩, ଖିଚିଂ

# ହିମାଳୟ ଭ୍ରମଣ

**ଶ୍ରୀ ନରେନ୍ଦ୍ର ମୋହନ ତ୍ରିପାଠୀ**


ହିମାଳୟ ପାର୍ବତୀୟ ପ୍ରଦେଶ ଦେଖିବାକୁ ଅନେକ ଦିନରୁ ମୋର ଇଚ୍ଛା ଥିଲା । ଉପଯୁକ୍ତ ସଙ୍ଗୀ ଅଭାବରୁ ତାହା କାର୍ଯ୍ୟରେ ପରିଣତ ହୋଇ ପାରି ନ ଥିଲା । ଗତ ଅପ୍ରେଲ ମାସରେ କେତେ ଜଣ ଯିବାକୁ ଇଚ୍ଛା ପ୍ରକାଶ କଲେ । ତନ୍ମଧ୍ୟରୁ ଶ୍ରୀଯୁକ୍ତ ବାବୁ ତ୍ରିଲୋଚନ ଦାସ ଅନେକ ଦିନରୁ ଦେଶ ଭ୍ରମଣରେ ବାହାରିବେ ବୋଲି ଇଚ୍ଛା କରିଥିଲେ । ତାଙ୍କୁ କହିବାରେ ସେ ମୋ କଥାରେ ସମ୍ମତ ହେଲେ । କିନ୍ତୁ ଶେଷରେ ଅସ୍ୱୀକୃତ ହେଲେ । ମୁଁ, ଭରତଚନ୍ଦ୍ର କଲଆ, କୃଷ୍ଣଚନ୍ଦ୍ର ବାରିକ, ଅଚ୍ୟୁତ ମିସ୍ତ୍ରୀ, ଏହି ଚାରି ଜଣ ଅପ୍ରେଲ ତା ୨୨ ରିଖରେ ବାହାରିଲୁଁ । ବେତନଟୀ ଷ୍ଟେସନରେ ବିଦାୟ ଦେବା ସମୟରେ ରାଧାକୃଷ୍ଣ ବଳା, ଦୀନବନ୍ଧୁ ରାଉତ, ପ୍ରଫୁଲ୍ଲ ଚନ୍ଦ୍ର ସିଂହ ଓ ବେତନଟୀର କେତେକ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ଥିଲେ । ତା ୨୩ ରିଖ ଭୋର ହାବଡ଼ାରୁ ପଞ୍ଜାବ ଏକ୍ସପ୍ରେସ୍‌ରେ ବାହାରି ରାତି ୯ ଘଣ୍ଟା ପରେ ପାଟନାରେ ପହଞ୍ଚିଲୁଁ । ସେ ଦିନ ସେଠାରେ ରହି ତା ୨୫ ରିଖ ରାତିରେ ସେଠାରୁ ବାହାରି ମୋଗଲ-ସରାଇଠାରେ ଗାଡ଼ି ବଦଳାଇ ଦିଲ୍ଲୀ ଏକ୍ସପ୍ରେସ୍‌ରେ ଟୁଣ୍ଡଲା ହୋଇ ଆଗ୍ରାରେ ଅପରାହ୍ଣ ୪ ଘଣ୍ଟା ସମୟରେ ପହଞ୍ଚିଲୁଁ । ସେଠାରେ ଦୁଇ ଦିନ ରହି ଆଗ୍ରାର ଫୋର୍ଟ, ତାଜମହଲ ପ୍ରଭୃତି ଦେଖି ତା ୨୭ ରିଖରେ ଦିଲ୍ଲୀରେ ପହଞ୍ଚିଲୁଁ । ଦିଲ୍ଲୀରେ ଫୋର୍ଟ, କୁତବ-ମିନାର, ପୁରୁଣା ଫୋର୍ଟ ଓ ନୂଆ ଦିଲ୍ଲୀ ଦେଖି ତା ୨୯ ରିଖ ସକାଳୁ ହରଦ୍ୱାରରେ ପହଞ୍ଚିଲୁଁ । ସେଠାକାର ପଣ୍ଡା କୃଷ୍ଣକଣ୍ଠ ପଣ୍ଡାଙ୍କ ଘରେ ରହିଲୁଁ । ଘର ସେତେ ଭଲ ନୁହେଁ, କିନ୍ତୁ ଗଙ୍ଗା କୂଳର ଗୋଟିଏ ମନୋରମ ସ୍ଥାନରେ । ହରଦ୍ୱାର ଟାଉନଟି ଗଙ୍ଗାର ଦୁଇ ମାଇଲ ଉପରୁ ବାହାରିଥିବା ଗୋଟିଏ କେନାଲ କୂଳରେ ଅବସ୍ଥିତ । ଏହି କେନାଲଟି ପ୍ରାୟ ୩୦୦ ଫୁଟ ଚଉଡ଼ା । କେନାଲ ଓ ଟାଉନ ମଝିରେ ଗୋଟିଏ ପ୍ଲାଟଫର୍ମ । ଯାତ୍ରୀମାନେ ଗାଧାଡ଼ିରେ ଚାଲି ଦେଖନ୍ତି । ଭାରତବର୍ଷର ନାନା ସ୍ଥାନର ସ୍ତ୍ରୀ, ପୁରୁଷ,



Digitized by srujanika@gmail.com

ବାଳକ ଓ ବାଳିକା ଗ୍ରୀଷ୍ମ ସମୟରେ ହରଦ୍ୱାରକୁ ଯାନ୍ତି । ଗଙ୍ଗା ହିମାଳୟରୁ ବହି ଆସି ସମତଳ କ୍ଷେତ୍ରରେ ଯେଉଁଠାରେ ପଡ଼ିଅଛି, ସେହି ସ୍ଥାନଟି 'ନୀଳଧାର' ନାମରେ କଥିତ ।

ହରଦ୍ୱାର ସାହାରାନପୁର ଜିଲ୍ଲା ଅନ୍ତର୍ଗତ । ଏହା ଗୋଟିଏ ପ୍ରସିଦ୍ଧ ପ୍ରାଚୀନ ସ୍ଥାନ । ଶିବାଳିକ ନାମକ ଗୋଟିଏ ଉଚ୍ଚ ଶୈଳ-ଶ୍ରେଣୀର ପାଦ ଦେଶରେ ଅବସ୍ଥିତ । ଏହି ପର୍ବତ ୧୯୩୦ ଫୁଟ



ବହୁ ଦୂରରୁ ହିମାଳୟର ଦୃଶ୍ୟ

ଉଚ୍ଚ । ହରଦ୍ୱାରର ଅଳ୍ପ ଉପରୁ ଗଙ୍ଗାର ଅନେକ ଶାଖା ବାହାରିଅଛି । ଏହି ଶାଖାମାନଙ୍କ ମଧ୍ୟରେ କେତେକ ସ୍ଥାନରେ ଦ୍ୱୀପ ଭଳି ଉଚ୍ଚ ସ୍ଥାନ ଅଛି । ଉକ୍ତ ସ୍ଥାନରେ ସୁନ୍ଦର ଗଛ ପତ୍ର ହୋଇ ବଡ଼ ମନୋରମ ଦେଖାଯାଏ । ଗଙ୍ଗାର ପ୍ରଧାନ ସ୍ରୋତ ଚଣ୍ଡୀ ପାହାଡ଼ର ନିମ୍ନରେ ବହି ଯାଉଅଛି । ତାକୁ

ନୀଳଧାର କହନ୍ତି । ହରଦ୍ୱାର ଠାରୁ ଦୁଇ ମାଇଲ ଦୂରରେ କନଖଲ ଅବସ୍ଥିତ । ଏହା ଗୋଟିଏ ଛୋଟ ସହର । ଚଣ୍ଡୀ ପାହାଡ଼ର ତଳ ଦେଶରେ ଗଙ୍ଗାର ଯେଉଁ ନୀଳଧାର ବହି ଯାଉଅଛି ଏହି କନଖଲ ତାହାର କୂଳରେ । ହରଦ୍ୱାରର ଅନେକଗୁଡ଼ିଏ ନାମ ଅଛି । ଏଠାରେ ଏକ ସମୟରେ କପିଳଙ୍କ ଆଶ୍ରମ ଥିଲା ବୋଲି ଏହାର ଅନ୍ୟ ନାମ କପିଳ । ଅନେକେ ଏହାକୁ ଗଙ୍ଗାଦ୍ୱାର ମଧ୍ୟ କହନ୍ତି । ଶୈବମାନେ ଏହାକୁ ହରଦ୍ୱାର ଅର୍ଥାତ୍ ଶିବଲୋକକୁ ଯିବାର ଦ୍ୱାର ବୋଲି କହନ୍ତି । ବୈଷ୍ଣବମାନେ ଏହାକୁ ହରିଦ୍ୱାର ଅର୍ଥାତ୍ ବିଷ୍ଣୁଲୋକକୁ ଯିବାର ଦ୍ୱାର ବୋଲି କହନ୍ତି । ନଗର ମଧ୍ୟରେ ଗୋଟିଏ ଛୋଟ ମନ୍ଦିର ମଧ୍ୟରେ ଗୋଟିଏ କୂପ ଅଛି । ତାହାକୁ ବ୍ରହ୍ମକୁଣ୍ଡ କହନ୍ତି । ଉକ୍ତ କୁଣ୍ଡର ଦକ୍ଷିଣ ପାର୍ଶ୍ୱରେ "ହରିକି ପାଇରି" ବା "ହରିଙ୍କ ପାଇରି" ବୋଲି ଗୋଟିଏ ପ୍ରସିଦ୍ଧ ଘାଟ ଅଛି । ଏହି ଘାଟ ପାର୍ଶ୍ୱରେ ଗଙ୍ଗାଦେବୀଙ୍କର ଓ ଅନ୍ୟାନ୍ୟ ଦେବ ଦେବୀଙ୍କର ଛୋଟ ଛୋଟ ଅନେକଗୁଡ଼ିଏ ମନ୍ଦିର ଅଛି । ଏହି ଘାଟର କାନ୍ଥରେ ଖଣ୍ଡିଏ ପ୍ରସ୍ତରରେ ଗୋଟିଏ ପଦଚିହ୍ନ ଅଛି । ଏହା ଉପାସକ ଭେଦରେ ହରପାଦପଦ୍ମ ଅଥବା ହରିପାଦପଦ୍ମ (ହରଙ୍କ ପାଇରି ଅଥବା ହରିଙ୍କ ପାଇରି) ବୋଲି ପରିଚିତ । ମହାଦେବ ଏହି ସ୍ଥାନରେ ଯୋଗାସନରେ ଅଧିଷ୍ଠିତ ଥିବାର କିମ୍ବଦନ୍ତୀ ଅଛି । ହରଦ୍ୱାରରେ ଯେତେ ଗୋଟି ତୀର୍ଥ ଅଛି, ତନ୍ମଧ୍ୟରେ ଏହି ଘାଟ ସର୍ବ ପ୍ରଧାନ । ପୂର୍ବରେ ଏହି ଘାଟଟି ଅଳ୍ପ ଉଚ୍ଚରେ ଥିଲା ଓ ଏଥିରେ ୩୯ ଗୋଟା ପାହାଚ ଥିଲା । କିଛି ଦିନ ପୂର୍ବରୁ ଥରେ କୁମ୍ଭମେଳା ସମୟରେ ବହୁତ ଯାତ୍ରୀ ଏହି ଘାଟରେ ସ୍ନାନ କରିବା ପାଇଁ ଭିଡ଼ାଭିଡ଼ି ହେବାରୁ ୪୩୦ ଜଣ ଯାତ୍ରୀ ଓ କେତେକ ପ୍ରହରୀ ସିପାହୀ ତଳେ ପଡ଼ି ମରି ଯାଇଥିଲେ । ଅନ୍ୟାନ୍ୟ ସମୟରେ ମଧ୍ୟ ଅନେକେ ସ୍ନାନ କରିବା ସମୟରେ ବୁଡ଼ି ମରନ୍ତି । ଏହି ସମସ୍ତ ଅସୁବିଧା ଦୂର କରିବା ପାଇଁ ଗଭର୍ଣ୍ଣମେଣ୍ଟ ବର୍ତ୍ତମାନ ପ୍ରାୟ ୧୦୦ ଫୁଟ ଉଚ୍ଚରେ ୬୦ଟି ପାହାଚ ତିଆରି କରି ଦେଇ ଉକ୍ତ ଘାଟରେ ଯେପରି ଜଳ ବେଶୀ ନ ହେବ ତାହାର ବ୍ୟବସ୍ଥା କରିଅଛନ୍ତି । ଲୁହାର ମୋଟା ଚେନ ଏହି ସ୍ଥାନରେ ଦିଆ ଯାଇଅଛି । ହରଙ୍କ ପାଇରି ଘାଟର ଅନ୍ୟ ପାଖରେ ଗୋଟିଏ ବଡ଼ ପ୍ଲାଟଫର୍ମ ମଧ୍ୟ ନିର୍ମିତ ହୋଇଅଛି । ଉକ୍ତ ପ୍ଲାଟଫର୍ମକୁ ଯିବା ପାଇଁ ଦୁଇ ପାର୍ଶ୍ୱରେ ଦୁଇ ଗୋଟି ସେତୁ ହୋଇଅଛି । ଏହାର ଚତୁର୍ଦ୍ଦିଗର ଦୃଶ୍ୟ ଅତି ମନୋରମ । ଏହି ଘାଟର ଉତ୍ତର ପାଖରେ ସ୍ତ୍ରୀଲୋକମାନଙ୍କର ସ୍ନାନ କରିବାର ସୁବନ୍ଦୋବସ୍ତ ହୋଇଅଛି । ଉକ୍ତ ଘାଟର ଅନତିଦୂରରେ ଗଙ୍ଗାବକ୍ଷରେ ଗୋଟିଏ ସୁନ୍ଦର ମଣ୍ଡପ ନିର୍ମିତ ହୋଇଅଛି । ଲୋକେ ଉକ୍ତ ମଣ୍ଡପର ଚତୁଃପାର୍ଶ୍ୱରେ ସନ୍ତରଣ କରି ଅତିଶୟ ଆନନ୍ଦ ଉପଭୋଗ କରନ୍ତି । ସେ ସ୍ଥାନର ସ୍ରୋତ ବଡ଼



Digitized by srujanika@gmail.com

ପ୍ରଖର । ବାବୁ ଭରତ ଚନ୍ଦ୍ର କାଲିଆ ଉକ୍ତ ମଣ୍ଡପ ପ୍ରଦକ୍ଷିଣ କରିଥିଲେ । ହରଦ୍ୱାର ନିକଟରେ ଗଙ୍ଗାରେ ଅସଂଖ୍ୟ "ମହାଶୂଳ" ମାଛ ଅଛନ୍ତି । ଦର୍ଶକମଣ୍ଡଳୀ ପ୍ରତ୍ୟହ ମହାଣ ମହାଣ ଅଟା ଓ ଅନ୍ୟାନ୍ୟ ଖାଦ୍ୟଦ୍ରବ୍ୟ ସେମାନଙ୍କୁ ଖାଇବାକୁ ଦିଅନ୍ତି । ସେଠାରେ ମାଛ ମାରିବା ଦୋଷାବହ । ହିଂସାଭାବ ନ ଥିବାରୁ ମାଛମାନଙ୍କର ଭୟ ମଧ୍ୟ ନ ଥାଏ । ସେ ମାଛଗୁଡ଼ିକର ଆକୃତି ରୋହିମାଛ ପରି । କିନ୍ତୁ ସେଗୁଡ଼ିକର ନିମ୍ନ ପାର୍ଶ୍ୱ ଦେଖିବାକୁ ଟିକିଏ ହଳଦିଆ ।



ପାହାଡ଼ ସ୍ତ୍ରୀଲୋକ

ଏଠାକାର ପାର୍ବତୀୟ ପ୍ରଦେଶ ନଦୀମାନଙ୍କରେ ଥିବା "ଝେଲୁ" ମାଛ ଏହି ମାଛର ଅନୁରୂପ । ଏଠାରେ ଫଟୋ ନେବା ମଧ୍ୟ ନିୟମ ବିରୁଦ୍ଧ । ହରକି ପାଇରି ଘାଟରେ ଗଙ୍ଗାଦ୍ୱାର ମନ୍ଦିର ଅଛି । ଏ ସ୍ଥାନର ମନ୍ଦିରମାନଙ୍କ ମଧ୍ୟରେ ଏହି ମନ୍ଦିରଟି ସର୍ବୋତ୍କୃଷ୍ଟ ଓ ସୁବୃହତ୍ । କୁମ୍ଭମେଳା ସମୟରେ ସ୍ନାନ କରିବା ପାଇଁ ଏଠାରେ ବହୁ ଯାତ୍ରୀର ସମାଗମ ହୁଏ । ବିପୁଳ ଜନତା ଯୋଗୁଁ ପ୍ରତିଯୋଗୀ ସମ୍ପ୍ରଦାୟ ମଧ୍ୟରେ ସମୟ ସମୟରେ ତୁମୁଳ ଗଣ୍ଡଗୋଳ ହୁଏ । ୧୭୬୦ ଖ୍ରୀଷ୍ଟାବ୍ଦରେ ଗୋସାଇଁ ଓ ବୈରାଗୀଙ୍କ ମଧ୍ୟରେ ଯେଉଁ ଭୟଙ୍କର ଗଣ୍ଡଗୋଳ ଘଟିଥିଲା, ଶୁଣାଯାଏ ସେଥିରେ ୧୮୦୦ ଲୋକଙ୍କର ମୃତ୍ୟୁ ହୋଇଥିଲା । ୧୭୯୫ ଖ୍ରୀଷ୍ଟାବ୍ଦରେ ଶିଖ ଯାତ୍ରୀମାନେ ୫୦୦ ଗୋସାଇଁଙ୍କୁ ମାରି ପକାଇଥିବାର ଜନଶ୍ରୁତି ଅଛି ।

ଏଠାରେ ୪୨ ଗୋଟି ଧର୍ମଶାଳା ଅଛି । ଭାରତବର୍ଷର ଅନ୍ୟ କୌଣସି ସ୍ଥାନରେ ଏତେ ଧର୍ମଶାଳା ନାହିଁ । ହରକି ପାଇରି ଘାଟରେ ସକାଳଓଳି ବହୁ ଯାତ୍ରୀ ସ୍ନାନ କରିବା ପାଇଁ ଆସନ୍ତି । ତତ୍ପରଓଳି ଗଙ୍ଗା ମନ୍ଦିରରେ ସନ୍ଧ୍ୟା ଆଳତି ଦେଖିବାପାଇଁ ମଧ୍ୟ ପ୍ରତ୍ୟହ ଅନେକ ଲୋକର ସମାଗମ ହୁଏ । ସନ୍ଧ୍ୟା ହେଲେ ଗଙ୍ଗାଧାରରେ ଯେ ପ୍ରକାଣ୍ଡ ପ୍ଲାଟଫର୍ମ ଅଛି ସେଠାରେ ପଣ୍ଡିତମାନେ ଏକତ୍ର ହୋଇ ସ୍ଥାନେ ସ୍ଥାନେ ବସି ରାମାୟଣ, ମହାଭାରତ, ବେଦ ପୁରାଣ ଆଦିର ଚର୍ଚ୍ଚା କରନ୍ତି ଓ ଅନେକ ଶ୍ରୋତା ବସି ତାହା ଶ୍ରବଣ କରନ୍ତି । ଶ୍ରୋତାମାନଙ୍କ ବସିବାପାଇଁ ଆସନର ମଧ୍ୟ ବ୍ୟବସ୍ଥା ଅଛି । ଶ୍ରୋତାମାନେ ପ୍ରତ୍ୟେକ ପଣ୍ଡିତଙ୍କୁ କିଛି କିଛି ଅର୍ଥ ସାହାଯ୍ୟ ମଧ୍ୟ କରିଥାନ୍ତି । ସେ ସ୍ଥାନରେ ଆଲୁଅ ପାଇଁ ବିଜୁଳି ବତୀର ବ୍ୟବସ୍ଥା ଅଛି । ଖାଇବାର ଜିନିଷ ମଧ୍ୟ ସେଠାରେ ବିକ୍ରୟ ହେଉଥାଏ । ରାତିରେ ସ୍ଥାନଟି ଅତି ମନୋରମ ଦେଖାଯାଏ । ହରଦ୍ୱାରର ଏହି ସ୍ଥାନରେ ବଜାର ବା ଧର୍ମଶାଳାରେ ଆମିଷ ଭକ୍ଷଣ ନିଷେଧ । ଏଠାରେ ଅନେକ ସଦାବ୍ରତ ମଠ ଅଛି । ଅନେକ ସାଧୁ ସନ୍ନ୍ୟାସୀ ପ୍ରତ୍ୟହ ସଦାବ୍ରତ ପାଆନ୍ତି । ଗଙ୍ଗାତୀରରେ ଶ୍ରେଣୀବଦ୍ଧ ଭାବରେ ଘାଟ, ମନ୍ଦିର, ଧର୍ମଶାଳା, ମଠ ଓ ପଣ୍ଡାମାନଙ୍କର ଗୃହର ଦୃଶ୍ୟ ଅତି ରମଣୀୟ ।

ଗଙ୍ଗାଦ୍ୱାର ମନ୍ଦିରର ଦକ୍ଷିଣକୁ ଶ୍ରବଣନାଥ ମନ୍ଦିର ପର୍ଯ୍ୟନ୍ତ କମାନୀୟ ମନ୍ଦିର, ମଠ ଓ ଧର୍ମଶାଳାମାନ ରହିଅଛି । ଏହାର ଦକ୍ଷିଣକୁ ମାୟାପୁର । ଏଠାରେ ପୋଲିସ ଥାନା, ଡାକ୍ତରଖାନା ଓ ଡାକବଙ୍ଗଳା ଅଛି । କେନାଲ ଅପର ପାର୍ଶ୍ୱରେ କେନାଲ କର୍ମଚାରୀଙ୍କ ଅଫିସ ଓ ସରକାରୀ ବଙ୍ଗଳା । ଏହି ବଙ୍ଗଳାଠାରୁ ହରଦ୍ୱାର ନଗର, ଗଙ୍ଗା ନଦୀ ଏବଂ ଦୂରରେ ଥିବା ପର୍ବତମାଳାର ଦୃଶ୍ୟ ଅତି ମନୋହର । ପୋଲର ଅପର ପାର୍ଶ୍ୱରେ ପ୍ରକାଣ୍ଡ ମାଟି ସ୍ତୂପ । ଏହି ସ୍ତୂପ ବୃହତ ବୃହତ ଇଟା ଓ ପ୍ରସ୍ତରଦ୍ୱାରା ଆଚ୍ଛାଦିତ । ଏହାର ଉତ୍ତରକୁ ଦୁଇ ଗୋଟି ପୁରାତନ ମନ୍ଦିର । ତନ୍ମଧ୍ୟରୁ ଗୋଟିଏ ଭୈରବଙ୍କର ଓ ଅପରଟି ମାୟା ଦେବୀଙ୍କର ମନ୍ଦିର । ମାୟାଦେବୀ ମନ୍ଦିରରେ କେତେଗୁଡ଼ିଏ ଅତି ପ୍ରାଚୀନ ଭାସ୍କର ଶିଳ୍ପ ଅଛି । ଏହାର ଦକ୍ଷିଣ ପଶ୍ଚିମକୁ ନାରାୟଣ ମନ୍ଦିର । ଏହା ଗୋଟିଏ ପୁରାତନ ମନ୍ଦିର । ଏହାର କିଛି ଦୂରରେ ଗୋଟିଏ ଭଗ୍ନ ଦୁର୍ଗ ଅଛି । ସିଥିଲାର ବେଣରାଜାଙ୍କର ଦୁର୍ଗ ଏଠାରେ ଥିଲା । ରେଲପଥର ତଳକୁ କିଛି ଦୂରରେ ଅରଣ୍ୟ ମଧ୍ୟରେ ବିଲ୍ୱକେଶ୍ୱରଙ୍କ ମନ୍ଦିର ଦେଖାଯାଏ । ସ୍ଥାନଟି ନିର୍ଜନ ଓ ରମଣୀୟ । ଏହାର ସନ୍ନିକଟରେ ଲଲତାରାଓ ନାମକ ଶୁଷ୍କଗର୍ଭ ପାର୍ବତ୍ୟ ନଦୀର ଉପରେ ଲଳିତା ଦେବୀଙ୍କ ମନ୍ଦିର ଅଛି ।



Digitized by srujanika@gmail.com

ଏହାର ଦକ୍ଷିଣକୁ ଗଙ୍ଗାକୂଳରେ କନଖଲ । ଏହା ଗୋଟିଏ ପ୍ରାଚୀନ ସହର । ରେଳପଥ ହେବା ପୂର୍ବରୁ ଯାତ୍ରୀମାନେ ଏହି କନଖଲରେ ଅବସ୍ଥାନ କରି ସ୍ନାନ ଓ ତର୍ପଣାଦି ପାଇଁ ହରଦ୍ୱାରକୁ ପଦବ୍ରଜରେ ଯାଉଥିଲେ । ପୂର୍ବେ ଏ ସ୍ଥାନ ବଡ଼ ଜଙ୍ଗଲ ଥିଲା । ବ୍ୟାଘ୍ର ଭୟରେ ହରଦ୍ୱାରରେ ତର୍ପଣାଦି ସମାପନ କରି କନଖଲକୁ ଫେରି ଆସନ୍ତି । ବର୍ତ୍ତମାନ ହରଦ୍ୱାର ଟାଉନଟି ପ୍ରାଚୀନ ନୁହେ । ରେଳପଥ ହେବା ପରେ ହରଦ୍ୱାରର ଉନ୍ନତି ହୋଇଅଛି । କନଖଲ ନାଗରୀଟି ଦକ୍ଷିଣକୁ ଅନେକ ଦୂର ପର୍ଯ୍ୟନ୍ତ ବିସ୍ତୃତ । ରାସ୍ତାର ଦୁଇ ପାର୍ଶ୍ୱରେ ଅନେକ ଦୋକାନ ଓ ରହିବାର ଘର ଅଛି । ଅନେକ ଘର ନାନା ପ୍ରକାର କାରୁକାର୍ଯ୍ୟ ଶୋଭାଦ୍ୱାରା ଶୋଭିତ । ଏହା ବ୍ୟତୀତ ପ୍ରାଚୀର ବେଷ୍ଟିତ ସୁନ୍ଦର ସୁନ୍ଦର ବଗିଚାମାନ ଅଛି ।

କନଖଲରେ ଅନେକ ମନ୍ଦିର ଅଛି । ତନ୍ମଧ୍ୟରେ ଦକ୍ଷେଶ୍ୱର ମହାଦେବ ମନ୍ଦିରଟି ସର୍ବ ପ୍ରଧାନ । ସ୍କନ୍ଦ ପୁରାଣର କେଦାର ଖଣ୍ଡରେ ଉଲ୍ଲେଖ ଅଛି—ଏହି ସ୍ଥାନରେ ଦକ୍ଷକନ୍ୟା ଉମା ପିତାଙ୍କ ମୁଖରୁ ସ୍ୱାମୀନିନ୍ଦା ଶ୍ରବଣ କରି ଅଗ୍ନି କୁଣ୍ଡରେ ଝାସ ଦେଇ ପ୍ରାଣ ବିସର୍ଜନ କରିଥିଲେ । ସତୀକୁଣ୍ଡ ନାମକ ଗୋଟିଏ କୁଣ୍ଡ ଅଦ୍ୟାପି ବିଦ୍ୟମାନ । ଏହି ସ୍ଥାନରେ ମହାଦେବ ଦକ୍ଷ-ଯଜ୍ଞ ଭଗ୍ନ କରି ଦକ୍ଷ ରାଜାଙ୍କୁ ବଧ କରିଥିଲେ । ଦକ୍ଷେଶ୍ୱର ମନ୍ଦିରର ଚତୁର୍ଦ୍ଦିଗରେ ଅନେକଗୁଡ଼ିଏ ଚୈତ୍ୟକ୍ତ ମନ୍ଦିର ଅଛି । ଏଠାରେ ଗୋଟିଏ କ୍ଷୁଦ୍ର ମନ୍ଦିରରେ ଗୋଟିଏ ଘଣ୍ଟା ଅଛି । ସନ ୧୮୦୮ ଖ୍ରୀଷ୍ଟାବ୍ଦରେ ନେପାଳ ମହାରାଜା ଏହା ଦାନ କରିଥିଲେ । ମନ୍ଦିର ପ୍ରାଙ୍ଗଣ ବାହାରେ ଲନ୍ଢୋରାର ରାଜାଙ୍କ ଦାନରେ ନିର୍ମିତ ଯାତ୍ରୀମାନଙ୍କ ପାଇଁ ଗୋଟିଏ ବୃହତ୍ ଧର୍ମଶାଳା ଅଛି । ତାଙ୍କଦ୍ୱାରା ନିର୍ମିତ ଦେବାଳୟ ଓ ଛତ୍ର ଦର୍ଶନୀୟ ।

ସମୁଦ୍ର ବକ୍ଷରୁ ୧୯୩୦ ଫୁଟ ଉଚ୍ଚ ଚଣ୍ଡୀ ପାହାଡ଼ ଉପରେ ଚଣ୍ଡୀଦେବୀଙ୍କ ମନ୍ଦିର ଅବସ୍ଥିତ । ଏହା ଗଙ୍ଗାର ଅପର ପାର୍ଶ୍ୱରେ । ତାହା ପଛରେ ହନୁମାନଜୀଙ୍କ ମାତା ଅଞ୍ଜନା ଦେବୀଙ୍କର ମଧ୍ୟ ଗୋଟିଏ ମନ୍ଦିର ଅଛି । ଏହା ଆଉ ଗୋଟିଏ ପର୍ବତର ଶିର ଦେଶରେ । ଏହି ପାହାଡ଼ର ପୂର୍ବକୁ ଜଙ୍ଗଲ ଥିବାରୁ ଏଠାରେ ସମୟ ସମୟରେ ବ୍ୟାଘ୍ର ଓ ବନ୍ୟ ହସ୍ତୀର ଉପଦ୍ରବ ଘଟିଥାଏ ।

ହରଦ୍ୱାରଠାରୁ ଅଢ଼େଇ ମାଇଲ ଦୂରରେ ଉଡ଼ାକଲର ଷ୍ଟେସନ ଅଛି । ଏଠାରୁ କେଦାରନାଥ ଓ ବଦ୍ରିନାଥକୁ ଯିବା ପାଇଁ ଟ ୧୦୦୯ ରେ ରିଟର୍ନ ଟିକେଟ ମିଳେ । ଯଦି କେହି ବଦ୍ରିନାଥ ଯାଏ ତାହାହେଲେ ହରଦ୍ୱାରଠାରୁ ମା ୧୧୦ ଇଲ ଦୂରରେ ଗୋଚର ବୋଲି ଗୋଟିଏ ଷ୍ଟେସନରେ ଓହ୍ଲାଇ ପଦବ୍ରଜରେ କିମ୍ବା ଘୋଡ଼ା ବା ଡାଣ୍ଡିରେ (ଚୌକି ପରି ଗୋଟିଏ ଯାନ ଚାରି ଜଣ ଲୋକଙ୍କ ଦ୍ୱାରା ବୁହା ହୁଏ । ଏହାର ଉପରେ କପଡ଼ାର ଗୋଟିଏ ଆଚ୍ଛାଦନ ଥାଏ) ଯିବାକୁ ହୁଏ । କେହି କେଦାରନାଥ ଓ ବଦ୍ରିନାଥ ଉଭୟ ସ୍ଥାନକୁ ଉଡ଼ାକଲରେ ଯିବାକୁ ଇଚ୍ଛା କଲେ ଅଗସ୍ତି-ମୁନିରେ ଓହ୍ଲାଇ କେଦାରନାଥ ଓ ବଦ୍ରିନାଥ ଦର୍ଶନ ଶେଷ କରି ଗୋଚରଠାରୁ ଉଡ଼ାକଲରେ ହରଦ୍ୱାରକୁ ଫେରି ଆସନ୍ତି । ହରଦ୍ୱାରଠାରୁ ଅଗସ୍ତି-ମୁନି ମା ୧୦୬ ଇଲ ରାସ୍ତା ।

ଅଗସ୍ତି-ମୁନି ଠାରୁ କେଦାରନାଥ ମା ୪୩ ଇଲ । କେଦାର-ନାଥରୁ ବଦ୍ରିନାଥ ମା ୧୦୪ ଇଲ । ବଦ୍ରିନାଥରୁ ଗୋଚର ମା ୭୩ ଇଲ । ଏହି ମା ୨୨୦ ଇଲର ଭଡ଼ା ଡାଣ୍ଡିରେ ଟ ୮୦୯ ଓ ଘୋଡ଼ାରେ ଟ ୩୦୯ ଅଟେ ।

ହରଦ୍ୱାରରୁ ହୃଷୀକେଶ ପର୍ଯ୍ୟନ୍ତ ମା ୧୪ ଇଲ ରେଳ ରାସ୍ତା ଅଛି । ତାହା ଛଡ଼ା ହରଦ୍ୱାରରୁ ଲଛମନଝୁଲା ପର୍ଯ୍ୟନ୍ତ ମଟର ବାସ୍ ଓ ଟେକ୍ସି ମଧ୍ୟ ମିଳେ । ଏ ବର୍ଷ ଦେବ-ପ୍ରୟାଗ ପର୍ଯ୍ୟନ୍ତ ମଟର ସର୍ଭିସ୍ ନୂତନ ଖୋଲିଅଛି । ଦେବ-ପ୍ରୟାଗ ହରଦ୍ୱାରରୁ ମା ୫୮ ଇଲ । ଏହି ସର୍ଭିସ୍ ହୃଷୀକେଶରୁ ଆରମ୍ଭ ହୋଇ ଅଛି । ଭଡ଼ା ଟ ୫୲ । ରାସ୍ତାଗୁଡ଼ିକ ବଡ଼ ସଙ୍କୀର୍ଣ୍ଣ ଥିବାରୁ ପ୍ରତ୍ୟେକ ବାସ୍ ଅନ୍ୟ ବାସ୍ ଆସିବା ପର୍ଯ୍ୟନ୍ତ ସମୟ ମଧ୍ୟରେ ଗୋଟିଏ ସ୍ଥାନରେ ଅପେକ୍ଷା କରେ । ଅନ୍ୟ ବାସ୍ ଆସିବା କଥା ଟେଲିଫୋନ ସାହାଯ୍ୟରେ ଜଣାପଡ଼େ । ଯାତ୍ରୀମାନେ ଯେଉଁ ପଥରେ ପଦ-ବ୍ରଜରେ ଯାନ୍ତି ତାହା ବ୍ରିଟିଶ୍ ଗଢ଼ୱାଲ ବାଟେ ଗଙ୍ଗା କୂଳେ କୂଳେ ଦକ୍ଷିଣ ଦିଗରେ ଓ ମଟର ରାସ୍ତା ଟିହିରୀରାଜ ଷ୍ଟେଟ୍ ମଧ୍ୟରେ ଗଙ୍ଗାର ଅପର ପାର୍ଶ୍ୱ ବାଟେ ଦେବ-ପ୍ରୟାଗକୁ ଯାଇଅଛି ।


ମଇ ମାସ ୨ ତାରିଖ, ୧୯୩୫

ହୃଷୀକେଶ ଡେରାଡୁନ ଜିଲ୍ଲାରେ ଅବସ୍ଥିତ । ଏହା ଗଙ୍ଗା କୂଳରେ ଥିବାରୁ ଏଠାରେ ଥିବା ସାଧୁ ସନ୍ନ୍ୟାସୀମାନେ ବର୍ଷା ଦିନରେ ବନ୍ୟା ଯୋଗୁଁ ଅନ୍ୟ ଉଚ୍ଚ ସ୍ଥାନର ଆଶ୍ରୟ ନିଅନ୍ତି । ଏଠାରେ ରାମ, ସୀତା, ଭରତ ପ୍ରଭୃତିଙ୍କର ମନ୍ଦିର ଅଛି । ଭରତଜୀଙ୍କ ମନ୍ଦିର ସର୍ବ ପ୍ରଧାନ । ପ୍ରବାଦ ଅଛି—ଭରତ ଏହି ସ୍ଥାନରେ ତପସ୍ୟା କରିଥିଲେ । ମହାମୁନି ବ୍ୟାସ ହୃଷୀକେଶରେ ବେଦକୁ ଋକ୍, ସାମ୍, ଯଜୁ ଓ ଅଥର୍ବ ଏହି ଚାରି ଭାଗରେ ବିଭକ୍ତ କରି ବେଦବ୍ୟାସ ନାମ ଲଭିଥିବାର ଜନଶ୍ରୁତି ଅଛି । ଏଠାରେ ଅନେକ ଧର୍ମଶାଳା ଓ ସେଥିରେ ସଦାବ୍ରତର ବ୍ୟବସ୍ଥା ଅଛି । ପଞ୍ଜାବକ୍ଷେତ୍ର ନାମକ ଧର୍ମଶାଳା ଅତି ବୃହତ୍ ଓ ସୁନ୍ଦର । ଏଠାକାର ଅନ୍ନଛତ୍ରର ବନ୍ଦୋବସ୍ତ ଅତି ଚମତ୍କାର । ଏହି ଅଟ୍ଟାଳିକା ମଧ୍ୟରେ ଗୋଟିଏ ମନ୍ଦିର ଅଛି । ଶିଖ୍ ଧର୍ମ-ମତରେ ପୂଜା କରିବାକୁ କେତେକ ପୁରୋହିତ ମଧ୍ୟ ଅଛନ୍ତି । ପୀଡ଼ିତ ଲୋକଙ୍କର ଚିକିତ୍ସା କରିବା ପାଇଁ ଡାକ୍ତରଖାନା ଓ ଡାକ୍ତର ମଧ୍ୟ ଅଛନ୍ତି । ଯାତ୍ରୀମାନଙ୍କର ରହିବାର ବନ୍ଦୋବସ୍ତ ଅତି ସୁନ୍ଦର । ଏଠାକାର ଅନ୍ନଛତ୍ରରେ କେହି ନ ଖାଇଲେ ତାକୁ ନିଜେ ରାନ୍ଧି ଖାଇବା ପାଇଁ ସରଞ୍ଜାମ ଦିଆଯାଏ । ଏଠାକାର ମେନେଜର ଜଣେ ପଞ୍ଜାବୀ । ଏ ଛତ୍ରର କେତେଗୁଡ଼ିଏ ସଭ୍ୟ ଅଛନ୍ତି । ତନ୍ମଧ୍ୟରେ ରାୱଲପିଣ୍ଡିର ବୁଟା ସିଂହ ପ୍ରଧାନ । ତାଙ୍କଦ୍ୱାରା ଏହି ଛତ୍ର ପ୍ରତିଷ୍ଠିତ ହୋଇଥିଲା ।



Digitized by srujanika@gmail.com

ହୃଷୀକେଶରେ ସ୍ୱନାମଧନ୍ୟ କାଳୀକମଳୀଓ୍ୱାଲାଙ୍କର ସଦାବ୍ରତ ଅଛି । ଗୋଟିଏ ଧର୍ମଶାଳା ମଧ୍ୟ ଅଛି । ଏହି ବ୍ୟକ୍ତି ବହୁ ଦିନ ପୂର୍ବରୁ ପଦବ୍ରଜରେ ବଦ୍ରିନାଥ ଯାଇ ରାସ୍ତାରେ ଭୟଙ୍କର କଷ୍ଟ ପାଇଥିଲେ । ସେ ସମୟରେ ରାସ୍ତାରେ ରହିବାର ଚଟି ଓ ସଦାବ୍ରତର ବନ୍ଦୋବସ୍ତ ନ ଥିବାରୁ ଅନେକ ସମୟରେ ତାଙ୍କୁ ଉପବାସ ରହିବାକୁ ମଧ୍ୟ ପଡ଼ିଥିଲା । ସେଠାରୁ ନାନା କଷ୍ଟ ଓ ଅସୁବିଧା ସହି ଫେରି ଆସିଥିଲେ । ପରେ ନିଜର ଅକ୍ଲାନ୍ତ ପରିଶ୍ରମ ଓ ଚେଷ୍ଟାଦ୍ୱାରା ଦେଶବିଦେଶରେ ଭିକ୍ଷା କରି ପ୍ରଚୁର ଅର୍ଥ ସଂଗ୍ରହ କରିଥିଲେ ଏବଂ ଗଙ୍ଗୋତ୍ରୀ, ଯମୁନୋତ୍ରୀ, କେଦାରନାଥ ଓ



କାଳୀକମଳୀଓ୍ୱାଲାଙ୍କର ବର୍ତ୍ତମାନ ଉତ୍ତରାଧିକାରୀ ବାବା ମୁନିରାମ

ବଦ୍ରିନାଥ ଏହି ଚାରି ଧାମକୁ ଯିବାର ରାସ୍ତାରେ ପ୍ରଧାନ ପ୍ରଧାନ ଚଟି, ଧର୍ମଶାଳା ଓ ସଦାବ୍ରତର ବ୍ୟବସ୍ଥା କରିଅଛନ୍ତି । ଅନେକ ଟଙ୍କା ମଧ୍ୟ ବ୍ୟାଙ୍କରେ ଗଚ୍ଛିତ ରଖି ଯାଇଅଛନ୍ତି । ତାହାର ସୁଧରେ ଏହି ସଦାବ୍ରତ ଚାଲୁଅଛି । ଏ ସଦାବ୍ରତକୁ ସାହାଯ୍ୟ କରିବା ପାଇଁ ଅନେକ ମହତ୍ ବ୍ୟକ୍ତି ମଧ୍ୟ ଅଜସ୍ର ଟଙ୍କା ଦାନ କରନ୍ତି । ଆଜି ସେ ଇହ ଜଗତରେ ନାହାନ୍ତି କିନ୍ତୁ ଅସଂଖ୍ୟ ସମ୍ବଳହୀନ ସାଧୁ ସନ୍ନ୍ୟାସୀ ଓ ଯାତ୍ରୀ ତାଙ୍କର ନିଃସ୍ୱାର୍ଥପର ବଦାନ୍ୟତାରେ ଉପକୃତ ହୋଇ ତାଙ୍କର ନାମ ଚିର ଦିନ ସ୍ମରଣ କରିବାଦ୍ୱାରା ତାଙ୍କୁ ଅମର କରି ଯାଇଅଛନ୍ତି । କାଳୀକମଳୀଓ୍ୱାଲାଙ୍କର ଏଠାରେ ହେଡ୍ ଅଫିସ । ଏଠାରେ ଅନେକ କର୍ମଚାରୀ ଅଛନ୍ତି । ଏହି ଚାରି ଧାମକୁ ଯିବା ପାଇଁ ଯେଉଁମାନେ ସଦାବ୍ରତ ପାନ୍ତି ସେମାନେ ଏହି ଅଫିସରୁ ଚିଠା ନିଅନ୍ତି । ସଦାବ୍ରତ ସ୍ଥାନମାନଙ୍କୁ ଅଲଗା ଅଲଗା ଚିଠା ଦିଆଯାଏ । ପ୍ରତ୍ୟେକ ଚଟିରେ ଖଣ୍ଡିଏ ଖଣ୍ଡିଏ ଲେଖାଏଁ ଚିଠା ଦେଇ ଯାତ୍ରୀମାନେ ଚାଉଳ, ଅଟା, ଡାଲି, ଘିଅ ପ୍ରଭୃତି ପାନ୍ତି । କିନ୍ତୁ ଆଜିକାଲି ନିୟମ ହୋଇଅଛି ଯେ ଯେଉଁମାନେ ସଦାବ୍ରତ ଚିଠା ନିଅନ୍ତି ସେମାନଙ୍କଠାରେ ଅନ୍ତତଃ ଟ ୧୦୦ ଥିବା ଦରକାର; କାରଣ ପଥରେ କାହାକୁ ବେମାର ହେଲେ ଏହି ଟଙ୍କାଦ୍ୱାରା ସେ ସାହାଯ୍ୟ ପାଇବ । ଯେଉଁମାନେ ସଦାବ୍ରତ ନ ନେଇ କେବଳ ଏହାଙ୍କର ଧର୍ମଶାଳାରେ ରହିବାକୁ ଇଚ୍ଛୁକ ସେମାନେ ଏଠା ମେନେଜରଙ୍କଠାରୁ ଖଣ୍ଡେ ଚିଠା ନେଇଗଲେ ଧର୍ମଶାଳାରେ ରହିବାକୁ ସ୍ଥାନ, କିରାସିନ ତେଲ ଓ ସତରଞ୍ଜି ଏକ ଗୋଟା ପାଆନ୍ତି । ଯାତ୍ରିମାନେ ଏଠାରୁ ଜ୍ୱର, ଝାଡ଼ା ଇତ୍ୟାଦିର ଔଷଧ ମଧ୍ୟ ନିଅନ୍ତି । ଏହି ଚାରି ଧାମର ପ୍ରତ୍ୟେକ ଚଟିରେ ଜଣେ କିମ୍ବା ଦୁଇ ଜଣ ଓ ବଡ଼ ବଡ଼ ଚଟିରେ କେତେଗୁଡ଼ିଏ କାରପଦୋର ଅଛନ୍ତି । କୌଣସି ବଡ଼ ବଡ଼ ଚଟିରେ ଡାକ୍ତର ମଧ୍ୟ ଅଛନ୍ତି । ପ୍ରତ୍ୟେକ ଚଟିରେ ଯାତ୍ରୀମାନଙ୍କୁ ଗୋଟିଏ ଗୋଟିଏ ସତରଞ୍ଜି ଦେବାର ବ୍ୟବସ୍ଥା ଅଛି । କେତେକ ସ୍ଥାନର ଧର୍ମଶାଳା କୋଠରୀରେ ଝରକା ନାହିଁ । ଅନେକ ସ୍ଥାନରେ ଧର୍ମଶାଳାଗୁଡ଼ିକର ଛପର ଟିଣ ହୋଇଥିବାରୁ ଖରା ସମୟରେ ଅତ୍ୟନ୍ତ ଗରମ ହୁଏ ।

ଏଠାରେ ଗଙ୍ଗା କୂଳରେ ରାମ ଦାସ ଓଡ଼ିଆ ବାବାଜୀଙ୍କର ଗୋଟିଏ ମଠ ଅଛି । ଏହି ବ୍ୟକ୍ତି ପଣ୍ଡା ଯାତ୍ରୀଙ୍କ ସଙ୍ଗରେ ଓଡ଼ିଶାକୁ ଆସିଥିଲେ । ସେ ସମୟରେ ସେ ନିତାନ୍ତ ପିଲା ଥିଲେ । ଆଠଗଡ଼ ଷ୍ଟେଟ୍‌ର ରାଣୀ ମହୋଦୟା ଏହାଙ୍କୁ ଦେଖି ଉକ୍ତ ଦଳର ମହନ୍ତଙ୍କଠାରୁ ଏହାଙ୍କୁ ରଖିଥିଲେ । କିନ୍ତୁ ଏହି ଚୁକ୍ତି କରିଦେଇ ଗଲେ ଯେ ତାହାଙ୍କୁ ସଂସାରୀ କରିବେ ନାହିଁ । ସେଠାରେ ରହି ବଡ଼ ହେବାରୁ ସେ କଂଗ୍ରେସ ଦଳରେ ମିଶି ଓଡ଼ିଶାରେ ରହି ଜେଲ ମଧ୍ୟ ଯାଇଥିଲେ । ସେ ବଡ଼ ଟାଣୁଆ ଲୋକ । ଦେହରେ ଶକ୍ତି ମଧ୍ୟ ଯଥେଷ୍ଟ ଅଛି । ଏହି ମଠରେ ପ୍ରାୟ ୨୦ ଜଣ ତାଙ୍କର ଚେଲା ଥାନ୍ତି । ବାବାଜୀ ଗୋଟିଏ ପ୍ରକାଣ୍ଡ ହନୁମାନ ମୂର୍ତ୍ତି ଏହି ମଠରେ ସ୍ଥାପନ କରିଅଛନ୍ତି । ସେଠାରେ ସେ ରାମ ଦାସ ଓଡ଼ିଆ ବାବାଜୀ ବୋଲି ପରିଚିତ । ସେ ଓଡ଼ିଆଙ୍କ ପ୍ରତି ବଡ଼ ଆଦର ଓ ସ୍ନେହ ଦେଖାନ୍ତି । କଟକର ଦୈନିକ ସମାଜ ଖବର କାଗଜ ମଧ୍ୟ ନେଇ ସେ ବରାବର ଓଡ଼ିଶାର ତତ୍ତ୍ୱ ନିଅନ୍ତି । ସେ ଏପର୍ଯ୍ୟନ୍ତ ସଂସାରୀ ହୋଇ ନାହାନ୍ତି, ହେବାର ଇଚ୍ଛା ମଧ୍ୟ ନାହିଁ । ଗଙ୍ଗା କୂଳରେ ଅନେକ ସାଧୁ ସନ୍ନ୍ୟାସୀ ଛୋଟ ଛୋଟ କୁଟୀର ନିର୍ମାଣ କରିଅଛନ୍ତି । ହୃଷୀକେଶରୁ ଲଛମନଝୁଲା ପ୍ରାୟ ୩ ମାଇଲ ।



Digitized by srujanika@gmail.com

ଏଠାରୁ ଲଛମନଝୁଲା ପର୍ଯ୍ୟନ୍ତ ଗଙ୍ଗା କୂଳେ କୂଳେ ସାଧୁ ସନ୍ନ୍ୟାସୀମାନେ ଥାଆନ୍ତି । ଦିବା ୯ ଘଣ୍ଟା ସମୟରେ ଏମାନେ ଆଶ୍ରମରୁ ଆସି ହୃଷୀକେଶରୁ ରୋଜ୍ ରୋଜ୍ ସଦାବ୍ରତ ନେଇ ଆଶ୍ରମକୁ ଫେରିଯାନ୍ତି । ସଦାବ୍ରତ ଯାହା ପାଆନ୍ତି ତାହା ସେମାନଙ୍କର ପୁରି ଦିନକର ଖାଦ୍ୟ । ରୁଟି, ଡାଲି, ଦହି, ମିଷ୍ଟାନ୍ନ ପ୍ରଭୃତି ସେମାନେ ଖାଦ୍ୟ ରୂପେ ପାନ୍ତି । କେହି କେହି ସାଧୁ ଗୁମ୍ଫାରେ ମଧ୍ୟ ଅଛନ୍ତି । ବର୍ଷା ଦିନରେ ଏ ସ୍ଥାନର ସ୍ୱାସ୍ଥ୍ୟ ଟିକିଏ ଖରାପ ହୁଏ । ବନ୍ୟା ହେତୁରୁ ସନ୍ନ୍ୟାସୀମାନେ ଉଚ୍ଚ ସ୍ଥାନକୁ କିମ୍ବା ଦେଶ ପର୍ଯ୍ୟଟନରେ ବାହାରିଯାନ୍ତି ।

ସହର ସନ୍ନିକଟରେ ଗଙ୍ଗାର ଯେ ଘାଟ ଅଛି ସେଠାରେ ଭୟଙ୍କର ସ୍ରୋତ । କେହି ଅସାବଧାନ ହୋଇ ସ୍ରୋତରେ ପଡ଼ିଲେ ତାହାର ପ୍ରାଣ ରହିବା କଠିନ । ସେଥିପାଇଁ ଘାଟ ସନ୍ନିକଟରେ କାଠ ପୋତା ହୋଇ ସ୍ନାନ ପାଇଁ ସ୍ଥାନ ନିର୍ଦ୍ଦେଶ କରି ହୋଇଅଛି । ଏଠାରେ ମଧ୍ୟ ଅତି ବୃହତ୍ ବୃହତ୍ ମାଛ ପ୍ରଚୁର ପରିମାଣରେ ଅଛନ୍ତି । ଯାତ୍ରୀମାନେ ଏଠାରେ ମଧ୍ୟ ମତ୍ସ୍ୟମାନଙ୍କୁ ଆହାର ଯୋଗାନ୍ତି । ଏଠାରେ ପାହାଡ଼ ଉପରେ ଅବସ୍ଥିତ ଟିହିରି ରାଜ-ପ୍ରାସାଦ ଓ ନରେନ୍ଦ୍ର ନଗରର ଦୃଶ୍ୟ ଅତି ମନୋରମ । ଗଙ୍ଗାର ଉଭୟ ପାର୍ଶ୍ୱରେ ଶିଶୁଗଛର ଘନ ଜଙ୍ଗଲମାନ ଅତି ଚମତ୍କାର ଦେଖାଯାଏ । ଗଙ୍ଗାର ଦକ୍ଷିଣ ପାର୍ଶ୍ୱରେ ଘନ ଜଙ୍ଗଲ ମଧ୍ୟରେ ଗଙ୍ଗା କୂଳରେ ଅନେକ ସାଧୁଙ୍କର ଆଶ୍ରମ ଅଛି । ସ୍ଥାନଟି ଅତି ମନୋହର ଓ ସୁଶୀତଳ । ମାଲ ପତ୍ର ବହିବା ପାଇଁ ଏଠାରୁ କୁଲି ନେବାକୁ ହୁଏ । ଦେବପ୍ରୟାଗକୁ ମଟର ବାସ୍‌ରେ ଯିବାକୁ ହେଲେ ମଧ୍ୟ ଆମ୍ଭମାନଙ୍କୁ ଏହିଠାରୁ କୁଲି ନେବାକୁ ହୋଇଥିଲା । ଦେବପ୍ରୟାଗରେ କୁଲି ମିଳନ୍ତି । କିନ୍ତୁ କୁଲିଟି ଆମ୍ଭ ସହିତ ମଟର ବାସ୍‌ରେ ଟ୫୯ ନିଜେ ଭଡ଼ା ଦେଇ ସୁଦ୍ଧା ଯିବ ବୋଲି ସ୍ୱୀକୃତ ହୋଇଥିଲା ! ଭରତ ବାବୁ ଓ ମୋର ମାଲ ୧ ମହଣକୁ ଟ୪୦୯ରେ ଚୁକ୍ତିନାମା କରି ସେ ଟ୧୦୯ ଅଗ୍ରିମ ନେଲା । ଏଗ୍ରିମେଣ୍ଟ ବା ଚୁକ୍ତିନାମାରେ ନିୟମ ଥିଲା ଦେବପ୍ରୟାଗରୁ ରୁଦ୍ରପ୍ରୟାଗ ହୋଇ କେଦାରନାଥ ଓ ସେଠାରୁ ବଦ୍ରିନାଥ ଓ ବଦ୍ରିନାଥରୁ ଫେରି ଦେବପ୍ରୟାଗ ମୋଟ ୩୨୦ ମାଇଲ ଆମ୍ଭମାନଙ୍କର ଜିନିଷ ବହି ନେବ । କିନ୍ତୁ ରୁଦ୍ରପ୍ରୟାଗରୁ ଆମ୍ଭେମାନେ କେଦାରନାଥ ନ ଯାଇ ବଦ୍ରିନାଥ ଗଲୁଁ । କାଣ୍ଡି ଦାଣ୍ଡି ବା ମୋଟିଆ କୁଲିମାନେ ଯାତ୍ରୀଙ୍କଠାରୁ ଯେ ଟଙ୍କା ପାଆନ୍ତି ସେଥିରୁ ସେମାନଙ୍କୁ ସରକାରକୁ ପ୍ରତି ଟଙ୍କାରେ ଟ୦/ ହିସାବରେ ଟେକ୍ସ ଦେବାକୁ ପଡ଼େ । ସରକାରଙ୍କ ମୁତୟନ ଭିନ୍ନ ଅନ୍ୟ କୁଲି ମଧ୍ୟ ମିଳନ୍ତି । ସେମାନଙ୍କ ସହିତ ବନ୍ଦୋବସ୍ତ କଲେ କିଛି କମ ଦେବାକୁ ପଡ଼େ, କିନ୍ତୁ ସେମାନଙ୍କୁ ସମ୍ପୂର୍ଣ୍ଣ ବିଶ୍ୱାସ କରାଯାଇ ନ ପାରେ ।

ହରିଦ୍ୱାରରୁ ଆସିବାକୁ ଏକ ମାଇଲ ପରେ ଭୀମଗୁଡ଼ା ଚଟୀ ପଡ଼େ । ଏଠାରେ ଗୋଟିଏ କୁଣ୍ଡ ଅଛି । ଏ ସ୍ଥାନଟି ପାହାଡ଼ ତଳ ଦେଶରେ ଅବସ୍ଥିତ । ଗଙ୍ଗାର ଗୋଟିଏ କ୍ଷୁଦ୍ର ଉପନଦୀରୁ ଜଳ ଆସି କୁଣ୍ଡଟିରେ ପଡ଼ୁଅଛି । ତାହି ପରେ ସତ୍ୟନାରାୟଣଙ୍କ ମନ୍ଦିର । ଏଠାରେ ଭିତର ବାଟେ ଜଳ ଗୋଟିଏ କୁଣ୍ଡରେ ଭର୍ତ୍ତି ହୋଇ ପୁନରାୟ ବାହାରି ଯାଉଅଛି । ଏଠାରେ କାଲୀକମଲୀୱାଲାଙ୍କର ସଦାବ୍ରତ ମଧ୍ୟ ଅଛି । ରାସ୍ତାରେ ଡେରାଡୁନ୍‌ର ଜଙ୍ଗଲ ଦେଖାଯାଏ । ଏହି ଜଙ୍ଗଲରେ ବୃହତ୍ ଶାଳଗଛମାନ ଅଛି । କେଦାରନାଥ ଓ ବଦ୍ରିନାଥ ଯାତ୍ରୀମାନେ ସମସ୍ତେ ହୃଷୀକେଶରେ ବିଶ୍ରାମ କରି ଅଗ୍ରଗାମୀ ହୁଅନ୍ତି । ଅନେକ ଯାତ୍ରୀ ହରିଦ୍ୱାରରୁ ହୃଷୀକେଶ ଓ ଲଛମନଝୁଲା ଦେଖି ଫେରି ମଧ୍ୟ ଯାନ୍ତି । ହରିଦ୍ୱାରରୁ ହୃଷୀକେଶ ଓ ଲଛମନଝୁଲା ପର୍ଯ୍ୟନ୍ତ ମଟର ବାସ ଓ ଟେକ୍ସି ଭିନ୍ନ ଏକ୍କା, ଟମ୍‌ଟମ୍ ଓ ଗୋଯାନରେ ମଧ୍ୟ ଯାତ୍ରୀମାନେ ଆସନ୍ତି ।

ହୃଷୀକେଶ ସନ୍ନିକଟରେ ତପୋବନ ବୋଲି ଗୋଟିଏ କ୍ଷୁଦ୍ର ଗ୍ରାମ ଅଛି । ଏହା ମଧ୍ୟ ଗୋଟିଏ ତୀର୍ଥସ୍ଥାନ । ପ୍ରବାଦ ଅଛି ଶ୍ରୀରାମଚନ୍ଦ୍ର ଓ ଲକ୍ଷ୍ମଣ ରାବଣ ବଧ କରି ଯେ ପାପ ଅର୍ଜନ କରିଥିଲେ ତାହା କ୍ଷୟ କରିବା ପାଇଁ ହୃଷୀକେଶରେ ଶ୍ରୀରାମଚନ୍ଦ୍ର ଓ ତପୋବନରେ ଲକ୍ଷ୍ମଣ ତପସ୍ୟା କରିଥିଲେ । ଏଠାରେ ଲକ୍ଷ୍ମଣଜୀଙ୍କର ମନ୍ଦିର ଓ ଅନ୍ୟାନ୍ୟ କେତେଗୋଟି ଛୋଟ ମନ୍ଦିର ଅଛି । ଏଠାରେ ଦ୍ରୋଣଘାଟ ନାମରେ ଗୋଟିଏ ଘାଟ ସ୍ନାନ କରିବାପାଇଁ ଅଛି । ଘାଟ ତଳେ ପାଣ୍ଡବ କୁଣ୍ଡ ନାମରେ ଗୋଟିଏ କୁଣ୍ଡ ଅଛି ।

ଲଛମନ ବା ଲକ୍ଷ୍ମଣଝୁଲା ନାମକ ଗଙ୍ଗା ଉପରେ ଗୋଟିଏ ଲୌହ ନିର୍ମିତ ଝୁଲା-ପୋଲ ଅଛି । ଏହି ସେତୁଟି ସୁରଜମଲ ଝୁନ୍‌ଝୁନ୍‌ୱାଲା ନାମକ ଜଣେ ସଦାଶୟ ବ୍ୟକ୍ତି ନିର୍ମାଣ କରି ଦେଇଅଛନ୍ତି । ଏହା ୧୯୩୦ ଖ୍ରୀଷ୍ଟାବ୍ଦରେ ନିର୍ମିତ ହୋଇଥିଲା । ଏଠାରେ ବାସମତୀ ନାମକ ବେଶ ସୁଗନ୍ଧଯୁକ୍ତ ଧାନ ଚାଷ ହୁଏ । ଧାନଟି ମୟୂରଭଞ୍ଜର ବାଦ୍‌ସାଭୋଗ ଧାନର ଅନୁରୂପ । ଏଠାରୁ ହରିଦ୍ୱାର ମା ୧୭ ଇଲ ।

ଏହାର ସମ୍ମୁଖରେ ନୀଳକଣ୍ଠ ପର୍ବତ । ତାର ତଳେ ସ୍ୱର୍ଗାଶ୍ରମର ସୁନ୍ଦର ଶ୍ୱେତ ମନ୍ଦିର । ଏହାର ତଳଦେଶରେ ଗଙ୍ଗାର ନୀଳ ସ୍ରୋତ ପ୍ରବାହିତ । ସ୍ଥାନଟି ବଡ଼ ମନୋରମ । ଲଛମନଝୁଲାଠାରୁ ହୃଷୀକେଶ ପର୍ଯ୍ୟନ୍ତ ଅନେକ ସାଧୁ ସନ୍ନ୍ୟାସୀଙ୍କର ଆଶ୍ରମ ଅଛି । ଗଙ୍ଗାତୀରରେ ବହୁ ଦୂର ପର୍ଯ୍ୟନ୍ତ ଧୂନି ଜାଳି ସନ୍ନ୍ୟାସୀମାନେ ଥାନ୍ତି । ଏହା ତପସ୍ୟା ନିମିତ୍ତ ଉପଯୁକ୍ତ ସ୍ଥାନ, ଅତି ନିର୍ମଳ । ସଂସାରର ଅଶାନ୍ତ କୋଳାହଳ ପରିହାର କରି ଯେପରି ଶାନ୍ତିଦେବୀ ଏହିଠାରେ ବିଶ୍ରାମ କରୁଅଛନ୍ତି ।

ଟିହିରି ଷ୍ଟେଟ୍ ଲଛମନଝୁଲାରୁ ଦେବପ୍ରୟାଗ ପର୍ଯ୍ୟନ୍ତ ଯିବା ପାଇଁ ମଟର ରାସ୍ତା କରାଇଅଛନ୍ତି । ଏଥିରେ ଅନେକ ଅର୍ଥ ବ୍ୟୟିତ ହୋଇଅଛି । ରାସ୍ତାଟି ତେତେ ଚଉଡ଼ା ନୁହେଁ । ଗୋଟିଏ ଗାଡ଼ି ଗଲେ ଅଉ ଗୋଟିଏ ଆସିବାର ସୁବିଧା ନାହିଁ ।



Digitized by srujanika@gmail.com

ସେଥିପାଇଁ ଟେଲିଫୋନର ବନ୍ଦୋବସ୍ତ ଅଛି । ରାସ୍ତାମଧ୍ୟରେ ଗୋଟିଏ ସ୍ଥାନରେ ବାସ୍‌ଗୁଡ଼ିକୁ ଠିଆ ହେବାକୁ ହୁଏ । ଦେବ-ପ୍ରୟାଗରୁ ଆସୁଥିବା ବାସ୍‌କୁ ଅପେକ୍ଷା କରାଗଲା । ପ୍ରାୟ ଦୁଇ ଘଣ୍ଟା ପରେ ପୁନରାୟ ଗାଡ଼ି ଚଢ଼ିଲୁଁ । ଗଙ୍ଗାର ଧାରେ ଧାରେ ବାଙ୍କି ବାଙ୍କି ଚଢ଼ାଇ ଉତ୍ରାଇ ହୋଇ ପ୍ରାୟ ଦିବା ୩ ଘଣ୍ଟା ସମୟରେ ଦେବ ପ୍ରୟାଗରେ ପହଞ୍ଚିଲୁଁ । ଚଢ଼ାଇ ବେଶି ଥିବାରୁ ଇଞ୍ଜିନ ଗରମ ହୋଇଯାଏ । ଗାଡ଼ି ବଡ଼ ମନ୍ଥର ଗତିରେ ଚାଲେ, ଇଞ୍ଜିନ ଥଣ୍ଡା କରିବାପାଇଁ ମଧ୍ୟେ ମଧ୍ୟେ ଅପେକ୍ଷା କରିବାକୁ ପଡ଼େ । ଏଥିପାଇଁ ବିଳମ୍ବ ହେଲା । ୱିରେ ଷ୍ଟେସନଠାରୁ ଦେବପ୍ରୟାଗ ଚଉଠି ପ୍ରାୟ ଦେଢ଼ ମାଇଲ । ଅନେକ ତଳେ ଭାଗୀରଥୀ । ସେଠାରେ ଉତ୍ରାଇ ବଡ଼ ବେଶୀ । ଭାଗୀରଥୀ ନଦୀର ଝୁଲା-ପୋଲ ପାରହୋଇ ଦେବ-ପ୍ରୟାଗ ଟାଉନରେ ପହଞ୍ଚିବାକୁ ହେବ । ଟାଉନର ଅପର ପାର୍ଶ୍ୱରେ ଚଟିଘର । ପୁନରାୟ ଅଲକାନନ୍ଦା ପାରହୋଇ ଯିବାକୁ ହୁଏ । ଏହି ସ୍ଥାନଟି ଭାଗୀରଥୀ ଓ ଅଲକାନନ୍ଦାର ସଙ୍ଗମ ସ୍ଥଳ । ପୁନରାୟ ଝୁଲା ପୋଲରେ ଅଲକାନନ୍ଦା ପାର ହୋଇ କାଲୀକମଲୀୱାଲାଙ୍କ ଧର୍ମଶାଳାରେ ଆଶ୍ରୟ ନେଲୁଁ । ଲଛମନଝୁଲାଠାରୁ ନଦୀର ବାମ ପାର୍ଶ୍ୱରେ ଦେବପ୍ରୟାଗକୁ ଯାତ୍ରୀମାନଙ୍କୁ ପଦବ୍ରଜରେ ଯିବାର ଯେ ରାସ୍ତା ଅଛି ତାହା ହରଦ୍ୱାରଠାରୁ ମା ୫୮ ଇଲ ।

ଦେବ ପ୍ରୟାଗ ଗୋଟିଏ ଛୋଟ ପାହାଡ଼ିଆ ସହର । ଅଲକାନନ୍ଦା ସଙ୍ଗେ ଭାଗୀରଥୀର ସଙ୍ଗମସ୍ଥଳ ଯେପରି ଜୀଳାମୂର ମିଳି ଦୁଇ ଯମଳ ଭଉଣୀ ବହୁଦିନ ପରେ ପରସ୍ପରର ସାକ୍ଷାତ ପାଇଁ ଆନନ୍ଦରେ ଅଧୀର । ସଙ୍ଗମ ସ୍ଥଳରେ ଉଭୟ ନଦୀର ସ୍ରୋତ ଅତ୍ୟନ୍ତ ପ୍ରଖର । ସେଠାରେ ପଦସ୍ଖଳନ ହେଲେ ଆଉ ରକ୍ଷା ନାହିଁ ।

ଏଠାରେ ପୂର୍ବପୁରୁଷଙ୍କୁ ପିଣ୍ଡ ଦେବାର ବିଧି ଅଛି । ପ୍ରବାଦ ଅଛି—ଉତ୍ତର ପୁରୁଷମାନଙ୍କର ଆଗମନ ଦେଖି ପିଣ୍ଡ ଆଶାରେ ପୂର୍ବ-ପୁରୁଷମାନେ ପିତୃଲୋକରେ ଆନନ୍ଦରେ ନୃତ୍ୟ କରନ୍ତି । ବଂଶଧରମାନଙ୍କଠାରୁ ପିଣ୍ଡ ଗ୍ରହଣ କରିବା ସେମାନଙ୍କର ଐକାନ୍ତିକ ଇଚ୍ଛା । ପିତୃଲୋକଙ୍କୁ ତୃପ୍ତ କରିବା ପାଇଁ ଦେଶ ପ୍ରଚଳିତ ପ୍ରଥା ଓ ଅଗ୍ରଜଙ୍କ ଆଜ୍ଞାନୁଯାୟୀ ତତ୍ପର ଦିନ ପ୍ରତ୍ୟୁଷରେ ଉଠି ପଣ୍ଡାଙ୍କ ସହିତରେ ପିଣ୍ଡ ଦେବାକୁ ଗଲୁଁ । ଭୋର ବେଳେ ଗଙ୍ଗାରେ ସ୍ନାନ କରିବା ବଡ଼ ଦୁରୂହ ବ୍ୟାପାର । ଜଳ ବରଫଙ୍କର ଥଣ୍ଡା । ଆମ ଦେଶରେ ଅଳରେ ବଡ଼ ବଡ଼ ଗୁଣ୍ଡା ବାନ୍ଧି ପିଣ୍ଡ ଦିଅନ୍ତି । ଏଠାରେ କିନ୍ତୁ ଯଅ ଧାନର ଛତୁରେ ପିଣ୍ଡ ଦେଲୁଁ । ଛୋଟ ଗୁଆ ଭଳି ଗୋଟିଏ ଗୋଟିଏ କରି ପ୍ରତ୍ୟେକଙ୍କୁ ପିଣ୍ଡ ଦେବାକୁ ହେଲା । ସେଠାରେ ବ୍ରାହ୍ମଣ-ପଣ୍ଡାମାନେ ବଡ଼ ଭଦ୍ର । ସେଠାରେ ବହୁତ ମାଛ ଅଛନ୍ତି କିନ୍ତୁ ସ୍ରୋତ ଯୋଗୁଁ ସେଗୁଡ଼ିକ ଅସ୍ଥିର ହେଉଥିବାରୁ କମ ଦେଖା-ଯାନ୍ତି । ସଙ୍ଗମ ସ୍ଥାନ ସମୁଦ୍ରରୁ ୧୪୦୦ ଫୁଟ ଉଚ୍ଚ ।

ଟାଉନଟି ସମୁଦ୍ରରୁ ୧୬୨୦ ଫୁଟ ଉଚ୍ଚରେ ଅବସ୍ଥିତ । ଏଠାରେ ଗଙ୍ଗାର ଚଉଡ଼ା ୧୨୦ ଫୁଟ ଓ ଅଲକାନନ୍ଦା ୨୪୦ ଫୁଟ । ଏହି ଉଭୟ ନଦୀର ସଙ୍ଗମହିଁ ଗଙ୍ଗା ନାମରେ ଅଭିହିତ । ଗଡ଼ୋଓ୍ୱାଲ ଜିଲ୍ଲାରେ ଯେ ପଞ୍ଚ ପ୍ରୟାଗ ଅଛି ତନ୍ମଧ୍ୟରୁ ଦେବ-ପ୍ରୟାଗ ଗୋଟିଏ । ପଣ୍ଡାମାନେ ଏହି ମନ୍ଦିର ଅତି ପ୍ରାଚୀନ ବୋଲି କହନ୍ତି । ଟିହିରି ମହାରାଜା ମନ୍ଦିରର ଅଧିକାରୀ । ମନ୍ଦିରରେ ଅନେକ ଧନ ସମ୍ପତ୍ତି ଅଛି । ଶୁଣାଯାଏ ଟିହିରି ମହାରାଜାଙ୍କ ମୃତ୍ୟୁ ପରେ ତାଙ୍କର ବ୍ୟବହାର୍ଯ୍ୟ ସମସ୍ତ ସାମଗ୍ରୀ ଏହି ମନ୍ଦିରକୁ ପ୍ରେରିତ ହୁଏ । ତାଙ୍କର ପୁରୋହିତ ମନ୍ଦିରେ ସେବା କରନ୍ତି । ଏ ସ୍ଥାନରେ ଆଉ କେତେକ ଛୋଟ ଛୋଟ ମନ୍ଦିରରେ ଗଣେଶ, ଦୁର୍ଗା ପ୍ରଭୃତିଙ୍କର ବିଗ୍ରହ ଅଛି । ସଙ୍ଗମ ସ୍ଥଳରେ ଦୁଇଟି କୁଣ୍ଡ ଅଛି । ଗୋଟିଏ ଭାଗୀରଥୀ ନଦୀର ବ୍ରହ୍ମକୁଣ୍ଡ, ଅପରଟି ଅଲକାନନ୍ଦାର ବଶିଷ୍ଠକୁଣ୍ଡ । ଏହିଠାରେ ପିଣ୍ଡ ଦାନ ହୁଏ । ପୂର୍ବେ ଏଠାରେ ସ୍ୱର୍ଣ୍ଣ ମିଳୁଥିଲା । ଦେବପ୍ରୟାଗ ଟାଉନରେ ଯାତ୍ରୀ ରହିବାର ସ୍ଥାନ ନାହିଁ । ଅଲକାନନ୍ଦା ପାର ହୋଇ ବ୍ରାଞ୍ଚ ଗଡ଼ୋଓ୍ୱାଲରେ ଧର୍ମଶାଳା, ଦୋକାନ, ଯାତ୍ରୀ ରହିବାର ଘର, ଚଟୀ, ସରକାରୀ ବଙ୍ଗଳା, ଡାକଘର, ତାର ଘର ଓ ଫାର୍ମ ଅଛି । ସେଠାର ଲୋକମାନେ ବଡ଼ ନମ୍ର । ସେହି ଦିନ ସନ୍ଧ୍ୟା ସମୟରେ ଆମ୍ଭେମାନେ ଧର୍ମଶାଳାରେ ଥିବା ସମୟରେ ଉପର ମହାଲରୁ ଜଳ ପକାଇବା ବେଳେ ତଳେ ଜଣଙ୍କ ଉପରେ ପଡ଼ିଗଲା । ସେ ଲୋକଟି ହାତ ଯୋଡ଼ି କହିଲେ "ବାବୁଜୀ ! ପାଣି ଗିର ଗୟା ।" ଏଥିରୁ ସେମାନଙ୍କର ନମ୍ରତାର ଯଥେଷ୍ଟ ପରିଚୟ ମିଳୁଛି ।

# ପାଗଳ ଦୁର୍ଗାମାଧବ

### ଶ୍ରୀ ଉପେନ୍ଦ୍ର ପ୍ରସାଦ ମହାନ୍ତି

ମୁଣ୍ଡରେ ପଗଡ଼ି ବାନ୍ଧି ଓ ହାତରେ ଶୋଟା ଧରି ଦୁର୍ଗାମାଧବ ଯେତେବେଳେ ସେଠାରୁ ବାହାରିପଡ଼ିଲା, ସେତେବେଳେ ଧୂମ ଖରାବେଳ । ବାହାରେ ଖରାଟା ଝାଁ ଝାଁ ହେଉଛି । ପ୍ରଚଣ୍ଡ ତାତି । ସେପରେ ଅନେ ଗିଲାଏ ନୟଣା କୋଠରୀରେ ବସି ଆରାମ କରୁଛନ୍ତି । କିଏ ଖଟ ଉପରେ ପଡ଼ି ଗୋଡ଼ ଦିଟା କାନ୍ଥକୁ ଟେକି ଦେଇ ଉପନ୍ୟାସ ପଢ଼ୁଛି, କିଏ ବା ଗୁଣୁ ଗୁଣୁ



Digitized by srujanika@gmail.com

ହୋଇ ଗୀତଟାଏ ଗାଉଛି । କେହି ଅରଣିଟାଏ ଏବଂ ପାନିଆ ଖଣ୍ଡେ ଧରି ଅତ୍ୟନ୍ତ ତନ୍ମୟ ଭାବରେ ମୁଣ୍ଡର ବାଳ ଗୁଡ଼ାକ ମନୋମତ କରି କୁଣ୍ଡାଉଛି, କେହି ଅବା ନବ ବିବାହିତା ପ୍ରିୟତମା ପାଖକୁ କେତେ କଥା ଭଲ ଭଲ ଲେଖୁଛି । ଏହିପରି ସମୟରେ ଦୁର୍ଗାମାଧବ ଧଡ଼ ପଡ଼ ଉଠି କବାଟଟା ଖୋଲି, ଯାମାଯୋଡ଼ ହୋଇ, ମୁଣ୍ଡରେ ପଗଡ଼ି ବାନ୍ଧି ଏବଂ ହାତରେ ଠେଙ୍ଗା ଧରି ବାହାରି ପଡ଼ିଲା । ନିକଟ କୋଠରିରେ ତୃତୀୟ ବାର୍ଷିକ ଶ୍ରେଣୀର ଛାତ୍ର ରାଧାବଲ୍ଲଭ ଦବା-ନିଦ୍ରାର ଯୋଗାଡ଼ କରୁଥିଲା । ଏକ ସମୟରେ ସେ ଥିଲା ଦୁର୍ଗାମାଧବର ସହପାଠୀ, କିନ୍ତୁ ବର୍ଷକ ତଳେ ଦୁର୍ଗାମାଧବ ତାକୁ ପଛରେ ପକାଇ ଉପରକୁ ଉଠି ଆସିଛି । ସୁତରାଂ ସେ ଆଜି ସେହି ତୃତୀୟ ବାର୍ଷିକ ଶ୍ରେଣୀରେ ପଢ଼ି ରହିଛି, ମାତ୍ର ଦୁର୍ଗାମାଧବ ଚତୁର୍ଥ ବାର୍ଷିକ ଶ୍ରେଣୀର ଛାତ୍ର । ଦୁର୍ଗାମାଧବକୁ ହଠାତ୍ ଏ ଅସମୟରେ ପାଗବାନ୍ଧି ବାହାରି ପଡ଼ିବାର ଦେଖି ସେ ଟିକିଏ ମନେ ମନେ ହସି ଭାବିଲା—"ଏଇ ଯେ ! ପାଗଳାର ମୁଣ୍ଡରେ କଣ ଗୋଟାଏ ନୂଆ ପାଗଳାମି ପଶିଲାଣି ନିଶ୍ଚୟ !" ଏହା ଭାବି ସେ ପଚାରିଲା—କିହେ ଦୁର୍ଗାମାଧବ, କାବୁଲି ସାହେବ ସାଜି ଉଦ୍ଧୁତଦିଆ ଦିପହରିବେଳେ ବାହାରିଲ କୁଆଡ଼େ ?

ଦୁର୍ଗାମାଧବ ଉତ୍ତର ଦେଲା—ବାହାରିଲି ବିବାହର ଉଦ୍‌ଯୋଗରେ । ରାଧାବଲ୍ଲଭ ଆଶ୍ଚର୍ଯ୍ୟ ହୋଇ ପଚାରିଲା—କଣ ? ବିବାହର ଉଦ୍‌ଯୋଗ ! କାହାର ବିବାହ ହେ ?

"ଉଦ୍‌ଯୋଗଟା ସ୍ୱୟଂ ଉଦ୍‌ଯୋଗୀର । ଅନ୍ୟ କାହାରି ପାଇଁ ଘଟକତା କରିବାକୁ ଦୁର୍ଗାମାଧବ ଜାଣେ ନାହିଁ ।"

ଟିକିଏ ମୃଦୁ ହାସ୍ୟ କରି ସେ ଡଗ ଡଗ ହୋଇ ଚାଲି ଯିବାକୁ ଲାଗିଲା । କିନ୍ତୁ ରାଧାବଲ୍ଲଭ କଥାଟା ନ ବୁଝି ଛାଡ଼େ କେମିତିକେ ? ଚିତ୍କାର କରି ଉଠିଲା—ଶୁଣ, ଶୁଣ ହେ ଦୁର୍ଗାମାଧବ ! ଟିକିଏ "ତସ୍ୟାର୍ଥ" ବାକି ରହିଗଲା ଯେ ! ଆଚ୍ଛା, କଣ ବୁଝିବାକୁ ହେବ ଯେ ଶୁଭଲଗ୍ନଟା ସ୍ୱୟଂ ଦୁର୍ଗାମାଧବ ବାବୁଙ୍କର ଆସି ଉପସ୍ଥିତ ?

ଦୁର୍ଗାମାଧବ ସଂକ୍ଷେପରେ ଜବାବ୍ ଦେଲା—ଅବଶ୍ୟ ।

ରାଧାବଲ୍ଲଭ ହୋ ହୋ ହସି ଉଠିଲା । କିନ୍ତୁ ଦୁର୍ଗାମାଧବ ସେଥିରେ ବିଚଳିତ ହେବା ବ୍ୟକ୍ତି ନୁହେଁ । ଅନ୍ୟର ଅଟ୍ଟ, ବିଦ୍ରୂପ, ଉପହାସକୁ ସେ କସ୍ମିନ୍ କାଳେ ଖାତିର କରିନାହିଁ—ଆଜି ବା କରିବ କାହିଁ ? ସୁତରାଂ ସେ ବୀର ଦର୍ପରେ ଶୋଠା ଠକ୍ ଠକ୍ କରି ଚାଲିଗଲା । ପଛରେ ତା ସମ୍ବନ୍ଧରେ କିଏ କଣ କହୁଛି ବା କହିପାରେ, ତାହା ଭାବିବାକୁ ତାର ନେପରି ତଳେ ମାତ୍ର ଅବସର ବା ଆଗ୍ରହ ନାହିଁ ।

ଦୁର୍ଗାମାଧବର "ବିବାହର ଉଦ୍‌ଯୋଗ" କଥାଟା ନେଇ ମେସ୍‌ରେ ଗୋଟାଏ କୌତୁକ ତେଉ ଖେଳିଗଲା । କଥାଟା ଯେ ଶୁଣିଲା ସେ ହସିଲା । ହଠାତ୍ ଦିନ ଦିପହର ବେଳେ ଦୁର୍ଗାମାଧବର ବିବାହର ସ୍ୱପ୍ନ ଏବଂ ସେଥିପାଇଁ ବ୍ୟାକୁଳତା ଓ ଉଦ୍‌ଯୋଗ ବାସ୍ତବିକ ବଡ଼ ହାସ୍ୟକର । ଦୁର୍ଗାମାଧବ ଜୀବନରେ ଅନେକ ଥର ପାଗଳାମି କରିଛି ଏବଂ ପାଗଳ ବୋଲି ମଧ୍ୟ "ଖ୍ୟାତି" ଅର୍ଜିଛି । କିନ୍ତୁ ଆଜିର ଏ ପାଗଳାମି ଏକ ଅତି ବିଚିତ୍ର ବ୍ୟାପାର । ଆଗରୁ ଦୁର୍ଗାମାଧବର ଯେତେ ଯେତେ ପାଗଳାମି ପ୍ରକାଶ ପାଇଛି, ଏ ଯେପରି ସେ ସମସ୍ତଙ୍କୁ ଟପି ଏକାବେଳକେ ହିମାଳୟର ଏଭରେଷ୍ଟ ଚୂଡ଼ା ପରି ମୁଣ୍ଡ ଟେକି ଉଠିଲା । ମେସ୍‌ର ମିଳିଏ ଏ ନୂଆ ପାଗଳାମିଟାକୁ ତନ୍ନ ତନ୍ନ କରି ବୁଝିବାକୁ ଚେଷ୍ଟା କଲେ । ଦୁର୍ଗାମାଧବର ପାଗଳାମି ସାଧାରଣ ପାଗଳାମିଠାରୁ ଭିନ୍ନ—ସେଥିରେ ଥାଏ ଗମ୍ଭୀର ଆନ୍ତରିକତା । ସୁତରାଂ ଏ "ବିବାହର ଉଦ୍‌ଯୋଗ" କଥାଟାକୁ ହସି ଉଡ଼ାଇ ଦେବାକୁ କାହାରି ସାହସ ହେଲା ନାହିଁ । ଉଦ୍‌ଯୋଗଟା ଯେ ନିଶ୍ଚୟ ବିବାହ ପାଇଁ ଏବଂ ସେ ବିବାହଟା ଯେ ସ୍ୱୟଂ ଉଦ୍‌ଯୋଗୀ ପୁରୁଷର, ଏ ବିଷୟରେ କାହାରି ତିଳେ ମାତ୍ର ସନ୍ଦେହ ରହିଲା ନାହିଁ ।

ତେବେ କଥା ହେଉଛି,—ଦୁର୍ଗାମାଧବ କାହାର ପ୍ରଣୟରେ ପଡ଼ିଲା, କିପରି ପଡ଼ିଲା, କି ହେତୁ ପଡ଼ିଲା, କେଉଁ ଦିନ ବା ଏ ପ୍ରଣୟର ସୂତ୍ରପାତ ହୋଇ ଉଦ୍‌ଯୋଗ ପର୍ବ ପର୍ଯ୍ୟନ୍ତ ମାଡ଼ିଲା ଆସିଲା—ଏ ସବୁ ଗମ୍ଭୀର ଗବେଷଣାର କଥା ନେଇ ମେସ୍‌ରେ ତୁମୁଳ ଆଲୋଚନା ଲାଗିଗଲା । କିନ୍ତୁ କେହି କୌଣସି ସିଦ୍ଧାନ୍ତରେ ଉପନୀତ ହୋଇ ପାରିଲେ ନାହିଁ । ରହସ୍ୟଟା ସମସ୍ତଙ୍କ ପାଖରେ ରହସ୍ୟମାନ ରହିଗଲା । ଶେଷରେ ରାଧା ମୁରବି ହସା ଦେଇ ବକ୍ତୃତା ଭଙ୍ଗୀରେ କହିଲା—ଆହେ ମେସ୍‌ବାସୀ ଭାଇବୃନ୍ଦ ! ପାଗଳାର କଥା ନେଇ ଏତେ ମୁଣ୍ଡ ଘାମିଲେ ତ ଚଳିବ ନାହିଁ । ଦେଖ, କେଉଁଠା ପାଣି କେଉଁଠିକି ଯାଉଚି । ଅନ୍ତତଃ ଉଦ୍‌ଯୋଗୀ ପୁରୁଷ ଫିରିକି ଫେରି ଆସିବା ପର୍ଯ୍ୟନ୍ତ ଟିକିଏ ଅପେକ୍ଷା କର । ତେଣିକି ସମସ୍ତ ତଥ୍ୟ ଦିବାଲୋକ ପରି ସ୍ପଷ୍ଟ ହୋଇଉଠିବ ।

ରାଧାବଲ୍ଲଭର ଏ ସାହିତ୍ୟିକ ବକ୍ତୃତା ଶୁଣି ସମସ୍ତେ ଚୁପ୍ ହେଲେ । କିନ୍ତୁ ସମସ୍ତଙ୍କ ମନେ ମନେ ଗୋଟାଏ ଗମ୍ଭୀର କୌତୂହଳ ବଢ଼ି ଚାଲିବାକୁ ଲାଗିଲା । ସମଗ୍ର ମେସ୍‌ଟା ଉଦ୍‌ଗ୍ରୀବ ହୋଇ ପାଗଳ ଦୁର୍ଗାମାଧବର ପ୍ରତ୍ୟାଗମନ ପ୍ରତୀକ୍ଷାରେ ରହିଲା ।

ତେଲଙ୍ଗା ବଜାର ଗଳିରେ ମୁକ୍ତିଆର ରମଣଙ୍କର ବାବୁଙ୍କର ନିବାସ । ପୁରା ନାମ ରମଣଙ୍କର ନାୟକ । ଜାତିରେ ଖଣ୍ଡାୟତ ।

ଦୁର୍ଗାମାଧବ ରମଣଙ୍କର ବାବୁଙ୍କ ବାସଭବନ ସମ୍ମୁଖରେ ଉପସ୍ଥିତ ହୋଇ ସଦର ଦ୍ୱାର ବନ୍ଦ ଦେଖି ଡାକିଲା—ହଇ ରେ ! କିଏ ଅଛ ରେ !—କିନ୍ତୁ କୌଣସି ଜବାବ୍ ପାଇଲା ନାହିଁ । ସେ ଦିନ ରବିବାର । କଚେରୀ ବନ୍ଦ । ରମଣଙ୍କର ଅନ୍ତଃପୁରରେ ଦିବାନିଦ୍ରା ଭୋଗ କରୁଥିଲେ । ବେଳ ପ୍ରାୟ ଗୋଟାଏ ଘଣ୍ଟା ହେବ । ଘରର ସମସ୍ତେ ନିଦ୍ରିତ । ଜବାବ୍ ଦେଉଛି କିଏ ? ଦୁର୍ଗାମାଧବ ପୁନର୍ବାର ଚିତ୍କାର କଲା—ହେ ବେହେରା—କିଏ ଅଛ ରେ ?



Digitized by srujanika@gmail.com

ଦାଣ୍ଡ କୋଠରୀରେ ରମଣଙ୍କର ବାବୁଙ୍କ ଗୃହର ଚେମେଇ ବାରିକ ଟିକିଏ ଦିପହରିଆ ଆସକତ ନେଉଥିଲା । ଦୁର୍ଗାମାଧବର ନଡ଼ାଡ଼ ପଡ଼ାଡ଼ ଡାକରେ ତାର ନିଦ୍ରାରେ ବ୍ୟାଘାତଘଟିଲା । ସେ ବିରକ୍ତ ହୋଇ କହିଲା—କିଏ ନାହିଁ ମ ! ସବୁ ଅଛନ୍ତି । କିଏ କହୁଛ ?

ଦୁର୍ଗାମାଧବ କଡ଼ା ଗଳାରେ ଜବାବ୍ ଦେଲା—ଆଗେ କବାଟ ଖୋଲି ବାହାରକୁ ଆସିଲେ ଯିନା ବୁଝାଯିବ !

"ଓଃ, ରାମ୍ ରାମ୍" କହି ଚେମେଇ ବାରିକ କୁଣ୍ଠିତ ପଦରେ ଆସି ଦୁଆର ଖୋଲିଦେଇ ଦେଖିଲା—ଦୁଆର ସାମନାରେ ଏକ ପ୍ରକାଣ୍ଡ ମୂର୍ତ୍ତି ଦଣ୍ଡାୟମାନ । ଚେହେରା ଖଣ୍ଡିକ ଯୁବକର ଚେହେରା ହେଲେ ସୁଦ୍ଧା ଟିକିଏ ଭୀତିପ୍ରଦ । ଦେଖିଲେ ଜଣାଯାଏ, ଦେହରେ ଯେପରି ଛଅଟା ସିଂହର ବଳ । ବିଶାଳ ବାହୁ, ପ୍ରଶସ୍ତ ବକ୍ଷ, ଘୋର ଚକ୍ଷୁ । ବିଶେଷତଃ ମୁଣ୍ଡରେ ପଗଡ଼ି, ହାତରେ ଶୋଠା ଦେଖି ଚେମେଇ ବାରିକର ମାଟି ଖସି ମାଇଗଲା । ଦୁନିଆରେ ଚେମେଇର ଡରିବାର ଜିନିଷ ଯଦି କିଛି ଥିଲା, ତେବେ ତାହା ପଗଡ଼ି ଏବଂ ଶୋଠା । ତାର ବେଶ୍ ମନେ ଅଛି, ଏକସମୟରେ ସେ ଗୋଟାଏ ପଗଡ଼ିବାଲା କାବୁଲି ହାବୁଡ଼ରେ ପଡ଼ିଥିଲା ଏବଂ ଅଳପକେ ଖସି ଯାଇଥିଲା । ଶୀତ ଦିନେ ଘୋଡ଼ିହେବା ପାଇଁ ଆଠ ନଅ ହାତ ଖଣ୍ଡିଏ ଶାଲ ନେଇ ସେ କିଛି କାବୁଲିବାଲୀ ରଖିଥିଲା । ସେତିକି ସେ ଅନେକ ଦିନ ପର୍ଯ୍ୟନ୍ତ ଶୁଝି ପାରି ନଥିଲା ଏବଂ ସେହି କାରଣରୁ ଠିକ୍ ଏପରି ଜବ୍ବର ଠେଙ୍ଗା ତାହା ପିଠିରେ ଆସି ବାଜିଥିଲା । ଏ ପର୍ଯ୍ୟନ୍ତ ସେଠି ଜଖମ୍ ରହିଛି—ବୋଧହୁଏ ଇହସଂସାରରୁ ବିଦାୟ ନେବା ତକ୍ ସେ ସ୍ମୃତି ସେହିପରି ଉଜ୍ଜ୍ୱଳ ରହିଥିବ ।

ସୁତରାଂ ମୁଣ୍ଡରେ ପଗଡ଼, ହାତରେ ଠେଙ୍ଗା ଦେଖି ଚେମେଇ ଭିନି ସଲାମ୍ କଲା ଏବଂ ଅତ୍ୟନ୍ତ ଅନୁତପ୍ତ ସ୍ୱରରେ ମହାଜନ ଆଗରେ ଦେଣାଦାର ଖାତକ ପରି, ନେଫଡ଼ ହୋଇ କହିଲା—ଆଜ୍ଞା, ଆଜ୍ଞା, ଆପଣ ଆସି ଏଠି ଏତେବେଳଟାରେ ଛିଡ଼ା ହୋଇ ରହିଛନ୍ତି—ମୁଁ ଜାଣି ନ ଥିଲି । ମାଫ୍ କରିବେ । କଣ ହୁକୁମ ହଉଛି ?

ଦୁର୍ଗାମାଧବ ପଚାରିଲା—ହଇରେ, ତୋର ନାମ୍ଟା କଣ ?

ଚେମେଇ ବିନୀତ ଭାବରେ ଜବାବ୍ ଦେଲା—ଚେମେଇ ।

ଦୁର୍ଗାମାଧବ ପଚାରିଲା—ଚେମେଇ, ଏଇଟା କଣ ରମଣଙ୍କର ବାବୁଙ୍କ ଘର ?

ଚେମେଇ କହିଲା—ଆଜ୍ଞା, ଏଇଟା । ବାବୁଙ୍କ ପାଖରେ କିଛି ଦରକାର, କିଛି ମାଲି ମକଦମାର କଥା—

ଦୁର୍ଗାମାଧବ ବାଧା ଦେଇ କହିଲା—ବାବୁ ଘରେ ଅଛନ୍ତି ?

ଚେମେଇ ମୁଣ୍ଡ ହୁଙ୍କାରି ଦେଇ କହିଲା—ପଢ଼ାକୁ ଯାଇଛନ୍ତି ।

ଏହି ସମୟରେ ରମଣଙ୍କର ବାବୁଙ୍କ ପଢ଼ା ଭାଙ୍ଗିବାର ସୂଚନା ମିଳିଲା । ଅକାଳେ ହେଉ, ସକାଳେ ହେଉ, ରମଣଙ୍କର ନିଦରୁ ଉଠିଲେ "ହରିହେ ତୁମ୍ଭେହିଁ ଭରସା" ବୋଲି ଡାକ ଦେଇ ଉଠନ୍ତି । ଚେମେଇ ତା ଶୁଣି କହିଲା—ଏଇ ତ ବାବୁଙ୍କର ପଢ଼ାତ ଭାଙ୍ଗିଲାଣି । ଖବର ଦେବି କି ଆଜ୍ଞା ?

ଦୁର୍ଗାମାଧବ କହିଲା—ଜରୁର୍ ଦେବା ଦରକାର । ଏହା କହି, ସେ ଦାଣ୍ଡ ଘରେ ଯେଉଁ ବେଞ୍ଚଟା ପଡ଼ିଥିଲା ତାହା ଉପରେ ଗମ୍ଭୀର ମୂର୍ତ୍ତିରେ ବସିରହି ରମଣଙ୍କରଙ୍କ ଆଗମନର ଅପେକ୍ଷା କରିବାକୁ ଲାଗିଲା ।

ରମଣଙ୍କର, କୌଣସି ମହକିଲ ଆସିଥିବ ବୋଲି ଭାବି, ଖଡ଼ମ୍ ଖଟ୍ଖଟ୍ କରି ବାହାରକୁ ଆସିଲେ । ଦେଖିଲେ, ଏକ ବଳିଷ୍ଠକାୟ ଯୁବକ ମୁଣ୍ଡରେ ପଗଡ଼ି ବାନ୍ଧି, ହାତରେ ଠେଙ୍ଗା ଧରି ଚୌକି ଉପରେ ବସି ଅପେକ୍ଷା କରୁଛି । ସେ ତ ମହକିଲ ପରି ଦେଖାଯାଉ ନାହିଁ । ମାମଲାବାଜ୍ ମାମଲତକାରମାନଙ୍କର ଚେହେରା ଯେ ଭିନ୍ନ ରକମ । ତେବେ ଏ ଲୋକଟି କିଏ ? ଏବଂ କେଉଁ ଜାତିର ଲୋକ ? ଏ ଧୂମ ଖରାବେଳେ ଆସିବାର ଉଦ୍ଦେଶ୍ୟ ବା କଣ ? ରମଣଙ୍କର କେଉଁ ଭାଷାରେ ଆଗନ୍ତୁକଙ୍କୁ ଅଭ୍ୟର୍ଥନା କରିବେ ଭାବି ଠିକ୍ କରି ପାରିଲେ ନାହିଁ । ମୁଣ୍ଡର ପଗଡ଼ି ଏବଂ ହାତର ଠେଙ୍ଗା ତାଙ୍କୁ ଟିକିଏ ଅପ୍ରସ୍ତୁତ କରିଦେଲା ।

ଗୋଟାଏ କଥା ଏଇଠାରେ କହି ରଖିବା ଦରକାର । ମୁଣ୍ଡର ପଗଡ଼ିଟା ଦୁର୍ଗାମାଧବର ବିଶେଷତ୍ୱ । ଏପରି କି, ଦୁର୍ଗା ପ୍ରତି ଦିନ ଏହି ଫେଟାଟା ନ ବାନ୍ଧି କଲେଜକୁ ଯାଏ ନାହିଁ । ପ୍ରଥମେ ଯେତେବେଳେ ସେ ପଗଡ଼ି ବନ୍ଧା ମୁଣ୍ଡଟା ନେଇ କଲେଜ କ୍ଲାସରେ ବସିବାକୁ ଗଲା ସେତେବେଳେ କେତେ ଥଟ୍ଟା-ଠାପରା, ବ୍ୟଙ୍ଗ-ବିଦ୍ରୂପ ଯେ ସେ ମୁଣ୍ଡଟା ଉପରେ ବର୍ଷିଲା, ତାର ଇୟତ୍ତା ନାହିଁ । କିନ୍ତୁ ମୁଁ ପୂର୍ବରୁ କହିଛି—ବ୍ୟଙ୍ଗ-ବିଦ୍ରୂପରେ ବିଚଳିତ ହେବା ଲୋକ ଦୁର୍ଗାମାଧବ ନୁହେ । ସୁତରାଂ କାଳକ୍ରମେ ସେଗୁଡ଼ାକ ଆପେ ଆପେ ପାଣି ଫୋଟକା ପରି ମିଳାଇଗଲା ଏବଂ ପଗଡ଼ି ଯଥାସ୍ଥାନରେ ତାର ଆସ୍ଥାନ ମାଡ଼ି ଦୃଢ଼ ହୋଇ ରହିଗଲା । ଅନ୍ୟ ଲୋକେ ଏହାକୁ ପାଗଳାମିର ଅଙ୍ଗ ବୋଲି ଧରି ନେଇ ଆତ୍ମପ୍ରସାଦ ଅନୁଭବ କଲେ । ଆଉ ବାକି ଠେଙ୍ଗାର କଥା । ସେଟା ଅଳ୍ପ କେତେ ଦିନ ହେଲା ପଗଡ଼ିର ସହଚର ହୋଇ ଦେଖାଦେଇଛି—ହେଲେ, ଏପର୍ଯ୍ୟନ୍ତ ତାହା କଲେଜ ସୀମା ଡେଇଁ ନାହିଁ । କିନ୍ତୁ ଅନ୍ୟନ୍ୟ ତାର ଅବାଧ ଗତି । ଦିନେ ଯେ ତାହା ଯାଇ କଲେଜରେ ମଧ୍ୟ ଆତ୍ମପ୍ରକାଶ କରିବ ଏପରି ଆଶଙ୍କା ବରାବର ରହିଛି । ତେବେ, ଦୁର୍ଗାମାଧବର ଏ ପଗଡ଼ି ଓ ଠେଙ୍ଗା ପ୍ରୀତିର କାରଣ କଣ ? କାରଣ ଆଉ କିଛି ନୁହେ ; ତାର ବିଶ୍ୱାସ—ଏହି ଠେଙ୍ଗା ଏବଂ ପଗଡ଼ି ଅଭାବରୁ ଓଡ଼ିଆ ଜାତି ସବୁ ପ୍ରାଚୀନ ଜାତି ନିକଟରେ ଝାଉଁଳି ଲୋପ ପାଇ ଯାଉଛି । ଯେଉଁ ଦିନ ଓଡ଼ିଆ ଶୋଠା ଏବଂ ପଗଡ଼ିର ଉପଯୁକ୍ତ



Digitized by srujanika@gmail.com

ଆଦର କରି ଶିଖିବ ସେ ଦିନ ତାର ତେଜ, ଓଜ, ବଳ, ବୀର୍ଯ୍ୟ ସବୁ ଫେରି ଆସିବ ।

ଯାଉ ସେ କଥା । ରମଣଙ୍କର ବାବୁଙ୍କ ଆବିର୍ଭାବ ଦେଖି ଦୁର୍ଗାମାଧବ ଚୌକିରୁ ଉଠି ଯଥାଯଥ ଅଭିବାଦନ କଲା । ତତ୍ପରେ ଆତ୍ମପରିଚୟ ଦେଇ କହିଲା—ତାର ନାମ ଦୁର୍ଗାମାଧବ ବର୍ମା । ଜାତିରେ କରଣ,—ଘର ବାଲେଶ୍ୱର ଜିଲ୍ଲାର ଭଦ୍ରକ ସବ୍-ଡିଭିଜନ ଅନ୍ତର୍ଗତ ପାଳିଆ ଗ୍ରାମରେ । ଅଧୁନା ସେ କଲେଜର ଚତୁର୍ଥ ବାର୍ଷିକ ଶ୍ରେଣୀର ଛାତ୍ର—ମାସ କେତୋଟା ଗଡିଗଲେ ସେ ବି. ଏ. ପରୀକ୍ଷାରେ କୃତିତ୍ୱ ସହିତ ଉତ୍ତୀର୍ଣ୍ଣ ହୋଇ ବାହାରି ପଡ଼ିବ ।

ରମଣଙ୍କର ବାବୁ ବୁଝିଲେ,—ଯୁବକଙ୍କ ଖାଣ୍ଟି ଓଡ଼ିଆ ଘର ପୁଅ, ମୁଣ୍ଡର ପଗଡ଼ି ଏବଂ ହାତର ଶୋଠା ବୋଧହୁଏ ହାଲରୁ ଗୋଟାଏ ନୂଆ ଫେସନ ବାହାରିଛି; କାରଣ ତାହା ନେ ଅନେକ ସମୟରେ କଲେଜ-କାରଖାନାରୁ ବାହାରି ଥାଏ । ଯାହାହେଉ, ସେ ଯୁବକକୁ ଉତ୍ସାହିତ କରି କହିଲେ—ବେଶ୍, ବେଶ୍ ବାପା, ତୁମର ପରିଚୟ ପାଇ ଖୁସି ହେଲି । ମୋ ପାଖରେ ବିଶେଷ କିଛି କାର୍ଯ୍ୟ ଅଛି ?

ଦୁର୍ଗାମାଧବ ତୁରନ୍ତ ପଚାରିଲା—ଶ୍ରୀମତୀ ହେମଲତା କି ଆପଣଙ୍କର କନ୍ୟା ?

ପ୍ରଶ୍ନଟା ଶୁଣି ରମଣଙ୍କର ଅବାକ୍ ହୋଇଗଲେ । ପ୍ରଶ୍ନକର୍ତ୍ତାର ଏଭଳି ପ୍ରଶ୍ନ ପଚାରିବାର ଉଦ୍ଦେଶ୍ୟ ? "ଶ୍ରୀମତୀ ହେମଲତା" ତାଙ୍କର କନ୍ୟା ହେଲା ବା ପୁତ୍ର ସନ୍ତାନ ହେଲା, ସେ ଖବର ରଖିବା ଲୋକଟାର କି ଦରକାର ? ଯାହାହେଉ, ସେ ଜବାବ୍ ଦେଲେ—ହଁ, ହେମ ମୋର କନ୍ୟା । ତେବେ ସେ କଥା କାହିଁକି ଜାଣିବାକୁ ଚାହଁ ?

ଦୁର୍ଗାମାଧବ କହିଲା—ଗଲ ମାସର ଉତ୍କଳ ସାହିତ୍ୟରେ ସେ ହେମଲତାର ଆଜିକାଲିକା ଓଡ଼ିଆ ଝିଅର ବେଶଭୂଷାରେ "କ୍ଲୀବତ୍ୱ" ଶୀର୍ଷକ ପ୍ରବନ୍ଧଟି ପଢ଼ି ଏକାବେଳକେ ମୁଗ୍ଧ ହୋଇଛି । ପ୍ରବନ୍ଧ ଲେଖିକା ସହିତ ସେ ସମ୍ପୂର୍ଣ୍ଣ ଏକମତ । ହେମଲତା ଓ ଦୁର୍ଗାମାଧବ ଯେ ଏକ ପ୍ରକୃତିର ଲୋକ ଏବଂ ଉଭୟଙ୍କର ଆଦର୍ଶ ଯେ ଏକ—ଏହା ସେଥିରୁ ସ୍ପଷ୍ଟ ପ୍ରମାଣିତ । ସେ ହେମଲତା ବିଷୟରେ ସମସ୍ତ କଥା ପତ୍ରିକା ସମ୍ପାଦକଙ୍କଠାରୁ ବୁଝି ଏଠାକୁ ଆସିଛି । ଏକ ପ୍ରକୃତି ସମ୍ପନ୍ନ ଓ ସମଭାବାପନ୍ନ ଆତ୍ମା ଦୁଇଟିର ମିଳନ ଏକାନ୍ତ ବାଞ୍ଛନୀୟ । ସୁତରାଂ ସେ ହେମଲତାର ପାଣିପ୍ରାର୍ଥୀ !

ଦୁର୍ଗାମାଧବ କଥାଗୁଡ଼ାକ ନିଃସଙ୍କୋଚରେ, ମୁଖସ୍ଥ କଲାପରି ଗଡ଼ଗଡ଼ କରି କହିଗଲା । ରମଣଙ୍କର ଜଳଜଳ ହୋଇ ଚାହିଁ ରହିଲେ । ଚାକର ଚେପେଇ ବାଟିକ ଇତ୍ୟବସରରେ ରମଣଙ୍କରଙ୍କ ହାତକୁ ହୁକା ସଜାଇ ବଢ଼ାଇ ଦେଲା । ରମଣଙ୍କର ଗୁଡ଼ୁ ଗୁଡ଼ୁ ଧୂମପାନ କରିବାକୁ ଆରମ୍ଭ କଲେ ଏବଂ ମନେ ମନେ ଭାବିଲେ—ଲୋକଟା ବଦ୍ଧ ପାଗଳ ନା କଣ ? ନଚେତ୍ ଏତେ ବଡ଼ ନିର୍ଲଜ୍ଜ କଥାଟା ସେ କିପରି ତୁଣ୍ଡ ଖୋଲି କହିବାକୁ ସାହସ କରୁଛି ? ଏପରି ଲୋକକୁ କେବଳ ଅର୍ଦ୍ଧଚନ୍ଦ୍ର ବ୍ୟବସ୍ଥା ଦରକାର । କିନ୍ତୁ ଗୋଟାଏ କଥା ତାଙ୍କର ବିବେଚନାକୁ ଆସିଲା । ସେ ଭାବିଲେ —ଆଜିକାଲି ଦୁନିଆଟା ଯେପରି କ୍ଷିପ୍ରଗତିରେ ବଦଳି ଯାଉଛି ଏବଂ କଲେଜ ପଢୁଆ ଟୋକାଗୁଡ଼ାଙ୍କର ମନୋଭାବ ଯେମିତି ଓଲଟ୍ ପାଲଟ୍ ହୋଇଯାଉଛି, ସେପରି ଅବସ୍ଥାରେ ଏ ଯୁବକର ଅଦ୍ଭୁତ ଆଚରଣରେ ଆଶ୍ଚର୍ଯ୍ୟ ବା ବିରକ୍ତ ହେବାର ତ କୌଣସି କାରଣ ନାହିଁ । ତାଙ୍କୁ ତ ଯୁଗଧର୍ମ ମାନି ଚଳିବାକୁ ହେବ ।

ସାତ ପାଞ୍ଚ ଭାବି ରମଣଙ୍କର ବାବୁ ଦେଖିଲେ ଯେ ଯୁବକ ସହିତ ରୂଢ଼ ବ୍ୟବହାର କରିବାଟା ଅନୁଚିତ । ବିଶେଷତଃ ଯୁବକ ଲଠିହସ୍ତ—ଯୌବନର ଗରମ ରକ୍ତ ଧମନୀରେ ଟକ୍ ଟକ୍ ହୋଇ ଫୁଟୁଛି । ଯଦି ଅଧେ କର୍କଶ କଥା ତୁଣ୍ଡରୁ ବାହାରି ପଡ଼ିଲେ, ତେଣିକି ମାମଲା ଫୌଜଦାରୀ ଆଇନର ଗଣ୍ଡିଭୁକ୍ତ ହୋଇପାରେ । ତେଣୁ, ବିଚକ୍ଷଣ ମୁକ୍ତିଆର ରମଣଙ୍କର ବାବୁ ଭାବି ଠିକ୍ କଲେ ଯେ ଯୁବକ ସହିତ କୋମଳ ବ୍ୟବହାର କରି ଅତି ସତର୍କଭାବରେ ତାକୁ ବିଦାୟ କରିବା ହିଁ ହେବ ପ୍ରକୃତ ବୁଦ୍ଧିମାନର କାର୍ଯ୍ୟ ।

ଏହା ଭାବି ସେ କହିଲେ—ବାପା, ତୁମ୍ଭ ପରି ସଦ୍‌ବଂଶଜ ସନ୍ତାନ ହାତରେ କନ୍ୟାପ୍ରଦାନ କରିବାକୁ ମୋର ଆପତ୍ତି ନ ଥିଲା । କିନ୍ତୁ ତା କି ସମ୍ଭବ ? ଖଣ୍ଡାଏତ ଓ କରଣ ଏ ଦୁଇ ଜାତିର ବୈବାହିକ ସମ୍ବନ୍ଧ ତ ଏପର୍ଯ୍ୟନ୍ତ ସମାଜ ଗ୍ରହଣ କରି ନାହିଁ । ଗୋଟାଏ ଦୁଇଟା ସ୍ଥାନରେ ତାହା ହେବାର ଶୁଣାଯାଏ ସତ । ହେଲେ, ସମାଜ ଜନପଟା ହେଲା ଦୋଷର ।

ଦୁର୍ଗାମାଧବ ଉତ୍ତେଜିତ ଭାବରେ କହିଲା—ସେ ସମାଜ ମୁହଁରେ ମୁଁ ପଦାଘାତ କରିବାକୁ ଚାହେଁ । ତା' ଛଡ଼ା, ଖଣ୍ଡାଏତ ଓ କରଣ ଏ ଦୁଇ ଜାତି ଯେ ଏକ, ଏଟା ମୋର ଦୃଢ଼ ଧାରଣା ଏବଂ ଏ ବିଷୟରେ ମୁଁ ଗୋଟାଏ ପ୍ରବନ୍ଧ ଲେଖି ପତ୍ରିକାକୁ ଦେବାକୁ ପ୍ରସ୍ତୁତ ରହିଛି । ସେଥିରେ ମୁଁ ପ୍ରମାଣ କରିଛି ଯେ ଏ ଦୁଇ ଜାତିର ମୂଳ ଏକ । ପ୍ରବନ୍ଧଟା ପ୍ରକାଶିତ ହେଲେ ଆପଣ ସବୁ ବୁଝି ପାରିବେ । ତା' ଛଡ଼ା ଆହୁରି ଗୋଟାଏ କଥା ଏହି ଯେ ଅକାରଣରେ ଅସଂଖ୍ୟ ଜାତି ଉପଜାତିରେ ବିଭକ୍ତ ହୋଇ ଆମ ଦେଶଟା ଛାରଖାର ହୋଇଯାଉଛି । ଏ ଅସ୍ମୃକୃତ ଅପରାଧର ପ୍ରାୟଶ୍ଚିତ୍ତ ଆମ୍ଭମାନଙ୍କୁ ହିଁ କରିବାକୁ ହେବ ।

ଦୁର୍ଗାମାଧବ ଏ ସବୁ କଥା ଗୋଟାଏ ବକ୍ତୃତାଭଙ୍ଗୀରେ ଅନର୍ଗଳ ଭାବରେ କହିଗଲା । ରମଣଙ୍କର ବଡ଼ ଅଡୁଆରେ ପଡ଼ିଲେ । ଲୋକଟା ତ ସହଜ ନୁହେ—ଭାରି ଜିଦଖୋର, ଭାରି ଏକବୁଝା । ଏଥିକୁ ଉପାୟ କଣ ? ଅବଶେଷରେ ରମଣଙ୍କର ଗୋଟାଏ ବୁଦ୍ଧି



Digitized by srujanika@gmail.com

ପାଞ୍ଚ କହିଲେ—ଆଚ୍ଛା, ବାପା, ବିବାହ ପାଇଁ ଏତେ ବ୍ୟସ୍ତ କାହିଁକି? ଆଗେ ପରୀକ୍ଷାଟା ପାଶ୍ କରିସାର । ତା ପରେ ଏ ପ୍ରସଙ୍ଗ ଆଲୋଚନା କଲେ ସୁନ୍ଦର ଦେଖାଯିବ । ପୁଣି ନିଜର ମୁରବିମାନଙ୍କ ମତାମତ ନେଇ ତ ବିବାହ କରିବ? ସେଥିପାଇଁ କିଛିଏ ସମୟ ଦରକାର । ତା ନ ହେଲେ ହେବ କିପରି ?

ଦୁର୍ଗାମାଧବ ଉତ୍ତର ଦେଲା ଯେ ବି.ଏ. ପାଶଟା ତା' ହାତମୁଠାରେ ଅଛି—ସେଟା ଜରୁର୍ ହେବ ଏବଂ ସମ୍ମାନର ସହିତ ସେ ବି.ଏ. ପାଶ୍ କରିବ । ସୁତରାଂ ରମଣଙ୍କରଙ୍କର ସେଥିପାଇଁ ଚିନ୍ତିତ ହେବା ଉଚିତ ନୁହେଁ । ଦ୍ୱିତୀୟତଃ, ବିବାହ ବିଷୟରେ ସେ ମୁରବି-ମାନଙ୍କର ମତାମତର ଅପେକ୍ଷା ରଖିବାକୁ ଦରକାର ମନେକରେ ନାହିଁ । ସେ ବିଷୟରେ ମଧ୍ୟ ସେ ଏକ ପ୍ରବନ୍ଧ ଲେଖି ସାରିଛି । ତୃତୀୟତଃ, ସମୟ ଦେବା ପାଇଁ ସେ ଅନିଚ୍ଛୁକ ନୁହେଁ । ସେ ଚାହେଁ, ଗୋଟାଏ ଜବାବ୍ । ବିବାହଟା ବର୍ଷେ, ଦୁଇ ବର୍ଷ, ବା ପାଞ୍ଚ ବର୍ଷ ପରେ ହେଉ ସେଥିରେ ତାର ତିଳାର୍ଦ୍ଧ ଆପତ୍ତି ନାହିଁ । କିନ୍ତୁ ଅସଲ କଥା ହେଉଛି—ଏ ବିବାହର ଯେ ମୂଳନୀତି ସେଟା ଆଗେ ସ୍ୱୀକାର କରିବାକୁ ହେବ, କାରଣ ଦୁର୍ଗାମାଧବ ମତରେ ତାହା ସର୍ବଥା ସ୍ୱୀକାର୍ଯ୍ୟ ।

ରମଣଙ୍କର ଏ କଥାଗୁଡ଼ାକ ଶୁଣି ଅବାକ୍ ହୋଇଗଲେ । ଫୌଜଦାରୀ ଅଦାଲତରେ ବିପକ୍ଷ ପକ୍ଷର କେତେ ଅକାଟ୍ୟ ଯୁକ୍ତି ସେ କଚ୍ କଚ୍ କରି କାଟି ଫିଙ୍ଗି ଦେଇଛନ୍ତି । କିନ୍ତୁ ଏ ଲୋକଟାର ପାଲରୁ ନିସ୍ତାରର ଉପାୟ କଣ ? ବହୁତ ଭାବି ଚିନ୍ତି ରମଣଙ୍କର କହିଲେ—ଦେଖ ବାପା, ଏ ବଡ଼ ଜଟିଳ ସମସ୍ୟା । ଏହି ମୁହୂର୍ତ୍ତରେ ଯେ ଏଟା ମୀମାଂସା ହୋଇଯିବ ତା ନୁହେଁ । ମୋତେ ଭାବି ଚିନ୍ତି ସାର କରିବାକୁ ସମୟ ଦିଅ । ଦୁର୍ଗାମାଧବ ଏହା ଶୁଣି ଉଠିକି କହିଲା—ତେବେ ମୁଁ ପନ୍ଦର ଦିନ ପରେ ଆସିବି ; ଇତ୍ୟବସରରେ ଆପଣ ଚିନ୍ତା କରି ଦେଖନ୍ତୁ । ତା ପରେ ସେ ଚୌକିରୁ ଉଠି ନମସ୍କାର କରି ତର ତର ହୋଇ ବାହାରି ଚାଲିଗଲା । ରମଣଙ୍କର ଫଁ କରି ଗୋଟାଏ ନିଶ୍ୱାସ ଛାଡ଼ି ବଞ୍ଚିଲେ । ଠିକ୍ ଏକ ପ୍ରକାଣ୍ଡ ଡମଣା ସାପ କବଳରୁ ବେଙ୍ଗଟାଏ ଦୈବାତ୍ ଖସି ଆସିଲେ ଯେପରି ଆଶ୍ୱାସନା ବୋଧ କରେ ରମଣଙ୍କର ସେହିପରି ଆଶ୍ୱସ୍ତ ହେଲେ । ଭାବିଲେ, ପାଗଳ ପାଲରୁ ଖୁବ୍ ଖସାଟା ଖସିଛନ୍ତି । ପୁଣି ନ ଫେରିଲେ ରକ୍ଷା ।

ରମଣଙ୍କର ଅନ୍ତଃପୁରକୁ ପ୍ରବେଶ କରି ଡାକିଲେ—ହେମ ?

ହେମଲତା ଜବାବ ଦେଲା—କଣ ବାପା ? ରମଣଙ୍କର ପଚାରିଲେ—ଉତ୍କଳ ସାହିତ୍ୟରେ କେବେ ଗୋଟାଏ ପ୍ରବନ୍ଧ ଲେଖିଥିଲୁ କି ମା ?

ହେମଲତା ବିସ୍ମିତ ନେତ୍ରରେ ଚାହିଁ ରହିଲା । ପ୍ରଥମେ ସେ ପିତାର ପ୍ରଶ୍ନଟା ବୁଝି ପାରିଲା ନାହିଁ । ପରେ ତାର ମନେ ପଡ଼ିଲା—ଦିନେ ହଠାତ୍ ସେ କାଗଜ କଲମ ନେଇ ଗୋଟାଏ ପ୍ରବନ୍ଧ ଲେଖି ପତ୍ରିକାକୁ ପଠାଇ ଦେଇଥିଲା । ସେ ସ୍ୱପ୍ନରେ ମଧ୍ୟ ଭାବି ନ ଥିଲା ଯେ ତାର ପ୍ରବନ୍ଧଟା ପତ୍ରିକାରେ ସ୍ଥାନ ପାଇବ । ବର୍ତ୍ତମାନ ରମଣଙ୍କରଙ୍କ ପ୍ରଶ୍ନ ଶୁଣି ପୁଲକିତ ହୋଇ ଭାବିଲା—ତେବେ କଣ ସମ୍ପାଦକ ମହାଶୟ ସେଟା ଦୟା-କରି ପ୍ରକାଶ କରିଛନ୍ତି ? ଏହା ଭାବି ସେ ପଚାରିଲା—କି ପ୍ରବନ୍ଧ ବାପା ? ରମଣଙ୍କର କହିଲେ—ତା କି ମୁଁ ଦେଖିଛି ? ତେବେ ଶୁଣିଛି—ଆଜିକାଲିକାର ପୋଷାକ ପରିଚ୍ଛଦ ସମ୍ବନ୍ଧରେ କଣ ଗୋଟାଏ । ହେମଲତା କହିଲା—ହଁ ବାପା, ଲେଖିଥିଲି; କଣ ହେଲା କି ? ରମଣଙ୍କର ଉତ୍ତର ଦେଲେ—ଯାହା ହେବାର ହେଲା ମା, ଆଉ ଲେଖ୍ ନା । ହେମଲତା ଏ କଥାର କୌଣସି ଅର୍ଥ ବୁଝି ନ ପାରି ଜଳ ଜଳ ହୋଇ ଚାହିଁ ରହିଲା । ପରେ ଟିକିଏ ମୁହଁ ଶୁଖାଇ ପଚାରିଲା—କେହି ନିନ୍ଦା କରୁଥିଲେ କି ? ରମଣଙ୍କର କହିଲେ—ଯା, ଯା, ନିନ୍ଦା କରିଥିଲେ ତ ଭଲ ହୋଇଥାନ୍ତା··· କିନ୍ତୁ ସେ ଯେ ପ୍ରଶଂସା ! ହେଲେ ସେ ପ୍ରଶଂସାରେ ଆମର ଦରକାର ନାହିଁ ମା । ମୋ କଥା ମାନ୍ । ଏ ସାହିତ୍ୟ ଚର୍ଚ୍ଚା ଛାଡ଼ ।

କିନ୍ତୁ ପ୍ରବନ୍ଧଟା ପ୍ରଶଂସିତ ହୋଇଥିବାର ଶୁଣି ହେମଲତାର ମୁଖମଣ୍ଡଳ କ୍ଷଣକେ ଦୀପ୍ତ ହୋଇ ଉଠିଲା । ସେ ଉତ୍ସାହର ଆତି-ଶଯ୍ୟରେ ପଚାରିଲା—କିଏ ପ୍ରଶଂସା କରୁଥିଲେ ବାପା ? ରମଣଙ୍କର କନ୍ୟାକୁ ଶାସନ କରି କହିଲେ—ଏତେ କଥାରେ ତୋର ଯାଏ ଆସେ କଣ ? ଆଜିଠାରୁ ମୁଁ କହି ଦେଉଛି ଆଉ ତୁ କିଛି ଲେଖି ପାରିବୁ ନାହିଁ ।

ହେମଲତାର ମନଟି ଫିକା ପଡ଼ିଗଲା । ଆଜି ପିତାଙ୍କର ଏ କି ବ୍ୟବହାର ? ଭଲ ମଣିଷ, ହଠାତ୍ ପାଗଳ ପ୍ରାୟ ହୋଇ ଉଠିଲେ କାହିଁକି ? ପ୍ରବନ୍ଧଟା ପ୍ରଶଂସିତ ହେବା କଅଣ ଗୋଟାଏ ଅପରାଧ ? ଆଉ ଯେ ପ୍ରଶଂସା କରୁଥିଲେ ତାଙ୍କ ନାମ ପ୍ରକାଶ କରିବାଟା କି ଦୋଷର କଥା ? ଏହା ଭିତରେ କି ରହସ୍ୟ ଅଛି ?

ହେମଲତା ଆଧୁନିକ ଢଙ୍ଗର ସ୍କୁଲ-କଲେଜର ନାଟକ-ନଭେଲ ପଢ଼ା ଝିଅ । ତା ମନରେ ଯେତେବେଳେ ସନ୍ଦେହର ଛାୟା ପାତ ହେଲା, ସେ ତାହା ମୋଚନ ନ କରି ଛାଡ଼େ କେତେବେଳେ ? ସେ ଦିନ ବାପା ବୋଉ ଗୋଟାଏ ନିର୍ଜନ କୋଠରୀରେ ବସି କଥାବାର୍ତ୍ତା ହେଉଥିଲେ । ଭଙ୍ଗାଘରକୁ କଣା ପଡ଼ୁଥିଲା—ଭାରି ଗୁପଚୁପ କଥା । ହେମଲତା କାନେଇ କାନେଇ ସବୁ ଶୁଣିଲା । ଯାହା ଶୁଣିଲା, ସେଥିରୁ ସେ ବେଶ ବୁଝିନେଲା ଯେ ତାକୁ ଆଶ୍ରୟ କରି ଗୋଟାଏ ଅଭିନବ କାଣ୍ଡ ଘଟିଯାଇଛି । ତାର ମନରେ ଲଜ୍ଜା ଜାତ ହେଲା—ସଙ୍ଗେ ସଙ୍ଗେ ମଧ୍ୟ ଆନନ୍ଦ, ଉଲ୍ଲାସ ଓ କିଞ୍ଚିତ୍ ଅହଙ୍କାର ଏବଂ ସର୍ବୋପରି ସେହି ଆଗନ୍ତୁକ ଅପରିଚିତ ଯୁବକଟି ପ୍ରତି ଟିକିଏ ଆକର୍ଷଣ ଜାତ ହେଲା । ତାର ନଗଣ୍ୟ ଲେଖାର ଆଦର କରି ତାକୁ କୃତଜ୍ଞତା ପାଶରେ ଚିର ଦିନ ପାଇଁ ଆବଦ୍ଧ କରିବାକୁ ଆସିଥିଲେ ସେ କିଏ ? ସେ କଣ ସତେ ହେମଲତାକୁ



Digitized by srujanika@gmail.com

ନିଜର କରିବାକୁ ଚାହାନ୍ତି ? ହେମଲତାର ମୁଖମଣ୍ଡଳ ଏହା ଭାବି ଲାଲ ହୋଇ ଉଠିଲା । ତାର ଅଙ୍ଗଲତାଟି କଣ୍ଟକିତ ହେବାକୁ ଆରମ୍ଭ କଲା, ଛାତିଟା ଅଜାଣିତରେ ଧୁକ୍ ଧୁକ୍ ହୋଇ ଉଠିଲା । ହେମ ଚମକି ପଡ଼ି ଆକାଶକୁ ଅନାଇ ଦେଖିଲା ଶୁଭ୍ର ସୁନ୍ଦର ମେଘମାଳା ଇତସ୍ତତଃ ଉଡ଼ି ବୁଲି କି ବୈଚିତ୍ର୍ୟ ସୃଷ୍ଟି କରିଅଛନ୍ତି । ଚତୁର୍ଦ୍ଦିଗର ବୃକ୍ଷଲତାଗୁଡ଼ିକ କି ସୁନ୍ଦର ଦେଖା ଯାଉଛନ୍ତି । ବିହଗାବଳୀର କଳକୂଜନ କି ମିଷ୍ଟ ସ୍ୱରରେ ଭାସି ଆସୁଛି । ହେମଲତାର ଚକ୍ଷୁରେ ଏ ପ୍ରାଚୀନା ପ୍ରକୃତିର ଅଙ୍ଗେ ଅଙ୍ଗେ ତାରୁଣ୍ୟ ଫୁଟି ଉଠିଲା । ଆହା ନାଃ, ହେମଲତାର ଇଚ୍ଛା ହେଲା, ସେ ସେହି ତାରୁଣ୍ୟ ସାଗରରେ ଏକାବେଳକେ ବୁଡ଼ି ମରନ୍ତା !

କିନ୍ତୁ ଦୁର୍ଗାମାଧବ ରମଣଙ୍କର ବାବୁଙ୍କଠାରୁ ବିଦାୟ ନେଇ ଥରେ ସୁଦ୍ଧା ପଛକୁ ନ ଅନାଇ ବୀରଦର୍ପରେ ଚାଲି ମେସ୍‌ରେ ଆସି ଉପସ୍ଥିତ ହୋଇଗଲା । ଉପସ୍ଥିତ ହେବା ମାତ୍ରେ ମେସ୍‌ରେ ଗୋଟାଏ ତୁମୂଳ କଳରବ ଆରମ୍ଭ ହୋଇଗଲା । ରାଧାବଲ୍ଲଭ ସାହେବୀ ଗଳାରେ ସମ୍ବୋଧନ କରି କହିଲା—"ହାଲ୍ଲୋ ଦୁର୍ଗାମାଧବ ! ଉଦ୍‌ଯୋଗ ପର୍ବଟା କେତେ ଦୂର ଆଗେଇ ଗଲା ?" ତାହା ଶୁଣି ସମସ୍ତେ କିର୍ କିର୍ ହୋଇ ହସି ଉଠିଲେ । ଦୁର୍ଗା ଅବିଚଳିତ ଭାବରେ ଜବାବ ଦେଲା—ଯେତେ ଦୂର ଆଶା କରିଯାଇ ଥିଲି, ଠିକ୍ ସେତେ ଦୂର । ରାଧାବଲ୍ଲଭ ପୁନଶ୍ଚ ପଚାରିଲା—ଭାଇ, ଏତେବଡ଼ ଗୋଟାଏ ଜାଲି ଭଳି **ceremony** ଯୋଗାଡ଼ କରୁଛ କିନ୍ତୁ ଆମେ କି ଏତେ ହତଭାଗା ଯେ କାହା ସହିତ ଏ ମିଷ୍ଟ ସମ୍ବନ୍ଧଟା ହେବାକୁ ଯାଉଛି, ତା ବି କିଛି ଜାଣିପାରିବୁଁ ନାହିଁ ? ଅନ୍ତତଃ ପାତ୍ରୀଟି କିଏ, ତାର ନାମ ଧାମ, ଗୁଣ ଗ୍ରାମ, ଭୂତ ଭବିଷ୍ୟତ, ଏସବୁ ବିଷୟରେ କିଛି କିଛି ଜାଣିବାକୁ ମନରେ ଯେ ପ୍ରବଳ କୌତୂହଳ ଜାତ ହେଉଛି ! ଦୁର୍ଗାମାଧବ ଗମ୍ଭୀର ହୋଇ କହିଲା—କିନ୍ତୁ ତୁମ୍ଭମାନଙ୍କର ସେ କୌତୂହଳଟା ଶୀଘ୍ର ନିବୃତ୍ତ କରିବାର ମୋର ଅଭିଳାଷ ନାହିଁ ।

ଦୁର୍ଗାମାଧବର କଥା ଶୁଣି ସମସ୍ତଙ୍କ ମନ ଚୂନା ହୋଇଗଲା । ରାଧାବଲ୍ଲଭ କହିଲା—ତେବେ କଣ କହିବ ନାହିଁ ? ଦୁର୍ଗାମାଧବ ଦୃଢ଼ ସ୍ୱରରେ ଉତ୍ତର ଦେଲା—ନିଶ୍ଚୟ କହିବି, କିନ୍ତୁ ବର୍ତ୍ତମାନ ନୁହେଁ । ଅନ୍ୟ ପିଲାମାନେ ଭାବିଲେ—ବୋଧହୁଏ ଦୁର୍ଗାମାଧବ ଚିଡ଼ି ଉଠିଲାଣି, ପାଗଳକୁ ଆଉ ବେଶି ଉତ୍ୟକ୍ତ କରିବା ଉଚିତ ନୁହେଁ ! କିନ୍ତୁ ରାଧାବଲ୍ଲଭ ଭାବିଲା ଅନ୍ୟ ରକମ୍ । ସେ ମନେ ମନେ କହିଲା—ହୁଁ, ପାଗଳର ପ୍ରୀତି ଗଜା ଦେଇଛି । ଆଚ୍ଛା ଦେଖାଯିବ ।

ରାଧାବଲ୍ଲଭ ମଧ୍ୟ ଉଦ୍‌ଯୋଗରେ ଲାଗିଗଲା । ପର ଦିନ ପାଗଳାମିର ରହସ୍ୟ ଉଦ୍‌ଘାଟନ କରିବାକୁ ସେ କମର କଷି ବାହାରି ପଡ଼ିଲା । ଦୁର୍ଗା ଆଗ ଦିନ କେଉଁଠାକୁ "ବିବାହର ଉଦ୍‌ଯୋଗ" କରିବାକୁ ଯାଇଥିଲା, ତାହା ରାଧାବଲ୍ଲଭ ମନରେ ଖୋଜି ବାହାର କରିନେବା ଅସାଧ୍ୟ ହେଲା ନାହିଁ । ନାନା ଲୋକଙ୍କଠାରୁ ସମ୍ବାଦ ସଂଗ୍ରହ କରି ସେ ଅବଶେଷରେ ଆସି ଠିକଣା ମୁଣ୍ଡରେ ଉପସ୍ଥିତ ହୋଇଗଲା । ସେତେବେଳେ ଚେତନ୍ ବାରିକ କୌଣସି କାର୍ଯ୍ୟୋପଲକ୍ଷରେ ଘରୁ ବାହାର ହେଉଥିଲା । ରାଧାବଲ୍ଲଭ ତାର ପରିଚୟ ପଚାରି ବୁଝିଲା ସେ ରମଣବାବୁଙ୍କ ଚାକର । ତତ୍ପରେ ସେ କୌଶଳ କ୍ରମେ ସମସ୍ତ କଥା ବୁଝିନେଲା । ପାଗଳ ଦୁର୍ଗାମାଧବ ଯେ ଏହିଠାରେ ଆସି ପ୍ରୀତି ଅଟକିଛି, ଏ କଥା ଜାଣି ନେବାକୁ ତାର ବାକି ରହିଲା ନାହିଁ । ତା' ଛଡ଼ା, ରମଣଙ୍କର କି ଭଳି ଲୋକ, ତାଙ୍କ ପରିବାରରେ କିଏ କିଏ ଥାନ୍ତି, ହେମଲତା ଯେ ଦୁର୍ଗାମାଧବର ପ୍ରଣୟିନୀ ହୋଇଥିବ ଏସବୁ ତଥ୍ୟ ସେ ସଂଗ୍ରହ କରିନେଲା । ରହସ୍ୟଟା ଅନେକ ପରିମାଣରେ ଭେଦ କରିବାକୁ କ୍ଷମ ହୋଇଛି ଭାବି ତାର ଛାତି ଗର୍ବରେ ଫୁଲି ଉଠିଲା । ସେହି ଗର୍ବର ଆନନ୍ଦରେ ସ୍ଫୀତ ହୋଇ ସେ ବସାକୁ ଫେରି ଆସିଲା ।

ରାଧାବଲ୍ଲଭ ଫେରି ଆସି ନିଶ୍ଚିନ୍ତ ହୋଇ ରହିଲା ନାହିଁ । ସେହି ଦିନ ସେ ଦୁର୍ଗାମାଧବର ପିତା ଜମିଦାର ବେଣୀମାଧବଙ୍କ ଗୋପନରେ ଖଣ୍ଡିଏ ପତ୍ର ଲେଖି ଡାକରେ ଦେଇ ଆସିଲା । ପତ୍ରର ମର୍ମ ଏହିପରି—ଦୁର୍ଗାମାଧବ ହାଲ୍‌ଚାଲ୍ ବିଗଡ଼ି ଗଲାଣି, ଚରିତ୍ର ଏକାବେଳକେ ଭ୍ରଷ୍ଟ ହୋଇ ସାରିଲାଣି । ଏଠାରେ ଏକ ମୁକ୍ତାର ଅଛନ୍ତି—ନାମ ରମଣଙ୍କର ବାବୁ, ଜାତିରେ ଖଣ୍ଡାୟତ । ତାଙ୍କ ଅବିବାହିତା କନ୍ୟା ହେମଲତା ସାଙ୍ଗରେ ପ୍ରେମରେ ପଡ଼ି ଦୁର୍ଗାମାଧବ ସତ୍ୟାନାଶ ହୋଇଗଲାଣି । ପ୍ରତି ଦିନ ସେ ସେଠିକି ଧାଁଧପଡ଼ କରୁଛି । ଏଥିକି ଆପଣ ଯାହା ଉଚିତ ମନେ କରନ୍ତି ତାହା କରିବେ । ଦୁର୍ଗାମାଧବର ବନ୍ଧୁ ଓ ହିତକାଂକ୍ଷୀ ସ୍ୱରୂପ କଥାଟା ଆପଣଙ୍କୁ ଜଣାଇବାକୁ ଉଚିତ ମନେ କଲି । ଦୋଷ ହୋଇଥିଲେ ମାର୍ଜନା କରିବେ । ଉଲ୍ଲିଖିତ ଘଟଣା ସତ କି ମିଛ ଅନୁସନ୍ଧାନ କଲେ ଜାଣି ପାରିବେ ଇତ୍ୟାଦି ।

ପତ୍ର ଯଥାସମୟରେ ଯାଇ ଯଥାସ୍ଥାନରେ ପହଞ୍ଚିଲା । ବେଣୀମାଧବ ତାହା ପଢ଼ି ଅଗ୍ନିଶର୍ମା ପାଲଟି ଗଲେ । ଦୁର୍ଗା ସର୍ବନାଶ କଲା, ଜାତି ଧର୍ମ କୁଳ ସବୁ ବୁଡ଼ାଇଲା, ମାନ-ମର୍ଯ୍ୟାଦା ତଳେ ପକାଇଲା । ହତଲକ୍ଷ୍ମୀ ଟୋକା ପାଠ ପଢ଼ୁ ପଢ଼ୁ କୀର୍ତ୍ତି କଲା । ହକ୍‌ହାର ହୋଇ ବେଣୀମାଧବ ଗୃହିଣୀଙ୍କ ଆଗରେ ନାନା ଅଙ୍ଗଭଙ୍ଗୀ କରି କହିଲେ—ଏବେ ହେଲା ନା ? ମୁଁ ମନା କରୁଥିଲି, ମୋ ମନା ମାନିଲ ନାହିଁ । ବେଶି ଦିନ କଟକ ସହରରେ ରହିଲେ ଏମିତି ହୁଏ । ଏଫ୍. ଏ. ପାସ୍ ହେଲା ପରେ ମୁଁ ବାରବାର କହୁଛି—ରେ ଦୁର୍ଗା, ଢେର ହେଲାଣି, ଆଉ ପାଠର ଦରକାର ନାହିଁ, ପଢ଼ ନା । ହେଲେ, ମୋ କଥା କିଏ ଶୁଣୁଛି ? ପୁଅ କହିଲେ—ପଢ଼ିବି । ମା ସୁଅଗରେ ଭାସିଗଲେ, କହିଲେ—"ପିଲାଟା ପଢ଼ିବାକୁ ମନ, ପଢ଼ୁ । ବି.ଏ., ଏମ୍.ଏ. ପାସ୍ କଲେ



Digitized by srujanika@gmail.com

ହୋଇପାରିବ, ଖରାପ କଣ ?" ଏବେ ସବୁ ସରିଲା ଯେ। ଯେମିତି ଗେହ୍ଲା ପୁଅକୁ ସେମିତି ଗେହ୍ଲେଇ ମା ।

ଗୃହିଣୀ ଚିଡ଼ି ଉଠି କହିଲେ—କଣ ହେଲା କି ! କଥାରେ ନାଁ ନାହିଁ କି ଗାଁ ନାହିଁ, ଡାହାଣୀ ଲାଗିଲା ପରି ଯା ଇଚ୍ଛା ତା ଗୁଡ଼ାଏ ବକର୍ ବକର୍ ହେଉଛ !

ଦୁର୍ଗାବୋଉ ଅଚ୍ଛା କରି ମୁହଁ ଝାଡ଼ିଦେଲେ । ସଙ୍ଗେ ସଙ୍ଗେ ବେଣୀମାଧବଙ୍କ କ୍ରୋଧର ମାତ୍ରା ଷୋଳପଣରୁ ଦଶପଣକୁ ଖସି ଆସିଲା । ତତ୍ପରେ ନୁହଁ-ଚଡ଼ା ନୁହଁ-ନରମ ଗଳାରେ କହିଲେ —ମୁଁ କଣ ମିଛଟାରେ ଏମିତି ହଉଚି ? ମୋତେ କଣ ବାଇଗୁଣ୍ଡ ହେଇଚି । ଏଇ ଚିଠି ଶୁଣ, ତୁମ କୁମରମଣି କି କୀର୍ତ୍ତି କରୁଛନ୍ତି ବୁଝ । ଏହା କହି ସେ ଚିଠିଖଣ୍ଡ ମୂଳରୁ ଅଗଯାଏ ଗଡ଼ ଗଡ଼ ପଢ଼ିଗଲେ ।

ଦୁର୍ଗାବୋଉ ମନେମନେ ଚିନ୍ତାରେ ଗୁଡ଼ିଏ ବୁଝିଲେ, ମାତ୍ର ବାହାରକୁ ଆଉ ଥରେ ମୁହଁ ଝାଡ଼ିଦେଇ କହିଲେ—ମଲି, ମଲି, ଏଇଥିଲାଗି ତମେ ଫୁର୍‌କୁଟି ନାଚ ନାଚଯାଉଥିଲ ପରା ! ଯାହା କହନ୍ତି—"ଭଲରେ ଭଲ, ବେଙ୍ଗ ମୁତି ଦେଲେ ବଢ଼ିଆ ହେଲା ।" ଆଜିକାଲିକା ଟୋକାମାନେ କେତେ କଣ କରି ପକାଉଛନ୍ତି,— ମୋ ପୁଅ ଏମିତି କଣ କଲା କି ? କେଉଁ ଭଦ୍ରର ଲୋକ ଘରକୁ ଯାଇ ବସାଉଠା କିଛିଏ କରୁଛି । ସେ ସିନା ଡାକିଥିଲେ ଯାଇଥିବ, ଟିକିଏ ପରିଚୟ ମେଳାପ-ଆଳାପ ହୋଇଥିବ, ଏଇ କଥାକୁ ନେଇ ଗୋଟାଏ ଦୁର୍ନ୍ନାମ ଦେବା କଣ ଶୋଭା ପାଏ ? ଏ ଚିଠିଟା ଯେ ଲେଖିଛି, ମୁଁ ତାକୁ ଚିହ୍ନି ସାରିଲିଣି—ସେ ଜଣେ ପକ୍କା ଖଚୁଆ । ହେଲେ ବି, ତୁମେ ଯଦି ଏତେ ସନ୍ଦେହ କରୁଚ, ତେବେ ପୁଅକୁ ସାବଧାନ କରିଦିଅ, ଟାଣ୍ ଟାଣ୍ କରି ଦିପଦ ଲେଖିଦିଅ । ସଫା କହିଦିଅ, ସେ ଆଉ ସେଠି ପାଦ ପକେଇ ପାରିବ ନାହିଁ । ତେବେ ତ କଥା ସରିଲା । ଆଉ କଣ ?

ଗୃହିଣୀଙ୍କର ଏ ଉପଦେଶ ଶୁଣି ବେଣୀମାଧବ ପହିଲେ ଟିକିଏ ଗାଁ ଗାଁ ହେଲେ, କିନ୍ତୁ ଶେଷରେ ତାହାହିଁ କଲେ । ଦୁର୍ଗାମାଧବକୁ ସେ କଡ଼ା କରି ଖଣ୍ଡେ ଚିଠି ଲେଖିଲେ । ସେଥିରେ ନାନା ଧମକ୍ ଚମକ ଦେଇ ସେ ତାକୁ ରାମଣଙ୍କରଙ୍କ ଦୁଆରେ ମାଡ଼ିବାକୁ ନିଷେଧ କରିଦେଲେ । ଦୁର୍ଗାମାଧବ ଏ ପତ୍ର ପାଇ ଆକାଶରୁ ପଡ଼ିଲା । କିଏ ତା କଥା ବାପାଙ୍କୁ ଲେଖିଲା । ବାପା ଯେ ତାର ନାମଟା ପତ୍ରରେ ଉଲ୍ଲେଖ କରି ନାହାନ୍ତି । କେବଳ ଲେଖିଛନ୍ତି—ଜଣେ ଜଣେ ହିତୈଷୀ ବନ୍ଧୁଠାରୁ ସେ ଖବର ପାଇଛନ୍ତି । ଏ ପରମହିତୈଷୀ ବନ୍ଧୁଟି କିଏ ? ସେ ଯେ ହେଉ, ଦୁର୍ଗାମାଧବ ତା ଉପରେ ପ୍ରତିଶୋଧ ନେବାକୁ ଚାହେଁ ନାହିଁ । ମନେ ମନେ କହିଲା—ଏଥିରେ ତ ଆଶ୍ଚର୍ଯ୍ୟ ହେବାର ବା ରାଗ କରିବାର କାରଣ କିଛି ନାହିଁ । ଦୁନିଆରେ ଏପରି ଲୋକ ଢେର ଅଛନ୍ତି, ଯେଉଁମାନଙ୍କର ଅନ୍ୟର ଅନିଷ୍ଟ କରିବାକୁ ଚେଷ୍ଟା କରିବା ଗୋଟାଏ ରୋଗ; ତା ନ କଲେ ସେମାନଙ୍କୁ ଅନ୍ନ ରୁଚେ ନାହିଁ । ବେଣୀମାଧବଙ୍କ ଧମକ ଚମକ-ଗୁଡ଼ାକ ତା' ମନରେ ଟିକିଲେ ସୁଦ୍ଧା ରେଖାପାତ କଲା ନାହିଁ । ସବୁ ଯେମିତି ତାକୁ ଗୋଟାଏ ପ୍ରକାଣ୍ଡ କୌତୁକ ପରି ବୋଧ ହେଲା ।

ପରୀକ୍ଷା ନିକଟେଇ ଆସୁଥିବାରୁ ଦୁର୍ଗାମାଧବ ପାଠରେ ବିଶେଷ ମନୋଯୋଗୀ ହୋଇପଡ଼ିଲା ।

ଇତ୍ୟବସରରେ ରାଧାବଲ୍ଲଭର କର୍ମତତ୍ପରତା ଖୁବ୍ ବଢ଼ିଗଲା । ସେ ଦିନେ ଗୋପନରେ ଯାଇ ରାମଣଙ୍କରଙ୍କ ସହିତ ସାକ୍ଷାତ କରି ଆସିଲା । ସାକ୍ଷାତରେ ସେ ଦୁର୍ଗାମାଧବ ବିଷୟ ଆରମ୍ଭ କରି ତାର ପାଗଳାମିର ଗୋଟାଏ ଜୀବନ୍ତ ଚିତ୍ର ଅଙ୍କନ କରିଦେଲା । ଦୁର୍ଗାମାଧବ କେବେ ଦିନେ ଖାଲି ଧାମ ଖାଇ ମଶାର ଅନୁଭୂତି ଅଙ୍ଗେ ନିଭେଇବାକୁ ଚେଷ୍ଟା କରିଥିଲା, କେବେ ସେ ଦିନେ ଗ୍ରୀଷ୍ମ-କାଳର ଉଦ୍ଦଣ୍ଡ ଖରାବେଳେ କାଠଯୋଡ଼ିର ତତଲାବାଲି ଉପରେ ଶୋଇ ଦେହସାରା ଫୋଟକା କରି ନିଜ ଶରୀରରେ ଗ୍ରୀଷ୍ମର ଉତ୍ତାପ ମାପିବାକୁ ଚେଷ୍ଟା କରିଥିଲା ଏବଂ କେବେ ସେ ଗୋଟାଏ ହାଡ଼ିଟୋକାକୁ ହିନ୍ଦୁ ସମାଜ ତାକୁ ଅସ୍ପୃଶ୍ୟ କରି ରଖି ଯେ ଅନ୍ୟାୟ କରିଛି ତାର ପ୍ରାୟଶ୍ଚିତ୍ତ ସ୍ୱରୂପ ତାକୁ ଦଣ୍ଡେ କାଳ ଆଲିଙ୍ଗନ କରି କାନ୍ଦିଥିଲା—ଇତ୍ୟାଦି ଇତ୍ୟାଦି ତାର ଯେତେକ ଅସ୍ୱାଭାବିକ କାର୍ଯ୍ୟକଳାପ, ସମସ୍ତ ଗୋଟି ଗୋଟି କରି ବର୍ଣ୍ଣନା କରି ରାମଣଙ୍କରଙ୍କୁ ଶୁଣାଇଥିଲା । ଶେଷରେ ସେ କହିବାକୁ ଛାଡ଼ି ନ ଥିଲା ଯେ ରାମଣଙ୍କର ଯଦି ନିଜ କନ୍ୟାପାଇଁ ପାତ୍ର ଦରକାର ହୋଇଥିବ ରାଧାବଲ୍ଲଭର ସ୍ୱଗ୍ରାମରେ ସର୍ବଗୁଣାକର ଓ ସକଳ ଗୁଣବିଭୂଷିତ ଏକ ସୁପାତ୍ର ଅଛନ୍ତି । ସେ ଧନରେ, ମାନରେ, ରୂପରେ, ଗୁଣରେ ସବୁଥିରେ ଅନୁପମ । ରାଧାବଲ୍ଲଭର ସେ ଘନିଷ୍ଠ ବନ୍ଧୁ । ସେ ସେହି ସୁପାତ୍ରର ପିତାମାତାଙ୍କୁ ମନାଇ, ପ୍ରୟୋଜନ ହେଲେ, ସ୍ୱୟଂ ରାମଣଙ୍କରଙ୍କ ଘରେ ବନ୍ଧୁସମ୍ବନ୍ଧ ଘଟାଇଦେଇ ପାରେ । ସେଟା ଅବଶ୍ୟ କଷ୍ଟର କଥା, କିନ୍ତୁ କନ୍ୟାଦାୟଗ୍ରସ୍ତ ପିତା ରାମଣଙ୍କରଙ୍କ ପାଇଁ ସେ ଏହା କରିବାକୁ ପ୍ରସ୍ତୁତ ।

ଅଳ୍ପ ଦିନ ମଧ୍ୟରେ ରାଧାବଲ୍ଲଭ ରାମଣଙ୍କରଙ୍କ ପରିବାରରେ ବେଶ୍ ପରିଚିତ ହୋଇ ଉଠିଲା । ସେ ରାମଣଙ୍କରଙ୍କ ଘରକୁ ବାରମ୍ବାର ଯିବା ଆସିବା କରିବାକୁ ଲାଗିଲା ।

ସେ ଦିନ ରାଧାବଲ୍ଲଭ ଯେତେବେଳେ ରାମଣଙ୍କରଙ୍କ ସହିତ କଥାବାର୍ତ୍ତା କରୁଥାଏ, ସେତେବେଳେ ହେମଲତା ଉହାଡ଼ରେ ଥାଇ ସମସ୍ତ ଶୁଣିନେଇ ଥିଲା । କାହିଁକି କିଜାଣି, ରାଧାବଲ୍ଲଭ ପ୍ରତି ମନରେ ତାର ଅସୀମ ବିରକ୍ତି ଜାତ ହୋଇଥିଲା । ହାତକୁ ଖାଇ ହୋଇ ଆଗରେ ଧାଇଁବାକୁ ଲୋକଟା ଯେ କାହିଁକି ଏତେ ବ୍ୟାକୁଳ, ସେ କିଛି ବୁଝିପାରି ନ ଥିଲା ।



Digitized by srujanika@gmail.com

ଠିକ୍ ପନ୍ଦର ଦିନ ଗଡ଼ିଗଲା ପରେ ଦୁର୍ଗାମାଧବ ପୁନଶ୍ଚ ପଗଡ଼ି ବାନ୍ଧି, ଠେଙ୍ଗା ଧରି ରମାଶଙ୍କରଙ୍କ ବାସଭବନରେ ଆସି ଉପସ୍ଥିତ ହୋଇଗଲା ଏବଂ ରମାଶଙ୍କର କଥାଟା ଭାବି ଚିନ୍ତି କି ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି; ତାହା ଜାଣିବାକୁ ଚାହିଁଲା । ରମାଶଙ୍କର ବଡ଼ ମୁସ୍କିଲରେ ପଡ଼ିଲେ । ପାଖ ଗୋଟାଏ କଠିନ ମୋକଦ୍ଦମା ହାତକୁ ନେଇ ତାଙ୍କୁ ଗଲା କେତେ ଦିନ ହେଲା ଅବକାଶ ମିଳୁନଥିବା ନାହିଁ ଓ ସେହି କାରଣରୁ ସେ କଥାଟା ଆଦୌ ଭାବି ଦେଖି ନାହାନ୍ତି ବୋଲି କହି ଫାଙ୍କି ଦେଲେ । ଦୁର୍ଗାମାଧବ କିଛି ନ କହି ସଙ୍ଗେ ସଙ୍ଗେ ଚାଲି ଆସିଲା । ସେ ମନେ ମନେ ଭାବିଲା—ଲୋକଟା ଖାଲି, ମେରୁଦଣ୍ଡହୀନ । ସଫା ସତ କଥା କହି ମନା କରିଦେବାର ସାହସ ନାହିଁ । ତଥାପି ମନର ଭାବଟା ବେଶ୍ ଜଣାପଡ଼ୁଛି । ଦୁର୍ଗାମାଧବ ପକ୍ଷରେ ଆଉ ହେମଲତାର ଆଶା ରଖି ଉଦ୍‌ଯୋଗ କରିବା ଉଚିତ ନୁହେଁ । ସେ ଆଶା ତାକୁ ବାଧ୍ୟ ହୋଇ ତ୍ୟାଗ କରିବାକୁ ହେବ ।

ଦୁର୍ଗାମାଧବ ସହଜରେ କୌଣସି କାରଣରୁ ବିଚଳିତ ହେବା ଲୋକ ନୁହେଁ । ତଥାପି ଆଜି ଏପରି ଭାବିଲା ବେଳେ ସେ ଟିକିଏ ମର୍ମାହତ ହୋଇ ପଡ଼ିଲା । ନିତାନ୍ତ ଅଜ୍ଞାତସାରରେ ଗୋଟାଏ ନିରାଶାର ଦୀର୍ଘଶ୍ୱାସ ତାର ନାସାରନ୍ଧ୍ର ବାଟେ ବାହାରିପଡ଼ିଲା । ସେ ମନେ ମନେ ସ୍ଥିର କଲା—ବିବାହ ନ କଲେ ତାର ଜୀବନରେ କୌଣସି କ୍ଷତି ଘଟିବ ନାହିଁ । ନା, ସଫା କଥା—ସେ ବିବାହ କରିବ ନାହିଁ ।

ଦୁର୍ଗାମାଧବ ଚାଲିଆସିଲା ପରେ ରମାଶଙ୍କର ଭାବିଲେ ସେ ଆଉ ଥରେ ନିସ୍ତାର ପାଇଲେ । ଲୋକଟା ପାଗଳ ନ ହୋଇଥିଲେ ସେ ତାକୁ କଟକୀ ଗୁଣ୍ଡା ଲଗାଇ ଅଚ୍ଛାକରି ପାନେ ଔଷଧ ଦେଇ ଦିଅନ୍ତେ, କିନ୍ତୁ ପାଗଳଟା ସାଙ୍ଗରେ ସେ ଲଗିବେ କିଣ ? ଅଥଚ ଲୋକଟା ଯେ ତାଙ୍କୁ ବରାବର ଭୂତ ମାଡ଼ି ବସିଲା ପରି ଚାପି ରହିଲା ଏଥିକୁ ଉପାୟ କିଣ ? ରମାଶଙ୍କର ସ୍ତ୍ରୀ ଲୀଳାବତୀଙ୍କ ପରାମର୍ଶ ମାଗିଲେ । ଲୀଳା କହିଲେ—ମୁଁ ସେ ଦିନରୁ କହୁଛି—ହେମ ପାଇଗଲା, ପାତ୍ର ଦେଖ, ପାତ୍ର ଦେଖ । ତମେ ଗଡ଼ିମାଡ଼ି କରି ରହିଲ । ଏବେ ପରେ ପାଅ ! ପାଗଳ କନ୍ୟା ପାର୍ବତୀ ମତ ଦେଖା ଯାଉଛି । କେତେବେଳେ କାମିକା ଟୋକାଟାର ଆଖି ପଡ଼ିଯାଇଛି । ତମେ ଖାଲି ପାଗଳ ପାଗଳ କହୁଛ । ସେ ପାଗଳ କାହିଁକି ହବ ? ଯୁବା ବୟସରେ ଲୋକ ସେମିତି ହୁଏ । ଅଚ୍ଛା ମୋତେ ଥରେ ତାକୁ ଦେଖାଇବନି । ରମାଶଙ୍କର କହିଲେ—ମାଃ, ତମେ ବି ଏକ ଅସଲ ପାଗଳ ! ଲୋକଟାର ଆଚରଣରୁ ବୁଝିପାରୁ ନାହଁ ? ସେ ଦିନ ପରା ରାଧାବଲ୍ଲଭ କହୁଥିଲା, ସେ ଘାସ ଖାଏ । ଯେଉଁ ଲୋକଟା ଘାସ ଖାଉଛି, ତାକୁ ପାଗଳ ନ କହି ଆଉ କିସ କୁହାଯିବ ? ଲୀଳାବତୀ କହିଲେ—ଅଚ୍ଛା, ତେବେ ନାହିଁରେ ତେଲ ଦେଇ ଶୋଇଛ କାହିଁ ? ରାଧାବଲ୍ଲଭ ପିଲାଟି ତ ତମକୁ ସେ ଦିନ ବେଶ୍ ଭଲ ପାତ୍ରଟିର କଥା କହୁଥିଲା । ତାଦ୍ୱାରା ଥରେ ଚେଷ୍ଟା କରୁ ନାହିଁ କାହିଁକି ? ଏମିତି ଅଳସୁଆ କଡ଼ପକା ଲୋକଙ୍କୁ ମୋତେ ଭାରି ଡର ଲାଗେ ।

ସେହି ଦିନ ସାର ହେଲା—ରାଧାବଲ୍ଲଭକୁ ନେଇ ଦିନେ ରମାଶଙ୍କର ସେହି ସର୍ବଗୁଣୋପେତ ପାତ୍ରଟିର ଘରକୁ ଯିବେ ଏବଂ ଦେଖିଶୁଣି ବିବାହ ସମ୍ବନ୍ଧରେ ସମସ୍ତ କଥାବାର୍ତ୍ତା କରି ଆସିବେ । ଯଦି ସେ ପକ୍ଷରେ ଆପତ୍ତି ନ ଥାଏ, ତେବେ ଯେତେ ଶୀଘ୍ର ପାରନ୍ତି କନ୍ୟାର ବିବାହ କରି ପକାଇବେ ।

ରାଧାବଲ୍ଲଭର ଚେଷ୍ଟାରେ ବିବାହ ପ୍ରସଙ୍ଗ ନିଷ୍ପତ୍ତି ହୋଇଗଲା । ରମାଶଙ୍କର ପାତ୍ର ଦେଖି ଫେରି ଆସିଲେ । ପାତ୍ରର ନାମ ଶଶଧର । ଦେଖିବାକୁ ଚେହେରା ନିତାନ୍ତ ମନ୍ଦ ନୁହେଁ । ଘର ଭଲ—ପଇସା ଯଥେଷ୍ଟ ଅଛି—ସମ୍ପତ୍ତି ବାଡ଼ି ଢେର—ଧାନ ଅମାରକୁ ଅମାର ଠିଲ୍ ହୋଇଛି । ମହାଜନୀ କାରବାରରେ ଘର ବଢିଛି, ମାତ୍ର ଗୋଟାଏ କଥାରେ ତାଙ୍କର ମନ ଟିକିଏ ଉଣା ପଡ଼ିଲା । ସେଟା ଏହି ଯେ—ତାଙ୍କର ଭବିଷ୍ୟତ ଜାମାତାଟି ଉଚ୍ଚ ଶିକ୍ଷିତ ନୁହେଁ—ପାଠ ମାଇନର ପାସ୍ ଯାଏ !

ଘରେ ପହଞ୍ଚି ରମାଶଙ୍କର ଲୀଳାବତୀଙ୍କୁ ସମସ୍ତ କଥା କହିଲେ । ଯେଉଁ ବିଷୟରେ ତାଙ୍କର ସାମାନ୍ୟ ଅତୃପ୍ତି ରହି ଯାଇଥିଲା ତାହା ବି ଜଣାଇଲେ । ମାତ୍ର ସମ୍ପତ୍ତିବାଡ଼ିର ନାମ ଶୁଣିଲେ ଆମ ଘର ସ୍ତ୍ରୀଲୋକମାନଙ୍କ ଛାତି ଦୁଣେ ମୋଟ ହୋଇଯାଏ । ଝିଅ ଥିଲା-ଘରେ ପଡ଼ିବ, ଏ ଆଶାର ମୋହନ ମନ୍ତ୍ର ତାଙ୍କୁ ଏକାବେଳକେ ମୁଗ୍ଧ କରି ପକାଏ । ଲୀଳାବତୀ କହିଲେ—ପାଠରୁ କଅଣ ଖାଇବ ? ଆଜିକାଲି ପାଠ ପଢି କେତେ ଲୋକ ଘାସ କାଟୁଛନ୍ତି । ତା ଛଡ଼ା ପାତ୍ରଟି ବି ନିହାତି "ମୂର୍ଖ" ନୁହେଁ ବୋଲି କହୁଛ । ଅଳ୍ପ ହେଉ ବା ବହୁତ ହେଉ, କିଛି ବିଦ୍ୟା ତ ପେଟରେ ପଶିଛି । ସେଇ ଢେର । ରମାଶଙ୍କରଙ୍କ ଅତୃପ୍ତି ଧୀରେ ଧୀରେ କଟିଗଲା । ହେମଲତାର ବିବାହ ଦିନ ସ୍ଥିର ହୋଇଗଲା ।

ଏହି ବିବାହ ପ୍ରସଙ୍ଗରେ ମଧ୍ୟସ୍ଥତା କରି ରାଧାବଲ୍ଲଭକୁ ନିତାଡ଼ ପତାଡ଼ ଗାଁକୁ ଯିବାକୁ ପଡ଼ିଲା ।

ଅଳ୍ପ ଦିନ ପରେ ଦୁର୍ଗାମାଧବର ପରୀକ୍ଷା ଶେଷ ହୋଇଗଲା । ପରୀକ୍ଷା ପରେ ସେ ଘରକୁ ନ ଯାଇ ଭୁବନେଶ୍ୱର ବୁଲିବାକୁ ବାହାରିଗଲା । ଏ କେତେ ଦିନ ହେଲା ସେ ଆଉ ରମାଶଙ୍କରଙ୍କ ଦ୍ୱାର ମାଡ଼ି ନାହିଁ ।

ଏଣେ ବିବାହ ଦିନ ଯେତେ ନିକଟେଇ ଆସିଲା, ହେମଲତାର ମନ ସେତେ ଖରାପ ହେବାକୁ ଲାଗିଲା । ପୂର୍ବପରି ସେ ଆଉ ହସ ଖୁସିରେ କାଳ କଟାଏ ନାହିଁ । ମୁଖମଣ୍ଡଳରେ ଗୋଟାଏ ବିଷଣ୍ଣତାର ଛାୟା ବରାବର ପକ୍ଷ ବିସ୍ତାର କରି ରହିଥାଏ । ଆନନ୍ଦ ପ୍ରତିମା ସତେ ଯେପରି ବିସର୍ଜନ ପାଇଯାଇଛି । ପିତା ରମାଶଙ୍କର ତାର

ଚେହେରା ଦେଖି ଭାବନ୍ତି—କି ବାୟାଣୀଟା । ସବୁ ଦିନେ କଣ ଅଜି ସେ ବାପ ମା ପାଖରେ ଥାଆନ୍ତା । ଝିଅ ଯେ ଜନ୍ମ ହେଲା ପାଖରୁ ପରଘରି, ଏତକ ସେ ବୁଝି ପାରୁନାହିଁ । ମା ଲୀଳାବତୀ ମନେ ମନେ କହନ୍ତି—ଅହା—ହା, ଝିଅ ମୋର କଲା ପଡ଼ି ଗଲଣି, ଶାଶୁ ଶଶୁର ଘରେ କିମିତି ଯାଇ ଚଳିବ ସେ କଥା ଭାଳି ଭାଳି ମଣିଷପଣରୁ ସରି ଗଲଣି । ଭଗବାନ୍ ମଣିଷକୁ କାହିଁକି ମାଇକିନା କୂଳରେ ଜନ୍ମ ଦିଏ ।

ବିଭାଘର ଅଉ ଦିନ ଅଠଟା ମାତ୍ର ବାକି । ଦିନେ ହେମଲତା ମା'କୁ ଏକୁଟିଆ ଦେଖି କହିଲା—ବୋଉ, ଗୋଟାଏ କଥା କହିବି ? ଏତକ କହି ସେ ଚୁପ୍ ରହିଗଲା । ଲୀଳାବତୀ ପଚାରିଲେ—କି କଥା ? ହେମ କହିଲା—"ମୁଁ ଊଁ—" ଏହା କହି ସେ ପୁଣି ବନ୍ଦ ହୋଇଗଲା । ଲୀଳାବତୀ କହିଲେ—ମଲା, କି କଥା କହୁ ନାହୁଁ । ଏଥର ହେମଲତା ମନ ଦୃଢ଼ କରି ଉତ୍ତର ଦେଲା—ବୋଉ, ମୁଁ ବାହା ହେବି ନାହିଁ, ବାପାଙ୍କୁ କହି ଦେ । ଲୀଳାବତୀ ଏ କଥାଟା ଶୁଣି ଥକ୍କା ହୋଇଗଲେ—ଛି ଛି, କି ଲାଜର କଥାଲୋ ମା । ତାଙ୍କ ଝିଅ କାଳରେ ତ ଏପରି ଅଲୌକିକ କଥା ଶୁଣା ନ ଥିଲା, କିଏ ତୁଣ୍ଡ ଖୋଲି ମା ବାପଙ୍କ ଆଗରେ କହୁଥିଲା—ମାଲୋ, ମୁଁ ବାହା ହେବି ନାହିଁ ? କି ଘୋର କଳିକାଳ ଆସି ପଡ଼ିଗଲା ! ଏହା ଭାବି ଲୀଳାବତୀ କହିଲେ—ଛିଃ ଛିଃ, ଏ କି କଥା କହୁଛୁ ଲୋ ହେମ ? ଲୋକେ ଶୁଣିଲେ କଣ କହିବେ ? ଚୁପ୍ କର, ଚୁପ୍ କର । ହେମ ଗୁଁ ଗୁଁ ହୋଇ କହିଲା—ଲୋକେ କହିବେ ବୋଲି କଣ— । କିନ୍ତୁ ସେ କଥାଟା ଶେଷ କରି ପାରିଲା ନାହିଁ । ତେଣିକି ତାର ତୁଣ୍ଡ ଲେଉଟିଲା ନାହିଁ । ଲୀଳାବତୀ ମଧ "ଛି ଛି, ଚୁପ-ଚୁପ୍"ରେ ତାକୁ ପୋତି ପକାଇଲେ ।

ହେମଲତା ସେ ଦିନ ଯାଇ ଗୋଟାଏ ନିରୋଳା ଥାନରେ ବସି ଢେର ଭାବିଲା । ତାର ମନ ଯେଉଁଠି ନ ମାନୁଛି, ସେ ସେଠି ବିବାହ କରିବ କିଆଁ ? ବଳାତ୍କାରରେ ତାକୁ ନେଇ ଗୋଟାଏ ସ୍ଥାନରେ ଥୋଇ ଦେଲେ ସେ ସେଠି ସୁଖ ପାଇବ ? ସାବିତ୍ରୀ ଆପଣା ବର ଆପେ ଖୋଜି ନେଇ ଥିଲେ; ଇନ୍ଦୁମତୀ, ଦମୟନ୍ତୀ ପ୍ରଭୃତି ଆପଣା ସ୍ୱାମୀ ଆପେ ବାଛି ନେଇଥିଲେ । କି—ଏତେଦୂର ଯିବାର ଦରକାର କଣ ? ସଂଯୁକ୍ତା କଣ କରିଥିଲେ ? ପୃଥ୍ୱୀରାଜଙ୍କୁ ସେ ମନେ ମନେ ଆତ୍ମସମର୍ପଣ କରି ଦେଇଥିଲେ ବୋଲି ତ ତାଙ୍କ ଛଡ଼ା ଅଉ କାହାରିକୁ ସ୍ୱାମୀ ବୋଲି ଗ୍ରହଣ କଲେ ନାହିଁ ।

ଏହି ପରି କେତେ କଥା ଭାବି ଭାବି ହେମଲତା ଉଠିଲା । ସେତେବେଳେ ଯଦି କେହି ତାର ମୁହଁକୁ ଚାହିଁ ଦେଇଥାନ୍ତା ସେ ନିଶ୍ଚୟ ଦେଖିଥାନ୍ତା, ଗୋଟାଏ ଦୃଢ଼ ସଂକଳ୍ପର ଅଭ୍ରାନ୍ତ ପ୍ରତିବିମ୍ବ ତାହା ଉପରେ ସ୍ପଷ୍ଟଭାବରେ ପଡ଼ିରହିଛି ।

ସେ ଦିନ ରାତିରେ ହେମଲତାକୁ ନିଦ ହେଲା ନାହିଁ । ତାର ଶୋଇବା ଘରେ ବସି ବସି ସେ କଣ ଗୁଡ଼ାଏ ଲେଖିଲା । କେତେ ଥର ଲେଖି କେତେ ଥର ତାକୁ ନଷ୍ଟ କଲା । କିନ୍ତୁ କଣ ଲେଖିଲା ତାହା ଅନୁମାନ କରି କହିବା ଦୁଷ୍କର ।

ରାତି ପାହିଲା । ପ୍ରଭାତ ହେବା ସଙ୍ଗେ ସଙ୍ଗେ ଗୋଟାଏ ନିତାନ୍ତ ଅପ୍ରତ୍ୟାଶିତ ଘଟଣା ଘଟିଗଲା । ହେମଲତା ଦିନ ଦି'ଘଡ଼ି ଯାଏ ଉଠିଲା ନାହିଁ । ଲୀଳାବତୀ ଡାକି ଡାକି ଥକିଗଲେ—ସେ ଜବାବ ଦେଲା ନାହିଁ । ପ୍ରତି ଦିନ ହେମ ଡେରି କରି ଉଠେ, କିନ୍ତୁ ଏତେ ବିଳମ୍ବ ହୁଏ ନାହିଁ । ଲୀଳାବତୀ ବିରକ୍ତ ହୋଇ ଆସି ତାର ଶୟନ କକ୍ଷରେ ଉପସ୍ଥିତ ହେଲେ । କିନ୍ତୁ ହେମ କାହିଁ ? ଦେଖୁଁ ଦେଖୁଁ ରମଣଙ୍କରଙ୍କ ଘରେ ଗୋଟାଏ ହୋହାଲ ପଡ଼ିଗଲା । ରମଣଙ୍କରଙ୍କ ମୁଣ୍ଡ ଉପରେ ଯେପରି ଗୋଟାଏ ଅକାଳ ବଜ୍ର ଛିଡ଼ିପଡ଼ିଲା । ଲୀଳାବତୀ ଭେଁଭେଁ ହୋଇ ରଡ଼ି ଛାଡ଼ିଲେ । ପ୍ରତି-ବେଶୀମାନେ ଧାଇଁ ଆସିଲେ । ସମସ୍ତେ ଘଟଣା ଦେଖି ଅବାକ୍ ହୋଇଗଲେ । କିନ୍ତୁ କେହି କିଛି ବୁଝି ପାରିଲେ ନାହିଁ ।

ହେମଲତାର ଶୟନକକ୍ଷରୁ ଖଣ୍ଡେ ଚିଠି ମିଳିଲା । ସେଥିରେ ଅନେକ କଥା ଲେଖାଥିଲା । ସେଥି ମଧ୍ୟରୁ ଅସଲ କଥା ଏତିକି ଯେ ସେ ପ୍ରାଚୀନ ଯୁଗର ସ୍ୱୟମ୍ବର ପ୍ରଥାରେ ବିଶ୍ୱାସ କରେ । ଆଜି କାଲି ସେହି ସ୍ୱୟମ୍ବର ପ୍ରଥା ପ୍ରଚଳିତ ହେବା ବାଞ୍ଛନୀୟ । ଏହାର ଆବଶ୍ୟକତା ଆଧୁନିକ ସମାଜ ବୁଝି ନ ପାରି ଗୁରୁତର ଭୁଲ କରୁଛି । ହେମଲତା ସେ ଅନ୍ଧ ସମାଜର ଚକ୍ଷୁ ଫିଟାଇବାକୁ ଚାହେଁ ।

ମାସକ ପରେ ଖବର ବାହାରିଲା, ଦୁର୍ଗାମାଧବ ବି. ଏ. ପାଶ କରିଛି । କେବଳ ସେତିକି ନୁହେ, ବିଶ୍ୱବିଦ୍ୟାଳୟରେ ଉଚ୍ଚତମ ସ୍ଥାନ ଅଧିକାର କରିଛି । ରାଧାବଲ୍ଲଭ ଖବର କାଗଜରେ ଖବରଟା ଦେଖି କହିଲା—ଦେଖିଲ ହେ ! ପାଗଳ ମୁଣ୍ଡରେ ପାଟଶାଢ଼ୀ । ଦୁର୍ଗା ଏକାବେଳକେ ଇଉନିଭରସିଟିରେ ଫାର୍ଷ୍ଟ । ଏ ଥର ସବୁ ପାଗଳ ହୋଇଯାଅ ।

ପରୀକ୍ଷା ଦେଇସାରି ଦୁର୍ଗାମାଧବ ଅଉ ଘରକୁ ଯାଇ ନାହିଁ, ଭୁବନେଶ୍ୱରରେ ଅଛି । ଏହିଠାରେ ଯେ ହେମଲତା ସହିତ ତାର ମିଳନ ଘଟିଛି, ଏ କଥାଟା ପାଠକ ପାଠିକାମାନେ ବେଶ ଅନୁମାନ କରିନେଇ ଥିବେ । ତେବେ ହେମ କିପରି ଆସି ଭୁବନେଶ୍ୱରରେ ପହଞ୍ଚିଲା, କିପରି ବା ଦୁର୍ଗାମାଧବ ସଙ୍ଗରେ ତାର ଭେଟ ହେଲା, ଏ ସବୁ ବିଷୟ ଯଦି କେହି ଜାଣିବାକୁ ଚାହାନ୍ତି, ତେବେ ମୁଁ ସେମାନଙ୍କୁ କହେଁ—ଏତେ କଥା କହିବାକୁ ମୋର ବେଳ ନାହିଁ । ହେମଲତା ପରି ବୃଲାଖ ଚତୁର ଆଧୁନିକ ଯୁଗର ଝିଅ ପକ୍ଷରେ ରାତିରେ ଗୃହତ୍ୟାଗ କରି, ରେଳଗାଡ଼ିରେ ଚଢ଼ି, ଭୁବନେଶ୍ୱରରେ ଓହ୍ଲାଇ, ଆପଣାର "ଜୀବନ-ସର୍ବସ୍ୱ"କୁ ଖୋଜିନେବା କଣ ବିଚିତ୍ର କଥା ! ଯାହା ହେଉ, ଏ ଘଟଣା ପରେ ଦୁର୍ଗାମାଧବ ଘରକୁ ପତ୍ର ଲେଖି ଜଣାଇଦେଲା ଯେ ତାର ବିବାହ ସମ୍ବନ୍ଧ ହୋଇଯାଇଛି ଏବଂ ସେ ତାର ମନୋମତ ସ୍ତ୍ରୀ ବାଛି



Digitized by srujanika@gmail.com

ନେଇଛି । ନାମ ହେମଲତା ଦେବୀ—କଟକର ମୁକ୍ତିଆର ବାବୁ ରାମଶଙ୍କର ନାଏକଙ୍କର କନ୍ୟା—ଜାତିରେ ଖଣ୍ଡାୟତ । ପତ୍ରରେ ସେ ଲେଖିବାକୁ ଭୁଲିଲା ନାହିଁ ବିବାହ ବିଷୟରେ ଜାତିଭେଦ ମାନିବା ତାର ନୀତିବିରୁଦ୍ଧ । ତଥାପି ସେ ଜାଣିବାକୁ ଚାହେଁ—ଘରେ ତା ପାଇଁ ସ୍ଥାନ ହେବ କି ନା ?

ପତ୍ରଟା ପାଇ ବେଣୀମାଧବ ରାଗରେ ଗଁ ଗଁ ହୋଇ ଉଠିଲେ । ତା ପରେ ସେ ଉତ୍ତେଜନା ଗୃହିଣୀଙ୍କ ଆଗରେ ପୁଅର କୀର୍ତ୍ତିକଥା ବର୍ଣ୍ଣନା କରିଗଲେ । ଅବଶେଷରେ ଓଷ୍ଠାଧର ଦଂଶନ କରି କହିଲେ—ସଇତାନ୍ ଲେଖିଛି, ଘରେ ତା ପାଇଁ ସ୍ଥାନ ଅଛି କି ନା । ହୁଁ । ବେଣୀମାଧବ ପଟ୍ଟନାୟକ ଘରେ ପୁଣି ତାପାଇଁ ସ୍ଥାନ ।

ଏହା କହି ସେ ଡଗ ଡଗ ହୋଇ ଚାଲିଗଲେ । ଗୃହିଣୀ ଜ୍ୱଳନ୍ତ ଅଗ୍ନିରେ ଆହୁତି ଦେବା ଠିକ୍ ମନେ କଲେ ନାହିଁ । ପୁତ୍ରର ଅନାଚାରର କଥା ଭାବି ସେ ଦୁଃଖିତ ହେଲେ ଏବଂ ଫଁ କରି ଗୋଟାଏ ନିଃଶ୍ୱାସ ପକାଇ ମନେ ମନେ କହିଲେ—ଦୁର୍ଗା କଣ କଲୁ । ବେଣୀମାଧବ ଗୋଟାଏ ଖୁବ୍ କଡ଼ା କରି ଚିଠି ଲେଖିଲେ ଏବଂ ସ୍ପଷ୍ଟ ଜଣାଇଦେଲେ ଯେ ତାଙ୍କ ଘରେ ଗୋଟାଏ କୁକୁର ବା ଶୃଗାଳ ପାଇଁ ସ୍ଥାନ ଥାଇପାରେ, ମାତ୍ର ଦୁର୍ଗାମାଧବ ପାଇଁ ନାହିଁ । ଏହି କଥା ମଧ୍ୟ ସେ ଦଣ୍ଡକ ପରେ ପତ୍ନୀଙ୍କୁ ଶୁଣାଇଦେଲେ । ଦୁର୍ଗା ବୋଉ ଆଉ ଗୋଟାଏ ଫଁ କରି ନିଃଶ୍ୱାସ ଛାଡ଼ି ଚୁପ ହୋଇ ରହିଲେ । କିଛି ଦିନ ପରେ ସେ ନିଜର ଗୁପ୍ତ ତହବିଲରୁ ତିରିଶ ଟଙ୍କା କାଢ଼ି ଅତି ଗୋପନରେ ପୁଅ ନାମରେ ମନିଅର୍ଡ଼ର କରି ପଠାଇଦେଲେ । ଦୁର୍ଗାମାଧବ ମଧ୍ୟ ଗୋଟାଏ ଟ୍ୟୁସନ୍ ଯୋଗାଡ଼ କରି ନେଇ ଭୁବନେଶ୍ୱରରେ ରହି ଚଳିବାକୁ ଲାଗିଲା ।

ସେ ଥର ଡେପୁଟି ନମିନେସନରେ ଦୁର୍ଗାମାଧବ ବିଶ୍ୱବିଦ୍ୟାଳୟର ସୁପାରିଶରେ ଅକ୍ଳେଶରେ ନିର୍ବାଚିତ ହୋଇଗଲା । ବେଣୀମାଧବଙ୍କ କାନରେ ଏହି ସମ୍ବାଦଟା ଆସି ଯଥାସମୟରେ ବାଜିଲା । ସମ୍ବାଦର ସତ୍ୟତା ବିଷୟରେ ଯେତେବେଳେ ତିଳେମାତ୍ର ସନ୍ଦେହ କରିବାର କାରଣ ନ ରହିଲା, ସେତେବେଳେ ସେ ଭାବିଲେ—ହାୟ, ହାୟ, ମୁହୂର୍ତ୍ତିକର ଉତ୍ତେଜନାରେ ସେ କି ଭୁଲଟାଏ କରି ପକାଇଲେ । ପରେ ସେ ଗୃହିଣୀଙ୍କ ନିକଟକୁ ଯାଇ ଅତି କାକୁସ୍ଥ ହୋଇ କହିଲେ, —ଶୁଣିଲଣି ହେ ଦୁର୍ଗା ବୋଉ । ତମ ପୁଅ ଡେପୁଟି ହେଉଛି । ଦୁର୍ଗା ବୋଉ ପ୍ରଥମେ କଥାଟା ଶୁଣି ଥକ୍କା ହୋଇ ରହିଲେ,—କିଛି ବୁଝି ପାରିଲେ ନାହିଁ । ପରେ କହିଲେ—ହଁ, ହଁ, ଖୁବ୍ ଠାପରା କରି ଶିଖିଲଣି; ସେତିକି ଥାଉ । ବେଣୀମାଧବ ହସି ହସି କହିଲେ— ନା, ନା; ଠାପରା ନୁହେଁ, ସତ କଥା । ଏହି ପରା ସେ ନିଜେ ତମ ନାଁରେ ଚିଠି ଲେଖିଛି । ମୁଁ ପଢ଼ି ଦେଉଚି, ଶୁଣ ।

ଦୁର୍ଗା ବୋଉ ତା ଶୁଣି କାନ୍ଥକୁ ଡେରି ଦେଇ ବସିଲେ ଏବଂ ଦମ୍ଭ କରି କହିଲେ—ହୁଁ ! ମୁଁ କଣ କହୁଥିଲି ? ପିଲାଟି ହାକିମ କଲା ନେଇ ଜନ୍ମ ହୋଇଥିଲା, ହାକିମ ନ ହୋଇ ଯାଆନ୍ତା କୁଆଡ଼େ ? ଦେଖ, ଏଥର ପୂର୍ବର କଥା ପାସୋରି ଯାଅ । ପୁଅବୋହୂଙ୍କୁ ଯାଇ ଘରକୁ ନେଇ ଆସ । ବୁଝିଲ ନା, ବୋହୂ ତ ଆସି ଆଉ ରୋଷାଇରେ ପଶିବ ନାହିଁ, ଡେପୁଟିର ଭାରିଯା ହେଲା ସେ ତ ଆଉ ଭାତ ରାନ୍ଧି ଦେବ ନାହିଁ । ତେବେ ସେ ଖଣ୍ଡାଇତ ଝିଅ ହେଲେ କେତେ, ଶିରସ୍ଥାନ ଝିଅ ହେଲେ କେତେ ? ଗୃହିଣୀଙ୍କ କଥା ଶୁଣି ବେଣୀମାଧବ ପ୍ରଥମେ ଟିକିଏ ମୁଣ୍ଡ କୁଣ୍ଡେଇ ହେଲେ, ପରେ ତଦନୁସାରେ କାର୍ଯ୍ୟ କଲେ । ସେ ପତ୍ର ଲେଖି ଦେଲେ ଯେ ଅମୁକ ଦିନ ଯାଇ ସେ ଶ୍ରୀମତୀ ବୋହୂ ଠାକୁରାଣୀଙ୍କୁ ଘରକୁ ନେଇ ଆସିବେ । ଦୁର୍ଗା ପତ୍ର ପାଇ ବେଦମ ହସିଲା ।

ଇତି ମଧ୍ୟରେ ହେମଲତାଠାରୁ ମଧ୍ୟ ରାମଶଙ୍କର ଖଣ୍ଡିଏ ପତ୍ର ପାଇଲେ । ହେମ ଲେଖିଲା—ବାପା, ଆପଣଙ୍କ ଝିଅର ଅପରାଧ କ୍ଷମା କରିବେ । ବୋଉକୁ କହିବେ, ସେ ମାଫ୍ କରିବ । ବର୍ତ୍ତମାନ ଆମ୍ଭେମାନେ ଭୁବନେଶ୍ୱରରେ ଅଛୁଁ ।

ହେମଲତା ନିଜର ଯେଉଁ ଠିକଣାଟା ଦେଇଥିଲା ତା ସହିତ ଡେପୁଟି ଦୁର୍ଗାମାଧବର ନାମ ଯୋଡ଼ା ହୋଇଥିଲା । ସେଥିରୁ ସନ୍ଦେହ ରହିଲା ନାହିଁ ଯେ ଏ "ଆମ୍ଭେମାନେ" ଶବ୍ଦଟାର ଅର୍ଥ କଣ । ପତ୍ର ପାଇ ରାମଶଙ୍କର ପତ୍ନୀଏ ରେ କି ସ୍ୱର୍ଗରେ, କି ପାତାଳପୁରରେ ଅଛନ୍ତି, କିଛି ଠିକ୍ କରି ପାରିଲେ ନାହିଁ । ଲୀଳାବତୀ ଝାମ୍ ମାରିଗଲେ । ସେହି ଦିନ କଟକ ଷ୍ଟେସନରେ ରାମଶଙ୍କରଙ୍କୁ ସପରିବାରରେ ଭୁବନେଶ୍ୱର ମୁକାମକୁ ଟିକଟ୍ କାଟି ଖୁବ୍ ଉତ୍ସାହରେ ରେଲଗାଡ଼ିରେ ଚଢିବାର ଦେଖା ଯାଇଥିଲା । ପରେ ଭୁବନେଶ୍ୱରରେ ଦୁଇ ସମ୍ଭୁନ୍ଧଙ୍କର ମିଳନ ।

ଟେମେଇ ବାରିକର ଗୋଟାଏ ଜୀବନବ୍ୟାପୀ ଭୁଲର ସଂଶୋଧନ ହୋଇ ଯାଇଥିଲା । ସେ ବୁଝି ପାରିଥିଲା ଯେ ପଗଡ଼ିଟା କେବଳ କାବୁଲି ସାହେବର ମୁଣ୍ଡରେ ଥାଏ ନାହିଁ, କିମ୍ବା ଠେଙ୍ଗାଟା ଖାଲି କାବୁଲି ସାହେବ ହାତରେ ସ୍ଥାନ ପାଏ ନାହିଁ । ଭବିଷ୍ୟତରେ କାହାରି ଡେପୁଟି ହେବାକୁ ଇଚ୍ଛା ଥିଲେ, ପାଗ ବାନ୍ଧିବା ଏବଂ ଠେଙ୍ଗା ଧରିବା ନିତାନ୍ତ ଦରକାର ।

କିନ୍ତୁ ଦୁର୍ଗାମାଧବର ଆଜିକାଲି ଆଉ ସେ ପଗଡ଼ି ନାହିଁ, କିମ୍ବା ସେ ଶୋଠା ମଧ୍ୟ ନାହିଁ । ତାହା ସ୍ଥାନରେ ଏବେ ସାହିବୀ ଟୋପି ଓ ହାଲ ଫେସନର ଛଡ଼ି ଦେଖା ଦେଇଛି । ତଥାପି ହେମଲତା ମୁହଁରୁ ସମୟ ସମୟରେ ଶୁଣାଯାଏ ଯେ ଦୁର୍ଗାମାଧବର ମନେ ମନେ ପଗଡ଼ି ଓ ଠେଙ୍ଗା ପ୍ରତି ପୂର୍ବ ଶ୍ରଦ୍ଧା ଅକ୍ଷୁଣ୍ଣ ରହିଛି ।

# ଆଜିର ଜାପାନ

ଶ୍ରୀ ପଦ୍ମଚରଣ ପଟ୍ଟନାୟକ

ଆଧୁନିକ ଜାପାନ ବିଷୟରେ ଜଣେ ଭାରତୀୟ ପ୍ରତ୍ୟକ୍ଷଦର୍ଶୀଙ୍କର ବର୍ଣ୍ଣନା ଏହିପରି—

ଯେଉଁମାନେ ଜାପାନ ଦେଖିବାକୁ ଯାଆନ୍ତି ସେମାନେ ପ୍ରାୟ ସମସ୍ତେ ଯେ ଜାପାନର ଗୁଣମୁଗ୍ଧ ବନ୍ଧୁ ହୋଇପଡ଼ନ୍ତି ଏଥିରେ ବିଶେଷତ୍ୱ କିଛି ନାହିଁ । ସେ ଦେଶରେ ଓ ସେ ଦେଶର ଲୋକ ଚରିତ୍ରରେ ଏପରି କିଛି ବିସ୍ମୟକର ପଦାର୍ଥ ଅଛି ଯାହା ବଳରେ ବୈଦେଶିକମାନେ ସହଜରେ ଜାପାନର ଅନୁରକ୍ତ ହୋଇ ପାରନ୍ତି ।

ବ୍ୟକ୍ତିଗତ ଭାବରେ ଆମ୍ଭର ଏହି ମତ ଯେ ଜାପାନ ଓ ଭାରତବର୍ଷ ଅହୁରି ଦୃଢ଼ତର ବନ୍ଧନରେ ଆବଦ୍ଧ ହୋଇ ରହିବେ । ଭଗବାନ୍ ବୁଦ୍ଧଦେବଙ୍କର ଜନ୍ମସ୍ଥାନ ବୋଲି ଅତୀତ ଭାରତ ପ୍ରତି ଜାପାନୀମାନଙ୍କର ଗଭୀର ଭକ୍ତି ଅଛି । ସେମାନେ ମଧ୍ୟ ଏ କଥା ସ୍ୱୀକାର କରନ୍ତି ଯେ ଜାପାନର ସଭ୍ୟତା ଅନେକାଂଶରେ ଭାରତ ନିକଟରେ ଋଣୀ । ଅତୀତ ଭାରତ ପ୍ରତି ଜାପାନର ଏ କୃତଜ୍ଞତା ଓ ଭକ୍ତି ସତ୍ତ୍ୱେ ଆଧୁନିକ ଭାରତର ଅକ୍ଷମତାକୁ ଜାପାନ ଆଜି ଅବଶ୍ୟ କୃପାଦୃଷ୍ଟିରେ ଦେଖିଥାଏ ।

ଜାପାନବାସିଙ୍କ ବିଷୟରେ ଆମ୍ଭମାନଙ୍କର ପ୍ରଥମ ଜ୍ଞାନ ଜାତ ହେଲା ଯେତେବେଳେ ଆମ୍ଭେମାନେ ସିଂହଳରୁ ଜାପାନୀ ଜାହାଜ "ହାକୁସନ ମାରୁ"ରେ ଯାଇ ବସିଲୁଁ । ଆମ୍ଭେ ଜାପାନ ଯାତ୍ରୀ-ମାନଙ୍କୁ ଏ କଥା ସ୍ଥିର ଭାବରେ କହିପାରୁଁ ଯେ ଜାପାନୀ ଜାହାଜରେ ଜାପାନ ଯାତ୍ରା କରିବା ଯେପରି ଆରାମପ୍ରଦ ସେହିପରି ସୁବିଧାଜନକ । ଜାପାନୀ ଜାହାଜର କର୍ତ୍ତୃପକ୍ଷମାନେ ଆରୋହୀମାନଙ୍କର ସୁଖ ସ୍ୱାଚ୍ଛନ୍ଦ୍ୟ ପ୍ରତି ଯେପରି ଦୃଷ୍ଟି ଦିଅନ୍ତି ସେପରି ଅନ୍ୟ କେହି ଦେବାର ଦେଖାଯାଏ ନାହିଁ । ମଧ୍ୟରେ କେତେକ ବନ୍ଦର ଦେଖି ସାରି ଆମ୍ଭେମାନେ କୋବରେ ପହଞ୍ଚିଲୁଁ ଏବଂ ସର୍ବପ୍ରଥମ ଜାପାନ ଭୂମିରେ ପଦାର୍ପଣ କଲୁଁ ।

ଜାପାନୀ ଚରିତ୍ରକୁ ଗୁଟିଏ ଗୋଟି କଥାରେ ସ୍ଥୂଳତଃ କୁହାଯାଇ ପାରେ—ଭଦ୍ରତା, ସାଧୁତା, ସାରଲ୍ୟ ଓ ପରିଶ୍ରମ । ସେମାନଙ୍କର ଧର୍ମ ସେମାନଙ୍କୁ ଜୀବଜନ୍ତୁଙ୍କ ପ୍ରତି ଦୟାଳୁ ହେବାକୁ ଶିକ୍ଷା ଦିଏ । ଶୁଣିଲେ ସହଜରେ ବିଶ୍ୱାସ ହେବ ନାହିଁ ଯେ ଜାପାନ୍ ଗୋଟିଏ "ଚାବୁକଶୂନ୍ୟ ଦେଶ"—ସେ ଦେଶର କୌଣସି ଦୋକାନରେ ଖଣ୍ଡେମାତ୍ର ଚାବୁକ କିଣିବାକୁ ମିଳିବ ନାହିଁ । ଗାଡ଼ି ଚାଳକମାନେ କେହି ହେଲେ ଖଣ୍ଡେ ଚାବୁକ ବ୍ୟବହାର କରନ୍ତି ନାହିଁ । ଗାଡ଼ି ଚାଳକମାନେ ଗାଡ଼ିବାହକ ଜନ୍ତୁମାନଙ୍କୁ ସେମାନଙ୍କର ବନ୍ଧୁ ଭାବରେ ଗ୍ରହଣ କରନ୍ତି ଏବଂ ପ୍ରକୃତରେ ସେମାନଙ୍କ ସଙ୍ଗେ କଥାବାର୍ତ୍ତା କରନ୍ତି । ଜୀବଜନ୍ତୁମାନେ କେବଳ ଭୂମିକର୍ଷଣ ପାଇଁ ଓ ମାଲ ପ୍ରଭୃତି ନେବା ପାଇଁ ବ୍ୟବହୃତ ହୁଅନ୍ତି । ଚକ୍ରଗାମୀ ଯାନସବୁ ମଣିଷ ଶକ୍ତିରେ ଚଳେ । ପ୍ରତି ଗାଡ଼ିଚାଳକ ତାର ଗାଡ଼ି ଚଳାଇବା ବେଳେ ସଙ୍ଗରେ ଗୋଟିଏ ବାକ୍ସରେ ପଶୁମାନଙ୍କ ଆହାର ପାଇଁ ରୁଟି ପ୍ରଭୃତି ଖାଦ୍ୟ ରଖିଥାଏ ଏବଂ ଗାଡ଼ି ବୁହାଇବା ଅବସ୍ଥାରେ ମଝି ମଝି ପଶୁମାନଙ୍କୁ ଖାଇବାକୁ ଦିଏ । ଜାପାନର ସବୁ ପଶୁଗୁଡ଼ିକ ଦେଖିବାକୁ ହୃଷ୍ଟପୁଷ୍ଟ । ସେ ଦେଶରେ ଗୋଟିଏ ହେଲେ ଖାଇବାକୁ ନ ପାଇ ଜୀର୍ଣ୍ଣ ଶୀର୍ଣ୍ଣ ହେବା ଘୋଡ଼ା ବା ବଳଦ କେହି ଦେଖିବାକୁ ପାଇବ ନାହିଁ । ଅହିଂସା ଧର୍ମ ଯେ ଭାରତରୁ ଜାପାନକୁ ଯାଇଥିଲା ପ୍ରକୃତରେ ସେଠାରେ ତାହାର ସଦ୍‌ବ୍ୟବହାର ହୋଇଅଛି । ଆମ୍ଭେମାନେ ଟୋକିଓରେ ଗୋଟିଏ ଗାଡ଼ି ଚାଳକର ଏକ ମର୍ମସ୍ପର୍ଶୀ ବ୍ୟବହାର ଦେଖି ମୁଗ୍ଧ ହୋଇ ଯାଇଥିଲୁଁ । ଗାଡ଼ିଏ କାଠ ନେଇ ଏକ ଗାଡ଼ିବାଲା ଯାଉଥିଲା । ହଠାତ୍ ବାଟରେ ବର୍ଷା ହେବାରୁ ଗାଡ଼ି ଚାଳକ ତାହାର ନିଜର ବ୍ୟବହାର ପାଇଁ ଦେହରେ ଯେଉଁ ବର୍ଷାଇଚଟା ପିନ୍ଧିଥିଲା ସେ ନିଜେ ଭିଜି-ଭିଜି ମଧ୍ୟ ଗାଡ଼ିର ଘୋଡ଼ାକୁ ସେଇଟା ଘୋଡ଼ାଇ ଦେଇ ତାକୁ ବର୍ଷାରୁ ରକ୍ଷାକଲା । ପ୍ରତି ବର୍ଷ ସେ ଦେଶରେ "ପଶୁ ସପ୍ତାହ" ଅନୁଷ୍ଠିତ ହୋଇ ଜୀବଜନ୍ତୁଙ୍କ ପ୍ରତି ଦୟାଭାବ ଶିକ୍ଷା ଦିଆଯାଏ । ଏପରି "ପଶୁ ସପ୍ତାହ" ଆମ୍ଭମାନଙ୍କର ଭାରତବର୍ଷରେ ପ୍ରତି ବର୍ଷ ଅନୁଷ୍ଠିତ ହେବା ଆବଶ୍ୟକ ହୋଇ ପଡ଼ିଅଛି । ୧୮୬୮ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଜାପାନୀମାନେ କୌଣସି ମାଂସ ଖାଦ୍ୟରୂପେ ବ୍ୟବହାର କରୁ ନ ଥିଲେ ଏବଂ ଆଜିକାଲି ମଧ୍ୟ ମାଂସ ଏପରି ଦୁର୍ମୂଲ୍ୟ ଯେ ତାହା ଅଳ୍ପ କେତେକ ଲୋକ ବ୍ୟବହାର କରିଥାନ୍ତି । ଜାପାନର ଆମ୍ଭମାନଙ୍କର ଅନ୍ୟ ଯେ କୌଣସି ଦେଶ ଅପେକ୍ଷା ଜାପାନରେ କମ୍ ମାଂସ ଖାଦ୍ୟରୂପେ ବ୍ୟବହୃତ ହୋଇଥାଏ ।

## ଯଥେଷ୍ଟ ଶିଷ୍ଟାଚାର

ସେମାନଙ୍କର ସ୍ୱଭାବ ଓ ଅଭ୍ୟାସ ଦ୍ୱାରା ଜାପାନୀମାନେ ପୃଥିବୀ ପୃଷ୍ଠରେ ଅତି ଶିଷ୍ଟାଚାରୀ ଜାତି । ସେମାନେ ଯେପରି ଭାବରେ ନମସ୍କାର କରନ୍ତି ତାକୁ ଦେଖିଲେ ଜଣାଯିବ ସେମାନେ କିପରି ଶିଷ୍ଟାଚାରୀ । ନମସ୍କାର କଲାବେଳେ ଅନ୍ତତଃ ତିନି ଥର ମସ୍ତକ ଅବନତ କରନ୍ତି । ଆମ୍ଭେମାନେ ଦେଖିଅଛୁଁ ଚଳନ୍ତା ରେଲଗାଡ଼ିରେ (ଯେଉଁଥିରେ କେବଳ ବସିବା ପାଇଁ ସ୍ଥାନ ଅଛି) ଯଦି କେହି ଲୋକ ଆଗରୁ ଆସି ଗାଡ଼ି ଭିତରେ ଶୋଇ ପଡ଼ିଅଛି, ମଧ୍ୟବର୍ତ୍ତୀ ଷ୍ଟେସନରୁ ଲୋକମାନେ ଉଠି ଶୋଇବା ଲୋକଙ୍କୁ ନ ଉଠାଇ ଠିଆ ହୋଇ ରହିଯାନ୍ତି । ସର୍ବତ୍ର ଶିଷ୍ଟାଚାର ଦେଖିବାକୁ



Digitized by srujanika@gmail.com

ମିଳେ । କୌଣସି ଦୋକାନରେ ପ୍ରବେଶ କଲା ଯଣି ଦୋକାନୀ ସଙ୍ଗେ ସଙ୍ଗେ ତୁମ୍ଭଙ୍କୁ ଆଦର ଅଭ୍ୟର୍ଥନା କରି ନେଇଯିବ ଏବଂ ତୁମ୍ଭେ ଯଦି ପଇସାକର ପଦାର୍ଥ ସେ ଦୋକାନରୁ ନ କଣି ଫେରି ଯାଅ ତେବେ ସୁଦ୍ଧା ଦୋକାନୀର ମୁଖରେ ବିରକ୍ତି ବା ଅସନ୍ତୋଷର ଚିହ୍ନ ଦେଖିବ ନାହିଁ । ପକ୍ଷାନ୍ତରରେ ଦୋକାନୀ ଏତେ ଧନ୍ୟବାଦ ଦେବ ଯେପରି କି ତୁମ୍ଭେ ଦୋକାନ ଗୋଟାକ କିଣି ପକାଇଅଛ । ରେଲଗାଡ଼ିରେ, ଟ୍ରାମ ଗାଡ଼ିରେ, ଭଡ଼ା ମଟରରେ, ହୋଟେଲ-ମାନଙ୍କରେ ସେଠାର ଲୋକମାନଙ୍କର ଶିଷ୍ଟତା ଓ ସଦାଚାର ସର୍ବଦା ଦେଖିବାକୁ ମିଳଥାଏ ।

ଆମ୍ଭେ ଜାପାନୀ ଭାଷା ଜାଣି ନ ଥିବାରୁ ସର୍ବସାଧାରଣଙ୍କ ସଙ୍ଗେ କଥାବାର୍ତ୍ତା କରିବାର ସୁଯୋଗ ପାଇ ନ ଥିଲୁଁ; କାରଣ ସାଧାରଣ ଲୋକେ ଇଂରାଜି ଭାଷା ଜାଣନ୍ତି ନାହିଁ । ଟୋକିଓ ସହରରେ ଥରେ ଆମ୍ଭେ ରାତି କାଳରେ ପଥ ହରାଇ ଏକ ଭଦ୍ରବ୍ୟକ୍ତିଙ୍କୁ ପଚାରିବାରୁ ସେ ଆମ୍ଭ ସଙ୍ଗରେ ତିନି ମାଇଲ ବାଟ ଚାଲି କରି ଆସି ଆମ୍ଭମାନଙ୍କୁ ନିର୍ଦ୍ଦିଷ୍ଟ ସ୍ଥାନରେ ଛାଡ଼ି ଦେଇଗଲେ ।

## ଅପରାଧଶୂନ୍ୟ ଦେଶ

ଏ ଦେଶରେ ଏବଂ ଅନ୍ୟାନ୍ୟ ଲୋକଙ୍କର ଭିନ୍ନ ଧାରଣା ଥିଲେ ମଧ୍ୟ ଆମ୍ଭେମାନେ ଦେଖିଲୁଁ ଯେ ଜାପାନୀମାନେ ସେମାନଙ୍କର ସାଧାରଣ କାର୍ଯ୍ୟ କ୍ଷେତ୍ରରେ ଖୁବ୍ ସାଧୁ ପ୍ରକୃତିକ ଏବଂ ଶାନ୍ତିପ୍ରିୟ ଜାତି । ଜାପାନ ସାଧାରଣ ଭାବରେ, ବିଶେଷତଃ ନୈତିକ ଦୋଷାଦୋଷରେ, ଗୋଟିଏ ଅପରାଧଶୂନ୍ୟ ଦେଶ । ପୁରୁଷମାନଙ୍କ ଅପେକ୍ଷା ସ୍ତ୍ରୀ ଲୋକମାନଙ୍କ ଭିତରେ ସାଧୁତା ବେଶି ଦେଖିବାକୁ ମିଳେ । ସେ ଦେଶର ସ୍ତ୍ରୀ ଲୋକମାନଙ୍କୁ ଧନ୍ୟବାଦ, କାରଣ ସେମାନେହିଁ ଜାପାନ ଦେଶକୁ ଉଆର କରିଛନ୍ତି । ସେ ଦେଶରେ ସ୍ତ୍ରୀଲୋକମାନଙ୍କ ମଧ୍ୟରେ ଅପରାଧ ସଂଖ୍ୟା ଅତି ସାମାନ୍ୟ ।

ଜାପାନର ଅଧିକାଂଶ ଘର କାଗଜରେ ତିଆରି ଓ ସ୍ଥାନେ ସ୍ଥାନେ କାଚ ଖଞ୍ଜା ଥାଏ । ଘରେ ଲୁହାର କବାଟ ବା ତାଲା ଲଗା ହୁଏ ନାହିଁ । ତଥାପି ସେଠାରେ ଚୋରି ବା ଡକାଇତିର ସଂଖ୍ୟା ଅତି ସାମାନ୍ୟ । ଟୋକିଓ ସହରରେ ଆମ୍ଭେମାନେ ଆମ୍ଭମାନଙ୍କର ଜିନିଷପତ୍ର ରଖି ଦେଇ ଏବଂ ରଖିବା ଘରେ କାହାକୁ ଜଗାଇ ନ ରଖି ବା ତାଲା ବନ୍ଦ ନ କରି କେତେକ ଦିନ ପାଇଁ ଦୂରବର୍ତ୍ତୀ ମଫସଲକୁ ଚାଲି ଯାଇଥିଲୁଁ । ତେଣୁ ଫେରି ଆସି ଦେଖିଲୁଁ ଯେ ଆମ୍ଭମାନଙ୍କର ଜିନିଷପତ୍ର ସେହିପରି ରହିଅଛି—କେହି କିଛି ମାତ୍ର ସ୍ପର୍ଶ କରି ନାହିଁ । ରେଲଗାଡ଼ିରେ ଯାଉଥିବା ବେଳେ ତୁମ୍ଭେ ତୁମ୍ଭର ଜିନିଷ ଅସାବଧାନ ଭାବରେ ଏ ପାଖେ ସେ ପାଖେ ରଖି ଦେଇଥାଅ ତାହା କେହି ଛୁଇଁବେ ନାହିଁ । ବଜାରର ସବୁ ଦୋକାନକୁ ଯାଅ ଦେଖିବ କୌଣସିଠାରେ କିଛି ଦରଦାମ ନେଇ ଟଣା ଓଟରା ନାହିଁ । ସବୁ ପଦାର୍ଥର ଦାମ ସମସ୍ତଙ୍କୁ ସମାନ—ଯାହା ଉଚିତ ତାହାହିଁ ସ୍ଥିର ହୋଇଅଛି । ରେଲଗାଡ଼ି ବା ଟ୍ରାମ ଗାଡ଼ିରେ ଅପରିଚିତମାନଙ୍କର ଟିକେଟ୍ ବାଟରେ ଦେଖିବା ପାଇଁ ଗାଡ଼ିରେ ଯାଉ-ଥିବା ଟିକେଟ ପରୀକ୍ଷକ ନାହିଁ । ଜେଲଖାନାଗୁଡ଼ିକ ଠିକ୍ ଆଧୁନିକ ଧରଣରେ ଚଳୁଛି । କଏଦୀମାନଙ୍କୁ ସେମାନଙ୍କର ଅପରାଧ ଲାଗି ଦଣ୍ଡ ଦେବା ସେଠା ଜେଲର ଉଦ୍ଦେଶ୍ୟ ନୁହେଁ, କଏଦୀର ଯେପରି ଚରିତ୍ର ସଂଶୋଧନ ହୁଏ ଏବଂ ସେ ଯେପରି ଭବିଷ୍ୟତରେ ସଚ୍ଚରିତ୍ର ନାଗରିକ ହୋଇ ପାରିବ ସେଥି ପ୍ରତି ଜେଲରେ ସମ୍ୟକ୍ ଚେଷ୍ଟା ହୋଇଥାଏ । ଟୋକିଓ ସହର ନିକଟବର୍ତ୍ତୀ କୋସୁଜ ଜେଲଖାନାରେ କଏଦୀମାନଙ୍କଦ୍ୱାରା ପରିଚାଳିତ "ଜନ୍ମମାନବ" ନାମରେ ଏକ ପ୍ରସିଦ୍ଧ ଖବର କାଗଜର ଯଥେଷ୍ଟ ପ୍ରତିପତ୍ତି ଅଛି । ସେ କାଗଜ କଏଦୀ-ମାନଙ୍କ ଦ୍ୱାରା ଲେଖା ହୁଏ ଏବଂ ସେମାନଙ୍କ ତତ୍ତ୍ୱାବଧାନରେ ସମ୍ପାଦିତ ହୁଏ ।

ଜାପାନୀ ଲୋକଙ୍କର ଆଉ ଗୋଟିଏ ଚରିତ୍ରର ବିଶେଷତ୍ୱ ଯାହା ସମସ୍ତଙ୍କ ଆଖିରେ ପଡ଼େ, ତାହା ହେଉଛି ସେମାନଙ୍କର ସ୍ୱଭାବର ସରଳତା । ଜାପାନର ଖୁବ୍ ବଡ଼ ଲୋକମାନଙ୍କର ମଧ୍ୟ ନିଜର ମଟର ଗାଡ଼ି ନାହିଁ । ଭଡ଼ା ମଟର ସେ ଦେଶରେ ଅନେକ ଅଛି ଏବଂ ସେ ସବୁ ଶସ୍ତାରେ ମିଳୁଥିବାରୁ ଧନୀ ଲୋକମାନେ ସେହି ଭଡ଼ା ମଟର ବ୍ୟବହାର କରି କାମ ଚଳାନ୍ତି । ମଟର ଚଳାଇବା ଲାଗି ବ୍ୟବହୃତ ପେଟ୍ରୋଲ ଗାଲନକୁ ଛଅ ଅଣାରେ ମିଳିଥାଏ । ସେଠାର ଅତି ଧନାଢ୍ୟ ଘରର ସ୍ତ୍ରୀ ଲୋକମାନେ ମଧ୍ୟ ଅଳଙ୍କାର ଗୁଡ଼ାଏ ପିନ୍ଧନ୍ତି ନାହିଁ । କେତେକ ସ୍ତ୍ରୀଲୋକ ବିବାହ ସମୟର ସ୍ମାରକ ସ୍ୱରୂପ ଲୁହାର ମୁଦି ହାତରେ ପିନ୍ଧିବାର ଆମ୍ଭେମାନେ ଦେଖିଅଛୁ । ସେମାନଙ୍କର ଅଳଙ୍କାର ପ୍ରତି ଏ ଅଶ୍ରଦ୍ଧା ଦେଖି ଏ ଦେଶରେ ସ୍ତ୍ରୀ ଲୋକମାନଙ୍କର ଶିଖିବାର ଯଥେଷ୍ଟ ଅଛି । ସେମାନଙ୍କର ଖାଦ୍ୟ ଖୁବ୍ ସରଳ । ଭାତ ସଙ୍ଗରେ ପରିବା ତର୍କାରି ଓ ମାଛ ସେମାନେ ଖାଆନ୍ତି । ଘରେ ଜିନିଷ ପତ୍ର ଗୁଡ଼ାଏ ବହୁତ ରଖନ୍ତି ନାହିଁ ବା ଖୁବ୍ ଆଡ଼ମ୍ବରରେ ଘର ସଜାସଜି କରନ୍ତି ନାହିଁ ।

## ଖୁବ୍ ପରିଶ୍ରମୀ

ଯେ କୌଣସି ବିଭାଗରେ କାର୍ଯ୍ୟ କରନ୍ତୁ ନା କାହିଁକି ଜାପାନୀମାନେ ଖୁବ୍ ପରିଶ୍ରମରେ ସେ କାର୍ଯ୍ୟ କରନ୍ତି । କାମ କଲା ବେଳେ କେହି ଠକି ଦେବାକୁ ଇଚ୍ଛା କରନ୍ତି ନାହିଁ ବରଂ ସେମାନେ କଠିନ ପରିଶ୍ରମ କରିବାରେ ଆନନ୍ଦ ଅନୁଭବ କରନ୍ତି । ସରକାରୀ କଚେରୀମାନଙ୍କରେ ଦିନରେ ଆଠଘଣ୍ଟା କାର୍ଯ୍ୟ ହୁଏ । କାର୍ଯ୍ୟ କଲାବେଳେ ସେମାନେ ମନପ୍ରାଣ ଦେଇ କାର୍ଯ୍ୟ କରନ୍ତି । କାର୍ଯ୍ୟ କରୁ କରୁ ବରଂ ସେମାନେ ମଝିରେ କାର୍ଯ୍ୟ ଛାଡ଼ିଯିବେ ନାହିଁ । ସେମାନେ କାର୍ଯ୍ୟ କରିବା ବେଳେ ସେମାନଙ୍କୁ ଜଗିବା ପାଇଁ ଲୋକର ଆବଶ୍ୟକ ହୁଏ ନାହିଁ । ଶୁଣି ବିସ୍ମିତ ହେବାକୁ ହୁଏ ଯେ ସେଠାର ପ୍ରଧାନ ବିଶ୍ୱବିଦ୍ୟାଳୟର ପ୍ରଧାନ ଅଧ୍ୟାପକଙ୍କର ମାସିକ ଦରମା ତିନିଶତ ଟଙ୍କା ମାତ୍ର କିନ୍ତୁ ତାଙ୍କର ପେଷ୍କାରଙ୍କର



Digitized by srujanika@gmail.com

ଦରମା ଏକ ଶତ ଟଙ୍କା । ଜାପାନ ସରକାର ଗୁଡ଼ାଏ ମୋଟା ଦରମା ପାଇବା ବଡ଼ ଚାକରିଆ ଉପରେ ରଖି ତାଙ୍କର ଶାସନ କାର୍ଯ୍ୟ ଚଳାଉ ନାହାନ୍ତି । ଚାକରିଆମାନଙ୍କର ଦରମା ଅଳ୍ପ ଥିବା ହେତୁ କାର୍ଯ୍ୟରେ ସେମାନଙ୍କର ଅମନୋଯୋଗ, ଅବହେଳା ପ୍ରଭୃତି ଦୋଷସବୁ ଥିବାର କେହି କେହି ମନେ କରି ପାରନ୍ତି ମାତ୍ର ସେପରି ଦୋଷ ସେମାନଙ୍କ ମଧ୍ୟରେ କ୍ୱଚିତ୍ ଦେଖାଯାଏ । ସେମାନେ ସ୍ୱଭାବତଃ ସତ୍ ପ୍ରକୃତିକ । ସ୍ୱଲିସ କର୍ମଚାରୀମାନେ ଯେପରି ଦକ୍ଷ, ସେହିପରି ଭଦ୍ର ଓ ସାଧୁ ସ୍ୱଭାବର ଜାପାନ-ମାନଙ୍କର ଅଧ୍ୟବସାୟ ବିସ୍ମୟକର । ସେହି ଅଧ୍ୟବସାୟ ଗୁଣରୁ ସେମାନେ ଏତେ ଶସ୍ତାରେ ଏତେ ଦ୍ରବ୍ୟ ପ୍ରସ୍ତୁତ କରି ପୃଥିବୀର ସବୁ ଦେଶର ବଜାର ପୂର୍ଣ୍ଣ କରି ଦେଇଅଛନ୍ତି । ସେମାନେ ବଡ଼ ସଂଯତ ଓ ଗମ୍ଭୀର ପ୍ରକୃତିକ । ସେ ଦେଶର ସ୍ତ୍ରୀଲୋକ ଓ ପିଲାମାନେ ମଧ୍ୟ ସେହିପରି । ସେମାନଙ୍କୁ ଦେଖିଲେ ଲୋକ ମନେ କରିପାରେ ଜାପାନୀ ସ୍ତ୍ରୀଲୋକମାନେ ହସନ୍ତି ନାହିଁ କି ଜାପାନୀ ପିଲାମାନେ କାନ୍ଦନ୍ତି ନାହିଁ ।

### ଶିକ୍ଷାର ବିସ୍ତାର

ଜର୍ମାନ ଶିକ୍ଷା ପ୍ରଣାଳୀ ଧରଣରେ ଜାପାନଙ୍କର ଶିକ୍ଷା ପ୍ରଣାଳୀ ଗଠିତ । ସେ ଶିକ୍ଷାପ୍ରଣାଳୀ ଖୁବ୍ ଆଧୁନିକ ଧରଣର ଓ ସୁଚିନ୍ତିତ । ସେଠାରେ ଅନେକ ଗୁଡ଼ାଏ ବିଶ୍ୱବିଦ୍ୟାଳୟ, ଶିଳ୍ପ ବିଦ୍ୟାଳୟ, ଡାକ୍ତରୀ ବିଦ୍ୟାଳୟ, ଅସଂଖ୍ୟ ପ୍ରାଥମିକ ବିଦ୍ୟାଳୟ ଅଛି । ବିନା ଖର୍ଚ୍ଚରେ ସ୍କୁଲ ତରଫରୁ ବିଦ୍ୟାଳୟର ପିଲାମାନଙ୍କର ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା ଅଛି । ବ୍ୟବସାୟ ଶିକ୍ଷା ମଧ୍ୟ ସ୍କୁଲମାନଙ୍କରେ ଦିଆହୁଏ ଏବଂ ସ୍କୁଲ ପିଲାଙ୍କର ସ୍ୱାସ୍ଥ୍ୟ ପ୍ରତି ଦୃଷ୍ଟି ଦେବା ଲାଗି ପ୍ରତି ସ୍କୁଲ ସଙ୍ଗରେ ଗୋଟିଏ ଭଲ ଡାକ୍ତରଖାନା ରହିଅଛି । ରେଲ ଗାଡ଼ି, ଟ୍ରାମ ଗାଡ଼ି ଓ ଭଡ଼ା ମଟର ଗାଡ଼ିଗୁଡ଼ିକ ପରିଷ୍କୃତ ଓ ପରିଚ୍ଛନ୍ନ ଏବଂ ସେଥିର ତଳ ଶ୍ରେଣୀ ଗୁଡ଼ିକରେ ମଧ୍ୟ ବନାତ ଓ ମଖମଲର ଆସନ ଥାଏ । ସମଗ୍ର ଦେଶରେ ବିଦ୍ୟୁତ୍ ଶକ୍ତିର ବ୍ୟବହାର କରା ହେଉଅଛି ଏବଂ ସର୍ବତ୍ର ଛୋଟ ବଡ଼ ସବୁ ରକମର କାରଖାନା ଦେଖିବାକୁ ମିଳେ ।

ଜାପାନୀମାନଙ୍କର ପରିଶ୍ରମ କଣ କରିପାରେ ଆଧୁନିକ ଟୋକିଓ ସହର ତାର ସାକ୍ଷୀ । ୧୯୨୩ ଖ୍ରୀଷ୍ଟାବ୍ଦର ଭୂମିକମ୍ପ ଦ୍ୱାରା ପୁରାତନ ସହରଟି ବିଧ୍ୱସ୍ତ ହୋଇଥିଲା ! ତଥାପି ସାତ ବର୍ଷ ଭିତରେ ଏହା ଏପରି ପୁନର୍ଗଠିତ ହୋଇଅଛି ଯେ ଏହା ଆମେରିକାର ପ୍ରସିଦ୍ଧ ନିଉୟର୍କ ସହରର ସମକକ୍ଷ ହୋଇ ପାରିଅଛି ।

# ଆଗରୁ ଆଜିଯାଏ*

**ଶ୍ରୀମତୀ ସରୋଜିନୀ ଚୌଧୁରୀ**

ଶିଶୁ ପାଞ୍ଚ ବର୍ଷ ଶେଷ କରି ଛଅ ବର୍ଷର ଆଦ୍ୟ ଦିନର ପ୍ରଭାତରେ ଶଯ୍ୟା ତ୍ୟାଗ କରି ଉଠିଲାକ୍ଷଣି ଦେଖେ, ତା'ଲାଗି ଘରେ ଆନନ୍ଦର ଉତ୍ସବ ଲାଗିଛି । ମା ତା'ର ସେହି ଆନନ୍ଦାଲୋକରେ ପଢ଼ି ନିଏ ତା'ର ନିଜର ଆଗତ କର୍ତ୍ତବ୍ୟର ଧାରା ଗୁଡ଼ିକ । ସେ ଦିନ କେତେ ଆନନ୍ଦକର ପୋଷାକ, ଖାଦ୍ୟ, ଖେଳଣା, କେତେ କଅଣ ଆସିଥାଏ । ସମସ୍ତେ ଦେଖି, ଭୋଗ କରି ଖୁସିରେ ସେ ଦିନଟି କଟାନ୍ତି । ମା ଲାଗି ଯାଏ ତା'ର ଧାରା ଖୋଜିବାକୁ । ଫଳରେ ପିଲା ଯାହା ଖାଏ, ସେଥିରେ ତାହାର ଦେହ ହୁଏ ସୁସ୍ଥ-ସବଳ, ଯାହା ପାଏ ସେଥିରେ ତା'ର ମନ ହୁଏ ସଂଯତ, ସବଳ । ଆଜି କାହାଣୀ ଶୁଣେ—ଦିନ ଦିନ ଧରି, ସେଇଥିରେ ତାର ମନ ଗଢ଼ି ଉଠେ ।

ଏଠି, ଏ ନଈ କୂଳରେ, ସଡ଼କ ଧାରରେ, ପାହାଡ଼ କଡ଼ରେ, ଏତେ ସୁନ୍ଦର ଚିକ୍କଣ ଝଲ ଝଲକା କଙ୍କର ଗୁଡ଼ିକ କାହୁଁ ଆସିଲା; କିଏ ଏହାକୁ ଏତେ ସୁନ୍ଦର କରି ଗଢ଼ିଲା, କିପରି ? ପୁଣି ଏଣେ ତେଣେ ବିଛାଡ଼ି ଦେଲା କାହିଁକି ? ନା—ପୃଥିବୀ-ବହିକୁ ପଢ଼ିବା ପାଇଁ ଏ ସବୁ ହେଉଛି ସାନ ସାନ ପୃଷ୍ଠା? ଖୋଲା ହୋଇ ପଡ଼ିଛି—ଏଇଥିରୁ କେତେ ଖବର ମିଳିବ ବୋଲି ସବୁ ! ଆମେ କଣ ପଥର ଖଣ୍ଡେ ଭାଙ୍ଗି ଦେଲେ ଏପରି ଚିକ୍କଣ, ଗୋଲ, ଲମ୍ବା କରି ପାରିବା ? ବିନା ଯନ୍ତ୍ରରେ ? ତାହା ବି ଏତେ ଏଣେ ତେଣେ ଫିଙ୍ଗିବା ପାଇଁ ? ତୋ ହାତରେ ସେହି ସୁନ୍ଦର ଗୋଲ ପଥରର ମୁଖରୁ ତୁ ଶୁଣି ପାରିବୁ—ଯେବେ ତୋର ଫୁଟି ଉଠିବ—ବୁଦ୍ଧି । ସେ ତୋତେ କହିବ—ଅନେକ—ଅନେକ—ଅନେକ ଦିନ ଆଗରୁ ସେ ଥିଲା ଖଣ୍ଡେ ଭଙ୍ଗା ପଥର । ତମେ ଖଣ୍ଡେ ବଡ଼ ପଥରକୁ ଭାଙ୍ଗି ପକାଇଲେ ସେ ଯେପରି ଦିଶନ୍ତା, ସେହିପରି ଅବସ୍ଥାରେ ସେ ପାହାଡ଼ କଡ଼ରେ ପଡ଼ିଥିଲା । ପାଣି ଆସି ତାକୁ ଗଡ଼େଇ ଗଡ଼େଇ ନେଇଗଲା ଘାଟିକୁ । ସେଠୁ ଫେର ପାଣି ତୋଡ଼ରେ ଗଡ଼ି ଗଡ଼ି ଘସି ଘସି ଯାଇ ପଡ଼ିଲା ନଈରେ । ପୁଣି ନଈ ପାଣିରେ ଗଡ଼ି ଗଡ଼ି ଯାଇ ପଡ଼ିଲା ସମୁଦ୍ରରେ । ଏହିପରି

* ଗୋଟିଏ ଚୀନ ବହିର ଛାୟା ଅବଲମ୍ବନରେ ଲିଖିତ ।



Digitized by srujanika@gmail.com

ପାହାଡ଼ପାଣି, ନାଳ ପାଣି, ଯୋର ପାଣି, ନଈ ପାଣି ଓ ସମୁଦ୍ର ପାଣିରେ ଗଡ଼ ଗଡ଼ ଘଷି ଘଷି ହୋଇ—ହୋଇଛି ଏତେ ସୁନ୍ଦର ଓ ଚିକ୍କଣ । ଆଉ ତାର ଧାର ଏବଂ କୋଣ ସବୁ ଭଙ୍ଗି ଭଙ୍ଗି ବାଲିରେ ମିଶିଛି । ତମେ ଯେ ବାଲି ଘର ଖେଳ, ସେ ବାଲି ସେହିପରି ହୋଇଛି ।

(୧)

ଆଜକାଲି ପରି ଆଗେ ଏତେ ସହର, ବଜାର, ଏପରି ସୁନ୍ଦର ସୁନ୍ଦର କୋଠା, ମନ୍ଦିର ଆଦି ନ ଥିଲା । ପଶୁପକ୍ଷୀମାନେ ବି ନ ଥିଲେ । ଆଉ ଥିଲା କଣ ତେବେ ଆଗେ ? ନା—ଥିଲା ଖାଲି ଶୂନ୍ୟ ଆକାଶ ଆଉ ସୂର୍ଯ୍ୟ । ସୂର୍ଯ୍ୟ ପୁଣି କେତେ ! ସୂର୍ଯ୍ୟ ତ ସାତ ଧାତୁ, ଅକ୍ସିଜନ, ହାଇଡ୍ରୋଜେନ, ନାଇଟ୍ରୋଜେନ୍ ଓ ଆହୁରି କେତେ କେତେ ଜିନିଷ ନେଇ ଭର୍ତ୍ତି ଭର୍ତ୍ତି, ଖୁବ୍ ଯୋରରେ ସବୁବେଳେ ଘୂରୁଥାଏ । ଘୂରୁ ଘୂରୁ ମଝିରେ ମଝିରେ ଖଣ୍ଡେ ପଡ଼େ ଛିଡ଼ି । ଯାହା ଛିଡ଼ି ପଡ଼େ ସେ ଗୁଡ଼ିକ ବି ଘୂରନ୍ତି । ଆମେ ଯେଉଁ ସୂର୍ଯ୍ୟ ଦେଖୁଛେଁ, ସେଥିରୁ ଖଣ୍ଡେ ଛିଡ଼ି ହୋଇଛି ଏ ପୃଥିବୀ । ପୃଥିବୀ ସୂର୍ଯ୍ୟରୁ ଛିଡ଼ି ପଡ଼ିଲା ସିନା, କିନ୍ତୁ ହଜି ନ ଯାଇ ତାହାରି ଚାରିକଡ଼ରେ ଘୂରିଲା ; ଆଉ ଆମେ ଯେଉଁ ଜହ୍ନମାମୁଁ ଦେଖୁଛେଁ, ସେ ଖଣ୍ଡ ପୃଥିବୀରୁ ଛିଡ଼ି ପଡ଼ି ପୃଥିବୀର ଚାରିକଡ଼ରେ ଘୂରୁଛି । ଏହିସବୁକୁ ସୂର୍ଯ୍ୟର ଗ୍ରହ ଓ ଉପଗ୍ରହ ବୋଲି କହନ୍ତି ।

ପୃଥିବୀ ଘୂରୁ ଘୂରୁ ଅକ୍ସିଜନ ଓ ନାଇଟ୍ରୋଜେନ ଅଲଗା ହୋଇ ମିଶି ପବନ ହେଲା । ଅକ୍ସିଜନ ଓ ହାଇଡ୍ରୋଜେନ ମିଶି ପାଣି ହେଲା । ଏହିପରି ସେହି ଜଳନ୍ତା ଖଣ୍ଡଟା ଘୂରୁ ଘୂରୁ କ୍ରମେ ଥଣ୍ଡା ହୋଇ ତାର ଉପରଟା ମାଟି ବା ପୃଥିବୀ ହେଲା ।

ଆଳୁ ପୋଡ଼ା କି ବାଇଗଣ ପୋଡ଼ା ଥଣ୍ଡା ହୋଇଗଲେ ଯେପରି କୁଞ୍ଚି କୁଞ୍ଚି ଉଚ୍ଚ ନୀଚ ହୋଇଯାଏ ପୃଥିବୀ ମଧ୍ୟ ସେହିପରି ଯେତେ ବେଶୀ ଥଣ୍ଡା ହେଲା, ତା' ଉଚ୍ଚ ଗୁଡ଼ାକୁ ପାହାଡ଼-ପର୍ବତ କୁହାଗଲା ଓ ନୀଚ ଥାନରେ ପାଣି ଭର୍ତ୍ତି ହୋଇ ଗଲାରୁ ତାକୁ ସମୁଦ୍ର କୁହାଗଲା । କ୍ରମେ ପାଣିରୁ ଖରା ତେଜରେ ବାମ୍ଫ ବାହାରି ମେଘ ହେଲା, ବର୍ଷା ହେଲା, ବର୍ଷାପାଣି ଉପରୁ ବୋହି ବୋହି ତଳ ଦେଶକୁ ନଈ ହୋଇ ବୋହି ଆସିଲା । ସେ ପାଣି ମାଟିକୁ ଧୋଇ ଧୋଇ କେଉଁ ଦେଶରେ ଦେଲା ଚିକ୍କଣ ପଟୁ ମାଟି, କେଉଁଠି ଦେଲା ଚିକଟା ବା ଫସ୍ ଫସିଆ ମାଟି, କେଉଁଠି ବା ବାଲିଆ, କଙ୍କରିଆ ।

ପୃଥିବୀର ଉପରଟା ଏମିତି ଜମା ହୋଇ ଏପରି ହେଲା, କିନ୍ତୁ ଭିତରଟା ତ ଜମି ନାହିଁ । ସେଥିଲାଗି ଟିକିଏ କେଉଁଠି ଫାଟି ପଡ଼ିଲେ କେତେ କଣ ଗରମ ଜିନିଷ ବାହାରି ପଡ଼େ, ଧୂଆଁ ଉଠେ; ତାକୁ କହନ୍ତି ଜ୍ୱାଲାମୁଖୀ । ଆଉ ନ ଫାଟି ଖାଲି କେଉଁଠୁ ଭିତରୁ ଟିକିଏ ଯୋର ଉତ୍ତାପ ପାଇଲେ ଦୋହଲି କମ୍ପି ଉଠେ—ଆମେ କହୁଁ ଭୂମିକମ୍ପ ହେଲା ।

(୨)

ସୂର୍ଯ୍ୟ, ତା'ର ଗ୍ରହଗୁଡ଼ିକ, ପୁଣି ଗ୍ରହଙ୍କର ଉପଗ୍ରହ ଗୁଡ଼ିକ ଏହିପରି ସବୁ ମିଶି ଗୋଟିଏ ପରିବାର ଭଳି, ଦିନରାତି ସବୁବେଳେ ଘୂରୁଛନ୍ତି—ମାନେ କାମରେ ଲାଗିଛନ୍ତି । ଏହି ପରିବାରକୁ ସୌର-ଜଗତ କହନ୍ତି । ଘରେ ଯେପରି ଅନେକ ଲୋକ ଥିଲେ ବି ଜଣେ ବାପ ଥାନ୍ତି ମାଲିକ, ସେହିପରି ସୂର୍ଯ୍ୟ ଏମାନଙ୍କର ବାପ । ସୂର୍ଯ୍ୟର ନାମ ଅନୁସାରେ ଏ ସବୁକୁ କହନ୍ତି ସୌର ଜଗତ ବା ସୌର ପରିବାର । ରାତିରେ ଆକାଶରେ ଆମେ ଯେତେ ତାରା ଦେଖୁଁ ସେଥିରୁ କେତେକ ଗ୍ରହ, ବାକି ସବୁ ତାରା । ଗ୍ରହ ଗୁଡ଼ିକ ତାରାମାନଙ୍କଠୁଁ ବହୁତ ସାନ । ତଥାପି ଆମ ନଜରକୁ ଆସନ୍ତି, ତାର କାରଣ ତାରା ଗୁଡ଼ିକ ଅନେକ ଦୂରରେ ଥାଆନ୍ତି ଓ ଗ୍ରହ-ଗୁଡ଼ିକ ଅଳ୍ପ ଦୂରରେ ଥାଆନ୍ତି । ଚନ୍ଦ୍ର ଗ୍ରହମାନଙ୍କଠାରୁ କେତେ କେତେ ସାନ, କିନ୍ତୁ ଆମର ଖୁବ ପାଖରେ ଥାଏ ବୋଲି ଏତେ ବଡ଼ ଦିଶେ । ତାରା ଗୁଡ଼ିକ ନିଜର ତେଜରେ ଜକ୍ ଜକ୍ କରନ୍ତି । ଗ୍ରହ ଗୁଡ଼ିକ ସୂର୍ଯ୍ୟର ତେଜ ପାଇ ଉଜ୍ଜ୍ୱଳ । ସୂର୍ଯ୍ୟ ତ ନିଜେ ଗୋଟିଏ ତାରା । ଆଉ ସବୁ ତାରାଙ୍କଠାରୁ ଖୁବ୍ ପାଖରେ ଅର୍ଥାତ୍ ନଅ କୋଟି ତିରିଶ ଲକ୍ଷ ମାଇଲ ଦୂରରେ ଅଛି ବୋଲି ଏତେ ବଡ଼ ନିଆଁର ଥାଳି ପରି ଦିଶୁଛି ।

ପୃଥିବୀ କାହିଁକି ଆମକୁ ଏତେ ବଡ଼ ଦିଶେ ? ତାକୁ ଗାଡ଼ି କି ସେହିପରି ଚାଲୁଥିବା ଜାହାଜରେ ଚଢ଼ି ପୃଥିବୀର ଗୋଟାଏ ପାଖରୁ ଆଉ ଗୋଟାଏ ପାଖକୁ ଯିବାକୁ ହପ୍ତା ହପ୍ତା, ମାସ ମାସ ଲାଗି ଯାଉଛି ସିନା, କିନ୍ତୁ ଆମକୁ ପଛେ ଏ ଯେତେ ବଡ଼ ଦିଶୁ, ପ୍ରକୃତରେ ପୃଥିବୀ ଧୂଳି କଣା ପରି ଆକାଶରେ ଝୁଲୁଛି । ସୂର୍ଯ୍ୟ ଆମ ଠାରୁ କୋଟି କୋଟି ମାଇଲ ଦୂରରେ, ଅନ୍ୟ ତାରା ଗୁଡ଼ିକ ତା'ଠାରୁ ଆହୁରି କେତେ ଦୂରରେ । ଜ୍ୟୋତିର୍ବିଦମାନେ ଯନ୍ତ୍ର ଦ୍ୱାରା ଏ ସବୁ ଜାଣି ପାରନ୍ତି । ମାଳଟାଏ ଘୂରାଇଲେ, ସବୁ ଦାନା ଗୁଡ଼ିକ ଘୂରୁଥିଲେ ବି ଆପଣା ଜାଗାରେ ରହିଲା ଭଳି ସବୁ ଗ୍ରହ ଗୁଡ଼ିକ ଆପଣା ଆପଣା ଜାଗାରେ ରହି ଘୂରୁଛନ୍ତି, କେହି କାହାକୁ ଛାଡ଼ି ପାରୁନାହିଁ, ଯାଇ ପାରୁ ନାହିଁ ।

କିଏ କହି ପାରିବ, ସେ କିଏ ? ଯେଉଁ ଶକ୍ତି ଏ ସବୁକୁ ଏପରି ଟାଣି ରଖିଛି ଯେ ଖଣ୍ଡ ଖଣ୍ଡ ହୋଇ ଛିଡ଼ି ଗଲେ ବି ହଜି ଯାଉ ନାହିଁ । ସେହି ଶକ୍ତି ସାନ ଜିନିସକୁ ବଡ଼ ଜିନିଷ ଆଡ଼କୁ ଟାଣେ । ଆମେ ଗୋଟାଏ ଢେଲା ଯେତେ ଯୋରରେ ଉପରକୁ ଫିଙ୍ଗୁ, ସେ ନିଶ୍ଚୟ ଆସି ମାଟିରେ ପଡ଼ିବ । ସେହି ଶକ୍ତିକୁ କହନ୍ତି ମାଧ୍ୟାକର୍ଷଣ ଶକ୍ତି ।

(୩)

ଆଗରୁ ତ ଶୁଣିଛ କେହି କାହାରିକୁ ଛାଡ଼ି ଯାଇ ପାରେ ନାହିଁ । ଆମର ଏହି ପୃଥିବୀ ସେହିପରି ଝାସି ପଡ଼ି ମଧ୍ୟ ସୂର୍ଯ୍ୟ ଆଡ଼କୁ ଟାଣି



Digitized by srujanika@gmail.com

ହୋଇ ଯାଉଛି । ପୃଥିବୀ ଥଣ୍ଡା ହୋଇ ଯାଉଛି ସିନା କିନ୍ତୁ ପୂରା ଥଣ୍ଡା ହେବାକୁ ଲକ୍ଷ ଲକ୍ଷ ବର୍ଷ ବିତି ଯିବ । ପୃଥିବୀରୁ ଖଣ୍ଡେ ଛିଡ଼ି ଚନ୍ଦ୍ର ହୋଇଛି । କେହି କେହି କହନ୍ତି ଚନ୍ଦ୍ର ଖସି ଯିବାରେ ଯେଉଁ ଜାଗା ଖାଲି ହୋଇଗଲା ସେଥିରେ ପାଣି ଭରି ସମୁଦ୍ର ହୋଇଛି । ପୃଥିବୀର ଭିତରକୁ ବହୁତ ଦୂର, ଏ—ଯେପରି କୋଇଲା ଖଣିର ଭିତରୁ ବେଶୀ ଭିତରକୁ ଗଲେ ଖୁବ୍ ଗରମ ଜଣାପଡ଼େ । ଚନ୍ଦ୍ର ତ ବହୁତ ସାନ । ସେ ବୋଧହୁଏ ଥଣ୍ଡା ହୋଇ ବରଫ-ଢଙ୍କା ହୋଇ ଯାଇଥିବ, ସେଥିଲାଗି ସୂର୍ଯ୍ୟର ତେଜ ତା ଦେହରେ ପଡ଼ିବାରୁ, ତା ଦେହରୁ ଯେଉଁ କିରଣ ଆସେ ସେ ଏତେ ଥଣ୍ଡା ।

ଆଗରୁ ତ କହିଛି ପୃଥିବୀରେ କୌଣସି ଜୀବ-ଜନ୍ତୁ ନ ଥିଲେ । ପହିଲେ ନାଲୁଆ ନାଲୁଆ ଜୀବଙ୍କର ସୃଷ୍ଟି ହେଲା ପାଣିରେ, ପଲରି ଗୁଡ଼ା ଗଛ ହେଲା ମାଟିରେ, ତା ବାଦ୍ ପାଣିରେ ବେଙ୍ଗ, ଗେଣ୍ଡା, ଶାମୁକା ଜାତ ହେଲେ, ଫେର ହାଡ଼ ଓ କାଠିବାଲା ଜନ୍ତୁ, ଖୁବ ବଡ଼ ବଡ଼ ଆକାରରେ ସମୁଦ୍ରରେ ହେଲେ, କଉଡ଼ି ଶଙ୍ଖ ପରି ଟାଣ ଟାଣ ଖୋଲବାଲା ଜୀବ ବି ହେଲେ ।

ଏ ଜନ୍ତୁମାନେ ବହୁତ ବହୁତ ଅଣ୍ଡା ଏକାଥରକେ ଦେଇ ପକାନ୍ତି; ବେଶ୍, ନ ନିଅନ୍ତି ଖୋଜ-ଖବର ଅଥବା ଯତନ-ଆଦର । ପିଲାଏ ଆପେ ଆପେ ବଢ଼ନ୍ତି । ପହିଲୁ ପହିଲୁ ଚେମଣି ଭଳିଆ ହାଡ଼ ଓ ପର ନ ଥିବା ପକ୍ଷୀ ହେଲେ ଆଉ ଜୀଅ ଭଳିଆ ଜୀବ ହେଲେ । ତା'ପରେ ଅଣ୍ଡା ଦିଆ ପକ୍ଷୀ ହେଲେ ତା ପରେ ପିଲା ଜନ୍ମକରା ପଶୁ । ପକ୍ଷୀମାନେ ଅଳପ ଅଳପ ଅଣ୍ଡା ଦେଲେ, ବସି ରହି ଅଣ୍ଡା ଉଷୁମାଇଲେ, ଅଣ୍ଡାରୁ ଛୁଆ ହେଲେ ତାଙ୍କୁ ଆଧାର ଖୁଣ୍ଟି ଶିଖାଇଲେ ଓ ଶତ୍ରୁଙ୍କ ଦାଉରୁ ରକ୍ଷା କରିବାକୁ ଚେଷ୍ଟା କଲେ । ପଶୁମାନେ ଛୁଆ ଜନମ କଲେ, ଛୁଆଙ୍କୁ ଦୁଧ ଦେଲେ, ଯତନ କରି ବଢ଼ାଇଲେ; ପିଲାଏ ବଡ଼ି ଗଲାରୁ ଛାଡ଼ି ଦେଲେ । ଆଉ ତାଙ୍କ ସାଙ୍ଗରେ କିଛି ସମ୍ପର୍କ ରଖିଲେ ନାହିଁ । ବଡ଼ ଜାତି ପଶୁ— ଗୋରୁ, ଘୋଡ଼ା, ହାତୀ ଆଦି ଥରକେ ଗୋଟିଏ ଛୁଆ ଦେଲେ । ମାଙ୍କଡ଼ ବା ବଣ ମଣିଷ (ସିମ୍ପାଞ୍ଜି)ରୁ ଶେଷକୁ ମଣିଷ ହେଲେ ।

ପହିଲୁ ପହିଲୁ ଯେତେବେଳେ ମଣିଷ ହେଲେ, ଘର କରି ଶିଖି ନ ଥିଲେ, ଭାତ-ତରକାରୀ ରାନ୍ଧି ଖାଇ ଶିଖି ନ ଥିଲେ । ବଣରେ ଜନ୍ତୁ ପରି ରହୁଥିଲେ । ଖରା ବର୍ଷା ନିଆଁ ବରଫର ଦାଉ ସହୁଥିଲେ । ଜନ୍ତୁଙ୍କ ଶୀକାରରେ କେବେ ପଡ଼ୁଥିଲେ । କେବେ ଜନ୍ତୁ ଶୀକାର କରି ଖାଉଥିଲେ । କିନ୍ତୁ ମନୁଷ୍ୟଙ୍କର ଜନ୍ତୁଠାରୁ ବୁଦ୍ଧି ଥାଏ ଭଲ । ଯେଉଁ ଜନ୍ତୁଠାରୁ ସେମାନେ ଉପକାର ପାଇ ପାରିଲେ ତାଙ୍କୁ ଆଣି ପୋଷିଲେ । ଗୋରୁଠାରୁ ଦୁଧ ଖାଇଲେ । ଘୋଡ଼ା ଉପରେ ଚଢ଼ିଲେ, ବାଘ-ଭାଲୁଙ୍କୁ ଘଉଡ଼ାଇଲେ । ଚକମକି ପଥର ମାରି ନିଆଁ କାଢ଼ି ଅନ୍ଧାରରେ ନିଆଁ ଜାଳିଲେ ।

କ୍ରମେ ମଣିଷମାନେ ପଥରର ହତିଆର ତିଆରି କଲେ, ରକମକୁ ରକମର । ସେତେବେଳେ ଯାଏ କିନ୍ତୁ ମନୁଷ୍ୟମାନେ ଘର କରି ଶିଖି ନ ଥିଲେ । ପର୍ବତ ଗୁମ୍ଫାରେ ରହୁଥିଲେ । ଶୀକାର କରି ମାଂସକୁ ନିଆଁରେ ପୋଡ଼ି ଖାଉଥିଲେ; ବାସନ ନ ଥିଲା ଯେ ତରକାରୀ କରିବେ ।

(୪)

ଆଗେ ପଥର ଦେଇ ପଥରକୁ ଖୋଳି ଛିଦ୍ର ଆଣୁ ଥିଲେ । ପଥରର ବାସନ, ପଥରର ହତିଆର, ପଥରର ଘର (ଗୁମ୍ଫା) । ସେଥିଲାଗି ସେଇ କାଳକୁ କହନ୍ତି ପଥର-ଯୁଗ । କ୍ରମେ ମଣିଷମାନେ କୃଷି କରି ଶିଖିଲେ, ପଥର ବାସନରେ ତାକୁ ରାନ୍ଧିଲେ । ସେମାନେ ଗଛର ବକଳ ବା ପଶୁର ଛାଲ ପିନ୍ଧି ଜାଡ଼ରୁ ରକ୍ଷା ପାଇଲେ । ଡାଳ-ପତ୍ର ଆଣି କୁଡ଼ିଆ କରି ରହିଲେ । କୃଷି କଲେ । ଯେଉଁଠି ପାଣିର ସୁବିଧା ଥିବ ଏପରି ସ୍ଥାନମାନ ବାଛି ଘର ଦ୍ୱାର କଲେ । କପା କୃଷି କରି ଲୁଗା ବୁଣି ଶିଖିଲେ । ପଥରର ଛୁଞ୍ଚି କରି ସିଇଁଲେ ।

ଏହି ରକମ ହଜାର ବର୍ଷ ବିତି ଗଲା, ଆସିଲା ଆଉ ଏକ ନୂଆ ବିପଦ ।

ଭୂମଧ୍ୟସାଗର ବୋଲି ସାଗରଟାଏ ଆଗେ ନ ଥିଲା । ଭୂମଧ୍ୟ-ଖସା ନାମ୍ନ ସ୍ଥାନରେ ଲୋକମାନେ ବସତି କରିଥିଲେ । ଇଉରୋପ ଆଉ ଆଫ୍ରିକାର ମଝି, ଜିବ୍ରାଲଟାର ପାଖର ଜମି ଆଟଲାଣ୍ଟିକ୍ ସମୁଦ୍ରର ପାଣିରେ ବୁଡ଼ି ଗଲା ଯେ, ଶହ ଶହ ମାଇଲ ଧରି ଜମି ସମୁଦ୍ର ପାଲଟି ଗଲା । ସେ ହେଲା ଭୂମଧ୍ୟସାଗର । ସେ ପ୍ରଳୟରେ ଦେଶର ପତ୍ତା ରହିଲା ନାହିଁ । ଯେ କେତୋଟି ଲୋକ ପଳାଇ ବଞ୍ଚି ପାରିଲେ, ତାଙ୍କରି ମୁହଁରୁ କଥା ଗଢ଼ି ଗଢ଼ି କାହାଣୀ ହୋଇ ରହିଲା ।

ଏଇ ଯେ ଦେଖୁଛ, କେଉଁ ଦେଶର ଲୋକ ଖୁବ୍ ଗୋରା, କେଉଁ ଦେଶର ଲୋକ ଖୁବ କଳା, କେଉଁ ଲୋକ ହଳଦିଆ ରଙ୍ଗର, ସେମାନେ ସେପରି ହୋଇଛନ୍ତି, ଦେଶର ଜଳ-ହାଉଆ ଅନୁଯାୟୀ । ଆମ ଦେଶର କାଉ, କୁକୁର, ଭାଲୁ ପ୍ରଭୃତି ଜନ୍ତୁ ସାଦା ନୁହନ୍ତି, କିନ୍ତୁ ବରଫ ପଡ଼ୁଥିବା ଦେଶରେ ସେମାନେ ସାଦା ହୋଇଥାନ୍ତି । ସେହିପରି ଖୁବ ଗରମ ଦେଶର ଲୋକ ଖୁବ କଳା ହୁଅନ୍ତି । ଯେଉଁ ଯେଉଁ ବରଫ-ପଡ଼ା ବା ବରଫ ଜମି ଥିବା ଥଣ୍ଡା ଦେଶକୁ ଯିବ, କ୍ରମେ ଅଧିକରୁ ଅଧିକ ଗୋରା ଲୋକ ଦେଖିବ । ଏ ଦେଶର ଲୋକେ ଟିକିଏ ଥଣ୍ଡା ପଡ଼ିଲେ ଶର୍ଦ୍ଦି ଭୋଗନ୍ତି, କିନ୍ତୁ ୟୁରୋପର ଲୋକେ ବରଫ ଉପରେ ଯିବା ଆସିବା, ନାଚ ଦାଚ, ଖେଳ କୌତୁକ କରନ୍ତି; ଅଭ୍ୟାସ ହେଉଛି ତାଙ୍କର କିଛି ହୁଏ ନାହିଁ । ବୁଝିଲ?—ଜଳ-ହାଉଆ ରଙ୍ଗ ବଦଳାଇ ଦିଏ ।

ଏହିପରି କେତେ ମନୁଷ୍ୟ ରହଣି-ସହଣିରେ ଏକାବେଳେ ଭିନ୍ନ ହୋଇଯାଆନ୍ତି ।

ଯେତେ ବିଷୁବରେଖା ଆଡ଼କୁ ଗତି କରିବ ସେତେ କଳା ମନୁଷ୍ୟ, ଶେଷକୁ ଘୋର କଳା ମନୁଷ୍ୟ ଦେଖିବ ।

ବରଫ-ଢଙ୍କା ପାହାଡ଼ ପର୍ବତ ଓ ତା'ର ତଳ ପ୍ରଦେଶ-ମାନଙ୍କରୁ ବରଫ ତରଳି ଗଲେ ସେଠାରୁ ନଦୀ ବାହାରି ପଡ଼େ । ଏହି ରକମ ଗୋଟିଏ ବିଶାଳ ସ୍ଥାନକୁ ସାଇବେରିଆ କହନ୍ତି । ଲୋକେ ଯେଉଁ ଯେଉଁ ସ୍ଥାନରେ ସୁବିଧା ଦେଖନ୍ତି, ସେହି ସ୍ଥାନରେ ଯାଇ ବାସ କରନ୍ତି । ସବୁଆଡ଼େ ଲୋକ ସଂଖ୍ୟା ଦିନକୁ ଦିନ ବଢ଼ୁଛି । ହିନ୍ଦୁସ୍ଥାନର ଲୋକ, ସିନ୍ଧୁ, ଗଙ୍ଗା, ମହାନଦୀ, କାବେରୀ କୂଳରେ ଯାଇ ରହିଲେ । ମେସୋପଟେମିଆର ଲୋକ ଦଜଲା ଆଉ ଫରାତ୍ କୂଳରେ । ମିଶରର ଲୋକ ନୀଳ ନଦୀ କୂଳରେ । ଏହିପରି କିଏ କେଉଁଠି ଯାଇ ରହିଲେ ।

(୫)

ହିନ୍ଦୁସ୍ଥାନରେ ସବୁଠାରୁ ପୁରୁଣା ବାସିନ୍ଦା ଦ୍ରାବିଡ଼ମାନେ । ତା'ପରେ ଆର୍ଯ୍ୟ ଓ ପୂର୍ବକୁ ମଙ୍ଗୋଲମାନେ ଆସିଲେ । ଦ୍ରାବିଡ଼ମାନେ ବଡ଼ ବେପାରି ଜାତି ଥିଲେ ବୋଲି ଜଙ୍ଗଲ ଜଙ୍ଗଲ ଉନ୍ନତି କରି ପକାଇଲେ ।

ଏହି ସମୟରେ ପଶ୍ଚିମ ଏସିଆ ଓ ପୂର୍ବ ୟୁରୋପରେ ଯେଉଁ ନୂଆ ଜାତି ହେଲେ ସେମାନଙ୍କୁ ଆର୍ଯ୍ୟ ବୋଲି କହୁଥିଲେ । ସଂସ୍କୃତରେ ଆର୍ଯ୍ୟ ଅର୍ଥ ଉଚ୍ଚ ବଂଶ । ଇଂରେଜମାନେ ଆପଣାକୁ ଦୁନିଆରେ ସବୁଠାରୁ ବଡ଼ ବୋଲି ମଣନ୍ତି । ସେହିପରି ଫ୍ରାନ୍ସ, ଜର୍ମାନ, ଆମେରିକା ପ୍ରଭୃତିର ଜାତିମାନେ ଆପଣାକୁ ବଡ଼ ବୋଲି ଗର୍ବ କରନ୍ତି ।

ଆର୍ଯ୍ୟମାନେ ଏସିଆ ଓ ୟୁରୋପର ଚାରିଆଡ଼େ ମେଳିଗଲେ । ଦଳେ ସାରା ଉତ୍ତରୟୁରୋପରେ ମେଳିଗଲେ ଓ ଆଉ ଦଳେ ଇରାନ, ଓ ମେସୋପଟେମିଆରେ ଯାଇ ପହଞ୍ଚିଲେ । ଅଳ୍ପକାଳ ଆମଠାରୁ ସେମାନେ ଫରକ ହୋଇଥିଲେ ମଧ୍ୟ ସେହି ଏକ ଆର୍ଯ୍ୟ ଜାତି ।

ଆର୍ଯ୍ୟମାନେ ଏସିଆ ଓ ୟୁରୋପ ଗୋଟା ମେଳିଗଲେ । ଏତେ ଦୂରଦୂରାନ୍ତରେ ରହିଲାରୁ ଆଉ ଭାବ ବନ୍ଧୁତା ରହି ପାରିଲା ନାହିଁ । ସେତେବେଳେ ରେଳ ଥିଲା ନାହିଁ, କି ତାର, କି ଡାକ; ଏରୋପ୍ଲେନ ତ ଅଳ୍ପ ଦିନ ହେଲା ହୋଇଛି । ଏପରିକି ଲେଖାପଢ଼ା ପାଇଁ ବହି ବି ନ ଥିଲା । ଏଥିପାଇଁ ଏକ ଦେଶର କଥା ବାର୍ତ୍ତା ଅନ୍ୟ ଦେଶଠାରୁ ଏକାବେଳକେ ଅଲଗା ହୋଇଗଲା । ହେଲେ, ଖୁବ ନିରେଖି ଦେଖିଲେ ବୁଝାଯିବ ଯେ ଆର୍ଯ୍ୟଙ୍କ କଥା ଭିତରେ କିଛି ସଂସ୍କୃତ ରହିଗଲା । ପଶ୍ଚିମର କଥାରେ—ଇଂରେଜି, ଫ୍ରେଞ୍ଚ, ଇଟାଲି ଆଦି ଭାଷାରେ ମଧ୍ୟ ଆର୍ଯ୍ୟ ଶବ୍ଦ ରହିଛି । ଏଣେ ପୂର୍ବର ହିନ୍ଦୀ, ଉର୍ଦ୍ଦୁ, ଓଡ଼ିଆ, ବଙ୍ଗଳା ଓ ଗୁଜରାଟି ଭାଷାରେ ଏବଂ ଚୀନା, ବର୍ମୀ, ତିବ୍ବତୀ, ଶ୍ୟାମୀ ପ୍ରଭୃତି ଭାଷାରେ ମଧ୍ୟ ଆର୍ଯ୍ୟ ଶବ୍ଦ ରହିଛି ।

ହେଲେ ହଜାର ବର୍ଷ ପରେ ମଧ୍ୟ ଜୀବନର ପ୍ରଥମ କଥା ( ମା ଓ ବାପା ) ଶବ୍ଦ ପ୍ରାୟ ଏକ ରକମ ରହିଛି, ଯଥା—ଇଂରେଜି 'Father' 'Mother'; ସଂସ୍କୃତ—'ପିତା ମାତା'; ୟୁନାନ—'ପେଟର' 'ମିଟର'; ଜର୍ମାନ—'ଫାଟେର' 'ମୁତର୍'; ଫ୍ରାନ୍ସ—'ପେର', 'ମେର'; ଏଆଡ଼େ ହିନ୍ଦୁସ୍ଥାନରେ କେଉଁଠି 'ବା' 'ମା' କେଉଁଠି ବା 'ବାପୁ', 'ଅମ୍ମା', ।

ସବୁ ଦେଶରେ କିଛି ନା କିଛି ମେଳ ଥିଲେ ମଧ୍ୟ ସମସ୍ତେ ଆପଣା ଦେଶକୁ ବେଶି ଚାହାନ୍ତି, ଭଲ ବୋଲି ଗର୍ବ କରନ୍ତି । ଆମ ଦେଶ ସବୁଠାରୁ ଦୁର୍ଭାଗା, ଗରିବ । ଆମର ତ ଆହୁରି ବେଶିକରି ଦେଶର ଉନ୍ନତିକୁ ଲକ୍ଷ୍ୟ ରଖିବା ଦରକାର ।

(୬)

ଏ ଯୁଗଟାକୁ ସଭ୍ୟତାର ଯୁଗ ବୋଲି କହନ୍ତି । ସଭ୍ୟତାର ମାନେ ହେଉଛି ବର୍ବରତାର ବିପରୀତ । ତେବେ କିପରି ଜାଣିବୁ କେଉଁ ମନୁଷ୍ୟ ବା ଜାତି ସଭ୍ୟ କି ବର୍ବର ? ଶୀତ ଦିନେ ତ ଲୋକେ ବେଶୀ ଲୁଗା ଦେହରେ ଦିଅନ୍ତି, ଖରା ଦିନେ କମ; ତେବେ କ'ଣ ଶୀତ ଦିନରେ ଲୋକମାନେ ସଭ୍ୟ ଥାଆନ୍ତି ଆଉ ଗରମ ଦିନରେ ଅସଭ୍ୟ?

ବଢ଼ିଆ ବଢ଼ିଆ, ଉଚ୍ଚ ଉଚ୍ଚ କୋଠା, ସୁନ୍ଦର ସୁନ୍ଦର ଛବିବାଲା ବହି, ମନୋହର ଚିଜ ସବୁ କି ଚଟକବାଲା ବେଶଭୂଷା ସଭ୍ୟତାର ଚିହ୍ନ ନୁହେ । ନିଃସ୍ୱାର୍ଥପର ଭଲ ଲୋକମାନେ ମିଳିମିଶି ଦେଶର, ସର୍ବ ଜୀବର ମଙ୍ଗଳକର କାର୍ଯ୍ୟ ନିରଳସ ହୋଇ କରିବା ହେଉଛି ସଭ୍ୟତାର ଲକ୍ଷଣ । ନାନା ଆଗ୍ନେୟାସ୍ତ୍ର, ବିଷବାଷ୍ପ ପ୍ରଭୃତି ଦ୍ୱାରା ଲକ୍ଷ ଲକ୍ଷ ଲୋକଙ୍କୁ ସମୂଳ ମାରି ଦେଶ ଜିଣିନେବା ସଭ୍ୟତାର ଲକ୍ଷଣ ନୁହେ । ଗୋପନ କୂଟ ବୁଦ୍ଧି ଦ୍ୱାରା ଅନ୍ୟର ଅନିଷ୍ଟ କରି ନିଜର ସ୍ୱାର୍ଥ ସିଦ୍ଧି କରିବା ସଭ୍ୟତାର ଲକ୍ଷଣ ନୁହେ ।

(୭)

ଆଗେ ଲୋକେ ଅନାବୃଷ୍ଟି, ଅତି ବୃଷ୍ଟି, ଭୂମିକମ୍ପ, ଅତି ବଢ଼ି ଓ ମହାମାରୀ ପ୍ରଭୃତିକୁ ଦେବତାର କୋପ ମନେକରି ଦେବତାଙ୍କୁ ଖୁସି କରିବା ଲାଗି କଳ୍ପିତ ଦେବତାର ନାମରେ ପୂଜା କରୁଥିଲେ ଓ ପୂଜା ସ୍ଥାନରେ ବଳିଦେଉ ଥିଲେ—ନାନା ଜୀବ-ଜନ୍ତୁ ।

ଆଗେ ସମସ୍ତେ ଏକାଠି ମିଳି ମିଶି କ୍ଷେତ କାମ କରୁଥିଲେ । ଫସଲ ଉଠିଲେ ଜଣଙ୍କର ଜିମାରେ ରଖୁଥିଲେ । ଯେତେବେଳେ ଯାହାର ଯେତିକି ଦରକାର, ନେଇ ଯାଉଥିଲେ । କୃଷି କାର୍ଯ୍ୟ ମନୁଷ୍ୟମାନେ ପହିଲୁ ଶିଖିଲେ ପିମ୍ପୁଡ଼ିଠାରୁ । ଏଟା ଗୋଟାଏ ବଡ଼



Digitized by srujanika@gmail.com

ଆଶ୍ଚର୍ଯ୍ୟଜନକ ଓ କୌତୁକକର କଥା । ପିମ୍ପୁଡ଼ିମାନଙ୍କୁ ଯେଉଁ ଗଛର ମଞ୍ଜି ଖାଇବାକୁ ଭଲ ଲାଗେ, ସେମାନେ ମିଳି ମିଶି ସେ ଗଛର ଗୁଡ଼ିକଡ଼ରୁ ଘାସ ସବୁ କାଟି ଫୋପାଡ଼ି ଗଛର ଗୁଡ଼ିପାଖ ସଫା କରିଦିଅନ୍ତି, ତହୁଁ ଗଛ ଖୁବ୍ ବଢ଼େ ଓ ତାର ଖୁବ୍ ବେଶି ଫଳ ହୁଏ । ଫଳ ପାଚିଲେ ପିମ୍ପୁଡ଼ିମାନେ ମଞ୍ଜି ସବୁ ବୋହି ନେଇ ଘରେ ରଖନ୍ତି ଓ ମିଳିମିଶି ଖାଆନ୍ତି ।

କ୍ଷେତ କରି ଶିଖିବାରେ ଲୋକେ ସବୁ ଦିନେ ସମାନ ଭାବରେ ଖାଇବାକୁ ପାଇ ଜୀବନରେ ବେଶ ଆରାମ ପାଇଲେ । ତହୁଁ ଧୀରେ ଧୀରେ ଆଉ ନୂଆ ନୂଆ କାମ ପାଞ୍ଚିଲେ ଓ ସେ କାମ କରିବା ପାଇଁ ଲୋକଙ୍କ ଭିତରେ ଭାଗ କରିଦେଲେ । ଏହିପରି ଜାତିର ସୃଷ୍ଟି ହେଲା । ଗାଁର ସବୁ ଭଲମନ୍ଦ ଖବର ବୁଝିବା ଲାଗି ବୁଢ଼ାଟିଏ ଠିକ କରନ୍ତି ଓ ତା'ର କଥା ମାନି ସମସ୍ତେ ଚଳନ୍ତି । ସେହି ବୁଢ଼ାଟିକୁ କହନ୍ତି 'ସର୍ଦ୍ଦାର' । ଗାଁ ଗୋଟିକୁ ସର୍ଦ୍ଦାର ଗୋଟିଏ । କ୍ରମେ ସର୍ଦ୍ଦାରମାନେ ଆପଣା ସର୍ଦ୍ଦାରି ପାଇଁ ଫସଲର ବଡ଼ ଅଂଶ ନେବାକୁ ଲାଗିଲେ ଏବଂ ସର୍ଦ୍ଦାର ସଂଖ୍ୟା ବେଶୀ ହୋଇ ଯାଆନ୍ତେ କଳି ତକରାଳ ଲାଗିଲା । ତହୁଁ ସେମାନଙ୍କର କଥା ବୁଝିବା ଲାଗି 'ରଜା' ଲୋଡ଼ା ହେଲା ।

(୮)

ନଦୀମାନଙ୍କ ପାଖରେ ଲୋକେ ପହିଲେ ଆସି ଘର କଲେ; କାହିଁକି ନା, ଚଳ-ପ୍ରଚଳ ହେବାକୁ, ଖିଆ, ଫସଲ କରିବାକୁ ଯେପରି ପାଣିର ଅଭାବ ନ ହୁଏ । ମା' ଦୁଧ ଖାଇ ପିଲା ବଢ଼ିଲା ପରି ନଦୀ ପାଣି ପାଇ ଗୁଡ଼ିଆନ୍ଧ ଶସ୍ୟ ଶ୍ୟାମଳ ହେବାରୁ ଓ ନିର୍ମଳ ଜଳ ପାଇ ସ୍ୱାସ୍ଥ୍ୟ ଭଲ ରହିବାରୁ ନଦୀକୁ ଲୋକେ 'ମା' ବୋଲି କହିଲେ । ମାଆ ପ୍ରତି ଯତ୍ନ କରିବା ଯେପରି ଉଚିତ ବୋଲି ଭାବନ୍ତି ନଦୀ ପ୍ରତି ସେହିପରି ନଜର ରଖିଲେ, ଯେପରି ପାଣି ଖରାପ ନ ହୁଏ କି ସୁଅ ମୁହଁରେ ବାଧା ନ ପଡ଼େ । ଏବେ କିନ୍ତୁ ସବୁ କଥା ଭୁଲିଯାଇ ଖାଲି 'ମା' ବା 'ବାବା' ଡାକ ରହି ଯାଇଛି । ଯଥା ହିନ୍ଦୁସ୍ଥାନରେ 'ମା ଗଙ୍ଗା', ମିଶରରେ 'ପିତା ନୀଳନଦ' ।

(୯)

ମେସୋ-ପଟେମିୟାରେ 'ବାବୁଲ', 'ନୈବୁତ' ଆଉ 'ଅସୁର' ବୋଲି ପୁରୁଣା କାଳରେ ସହର ଥିଲା । କିନ୍ତୁ ଏବେ ସେ ସବୁର ପତ୍ତା ନାହିଁ । ବହୁତ ଗହୀର କରି ଖୋଳିଲେ ମାଟି ବାଲି ଭିତରୁ ଜାଗା ଜାଗାରୁ କୋଠା ମନ୍ଦିର ପ୍ରଭୃତି ବାହାରି ପଡ଼ି ପୁର୍ବ ସହରର ପ୍ରମାଣ ଦେଉଛି । ହଜାର ହଜାର ବର୍ଷ ଆଗରୁ ହୁଏ ତ କିଛି କାରଣରେ ଲୋକେ ମରି ହଜି ଯିବା ପରେ ସହର ନିଶ୍ଚିହ୍ନ ହୋଇ ପୋତି ଯାଇଥିଲା । ଏବେ ପୁଣି ତା' ଉପରେ ଲୋକେ ଆସି ନୂଆ ସହର କରି ରହିଛନ୍ତି । କିଛି କାମରେ ଯଦି ଖୁବ୍ ବେଶି ଖୋଳିବାକୁ ପଡ଼ୁଛି ତ ପୁରୁଣା ସହରର ଚିହ୍ନ ମିଳି ଯାଉଅଛି ।

ଭାରତରେ ସେହିପରି ଇନ୍ଦ୍ରପ୍ରସ୍ଥ ନାମରେ ଗୋଟିଏ ପୁରୁଣା ସହର ଥିଲା । 'ମହାଭାରତରେ' ତା'ର ନାମ ମିଳିଲା, ଏବେ ତା' ଉପରେ ଦିଲ୍ଲୀ ସହର ତିଆରି ହୋଇଛି । ଆଜିକାଲି ଯେଉଁଠାରେ ପାଟଣା ସହର ଅଛି, ପୂର୍ବେ ସେଠାରେ ପାଟଳୀପୁତ୍ର ନାମରେ ସହର ଥିଲା ।

ପୁରୁଣାକାଳର ରହଣି-ସହଣି କାରୁକାର୍ଯ୍ୟର କଥା ଜଣାପଡ଼େ, ପଥରରେ ଖୋଳା ହୋଇଥିବା ଲେଖା, ଆଉ ଛବିରୁ । ମିଶରର ପୁରୁଣା ଢଙ୍ଗର କଥା, ତା'ର 'ମମି'ରୁ ଜଣାପଡ଼େ । ମମି କହନ୍ତି ମଣିଷ ବା ଜନ୍ତୁର ଶବକୁ । ତାଙ୍କର ବିଶ୍ୱାସ ଥିଲା ଯେ—ଯେ ମରିଯିବ ତା'ର କାରବାର ଯେତେ ସବୁ ଜିନିଷ ଓ ତା'ର ପ୍ରିୟ ଖାଦ୍ୟମାନ ସହିତ ଶବକୁ ରଖିବା ଉଚିତ । ଔଷଧ-ପସରା, ଔଷଧି ତେଲ ପ୍ରଭୃତି ଲଗାଇ ଯେଉଁ ଘରେ ଶବକୁ ରଖନ୍ତି, ସେ ଘରକୁ ସୁଗନ୍ଧିତ କରି ପୋତି ଦିଅନ୍ତି । ସେ ସବୁ ଏତେ ବୁଦ୍ଧି ଓ କୌଶଳ ଖର୍ଚ୍ଚ କରି ରଖା ହୋଇଥିଲା ଯେ, ହଜାର ହଜାର ବର୍ଷ ପରେ ଖୋଳିଲା ବେଳକୁ ସେ ଜିନିଷ ସବୁ ଆଗ ପରି ବାହାରୁଛି ।

# ସମୁଦ୍ର ମନ୍ଥନ

**ଶ୍ରୀ ଚନ୍ଦ୍ରାମଣି ପାଣିଗ୍ରାହୀ**

ଅଷ୍ଟମ ସ୍କନ୍ଧ ଭାଗବତରେ ବର୍ଣ୍ଣିତ ସମୁଦ୍ର-ମନ୍ଥନରୁ କିପରି ଅମୃତ ଓ ବିଷ ଜାତ ହୋଇଥିଲା ତାହା ସମସ୍ତେ ଜାଣନ୍ତି । କିନ୍ତୁ ଏହା ଗୋଟିଏ ଅର୍ଥଶୂନ୍ୟ ଗଳ୍ପ ବ୍ୟତୀତ ଆଉ କିଛି ନୁହେଁ, ଏପରି ଧାରଣା ଅନେକଙ୍କର ଅଛି । "ଦେବ୍ରଭୂମି"ର ସନ୍ନ୍ୟାସୀ ଦୀନବନ୍ଧୁ 'ନବ୍ୟଞ୍ଜନ-ଖାଦ୍ୟ'ର ମହିମା ବ୍ୟାଖ୍ୟା କରୁଥିବା ସମୟରେ ଦୁଧ ଏବଂ ଘିଅ ଦ୍ୱାରା ଜଗତରେ ବହୁତ ବ୍ୟାଧି ସୃଷ୍ଟି ହୋଇଛି ବୋଲି କହିବାରୁ ଏହାର ଶାସ୍ତ୍ରୀୟ ପ୍ରମାଣ ଆମ୍ଭେମାନେ ଦାବି କଲୁଁ । ତେଣୁ ଭାଗବତର ଗୁପ୍ତତତ୍ତ୍ୱ ସେ ଯେପରି ବ୍ୟାଖ୍ୟା କରିଥିଲେ ତାହାର ଅନୁସରଣରେ ସଂକ୍ଷେପରେ ଲେଖିବି । 'ସମୁଦ୍ର ମନ୍ଥନ' ନ କହି କ୍ଷୀର ସମୁଦ୍ର ମନ୍ଥନ କହିଲେ



Digitized by srujanika@gmail.com

କଥାଟି ପରିଷ୍କାର ବୁଝାଯିବ । ଅର୍ଥାତ୍ ଦୁଧ ମଧ୍ୟରେ ଅମୃତ ଏବଂ ବିଷ ଉଭୟ ଅଛି; ତାହା ମନ୍ଥନ ଦ୍ୱାରା ପୃଥକ୍ ହୋଇଯାଏ । ଏହି ଚିରବାଞ୍ଛିତ ଅମୃତର ଅର୍ଥ କଣ ?

କ୍ଷୀର ଜଳଧି ପ୍ରିୟ ମୋର । ଯେ ଶ୍ୱେତ ଦ୍ୱୀପ ମନୋହର ॥
ଏ କ୍ଷୀର ସମୁଦ୍ର ମନ୍ଥନ । ଶୁଣି ପବନ ହୁଅ ଜନ ॥
ଯେ ରୂପେ ସମୁଦ୍ର ମନ୍ଥିଲେ । ସୁରଗଣଙ୍କୁ ସୁଧା ଦେଲେ ॥
ଅମୃତ ଅର୍ଥେ ରତ୍ନାକର । ଯେ ପାନେ ହୋଇବ ଅମର ॥
ତୁମ୍ଭେ ସେ ଅମୃତ ଖାଇବ । କିରଣ ହୋଇବେ ଦାନବ ॥

ଭଗବାନ୍ କହିଲେ, "ଦୁଧ ମୋର ବଡ଼ ପ୍ରିୟ ବସ୍ତୁ । ଏହାର ଅମୃତ ଅଂଶଟି ଦେବ-ଅଂଶୀ ବିବେକୀ ଲୋକମାନଙ୍କୁ ଦେଇ ବ୍ୟାଧି ମୁକ୍ତ କରିବ ଏବଂ ବିଷ-ଅଂଶଟି ଦାନବ ବା ଅବିବେକୀମାନଙ୍କୁ ଦେବ । ସେମାନେ ଆସୁରୀ ବଳ ବୃଦ୍ଧି ହେତୁ ଧ୍ୱଂସ ହେବେ ।"

ପୁଣି କହିବା ଉପଦେଶ । ବେଗେ ଗହନ ବନେ ପଶ ॥
ବୃକ୍ଷ ଔଷଧି ଗୁଳ୍ମ ଯେତେ । ବନସ୍ତୁଁ ଆଣ ଅପ୍ରମିତେ ॥
ପାଷାଣେ ଛେଚି ତାକୁ ବଳେ । ନିକ୍ଷେପ କ୍ଷୀରସିନ୍ଧୁ ଜଳେ ॥
ସେ ଅମ୍ଳଯୋଗେ ବସୁ ଦଧି । ଯେଣେ ଲଭିବ କାର୍ଯ୍ୟ ସିଦ୍ଧି ॥

ଭଗବାନ୍ କହିଲେ, "ସେହି ଦୁଧରେ ଝିଟା ଦେଇ ଦହି ବସାଅ ।"

( ବସାଦହି )

ପ୍ରଥମେ ବାସୁକି ବଦନେ । ଗରଳ ଛାଡ଼ିବ ମନ୍ଥନେ ॥
ତାହିଁକି ନ କରିବ ଭୟ । ମୁଁ ପୁଣି କରିବି ଉପାୟ ॥
ତତ୍‍କ୍ଷଣେ ଶୂନ୍ୟେ ମେଘମାଳ । ଶୀତଳ ବରଷିବ ଜଳ ॥

ଭଗବାନ୍ କହିଲେ, ଦଧି ମନ୍ଥନ କଲେ ପ୍ରଥମେ ଗରଳ ବା ଲହୁଣି ( ଘିଅ ) ବାହାରିବ । ଥଣ୍ଡା ଜଳ ଦହିରେ ମିଶାଇଲେ ଅନେକ ଦୋଷ କଟିଯିବ ।

କ୍ଷୀର ସମୁଦ୍ରେ ଶୀତ ତପ୍ତ । ରୂପେ ପଶିଲେ ଜଗନ୍ନାଥ ॥
ବାସୁକି ଅଧ ଜଳ ଜୀବେ । ତାଙ୍କୁ ତରିଲେ ଶୀତ ଭାବେ ॥
ଏ ବିଷ ସଂସାର ଦହିବ । ଏଥୁଁ ଉଦ୍ଧର ସଦାଶିବ ॥
ଏ ବିଷ ଉଭୟେ ଦଶ ଦିଶ । କେବେହେଁ ନ ଦିଶେ ପ୍ରକାଶ ॥
ଏଣୁ ବ୍ରହ୍ମାଣ୍ଡ ନଷ୍ଟେ ଗଲା । ଅକାଳେ ପ୍ରଳୟ ହୋଇଲା ॥

ଭଗବାନ୍ କହୁଛନ୍ତି, ଦୁଧ ମଧ୍ୟରେ ଜୀବନୀ ଶକ୍ତି ଥଣ୍ଡା ଓ ଗରମ ଭାବରେ ରହିଲା । ଅର୍ଥାତ୍ ଘୋଳ ଦହି ଓ ଘିଅ । ଜୀବ-ମାନଙ୍କର ବିଷମ ଉତ୍ତାପକୁ ଶୀତ ଭାବେ ଅର୍ଥାତ୍ ଘୋଳ ଦହି ଦ୍ୱାରା ଦୂର କରିବାକୁ ହେବ । ଘିଅର ପ୍ରଲୋଭନରେ ବ୍ରହ୍ମାଣ୍ଡ ନଷ୍ଟ ଗଲା ।

ରତ୍ନ ବଳୟ ମଣି ବନ୍ଧେ । ଅମୃତ କୁମ୍ଭ ଘେନି କାନ୍ଧେ ॥
ସେ ରୂପ ନାରାୟଣ ଅଂଶେ । ଧନ୍ୱନ୍ତରୀ ରୂପ ପରକାଶେ ॥
ସ୍ୱଭାବେ ଆୟୁର୍ବେଦ ଗୁରୁ । ଧୀର ସ୍ୱଭାବେ ମହାମେରୁ ॥

ଦଧି ମନ୍ଥନରୁ ଆୟୁର୍ବେଦ ଗୁରୁ ସ୍ୱୟଂ ଧନ୍ୱନ୍ତରୀ ଅମୃତ କୁମ୍ଭ ଅର୍ଥାତ୍ ଘୋଳ ଦହିର କଳସ କାନ୍ଧରେ ଘେନି ବାହାରିଲେ ଏବଂ ଅସୁର-ମାନେ ଜବରଦସ୍ତି ଅମୃତ କୁମ୍ଭ ଛଡ଼ାଇ ନେଲେ, ତେଣୁ:—

ହରି ବିଗ୍ଭର କଲେ ମନେ । ଅସୁରଙ୍କର ସୁଧା ପାନେ ॥
ଦେବେ ହୋଇବେ ଅରକ୍ଷିତ । ଏ କଥା ନୁହଇ ଉଚିତ ॥
ବଞ୍ଚନା କରି ନାରାୟଣ । ଅମୃତ କଳଶ ଘେନିଣ ॥
ଦୂରେ ଯେ ଦେବଗଣ ଥିଲେ । ତାହାଙ୍କ ପାଶେ ସୁଧା ଦେଲେ ॥

ହରି ବଞ୍ଚନା କଲେ; ତେଣୁ ଅବିବେକୀ ଲୋକମାନେ ବୁଝିଲେ ଯେ ଘିଅ ସବୁଠାରୁ ଉତ୍କୃଷ୍ଟ ପଦାର୍ଥ କିନ୍ତୁ ବିବେକୀ ଲୋକମାନେ ଘୋଳ ଦହିର ଆଶ୍ରୟ ନେଇ ଶାନ୍ତିରେ ରହିଲେ ।

ବିଷ୍ଣୁ ପଦରେ କର ଯୋଡ଼ି । ଅଗ୍ନି ପୁରୁଷ କହେ ପଡ଼ି ॥
ଏ ସତ୍ୟବ୍ରତ ଯଜ୍ଞେ ମୁହିଁ । ରୋଗୀ ହୋଇଲି ଘୃତ ଖାଇ ॥

ଦେବରାଜ ଅଗ୍ନି ବ୍ରହ୍ମାଣ୍ଡର ସମସ୍ତ ଘିଅ ଖାଇବାକୁ ବସିଲେ । ସେଥିରେ ଯେଉଁ ଲମ୍ବୋଦୁର ବ୍ୟାଧି ଆରମ୍ଭ ହେଲା ତାହା ଆଉ ସହି ନ ପାରି ଧନ୍ୱନ୍ତରୀଙ୍କର ଆଶ୍ରୟ ନେଲେ । ସ୍ୱୟଂ ଅଗ୍ନିଙ୍କର ଘିଅ ଖାଇ କି ଅବସ୍ଥା ହେଲା ଦେଖିଲେ ତ ? ଆମ୍ଭମାନଙ୍କର ଜଠରାଗ୍ନି ଅଗ୍ନିଠାରୁ ବେଶୀ ବଳୀୟାନ ନୁହେ । ଅତଏବ କୁତର୍କ ଛାଡ଼ି ଘିଅ ନ ଖାଇ ପ୍ରତ୍ୟହ ଅତି ପ୍ରତ୍ୟୁଷରୁ ସ୍ନାନ ସାରି ଘୋଳଦହି ପିଇବା ସ୍ୱାସ୍ଥ୍ୟକାମୀମାନଙ୍କର ନିତ୍ୟକର୍ମ ମଧ୍ୟରୁ ଗୋଟିଏ; ଏହାହେଲେ ଉପକାର ହୁଅନ୍ତା । ସର୍ବବ୍ୟାଧିହରଂ ତକ୍ରଂ, ଆୟୁର୍ବେଦରେ ତକ୍ର ବା ଘୋଳଦହିକୁ ଅମୃତ କୁହାଯାଏ । ଘୋଳଦହିର ମହିମା ବିଶଦ ଭାବରେ ଲେଖିବାର ଆବଶ୍ୟକ ନାହିଁ । ବୁଝିବା ଲୋକେ କୌତୁହଳ ନିବାରଣାର୍ଥେ ନିଜେ ସନ୍ଧାନ କରିନେବେ । ଡାକ୍ତରମାନେ **Sour Milk Treatment** ର ଆଶ୍ରୟ ନେଲେଣି । **Hydropathy** ବା ଜଳଚିକିତ୍ସାର ପ୍ରଧାନ ଅଙ୍ଗ ଏହି ଘୋଳଦହି । ଆଜିକାଲି ସ୍ୱାଦୁପାଇଁ ଘୋଳଦହିରେ ଚିନି ମିଶ୍ରିତ କରିବା ଅନେକଙ୍କର ଅଭ୍ୟାସ—ତାହା ମହାପାପ । ଅମୃତର ଅର୍ଥ ଘୋଳଦହି ; ଏହା ବୁଝିଲେ ଜୀବର ମଙ୍ଗଳ । ଭଗବତର ଉପଦେଶ ଅନେକ ଦିନ ହେଲା ଅବହେଳିତ ହୋଇ ଆସୁଅଛି, ଆଉ ଏଣିକି ତାହା ହେବ ନାହିଁ ।

# ଦେଶୀୟ ରାଜ୍ୟ ସମାଚାର

## ହାଇଦ୍ରାବାଦ

### ହାଇଦ୍ରାବାଦ ନିଜାମ ଓ ତାଙ୍କ ଉତ୍ତରାଧିକାରୀ ବେରାର ଉପରେ ରାଜକ୍ଷମତା ପାଇଲେ

ବେରାରର ଭବିଷ୍ୟତ ଶାସନ ବିଷୟରେ ଇଂରେଜ ସରକାର ଏବଂ ହାଇଦ୍ରାବାଦର ମହାମାନ୍ୟ ନିଜାମଙ୍କ ମଧ୍ୟରେ ଯେଉଁ ନୂଆ ଚୁକ୍ତି ହେଲା ତାହା ଭାରତ ସରକାରଙ୍କ ଗେଜେଟରେ ଏକ ବିଶେଷ ସଂଖ୍ୟାରେ ପ୍ରକାଶ ପାଇଛି । ଏଣିକି ନିଜାମଙ୍କ ରାଜକ୍ଷମତା ବେରାର ଉପରେ ବହୁ ପରିମାଣରେ ସ୍ୱୀକାର କରାଯିବ ଏବଂ ନିଜାମ ହାଇଦ୍ରାବାଦ ଓ ବେରାରର ନିଜାମ ବୋଲି ଅଭିହିତ ହେବେ । ନିଜାମଙ୍କର ଭାବୀ ଉତ୍ତରାଧିକାରୀ ମଧ୍ୟ ଏଣିକି ବେରାରର ଯୁବରାଜ ବୋଲାଇବେ ।

ଏହାଛଡ଼ା ଏହି ଗେଜେଟରେ କୋଡ଼ିଏ ଗୋଟି ବିଭିନ୍ନ ସର୍ତ୍ତ ନେଇ ଏକ ଚୁକ୍ତି ପତ୍ର ପ୍ରକାଶିତ ହୋଇଅଛି । ସ୍ଥୂଳତଃ କହିବାକୁ ଗଲେ ମହାମାନ୍ୟ ଭାରତ ସମ୍ରାଟ ଉକ୍ତ ଚୁକ୍ତି ପତ୍ରରେ ବେରାର ରାଜ୍ୟ ଉପରେ ନିଜାମଙ୍କ ରାଜକ୍ଷମତା ସ୍ୱୀକାର କରିଅଛନ୍ତି । ୧୯୩୫ ମସିହା ଭାରତ ଶାସନ ଆଇନ ଅନୁଯାୟୀ ବେରାର ଯୁକ୍ତରାଷ୍ଟ୍ରର ଅନ୍ତର୍ଭୁକ୍ତ ହେବା ବିଷୟରେ ମହାମାନ୍ୟ ନିଜାମ ତାଙ୍କର ସମ୍ମତି ଘୋଷଣା କରିଅଛନ୍ତି । ଚୁକ୍ତିପତ୍ର ଅନୁଯାୟୀ ବେରାର ଉପରେ ନିଜାମଙ୍କ ରାଜକ୍ଷମତା ରହିବା ସତ୍ତ୍ୱେ ବେରାର ଏବଂ ମଧ୍ୟପ୍ରଦେଶ ଗୋଟିଏ ପ୍ରଦେଶରୂପେ ଏକାଠି ଶାସନ କରାହେବ । ମଧ୍ୟପ୍ରଦେଶ ଏବଂ ବେରାର ଲାଟଙ୍କୁ ମହାମାନ୍ୟ ଭାରତ ସମ୍ରାଟ ନିଜାମଙ୍କ ମତ ନେଇ ନିଯୁକ୍ତ କରିବେ ଏବଂ ନୂଆ ଆଇନ ବଳରେ ଶାସନ-କାର୍ଯ୍ୟ କଲାବେଳେ ଲାଟ ବେରାର ସମ୍ବନ୍ଧେ କିଛି କରିବାକୁ ହେଲେ ସେଥିପାଇଁ ନିଜାମଙ୍କ ପରାମର୍ଶ ନେବେ । ନିଜାମଙ୍କ ପତାକା ଇଂରେଜ ପତାକା ସଙ୍ଗେ ସଙ୍ଗେ ବେରାରର ସରକାରୀ କୋଠା-ମାନଙ୍କରେ ଉଡ଼ିବ । ସମ୍ରାଟଙ୍କର ପ୍ରତିନିଧି ଭାବରେ ଭାରତୀୟ ରାଜ୍ୟଗୁଡ଼ିକ ସଙ୍ଗେ ସାମ୍ରାଜ୍ୟ ସମ୍ବନ୍ଧୀୟ କାର୍ଯ୍ୟ ଚଳାଉଥିବା କର୍ମଚାରୀଙ୍କର ପ୍ରଥମେ ମତ ନେଇ ନିଜାମ ବେରାରବାସୀଙ୍କୁ ହାଇଦ୍ରାବାଦର ଉପାଧି ଦେଇ ପାରିବେ । ଅଧିକନ୍ତ ମଧ୍ୟ ନିଜାମ ବେରାରରେ ଦରବାର କରି ପାରିବେ ଏବଂ ପ୍ରତ୍ୟେକ ଦରବାର ପୂର୍ବରୁ ସମ୍ରାଟଙ୍କ ପ୍ରତିନିଧିଙ୍କର ମତ ଆବଶ୍ୟକ ହେବ ।

ବେରାର ପାଇଁ ଭାରତ ସମ୍ରାଟ ନିଜାମଙ୍କୁ ପୂର୍ବପରି ବାର୍ଷିକ ପଚିଶ ଲକ୍ଷ ଟଙ୍କା ଦେବେ । ମଧ୍ୟପ୍ରଦେଶ ରାଜଧାନୀରେ ନିଜାମଙ୍କର ଜଣେ ଏଜେଣ୍ଟ ରହି ପାରିବେ । ଯେଉଁସବୁ ସମସ୍ୟା ମଧ୍ୟପ୍ରଦେଶ, ବେରାର ଏବଂ ହାଇଦ୍ରାବାଦ ପାଇଁ ସାଧାରଣ ସମସ୍ୟା ସେ ସବୁ ବିଷୟରେ ଉକ୍ତ ଏଜେଣ୍ଟ ମଧ୍ୟପ୍ରଦେଶ ସରକାରଙ୍କୁ ନିଜାମଙ୍କ ମତ ଜଣାଇବେ । କିନ୍ତୁ ମଧ୍ୟପ୍ରଦେଶ ଓ ବେରାରର କୌଣସି ଭିତର ସମସ୍ୟାରେ ଉକ୍ତ ଏଜେଣ୍ଟଙ୍କର କୌଣସି ସମ୍ପର୍କ ରହିବ ନାହିଁ ।

## ଗୋଆଲିୟର

### ଅଭିଷେକ ଉତ୍ସବ

ଗୋଆଲିୟର ମହାରାଜା ଜର୍ଜ ଜିଆଜି ରାଓ ସିନ୍ଧିଆ, ଆଲିଜା ବାହାଦୁରଙ୍କର **ପୂର୍ଣ୍ଣ** ରାଜକ୍ଷମତା ପ୍ରାପ୍ତି ଉପଲକ୍ଷେ ଗତ ନଭେମ୍ବର ମାସ ୨ ତାରିଖରେ ଏକ ଅଭିଷେକ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଗତ ୧୧ ବର୍ଷ ଧରି ଗୋଆଲିୟର ଷ୍ଟେଟ୍ ନାବାଳକ ଶାସନାଧୀନରେ ଥିଲା ଓ ମହାରାଣୀ ପ୍ରତିନିଧିରୂପେ ସମସ୍ତ ରାଜକାର୍ଯ୍ୟ ଚଳାଉଥିଲେ । ଗୋଆଲିୟର ରାଜ୍ୟ ମଧ୍ୟ ଭାରତରେ ଅବସ୍ଥିତ ଓ ଏହାର ଆକାର ୨୬୦୦୦ ବର୍ଗ ମାଇଲ । ଭାରତ ଇତିହାସରେ ଏହି ସିନ୍ଧିଆ ରାଜବଂଶର ମହିମା ଆଜି ସୁଦ୍ଧା ଉଜ୍ଜ୍ୱଳାକ୍ଷରରେ ଲିଖିତ ରହିଅଛି ।

ଉକ୍ତ ଅଭିଷେକୋତ୍ସବ ମହାମାନ୍ୟ ବଡ଼ଲାଟଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା । ବଡ଼ଲାଟ, ତାଙ୍କର ସହଧର୍ମିଣୀ ଓ ତାଙ୍କର ତିନିଗୋଟି କନ୍ୟା ଏବଂ ଗଭର୍ଣ୍ଣର ଜେନେରେଲଙ୍କ ଏଜେଣ୍ଟ ଏହି ଉତ୍ସବରେ ଯୋଗ ଦେବାପାଇଁ ନଭେମ୍ବର ୧ ତାରିଖରେ ଗୋଆଲିୟରରେ ପଦାର୍ପଣ କରିଥିଲେ ।

ମହାରାଜାଙ୍କୁ **ପୂର୍ଣ୍ଣ** ରାଜକ୍ଷମତା ପ୍ରଦାନ କରିବା ପୂର୍ବରୁ ମହାମାନ୍ୟ ବଡ଼ଲାଟ ମହୋଦୟ ତାଙ୍କୁ ଅଭିନନ୍ଦନ କରି ପ୍ରତିନିଧି-ଶାସନର ରାଜତ୍ୱ କାଳରେ ଷ୍ଟେଟ୍‌ର ଆର୍ଥିକ ଓ ଅନ୍ୟାନ୍ୟ ଶାସନୋନ୍ନତି ବିଷୟରେ କହିଥିଲେ । ଯୁକ୍ତରାଷ୍ଟ୍ର ବିଷୟରେ ସେ କହିଥିଲେ, "ଭାରତରେ ବର୍ତ୍ତମାନ ନୂତନ ଯୁଗର ଆରମ୍ଭ ହୋଇଅଛି ଓ ମୋର ଦୃଢ଼ ବିଶ୍ୱାସ ଏହାର ଭବିଷ୍ୟତ ଉଜ୍ଜ୍ୱଳ । ବ୍ରିଟିଶ ଭାରତ ଓ ଦେଶୀୟ ରାଜ୍ୟ ଗୁଡ଼ିକ ଏକ ସଙ୍ଗରେ ମିଳାମିଶି ଜନେ ଜାତୀୟ ଗୌରବର ଉନ୍ନତି ଦିଗରେ ଅଗ୍ରସର ହେଉଛନ୍ତି । ମୁଁ ବିଶ୍ୱାସ କରେଁ ଖୁବ୍ ନିକଟରେ ଭାରତୀୟ ଯୁକ୍ତରାଷ୍ଟ୍ର କାର୍ଯ୍ୟ



Digitized by srujanika@gmail.com

ଆରମ୍ଭ କରିବ । ଆପଣଙ୍କର ରାଜତ୍ୱର ପ୍ରାରମ୍ଭରେହିଁ ରାଷ୍ଟ୍ରସଂଘ ସମ୍ବନ୍ଧେ ଆପଣଙ୍କର ମୀମାଂସା ବା ମତାମତ ଦେବା ବର୍ତ୍ତମାନ ଏକ ସାମୟିକ ବ୍ୟାପାର ହୋଇପଡ଼ିଛି । ”

## ରାୟଗଡ଼

### ଭାରତ ସଙ୍ଗୀତ ସମ୍ମିଳନୀରେ ମହାରାଜାଙ୍କ ବକ୍ତୃତା

ଅଳ୍ପଦିନ ତଳେ ପ୍ରୟାଗ ସଙ୍ଗୀତ ସମିତି ତରଫରୁ ଯେଉଁ ଭାରତ ସଙ୍ଗୀତ ସମ୍ମିଳନୀର ଅଧିବେଶନ ହୋଇଥିଲା ସେଥିରେ ରାୟଗଡ଼ର ମହାରାଜା ଶ୍ରୀଚକ୍ର ଚକ୍ରଧର ସିଂହ ସଭାପତି ହୋଇଥିଲେ । ତାଙ୍କ ଅଭିଭାଷଣରେ ସେ ନୃତ୍ୟ, ଅଭିନୟ, ଯନ୍ତ୍ର ସାହାଯ୍ୟରେ ଓ ବିନା ଯନ୍ତ୍ରରେ ସଙ୍ଗୀତର କଳାକୌଶଳ ବିଷୟରେ ଅନେକ କଥା କହିଥିଲେ ଏବଂ ପୂର୍ବକାଳରେ ଜୀବନର ବିଭିନ୍ନ ଅବସ୍ଥାରେ ଆତ୍ମାର ଶାନ୍ତି ପାଇଁ ବା ହୃଦୟରେ ଆନନ୍ଦ ଉପଭୋଗ କରିବା ପାଇଁ ସଙ୍ଗୀତକୁ ବ୍ୟବହାର କରିବା ସଙ୍ଗେ ସଙ୍ଗେ ମାନସିକ କ୍ଲେଶରୁ ମନକୁ ସାନ୍ତ୍ୱନା ଦେବା ପାଇଁ କପରି ସଙ୍ଗୀତ ଚର୍ଚ୍ଚା କରୁଥିଲେ ତାହା ବିଶେଷରୂପେ ଉଲ୍ଲେଖ କରିଥିଲେ ।

## ଜୟପୁର

### ମହାରାଜାଙ୍କ ପାଇଁ ଉଡ଼ାଜାହାଜ

ଶୁଣାଯାଏ ଯେ ଜୟପୁର ମହାରାଜାଙ୍କ ପାଇଁ ୭୫୦୦ ପାଉଣ୍ଡ ମୂଲ୍ୟର ଗୋଟିଏ ଉଡ଼ାଜାହାଜ ପ୍ରସ୍ତୁତ ହେଉଅଛି । ଏପରି ବିଳାସ-ପ୍ରିୟ ଉଡ଼ାଜାହାଜ କେବେ କୌଣସି ବ୍ୟକ୍ତିବିଶେଷଙ୍କ ବ୍ୟବହାର ପାଇଁ ପ୍ରସ୍ତୁତ ହୋଇ ନ ଥିଲା । ଏହାର କେବଳଟି ସବୁଜ ରଙ୍ଗର ଚମଡ଼ାରେ ନିର୍ମିତ ଓ ଆସନଗୁଡ଼ିକ ଅତ୍ୟନ୍ତ ସୁନ୍ଦର । ଏଥିରେ ଚାରିଗୋଟି ଆସନ ଅଛି । ଏହାର ପକ୍ଷଗୁଡ଼ିକ ରୌପ୍ୟ ରଙ୍ଗ ସଦୃଶ ଓ ସେଥିରେ ଜୟପୁର ପତାକା ଅଙ୍କିତ ହୋଇଅଛି ।

## ବନାରସ

### ସଙ୍ଗୀତ ସମାଜକୁ ଦାନ

ବନାରସର ମହାରାଜା ସାହେବ ଏଲାହାବାଦ ସଙ୍ଗୀତ ସମାଜକୁ ଟ ୧୦୦୧ ଙ୍କା ଦାନ କରିଅଛନ୍ତି । ଏହି ସମାଜର ଗୃହ ବା କଳାମନ୍ଦିରର ଉଦ୍ଘାଟନ କାର୍ଯ୍ୟ ସ୍ୱୟଂ ମହାରାଜା ସାହେବଙ୍କଦ୍ୱାରା ଅନୁଷ୍ଠିତ ହୋଇଥିଲା ।

## ପାଟନା

### ଏକ୍ସ-ରେ-ଇନ୍‌ଷ୍ଟିଚ୍ୟୁଟ୍

ଜଣାଯାଏ ଯେ, ପାଟନା ଷ୍ଟେଟ୍‌ର ପାଓ଼ାର ହାଉସ୍ ସମ୍ମୁଖରେ ଯେଉଁ ଏକ୍ସ-ରେ ଇନ୍‌ଷ୍ଟିଚ୍ୟୁଟ୍ ଗୃହ ନିର୍ମିତ ହେଉଅଛି, ତାହାର କାର୍ଯ୍ୟ ବର୍ତ୍ତମାନ ଶେଷ ଉପରେ । ଏହି ଅନୁଷ୍ଠାନର ନାମ ସ୍ୱର୍ଗୀୟ ମହାମହିମ ସମ୍ରାଟଙ୍କର ରୌପ୍ୟ ଜୟନ୍ତୀ ଉତ୍ସବର ସ୍ମାରକରୂପେ କିଙ୍ଗ୍ ଜର୍ଜ ଫିଫ୍‌ଥ୍ ସିଲଭର୍ ଜୁବିଲି ଇନ୍‌ଷ୍ଟିଚ୍ୟୁଟ୍ ରଖା ହେବ ।

## ଗୋପାଳନ

ଗତ ନଭେମ୍ବର ମାସ ୨୨ ତାରିଖରେ ପୃଥ୍ୱୀରାଜ ଗୋରକ୍ଷଣୀର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା ଏବଂ ପାଟନାର ମହାରାଜା ସାହେବ ସେଥିରେ ସଭାପତି ହୋଇଥିଲେ । ମହାରାଜା ସାହେବ ତାଙ୍କର ଅଭିଭାଷଣରେ ଗୃହପାଳିତ ପଶୁଗୁଡ଼ିକର ଉପଯୁକ୍ତ ତତ୍ତ୍ୱ ନେବା ଏବଂ ଡାଏରିଫାର୍ମ ଓ କୃଷିର ଆବଶ୍ୟକତା ବିଷୟରେ କେତେକ ଉପାଦେୟ କଥା କହିଥିଲେ । ଶୁଣାଯାଏ ଯେ ଡାଏରି ଫାର୍ମର ଉନ୍ନତି କଲେ ୮ ଗୋଟି ମୂରା ମଇଁଷ ଏବଂ ବିଭିନ୍ନ ଜାତୀୟ ୧୬ ଟି ସିନ୍ଧୀ ଗାଈ ଓ ଗୋଟିଏ ଷଣ୍ଢ କିଣିବାପାଇଁ ଷ୍ଟେଟ୍ ଛଅ ହଜାରରୁ ବେଶି ଟଙ୍କା ମଞ୍ଜୁର କରିଅଛନ୍ତି ।

## ପୁଦୁକୋଟା

### ନଗରର ନର୍ଦ୍ଦମା ପରିଷ୍କାର ପାଇଁ ବ୍ୟବସ୍ଥା

ପୁଦୁକୋଟା ଷ୍ଟେଟ୍ ରାଜଧାନୀ-ନଗରର ସ୍ୱାସ୍ଥ୍ୟୋନ୍ନତି ସକାଶେ ୩ ଲକ୍ଷ ଟଙ୍କା ମଞ୍ଜୁର କରିଅଛନ୍ତି । ସେଠା ମ୍ୟୁନିସିପାଲ କାଉନସିଲ ଇତିପୂର୍ବରୁ ଉକ୍ତ ବ୍ୟବସ୍ଥା ଜରୁରୀ ନୁହେ ବୋଲି ସ୍ଥିର କରିଥିଲେହେଁ ବର୍ତ୍ତମାନ ଅବସ୍ଥା ଦୃଷ୍ଟିରେ ରାଜଦରବାରର ନିଷ୍ପତ୍ତିକୁ ଗ୍ରହଣ କରିଅଛନ୍ତି ।

## ତ୍ରିବାଙ୍କୁଡ଼

### ହରିଜନମାନଙ୍କ ପାଇଁ ମନ୍ଦିର ପ୍ରବେଶ ଘୋଷଣା

ଅଳ୍ପ ଦିନ ତଳେ ତ୍ରିବାଙ୍କୁଡ଼ର ମହାରାଜା ସାହେବ ଷ୍ଟେଟ୍ ଓ ରାଜବଂଶ ଅଧୀନରେ ଯେତେ ମନ୍ଦିର ଅଛି ସେଗୁଡ଼ି ସବୁ ଶ୍ରେଣୀର ହିନ୍ଦୁଙ୍କ ପାଇଁ ଖୋଲା ରହିବ ବୋଲି ଏକ ଘୋଷଣା କରିଅଛନ୍ତି । ଭାରତବର୍ଷ ମଧ୍ୟରେ ତ୍ରିବାଙ୍କୁଡ଼ର ଅଧିବାସୀ ଅଧିକାଂଶ ନିମ୍ନ୍ୟାପର ହିନ୍ଦୁ ଥିଲେହେଁ ମହାରାଜା ସାହେବଙ୍କର ଏ ଘୋଷଣା ଯଥେଷ୍ଟ ସାହସୋଚିତ ହୋଇଅଛି । ଏ ସମ୍ବାଦ କେବଳ ସେହି ରାଜ୍ୟରେ ନୁହେଁ, ସମଗ୍ର ଭାରତର ହିନ୍ଦୁଙ୍କ ଭିତରେ ଗୋଟାଏ ଅପୂର୍ବ ଆନନ୍ଦ ଆଣି ଦେଇଛି । ମହାରାଜାଙ୍କର ଏ କାର୍ଯ୍ୟ ପାଇଁ ମହାମାନ୍ୟ ବଡ଼ଲାଟ ସାହେବ, ମହାତ୍ମା ଗାନ୍ଧୀ, ରାୟ ବାହାଦୁର ଏମ୍. ସି. ରାଜା ( ପିଠାପୁରମ୍‌ର ମହାରାଜା ), ହିନ୍ଦୁମହାସଭା ଓ ଲଣ୍ଡନର “ମାନଚେଷ୍ଟାର ଗାର୍ଡିଆନ” ପତ୍ରିକା ପ୍ରଭୃତି ବିଭିନ୍ନ ମତ ଓ ନୀତିର ବିଶିଷ୍ଟ ବ୍ୟକ୍ତି ଏବଂ ଅନୁଷ୍ଠାନମାନ ଖୁବ୍ ପ୍ରଶଂସା କରିଛନ୍ତି ।

## କୋହ୍ଲାପୁର

### ବାଲ୍‌ଡ୍ୱିନ୍ ସମବାୟ ସମିତି

ପ୍ରକାଶ ଯେ କୋହ୍ଲାପୁରର ବାଲ୍‌ଡ୍ୱିନ୍ ସମବାୟ ସମିତି ରାଜ୍ୟରେ ଥିବା ଅନ୍ୟାନ୍ୟ ସମବାୟ ସମିତି ମଧ୍ୟରେ ଦ୍ୱିତୀୟ ସ୍ଥାନ ଅଧିକାର କରିଅଛି । ଗତ ବର୍ଷ ଏହି ସମିତି କୃଷି, କୂପ ଖନନ

ଓ ଦେଣା ପରିଶୋଧ କରିବା ପାଇଁ ମେମ୍ବରମାନଙ୍କୁ ୧,୮୦,୬୩୨ ଟଙ୍କା ଋଣ ମଞ୍ଜୁର କରିଥିଲେ । ଏହି ସମିତ ଅନାବୃଷ୍ଟି ସମୟରେ ଜଳ ଯୋଗାଇବା ପାଇଁ ଟ ୪୦୦୦ଙ୍କା ଓ ମ୍ୟାଲେରିଆ ମଡ଼କ ସମୟରେ ଔଷଧ ଯୋଗାଇବା ପାଇଁ ଟ ୧୦୦୦୯ଙ୍କା ଖର୍ଚ୍ଚ କରିଥିଲେ ।

## ମହୀସୁର

### ଦଶହରା ପର୍ବ ଉପଲକ୍ଷେ ଯାତ୍ରୀ

ମହୀସୁରରେ ଏ ବର୍ଷ ଦଶହରା ପୂଜା ମହା ସମାରୋହରେ ପ୍ରଥାନୁଯାୟୀ ଅନୁଷ୍ଠିତ ହୋଇଥିଲା । ମହାରାଜା ସାହେବ ବହୁ ମୂଲ୍ୟ ସାଜସଜ୍ଜାବଶିଷ୍ଟ ହସ୍ତୀ ପୃଷ୍ଠରେ ଆରୋହଣ କରି ଶୋଭା-ଯାତ୍ରାରେ ଯୋଗ ଦେଇଥିଲେ । ପ୍ରତି ବର୍ଷ ଅପେକ୍ଷା ଏ ବର୍ଷ ଅନେକ ବେଶି ଯାତ୍ରୀ ଏ ଉତ୍ସବ ଦେଖିବାକୁ ଆସିଥିଲେ । ଉତ୍ସବ-ସପ୍ତାହ ମଧ୍ୟରେ ଟ୍ରେନରେ ଗତ ବର୍ଷର ୮୮,୦୦୦ ଯାତ୍ରୀଙ୍କ ସ୍ଥଳେ ଏ ବର୍ଷ ଏକ ଲକ୍ଷ ଲୋକ ଆସିଥିଲେ । ଦଶହରା ପ୍ରଦର୍ଶନୀରେ ମଧ୍ୟ ଗତ ବର୍ଷ ୮୩,୦୦୦ ଦର୍ଶକ ହୋଇଥିବା ସ୍ଥଳେ ଏବର୍ଷ ୧,୦୦,୪୧୨ ହୋଇଥିଲେ ।

### ଦେବଦାସୀ ପ୍ରଥା

ଦେବଦାସୀ ପ୍ରଥା ରହିତ କରିବା ପାଇଁ ମହୀସୁର ରାଜସରକାର ପ୍ରଚଳିତ ଆଇନକୁ କାର୍ଯ୍ୟରେ ପରିଣତ କରିବା ଉଦ୍ଦେଶ୍ୟରେ ଜରୁରି ହୁକୁମ ଜାରି କରିଅଛନ୍ତି । ଭାରତୀୟ ଦଣ୍ଡବିଧି ଆଇନ ଅନୁଯାୟୀ ଏହା ଏକ ଅପରାଧ ବୋଲି ଲୋକଙ୍କୁ ଜଣାଇ ଦେବାଲାଗି ଡେପୁଟି କମିସନରଙ୍କୁ ଆଦେଶ ଦିଆ ହୋଇ-ଅଛି ଏବଂ ଉକ୍ତ ପ୍ରଥା ବନ୍ଦ କରିବା ପାଇଁ ଯଥାବିଧି କାର୍ଯ୍ୟ କରିବା ସକାଶେ ତାଙ୍କୁ ଜଣାଇ ଦିଆ ଯାଇଅଛି ।

### ଚାଷୀମାନଙ୍କୁ ସାହାଯ୍ୟ

ସେରିଙ୍ଗାପଟମ-ନିକଟବର୍ତ୍ତୀ ଗଞ୍ଜାମ ଗ୍ରାମରେ ଡିମ୍ବିରି ( Fig ) ଚାଷ ଆରମ୍ଭ କରିବା ପାଇଁ ମହୀସୁର ଗଭର୍ଣ୍ଣମେଣ୍ଟ ବାର ହଜାର ଟଙ୍କା ମଞ୍ଜୁର କରିଅଛନ୍ତି । ଏହି ଟଙ୍କା ସାହାଯ୍ୟରେ କୃଷକମାନେ ନିଜ ନିଜ ବଗିଚାରେ ଜଳ ଯୋଗାଇବାର ସୁବ୍ୟବସ୍ଥା କରି ପାରିବେ ।

### ଶ୍ରମିକମାନଙ୍କ ପାଇଁ ସୁବ୍ୟବସ୍ଥା

ମହୀସୁର ଷ୍ଟେଟ୍‌ର ଦେୱାନ ସର୍ ମିର୍ଜା ମହମ୍ମଦ ଇସ୍‌ମାଏଲ ଗୋଟିଏ ନୂତନ ଉପନିବେଶ ସ୍ଥାପନ କରି ଖଣି କାରଖାନାର ଶ୍ରମିକମାନଙ୍କ ରହିବା ପାଇଁ ୧୨୦ ଗୋଟି ଗୃହ ନିର୍ମାଣ କରାଇ-ଅଛନ୍ତି । ଶ୍ରମିକ-ମଙ୍ଗଳ କମିଟିର ସଭ୍ୟମାନେ ଅଳ୍ପ ଦିନ ତଳେ ଦେୱାନଙ୍କୁ ଯେଉଁ ଅଭିନନ୍ଦନ ଦେଇଥିଲେ ତାହାର ଉତ୍ତରରେ ସର୍ ମିର୍ଜା ମହମ୍ମଦ ପ୍ରକାଶ କରିଥିଲେ ଯେ, ଶୀଘ୍ର ଏହି ଉପନିବେଶ ଏକ ଆଦର୍ଶ ଉପନିବେଶରେ ପରିଣତ ହେବ ଓ ସେ ଏହି ଉପନିବେଶକୁ ଗୋଟିଏ ସୁନ୍ଦର, ସ୍ୱାସ୍ଥ୍ୟକର ଜନପଦରୂପେ ଦେଖିବା ପାଇଁ ଯଥାସାଧ୍ୟ ସାହାଯ୍ୟ କରିବେ ।

## ଜୁନାଗଡ଼

### ମେଗାଲ୍ ନଦୀରେ ପୋଲ୍

ଜୁନାଗଡ଼ ପୂର୍ତ୍ତ ବିଭାଗ ଟ ୩୮,୦୦୦ ବ୍ୟୟରେ ମେଗାଲ ନଦୀ ଉପରେ ଏକ ସେତୁ ନିର୍ମାଣ କରିଅଛନ୍ତି । ଏହାଦ୍ୱାରା ଜୁନାଗଡ଼ ଓ ଭେରାୱାଲ ମଧ୍ୟରେ ଯାତାୟତର ଖୁବ୍ ସୁବିଧା ହୋଇଅଛି । ପ୍ରବଳ ବନ୍ୟାରେ ଧୋଇ ହୋଇ ଯାଇଥିବା ପୂର୍ବ ସେତୁ ସ୍ଥାନରେ ଏହା ନିର୍ମିତ ହୋଇଅଛି । ଶୁଣାଯାଏ ଜୁନାଗଡ଼ର ନୱାବ ସାହେବ ନିଜେ ଏହାର ଉଦ୍‌ଘାଟନ କରିବେ ।

## ବୋଣାଇ

### ଗରିବ ତନ୍ତୀମାନଙ୍କୁ ସାହାଯ୍ୟ

ଗରିବ ତନ୍ତୀମାନଙ୍କ ଦୁଃଖ ଦୂର କରିବା ପାଇଁ ବୋଣାଇ ରାଜା ସାହେବ ତାଙ୍କୁ ସୂତା କରଜ ଦେଇ ଜେଲ ଦ୍ୱାରା ସେହି ସୂତାରେ ପ୍ରସ୍ତୁତ ଲୁଗାପଟା ଇତ୍ୟାଦି ଖରିଦ କରିବାର ବ୍ୟବସ୍ଥା କରିଅଛନ୍ତି । ଇତିପୂର୍ବରୁ ସେମାନେ ଚଢ଼ା ଦରରେ ସୂତା ଖରିଦ କରି ନିଜ ଘର ଖର୍ଚ୍ଚ ପାଇଁ ବାଧ ହୋଇ ଲୁଗାଗୁଡ଼ିକୁ କମ୍ ମୂଲ୍ୟରେ ବିକୁଥିଲେ । କିନ୍ତୁ ବର୍ତ୍ତମାନ ସେମାନେ ଉପରୋକ୍ତ କଷ୍ଟରୁ ଅବ୍ୟାହତି ପାଇଛନ୍ତି ଓ ଏ ବ୍ୟବସ୍ଥାଦ୍ୱାରା ତାଙ୍କର ଅତ୍ୟନ୍ତ ଉପକାର ହୋଇଅଛି ବୋଲି ଖବର ମିଳେ ।

### କେନାଲ୍ ପାଇଁ ବ୍ୟବସ୍ଥା

ଶୁଣାଯାଏ ବ୍ରାହ୍ମଣୀ ନଦୀରୁ କଟକ ପର୍ଯ୍ୟନ୍ତ ଗୋଟାଏ ନୌ-ଚାଳନ ଉପଯୋଗୀ କେନାଲ ତିଆରି କରିବା ପାଇଁ ରାଜା ସାହେବ ଜମି ଜରିପ କରାଉଛନ୍ତି ।

## ପଲାସନି

### ଦଶ ହଜାର୍ ଟଙ୍କା ଛାଡ଼ ଦେଇଛନ୍ତି

ଗୁଜରାଟ ଷ୍ଟେଟ୍ ଏଜେନ୍ସି ଅନ୍ତର୍ଭୁକ୍ତ ପଲାସନି ରାଜ୍ୟର ଠାକୁର ସାହେବ ଦୁର୍ଭିକ୍ଷ ପ୍ରପୀଡ଼ିତ ଲୋକଙ୍କୁ ରକ୍ଷା କରିବା ପାଇଁ ଷ୍ଟେଟ୍ ଜମାବନ୍ଦି ପ୍ରାପ୍ୟରୁ ଦଶ ହଜାର ଟଙ୍କା ପ୍ରଜାଙ୍କୁ ଛାଡ଼ି ଦେଇଛନ୍ତି । ଭାବୀ ଉତ୍ତରାଧିକାରୀଙ୍କର ଅଷ୍ଟାଦଶ ଜନ୍ମ ଦିନ ଉପଲକ୍ଷରେ ସେ ଏହି ଘୋଷଣା କରିଥିବାର ପ୍ରକାଶ ।

## ବରୋଦା

### କିଛି ଦିନ ପାଇଁ କୃଷକମାନଙ୍କଠାରୁ ଖଜଣା ଆଦାୟ ସ୍ଥଗିତ ରଖା ଯାଇଛି

କୃଷକମାନଙ୍କ ଉପରେ ବାକିଥିବା ପ୍ରାୟ ୨୦ ଲକ୍ଷ ଟଙ୍କା ବର୍ତ୍ତମାନ ପାଇଁ ଆଦାୟ ସ୍ଥଗିତ ରଖିବା ସକାଶେ ବରୋଦା ଗଭର୍ଣ୍ଣମେଣ୍ଟ ମଞ୍ଜୁର କରିଅଛନ୍ତି । ଏହାଦ୍ୱାରା ପ୍ରାୟ ଏକ ହଜାର ଗ୍ରାମର ଉପକାର ହୋଇଅଛି । ଉକ୍ତ ଟଙ୍କା ମଧ୍ୟରୁ ବାକି ଖଜଣା ପ୍ରାୟ ୬ ଲକ୍ଷ, ତଗାବି ଋଣ ଟ ୧୩୯୪୦୦ ଙ୍କା ଏବଂ ପ୍ରାଥମିକ ଶିକ୍ଷା ଆଇନ ଅନୁଯାୟୀ ବାକି ଜୋରିମାନା ଟ ୧୪୬୦୦୦ ଙ୍କା ।



Digitized by srujanika@gmail.com

## ରେଓଆ ଷ୍ଟେଟ୍

### ଖଜଣା ଛାଡ଼

୧୯୩୭ ମସିହା ଜାନୁଆରୀ ମାସ ତା ୪ ରିଖ ରେଓଆ ରାଜ ଗେଜେଟରେ ପ୍ରକାଶ ଯେ ମହାରାଜା ସାହେବ ଗତ କେତେ ବର୍ଷ ହେଲା ପ୍ରଜାମାନଙ୍କୁ କିଛି କିଛି ଖଜଣା ଛାଡ଼ ଦେଇଅଛନ୍ତି ଓ ଜମିଦାରମାନଙ୍କୁ ତାଙ୍କର ପ୍ରଜାମାନଙ୍କୁ ସେହିପରି ଖଜଣା ଛାଡ଼ ଦେବା ପାଇଁ ମଧ୍ୟ ଆଦେଶ ଦେଇଅଛନ୍ତି । କେତେକ ଜମିଦାର ଏହି ଛାଡ଼ ଦେଇ ନ ଥିବାରୁ ତାଙ୍କ ବିରୁଦ୍ଧରେ ଆପତ୍ତି ଉଠିଥିଲା ଓ ଅନୁସନ୍ଧାନରେ ଘଟଣା ସତ୍ୟ ବୋଲି ଜଣା ପଡ଼ିଥିଲା । ତେଣୁ ମହାରାଜା ସାହେବ ଆଦେଶ କରିଅଛନ୍ତି ଯେ ଆଇନ ଅମାନ୍ୟ କରିଥିବା ଜମିଦାରଙ୍କ ଜମିଦାରୀ କୋର୍ଟ ଅଫ୍ ୱାର୍ଡସ୍ ଅଧୀନକୁ ଅଣା ହେବ ଓ ପ୍ରଜାମାନଙ୍କୁ ସେ ସମସ୍ତ ସୁବିଧା ଦିଆଯିବ ।

## ନଓନଗର

### ପ୍ରବୀଣ ଷ୍ଟେଟ୍ କର୍ମଚାରୀ

ନଓନଗର ଷ୍ଟେଟ୍‌ର ଭୂତପୂର୍ବ ରାଜସ୍ୱ-ସଚୀବ (ରେଭେନ୍ୟୁ କମିସନାର) ଶ୍ରୀଯୁକ୍ତ ସୋମଚନ୍ଦ୍ର ସାହା ବି. ଏ., ଏଲ୍ ଏଲ୍. ବି. ୩୩ ବର୍ଷ କାର୍ଯ୍ୟ କଲା ପରେ ଅଳ୍ପ ଦିନ ହେଲା ରାଜ୍ୟରୁ ଅବସର ଗ୍ରହଣ କରିଅଛନ୍ତି । ତାଙ୍କ ସମ୍ବନ୍ଧରେ ଗୋଟିଏ ସଂକ୍ଷିପ୍ତ ବିବରଣ ଶ୍ରୀରଙ୍ଗମ୍‌ର ଶ୍ରୀଯୁକ୍ତ ନରସିଂହମ୍ ଆମ୍ଭମାନଙ୍କୁ ପଠାଇଛନ୍ତି ।

ମିଷ୍ଟର ସାହା ନଓନଗର ଷ୍ଟେଟ୍ ଅନ୍ତର୍ଗତ ଆଟକୋଟଠାରେ ଜନ୍ମି ଜଣେ ସାଧାରଣ ଗୃହସ୍ଥ ଘରେ ପ୍ରତିପାଳିତ ହୋଇଥିଲେ । ସେ ପ୍ରଥମେ ରାଜକୋଟ ରାଜକୁମାର କଲେଜର ଜଣେ ସହକାରୀ ଶିକ୍ଷକ ଭାବରେ ନିଯୁକ୍ତ ହୋଇଥିଲେ । ତାଙ୍କର କାର୍ଯ୍ୟପରାୟଣତା ଓ ସୁବୁଦ୍ଧିର ପରିଚୟ ପାଇ ତାଙ୍କୁ ରାଜକୋଟର ଏଜେଣ୍ଟଙ୍କ କଚେରୀରେ ପ୍ରଧାନ ଓକିଲ ଭାବରେ ନିଯୁକ୍ତ କରାଯାଇଥିଲା । ତାଙ୍କ କାର୍ଯ୍ୟରେ ପ୍ରୀତ ହୋଇ ପରଲୋକଗତ ମହାରାଜା ଜାମ୍ ଶ୍ରୀ ରଣଜିତ୍ ସିଂହ ସାହେବ ତାଙ୍କୁ ପୁଣି ହଜୁର ସେକ୍ରେଟରୀରୂପେ ନିଯୁକ୍ତ କରିଥିଲେ । ତାହା ପରେ ସେ ଷ୍ଟେଟ୍‌ର ରାଜସ୍ୱ ଓ ବିଚାର ବିଭାଗରେ ଅନେକ ଦିନ କାର୍ଯ୍ୟ କରିଥିଲେ ।

ନିଜର ବିଚକ୍ଷଣତା ଓ ଅଧ୍ୟବସାୟ ଗୁଣରୁ ସେ ମହାରାଜାଙ୍କର ବିଶେଷ ବିଶ୍ୱାସଭାଜନ ହୋଇଥିଲେ ଏବଂ ସମସ୍ତ ରାଜନୈତିକ ବିଷୟ ଓ ବିଭିନ୍ନ ଷ୍ଟେଟ୍ ସଂକ୍ରାନ୍ତୀୟ ସୀମା ବିଷୟକ ଗୋଲମାଲର ନିଷ୍ପତ୍ତି ତାଙ୍କ ଉପରେ ନ୍ୟସ୍ତ ଥିଲା । ନଓନଗର ଷ୍ଟେଟର ସୀମା ସହିତ ବରୋଦା, ଜୁନାଗଡ଼, ଭାବନଗର, ମୋର୍ଭି, ପୋରବାନ୍ଦର, ଗୋଣ୍ଡଲ, ରାଜକୋଟ, ଧ୍ରୋଲ ପ୍ରଭୃତି ଷ୍ଟେଟର ସୀମା ସଂଯୁକ୍ତ ଥିବାରୁ ମିଷ୍ଟର ସାହାଙ୍କୁ ଏ ସମସ୍ତ ବିଷୟ ଅତ୍ୟନ୍ତ ବୁଦ୍ଧି ଓ ସାବଧାନତାର ସହିତ ବିଚାର କରିବାକୁ ପଡ଼ୁଥିଲା ଏବଂ ବ୍ରିଟିଶ୍ ପଲିଟିକେଲ ଅଫିସରମାନେ ଏ ବିଷୟରେ ତାଙ୍କ ସମ୍ପର୍କରେ ଆସି ତାଙ୍କର ବିଶେଷ ପ୍ରଶଂସା କରିଥିଲେ ।

ଏହା ଛଡ଼ା ୧୯୧୦ ମସିହାରେ ମିଷ୍ଟର ସାହା ନଓନଗରର କୃଷକମାନଙ୍କ ଉନ୍ନତି ପାଇଁ ସେ ସ୍ଥାନର ପୁରାତନ ବନ୍ଦୋବସ୍ତ ପ୍ରଥା ପରିବର୍ତ୍ତନ କରି ଏକ ନୂତନ ବନ୍ଦୋବସ୍ତ କରିଥିଲେ । ତଦ୍ୱାରା ପ୍ରଜାମାନଙ୍କୁ ଚିରସ୍ଥାୟୀ ପ୍ରଜାସ୍ୱତ୍ୱ ମିଳିଥିଲା ଓ ପୋଷ୍ୟପୁତ୍ର ଗ୍ରହଣ, ବିକ୍ରି, ପ୍ରଜାସ୍ୱତ୍ୱ ପରିବର୍ତ୍ତନ, ଏବଂ ପୁରୁଷାନୁକ୍ରମିକ ଦଖଲ ସମ୍ବନ୍ଧରେ ସେମାନଙ୍କୁ ଯଥେଷ୍ଟ କ୍ଷମତା ଦିଆ ଯାଇଥିଲା । ଏହା ଦ୍ୱାରା କୃଷକ ସମାଜର ଉନ୍ନତି ସଙ୍ଗେ ସଙ୍ଗେ ଷ୍ଟେଟର ଆୟ ମଧ୍ୟ ଦୁଇ ଗୁଣ ବଢ଼ି ଯାଇଥିଲା ।



ନଓନଗର ରାଜ୍ୟର ଅବସର ପ୍ରାପ୍ତ ରାଜସ୍ୱ ସଚୀବ
ଶ୍ରୀଯୁକ୍ତ ସୋମଚନ୍ଦ୍ର ସାହା

ମିଷ୍ଟର ସାହା ନାନା ଦିଗରେ ତାଙ୍କର ବିଚକ୍ଷଣ କାର୍ଯ୍ୟ-ପରାୟଣତାର ପରିଚୟ ଦେଖାଇ ଥିଲେ ଓ ତାଙ୍କୁ କଠିଣ ରାଜ-ନୈତିକ ବିଷୟମାନ ନିଷ୍ପତ୍ତି କରିବାକୁ ପଡ଼ୁଥିଲା । ତଦ୍ୱାରା ସେ ନାନା ଉପାଧି, ପୁରସ୍କାର, ପ୍ରଶଂସା-ପତ୍ର ଓ ପଦକମାନ ପାଇଥିଲେ ଏବଂ ଶେଷରେ ଯଥାଯୋଗ୍ୟ ପେନ୍‌ସନ୍ ସହ ବର୍ତ୍ତମାନ ସେ କାର୍ଯ୍ୟରୁ ଅବସର ନେଇ ଅଛନ୍ତି ।




Digitized by srujanika@gmail.com

# ସମ୍ବାଦ ଓ ସଙ୍କେତ

## ସନ୍ଧି-ଦିବସ

ବିଗତ ମହା ଯୁଦ୍ଧର ଅବସାନରେ ଯେଉଁ ସନ୍ଧି ହୋଇଥିଲା ସେହି ଶୁଭ ଦିନଟିକୁ ପ୍ରତିପାଳନ କରିବା ପାଇଁ ଅନ୍ୟାନ୍ୟ ବର୍ଷ ପରି ମୟୂରଭଞ୍ଜରେ ଗତ ନଭେମ୍ବର ମାସ ତା ୧୧ ରିଖରେ ସନ୍ଧି-ଦିବସ ପାଳନ କରି ହୋଇଥିଲା । ବାରିପଦାର ପୋଲିସ ପଡ଼ିଆରେ ସ୍ଥାନୀୟ ଅଫିସରମାନେ ପ୍ରୋକ୍ତ ଦିବସ ପୂର୍ବାହ୍ନ ୧୧ ଘଣ୍ଟା ପୂର୍ବରୁ ଏକତ୍ରିତ ହୋଇଥିଲେ । ପ୍ରଥମେ ସେଠାରେ ବ୍ରିଟିଶ ପତାକା ଉତ୍ତୋଳନ କରି ଯାଇଥିଲା । ଠିକ ୧୧ଟା ସମୟରୁ ଆରମ୍ଭ କରି ୨ ମିନିଟ ପର୍ଯ୍ୟନ୍ତ ସମସ୍ତେ ନୀରବରେ ଦଣ୍ଡାୟମାନ ରହିଥିଲେ ଓ ଏହି ଶାନ୍ତିସୂଚକ ନୀରବତାର ଆରମ୍ଭ ଏବଂ ଶେଷର ସୂଚନା ବନ୍ଧୁକ ଶବ୍ଦଦ୍ୱାରା ଜଣାଇ ଦିଆ ହୋଇଥିଲା । ତତ୍‌ପରେ ଷ୍ଟେଟ୍ ପୋଲିସ ପତାକା ନିକଟରେ ପରେଡ଼ କରିଥିଲେ ଏବଂ ବେଣ୍ଡ ବାଦ୍ୟ ବାଜିଥିଲା ।



ମୟୂରଭଞ୍ଜର ପୋଲିସ ଫୌଜ

## ଗାଙ୍ଗପୁରର ରାଣୀ ସାହେବା ପୂର୍ଣ୍ଣ ଶାସନ କ୍ଷମତା ପାଇଲେ

ଗାଙ୍ଗପୁର ଷ୍ଟେଟର ମୃତପତିକା ରାଣୀ ସାହେବା ଗତ ନଭେମ୍ବର ମାସ ତା ୧୫ ରିଖରେ ପୂର୍ଣ୍ଣ ଶାସନ କ୍ଷମତା ପାଇଲେ । ଠିକ ଏକ ବର୍ଷ ଆଗରୁ ସମସ୍ତ ଷ୍ଟେଟର ପରିଦର୍ଶନ ଭାର ତାଙ୍କ ଉପରେ ନ୍ୟସ୍ତ ଥିଲେହେଁ ପ୍ରକୃତ ପକ୍ଷେ ଡାକ୍ତରଖାନା, ଡୋମେଷ୍ଟିକ ଏବଂ ସାମାଜିକ ଓ ଧର୍ମାନୁଷ୍ଠାନ ବିଭାଗଗୁଡ଼ିକର ପୂର୍ଣ୍ଣ କ୍ଷମତା ତାଙ୍କୁ ଦିଆ ଯାଇଥିଲା ।

ଉପରୋକ୍ତ ବିଭାଗଗୁଡ଼ିକର ସୁପରିଚାଳନା ଓ ଅନ୍ୟାନ୍ୟ ବିଭାଗଗୁଡ଼ିକରେ ତାଙ୍କର ପୂର୍ଣ୍ଣ ସହଯୋଗିତା ଦେଖି ତାଙ୍କୁ ବର୍ତ୍ତମାନ ପୂର୍ଣ୍ଣ ଶାସନ କ୍ଷମତା ମିଳିଅଛି । କେତେକ ସର୍ତ୍ତ ମଧ୍ୟରେ ଷ୍ଟେଟର ସମସ୍ତ ବିଭାଗରେ ତାଙ୍କର ସମ୍ପୂର୍ଣ୍ଣ କ୍ଷମତା ରହିବ ।

ଗତ ଡିସେମ୍ବର ମାସ ତା ୨୧ ରିଖରେ ପୂର୍ବାଞ୍ଚଳ ଦେଶୀୟ ରାଜ୍ୟର ଏଜେଣ୍ଟ ଲେଫ୍‌ଟ୍‌ନେଣ୍ଟ କର୍ଣ୍ଣେଲ ଏ. ଏମ୍. ମିକ ରାଣୀ ସାହେବାଙ୍କ ନିମନ୍ତ୍ରଣ ଗ୍ରହଣ କରି ଗାଙ୍ଗପୁର ପରିଦର୍ଶନ କରିଥିଲେ ଓ ସେଠାର ପ୍ରସ୍ତାବିତ ଡାକ୍ତରଖାନାର ଭିତ୍ତି ସ୍ଥାପନ କରିଥିଲେ । ଶୁଣାଯାଏ ଯେ ଦେଢ଼ ଲକ୍ଷ ଟଙ୍କା ବ୍ୟୟରେ ଏହି ଚିକିତ୍ସାଳୟ ନିର୍ମିତ ହେଉଅଛି ।

ଏଜେଣ୍ଟଙ୍କ ଉକ୍ତ ପରିଦର୍ଶନ ସମୟରେ ରାଣୀ ସାହେବା ଗାଙ୍ଗପୁରଠାରେ ଏକ ଦରବାର କରିଥିଲେ ଓ ତାଙ୍କୁ ଯେଉଁ କ୍ଷମତା ଓ ସମ୍ମାନ ଦିଆ ହୋଇଅଛି ସେଥିପାଇଁ ତାଙ୍କର ସହୃଦୟ କୃତଜ୍ଞତା ଏଜେଣ୍ଟଙ୍କୁ ଜଣାଇଥିଲେ । ଏଜେଣ୍ଟଙ୍କୁ ଅଭିବାଦନ କରି ସେ କହିଥିଲେ, "ମୋତେ ଯେଉଁ କାର୍ଯ୍ୟଭାର ଦିଆ ହୋଇଛି ତାହା ସର୍ବତୋଭାବେ ପାଳନ କରିବା ମୋର ମୁଖ୍ୟ କର୍ତ୍ତବ୍ୟ ହେବ ଏବଂ ମୋର କର୍ତ୍ତବ୍ୟ ମୁଁ ଯଥାବିଧି ପାଳନ କରିବ ।"



Digitized by srujanika@gmail.com

## ପୂର୍ବାଞ୍ଚଳ ଦେଶୀୟ ରାଜ୍ୟର ରାଜାମାନଙ୍କ ବୈଠକ

ଗତ ନଭେମ୍ବର ମାସ ୧୬ ଓ ୧୭ ତାରିଖରେ ପୂର୍ବାଞ୍ଚଳ ଦେଶୀୟ ରାଜ୍ୟର ରାଜାମାନଙ୍କର ଏକ ବୈଠକ କଲିକତାଠାରେ ବସିଥିଲା ଓ ମୟୂରଭଞ୍ଜର ମହାରାଜା ସାହେବ ତହିଁରେ ସଭାପତି ହୋଇଥିଲେ । ଅଧିକାଂଶ ରାଜା ଓ ତାଙ୍କର ମନ୍ତ୍ରୀ ଏହି ବୈଠକରେ ଯୋଗ ଦେଇଥିଲେ । ରାଷ୍ଟ୍ରସଂଘ ଓ ସେଥିରେ ଯୋଗଦେବା ସମ୍ପର୍କରେ ଯେଉଁ ଦଲିଲମାନ (Instrument of Accession) ସମ୍ପାଦିତ ହେବ ସେ ସମ୍ବନ୍ଧେ ଅନେକ ଆବଶ୍ୟକୀୟ ବିଷୟ ଏହି ବୈଠକରେ ଆଲୋଚିତ ହୋଇଥିଲା ।

## ପୁଷ୍ୟାଭିଷେକ

ଆମ୍ଭମାନଙ୍କର ଶ୍ରଦ୍ଧେୟ ମହାରାଜାଙ୍କର ପୁଷ୍ୟାଭିଷେକୋତ୍ସବ ଜାନୁଆରୀ ମାସ ତା ୨୬ ରିଖରେ ଏଠାରେ ଯଥାବିଧି ଅନୁଷ୍ଠିତ ହୋଇଥିଲା । ପୌଷ ମାସ ପୂର୍ଣ୍ଣିମାରେ ଏହି ଉତ୍ସବ ଅନୁଷ୍ଠିତ ହେଉଥିବାରୁ ଏହାର ଏପରି ନାମକରଣ ହୋଇଅଛି ଓ ହିନ୍ଦୁ ଶାସ୍ତ୍ର ଅନୁଯାୟୀ ଏହା ଗୋଟିଏ ଶୁଭ ଦିନ ଭାବରେ ପ୍ରତିପାଳିତ ହୁଏ । ଶ୍ରୀମନ୍ ମହାରାଜା ସାହେବ ଗଡ଼ରେ ଉପସ୍ଥିତ ଥିବାରୁ କୌଳିକ ପ୍ରଥାନୁଯାୟୀ ସମସ୍ତ ପୂଜାଦିରେ ଯୋଗ ଦେଇଥିଲେ । ସନ୍ଧ୍ୟାରେ ରାଜକର୍ମଚାରୀ ଓ ବିଶିଷ୍ଟ ଭଦ୍ର ବ୍ୟକ୍ତିମାନେ ରାଜ-ପ୍ରାସାଦରେ ଏକ ଭୋଜିକୁ ନିମନ୍ତ୍ରିତ ହୋଇଥିଲେ ।



ବାରିପଦା ରାଜଭବନର ଦରବାର ହଲ୍‌ର ବାହାର ଦୃଶ୍ୟ

## ମୟୂରଭଞ୍ଜରେ ପ୍ରାଥମିକ ଶିକ୍ଷା

ମୟୂରଭଞ୍ଜର ବିଭିନ୍ନ କେନ୍ଦ୍ରରେ ହୋଇଥିବା ମଧ୍ୟ ଇଂରାଜୀ, ଉଚ୍ଚ ପ୍ରାଥମିକ, ନିମ୍ନ ପ୍ରାଥମିକ ଓ ଗୁରୁଟ୍ରେନିଂ ବୃତ୍ତି ପରୀକ୍ଷାରେ ଏ ବର୍ଷ ସର୍ବ ମୋଟ ୧୭୨୨ ଜଣ ଛାତ୍ରଛାତ୍ରୀ ପରୀକ୍ଷାର୍ଥୀ ଥିଲେ । ସେମାନଙ୍କ ମଧ୍ୟରୁ ଛାତ୍ରୀ ସଂଖ୍ୟା ୧୬୬ । ନିମ୍ନ ପ୍ରାଥମିକ ପରୀକ୍ଷା ନଭେମ୍ବର ମାସ ୨୪ ତାରିଖରୁ ୨୭ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଆଠଗୋଟି କେନ୍ଦ୍ରରେ ଅନୁଷ୍ଠିତ ହୋଇଥିଲା ଏବଂ ଉଚ୍ଚ ପ୍ରାଥମିକ ପରୀକ୍ଷା ବିଭିନ୍ନ ଚାରିଗୋଟି କେନ୍ଦ୍ରରେ ଅର୍ଥାତ୍ ଷ୍ଟେଟ୍‌ର ଚାରିଗୋଟି ସବ୍‌ଡିଭିଜନର ହେଡ୍ କ୍ୱାର୍ଟର୍‌ସ୍‌ରେ ଅନୁଷ୍ଠିତ ହୋଇଥିଲା । ମଧ୍ୟଇଂରାଜୀ ଓ ଗୁରୁଟ୍ରେନିଂ ପରୀକ୍ଷା କେବଳ ବାରିପଦା କେନ୍ଦ୍ରରେ ହୋଇଥିଲା । ଉପରୋକ୍ତ ଚାରୋଟି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ମୋଟରେ ୧୩୦୦ ଓ ସେଥି ଭିତରୁ ଛାତ୍ରୀ ସଂଖ୍ୟା ୧୦୪ ।

## ପ୍ରାଥମିକ ସ୍କୁଲମାନଙ୍କରେ ବ୍ୟାୟାମ ଚର୍ଚ୍ଚା

ବ୍ୟାୟାମ-ବିଶାରଦ ଶ୍ରୀଯୁକ୍ତ ରାଧାଶ୍ୟାମ ଦାସ ଇତିମଧ୍ୟରେ ମୟୂରଭଞ୍ଜ ଷ୍ଟେଟ୍‌ର ସଦର, ବାମ୍ଭଣଘାଟୀ ଓ କପ୍ତିପଦା ସବ୍-ଡିଭିଜନର ୧୨୦ ଗୋଟି ପ୍ରାଥମିକ ସ୍କୁଲ ପରିଦର୍ଶନ କରିଥିଲେ । ସୁଖର ବିଷୟ ଏହି ଯେ ପ୍ରତ୍ୟେକ ସ୍କୁଲରେ ବର୍ତ୍ତମାନ ନିୟମିତ ଭାବରେ ପ୍ରତ୍ୟେକ ପିଲାପାଇଁ ସ୍ୱାସ୍ଥ୍ୟ ରେଜିଷ୍ଟାରମାନ ଖୋଲା ଯାଇଛି ଓ ବ୍ୟାୟାମ ପ୍ରଣାଳୀ ଏଠାରେ ପ୍ରବର୍ତ୍ତିତ ହେବା ଦିନୁ ଛାତ୍ରମାନଙ୍କର ସାଧାରଣ ସ୍ୱାସ୍ଥ୍ୟ ସମୋନ୍ନତି ଦିଗରେ ଅଗ୍ରସର ହେଉଅଛି । ଅନ୍ୟାନ୍ୟ ବ୍ୟାୟାମ ମଧ୍ୟରେ ନୂତନ କ୍ରୀଡ଼ା-ପଦ୍ଧତି ଓ ମାର୍ଚ୍ଚିଂ ବା ପଦକ୍ଷେପ ବିଶେଷ ଉଲ୍ଲେଖଯୋଗ୍ୟ ।

## ଏଜେଣ୍ଟ ମହୋଦୟ ଏବଂ ପର୍ଦ୍ଦା ପ୍ରଥା

ଗାଙ୍ଗପୁରର ପୁଟବୋଲ୍ ଦରବାରରେ କର୍ଣ୍ଣେଲ ଏ. ଏସ୍. ମିକ୍ ରାଣୀ ସାହେବାଙ୍କୁ ସମ୍ବୋଧନ କରି ରାଜ୍ୟ ଶାସନ ସମ୍ବନ୍ଧେ ଯଥାରୀତି



Digitized by srujanika@gmail.com

କେତେକ ଉପାଦେୟ କଥା କହିଥିଲେ । ସେଥି ସହିତ ଭାରତୀୟ ନାରୀମାନଙ୍କ ପର୍ଦ୍ଦାପ୍ରଥା ବିଷୟରେ ମଧ୍ୟ ଦୁଇଟି ଗୋଟିଏ ସମୟୋପଯୋଗୀ ମତ ବ୍ୟକ୍ତ କରିଥିଲେ ।


ସେ କହିଥିଲେ, "ଭାରତୀୟ କେତେକ ଶ୍ରେଣୀର ନାରୀଙ୍କ ପର୍ଦ୍ଦାପ୍ରଥା ବିରୁଦ୍ଧେ ସମାଲୋଚନା କରିବା ପାଇଁ ଯେଉଁମାନଙ୍କର ସାହାସ ଅଛି, ମୁଁ ସେମାନଙ୍କ ଭିତରୁ ଜଣେ । ଅତୀତର ଇତିହାସରେ ଏ ପ୍ରଥାର ଯଦିବା କିଛି ସୁବିଧା ଥିଲି, ଆଧୁନିକ ଯୁଗର ଏହା କଦାପି ଅନୁକୂଳ ନୁହେ । ଏ ଯୁଗରେ ଉଚ୍ଚଦରର ଶିକ୍ଷିତ ମହିଳାମାନଙ୍କର ସାହାଯ୍ୟ ତୀବ୍ରରୂପେ ଭାରତର ଆବଶ୍ୟକ ହୋଇ ପଡ଼ିଅଛି । ଏବଂ ଏହି ପ୍ରଥା ସ୍ଥଗିତ ନ ହେଲେ ଭାରତର ଉନ୍ନତି ପଥରେ ପ୍ରଧାନ ବାଧା ହୋଇ ରହିଥିବ ।"

ତତ୍ପରେ ରାଣୀ ସାହେବାଙ୍କର ଆଧୁନିକ ରୀତିରେ ଉଚ୍ଚ ଶିକ୍ଷା ଏବଂ ଅଶ୍ୱାରୋହଣ କୁଶଳତାକୁ ଉଲ୍ଲେଖ କରି ତାଙ୍କର ବିବାହ ସଙ୍ଗେ ସଙ୍ଗେ ପୁଣି ପର୍ଦ୍ଦା ପ୍ରଥା ଗ୍ରହଣକୁ ଏଜେଣ୍ଟ ଲକ୍ଷ୍ୟ କରିଥିଲେ । ରାଜକୁମାରମାନଙ୍କୁ ସଙ୍ଗରେ ନେଇ ରାଣୀ ସାହେବା ଯେ ଅଳ୍ପ ଦିନ ପୂର୍ବେ ବିଲାତ ଯାତ୍ରା କରିଥିଲେ ତାହାର ଉଦ୍ଦେଶ୍ୟ ସ୍ୱରୂପ ତାଙ୍କର ଉତ୍ତରାଧିକାରୀମାନେ ଏହି ପ୍ରଥାକୁ ପରିତ୍ୟାଗ ଓ ପରିବର୍ତ୍ତନ କରିବେ ବୋଲି ଏଜେଣ୍ଟ ନିଜର ଆଶା ଓ ବିଶ୍ୱାସ ଜଣାଇଥିଲେ । ଶେଷରେ ସେ କହିଥିଲେ,

"କୌଣସି ରାଜନୈତିକ କର୍ମଚାରୀ ପକ୍ଷରେ ଜଣେ ରାଜବଂଶୀୟା ମହିଳାଙ୍କର ବ୍ୟକ୍ତିଗତ କାର୍ଯ୍ୟ ସମ୍ବନ୍ଧେ ଏ ରୂପ ପରାମର୍ଶ ଦେବା ସ୍ୱାଭାବିକ ରୀତି ନୁହେ । କିନ୍ତୁ ବିଷୟଟି ଏପରି ଅସ୍ୱାଭାବିକ ଯେ, ଆପଣ ଯେଉଁ ଉନ୍ନତିର ଆଶା ହୃଦୟରେ ପୋଷଣ କରନ୍ତି, ମୁଁ ଏହା କହିବା ଦ୍ୱାରା ତାହା ସୁଦୃଢ଼ ହେବ ବୋଲି ଭରସା କରେଁ । ଆଜି ମଧ୍ୟ ରାଷ୍ଟ୍ରସଂଘ ପ୍ରତିଷ୍ଠିତ ହେବାର ପୂର୍ବ ମୁହୂର୍ତ୍ତରେ ଏବଂ ଯେତେବେଳେ ଭାରତବର୍ଷ ପୃଥିବୀ ପୃଷ୍ଠରେ ଏକ ବିଶିଷ୍ଟ ସ୍ଥାନ ଗ୍ରହଣ କରିବାକୁ ଗୃହେଁ, ସେ ସମୟରେ ଏହି ରୂପ କ୍ଷତିକାରକ, ଏବଂ ମୁଁ କହେଁ, ନୃଶଂସ ପ୍ରଥାର ପରିବର୍ତ୍ତନ ବା ପରିତ୍ୟାଗ ଏକାନ୍ତ ଆବଶ୍ୟକ ।"

## ଏଜେଣ୍ଟ ମହୋଦୟଙ୍କର ବାରିପଦା ଆଗମନ

ପୂର୍ବାଞ୍ଚଳ ଦେଶୀୟ ରାଜ୍ୟସମୂହର ଏଜେଣ୍ଟ ଲେଫ୍‌ଟ୍‌ନେଣ୍ଟ୍ କର୍ଣ୍ଣେଲ ଏ. ଏସ୍. ମିକ୍ ଜାନୁଆରୀ ମାସ ୨୨ ତାରିଖରେ ମୟୂରଭଞ୍ଜ ପରିଦର୍ଶନ କରିବାକୁ ଆସିଥିଲେ । ସେ ମାର୍ଚ୍ଚ ମାସ ପ୍ରାରମ୍ଭରେ କାର୍ଯ୍ୟରୁ ଅବସର ଗ୍ରହଣ କରିବା ନିମିତ୍ତ ଛୁଟି ନେଇ ଯାଉଥିବାରୁ ଏହା ତାଙ୍କର ଶେଷ ପରିଦର୍ଶନ । ସେ ଷ୍ଟେଟ୍




ମୟୂରଭଞ୍ଜ ଷ୍ଟେଟର ବଡ଼ ଉଡ଼ାଜାହାଜ "ଚପଳା"

ଉଡ଼ାଜାହାଜରେ ୨୨ ତାରିଖ ଦିନ ମୟୂରଭଞ୍ଜର ରାଜଧାନୀ ବାରିପଦାକୁ ଆସିଥିଲେ ଓ ୨୪ ତାରିଖ ଦିନ ସେହି ଉଡ଼ାଜାହାଜରେ ରାଞ୍ଚିନଗର ଗଲେ । ଅଣ୍ଡର୍-ସେକ୍ରେଟେରୀ କ୍ୟାପଟେନ୍ ବେଷ୍ଟ୍ ମଧ୍ୟ ଟ୍ରେନରେ ଆସି ଉପସ୍ଥିତ ଥିଲେ ଏବଂ ଏଠାରେ ତାଙ୍କର ଏଜେଣ୍ଟଙ୍କ ସହିତ ସାକ୍ଷାତ ହୋଇଥିଲା ।

ସେମାନେ ପ୍ରୋକ୍ତ ସମୟ ମଧ୍ୟରେ ଷ୍ଟେଟ୍ ସେକ୍ରେଟେରିଏଟ୍ ଓ କାଉନସିଲ ଗୃହ, କୃଷି ଫାର୍ମ ଓ ପୂର୍ଣ୍ଣଚନ୍ଦ୍ର-ଶିଳ୍ପ-ସଦନ ପରିଦର୍ଶନ କରିଥିଲେ । ମହାରାଜା ସାହେବ ୨୩ ତାରିଖରେ





Digitized by srujanika@gmail.com

ଏଜେଣ୍ଟଙ୍କୁ ନିମନ୍ତ୍ରଣ କରି ରାଣୀବାଗ ବଗିଚାରେ ଏକ ଉଦ୍ୟାନ-ଭୋଜି ଦେଇଥିଲେ ।

## ବାଳିକା ସ୍କୁଲ ଛାତ୍ରୀମାନଙ୍କର ଭ୍ରମଣ

ଗତ ଡିସେମ୍ବର ମାସ ୧୨ ତାରିଖରେ ସ୍ଥାନୀୟ ଲେଡ଼ି ପ୍ରେଜାର ବାଳିକା ବିଦ୍ୟାଳୟର ୨୨ ଜଣ ଛାତ୍ରୀ ଗୁରୁମହିଷାଣି ପରିଦର୍ଶନ କରିବାକୁ ଯାଇଥିଲେ । ଏଠାରୁ ଷ୍ଟେଟ ମୋଟରରେ ସେମାନେ ରାଇରଙ୍ଗପୁର ପର୍ଯ୍ୟନ୍ତ ଯାଇଥିଲେ । ରାଇରଙ୍ଗପୁର ମୟୂରଭଞ୍ଜ ଷ୍ଟେଟର ଗୋଟିଏ ପ୍ରଧାନ ସବ୍-ଡ଼ିଭିଜନ ଓ ଗୁରୁମହିଷାଣି ଏବଂ ବାଦାମପାହାଡ଼ ଲୁହାଖଣି ଏହି ସବ୍-ଡ଼ିଭିଜନର ଅନ୍ତର୍ଗତ । ଟାଟା କୋମ୍ପାନୀର ସମସ୍ତ ଲୁହା ଏହିଠାରୁ ଆମଦାନି ହୁଏ । ପ୍ରଧାନ ଶିକ୍ଷୟିତ୍ରୀଙ୍କର ରିପୋର୍ଟରୁ ଜଣାଯାଏ ଯେ ଗୁରୁମହିଷାଣିର ମେନେଜର ମହୋଦୟ ବାଳିକାମାନଙ୍କୁ ଅତ୍ୟନ୍ତ ସମାଦରରେ ଅଭ୍ୟର୍ଥନା କରିଥିଲେ ଓ ସେମାନେ ଟ୍ରଲିରେ ଚଢ଼ି ଏବଂ ସେଠାର ଡାକ୍ତରଖାନା, ସ୍କୁଲ ଏବଂ କ୍ଲବ ଦେଖି ବେଶ୍ ଆମୋଦ ପାଇଥିଲେ ।

ଫେରିଲାବେଳେ ବାଳିକାମାନେ ବହାଲଦା ଡ଼ାକବଙ୍ଗଳାରେ ରାତି କଟାଇଥିଲେ ଓ ତତ୍ପର ଦିନ ସକାଳେ ଖିଚିଙ୍ଗେଶ୍ୱରୀ ମନ୍ଦିର, ସ୍କୁଲ ଓ ଲୁହା କାରଖାନାମାନ ରାସ୍ତାରେ ଦେଖି ରାଇରଙ୍ଗପୁର ପହଞ୍ଚିଥିଲେ । ସେଠାରେ ସବ୍-ଡ଼ିଭିଜନେଲ ଅଫିସର ଓ କର୍ମଚାରୀମାନେ ତାଙ୍କୁ ଆଦରରେ ଅଭ୍ୟର୍ଥନା କରିଥିଲେ ଓ ତାଙ୍କର ଭୋଜନାଦିର ବ୍ୟବସ୍ଥା କରିଥିଲେ । ତତ୍ପରେ ସେମାନେ ରାଇରଙ୍ଗପୁର ଜେଲଖାନା ଓ ବଡ଼ାମତଲିଆ ଶିଳ୍ପ ବିଦ୍ୟାଳୟ ଦେଖି ବାରିପଦା ଫେରିଥିଲେ ।



ବାଦାମ ପାହାଡ଼ ଲୁହାଖଣିର ବାହାର ଦୃଶ୍ୟ

## ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା


ପୂର୍ଣ୍ଣଚନ୍ଦ୍ର-ସ୍ମୃତି-କ୍ରୀଡ଼ା ପ୍ରତିଯୋଗିତା ଏ ବର୍ଷ ଜାନୁଆରୀ ମାସ ୨୫ ଓ ୨୬ ତାରିଖରେ ବାରିପଦା ପୋଲିସ ପଡ଼ିଆରେ ଅନୁଷ୍ଠିତ ହୋଇଥିଲା । ସ୍ଥାନୀୟ ପ୍ରତିଯୋଗୀ ଛଡ଼ା ବାଲେଶ୍ୱର, କଟକ, ଖଡ଼ଗପୁର ଓ ଆଦ୍ରା ପ୍ରଭୃତି ସ୍ଥାନମାନଙ୍କରୁ ପ୍ରତିଯୋଗୀମାନେ ଯୋଗ ଦେଇଥିଲେ ଏବଂ କ୍ରୀଡ଼ା ଦେଖିବା ପାଇଁ ପୋଲିସ ପଡ଼ିଆରେ ଅନେକ ଲୋକ ଜୁଣ୍ଡ ହୋଇଥିଲେ । ମହାରାଜକୁମାର ଶ୍ରୀମନ୍ ଧ୍ରୁବେନ୍ଦ୍ର ଚନ୍ଦ୍ର ଭଞ୍ଜ ଦେଓ ମଧ୍ୟ କ୍ରୀଡ଼ା ସ୍ଥାନରେ ଉପସ୍ଥିତ ଥିଲେ । ଖେଳ ଶେଷରେ ମୟୂରଭଞ୍ଜର ଦେଓ୍ୱାନ ମିଷ୍ଟର କେ. ସି. ନିୟୋଗୀ ପୁରସ୍କାର ବିତରଣ କରିଥିଲେ ।



Digitized by srujanika@gmail.com

ବାରିପଦା ହାଇସ୍କୁଲର ପ୍ରତିଯୋଗୀମାନେ ସମସ୍ତଙ୍କ ଅପେକ୍ଷା ବେଶି ପଏଣ୍ଟ ଜିତି ଟିମ୍ ଚେମ୍ପିଅନସିପ୍ କପ୍ ପାଇଥିଲେ ଓ ଖଡ଼ଗପୁର ଆନ୍ଧ୍ର ସ୍ପୋର୍ଟିଂ କ୍ଲବର ସି. ଏଚ. ଲକ୍ଷ୍ମୀନାରାୟଣ ସର୍ବ ଶ୍ରେଷ୍ଠ ପ୍ରତିଯୋଗୀର କପ୍ ପାଇଥିଲେ ।

ଖଡ଼ଗପୁର ଆନ୍ଧ୍ର ସ୍ପୋର୍ଟିଂ କ୍ଲବର ମିଷ୍ଟର ପି. ଥାମାୟ୍ୟା ଯଷ୍ଟି ସାହାଯ୍ୟରେ ( Pole-vault ) ୯ଫୁଟ ୯ଇଞ୍ଚ ପର୍ଯ୍ୟନ୍ତ ଲମ୍ଫ ପ୍ରଦାନ କରି ପ୍ରଥମ ସ୍ଥାନ ଅଧିକାର କରିଥିଲେ । ପୂର୍ବ ବର୍ଷ ପରି ଏ ବର୍ଷ ମଧ୍ୟ ଦୌଡ଼ିବା, ଡେଇଁବା ପ୍ରଭୃତି ଖେଳ ପ୍ରତିଯୋଗିତା ହୋଇଥିଲା । କୁସ୍ତି ପ୍ରତିଯୋଗିତା ଏ ବର୍ଷର ବିଶେଷତ୍ୱ ଏବଂ ସେଥିରେ ଦୁଇ ଜଣ ପୋଲିସ କର୍ମଚାରୀ ଯୋଗ ଦେଇଥିଲେ ।



୧୨୦ ଗଜ ହାଇ ହାର୍ଡ଼ଲ୍ସ ଦୌଡ଼ ପ୍ରତିଯୋଗିତା

## ପୂର୍ଣ୍ଣଚନ୍ଦ୍ର-ସ୍ମୃତି-କ୍ରୀଡ଼ା-ପ୍ରତିଯୋଗିତାର ଫଳ

| କ୍ରୀଡ଼ାର ନାମ | ପ୍ରଥମ ସ୍ଥାନ | ମିନିଟ | ସେକେଣ୍ଡ |
|---|---|---|---|
| ୧୦୦ ଗଜ ଦୌଡ଼ ... ... | ହରେନ୍ଦ୍ର କୁମାର ସାନ୍ୟାଲ—ବାଲେଶ୍ୱର ଟେକ୍ନିକେଲ ସ୍କୁଲ ... | ୦ | ୧୧.୧ |
| ୨୨୦ ଗଜ ,, ... ... | ସି. ଏଚ. ଲକ୍ଷ୍ମୀନାରାୟଣ—ଆନ୍ଧ୍ର ଉଥଇ. ଏମ୍. ସ୍ପୋର୍ଟିଂ କ୍ଲବ, ଖଡ଼ଗପୁର | ୦ | ୨୫ |
| ୪୪୦ ଗଜ ,, ... ... | ,, ,, | ୦ | ୫୬.୪ |
| ଅର୍ଦ୍ଧ ମାଇଲ ,, ... ... | ,, ,, | ୨ | ୧୫½ |
| ଏକ ମାଇଲ ,, ... ... | ,, ,, | ୪ | ୫୮ |
| ୧୨୦ ଗଜ ହାଇ ହାର୍ଡ଼ଲ୍ ... ... | ଜଗନ୍ନାଥ ବେହେରା—ବାରିପଦା ହାଃ ଇଃ ସ୍କୁଲ ... | ୦ | ୨୦ |
| ୨୨୦ ଗଜ ଲୋ ,, ... ... | ,, ,, | ୦ | ୩୦.୪ |
| ଅର୍ଦ୍ଧ ମାଇଲ ରିଲେ ... ... | ଆନ୍ଧ୍ର ଉଥଇ. ଏମ୍. କ୍ଲବ—ଖଡ଼ଗପୁର ... ... | ୧ | ୪୬⅘ |
| | | ଫୁଟ | ଇଞ୍ଚ |
| ଊର୍ଦ୍ଧ୍ୱ ଲମ୍ଫନ ... ... | ବିଶ୍ୱନାଥ ସାହୁ—ବାରିପଦା ହାଇ ସ୍କୁଲ ... ... | ୫ | ୪ |
| ଲମ୍ବ ,, ... ... ... | ,, ,, | ୧୮ | ୮¾ |
| ହପ୍ ଷ୍ଟେପ୍ ଏଣ୍ଡ୍ ଜମ୍ପ୍ ... ... | ,, ,, | ୩୭ | ୪ |
| ଡିସ୍କସ୍ ଥ୍ରୋ ... ... | ଅମରଲାଲ ମହାପାତ୍ର—ବାଲେଶ୍ୱର ଟେକ୍ନିକେଲ ସ୍କୁଲ ... | ୭୮ | ୧୦½ |
| ଜେଭେଲିନ୍ ଥ୍ରୋ ... ... | କାଳିପ୍ରସାଦ ସିଂ—ବାରିପଦା ପୋଲିସ କ୍ଲବ ... ... | ୧୨୭ | ୫ |
| ଶଟ୍ ପୁଟ୍ (୧୬ ପାଉଣ୍ଡ) ... ... | ଭେଲା ସିଂ—ଅନ୍ତ୍ରା ଇଣ୍ଡିଆନ ଅଫିସର୍ସ ... ... | ୩୦ | ୪ |
| ପୋଲ୍ ଭଲ୍ଟ ... ... | ପି. ଥାମାୟ୍ୟା—ଆନ୍ଧ୍ର ଉଥଇ. ଏମ୍. ସ୍ପୋର୍ଟିଂ କ୍ଲବ, ଖଡ଼ଗପୁର ... | ୯ | ୯ |
| **ସ୍ଥାନୀୟ ପ୍ରତିଯୋଗିତା** | | ମିନିଟ | ସେକେଣ୍ଡ |
| ପିଲାମାନଙ୍କ ପାଇଁ ୧୦୦ ଗଜ ଦୌଡ଼ ... | ଅର. କେ. ଚଉଳ—ବାରିପଦା ହାଃ ଇଃ ସ୍କୁଲ ... ... | ୦ | ୧୨.୨ |
| ୨ ମାଇଲ ସାଇକେଲ ଦୌଡ଼ ... ... | ଲୁହୁଅ ସିଂ ... ... ... | ୭ | ୪୫ |
| ବଉଡ଼ି-ଟଣା ... ... ... | ଏସୋସିଏସନ ସମ୍ବନ୍ଧୀୟ ... ... ... | | |

..........................



Digitized by srujanika@gmail.com

# ପୁସ୍ତକ ପରିଚୟ

**ଉତ୍କଳର କୁଟୀର ଶିଳ୍ପ:**—ଡାକ୍ତର ଶ୍ରୀ ରାଧାଚରଣ ପଣ୍ଡାଙ୍କଦ୍ୱାରା ଲିଖିତ ଓ ପ୍ରକାଶିତ । ୧୨୭ ପୃଷ୍ଠା । ମୂଲ୍ୟ ଆଠ ଅଣା ମାତ୍ର । ଏଥିରେ କୁଟୀର ଶିଳ୍ପ କଣ, ଉତ୍କଳରେ ଏହାର ଦୁରବସ୍ଥା, ପ୍ରାଚୀନ ଉତ୍କଳର ଶିଳ୍ପ ବୈଭବ, ଉତ୍କଳରେ କୁଟୀର ଶିଳ୍ପର ଆବଶ୍ୟକତା ଓ ବିଭିନ୍ନ ପ୍ରକାର କୁଟୀର ଶିଳ୍ପ ସମ୍ବନ୍ଧରେ ଅନେକ ଆବଶ୍ୟକୀୟ ବିଷୟ ସନ୍ନିବେଶିତ ହୋଇଅଛି । ଓଡ଼ିଶାର ଆର୍ଥିକ ଦୁରବସ୍ଥା ଏବଂ ଅକର୍ମୀ ସମସ୍ୟା ଦୂର କରିବା ପାଇଁ ଏଥିରେ ଅନେକ ଉପାଦେୟ ବିଷୟ ଆଲୋଚିତ ହୋଇଅଛି ।

**ଉତ୍କଳର ଶିଳ୍ପ ଚାତୁରୀ:**—ଡାକ୍ତର ଶ୍ରୀ ରାଧାଚରଣ ପଣ୍ଡାଙ୍କଦ୍ୱାରା ଲିଖିତ ଓ ପ୍ରକାଶିତ । ୧୨୦ ପୃଷ୍ଠା । ମୂଲ୍ୟ ୧ଟଙ୍କା ମାତ୍ର । ଉତ୍କଳର ବିଭିନ୍ନ ସ୍ଥାନର ପ୍ରତ୍ନତତ୍ତ୍ୱର ୩୬ ଖଣ୍ଡ ସୁନ୍ଦର ଚିତ୍ର ଏଥିରେ ଦିଆ ହୋଇଛି । ଶିଳ୍ପ କଣ, ଶିଳ୍ପୀର ଚରିତ୍ର, ଉତ୍କଳରେ ଶିଳ୍ପ ସ୍ଥାପତ୍ୟର ପ୍ରାଚୀନତ୍ୱ, ଉତ୍କଳର ଶିଳ୍ପ-ଯୁଗ, ପ୍ରାଚୀନ ଶିଳ୍ପସଙ୍ଘ, ଶିଳ୍ପର ପ୍ରକାର ଭେଦ, ଶିଳ୍ପ ସ୍ଥାପତ୍ୟର ଦୃଷ୍ଟିକୋଣ, ମନ୍ଦିର ଗଠନ, ଗୃହ ନିର୍ମାଣ ଓ ଅନ୍ୟାନ୍ୟ ଅନେକ ପ୍ରକାର ଶିଳ୍ପ ସମ୍ବନ୍ଧୀୟ ବିଷୟ ଏଥିରେ ଆଲୋଚିତ ହୋଇଅଛି । ପ୍ରାଚୀନ ଓ ନବ୍ୟ ଶିକ୍ଷିତ ପାଇଁ ପୁସ୍ତକଟି ଉପାଦେୟ ହୋଇଛି

**ଉତ୍କଳର ପଲ୍ଲୀ ପ୍ରସଙ୍ଗ:**—ଲେଖକ ଡାକ୍ତର ଶ୍ରୀ ରାଧାଚରଣ ପଣ୍ଡା । ୧୩୮ ପୃଷ୍ଠା । ମୂଲ୍ୟ ଆଠ ଅଣା ମାତ୍ର । ଏହି ପୁସ୍ତକରେ ଓଡ଼ିଶାର ପଲ୍ଲୀ-ଚିତ୍ର, ପୂର୍ବକାଳର ଆଦର୍ଶ ପଲ୍ଲୀ ଓ ତାହାର ବର୍ତ୍ତମାନ ଦୁରବସ୍ଥା, ପଲ୍ଲୀର ଅଭାବ, ଅସୁବିଧା, ପଲ୍ଲୀ-ସ୍ୱାସ୍ଥ୍ୟ, ପଲ୍ଲୀ ଶିକ୍ଷା ଇତ୍ୟାଦି ବହୁ ବିଷୟ ବିଶଦଭାବରେ ଆଲୋଚିତ ହୋଇଅଛି । ବର୍ତ୍ତମାନ ପଲ୍ଲୀ-ସଂଗଠନ ଯୁଗରେ ଓଡ଼ିଶା ପଲ୍ଲୀର ନାନା ଅଭାବ ଦୂର କରିବା ପାଇଁ କିପରି କାର୍ଯ୍ୟ କରିବାକୁ ହେବ, ତାହା ଜାଣିବାକୁ ପୁସ୍ତକଟି ସମସ୍ତଙ୍କର ପଢ଼ିବା ଆବଶ୍ୟକ ।

**ଚଞ୍ଚରୀକା:**—(କାବ୍ୟ) ବାମଣ୍ଡାର ରାଜକୁମାର ଶ୍ରୀ ବଳଭଦ୍ର ଦେବଙ୍କଦ୍ୱାରା ପ୍ରକାଶିତ ଓ ତାଳଚେର କିଶୋର ପ୍ରେସ୍‌ରେ ମୁଦ୍ରିତ । ୯୯ ପୃଷ୍ଠା । ମୂଲ୍ୟ ଚାରି ଅଣା ମାତ୍ର । ଏହି କାବ୍ୟର ନାୟକ ବୃନ୍ଦାବନର ଜମିଦାରଙ୍କର ପୁତ୍ର ବିଭୂତିଭୂଷଣ ଓ ନାୟିକା ମୁକୁଳପୁର ରାଜା ପ୍ରତାପ କେଶରୀଙ୍କ କନ୍ୟା ଚଞ୍ଚରୀକା । ଉଭୟ ସ୍ଥାନ ତାଳଚେର ଷ୍ଟେଟ୍‌ର ଅନ୍ତର୍ଗତ । ସେମାନେ କିପରି ଏକ ସଙ୍ଗରେ ଶିକ୍ଷା ଗ୍ରହଣ କରି ପରସ୍ପର ପ୍ରତି ଆକୃଷ୍ଟ ହୋଇଥିଲେ ଓ ସାମାଜିକ ନାନା ଅସୁବିଧା ଓ କଷ୍ଟ ସହି ନିଜ ବୁଦ୍ଧି ବଳରେ ପରିଶେଷରେ ପ୍ରଣୟ-ପାଶରେ ଆବଦ୍ଧ ହୋଇଥିଲେ ତାହା ରଚୟିତା ସୁନ୍ଦର ଓ ସରଳ ଭାଷାରେ ବର୍ଣ୍ଣନା କରିଅଛନ୍ତି । ପ୍ରକୃତି ବର୍ଣ୍ଣନା ମଧ୍ୟ ଚିତ୍ତାକର୍ଷକ ହୋଇଛି ।

ମୟୂରଭଞ୍ଜ ଷ୍ଟେଟ୍ ପ୍ରେସ୍‌ରେ ଶ୍ରୀ ପଦ୍ମଚରଣ ଦାଶଙ୍କଦ୍ୱାରା ମୁଦ୍ରିତ ଓ ପ୍ରକାଶିତ ।



Digitized by srujanika@gmail.com

# ଭଞ୍ଜପ୍ରଦୀପ

ବାରିପଦା, ଚୈତ୍ର ୧୩୪୪




Digitized by srujanika@gmail.com

PHONE 2452 CAL. GRAM "LAVATORY"

# SANITATION

PLUMBING
DRAINAGE
& WATER-WORKS.

CONSULT.

## S. K. CHAKRAVARTI LTD.

MISSION ROW SANITARY ENGINEERS — CALCUTTA

**Mayurbhanj Law Reporter**

Highy appreciated in India & Abroad

It is a quarterly publication.

It is published in September, December, March and June.

| | |
|---|---|
| Yearly Subscription | Rs. 3 |
| Single Copy | As. 12 |

Postage Extra.

*Manager*—N. C. SANYAL, B. A.
MAYURBHANJ LAW REPORTER.

Estd. Half A Century

**J. N. CHUNDER & BROS.**

*33 Radha Bazar Street,* CALCUTTA

CHEAPEST HOUSE FOR

**PRINTING & STATIONERY GOODS**

*Please ask for Price List.*

**Bhanja Pradeepa**

*It is an illustrated Oriya quarterly quite independent of the English Edition of the Mayurbhanj Chronicle.*

SUBSCRIPTION

| | | | |
|---|---|---|---|
| *Annual* - - | *Rs. 0-12-0* | *(post free)* |
| | *,, 1-4-0* | *(with postage)* |
| *Price per copy* | *,, 0-3-0* | *(post free)* |
| | *,, 0-5-0* | *(with postage)* |

*Manager*—N. C. SANYAL, B.A.

BHANJA PRADEEPA

# The Mayurbhanj Chronicle

*Publication:* The Chronicle is a quarterly publication. It is published in October, January, April and July.

*Subscription;* Annual Rs. 1-8-0. Single copy As. 6 only. Postage per copy 2 As. extra.

## SCALE OF CHARGES FOR ADVERTISEMENTS

*( Single Insertion )*

| | | | |
|---|---|---|---|
| **Outer page of Cover** :— | Full page | Rs. | 50/- |
| | Half | ,, | 25/- |
| | Quarter | ,, | 15/- |
| **Inner page of Cover** :— | Full | ,, | 40/- |
| | Half | ,, | 20/- |
| | Quarter | ,, | 12/ |
| **Inner page of Cover : reverse of title page :** | Full page | Rs. | 50/- |
| | Half | ,, | 25/- |
| | Quarter | ,, | 15/- |
| **Ordinary page** : – | Full | ,, | 36/- |
| | Half | ,, | 18/- |
| | Quarter | ,, | 10/- |

*Rates for smaller spaces on application*

N. C. SANYAL, B. A.

*Manager, Mayurbhanj Chronicle.*

STATE PRESS, BARIPADA, MAYURBHANJ



# ମୟୂରଭଞ୍ଜ ଷ୍ଟେଟ ଗେଜେଟ

ପ୍ରତି ଇଂରାଜୀ ମାସ ୭ ଓ ୨୨ ତାରିଖରେ ପ୍ରକାଶିତ ହୁଏ । ଏଥିରେ କେବଳ ଅଫିସ ସମ୍ବନ୍ଧୀୟ ବିଷୟମାନ ପ୍ରକାଶିତ ହୁଏ ।

ବାର୍ଷିକ ମୂଲ୍ୟ—ଟ୩୵ ( ଡାକମାସୁଲ ବ୍ୟତୀତ )   ଟ୩।୵ ( ଡାକମାସୁଲ ସହ )   ପ୍ରତି ସଂଖ୍ୟାର ମୂଲ୍ୟ ଟ ୦/

**ଏଥିରେ ବିଜ୍ଞାପନ ଛପାଇବାର ଦର**

ପ୍ରତି ସଂଖ୍ୟା—ପୂର୍ଣ୍ଣ ଏକ ପୃଷ୍ଠାକୁ ଟ୧୦୵   ପ୍ରତି ସଂଖ୍ୟା—ଅର୍ଦ୍ଧ ପୃଷ୍ଠାକୁ ଟ ୫୵

ସାମୟିକ ବିଜ୍ଞାପନ ପ୍ରକାଶେ—ପ୍ରତି ସଂଖ୍ୟା ଡବଲ୍ କଲମ୍ ଧାଡ଼ିକୁ ଟ୦।

,, ,, ସିଙ୍ଗଲ୍ ,, ,, ଟ୦/

ଗ୍ରାହକ ହେବାକୁ କିମ୍ବା ବିଜ୍ଞାପନ ଛପାଇବାକୁ ଇଚ୍ଛା କଲେ ଅଗ୍ରିମ ଦେବାକୁ ପଡ଼ିବ ।

**ମେନେଜର,**

ଷ୍ଟେଟ୍ ପ୍ରେସ୍, ବାରିପଦା ।


Digitized by srujanika@gmail.com

# ଭଞ୍ଜ ପ୍ରଦୀପ

ଷଷ୍ଠ ଭାଗ          ତୃତୀୟ ସଂଖ୍ୟା

## ସୂଚିପତ୍ର


| | | | ପୃଷ୍ଠା |
|---|---|---|---|
| ୧ । | ଅଭିଭାଷଣ | ପଣ୍ଡିତ ଗୋଦାବରୀଶ ମିଶ୍ର, ଏମ.ଏ., ବି.ଟି., ଏମ୍. ଏଲ୍.ଏ. | ୧ |
| ୨ । | ଅଭିନନ୍ଦନ | ଶ୍ରୀ ମହେଶ୍ୱର ନାୟକ, ବି.ଏ. | ୮ |
| ୩ । | କଳାର ସ୍ୱରୂପ | ଶ୍ରୀ ଗୋପାଳ ଚନ୍ଦ୍ର କାନୁନ୍‌ଗୋ, ବି.ଏ. | ୧୦ |
| ୪ । | ବୁଦ୍ଧ | ଶ୍ରୀ କ୍ଷିତୀଶଚନ୍ଦ୍ର ଦେ, ଏମ୍.ଏ., ଡି.ଇଡି. | ୧୫ |
| ୫ । | କୃଷି | ଶ୍ରୀ ଜଳଧର ଦେବ | ୨୦ |
| ୬ । | ହିମାଳୟ ଭ୍ରମଣ | ଶ୍ରୀ ନରେନ୍ଦ୍ର ମୋହନ ତ୍ରିପାଠୀ | ୨୧ |
| ୭ । | ଶ୍ରୀମନ୍ ମହାରାଜାଙ୍କର ସ୍ୱନକ୍ଷତ୍ର ଉତ୍ସବ | | ୨୩ |
| ୮ । | ଦେଶୀୟ ରାଜ୍ୟ ସମାଚାର | | ୨୯ |
| ୯ । | ସମ୍ବାଦ ଓ ସଙ୍କେତ | | ୩୧ |


## ଚିତ୍ର-ସୂଚି


| | | |
|---|---|---|
| ୧ । | ମୟୂରଭଞ୍ଜର କୃଷି-ଶିଳ୍ପ-ପ୍ରଦର୍ଶନୀର ତୋରଣ-ସମ୍ମୁଖ ଦୃଶ୍ୟ | ପ୍ରଚ୍ଛଦପଟ |
| ୨ । | ସ୍ୱନକ୍ଷତ୍ର ପୂଜା ଉପଲକ୍ଷେ ଶ୍ରୀମନ୍ ମହାରାଜାଙ୍କର କୀଚକେଶ୍ୱରୀ ମନ୍ଦିରକୁ ଯାତ୍ରା କାଳୀନ ଦୃଶ୍ୟ | ୨୩ |
| ୩ । | କୀଚକେଶ୍ୱରୀ ମନ୍ଦିରର ସମ୍ମୁଖ ଦୃଶ୍ୟ | ୨୪ |
| ୪ । | ଶ୍ରୀମନ୍ ମହାରାଜାଙ୍କର ସ୍ୱନକ୍ଷତ୍ର ଉତ୍ସବରେ ବହୁ ଦରିଦ୍ରଙ୍କ ଭୋଜନର ଦୃଶ୍ୟ | ୨୪ |
| ୫ । | ଚନ୍ଦନ ଉତ୍ସବରେ ନୃତ୍ୟ ଗୀତରେ ମଗ୍ନ ରାଜ୍ୟର ଆଦିମ ଅଧିବାସୀଗଣ | ୨୫ |
| ୬ । | ମୟୂରଭଞ୍ଜ କୃଷି-ଶିଳ୍ପ-ପ୍ରଦର୍ଶନୀର ତୋରଣ-ସମ୍ମୁଖ ଦୃଶ୍ୟ | ୨୬ |
| ୭ । | କୃଷି ବିଭାଗ ପ୍ରଦର୍ଶନୀର ଏକାଂଶ | ୨୭ |
| ୮ । | ପ୍ରାଥମିକ ବିଦ୍ୟାଳୟମାନଙ୍କର ଶିଳ୍ପ ଓ କୃଷିଜାତ ଦ୍ରବ୍ୟର ନମୁନା | ୨୮ |
| ୯ । | ମୟୂରଭଞ୍ଜର ବୃହତ୍ ଉଡ଼ାଜାହାଜ ବନ୍ଦର | ୩୨ |
| ୧୦ । | କରଞ୍ଜିଆ ଅସ୍ଥାୟୀ ଶିକ୍ଷା କେନ୍ଦ୍ରରେ ଅନୁଷ୍ଠିତ ଶିକ୍ଷକମାନଙ୍କ ଉତ୍ସବର ଦୃଶ୍ୟ | ୩୩ |
| ୧୧ । | ପରଲୋକଗତ ସୋନପୁରର ମହାରାଜା ଶ୍ରୀ ସର୍ ବୀରମିତ୍ରୋଦୟ ସିଂହ ଦେଓ, କେ. ସି. ଆଇ.ଇ., ଧର୍ମନିଧି, ଜ୍ଞାନଗୁଣାକର | ୩୪ |


Digitized by srujanika@gmail.com




ମହାମହିମ ଭାରତ ସମ୍ରାଟ ଷଷ୍ଠ ଜର୍ଜ



ମହାମହିମ ସମ୍ରାଟ୍-ମହିଷୀ ଏଲିଜାବେଥ୍

ମୟୂରଭଞ୍ଜ ଷ୍ଟେଟ୍ ପ୍ରେସ୍, ବାରିପଦା ।

Digitized by srujanika@gmail.com



ସମ୍ରାଟ୍‌ନନ୍ଦନୀ ଏଲଜାବେଥ୍ ଓ ମାର୍ଗରେଟ୍

Digitized by srujanika@gmail.com

# ଭଞ୍ଜପ୍ରଦୀପ

ସମ୍ପାଦକ—ଶ୍ରୀ ରାଧାଗୋବିନ୍ଦ ଦାସ    ସହକାରୀ ସମ୍ପାଦକ—ଶ୍ରୀ କାଳନ୍ଦୀଚରଣ ପାଣିଗ୍ରାହୀ

ଚୈତ୍ର ପର୍ବ ସଂଖ୍ୟା

ଷଷ୍ଠ ଭାଗ | ଚୈତ୍ର, ସନ ୧୩୪୪ ସାଲ | ୩ୟ ସଂଖ୍ୟା


## ଅଭିଭାଷଣ *

**ଶ୍ରୀ ଗୋଦାବରୀଶ ମିଶ୍ର**

ଆପଣମାନଙ୍କର ସାହିତ୍ୟ ସମାଜର ତୃତୀୟ ବର୍ଷ ଆଜି ପୂର୍ଣ୍ଣ ହୋଇଅଛି । ସେହି ଉଦ୍ଦେଶ୍ୟରେ ଅନୁଷ୍ଠିତ ଆଜିର ଏ ସଭାରେ ଆପଣମାନେ ମୋତେ ସଭାପତି ନିର୍ବାଚିତ କରିଛନ୍ତି । ଉତ୍କଳର ନବ୍ୟାପର କର୍ଣ୍ଣୀ ଜଳନ୍ଧର ଦେବ ଓ ପଦ୍ମପାଖୁଡ଼ାର କବି ପଦ୍ମଚରଣ ଯେଉଁ ଆସନରେ ବସି ଯାଇଛନ୍ତି ପାଣ୍ଡିତ୍ୟହୀନାଃ କବୟୋ ଭବନ୍ତି ଶ୍ରେଣୀମଧ୍ୟରୁ ଖୋଜି କିଂଶୁକପାଖୁଡ଼ା ଲେଖକ ମୋ ଭଳି ଜଣକୁ ଆଣି ଯେ ଆପଣମାନେ ସେହି ଆସନ ଅଳଙ୍କୃତ କରିବାକୁ ଚେଷ୍ଟା କରିବେ ତାହା ମୁଁ ଭାବି ନ ଥିଲି । ତେବେ ଆପଣମାନଙ୍କର ଏହା ଗୋଟିଏ ଶିଶୁ ଅନୁଷ୍ଠାନ । ପ୍ରଥମ ବର୍ଷ ଏହାର ମୋଟ ଆଦାୟ ଟ ୭।୯୮ ଓ ଦ୍ୱିତୀୟ ବର୍ଷ ଟ ୧୬୮୯/ରେ ଆପଣମାନେ ଏହାକୁ ବଞ୍ଚାଇ ରଖିଛନ୍ତି । ଦାନଶୀଳ ମହାରାଜାଙ୍କ କୃପାରେ ମୟୂରଭଞ୍ଜରେ ବହୁ ଅନୁଷ୍ଠାନ ଅଛି । ତାହା ଭିତରେ ବୋଧହୁଏ ଏହି ସାହିତ୍ୟ ସମାଜ ସବୁଠାରୁ ଅତି ଅଳ୍ପ ଅର୍ଥରେ ପାଳିତ । ଏପରି ଗୋଟିଏ ଶିଶୁ ଅନୁଷ୍ଠାନର ସଭାପତି ପଦ ଲାଗି ନିଜକୁ ଅଯୋଗ୍ୟ ବୋଲି ପ୍ରକାଶ କରିବା ବୋଧହୁଏ ମୋ ପକ୍ଷରେ ସାଧାରଣ ସୌଜନ୍ୟ ଓ ନମ୍ରତାର ସୀମା ଅତିକ୍ରମ କରିଯିବ ବୋଲି ଆପଣମାନେ ଭାବି ପାରନ୍ତି । ଭାବିଲେ ତାହା ହୁଏତ ଠିକ୍ ହୋଇପାରେ ।

ଆପଣମାନଙ୍କର ମୟୂରଭଞ୍ଜ ଓଡ଼ିଶାର ସାହିତ୍ୟ ଜଗତ କ୍ଷେତ୍ରରେ ଯାହା ଯାହା ସାହାଯ୍ୟ କରିଛି ସେଥିରେ ମୟୂରଭଞ୍ଜ-ବାସୀମାନେ ଗର୍ବ ଅନୁଭବ କରିବାର କଥା । ସେ ସବୁ ବିଷୟର ଉଲ୍ଲେଖ ମୋ ପୂର୍ବରୁ ଅନେକ ଜଣ ସଭାପତି କରିଯାଇଛନ୍ତି । ସୁତରାଂ ମୁଁ ତାର ପୁନରୁକ୍ତି ଆବଶ୍ୟକ ମନେ କରୁନାହିଁ । ଓଡ଼ିଶାର ଅନ୍ୟାନ୍ୟ ସ୍ଥାନମାନଙ୍କରେ ସାହିତ୍ୟିକ ଅନୁଷ୍ଠାନ ରହିଅଛି । ସାହିତ୍ୟର ଶ୍ରୀବୃଦ୍ଧି କରିବାରେ ସେମାନେ ତତ୍ପର ରହିଛନ୍ତି । ଆପଣମାନେ ମଧ୍ୟ ଏଠାରେ ଗୋଟିଏ କ୍ଷୁଦ୍ର ଅଥଚ ଭବିଷ୍ୟତରେ ବଡ଼ ହୋଇ ଉଠିବାର ସମ୍ଭାବନାରେ ପରିପୂର୍ଣ୍ଣ ସାହିତ୍ୟ ସମାଜ ଆରମ୍ଭ କରି ସାହିତ୍ୟ କ୍ଷେତ୍ରରେ ଆପଣମାନଙ୍କର କର୍ତ୍ତବ୍ୟବୋଧର ସ୍ପଷ୍ଟ ପ୍ରମାଣ ଦେଇଛନ୍ତି । ଏହା ନିତାନ୍ତ ସାମାନ୍ୟ ନୁହେ ।

ସାହିତ୍ୟ ସହିତ ସମାଜର ଯେ କି ଘନିଷ୍ଠ ସମ୍ପର୍କ ଅଛି ତାହା ଆମ୍ଭେମାନେ ସମସ୍ତେ ଜାଣୁ । ପୃଥିବୀର ଇତିହାସ ତାହାର ଦୃଷ୍ଟାନ୍ତରେ ପୂର୍ଣ୍ଣ । ପ୍ରତ୍ୟେକ ଦେଶର ଓ ଜାତିର ଇତିହାସ

* ବାରିପଦା ସାହିତ୍ୟ ସମାଜର ୩ୟ ବାର୍ଷିକ ଅଧିବେଶନରେ ପଠିତ ସଭାପତିଙ୍କ ଅଭିଭାଷଣ ।

Digitized by srujanika@gmail.com

ଆଲୋଚନା କଲେ ଦେଖାଯାଏ ଯେ ଜାତୀୟ ସାହିତ୍ୟର ଉନ୍ନତି ବା ଅବନତି ସହିତ ସେହି ଜାତିର ସାମାଜିକ ଜୀବନର ଉତ୍କର୍ଷ ଓ ନିକର୍ଷ ଏକ ପ୍ରକାର ଅଚ୍ଛେଦ୍ୟ ଭାବରେ ଜଡ଼ିତ । ଏପରି କି ଯେ କୌଣସି ଅନୁନ୍ନତ ଜାତି ବିଦେଶୀ ଉନ୍ନତ ଜାତିର ପ୍ରଭାବରେ ପଡ଼ି ନିଜର ଉନ୍ନତି ଲାଗି ପ୍ରୟାସ କଲାବେଳେ ପ୍ରଥମେ ଜାତୀୟ ସାହିତ୍ୟର ଶ୍ରୀବୃଦ୍ଧି କରିବା ଆବଶ୍ୟକ ବୋଧ କରନ୍ତି । ଜାପାନ ଦେଶ ଗତ ଶହେ ବର୍ଷ ଭିତରେ ଉନ୍ନତି କରିଅଛି । ସେହି ଜାପାନ ଦେଶର ଗତ ଶହେ ବର୍ଷ ବ୍ୟାପୀ ଉନ୍ନତିର ଇତିହାସ ଆଲୋଚନା କଲେ ଦେଖାଯିବ ଯେ ତାହା ଜାପାନ ସାହିତ୍ୟର ବିକାଶ ଉପରେ ଗଢ଼ା, ପୁଣି ଭାରତ ପରି ଯେଉଁସବୁ ଦେଶ ଉନ୍ନତି ଶୃଙ୍ଗରୁ ତଳକୁ ଖସିଆସିଛି ତାହାର କାରଣ ଅନୁସନ୍ଧାନ କଲେ ଜଣାଯିବ ପ୍ରାଚୀନ ସାହିତ୍ୟର ଅବନତି ଯୋଗେ ଜାତୀୟ ଅଧୋଗତି ଘଟିଛି । ହିନ୍ଦୁରାଜତ୍ୱର ଲୋପ ସଙ୍ଗେ ସଙ୍ଗେ ସଂସ୍କୃତ-ସାହିତ୍ୟ-ଚର୍ଚ୍ଚା କମିଗଲା । ଦେଶରେ ପ୍ରାଦେଶିକତାର ସୃଷ୍ଟି ହେଲା । ଏହା ଜାତୀୟ ପ୍ରଭାବର ଶକ୍ତି କମିଗଲା ଅଥଚ ପ୍ରାଦେଶିକ ସାହିତ୍ୟମାନ ଏତେ ଉନ୍ନତ ହୋଇ ନ ଥିଲା ଯେ ଭିନ୍ନ ଭିନ୍ନ ପ୍ରଦେଶର ସାମାଜିକ ଜୀବନକୁ ତାହା ପ୍ରଭାବିତ କରି ପାରିବ । ଫଳରେ ପ୍ରଦେଶମାନଙ୍କର ଅବନତି ଘଟି ଆସିଲା ଓ ସମଗ୍ର ଦେଶରେ ବିଶୃଙ୍ଖଳତା, ଅରାଜକତା ଓ ସମୂହ ଅଧୋଗତିର ସୃଷ୍ଟି ହେଲା । ତାହାର ପ୍ରତିକ୍ରିୟାରେ ପ୍ରାଦେଶିକ ସାହିତ୍ୟର ଗଠନ । ଭିନ୍ନ ଭିନ୍ନ ପ୍ରଦେଶର ଲେଖକ-ମାନେ ନିଜ ନିଜ ମାତୃଭାଷାର ଆଶ୍ରୟରେ ସାହିତ୍ୟର ଶ୍ରୀବୃଦ୍ଧି କରିବାକୁ ଲାଗିଲେ । ବର୍ତ୍ତମାନ ହିନ୍ଦି, ବଙ୍ଗ, ମହାରାଷ୍ଟ୍ର, ଅନ୍ଧ୍ର, ସୌରାଷ୍ଟ୍ର ସାହିତ୍ୟ ଉନ୍ନତି ପଥରେ କିଏ କେତେ ଦୂର ଅଗ୍ରସର ହୋଇଅଛି ଓ ପ୍ରାଦେଶିକ ଜାତୀୟ ଜୀବନକୁ ଉନ୍ନତିର ବିଭିନ୍ନ ସୋପାନକୁ ଉଠାଇଛି ।

ଓଡ଼ିଆ ସାହିତ୍ୟ ମଧ୍ୟ ଏହି ପ୍ରାଦେଶିକ ପ୍ରଚେଷ୍ଟା ଫଳରେ ନିଜ ଗୋଡ଼ରେ ଠିଆ ହେବାକୁ ଯାଇଅଛି ଏବଂ ଏହି ସ୍ୱାଧୀନ ଉଦ୍ୟମରେ ଯେତିକି ଦୂର ଅଗ୍ରସର ହୋଇଛି ଜାତୀୟ-ଜୀବନକୁ ସେହି ପରିମାଣରେ ଉନ୍ନତ କରି ପାରିଛି । ବୋଧହୁଏ ଓଡ଼ିଶାରେ ପ୍ରାଦେଶିକ ଭାଷା ଓ ସାହିତ୍ୟର ସୃଷ୍ଟି ଅନ୍ୟାନ୍ୟ ପ୍ରଦେଶମାନଙ୍କର ବହୁତ ଆଗରୁ ନୋହୁ ପଛକେ ନିତାନ୍ତ ପଛରେ ହୋଇ ନାହିଁ । ଏ ବିଷୟରେ ଯେଉଁମାନେ ଅନୁସନ୍ଧାନ କରିଛନ୍ତି—କହୁଛନ୍ତି ଯେ ଓଡ଼ିଆ ସାହିତ୍ୟର ସୃଷ୍ଟି ବହୁ ଶତାବ୍ଦୀ ହେଲା ଆରମ୍ଭ ହୋଇଅଛି ଏବଂ ଅନ୍ୟାନ୍ୟ କୌଣସି କୌଣସି ପ୍ରତିବାସୀ ଭାଷା ଓ ସାହିତ୍ୟ ଏହାର ମୂଳଭିତ୍ତି ସ୍ୱରୂପ କାର୍ଯ୍ୟ କରିଅଛି । ତଥାପି ଏହାର ନିଜର ଉନ୍ନତି ଏତେ ବର୍ଷବ୍ୟାପୀ ଚେଷ୍ଟାରେ ଯେତେ ଆକାରରେ ହେବା ଉଚିତ ହୋଇ ପାରି ନାହିଁ । ତାହାର ଫଳରେ ଜାତୀୟ-ଜୀବନ ମଧ୍ୟ ସେହିପରି ପଛରେ ପଡ଼ିଛି । ବର୍ତ୍ତମାନ ଯୁଗ ପର୍ଯ୍ୟନ୍ତ ଓଡ଼ିଶାର ଜାତୀୟ-ଜୀବନର ବିକାଶ ଅନୁଧାବନ କରି ଦେଖିଲେ ଜଣାଯାଏ ଯେ ତାହା ଓଡ଼ିଆମାନଙ୍କର ପ୍ରାଚୀନ କଳା ଉପରେ ଆଦୌ ପ୍ରତିଷ୍ଠିତ ନୁହେଁ । ସାହିତ୍ୟ ମାନସିକ ଭାବର ଭାଷାରେ ବ୍ୟକ୍ତ ମାତ୍ର । ସେହିପରି ମାନସିକ ଭାବର ଅଭିବ୍ୟକ୍ତି ସ୍ଥାପତ୍ୟରେ ମଧ୍ୟ ହୋଇ-ଥାଏ । ଓଡ଼ିଶାର ସ୍ଥାପତ୍ୟ ଯେ ଉନ୍ନତିର ଉଚ୍ଚ ସୋପାନରେ ପହଞ୍ଚିଥିଲା ସେଥିରେ ସନ୍ଦେହ ନାହିଁ । ଜାତୀୟ-ଜୀବନର ଉନ୍ନତି ମଧ୍ୟ ସେହି ଅନୁକ୍ରମରେ ହୋଇଥିଲା । ତାହା ଉତ୍କଳର ଇତିହାସରୁ ଜଣାଯାଏ । ଉତ୍କଳର ଜଗନ୍ନାଥ ମନ୍ଦିରର ମହାପ୍ରସାଦ କଳ୍ପନା ଜାତିଭେଦ-ଆକ୍ରାନ୍ତ ଭାରତରେ ଅନନ୍ୟ ହୋଇନାହିଁ । କାଶୀରେ ଅବଶ୍ୟ ବିଶ୍ୱନାଥ ଅଛନ୍ତି, କିନ୍ତୁ ଭାରତର ଅତି ଅଳ୍ପ ସ୍ଥାନରେ ପ୍ରାଦେଶିକ ଦେବତାଙ୍କ ନାମ ଜଗନ୍ନାଥ ବା ଭୁବନେଶ୍ୱର ହୋଇ-ଅଛି । ଦେଶର ରାଜସ୍ୱ ଅତି ଅଳ୍ପ ସ୍ଥାନରେ ଉନ୍ନତ ଜାତୀୟ ମନ୍ଦିର-ମାନଙ୍କର ନିର୍ମାଣରେ ଏତେ ମାତ୍ରାରେ ବ୍ୟୟ କରାଯାଇଛି । ରାଜାମାନଙ୍କ ଦାନରେ ପ୍ରତିଷ୍ଠିତ ଗ୍ରାମ ଏପରି ଅନନ୍ୟ ନାହିଁ । ଏ ସବୁ ଯଦି ପୂର୍ବର ଜାତୀୟ ଉନ୍ନତିର ସୂଚନା ନ କରେ ତାହା ହେଲେ ଆଉ କଣ କରିବ ? ଓଡ଼ିଶାର ସ୍ଥାପତ୍ୟ କଳାର ଚର୍ଚ୍ଚା ଯେପରି କ୍ରମଶ ଲୋପ ପାଇଅଛି, ଜାତୀୟ-ଜୀବନରେ ଅବନତି ମଧ୍ୟ ସେହିପରି ଘଟିଅଛି ।

ବର୍ତ୍ତମାନ ଏତେ ଜାତୀୟ ଅଧୋଗତି ଘଟିଛି ଯେ ଓଡ଼ିଆମାନେ ପ୍ରତିବାସୀ ବଙ୍ଗୀୟମାନଙ୍କ ମଧ୍ୟରେ ନିଜର ଜାତୀୟତା ପ୍ରକାଶ କରିବାକୁ ପରାଙ୍ମୁଖ । ଏହାର ଦୃଷ୍ଟାନ୍ତ ଆପଣମାନେ ନିଜେ ଅନେକ ଘଟଣାରେ ମଧ୍ୟ ପାଇଥାଇ ପାରନ୍ତି ।

ଏ ପ୍ରକାର ଆତ୍ମ-ଗୋପନ ଚେଷ୍ଟାର ଗୋଟାଏ ବିଶ୍ୱାସଯୋଗ୍ୟ କାରଣ ଅନୁସନ୍ଧାନ କରିବା ଦରକାର ଏବଂ ମୋର ମନେହୁଏ ଉତ୍କଳର ଦେଶପ୍ରାଣ ଜାତିପରାୟଣ ମନୀଷୀମାନେ ନିଶ୍ଚୟ ତାହା କରିଥିବେ । ଓଡ଼ିଶାର ସ୍ୱାଧୀନତା ଲୋପ ପାଇବା ପରେ ବୈଦେଶିକ ରାଜତ୍ୱରେ ତାହାର ସ୍ଥାପତ୍ୟ ଓ କଳାଚର୍ଚ୍ଚା କମିଗଲା ଏବଂ ଜାତୀୟ-ଜୀବନ ଉପରେ ପ୍ରଭାବ ବିସ୍ତାର କରିବାକୁ ଲାଗିଲା । ଇଂରେଜ ଶାସନରେ ବାଣିଜ୍ୟ ନୀତିର ପ୍ରଭାବରେ ଓଡ଼ିଆ ନିଜର କୁଟୀର-ଲବଣ-ଶିଳ୍ପ ହରାଇ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଏବଂ ବିଦେଶୀ ରାଜତ୍ୱରେ ଅବଶ୍ୟମ୍ଭାବୀ କାରଣମାନଙ୍କ ଯୋଗେ ଦିନକୁ ଦିନ ଦରିଦ୍ର ହୋଇ ପଡ଼ିଲା । ବର୍ତ୍ତମାନ ଓଡ଼ିଆ ଜାତି ବୁଭୁକ୍ଷୁ । ବୋଧହୁଏ ପୃଥିବୀରେ ଏପରି ଦ୍ୱିତୀୟ ଜାତି ନ ଥିବ ଯେଉଁ ଜାତିର ପ୍ରାୟ ଏକ କୋଟି ଲୋକ ଭିତରୁ ପାଞ୍ଚ ଲକ୍ଷ ସୁସ୍ଥ, ସବଳ, କାର୍ଯ୍ୟକ୍ଷମ ପ୍ରତିନିଧି ସ୍ଥାନୀୟ ଯୁଆନ୍, ନିଜ ନିଜ ଘରେ ପେଟ ପୋଷି ନ ପାରି କଲିକତା, ଆସାମ, ବର୍ମା ପ୍ରଭୃତି ବିଦେଶକୁ ଯାଇ ମୁଣ୍ଡଝାଳ ତୁଣ୍ଡରେ ମାରି କାମ କରୁଛନ୍ତି; ନାନା ଲାଞ୍ଛନା ସହୁଛନ୍ତି, କେତେ କେତେ ନିର୍ଯାତନ ଭୋଗୁଛନ୍ତି । ତଥାପି ପେଟ ଦରପୁରା ରହୁଛି । ବିଦେଶର ଅସ୍ୱାଭାବିକ ପ୍ରଭାବ ଭିତରେ ନାନା ରୋଗ ଯନ୍ତ୍ରଣାରେ ସ୍ୱାସ୍ଥ୍ୟ ହରାଇ ବିବର୍ଣ ମନରେ ଘରକୁ ଫେରୁଛନ୍ତି । ଏପରି ଗୋଟାଏ ମରଣୋନ୍ମୁଖ ଜାତିରେ କଳାଚର୍ଚ୍ଚା ସମ୍ଭବପର ହେବ କିପରି ? ଏବଂ କଳାର ପ୍ରଭାବରେ ଜାତୀୟ-ଜୀବନର ଯେ ପ୍ରକାର ଉନ୍ନତି ଘଟେ ତାହା ଆସିବ କୁଆଡ଼ୁ ? ଜାତୀୟ ବୁଭୁକ୍ଷା ଜାତୀୟ ସାହିତ୍ୟର ଉନ୍ନତିରେ ବାଧା ଘଟାଉଅଛି ଏବଂ ଜାତୀୟ ସାହିତ୍ୟର ଉନ୍ନତିର ଅଭାବ



Digitized by srujanika@gmail.com

ଯୋଗେ ଜାତୀୟ-ଜୀବନର ବିକାଶ ହୋଇ ପାରୁ ନାହିଁ । ସେଥିପାଇଁ ବିଦେଶୀୟମାନେ ଆସି ଓଡ଼ିଶାରେ କିଏ ଜଜ୍, କିଏ ମାଜିଷ୍ଟ୍ରେଟ୍, କିଏ ଶାସନକର୍ତ୍ତା, କିଏ ଅଧ୍ୟାପକ କାର୍ଯ୍ୟ କରି ମାସିକ ଶହ ଶହ ଟଙ୍କା ରୋଜଗାର କରୁଥିବା ସ୍ଥଳେ ଓଡ଼ିଆମାନେ ବିଦେଶରେ ଯାଇ ସାମାନ୍ୟ ହେୟ କୁଲି କାର୍ଯ୍ୟ କରୁଛନ୍ତି । ଉନ୍ନତ ସାହିତ୍ୟରେ ପ୍ରଭାବିତ ହେବାର ସୋପାନକୁ ସେମାନେ ଉଠି ପାରୁ ନାହାନ୍ତି, ସେଥିପାଇଁ ଜାତୀୟ ସାହିତ୍ୟର ସମ୍ପ୍ରସାରଣ ହେଉନାହିଁ । ଧୀରେ ଧୀରେ ସାହିତ୍ୟର ଉନ୍ନତି ଅବଶ୍ୟ ଘଟୁଛି, କିନ୍ତୁ ପ୍ରତିବାସୀ ପ୍ରଦେଶମାନଙ୍କ ସହିତ ପ୍ରଗତି ପଥରେ ସେମାନେ ପଛକୁ ପଡ଼ି ରହିଛନ୍ତି ।

ଗୋଟାଏ ବୁଭୁକ୍ଷୁ, ମୁମୂର୍ଷୁ ଜାତିକୁ ବଞ୍ଚାଇ ରଖିବାକୁ ହେଲେ ଯେ ଅନ୍ନସଂସ୍ଥାନର ଆବଶ୍ୟକ ସେଥିରେ ସନ୍ଦେହ ନାହିଁ । କିନ୍ତୁ ଜାତି କେବଳ ଖାଇଲେ ଯେ ଯଥାର୍ଥରେ ବଞ୍ଚି ରହି ପାରିବ ତାହା ନୁହେ । ଜୀବନ କେବଳ ବସ୍ତୁ ଉପରେ ପ୍ରତିଷ୍ଠିତ ହୋଇ ନ ପାରେ । ବସ୍ତୁ ସହିତ ଜୀବନୀ ଶକ୍ତିର କୌଣସି ସମ୍ପର୍କ ନାହିଁ । ବରଂ ଗୋଟାଏ ବିଶାଳ ବୁଭୁକ୍ଷୁ ଜାତିଲାଗି ଆବଶ୍ୟକୀୟ ଅନ୍ନସଂସ୍ଥାନର ବ୍ୟବସ୍ଥା କରିବା ଅସାଧ୍ୟ ତ ନିଶ୍ଚୟ, ଅସମ୍ଭବ ମଧ୍ୟ ହୋଇପାରେ । ଏପରି ଗୋଟାଏ ଅନିଶ୍ଚିତ ଉପାୟରେ ଜାତିକୁ ଉଜ୍ଜୀବିତ କରିବାକୁ ଚେଷ୍ଟା କରିବା ସଙ୍ଗତ ନୁହେ । ବସ୍ତୁରେ ଯାହା ହୋଇ ନ ପାରେ ଭାବ ପକ୍ଷରେ ତାହା କରିବା ସହଜ । ବାସ୍ତବରେ ବସ୍ତୁର କାର୍ଯ୍ୟର ଶେଷ ଯେଉଁଠାରେ ସେହିଠାରେ ହିଁ ଭାବର କ୍ରିୟାର ଆରମ୍ଭ । ବୁଭୁକ୍ଷିତ ଓଡ଼ିଆ ଜାତିକୁ ଉଜ୍ଜୀବିତ କରିବାକୁ ହେଲେ ତାହାର ଜାତୀୟ-ସାହିତ୍ୟ ଗଢ଼ିବାକୁ ହେବ । ଏ ଦେଶର ଆର୍ଯ୍ୟ-ଯୁଗରେ ଯେଉଁ ମନୁଷ୍ୟମାନେ ଉନ୍ନତ ତତ୍ତ୍ୱସବୁ ସୃଷ୍ଟି କରିଛନ୍ତି, ସେମାନେ ଶାକାନ୍ନରେ ଉଦର ପୂର୍ଣ୍ଣ କରୁଥିଲେ । ସଂଯତ ଖାଦ୍ୟ ଓ ସାଧନା ବଳରେ ସେମାନେ ଉନ୍ନତିର ଉଚ୍ଚ ସୋପାନକୁ ନିଜେ ଉଠିଥିଲେ ଓ ଜାତିକୁ ଉଠାଇବାକୁ ପ୍ରଚେଷ୍ଟା କରୁଥିଲେ । ଯାହା ଥରେ ହୋଇଅଛି ତାହା ଯେ ପୁଣି ହୋଇ ପାରିବ ସନ୍ଦେହ ନାହିଁ । ବରଂ ତାହା ଛଡ଼ା ହିଁ ଅନ୍ୟ ଉପାୟ ଅବଲମ୍ବନ କରିବା ବାଞ୍ଛିତ ନୁହେ ।

ସଙ୍ଗୀତର ମଧୁର ସ୍ୱର ନିତାନ୍ତ ବୁଭୁକ୍ଷିତର ପ୍ରାଣକୁ ମଧ୍ୟ ଅନ୍ତତଃ କେତେକ ସମୟ ଲାଗି ଶୀତଳ କରିପାରେ । ଭିଖାରୀମାନେ ଗୀତ ଗାଇ ଭିକ ମାଗି ପ୍ରାଣର କଷ୍ଟ ଦୂର କରନ୍ତି । ସଙ୍ଗୀତ ପରି ସାହିତ୍ୟର ଯେ ପ୍ରଭାବ ଅଛି ତାହା ସ୍ୱୀକାର କରିବାକୁ ହେବ । ଆମ୍ଭମାନଙ୍କୁ ଏପରି ଜାତୀୟ ସାହିତ୍ୟ ତିଆରି କରିବାକୁ ହେବ ଯାହାକି ଜାତୀୟ ବୁଭୁକ୍ଷା ଦୂର କରି ପାରିବ । ବାସ୍ତବରେ ସାହିତ୍ୟ ଜାତିର ଦରିଦ୍ରତାର ଉପଯୋଗୀ ନ ହେବା ଯାଏ ତାହାକୁ ଜାତୀୟ-ସାହିତ୍ୟ ବୋଲିଯାଇ ପାରିବ ନାହିଁ । ଓଡ଼ିଆର ପ୍ରଧାନ ଆଦିକବି ଉପେନ୍ଦ୍ରଭଞ୍ଜଙ୍କ ଲେଖାରେ ଜାତୀୟ ଦରିଦ୍ରତାର ଛାୟା ବିଶେଷ ପଡ଼ିଥିଲା ପରି ଜଣାପଡ଼େ ନାହିଁ । ବରଂ ସମାଜର ସମୃଦ୍ଧି ଓ ଅର୍ଥଶାଳିତା ଭିତରେ ଭଞ୍ଜଙ୍କ ଲେଖନୀ ପରିବର୍ଦ୍ଧିତ ହୋଇଅଛି । ସେଥିପାଇଁ ଜୀବନର ଭୋଗ ବିଳାସର ଚିତ୍ରଣ ସେ ବିଶେଷ ଭାବରେ କରି ପାରିଛନ୍ତି । ପାଞ୍ଚଶ ବର୍ଷ ପୂର୍ବେ ଓଡ଼ିଆ ଜାତି ଯେପରି ପୂର୍ବପୁରୁଷମାନଙ୍କର ସ୍ଥାପତ୍ୟରୁ ଜୀବନୀଶକ୍ତି ଗ୍ରହଣ କରିପାରୁଥିଲା, ବୋଧହୁଏ କବିତାରୁ ମଧ୍ୟ ସେହିପରି ଗ୍ରହଣ କରି ପାରିଥାନ୍ତା । କିନ୍ତୁ ଓଡ଼ିଆର ବିପୁଳତା ବର୍ତ୍ତମାନ ଅତୀତର କଥା । ତଥାପି ବୁଭୁକ୍ଷୁ ଓଡ଼ିଆ ଭଞ୍ଜଙ୍କ ଛାନ୍ଦ ଗାଇ ଜୀବନର ପୂର୍ଣ୍ଣତା ଆଣିବାକୁ ପ୍ରୟାସ କରିଅଛି । ଆଣିବାରେ କେତେ ଦୂର କୃତକାର୍ଯ୍ୟ ହୋଇଅଛି ତାହା ଘୋର ସନ୍ଦେହର ବିଷୟ । ସେଥିପାଇଁ ଭଞ୍ଜଙ୍କ ଛାନ୍ଦ ହେଉ ବା କବିସୂର୍ଯ୍ୟଙ୍କ ଚମ୍ପୂ ହେଉ, ତାହାର ଚର୍ଚ୍ଚା ଉତ୍କଳର ପୁରପଲ୍ଲୀରେ ଲୋପ ପାଇବାକୁ ବସିଲାଣି । ବର୍ତ୍ତମାନ ଯୁଗୋଚିତ ସାହିତ୍ୟର ଲେଖା ଲାଗି ଚିନ୍ତା ଜଗତରେ ବିପ୍ଳବ ଦରକାର । ଉପଯୁକ୍ତ ସାହିତ୍ୟର ସୃଷ୍ଟି ନିମନ୍ତେ ଓଡ଼ିଶାରେ ଯେ ଉପାଦାନ ନାହିଁ ତାହା ନୁହେ, ବରଂ ଆମ୍ଭମାନଙ୍କର ଏହି ସଙ୍କୁଚୀଭୂତ ଜନ୍ମଭୂମି କବିତା ଓ ସାହିତ୍ୟର ନାନା ଉପାଦାନରେ ପରିପୂର୍ଣ୍ଣ । ପାଶ୍ଚାତ୍ୟ କବି କହିଛନ୍ତି "ଜଗତରେ ଦୁଇ ଗୋଟି ସ୍ୱର ଶୁଣାଯାଏ—ଗୋଟିଏ ସମୁଦ୍ରର ସ୍ୱର ଓ ଅପରଟି ପର୍ବତର ଏବଂ ଏହି ଉଭୟ ସ୍ୱର ଉନ୍ମୁକ୍ତିର ବାଟ ଫିଟାଇ ଦିଏ ।" ଉତ୍କଳ ପ୍ରଦେଶ ଏହି ଦୁଇ ପ୍ରକାର ସ୍ୱର ସମ୍ପଦର ଆଶ୍ରୟସ୍ଥଳ । ପୂର୍ବରେ ମହୋଦଧି ଯେପରି ଦିବାନିଶି ମନ୍ଦ୍ର, ଗମ୍ଭୀର ନାଦରେ ଗର୍ଜନ କରୁଅଛି, ପଶ୍ଚିମରେ ସମଗ୍ର ଗଡ଼ଜାତ ଅଞ୍ଚଳରେ ଉତ୍ତୁଙ୍ଗ ପର୍ବତମାଳା ସେହିପରି ବାୟୁମଣ୍ଡଳର ଧ୍ୱନିରେ ଦିବାନିଶି ମୁଖରିତ ହେଉଅଛି । ଏହି ଉଭୟ ସ୍ୱର-ସମ୍ପଦରେ ଓଡ଼ିଆ ଜାତି ସୃଷ୍ଟିର ଆରମ୍ଭରୁ ଉଜ୍ଜୀବିତ ହୋଇ ଆସିଅଛି । ଜାତୀୟ ଉନ୍ମୁକ୍ତି ତାହାରି ଫଳରେ ସମ୍ଭବ ପାରିଛି । ସେଥିପାଇଁ ଓଡ଼ିଆ ସ୍ଥାପତ୍ୟରେ ଯେପରି ଉତ୍କର୍ଷ ଲାଭ କରିଥିଲା, କବିତାରେ ମଧ୍ୟ ଜୀବନର ବିକାଶ ଦେଖାଇବାକୁ ସକ୍ଷମ ହୋଇଥିଲା । ନୋହିଲେ ଭାରତର ଅନ୍ୟାନ୍ୟ ପ୍ରଦେଶରେ ଯେତେବେଳେ ପ୍ରାଦେଶିକ ସାହିତ୍ୟ ଅତି ଅନୁନ୍ନତ ଅବସ୍ଥାରେ ପଡ଼ି ରହିଥିଲା ସେହି ଯୁଗରେ ଉତ୍କଳ ଭୂମିରେ କୋଇଲି, ଗୋପୀଭାଷା ଆଦି ସହଜ, ସରଳ ଅଥଚ ହୃଦୟସ୍ପର୍ଶୀ କବିତା ବାହାରି ନ ଥାନ୍ତା ।

ଆମ୍ଭମାନଙ୍କର ପୂର୍ବପୁରୁଷମାନେ ସାଗର ଓ ଶିଖରୀର ଯେଉଁ ସ୍ୱର ସମ୍ପଦ ସୃଷ୍ଟି କଳାର ସାହାଯ୍ୟରେ ଉନ୍ମୁକ୍ତି ଲାଭ କରିଥିଲେ, ଆଜି ଆମ୍ଭମାନଙ୍କୁ ତାହା ପ୍ରତି ସମଗ୍ର ଜାତିର କାନ ଡାକି ଦେବାକୁ ହେବ ଏବଂ ତାହାର ପ୍ରଭାବରେ ଜୀବନ ଗଢ଼ିବାକୁ ପଡ଼ିବ । ତାହାହେଲେ ଆମ୍ଭମାନଙ୍କର ସମ୍ମୁଖ ଜୀବନ ଅଭାବ, ବୁଭୁକ୍ଷା ରାଜନୈତିକ ଅସମର୍ଥତା ଆଦି ଯେତେ ପ୍ରକାର ନିଗଡ଼ରେ ବନ୍ଧା ହୋଇ ପଡ଼ିଛି, ସେ ସବୁ ଆମ୍ଭେମାନେ ସହଜରେ ଛିଣ୍ଡାଇ ଦେଇ ବହୁକାଳହୃତ ଉନ୍ମୁକ୍ତି ପୁଣି ପାଇ ପାରିବା । ଉତ୍କଳର ପୁର-ପଲ୍ଲୀରେ, ବନ ପ୍ରାନ୍ତରରେ ପ୍ରକୃତିର ଉନ୍ନତ ଲୀଳା ବରାବର ଲାଗିଅଛି । ସେହି ମହାପୁରୀ ଲୀଳା ମଧ୍ୟରେ କେତେବେଳେ ବା ଦୁର୍ଭିକ୍ଷରେ ନରକଙ୍କାଳ ଗୃହଅଙ୍ଗେ ଦେଖାଯାଉଛି, ଆଉ କେତେବେଳେ ବା ଶସ୍ୟ ସମ୍ପଦରେ ବଳୀ କୃଷାଣମାନ ହସିଉଠୁଛି । କିନ୍ତୁ ଉନ୍ନତ



Digitized by srujanika@gmail.com

ସାହିତ୍ୟ ସମ୍ପର୍କ ପୂର୍ଣ୍ଣତା ଓ ସମ୍ପଦର ମୂଲ୍ୟ ଯେତିକି, ଅଭାବ ଓ ଅସ୍ପୃଷ୍ଟିର ଗୁରୁତା ମଧ୍ୟ ଠିକ୍ ସେତିକି। ସୁଖ ଦୁଃଖମୟ ଜୀବନକୁ ଗୋଟାଏ ଜିନିଷ ବୋଲି ଧରିବାକୁ ହେବ। ସୁଖର କବିତା ଯେତେ ମଧୁର, ଦୁଃଖର କବିତାର ମାଧୁର୍ଯ୍ୟ ମଧ୍ୟ ସେତିକି। ସେଥିପାଇଁ ଇଂଲଣ୍ଡ ଆମେରିକା ପ୍ରଭୃତି ଧନଶାଳୀ ରାଜ୍ୟମାନଙ୍କରେ ଜାତୀୟ ସାହିତ୍ୟ ଜୀବନକୁ ଯେତେ ପ୍ରଭାବିତ କରିପାରିବ ଆମ୍ଭମାନଙ୍କର ଏ ଉତ୍କଳ ପରି ଚିର ଅଭାବଗ୍ରସ୍ତ ଭୂମିରେ ସେତିକି କରି ପାରିବ ସନ୍ଦେହ ନାହିଁ। ସେଥିପାଇଁ କେବଳ ଜାତୀୟ-ସାହିତ୍ୟକୁ ଉପଯୁକ୍ତ ଭିତ୍ତି ଉପରେ ଗଢ଼ିବା ଦରକାର। ଦେଶର ସାହିତ୍ୟ ଅନୁଷ୍ଠାନମାନ ଯୁଗେ ଯୁଗେ ଏହି କାର୍ଯ୍ୟ କରିଛନ୍ତି। ଆପଣଙ୍କର ଏହି ଶିଶୁ ସାହିତ୍ୟ ସମାଜକୁ ଠିକ୍ ସେହି ଜାତୀୟ କାର୍ଯ୍ୟ କରିବାକୁ ପଡ଼ିବ।

ଜାତୀୟ ସାହିତ୍ୟର ଅଭିବ୍ୟକ୍ତି ନିମନ୍ତେ ଉପଯୁକ୍ତ ଭାଷାର ପ୍ରୟୋଜନ। ଆମ୍ଭମାନଙ୍କର ପ୍ରାଚୀନ କବିତା ଯେଉଁ ପ୍ରକାର ଭାଷାରେ ଅଭିବ୍ୟକ୍ତ ହୋଇଅଛି, ତାହାର ଉପଯୋଗିତା ବିଷୟରେ କେହି ପ୍ରଶ୍ନ କରିପାରିବେ ନାହିଁ। କିନ୍ତୁ ସେତେବେଳେ ଗଦ୍ୟ ସାହିତ୍ୟ ନ ଥିଲା କହିଲେ ଚଳେ। ଓଡ଼ିଶାରେ ଆଧୁନିକ ଗଦ୍ୟ ସାହିତ୍ୟର ସୃଷ୍ଟି ରାଧାନାଥ ଓ ମଧୁସୂଦନଙ୍କ ସମୟରେ ହୋଇଅଛି। ଉତ୍କଳର ଋଷିପ୍ରତିମ ଶିକ୍ଷାନାୟକ ମଧୁସୂଦନ ନିଜର ଉନ୍ନତ ଜୀବନ ଦ୍ୱାରା ଯେ ଓଡ଼ିଆ ଜାତିକୁ ପ୍ରଭାବିତ କରି ଯାଇଛନ୍ତି ଅସ୍ୱୀକାର କରିବା ଅସମ୍ଭବ। କିନ୍ତୁ ପ୍ରାଣର ଭାବକୁ ସେ ଯେଉଁ ଭାଷାରେ ପ୍ରକାଶ କରିଛନ୍ତି ତାହା ଜାତୀୟ ସମ୍ପଦ ସେତେ ପରିମାଣରେ ବଢ଼ାଇ ପାରି ନାହିଁ; ବରଂ ଆଧୁନିକ ଓଡ଼ିଆ ଗଦ୍ୟ ସାହିତ୍ୟ ତାହାର ପ୍ରଭାବରେ ବହୁ ପରିମାଣରେ ସୌନ୍ଦର୍ଯ୍ୟ ଓ ଶକ୍ତିହୀନ ହୋଇ ପଡ଼ିଛି। ବିଦ୍ୟାଳୟମାନଙ୍କରେ ପଢ଼ା ଯାଉଥିବା ପାଠ୍ୟ ପୁସ୍ତକ ଶିଶୁମାନଙ୍କର ଉଦୀୟମାନ ପ୍ରାଣକୁ ପୂର୍ଣ୍ଣମାତ୍ରାରେ ପ୍ରଭାବିତ କରି ପାରିନାହିଁ। ଓଡ଼ିଶାର ଜାତୀୟ-ଜୀବନ ପକ୍ଷରେ ଏହି କ୍ଷତିର ପରିମାଣ ନିତାନ୍ତ ସାମାନ୍ୟ ନୁହେ। କୋମଳମତି ଛାତ୍ର ଓ ଛାତ୍ରୀମାନଙ୍କର ପାଠ୍ୟ ପୁସ୍ତକର ଭାଷା ସରଳ, ସୁନ୍ଦର ଓ ସୁବୋଧ ନ ହେଲେ ତାହାଦ୍ୱାରା ଭବିଷ୍ୟତ ସାହିତ୍ୟ-ସୌଧର ମୂଳଭିତ୍ତି ଗଢ଼ା ଯାଇ ପାରିବ ନାହିଁ। ସାହିତ୍ୟ ପ୍ରତି ଶିଶୁ ପ୍ରାଣରେ ଆଦର ଓ ଆଗ୍ରହ ଜନ୍ମାଇ ନ ପାରିଲେ ଜାତୀୟ-ସାହିତ୍ୟର ସୃଷ୍ଟି ଯେପରି ଅସମ୍ଭବ, ଜାତୀୟ-ଜୀବନର ଗଠନ ମଧ୍ୟ ସେହିପରି ସୁଦୂର ପରାହତ।

ବିଦ୍ୟାଳୟର ପାଠ୍ୟ ପୁସ୍ତକର ମୂଳ୍ୟ ଜାତି-ଗଠନ ସମ୍ପର୍କରେ ଯେତେ ଅଧିକ ହେଉ ପଛକେ ତାହା ପ୍ରତି ସମାଜର ଦୃଷ୍ଟି ଯେତେ ପଡ଼ିବା ଉଚିତ ସେତେ ପଡ଼ି ପାରି ନାହିଁ, ବଡ଼ବଡ଼ ଲେଖକ ସେଥିପ୍ରତି ବିଶେଷ ଆସ୍ଥା ମଧ୍ୟ ଦେଖାଇ ନାହାନ୍ତି। କିନ୍ତୁ ସାଧାରଣ ପାଠକ-ମାନଙ୍କ ନିମନ୍ତେ ଓଡ଼ିଶାରେ ପ୍ରତି ବର୍ଷ ଅନେକ ବହି ବାହାରୁଛି। ବୋଧହୁଏ ଓଡ଼ିଆ ଭାଷାରେ ପ୍ରକାଶିତ ପୁସ୍ତକମାନଙ୍କର ବାର୍ଷିକ ସଂଖ୍ୟା ଭାରତର ଅନ୍ୟାନ୍ୟ ପ୍ରଦେଶର ତୁଳନାରେ ନିତାନ୍ତ ହେୟ ନୁହେ। 'ଶାଶୁ ବୋହୂ କଳି', 'ଦିଅର ଭାଉଜ ରହସ୍ୟ,' 'ସଙ୍ଗୀତ-ରସାବଳୀ' ଆଦି ଏକ ପଇସା ମୂଲ୍ୟର ଛୋଟ ଛୋଟ ପୁସ୍ତିକାମାନଙ୍କଠାରୁ ଆରମ୍ଭ କରି 'ପୂର୍ଣ୍ଣଚନ୍ଦ୍ର ଭାଷା କୋଷ' ପରି ବହୁ ମୂଲ୍ୟ ଓ ବିଶାଳ ଗ୍ରନ୍ଥ-ମାନ ପ୍ରକାଶିତ ହେଉଛି। କିନ୍ତୁ ସେ ମଧ୍ୟରୁ ଅଧିକାଂଶ ଯେ ସାହିତ୍ୟ ଭଣ୍ଡାରର ରତ୍ନମଧ୍ୟରେ ପରିଗଣିତ ହୋଇ ପାରିବ ନାହିଁ ତାହା ସମସ୍ତେ ଜାଣନ୍ତି। ଆଧୁନିକ ଲେଖାମାନଙ୍କରେ କେତେକ ପରିମାଣରେ ସ୍ୱେଚ୍ଛାଚାରିତା ଦେଖାଯାଉଛି ବୋଲି ଅନେକେ କହିଥାନ୍ତି। ଆଧୁନିକ ଯୁଗର ଗୋଟାଏ ପ୍ରଭାବ ଲୋକଙ୍କ ପ୍ରାଣରେ ଯେପରି, କବିର ଲେଖନୀ ଉପରେ ମଧ୍ୟ ସେହିପରି ପଡ଼ୁଅଛି। ଆଜିକାଲି ଲୋକେ ଚିର ପ୍ରଚଳିତ ଶୃଙ୍ଖଳା ଲୋଡ଼ୁ ନାହାନ୍ତି। ସେଥିପାଇଁ ପରାଧୀନ ଜାତି ସ୍ୱାଧୀନ ହେବାକୁ ପ୍ରୟାସ କରୁଅଛି। ଶାସନ ପଦ୍ଧତି ଭାଙ୍ଗି ଲୋକେ ଅରାଜକତା ସୃଷ୍ଟି କରିବାକୁ ଲୋଡ଼ୁଛନ୍ତି। ଏପରି କି ସାମାଜିକ ବନ୍ଧନ ମଧ୍ୟ ଅନେକଙ୍କ ପ୍ରତି କ୍ରମେ ଅସହ୍ୟ ହୋଇ ଉଠୁଛି। ତାହାର ଫଳରେ ବହୁ କାଳ ପ୍ରଚଳିତ ବାଲ୍ୟ-ବିବାହ ଦଣ୍ଡନୀୟ ହୋଇଅଛି। ଭାରତର ଶାସ୍ତ୍ର-ପ୍ରସିଦ୍ଧ ନାରୀ ବ୍ରହ୍ମଚାରିଣୀ ବିଧବା ପ୍ରଣୟର ସରସତା କାମନା କରୁ-ଅଛି। ମୋଟ ଉପରେ ସାଧାରଣ ଜୀବନରେ ଯେପରି, ସାହିତ୍ୟ କ୍ଷେତ୍ରରେ ମଧ୍ୟ ସେହିପରି ଲୋକେ ପ୍ରଚଳିତ ଶୃଙ୍ଖଳା ଓ ବନ୍ଧନ ଚାହୁଁ ନାହାନ୍ତି। ଫଳରେ ସାହିତ୍ୟର ଭାଷାରେ ପ୍ରାଚୀନ ଗଠନ କେତେକ ପରିବର୍ତ୍ତନ ଲାଭ କରିଅଛି। ଅନ୍ୟ ଭାଷାର ଶବ୍ଦମାନ ଓଡ଼ିଆରେ ସ୍ଥାନ ପାଉଅଛି। ଏପରି କି ଆଦି ଭାଷା ସଂସ୍କୃତ ସହିତ ଯାହାର କୌଣସି ପ୍ରକାର ସମ୍ପର୍କ ନାହିଁ ସେହିପରି ବୈଦେଶିକ ଭାଷା ଇଂରେଜିର ଶବ୍ଦମାନ ଲେଖକମାନେ ଅବିକଳ ଓଡ଼ିଆରେ ବସାଇ ଦେଉଛନ୍ତି। ଅନୁକରଣର ମାତ୍ରା ଏତେ ବଢ଼ିଅଛି ଯେ ଲେଖକମାନେ ଅନ୍ୟ ଭାଷାର ବ୍ୟବହୃତ ପଂକ୍ତିମାନଙ୍କର ଅର୍ଥ ସମ୍ପୂର୍ଣ୍ଣ ନ ବୁଝି ଓଡ଼ିଆ ସାହିତ୍ୟରେ ବ୍ୟବହାର କରୁଛନ୍ତି। ଉଦାହରଣ ସ୍ୱରୂପ କୁହାଯାଇ ପାରେ ଯେ କୌଣସି କବି ବେଲ ଫୁଲର ସୌରଭ ବଙ୍ଗ ସାହିତ୍ୟରୁ ଆଣି ଓଡ଼ିଆ ସାହିତ୍ୟ ଉଦ୍ୟାନରେ ଆରୋପ କରିଛନ୍ତି। ଏ ସବୁ ଯେ ଭାଷାର ଅପବ୍ୟବହାର ଓ ସାହିତ୍ୟିକ ରୁଚିର ଉଚ୍ଛୃଙ୍ଖଳତା ସେଥିରେ ସନ୍ଦେହ ନାହିଁ। କିନ୍ତୁ ଯେତେ ଦିନ ସାହିତ୍ୟର ଉନ୍ନତ ଆଦର୍ଶ ଲେଖକ ଓ ପାଠକମାନଙ୍କୁ ସମାନ ଭାବରେ ପ୍ରଭାବିତ ଓ ଅନୁପ୍ରାଣିତ କରିପାରି ନାହିଁ ତେତେ ଦିନ ଏପରି ସାହିତ୍ୟର ବ୍ୟଭିଚାର ଘଟିବା ଅବଶ୍ୟମ୍ଭାବୀ।

ସାହିତ୍ୟର ଭାଷା ବିଷୟରେ ଆଲୋଚନା କରିବା ବେଳେ ଆଉ ଗୋଟିଏ ବିଷୟର ଉଲ୍ଲେଖ ଛାଡ଼ି ଦେବା ସଙ୍ଗତ ନୁହେ। ସାହିତ୍ୟର ଭାଷା କଅଣ ହେବା ଉଚିତ ସେ ବିଷୟରେ ଆପଣଙ୍କ ସମାଜର ପୂର୍ବ ସଭାପତିମାନଙ୍କ ମଧ୍ୟରୁ କେହି ଜଣେ ସୂଚନା ଦେଇ ପାଇଛନ୍ତି। ଗ୍ରାମ୍ୟ, ଅପଭ୍ରଂଶ ଶବ୍ଦ ସାହିତ୍ୟରେ ସ୍ଥାନ ପାଇବା ଉଚିତ ନୁହେ ବୋଲି ତାଙ୍କର ମତ। ଏ ମତ ଯେ କେବଳ ସେ ବ୍ୟକ୍ତ କରିଛନ୍ତି ତା ନୁହେ, ଏହା ଓଡ଼ିଶାର ସାଧାରଣ ପ୍ରଚଳିତ ମତ। 'ମୁଁ ଯାଉଅଛି' ନ କହି 'ମୁଁ ଗମନ କରୁଅଛି' କହିଲେ ଶୁଦ୍ଧ



Digitized by srujanika@gmail.com

ସାହିତ୍ୟ ଲେଖାଯାଏ ବୋଲି ପ୍ରାୟ ସମସ୍ତେ କହିଥାନ୍ତି । ବିଦ୍ୟାଳୟର ପାଠ୍ୟ ପୁସ୍ତକମାନଙ୍କରେ ଏହିପରି ଭାଷା ଦେଖାଯାଏ । 'ମୁଁ ଯାଉ-ଅଛି' ବୋଲି ଲେଖିଲେ ସେଥିରେ ପାଠ୍ୟ ଆଉ କ'ଣ ରହିଲା ? ପିଲା ତ ପଢ଼ିବା ମାତ୍ରେ ବୁଝିଗଲା । ସେଥିପାଇଁ ବିଦ୍ୟାଳୟ ବା ଶିକ୍ଷକର ଆବଶ୍ୟକ ରହିଲା ନାହିଁ । "ମୁଁ ଗମନ କରୁଅଛି" ଭାଷା ସାଧାରଣ ପିଲା ପ୍ରତି ଅବୋଧ୍ୟ । ଶିକ୍ଷକ ବୁଝାଇଦେଲେ ସେ ତାହାର ଅର୍ଥ ବୁଝିବ । ସାହିତ୍ୟରେ ମଧ୍ୟ ସେହି ପନ୍ଥାର ଅନୁସରଣ ନ କଲେ ଉପଯୁକ୍ତ ସାହିତ୍ୟ ହୋଇ ପାରିବ ନାହିଁ ବୋଲି ଲୋକେ ଧରି ନେଉଛନ୍ତି । ଗ୍ରାମ୍ୟ, ଅପଭ୍ରଂଶ ଶବ୍ଦରେ ସାଧାରଣତଃ କଥାବାର୍ତ୍ତା କରାଯାଏ । ସାଧାରଣ କଥାବାର୍ତ୍ତା ତ ସାହିତ୍ୟ ନୁହେ । ସେଥିପାଇଁ ଗ୍ରାମ୍ୟ କିମ୍ବା ଅପଭ୍ରଂଶ ଭାଷାରେ ଲିଖିତ ବିଷୟ ସାହିତ୍ୟର ଅଂଶୀଭୂତ ହେବ କିପରି ? ଏ ପ୍ରକାର ଭାଷା ବାଦ୍ ଦେବାଦ୍ୱାରା ସାହିତ୍ୟ ସରଳ ହୋଇ ନ ପାରେ । ବାସ୍ତବରେ କଠିନ ଲେଖାକୁ ଯେତେ ସହଜରେ ସାହିତ୍ୟ ମନେ-କରାଯାଏ ସରଳ, ସହଜ, ସୁବୋଧ୍ୟ ଭାଷାରେ ଲିଖିତ ବିଷୟକୁ ସଚରାଚର ସେପରି ମନେ କରାଯାଏ ନାହିଁ । ମଧୁସୂଦନଙ୍କ "ଜୀବନ ଚିନ୍ତା" କବିତା ରୂପେ ବିଦ୍ୟାଳୟର ପାଠ୍ୟ ପୁସ୍ତକ-ମାନଙ୍କରେ ଉଚ୍ଚ ସ୍ଥାନ ପାଇଅଛି । କୋଇଲି, ଗୋପୀଭାଷା ପ୍ରଭୃତି ଶିକ୍ଷା ବିଭାଗ ଅନୁମୋଦିତ ବିଦ୍ୟାଳୟମାନଙ୍କରେ ଆଉ ପଢ଼ା-ଯାଉ ନାହିଁ । ପ୍ରକୃତରେ କହିବାକୁ ଗଲେ ଯେଉଁ ଲେଖାର ଭାଷା ଯେତେ କଠିନ ତାହାକୁ ହିଁ ସେତେ ଉନ୍ନତ ଧରଣର ସାହିତ୍ୟ ବୋଲି ଧରାଯାଏ । ଭଞ୍ଜ-ସାହିତ୍ୟ ବୁଝିବା ନିମନ୍ତେ କେବଳ ଅଭିଧାନର ସାହାଯ୍ୟ ଯଥେଷ୍ଟ ନୁହେ, ସେଥିପାଇଁ କର୍ଷଣର ପ୍ରୟୋଜନ । ମୋଟ ଉପରେ ସାହିତ୍ୟର ଆଦର୍ଶ ଭିନ୍ନ ଆକାର ଧାରଣ କରିଅଛି । ଗଦ୍ୟ ସାହିତ୍ୟ ଯେ ସବୁବେଳେ ସହଜ-ଭାଷାରେ ଲେଖାଯାଇ ପାରିବ ତାହା ନୁହେ । ବିଷୟର ପ୍ରକୃତି ଦୃଷ୍ଟିରେ ଭାଷା ସହଜ ବା କଠିନ ହୋଇପାରେ । ଦର୍ଶନତତ୍ତ୍ୱ, ଅର୍ଥନୀତି ପ୍ରଭୃତି ବିଷୟମାନ ନିତାନ୍ତ ସହଜ, ସରଳ, ଗ୍ରାମ୍ୟ, ଅପଭ୍ରଂଶ ଭାଷାରେ ସବୁବେଳେ ପ୍ରକାଶ କରାଯାଇ ପାରିବ କି ନା ସନ୍ଦେହ । କିନ୍ତୁ କବିତାର ଭାଷା ଯେ ସରଳ ନୋହିଲେ ନ ଚଳେ ଏ କଥା ପ୍ରତ୍ୟେକ କବିଙ୍କୁ ମନେ ରଖିବାକୁ ହେବ । କବିତାର ଗୁରୁତ୍ୱ ଭାଷାରେ ନୁହେ—ଭାବର ମହତ୍ତ୍ୱରେ ପର୍ଯ୍ୟବସିତ । ଅତି ସହଜ, ସରଳ ଭାଷାରେ ହୃଦୟର ଉନ୍ନତ ଭାବ ପ୍ରକାଶିତ ହୋଇପାରେ । ପାଶ୍ଚାତ୍ୟ କବି ତାହାର ଜ୍ୱଳନ୍ତ ପ୍ରମାଣ । ପ୍ରାଚୀନ ଓଡ଼ିଆ ସାହିତ୍ୟରେ ମଧ୍ୟ ଏ ଶ୍ରେଣୀର ସାହିତ୍ୟର ଅଭାବ ନାହିଁ । କେତେକ ଆଧୁନିକ ଲେଖକ ନିଜର ଲିଖିତ ପଦ୍ୟ ଅତି ସହଜ ସରଳ ଭାଷାରେ ଲେଖିଯାଇଛନ୍ତି । ପାଠକ କବିତାର ମାଧୁର୍ଯ୍ୟ ଉପଭୋଗ କରି ନ ପାରିଲେ କବିତା ପାଠ ନିରର୍ଥକ । ରସ ଉପଭୋଗ କରିବା ନିମନ୍ତେ ଅତ୍ୟଧିକ ଶ୍ରମ ସ୍ୱୀକାର କରିବାକୁ ପଡ଼ିଲେ ଶ୍ରମକ୍ଲେଶ ତୁଳନାରେ ରସର ମୂଲ୍ୟ କମିଯାଏ । ଓଡ଼ିଶା ପରି ଦରିଦ୍ର ଦେଶରେ ଜାତୀୟ-ସାହିତ୍ୟ କେବଳ ସରଳ, ସୁବୋଧ ନ ହେଲେ ତାହାଦ୍ୱାରା ଜାତୀୟ କଲ୍ୟାଣ ସମ୍ଭବପର ହୋଇ ପାରିବ ନାହିଁ ।

ଓଡ଼ିଶାରେ ଗଦ୍ୟ ସାହିତ୍ୟର ପରିମାଣ ଅତି ଅଳ୍ପ । ଦର୍ଶନ, ରାଜନୀତି, ଅର୍ଥନୀତି ପ୍ରଭୃତି ବିଷୟରେ ସାହିତ୍ୟର ସୃଷ୍ଟି ଏ ପର୍ଯ୍ୟନ୍ତ ହୋଇ ନାହିଁ । ପୃଥିବୀର ସବୁ ଉନ୍ନତ ଦେଶର ସାହିତ୍ୟ ଉପନ୍ୟାସ ଦ୍ୱାରା ପୁଷ୍ଟ । ଓଡ଼ିଶାରେ ଉପନ୍ୟାସ ଅତି ଅଳ୍ପ ଅଛି । ଉପନ୍ୟାସର ସ୍ଥାନ ସାହିତ୍ୟ କ୍ଷେତ୍ରରେ ନିତାନ୍ତ ସାମାନ୍ୟ ନୁହେ । ଉପଯୁକ୍ତ ଉପନ୍ୟାସ ରଚନା ଦ୍ୱାରା ଜାତି ଗଠନରେ ଯେ ବିଶେଷ ସହାୟତା ହୁଏ ତାହା ସ୍ୱୀକାର କରିବାକୁ ହେବ । ସେଥିପାଇଁ ଅନେକ ଧର୍ମପରାୟଣ ଜନନାୟକ ସାହିତ୍ୟିକ ଉପନ୍ୟାସର ଆଶ୍ରୟରେ ଜାତିକୁ ଗଢ଼ିବା ପ୍ରୟାସ କରି ଯାଇଛନ୍ତି । ଜାତି-ଗଠନ-କ୍ଷମ ଉପନ୍ୟାସ ଓଡ଼ିଶାରେ ନାହିଁ କହିଲେ ଚଳେ । ସେହିପରି ମଧ୍ୟ ଓଡ଼ିଆ ସାହିତ୍ୟରେ ଉପଯୁକ୍ତ ଭଲ ଭଲ କାବ୍ୟର ମାତ୍ରା ଅତି ଅଳ୍ପ । କବିତା ବହିର୍ମୁଖୀ ହେବା ଦରକାର । କାବ୍ୟ ଉପନ୍ୟାସର ପଦ୍ୟଗତ ଅଭିବ୍ୟକ୍ତି । ସେହିପରି ଗଦ୍ୟରେ ଯେ ଭଳି କ୍ଷୁଦ୍ର ଗଳ୍ପ ଲେଖାଯାଇ ପାରେ ପଦ୍ୟରେ ମଧ୍ୟ କବିତା ଆକାରରେ ତାହାର ବିକାଶ ସମ୍ଭବପର । ଅନ୍ୟାନ୍ୟ ଅନେକ ଭାଷାରେ ଭଲ ଭଲ ଗଳ୍ପ-ପଦ୍ୟମାନ ଅଛି । ଓଡ଼ିଆରେ ଗଳ୍ପ-ପଦ୍ୟ ସଂଖ୍ୟା ଆଙ୍ଗୁଠି ଅଗରେ ଗଣି ହେବ । ଭାବମୟ କବିତା ଆଜିକାଲି ଅନେକେ ଲେଖୁଛନ୍ତି । ବୈଷ୍ଣବ କବିତା ଭାବମୟ ଅଟେ । କିନ୍ତୁ ଏ ଶ୍ରେଣୀର କବିତାର ଭାବକୁ ନିତାନ୍ତ ଅବୋଧ କରି ପକାଇବା ପ୍ରେରଣା ଆଧୁନିକ ନୂତନ ଲେଖକମାନଙ୍କ ଭିତରେ ଅନେକେ ଅନୁଭବ କରିବାର ଦେଖା ଯାଉଅଛି ।

ଆଧୁନିକ ଓଡ଼ିଆ ସାହିତ୍ୟରେ ଆଉ ଗୋଟାଏ ବିଶେଷତ୍ୱ ଦେଖାଯାଏ । ତାହା ପ୍ରକାଶ୍ୟ ଅନୁବାଦ ଓ ଅପ୍ରକାଶ୍ୟ ଅନୁକରଣ । ଅପ୍ରକାଶ୍ୟ ଅନୁକରଣ ସାହିତ୍ୟ ଜଗତରେ ଯୁଗେ ଯୁଗେ ନିନ୍ଦିତ ହୋଇଅଛି । ସରଳ ଭାଷାରେ ତାହାକୁ ଲୋକେ ସାହିତ୍ୟ ଚୌର୍ଯ୍ୟ ଆଖ୍ୟା ଦେଇଥାନ୍ତି । ଯେଉଁ କବି ଅପର କବିଙ୍କର ଲେଖା ଅନୁକରଣ କରି ନିଜ ଭାଷାରେ ପ୍ରକାଶ କରନ୍ତି ଅଥଚ ତାହା ସ୍ୱୀକାର କରିବାକୁ ପ୍ରସ୍ତୁତ ନୁହନ୍ତି, ତାଙ୍କ ଲେଖାଦ୍ୱାରା ସାହିତ୍ୟର କଳେବର ଯେପରି ସୁପୁଷ୍ଟ ହୋଇ ପାରିବ ନାହିଁ, ଜାତୀୟ-ଜୀବନ ମଧ୍ୟ ସେହିପରି ପ୍ରଭାବିତ ହେବା ଅସମ୍ଭବ । କିନ୍ତୁ ସାହିତ୍ୟ-ଜଗତରେ ଅନୁବାଦର ଉଚ୍ଚ ସ୍ଥାନ ଅଛି । ଯୁଗେ-ଯୁଗେ ଭଲ ଭଲ ଲେଖାର ଅନୁବାଦଦ୍ୱାରା ନାନା ଦେଶର ଜାତୀୟ ସାହିତ୍ୟ ପରିପୁଷ୍ଟ ହୋଇଅଛି । ଏ ପ୍ରକାର ବିଶେଷତ୍ୱ ଛଡ଼ା ଓଡ଼ିଆ ସାହିତ୍ୟରେ ଆଉ ଗୋଟିଏ ବିଭାବ ବହୁଳ ମାତ୍ରାରେ ଲକ୍ଷିତ ହୁଏ । ତାହା ନିକୃଷ୍ଟ ଲେଖା । ଓଡ଼ିଆ ସାହିତ୍ୟରେ ପ୍ରତି ବର୍ଷ ଏପରି ଅନେକ ପୁସ୍ତକ ପ୍ରକାଶ ପାଉଛି, ଯାହାର ସାହିତ୍ୟିକ ମୂଲ୍ୟ ନିତାନ୍ତ ହୀନ ନୋହିଲେ ସୁଦ୍ଧା ସାହିତ୍ୟର ଶ୍ରୀବୃଦ୍ଧିରେ ବିଶେଷ ସହାୟତା କରୁ ନାହିଁ । ଏ ପ୍ରକାର ଲେଖା ଆବଶ୍ୟକ ନୁହେ ବୋଲି ଅନେକଙ୍କର

ମତ । କିନ୍ତୁ ତାହା ସମ୍ପୂର୍ଣ୍ଣ ଠିକ୍ ନୁହେ । ବର୍ତ୍ତମାନ ଯୁଗରେ ବଡ଼ ବଡ଼ ସହରମାନଙ୍କରେ ବହୁ ମୂଲ୍ୟ କୋଠା ଘରମାନ ଆକାଶ-ଭିତରକୁ ମୁଣ୍ଡ ଟେକି ଠିଆ ହୋଇ ରହିଛି । ତାହା ଭିତରେ ଆସବାବ୍‌ମାନ ସୁସଜ୍ଜିତ ହୋଇ ରଖାଯାଇଛି, ବିଜୁଳି ଆଲୁଅ ଜଳୁଛି, ହାସ୍ୟରୋଳ ଫୁଟି ଉଠୁଛି, ଆନନ୍ଦର ଢେଉ ଖେଳି ବୁଲୁଛି । କିନ୍ତୁ ସେହି ସବୁ ମୂଲ୍ୟବାନ୍ କୋଠାଘରର ମୂଳପତ୍ତନ ଖୋଲି ଦେଖିଲେ ଦେଖାଯିବ ଯେ କେଉଁଠାରେ ପୁରୁଣା ଭଙ୍ଗା ଖପରା, କେଉଁଠାରେ ମଲା ଜନ୍ତୁଙ୍କର ସଡ଼ା ଗୁନ୍ଧିଲା ମାଂସ, କେଉଁଠାରେ ବା ଅନ୍ୟାନ୍ୟ ନାନା ପ୍ରକାରର ଆବର୍ଜନା ପୋତି ରହିଛି । ସେହି କୋଠା ଘରମାନଙ୍କର ତଳେ ଦିନେ ହୁଏ ତ ଗୋଟାଏ ଗୋଟାଏ ପୋଖରୀ ଥିଲା । କାଳକ୍ରମେ ମ୍ୟୁନିସିପାଲିଟି ଆବର୍ଜନାରେ ତାହା ପୋତା ଯାଇ ଉପରେ ପକ୍କା ଘର ତିଆରି ହୋଇଅଛି । ସେହି ଆବର୍ଜନା ସ୍ତୂପ ଉପରେ କୋଠାଘରର ଭିତ୍ତି ଗଢ଼ା ହୋଇ ନ ଥିଲେ ଘରର ଅସ୍ତିତ୍ୱ ସମ୍ଭବପର ହୁଅନ୍ତା ନାହିଁ । ସେହିପରି ରମଣୀୟ ଜାତୀୟ-ସାହିତ୍ୟ ସୌଧ ଗଢ଼ିବାକୁ ହେଲେ ତାର ମୂଳ ଭିତ୍ତି ଅନେକ କ୍ଷେତ୍ରରେ ଆବର୍ଜନା ସ୍ତୂପ ଉପରେ ବସାଇବାକୁ ହେବ । ତଳେ ଲୁଚି ରହିଥିବା ପଦାର୍ଥ ଗୁଡ଼ିକ ଅସୁନ୍ଦର, ଅପ୍ରିୟ ହୋଇପାରେ, କିନ୍ତୁ ପ୍ରତ୍ୟେକଟିର କିଛି କିଛି ମୂଲ୍ୟ ଅଛି । ପ୍ରତ୍ୟେକ ଲେଖା ଯେତେ ନିକୃଷ୍ଟ, ସାମାନ୍ୟ ହେଉ ପଛକେ ଜାତୀୟ-ସାହିତ୍ୟର ମହା ସୌଧ ଗଢ଼ିବାରେ ତାହା ଯେ ଗୋଟିଏ ଆବଶ୍ୟକୀୟ ଅନିର୍ବାର୍ଯ୍ୟ ଉପାଦାନ ସେଥିରେ ସନ୍ଦେହ ନାହିଁ ।

ଜାତୀୟ ଧନ ଭଣ୍ଡାର ଗଢ଼ିବାରେ ଯେପରି ଲୋକନିର୍ବିଶେଷରେ କି ଧନୀ, କି ଦରିଦ୍ର, କି ପୁରୁଷ, କି ସ୍ତ୍ରୀ, କି ପିଲା, କି ବୁଢ଼ା, ପ୍ରତ୍ୟେକ ଲୋକ ତାର ସାମାନ୍ୟ ବ୍ୟକ୍ତିଗତ ଅଂଶ ଯୋଗାଏ ଜାତୀୟ ସାହିତ୍ୟ-ସୌଧ ଗଢ଼ିବାରେ ମଧ୍ୟ ସେହିପରି ଜାତିର ପ୍ରତ୍ୟେକ ବ୍ୟକ୍ତିବିଶେଷର ଭାଗ ଅଛି । ସାହିତ୍ୟ ଗଠନ କରିବା ନିମନ୍ତେ ଅବସରଭୋଗୀ ଲୋକଙ୍କର ଆବଶ୍ୟକ ବୋଲି ଗୋଟାଏ ବଦ୍ଧ ଧାରଣା ଅଛି । କିନ୍ତୁ ସେ ଧାରଣା ଯେ ଏକାବେଳକେ ଠିକ ତା ନୁହେ । ମନର ଭାବ ଭାଷାରେ ବ୍ୟକ୍ତ କରିବା ମନୁଷ୍ୟର ଧର୍ମ । ପ୍ରତି ଦିନ ପ୍ରତ୍ୟେକ ଲୋକ ତାହା ହିଁ କରୁଅଛି । ଅର୍ଥାତ୍ ଭାଷାନ୍ତରରେ କହିବାକୁ ଗଲେ ପ୍ରତି ମୁହୂର୍ତ୍ତରେ ପୃଥିବୀର ସବୁଆଡ଼େ ସାହିତ୍ୟ ତିଆରି ହେଉଅଛି । ସେ ସବୁ ଲିପିବଦ୍ଧ ନୋହି ଥିବାରୁ ଯଥାର୍ଥ ସାହିତ୍ୟ ଆଖ୍ୟା ପାଉନାହିଁ । ଲିପିବଦ୍ଧ ହେଲେ ମଧ୍ୟ ପ୍ରତ୍ୟେକ କଥିତ ବିଷୟ ଯେ ସାହିତ୍ୟ ଭଣ୍ଡାରର ସଞ୍ଚୟଯୋଗ୍ୟ ରତ୍ନ ହୋଇ ପାରନ୍ତା ତା ନୁହେ । କିନ୍ତୁ ତାହା ନ ହେଲେ ସୁଦ୍ଧା ସାହିତ୍ୟର ଉପାଦାନ ସେ ମଧ୍ୟରେ ନିହିତ ଅଛି ସନ୍ଦେହ ନାହିଁ । ସାହିତ୍ୟର ଆଲୋଚନା ନିମନ୍ତେ ଯେତେ ପରିମାଣ ଅବସର ଦରକାର ତାହା ପ୍ରାୟ ପ୍ରତ୍ୟେକ ଲୋକ ଭାଗ୍ୟରେ ଘଟୁଅଛି । ଅବସର ଅଭାବର ଦୋହାଇ ଦେଇ ବଡ଼ ବଡ଼ ମନୀଷୀମାନେ ଯଦି ସାହିତ୍ୟ ପଠନରୁ ବିରତ ହେଉଥାନ୍ତେ ତାହାହେଲେ ଅନ୍ୟାନ୍ୟ ଦେଶର କଥା ଛାଡ଼ିଦିଅ, ଆମ ଏହି ଛୋଟିଆ ଓଡ଼ିଶା ପ୍ରଦେଶର 'ଚିଲିକା,' 'ମହାଯାତ୍ରା,' 'ନିର୍ଝରିଣୀ,' 'ଅବସର-ବାସରେ' ପ୍ରଭୃତି ମୂଲ୍ୟବାନ୍ ରତ୍ନଗୁଡ଼ିକ ପାଇବାରୁ ସାହିତ୍ୟ ବଞ୍ଚିତ ହୋଇଥାନ୍ତା । ଧନୀ ଦରିଦ୍ର ନିର୍ବିଶେଷରେ ପ୍ରତ୍ୟେକ ସାହିତ୍ୟର କଳେବର ବଢ଼ାଇ ପାରନ୍ତି । ଏପରି କି ପ୍ରତି ଦିନ ମୁଣ୍ଡ ଝାଳ ତୁଣ୍ଡରେ ମାରି ଯେଉଁ କୁଲି ମଜୁରିଆ ଦୁଇ ଅଣା ରୋଜଗାରରେ ନିଜର ଓ ପରିବାରବର୍ଗର ପେଟ ପୋଷୁଛି ସେ ମଧ୍ୟ ସାହିତ୍ୟ ଲେଖିପାରେ । ପୃଥିବୀରେ ଏହାର ଅନେକ ବଡ଼ ବଡ଼ ଦୃଷ୍ଟାନ୍ତ ରହିଛି । ବିଲାତର ପ୍ରଧାନ କବି ଗୋଲ୍ଡସ୍ମିଥ ସମୟରେ ବେହେଲା ବଜାଇ ଭିକ ମାଗି ପେଟ ପୋଷୁ ଥିଲେ । ବଡ଼ ବଡ଼ ଲୋକଙ୍କ ଭୋଜିବେଳେ ମୁଠାଏ ବଳକା ଅନ୍ନ ପାଇବାକୁ ନାକେଇ ରହୁଥିଲେ । ଓଡ଼ିଶାରେ ମଧ୍ୟ ଚିନ୍ତାମଣି, ଗଙ୍ଗାଧର ଆଦି କେତେକ ସାହିତ୍ୟ-ସେବୀମାନେ ନାନା ଅଭାବରେ ନିଷ୍ପୀଡ଼ିତ ହୋଇ ବାଣୀଦେବୀଙ୍କର ଆରାଧନା କରି ଯାଇଛନ୍ତି । ବରଂ ଧନୀ ଓ ଅବସରଭୋଗିମାନଙ୍କ ଅପେକ୍ଷା ଦରିଦ୍ର କର୍ମକ୍ଲିଷ୍ଟ-କ୍ଳାନ୍ତ ବ୍ୟକ୍ତିଙ୍କ ଦ୍ୱାରା ସାହିତ୍ୟ ଲେଖା ଅଧିକ ହୋଇପାରେ । ସେଥିପାଇଁ ସରସ୍ୱତୀ ଧନଦେବୀ ଲକ୍ଷ୍ମୀଙ୍କର ସପତ୍ନୀରୂପେ କଳ୍ପିତ ହୋଇଛନ୍ତି । "ବିନାଶ୍ରୟେ ନ ବର୍ତ୍ତନ୍ତେ କବିତା ବନିତା ଲତା" ଲେଖିଥିବା ବ୍ୟକ୍ତି ବାସ୍ତବରେ କବି ନ ଥିବେ । ଯେଉଁ କବିର ପ୍ରାଣ ଭାବରେ ଉଚ୍ଛୁଳି ଉଠେ ତାରେ ସେ କେବେ ଆଶ୍ରୟ ଲୋଡ଼ିବ ନାହିଁ ଏବଂ ବନିତା ବା ଲତା ପରି ଆଶ୍ରୟକାମୀ ବ୍ୟକ୍ତି ହୁଏ ତ ଅନେକ ଗ୍ରନ୍ଥ ଲେଖିପାରେ, କିନ୍ତୁ କବିଆଖ୍ୟା ପାଇବାକୁ କଦାପି ଅର୍ହ ନୁହେ । ସବୁଠାରେ ଦେଖାଯାଏ ଯେ ନିଜ ଗୋଡ଼ରେ ଠିଆ ହେଉଥିବା ଲୋକେ ହିଁ ଭଲ ସାହିତ୍ୟିକ ଓ କବି । ପୃଥିବୀର ସବୁଠାରୁ ବଡ଼ କବି ସେକସ୍‌ପିଅର ଯୌବନରେ କଂସେଇଖାନାରେ ଚାକିରି କରି ନିଜର ଭାବୀ କବି ପ୍ରତିଭା ଗଢ଼ିଥିଲେ । ଏତେ ଦୂର ଯିବା କାହିଁକି, ଆପଣମାନେ ଉତ୍କଳବାଣୀଙ୍କର ଆରାଧନା ନିମନ୍ତେ ଏହି ଯେ ସାହିତ୍ୟ ସମାଜ ଏଠାରେ ଗତ ତିନି ବର୍ଷ ଚଳାଇଲେଣି ତାହା ଯେ କାହାରି ଆଶ୍ରୟରେ ଚଳାଉ ନାହାନ୍ତି ସେ କଥା ସମାଜର ଆର୍ଥିକ ପରିସ୍ଥିତିରୁ ସ୍ପଷ୍ଟ ବୁଝା ଯାଉଅଛି । ଏଠାରେ ଲତା ହୋଇ ଅପର ଉପରେ ମାଡ଼ିବାକୁ ଚେଷ୍ଟା କରିଥିଲେ ଆପଣମାନେ ସମଗ୍ର ମୟୂରଭଞ୍ଜ ରାଜ୍ୟର ବିଶାଳ ପ୍ରତିବନ୍ଧି-ତରୁ ପାଇ ପାରିଥାନ୍ତେ, ସେଥିରେ ଆପଣମାନଙ୍କର ସମାଜ-ଲତା ମାଡ଼ି ଅବଶ୍ୟ ବଢ଼ି ପାରନ୍ତା; ମାତ୍ର ବାଣୀ ଆରାଧନା ହୁଅନ୍ତା ନାହିଁ । ସାହିତ୍ୟ-ସେବାରେ ଧନୀ ଦରିଦ୍ରଙ୍କର ସମାନ ଭାଗ ଅଛି ବୋଲି ମୁଁ କହି ପାଇଅଛି । କିନ୍ତୁ ଧନୀ ଉପରେ ଦରିଦ୍ର ନିର୍ଭର କରିବା କଥା ନାହିଁ । ବାଣୀ-ଦେବୀଙ୍କର ମନ୍ଦିରକୁ କିଏ ମୂଲ୍ୟବାନ ପଦ୍ମଗୋଲାପ ନେଇ ଆସିବ ତ ଆଉ କିଏ ସାମାନ୍ୟ କିଂଶୁକକରବୀ ଧରି ଉପସ୍ଥିତ ହେବ । ଧନୀ ଧନରେ ଯେପରି ପୂଜା କରି ପାରନ୍ତି ଦରିଦ୍ର ଭକ୍ତ ମଧ୍ୟ ଭାବରେ ଠିକ୍ ସେହିପରି କରି ପାରେ ।

ଓଡ଼ିଶାରେ ସାହିତ୍ୟର କଳେବର ବଢ଼ାଇବା ଲାଗି ନାନା କ୍ଷେତ୍ରରେ ଲୋକେ ଯେ ଚେଷ୍ଟା କରୁ ନାହାନ୍ତି ତା ନୁହେ । କିନ୍ତୁ ଫଳ କାହିଁକି ଆଶାନୁରୂପ ହେଉନାହିଁ । ଉତ୍କୃଷ୍ଟ ଧରଣର



Digitized by srujanika@gmail.com

ଲେଖା ଅତି ଅଳ୍ପ ବାହାରୁଛି । ତାହାର ଗୋଟିଏ ବଡ଼ କାରଣ, ଆମ୍ଭେମାନେ ପ୍ରତିଯୋଗିତାରେ ପାରି ଉଠୁ ନାହୁଁ । କୌଣସି ଦରିଦ୍ର ଦେଶକୁ ବାଣିଜ୍ୟ ସମ୍ପର୍କରେ ନିଜ ଗୋଡ଼ରେ ଠିଆ ହେବାକୁ ହେଲେ ସମଗ୍ର ପୃଥିବୀ ସହିତ ସ୍ୱାଧୀନ ପ୍ରତିଯୋଗିତାରେ ପଶିବା ଯଥାର୍ଥ ବାଟ ନୁହେ ବୋଲି ଧନବିଜ୍ଞାନ-ପଣ୍ଡିତମାନେ କହନ୍ତି । ଧନ ଜଗତରେ ଯେପରି ସାହିତ୍ୟ ଜଗତରେ ମଧ୍ୟ ଠିକ ସେହିପରି ସଂରକ୍ଷଣ ନୀତିର ପ୍ରୟୋଜନ । ଓଡ଼ିଆ ସାହିତ୍ୟର ଶ୍ରୀବୃଦ୍ଧିରେ ଗୋଟିଏ ନିରବଚ୍ଛିନ୍ନ ଅନ୍ତରାୟ ହେଉଛି, ପାର୍ଶ୍ୱବର୍ତ୍ତୀ ବଙ୍ଗୀୟ ସାହିତ୍ୟର ଦୈନନ୍ଦିନ ପ୍ରତିଯୋଗିତା । ଓଡ଼ିଆ ଭାଷା ସହିତ ବଙ୍ଗ ଭାଷାର ଏତେ ସାମଞ୍ଜସ୍ୟ ଅଛି ଯେ ତାହା ଦେଖି ବଙ୍ଗୀୟ ପଣ୍ଡିତମାନେ ଗତ ଶତାବ୍ଦୀର ଶେଷ ଭାଗରେ ଓଡ଼ିଆ ସ୍ୱତନ୍ତ୍ର ଭାଷା ନୁହେ ବୋଲି ଘୋଷଣା କରିଥିଲେ । ଓଡ଼ିଆ ପରିବର୍ତ୍ତିରେ ଓଡ଼ିଶାରେ ବଙ୍ଗଭାଷା ପ୍ରଚୁର ଆରମ୍ଭ ହୋଇଥିଲା । ଓଡ଼ିଆ ଭାଷାକୁ ଲୋପ କରି ବଙ୍ଗ ଭାଷା ଚଳାଇବା ଲାଗି ସେତେବେଳେ ଯେଉଁ ଚେଷ୍ଟାର ସୂତ୍ରପାତ ହୋଇଥିଲା, ତାହା ସଫଳ ହୋଇଥିଲେ ଆମ୍ଭମାନଙ୍କର ଭାଷା ଓ ସାହିତ୍ୟଗତ ସ୍ୱାତନ୍ତ୍ର୍ୟ ଅବଶ୍ୟ ଲୋପ ପାଇଥାନ୍ତା । କିନ୍ତୁ ସାହିତ୍ୟ ଯେ ସାମାଜିକ ଜୀବନ ଓ ଜାତୀୟ ଅନୁପ୍ରାଣତା ଗଢ଼ିବାରେ ସାହାଯ୍ୟ କରେ ସେଥିରୁ ଆମ୍ଭେମାନେ ବର୍ତ୍ତମାନ ଯେତେ ପରିମାଣରେ ବଞ୍ଚିତ ହୋଇଅଛୁଁ, ତାହା ହୁଏତ ହୋଇ ନ ଥାନ୍ତା । ଚଣ୍ଡୀଦାସ, ବିଦ୍ୟାପତିଙ୍କ ପରି ଉପେନ୍ଦ୍ରଭଞ୍ଜ, ସାରଳାଦାସ, ଦୀନକୃଷ୍ଣ, ଅଭିମନ୍ୟୁ ପ୍ରଭୃତି ଓଡ଼ିଆ ସାହିତ୍ୟର ବଡ଼ ବଡ଼ କବିମାନେ ଆଜି ପ୍ରାଚୀନ ବଙ୍ଗୀୟ ସାହିତ୍ୟିକ ରୂପେ ସମ୍ବର୍ଦ୍ଧିକ ପୂଜା ପାଉଥାନ୍ତେ । କିନ୍ତୁ ତାହା ଯେତେବେଳେ ଓଡ଼ିଆ ଭାଷାରକ୍ଷାର ଦୁର୍ବଳ ସମୟରେ ହୋଇ ପାରି ନାହିଁ, ଆଉ ହେବା ଅସମ୍ଭବ । ବର୍ତ୍ତମାନ ଏହି ଓଡ଼ିଆ ସାହିତ୍ୟ-ଶିଶୁକୁ ବାହ୍ୟିକ ପ୍ରତିଯୋଗିତାରୁ ରକ୍ଷା କରିବାକୁ ହେବ । ଯୁକ୍ତିଯୁକ୍ତ ଭାବରେ ସଂରକ୍ଷଣ ନୀତିର ଆଶ୍ରୟ ନ ନେଲେ ଶିଶୁ ଅବସ୍ଥାରେ ଓଡ଼ିଆ ସାହିତ୍ୟ ଯେ ବଞ୍ଚି ରହି ବଢ଼ି ପାରିବ, ମୋର ତାହା ମନେ ହେଉନାହିଁ ଓ ଆପଣମାନେ ବୁଝୁଥିବେ । ସାହିତ୍ୟ-ପାଠ ବିଷୟରେ ଆମ୍ଭେମାନେ ଶାସନଗତ ସ୍ୱାତନ୍ତ୍ର୍ୟ ସତ୍ତ୍ୱେ ବଙ୍ଗଦେଶର ଅଙ୍ଗୀଭୂତ ହୋଇ ଯାଇଅଛୁଁ କହିଲେ ଚଳେ । ସାହିତ୍ୟ ଚର୍ଚ୍ଚା ଲାଗି ମନୁଷ୍ୟସୁଲଭ ବାସନା ଯେ ଆମ୍ଭମାନଙ୍କ ହୃଦୟରେ ଅଛି ତାହାର ପରିତୃପ୍ତି ଲାଗି ଆମ୍ଭେମାନେ ଯେତେ ଦିନ ବଙ୍ଗ ଭାଷାରେ ଲିଖିତ ପୁସ୍ତକର ଆଶ୍ରୟ ନେବା, ସେତେ ଦିନ ଓଡ଼ିଆ ସାହିତ୍ୟ ଏହିପରି ହୀନ ଦରିଦ୍ର ଅବସ୍ଥାରେ ପଡ଼ି ରହିଥିବ । ସେଥିପାଇଁ ବର୍ତ୍ତମାନ ଗୋଟିଏ ସମଗ୍ର ଉତ୍କଳବ୍ୟାପୀ ଚେଷ୍ଟା, ସାଧନା ଓ ସଙ୍ଗଠନର ପ୍ରୟୋଜନ । ଏଥିରେ ଆମ୍ଭମାନଙ୍କର ଅନ୍ୟ ସାହିତ୍ୟ ବା ଭାଷା ପ୍ରତି ବିଦ୍ୱେଷ ନାହିଁ; କେବଳ ରହିଛି ଆମ୍ଭମାନଙ୍କର ନିଜ ଭାଷା ଓ ସାହିତ୍ୟର ରକ୍ଷା ଲାଗି ସଂକଳ୍ପ ।

ଓଡ଼ିଶାରେ ଅନେକ ଲେଖକ ଅଭିଯୋଗ କରନ୍ତି ଯେ ସେମାନଙ୍କ ବହି ବିକ୍ରୀ ହେଉନାହିଁ । ଏ ଅଭିଯୋଗ ଅମୂଳକ ନୁହେ । 'ଚିଲିକା' ପରି ଅମୂଲ୍ୟ କାବ୍ୟ ବର୍ଷରେ ପାଞ୍ଚଶ ଖଣ୍ଡ ବିକ୍ରୀ ହେଉଥିବ କି ନା ସନ୍ଦେହ । ଏପରି ଅବସ୍ଥାରେ ଲୋକେ ସାହିତ୍ୟ ଚର୍ଚ୍ଚା କରିବାକୁ ଯିବେ କାହିଁକି ? ସମୟ ଥିଲା ଯେତେବେଳେ କି କବି ନିଜ ପ୍ରାଣର ଉଚ୍ଛ୍ୱାସ ଭାଷାରେ ପ୍ରକାଶ କରି ଲିହା ଲେଖନ ସାହାଯ୍ୟରେ ତାଳପତ୍ର ପୋଥିରେ ଲେଖିବା ରୂପ ବହୁ କଷ୍ଟସାଧ୍ୟ କାର୍ଯ୍ୟ କରୁଥିଲେ । ଆଉ ଯେ କିଏ ତାହା ପଢ଼ିବେ ସେ ଲାଗି ଚେଷ୍ଟା ନ ଥିଲା । କବିତା-ରସ-ମାଧୁର୍ଯ୍ୟ କବି ନିଜେ ଅନୁଭବ କରୁଥିଲେ ଏବଂ ଏହା ଯେଉଁ କବି କରି ନ ପାରନ୍ତି ଶାସ୍ତ୍ରକାର ତାଙ୍କୁ କବି ଆଖ୍ୟା ଦେବାକୁ ନାରାଜ । ବର୍ତ୍ତମାନ ପୃଥିବୀର ଅବସ୍ଥା ସବୁବେଳେ ବଦଳି ଯାଇଛି । ସମୟୋପଯୋଗୀ ଉପାୟ ଅବଲମ୍ବନ ନ କଲେ ଆମ୍ଭମାନଙ୍କୁ ପଛରେ ପଡ଼ି ରହିବାକୁ ପଡ଼ିବ । ସାହିତ୍ୟ-ସେବା ଯେ କେତେ ଲୋକଙ୍କର ଉପାର୍ଜନ ଉପଯୋଗୀ ବ୍ୟବସାୟ ହେବ ସେଥିରେ ସନ୍ଦେହ ନାହିଁ । କିନ୍ତୁ ଓଡ଼ିଶାର ବର୍ତ୍ତମାନ ପରିସ୍ଥିତିରେ ଏହା ସମ୍ଭବପର ନୁହେ । ଏକେ ଓଡ଼ିଆଭାଷୀ ଲୋକଙ୍କ ସଂଖ୍ୟା ଅଳ୍ପ । ତାପରେ ପୁଣି ଆମ୍ଭମାନଙ୍କ ଦେଶ ଦରିଦ୍ର । ଅଧିକ ଗୋଟିଏ କାରଣ ଯେ ସେଥିରେ ପୁଣି ବାହାରର ପ୍ରତିଯୋଗିତା ଅଛି । ଏ ସବୁ ଦୃଷ୍ଟିରେ ସାହିତ୍ୟିକମାନଙ୍କର ଲଭ୍ୟ ଉତ୍ପାଦର ପରିମାଣ ଯେ ସମ୍ବର୍ଦ୍ଧିକ ହେବା ସମ୍ଭବପର ନୁହେ ତାହା ବେଶ ବୁଝା ଯାଉଅଛି । ଆମ୍ଭମାନଙ୍କର ଦୁର୍ଭାଗ୍ୟକୁ ଅନେକ ଓଡ଼ିଆଭାଷୀ ଅଞ୍ଚଳ ଓଡ଼ିଶା ବାହାରେ ଅନ୍ୟାନ୍ୟ ପ୍ରଦେଶରେ ଭିନ୍ନ ପ୍ରତିଯୋଗୀ ଭାଷା ଓ ସାହିତ୍ୟମାନଙ୍କ ପ୍ରଭାବ ତଳେ ରହିଯାଇଛି । ଏହାର କି ପ୍ରତିକାର ଅଛି, ରାଜନୀତିଜ୍ଞମାନେ ସ୍ଥିର କରିପାରନ୍ତି । କିନ୍ତୁ ସାହିତ୍ୟ ଦିଗରୁ ସମ୍ମିଳିତ ଉଦ୍ୟମ ଛଡ଼ା ଆଉ କିଛି ଦେଖାପାଉ ନାହିଁ । ଏ ସମ୍ପର୍କରେ ପ୍ରବାସୀ ବଙ୍ଗୀୟ ସାହିତ୍ୟରୁ ଆମ୍ଭେମାନେ ଉଜ୍ଜ୍ୱଳ ଦୃଷ୍ଟାନ୍ତ ପାଇ ପାରିବା । ବଙ୍ଗ ବାହାରେ ଭିନ୍ନ ଭିନ୍ନ ଅଞ୍ଚଳରେ ଯେଉଁଠାରେ ବଙ୍ଗୀୟମାନେ ଉପାର୍ଜନ ସୂତ୍ରରେ ରହିଛନ୍ତି, ସେଠାରେ ସାହିତ୍ୟର ଆଲୋଚନା କରନ୍ତି ବଙ୍ଗୀୟ-ସାହିତ୍ୟ-ପରିଷଦର ଶାଖାମାନ ସ୍ଥାପିତ ହୋଇଅଛି । ଯେ ଉପାୟଦ୍ୱାରା ଅନ୍ୟାନ୍ୟ ସାହିତ୍ୟର ଅଂଶ ପୁଷ୍ଟି ହେଉଅଛି ତାହା ଆମ୍ଭେମାନେ ଫିଙ୍ଗି ଦେଇ ପାରିବା ନାହିଁ । ଓଡ଼ିଶାର ବିଚ୍ଛିନ୍ନ ଅଞ୍ଚଳମାନ ଆମ୍ଭମାନଙ୍କର ଗୋଟିଏ ସମସ୍ୟା ଥିଲା । ବର୍ତ୍ତମାନ ଆଉ ଗୋଟିଏ ସମସ୍ୟାର ସୃଷ୍ଟି ହୋଇଅଛି ।

ଗଡ଼ଜାତ ରାଜ୍ୟଗୁଡ଼ିକ ଚିର କାଳ ସରସ୍ୱତୀଙ୍କର ଗୋଟିଏ ଗୋଟିଏ ସୁଦୃଢ଼ ଦୁର୍ଗ । ସେ ଦୁର୍ଗଗୁଡ଼ିକ ମଧ୍ୟ ବିଦେଶୀ ଶାସନର ବିଭାଜନୀ ନୀତିରେ କ୍ରମେ ଅକାମ୍ୟ ହେବାକୁ ବସିଲାଣି । କିନ୍ତୁ ସେଥିରେ ଆମ୍ଭେମାନେ ବିଚଳିତ ବା ଲକ୍ଷ୍ୟଭ୍ରଷ୍ଟ ହେଲେ ଚଳିବ ନାହିଁ । ସକଳ ପ୍ରକାର ବାଧାବିଘ୍ନ ଅତିକ୍ରମ କରି ଓଡ଼ିଶାର ପ୍ରତ୍ୟେକ ଅଞ୍ଚଳରୁ ଆବଶ୍ୟକୀୟ ପୂଜା ସାମଗ୍ରୀ ସଂଗ୍ରହ କରି ଉତ୍କଳ ସରସ୍ୱତୀଙ୍କର ଆରାଧନା କରିବାକୁ ହେବ । ଓଡ଼ିଶାର ଯେଉଁ ଶିଳାଲିପିମାଳାର କବିତା-ସ୍ତର କଥା ମୁଁ ପୂର୍ବରୁ କହୁଛି ତାହା ଓଡ଼ିଆର ଜାତୀୟ-ସାହିତ୍ୟର ଗୋଟିଏ ଅମୂଲ୍ୟ, ଅଚ୍ଛେଦ୍ୟ,



Digitized by srujanika@gmail.com

ଅପରିହାର୍ଯ୍ୟ ଉପାଦାନ । ସେହି ଉପାଦାନ ବ୍ୟତୀତ ସାହିତ୍ୟର ଯେ ଅଙ୍ଗହାନି ଘଟିବ ତାହା ନୁହେଁ, ତାହାର ଲୋପ ଅବଶ୍ୟମ୍ଭାବୀ ହୋଇପଡ଼ିବ । ଆପଣମାନେ ଏ କଥା ବୁଝି ନ ଥିଲେ, ପୂର୍ବରୁ ଯାହା କରିଥାନ୍ତୁ ପଛକେ ଗଡ଼ଜାତ ରାଜ୍ୟମାନଙ୍କର ନୂତନ ଶାସନ ବ୍ୟବସ୍ଥା ସୂତ୍ରପାତ ପରେ ଏ ତିନି ବର୍ଷ ଭିତରେ ଏହି ସାହିତ୍ୟ ସମାଜର ସୃଷ୍ଟି କରି ନ ଥାନ୍ତେ । ସାହିତ୍ୟର ଶ୍ରୀବୃଦ୍ଧି ସାଧନ କରିବା ଆବଶ୍ୟକ ବୋଲି ସମସ୍ତେ ଯେପରି ବୁଝନ୍ତି, ଆପଣମାନେ ତାଠାରୁ ଅଧିକ ବୁଝିଛନ୍ତି । ଓଡ଼ିଆ ସାହିତ୍ୟରେ ଗୋଟାଏ ଜିନିଷର ପ୍ରୟୋଜନୀୟତା ମୁଁ ବହୁ କାଳ ହେଲା ଅନୁଭବ କରିଆସୁଛି । ଓଡ଼ିଶାର ପତ୍ରିକାରେ ଲେଖକମାନଙ୍କୁ ଉତ୍ସାହ ଦେବାଲାଗି ଇଉରୋପର ନୋବେଲ ପ୍ରାଇଜ ଢଙ୍ଗରେ ଆମ୍ଭମାନଙ୍କର ଗୋଟିଏ ବାର୍ଷିକ ପୁରସ୍କାର ସୃଷ୍ଟି କରିବା ଦରକାର । ଓଡ଼ିଶାର ଆର୍ଥିକ ଅବସ୍ଥା ଦୃଷ୍ଟିରେ ତାହା ୪ । ୫ ହଜାର ଟଙ୍କା ହେଲେ ସୁଦ୍ଧା ଯଥେଷ୍ଟ ହେବ ବୋଲି ମୋର ମନେହୁଏ । ଓଡ଼ିଶାର ଅଭାବ ତ ବହୁମୁଖୀ; ନାନା ଦିଗରେ, ଉଦାହରଣ ସ୍ୱରୂପ ଶିକ୍ଷା, ଶିଳ୍ପାଦି ଜାତୀୟ ଉନ୍ନତିକର ଅନୁଷ୍ଠାନମାନଙ୍କରେ ଘୋର ଅଭାବ ରହିଥିବା ସ୍ଥଳେ, ଏପରି ଗୋଟାଏ ଅପରୀକ୍ଷିତ କାର୍ଯ୍ୟରେ ଯେ ଅର୍ଥବ୍ୟୟ ସମୀଚୀନ ହେବ ଅନେକେ ସନ୍ଦେହ କରି ପାରନ୍ତି । କିନ୍ତୁ ଜାତୀୟ ସାହିତ୍ୟର ସୃଷ୍ଟି ଉପରେ ଯେ ଜାତିର ସମୂହ ଗଣ-ଶିକ୍ଷା ନିର୍ଭର କରେ ଏ କଥା କ'ଣ ଅସ୍ୱୀକାର କରିଯାଇ ପାରିବ ? ସେଥିପାଇଁ ସାହିତ୍ୟର ଶ୍ରୀବୃଦ୍ଧି ସାଧନ ନିମନ୍ତେ ଏପରି ଗୋଟାଏ ଅପ୍ରଚଳିତ ଉପାୟ ଅବଲମ୍ବନ କଲେ ଆଶାନୁରୂପ ଫଳ ହେବ ବୋଲି ମୋର ଧାରଣା । ଯେ ଉପାୟ ହେଉ ପଛକେ, ସବଳ ଭାବରେ ନାନା ଦିଗରେ ସ୍ୱାର୍ଥରେ ଜଳାଞ୍ଜଳି ଦେଇ ତାହା ଅବଲମ୍ବନ କରିବାକୁ ହେବ । ଆମ୍ଭମାନଙ୍କର ଆତ୍ମବଳ ହିଁ ମୁକ୍ତିର ପନ୍ଥା । ପ୍ରକୃତ ପକ୍ଷେ "ନାୟମାତ୍ମା ବଳହୀନେନ ଲଭ୍ୟଃ ।"

# ଅଭିନନ୍ଦନ*

## ଶ୍ରୀ ମହେଶ୍ୱର ନାୟକ

ସଂଘବଦ୍ଧ ସାହିତ୍ୟ ସାଧନାର ପୁଣ୍ୟକାମ ପରିଣତି ଆମ୍ଭମାନଙ୍କର ଏଇ ଦରିଦ୍ର ଦେଶରେ ନାନା ଭାବରେ ପରିହତ । ଆମ୍ଭମାନଙ୍କର ଏହି ସାହିତ୍ୟ ସମାଜର ଶିଶୁ-ଭାଲପଟରେ ସୁଦ୍ଧା ସେହିପରି ନାନା ଘାତ ପ୍ରତିଘାତର ନିଷ୍କରୁଣ ଅଭିନୟ ଘଟି ଚାଲିଅଛି । ଶୋକାନ୍ତ ହେଉ ସୁଖାନ୍ତ ହେଉ ଫଳ ସେଇ ଅନିର୍ଦ୍ଦିଷ୍ଟ ଭବିଷ୍ୟତ୍ ଗର୍ଭରେ । ତିନୋଟି ବର୍ଷର କ୍ଷୀଣରୁ କ୍ଷୀଣତର ଜୀବନୀ-ସ୍ପନ୍ଦନ ଘେନି ସମାଜ ଆଜି ଚତୁର୍ଥ ବର୍ଷର ଫଗୁଣ ପ୍ରଭାତରେ ଆଖି ମେଲିଛି କେବଳ ଆପଣମାନଙ୍କର କର-କମଣ୍ଡଳରୁ କରୁଣା-ବାରିବର୍ଷଣ ଦେଖିବାକୁ,—ଆପଣମାନଙ୍କୁ ଆଶାର କଥା ଶୁଣାଇବାକୁ ନୁହେଁ, ଆପଣମାନଙ୍କ ଆଶୀର୍ବାଣୀ ଘେନି ଅନୁପ୍ରାଣିତ ହେବାକୁ—ଯଦି ଆପଣମାନଙ୍କ ବାଣୀ-ଉପାସନାର ଧାରା ଦେଖି ନିଜ ଶିଥିଳ ରକ୍ତ ପ୍ରବାହ ଦ୍ରୁତତର କରିପାରିବ । ଏହି ଶିଶୁ ସମାଜର ଦୀନ ଅଭିନନ୍ଦନ ଗ୍ରହଣ କରନ୍ତୁ ।

ଆଜି ସମେତ ଏହି ସାହିତ୍ୟ ସମାଜର ତିନୋଟି ବାର୍ଷିକ ଅନୁଷ୍ଠାନ ସମାହିତ ହୋଇଗଲା । ସମାଜର ପରିକଳ୍ପନା ବେଳେ କେହି ହୁଏ ତ ଆଶା କରି ନ ଥିଲେ ଏପରି ଭାବରେ ଏ ସମାଜ ଗଢ଼ି ଉଠିବ ବୋଲି । ଉଦ୍ୟୋକ୍ତାଙ୍କ ମୂଳ ଉଦ୍ଦେଶ୍ୟ ଥିଲା ନିର୍ଜନ ପ୍ରକୋଷ୍ଠରେ ବସି ଅଧ୍ୟୟନ ବା ସାହିତ୍ୟିକ ଆଲୋଚନାରେ ସମୟ ଯାପନ କରିବା । ବର୍ଷକରେ ଥରେ ହେଉ ପଛକେ ପ୍ରାକୃତିକ ଉତ୍କଳର ସୁଖ୍ୟାତ ବାଣୀସେବିମାନଙ୍କର କଳକଣ୍ଠରେ ଏହି ଅବହେଳିତ ମେଘାସନ କୁଞ୍ଜ ଏପରି ଭାବରେ ଧ୍ୱନିତ ହେବାର ମୂଳରେ ଅଛି କେବଳ ସେଇମାନଙ୍କର ଦୟା, ଯେଉଁମାନେ ଶ୍ରମ, କ୍ଲାନ୍ତି ଓ ଅସୁବିଧାମାନ ସ୍ୱୀକାର କରି ଏଠି ସେମାନଙ୍କର ଉପସ୍ଥିତିର ସୁଯୋଗ ଦେଇଛନ୍ତି ଓ ଦେଉଛନ୍ତି । ସୁଧୀବର୍ଗ ! ଆଜିର ଏ ଦୀନ ଆୟୋଜନ ବା ଅନାୟୋଜନ ଦେଖି ଯଦି ହତାଶ ହୁଅନ୍ତି, ତେବେ ଶିଶୁର ଶିଶୁତ୍ୱ ସ୍ମରଣ କରି କ୍ଷମା ଦେବେ । ଶିଶୁ ଲୋଡ଼େ ସହାନୁଭୂତି, ପ୍ରବୀଣ ହାତର ପ୍ରତିପାଳନ । ଆପଣମାନଙ୍କ ଯଥୋଚିତ ଅଭ୍ୟର୍ଥନାର ତ୍ରୁଟି ଆପଣମାନଙ୍କ ଅପେକ୍ଷା ବେଶୀ ଅନୁଭବ କରୁଛୁଁ ଆମ୍ଭେମାନେ; ବିଶେଷତଃ ଯେତେବେଳେ ସମାଜର ସ୍ଥାୟୀ ସଭାପତି ଭକ୍ତିଭାଜନ ଶ୍ରୀଯୁକ୍ତ ଦିବ୍ୟସିଂହ ପାଣିଗ୍ରାହୀ ପାରିବାରିକ ଅସୁସ୍ଥତା ନିବନ୍ଧନ ଦୂରରେ ଅବସ୍ଥାନ କରୁଥିବାରୁ ଆପଣମାନଙ୍କ ଅଭ୍ୟର୍ଥନାରେ ଯୋଗ ଦେବାକୁ ଅକ୍ଷମ ହୋଇଛନ୍ତି । ନିଜ ଗୁଣରେ ଏସବୁ ତ୍ରୁଟି ଓ ଅଭାବ ଅଭିଯୋଗ ମାର୍ଜନା କରି ସମାଜର ସ୍ଥାୟିତ୍ୱ ପାଇଁ ଆପଣମାନଙ୍କର ଏଇ ଉଦାର ସହାନୁଭୂତି ଅକ୍ଷୁଣ୍ଣ ରଖିଲେ ଆମ୍ଭେମାନେ ଆମ୍ଭମାନଙ୍କର ଏ କ୍ଷୁଦ୍ର ଅନୁଷ୍ଠାନ ସହ ଚିରକୃତଜ୍ଞ ରହିବୁଁ ।

* ବାରିପଦା ସାହିତ୍ୟ ସମାଜର ୩ୟ ବାର୍ଷିକ ଅଧିବେଶନରେ ପଠିତ ।



Digitized by srujanika@gmail.com

ଲତା ପରି କବିତା ମଧ୍ୟ ଆଶ୍ରୟ ଅନ୍ୱେଷଣ କରେ; ଆମ ଦେଶ ତ ସର୍ବାଦୌ ଦରିଦ୍ର । ଆମର ବାଗ୍‌ଦେବୀ ତେଣୁ ଚିରଦିନ ଲକ୍ଷ୍ମୀଙ୍କ ମୁଖାପେକ୍ଷିଣୀ । ସୁଖର କଥା ଭଞ୍ଜ-ରାଜଲକ୍ଷ୍ମୀଙ୍କ ବୈଭବପୂର୍ଣ୍ଣ କୋଷାଗାର ବାଣୀଙ୍କ ସେବାରେ ଦିନେ ହେଲେ ରୁଦ୍ଧ ହୋଇ ନାହିଁ । ଆଧୁନିକ ଉତ୍କଳ-ସାହିତ୍ୟର ଜନ୍ମଦାତା ଯେଉଁମାନେ, ସେହି ମନୀଷୀମାନଙ୍କର ସାହିତ୍ୟ ଚର୍ଚ୍ଚାର ପଥ ବହୁ ପରିମାଣରେ ସୁଗମ କରିଛି 'ଅବିରତ ଦାନବାରି ସିଞ୍ଚିତ' ଭଞ୍ଜ କୋଷାଗାର, କହିଲେ ଅତ୍ୟୁକ୍ତି ହେବ ନାହିଁ । ସେ ଯୁଗର ଏକତମ ଶ୍ରେଷ୍ଠ ପତ୍ରିକା 'ଉତ୍କଳ ପ୍ରଭା' ଆଧୁନିକ ଉତ୍କଳର ମୁଖ୍ୟ ସାହିତ୍ୟ ପୀଠ 'ଉତ୍କଳ ସାହିତ୍ୟ ସମାଜ' ଏବଂ ବିରାଟ 'ପୂର୍ଣ୍ଣଚନ୍ଦ୍ର ଭାଷାକୋଷ'—ଏଗୁଡ଼ିକ ଭଞ୍ଜ ବଂଶର ସାହିତ୍ୟ-ପ୍ରୀତିର କ୍ଷୁଦ୍ର ନିଦର୍ଶନ ନୁହେଁ । ଅଧିକ ଆଶାର କଥା ଯେ 'ଉତ୍କଳ ପ୍ରଭା'ର ଅସ୍ତମିତ ଦୀପ୍ତିର ପୁନରୁଦ୍ଧାର ପାଇଁ ନବୀନ 'ଭଞ୍ଜପ୍ରଦୀପ' ଶିଖା ତୋଳିଛି ଆମ୍ଭମାନଙ୍କ ବିଦ୍ୟୋତ୍ସାହୀ ମହାରାଜା ସାର୍ ପ୍ରତାପଚନ୍ଦ୍ର ଭଞ୍ଜ ଦେବ କେ. ସି. ଆଇ. ଇ. ଙ୍କ ବହୁମୁଖୀ ଆନୁକୂଲ୍ୟରେ । ସେହି ମହାରାଜଙ୍କୁ ପୃଷ୍ଠପୋଷକରୂପେ ରଖି ଦିନେ ଅରୁଣରଶ୍ମିରେ ଉଦ୍ଭାସିତ ହେବାର ଆଶା ପୋଷଣ ଏ ସମାଜ କରେ ।

ଉତ୍କଳ ଆଜି ନିଃସ୍ୱ, ଦରିଦ୍ରତମ । ବିରାଟ ଅଭାବମାନ ତାକୁ ଯେପରି ବିଭିନ୍ନ ଦିଗରେ ଗ୍ରାସ କରି ବସିଛି, ତାର ସାହିତ୍ୟ ଯେ ମୁଣ୍ଡ ଟେକି ରହିଛି ଏଇ ଢେର । ସାହିତ୍ୟିକ ଅନୁଷ୍ଠାନ କହନ୍ତୁ ବା ବା ପତ୍ର ପତ୍ରିକା କହନ୍ତୁ, ସମସ୍ତଙ୍କୁ ଏହି ପ୍ରତିକୂଳ ପରିସ୍ଥିତିରେ ତୀବ୍ର ଜୀବନ-ସଂଗ୍ରାମ କରିବାକୁ ପଡ଼ିଛି ଓ ପଡ଼ୁଛି । ଫଳତଃ ଗୋଟିକ ପରେ ଆଉ ଗୋଟିକର ଉଦୟ ଓ ବିଲୟ ଦେଖି ନିତାନ୍ତ ଆଶାୟୀ ପ୍ରାଣରେ ସୁଦ୍ଧା ଗଭୀର ନୈରାଶ୍ୟ ଛାୟା ବିସ୍ତାର କରେ । ଦୁଃସ୍ଥ ସମ୍ପାଦକ, ଦୁଃସ୍ଥତର ଲେଖକ ଓ ସର୍ବୋପରି ଦୁଃସ୍ଥତମ ପାଠକ ସବୁ ଦିନେ ଚିତ୍କାର କରି ଆସିଛି, ଉତ୍କଳରେ ଗୋଟାଏ ପତ୍ରିକା ନାହିଁ ଯାହା ପ୍ରତିବେଶୀ ସାହିତ୍ୟର ଗୋଟାଏ ହେଲେ ପତ୍ରିକା ସଙ୍ଗେ ତାଳ ଦେଇ ଚାଲିବ । ନିରପେକ୍ଷ ଦର୍ଶକ ଏସବୁ ଦେଖି ଭାବିବାର ଅବକାଶ ସୁଦ୍ଧା ପାଏ ନାହିଁ, ଏ ସାହିତ୍ୟ ପଛରେ ଗୋଟାଏ ବିରାଟ ଉଜ୍ଜ୍ୱଳ ଅତୀତ ଛିଡ଼ା ଅଛି ।

ଆଜି ଆମର ଗର୍ବ, ଆମ ଅତୀତ ସହସ୍ର କଳା ଚେତନ ମହିମାମୟ ଓ ଆମ ଭାଷାର ସମ୍ପୃକ୍ତ ପ୍ରାଦେଶିକ ସାହିତ୍ୟମାନଙ୍କରେ ପ୍ରାଚୀନତମ ବୋଲି । ଆଜି ଆମେ ନଜର ଦେଉଁ ଆମର ଗଙ୍ଗା-ଗୋଦାବରୀ ବ୍ୟାପୀ ଉତ୍କଳ, ଆମର ବଡ଼ ଦେଉଳ, ଆମର ମହୋଦଧି, ଆମର ଭଞ୍ଜ-ଦୀନକୃଷ୍ଣ ସାହିତ୍ୟ । ଆମର କି ଥିଲା କି ନ ଥିଲା ଏକା କଥା, ଯଦି ଯାହା ଥିଲା ତାର ପରିପୁଷ୍ଟି ପାଇଁ ସଚେଷ୍ଟ ନ ହୋଇ ଯାହା ଥିଲା ତାର ସୁନାମ ବିକି ଆମ ଜୀବିକାର ପନ୍ଥା ଖୋଜୁଁ । ପ୍ରାଚୀନର ପ୍ରଶସ୍ତି ମାତ୍ର ସମ୍ବଳ କରି ଆଜି ଏ ଦେଶରେ ଯେ ଗୋଟାଏ ଭାବାଧିକ ଜାତୀୟତା ଖେଳିଯାଇଛି, ତାହାର ଉତ୍କଟ ମୋହରେ ଆମେ ଭାବୁଛୁ ଆମର ପ୍ରାଚୀନ ଯାହା ତାହା ସବୁ 'ସୁନାନାକି' । ପ୍ରାଚୀନ ବୈଶିଷ୍ଟ୍ୟ ବା ନିଜତ୍ୱକୁ ଅକ୍ଷୁଣ୍ଣ କରି ରଖିବାର ବା ଦେଖିବାର ଆମର ଯେଉଁ ଅତିଶୟୋତ୍ସାହ, ତାହାହିଁ ଆମକୁ ଶିଖାଉଛି ପ୍ରଗତିର ପ୍ରଭାବକୁ ବିଜାତୀୟ ଦୃଷ୍ଟିରେ ଦେଖିବାକୁ । ପରିସ୍ଥିତିକୁ ଟିକିଏ ପ୍ରସାରିତ କରି ନେବାର ଉଦାରତା ଆମର ଯେମିତି ହଜିବାକୁ ବସିଛି ।

ଦିନ ଥିଲା, ଆମ୍ଭମାନଙ୍କୁ କ୍ଷୁଦ୍ର ଆତ୍ମ-ପରିସୀମା ମଧ୍ୟରେ ତୃପ୍ତ ହେବାକୁ ପଡ଼ୁଥିଲା । ଆମ୍ଭମାନଙ୍କ ବାଗୀଶ୍ୱରୀ ମଧ୍ୟ ଆମରି ତୃପ୍ତିରେ ତୃପ୍ତି ପାଇବାକୁ ବାଧ୍ୟ ହେଉଥିଲେ । କିନ୍ତୁ ଯୁଗ ଆସିଛି ବିଶ୍ୱ-ଭାରତୀର ଆହ୍ୱାନ ଘେନି । ଆଜି ପ୍ରସାରିତ କରିବାକୁ ହେବ, ବିଶ୍ୱ-ପୀଠରେ ସ୍ଥାନ ବାଛିବାକୁ ହେବ । ସଙ୍କୀର୍ଣ୍ଣ ପ୍ରାଦେଶିକତାର ଗଣ୍ଡୀ ଭିତରେ ଆମର ଯେଉଁ ଭାବାଧିକ ମୋହ, ତାକୁ ଜଗି ବସି ରହିଲେ ଆମେ 'ଯେଉଁ ତିମିରେ ସେଇ ତିମିରେ' । ଚସାର, ମାର୍ଲୋଙ୍କୁ ସ୍ପିନ୍ସର୍, ଶଙ୍କ ଭିତରେ ଖୋଜିଲେ ମିଳିବ ନାହିଁ । ବୋକାକ୍‌ସିଓଙ୍କଠାରୁ ଅନେକ ଦୂରରେ ରୋମାଁ ରୋଲାଁ । ଲୁଇଗି ପିରାଣ୍ଡେଲୋ ଦାନ୍ତେଙ୍କଠାରୁ ଭିନ୍ନ ପନ୍ଥୀ ହୋଇ ସୁଦ୍ଧା ବିଶ୍ୱର ସାହିତ୍ୟିକ ପୀଠରେ ଆସନ ପାଇଛନ୍ତି । ବିଦ୍ୟାପତି ଚଣ୍ଡୀଦାସଙ୍କଠାରୁ ଅଗାଧ ପାର୍ଥକ୍ୟ ରଖି ସୁଦ୍ଧା ରବୀନ୍ଦ୍ର ଅଖଣ୍ଡ ସମ୍ମାନ ପାଇଛନ୍ତି । ଏଣୁ ଆଧୁନିକ ଉତ୍କଳୀୟ କବି ଯଦି ସାମନ୍ତସିଂହାର ବା କବିସୂର୍ଯ୍ୟଙ୍କ ଭାଷାରେ କାବ୍ୟ ସୃଷ୍ଟି ନ କରେ, ତେବେ କ୍ଷୁବ୍ଧ ହେବାର କାରଣ କିଛି ନାହିଁ । ଇଂରେଜ ଜାତିର ରକ୍ଷଣଶୀଳତା ଜଗତ୍ ପ୍ରସିଦ୍ଧ, ଅଥଚ ବୈଦେଶିକ ଶବ୍ଦ ବିଭବରେ ଇଂରେଜ ଭାଷାକୋଷ ସମୃଦ୍ଧ । ଦେଶୀ ବିଦେଶୀ ଶବ୍ଦରାଜିର ଆମଦାନୀ କରି ବଙ୍ଗ ସାହିତ୍ୟ କ୍ଷୁଣ୍ଣ ହୋଇ ନାହିଁ, ବରଂ ପ୍ରଗତିଶୀଳ ହୋଇ ଉଠିଛି । ଏସବୁ ଦେଖି ସୁଦ୍ଧା ଆମେ ଯଦି କହୁଁ ବୈଦେଶିକ ପ୍ରଭାବରେ ଓଡ଼ିଆ ଭାଷା ଲୋପ ପାଇବାକୁ ବସିଲା, ତେବେ କିଏ କହିବ ଆମର ବୁଦ୍ଧି କାପର ହେବ !

ମାନବ ସ୍ଥାଣୁ ନୁହେଁ । ବିକାଶ ତାର ପ୍ରକୃତି । ସ୍ଥଳଚର ସେ ଶୂନ୍ୟଚର ହେଲା । ଯୁଗଯାତ୍ରାର ଏହି ଯେ ଅବଭାବ, ସେସବୁ ସାହିତ୍ୟ ଦର୍ପଣରେ ପ୍ରତିବିମ୍ବିତ ହେବ ଏଥିରେ ଆଶ୍ଚର୍ଯ୍ୟ କିଛି ନାହିଁ । ସବୁ ବାଧାବନ୍ଧ ସ୍ରୋତ ମୁହଁରେ ତୃଣପରି ଭାସିଯିବ । ସେହିପରି ଏ ପ୍ରୟୋଜନବାଦୀ ଯୁଗରେ ଶତ ପ୍ରତିବନ୍ଧକ ସତ୍ତ୍ୱେ ପ୍ରୟୋଜନକୁ ଜଗି ସାହିତ୍ୟ ସୃଷ୍ଟି ହେବ, ହେଉଛି ମଧ୍ୟ । ମୁଁ ଯଦି ମୋ ସାହିତ୍ୟକୁ ମୋ ପ୍ରୟୋଜନରେ ଲଗାଇ ନ ପାରେଁ ତେବେ ତାର ସୃଷ୍ଟି ମୋର ଉପରେ ଗୁରୁଭାର । ଆମ ଦରିଦ୍ର ଦେଶରେ ଏ କଥାର ସାରବତ୍ତା ନେଇ ହୁଏ ତ ବହୁ ତର୍କ ଉଠି ପାରେ । କିନ୍ତୁ ନୋବେଲ ପ୍ରାଇଜ୍ ପାଇ ସୁଦ୍ଧା ତ ଲେଖକମାନେ ବହି ଲେଖୁଛନ୍ତି ଅର୍ଥରି ପ୍ରୟୋଜନରେ । ଉଦାରଚେତା ଧନିକ ବହି ଲେଖି ସାହିତ୍ୟାମୋଦ ଲଭିବାକୁ ବା ଦେବାକୁ । କିନ୍ତୁ ପ୍ରୟୋଜନକୁ ଅପେକ୍ଷା ନ କରି ବହି ଲେଖିବାର ଅବସର ଯାହାର ନାହିଁ, ତର୍ଜନ ଗର୍ଜନ ଦେଖାଇ ତାହାଠାରୁ ରସ ଆଦାୟ କରିବାର ଲଜ୍ଜାଠାରୁ ଅତି ଢେର ବେଶୀ ।

ସାହିତ୍ୟ ଲୋକହିତ ସାଧନାର ଅଗ୍ରଣୀ । କିନ୍ତୁ ଅଭିଯୋଗ ଯେ ଏହା ସର୍ବସାଧାରଣଙ୍କଠାରେ ପ୍ରବେଶାଧିକାର ପାଉ



Digitized by srujanika@gmail.com

ନାହିଁ । ସାଧାରଣ ଶିକ୍ଷାର ସ୍ତର ଅଦ୍ୟାବଧି ଉପରକୁ ନ ଉଠିଲେ ଏ ଅଭିଯୋଗ ଯେ ରହିବ ଏଥିରେ ସନ୍ଦେହ କ'ଣ ? କିନ୍ତୁ ଏହା ମଧ୍ୟ ନିଶ୍ଚିତ ଯେ ଆମର ସାହିତ୍ୟ ସବୁ ବିଷୟକୁ ସମ୍ପୂର୍ଣ୍ଣ ଅଙ୍ଗୀଭୂତ କରିବାକୁ ଏ ପର୍ଯ୍ୟନ୍ତ ସମର୍ଥ ହୋଇ ନାହିଁ । ବୈଜ୍ଞାନିକ ବିଷୟାବଳୀ ଦୂରେ ଥାଉ, ଗଳ୍ପ ଉପନ୍ୟାସ ସୁଦ୍ଧା ଆମ ସାହିତ୍ୟରେ ପୂର୍ଣ୍ଣାଙ୍ଗ ପାଇ ପାରିନାହିଁ । ଦୃଶ୍ୟ କାବ୍ୟର ଅଭିନୟ ଆବଶ୍ୟକ ହେଲେ ଆମ୍ଭମାନଙ୍କ ରଙ୍ଗମଞ୍ଚକୁ ଖୋଜିବାକୁ ହୁଏ ବଙ୍ଗଳା ନାଟକର ଅସିଦ୍ଧ ଅନୁବାଦ । ମାନସିକ ଖାଦ୍ୟ ପାଇଁ ଆମ ପତ୍ର-ପତ୍ରିକା ଖାଦ୍ୟ ଯୋଗାଇ ପାରେ ନା, ସେଥିପାଇଁ ଏ ଦେଶର ଶିକ୍ଷିତ ସମ୍ପ୍ରଦାୟଙ୍କୁ ବଙ୍ଗଳା କିମ୍ବା ଇଂରାଜୀ ମାସିକର ଆଶ୍ରୟ ନେବାକୁ ପଡ଼େ । ଅଥଚ ଆମର ସବୁଠୁଁ ଭଲ ବହି ଖଣ୍ଡିକର ଦ୍ୱିତୀୟ ସଂସ୍କରଣ ସୁଦ୍ଧା ନାହିଁ । ଦେଶର ଦୁର୍ଭାଗ୍ୟ ବୋଲିବା ମଧ୍ୟ ଯଥେଷ୍ଟ ନୁହେ ବୋଧହୁଏ । ଲେଖକର ସାଧୁ ଉଦ୍ୟମମାନଙ୍କୁ ପୁରସ୍କୃତ କରିବାର ବ୍ୟବସ୍ଥା ନ ହେଲେ କେତେ ଆଶା ଏହିପରି କୋରକ ଅବସ୍ଥାରେ ହିଁ ମଉଳି ପଡ଼ିବ । ଏହି ଗୁରୁବ୍ରତ ମୁଖ୍ୟତଃ ସାହିତ୍ୟିକ ଅନୁଷ୍ଠାନମାନଙ୍କର । ଦେଖାପାଉ କେବେ ସେ ସୁଦିନ ଆସୁଛି !

ପ୍ରାକୃତିକ ଉତ୍କଳ ରାଜନୀତି କ୍ଷେତ୍ରରେ ନାନା ଭାବରେ ବିଚ୍ଛିନ୍ନ ରହି ଭାଷାର ସର୍ବାଙ୍ଗୀନ ଉନ୍ନତି ପଥର ଅନ୍ତରାୟ ଘଟାଇଛି । ଉତ୍କଳୀୟ ଜାତୀୟ-ପନ୍ଥୀଙ୍କର ଏ ଗୋଟାଏ ମସ୍ତବଡ଼ ଆକ୍ଷେପ । ଏ ଯଦି ଅନ୍ତରାୟ ହୁଏ ତେବେ ଏ ଅନ୍ତରାୟର ପ୍ରତିଷେଧ ହେଉଛି ଭିନ୍ନ ଭିନ୍ନ ସ୍ଥାନରେ ଏହିପରି ସାହିତ୍ୟିକ ଅନୁଷ୍ଠାନମାନଙ୍କର ପ୍ରତିଷ୍ଠା । ରାଜନୈତିକ ଉତ୍କଳର ବାହାରେ ଯେଉଁମାନେ ରହନ୍ତି, ପ୍ରତିଆକ୍ଷେପର କାରଣ ସେମାନଙ୍କର ଯେ ନାହିଁ ତାହା ମଧ୍ୟ ନୁହେ । ସେମାନଙ୍କର ଏ ଭଳି ଅନୁଷ୍ଠାନଗୁଡ଼ିକରେ ଯୋଗ ଦେବାର ପ୍ରୟାସ ରଖନ୍ତି କେତେ ଜଣ ଉତ୍କଳୀୟ ସନ୍ତାନ ? ଏହି ଉଦାସୀନତା ଯୋଗେ ଏକ ଭାଷା ଭାଷୀ ଅଞ୍ଚଳଗୁଡ଼ିକରେ ଏକମାତ୍ର ଭାଷାର ମଧ୍ୟତା ଦେଇ ଯେଉଁ ଯୋଗାଯୋଗ, ତାର ସମ୍ଭାବନା ଯେ କେତେ ଦୂର ପଛକୁ ଘୁଞ୍ଚି ଯାଉଛି, ବୋଧହୁଏ ତାର ସନ୍ଧାନ ଦେବାର ପ୍ରୟୋଜନ ନାହିଁ ।

ଯାହାହେଉ ଉତ୍କଳର ସାହିତ୍ୟିକମାନଙ୍କ ସହିତ ଭଞ୍ଜଭୂମିର ସାହିତ୍ୟ-ପ୍ରେମୀମାନଙ୍କ ଭାବ ବିନିମୟର ଏକମାତ୍ର ବାର୍ଷିକ ସୁଯୋଗ ଏଇ ବାର୍ଷିକୀ । ବଡ଼ ଗୌରବର କଥା, ଆମ୍ଭମାନଙ୍କର ଆଜିକାର ଏ ପୂଜା ପୀଠର ପୁରୋଧା ସୁକବି ପଣ୍ଡିତ ଗୋଦାବରୀଶ ମିଶ୍ର, ଯାହାଙ୍କର 'କିଶଳୟ' 'ଆଲେଖିକା' ଭଳି କବିତାଗୁଚ୍ଛ ନବ-ଯୁଗର ଅଗ୍ରଦୂତରୂପେ **Wordsworth**ଙ୍କ କଣ୍ଠନିଃସୃତ ଲଳିତ କଳାର ଆଭାସ ଦିଏ, ଆଉ ଯାହାଙ୍କର 'ପୁରୁଷୋତ୍ତମ ଦେବ' ଓ 'ମୁକୁନ୍ଦ ଦେବ' ଭଳି ନାଟ୍ୟଗ୍ରନ୍ଥ ପ୍ରାଣରେ କାବ୍ୟାମୋଦର ଆବେଶ ଆଣେ । ଗୁଣୀ ମହାଶୟ ଆମର ଏ ନଗଣ୍ୟ ସମାଜର ଆହ୍ୱାନ ଉପେକ୍ଷା ନ କରି ତାଙ୍କର ସାରଗର୍ଭ ବାଣୀ ଶୁଣାଇବାକୁ ଏତେ ଦୂର ଦୌଡ଼ି ଆସିଛନ୍ତି, ଏହି ତାଙ୍କର ସାହିତ୍ୟ ପ୍ରୀତିର ଶ୍ରେଷ୍ଠ ନିଦର୍ଶନ । ପାହାଡ଼ିଆ ଦେଶର ଲୋକେ ଆମେ ଯଥାର୍ଥ ଅଭ୍ୟର୍ଥନା ଜାଣୁ ନା, ଏଇ ଦୃଷ୍ଟିରେ ତ୍ରୁଟି ମାର୍ଜନା କରି ସତ୍‌ପଥର ଅପନା ଗ୍ରହଣ କରିବାକୁ ତାଙ୍କୁ ମୋର ନିବେଦନ ।

# କଳାର ସ୍ୱରୂପ

**ଶ୍ରୀ ଗୋପାଳ ଚନ୍ଦ୍ର କାନୁନ୍‌ଗୋ**

ବିରାଟ ବିଶ୍ୱ-ପ୍ରକୃତି ମଧ୍ୟରେ ଜୀବ ଓ ନିର୍ଜୀବ ସହିତ ଅନ୍ତର ଗଭୀର ଘନିଷ୍ଠତାକୁ ରୂପ ଦାନ କରିବା ପାଇଁ ମାନବର ବ୍ୟାକୁଳତା ହିଁ କଳାର ଉତ୍ସ । ଯାହା ସୁନ୍ଦର, ଯାହା ମନୋହର, ଯାହା ପ୍ରାଣ-ସ୍ପର୍ଶୀ, ଯାହା କଲ୍ୟାଣପ୍ରଦ, ଯାହା ସତ୍ୟ, ତାହାକୁ ହିଁ ଶିଳ୍ପୀ ଅତି ସାବଧାନରେ ନିବିଷ୍ଟ ଚିତ୍ତରେ ପ୍ରତିଫଳିତ କରିବାକୁ ଚାହେଁ—ତୁଳି ଓ ବର୍ଣ୍ଣର ବିନ୍ୟାସରେ ଧରିବାକୁ ପ୍ରୟାସ କରେ । ସେହି ପ୍ରୟାସ, ସେହି ଅଭିବ୍ୟକ୍ତି, ଆଜି ନୁହେ, ଅଯୁତ ବର୍ଷ ଧରି ନବ ନବ ରସଧାରାରେ ଦର୍ଶକଙ୍କୁ ମୁଗ୍ଧ ଓ ଚକିତ କରୁଛି । ଅପ୍ରକାଶର ନିଗୂଢ଼ ବ୍ୟଥା ଅସହନୀୟ । ସୁତରାଂ ପ୍ରକାଶ କରିବାକୁ ହେବ, ଚିତ୍ର ଚିତ୍ରିବାକୁ ହେବ, କବିତା ଲେଖିବାକୁ ହେବ, ଗୀତ ଗାଇବାକୁ ହେବ । ବଞ୍ଚି ରହିବାର ସାର୍ଥକତା ଅଭିବ୍ୟକ୍ତିରେ ପର୍ଯ୍ୟବସିତ । ଦିନକର ହାସ୍ୟ, କ୍ଷଣକର ଅଲକ୍ତରଞ୍ଜିତ ପୂର୍ବାକାଶ, ମୁହୂର୍ତ୍ତର ବ୍ୟଥିତ ଦରିଦ୍ର ଦମ୍ପତିକୁ ଶିଳ୍ପୀ ନିଜର କୁହୁକ ସ୍ପର୍ଶରେ ଚିତ୍ର ପଟରେ ଅଙ୍କନ କରି ତାହାକୁ ଯୁଗ ଯୁଗର ସମ୍ପତ୍ତିରେ ପରିଣତ କରିଦିଅନ୍ତି । ଏହା ହିଁ ତାଙ୍କର କଳା ଓ ଏହା ହିଁ ତାଙ୍କର ବୈଶିଷ୍ଟ୍ୟ ।

କାବ୍ୟ ଯେପରି ଶବ୍ଦଯୋଜନା, ଲିଖନଭଙ୍ଗୀ ଓ ଅଳଙ୍କାର ମଧ୍ୟରେ ସକଳ ପ୍ରକାର ଭାବର ବାହନ ହୋଇ କବି ପ୍ରତିଭାର ପରିଚୟ ଦିଏ ଓ କବିର ବ୍ୟକ୍ତିଗତ ଚିନ୍ତା ଓ ଆଦର୍ଶକୁ ପରିସ୍ଫୁଟ କରିଏ; ଶିଳ୍ପୀର ବର୍ଣ୍ଣଯୋଜନା, ଅଙ୍କନଶୈଳୀ, ତାହାର ଅନ୍ତରର

ଭାବକୁ ଦର୍ଶକ ଓ ପାଠକ ନିକଟରେ ସେହିପରି ପରିଚୟ କରାଇଦିଏ । ତେଣୁ ଶିଳ୍ପହିଁ ଶିଳ୍ପୀର ଶ୍ରେଷ୍ଠ ପରିଚୟ ଦିଏ । ତାହା ହିଁ ଏକ ପକ୍ଷରେ ତାହାର ଅନ୍ତରର ପ୍ରଧାନ ସୂଚନା । କଳା ଯେପରି କଳାବିତ୍‌ର ଅନ୍ତରର ପରିଚୟ ଘଟାଏ ସେହିପରି ଦେଶ ଓ ଜାତି ସହିତ, ପରିଶେଷରେ ସମଗ୍ର ମାନବ ସହିତ ତାହାର ଘନିଷ୍ଠ ସମ୍ପର୍କର ସୂଚନା ଦିଏ । ବିଶ୍ୱ ସହିତ କଳାର ସମ୍ପର୍କ ଏହିଠାରେ । ବାସ୍ତବିକ ସୃଷ୍ଟିର ସହସ୍ର ଦୁଃଖ ଶୋକ, ହାସ୍ୟ କ୍ରନ୍ଦନ, ବିରହ ମିଳନ, ଘାତ ପ୍ରତିଘାତ, ଶରତ୍‌ ବସନ୍ତ ଓ ଗ୍ରୀଷ୍ମ ବର୍ଷାର ସ୍ପନ୍ଦନ କଳାବିତ୍‌ର ହୃଦୟ ସ୍ପର୍ଶ କରି, ମାନବ ସହିତ କଳା ସୃଷ୍ଟିର ଅଖଣ୍ଡ ବନ୍ଧନକୁ ତାହାର ହୃଦୟ ତନ୍ତ୍ରୀରେ ଝଙ୍କୃତ କରିଦିଏ । କବି-ଶିଳ୍ପୀ ବୁଝିଲେଇ ପ୍ରକୃତ ସହିତ ଏ ଘନିଷ୍ଠତା, ଏ ସ୍ପନ୍ଦନକୁ ଏଡ଼ାଇ ପାରେ ନାହିଁ । ତୁଳି ତାହାର ଚଞ୍ଚଳ ହୋଇଉଠେ—ସେ କଳାର ଜନ୍ମଦିଏ । ସେ ହୁଏ ସ୍ରଷ୍ଟା ।

ଏଥିରୁ ସ୍ପଷ୍ଟ ବୁଝାଯାଏ, ସୃଷ୍ଟିଶୀଳ ମାନବର ଅନନ୍ତ ପିପାସା, ନିଜକୁ ସଚେତନ ଭାବରେ ବ୍ୟକ୍ତ କରିବା ପାଇଁ ଯୁଗବ୍ୟାପୀ ନିବିଡ଼ ଅନୁରାଗ ହିଁ ସକଳ ପ୍ରକାର ଅଭିନବ କଳା ସୃଷ୍ଟିର ମୂଳ ହେତୁ । ନିଶ୍ଚେଷ୍ଟତା ତାହାର କାମ୍ୟ ନୁହେ । ଜୀବ ମାନେ ସଚଳ । ତେଣୁ ପଶୁ, ପକ୍ଷୀ, ମନୁଷ୍ୟେତର ପ୍ରାଣୀମାନେ ଭାଷାହୀନ ହେଲେ ମଧ୍ୟ, ଆନନ୍ଦର ପ୍ରକାଶ ପାଇଁ—ଜୀବନର ସୂଚନା ପାଇଁ, ଚଳନ, ବଲନ ଗତି ପ୍ରଭୃତି ବିଭିନ୍ନ ଭଙ୍ଗୀଦ୍ୱାରା—କ୍ରୀଡ଼ା ଓ କୌତୁକଦ୍ୱାରା ବ୍ୟକ୍ତିଗତ କଳା-ପ୍ରିୟତାର ସ୍ପଷ୍ଟ ଇଙ୍ଗିତ ଦିଅନ୍ତି । ମାନବ ତାହାର ସ୍ୱ ଶ୍ରେଣୀ ମଧ୍ୟରେ ଯେଉଁ କଳାର ପ୍ରସାର କରିଛି, ତାହା ଇତର ପ୍ରାଣୀଙ୍କ ପକ୍ଷେ ଯେପରି ଅବୋଧ୍ୟ, ଇତର ପ୍ରାଣୀମାନଙ୍କର କଳା କୌତୁକ ମାନବ ପକ୍ଷରେ ସେହିପରି ଅଗମ୍ୟ ।

ଦେଖିବାକୁ ଗଲେ ସମଗ୍ର ମାନବ ଜାତିର ବିଭିନ୍ନ ଗୋଷ୍ଠୀ ମଧ୍ୟରେ ଭିନ୍ନ ଜାତୀୟ କଳା ଦୃଷ୍ଟିଗୋଚର ହୁଏ । ବିଶ୍ଳେଷଣ ଓ ଆଲୋଚନା ଦ୍ୱାରା ତାହାର ପରିଚୟ ସ୍ଥିରୀକୃତ ନ ହେଉଥିଲେ ଭିନ୍ନ ଜାତିର କଳା ଓ ଶିଳ୍ପ ପଶୁ ଜାତିର ଭାଷା ଭଳି ଆମ ନିକଟରେ ଅବୋଧ୍ୟ ରହିଯାନ୍ତା । ସୁତରାଂ, ଦେଶ, କାଳ, ପାତ୍ର ଭେଦରେ କଳାର ସ୍ୱରୂପ ପରିବର୍ତ୍ତିତ ହୋଇଥାଏ । ଏହି କାରଣରୁ ପୃଥିବୀରେ ଜାପାନୀ କଳା, ପାଶ୍ଚାତ୍ୟ କଳା ଓ ଭାରତୀୟ କଳା ପ୍ରଭୃତି ବିଭିନ୍ନ କଳାର ପ୍ରସାର ବର୍ତ୍ତମାନ ରହିଅଛି । ଭାରତୀୟ କଳା-ବିଦ୍ୟାର ଅତି ପ୍ରଥମରୁ ସାଧାରଣତଃ କଳା-ସୃଷ୍ଟି ଜନପ୍ରିୟ ଥିଲା—ଏବଂ ସାଧାରଣ କର୍ମ ମଧ୍ୟରେ ପାରିବାରିକ କାର୍ଯ୍ୟ କଳାପ ମଧ୍ୟରେ ନାନା ରୂପରେ ବିକଶିତ ହୋଇ ଉଠିଥିଲା । ଏପରି କି ରାଜା ମଧ୍ୟ ଶିଳ୍ପ ଶିକ୍ଷା କରିବା ଓ କଳାନୁରାଗୀ ହେବା—ପୁରାଣ ବାକ୍ୟ ଅଛି । "ଚିତ୍ରନୃତ୍ୟ ଗୀତ ବାଦ୍ୟାଦି ପ୍ରକ୍ଷଣୀୟାଦି ଦାନକୃତ୍‌"—ଅଗ୍ନିପୁରାଣ । ଅଧିକ ମଧ୍ୟ ସାହିତ୍ୟ, ସଙ୍ଗୀତ, କଳାହୀନ, ସାକ୍ଷାତ୍‌ ପଶୁ ପୁଚ୍ଛବିଷାଣହୀନ ସଦୃଶ ବୋଲି ଭର୍ତ୍ତୃହରିଙ୍କର ଦୃଢ଼ ବାଣୀ ଏହି କଥାର ପୋଷକତା କରିଛି । ଦିନେ ରାଜ ଧର୍ମର ଯାହା ଅବିଚ୍ଛେଦ୍ୟ ଅଙ୍ଗ ଥିଲା, ତାହା ଯେ ଆଜି ରାଜ ଦରବାରରୁ ସମ୍ପୂର୍ଣ୍ଣ ନିର୍ବାସିତ

ଏହା ହିଁ ଭାବିବାର କଥା । ରାମାୟଣ, ଦ୍ୱୈପାୟନ-ମହାଭାରତ, ହରିବଂଶ ଓ ତତ୍‌ପରବର୍ତ୍ତୀ କାଳିଦାସ, ଭବଭୂତି ରଚିତ ଶକୁନ୍ତଳା ଓ ଉତ୍ତରଚରିତରୁ—ଅଧିକନ୍ତୁ ମୋଗଲ ସମ୍ରାଟ ଅକବର ଓ ଜାହାଙ୍ଗିରଙ୍କର ଅକବରନାମା ଓ ଜାହାଙ୍ଗିରନାମାରୁ ରାଜା କିପରି କଳାବିତ୍‌ ଓ କଳାରସିକ ଥିଲେ—ତାହାର ଭୂରି ଭୂରି ପ୍ରମାଣ ମିଳେ । ଅତି ପ୍ରାଚୀନ ଋଷିମାନେ ଶିଷ୍ୟବର୍ଗଙ୍କୁ ଉପନିଷଦ ପ୍ରଭୃତି ଗମ୍ଭୀର ଦାର୍ଶନିକ ତତ୍ତ୍ୱର ବ୍ୟାଖ୍ୟା କଲାବେଳେ ଆଲେଖ୍ୟ ଚିତ୍ରିତ ଏହି କଳା (ଚିତ୍ରକଳାର) ର ଉପମା ଦେଇ ସେମାନଙ୍କୁ ସରଳ ଭାବରେ ବୁଝାଇ ଦେଉଥିଲେ—

> ଯଥା ଚିତ୍ରପଟେ ଦୃଷ୍ଟମବସ୍ଥାନାଂ ଚତୁଷ୍ଟୟମ୍‌
> ପରମାତ୍ମାନି ବିଜ୍ଞେୟ ସ୍ତଥାବସ୍ଥା ଚତୁଷ୍ଟୟମ୍‌
> ଯଥା ଧୌତୋ ଘଟିତଶ୍ଚ ଲାଞ୍ଛିତୋ ରଞ୍ଜିତଃ ପଟଃ
> ଚିଦନ୍ତର୍ଯ୍ୟାମୀ ସୂତ୍ରାଣି ବିରାଟ ଗୃହା ତଥେର୍ଯ୍ୟତେ ।

ଧୌତ, ଘଟିତ, ଲାଞ୍ଛିତ ଓ ରଞ୍ଜିତ ପ୍ରଭୃତି କାର୍ଯ୍ୟ ଚିତ୍ରପଟରେ ଯେପରି ସୁସ୍ପଷ୍ଟ ଓ ସୁନିର୍ମଳ ହୁଏ, ସେପରି ପରମାତ୍ମାଙ୍କୁ, ଚିତ୍‌-ଅନ୍ତର୍ଯ୍ୟାମୀ-ସୂତ୍ରାତ୍ମା ଓ ବିରାଟ ପ୍ରଭୃତି ଚାରି ଗୋଟି ଅବସ୍ଥା ଦ୍ୱାରା ଉପଲବ୍ଧି କରିହୁଏ, ଇତ୍ୟାଦି । ଉକ୍ତ ଶ୍ଳୋକରୁ ଅନୁମିତ ହୁଏ ଯେ ବହୁ ପୂର୍ବକାଳରେ, ଧୌତ, ଘଟିତ, ଲାଞ୍ଛିତ ଓ ରଞ୍ଜିତ ପ୍ରଭୃତି ଚାରିଗୋଟି ପ୍ରଧାନ ଅବସ୍ଥା ମଧ୍ୟରେ ପ୍ରତ୍ୟେକ କଳାବିତ୍‌ ଓ ଶିଳ୍ପୀ ତାହାର ଚିତ୍ର ରଚନା କରୁଥିଲେ । ଅଦ୍ୟାବଧି ଏହି କଳା ରଚନା ପ୍ରଥା ଶିଳ୍ପୀ ଜଳ ଓ ତୈଳଚିତ୍ର କଲାବେଳେ ପ୍ରୟୋଗ କରିଥାନ୍ତି । ପୂର୍ବେ ଏହି ପ୍ରଥାର ପ୍ରଚଳନ ଏତେ ସର୍ବସାଧାରଣଙ୍କର ପରିଚିତ ଥିଲା ଯେ ଏହାକୁ ଦାର୍ଶନିକ ତତ୍ତ୍ୱ ସମାଲୋଚନା ବେଳେ ଉପମା ଭଳି ବ୍ୟବହାର କରା ଯାଉଥିଲା । ସୁତରାଂ କଳା ଓ ଶିଳ୍ପ ଗତାନୁଗତିକ ଭାବରେ କୌଣସି ବିଶିଷ୍ଟ ଶ୍ରେଣୀର ବ୍ୟବସାୟ ହିସାବରେ ଧରା ଯାଉ ନ ଥିଲା । କ୍ରମେ ରାଜଦରବାରରୁ ବିତାଡ଼ିତ ହୋଇ ଏହା ଶିଳ୍ପୀ ଗୋଷ୍ଠୀର ଗୃହ ମଧ୍ୟରେ ଆବଦ୍ଧ ରହିଲା । ତେଣୁ ଶିଳ୍ପ କହିଲେ ଗୋଟିଏ ବିଶିଷ୍ଟ ଗୋଷ୍ଠୀ ବା ଶ୍ରେଣୀର ହସ୍ତକର୍ମ ବୋଲି ବୁଝାଏ । ଅତି ପୁରାତନ କାଳରେ ଏହା ଗୋଟିଏ ଶ୍ରେଷ୍ଠ ଗୁଣ ଏବଂ ପ୍ରତ୍ୟେକ ଶିକ୍ଷିତର ଭୂଷଣ ସ୍ୱରୂପ ଧରା ଯାଉଥିଲା । ଶିଳ୍ପ କଳାର ଇତିହାସରୁ ଜଣାଯାଏ ଶିଳ୍ପ କ୍ରମେ ଗୋଷ୍ଠୀଗତ ପରିଧି ମଧ୍ୟରେ ସଙ୍କୁଚିତ ହୋଇ ପଡ଼ିଛି ଏବଂ କେବଳ ପୁରାତନ ଶିକ୍ଷା ଓ ସଂସ୍କୃତିର ସ୍ମାରକ ଏବଂ ଗୋଷ୍ଠୀଗତ ହସ୍ତ କର୍ମର ନମୁନା ରୂପେ ଆମେ ଶିଳ୍ପ କଳାକୁ ଗ୍ରହଣ କରିଛୁଁ । କିନ୍ତୁ ସୌଭାଗ୍ୟର ବିଷୟ, ବର୍ତ୍ତମାନ ଲୋକେ ଏହାକୁ ଉତ୍କୃଷ୍ଟ ଗୁଣ ଓ ସଂସ୍କୃତିର ବିଷୟ ବୋଲି ପୁନର୍ବାର ଗ୍ରହଣ କରି ପାରିଛନ୍ତି ।

କାବ୍ୟାଦି ପଞ୍ଚବିଧ ଶ୍ରେଷ୍ଠ ସୁକୁମାର କଳାମଧ୍ୟରେ ବର୍ଣ୍ଣ-ଚିତ୍ରଣ ଅନ୍ୟତମ ଏବଂ କାବ୍ୟ, କବିତା, ସଙ୍ଗୀତରେ ଯେପରି ଭାବ, ଭାଷା, ଲୟ ଓ ଭଙ୍ଗୀଦ୍ୱାରା ମାନବ ସ୍ୱୀୟ ମନୋଭାବକୁ ବ୍ୟକ୍ତ କରେ, ଚିତ୍ର-କଳାରେ ବର୍ଣ୍ଣ ଓ ତୁଳିଦ୍ୱାରା ଶିଳ୍ପୀ ସେହିପରି ନିଜର ମନୋଗତ ଭାବ ବ୍ୟକ୍ତ କରେ । ଏହି ମନୋଗତ ଭାବର ଲକ୍ଷଣ,



Digitized by srujanika@gmail.com

ଦେଶ, କାଳ, ପାତ୍ର ଭେଦରେ ଯେପରି ଭିନ୍ନ ହୁଏ ଏବଂ ଭିନ୍ନ ମନୋଭାବର ପରିଚୟ ଦିଏ, ସେହିପରି ଯେଉଁ ରୀତି ଓ କୌଶଳଦ୍ୱାରା ଶିଳ୍ପୀ ମନୋଗତ ଭାବକୁ ବ୍ୟକ୍ତ କରିବାର ପ୍ରୟାସ କରନ୍ତି, ତାହା ମଧ୍ୟ ବ୍ୟକ୍ତିଗତ ପାର୍ଥକ୍ୟ ଦୃଷ୍ଟିରୁ ଭିନ୍ନ ପ୍ରକାର ହୁଏ । ଏହି ଚୀନ ଜାପାନ ଚିତ୍ରଠାରୁ ଭାରତୀୟ ଚିତ୍ରକୁ ପୃଥକ ବୋଲି ବୁଝାଇ ଦିଏ । ଚିତ୍ରର ସତତ ଚଞ୍ଚଳ ଭାବରାଶିକୁ ଚିତ୍ର ମଧ୍ୟରେ ସାମାନ୍ୟ ବର୍ଣ୍ଣ ବିନ୍ୟାସ ଓ ତୁଳିକା ସଞ୍ଚାଳନଦ୍ୱାରା ଶିଳ୍ପୀ ଏପରି କୌଶଳ ସହକାରେ ଧରି ରଖନ୍ତି ଯେ ତାହା ତାଙ୍କର ଅଲୌକିକ ସାମାନ୍ୟ ପ୍ରତିଭାର ପରିଚୟ ପ୍ରଦାନ କରେ । କବି ଯେପରି ସ୍ୱୀୟ କଳ୍ପନାର ଓ ଅନୁଭୂତିର ସ୍ପର୍ଶ ଭିତରେ ପ୍ରକୃତିର ଉଚ୍ଚ, ନୀଚ, ସୁନ୍ଦର ଓ କୁତ୍ସିତକୁ ପରମ ଉପଭୋଗ୍ୟ କରିପାରେ, ଶିଳ୍ପୀ ସେହିପରି ବିବିଧ ବର୍ଣ୍ଣ ସମ୍ପାତରେ ମହତ୍ତର ଓ ଉଚ୍ଚତର ଆଦର୍ଶକୁ ରୂପ ଦାନ କରି ଯୁଗ ଯୁଗ ପାଇଁ ଅମରତ୍ୱ ଲାଭ କରେ । ଉଚ୍ଚତମ ଭାବ ବିଷୟରେ ଅନେକ ସମୟରେ ପ୍ରଶ୍ନ ଉଠେ ଏହାର ସ୍ୱରୂପ କିପରି । ଉଚ୍ଚତମ କଳାରେ ଏହି ଉଚ୍ଚତମ ଭାବର ପ୍ରାବଲ୍ୟ ଲକ୍ଷିତ ହୋଇଥାଏ । ତେଣୁ ଉତ୍କୃଷ୍ଟ କଳାର ପରିଚୟ ପୂର୍ବରୁ ଉଚ୍ଚତମ ଭାବ ଓ ବୃହତ୍ତର ଆଦର୍ଶ ଖୋଜିବାକୁ ହେବ । ଦେଶ କାଳ ପାତ୍ର, ଓ ଚିତ୍ର । ଭେଦରେ ଏହି ଆଦର୍ଶର ବିଭିନ୍ନତା ପରିଲକ୍ଷିତ ହୋଇଥାଏ । ଭାରତୀୟ ଚିତ୍ରରେ ଆଧ୍ୟାତ୍ମିକତା ଯେପରି ସର୍ବତ୍ର ପରିସ୍ଫୁଟ ପାଶ୍ଚାତ୍ୟକଳାରେ ବାସ୍ତବତା ସେହିପରି ପରିସ୍ଫୁଟ । ସୁତରାଂ ବାସ୍ତବ ମଧ୍ୟରେ ସୂକ୍ଷ୍ମତମ ଚିନ୍ତାଦ୍ୱାରା ଯାହା ହିଁ ସତ୍ୟ, ସାମ୍ୟ, ଉଦାରତା ଓ ମହତ୍ତ୍ୱ ଆଡ଼କୁ ନେଇଯାଏ, ଯାହା ହିଁ ସାର୍ବଜନୀନ ମଙ୍ଗଳ ତାହା ହିଁ ଶ୍ରେଷ୍ଠତମ ଆଦର୍ଶ ।

ମହାତ୍ମା ଗାନ୍ଧି ହୁଏତ ବୈରାଗ୍ୟକୁ କଳାର ଶ୍ରେଷ୍ଠତମ ଆଦର୍ଶ ବୋଲି ଧରନ୍ତି । ତେବେ ସେହି ଦୃଷ୍ଟିରୁ କଳାମଧ୍ୟରେ ତାହାର ଉପଲବ୍ଧି ହିଁ ତାଙ୍କ ପକ୍ଷରେ ଓ ତାଙ୍କ ଭଳି ଲୋକଙ୍କ ପକ୍ଷରେ ଶ୍ରେଷ୍ଠତ୍ୱ ପ୍ରତିପାଦନ କରେ । ବୈରାଗ୍ୟ ମଧ୍ୟରେ ତ୍ୟାଗ ଲୁକ୍କାୟିତ, ଏଥିରେ ସନ୍ଦେହ ନାହିଁ, କଳାର ଉଚ୍ଚତମ ଆଦର୍ଶମାନଙ୍କ ମଧ୍ୟରେ ଏହା ଅନ୍ୟତମ ହେଲେ ମଧ୍ୟ ଏକମାତ୍ର ସାର ଆଦର୍ଶ ନୁହେଁ । କେହି ଅତୀନ୍ଦ୍ରିୟାନୁଭୂତି, କେହି ଆଧ୍ୟାତ୍ମିକତା, କେହି ପ୍ରୟୋଜନୀୟତା, କେହି କେହି ପ୍ରେମିକତାକୁ କଳା ସହିତ ସଂଯୁକ୍ତ କରି ଏହାର ଉଚ୍ଚତମ ଆଦର୍ଶର ବ୍ୟାଖ୍ୟାନ କରନ୍ତି । ପ୍ରକୃତପକ୍ଷରେ ଅନୁଭୂତିର ଅଭିବ୍ୟକ୍ତି ପାଇଁ, ମାନବାତ୍ମାର ପ୍ରକାଶ ପାଇଁ, ପ୍ରାଣର ଆଘାତ ପ୍ରତିଘାତର ସୂଚନା ପାଇଁ କଳା ସୃଷ୍ଟି—ଯାହା ଆମକୁ ପରିପୂର୍ଣ୍ଣତା ଆଡ଼କୁ ଟାଣିନିଏ । ତା ନ ହେଲେ ଏହାର ଉପାଦେୟତା କିଛି ନାହିଁ । ବୈରାଗ୍ୟ ଓ ତ୍ୟାଗ ଏହାର ଏକମାତ୍ର ଆଦର୍ଶ ନୁହେଁ, ଚକ୍ଷୁପ୍ରୀତିକର ସୌନ୍ଦର୍ଯ୍ୟ ପ୍ରକାଶ ପାଇଁ ଏହା ଅଭିପ୍ରେତ ନୁହେଁ, ନଗ୍ନନାରୀ ଦେହର ସୁଠାମ ସୁଷମା ପରିକଳ୍ପନାରେ ଅଥବା ପୌରାଣିକ ଚିତ୍ର-ରଚନାରେ ଏହା ପର୍ଯ୍ୟବସିତ ନୁହେଁ,—ନାନାପ୍ରକାର ଉତ୍ଥାନ ପତନ ମଧ୍ୟରେ କଳା ହିଁ ପଥପ୍ରଦର୍ଶକ କହିଲେ ବାହୁଲ୍ୟ ହେବ ନାହିଁ । ସୃଷ୍ଟିର ସକଳ ଚେତନ, ଅଚେତନ, ସ୍ଥାବର, ଜଙ୍ଗମ, ସୁନ୍ଦର, ଅସୁନ୍ଦର, ଧନ, ଦରିଦ୍ରର ବୈଷମ୍ୟ ମଧ୍ୟରେ ଏହା ଆମକୁ ଏକ ବିରାଟ ଐକ୍ୟ ଓ ସାମ୍ୟ ଆଡ଼କୁ ଟାଣିନିଏ । ଆମକୁ ଏହା ସହସ୍ର ଭାବରେ ଉଦ୍‌ବୁଦ୍ଧ କରେ, ଜାଗ୍ରତ, ପ୍ରୀତ ଓ ସଂସ୍କୃତ କରେ । ଏହାର ଆବଶ୍ୟକତା ସମ୍ବନ୍ଧରେ ଯେଉଁମାନେ ସନ୍ଦିହାନ, ସେମାନେ କେବଳ ଏହାକୁ ଗୋଟିଏ ପୁରାତନ ଖାତାରେ ଦେଖିବାକୁ ଶିଖିଛନ୍ତି । ଏହାର ବ୍ୟାପକତା ସମ୍ବନ୍ଧରେ ସେମାନେ ସମ୍ପୂର୍ଣ୍ଣ ଅନଭିଜ୍ଞ; ଆଧୁନିକ ମନୀଷୀବୃନ୍ଦ ଏହାକୁ ବୁର୍ଜୋୟା ମନୋଭାବର ବ୍ୟଞ୍ଜକ ବୋଲି କହି ଆକ୍ଷେପ କରିଥାନ୍ତି । ହୁଏତ ସାମାଜିକ ଓ ରାଜନୈତିକ ବିଭ୍ରାଟ ମଧ୍ୟରେ ଏହାର ଅସ୍ତିତ୍ୱକୁ ହାତୁଡ଼ିରେ ପିଟି ଚୂର୍ଣ୍ଣ କରିଦେବାକୁ କେହି କେହି ପ୍ରୟାସ କରନ୍ତି । ମାତ୍ର ସେମାନେ ବୁଝନ୍ତି ନାହିଁ ଯେ ସାମ୍ୟ, ଐକ୍ୟ ଏବଂ ପରିପୂର୍ଣ୍ଣ ମାନବିକତା ପାଇଁ ଏହା ଯେପରି ଭାବରେ ସହଜରେ ଅବସ୍ଥା ବଦଳାଇ ଦିଏ ତାହା ଅନ୍ୟ କୌଣସି ସୂତ୍ରରେ ଅସମ୍ଭବ । ଅବଶ୍ୟ ଚିନ୍ତାଧାରାର ପରିବର୍ତ୍ତନ ସଙ୍ଗେ ଶିଳ୍ପଧାରା ଯେ ବଦଳିବ ଏଥିରେ ସନ୍ଦେହ ନାହିଁ । ସମୟ ଥିଲା ଯେତେବେଳେ ଧନୀମାନଙ୍କର ଅଭିରୁଚି ଅନୁସାରେ ଶିଳ୍ପ ଓ କଳା ରଚିତ ହେଉଥିଲା । କିନ୍ତୁ ମିଲେଙ୍କ ଭଳି ପରମ ସାଧକ ତ ପୁଣି ଏହି ଗ୍ରାମ୍ୟ କୃଷକ ଜୀବନର ମହିମାକୁ ନାନା ପଟରେ ଫୁଟାଇ ସମଗ୍ର ଫରାସୀ ଚିତ୍ରଧାରାକୁ ବଦଳାଇ ଦେଇଥିଲେ ।

ପାଶ୍ଚାତ୍ୟ ଶିଳ୍ପଧାରା ପ୍ରତି ଲକ୍ଷ୍ୟ କଲେ ବୁଝାଯାଏ ଯେ ସେ ଦେଶର ଶିଳ୍ପୀ ନୂତନତ୍ୱ ପାଇଁ ସର୍ବଦା ବ୍ୟାକୁଳ ଏବଂ ଚିରାଗତ ପ୍ରଥାର ଅଭିଳତା ଭଙ୍ଗ କରି ତାହା ବିରୁଦ୍ଧରେ ଅଭିଯାନ ଚଳାଇବା ପାଇଁ ସେମାନେ ବଦ୍ଧପରିକର । ଏହା ହିଁ ତାଙ୍କର ସଜୀବତାର ପରିଚୟ ଦେଇଥାଏ, ତା ନ ହୋଇଥିଲେ ଯେଉଁ ଭୋଗ ବିଳାସପୂର୍ଣ୍ଣ ପ୍ୟାରୀ ନଗରୀର ଧନୀଗୃହର ବୈଠକଖାନା ନଗ୍ନ, ଅଶ୍ଳୀଳ ଚିତ୍ର ସମାରୋହରେ ପୂର୍ଣ୍ଣ ହୋଇଥିଲା ଏବଂ ଯାହାକି ତତ୍‌କାଳୀନ ସମାଜର ମନ ଓ ଧ୍ୟାନକୁ ଗ୍ରାସ କରିଥିଲା ସେଭଳି ଗୋଟାଏ ସୁଦୃଢ଼ ରୀତି ବିରୁଦ୍ଧରେ ହଠାତ୍ ମିଲେଙ୍କ ଭଳି ଜଣେ ସାମାନ୍ୟ ଦରିଦ୍ର କୃଷକ ଶିଳ୍ପୀ ବିଦ୍ରୋହୀ ହୋଇ ପ୍ୟାରୀର ସାଜସଜ୍ଜା ପୂତିଗନ୍ଧ ନଟକ ପରିତ୍ୟାଗ କରି ନିର୍ଜନ ଓ ବିଚ୍ଛିନ୍ନ ଗ୍ରାମ୍ୟ ଦୃଶ୍ୟମଧ୍ୟରେ ଆତ୍ମନିୟୋଗ କରି କର୍ମର ଗୌରବ ଉଦ୍ଦୀପ୍ତ କରାଇଥାନ୍ତା ? ଆଧୁନାତନ ଭାରତୀୟ ଚିତ୍ର ଶିଳ୍ପର ଦୋହାଇ ଦେଇ ଯେଉଁ କଦର୍ଯ୍ୟ ନୀରସ, ଲଘୁଶିଳ୍ପର ରଚନା ଚାଲିଛି ତାହା କି କେବେ ସେହି ସବୁ ଚିତ୍ରପଟର ସମକକ୍ଷ ହୋଇପାରେ ? ଆମେ ଚାହୁଁ ରୂପ—ପୁଣି ନାରୀର ଉପଭୋଗ୍ୟ ରୂପ—ସେହି ନଗ୍ନ ରୂପ—ସେହି ବାତାୟନ ପଥେ । ଜୀବନର ଗଭୀର ଆଘାତ, ଦୁଃଖ, ଜଞ୍ଜାଳ ସତ୍ତ୍ୱେ ଆମେ ମୁଗ୍ଧ ହେଉଁ ସେହି ନାରୀର କଟାକ୍ଷରେ, ସ୍ୱପ୍ନ ଦେଖୁଁ ସେହି ନାରୀର ପରମ ପେଲବ ଅଙ୍ଗବଲ୍ଲରୀ—ଯେପରି ନାରୀ ହିଁ ପରମ ଉପଭୋଗ୍ୟା ଓ ଉପାସ୍ୟା ଏବଂ ଆଦର୍ଶର ଚରମ ସାଧନା—ଚିନ୍ତାର ସ୍ୱର୍ଣ୍ଣମଣି; ନାରୀ ନରର ପ୍ରଧାନ ସାଥୀ, ଜୀବନର ସହଚରୀ ସହକର୍ମିଣୀ—କିନ୍ତୁ ସହକର୍ମିଣୀ ହିସାବରେ ଦେଖିବାର ଚିତ୍ର ଓ କବିତା ଗୋଟାଏ ସୁଦ୍ଧା ଦୃଷ୍ଟିଗୋଚର ହୁଏ ନାହିଁ । ଏଥିରୁ କ'ଣ ବୁଝାଯାଉ ନାହିଁ ଯେ ନାରୀକୁ ଆମେ କେବଳ ଉପାସନାର ବସ୍ତୁ, କଳ୍ପନାର କଳ୍ପଲତା କରି



Digitized by srujanika@gmail.com

ରଖିବାକୁ ଚିର ଦିନ ଅଭିଳାଷ କରୁଁ । ଆଶ୍ଚର୍ଯ୍ୟର କଥା ଏହି—ବିଗତ ବହୁ ବର୍ଷ ବ୍ୟାପି ଏହି ନାଗ୍ନ ବନ୍ଦନା ଶିଳ୍ପ, ସ୍ଥାପତ୍ୟ, କାବ୍ୟ କବିତା ମଧ୍ୟରେ ଏପରି ଅନିବାର୍ଯ୍ୟ ହୋଇ ଉଠିଛି ଯେ ଏହି ଏକ ବ୍ୟସନ ବ୍ୟତୀତ କଳାସୃଷ୍ଟି ସମ୍ପୂର୍ଣ୍ଣ ଅସମ୍ଭବ ହୋଇ ଉଠିଲାଣି ।

ଜୀବନର ବହୁ କ୍ଷେତ୍ରରେ ଏତେ ବିଷୟ ଅଦ୍ୟାବଧି ଅଜ୍ଞାତ, ଅସ୍ପୃଶ୍ୟ ଓ ଜାତିଚ୍ୟୁତ ହୋଇ ରହିଛି, ଯାହା ପ୍ରତି କୌଣସି ଶିଳ୍ପୀର ଦୃଷ୍ଟି ଆକୃଷ୍ଟ ହୁଏ ନାହିଁ । ଏହି ସବୁ ବିଷୟକୁ ଲଳିତ କଳାରେ ଫୁଟାଇ ସାଧାରଣ ମାନବ ନିକଟରେ ତାହାର ଗୌରବ ଓ ମହତ୍ତ୍ୱକୁ ଦର୍ଶାଇ ଦେବା ହିଁ ପ୍ରତ୍ୟେକ କବି ବା ଶିଳ୍ପୀର କର୍ତ୍ତବ୍ୟ । ଅବଶ୍ୟ ଦେଶର ଗମ୍ଭୀର ଦାରିଦ୍ର୍ୟ ମଧ୍ୟରେ ଶିଳ୍ପୀ ବଞ୍ଚି ରହିବାର ଅବସର ପାଏ ନାହିଁ—ଏ କଥା ସତ୍ୟ, କିନ୍ତୁ ମନେହୁଏ ସାଧାରଣ ଶ୍ରମଜୀବୀର ଜୀବନରେ ଯେଉଁ ଅଭାବ ପରିଲକ୍ଷିତ ହୁଏ ତାହାଠାରୁ କୌଣସି ଶିଳ୍ପୀ ଯେ ନିକୃଷ୍ଟ ସ୍ତରରେ ଏବଂ ଦରିଦ୍ରତର ଅବସ୍ଥାରେ ଅଛନ୍ତି, ଏ କଥା ମୋର ବିଶ୍ୱାସ ହୁଏ ନାହିଁ ।

ଶିଳ୍ପ କଳା ପ୍ରତି ବୀତସ୍ପୃହ ହୋଇ ହୁଏ ତ ଦାରିଦ୍ର୍ୟର ବିଭିନ୍ନ ବିଭତ୍ସ ହାହୁତାଶ ମଧ୍ୟରେ ଲଳିତ କଳାର ସାର୍ଥକତା ସମ୍ବନ୍ଧରେ କେହି କେହି ଉତ୍କଟ ମତ ପ୍ରକାଶ କରିଥାନ୍ତି । କେହି ମନେ କରନ୍ତି ପ୍ରଥମେ ବଞ୍ଚି ରହିବାକୁ ହେବ, ତାପରେ କଳାର ରସ ବୋଧ କରିବାକୁ ହେବ । ଶାନ୍ତି ଓ ସୌଭାଗ୍ୟରେ ହିଁ ଏହି ଲଳିତ କଳାର ଯଥାର୍ଥ ଆଦର ହୋଇଥାଏ । ବର୍ତ୍ତମାନ ମନେହୁଏ ବ୍ୟକ୍ତିଗତ ଦାରିଦ୍ର୍ୟ ଆମ ସମକ୍ଷରେ ଏତେ ପ୍ରକାଣ୍ଡ ହୋଇ ପଡ଼ିଛି ଯେ ଏହା ହିଁ ଜୀବନର ଆଦି, ମଧ୍ୟ ଓ ଅନ୍ତ ବୋଲି ମନେହୁଏ । ବଞ୍ଚିବାର ଅର୍ଥ ବୋଇଲେ ଆହାର, ମୈଥୁନ, ନିଦ୍ରା ଓ ଉପଭୋଗ । କିନ୍ତୁ ଏହି ଉପଭୋଗ ହିଁ ମନୁଷ୍ୟର ଚରମ ବୋଲି କୌଣସି ବିବେକୀ କହିବ ନାହିଁ । ଦେହ ଓ ପ୍ରାଣର ଆଧାର ମଧ୍ୟରେ ଜ୍ଞାନ ଓ ବୁଦ୍ଧିର ବିକାଶ କରି ମନୁଷ୍ୟତ୍ୱର ବିକାଶ ଦେଖାଇବାକୁ ହେବ । ଶେଷୋକ୍ତର ବିକାଶ ପାଇଁ ଦେହ ଓ ବଞ୍ଚି ରହିବାର ପ୍ରୟୋଜନ ଅଛି । ବଞ୍ଚିବାର ସାମଗ୍ରୀ ଯାହା ଅଛି ତାହା ମନର ଦାରିଦ୍ର୍ୟ ହେତୁ ଅଧିକ କ୍ଷୀଣ ଓ ସ୍ୱଳ୍ପ ମନେ ହେଉଛି ମାତ୍ର । ଆଦିମ ମାନବ ଭୌତିକ ଲାଳସାରେ ନରହତ୍ୟା ଓ ପଶୁହତ୍ୟା କରିଥିଲା । ସୁନ୍ଦରୀର ସ୍ପର୍ଶ ଲାଭ ପାଇଁ ରକ୍ତର ମହାନଦୀ ବୁହାଇ ଦେଇଥିଲା । ଦେହର ଭୋଗ ପାଇଁ, ଭୌତିକ ସୁଖ ସମ୍ଭୋଗ ପାଇଁ ଆଜି ମଧ୍ୟ ମନୁଷ୍ୟ ମନୁଷ୍ୟ ସହିତ, ଜାତି ଜାତି ସହିତ, ଶ୍ରେଣୀ ଶ୍ରେଣୀ ସହିତ ଏକ ଭୀଷଣ ସଂଘର୍ଷରେ ଲାଗି ପଡ଼ିଛି । କିନ୍ତୁ ରାଜନୀତି, ସମାଜନୀତି ଏବଂ ଧର୍ମନୀତି ମଧ୍ୟରେ ଏହି ବିଭତ୍ସ ସ୍ୱାର୍ଥ ହିଁ ସକଳ ଅନର୍ଥର ମୂଳ, ଏ କଥା ସ୍ୱୀକାର କରିବାକୁ ହେବ । କିନ୍ତୁ କଳା ଗୃହେ ଆଦର୍ଶ ଜୀବନ ଯାପନ, ପୂର୍ଣ୍ଣ ମାନବତ୍ୱ, ସାମ୍ୟ, ମୈତ୍ରୀ; ଏବଂ ତାହା ହିଁ ଶିଳ୍ପୀ ଗୋଟିଏ ଅଜ୍ଞାତ ଗୁହାର ନିଭୃତ ନିର୍ଜନ କକ୍ଷରେ ବସି ଦିନ ଦିନ ମାସ ମାସ ବର୍ଷ ବର୍ଷ ଧରି ତାହାର ପରିକଳ୍ପନା ମଧ୍ୟରେ ଲୌହକାରର କଠୋର କର୍ମ, କୃଷକର ନିରଳସ କାପଟ୍ୟହୀନ ଜୀବନ ଯାହାର ରମଣୀୟ ଚିତ୍ର ରଚନା କରି ତାଙ୍କୁ ଶିକ୍ଷା ଦିଏ—ଅଙ୍ଗୁଳି ନିର୍ଦ୍ଦେଶ କରି ଦେଖାଇ ଦିଏ ତ୍ୟାଗ ଓ ମହତ୍ତ୍ୱ ବଳରେ ଜୀବନର ଜୟଗାନ କରିବାକୁ । କର୍ମ ହିଁ ଜୟର ମୂଳମନ୍ତ୍ର । କୃଷକର କାପଟ୍ୟ ନାହିଁ—ଲୌହକାରର ବ୍ୟସନ ନାହିଁ—ଅଛି କେବଳ ଗଭୀର ତନ୍ମୟତା—କର୍ମର ସୌନ୍ଦର୍ଯ୍ୟ, ତ୍ୟାଗର ମନ୍ତ୍ର—ଅତୀତର ସୂଚନା । ଯେଉଁଠାରେ ଶିଳ୍ପୀ ଓ ଦର୍ଶକ ଉଭୟ ହିଁ ସମବେଦନାରେ ସଚଳ ହୋଇ ଉଠନ୍ତି, ସେହିଠାରେ ମିଲେଙ୍କର କୃଷକ କୃଷକାଣୀ, ଓଲ୍ଡେନ୍‌ବର୍ଗଙ୍କର ପୋଷ୍ଟ ପିଅନର ଆତ୍ମା ଉଦ୍ଦେଶ୍ୟରେ ଚିର ପରିପୂର୍ଣ୍ଣ ଆନନ୍ଦରେ ନିମଗ୍ନ ରହେ । ଅର୍ଦ୍ଧଶାୟିତା ନଗ୍ନବକ୍ଷା ନାରୀର ଦେହ ଯଷ୍ଟିରେ ଭୋଗର ଯେଉଁ ମାଦକତା ଅଛି, ଯେଉଁ ଆତ୍ମାର ଆଭାସ ଅଛି, ସେ ଚିତ୍ରରେ ତାହା ନାହିଁ, ଅତି-ମାନବର ଚିତ୍ର ସେଠି ନାହିଁ । ସେଠାରେ ଅଛି କେବଳ ମାନବର ସ୍ଥିର ଓ ତଦ୍‌ଗତ କଳ୍ପନା ଏବଂ ମାନବର ବାସ୍ତବ କାଠିନ୍ୟ ଓ ଶ୍ରମ ଏବଂ ଧର୍ମ । ଦେହ ଓ ବାସ୍ତବତା ମଧ୍ୟରେ ଆତ୍ମାର ସ୍ୱାତନ୍ତ୍ର୍ୟ ଏବଂ ଆତ୍ମାର ଶକ୍ତିର ପ୍ରଧାନ ପରିଚୟ ପ୍ରକାଶ ଦିଏ ଏହି ଶିଳ୍ପୀ, ଅନ୍ୟ କେହି ନୁହେଁ ।

ସୁତରାଂ ଶିଳ୍ପୀର ଶିଳ୍ପ—କଳାବିତ୍‌ର କଳା ଦେଖିବାକୁ ହେଲେ ଯେଉଁ ମନୁଷ୍ୟତ୍ୱ ଆବଶ୍ୟକ, ସେହି ଅନୁଭବ କରିବାର କ୍ଷମତା, ସୌନ୍ଦର୍ଯ୍ୟ ଚିନ୍ତା କରିବାର ସାମର୍ଥ୍ୟ ଏକାନ୍ତ ଆବଶ୍ୟକ । ପ୍ରତ୍ୟେକ ଦର୍ଶକ ବ୍ୟକ୍ତିଗତ ଚିନ୍ତା ଓ ଦୃଷ୍ଟି ଭେଦରେ କଳାର ବିଚାର କରିଥାନ୍ତି । କିନ୍ତୁ ବିଶିଷ୍ଟ ଶିଳ୍ପ-ସ୍ୱଧ ପ୍ରତି ଆକୃଷ୍ଟ ହୋଇ ଅଥବା ପକ୍ଷବିଭ୍ରାନ୍ତି ହୃଦରେ କଳାର ବିଚାର କରିବା ଆଦୌ ସମୀଚୀନ ନୁହେଁ । କଳାର ବ୍ୟାପକତା ଓ ବିଭିନ୍ନ ବିକାଶ ମଧ୍ୟରେ ସହଜରେ ଦିଗ ନିର୍ଣ୍ଣୟ କରିବା ସମଧିକ କଠିନ ବ୍ୟାପାର । ଫରାସୀ ଭାଷାରେ ଗୋଟିଏ କଥା ଅଛି: **Tout Comprendre est tout pardonner**—ଅର୍ଥାତ୍ ଶିଳ୍ପ ବା କଳାକୁ ବୁଝିବା ପାଇଁ ଆନ୍ତରିକତା ଓ ରୁଚି ଯେତେ ମାର୍ଜିତ ହେବ, ଉଲିହିତ ଅବର୍ଜନା ସେତେ ଭୁଲି ଯିବାକୁ ହେବ । ଦୋଷ ଦେଖିବା ଯେତେ ସହଜ, ଗୁଣ ଚିହ୍ନିବା ତତୋଧିକ କଷ୍ଟସାଧ୍ୟ । କବିତାର ସମ୍ପୂର୍ଣ୍ଣ ଭାବ ଗ୍ରହଣ ନ କରି ପାରି କଦର୍ଯ୍ୟ ସମାଲୋଚନା କରିବା ଯେପରି ହୀନତାର ପରିଚୟ ଦିଏ—ଶିଳ୍ପ କଳାକୁ ଏକଦେଶଦର୍ଶୀ ସମାଲୋଚକ ଲଘୁ ସମାଲୋଚନା କରି ନିଜର ଅଗଭୀରତାର ଯେପରି ପରିଚୟ ଦିଅନ୍ତି—ଚିତ୍ରକୁ ମଧ୍ୟ ସେ ଭଳି କଳୁଷିତ କରନ୍ତି,—କଦର୍ଯ୍ୟ ମନ ସାହାଯ୍ୟରେ ଦୋଷ ଧରିବା ଲିପ୍ସା ଏତେ ପ୍ରବଳ ହୋଇ ଉଠେ ଯେ ସେମାନେ ମରଚିତ ଶିଳ୍ପୀ ବ୍ୟତୀତ ଅପର କୌଣସି ଚିତ୍ରକରର କଳା ଆଦୌ ଗ୍ରହଣୀୟ ନୁହେଁ ବୋଲି କହିବାକୁ ଦ୍ୱିଧା କରନ୍ତି ନାହିଁ । ଭାରତୀୟ ଶିଳ୍ପର ଆଧ୍ୟାତ୍ମିକତା ପ୍ରତି ଏତେ ଆକୃଷ୍ଟ ହୋଇ ପଡ଼ନ୍ତି ଯେ ଜଗତର ଅନ୍ୟାନ୍ୟ କଳାକୁ ସମ୍ପୂର୍ଣ୍ଣ ନିରର୍ଥକ ବୋଲି ପ୍ରତିପାଦନ କରନ୍ତି । ତାଙ୍କର ମନ ଓ ଚିନ୍ତାର ଚାବି ଖୋଜି ନ ପାଇଲେ ସେହି ଜାତିର କଳା-ଭଣ୍ଡାର ଯେ ଚିରକାଳ ପାଇଁ ରୁଦ୍ଧ ରହିବ, ଏଥିରେ ସନ୍ଦେହ ନାହିଁ । ତେଣୁ ଗୋଟିଏ ମାନଦଣ୍ଡରେ ସର୍ବଦା



Digitized by srujanika@gmail.com

କଳାର ବିଗ୍ରହ ଅସମ୍ଭବ । ଭାରତୀୟ ଶିଳ୍ପୀ ଶକ୍ତିର ପ୍ରକାଶ ପାଇଁ ଯେଉଁ ଗଜସିଂହର କଳ୍ପନା କରିଛି—ତାହା ମଧ୍ୟରେ ଶକ୍ତିର ଦ୍ୟୋତନା ପାଇଁ, ଅଧିକତର ତେଜ ଓ ବଳିଷ୍ଠତା ପାଇଁ ହୁଏ ତ ବାସ୍ତବ ସିଂହରୂପର ସୌସାଦୃଶ୍ୟ ହରାଇଛି । ସ୍ଥୂଳ ମନକୁ ସାଧାରଣ ଲୋକଙ୍କର ଅବବୋଧ ପାଇଁ ଏହି ନିର୍ମାଣ ସମ୍ଭବ ହୋଇ ପାରିଛି । ପ୍ରକୃତ ସିଂହରୂପ ରଚନା କରିଥିଲେ ଏହି ଅଲୌକିକ ଶକ୍ତିର ସୂଚନା ମିଳିଥାନ୍ତା କି ନାହିଁ ସନ୍ଦେହ । ପଶୁଶାଳାଠାରୁ ଆରମ୍ଭ କରି ଗାୟକ, ଗାୟିକା, ନର୍ତ୍ତକ, ନର୍ତ୍ତକୀ, ଦ୍ୱାରୀ, ଭୃତ୍ୟ, ବାଦ୍ୟକାର ପ୍ରଭୃତି ବହୁ ବିଧ ବିଷୟ ମଧ୍ୟରେ ପ୍ରାଚୀନ ଭାରତୀୟ ଶିଳ୍ପୀ ଅପୂର୍ବ କଳ୍ପନା କରି ଶିଳ୍ପ ଜଗତରେ ଅକ୍ଷୟ କୀର୍ତ୍ତି ଅର୍ଜ୍ଜନ କରି ଯାଇଛି ।

ପାଶ୍ଚାତ୍ୟ ଦେଶର ଏହି ଭାସ୍କର୍ଯ୍ୟ ପ୍ରତି ଲକ୍ଷ୍ୟ କଲେ ଦେଖାଯାଏ, ସେମାନେ ଯେପରି କି ବାସ୍ତବ ମନୁଷ୍ୟଙ୍କୁ ସ୍ୱୀୟ ପ୍ରକାଶକ୍ଷମତା ବଳରେ ଅବିକଳ ଅଙ୍କନ କରି ପାରିଥିଲେ । ଗଥିକ ଭାସ୍କର୍ଯ୍ୟଠାରୁ ଆରମ୍ଭ କରି ବିଭିନ୍ନ ଇଉରୋପୀୟ ଶିଳ୍ପୀମାନଙ୍କର କଳାକୌଶଳ, ଧ୍ୟାନ ଓ ଚିନ୍ତା ଏବଂ ଭାବର ସତ୍ୟତା ଦେଖିଲେ ସେମାନଙ୍କର ପ୍ରତିଭାର ଯଥାର୍ଥ ପରିଚୟ ମିଳିଥାଏ । ଡା-ଭିନ୍ସି, ମାଇକେଲ୍ ଏଞ୍ଜେଲୋ, ରାଫେଲ୍, ରୁବେନ୍ସ, ରୋଦେଁ ପ୍ରଭୃତିଙ୍କର କଳା ଅନନ୍ୟସାଧାରଣ କହିଲେ ଅତ୍ୟୁକ୍ତି ହେବ ନାହିଁ । ତାଙ୍କର କଳା ଯେପରି ଜୀବନ୍ତ ସେହିପରି ଗତିଶୀଳ । ଆଧୁନିକ ଶିଳ୍ପୀ ପୂର୍ବ ରୀତି ଓ ଭଙ୍ଗୀ ମଧ୍ୟରେ ନିଜର ଆଭିଜାତ୍ୟର ଗର୍ବରେ ନିଜକୁ ଅବସନ୍ନ ଓ ଗତିହୀନ କରି ପକାଇଛି । ବିଗତ ବହୁ ଶତାବ୍ଦୀ ପୂର୍ବେ ଯେଉଁ ରୀତିରେ, ଯେଉଁ ଆଦର୍ଶରେ କଳା ରଚିତ ଓ କଳ୍ପିତ ହୋଇଥିଲା—ତାହା ହିଁ ଯେ ଯୁଗ ଯୁଗ ବ୍ୟାପି ରହିଥିବ ଏପରି କୌଣସି ନିର୍ଦ୍ଦିଷ୍ଟ ଆଇନ ନାହିଁ । ଶିଳ୍ପ ମଧ୍ୟରେ ଜାତୀୟତା ପାଇଁ ଯେଉଁମାନେ ବ୍ୟାକୁଳ, ସେମାନେ ଶିଳ୍ପକୁ ସଙ୍କୁଚିତ କରନ୍ତି ଏବଂ ଅଙ୍କନ ପୂର୍ବରୁ ନିଜର ମନକୁ ସମ୍ପୂର୍ଣ୍ଣ ସ୍ୱାଧୀନ ରଖି ପାରନ୍ତି ନାହିଁ । ଜାତି ସହିତ ଶିଳ୍ପର ସମ୍ପର୍କ ଅଛି, ମାତ୍ର ତାହା ହିଁ ଏକମାତ୍ର ହେବା ଆଦୌ ଶୋଭନୀୟ ନୁହେଁ । କଳ୍ପିତ ବିଷୟ ମଧ୍ୟରେ ଉଦ୍ଭାବନ ଛାୟା-ଲୋକ, ବର୍ଣ୍ଣବିଲେପନ ଓ ଶେଷସ୍ପର୍ଶ ପ୍ରଭୃତି କେତେକ ବିଷୟ ମଧ୍ୟରେ ଶିଳ୍ପୀ ଯେଉଁ ଦେଶର ଅଥବା କାଳର ବିଶିଷ୍ଟ ଘଟଣା ଲିପିବଦ୍ଧ କରିବେ, ତାହାରି ମଧ୍ୟରେ ଯୁଗର ପ୍ରତିନିଧି ଭଳି ସେ କାର୍ଯ୍ୟ କରିବେ ଏବଂ ତାଙ୍କର ପ୍ରଧାନତମ ଉଦ୍ଦେଶ୍ୟ, ବ୍ୟକ୍ତିତ୍ୱ ଓ ଅନ୍ତରାତ୍ମାର ମୁଦ୍ରା ତହିଁରେ ପ୍ରତିଫଳିତ ହୋଇ ଉଠିବ । ଚିତ୍ରକଳା ଦିଗରୁ ଏସବୁ ପ୍ରଧାନତଃ ବିଚାର୍ଯ୍ୟ ।

ଗିରିନଦୀର ନିଭୃତ କଳକଳନାଦ ଶୁଣିଲେ ମନରେ ଯେଉଁ ଅନିର୍ବଚନୀୟ ଆନନ୍ଦ ସଞ୍ଚାରିତ ହୁଏ, ଗୋଟିଏ ଚମତ୍କାର ଚିତ୍ରପଟ ଦେଖିଲେ ସେହିପରି ସହସ୍ର ଭାବ ସଞ୍ଚାରିତ ହୁଏ । ତେଣୁ ଏହି ପଟ ମଧ୍ୟରୁ କଳା ଆମକୁ କଥା କହେ, ପ୍ରେରଣା ଦିଏ, ଆମର ହୃଦୟକୁ ଆନନ୍ଦ, ପ୍ରୀତି ଓ ସମବେଦନାରେ ପରିପୂର୍ଣ୍ଣ କରି ବିଶ୍ୱର ସକଳ ଜଞ୍ଜାଳ ମଧ୍ୟରେ ଶାନ୍ତିର ପ୍ରଲେପ ବୁଲାଇ ଦିଏ । ସୁତରାଂ ଲଳିତ କଳାର ଗୋଟିଏ ଚିତ୍ରରେ ଆମେ ଯାହା ଦେଖୁଁ, ବହୁ ପୁସ୍ତକର ଅଭିଜ୍ଞତା ଆମକୁ ତାହା ଏତେ ଶୀଘ୍ର ଦେଇ ପାରେ ନାହିଁ । ସେଥିପାଇଁ ପ୍ରସିଦ୍ଧ ଇଂରାଜ କବି କାଉପାର ଥରେ ତାଙ୍କର ମାଆଙ୍କର ଚିତ୍ରପଟ ଦେଖି କହିଥିଲେ—

**Those lips are thine—thy own sweet smile I see,**
**The same that oft in childhood solaced me**
**Voice only fails, else how distinct they say—**
**"Grieve not my child, chase all thy fears away."**

କବି ଏହି ଚିତ୍ରପଟ ଦେଖି ତାଙ୍କର ଜନନୀଙ୍କର ସ୍ମୃତି ସମ୍ପୂର୍ଣ୍ଣ ଉଦ୍ଧାର କରିପାରି ଥିଲେ, ଆଉ ସଙ୍ଗେ ସଙ୍ଗେ ବାଲ୍ୟ ଜୀବନର ଅସଂଖ୍ୟ ମଧୁମୟ ଘଟଣା ତାଙ୍କର ହୃଦୟରେ ପୁଞ୍ଜୀଭୂତ ହୋଇ ଉଠିଥିଲା । ଏହି କାରଣରୁ କଳା କଥା କହେ ବୋଲି କୁହାଯାଇପାରେ ।

ଏହି କାରଣରୁ ଆଜି ଶିକ୍ଷା ପ୍ରଣାଳୀରେ ( **Pictorial Education** ) ଚିତ୍ର ଦ୍ୱାରା ଶିକ୍ଷାର ପ୍ରବର୍ତ୍ତନ ଏତେ ଲୋକପ୍ରିୟ ଓ ବିଜ୍ଞାନ ସମ୍ମତ ହୋଇ ପାରିଛି । ଚିତ୍ରର ଭାଷା ସହଜବୋଧ୍ୟ, ଚିରସ୍ଥାୟୀ ଏବଂ ପ୍ରାଞ୍ଜଳ ।

ଏହି ଭାଷାକୁ ପ୍ରକାଶ କରିବା ପାଇଁ ଦେଶରେ ଯେପରି ଅବହାର୍ଯ୍ୟର ସୂଚନା ମିଳୁଛି—ତାହା ଅତ୍ୟନ୍ତ ଶୋଚନୀୟ । ନାନା ପ୍ରକାର ବାଧାବିଘ୍ନ, ଲାଞ୍ଛନା ଓ ଅବମାନନା ମଧ୍ୟରେ, ଏବଂ ଉତ୍ତାଳ-ତରଙ୍ଗାଘାତରେ ତୀରଭୂମି ରୂପାନ୍ତରିତ ହେଲା ଭଳି ଏହା ଯେ ରୂପାନ୍ତରିତ ହୋଇଯିବ, ଏଥିରେ ସନ୍ଦେହ ନାହିଁ । କିଏ କହିପାରେ ଯନ୍ତ୍ର-ଯୁଗର ଏହି ବିରାଟ ଘର୍ଘର ମଧ୍ୟରେ ଏହା ସମ୍ପୂର୍ଣ୍ଣ ଭାବରେ ଲୁପ୍ତ ହୋଇ ନ ଯିବ ! କିନ୍ତୁ ଏତିକି ସାନ୍ତ୍ୱନା ମିଳେ ଯେ ମନ ହିଁ ଯନ୍ତ୍ରର ସ୍ରଷ୍ଟା । ଯନ୍ତ୍ର ମନର ଅଧିଷ୍ଠାତ୍ରୀ ନୁହେଁ । ସକଳ ପ୍ରକାର ବ୍ୟାବହାରିକ ଶିଳ୍ପ ବ୍ୟତୀତ ଲଳିତକଳା ପ୍ରସ୍ତୁତ କରିବା ପାଇଁ ସେ ଭଳି ଯନ୍ତ୍ର ଅଦ୍ୟାବଧି ଆବିଷ୍କୃତ ହୋଇନାହିଁ । ସମସ୍ତ ପ୍ରତିବନ୍ଧକ ସତ୍ତ୍ୱେ ଶିଳ୍ପୀ ନିଜର ପ୍ରକାଶ ଓ ସୃଷ୍ଟିକୁ ସର୍ବୋତ୍କୃଷ୍ଟ କରି ପାରିବ ଓ ତହିଁରେ ବ୍ୟକ୍ତିତ୍ୱର ସ୍ୱାକ୍ଷର ଦେଇ ତାହା ପରମ ସ୍ପୃହଣୀୟ ହୋଇ ପାରିବ । ଆମ ଦେଶର ଶିକ୍ଷା-ଦାନ ବ୍ୟବସ୍ଥା ମଧ୍ୟରେ ଏହି କଳାପ୍ରିୟତାକୁ ସଜାଗ ରଖିବା ପାଇଁ ସମୂହ ଚେଷ୍ଟା ଏକାନ୍ତ ଆବଶ୍ୟକ । ସୁକୁମାରମତି ବାଳକ ବାଳିକାଙ୍କୁ ବୈଦେଶିକ ସାହିତ୍ୟ, ଇତିହାସ, ଭୂଗୋଳ ପାଠ ପାଇଁ ଯେଉଁ ସୁବିଧା ଓ ସୁଯୋଗ ଦିଆଯାଏ—ସୂକ୍ଷ୍ମ କଳା ପ୍ରତି ସେପରି ଦିଆଯାଏ ନାହିଁ । ଆନନ୍ଦ ପ୍ରକାଶର ପଥ ବନ୍ଦ କରି ଆମେ ଜାତିର ଜୀବନୀ ଶକ୍ତିକୁ ପଙ୍ଗୁ କରି ଦେଉଛୁଁ—ଏହି ଶକ୍ତିକୁ ପୁନରୁଜ୍ଜୀବିତ କରିବାକୁ ହେବ, ଲଳିତ କଳାର ପ୍ରସାର କରିବାକୁ ହେବ, ଘରେ ଘରେ ଜୀବନ ସଞ୍ଚାର କରିବାକୁ ହେବ ।



Digitized by srujanika@gmail.com

# ରୁଚି

ଶ୍ରୀ କ୍ଷିତୀଶଚନ୍ଦ୍ର ଦେ

ସଂସ୍କୃତ ପ୍ରବାଦ କହେ—ଭିନ୍ନ ରୁଚିର୍ହି ଲୋକଃ । ଇଂରାଜୀ ପ୍ରବାଦ ମଧ୍ୟ କହେ—**There are as many tastes as there are tongues**—ଅର୍ଥାତ୍ ଯେତୋଟି ଜିଭ ସେତୋଟି ରୁଚି । ପ୍ରଗତିଶୀଳ ସମାଜ ସଂସ୍କାରକ ମଧ୍ୟ କହନ୍ତି, "ପାଣ, କଣ୍ଡରା କିମ୍ବା ମୁସଲମାନ ଖ୍ରୀଷ୍ଟାନ୍ କଣ ମନୁଷ୍ୟ ନୁହନ୍ତି ? ତାଙ୍କ ସହିତ ଖାଇଲେ ହିନ୍ଦୁର ପାପ ହେବ କାହିଁ ? ଯାହା ସଙ୍ଗରେ ଖାଇବାକୁ ରୁଚି ହେବ, ତାହା ସଙ୍ଗରେ ଖାଅ ; କିଛି ଦୋଷ ନାହିଁ ।" ସମସ୍ତେ କହନ୍ତି ରୁଚି, ରୁଚି । ତହିଁରେ ପୁଣି 'ସୁ' 'କୁ' ଲଗାଇ ଲୋକେ ପରସ୍ପରକୁ ଅଙ୍ଗ ବିଦ୍ରୂପ, ଗାଳି ଗୁଲଜ ମଧ୍ୟ ଦିଅନ୍ତି । ସାହିତ୍ୟ ସମାଲୋଚନାରେ କୌଣସି କବିତା ଲେଖକଙ୍କୁ ଜଣେ ଯେଉଁ ରୁଚି ଶବ୍ଦର ଦୋହାଇ ଦେଇ, ଠେକା-ଠେକି କରି ସ୍ୱର୍ଗରେ ନେଇ ଥୁଅନ୍ତି, ଆଉ ଜଣେ ସେହି ରୁଚି ଶବ୍ଦର ଦୋହାଇ ଦେଇ ସେହି ଲେଖକଙ୍କୁ ନରକକୁ ଟାଣି ଆଣିବାକୁ ପ୍ରସ୍ତୁତ । ଥିଏଟର ସିନେମାରେ ଯାହାକୁ ଦେଖି ଦଶ ଲୋକେ ତାଳି ମାରି ରଙ୍ଗମଞ୍ଚ ପ୍ରକମ୍ପିତ କରିଦିଅନ୍ତି, ତାହାକୁ ହିଁ ଦେଖି ଆଉ ଜଣେ ମୁହଁମୋଡ଼ ବିରକ୍ତ ହୋଇ ଉଠି ଆସେ । କାରଣ ପଚାରନ୍ତୁ, ଶୁଣିବେ ରୁଚି ।

ବ୍ୟବହାରର ବ୍ୟାପକତା ଆଡ଼କୁ ଦେଖିଲେ, ରୁଚି ଶବ୍ଦଟି ଅତି ସାଧାରଣ । କିନ୍ତୁ, "ଏହା କଣ ?" ଏ ଚିନ୍ତା ମନରେ ଉଦିତ ହେଲ ମାତ୍ରେ ଅତି ସାଧାରଣ ଶବ୍ଦଟା ହଠାତ୍ ଅସାଧାରଣ ରୂପ ଧାରଣ କରେ ।

'ନୈତିକ' ବିଚାର ପଦ୍ଧତି ଆଡ଼କୁ ଦେଖିଲେ ମନେହୁଏ, ରୁଚି ମନୋଭାବର ଗୋଟିଏ କ୍ଷଣିକ ଅଭିବ୍ୟକ୍ତି ନୁହେ, ଅର୍ଥାତ୍ କ୍ରୋଧ କ୍ରନ୍ଦନ ବା ହାସ୍ୟ ଯେପରି ସାମୟିକ ଭାବେ ଆସେ ଏବଂ କ୍ଷଣ କାଳ ଉତ୍ତାରେ ଲୋପ ପାଏ, ଏହା ସେ ଜାତୀୟ ନୁହେ । ଏହା ମନୋଭାବର ଗୋଟିଏ ସ୍ଥାୟୀ ରୂପ । ଅବଶ୍ୟ ଚିରସ୍ଥାୟୀ ନୁହେ, କାରଣ ରୁଚିର ପରିବର୍ତ୍ତନ ହୁଏ । ପୁଣି ସେ ରୂପ ଯେ କେବଳ ମନର, ତାହା ନୁହେ—ତାହାର ଗୋଟିଏ ଦୈହିକ ଦିଗ ମଧ୍ୟ ଅଛି । ମୂଳରେ ଏହି ଦୈହିକ ଦିଗ ହିଁ ପ୍ରଧାନ ଥିଲା । ଅଭିଧାନର ଅର୍ଥ ଅନୁଯାୟୀ ରୁଚି ମାନେ ସ୍ୱାଦାନୁଭୂତି, ଅର୍ଥାତ୍ ରସନା ଯେଉଁ ସ୍ୱାଦ ଅନୁଭବ କରେ, ତାହା ହିଁ ରୁଚି । ଆମେ ଯେତେବେଳେ କହୁଁ, କୌଣସି ଖାଦ୍ୟ ଅମୁକଙ୍କ ରୁଚୁ ନାହିଁ, ସେତେବେଳେ ରସନାଗତ ସ୍ୱାଦାନୁଭୂତି ଅର୍ଥରେ ହିଁ ଆମେ ରୁଚି ଶବ୍ଦର ବ୍ୟବହାର କରୁଁ । କିନ୍ତୁ ବହୁ ଶବ୍ଦ ଯେପରି ମୂଳ ଅର୍ଥ ପରିତ୍ୟାଗ କରି କାଳକ୍ରମେ ରୂପକ ଅର୍ଥରେ ହିଁ ବେଶୀ ବ୍ୟବହୃତ ହୋଇଥାଏ, ରୁଚି ଶବ୍ଦ ବିଷୟରେ ମଧ୍ୟ ତାହା ହିଁ ଘଟିଛି । ଆଜିକାଲି ରୂପକ ଅର୍ଥରେ ହିଁ ତାହା ସାଧାରଣତଃ ବ୍ୟବହୃତ ହୁଏ । ବେଶଭୂଷା, ପ୍ରାଚୀନ ଓ ଆଧୁନିକ ସାହିତ୍ୟ, ଥିଏଟର, ସିନେମା ପ୍ରଭୃତି ସମ୍ପର୍କରେ ଆମେ ଯେତେବେଳେ ରୁଚି ଶବ୍ଦର ବ୍ୟବହାର କରୁଁ, ତାହା ସର୍ବଦା ଏହି ରୂପକ ଅର୍ଥରେ ହିଁ କରୁଁ—କଦାପି ମୂଳ ଅର୍ଥରେ ନୁହେ । ଏପରି ବ୍ୟବହାରରେ ମନୋଭାବର ଗୋଟିଏ ବିଶିଷ୍ଟ ରୂପ ହିଁ ଏକମାତ୍ର ଲକ୍ଷ୍ୟ ।

ଯାହା ଆମକୁ ଭଲ ଲାଗେ ବା ନ ଲାଗେ ସେହି ସମ୍ପର୍କରେ ରୁଚି ଶବ୍ଦ ପ୍ରଯୁକ୍ତ ହୋଇଥାଏ । ଅତଏବ ରସାନୁଭୂତି ସହିତ ରୁଚିର ସମ୍ପର୍କ । ତଥାପି ଯାହା ରସ ବିଷୟକ ନୁହେ, ସେ ବିଷୟରେ ଯେ ରୁଚି ଅରୁଚିର କଥା ନ ଉଠେ, ତାହା ନୁହେ । ଗଣିତ ବା ବିଜ୍ଞାନ—କେହି ରସ ବିଷୟକ ନୁହେ, ତଥାପି ଜଣେ କହେ—ଗଣିତ ପ୍ରତି ମୋର ରୁଚି ନାହିଁ; ଆଉ ଜଣେ କହେ—ବିଜ୍ଞାନ ମତେ ଅତି ରୁଚିକର ଲାଗେ । ଏଠାରେ ରୁଚି ଶବ୍ଦର ପ୍ରୟୋଗ, ଭଲ ଲାଗିବା ନ ଲାଗିବା ଅର୍ଥରେ । ସେ ଭଲ ଲାଗିବା ନ ଲାଗିବା ପଛାତରେ କୌଣସି ଯୁକ୍ତି ନାହିଁ, କି କାରଣ ନାହିଁ ; ତାହା ବ୍ୟକ୍ତିର ପ୍ରକୃତି-ଜାତ । କିନ୍ତୁ ଏପରି ବିଷୟରେ ବସ୍ତୁର ସତ୍ୟାସତ୍ୟ, ଉପଯୋଗିତା ବା ଅନୁପଯୋଗିତା ନିରୂପଣ କଲା ସମୟରେ ରୁଚି କଦାପି ବିଚାରର ମାନଦଣ୍ଡ ହୁଏ ନାହିଁ । ଗଣିତ ମୋତେ ଭଲ ଲାଗୁ ବା ନ ଲାଗୁ, ବର୍ଷକୁ ଶତକଡ଼ା ବାର ଟଙ୍କା ସୁଧରେ ଶହେ ଟଙ୍କା କରଜ କରିଥିଲେ, ଦୁଇ ବର୍ଷ ପରେ ସୁଧ ଯେ ଚବିଶ ଟଙ୍କା ହେବ, ଏ ସତ୍ୟ ମୋତେ ମାନିନେବାକୁ ହେବ ; କିମ୍ବା ବିଜ୍ଞାନ ମୋତେ ଭଲ ଲାଗୁ ବା ନ ଲାଗୁ, ଗୋଡ଼ ଖସିଲେ ମାଧ୍ୟାକର୍ଷଣ ଶକ୍ତି ଯୋଗୁଁ ଯେ ପତନ ଅବଶ୍ୟମ୍ଭାବୀ, ଏ ସତ୍ୟ ମଧ୍ୟ ମାନିନେବାକୁ ହେବ। ମୋର ରୁଚି ଏ ସ୍ଥଳରେ ସତ୍ୟ ନିରୂପଣର ବିଚାରକ ନୁହେ । କିନ୍ତୁ ରସ ବିଷୟକ ଆଲୋଚନାରେ ରୁଚି ହିଁ ଅଧିକାଂଶ ସ୍ଥଳରେ ଏକମାତ୍ର ମାନଦଣ୍ଡ । ଜଣେ ଆପଣା ରୁଚି ଅନୁଯାୟୀ କହେ ଛାନ୍ଦ, ଓଡ଼ିଶୀ ଗୀତ ଭଲ, ଆଧୁନିକ ଗୀତଗୁଡ଼ାକ ବାଜେ ; ଆଉ ଜଣେ ମଧ୍ୟ ଆପଣା ରୁଚି ଅନୁଯାୟୀ କହେ, ଛାନ୍ଦ ଓଡ଼ିଶୀ ଗୀତଗୁଡ଼ାକ ବାଜେ, ଆଧୁନିକ ଗୀତ ହିଁ ଭଲ । ପ୍ରତ୍ୟେକେ ଯେ ନିଜ ମତର ସପକ୍ଷରେ କିଛି କିଛି ଯୁକ୍ତି ନ ଦେଖାଇବେ, ତାହା ନୁହେ; କିନ୍ତୁ ଏ ଯୁକ୍ତି ଈଶପ୍ ଗଳ୍ପରେ ଝରଣାରେ ପାଣି ପିଉଥିବା ମେଷ ଶାବକକୁ ଖାଇଲା ପୂର୍ବରୁ 'ଉଲ୍‌ଫ୍' ଯେପରି ଯୁକ୍ତି ଦେଖାଇଥିଲା, ସେହି ଧରଣର । ଉଲ୍‌ଫ୍‌ର କ୍ଷୁଧା ଓ ଜିଘାଂସା ମେଷ ଶାବକର ହତ୍ୟାକୁ ଆଗରୁ ନିର୍ଦ୍ଧାରିତ କରି, ପରେ ଯେପରି କେତେଗୁଡ଼ାକ ହାସ୍ୟକର ଯୁକ୍ତିର ଅବତାରଣା କରିଥିଲା—ଉକ୍ତ ବ୍ୟକ୍ତିଙ୍କର ରୁଚି ମଧ୍ୟ ସେହିପରି ତାଙ୍କର ମତକୁ ପୂର୍ବରୁ ନିର୍ଦ୍ଧାରିତ କରିଥାଏ ଏବଂ ପରେ ସେ ମତକୁ ଲୋକଗ୍ରାହ୍ୟ କରିବା ଉଦ୍ଦେଶ୍ୟରେ ସେମାନେ କେତେଗୁଡ଼ାଏ ଯୁକ୍ତିର ଅବତାରଣା କରନ୍ତି ।



Digitized by srujanika@gmail.com

କିନ୍ତୁ ମତ ଯେଉଁଠାରେ କେବଳ ରୁଚିଜାତ, ସେହିଠାରେ ଉଠେ ସବୁ ପ୍ରକାର କଳି । ସୁତରାଂ ସ୍ୱତଃସିଦ୍ଧ; ନ ମାନିଲେ କାହାର ଗୌରବ ବଢ଼େ ନାହିଁ । କିନ୍ତୁ ରୁଚି ମଧ୍ୟରେ ସେ ବାଧ୍ୟ ବାଧକତା ନାହିଁ । ଜଣକର ରୁଚି ଯେହେତୁ ଅପରଠାରୁ ଭିନ୍ନ, ସେହେତୁ ତଦ୍ଦ୍ୱାରା ଗଠିତ ମତକୁ ସେ ଅପରର ମତଠାରୁ କିପାଇଁ ଭ୍ରାନ୍ତ ବା ଦୂଷଣୀୟ ବୋଲି ଭାବିବାକୁ ମନ ବଳାଇବ ?

ତାହାହେଲେ ଏହି ଯେ ରୁଚି, ଯାହାକୁ ରସ ବିଷୟକ ବିଚାରରେ ଏକମାତ୍ର ମାନଦଣ୍ଡ ବୋଲି ଧରି ନିଆଯାଏ, ତାହା କଣ ସ୍ୱେଚ୍ଛାଚାରର ନାମାନ୍ତର ମାତ୍ର ? କୌଣସି ପ୍ରଭାବ କଣ ତା' ପଶ୍ଚାତରେ ନାହିଁ, ଯଦ୍ଦ୍ୱାରା ତାହା ନିୟନ୍ତ୍ରିତ ହୋଇପାରେ ?

ଅଛି, ସେ ପ୍ରଭାବ ବ୍ୟକ୍ତିର ସୌନ୍ଦର୍ଯ୍ୟବୋଧ । ଅର୍ଥାତ୍ ଯାହାର ସୌନ୍ଦର୍ଯ୍ୟବୋଧ ଯେପରି, ତାହାର ରୁଚି ସେହିପରି । ଓଡ଼ଶୀ ଗୀତର ଭକ୍ତ ସେ ପ୍ରକାର ଗୀତ ମଧ୍ୟରେ ଯେପରି ସୌନ୍ଦର୍ଯ୍ୟ ପାନ୍ତି, ଆଧୁନିକ ଗୀତ ମଧ୍ୟରେ ତାହା ପାନ୍ତି ନାହିଁ । ତେଣୁ ଓଡ଼ଶୀ ଗୀତ ତାଙ୍କ କାନକୁ ଭଲ ଲାଗେ, ଆଧୁନିକ ଗୀତ ତାଙ୍କୁ ଖରାପ ଲାଗେ । ତେଣୁ ରୁଚି ବିଷୟରେ ସବୁ କଥା ଜାଣିବାକୁ ହେଲେ, ସୌନ୍ଦର୍ଯ୍ୟବୋଧ ମଧ୍ୟରେ କି କି ବସ୍ତୁ ନିହିତ ଅଛି, ତାହା ହିଁ ପ୍ରଥମେ ବିଚାର କରାଯାଉ ।

ପ୍ରଥମତଃ ସବୁ ବୋଧ ପରି ସୌନ୍ଦର୍ଯ୍ୟବୋଧ ଲାଗି ମୂଳରେ ଯୋଡ଼ିଏ କଥାର ପ୍ରୟୋଜନ—ଏକ ମନୁଷ୍ୟର ଚିତ୍ତ, ଦ୍ୱିତୀୟ ଚିତ୍ତାତୀତ କୌଣସି ବସ୍ତୁ । ଏ ଚିତ୍ତାତୀତ ବସ୍ତୁକୁ ମନୁଷ୍ୟ ତାହାର ପଞ୍ଚେନ୍ଦ୍ରିୟ ସାହାଯ୍ୟରେ ଅନୁଭବ କରେ ଏବଂ ସେହି ସମୟରେ ବସ୍ତୁର କେତେଗୁଡ଼ିଏ ବିଶିଷ୍ଟ ଗୁଣଦ୍ୱାରା ତା' ମନରେ ଜାଗେ ସୌନ୍ଦର୍ଯ୍ୟବୋଧ । ବସ୍ତୁର ସେହି ବିଶେଷ ଗୁଣଗୁଡ଼ିକ ମଧ୍ୟରୁ ଯୋଡ଼ିଏ ହେଉଛି—ସଙ୍ଗତି ଓ ସୁଷମା । ଅର୍ଥାତ୍ ବସ୍ତୁର ବିଭିନ୍ନ ଅଂଶଗୁଡ଼ିକ ଯଦି ପରସ୍ପର ସହିତ ଯଥୋଚିତ ଭାବରେ ସଂଶ୍ଳିଷ୍ଟ ନ ଥାଏ, ତାହାହେଲେ ସୁଷମାର ଅଭାବ ଘଟେ । ମୁହଁଟା ଯଦି ୟୁରେସିଆର ଉତ୍ତର ସମଭୂମି ଭଳି ବିଶାଳାକୃତି ହୋଇଥାଏ ଏବଂ ନାକଟା ତା' ଉପରେ ଅନୁଚ୍ଚ ୟୁରାଲ୍ ପର୍ବତ ଶ୍ରେଣୀ ପରି କପାଳଠାରୁ ପାଟିଯାଏ ଲମ୍ବି ଆସିଥାଏ; ଅଥବା ଇଣ୍ଡିଆନ୍ ଆର୍ଟର ସୁନ୍ଦରୀଙ୍କର ସୁଦୀର୍ଘ ଅସ୍ଥିଚର୍ମସାର ହାତ ଉପରେ ଯଦି ମୋଟ ମୋଟ ହାତକଡ଼ି ପରି କେତେଗୁଡ଼ିଏ କଳା ଖଡୁ ଲଦି ଦିଆ ହୋଇଥାଏ, ତାହାହେଲେ ତାହା କଦାପି ସୌନ୍ଦର୍ଯ୍ୟବୋଧ ଜାତ କରାଏ ନାହିଁ; କାରଣ, ଏ ଚିତ୍ର ମଧ୍ୟରେ ଆଉ ଯାହା ଥାଉ ପଛକେ, ଗୋଟିଏ ପ୍ରଧାନ କଥା ନାହିଁ, ତାହା ସୁଷମା ।

ସେହିପରି ସଙ୍ଗତି ମଧ୍ୟ ବସ୍ତୁର ଆଉ ଗୋଟିଏ ବିଶେଷ ଗୁଣ; ଅର୍ଥାତ୍ ଦେଶ, କାଳ ବା ପରିସ୍ଥିତି ସହିତ ବସ୍ତୁର ସଙ୍ଗତି ସମ୍ବନ୍ଧରେ ପ୍ରୟୋଜନ; ତା' ନ ହେଲେ ସୌନ୍ଦର୍ଯ୍ୟବୋଧ ବିଷୟରେ ବ୍ୟାଘାତ ଘଟେ । ମନେ କରନ୍ତୁ, ଚିତ୍ରକର ଛବି ଗୋଟିଏ ଆଙ୍କିଲେ । ଛବିଟି ଶୀତକାଳର—ଚାରିଆଡ଼େ ବରଫ ପଡ଼ି ଧଳା ହୋଇ ରହିଛି; ନଦୀ ନାଳ ସବୁ ଜମି ଯାଇ ବରଫ ହୋଇଯାଇଛି । ଗଛଗୁଡ଼ାକରେ ଗୋଟିଏ ପତ୍ର ସୁଦ୍ଧା ନାହିଁ; ଡାଳରୁ ତୁଷାରଖଣ୍ଡ ଝୁଲୁଛି; ଦୂରରେ କେତେଗୁଡ଼ିଏ ନଡ଼ିଆ ଓ ତାଳ ଗଛ ଦୀର୍ଘ ରୁକ୍ଷ କାୟା ମେଲି ଠିଆ ହୋଇ ରହିଛି । ଚିତ୍ରଟିରେ ସବୁ ଥାଇ ପାରେ; କିନ୍ତୁ ତୁଷାରାଚ୍ଛନ୍ନ ଦୃଶ୍ୟ ମଧ୍ୟରେ ନଡ଼ିଆ ତାଳ ଗଛର ଆବିର୍ଭାବ ଘଟାଇ ଚିତ୍ରକର ଅସଙ୍ଗତି ଦୋଷରେ ଦୁଷ୍ଟ ହୋଇଛନ୍ତି । ସେହିପରି ରାଧାଙ୍କ କୁଞ୍ଜ ବର୍ଣ୍ଣନା କଲାବେଳେ କବି ଯେତେବେଳେ କହନ୍ତି ଯେ ତହିଁରେ ମାଧବୀ, ମାଲତୀ, କିଆ, କେତକୀ, ନୀପ, ଯୁଇ ପ୍ରଭୃତି ଫୁଲ ଫୁଟି ରହିଛି, ପାଠକ ଭାବେ ରାଧାଙ୍କ ଉଦ୍ୟାନରେ ବସନ୍ତର ଫୁଲ ମାଧବୀ, କେତକୀ ଓ ଯୁଇ ସହିତ ବର୍ଷା କାଳୀନ ଫୁଲ ମାଲତୀ, କିଆ ଓ ନୀପ ଏକାଠି କିପରି ଫୁଟିଲେ ? ଏହି ସୁସ୍ପଷ୍ଟ ଅସଙ୍ଗତି ଯୋଗୁଁ ପାଠକ କବିତାର ସୌନ୍ଦର୍ଯ୍ୟ ଉପଭୋଗ କରି ପାରେ ନାହିଁ । ଚିତ୍ରକଳାରେ "ପାର୍ସପେକ୍ଟିଭ୍" ବୋଲି ଯାହା କୁହାଯାଏ, ତାହା ସୁନ୍ଦର ବସ୍ତୁର ଏହି ସଙ୍ଗତି ଗୁଣର ଅନ୍ତର୍ଗତ ।

ସୌନ୍ଦର୍ଯ୍ୟବୋଧର ଆଉ ଗୋଟିଏ କଥା, ଚିତ୍ତାତୀତ ବସ୍ତୁ ସହିତ ଘନିଷ୍ଠ ପରିଚୟ । ଯେଉଁ ବସ୍ତୁ ସହିତ ଆମେ ପରିଚିତ, ସେହି ବା ତତ୍ସମ ବସ୍ତୁ ଆମ ଆଖିରେ ସହଜେ ସୁନ୍ଦର ଲାଗେ । ଅପରିଚିତ ବସ୍ତୁର ସୌନ୍ଦର୍ଯ୍ୟ ବିଷୟରେ ଚିତ୍ତ ଅଭ୍ୟସ୍ତ ନ ଥାଏ; ତେଣୁ ତା' ସହିତ ସମ୍ୟକ୍ ପରିଚିତ ନ ହେବା ଯାଏ, ଆମେ ତାହାର ସୌନ୍ଦର୍ଯ୍ୟ ଗ୍ରହଣ କରି ପାରୁ ନାହିଁ । ଏହି କାରଣ ଯୋଗୁଁ ୟୁରୋପୀୟ ସଙ୍ଗୀତ ଆମକୁ ଲାଗେ ଅଦ୍ଭୁତ ଏବଂ ଭାରତୀୟ ସଙ୍ଗୀତ ଶ୍ୱେତାଙ୍ଗଙ୍କୁ ଲାଗେ—କେତେଗୁଡ଼ାକ କେଁ ଭେର ସମଷ୍ଟି । ଏଥିପାଇଁ ମଧ୍ୟ ଗୀତ ମଜଲିସରେ ବୁଢ଼ା ବୁଢ଼ାଙ୍କ ମୁହଁରୁ ଫରମାସ ହୁଏ ଛାନ୍ଦ ଓ ଓଡ଼ଶୀ ଗୀତର ଏବଂ ନବୀନଙ୍କ ମୁହଁରୁ ଫରମାସ ହୁଏ ଗଜଲ ଓ ଭାଟିଆଲିର ।

ଅବଶ୍ୟ ବସ୍ତୁର ନବୀନତା ସୌନ୍ଦର୍ଯ୍ୟବୋଧର ଗୋଟିଏ ବଡ଼ କଥା । ଗୋଟିଏ ବସ୍ତୁ, ତାହା ଯେତେ ସୁନ୍ଦର ହେଉ ପଛକେ, ଯଦି ସେହି ଏକ ଭାବରେ ଆମ ଆଖି ଆଗରେ ରହିଥାଏ, ତାହାହେଲେ କିଛି ଦିନ ପରେ ତାହା ସୌନ୍ଦର୍ଯ୍ୟବୋଧ ଜାତ ନ କରାଇ ବିରକ୍ତି ଜାତ କରାଏ । "ସୌନ୍ଦର୍ଯ୍ୟେ ତୃପ୍ତିର ଅବସାଦ ନାହିଁ," କଥାଟା କୁହା ହୋଇଛି ସତ, କିନ୍ତୁ ଅଭିଜ୍ଞତା ଏହାର ବିପକ୍ଷ ସାକ୍ଷ୍ୟ ଦିଏ । ବୈଚିତ୍ର୍ୟହୀନତା ମନୁଷ୍ୟର ସବୁ ପ୍ରକାର ବୋଧକୁ କ୍ରମେ ଆଚ୍ଛନ୍ନ, ଅଭିଭୂତ ଓ ନିଷ୍କ୍ରିୟ କରିଦିଏ । ସୌନ୍ଦର୍ଯ୍ୟ-ବୋଧ ବିଷୟରେ ମଧ୍ୟ ସେ କଥାର ବ୍ୟତିକ୍ରମ ନାହିଁ । ମିଠା ଜିନିଷ ବି ବେଶୀ ଖାଇଲେ ପିତା ଲାଗେ ।

ତଥାପି ନୂତନ ଏପରି ନୂତନ ହେବ ନାହିଁ ଯଦ୍ଦ୍ୱାରା ମନ ଆଗରେ ତାହା କିମ୍ଭୂତକିମାକାର ବୋଲି ପ୍ରତୀୟମାନ ହେବ । ନୂତନତା ବସ୍ତୁର ସୌନ୍ଦର୍ଯ୍ୟ—ଭୋଗ ବିଷୟରେ ମନକୁ ଅଭିମୁଖୀ କରେ କିନ୍ତୁ ଅଦ୍ଭୁତତା ମନକୁ ବିମୁଖ କରେ । ମନ ପ୍ରତି ନୂତନତାର ଥାଏ ଆକର୍ଷଣ କିନ୍ତୁ ଅଦ୍ଭୁତତାର ଥାଏ ବିକର୍ଷଣ । ସେଥିପାଇଁ ସୌନ୍ଦର୍ଯ୍ୟ-ଭୋଗ ନିମିତ୍ତ ବସ୍ତୁ ନୂତନ ହେଲେ ସୁଦ୍ଧା, ତାହା ଏପରି ନ ହେବା ଉଚିତ ଯଦ୍ଦ୍ୱାରା ଜଣେ କାହାର ଅଭିଜ୍ଞତା



Digitized by srujanika@gmail.com

ସହିତ ଅଭିନବ ବସ୍ତୁର କୌଣସି ସାମଞ୍ଜସ୍ୟ ଅବଧାରଣ କରି ପାରିବ ନାହିଁ । ଏଥିପାଇଁ ୟୁରୋପୀୟ ନାରୀକୁ ଶାଢ଼ୀ ପିନ୍ଧିବାର ଦେଖିଲେ ଆମକୁ ଅସୁନ୍ଦର ଲାଗେ ନାହିଁ ; କାରଣ, ନାରୀର ବେଶ ଯେ ଶାଢ଼ୀ ହେବ, ଏଥିକି ଆମର ଆଖି ତଥା ମନ ଅଭ୍ୟସ୍ତ କିନ୍ତୁ ଭାରତୀୟା କେହି ଅତ୍ୟୁତ୍କୃଷ୍ଟ ସ୍କାର୍ଟ ବା ଗାଉନ୍ ପିନ୍ଧି ବୁଲିଲେ ସୁଦ୍ଧା ଆମ ଆଖିରେ ତାହା ଅସୁନ୍ଦର ଦିଶେ; କାରଣ ଭାରତୀୟ ନାରୀର ଏପରି ବେଶ ଦେଖିବାକୁ ଆମର ଆଖି ତଥା ମନ କେହି ଅଭ୍ୟସ୍ତ ନୁହେ । ଅବଶ୍ୟ ତୁରସ୍କରେ କାମାଲ ପାଶା ଯେପରି କରିଛନ୍ତି, ଭାରତରେ ଯଦି ସେହିପରି କୌଣସି କାମାଲ୍ ପାଶା ଶାଢ଼ୀ ପରିବର୍ତ୍ତରେ ସ୍କାର୍ଟ ପିନ୍ଧିବାଟାକୁ ଜବରଦସ୍ତି ପ୍ରଚଳନ କରନ୍ତି ତାହାହେଲେ ପନ୍ଦର କୋଡ଼ିଏ ବର୍ଷ ମଧ୍ୟରେ ଚଣ୍ଡୀଦାସଙ୍କ ବିଖ୍ୟାତ "ଚଲେ ନୀଲ ଶାଢ଼ୀ, ନିଙ୍ଗାଡ଼ି ନିଙ୍ଗାଡ଼ି" ଧାଡ଼ିକୁ ଅଳ୍ପ ପରିବର୍ତ୍ତିତ କରି "ଚଲେ ନୀଲ ସ୍କାର୍ଟ ନିଙ୍ଗାଡ଼ି ନିଙ୍ଗାଡ଼ି," କଥାଟା ଯେ କୌଣସି ଅଙ୍କୁର-କବିଙ୍କର ମୁଖରୁ ନ ଶୁଣିବୁଁ ତାହା ନୁହେ ।

ସୌନ୍ଦର୍ଯ୍ୟବୋଧର ଆଉ ଗୋଟିଏ ପ୍ରଧାନ କଥା ବସ୍ତୁର ଭାବ-ବ୍ୟଞ୍ଜନା (**Suggestiveness**)—ଅର୍ଥାତ୍ ଅନେକ ବସ୍ତୁ ଅଛି, ଯାହାକୁ ଇନ୍ଦ୍ରିୟ ଦ୍ୱାରା ଯେତିକି ଅନୁଭବ କରି ହୁଏ, ତାହା କେବଳ ସେତିକି ନୁହେ । ଇନ୍ଦ୍ରିୟ-ଗ୍ରାହ୍ୟତା ଛଡ଼ା ତହିଁରେ ଅନ୍ୟ ଅନେକ କଥାର ବ୍ୟଞ୍ଜନା ଥାଏ ଏବଂ ସେହି ବ୍ୟଞ୍ଜନା ଯୋଗୁ ହିଁ ସେ ବସ୍ତୁ ଅଧିକ ସୁନ୍ଦର ବୋଲି ପ୍ରତୀୟମାନ ହୁଏ । ମନେ କରନ୍ତୁ, ଗୋଟିଏ ଗୋଲାପ ଫୁଲ—ତାହାର ଗୋଟିଏ ବିଶିଷ୍ଟ କମନୀୟ ବର୍ଣ୍ଣ ଅଛି, ମଧୁର କୋମଳ ସ୍ପର୍ଶ ଅଛି, ପ୍ରୀତିକର ସୌରଭ ଅଛି ଏବଂ ଏସବୁକୁ ଧାରଣ କରି ରହିଛି ଗୋଟିଏ ମଧୁର ସଙ୍ଗତି ଓ ସୁଷମା । ସାଧାରଣ ମନୁଷ୍ୟ ତାହାର ଇନ୍ଦ୍ରିୟ ସାହାଯ୍ୟରେ ଉପର୍ଯ୍ୟୁକ୍ତ ପ୍ରତି ବସ୍ତୁଟିର ଅନୁଭୂତି ଲାଭ କରେ ଏବଂ ଭାବେ ତାହା ସୁନ୍ଦର । କିନ୍ତୁ ମନେ କରନ୍ତୁ, ଫୁଲଟି ଯଦି ପ୍ରିୟା-କବରୀଚ୍ୟୁତ ହୋଇଥାଏ, ତାହାହେଲେ ପ୍ରେମିକ ଆଖିରେ ତ ତାହା ଯେତିକି ଇନ୍ଦ୍ରିୟ ଦିଏ, କେବଳ ସେତିକି ନୁହେ । ଇନ୍ଦ୍ରିୟର ଦାନ ସହିତ ତହିଁରେ ଅତୀନ୍ଦ୍ରିୟର ଯେଉଁ ବ୍ୟଞ୍ଜନା ଥାଏ, ତାହାର ଯୋଗୁ ସିନା ଫୁଲଟି ପ୍ରେମିକ ଆଖିରେ ଅଧିକ ସୁନ୍ଦର ଦିଶେ ।

ଉପକଥାର ରାଜପୁତ୍ର ନଈରେ ଗାଧୋଉ ଥିଲେ । ସୁଅରେ ଭାସି ଭାସି ଗୋଟିଏ ଫରୁଆ ଆସି ତାଙ୍କ ଦେହରେ ଲାଗିଲା । ସେ ତାକୁ ଚଞ୍ଚଳ ଉଠାଇ ନେଇ ଖୋଲି ଦେଖିଲେ ଯେ ତହିଁରେ ଗୋଟିଏ ସୁଦୀର୍ଘ କେଶ ରହିଛି । ମୁଗ୍ଧ ବିହ୍ୱଳ ହୋଇ ସେ ତାହା ଆଡ଼କୁ ବହୁ କ୍ଷଣ ଚାହିଁ ରହିଲେ ! ତାଙ୍କର ଏ ସୌନ୍ଦର୍ଯ୍ୟବୋଧରେ ଇନ୍ଦ୍ରିୟର ଦାନ ତ ଯତ୍‌ସାମାନ୍ୟ । କେଶର କୃଷ୍ଣବର୍ଣ୍ଣ, ମସୃଣତା, ଦୈର୍ଘ୍ୟ ଓ ବୋଧହୁଏ ସାମାନ୍ୟ ସୁବାସର ଆଭାସ—ଏତିକି ସିନା ତାଙ୍କର ଇନ୍ଦ୍ରିୟ ତାଙ୍କୁ ଦେଇଥିବ କିନ୍ତୁ ଏହା ତ ଏତେ ବିହ୍ୱଳତାର କାରଣ ହୋଇ ନ ପାରେ । ଏତେ ବିହ୍ୱଳତାର ଏକମାତ୍ର କାରଣ କେଶର ଭାବ-ବ୍ୟଞ୍ଜନା; ଅର୍ଥାତ୍, କେଶ ଦେଖିବା ସଙ୍ଗେ ସଙ୍ଗେ ରାଜପୁତ୍ରଙ୍କର କଳ୍ପଲୋକରେ କେଶବତୀର ଯେଉଁ ଅଦୃଷ୍ଟ ସୌନ୍ଦର୍ଯ୍ୟ ଜାଗି ଉଠିଥିଲା, ତାହା ହିଁ ସିନା ତାଙ୍କ ମନକୁ ଏତେ ପରିମାଣରେ ବିହ୍ୱଳ କରି ପାରିଥିଲା ! ସେହିପରି, ତାଜମହଲ ଦେଖିଲା ବେଳେ ମନୁଷ୍ୟ ସେହି ଶ୍ୱେତ ପ୍ରସ୍ତର ନିର୍ମିତ ସମାଧି ମନ୍ଦିରରେ କେବଳଙ୍କ ଭାସ୍କର ସୌନ୍ଦର୍ଯ୍ୟ ଦେଖିବା ସଙ୍ଗେ ସଙ୍ଗେ ରାଜବନ୍ଦୀ ସାଜାହାନଙ୍କର "ପ୍ରସ୍ତରୀଭୂତ ପ୍ରେମାଶ୍ରୁ" ମନଶ୍ଚକ୍ଷୁରେ ଦେଖେ ବୋଲି ସିନା ତାଜମହଲ ଏତେ ସୁନ୍ଦର ଦିଶେ ! ମନେ ପଡ଼େ ପ୍ରଥମେ ଯେତେବେଳେ ପାଟନାରେ "ଦେବୀ ସୁରେଶ୍ୱରୀ ଭଗବତୀ" ଗଙ୍ଗା ଦେଖିଥିଲି । ଆଖି ଆଗେ ଯେଉଁ ଦୃଶ୍ୟ ଉଦ୍‌ଭାସିତ ହୋଇଥିଲା, ତହିଁରେ ତ ନୂତନ ବା ଅଦୃଷ୍ଟପୂର୍ବ ବିଶେଷ କିଛି ନ ଥିଲା । ନଦୀମାତୃକ ଉତ୍କଳର ମହାନଦୀ, ବ୍ରାହ୍ମଣୀ ଓ ବୈତରଣୀର ତୀରଭୂମିରେ ଯେ ଆବାଲ୍ୟବର୍ଦ୍ଧିତ ତାହା ପାଇଁ ତ ଗଙ୍ଗାର ତୀରଭୂମି, ଜଳରାଶିର ଉଦାର ବିସ୍ତାର, ନୌକାର ମନ୍ଥର ଗତି ପ୍ରଭୃତି କେହି ଅଭିନବ ବସ୍ତୁ ନୁହେ । କିନ୍ତୁ ଆଖି ସେତିକି ଦେଖିବା ସଙ୍ଗେ ସଙ୍ଗେ ପ୍ରାଚୀନ ଭାରତର ସାମ-ଗୀତମୁଖର ତପୋବନଠାରୁ ଆରମ୍ଭ କରି, ଯୁଗେ ଯୁଗେ କେତେ ସାମ୍ରାଜ୍ୟର ଉଦୟ ବିଳୟ, କେତେ ଉଜ୍ଜ୍ୱଳ ସୁଦିନର ଗୌରବ କାହାଣୀ, କେତେ ଯୁଦ୍ଧ ବିଗ୍ରହ, ଯାହା ଏହାର ଉଭୟ ତୀରରେ କାଳେ କାଳେ ଘଟି ଯାଇଛି, ତାହାର ଛବି ଦେଖି ପାରି-ଥିଲି ବୋଲି ସିନା ଗଙ୍ଗା ଅନନ୍ୟସାଧାରଣ ସୌନ୍ଦର୍ଯ୍ୟରେ ଆଖି ଆଗରେ ପ୍ରତିଭାତ ହୋଇଥିଲା । ଇନ୍ଦ୍ରିୟଗ୍ରାହ୍ୟ ଦୃଶ୍ୟ ସହିତ ଅତୀନ୍ଦ୍ରିୟ ବ୍ୟଞ୍ଜନାର ମହାତ୍ମ୍ୟ ଯୋଗୁଁ ସିନା ଗଙ୍ଗା ଏତେ ସୁନ୍ଦର, ତା' ନ ହେଲେ ତ ଭାରତର ଆଉ ପାଞ୍ଚଟା ନଦୀଠାରୁ ତାହାର ସେମିତି କିଛି ବିଶିଷ୍ଟତା ନାହିଁ ।

ପ୍ରକୃତରେ ବସ୍ତୁର ଭାବ-ବ୍ୟଞ୍ଜନାହିଁ ସୌନ୍ଦର୍ଯ୍ୟବୋଧର ଗୋଟାଏ ବଡ଼ କଥା । ଏହାରି ଉପରେ ନିର୍ଭର କରେ ସୌନ୍ଦର୍ଯ୍ୟର ଜାତି ବିଭାଗ । ଅନେକେ ବୋଧହୁଏ ପଚାରିବେ, ସୌନ୍ଦର୍ଯ୍ୟ ତ ସୌନ୍ଦର୍ଯ୍ୟ ଏବଂ ତାହା କଣ, ତାହା ତ ଏତେ କ୍ଷଣ ଯାଏ ସୌନ୍ଦର୍ଯ୍ୟ-ସମ୍ବନ୍ଧରେ ଶୁଣାଗଲା । ପୁଣି ସୌନ୍ଦର୍ଯ୍ୟର ଜାତି ବିଭାଗ ! —ଏ ଗୋଟାଏ କି କଥା ?

ପ୍ରକୃତରେ ସୌନ୍ଦର୍ଯ୍ୟ ମଧ୍ୟରେ ବ୍ରାହ୍ମଣ ଚଣ୍ଡାଳ ମଧ୍ୟ ଅଛି; ଅର୍ଥାତ୍ ମନୁଷ୍ୟର ଜାତି, ଧର୍ମ ଓ ଅନ୍ୟାନ୍ୟ କ୍ରିୟାକଳାପ ମଧ୍ୟରେ ସ୍ତର ବା ଶ୍ରେଣୀଭେଦ ଯେପରି ଅଛି, ସୁନ୍ଦର ବସ୍ତୁ ମଧ୍ୟରେ ମଧ୍ୟ ସେହିପରି ସ୍ତର ଭେଦ ଅଛି । ଏ ଭେଦ ଯେ କେବଳ ମାତ୍ରାଗତ—ଅର୍ଥାତ୍ ଗୋଟିଏ ବସ୍ତୁ ଯେ ଅନ୍ୟଠାରୁ କେବଳ ବେଶୀ ବା କମ୍ ସୁନ୍ଦର, ତା' ନୁହେ; ଏ ଭେଦ ଗୁଣଗତ ମଧ୍ୟ ହୋଇପାରେ । ଗୋଟିଏ ଶ୍ୱେତ ଗୋଲାପ ଠାରୁ ଗୋଟିଏ ଶ୍ୱେତ ପଦ୍ମ ମଧ୍ୟରେ ସୌନ୍ଦର୍ଯ୍ୟର ଆୟୋଜନ ବେଶୀ ; ତେଣୁ ଉଭୟଙ୍କର ପାର୍ଥକ୍ୟ ପ୍ରଧାନତଃ ମାତ୍ରାଗତ କିନ୍ତୁ ଗୋଟିଏ ସୁସଜ୍ଜିତ ଉଦ୍ୟାନଠାରୁ ଗୋଟିଏ



Digitized by srujanika@gmail.com

ଗନ୍ଧନବନାଶରେ ସୌନ୍ଦର୍ଯ୍ୟର ଆୟୋଜନ ଯେ ବେଶୀ ଥାଏ, ତାହା ନୁହେ । ତେଣୁ ଉଭୟଙ୍କର ପାର୍ଥକ୍ୟ ମାତ୍ରାଗତ ନୁହେ, ଗୁଣଗତ । ସୁତରାଂ ସବୁ ସୁନ୍ଦର ବସ୍ତୁ କେବଳ ସୁନ୍ଦର ଆଖ୍ୟା ଧାରଣ କରିଛନ୍ତି ବୋଲି ଏକ ଶ୍ରେଣୀଭୁକ୍ତ ହୋଇ-ଯିବେ, ତାହା ନୁହେ; କିମ୍ବା ପରସ୍ପରଠାରୁ କେବଳ ପୃଥକ ବୋଲି ଯେ ଗଣ୍ୟ ହେବେ, ତାହା ମଧ୍ୟ ନୁହେ । ତାଙ୍କ ମଧ୍ୟରେ ଉତ୍କୃଷ୍ଟତା ଓ ନିକୃଷ୍ଟତାର ବିଚାର ମଧ୍ୟ କରିବାକୁ ପଡ଼େ; କିନ୍ତୁ ଏହି ବିଚାରରେହିଁ ନିହିତ ଅଛି ଯେତେ ପ୍ରକାର କଳହ, ଦ୍ୱନ୍ଦ ଓ ମତଦ୍ୱୈଧର ବୀଜ ଓ ଅମର ରୁଚିତତ୍ତ୍ୱର ମୀମାଂସା ।

ନିଗ୍ରୋ ଯୁବକ ଆଖିରେ ନିଗ୍ରୋ ଯୁବତୀ ସୁନ୍ଦରୀଶ୍ରେଷ୍ଠା, ଶ୍ୱେତାଙ୍ଗ ଆଖିରେ ଶ୍ୱେତାଙ୍ଗ ଯୁବତୀ ପରମା ରୂପବତୀ; ଜଣକ ଆଗରେ ବୈଷ୍ଣବ ପାଣିଙ୍କ କବିତା ସୁନ୍ଦର, ଆଉ ଜଣକ ଆଗରେ ସେକ୍ସପିଅରଙ୍କ କବିତା ସୁନ୍ଦର; ପାନ ଦୋକାନୀ ଆଖିରେ କ୍ୟାଲେଣ୍ଡାରର ହାସ୍ୟମୟୀ ଯୁବତୀ ସୁନ୍ଦରୀ, ଆଉ ଜଣକ ଆଖିରେ ମୋନାଲିସା ସୁନ୍ଦରୀ । ଏହି ପାର୍ଥକ୍ୟକୁ ମାନି ନେଇ ସମସ୍ତେ ଯଦି ଦାର୍ଶନିକ ଭବେ ତୁନି ହୋଇ ରହନ୍ତେ, ତାହାହେଲେ ସବୁ କଳହ ଅନାୟାସରେ ମୀମାଂସିତ ହୋଇଯାନ୍ତା କିନ୍ତୁ କେହି ତୁନି ହୋଇ ରହନ୍ତି ନାହିଁ । ଶ୍ୱେତାଙ୍ଗ ଯୁବକ ଆପଣା ସୌନ୍ଦର୍ଯ୍ୟବୋଧର ଉତ୍କୃଷ୍ଟତାକୁ ମନେ ମନେ ସ୍ୱୀକାର କରି ନେଇ ନିଗ୍ରୋ ଯୁବକକୁ କହେ "ବର୍ବର, ରୁଚିହୀନ!" ସେକ୍ସପିଅରଙ୍କ ଭକ୍ତ ବୈଷ୍ଣବ ପାଣିଙ୍କ ଭକ୍ତକୁ କହେ "ଓଲୁ, ଦରପାଠୁଆ!" ଏବଂ ମୋନାଲିସାର ଭକ୍ତ ପାନ ଦୋକାନୀକୁ କହେ "ମୂର୍ଖ, ରୁଚିହୀନ!"

ବର୍ତ୍ତମାନ ପ୍ରଶ୍ନ, ଏପରି କହିବାର କଣ କୌଣସି ଅଧିକାର ତାଙ୍କର ନାହିଁ ? ଅର୍ଥାତ୍ ସୁନ୍ଦର ବସ୍ତୁ ମଧ୍ୟରେ ପ୍ରଭେଦ ଥିଲେ ଥାଉ କିନ୍ତୁ ସେ ପ୍ରଭେଦ ଯେ ଉତ୍କର୍ଷ ବା ଅପକର୍ଷବାଚକ ହେବ, ଏପରି ଭାବିବାର କି ଯୁକ୍ତି ତାଙ୍କର ଅଛି ?

ସେ ଯୁକ୍ତି ଏହା ହିଁ, ପୂର୍ବେ କୁହା ହୋଇଛି ବସ୍ତୁର ଭାବବ୍ୟଞ୍ଜନା ସୌନ୍ଦର୍ଯ୍ୟବୋଧର ଗୋଟିଏ ବଡ଼ କଥା । ତେଣୁ, ଯେଉଁ ବସ୍ତୁର ବ୍ୟଞ୍ଜନା ଶକ୍ତି ଯେତେ ଅଧିକ; ଯାହାକି ନ ଦେଖାଇ, ଦେଖାଇ ପାରିବାର, ନ ଶୁଣାଇ, ଶୁଣାଇ ପାରିବାର, ନ କହି, କହି ପାରିବାର ଶକ୍ତି ଯେତେ ଅଧିକ ସେ ବସ୍ତୁ ସେତିକି ଉତ୍କୃଷ୍ଟ ଭାବେ ସୁନ୍ଦର କିନ୍ତୁ ଯେଉଁ ବସ୍ତୁ ଯେତିକି ଦେଖାଏ, ଯେତିକି କହେ ବା ଯେତିକି ଶୁଣାଏ ତାହାଠାରୁ ବଳି ଦେଖାଇବାର, କହିବାର ବା ଶୁଣାଇବାର ଶକ୍ତି ସେ ବସ୍ତୁର ନ ଥିଲେ ତାହା ସୁନ୍ଦର ହେଲେ ମଧ୍ୟ ସେତେ ଉତ୍କୃଷ୍ଟଭାବେ ସୁନ୍ଦର ନୁହେ । ଉଦାହରଣ ସ୍ୱରୂପ ପାନ ଦୋକାନୀର କ୍ୟାଲେଣ୍ଡାରର ଛବି ଏବଂ ବିଶ୍ୱବିଖ୍ୟାତ ମୋନାଲିସା ଚିତ୍ର ନିଆଯାଉ । କ୍ୟାଲେଣ୍ଡାରର ଛବିରେ ଯାହା ଅଙ୍କିତ ହୋଇଛି ତାହା ଏତେ ସ୍ପଷ୍ଟ, ଏତେ ପ୍ରକାଶିତ ଯେ ତାହାଠାରୁ ବଳି ତହିଁରେ ଆଉ କିଛି ନାହିଁ । ପ୍ରକାଶ ମଧ୍ୟରେ ଚିତ୍ରକରଙ୍କର ଯାହା କିଛି ପ୍ରକାଶ୍ୟ ତାହା ନିଃଶେଷିତ ହୋଇଯାଇଛି । ଆଖି ତାହାକୁ ଦେଖେ, କିଛି ଉପଭୋଗ ମଧ୍ୟ କରେ କିନ୍ତୁ ଯେତିକି ଆଖି ଦେଖେ ତାହା କେବଳ ସେତିକି । ଅତୀନ୍ଦ୍ରିୟ ବ୍ୟଞ୍ଜନା ତହିଁରେ କିଛିମାତ୍ର ନାହିଁ । ଆଖିରେ ଦେଖି ସାରିଲା ପରେ ସ୍ମୃତିରେ ଲାଗି ରହିବାର ଚିନ୍ତା ବା ଭାବନା ଜାଗରିତ କରିବାର ଶକ୍ତି ତାର ଆଦୌ ନାହିଁ । ଅଧିକାଂଶ ନିକୃଷ୍ଟ ଶ୍ରେଣୀର କବିତା, ଚିତ୍ର ବା ସଙ୍ଗୀତ ଏହି ଧରଣର । ଇନ୍ଦ୍ରିୟ ପ୍ରୀତିହିଁ ତାଙ୍କର ଏକମାତ୍ର କୃତିତ୍ୱ, ତତୋଧିକ ତାଙ୍କର କିଛି ନ ଥାଏ । କିନ୍ତୁ ମୋନାଲିସା ଚିତ୍ର ଏ ଜାତୀୟ ନୁହେ । ଏହା ଗୋଟିଏ ମଧ୍ୟ ଯୁଗର ୟୁରୋପୀୟ ନାରୀର ଚିତ୍ର । ଅଳଙ୍କାର, ବେଶଭୂଷା ବା ଅଙ୍ଗଭଙ୍ଗୀର ବାହୁଲ୍ୟ ଏଥିରେ କିଛି ନାହିଁ କିମ୍ବା ଆଧୁନିକ ବହୁ ନାରୀ-ଚିତ୍ରରେ ପୂର୍ଣ୍ଣ ବା ଆଂଶିକ ନଗ୍ନତା ପ୍ରକାଶ ଦ୍ୱାରା ଯେପରି ସୁସ୍ପଷ୍ଟ ଯୌନବ୍ୟଞ୍ଜନା ଥାଏ, ତାହା ମଧ୍ୟ ଏଥିରେ କିଛି ନାହିଁ । ଏହାର ବିଶିଷ୍ଟତା ଆଖିର ଚାହାଣୀରେ ଏବଂ ମୁଖର ରହସ୍ୟମୟ ମୃଦୁ ହାସ୍ୟର ଆଭାସରେ । ସେହି ଚାହାଣୀ ଓ ଅସ୍ପଷ୍ଟ ହସ ମଧ୍ୟରେ ଯାହା ଅଛି, ତାହାକୁ ମଧ୍ୟ ଯୁଗରୁ ଆଜଯାଏ ମନୁଷ୍ୟର ଆଖି ଦେଖି ଆସୁଛି କିନ୍ତୁ ପ୍ରତି ଦ୍ରଷ୍ଟା ସେହି ଦେଖିବା ସଙ୍ଗେ ସଙ୍ଗେ ଯେଉଁ ଅନିର୍ବଚନୀୟ, ଅବର୍ଣ୍ଣନୀୟ ସୌନ୍ଦର୍ଯ୍ୟର ଇଙ୍ଗିତ ତାହା ମଧ୍ୟରେ ପାଇଛି, ତାହା କେବଳ ଇନ୍ଦ୍ରିୟ-ପ୍ରୀତିରେ ହିଁ ନିଃଶେଷିତ ହୋଇଯାଇ ନାହିଁ । ଚିନ୍ତାର ସାମଗ୍ରୀ ହୋଇ ତାହା ମନୋଲୋକରେ ବାରମ୍ବାର ଯାତାୟାତ କରିବାକୁ ଲାଗେ । ସବୁ ଭାବଜାତୀୟ ସୌନ୍ଦର୍ଯ୍ୟ ମଧ୍ୟରେ ଏହି କଥା । ଇନ୍ଦ୍ରିୟପ୍ରୀତି ତାର ସର୍ବସ୍ୱ ନୁହେ, ଇନ୍ଦ୍ରିୟାତୀତ ବ୍ୟଞ୍ଜନା ହିଁ ତାର ପ୍ରଧାନ କଥା ଏବଂ ତାହା ହିଁ ତାର ଅଭିଜାତ୍ୟର ପରିଚାୟକ । ଯାହାର ତାହା ନାହିଁ; ତାହା ସୁନ୍ଦର ହୋଇପାରେ କିନ୍ତୁ ସାଧାରଣ ।

ବର୍ତ୍ତମାନ ରୁଚିର କଥା ଧରାଯାଉ । ସୌନ୍ଦର୍ଯ୍ୟବୋଧର ଯେଉଁ ବିବରଣ ଦିଆଗଲା ତହିଁରୁ ବୋଧହୁଏ ପ୍ରତୀୟମାନ ହେଉ-ଥିବ ଯେ ରୁଚି ଓ ସୌନ୍ଦର୍ଯ୍ୟବୋଧ ପ୍ରାୟ ଅଭିନ୍ନ । ସମସ୍ତଙ୍କର ରୁଚି ସମାନ ନୁହେ ଅର୍ଥାତ୍ ସମସ୍ତଙ୍କ ସୌନ୍ଦର୍ଯ୍ୟବୋଧ ସମାନ ନୁହେ । କୁହା ହୋଇଛି ଯେ ସୌନ୍ଦର୍ଯ୍ୟବୋଧ କ୍ଷେତ୍ରରେ ପାର୍ଥକ୍ୟ ପ୍ରକୃତିଗତ ହୋଇପାରେ ବା ଅଭ୍ୟସ୍ତତା ଅନଭ୍ୟସ୍ତତା ଯୋଗୁଁ ହୋଇପାରେ ଅଥବା ସୌନ୍ଦର୍ଯ୍ୟର ଉତ୍କୃଷ୍ଟତା ବା ନିକୃଷ୍ଟତା ଯୋଗୁଁ ମଧ୍ୟ ହୋଇପାରେ । ତେଣୁ ରୁଚିଭେଦ ମଧ୍ୟ ପ୍ରକୃତିଗତ ହୋଇପାରେ, ବା ଆଲୋଚ୍ୟ ବସ୍ତୁ ସହିତ ଅଭ୍ୟସ୍ତତା ବା ଅନଭ୍ୟସ୍ତତା ଯୋଗୁଁ ହୋଇପାରେ କିମ୍ବା ବସ୍ତୁର ଗୁଣଗତ ଉତ୍କର୍ଷ ବା ଅପକର୍ଷ ଯୋଗୁଁ ମଧ୍ୟ ହୋଇପାରେ ।

ଯେଉଁ ରୁଚିଭେଦ ପ୍ରକୃତି-ଜାତ ସେ ବିଷୟରେ ଋ[illegible] କହିବାର ନାହିଁ । ଏହା ଏକ ପ୍ରକାର ବ୍ୟକ୍ତି ପ୍ରକୃତିର [illegible] କୃପଣକୁ ସଞ୍ଚୟ କରିବାକୁ ସୁଖ ଲାଗେ, ଆଉ ଜଣକୁ [illegible]ରଚ କରିବାକୁ ଭଲ ଲାଗେ । ଏଥିରେ ଯୁକ୍ତି ନାହିଁ କି କାରଣ ନାହିଁ— ବ୍ୟକ୍ତିର ପ୍ରକୃତି ହିଁ ଏହାର ଏକମାତ୍ର ନିୟାମକ । କିନ୍ତୁ ବସ୍ତୁ



Digitized by srujanika@gmail.com

ସହିତ ଅଭ୍ୟସ୍ତତା ବା ଅନଭ୍ୟସ୍ତତା ଯୋଗୁଁ ସୁରୁଚି କୁରୁଚିର ଯେଉଁ ଜନ୍ମ, ତାହାପରି ଯୁକ୍ତିହୀନ ଅନ୍ଧମୋହ ଆଉ କିଛି ନାହିଁ । ମନୁଷ୍ୟ ନିଜେ ଯାହାକରେ, ତାହାକୁ ହିଁ ଭାବେ ସର୍ବୋତ୍କୃଷ୍ଟ; ଯାହା ନିଜେ ନ କରେ, ତାହା କଦାପି ତାହାଠାରୁ ପ୍ରଶଂସା ଲାଭ କରେ ନାହିଁ । ତେଣୁ ଅଭ୍ୟସ୍ତ ବା ପରିଚିତ ବସ୍ତୁର ସୌନ୍ଦର୍ଯ୍ୟବୋଧ ତାହାଠାରୁ ଆଖ୍ୟା ପାଏ ସୁରୁଚି ଏବଂ ଅନଭ୍ୟସ୍ତ ବସ୍ତୁର ସୌନ୍ଦର୍ଯ୍ୟବୋଧ ଆଖ୍ୟା ପାଏ କୁରୁଚି । ଏହା ସୁସ୍ପଷ୍ଟ ଅନ୍ଧମୋହ ଅଥଚ ଏହାର ଯୋଗୁଁ ଯେ କେତେ ଅବଜ୍ଞା, କେତେ ଘୃଣା, କେତେ ତୁଚ୍ଛତାଚ୍ଛଲ୍ୟ ମନୁଷ୍ୟ ପରସ୍ପରକୁ କରେ ତାହାର କିଏ କଳନା କରି ହେବ? ଶ୍ୱେତବର୍ଣ୍ଣ ଜାତି ଆଖିରେ ପୀତ ବା କୃଷ୍ଣବର୍ଣ୍ଣ ଜାତିର ସବୁ କଥା ଯେ କୁତ୍ସିତ, କଦାକାର, ହେୟ ବୋଲି ପ୍ରତୀୟମାନ ହୁଏ ଏବଂ ଯାହା ଯୋଗୁ ଆଜି ପୃଥିବୀରେ କେତେ ଅନ୍ୟାୟ, ଅତ୍ୟାଚାର ଏପରି କି ରକ୍ତପାତ ମଧ୍ୟ ହେଉଛି, ତାହା କିଣ ଖାଲି ଏହି ସମ୍ୟକ ପରିଚୟର ଅଭାବ ଯୋଗୁଁ ନୁହେଁ? ନିରପେକ୍ଷ ଧନସ୍ପୃହା ହିଁ ଏହାର ଏକମାତ୍ର ପ୍ରତିକାର; ନିରପେକ୍ଷ କହିଲି, କାହିଁକି ନା ମୂଳରୁ ବିରୋଧ ଘେନି ଅପରିଚିତ ସହିତ ପରିଚୟର ଚେଷ୍ଟା କଲେ, ମନ କୌଣସି କାଳେ ତାହାର ସୌନ୍ଦର୍ଯ୍ୟବୋଧ ବିଷୟରେ ସମର୍ଥ ହୋଇ ପାରିବ ନାହିଁ ।

ଶେଷରେ, ସୁନ୍ଦର ବସ୍ତୁର ପ୍ରକର୍ଷ ବା ଅପକର୍ଷ ଯୋଗୁଁ କୁରୁଚି ସୁରୁଚିର ଯେଉଁ ଜନ୍ମ, ତାହାର ପ୍ରତିକାର ସୌନ୍ଦର୍ଯ୍ୟବୋଧର ଅନୁଶୀଳନ ଓ ଉନ୍ନତି ସାଧନ । ମନୁଷ୍ୟ ନାନା ଶକ୍ତିର ଅଧିକାରୀ ହୋଇ ଜନ୍ମ ଗ୍ରହଣ କରେ କିନ୍ତୁ ସେ ଶକ୍ତିମାନଙ୍କର ଅନୁଶୀଳନ ନ କଲେ, ସେମାନେ ପଙ୍ଗୁ ହୋଇ ରହନ୍ତି । ସୌନ୍ଦର୍ଯ୍ୟବୋଧ ମଧ୍ୟ ମନୁଷ୍ୟର ସେହିପରି ଗୋଟିଏ ଶକ୍ତି । ବିନା ଅନୁଶୀଳନରେ ଉଚ୍ଚ ଶ୍ରେଣୀର ସୌନ୍ଦର୍ଯ୍ୟାନୁଭୂତି ଏକ ପ୍ରକାର ଅସମ୍ଭବ ବ୍ୟାପାର । ଦର୍ପଣ ଯଦି ଉଚ୍ଚ ଶ୍ରେଣୀର ନ ହୁଏ, ତା'ହେଲେ ତନ୍ମଧ୍ୟରେ ଯେଉଁ ଛାୟା ପଡ଼େ ତାହା ଅନୁଜ୍ଜ୍ୱଳ ଓ ବିକୃତ ହେବାକୁ ବାଧ୍ୟ । ମନୁଷ୍ୟର ମନ ମଧ୍ୟ ସେହିପରି; ଅନୁଶୀଳନ ଦ୍ୱାରା ତାହା ଯଦି ମାର୍ଜିତ ଓ ଉନ୍ନତ ନ ହୁଏ, ତା'ହେଲେ ଉଚ୍ଚ ଶ୍ରେଣୀର ସୌନ୍ଦର୍ଯ୍ୟ-ବୋଧ ତାହାଦ୍ୱାରା ହେବ ନାହିଁ ।

କିନ୍ତୁ ଏହା ଯେ ସର୍ବାଦୌ ପ୍ରୟୋଜନ, ତାହା କେହି ଭାବନ୍ତି ନାହିଁ । ରସବସ୍ତୁ—ତାହା ସାହିତ୍ୟ, ସଙ୍ଗୀତ, ସ୍ଥାପତ୍ୟ, ଭାସ୍କର୍ଯ୍ୟ, ଯାହା କିଛି ହେଉ ପଛକେ, ତାହାକୁ ଦେଖିଲେ ବା ଶୁଣିଲେ ପାରନ୍ତେ, ପ୍ରତ୍ୟେକେ ଭାବନ୍ତି, ତ'ଗୁଣ କଥା କହି ପାରିବାର ଅଧିକାର ସମସ୍ତଙ୍କର ଅଛି । ଜଣେ ନିଜର ନିକୃଷ୍ଟ ଶ୍ରେଣୀର ସୌନ୍ଦର୍ଯ୍ୟବୋଧ ଘେନି ତୁଚ୍ଛ ବସ୍ତୁକୁ ସୁନ୍ଦର କହେ ଏବଂ ଅନ୍ୟ ଜଣେ ଯଦି ତାହାର ମାର୍ଜିତ ରୁଚି ବା ସୌନ୍ଦର୍ଯ୍ୟବୋଧ ଯୋଗୁଁ ଉକ୍ତ ବସ୍ତୁକୁ ସୁନ୍ଦର କହିବାକୁ ଅକ୍ଷମ ହୁଏ, ତା'ହେଲେ ପ୍ରଥମ ବ୍ୟକ୍ତି ଭାବେ ଅପର ଅରସିକ । କିନ୍ତୁ ପ୍ରକୃତରେ କିଏ ଅରସିକ ବା କୁରସିକ ତାହା ମଧ୍ୟ ପ୍ରଥମ ବ୍ୟକ୍ତିକୁ ବିଶ୍ୱାସ କରାଇ ପାରିବାର ଉପାୟ ନାହିଁ । ସୌନ୍ଦର୍ଯ୍ୟ-ବୋଧର ଅନୁଶୀଳନ ଓ ଚର୍ଚ୍ଚାଦ୍ୱାରା ମନକୁ ମାର୍ଜିତ କଲେ ସୁଦ୍ଧା ଏପରି କୌଣସି ପରୀକ୍ଷା ବା ମାନଦଣ୍ଡର ସୁବିଧା ନାହିଁ, ଯଦ୍ଦ୍ୱାରା ଜଣକୁ ସୌନ୍ଦର୍ଯ୍ୟ ବିଚାର ବିଷୟରେ ଅପ୍ରତିବାଦ୍ୟ ପଦବୀ ଦିଆ ଯାଇ ପାରେ । ତେଣୁ ଉଚ୍ଚାଙ୍ଗ ସୌନ୍ଦର୍ଯ୍ୟବୋଧବିଶିଷ୍ଟ ବ୍ୟକ୍ତି ସାଧାରଣ ଲୋକର ସାଧାରଣ ରୁଚିକୁ ନିକୃଷ୍ଟ ଜାତୀୟ ବୋଲି ଅଭିଯୁକ୍ତ କଲେ, ସାଧାରଣ ଲୋକ ତାହାର ଯଥାର୍ଥତା ଅନୁଭବ କରେ ନାହିଁ କିମ୍ବା ସାଧାରଣ ଲୋକ ଅପରକୁ ଅରସିକ କହିଲେ ମଧ୍ୟ କିଏ ଯେ ପ୍ରକୃତ ଅରସିକ ବା କୁରସିକ ସେ ବିଷୟରେ ମଧ୍ୟ ବିଶ୍ୱାସ ଜନ୍ମାଇବାର ଉପାୟ ନାହିଁ । ତେଣୁ ଏପରି ବିଷୟରେ ରୁଚି ଘେନି ଯେଉଁ କଳି ତାହା ପ୍ରାୟ ଅନିବାର୍ଯ୍ୟ ବୋଲି ମୋର ମନେ ହୁଏ । ଥରେ ବଙ୍ଗଦେଶର ବିଖ୍ୟାତ ଔପନ୍ୟାସିକ ଶରତ୍‌ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କର ଜଣେ ବନ୍ଧୁ କଥାପ୍ରସଙ୍ଗରେ ତାଙ୍କୁ କହିଲେ, "କାହିଁକି ଯେ ଆପଣମାନେ ରବୀନ୍ଦ୍ରନାଥଙ୍କୁ ଏତେ ଠେକାଠେକି କରନ୍ତି, ମୁଁ ତ ତା'ର କୌଣସି କାରଣ ଖୋଜି ପାଏଁ ନାହିଁ। କିଣ ଲେଖନ୍ତି ସେ? ଗୁଡ଼ାଏ ଦୁର୍ବୋଧ ଶବ୍ଦସମଷ୍ଟି । ଆମେ ତ ତା'ର ବିନ୍ଦୁବିସର୍ଗ କିଛି ବୁଝୁ ନାହିଁ ।" ଏହା ଶୁଣି ଶରତ୍ ବାବୁ ଗମ୍ଭୀର ଭାବରେ କହିଲେ, "ସତ କହିଛନ୍ତି ଆପଣ; ରବୀନ୍ଦ୍ରନାଥ ତ ଆପଣମାନଙ୍କ ପାଇଁ ଲେଖନ୍ତି ନାହିଁ—ସେ ଲେଖନ୍ତି ଆମ ପାଇଁ ।" ବନ୍ଧୁବର ଏହା ଶୁଣି ଆଉ କିଛି ନ କହି ତୁନି ହେଲେ ।

ଶରତ୍ ବାବୁଙ୍କ ଖ୍ୟାତି ଓ ପଦ ଯୋଗୁଁ ଏଠା ବନ୍ଧୁବର ନିଜ ରୁଚି ଓ ବିଦ୍ୟାବୁଦ୍ଧି ପ୍ରତି ଏତେ ବଡ଼ ଅବଜ୍ଞାକୁ ମୌନଭାବରେ ହଜମ କଲେ କିନ୍ତୁ ସବୁ ସ୍ଥଳରେ ତାହା ହୋଇ ପାରିବ କି? ପ୍ରତ୍ୟେକେ ନିଜ ରୁଚିର ଦୋହି ଦେଇ ପରସ୍ପରକୁ ବ୍ୟଙ୍ଗ କରିବେ କିନ୍ତୁ କେହି କି କେବେ ସ୍ଥିରଭାବେ ଥରେ ବିଚାର କରି ଦେଖିବେ, ସୌନ୍ଦର୍ଯ୍ୟ ବିଚାରର ପ୍ରକୃତ ଅଧିକାରୀ କିଏ କିମ୍ବା ସେ ବିଚାର ନିମିତ୍ତ ନିଜ ମଧ୍ୟରେ ଯଥୋଚିତ ସମ୍ପଦ ଅଛି କି ନାହିଁ? *

---

* ବାରିପଦା ସାହିତ୍ୟ ସମାଜର ତୃତୀୟ ବାର୍ଷିକ ଅଧିବେଶନକୁ ପ୍ରେରିତ ପ୍ରବନ୍ଧ ।

# କୃଷି

ଶ୍ରୀ ଜଳନ୍ଧର ଦେବ

ଆଦି ଯୁଗରେ ମନୁଷ୍ୟ ବନ୍ୟ ଶାକ ଫଳମୂଳ ଓ ମାଂସଦ୍ୱାରା ଜୀବନ ଧାରଣ କରୁଥିଲା । କ୍ରମେ ଭୂମି କର୍ଷଣ କରି ଶସ୍ୟ ଓ ଫଳ ଉତ୍ପନ୍ନ କରିବାର ଉପାୟ ଉଦ୍ଭାବନ କଲା । ମନୁଷ୍ୟ ଜାତିର ବଂଶବୃଦ୍ଧି ସଙ୍ଗେ ସଙ୍ଗେ ମାଂସ ଓ ବନ୍ୟ ଫଳମୂଳ ସହଜ-ଲଭ୍ୟ ହେଲା ନାହିଁ । ଏଣୁ କ୍ରମେ କର୍ଷଣଦ୍ୱାରା ଖାଦ୍ୟ ଉତ୍ପାଦନର ସ୍ପୃହା ବଢ଼ିଲା ଏବଂ କର୍ଷଣଦ୍ୱାରା ଖାଦ୍ୟ ପଦାର୍ଥ ଉତ୍ପାଦନ କରି ପାରିବା ହେତୁ ମନୁଷ୍ୟ କେବଳ ଜୀବନ-ସଂଗ୍ରାମରେ ଅନ୍ୟ ପଶୁ ଅପେକ୍ଷା ଜୟଯୁକ୍ତ ହେଲା । ଅଧୁନା ମନୁଷ୍ୟ ତାର ଆଦି ପୂର୍ବପୁରୁଷର ଜୀବନୋପାୟ ସ୍ୱଭାବଲଭ୍ୟ ମାଂସ ଓ ବନ୍ୟ ଫଳମୂଳ ବ୍ୟତିରେକେ ମଧ୍ୟ ଅନାୟାସରେ ବଞ୍ଚି ପାରେ ।

କର୍ଷଣ ହିଁ ମନୁଷ୍ୟର ସଭ୍ୟତାର ସହାୟଭୂତ ଆଦି ମାନବ କେବେ ପ୍ରଥମରୁ ଭୂମି କର୍ଷଣ କରି ଖାଦ୍ୟ ଉତ୍ପାଦନର ପନ୍ଥା ଶିକ୍ଷା କଲା, ତାହା କେହି ସ୍ଥିର କରି କହି ନ ପାରେ । ତାହା ଯୁଗ ଯୁଗାନ୍ତରର କଥା । ଇତିହାସର ମଧ୍ୟ ଅଗୋଚର ।

ଏହା ଅନୁମାନ କରି ଯାଇ ପାରେ ଯେ ମନୁଷ୍ୟ ପ୍ରଥମେ ପଶୁ-ଶୃଙ୍ଗ ଓ ବକ୍ର କାଷ୍ଠ ଖଣ୍ଡ ସାହାଯ୍ୟରେ ଭୂମି କର୍ଷଣ ବା ଖନନ କରିବାକୁ ଶିକ୍ଷା କରିଥିଲା କାରଣ ସେତେବେଳେ ମନୁଷ୍ୟ ଲୁହା ପ୍ରଭୃତି ଧାତୁର ବ୍ୟବହାର ଆଦୌ ଶିକ୍ଷା କରି ନ ଥିଲା । ତାର ପ୍ରୟୋଜନ ତୁଳନାରେ ପଶୁଶୃଙ୍ଗ ଓ ବକ୍ର କାଷ୍ଠ ଖଣ୍ଡ ଭୂମି କର୍ଷଣ ନିମନ୍ତେ ଯଥେଷ୍ଟ ବୋଲି ବିବେଚିତ ହେଉଥିଲା । ଅଭିଜ୍ଞ-ଜ୍ଞାନ ବୃଦ୍ଧି ସଙ୍ଗେ ସଙ୍ଗେ କୃଷି କାର୍ଯ୍ୟ ବୃଦ୍ଧି କରିବାର ପ୍ରୟୋଜନ ହେଲା । ମନୁଷ୍ୟ କୃଷୋପଯୋଗୀ ଯନ୍ତ୍ରପାତି ପ୍ରସ୍ତୁତ କରିବାକୁ ଶିକ୍ଷା କଲା । ପଶୁଶୃଙ୍ଗ ଓ ବକ୍ର କାଷ୍ଠ ଖଣ୍ଡର ଅଭିବ୍ୟକ୍ତ ଆମ୍ଭମାନଙ୍କର ଲଙ୍ଗଳ । ଏହାର କ୍ରମୋନ୍ନତିର ବିସ୍ତୃତ ବିବରଣ ଏଠାରେ ଉଲ୍ଲେଖ କରିବାର ନିଷ୍ପ୍ରୟୋଜନ । ମାତ୍ର ଏହା ଯେ ସତ୍ୟ, ଏଥିରେ ସନ୍ଦେହ କରିବାର କିଛି ହିଁ କାରଣ ନାହିଁ ।

ଭାରତବର୍ଷ କୃଷି-ପ୍ରଧାନ ଦେଶ, ଏହା ସମସ୍ତେ ସ୍ୱୀକାର କରନ୍ତି ଏବଂ ଏ ଦେଶବାସୀଙ୍କର ପ୍ରଧାନ ଜୀବନୋପାୟ ଯେ କୃଷି ଏହା ମଧ୍ୟ କେହି ଅସ୍ୱୀକାର କରିବେ ନାହିଁ । ମାତ୍ର ବୈଦିକ ଯୁଗରୁ ଆଜିଯାଏ ଭାରତବାସୀ ଧୀର ମନ୍ଥର ଗତିରେ ତାର କୃଷି କାର୍ଯ୍ୟରେ ଚାଲିଛି । ପୂର୍ବ ପୁରୁଷଙ୍କର ପ୍ରଚଳିତ ପନ୍ଥାର ନିୟମ ଓ ଗଣ୍ଡି ଭଙ୍ଗି କରୁ ନାହିଁ । ଏ ଜାତି ଅନ୍ୟ ଜାତିଙ୍କର ସଂସ୍ପର୍ଶରେ ଯେପରି ଅମନଯୋଗୀ ଏକମାତ୍ର ଜୀବନୋପାୟ କୃଷି କର୍ମରେ ମଧ୍ୟ ତଦନୁରୂପ ଅମନଯୋଗ । ଏଣୁ ଏ ଦେଶର ଦାରିଦ୍ର୍ୟ କେବେ ଘୁଞ୍ଚୁ ନାହିଁ ।

କୃଷି ସାମଗ୍ରୀ କିମ୍ବା ଆୟ ବୃଦ୍ଧିର ଉନ୍ନତତର ପନ୍ଥା ଆବିଷ୍କାର ନିମନ୍ତେ ବହୁ କାଳରୁ ଏ ଦେଶବାସୀର ମସ୍ତିଷ୍କ ଅନୁର୍ବର । ଏଣୁ ପ୍ରତ୍ୟେକ ବିଷୟର ସାହାଯ୍ୟ ନିମନ୍ତେ ଏ ଦେଶବାସୀ ପାଶ୍ଚାତ୍ୟ ଦେଶବାସୀଙ୍କ ମୁଖାପେକ୍ଷୀ ହୋଇ ରହିବାକୁ ବାଧ୍ୟ । କ୍ଷତି ନାହିଁ, ମାତ୍ର ସର୍ବ ସାଧାରଣଙ୍କ ନିମନ୍ତେ ସେ ସୁବିଧା କାହିଁ ବା ଜାଣିବାର ପନ୍ଥା କାହିଁ ? ଏଣୁ ପାର୍ବତୀୟ ଜୁଆଙ୍ଗ ପ୍ରଭୃତି ମୃଗ ଶୃଙ୍ଗ ସାହାଯ୍ୟରେ ବିରଙ୍ଗା କୃଷି କରନ୍ତି ଏବଂ ଆମ୍ଭେମାନେ ପୂର୍ବପୁରୁଷଙ୍କ ଆବିଷ୍କୃତ ସେହି ଲଙ୍ଗଳ, ମଇ ସାହାଯ୍ୟରେ ସମତଳ ଭୂମି କର୍ଷଣ କରୁଁ । ଏ ପନ୍ଥା ଚାଲିଛି, ପୁଣି କେତେ ଯୁଗ ଚାଲିବ କିଏ କହି ପାରେ ?

ପାଶ୍ଚାତ୍ୟ ଦେଶ ଆମ୍ଭମାନଙ୍କଠାରୁ ଅନେକ ପଛରେ କୃଷି କାର୍ଯ୍ୟ ଆରମ୍ଭ କରିଥିବାର ଜଣାଯାଏ । ମାତ୍ର ସେମାନେ କୃଷି କର୍ମରେ ଆମ୍ଭମାନଙ୍କଠାରୁ କେତେ ଦୂର ଯେ ଅଗ୍ରସର ହେଲେଣି ତାହା ଚିନ୍ତା କଲେ ବିସ୍ମୟାଭିଭୂତ ହେବାକୁ ହୁଏ । ଆମ୍ଭମାନଙ୍କର ଲଙ୍ଗଳ ସହିତ ସେମାନଙ୍କର ନବ-ଉଦ୍ଭାବିତ **Tractor, Engine-plough** (କଳ ଲଙ୍ଗଳ)ର ତୁଳନା କଲେ ସହଜରେ ଜଣାଯିବ ଯେ ଆମ୍ଭମାନଙ୍କୁ ଛାଡ଼ି ପାଶ୍ଚାତ୍ୟ ଦେଶବାସୀଙ୍କୁ କାହିଁକି ଲକ୍ଷ୍ମୀ ଆଲିଙ୍ଗନ କରିଅଛି । ଗଭୀର କୃଷି ଓ ଶୀଘ୍ର କୃଷିଦ୍ୱାରା ଜମିର ଉର୍ବରତା ବଢ଼େ ଓ ଶୀଘ୍ର କାର୍ଯ୍ୟକାରୀ ହୁଏ । ମାତ୍ର ଆମ ଦେଶବାସୀ ତାହା ବୁଝି ସୁଦ୍ଧା କେହି ହେଲେ ଜଣେ ଏ ଦେଶର ଅଭାବ ଓ ଅର୍ଥ ତୁଳନାରେ ଗୋଟିଏ କୃଷି ଯନ୍ତ୍ର ଉଦ୍ଭାବନ କରିପାରି ନାହିଁ ।

ଜମିରୁ ଉତ୍ପନ୍ନ ଦ୍ରବ୍ୟ ଯେତେ ଶୀଘ୍ର ଘରକୁ ଅଣା ଯାଇ ପାରେ ସେତେ ମଙ୍ଗଳ । ଏହା ବିବେଚନା କରି ସେ ଦେଶବାସୀ ଏପରି ପ୍ରକାଣ୍ଡ ପ୍ରକାଣ୍ଡ ଯନ୍ତ୍ର ନିର୍ମାଣ କରିଅଛନ୍ତି ଯେ ଘଣ୍ଟାକ ମଧ୍ୟରେ ମଣେ ଦୁଇ ମାଣ ଜମିର ଗହମ କର୍ତ୍ତିତ ହୁଏ । କେବଳ ଏତିକି ନୁହେ ସେହି କଳ ଗହମ କର୍ତ୍ତନ କରୁ କରୁ ତାହାକୁ ମଳି ପରିଷ୍କାର କରି ବସ୍ତା ବନ୍ଦ କରି ଫୋପାଡ଼ି ଦିଏ । ଏ ପ୍ରକାର ଛୋଟ ବଡ଼ କୃଷିକ୍ଷେତ୍ର ଓ ବଗିଚାର କେତେ ପ୍ରୟୋଜନୀୟ ଓ କାର୍ଯ୍ୟକାରୀ ଯନ୍ତ୍ର ଆବିଷ୍କୃତ ହୋଇଅଛି ଯେ ତହିଁର ବିବରଣ ଲେଖି ହେବ ନାହିଁ । ମସ୍ତିଷ୍କବାନ୍ ବ୍ୟକ୍ତିମାନେ ଆବିଷ୍କାର କରୁଅଛନ୍ତି ଏବଂ କୃଷୀ ଓ ବଗିଚାବାଲାମାନେ ତାହା ବ୍ୟବହାର କରି ଲାଭବାନ ହେଉଅଛନ୍ତି ।

କୃଷି କର୍ମର ପ୍ରଧାନ ଉପାଦାନ ଭୂମି ଓ ସାର । ଏତେ ଦିନରେ ଭାରତବାସୀ ଗୋବର ସାର ଭିନ୍ନ ଅନ୍ୟ କୌଣସି କୃତ୍ରିମ ବା ରସାୟନିକ ସାର ଆବିଷ୍କାର କରି ପାରି ନାହାନ୍ତି କିମ୍ବା ଏହି



Digitized by srujanika@gmail.com

ସଭ୍ୟ ଯୁଗରେ ସଭ୍ୟ ଦେଶର ଉଦ୍ଭାବିତ ସାର ପ୍ରୟୋଗଦ୍ୱାରା ନିଜର ଶସ୍ୟ କ୍ଷେତ୍ର ଉର୍ବର କରି ଯଥେଷ୍ଟ ଲାଭବାନ ହୋଇ ପାରୁ ନାହାନ୍ତି । ବ୍ୟୟ ନ କଲେ କଦାପି ସନ୍ତୋଷଜନକ ଲାଭ ହେବା ସମ୍ଭବ ନୁହେ । ଆମ ଦେଶବାସୀ ଭବିଷ୍ୟତ ପ୍ରାପ୍ତ୍ୟାଶାରେ ବ୍ୟୟ କରିବାକୁ ନିତାନ୍ତ କୁଣ୍ଠିତ, ଏହା ସମସ୍ତେ ସ୍ୱୀକାର କରିବେ । ପାଶ୍ଚାତ୍ୟ ଜାତି ଆପଣାର ବିଶ୍ୱାସ ଉପରେ ନିର୍ଭର କରି ଅକାତରେ ବ୍ୟୟ କରନ୍ତି । ଭବିଷ୍ୟତରେ କି ଘଟିବ ତତ୍ ପ୍ରତି ସେମାନଙ୍କର ସଙ୍କୋଚ ନ ଥାଏ । କେବେ ଯେ କ୍ଷତି ନ ହୁଏ ଏପରି ନୁହେ, ତେବେ କୃତକାର୍ଯ୍ୟ ହିଁ ସେମାନଙ୍କର ଅଧ୍ୟବସାୟ ଓ ନିର୍ଭରଶୀଳତାର ପୁରସ୍କାର—ଏହା ସର୍ବଦା ଦୃଷ୍ଟିଗୋଚର ହୁଏ । ଇଂଲଣ୍ଡର ଗ୍ରିଲ୍ ସିବ୍ରୁକ ଅତ୍ୟଧିକ ଓ ନାନାବିଧ ସାର ପ୍ରୟୋଗ ଦ୍ୱାରା ତାଙ୍କର ଭୂମିର ଉତ୍ପାଦିକା ଶକ୍ତି କି ପରିମାଣରେ ବୃଦ୍ଧି କରି ଲାଭବାନ ହୋଇଥିଲେ ତାହା ଭାବିଲେ ବିସ୍ମିତ ହେବାକୁ ହୁଏ । ତାଙ୍କର ଏବମ୍ବିଧ ଦୁଃସାହସିକତା ଦେଖି ତାଙ୍କର ସହକର୍ମୀ କୃଷିମାନେ ପ୍ରଥମେ ତାଙ୍କ ଉପରେ ଥଟ୍ଟା ବିଦ୍ରୂପ ବର୍ଷଣ କରୁଥିଲେ । ମାତ୍ର ଗ୍ରିଲ୍ ଯେତେବେଳେ ଦେଖାଇଦେଲେ ଯେ ଏକ ମାଣ ଜମିର ଉତ୍ପନ୍ନ ୪୦୦୦ ପାଉଣ୍ଡ ଦ୍ରବ୍ୟ, ସେତେବେଳେ ସମସ୍ତେ ତାଙ୍କର କୃଷି ଅଭିଜ୍ଞତାର ଭୂୟସୀ ପ୍ରଶଂସା ନ କରି ରହି ପାରିଲେ ନାହିଁ ।

ଆମ୍ବ, ପଣସ, କମଳା, କଦଳୀ ପ୍ରଭୃତି ଆମ ଦେଶର ଫଳ । ଆମ ପୂର୍ବ ପୁରୁଷଗଣ ଯେଉଁ ରୀତିରେ ତୋଟା ପ୍ରସ୍ତୁତ କରୁଥିଲେ ଅଦ୍ୟାପି ଆମ୍ଭେମାନେ ତାର କିଞ୍ଚିତ ବ୍ୟବଧାନ ବା ଉନ୍ନତି କରି ପାରି ନାହୁଁ । କଲମ ପ୍ରଥା ଆଧୁନିକ ବୋଲିଲେ ଚଳେ । ପାଶ୍ଚାତ୍ୟ ଦେଶରେ ନାନା ପ୍ରକାର କଲମ କଲେଣି ଏବଂ ନାନା ପ୍ରକାର ଶଙ୍କର ବୃକ୍ଷ ଓ ଫଳ ଉତ୍ପାଦନ କଲେଣି । ଆମେରିକାର କାଲିଫର୍ଣ୍ଣିୟା ଫଳ ନିମନ୍ତେ ପ୍ରସିଦ୍ଧ । ସେଠାର ଜଣେ କୃତୀ ସନ୍ତାନ ଲୁଥାର ବାର୍‌ବେଙ୍କ । ତାଙ୍କର କୃତିତ୍ୱର ସାମାନ୍ୟ ପରିଚୟ ପାଠକଙ୍କର ହୃଦୟଗ୍ରାହୀ ହେବ ବୋଧହୁଏ । ଲୁଥାର ବର୍‌ବେଙ୍କ ଜଣେ ଅଳ୍ପ ଶିକ୍ଷିତ ଗରିବ ବାଳକ ! ତାଙ୍କର ଅଭିଜ୍ଞତା ଓ ଅଧ୍ୟବସାୟ ଦ୍ୱାରା ସେ ଯେଉଁ ନୂତନ ଆଳୁ ଉତ୍ପନ୍ନ କରିଥିଲେ ତାହାର ନାମ ଦିଆଯାଇ ଥିଲା—ବରବେଙ୍କ ପଟାଟୋ । ପ୍ରତି ବର୍ଷ ଲକ୍ଷାବଧି ଟଙ୍କାର ଏହି ଆଳୁ ଯୁକ୍ତ ରାଜ୍ୟରେ ଉତ୍ପନ୍ନ ହୁଏ । ଏଥିରୁ ଅନାୟାସରେ ହୃଦୟଙ୍ଗମ ହୋଇପାରେ ଯେ ଜଣେ ମନୁଷ୍ୟର ଅଭିଜ୍ଞତାର ଫଳରୁ ଗୋଟାଏ ଦେଶ କେତେ ଦୂର ଉପକୃତ ଓ ଲାଭବାନ ହୁଏ ।

ବରବେଙ୍କର କୃତିତ୍ୱ ଫଳ ଗୃକ୍ଷରେ ଓ ଶଙ୍କର ଫଳବୃକ୍ଷ ଉତ୍ପାଦନରେ । ସେ ଦୁଇ ଗୋଟି ନୂତନ ବାଲନଟ ବୃକ୍ଷ ଉତ୍ପାଦନ କରିବା ଦ୍ୱାରା ବୈଜ୍ଞାନିକ ମାନଙ୍କର ପ୍ରଶଂସାଭାଜନ ହୋଇଥିଲେ । ଗୋଟିଏ ବୃକ୍ଷର ନାମ ପ୍ୟାରାଡ଼ୋକସ୍‌ବାଲନଟ୍, ଗୋଟିକର ନାମ ରଏଲ ବାଲନଟ । ଏ ବୃକ୍ଷ ଉତ୍ପାଦନର ବିବରଣ ଚମତ୍କାର, ମାତ୍ର ତହିଁର ବିସ୍ତୃତ ଆଲୋଚନା ନିମନ୍ତେ ପତ୍ରିକାରେ ସ୍ଥାନ ନାହିଁ ।

ବରବେଙ୍କ ନୂତନ ପ୍ରକାର ଏପଲ ଫଳ ଉତ୍ପାଦନ କରି-ଅଛନ୍ତି । ଚେରି, ବ୍ଲୁମିସ ପ୍ରଭୃତି ଫଳ ମଧ୍ୟ ଉତ୍ପାଦନ କରିଅଛନ୍ତି । ଏହାଙ୍କର ଉତ୍ପାଦିତ ଫଳର ସୁଗନ୍ଧ ଓ ଦୃଶ୍ୟ ସାଧାରଣ ଫଳଠାରୁ ସ୍ୱତନ୍ତ୍ର ।

ସପ୍ତଫେଣୀ କଣ୍ଟାର କଥା ଭାରତବାସୀ କିଏ ବା ନ ଜାଣେ ? ଭାରତବାସୀ ପ୍ରତି ଏହାର ପ୍ରୟୋଜନୀୟତା କିଛି ନାହିଁ । ବରବେଙ୍କ ଏହି କଣ୍ଟା ବୃକ୍ଷକୁ ପଶୁ ଖାଦ୍ୟରେ ପରିଣତ କରିଅଛନ୍ତି । ସେ ଦେଖିଲେ ଏହି ବୃକ୍ଷ ଗୋଟିଏ ପୁଷ୍ଟିକର ପଶୁଖାଦ୍ୟ ହୋଇ ପାରେ ଯେବେ ବୃକ୍ଷରୁ କଣ୍ଟା ନିଷ୍କାଶିତ କରି ଯାଇପାରେ । ବହୁ ଚେଷ୍ଟା ଓ ଅଧ୍ୟବସାୟ ଦ୍ୱାରା କେତେକ ବର୍ଷ ପରେ ବରବେଙ୍କ ଏହି ସପ୍ତଫେଣୀ ବା ନାଗଫେଣୀକୁ କଣ୍ଟକଶୂନ୍ୟ କରି ପଶୁଖାଦ୍ୟରେ ପରିଣତ କଲେ । ଆଜି ପୃଥିବୀର ସର୍ବତ୍ର ଏହା ପଶୁଖାଦ୍ୟ ରୂପେ ଗୃହୀତ ହୋଇଅଛି । ଭାରତ ଗଭର୍ଣ୍ଣମେଣ୍ଟ କୃଷି-କେନ୍ଦ୍ରମାନଙ୍କରେ ୧୦୦୦ ଗଣ୍ଡିକୁ ବୋଧହୁଏ ଟ ୩୧ ଦରରେ ବିକ୍ରୟ ହେଉଅଛି । ଅନ୍ୟାନ୍ୟ ଫଳ ଓ ପୁଷ୍ପ ଉତ୍ପାଦନରେ ଏହାଙ୍କର କୃତିତ୍ୱ ବିସ୍ମୟୋତ୍ପାଦକ ।

ଆମ ଦେଶରେ ଏତାଦୃଶ ଲୋକ ଜନ୍ମଲାଭ କରିବାର ଦେଖା ନାହିଁ । ତାହାର କାରଣ ଅନେକ । ସେ ସବୁ ଲେଖି ପ୍ରବନ୍ଧ ବାହୁଲ୍ୟ କରିବାର ପ୍ରୟୋଜନ ମନେ ହେଉ ନାହିଁ ।

# ହିମାଳୟ ଭ୍ରମଣ

( ପୂର୍ବାନୁବୃତ୍ତ )

## ଶ୍ରୀ ନରେନ୍ଦ୍ର ମୋହନ ତ୍ରିପାଠୀ

ଦେବପ୍ରୟାଗରୁ ତା ୪ ରିଖ ଉପର ଓଳ ଅଢ ପ୍ରତ୍ୟୁଷରେ ବାହାରିଲୁଁ । ଆଜିଠାରୁ ପଦବ୍ରଜରେ ଯାତ୍ରା ଆରମ୍ଭ । ଚଟିରୁ ବାହାରିବା ସମୟରେ ଦେଖିଲି ଜଣେ ଗୌରବର୍ଣ୍ଣ ଖର୍ବକାୟ ସନ୍ୟାସୀ ପଥରେ ଠିଆ ହୋଇ କାହା ଅପେକ୍ଷାରେ ଅଛନ୍ତି । ତାଙ୍କ ସଙ୍ଗରେ ଗୋଟିଏ କମଣ୍ଡଳୁ, କେତେ ଖଣ୍ଡ ଗେରୁଆ ଲୁଗା, ଖଣ୍ଡେ କମ୍ବଳ, ଗୋଟିଏ ଗ୍ଲାସ ଓ ଗୋଟିଏ ଡାଟିଆ ଥିଲା । ମୁଁ ପଚାରିଲି



Digitized by srujanika@gmail.com

"ମହାରାଜ ! କାହିଁ ଯାଉଛନ୍ତି ? " ସେ କହିଲେ "କେଦାର ବଦ୍ରିନାଥ ।" ସେଠାରୁ ସେ ଆମ୍ଭ ସଙ୍ଗରେ ଗଲେ । ରାସ୍ତାରେ ନାନା କଥା ତାଙ୍କ ସଙ୍ଗରେ ହେଲା । ତାଙ୍କ ଘର ପଞ୍ଜାବ । ନାନକ ପନ୍ଥୀ । ତାଙ୍କର ଜାତି ବଚାର ନାହିଁ । ସ୍ନାନ ସାରି ଓ ସନ୍ଧ୍ୟା ପରେ କିଛି ସମୟ ଧ୍ୟାନ କରନ୍ତି । ପିତୁଳା ପୂଜା କରନ୍ତି ନାହିଁ । ବୟସ ପ୍ରାୟ ୩୭ ବର୍ଷ । ସେ ବଡ଼ ସଦାଶୟ ଓ ପରୋପକାରୀ । ପ୍ରତ୍ୟେକ ଚଟିରେ ଆମ୍ଭମାନଙ୍କର ଅସୁବିଧା ଦୂର କରିବା ତାଙ୍କର କର୍ମ ହେଲା । ସେ ଅତି ଶୀତ ସହିଷ୍ଣୁ । ଥଣ୍ଡାରେ ଆଦୌ କାତର ହୁଅନ୍ତି ନାହିଁ । କିଛି ଦିନ ପୂର୍ବରୁ ଥରେ କେଦାରନାଥ, ବଦ୍ରିନାଥ ଘୁରିତ ବୁଲି ଯାଇଥିଲେ । ରାସ୍ତା ଘାଟ ତାଙ୍କର ବେଶ୍ ପରିଚିତ ।

ବାଲ୍ୟକେଦାର ବା ଭିଲକେଦାର ଅଲକାନନ୍ଦା କୂଳରେ । ଏଠାରେ ଖାଣ୍ଡବ ଗଙ୍ଗାର କ୍ଷୀଣ ଜଳସ୍ରୋତ ଆସି ଅଲକାନନ୍ଦାରେ ମିଶିଅଛି । ତାହାର କୂଳରେ ଉଚ୍ଚ ସ୍ଥାନରେ ବାଲ୍ୟକେଦାର ମନ୍ଦିର । ମନ୍ଦିରଟି କ୍ଷୁଦ୍ର ହେଲେ ମଧ୍ୟ ଦେଖିବାକୁ ସୁନ୍ଦର । ଅଳ୍ପ ଦୂରରେ ମାର୍କଣ୍ଡେୟ ଗଙ୍ଗା ଅଲକାନନ୍ଦାରେ ପଡ଼ିଅଛି । ସେଠାରେ ମାର୍କଣ୍ଡେୟ ମୁନି ତପସ୍ୟା କରୁଥିଲେ ବୋଲି ପ୍ରକାଶ । ଅର୍ଜୁନ ଏହିଠାରେ କିରାତରୂପୀ ମହାଦେବଙ୍କୁ ସନ୍ତୁଷ୍ଟ କରି ପାଶୁପତ ଅସ୍ତ୍ର ଲାଭ କରିଥିଲେ ବୋଲି ପ୍ରବାଦ ଅଛି । ଏହି ମନ୍ଦିର ପାର୍ଶ୍ୱରେ ଅନ୍ୟର କେତେଗୁଡ଼ିଏ ଦେବଦେବୀଙ୍କର ମୂର୍ତ୍ତି ଅଛି । ଏଠାରେ ଏକ ପ୍ରସ୍ତରରେ ଖୋଦିତ ଗୋଟିଏ ପଦ ଚିହ୍ନ ଓ ଗୋଟିଏ ପଦ୍ମ ଅଛି । ମନ୍ଦିର ମଧ୍ୟରେ ଶାୟିତ ଶିବଲିଙ୍ଗ ଅଛନ୍ତି । ସୋମବାର ଅମାବାସ୍ୟା ପଡ଼ିଲେ ଅନେକ ଯାତ୍ରୀ ଏଠାକୁ ପୂଜା କରିବାକୁ ଆସନ୍ତି । ଏଠାରୁ ଦକ୍ଷିଣକୁ କିଛି ଦୂରରେ ଖାଣ୍ଡବ-ବନ ଅଛି ।

ଶ୍ରୀନଗର—ଏହା ଅଲକାନନ୍ଦାର ବାମ ତୀରରେ । ସମୁଦ୍ର-ଠାରୁ ୧୭୦୬ ଫୁଟ ଉଚ୍ଚ । ପୂର୍ବେ ଏହି ନଗର ଗଢ଼ୱାଲ ରାଜାଙ୍କର ରାଜଧାନୀ ଥିଲା । ୧୮୦୩ ଖ୍ରୀଷ୍ଟାବ୍ଦରେ ଗୋର୍ଖାମାନେ ଏହି ରାଜ୍ୟ ଆକ୍ରମଣ କରି ଜୟ କରିଥିଲେ । ଗଢ଼ୱାଲର ରାଜା ତିହିରି ନାମକ ସ୍ଥାନ ସୁରକ୍ଷିତ ଦେଖି ସେଠାରେ ରାଜଧାନୀ ସ୍ଥାପନ କଲେ । ଏହି ଘଟଣାର ୧୨ ବର୍ଷ ପରେ ଗଢ଼ୱାଲର ରାଜା ଇଂରେଜମାନଙ୍କ ସାହାଯ୍ୟରେ ଗୋର୍ଖାମାନଙ୍କୁ ତଡ଼ିଦେଇ ଉପକାରର କୃତଜ୍ଞତା ସ୍ୱରୂପ ପ୍ରାୟ ରାଜ୍ୟର ଅର୍ଦ୍ଧାଂଶ ଇଂରେଜ-ମାନଙ୍କୁ ଦେଇଅଛନ୍ତି । ଏହା ବ୍ରିଟିଶ୍ ଗଢ଼ୱାଲ ନାମରେ ଅଭିହିତ । ଏଥିଯୋଗୁଁ ଶ୍ରୀନଗର ଇଂରେଜ ଅଧିକାରକୁ ଆସିଅଛି । କିନ୍ତୁ ସଦର କଚେରି ଏଠାରେ ନ ରଖି ଏଠାରୁ ୮ ମାଇଲ ଦୂରରେ 'ପଉଡ଼ି' ନାମକ ସ୍ଥାନକୁ ଉଠାଇ ନେଇଅଛନ୍ତି । ସନ ୧୮୯୩ ଖ୍ରୀଷ୍ଟାବ୍ଦରେ ପ୍ରସିଦ୍ଧ ଗୋନାର ବନ୍ୟାରେ ନଗରଟି ବିଧ୍ୱସ୍ତ ହୋଇ ଯାଇଥିଲା । ଏ ନଗରଟି ବେଶ୍ ସମତଳ ଓ ପ୍ରସ୍ତର ନିର୍ମିତ । ଗୃହଗୁଡ଼ିକର ଛାତ ଶ୍ଳେଟ ପଥରରେ ତିଆରି ।

ନଗରର ଅଧ ମାଇଲ ତଳକୁ କମଳେଶ୍ୱର ନାମକ ଶିବଙ୍କର ଗୋଟିଏ ପ୍ରାଚୀନ ମନ୍ଦିର ଅଛି । ମନ୍ଦିରର ଗୃହ ପାଖରେ ଅଟ୍ଟାଳିକା । ଏହାର ବାହାରେ ପିତ୍ତଳର ବୃହତ୍ ଘଣ୍ଟ ଅଛି । ଶୁଣାଯାଏ ମହାତ୍ମା ଶଙ୍କରାଚାର୍ଯ୍ୟଙ୍କର ଏଠାରେ ପୂର୍ବେ ମଠ ଥିଲା । ଏ ମନ୍ଦିରରେ ସନ୍ତାନ ପ୍ରାର୍ଥିନୀ ସ୍ତ୍ରୀଲୋକମାନେ ବୈକୁଣ୍ଠ ଚତୁର୍ଦ୍ଦଶୀ ରାତିରେ ଘୃତଦୀପ ଧରି ମନ୍ଦିର ଚତୁଃପାର୍ଶ୍ୱରେ ଠିଆ ହୋଇ ସନ୍ତାନ ପ୍ରାର୍ଥନା କରନ୍ତି । ଯେଉଁମାନେ ଉଜାଗରରେ ସମସ୍ତ ରାତି ଘୃତଦୀପ ଧରି ଠିଆ ହୋଇ ରହନ୍ତି ଓ ଯାହାଙ୍କର ଦୀପ ଊଷାକାଳ ପର୍ଯ୍ୟନ୍ତ ଲିଭି ନ ଥାଏ, ସେହିମାନେ ଦେବତାଙ୍କ ଅନୁଗ୍ରହ ଲାଭ କରି ସଫଳକାମ ହୁଅନ୍ତି । ଏଠାରେ ଅନେକ ବିଷ୍ଣୁ-ପଦଚିହ୍ନ ଓ ପଞ୍ଚ-ପାଣ୍ଡବଙ୍କର ଗୋଟିଏ ମନ୍ଦିର ଅଛି । ଏଠାରେ ଦେବର୍ଷି ନାରଦଙ୍କର ଗୋଟିଏ ଅଦ୍ଭୁତ ମୂର୍ତ୍ତି ଅଛି । ପ୍ରାୟ ଦୁଇ ଶତ ବର୍ଷର ପୁରାତନ ଲକ୍ଷ୍ମୀ-ନାରାୟଣଙ୍କର ଗୋଟିଏ ପ୍ରାଚୀନ ମନ୍ଦିର ଅଛି । କିନ୍ତୁ ନିବିଡ଼ ଜଙ୍ଗଲ ହେତୁ ଏଠାକୁ ଯାଇ ହୁଏ ନାହିଁ । ପରେ ଗୋଟିଏ ଲକ୍ଷ୍ମୀନାରାୟଣ ମନ୍ଦିର ନିର୍ମିତ ହୋଇଅଛି । କିନ୍ତୁ ଏହା ନିକୃଷ୍ଟ । ମନ୍ଦିରର ସମ୍ମୁଖରେ ଗରୁଡ଼ଙ୍କର ମୂର୍ତ୍ତି । ସେଠାରୁ ନଦୀର ଅପର ପାର୍ଶ୍ୱରେ ଐନ୍ଦ୍ରଜାଲିକ ପାହାଡ଼ । ଉକ୍ତ ପାହାଡ଼ରେ କାଳୀଦେବୀଙ୍କର ଯଜ୍ଞବେଦୀ ଅଛି । ପୂର୍ବେ ଏଠାରେ ନରବଳି ଦିଆ ଯାଉଥିଲା । ମହାତ୍ମା ଶଙ୍କରାଚାର୍ଯ୍ୟ ଉକ୍ତ ବଳିଦାନର ପ୍ରସ୍ତରକୁ ନଦୀଗର୍ଭରେ ନିକ୍ଷେପ କରିଥିଲେ । ଶ୍ରୀନଗର ସନ୍ନିକଟରେ ଅଷ୍ଟାବକ୍ର ପର୍ବତ । ଏଠାରେ ଅଷ୍ଟାବକ୍ର ମୁନି ତପସ୍ୟା କରିଥିଲେ ।

ଭିଲକେଦାରରୁ ଶ୍ରୀନଗର ଆସିବା ରାସ୍ତା ଧାରରେ (ରାସ୍ତାରୁ ପ୍ରାୟ ½ ମାଇଲ ଦୂରରେ) ଗଙ୍ଗା କୂଳରେ ଗୋଟିଏ ଉଚ୍ଚ ପ୍ରସ୍ତର ଉପରେ ଆଶ୍ରମ କରି ଜଣେ ମୌନୀ ସନ୍ନ୍ୟାସୀ ଥାନ୍ତି । ତାଙ୍କଠାକୁ ସମସ୍ତେ ଯାଉଥିଲୁ । ସେ କାହାରି ସଙ୍ଗେ ବାକ୍ୟାଳାପ କରନ୍ତି ନାହିଁ । ତାଙ୍କଠାରେ ଖଣ୍ଡେ ଖାତା ଓ ପେନ୍ସିଲ ଅଛି । କେହି କିଛି ଲେଖି ଦେଲେ ତାହାର ଉତ୍ତର ସେ ଲେଖି ଦିଅନ୍ତି (ଇଂରାଜୀରେ) । ଯେ ଯାହା ସେଠାକୁ ଆଣି ଦିଏ ସେ ତାହା ଖାଇ ସେଠାରେ ଥାନ୍ତି । ନିକଟରେ ଗ୍ରାମ ନାହିଁ । ଅନେକ ପଥିକ ଯାଇ ମହାତ୍ମାଙ୍କୁ ଦର୍ଶନ କରନ୍ତି ।

ଶ୍ରୀନଗରରେ କାଳୀକମଲୀଓଆଲାଙ୍କର ଗୋଟିଏ ପ୍ରକାଣ୍ଡ ଧର୍ମଶାଳା, ଡାକ୍ତରଖାନା, ଥାନା, ତାର ଓ ଡାକଘର ଅଛି । ସେଠାରୁ ଗୋଟିଏ ରାସ୍ତା ତିହିରି ଷ୍ଟେଟକୁ, ଆଉ ଗୋଟିଏ ରାସ୍ତା ପୌଡ଼ି ହୋଇ କୋଟଦ୍ୱାର ରେଲଷ୍ଟେସନକୁ ଯାଇଅଛି । ପୌଡ଼ି ବର୍ତ୍ତମାନ ବ୍ରିଟିଶ୍ ଗଢ଼ୱାଲ ଜିଲ୍ଲାର ସଦର କଚେରି । ବଦ୍ରିନାଥରୁ ଫେରିବା ସମୟରେ କେହି କେହି ଯାତ୍ରୀ ଏହି ଶ୍ରୀନଗରରୁ ପୌଡ଼ି ବାଟେ କୋଟଦ୍ୱାରରେ ରେଲ ଧରନ୍ତି । କିନ୍ତୁ ଏ ରାସ୍ତାରେ ଅତି ଅଳ୍ପ ଚଟିଘର ଅଛି । ଯେଉଁମାନେ ସରକାରୀ ବଙ୍ଗଳାରେ ରହିବାର ସୁବିଧା କରିନଅନ୍ତି, ସେମାନଙ୍କୁ ଏହି ରାସ୍ତାରେ ଫେରିଲେ ସୁବିଧା ହୁଏ । ଏଠାରୁ କୋଟଦ୍ୱାର ପ୍ରାୟ ମା ୫୮ ଇଲ ।

କ୍ରମଶଃ



Digitized by srujanika@gmail.com

# ଶ୍ରୀମନ୍ ମହାରାଜାଙ୍କର ଜନ୍ମୋତ୍ସବ

ମାର୍ଚ୍ଚ ମାସ ୧୯ ତାରିଖ ଶ୍ରୀମନ୍ ମହାରାଜା ସର୍ ପ୍ରତାପ ଚନ୍ଦ୍ର ଭଞ୍ଜ ଦେଓ କେ. ସି. ଆଇ. ଇ.ଙ୍କର ଜନ୍ମଦିନ ଦିବସ ଯଥା ସମାରୋହରେ ରାଜଧାନୀ ବାରିପଦାରେ ପ୍ରତିପାଳିତ ହୋଇଥିଲା । ସେ ଦିନ ପ୍ରଭାତ ହେବା ସଙ୍ଗେ ସଙ୍ଗେ ଦେବମନ୍ଦିରରେ ପୂଜା ଓ ଆରତୀ ଘଣ୍ଟା ବାଜି ଉଠିଲା ଏବଂ ବ୍ରାହ୍ମଣମାନେ ଶ୍ରୀମନ୍ ମହାରାଜାଙ୍କର ଦୀର୍ଘ ଜୀବନ ଓ ଉନ୍ନତି ପାଇଁ ପ୍ରାର୍ଥନା କରିଥିଲେ । ସକାଳ ଆଠ ଘଣ୍ଟିକା ସମୟରେ ବାରିପଦାର ସରକାରୀ କର୍ମଚାରୀ ଓ ପ୍ରଜା ସାଧାରଣ ଦଳ ଦଳ ହୋଇ ପୋଲିସ ପଡ଼ିଆ ଆଡ଼କୁ ଚାଲିଲେ । ସେଠାରେ ଇତିପୂର୍ବରୁ ସମସ୍ତଙ୍କର ବସିବା ପାଇଁ ତମ୍ବୁମାନ ଟଣା ଯାଇଥିଲା । ସେଠାରେ ଷ୍ଟେଟ୍ ପତାକା ଉତ୍ତୋଳନ କରାଯାଇଥିଲା ଓ ସମବେତ ଜନତା ଦଣ୍ଡାୟମାନ ହୋଇ ତତ୍ପ୍ରତି ସମ୍ମାନ ପ୍ରଦର୍ଶନ କରିଥିଲେ । ଯଥାବିହିତ ତୋପସଲାମୀ ମଧ୍ୟ ଦିଆ ଯାଇଥିଲା । ଷ୍ଟେଟ୍ ପୋଲିସ ଫଉଜ ପତାକାର ଚତୁର୍ଦ୍ଦିଗରେ ପରେଡ କରିଥିଲେ ଏବଂ ବ୍ୟାଣ୍ଡ୍ ବାଦ୍ୟଦ୍ୱାରା ରାଜ୍ୟର ଜାତୀୟ ବନ୍ଦନା ଗୀତ ହୋଇଥିଲା । ତତ୍ପରେ କପ୍ତିପଦାର ସରବରାକାର ଶ୍ରୀ ରଜତଚନ୍ଦ୍ର ପରାକ୍ରମବାହୁ ଅଭିନବ ଭୁଜଙ୍ଗ ମାନ୍ଧାତା ଶ୍ରୀମନ୍ ମହାରାଜାଙ୍କୁ ସାଧାରଣଙ୍କ ପକ୍ଷରୁ ଶ୍ରଦ୍ଧାଭକ୍ତି ଅର୍ପଣ କରିଥିଲେ ଓ ତାଙ୍କର ଦୀର୍ଘ ରାଜତ୍ୱର କାମନା କରି ଗୋଟିଏ ଅଭିଭାଷଣ ପଢ଼ିଥିଲେ । ଏଥି ଉତ୍ତାରୁ ସଭା ଭଙ୍ଗ ହୋଇଥିଲା ।



ଜନ୍ମଦିନ ପୂଜା ଉପଲକ୍ଷେ ଶ୍ରୀମନ୍ ମହାରାଜାଙ୍କର କୀଚକେଶ୍ୱରୀ ମନ୍ଦିରକୁ ଯାତ୍ରା କାଳୀନ ଦୃଶ୍ୟ ।
ପଶ୍ଚାତରେ ମହାରାଜକୁମାରୀ ଶ୍ରୀମତୀ ପ୍ରଭାବ [illegible] ।

ତତ୍ପରେ ରାଜଭବନ ଅଭିମୁଖେ ସମସ୍ତେ ଅଗ୍ରସର ହୋଇ ଶ୍ରୀମନ୍ ମହାରାଜାଙ୍କୁ ସ୍ୱୀୟ ଭକ୍ତି ଜଣାଇବା ପାଇଁ ସେଠାରେ ଏକତ୍ର ହେଲେ । ମହାରାଜା ସାହେବ ଦରବାର ମଣ୍ଡପରେ ସାକ୍ଷାତ ପ୍ରଦାନ କରିଥିଲେ । ଷ୍ଟେଟ୍‌ର ଅବସର ପ୍ରାପ୍ତ ଜଜ୍ ରାୟ ବାହାଦୁର ହରିଦାସ ବୋସ୍ ସେଠାରେ ମହାରାଜାଙ୍କର କଲ୍ୟାଣକର ରାଜତ୍ୱ ସମ୍ବନ୍ଧରେ କେତେକ କଥା କହିଥିଲେ ଓ ଏହା ଦୀର୍ଘ କାଳ ସ୍ଥାୟୀ ହେଉ ବୋଲି ଭଗବାନଙ୍କ ଠାରେ ପ୍ରାର୍ଥନା କରିଥିଲେ । ମହାରାଜା ସାହେବ ହାସ୍ୟମୁଖରେ ସମସ୍ତଙ୍କର ଭକ୍ତି ଗ୍ରହଣ କରି ତତ୍ପରେ ରାଜ୍ୟର ଅଧିଷ୍ଠାତ୍ରୀ ଦେବୀ କୀଚକେଶ୍ୱରୀଙ୍କ ମନ୍ଦିରକୁ ଯାଇ ବିଧିବଦ୍ଧ ପୂଜାରେ ଯୋଗଦାନ କରିଥିଲେ । କୀଚକେଶ୍ୱରୀଙ୍କ ମନ୍ଦିରକୁ ଗଲାବେଳେ ପ୍ରାଚୀନ ରୀତିରେ ଏକ ଶୋଭାଯାତ୍ରା ହୋଇଥିଲା । ରାଜଛତ୍ର, ଚାମର, ବ୍ୟଜନ ପ୍ରଭୃତି ଧରି ସେବକମାନେ ଶ୍ରୀମନ୍ ମହାରାଜାଙ୍କ ସଙ୍ଗେ ସଙ୍ଗେ ଚାଲିଥାନ୍ତି, ଦେଶୀୟ ବାଦ୍ୟ ଓ ମଧୁର ତାନରେ ରାଜପ୍ରାସାଦ ପ୍ରକମ୍ପିତ ହେଉଥାଏ, ନାରୀମାନେ ମଙ୍ଗଳ ଗୀତ ଗାନ କରି ଚାଲିଥାନ୍ତି ଓ ପୁରୋହିତ ମଙ୍ଗଳାଷ୍ଟକ ଉଚ୍ଚାରଣ କରୁଥାନ୍ତି ।

ସନ୍ଧ୍ୟା ସମୟରୁ ମୟୂରଭଞ୍ଜ କୁଟୀର-ଶିଳ୍ପ-ଗୃହ ଓ ତାହାର ଚତୁଃପାର୍ଶ୍ୱ ରଚନାକାର ଧାରଣ କରିଥିଲା । ନାନା ରଙ୍ଗର କାଗଜରେ ପ୍ରସ୍ତୁତ ପତାକା ଓ ମାଳାଦ୍ୱାରା ଚତୁର୍ଦ୍ଦିଗ ସୁଶୋଭିତ ହୋଇଥିଲା ।




Digitized by srujanika@gmail.com

ସୁସଜ୍ଜିତ ତୋରଣ ଦ୍ୱାରର ବହିର୍ଭାଗରେ ବଡ଼ ବଡ଼ ଅକ୍ଷରରେ "ମୟୂରଭଞ୍ଜ କୃଷି ଓ ଶିଳ୍ପ ପ୍ରଦର୍ଶନୀ" ଲେଖା ଅଙ୍କିତ କରାଯାଇଥିଲା । ନିକଟରେ ଏକ ପ୍ରମୋଦ-ଉଦ୍ୟାନ ( **Amusement Park** ) ମଧ୍ୟ ପ୍ରସ୍ତୁତ ହୋଇଥିଲା । ଶ୍ରୀମନ୍ ମହାରାଜାଙ୍କର

ବିଭାଗମାନ ଦେଖି ପାରିବେ, ସେଥିପାଇଁ ଉପଯୁକ୍ତ ବ୍ୟବସ୍ଥା କରାଯାଇଥିଲା । ନାନା ରଙ୍ଗର ବିଜୁଳି ଆଲୁଅ ଖଚିତ ହୋଇ ପ୍ରଦର୍ଶନୀ-ପ୍ରାଙ୍ଗଣ କଳ୍ପିତ ଅପୂର୍ବ ଭୁବନର ଶୋଭା ଧାରଣ କରିଥିଲା । ବିବିଧ ବସ୍ତ୍ରପରିହିତା ଶତ ଶତ କୁଳବଧୂମାନଙ୍କର ଉପସ୍ଥିତିରେ ଏହାର ଶୋଭା ଅଦ୍ଭୁତ ବଢ଼ି ଉଠୁଥିଲା । ସହରର ସମସ୍ତ ଗୃହ ଦୀପାବଳୀରେ ଆଲୋକିତ ହୋଇଥିଲା ।


ପ୍ରମୋଦ-ଉଦ୍ୟାନଟି ମଧ୍ୟ ସବୁ ଶ୍ରେଣୀର ଲୋକଙ୍କ ପାଇଁ ଉନ୍ମୁକ୍ତ ଥିଲା । ପିଲାମାନଙ୍କ ପାଇଁ ନାନା ପ୍ରକାର କ୍ରୀଡ଼ା ଓ କୌତୁକର ବ୍ୟବସ୍ଥା ହୋଇଥିଲା । ଯୁବକମାନେ ଭୋଜବାଜୀ, ଭାଗ୍ୟ-କ୍ରୀଡ଼ା ଓ ନାନା ପ୍ରକାର କଳ କୌଶଳ ବିଶିଷ୍ଟ ଆମୋଦ ପ୍ରମୋଦରେ ମାତି ଥିଲେ । ଏହା ଛଡ଼ା ସମସ୍ତଙ୍କ ପାଇଁ ମିଷ୍ଟାନ୍ନ ଦୋକାନ ପ୍ରଭୃତି ମଧ୍ୟ ଉକ୍ତ ପ୍ରମୋଦ-ଉଦ୍ୟାନ ମଧ୍ୟରେ ଖୋଲିଥିଲା । ଶ୍ରୀଯୁକ୍ତ ରାଧାଶ୍ୟାମ ଦାସ ଓ ଶ୍ରୀଯୁକ୍ତ ସୁଧୀନ୍ଦ୍ର କୁମାର ରାୟ ପ୍ରଦର୍ଶନୀ ମଣ୍ଡପରେ ଛାୟାଚିତ୍ର ସାହାଯ୍ୟରେ କଳିଙ୍ଗର ଅତୀତ ଗୌରବ ଓ ଭାରତର ଶିଳ୍ପୋନ୍ନତି ସମ୍ବନ୍ଧରେ ବକ୍ତୃତା ଦେଇଥିଲେ ।



ଜଗନ୍ନାଥ ମନ୍ଦିରର ସମ୍ମୁଖ ଦୃଶ୍ୟ । ମନ୍ଦିର ମଣ୍ଡପରେ ଶ୍ରୀମନ୍ ମହାରାଜା ପୂଜାରେ ଅଧୀନ ।

ଜନ୍ମୋତ୍ସବ ଉପଲକ୍ଷରେ ମୟୂରଭଞ୍ଜ ଡେଭଲପ୍‌ମେଣ୍ଟ ଡିପାର୍ଟ୍‌ମେଣ୍ଟ ଉପରୋକ୍ତ କୃଷି ଓ ଶିଳ୍ପ ପ୍ରଦର୍ଶନୀ ଏବଂ ଜନାର୍ଦ୍ଦନ ସନ୍ତାନ ଗଠିତ କମିଟି ପ୍ରମୋଦ-ଉଦ୍ୟାନର ବ୍ୟବସ୍ଥା କରିଥିଲେ । ଦେଓ୍ୱାନ ଶ୍ରୀଯୁକ୍ତ କ୍ଷିତୀଶଚନ୍ଦ୍ର କାଞ୍ଜିଲାଲ ଏକ ବହୁ ଜନସମବେତ ସଭାରେ ପ୍ରଦର୍ଶନୀର ଆବଶ୍ୟକତା ସମ୍ବନ୍ଧରେ କେତେକ ଉପାଦେୟ କଥା କହି ପ୍ରଦର୍ଶନୀ ଓ ପ୍ରମୋଦ-ଉଦ୍ୟାନର ଦ୍ୱାର ଉନ୍ମୋଚନ କରିଥିଲେ ।

ଜନାର୍ଦ୍ଦନ ସନ୍ତାନ ଗଠିତ କମିଟି ପୂର୍ବରୁ କାଙ୍ଗାଳ ଭୋଜନର ବ୍ୟବସ୍ଥା କରିଥିଲେ ଏବଂ ସନ୍ଧ୍ୟାସମୟରେ ଅନେକ ଗରିବ ଲୋକଙ୍କୁ ଖାଇବାକୁ ଦିଆ ଯାଇଥିଲା । ସନ୍ଧ୍ୟା ହେବା ସଙ୍ଗେ ସଙ୍ଗେ ପ୍ରଦର୍ଶନୀ ଓ ପ୍ରମୋଦ-ଉଦ୍ୟାନରେ ଦର୍ଶକ ସଂଖ୍ୟା କ୍ରମେ ଅଧିକ ହେବାକୁ ଲାଗିଲା । ଦର୍ଶକମାନେ ଯେପରି ସହଜରେ ସମସ୍ତ କ୍ରୀଡ଼ା କୌତୁକ ଉପଭୋଗ କରି ପାରିବେ ଏବଂ ପ୍ରଦର୍ଶନୀର ବିଭିନ୍ନ



ଶ୍ରୀମନ୍ ମହାରାଜାଙ୍କର ଜନ୍ମୋତ୍ସବ ଉତ୍ସବରେ ଦରିଦ୍ର ଦରିଦ୍ରଙ୍କ ପାଇଁ ଭୋଜନର ବ୍ୟବସ୍ଥା ହୋଇଥିଲା ।

କ୍ଷେତ୍ରରେ ଆଦିମ ଅଧିବାସୀମାନେ ମଧ୍ୟ ଆନନ୍ଦ ଉପଭୋଗରୁ ପୃଥକ୍ ହୋଇ ନ ଥିଲେ । ଦଳ ଦଳ ହୋଇ ସହରର ବିଭିନ୍ନ ସ୍ଥାନରେ ସେମାନେ ନୃତ୍ୟ ଆରମ୍ଭ କରିଥିଲେ । ସେମାନଙ୍କୁ ବିନା ମୂଲ୍ୟରେ ଉକ୍ତ ଦିବସ ପାଇଁ ହାଣ୍ଡିଆ ତିଆର କରିବାକୁ ଛାଡ଼ ମିଳିଥିଲା ଓ ଅବିଶ୍ରାନ୍ତ ଭାବରେ ସମସ୍ତ ଦିନ ଏବଂ ରାତି ବାଦ୍ୟ ବଜାଇ ସେମାନେ ନୃତ୍ୟ କରୁଥିଲେ ।



Digitized by srujanika@gmail.com

ପର ଦିନ ଓ ଅନ୍ୟ ଦିନମାନଙ୍କରେ କାର୍ଯ୍ୟ ନିର୍ଘଣ୍ଟର ସାମାନ୍ୟ ପରିବର୍ତ୍ତନ ହୋଇଥିଲେ ହେଁ ଆଜି ସବୁ ପ୍ରଥମ ଦିନ ପରି ଏକ ସପ୍ତାହ ଚାଲିଥିଲା । ୧୪ ତାରିଖ ଅପରାହ୍ଣରେ ପୁଣି ପୋଲିସ ପଡ଼ିଆରେ ଅନେକ ଲୋକ ରୁଣ୍ଡ ହୋଇଥିଲେ ଏବଂ ମହାରାଜା ସାହେବ ମଧ୍ୟ ପୋଲିସ ପରେଡ଼ ଏବଂ ସ୍ଥାନୀୟ ବ୍ରତୀ ବାଳକମାନଙ୍କର କ୍ରୀଡ଼ା ପ୍ରଭୃତି ଦେଖିବା ପାଇଁ ସେଠାରେ ଉପସ୍ଥିତ ଥିଲେ । ନୟାବଜାର ଉଚ୍ଚ ଇଂରାଜୀ ବିଦ୍ୟାଳୟର ଛାତ୍ରମାନଙ୍କଦ୍ୱାରା ଅଭିନୀତ ବ୍ରତାଚାରୀ ନୃତ୍ୟ ବେଶ୍ ପ୍ରୀତିକର ହୋଇଥିଲା । ସେହି ଦିନ ରାତିରେ ସ୍ଥାନୀୟ କର୍ମଚାରୀ ଓ ସାଧାରଣ ଲୋକେ ମିଳି ପ୍ରଦର୍ଶନୀ ରଙ୍ଗମଞ୍ଚରେ 'କିରାତାର୍ଜୁନ' ଓଡ଼ିଆ ନାଟକର ଅଭିନୟ କରିଥିଲେ । ଶ୍ରୀମନ୍ ମହାରାଜା ଓ ମହାରାଣୀ ସାହେବା ଶ୍ରୋତୃବର୍ଗ ମଧ୍ୟରେ ଉପସ୍ଥିତ ହୋଇ ସମସ୍ତଙ୍କୁ ଉତ୍ସାହିତ କରିଥିଲେ । କେବଳ ସ୍ତ୍ରୀଲୋକମାନଙ୍କ ପାଇଁ ଉକ୍ତ ନାଟକଟି ତତ୍‌ପର ଦିବସ ଆଉ ଥରେ ଅଭିନୀତ ହୋଇଥିଲା । ନାଟକର ମଧ୍ୟେ ମଧ୍ୟେ ଉତ୍କଳର ସୁପରିଚିତ ହାସ୍ୟରସ ଅଭିନେତା ଶ୍ରୀଯୁକ୍ତ ଉଦୟନାଥ ଦାଶ ନାନା ପ୍ରକାର ହାସ୍ୟରସାତ୍ମକ ଅଭିନୟମାନ ଦେଖାଇ ଦର୍ଶକମାନଙ୍କୁ ମୁଗ୍ଧ କରିଥିଲେ । ନାଟକ ଅଭିନୟ ପରେ ପ୍ରତ୍ୟହ ସନ୍ଧ୍ୟାରେ ଦୁଇ ଥର ଲେଖାଁଏ କଥାକୁହା ବାୟସ୍କୋପ ବା ଛାୟାଚିତ୍ର ଉକ୍ତ ରଙ୍ଗମଞ୍ଚରେ ପ୍ରଦର୍ଶିତ ହୋଇଥିଲା ଏବଂ ମଫସଲ ଓ ନିକଟବର୍ତ୍ତୀ ମୋଗଲବନ୍ଦୀ ଜିଲ୍ଲାମାନଙ୍କରୁ ମଧ୍ୟ ଲୋକେ ଦେଖିବାକୁ ଆସୁଥିଲେ ।

ମୟୂରଭଞ୍ଜ କୃଷି ଓ ଶିଳ୍ପ ପ୍ରଦର୍ଶନୀ ପ୍ରତ୍ୟହ ସକାଳ ଆଠଟାଠାରୁ ରାତି ଦଶଟା ପର୍ଯ୍ୟନ୍ତ ଖୋଲା ରହୁଥିଲା ଏବଂ ଦର୍ଶକ ସଂଖ୍ୟା ଅପରାହ୍ଣ ଦୁଇଟାଠାରୁ ରାତି ଦଶଟା ପର୍ଯ୍ୟନ୍ତ କ୍ରମେ ବଢ଼ୁଥିଲା । ପ୍ରତ୍ୟହ ନ୍ୟୁନପକ୍ଷରେ ଛଅ ହଜାର ଲୋକ ଏହି ପ୍ରଦର୍ଶନୀ ଦେଖିବାକୁ ଆସୁଥିଲେ ଏବଂ ସନ୍ଧ୍ୟା ପରେ ସ୍ତ୍ରୀଲୋକମାନଙ୍କର ସଂଖ୍ୟା ମଧ୍ୟ ଅଧିକ ହେଉଥିଲା ।

ପ୍ରଦର୍ଶନୀରେ ସଞ୍ଚିତ ନାନା ସ୍ଥାନରୁ ଆଗତ ବିଭିନ୍ନ ପଦାର୍ଥ ଗୁଡ଼ିକର ବିସ୍ତୃତ ବିବରଣ ଦେବା କିମ୍ବା ସମାଲୋଚନା କରିବା ପାଇଁ ଏଠାରେ ସ୍ଥାନାଭାବ । କେବଳ କେତେ ଗୁଡ଼ିଏ ବିଶିଷ୍ଟ ପଦାର୍ଥର ତାଲିକା ଏଠାରେ ଦିଆଗଲା ।

୧ । ନାରୀ ବିଭାଗ (ସୂଚୀ ଓ ଜରି କର୍ମ), ୨ । ପ୍ରାଥମିକ ସ୍କୁଲମାନଙ୍କରୁ ଆସିଥିବା କୃଷି ଓ ଶିଳ୍ପଜାତ ଦ୍ରବ୍ୟ ଯଥା—ଦଉଡ଼ି, ସାବୁନ, ବାଡ଼ି, ସ୍ଲେଟ ଓ ତଉଲିଆ ପ୍ରଭୃତି, ୩ । କୃଷି ବିଭାଗ—ରାଣୀବାଗ, ମଞ୍ଚାବନ୍ଧା ଓ ତଖତ୍‌ପୁର ବଗିଚାର ନାନା ପ୍ରକାର ଫୁଲ ଏବଂ ଷ୍ଟେଟ୍ କୃଷି ଫାର୍ମ ଓ ଅନ୍ୟାନ୍ୟ ଫାର୍ମରୁ ଆସିଥିବା ନାନା ପ୍ରକାର ଫଳ, ଧାନ, ରବି ଶସ୍ୟ, ଆଖୁ, ଗୁଡ଼ ଓ ଚିନି ଇତ୍ୟାଦି, ୪ । ଖଣିଜ ବିଭାଗ—ଷ୍ଟେଟ୍‌ର ବିଭିନ୍ନ ଅଂଶରେ ମିଳୁଥିବା ନାନା ପ୍ରକାର ପଥର, ୫ । ଜଙ୍ଗଲୋତ୍ପନ୍ନ ଦ୍ରବ୍ୟ—ହାତୀଦାନ୍ତ, କାଠ, ଲାହା, ତସର ଓ ମହମ ଇତ୍ୟାଦି, ୬ । ପୂର୍ଣ୍ଣଚନ୍ଦ୍ର ଶିଳ୍ପ-ସଦନର ତନ୍ତବୁଣା ଲୁଗା ଇତ୍ୟାଦି, ୭ । ମୟୂରଭଞ୍ଜ ଶିଳ୍ପ ବିଭାଗର ଯାବତୀୟ ତନ୍ତବୁଣା ପଦାର୍ଥ, ୮ । ତଖତ୍‌ପୁର ଫାର୍ମର ତନ୍ତବୁଣା ଲୁଗା, ୯ । ଖିଚିଙ୍ଗ ଓ ନୀଳଗିରିର ପଥର କାମ—ମୁଗୁନି ପଥରରେ ତିଆରି ନାନା ପ୍ରକାର ବାହନ ଓ ମୂର୍ତ୍ତି, ୧୦ । କୁଟୀର ଶିଳ୍ପ ବିଭାଗର ଦରି, ଚେୟାର କୁଶନ୍, ପଶିଣା, ଖେଳନା ଓ କାଷ୍ଠନିର୍ମିତ ନାନା ପ୍ରକାର ଗୃହ ସାମଗ୍ରୀ, ୧୧ । ବାରିପଦା ଜେଲର ବେତ ଚେୟାର ଓ ପାପୋଛ ଇତ୍ୟାଦି, ୧୨ । ମତ୍ସ୍ୟ ବିଭାଗ, ୧୩ । ପଶୁ ଚିକିତ୍ସା ବିଭାଗ, ୧୪ । ସ୍ଥାନୀୟ ପ୍ରସ୍ତୁତ ଉଚ୍ଚ ଧରଣର ହାତୀ ଦାନ୍ତର କାମ, ବାଦ୍ୟ ଯନ୍ତ୍ର ଓ କୁରସି କଉଁଚ ପ୍ରଭୃତି । ଏହା ଛଡ଼ା ସ୍ଥାନୀୟ ଲୁଗା, ମନୋହାରୀ ଓ ଅଳଙ୍କାର ବିକ୍ରେତାମାନଙ୍କୁ ମଧ୍ୟ କେତେଗୁଡ଼ିଏ କୋଠରୀ ଦିଆ ଯାଇଥିଲା । କଟକରୁ ଆସିଥିବା ପଦାର୍ଥମାନଙ୍କ ମଧ୍ୟରେ ଓଡ଼ିଶା କେମିକେଲ୍ ଏଣ୍ଡ୍ ଫାରମାସିଉଟିକେଲ ଓଆର୍କସ୍‌ର ପ୍ରସ୍ତୁତ ସୁଗନ୍ଧି ତେଲ ଓ ଔଷଧ, ସିଙ୍ଗ କାମ ଏବଂ କାରୁକାର୍ଯ୍ୟପୂର୍ଣ୍ଣ ନାନା ପ୍ରକାର କାଷ୍ଠନିର୍ମିତ ପଦାର୍ଥ ପ୍ରଧାନ । ପୂର୍ବ ବର୍ଷ ପରି ଢାକା ଶାଢ଼ୀ ବିଭାଗ ମଧ୍ୟ ଏ ବର୍ଷ ପ୍ରଦର୍ଶନୀରେ ବିଶେଷ ସ୍ଥାନ ଅଧିକାର କରିଥିଲା । କଳା ବିଭାଗରେ ମଧ୍ୟ ଅନେକ ଗୁଡ଼ିଏ ସୁନ୍ଦର ଚିତ୍ର ପ୍ରଦର୍ଶିତ ହୋଇଥିଲା । ସେମାନଙ୍କ ମଧ୍ୟରେ କାଷ୍ଠରେ ଅଙ୍କିତ ଦୁର୍ବାସା ମୁନି ଓ ଶକୁନ୍ତଳାଙ୍କର ପ୍ରତିମୂର୍ତ୍ତି ଉଲ୍ଲେଖଯୋଗ୍ୟ । ଏହା ଯାଜପୁରଠାରୁ ଆସିଥିଲା ।



ରାଜ୍ୟର ଆଦିମ ଅଧିବାସୀମାନେ ମଧ୍ୟ ଜନ୍ମ ଦିନ ଉତ୍ସବରେ ନୃତ୍ୟ ଗୀତରେ ମଗ୍ନ ରହିଥିଲେ ।

ବସ୍ତ୍ରନ ବିଭାଗର ପଦାର୍ଥମାନଙ୍କ ମଧ୍ୟରେ ଟିଗିରିଆ ରାଜ୍ୟରୁ ପ୍ରେରିତ ସୂତା ଓ ସିଲ୍କ ଶାଢ଼ୀ, ଖଣ୍ଡୁଆ ( ପରଦାନସୀନ ସ୍ତ୍ରୀଲୋକ-ମାନଙ୍କର ଓଢ଼ଣା ), ସିଲ୍କ ଧୋତି ଓ ଚୂଦର ଏବଂ ଟେବୁଲ-ଚୂଦର ମଧ୍ୟରେ ବୁଣା ହୋଇଥିବା ଇଂଲଣ୍ଡ କବିତା "God save the king" ବିଶେଷ ପ୍ରଶଂସନୀୟ । ଷ୍ଟେଟ୍ ଶିଳ୍ପ ବିଭାଗର ସୂତା ଓ ତସର ଲୁଗା ମଧ୍ୟ ଅନ୍ୟ ବର୍ଷ ଅପେକ୍ଷା ଅନେକ ଗୁଣରେ ଭଲ ଓ ଉନ୍ନତ ହୋଇଥିବାର ଦେଖା ଯାଇଥିଲା ।

ଦିନକୁ ଦିନ ପ୍ରଦର୍ଶନୀରେ ଦର୍ଶକ ସଂଖ୍ୟା କ୍ରମେ ବଢ଼ୁଥିବାର ଦେଖା ଯାଉଥିଲା । ସୁଦୂର ମଫସଲରୁ ମଧ୍ୟ ଶହ ଶହ ଲୋକ ପ୍ରଦର୍ଶନୀ ଦେଖିବା ପାଇଁ ପ୍ରତ୍ୟହ ଆସି ରୁଣ୍ଡ ହେଉଥିଲେ ।

୧୯ ତାରିଖ ଦିନ ପ୍ରଦର୍ଶନୀ ବନ୍ଦ ହେଲା । ସେହି ଦିନ ଅପରାହ୍ଣ ୫ଟା ସମୟରେ ପ୍ରଦର୍ଶନୀ ମଣ୍ଡପରେ ଗୋଟିଏ ସଭା ହୋଇ-ଥିଲା ଓ ଅନେକ ଲୋକ ସେହି ସଭାରେ ଉପସ୍ଥିତ ହୋଇଥିଲେ । ଶ୍ରୀମନ୍ ମହାରାଜା ସାହେବ ସଭାପତିର ଆସନ ଅଳଙ୍କୃତ କରି




ମୟୂରଭଞ୍ଜର କୃଷି-ଶିଳ୍ପ-ପ୍ରଦର୍ଶନୀର ତୋରଣ-ସମ୍ମୁଖ ଦୃଶ୍ୟ ।

୧୫ ତାରିଖ ସନ୍ଧ୍ୟାରେ ମାନନୀୟା ମହାରାଣୀ ସାହେବା ଓ ୧୬ ତାରିଖ ସନ୍ଧ୍ୟାରେ ଶ୍ରୀମନ୍ ମହାରାଜା ସାହେବ ପ୍ରଦର୍ଶନୀ ପରିଦର୍ଶନ କରିଥିଲେ । ଷ୍ଟେଟ୍ ମାଇନିଙ୍ଗ୍ ଇନ୍ସପେକ୍ଟର ମିଷ୍ଟର ଡ. ସି. ନାଗ, ଏସ୍. ସି. ( ମାଇନିଙ୍ଗ୍ ବାର୍ମିଂଗ୍‌ହାମ୍ ) ଆଇ. ସି. ଇ. ( ବୋମ୍ବାଇ ), ଭୂତତ୍ତ୍ୱ ଓ ଷ୍ଟେଟ୍‌ରେ ତାଙ୍କର ଉକ୍ତ ସମ୍ବନ୍ଧୀୟ ଗବେଷଣା କାର୍ଯ୍ୟ ବିଷୟରେ ଗୋଟିଏ ସୁନ୍ଦର ବକ୍ତୃତା ଦେଇଥିଲେ । ସେହି ଦିନ ରାତିରେ ରାଜଭବନରେ ଗୋଟିଏ ବଡ଼ ଭୋଜିର ବନ୍ଦୋବସ୍ତ ହୋଇଥିଲା ଏବଂ ଅନେକ ବିଶିଷ୍ଟ ଷ୍ଟେଟ୍ କର୍ମଚାରୀ ଓ ଭଦ୍ରବ୍ୟକ୍ତି ସେଠାକୁ ନିମନ୍ତ୍ରିତ ହୋଇଥିଲେ ।

କୃତୀ ପ୍ରଦର୍ଶକମାନଙ୍କୁ ପ୍ରଶଂସାପତ୍ର ଏବଂ ପଦକ ପ୍ରଦାନ କରିଥିଲେ । ସଭା କାର୍ଯ୍ୟ ଶେଷରେ ଶ୍ରୀମନ୍ ମହାରାଜା ସାହେବ ଗୋଟିଏ କ୍ଷୁଦ୍ର ଅଥଚ ଉପାଦେୟ ଅଭିଭାଷଣ ଦେଇଥିଲେ ।

ଅନ୍ୟାନ୍ୟ କେତେକ କଥା ମଧ୍ୟରେ ସେ କହିଥିଲେ, ଗତ ବର୍ଷର ପ୍ରଦର୍ଶନୀ ତୁଳନାରେ ଚଳିତ ବର୍ଷ ପ୍ରଦର୍ଶନୀକୁ ଅଳ୍ପ ସଂଖ୍ୟକ ଜିନିଷ ଆସିଥିଲେ ହେଁ ସେଗୁଡ଼ିକ ଯେ ଯଥେଷ୍ଟ ଉନ୍ନତ ଧରଣର ହୋଇଅଛି, ଏହା ନିଃସନ୍ଦେହ ରୂପେ ବୁଝାଯିବ ।

"ପ୍ରଦର୍ଶନୀମାନଙ୍କର ଆବଶ୍ୟକତା ଜଗତମୟ ଅନୁଭୂତ ହୋଇଅଛି ଏବଂ ଏହି ସ୍ୱତଃସିଦ୍ଧ କଥା ଉପରେ ଅଧିକ କହିବାର



Digitized by srujanika@gmail.com

ପ୍ରୟୋଜନ ନାହିଁ । ଆଧୁନିକ ଜଗତରେ ପ୍ରାଣଧାରଣ ଲାଗି ଜୀବନ ଯେ ଏକ ଉଚ୍ଚତର ଓ ପୂର୍ଣ୍ଣତର ଅବସ୍ଥା ଦାବୀ କରେ, ଏହା ସୁସ୍ପଷ୍ଟ ।


"ଉକ୍ତ ଅବସ୍ଥାକୁ ଲାଭ କରିବା ପାଇଁ ଜୀବନ-ସଂଗ୍ରାମ କ୍ରମେ ଗୁରୁତର ହୋଇ ପଡ଼ୁଅଛି ଏବଂ ସକଳ ଦିଗରେ ହିଁ ବିରାଟ କର୍ମମାନ ଦେଖା ଦେଇଅଛି । ଶିଳ୍ପ ବ୍ୟବସାୟ ଦ୍ରୁତ ବେଗରେ ବଢ଼ି ଚାଲି-ଅଛି । ଏହି ଶିଳ୍ପ-ବୃଦ୍ଧି ଯୋଗୁଁ ଉତ୍ପନ୍ନ ଦ୍ରବ୍ୟଗୁଡ଼ିକର ବିନିମୟ ପାଇଁ ବୃହତ୍ତର କ୍ଷେତ୍ର ମଧ୍ୟ ଆବଶ୍ୟକ ହୋଇ ପଡ଼ୁଅଛି । ତେଣୁ ପ୍ରଦର୍ଶନୀମାନଙ୍କର ଗୁରୁତ୍ୱ ବର୍ତ୍ତମାନ ଏରୂପ ବୃଦ୍ଧି ଲାଭ କରିଅଛି ।"

ନାହିଁ । ଶିଳ୍ପ ଓ ବ୍ୟାବସାୟିକ ଶିକ୍ଷା ବିସ୍ତାର ବ୍ୟତୀତ ଦେଶର ଶିଳ୍ପ ଓ କୃଷି ଉତ୍ପନ୍ନ ଦ୍ରବ୍ୟଗୁଡ଼ିକୁ ଏକତ୍ର ତୁଳନା ଓ ବିଚାର କରିବାର ସୁଯୋଗ ମଧ୍ୟ ଏଥିରୁ ମିଳିଥାଏ ।

ଶ୍ରୀମନ୍ ମହାରାଜାଙ୍କର ଶୁଭଜନ୍ମ ଦିବସରେ ଯେଉଁ ବାର୍ଷିକ ପ୍ରଦର୍ଶନୀ ବସୁଅଛି, ସେଥିରୁ ଆମ୍ଭେମାନେ ଏ ସୁଯୋଗ ପାଉଅଛୁଁ । କୃଷି ଏବଂ ଶିଳ୍ପ କ୍ଷେତ୍ରରେ ମୟୂରଭଞ୍ଜ ଆଜି ଯେ ଅଗ୍ରଗାମୀ, ଏଥିରେ ସମସ୍ତେ ଏକମତ ହେବେ । ଅବଶ୍ୟ ଆମ୍ଭମାନଙ୍କ ଗତି ବଡ଼ ମନ୍ଥର, କାରଣ ଅନେକ ବିଳମ୍ବରେ ଆମ୍ଭେ ଏ ଦିଗରେ କାର୍ଯ୍ୟ ଆରମ୍ଭ କରିଛୁଁ । ଅନ୍ୟର ମଧ୍ୟ ଆମ୍ଭମାନଙ୍କର ଅନେକ ଅଭାବ ଅଛି ।

ତତ୍ପରେ ଜାତୀୟ ଜୀବନରେ କୃଷିର ଆବଶ୍ୟକତା ଏବଂ କୃଷି ସହିତ ଶିଳ୍ପର ଘନିଷ୍ଠ ସଂଯୋଗ ସମ୍ବନ୍ଧେ କେତେକ କଥା କହି ତାହାର ଉନ୍ନତି ଲାଗି ମୂଳତଃ ଶିକ୍ଷାର ଯେ ପ୍ରୟୋଜନ, ସେଥିପ୍ରତି ମହାରାଜା ମହୋଦୟ ନିର୍ଦ୍ଦେଶ କରିଥିଲେ ।

ଶିକ୍ଷାର ସାଧାରଣ ଉଦ୍ଦେଶ୍ୟ ସମ୍ବନ୍ଧରେ ସେ କହିଥିଲେ ଯେ ବ୍ୟକ୍ତିର କାର୍ଯ୍ୟକାରିତାକୁ ଶିକ୍ଷା ରୂପ ଦାନ କରେ ଏବଂ କିପରି ଭାବରେ ଅର୍ଜିତ ଜ୍ଞାନକୁ ପ୍ରୟୋଗ କଲେ ନିଜର ଉନ୍ନତି ହେବ, ତାହା ବୁଝାଇ ଦିଏ । ସୁତରାଂ ଶିକ୍ଷାର ଅର୍ଥ କେବଳ ଲେଖି ପଢ଼ି ଜାଣିବା ନୁହେଁ, ଯଥାର୍ଥ ଉନ୍ନତି କରିବାର ପ୍ରେରଣାହିଁ ଏହାର ମୁଖ୍ୟ ଉଦ୍ଦେଶ୍ୟ । ଯେଉଁ ଶିକ୍ଷାରୁ ସେ ପ୍ରେରଣା ନ ମିଳେ ସେଥିରେ ତ୍ରୁଟି ନିହିତ ଅଛି ।



କୃଷି ବିଭାଗ ପ୍ରଦର୍ଶନୀର ଏକାଂଶ ।

ଶେଷରେ ମହାରାଜା ମହୋଦୟ ପ୍ରଦର୍ଶନୀରୁ କିରୂପ କାର୍ଯ୍ୟକରୀ ଶିକ୍ଷା ମିଳି ପାରେ ତାହା ନିର୍ଦ୍ଦେଶ କରି ମୟୂରଭଞ୍ଜ ପ୍ରଦର୍ଶନୀର କର୍ମୀ ଓ ଉଦ୍ୟୋକ୍ତାମାନଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।

ଡେଭେଲପ୍‌ମେଣ୍ଟ ଡିପାର୍ଟମେଣ୍ଟର ଡିରେକ୍ଟର ଶ୍ରୀଯୁକ୍ତ ରାଧାଗୋବିନ୍ଦ ଦାସ ତାଙ୍କର ଅଭିଭାଷଣରେ ମଧ୍ୟ କେତେକ ଉପାଦେୟ କଥା ଉଲ୍ଲେଖ କରିଥିଲେ ।

ଆଧୁନିକ ଜଗତରେ ଶିଳ୍ପର ଗୁରୁତ୍ୱ ଓ ପ୍ରଭାବ ପ୍ରତିପାଦନ କରି ତାହାର ବିସ୍ତାର ଲାଗି ପ୍ରଦର୍ଶନୀର ଏକାନ୍ତ ପ୍ରୟୋଜନୀୟତା ସେ ଦର୍ଶାଇ ଥିଲେ । ବିଶେଷତଃ କୁଟୀର ଶିଳ୍ପର ପ୍ରସାର ପାଇଁ ଏରୂପ ପ୍ରଦର୍ଶନୀର ମୂଲ୍ୟ ଯେ ଯଥେଷ୍ଟ ବେଶି ସେଥିରେ ସନ୍ଦେହ

ଉପଯୁକ୍ତ କର୍ମୀର ଯେପରି ଅଭାବ, ଲୋକସାଧାରଣଙ୍କ ଭିତରେ ଯଥାଯୋଗ୍ୟ ଶିକ୍ଷାର ପ୍ରସାର ମଧ୍ୟ ନାହିଁ ।

ଶେଷୋକ୍ତ କାରଣଟି ସବୁଠାରୁ ଅଧିକ ଗୁରୁତର । ଯେଉଁମାନଙ୍କ ପାଇଁ ଏବଂ ଯେଉଁମାନଙ୍କୁ ନେଇ କୃଷି-ଶିଳ୍ପ ବା ସମବାୟର ଉନ୍ନତି କରିବାକୁ ହେବ, ସେମାନେ ସର୍ବାଦୌ ଶିକ୍ଷିତ ହେବା ଆବଶ୍ୟକ । କାରଣ ବୈଷୟିକ ଓ ନୈତିକ ଉନ୍ନତିର ପ୍ରକୃଷ୍ଟ ପ୍ରେରଣା ଦିଏ ଏହି ଶିକ୍ଷା ।


ମୟୂରଭଞ୍ଜର ଯେଉଁ ଅଳ୍ପ କେତେ ଜଣ ଯୁବକ ସ୍କୁଲ ଏବଂ କଲେଜରୁ ପ୍ରତି ବର୍ଷ ପାଶ କରନ୍ତି ସେମାନେ ସମସ୍ତେ ପ୍ରାୟ ସରକାରୀ ଚାକିରିରେ ପଶନ୍ତି । କୃଷି, ଶିଳ୍ପ ବା ସମବାୟ କ୍ଷେତ୍ରରେ ମଧ୍ୟ କାର୍ଯ୍ୟ କରିବାକୁ ସେମାନେ ମିଳନ୍ତି ନାହିଁ, କାରଣ ଏହା



Digitized by srujanika@gmail.com

କଠିନ ପରିଶ୍ରମର ଆବଶ୍ୟକ କରେ । ଚୁକ୍ତିର କରୁ ନ ଥିବା ଶିକ୍ଷିତ ସମ୍ପ୍ରଦାୟ ଭିତରୁ ଏ ଦିଗରେ କେହି ସାହାଯ୍ୟ କରିବା ସ୍ୱପ୍ନ ପ୍ରାୟ ।

ସୁତରାଂ ଶିକ୍ଷା ହିଁ ବର୍ତ୍ତମାନ ପ୍ରଧାନ ସମସ୍ୟା । ଅକର୍ମୀ ଶିକ୍ଷିତ ସମ୍ପ୍ରଦାୟ ଅନେକ ସ୍ଥଳରେ ବିପଦର ହେତୁ ହେଲେ ହେଁ, ଉପଯୁକ୍ତ ମାର୍ଗରେ ଚାଳିତ ହେଲେ ତାହା ଅଦ୍ଭୁତ କର୍ମମାନ ସମ୍ପାଦନ



ପ୍ରାଥମିକ ବିଦ୍ୟାଳୟମାନଙ୍କର ଶିଳ୍ପ ଓ କୃଷିଜାତ ଦ୍ରବ୍ୟର ନମୁନା

କରିପାରେ । ବର୍ତ୍ତମାନ ପ୍ରଦର୍ଶନୀ ମୟୂରଭଞ୍ଜର ବ୍ୟବସାୟୀ ଓ କୃଷକମାନଙ୍କର ଯେପରି କାର୍ଯ୍ୟ କୁଶଳତାର ସାକ୍ଷ୍ୟ ପ୍ରଦାନ କରିଅଛି, ସେଥିରେ ଉପଯୁକ୍ତ ଶିକ୍ଷା-ପ୍ରସାର ହୋଇ ପାରିଲେ ଆମ୍ଭମାନଙ୍କ ସମକ୍ଷରେ ଏକ ବିରାଟ ଭବିଷ୍ୟତ ଅପେକ୍ଷା କରିଅଛି ବୋଲିବାକୁ ହେବ ।

ତପୂରେ ମୟୂରଭଞ୍ଜ ରାଜ୍ୟର ଅଭ୍ୟନ୍ତରୀଣ ସମୃଦ୍ଧିର ଉଲ୍ଲେଖ କରି ସେ କହିଥିଲେ ଯେ ଏହାର ବିସ୍ତୃତ ଅରଣ୍ୟ ଓ ଶୈଳଶ୍ରେଣୀ ମଧ୍ୟରେ ହିଁ ବିପୁଳ ସମ୍ପତ୍ତି ନିହିତ ଅଛି । କିନ୍ତୁ ଏହି ଲୁକ୍କାୟିତ ଧନ ଆଜିଯାଏ ଆବିଷ୍କୃତ ହୋଇ ନାହିଁ । ଯେଉଁ ସବୁ ଲୌହ ଖଣିରେ ଏ ପର୍ଯ୍ୟନ୍ତ କାର୍ଯ୍ୟ କରି ଯାଇଅଛି ତଦ୍ୱାରା ରାଜ୍ୟର ଉପକାର ବେଶି ହୋଇ ନାହିଁ । ଯେଉଁ ଟାଟା କମ୍ପାନୀ ଏହି ଖଣିଗୁଡ଼ିକୁ ପଟା ନେଇ ଅଛି, ତାହା ରାଜ୍ୟ ସୀମାର ବାହାରେ ଅବସ୍ଥିତ । ଲୌହ ଖଣିରେ କାର୍ଯ୍ୟ କରୁଥିବା ସମସ୍ତ କର୍ମଚାରୀ ବା କଣ୍ଟ୍ରାକ୍ଟରମାନେ ବାହାରରୁ ଆଗତ ଏବଂ ମୟୂରଭଞ୍ଜ ଲୋକେ କେବଳ ସାମାନ୍ୟ ବେତନରେ କୁଲି କାମ କରିଥାନ୍ତି । ରାଜ୍ୟ ଭିତରେ ଯେଉଁ ପ୍ରଶସ୍ତ କାଠ କାରବାର ହୁଏ, ସେଥିରେ ମଧ୍ୟ ମୟୂରଭଞ୍ଜ ଲୋକଙ୍କର ଅବସ୍ଥା ଏହିପରି ।

ତପୂରେ ସେ ଲାହା କାରବାରର ବର୍ତ୍ତମାନ ଦୁରବସ୍ଥା ବିଷୟ ବର୍ଣ୍ଣନ କରିଥିଲେ ଏବଂ ଅରଣ୍ୟଜାତ ଦ୍ରବ୍ୟ ମଧ୍ୟରୁ ଅନ୍ୟ ପ୍ରଧାନ ଶିଳ୍ପ ତସର ବିଷୟ ଉଲ୍ଲେଖ କରି କହିଥିଲେ ଯେ ଇଷ୍ଟ ଇଣ୍ଡିଆ କମ୍ପାନୀଙ୍କ ଆସିବା ଆଗରୁ ମୟୂରଭଞ୍ଜ ତସରର ଖ୍ୟାତି ଥିଲା । ସେ ଖ୍ୟାତି ବର୍ତ୍ତମାନ ମଧ୍ୟ ଅକ୍ଷୁଣ୍ଣ ଅଛି । ଗତ ବର୍ଷ ପାଟନାରେ ଅନୁଷ୍ଠିତ ନିଖିଳ ଭାରତୀୟ ପ୍ରଦର୍ଶନୀରେ ଶାଢ଼ୀ ଏବଂ କୋଟ କନା ପାଇଁ ମୟୂରଭଞ୍ଜ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ପୁରସ୍କାର ଲାଭ କରିଥିଲା । କିନ୍ତୁ ବର୍ତ୍ତମାନ ବିଦେଶୀ କୋମଳ ସିଲ୍କର ପ୍ରତିଯୋଗିତା ଫଳରେ ଉକ୍ତ ଶିଳ୍ପ ଦିନକୁ ଦିନ ଅବନତ ହୋଇ ପଡ଼ୁଅଛି । ତେଣୁ ସାଧାରଣଙ୍କର ସହାନୁଭୂତି ଓ ପୃଷ୍ଠପୋଷକତା ଉପରେ ଏ ଶିଳ୍ପର ଉନ୍ନତି ନିର୍ଭର କରେ ।

ଶେଷରେ ସେ ରାଜ୍ୟ ମଧ୍ୟରେ ବୟନ-ଶିଳ୍ପ ପ୍ରଚଳନର ସମ୍ଭାବନା ଓ ଆବଶ୍ୟକତା ସମ୍ବନ୍ଧରେ ସମୟୋପଯୋଗୀ କେତେ ଗୁଡ଼ିଏ କଥା କହି ସ୍ୱୀୟ ବକ୍ତବ୍ୟ ସାଙ୍ଗ କରିଥିଲେ ।



Digitized by srujanika@gmail.com

# ଦେଶୀୟ ରାଜ୍ୟ ସମାଚାର

## କୋଚିନ

### ରାଜ୍ୟରେ ଉନ୍ନତିର ବ୍ୟବସ୍ଥା

କୋଚିନ ବନ୍ଦର ପାଇଁ ରାଜ ସରକାର ଯେଉଁ ପ୍ରଚୁର ବ୍ୟୟ କରୁଅଛନ୍ତି, ତାହା ଛଡ଼ା ଏର୍ଣ୍ଣାକୁଲମ ଉପକୂଳ ପାଇଁ ମଧ୍ୟ ଟ ୬୦,୦୦୦ ଙ୍କା ମଞ୍ଜୁର କରିଅଛନ୍ତି । ଏହି ଅର୍ଥଦ୍ୱାରା ଉପକୂଳରେ ଏକ ବିସ୍ତୃତ ପଥ ନିର୍ମିତ ହେବ ଏବଂ ପ୍ରସ୍ତାବିତ ପଥର ପୂର୍ବ ପ୍ରାନ୍ତରେ ଅବସ୍ଥିତ କୋଚିନ ବନ୍ଦରର ସମ୍ମୁଖୀନ ସ୍ଥାନରୁ ଆଧୁନିକ ଧରଣର ଗୃହ ନିର୍ମାଣ କରିବା ପାଇଁ ଛାଡ଼ି ଦିଆଯାଇଅଛି ।

ଅଧିକର ମଧ୍ୟ ଟ ୧,୫୭,୦୦୦ ଙ୍କା ବ୍ୟୟରେ ଏକ ୯ ଇଞ୍ଚ ପରିଧି ବିଶିଷ୍ଟ ପାଣି ପାଇପ୍ ବସାଇବାର ବ୍ୟବସ୍ଥା ହୋଇଅଛି । ଶୁଣାଯାଏ ପ୍ରତି ଏକ ହଜାର ଗ୍ୟାଲନ୍ ଜଳ ଖର୍ଚ୍ଚ ପାଇଁ କୋଚିନ ସରକାର ମ୍ୟୁନିସିପାଲିଟିଠାରୁ ଚାରି ଅଣା ହିସାବରେ ଆଦାୟ କରିବେ ବୋଲି ଚୁକ୍ତି କରିଅଛନ୍ତି ।

ପୁଣି, ଟ ୩୦,୦୦୦ ଙ୍କା ବ୍ୟୟରେ ନ୍ୟୁନଗର ଏବଂ ତାହାର ପାର୍ଶ୍ୱବର୍ତ୍ତୀ ସ୍ଥାନମାନଙ୍କରେ ବିଜୁଳି ଆଲୁଅ ଦେବାର ବ୍ୟବସ୍ଥା ହୋଇଅଛି ।

### କୋଚିନ ବ୍ୟବସ୍ଥା ସଭା

କୋଚିନ ରାଜ୍ୟରେ ସ୍ଥାପିତ ଜମି-ବନ୍ଧକ ବ୍ୟାଙ୍କ (**Land Mortgage Bank**) ଯେଉଁଗୁଡ଼ିଏ ଅଂଶ ବା ଡିବେଞ୍ଚାର ବିକ୍ରି କରିଅଛି, ସେଥି ମଧ୍ୟରୁ ସୁଧ ମୂଳ ସମେତ ଦୁଇ ଲକ୍ଷ ଟଙ୍କା ମୂଲ୍ୟରେ ଡିବେଞ୍ଚାର ପାଇଁ ରାଜ ସରକାର ଦାୟିତ୍ୱ ନେବା କାରଣ ବ୍ୟବସ୍ଥା ସଭାର ଅର୍ଥସଦସ୍ୟ ସୁପାରିସ କରିଥିଲେ । ଉକ୍ତ ପ୍ରସ୍ତାବ ସର୍ବସମ୍ମତି କ୍ରମେ ଗୃହୀତ ହୋଇଅଛି ।

## ଇନ୍ଦୋର

### କୃଷି ଓ ଶିଳ୍ପ ପ୍ରଦର୍ଶନୀ

ଚଳିତ ବର୍ଷ ଇନ୍ଦୋର ରାଜ୍ୟର କୃଷି ଓ ଶିଳ୍ପ ପ୍ରଦର୍ଶନୀ ଉଲ୍ଲେଖଯୋଗ୍ୟ ଉନ୍ନତି କରି ପାରିଥିବାର ଜଣାଯାଏ । ସେଥି-ମଧ୍ୟରୁ ଏକ ଉତ୍କୃଷ୍ଟ ଧରଣର ଆଖୁ ଚାଷ ଏବଂ ନୂଆ ରକମର ଧୂଆଁପତ୍ର ଚାଷ ଖୁବ୍ ସଫଳ ହେବାର ଦେଖା ଯାଇଥିଲା । କପା ଚାଷର ଶତ୍ରୁ ପୋକମାନଙ୍କୁ କିରୂପେ ନଷ୍ଟ କରିବାକୁ ହେବ, ସେ ସମ୍ବନ୍ଧରେ ଅନେକ ଅତି ଆବଶ୍ୟକୀୟ ବିଷୟ ବୁଝାଇ ଦିଆଯାଇଥିଲା । ସାଧାରଣ କୃଷକ ପକ୍ଷରେ ଯେଉଁ ସବୁ ଉନ୍ନତ ଶ୍ରେଣୀର ଚାଷ ସରଞ୍ଜାମ ସହଜରେ ଗ୍ରହଣ କରାଯାଇ ପାରେ ତାହା ମଧ୍ୟ ଦେଖାଇ ଦିଆ ହୋଇଥିଲା । ଗୋ-ମହିଷାଦି ପଶୁମାନଙ୍କୁ କିରୂପ ଯତ୍ନରେ ପାଳନ କରାଯିବା ଉଚିତ ତାହା ଗ୍ରାମ୍ୟ-ଉନ୍ନତି ବିଭାଗରେ ପ୍ରଦର୍ଶିତ ହୋଇଥିଲା । ପୁଷ୍ପ-ପ୍ରଦର୍ଶନୀଟି ମଧ୍ୟ ଅତ୍ୟନ୍ତ ଚିତ୍ତାକର୍ଷକ ହୋଇଥିଲା ।

## ପାଟନା (ବଲାଙ୍ଗୀର)

### ରାଜ୍ୟରେ ଶିଳ୍ପୋନ୍ନତି

ଏପ୍ରିଲ ମାସ ୫ ତାରିଖରେ ଟିଟିଲାଗଡ଼ ଚମଡ଼ା କାରଖାନାର ଉଦ୍‌ଘାଟନ ଉତ୍ସବରେ ପାଟନାର ମହାରାଜା ସଭାପତିର ଆସନ ଗ୍ରହଣ କରିଥିଲେ । ଫଜଲଭାଇ ଧଲ କମ୍ପାନି ମହାରାଜାଙ୍କୁ ଏକ ଅଭିନନ୍ଦନ ପତ୍ର ଦେଇଥିଲେ । ରାଜ୍ୟରେ ଶିଳ୍ପ ଏବଂ ଆର୍ଥିକ ଉନ୍ନତି ଦିଗରେ ମହାରାଜା ଯେଉଁ ପ୍ରଗାଢ଼ ସହାନୁଭୂତି ପ୍ରଦର୍ଶନ କରୁଅଛନ୍ତି, ସେଥିପାଇଁ ତାଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିଥିଲେ । ମହାରାଜା ଏହି ବ୍ୟବସାୟୀ ମଣ୍ଡଳକୁ ତାଙ୍କର ବର୍ତ୍ତମାନ କାର୍ଯ୍ୟ ଲାଗି ଧନ୍ୟବାଦ ପ୍ରଦାନ କରିଥିଲେ ଏବଂ ଏଥିରେ ସେମାନେ କୃତକାର୍ଯ୍ୟ ହେବେ ବୋଲି ଆଶା ପୋଷଣ କରିଥିଲେ । ଏହି ଧରଣର ବ୍ୟବସାୟଦ୍ୱାରା ଦେଶରେ ଅକର୍ମୀଙ୍କ ସଂଖ୍ୟା କମିଯିବ ବୋଲି ସେ ଦୃଢ଼ମତ ପ୍ରକାଶ କରିଥିଲେ ।

## ମହୀସୂର

### ପଥର ପାଇପ କାରଖାନା

ମହୀସୂରରେ କିଛି ଦିନ ହେଲା ଗୋଟିଏ ପଥର ପାଇପ କାରଖାନା ବସିଅଛି । ଦାକ୍ଷିଣାତ୍ୟରେ ଏରୂପ ଗୋଟିଏ କାରଖାନା ସମ୍ପୂର୍ଣ୍ଣ ନୂତନ ବୋଲିବାକୁ ହେବ । ନର୍ଦ୍ଦମା ଓ ଜଳନିଷ୍କାସନର ବ୍ୟବସ୍ଥା ବର୍ତ୍ତମାନ ସହରମାନଙ୍କରେ ଅଧିକ ହେଉଥିବାରୁ ଉକ୍ତ କାରଖାନାଟିର ସ୍ଥାପନ ବଡ଼ ସମୟୋପଯୋଗୀ ହୋଇଅଛି ।

ବିଶ୍ୱାସଯୋଗ୍ୟ ଦାୟିତ୍ୱପୂର୍ଣ୍ଣ ବ୍ୟବସାୟୀମାନେ ମଧ୍ୟ ଏହାର ପରିଚାଳକ ହୋଇଅଛନ୍ତି । ରାଜସରକାର କାରଖାନାଟିର ଏକ ପ୍ରକାର ନେତୃତ୍ୱ ନେଇଥିଲେ ହେଁ ସେଥିପାଇଁ ସାଧାରଣ ରାଜସ୍ୱ ଉପରେ ହସ୍ତକ୍ଷେପ କରାଯାଇ ନାହିଁ । ବ୍ୟବସାୟୀମାନେ ଏବଂ ରାଜସରକାର ପରସ୍ପର ସାହଚର୍ଯ୍ୟରେ ଉକ୍ତ କାରଖାନାଟି ପରିଚାଳନ କରିବେ ।



Digitized by srujanika@gmail.com

ଏହି କମ୍ପାନୀର ମୂଳଧନ ଛ ଲକ୍ଷ ଟଙ୍କା ଏବଂ ତାହା ପ୍ରତ୍ୟେକ ଦଶ ଟଙ୍କା ମୂଲ୍ୟର ଷାଠିଏ ହଜାର ଅଂଶରେ ବିଭକ୍ତ କରାଯାଇଅଛି । ବର୍ତ୍ତମାନ ଚାଳିଶ ହଜାରଟି ଅଂଶ ବିକ୍ରୟ କରାଯିବ ଏବଂ ସେଥିମଧ୍ୟରୁ ଡିରେକ୍ଟରମାନେ ଦଶ ହଜାର କିଣି ନେଇଅଛନ୍ତି । ବାକି ଅଂଶ ସାଧାରଣଙ୍କ ମଧ୍ୟରେ ବିକ୍ରୀତ ହେବ ।

## ଏମୋନିଆ ସଲ୍‌ଫେଟ୍ କାରଖାନା

ଏମୋନିଅ ସଲ୍‌ଫେଟ୍ ଓ ସଲ୍‌ଫିଉରିକ୍ ଏସିଡ୍ ତିଆର କରିବା ପାଇଁ ମହୀସୁର ସରକାର ଅଚିରେ ଏକ କାରଖାନା ସ୍ଥାପନ ପାଇଁ ମଧ୍ୟ ବିଚାର କରୁଅଛନ୍ତି । ଅଳ୍ପ ଦିନ ପୂର୍ବେ ଆମେରିକା ରସାୟନିକ ମଣ୍ଡଳର ସଭାପତି କର୍ଣ୍ଣେଲ ପୋପ୍ ଜାପାନ ଯାତ୍ରା ପଥରେ ବାଙ୍ଗାଲୋରଠାରେ ଓହ୍ଲାଇଥିଲେ । ସେହି ସମୟ ମଧ୍ୟରେ ରାଜ୍ୟର ଶିଳ୍ପ ଏବଂ ବାଣିଜ୍ୟ ବିଭାଗର ଡିରେକ୍ଟର ତାଙ୍କ ସଙ୍ଗେ ଏ ସମ୍ବନ୍ଧେ ପରାମର୍ଶ କରିଥିଲେ । ଖୁବ୍ ସମ୍ଭବ ଉକ୍ତ କାରଖାନାଟି କୃଷ୍ଣରାଜ ସାଗର ନିକଟରେ ଅବସ୍ଥିତ ହେବ । କାରଣ ସେଠାରୁ ବୈଦ୍ୟୁତିକ ଶକ୍ତି ପାଇ ପାରିବାର ଅନେକ ସୁବିଧା ଅଛି ।

# ହାଏଦ୍ରାବାଦ

## ଟେଲିଫୋନ୍‌ର ଉନ୍ନତି

ହାଏଦ୍ରାବାଦ ରାଜ୍ୟରେ ଟେଲିଫୋନ୍‌ର ଉନ୍ନତି ଲାଗି ଉକ୍ତ ବିଷୟରେ ଜଣେ ଅଭିଜ୍ଞ ବ୍ୟକ୍ତିଙ୍କୁ ଇଂଲଣ୍ଡରୁ ଆଣାଇ ତାଙ୍କର ପରାମର୍ଶ ନେବେ ବୋଲି ରାଜସରକାର ସ୍ଥିର କରିଅଛନ୍ତି । ହାଏଦ୍ରାବାଦ ଯଦି ଟେଲିଫୋନଦ୍ୱାରା ଗୋଟିଏ ଦିଗରେ ବେଜ୍‌ୱାଡ଼ା ଓ ଅନ୍ୟ ଦିଗରେ ଓଆଦି ସହିତ ସଂଯୁକ୍ତ ହୁଏ ତାହାହେଲେ ସବୁ ଭାରତୀୟ ଟେଲିଫୋନ୍ କେନ୍ଦ୍ର ଓ ବୈଦେଶିକ କମ୍ପାନିମାନଙ୍କ ସହିତ ଏଠାରୁ କଥାବାର୍ତ୍ତା ଚଳି ପାରିବ ।

ଏପ୍ରିଲ ମାସ ୧୬ ତାରିଖରେ ବମ୍ବେ ଏବଂ ହାଏଦ୍ରାବାଦ ମଧ୍ୟରେ ପ୍ରଥମ ଟେଲିଫୋନ ବାର୍ତ୍ତା ଆରମ୍ଭ ହେଲା । ବମ୍ବେ, ଟେଲିଗ୍ରାମ ବିଭାଗର ଡିରେକ୍ଟର ସେ ଦିନ ନିଜାମ ରାଜ୍ୟ ରେଲଓ୍ୱେର ଏଜେଣ୍ଟ ମେଜର ଇ. ଡବ୍ଲ୍ୟୁ ସ୍ଲାଟରଙ୍କ ସହିତ ବଲରାମ ଏକ୍‌ସ୍‌ଚେଞ୍ଜ ବାଟେ ଟେଲିଫୋନଦ୍ୱାରା କଥା କହିଥିଲେ ଏବଂ ମେଜର ସ୍ଲାଟର ମଧ୍ୟ ହାଏଦ୍ରାବାଦଠାରୁ ବମ୍ବେରେ ଅବସ୍ଥିତ ନିଜାମଙ୍କ ଏଜେଣ୍ଟ ମିଷ୍ଟର ତୟାବଜୀଙ୍କ ସଙ୍ଗେ କଥାବାର୍ତ୍ତା କରିଥିଲେ । ଉଭୟ ବାର୍ତ୍ତାର ଆଦାନ ପ୍ରଦାନ ଅତ୍ୟନ୍ତ ସନ୍ତୋଷଜନକ ହୋଇଥିଲା ।

କିନ୍ତୁ ନିଜାମ ଏବଂ ବ୍ରିଟିଶ ସରକାରଙ୍କ ମଧ୍ୟରେ ଏ ସମ୍ବନ୍ଧେ ଶେଷ ଚୁକ୍ତି ନ ହେବାଯାଏ ରାଜ୍ୟର ଲୋକ ସାଧାରଣ ଏ ସୁବିଧା ପାଇ ପାରିବେ ନାହିଁ । ହାଏଦ୍ରାବାଦ ସହରରେ ଟେଲିଫୋନ ବିଭାଗର ଏକ୍‌ସ୍‌ଚେଞ୍ଜ ଅବସ୍ଥିତ ଅଛି । ଗତ କେତେ ବର୍ଷ ହେଲା ସୋଲାପୁର ଓ ଗୋଣ୍ଡାପାଟ ସହିତ ଟେଲିଫୋନ୍ ଯୋଗେ ରାଜଧାନୀକୁ ସଂଯୁକ୍ତ କରିବାର ପ୍ରସ୍ତାବ ନିଜାମ ସରକାରଙ୍କର ବିଚାରାଧୀନ ଥିବାର ଜଣାଯାଏ । ବଲରାମ ଏବଂ ହାଇଦ୍ରାବାଦ ଏକ୍‌ସ୍‌ଚେଞ୍ଜ ମଧ୍ୟରେ ଟେଲିଫୋନ ସମ୍ପର୍କ ସ୍ଥାପନ କରିବାକୁ ରାଜସରକାର ଭାରତ ସରକାରଙ୍କ ସଙ୍ଗେ ଚୁକ୍ତି କରି ପାରିଲେ ତାହାକୁ ଲୋକସାଧାରଣ ସହଜରେ ବ୍ୟବହାର କରିପାରିବେ ।

## ଅନ୍ୟାନ୍ୟ ବିଭାଗରେ ଉନ୍ନତି

ନିଜାମ ରାଜସରକାର ଅଳ୍ପ ଦିନ ହେଲା ବ୍ରଡ଼କାଷ୍ଟିଂ ପାଇଁ ଓ କୋଅପରେଟିଭ୍ ବ୍ୟାଙ୍କ ପାଇଁ ଯଥାକ୍ରମେ ଟ ୪୯,୦୦୦ ଓ ଟ ୨୨,୦୦୦ ଙ୍କା ମଞ୍ଜୁର କରିଥିବାର ଜଣାଯାଏ ।

ହାଏଦ୍ରାବାଦ ନିଜାମଙ୍କ ରୌପ୍ୟ-ଜୟନ୍ତୀର ପରିଚାଳକ କମିଟିଙ୍କ ସୁପାରିସ୍ ଅନୁସାରେ ନଗରର ବେଗମ ବଜାରଠାରେ ଗୋଟିଏ "କନ୍ୟା ପାଠଶାଳା" ବା ବାଳିକା ବିଦ୍ୟାଳୟ ପାଇଁ ଗୃହ ନିର୍ମାଣର ଅନୁମତି ମିଳିଅଛି । ସ୍କୁଲ ଗୃହର ସମସ୍ତ ନିର୍ମାଣ ଖର୍ଚ୍ଚ ପାନ୍ନା ଲାଲ ଓ ଗୋବର୍ଦ୍ଧନ ଲାଲ କମ୍ପାନି ବହନ କରିବେ ବୋଲି ଜଣାଯାଏ । ଉକ୍ତ କମ୍ପାନି ରାଜ୍ୟର ବିଶିଷ୍ଟ ଦାନୀ ରାଜା-ବାହାଦୁର ସର୍ ବଂଶୀଲାଲ ମୋତିଲାଲଙ୍କ ପୁତ୍ରମାନଙ୍କ ଦ୍ୱାରା ପରିଚାଳିତ । ବଂଶୀଲାଲ ମୋତିଲାଲ ସିକନ୍ଦ୍ରାବାଦଠାରେ ଗୋଟିଏ ଆଦର୍ଶ ଗ୍ରାମ ନିର୍ମାଣ ପାଇଁ ପାଞ୍ଚ ଲକ୍ଷ ଟଙ୍କା ଦାନ କରି ରାଜ୍ୟରେ ସ୍ମରଣୀୟ ହୋଇଅଛନ୍ତି ।

ଅଞ୍ଜୁମାନ୍ ତରକ୍କି ଉର୍ଦ୍ଦୁ ବିଭାଗ ପାଇଁ ନିଜାମ ସରକାର ଏକ ଲକ୍ଷ ଟଙ୍କା ଦାନ କରିବାର ସମ୍ବାଦ ମିଳେ । ଏହାକୁ ବର୍ତ୍ତମାନ ଅରଙ୍ଗାବାଦଠାରୁ ଦିଲ୍ଲୀକୁ ଉଠାଇ ନେବାର ପ୍ରସ୍ତାବ ହୋଇଅଛି । ଉକ୍ତ ଦାନ ବ୍ୟତୀତ ପୂର୍ବ ପରି ବାର୍ଷିକ ମଞ୍ଜୁରି ଚାଳିଶ ହଜାର ଟଙ୍କା ଏଥିପାଇଁ ବ୍ୟୟିତ ହେବ ।

ନିଜାମଙ୍କ ରଜତ-ଜୟନ୍ତୀ ପାଣ୍ଠିରୁ ୪୯ ଗୋଟି ଅନୁଷ୍ଠାନକୁ ୭୪ ହଜାର ଟଙ୍କା ଦିଆ ଯାଇଅଛି । ଏଥିମଧ୍ୟରୁ ଶିକ୍ଷା ଅନୁଷ୍ଠାନ-ମାନଙ୍କୁ ଟ ୨୭,୦୦୦୲ ଙ୍କା, ଡାକ୍ତରଖାନା ଟ ୧,୫୦୦୲ ଙ୍କା ଏବଂ ଲାଇବ୍ରେରିକୁ ଟ ୫୦୦୲ ଙ୍କା ଦାନ କରାଯାଇଅଛି । ବେରାର ପ୍ରଦେଶର ଅକୋଲାଠାରେ ଅବସ୍ଥିତ କରଞ୍ଜ ନାମ୍ନୀ ଚିକିତ୍ସାଳୟକୁ ମଧ୍ୟ ଟ ୧୦୦୦୲ ଙ୍କା ଦିଆ ଯାଇଅଛି ।

## କଷ୍ଟମ୍ ବିଭାଗରୁ ଆୟ

କଷ୍ଟମ୍ ବିଭାଗର ଆୟ ଏକ ବର୍ଷ ମଧ୍ୟରେ ଟ୧,୧୨,୦୪,୨୬୯୲ ରୁ ଟ୧,୨୫,୪୦,୫୩୬୲ ଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇଅଛି । ଅଧିକ ପରିମାଣରେ କପାଗୁଣ୍ଡ ଓ ନାନାବିଧ ତେଲ ବୀଜ ବିଶେଷତଃ ଚିନା-ବାଦାମ ରପ୍ତାନିଦ୍ୱାରା ସେ ସକଳ ଜିନିଷ ରାଜ୍ୟରୁ ବେଶୀ ପରିମାଣରେ ଚାଲାନ ହୋଇଥିବା ହିଁ ଏହି ରାଜସ୍ୱ ବୃଦ୍ଧିର କାରଣ । କେବଳ ଚିନାବାଦାମ ଚାଲାନଦ୍ୱାରା ଟ୧୨,୮୧,୦୦୦ ରାଜସ୍ୱ ବଢ଼ିଥିବାର ଜଣାଯାଏ ।



Digitized by srujanika@gmail.com

# ସମ୍ବାଦ ଓ ସଙ୍କେତ

## ମହାମହିମ ସମ୍ରାଟଙ୍କର ଅଭିଷେକୋତ୍ସବ

ମହାମହିମ ସମ୍ରାଟଙ୍କର ଅଭିଷେକୋତ୍ସବ ମଇ ମାସ ୧୨ ତାରିଖରେ ମୟୂରଭଞ୍ଜ ରାଜ୍ୟରେ ଯଥାବିଧି ପ୍ରତିପାଳିତ ହୋଇଥିଲା । ଉକ୍ତ ଦିନ ସରକାରୀ ସ୍କୁଲ କଚେରୀ ଆଦି ବନ୍ଦ ରହିବ ବୋଲି ଗୋଟିଏ ଛୁଟି ଦିନ ରୂପେ ପୂର୍ବରୁ ଷ୍ଟେଟ୍ ଗେଜେଟ୍‌ରେ ପ୍ରକାଶିତ ହୋଇଥିଲା । ରାଜଧାନୀ ବାରିପଦାଠାରେ ସ୍ଥାନୀୟ ପୋଲିସ୍, ଅନ୍ୟାନ୍ୟ ବିଭାଗର ରାଜକର୍ମଚାରୀ ଓ ଜନସାଧାରଣ ସକାଳ ସାତଟା ସମୟରେ ପୋଲିସ ପଡ଼ିଆରେ ଜୁଣ୍ଡ ହୋଇଥିଲେ । ବ୍ରିଟିଶ ରାଜ-ପତାକା ୟୁନିୟନ୍ ଜ୍ୟାକ୍ ପ୍ରଥମେ ଉତ୍ତୋଳନ କରାଗଲା ଏବଂ ବାରିପଦା ପୋଲିସ ଫୌଜ ପରେଡ଼ କରି ରାଜ-ପତାକାକୁ ଯଥାବିଧି ସମ୍ମାନ ପ୍ରଦର୍ଶନ କରିଥିଲେ । ସଙ୍ଗେ ସଙ୍ଗେ ବ୍ରିଟିଶ ଜାତୀୟ ଗୀତ ବଜାଇ ଷ୍ଟେଟ ବ୍ୟାଣ୍ଡ ବାଜି ଉଠିଥିଲା । ସବୁ ସରକାରୀ ଗୃହ ଉପରେ ପତାକା ଦିଆ ଯାଇଥିଲା । ସନ୍ଧ୍ୟା ସମୟରେ ବହୁ ଶତ ଭିକ୍ଷୁକଙ୍କୁ ଏବଂ ବାରିପଦା କୁଷ୍ଠାଶ୍ରମର ରୋଗୀମାନଙ୍କୁ ଭୋଜି ଦିଆ ଯାଇଥିଲା ।

ସମ୍ରାଟଙ୍କର ଉତ୍ତରୋତ୍ତର ଉନ୍ନତି ଏବଂ ସୁଦୀର୍ଘ ରାଜତ୍ୱ ପାଇଁ ବଡ଼ ଜଗନ୍ନାଥ ମନ୍ଦିରରେ ଓ ଅନ୍ୟାନ୍ୟ ମନ୍ଦିରରେ ପ୍ରାର୍ଥନା କରା ଯାଇଥିଲା । ରାତିରେ ସବୁ ଗୃହ ଦୀପାବଳୀଦ୍ୱାରା ସୁଶୋଭିତ ହୋଇ ସମସ୍ତ ସହରଟିର ରୂପ ଅତି ରମଣୀୟ ହୋଇଥିଲା । ରାଜ୍ୟର ପ୍ରତି ସବ୍-ଡିଭିଜନରେ ମଧ୍ୟ ଏହି ରୂପ ଉତ୍ସବ ପାଳିତ ହୋଇଥିଲା ।

## ମୟୂରଭଞ୍ଜ ମହାରାଜାଙ୍କର ରାଜ୍ୟାଭିଷେକ ଉତ୍ସବ

ପୂର୍ବ ବର୍ଷମାନଙ୍କ ପରି ଏ ବର୍ଷ ମଧ୍ୟ ଯଥା ସମାରୋହରେ ଶ୍ରୀମନ୍ ମହାରାଜାଙ୍କର ରାଜ୍ୟାଭିଷେକ ଉତ୍ସବ ଏପ୍ରିଲ ମାସ ୨୪ ତାରିଖରେ ପାଳିତ ହୋଇଥିଲା । ରାଜ୍ୟର ପତାକା ପ୍ରତି ସରକାରୀ ଗୃହ ଉପରେ ଉଡ଼ୁଥିଲା । ସକାଳ ସାତଟା ସମୟରେ ବାରିପଦା ପୋଲିସ୍ ପଡ଼ିଆରେ ସରକାରୀ ଓ ବେସରକାରୀ ବହୁ ଲୋକଙ୍କର ସମାଗମ ହୋଇଥିଲା । ସେଠାରେ ମଧ୍ୟ ରାଜ୍ୟର ପତାକା ଉତ୍ତୋଳନ କରା ହୋଇଥିଲା ଏବଂ ବାରିପଦା ପୋଲିସ୍ ଫୌଜ ପରେଡ଼ କରି ତାହାକୁ ସମ୍ମାନ ଜ୍ଞାପନ କରିଥିଲେ । ଷ୍ଟେଟ୍ ବ୍ୟାଣ୍ଡ ରାଜ୍ୟର ଜାତୀୟ ଗୀତ ବଜାଇ ଚତୁର୍ଦ୍ଦିଗ ମୁଖରିତ କରିଥିଲା । ସ୍ଥାନୀୟ ହାଇସ୍କୁଲର ବହୁ ବାଳକମାନେ ସେଠାରେ ଏକତ୍ରିତ ହୋଇ ଶ୍ରୀମନ୍ ମହାରାଜା ଏବଂ ମହାରାଣୀ ସାହେବାଙ୍କର ବିଜୟ-ଗୀତ ଗାନ କରିଥିଲେ । ରାଜ୍ୟର ପ୍ରତି ସବ୍-ଡିଭିଜନରେ ମଧ୍ୟ ପତାକା ଉତ୍ତୋଳନ ଆଦିଦ୍ୱାରା ଏହି ଉତ୍ସବ ପାଳିତ ହୋଇଥିଲା ।

## ତଖତପୁର ମନ୍ଦିର ପ୍ରତିଷ୍ଠା ଉତ୍ସବ

ଶ୍ରୀମତୀ ମହାରାଣୀ ସାହେବା ତଖତକୁମାରୀ ଦେବୀ ଫେବ୍ରୁଆରୀ ମାସ ୧୯ ତାରିଖରେ ସ୍ୱୀୟ ତଖତପୁର ଫାର୍ମରେ ଅବସ୍ଥିତ ବନବେହାରୀ ମନ୍ଦିରର ପ୍ରତିଷ୍ଠା ଉତ୍ସବ ମହା ସମାରୋହରେ ସମ୍ପନ୍ନ କରିଥିଲେ । ଉକ୍ତ ଫାର୍ମଟି ମହାରାଣୀ ସାହେବାଙ୍କ ନାମଦ୍ୱାରା ଅଭିହିତ ହୋଇ ବାରିପଦାଠାରୁ ପ୍ରାୟ ୪ ମାଇଲ ଦୂରରେ ଅବସ୍ଥିତ । ସେ ଦିନ ମଧ୍ୟାହ୍ନରେ ସହରର ବିଶିଷ୍ଟ ବ୍ୟକ୍ତି ଓ କର୍ମଚାରୀମାନେ ତଖତପୁରଠାରେ ଏକ ଭୋଜିରେ ଯୋଗ ଦେବାପାଇଁ ନିମନ୍ତ୍ରିତ ହୋଇଥିଲେ । ଶ୍ରୀମନ୍ ମହାରାଜା ମଧ୍ୟ ସେଠାରେ ପଦାର୍ପଣ କରିଥିଲେ । ଗତ ବର୍ଷ ପରି ଏ ବର୍ଷ ଅନେକ ଗୁଡ଼ିଏ ନିଃସହାୟ ଓ ଦରିଦ୍ର ଯୁବକ ଯୁବତୀଙ୍କର ବିବାହ ଓ ବ୍ରତ କ୍ରିୟା ଉକ୍ତ ଉତ୍ସବ ସହିତ ଅନୁଷ୍ଠିତ ହୋଇଥିଲା ଏବଂ ଶ୍ରୀମତୀ ମହାରାଣୀ ସାହେବା ତାହାର ସମସ୍ତ ବ୍ୟୟଭାର ସ୍ୱୟଂ ବହନ କରିଥିଲେ ।

## ନାରୀଶିକ୍ଷା ସମ୍ବନ୍ଧରେ ମହାରାଣୀ ସାହେବା

ମୟୂରଭଞ୍ଜର ଲେଡ଼ି ଫ୍ରେଜାର ବାଳିକା ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ସ୍କୁଲ ଗୃହରେ ମାର୍ଚ୍ଚ ମାସ ୨୯ ତାରିଖରେ ଅନୁଷ୍ଠିତ ହୋଇଥିଲା । ମୟୂରଭଞ୍ଜର ମହାରାଣୀ ସାହେବା ବାଳିକାମାନଙ୍କୁ ପୁରସ୍କାର ବିତରଣ କରିଥିଲେ । ସ୍ଥାନୀୟ ଅନେକ ମହିଳା ଉପସ୍ଥିତ ଥିଲେ । ବାଳିକାମାନଙ୍କର ଗୀତ ଓ ଆବୃତ୍ତି ଗୁଡ଼ିକ ଉପଭୋଗ୍ୟ ହୋଇଥିଲା । ପୁରସ୍କାର ବିତରଣ କରି ସ୍କୁଲର ଉନ୍ନତି ସମ୍ବନ୍ଧରେ ମହାରାଣୀ ସାହେବା କେତେକ ଉତ୍ସାହ ବାଣୀ ଶୁଣାଇଥିଲେ । ଗତ ବର୍ଷ ନିମ୍ନ ପ୍ରାଇମେରି ଓ ମଧ୍ୟ ଇଂରାଜୀ ପରୀକ୍ଷାରେ ସବୁଗୁଡ଼ିକ ପରୀକ୍ଷାର୍ଥିନୀ ଉତ୍ତୀର୍ଣ୍ଣ ହୋଇଥିବାରୁ ସେ ସନ୍ତୋଷ ପ୍ରକାଶ କରିଥିଲେ । ସାଧାରଣ ବିଷୟକ ପୁରସ୍କାର ବିତରଣ ପରେ କେତେ ଗୁଡ଼ିଏ ପଦକ ମଧ୍ୟ ଦିଆ ଯାଇଥିଲା । ଗାର୍ହସ୍ଥ୍ୟ ପରିଚାଳନାରେ ସର୍ବୋତ୍କୃଷ୍ଟ ଛାତ୍ରୀ ପାଇଁ ସ୍ୱୟଂ ମହାରାଣୀଙ୍କ ପ୍ରଦତ୍ତ ସ୍ୱର୍ଣ୍ଣପଦକ ଓ ସାଧାରଣ ଦକ୍ଷତା ପାଇଁ କନିଷ୍ଠା ମୃତପଟ୍ଟିକା ମହାରାଣୀ ସାହେବାଙ୍କ ପ୍ରଦତ୍ତ ଆଉ ଗୋଟିଏ ସ୍ୱର୍ଣ୍ଣପଦକ ବିତରଣ କରାଯାଇଥିଲା ।




Digitized by srujanika@gmail.com

ଉକ୍ତ ଦିନ ସ୍କୁଲର ନବ ନିର୍ମିତ ଗୃହଟି ମଧ୍ୟ ଉଦ୍‌ଘାଟିତ ହୋଇଥିଲା । ମହାରାଜ-କୁମାରୀ ଶ୍ରୀମତୀ ପ୍ରତିଭା ଦେବୀଙ୍କର ଶିଶୁ ସୁଲଭ କୋମଳ ସ୍ପର୍ଶ ଦ୍ୱାରା ଏହି ଉତ୍ସବ ଅନୁଷ୍ଠିତ ହୋଇ ଅତୀବ ଉପଭୋଗ୍ୟ ଏବଂ ଚିତ୍ତାକର୍ଷକ ହୋଇଥିଲା ।

## ସମଗ୍ର ଓଡ଼ିଶାର ଏକମାତ୍ର ଉଡ଼ାଜାହାଜ ବନ୍ଦର

ମୟୂରଭଞ୍ଜରେ ଯେଉଁ ଉଡ଼ାଜାହାଜ ବନ୍ଦରର ନିର୍ମାଣ କାର୍ଯ୍ୟ ସମାପ୍ତ ହୋଇଅଛି, ତାହା ସମଗ୍ର ଓଡ଼ିଶା ଏବଂ ପୂର୍ବାଞ୍ଚଳ ଦେଶୀୟ ରାଜ୍ୟମାନଙ୍କ ମଧ୍ୟରେ ସର୍ବପ୍ରଥମ ।



ମୟୂରଭଞ୍ଜର ବୃହତ୍ ଉଡ଼ାଜାହାଜ ବନ୍ଦର ।

ପ୍ରାୟ ଦୁଇ ବର୍ଷ ହେଲା ମୟୂରଭଞ୍ଜର ଶ୍ରୀମାନ୍ ମହାରାଜାଙ୍କ ଆଦେଶ ଅନୁସାରେ ସର୍ବ ବୃହତ୍ ପ୍ୟାସେଞ୍ଜର ଆକାଶଯାନ ଓହ୍ଲାଇବା ଅନୁରୂପ ଏହି ବନ୍ଦର ପ୍ରସ୍ତୁତ ହୋଇଥିଲା । ବର୍ତ୍ତମାନ ଏଥି ସନ୍ନିହିତ ଦୁଇ ଗୋଟି ବଡ଼ ଏରୋପ୍ଲେନ ରହିବା ଭଳି ଏକ ପ୍ରକାଣ୍ଡ ଗୃହ ନିର୍ମିତ ହୋଇଅଛି ଏବଂ ଗୋଟିଏ ଆଧୁନିକ ଧରଣର ବିଶ୍ରାମ ଗୃହ ମଧ୍ୟ ସଂଲଗ୍ନ ଅଛି ।

ଏରୋପ୍ଲେନ ରଖାଯିବା ଘର ସଙ୍ଗରେ ତାହାର ଆବଶ୍ୟକୀୟ ଆନୁସଙ୍ଗିକ ଜିନିଷ ରଖିବାକୁ ମଧ୍ୟ ଗୋଟିଏ ଘର ତିଆରି ହୋଇଅଛି । ବିଶ୍ରାମ ଗୃହଟିରେ ପୋଷାକ ପିନ୍ଧିବା ଘର, ଗାଧୁଆ ଘର ଏବଂ ଭୃତ୍ୟମାନଙ୍କ ରହିବା ଘର ମଧ୍ୟ କରାଯାଇଅଛି । କଂକ୍ରିଟ୍ ନିର୍ମିତ ପାହାଚ ବାଟେ ବିଶ୍ରାମ ଗୃହର ଛାତ ଉପରକୁ ଉଠିଲେ ଉଚ୍ଚ ଦର୍ଶନ-ବୁରୁଜ (Observation tower) ଉପରୁ ସମଗ୍ର ପ୍ରଶସ୍ତ ବନ୍ଦରଟିର ଦୃଶ୍ୟ ସ୍ପଷ୍ଟ ଦେଖାଯାଏ ।

ମୟୂରଭଞ୍ଜରେ ଦୁଇ ଗୋଟି ଏରୋପ୍ଲେନ କିଣା ଯାଇଅଛି । ବଡ଼ଟିରେ ପାଞ୍ଚ ଜଣ ଯାତ୍ରୀ ବସି ପାରନ୍ତି ଏବଂ ଦୂର ଯାତ୍ରା ପାଇଁ ଏହା ପ୍ରଶସ୍ତ । ଛୋଟ ଏରୋପ୍ଲେନ୍‌ଟିରେ ଦୁଇ ଜଣ ଯାଇ ପାରନ୍ତି । ରାଜ୍ୟ ମଧ୍ୟରେ ନାନା ସ୍ଥାନ ପରିଦର୍ଶନ କରିବା ଉଦ୍ଦେଶ୍ୟରେ ଏହା କିଣା ଯାଇଅଛି ।

## ଶ୍ରୀମାନ୍ ମହାରାଜାଙ୍କର ପାନ୍ନା ଏବଂ ନେପାଳ ଯାତ୍ରା

ପାନ୍ନା ରାଜ୍ୟର ମହାରାଜାଙ୍କଦ୍ୱାରା ନିମନ୍ତ୍ରିତ ହୋଇ ଆମ୍ଭମାନଙ୍କର ଶ୍ରୀମାନ୍ ମହାରାଜା ସାହେବ ଫେବୃଆରି ମାସରେ ଷ୍ଟେଟ୍ ଉଡ଼ାଜାହାଜ ଯୋଗେ ପାନ୍ନା ଯାତ୍ରା କରିଥିଲେ । ଫେବୃଆରି ୧୮ ତାରିଖ ସକାଳେ ଷ୍ଟେଟ୍‌ର କେତେକ ବିଶିଷ୍ଟ ବ୍ୟକ୍ତି ଶ୍ରୀମାନ୍ ମହାରାଜାଙ୍କର ଶୁଭଯାତ୍ରା କାମନା କରିବା ପାଇଁ ମୟୂରଭଞ୍ଜ ଉଡ଼ାଜାହାଜ ବନ୍ଦରଠାରେ ଉପସ୍ଥିତ ଥିଲେ । ସକାଳ ଆଠଟା ବେଳେ ପାଞ୍ଚଟି ଆସନ ବିଶିଷ୍ଟ ମୟୂରଭଞ୍ଜର ବଡ଼ ଉଡ଼ାଜାହାଜ ବନ୍ଦର ଛାଡ଼ିଥିଲା । ପାଇଲଟଙ୍କ ବ୍ୟତୀତ ଶ୍ରୀମାନ୍ ମହାରାଜାଙ୍କର ଶରୀରରକ୍ଷୀ




Digitized by srujanika@gmail.com

ଶ୍ରୀଯୁକ୍ତ ଶୁଭଙ୍କର ଭଞ୍ଜ ଦେଓ ଉକ୍ତ ଉଡ଼ାଜାହାଜରେ ଯାତ୍ରା କରିଥିଲେ । ପାନ୍ନାରାଜ୍ୟରେ ଓହ୍ଲାଇ ସେଠାରୁ ନେପାଳର ରାଜଧାନୀ କାଠମାଣ୍ଡୁ ଯାତ୍ରା କରିବାକୁ ହୋଇଥିଲା । କାଠମାଣ୍ଡୁରେ ମହାରାଜା ସାହେବ ପାନ୍ନାର ମହାରାଜକୁମାରଙ୍କ ସଙ୍ଗେ ନେପାଳ ରାଜ୍ୟର ପ୍ରଧାନ ମନ୍ତ୍ରୀଙ୍କ କନିଷ୍ଠା କନ୍ୟାଙ୍କ ପରିଣୟ ଉତ୍ସବରେ ଯୋଗଦାନ କରିଥିଲେ । ମାର୍ଚ୍ଚ ମାସ ୫ ତାରିଖରେ ମହାରାଜା ସାହେବ ସ୍ୱୀୟ ଉଡ଼ାଜାହାଜ ଯୋଗେ ପାନ୍ନାରୁ ନିଜ ରାଜ୍ୟକୁ ଫେରି ଆସିଥିଲେ ଏବଂ ଆକାଶଯାନରେ ପାନ୍ନା ଏବଂ ମୟୂରଭଞ୍ଜର ଦୂରତ୍ୱ ଅତିକ୍ରମ କରିବାକୁ ୪ ଘଣ୍ଟା ମାତ୍ର ଲାଗିଥିଲା ।

## ମୟୂରଭଞ୍ଜରେ ପଲ୍ଲୀଶିକ୍ଷା

ପ୍ରାଥମିକ ବିଦ୍ୟାଳୟର ଶିକ୍ଷକମାନଙ୍କ ପାଇଁ ଫେବୃଆରୀ ଏବଂ ମାର୍ଚ୍ଚ ମାସ ମଧ୍ୟରେ ଉଦଲା ଓ କରଞ୍ଜିଆଠାରେ ଦୁଇଟି ଅସ୍ଥାୟୀ ଶିକ୍ଷାକେନ୍ଦ୍ର ଖୋଲା ଯାଇଥିଲା । ଉଦଲା କେନ୍ଦ୍ରଟି ଫେବୃଆରୀ ୨୨ ତାରିଖଠାରୁ ୨୮ ତାରିଖ ପର୍ଯ୍ୟନ୍ତ ଖୋଲାଥିଲା ଏବଂ ଏଥିରେ ୬୨ ଜଣ ପ୍ରାଇମେରି ସ୍କୁଲ ଶିକ୍ଷକ ଏବଂ ସ୍ଥାନୀୟ ମଧ୍ୟ-ଇଂରାଜି ସ୍କୁଲର ୧୪ ଜଣ ବୃତ୍ତିବାଳକ ଯୋଗ ଦେଇଥିଲେ । ସ୍ଥାନୀୟ ଶିଳ୍ପ ଓ କୃଷି-ଉତ୍ପନ୍ନ ଦ୍ରବ୍ୟ ସହିତ ଗୋଟିଏ କ୍ଷୁଦ୍ର ପ୍ରଦର୍ଶନୀ ମଧ୍ୟ ଖୋଲା ଯାଇଥିଲା ଏବଂ ଏଥି ସହିତ ଉନ୍ନତ ଉପାୟରେ ଉତ୍ପାଦିତ କେତେକ ବସ୍ତୁ ତୁଳନା ସ୍ୱରୂପ ରଖା ହୋଇଥିଲା । ସାଧାରଣ ଶିକ୍ଷା ସମ୍ବନ୍ଧରେ ଏବଂ ଧର୍ମ, ସ୍ୱାସ୍ଥ୍ୟ ଓ ଉତ୍କଳର ଇତିହାସ ସମ୍ବନ୍ଧରେ ବକ୍ତୃତାମାନ ଦିଆଯାଉଥିଲା ।



କରଞ୍ଜିଆ ଅସ୍ଥାୟୀ ଶିକ୍ଷା କେନ୍ଦ୍ରରେ ଅନୁଷ୍ଠିତ ଶିକ୍ଷକମାନଙ୍କ ଡ୍ରିଲ୍‌ର ଦୃଶ୍ୟ ।

ଶେଷ ଦିନ ପତାକା ଉତ୍ତୋଳନ, ମାର୍ଚ୍ଚିଂ, ନାନା ବିଧ କୌତୁକ ଅଭିନୟ ଓ ଖେଳ କସରତ୍ ଆଦି ହୋଇଥିଲା । ଏ ଦିନ ପ୍ରାୟ ଚାରି ଶତ ଦର୍ଶକ ଉପସ୍ଥିତ ଥିଲେ ।

କରଞ୍ଜିଆ କେନ୍ଦ୍ର ମାର୍ଚ୍ଚ ମାସ ୪ ତାରିଖରେ ଖୋଲାଥିଲା ଏବଂ ଏଥିରେ ପାଞ୍ଚପୀଢ଼ ସବ୍-ଡିଭିଜନର ୬୦ ଜଣ ପ୍ରାଥମିକ ସ୍କୁଲ ଶିକ୍ଷକ ଓ ସ୍ଥାନୀୟ ମଧ୍ୟ ଇଂରାଜି ସ୍କୁଲର ୩୨ ଜଣ ବୃତ୍ତିବାଳକ ଯୋଗ ଦେଇଥିଲେ । ସପ୍ତାହର କାର୍ଯ୍ୟନିର୍ଦ୍ଦେଶ ଅନୁସାରେ ଶିକ୍ଷାକେନ୍ଦ୍ରଟି ପରିଚାଳିତ ହୋଇଥିଲା । ପ୍ରତ୍ୟହ ସକାଳ ଏବଂ ସନ୍ଧ୍ୟାରେ "ନିତିବାର" କସରତ୍, ମାର୍ଚ୍ଚ, ସଂଗଠିତ କ୍ରୀଡ଼ା ଓ ଡ୍ରିଲ ପ୍ରଚଳିତ କରାଯାଉଥିଲା ଏବଂ ଅଙ୍କ, ଇତିହାସ, ପ୍ରକୃତି-ପର୍ଯ୍ୟବେକ୍ଷଣ ସମ୍ବନ୍ଧେ ବକ୍ତୃତାମାନ ଦିଆଯାଇଥିଲା । ବିଭିନ୍ନ କୁଟୀରଶିଳ୍ପ ଶିକ୍ଷା ଦେବା ମଧ୍ୟ ଅନ୍ୟତମ ବିଷୟ ଥିଲା ।

ଶେଷ ଦିନ ପତାକା ଉତ୍ତୋଳନ, କୌତୁକ ଅଭିନୟ, ପିରାମିଡ୍, ଖେଳ, କସରତ୍ ଆଦି ହୋଇଥିଲା ଏବଂ ସପ୍ତାହ ଭିତରେ ଉଦଲାରେ ହୋଇଥିବା ପରି ଗୋଟିଏ କ୍ଷୁଦ୍ର ପ୍ରଦର୍ଶନୀ ମଧ୍ୟ ଖୋଲା ଯାଇଥିଲା । ଶିକ୍ଷା ବିଭାଗର ସୁପରିଣ୍ଟେଣ୍ଡେଣ୍ଟ ଶ୍ରୀଯୁକ୍ତ ଶଚୀନ୍ଦ୍ରନାଥ ଦାସ, ଏମ୍. ଏ., ବି. ଏଲ୍., ଡି.ଇଡି. ଏବଂ ବ୍ୟାୟାମ-ବିଶାରଦ ଶ୍ରୀଯୁକ୍ତ ରାଧାଶ୍ୟାମ ଦାସ ଦୁଇଟି ଯାକ କେନ୍ଦ୍ରର କୃତିତ୍ୱ ଲାଗି ବିଶେଷ ଭାବରେ ଦାୟୀ ଅଟନ୍ତି ।

## ବାରିପଦା ସାହିତ୍ୟ ସମାଜ

ଚଳିତ ବର୍ଷ ସ୍ଥାନୀୟ ସାହିତ୍ୟ ସମାଜର ବାର୍ଷିକ ଅଧିବେଶନ ଉତ୍ସବରେ ଉତ୍କଳର କୃତୀ ସାହିତ୍ୟିକ ପଣ୍ଡିତ ଗୋଦାବରୀଶ ମିଶ୍ର ସଭାପତିର ଆସନ ଗ୍ରହଣ କରିଥିଲେ । ଶ୍ରୀମନ୍ ମହାରାଜାଙ୍କର ସ୍ୱନକ୍ଷତ୍ର ତିଥିରେ ମୟୂରଭଞ୍ଜର କୃଷିଶିଳ୍ପ ପ୍ରଦର୍ଶନୀ ମଣ୍ଡପରେ ହିଁ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା । ପୂର୍ବ ବର୍ଷମାନଙ୍କ ପରି ସ୍ଥାନୀୟ ବହୁ ଭଦ୍ରବ୍ୟକ୍ତି ଏଥିରେ ଯୋଗ ଦେଇଥିଲେ ।

ଅପରାହ୍ଣ ୫ଟା ସମୟରେ ସମ୍ମିଳନୀର ବୈଠକ ଆରମ୍ଭ ହେଲା । ସମାଜର ବାର୍ଷିକ ବିବରଣୀ ଏବଂ ଅଭ୍ୟର୍ଥନା-ଅଭିଭାଷଣ ପାଠ ପରେ ଶ୍ରୀଯୁକ୍ତ ବାସୁଦେବ ମହାପାତ୍ର, ଗୋପାଳ ଚନ୍ଦ୍ର କାନନ୍‌ଗୋ, କ୍ଷିତୀଶଚନ୍ଦ୍ର ଦେ ଏବଂ କାଳନ୍ଦୀଚରଣ ପାଣିଗ୍ରାହୀ ପ୍ରଭୃତିଙ୍କଠାରୁ ପ୍ରାପ୍ତ କେତେଗୁଡ଼ିଏ ପ୍ରବନ୍ଧ ମଧ୍ୟ ପଠିତ ହୋଇଥିଲା । ତତ୍ପରେ ସଭାପତି ଓଡ଼ିଆ ସାହିତ୍ୟର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ୍ ଆଲୋଚନା କରି ତାଙ୍କର ଅଭିଭାଷଣ ପାଠ କରିଥିଲେ । ଅଭିଭାଷଣ ଓ ପ୍ରବନ୍ଧମାନଙ୍କ ମଧ୍ୟରୁ କେତେଗୋଟି ବର୍ତ୍ତମାନ ସଂଖ୍ୟାରେ ପ୍ରକାଶିତ ହୋଇଅଛି । ଶ୍ରୀଯୁକ୍ତ ନିତ୍ୟାନନ୍ଦ ମହାପାତ୍ର, ଶଚୀନ୍ଦ୍ରନାଥ ଦାସ ଏବଂ



Digitized by srujanika@gmail.com

ହରିହର ମହାପାତ୍ର ପ୍ରଭୃତି ବକ୍ତାମାନେ ମଧ୍ୟ ଓଡ଼ିଆ ସାହିତ୍ୟର ବର୍ତ୍ତମାନ ଅଭାବ ଓ ତାହାର ଦୂରୀକରଣର ଉପାୟ ସମ୍ବନ୍ଧରେ ନିଜ ନିଜର ମତ ବ୍ୟକ୍ତ କରିଥିଲେ । ଓଡ଼ିଆ ସାହିତ୍ୟ ଭାରତୀୟ ଅନ୍ୟାନ୍ୟ ପ୍ରାଦେଶିକ ସାହିତ୍ୟର ସମକକ୍ଷ ନ ହୋଇ ପାରିବାର ହେତୁ କଣ, ସେ ବିଷୟରେ ମଧ୍ୟ ଆଲୋଚନା କରାଯାଇଥିଲା । ଶେଷରେ ସଭାପତି ତାଙ୍କର ପ୍ରାନ୍ତଭାଷଣ ଦେଇଥିଲେ ଏବଂ ସମସ୍ତଙ୍କ ପକ୍ଷରୁ ଶ୍ରୀଯୁକ୍ତ ରାଧାନାଥ ମହାନ୍ତି ସଭାପତିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ସୋନପୁର ମହାରାଜାଙ୍କର ପରଲୋକ

ସୋନପୁରର ମହାରାଜା ଶ୍ରୀ ସର୍ ବୀରମିତ୍ରୋଦୟ ସିଂହ ଦେଓ କେ. ସି. ଆଇ. ଇ., ଧର୍ମନିଧି, ଜ୍ଞାନଗୁଣାକର, ଏପ୍ରିଲ ମାସ ୩୦ ତାରିଖରେ ୬୩ ବର୍ଷ ବୟସରେ ଇହଲୀଳା ସମ୍ବରଣ କଲେ ।



ନବୀନ ପତ୍ରିକାର ସୌଜନ୍ୟ—
ପରଲୋକଗତ ସୋନପୁରର ମହାରାଜା ଶ୍ରୀ ସର୍ ବୀରମିତ୍ରୋଦୟ ସିଂହ ଦେଓ
କେ. ସି. ଆଇ. ଇ., ଧର୍ମନିଧି, ଜ୍ଞାନଗୁଣାକର ।

୧୮୭୪ ଖ୍ରୀଷ୍ଟାବ୍ଦରେ ସେ ଜନ୍ମଗ୍ରହଣ କରିଥିଲେ ଏବଂ ୧୮୯୫ ଖ୍ରୀଷ୍ଟାବ୍ଦରେ କଳାହାଣ୍ଡି ରାଜ୍ୟ ଅନ୍ତର୍ଗତ କାଶୀପୁରର ଗୁଣବତୀ ରାଜକନ୍ୟାଙ୍କ ସଙ୍ଗେ ତାଙ୍କର ପରିଣୟ ହୋଇଥିଲା । ୧୯୦୨ ଖ୍ରୀଷ୍ଟାବ୍ଦରେ ରାଜଗାଦି ପ୍ରାପ୍ତ ହୋଇ ରାଜ୍ୟରେ ବହୁ ଆଇନ କାନୁନର ସଂସ୍କାର ଏବଂ କେତେକ ଦାତବ୍ୟ ଚିକିତ୍ସାଳୟ ଓ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରି ସେ ସ୍ୱୀୟ ପ୍ରତିଭା ପ୍ରଦର୍ଶନ କରି ପାରିଥିଲେ ।

ବିଗତ ମହାଯୁଦ୍ଧ ସମୟରେ ସେ ସ୍ୱୀୟ ଅସୀମ ରାଜଭକ୍ତିର ପରିଚୟ ସ୍ୱରୂପ ନିଜର ବ୍ୟକ୍ତିଗତ ସେବା ଏବଂ ରାଜ୍ୟର ସମସ୍ତ ଆୟ ଇଂରେଜ ସରକାରଙ୍କ ନିକଟରେ ନିବେଦନ କରିଥିଲେ । ଭାରତୀୟ ଯୁଦ୍ଧ ଓ ସେବା ପାଣ୍ଠି ପାଇଁ ସେ ଯଥାକ୍ରମେ ୩୬,୦୦୦ ଓ ୨୩,୦୧୧ ଟଙ୍କା ଦାନ କରିଥିଲେ ଏବଂ ଭାରତୀୟ ଋଣ ପାଣ୍ଠି ପାଇଁ ମଧ୍ୟ ୫୪,୫୦୦ ଟଙ୍କା ଦେଇଥିଲେ । ଏଥି ସହିତ ରାଜ୍ୟ ଭିତରେ ଏବଂ ବାହାରେ ବହୁ ଦାନଶୀଳ କର୍ମ କରିଥିବା ଯୋଗୁଁ ତାହାଙ୍କୁ କେ. ସି. ଆଇ. ଇ. ଉପାଧି ମିଳିଥିଲା ଏବଂ ୯ ଗୋଟି ତୋପ ସଲାମୀର ସେ ପୁରୁଷାନୁକ୍ରମେ ଅଧିକାରୀ ହେଲେ ।

ସାହିତ୍ୟ ପ୍ରତି ତାଙ୍କର ବ୍ୟକ୍ତିଗତ ଅନୁରାଗ ଥିଲା । କେତେକ ପ୍ରାଚୀନ ସଂସ୍କୃତ ଗ୍ରନ୍ଥ ଓଡ଼ିଆରେ ଅନୁବାଦ କରି ସେ ପ୍ରକାଶ କରିଥିଲେ । ବିହାର ଓଡ଼ିଶା ରିସାର୍ଚ୍ଚ ସୋସାଇଟିର ସେ ଉପ-ସଭାପତି ଥିଲେ ଏବଂ ଭାରତୀୟ ପୁରାତତ୍ତ୍ୱର ଅନୁସନ୍ଧାନ ପାଇଁ ପାଟନା ମ୍ୟୁଜିୟମକୁ ୬,୦୦୦ ଟଙ୍କା ଦାନ କରିଥିଲେ ।

ହିନ୍ଦୁଧର୍ମର ଏକ ବିଶିଷ୍ଟ ପୃଷ୍ଠପୋଷକରୂପେ ପୁରୀର ମୁକ୍ତିମଣ୍ଡପ ସଭା ଏବଂ କଲିକତାର ସଂସ୍କୃତ-ଧର୍ମ-ମହାମଣ୍ଡଳ ସଭା ଯଥାକ୍ରମେ 'ଧର୍ମନିଧି' ଓ 'ଜ୍ଞାନଗୁଣାକର' ଉପାଧିଦ୍ୱାରା ତାହାଙ୍କୁ ଭୂଷିତ କରିଥିଲେ ।

ବିଗତ ମହାଯୁଦ୍ଧରେ ସୋନପୁରର ମହାରାଣୀ ସାହେବା ମଧ୍ୟ ଉଲ୍ଲେଖଯୋଗ୍ୟ ଦାନ କରିଥିଲେ । ଓଡ଼ିଶାର ଦୁର୍ଭିକ୍ଷପୀଡ଼ିତ ଲୋକମାନଙ୍କୁ ତାଙ୍କଠାରୁ ଅନେକ ସାହାଯ୍ୟ ମିଳିଥିଲା । ଏହା ବ୍ୟତୀତ କଟକ ରେଭେନ୍‌ଶା କଲେଜରେ ଏମ୍. ଏ. ଶିକ୍ଷା ପାଇଁ ସେ ୧,୭୧,୫୦୦ ଟଙ୍କା ଦାନ କରିଥିଲେ ।

ମହାରାଜାଙ୍କର ଦୁଇ କୁମାର ମଧ୍ୟରୁ ପ୍ରଥମ କୁମାରଙ୍କର ପୂର୍ବରୁ ମୃତ୍ୟୁ ଘଟିଥିବାରୁ ଦ୍ୱିତୀୟ କୁମାର ଶ୍ରୀ ସୁଧାଂଶୁ ଶେଖର ସିଂହ ଦେଓ ତାଙ୍କର ବର୍ତ୍ତମାନ ଉତ୍ତରାଧିକାରୀ ଅଟନ୍ତି ।

କଲିକତାର ବିଖ୍ୟାତ ଷ୍ଟେଟ୍ସ୍‌ମ୍ୟାନ କାଗଜ ମହାରାଜାଙ୍କ ମୃତ୍ୟୁରେ ଦୁଃଖ ପ୍ରକାଶ କରି ଲେଖିଅଛନ୍ତି:—"ସେ ଜଣେ ଉଦ୍ୟମୀ ମହାରାଜା ଥିଲେ ଏବଂ ରାଜକାର୍ଯ୍ୟରେ ନାନା ସଂସ୍କାର ପ୍ରବର୍ତ୍ତନ କରିଥିଲେ । ଅନେକ ଗୁଡ଼ିଏ ବିଶ୍ୱବିଦ୍ୟାଳୟ ପ୍ରତି ତାଙ୍କର ଆର୍ଥିକ ସାହାଯ୍ୟ ଉଲ୍ଲେଖଯୋଗ୍ୟ । ରାଜ୍ୟରେ ବହୁ ସଂଖ୍ୟକ ବ୍ରାହ୍ମଣ ବାସ କରୁଥିବା ମହାରାଜାଙ୍କର ସଂସ୍କୃତ ପ୍ରତି ଅନୁରାଗ ଥିବାର ଅନ୍ୟତମ କାରଣ ।"

ମୟୂରଭଞ୍ଜ ଷ୍ଟେଟ୍ ପ୍ରେସ୍‌ରେ ଶ୍ରୀ ପଦ୍ମଚରଣ ଦାଶଙ୍କଦ୍ୱାରା ମୁଦ୍ରିତ ଓ ପ୍ରକାଶିତ ।



Digitized by srujanika@gmail.com

# ଭଞ୍ଜପ୍ରଦୀପ

ବାରିପଦା, ଆଷାଢ଼ ୧୩୪୪



Digitized by srujanika@gmail.com

PHONE 2492 CAL. GRAM "LAVATORY"

# SANITATION

PLUMBING
DRAINAGE
& WATER-WORKS.

CONSULT.

## S. K. CHAKRAVARTI LTD.

MISSION ROW — SANITARY ENGINEERS — CALCUTTA

**Mayurbhanj Law Reporter**

**Highly appreciated in India & Abroad.**

It is a quarterly publication.

It is published in September, December, March and June.

| | |
|---|---|
| Yearly Subscription | Rs. 3 |
| Single Copy | As. 12 |

**Postage Extra.**

*Manager*—N. C. SANYAL, B. A.
MAYURBHANJ LAW REPORTER.

Estd. Half A Century

**J. N. CHUNDER & BROS.**

*33 Radha Bazar Street,* CALCUTTA

CHEAPEST HOUSE FOR

**PRINTING & STATIONERY GOODS**

*Please ask for Price List.*

## Bhanja Pradeepa

*It is an illustrated Oriya quarterly quite independent of the English Edition of the Mayurbhanj Chronicle.*

SUBSCRIPTION

| | | |
|---|---|---|
| *Annual* - | *Rs. 0-12-0* | *(post free)* |
| | *„ 1-4-0* | *(with postage)* |
| *Price per copy „* | *0-3-0* | *(post free)* |
| | *0-5-0* | *(with postage)* |

*Manager*—N. C. SANYAL, B.A.
BHANJA PRADEEPA

Digitized by srujanika@gmail.com


# M·B·SIRKAR & SONS

Son and grandsons of Late **B. SIRKAR.**


MANUFACTURING JEWELLERS

DEALERS IN GUINEA ( 22 CT. ) GOLD ONLY.

124 & 124/1, BOWBAZAR STREET, CALCUTTA.



A large assortment of genuine Jewelleries, Guinea Gold Ornaments and Silverwares of enduring value and distinction are always in stock for sale and are also made to Orders within 24 hours. MAKING CHARGES MODERATE. Old Gold and Silver exchanged with New Ornaments and we refund full value of Gold Ornaments manufacture by us at the current rate of Guinea Gold. Our latest Catalogue No. B. 2 with revised rates and designs is sent free on request.





PHONE:-B.B.1761. TEL:-BRILLIANTS.


---

# ମୟୂରଭଞ୍ଜ ଷ୍ଟେଟ ଗେଜେଟ

ପ୍ରତି ଇଂରାଜୀ ମାସ ୭ ଓ ୨୨ ତାରିଖରେ ପ୍ରକାଶିତ ହୁଏ । ଏଥିରେ କେବଳ ଅଫିସ ସମ୍ବନ୍ଧୀୟ ବିଷୟମାନ ପ୍ରକାଶିତ ହୁଏ ।

ବାର୍ଷିକ ମୂଲ୍ୟ—୫।୦ ( ଡାକମାସୁଲ ବ୍ୟତୀତ ) ୬।୵ ( ଡାକମାସୁଲ ସହ ) ପ୍ରତି ସଂଖ୍ୟାର ମୂଲ୍ୟ ୫୦/

**ଏଥିରେ ବିଜ୍ଞାପନ ଛପାଇବାର ଦର**

ପ୍ରତି ସଂଖ୍ୟା—ପୂର୍ଣ୍ଣ ଏକ ପୃଷ୍ଠାକୁ ୫୧୦ ପ୍ରତି ସଂଖ୍ୟା—ଅର୍ଦ୍ଧ ପୃଷ୍ଠାକୁ ୫୦

ସାମୟିକ ବିଜ୍ଞାପନ ସମ୍ବନ୍ଧେ—ପ୍ରତି ସଂଖ୍ୟା ଡବଲ୍ କଲମ୍ ଧାଡ଼ିକୁ ୫୦।

,, ,, ସିଙ୍ଗଲ୍ ,, ,, ୫୦/

ଗ୍ରାହକ ହେବାକୁ କିମ୍ବା ବିଜ୍ଞାପନ ଛପାଇବାକୁ ଇଚ୍ଛା କଲେ ଅଗ୍ରୀମ ଦେବାକୁ ପଡ଼ିବ ।

ମେନେଜର,
ଷ୍ଟେଟ୍ ପ୍ରେସ୍, ବାରିପଦା ।

Digitized by srujanika@gmail.com

# ଭଞ୍ଜପ୍ରଦୀପ

ଷଷ୍ଠ ଭାଗ　　　　ଚତୁର୍ଥ ସଂଖ୍ୟା

## ସୂଚିପତ୍ର


| | | | ପୃଷ୍ଠା |
|---|---|---|---|
| ୧ । | ଏ ଦେଶର ଅଭାବ କେଉଁଠାରେ | ଶ୍ରୀ ପଦ୍ମଚରଣ ପଟ୍ଟନାୟକ ବି.ଏଲ. | ୧ |
| ୨ । | ହିମାଳୟ ଭ୍ରମଣ | ଶ୍ରୀ ନରେନ୍ଦ୍ରମୋହନ ତ୍ରିପାଠୀ | ୪ |
| ୩ । | ପଥ ସଙ୍ଗୀତ ( କବିତା ) | ଶ୍ରୀ ବୈକୁଣ୍ଠ ନାଥ ପଟ୍ଟନାୟକ ଏମ.ଏ., ବି.ଇଡ. | ୧୦ |
| ୪ । | ରାମ ନାମ ସତ୍ୟ ହେ ( ଗଳ୍ପ ) | ଶ୍ରୀ ନିତ୍ୟାନନ୍ଦ ମହାପାତ୍ର | ୧୧ |
| ୫ । | ଇରାକ୍ ଯାତ୍ରୀ | ଶ୍ରୀ ବାଞ୍ଛାନିଧି ରଥ | ୧୫ |
| ୬ । | ଓଡ଼ିଆ ଗ୍ରାମଫୋନ୍ ସଙ୍ଗୀତ ସମ୍ବନ୍ଧେ ପତ୍ର | ଶ୍ରୀ ନରେନ୍ଦ୍ରନାଥ ପାଣିଗ୍ରାହୀ | ୧୬ |
| ୭ | ପରମ ଶିକ୍ଷା ( କବିତା ) | ଶ୍ରୀ କ୍ଷେତ୍ରେଶଚନ୍ଦ୍ର ଦେ, ଏମ୍.ଏ., ଡି.ଇଡ. | ୧୮ |
| ୮ । | ଭଞ୍ଜଦେଶ-ସ୍ତୁତି | ଶ୍ରୀମତୀ ସରଳା ଦେବୀ | ୧୯ |
| ୯ । | ଅଶ୍ରୁ ନିମନ୍ତ୍ରଣ | କବିବର ଚନ୍ଦ୍ରମଣି ମହାନ୍ତି | ୨୧ |
| ୧୦ । | ପ୍ରତୀକ୍ଷା ( କବିତା | ଶ୍ରୀ ଅନୁକୂଳ ଚନ୍ଦ୍ର ନାୟକ | ୨୨ |
| ୧୧ । | ଦେଶୀୟ ରାଜ୍ୟ ସମାଚାର | | ୨୩ |
| ୧୨ । | ସମ୍ବାଦ ଓ ସଙ୍କେତ | | ୨୬ |
| ୧୩ । | ପୁସ୍ତକ ପରିଚୟ | | ୩୦ |


## ଚିତ୍ର-ସୂଚି


| | | |
|---|---|---|
| ୧ । | ରଥଯାତ୍ରା ସମୟରେ ମୟୂରଭଞ୍ଜର ଆଦିମ ନିବାସୀ କନ୍ୟାମାନଙ୍କର ନୃତ୍ୟକାଳୀନ ଦୃଶ୍ୟ | ମଲାଟ |
| ୨ । | ରଥଯାତ୍ରାର ପୂଜାବିଧିରେ ଯୋଗ ଦେବା ପାଇଁ ଶ୍ରୀମାନ୍ ମହାରାଜାଙ୍କର ରାଜପ୍ରାସାଦରୁ ହସ୍ତୀ ପୃଷ୍ଠରେ ଯାତ୍ରାକାଳୀନ ଦୃଶ୍ୟ | ୨୬ |
| ୩ । | ମୟୂରଭଞ୍ଜର ତିନି ରଥର ଦୃଶ୍ୟ । ଦୂରରେ ଜଗନ୍ନାଥ ମନ୍ଦିର ମଧ୍ୟ ଦ୍ରଷ୍ଟବ୍ୟ | ୨୭ |
| ୪ । | ମୟୂରଭଞ୍ଜ ମୃତ୍ତିକାରେ ଉତ୍ପନ୍ନ ମକାଠ କଥା | ୨୮ |




Digitized by srujanika@gmail.com

# ସହକାର

ସମ୍ପାଦକ—ଶ୍ରୀ ରାଧାଗୋବିନ୍ଦ ଦାସ | ସହକାରୀ ସମ୍ପାଦକ—ଶ୍ରୀ କାଳନ୍ଦୀଚରଣ ପାଣିଗ୍ରାହୀ

ରଥଯାତ୍ରା ସଂଖ୍ୟା

ଷଷ୍ଠ ଭାଗ | ଆଷାଢ଼, ସନ ୧୩୪୪ ସାଲ | ୪ର୍ଥ ସଂଖ୍ୟା


## ଏ ଦେଶର ଅଭାବ କେଉଁଠାରେ?

ଶ୍ରୀ ପଦ୍ମଚରଣ ପଟ୍ଟନାୟକ

ଆମ ଦେଶର ଅଭାବର ସୀମା ନାହିଁ । ଜୀବନର ନାନା କ୍ଷେତ୍ରରେ ଏ ଅଭାବ ଦେଖିବାକୁ ମିଳେ । ଶିକ୍ଷା, ସାହିତ୍ୟ, ରାଜନୀତି, ସମାଜନୀତି, ଶିଳ୍ପ, ଚିତ୍ରାଙ୍କନ, ବାଣିଜ୍ୟ, ବ୍ୟବସାୟ ପ୍ରଭୃତି ସବୁ କ୍ଷେତ୍ରରେ ଆମ୍ଭେମାନେ ପାଳ ଧରି, କୂପମଣ୍ଡୂକ ପରି ହୋଇ ପଡ଼ି ରହିଅଛୁଁ । ଦେଶ ବିଦେଶର ଉନ୍ନତିର ରୂପ ଓ ଧାରା ଅନୁଧାବନ କଲେ ସହଜରେ ବୁଝି ପାରୁଥାଉଁ ଯେ ଆମ୍ଭମାନଙ୍କର ଆଧୁନିକ ଉନ୍ନତି କେତେ ସାମାନ୍ୟ, କେତେ କ୍ଷୁଦ୍ର । ଏ ସବୁରି ଆଲୋଚନା କଲେ ବୋଧହୁଏ ଜଣାପଡ଼ିବ ଏ ଦେଶର ଏହି ଅବନତିର ପ୍ରଧାନ କାରଣ ।

ଏମାନଙ୍କ ଶକ୍ତି ସାମର୍ଥ୍ୟ ସାହସରେ ଦେଶରେ ପଦାକୁ ବାହାରି ପଡ଼ିବାକୁ ମନ ବଳାଉ ନାହିଁ । ସେଥିପାଇଁ ଏ ଦେଶ ଆଜି ନାନା ଦୈନ୍ୟରେ ଗୋଳମାଳରେ ପଡ଼ି ରହିଅଛି । ଗତାନୁଗତିକ ପନ୍ଥା ଛାଡ଼ି ନୂତନ ଚିନ୍ତାରେ ନୂତନ ଦେଶରେ ପାଦ ଦେବାକୁ ନ ଶିଖିଲେ ତାହାର ଦୁଃଖ ଦାରିଦ୍ର୍ୟର ଶେଷ ହେବ ନାହିଁ । ସାହସରେ ନିଜକୁ ହେଲେ ପଡ଼ିବା ଭଳି ମନୋବୃତ୍ତି ଏ ଦେଶରେ ପ୍ରଚୁର ପରିମାଣରେ ଜାଗ୍ରତ ପ୍ରାଣରେ ନ ଦେଖା ନ ଦେବା ପର୍ଯ୍ୟନ୍ତ ଥରେ ଆଗକୁ ଥରେ ପଛକୁ ଚାହିଁବା ଦ୍ୱାରା କୌଣସି ସାଧୁ କାର୍ଯ୍ୟ ସଫଳ ହେବ ନାହିଁ । ଅବସ୍ଥା ବିଚାରକୁ ଚାହିଁ ସେଥିପ୍ରତି ଆପଣାକୁ ଉପଯୋଗୀ କରିନେବା ଏବଂ କର୍ମ କୌଶଳ, ଜ୍ଞାନ ଓ ନୂଆ ନୂଆ କାର୍ଯ୍ୟ କରିବାର ମାନବ ପ୍ରବୃତ୍ତି ଯଦି ଜାଗ୍ରତ ଦେଖାଗଲେ ଏ ଦେଶର ଉନ୍ନତି ଆସିଲା ବୋଲି ବୁଝାଯିବ ।

ଇଉରୋପ ଖଣ୍ଡରେ ଏହି ସବୁ ପ୍ରକୃତି ଆଧିକ୍ୟ ହେତୁ ସେଠାର ଲୋକେ ଯେଉଁ ଯେଉଁ ଆବିଷ୍କାର ଓ ଦେଶଭ୍ରମଣ ଯାତ୍ରା କରୁଅଛନ୍ତି; ହିମାଳୟର ସର୍ବୋଚ୍ଚ ଶୃଙ୍ଗ ଦେଖିବାକୁ ଅଗ୍ରସାନ୍ୱିତ ହୋଇ ଦଳକୁ ଦଳ ଯାଉଅଛନ୍ତି; ଅତଳସ୍ପର୍ଶ ସମୁଦ୍ର ଗର୍ଭରେ ନାନା ତଥ୍ୟ ଲାଭ କରିବା ପାଇଁ ପ୍ରବେଶ କରୁଅଛନ୍ତି; ମେରୁ ପ୍ରଦେଶର ଶ୍ୱାପଦପୂର୍ଣ୍ଣ ଅରଣ୍ୟାନି ଓ ମରୁପ୍ରଦେଶର ତପ୍ତ ସଂଗ୍ରାମରେ ଲାଗି ଯାଉଅଛନ୍ତି । ଯେପରି ଏଠି ଯେତେ ଦିନ ଯାଏ ଏ ଦେଶବାସୀ ନ ଛାଡ଼ିବେ ଭାଗ୍ୟଲକ୍ଷ୍ମୀ ସେତେ ଦିନ ଏମାନଙ୍କର ଦ୍ୱାରସ୍ଥ ହେବେ ନାହିଁ—ଦୁଃଖ ଦାରିଦ୍ର୍ୟ,

Digitized by srujanika@gmail.com

ଇଚ୍ଛାବୃତ୍ତି, ଲଙ୍ଘନା ଏମାନଙ୍କର ଲଲାଟରୁ କେହି ଲିଭାଇ ପାରିବ ନାହିଁ । ଇଉରୋପ ମହାଦେଶରେ ଆଜି ଯେ ନୌଶକ୍ତି ଏତେ ପ୍ରବଳ ଏବଂ ସେହି ବଳରେ ଆଜି ଯେ ଇଉରୋପୀୟ ଜାତିମାନେ ପୃଥିବୀ ପୃଷ୍ଠରେ ଏତେ ଦେଶର ଅଧୀଶ୍ୱର, ତାହାର ମୂଳରେ ସେ ଦେଶର ପ୍ରାଚୀନ ନାବିକମାନଙ୍କର ଅଲୌକିକ ସାହସ ଓ ବୀରତ୍ୱ ରହିଅଛି । ସେ କାଳରେ ସେମାନେ ଯେଉଁ ସବୁ ବାଧାବିଘ୍ନ ଓ ବିପଦର ସମ୍ମୁଖୀନ ହୋଇଥିଲେ ଏବଂ ଯେଉଁ ସାହସରେ ସେ ସବୁରୁ ନିଜକୁ ରକ୍ଷା କରିଥିଲେ ତାହାର ବିବରଣ ପାଠ କଲେ ହୃତ୍କମ୍ପ ଉପସ୍ଥିତ ହୁଏ ।

ସେତେବେଳେ ଅତଳ ସାଗରର ଭୌଗଳିକ ଜ୍ଞାନ ଏତେ ଦୂର ଉନ୍ନତ ହୋଇ ନ ଥିଲା ଯେ, ନାବିକମାନେ ସାଗରଜଳର ଗମ୍ଭୀରତା, ସ୍ରୋତମାନଙ୍କର ଗତି, ସମୁଦ୍ରଗର୍ଭସ୍ଥ ପାହାଡ଼ ପର୍ବତ ଓ ଚଡ଼ାମାନଙ୍କର ବିବରଣ ଜାଣି ସେହି ଅନୁସାରେ ଜାହାଜର ଗତି ନିୟନ୍ତ୍ରିତ କରି ପାରୁଥିଲେ । ଆଜିର ଅବସ୍ଥା ଅବଶ୍ୟ ଅନ୍ୟରୂପ । ଆଜି ଜାହାଜର ଅଧ୍ୟକ୍ଷଙ୍କୁ ଭୌଗୋଳିକ ଜ୍ଞାନ ବଳରେ ସମୁଦ୍ର ଗର୍ଭସ୍ଥ ବିବିଧ ବିପଦର ସଙ୍କେତ ଦିଆ ଯିବାରୁ ସେ ଅପେକ୍ଷାକୃତ ନିରାପଦରେ ଜାହାଜକୁ ଚଳାଇ ନେବାର ଉପାୟ ନିର୍ଦ୍ଧାରଣ କରି ପାରୁଅଛନ୍ତି । ସେ କାଳର ଅସୁବିଧା ଏତେ ଦୂର ଥିଲା ଯେ ଦିଗ-ନିର୍ଣ୍ଣୟ ଯନ୍ତ୍ରଟିଏ ମଧ୍ୟ ନାବିକର ବ୍ୟବହାର ପାଇଁ ନ ଥିଲା । ଏହି ଦିଗ-ନିରୂପଣ ଯନ୍ତ୍ର ଖ୍ରୀଷ୍ଟୀୟ ଏକାଦଶ ବା ଦ୍ୱାଦଶ ଶତାବ୍ଦୀରେ ଉଦ୍ଭାବିତ ହୋଇଅଛି । ତାହା ପୂର୍ବରୁ ନାବିକମାନେ ଆକାଶର ତାରା ଦେଖି ରାତିରେ ଦିଗ ନିର୍ଣ୍ଣୟ କରି ପାରୁଥିଲେ ଏବଂ ଦିନରେ କୂଳବର୍ତ୍ତୀ ଭୂଖଣ୍ଡକୁ ଦେଖି କେଉଁ ଦିଗକୁ ଯାଉଅଛନ୍ତି ଅନୁମାନ କରି ପାରୁଥିଲେ ।

ଭୂଖଣ୍ଡ ଦର୍ଶନର ସୁବିଧା ଥିବା ହେତୁ ପ୍ରାଚୀନ ଫିନିସିଆନ ଓ ଗ୍ରୀକମାନେ ଚତୁର୍ଦ୍ଦିଗରେ ଭୂଭାଗଦ୍ୱାରା ସୀମାବଦ୍ଧ ଓ ବହୁ ଦ୍ୱୀପପୂର୍ଣ୍ଣ ଭୂମଧ୍ୟସାଗରରେ ବହୁ ପରିମାଣରେ ନୌକା ଚଳାଉଥିଲେ । ସେମାନଙ୍କର ଅସୁବିଧା ଏତିକିରେ ସରି ନ ଥିଲା । ସେ କାଳର ନୌକାଗୁଡ଼ିକ ଅତି କ୍ଷୁଦ୍ର ଥିଲା ଏବଂ ବାଷ୍ପୀୟପୋତର ବ୍ୟବହାର ଜଣା ନ ଥିଲା । ଛୋଟ ଛୋଟ ନୌକାଗୁଡ଼ିକ ନେଇ ନାବିକମାନେ ଜଳଯାତ୍ରା କରୁଥିଲେ । ଆଧୁନିକ ଜଳଯାନ ପ୍ରବଳ ଝଡ଼ ତୋଫାନର ସମ୍ମୁଖୀନ ହୋଇ ପାରୁଅଛି କିନ୍ତୁ ସେ କାଳର କ୍ଷୁଦ୍ର ନୌକାଗୁଡ଼ିକ ସାମାନ୍ୟ ବତାସରେ ମଧ୍ୟ ବିପନ୍ନ ହୋଇ ପଡ଼ୁଥିଲା । ଏବେ ଜଳଯାନସବୁ ବାଷ୍ପରେ ପରିଚାଳିତ ହେବାରୁ ଏରୂପ ବିପଦ ଅନେକ ପରିମାଣରେ ହ୍ରାସ ହୋଇଅଛି । ପୁଣି, ପ୍ରାଚୀନ କାଳର ନୌକାଗୁଡ଼ିକ କ୍ଷୁଦ୍ର ଥିବାରୁ ନାବିକମାନେ ଜଳଯାତ୍ରା କଲାବେଳେ ପ୍ରଚୁର ପରିମାଣରେ ଖାଦ୍ୟ ବା ଜଳ ବୋଝାଇ କରି ନେଇ ପାରୁ ନ ଥିଲେ । ସମୟ ସମୟରେ ଜଳଯାତ୍ରାର ସମୟ ବଢ଼ିଗଲେ ନୌଯାତ୍ରୀମାନଙ୍କ ମଧ୍ୟରେ ଖାଦ୍ୟ ଦ୍ରବ୍ୟର ବା ଜଳର ଅଭାବ ଘଟିବାରୁ ସେମାନଙ୍କୁ ବିଷମ ବିପଦର ସମ୍ମୁଖୀନ ହେବାକୁ ହେଉଥିଲା । ଖାଦ୍ୟଦ୍ରବ୍ୟ ଗୁଡ଼ିକୁ ସଦ୍ୟ କରି ରଖିବାର ଉପାୟ ମଧ୍ୟ ସେ କାଳରେ ଆବିଷ୍କୃତ ହୋଇ ନ ଥିବାରୁ ସାଧାରଣତଃ ମାଂସ ପ୍ରଭୃତିରେ ଲବଣ ମିଶାଇ ନୌକାରେ ନେଉଥିଲେ । ଏପରି ଉପାୟରେ ନେବା ଦ୍ୱାରା ଖାଦ୍ୟ ଦ୍ରବ୍ୟ ଅଧିକ ଦିନ ଅବିକୃତ ଅବସ୍ଥାରେ ରହୁଥିଲା ସତ, ମାତ୍ର ବହୁ କାଳ ଏହି ଲବଣାକ୍ତ ଖାଦ୍ୟ ଖାଇ ଯାତ୍ରୀଦଳ ଅନେକ ପ୍ରକାର କଠିନ ରୋଗଦ୍ୱାରା ଆକ୍ରାନ୍ତ ହେଉଥିଲେ ।

ଭାସ୍କୋଡ଼ଗାମାଙ୍କର ନୌକାର ଯାତ୍ରୀଦଳ ସର୍ବପ୍ରଥମେ ଏହି ଭଳି ଲବଣାକ୍ତ ମାଂସ ଖାଇ ଏବଂ ଫଳମୂଳ ପ୍ରଭୃତି ଖାଦ୍ୟ ନ ପାଇ ଏକ ପ୍ରକାର ଦୁରାରୋଗ୍ୟ ଚର୍ମରୋଗଦ୍ୱାରା ଆକ୍ରାନ୍ତ ହେଲେ । ନାବିକମାନଙ୍କର ସ୍ୱାସ୍ଥ୍ୟ ପକ୍ଷରେ ଏହା ଗୋଟିଏ ପ୍ରଧାନ ଅସୁବିଧା ଥିଲା । କାପ୍ତେନ କୁକ୍‌ଙ୍କ ସମୟରେ ଏହି ଦୋଷ ଦେଖିପାରି ନୌକାମାନଙ୍କରେ କାଗଜି ଲେମ୍ବୁ, କମଳା, ଗହମ ପ୍ରଭୃତି ଖାଦ୍ୟ ନେଇ ବ୍ୟବହାର କରିବାରୁ ଏ ରୋଗର ଅବସାନ ହେଲା । ସେ କାଳର ନାବିକମାନଙ୍କର ଦୁଃଖ ଦୁର୍ଦ୍ଦଶା ଏତିକିରେ ସରିଲା ନାହିଁ । ନୌକାରେ ସ୍ଥାନ ଅଳ୍ପ ଥିବାରୁ ଜିନିଷପତ୍ର ରଖି ସେମାନେ ପଶୁଙ୍କ ପରି ଠେଲାଠେଲି ହୋଇ ବସୁଥିଲେ । ଯେଉଁ ଖାଦ୍ୟ ଖାଉଥିଲେ ତାହା ଅନେକ ସମୟରେ ଏକାବେଳକେ ଅଖାଦ୍ୟ ଥିଲା । ଏ ସବୁ ଅସୁବିଧା ହେତୁରୁ ସେମାନେ ଯଦି ମେଳି ବାନ୍ଧୁଥିଲେ, ସେମାନଙ୍କୁ ଅମାନୁଷିକ ଦଣ୍ଡ ଦିଆ ହେଉଥିଲା । ଏହା ଛଡ଼ା ଏମାନଙ୍କ ଉପରେ ଜଳଦସ୍ୟୁଙ୍କର ଆକ୍ରମଣ ଅତ୍ୟାଚାର ମଧ୍ୟ ଥିଲା । ସେମାନେ ନୌକାର ଜିନିଷପତ୍ର ସଙ୍ଗରେ ନୌଯାତ୍ରୀମାନଙ୍କୁ ମଧ୍ୟ ସମୟ ସମୟରେ ନେଇ ଯାଇ କ୍ରୀତଦାସ ରୂପେ ବିକ୍ରି କରି ଦେଉଥିଲେ ।

ଏହିପରି ଦେଖିବାକୁ ଗଲେ ସେ କାଳରେ ନାବିକମାନେ ଶତ ସହସ୍ର ବିପଦର ସମ୍ମୁଖୀନ ହୋଇ ମହା ଦୁଃସାହସିକ କାର୍ଯ୍ୟରେ ଅଗ୍ରସର ହେଉଥିଲେ ! ସେମାନଙ୍କର ସାହସ, ବିକ୍ରମ ଓ ବୀରତ୍ୱ ଆଜି ସେ ଜାତିମାନଙ୍କର ଅମୂଲ୍ୟ ସମ୍ପଦ ହୋଇ ପୃଥିବୀ ପୃଷ୍ଠରେ ତାଙ୍କୁ ଧନୀ, ମାନୀ ଓ ଯଶସ୍ୱୀ କରାଇଅଛି ।

ନୀଳ ନଦୀର ଉତ୍ପତ୍ତିସ୍ଥଳ ଓ ମେରୁ ପ୍ରଦେଶ ଆବିଷ୍କାର କରିବାକୁ ଇଉରୋପୀୟ ଜାତିମାନେ କେତେ ଉଦ୍ୟମ କରି ନାହାନ୍ତି ! ଏସବୁ ସାହସ, ଏସବୁ ବିକ୍ରମ, ଏସବୁ ବୀରତ୍ୱ ନ ଥିଲେ ଜାତିର ବଳ ଆସେ ନାହିଁ ।

ଆଜି ଯେ ଇଉରୋପୀୟ ଜାତିମାନେ ପୃଥିବୀ ପୃଷ୍ଠରେ ଏତେ ଭୂଖଣ୍ଡର ଅଧୀଶ୍ୱର ଏବଂ ବାଣିଜ୍ୟ ବ୍ୟବସାୟରେ ଏତେ ଅଗ୍ରସର, ତାହାର ମୂଳରେ ସେମାନଙ୍କର ପୂର୍ବକାଳୀନ ନାବିକଦଳର ସାହସ, ବିକ୍ରମ ଓ ବୀରତ୍ୱ ରହିଅଛି । ସେ ସାହସ ମଧ୍ୟ ସଂକ୍ରାମକ ଭାବରେ ଆଜଯାଏ ଜାତିର ପ୍ରାଣ ଅଧିକାର କରିଅଛି । ଯାହାର ସାହସ ନାହିଁ, ଯେ ସବୁ କାର୍ଯ୍ୟରେ ଭୟରେ ଥର ଥର,

ଯେ ବିପଦ ସଙ୍ଗରେ ବାଧାବିଘ୍ନ ସଙ୍ଗରେ ଖେଳି ନ ପାରେ ସେ ଜାତି ହେଉ ବା ବ୍ୟକ୍ତି ହେଉ, କୌଣସି କାଳେ ଉନ୍ନତି ଶିଖରକୁ ଉଠି ପାରିବ ନାହିଁ । ଝଡ଼ ତୋଫାନ ସଙ୍ଗେ ଯେ ସଂଗ୍ରାମ କରି ପାରେ, ବିଜୟ-ଲକ୍ଷ୍ମୀ କେବଳ ତାହାର ଗଳାରେ ଜୟମାଲ୍ୟ ପିନ୍ଧାଇ ଥାଆନ୍ତି । ଯେତେବେଳେ ଦେଖାଯିବ ଯେ ଏ ଦେଶର ଉନ୍ନତି-ପିପାସୁ ଯୁବକ ଶୂନ୍ୟ ହସ୍ତରେ ଘରୁ ବାହାରି ପଡ଼ି ବିଦେଶରେ ବୁଦ୍ଧି ଖଟେଇ ନିଜକୁ ଉନ୍ନତ ଓ ସମୃଦ୍ଧିଶାଳୀ କରି ପାରିଅଛି, ସେତେବେଳେ ଜଣାଯିବ ଯେ ଏ ଦେଶର ଲୋକଙ୍କ ପ୍ରାଣରେ ଉନ୍ନତି ଲାଗି ପ୍ରକୃତ ଉନ୍ମାଦନା ଆସିଅଛି । ଯାହାର ନିଜ ଶକ୍ତି ଉପରେ ବିଶ୍ୱାସ ଅଛି ତାହା ପକ୍ଷରେ ଦୂର ବିଦେଶ ଭୟସଙ୍କୁଳର ସ୍ଥାନ ନୁହେ । ସିଂହ ବନ ମଧ୍ୟରେ ପଶି ତାର ନିଜର ଖାଦ୍ୟ ସଂଗ୍ରହ କଲା ଭଳି ସେ ଅବଶ୍ୟ ନିଜର ଜୀବନର ବ୍ୟବସ୍ଥା କରିନେବ ।

ଯାହା ଏ ଦେଶରେ ଏ ମୁହୂର୍ତ୍ତରେ ଲୋଡ଼ା, ତାହା ଉନ୍ମାଦନା, ତାହା ଶକ୍ତି, ତାହା ଆତ୍ମପ୍ରତ୍ୟୟ, ତାହା ଝଡ଼ ବତାସର ସମ୍ମୁଖୀନ ହେବାର ସାହସ, ବିକ୍ରମ ବା ବୀରତ୍ୱ । ଭୀରୁତା ବା ଭୟସଙ୍କୁଳିତ ପ୍ରାଣ ଅଧିକାର କରିଥିବା ଯାଏ ଏ ଦେଶର ଉନ୍ନତି ବ୍ୟକ୍ତିଗତ ଭାବରେ ବା ସମୂହ ଭାବରେ ହେବା ସୁଦୂର ପରାହତ । ଶତ ଶତ ଶିକ୍ଷା ମନ୍ଦିର ଖୋଲି ନିମ୍ନ ଶିକ୍ଷା ଉଚ୍ଚ ଶିକ୍ଷା ଆଦି ପାହାଚ ପାହାଚ କରି ଦେଇ ସବୁ ଶିକ୍ଷା ସାରିବା ପରେ ମଧ୍ୟ ଦେଖାଯିବ ଯେ ଏ ଦେଶ ଯେଉଁ ତିମିରରେ ସେହି ତିମିରରେ । ଏ ତିମିରରୁ ନିଜକୁ ଏବଂ ନିଜର ଦେଶକୁ ଉଦ୍ଧାର କରିବାର ଏକମାତ୍ର ପଥ ଏ. ଦେଶରୁ ଅକାରଣ ଭୟ ଭ୍ରାନ୍ତି ଭୀରୁତା ଓ ନିଶ୍ଚେଷ୍ଟତା ଦୂର କରି ଏହାର ଅନ୍ତଃସ୍ଥଳରେ ସାହସ ଓ ବିକ୍ରମ ପୂର୍ଣ୍ଣ କରିଦେବା ।

ସମାଜ, ସାହିତ୍ୟ ଆଦି ସବୁ ବିଷୟରେ ଏ ଦେଶର ଗତି ମନ୍ଥର । ସତ୍ୟ ବୁଝିଲେ ମଧ୍ୟ ସେଥିପ୍ରତି ପ୍ରବଳ ବିଶ୍ୱାସ ବା ଆସ୍ଥା ନ ଥିବାରୁ ସତ୍ୟକୁ ଧରିବାଲାଗି ପ୍ରବଳ ପ୍ରୟାସ ଦେଖାଯାଉ ନାହିଁ । ଯାହା ସତ୍ୟ ଶିବ ଓ ସୁନ୍ଦର ବୋଲି ବୁଝି ପାରିଅଛୁଁ, ତାହାକୁ ନିଜ ଜୀବନରେ ବା ସମାଜ ଜୀବନରେ ପ୍ରତିଷ୍ଠିତ କରିବା ଲାଗି ଆବେଗ ବା ଉନ୍ମାଦନା ନାହିଁ । ସାହିତ୍ୟ ବା ସମାଜ କ୍ଷେତ୍ରରେ ଗତାନୁଗତିକ ପନ୍ଥାରୁ ଟିକେ କେହି ଦୂରକୁ ଗଲେ ଦଳେ ଭୀରୁ ଲୋକ ରଡ଼ି ଛାଡ଼ୁଛନ୍ତି—ସାହିତ୍ୟର ସର୍ବନାଶ ହେଲା, ସମାଜର ସର୍ବନାଶ ହେଲା । ଏଥିରେ ଜୀବନର ବିଶେଷତ୍ୱ ବା ବିକଶିତ ହେବ କିପରି ? ଏ ଦେଶର ସାହିତ୍ୟ ବା ସମାଜର ବଞ୍ଚି ରହିବାର ଅର୍ଥ ହୋଇଛି ନାମମାତ୍ର ପ୍ରାଣଧାରଣ କରି ରହିବା । ଜଗତର ସଭ୍ୟତା ସଙ୍ଗେ ପଦବିକ୍ଷେପ କରି ଚାଲିବାକୁ ଆମ ଦେଶ ବା ଜାତି ଶିଖି ନାହିଁ । ଜଗତର ସଭ୍ୟତାର ମାନଦଣ୍ଡରେ ନିଜର ଉନ୍ନତିକୁ ନ ମାପିବା ଯାଏ କେହି ଉନ୍ନତ ହୋଇ ପାରିବ ନାହିଁ । ଅନ୍ୟ ଦେଶର ଦରିଦ୍ର ଲୋକମାନେ ଆତ୍ମପ୍ରତ୍ୟୟ ବଳରେ ବଳୀୟାନ ହୋଇ ଏବଂ ନିଜର ସାହସ ବିକ୍ରମର ସଦ୍‌ବ୍ୟବହାର କରି ବଡ଼ ବଡ଼ ସାମ୍ରାଜ୍ୟର ଭାଗ୍ୟବିଧାତା ହୋଇ ପାରୁଅଛନ୍ତି ।

ଏ ଦେଶରେ ଦାରିଦ୍ର୍ୟରୂପ ବାଧାବିଘ୍ନର ଦୋହାଇ ଦେଇ ଚରିତ୍ର ଓ ବ୍ୟକ୍ତିତ୍ୱର ବଳକୁ ଆମ୍ଭେମାନେ ଏକାବେଳକେ ଅସ୍ୱୀକାର କରି ଦିନକୁ ଦିନ ହୀନବୀର୍ଯ୍ୟ ଓ ଅକର୍ମଣ୍ୟ ହୋଇ ପଡ଼ୁଅଛୁଁ । ସଭ୍ୟ ଦେଶର ଗୋଟିଏ ଗୋଟିଏ ଲଏଡ଼ ଜର୍ଜ କି ଦରିଦ୍ର ବିପନ୍ନ ଅବସ୍ଥାରୁ ନିଜର ଚରିତ୍ର ବଳରେ ଉଠି ପ୍ରବଳ ପରାକ୍ରାନ୍ତ ସାମ୍ରାଜ୍ୟର ଭାଗ୍ୟନିୟାମକ ହୋଇ ପାରୁଅଛନ୍ତି, ସେ ଚିନ୍ତା ଆମ୍ଭମାନଙ୍କର ପ୍ରାଣକୁ ସ୍ପର୍ଶ କରୁନାହିଁ । ଦରିଦ୍ର ୱେଲସ୍ ଦେଶର ପିତୃହୀନ ପିଲାଟି—ଯେ କି ଗୋଟିଏ ମୋଚି ଘରେ ଜନ୍ମଲାଭ କରି ଗାଁର ପ୍ରାଥମିକ ବିଦ୍ୟାଳୟରେ ବିଦ୍ୟାଲାଭ ସମାପ୍ତ କରିଥିଲା—ସେ ନିଜର ପରିଶ୍ରମ, ଚରିତ୍ରବଳ, ସାହସ ଓ ବ୍ୟକ୍ତିତ୍ୱ ବଳରେ ପ୍ରଧାନ ମନ୍ତ୍ରୀ ଲଏଡ଼ ଜର୍ଜ ନାମରେ ବ୍ରିଟିଶ ସାମ୍ରାଜ୍ୟର ପରିଚାଳକ ହୋଇ ପୃଥିବୀ ବକ୍ଷରେ ନିଜର ଅମର ନାମ ଲେଖି ଦେଇଛନ୍ତି ।

ଏହିପରି ଜଣେ ଜଣେ ଲୋକଙ୍କର ଚରିତ୍ର ଓ ବ୍ୟକ୍ତିତ୍ୱର ବଳ ଜାତିର ଆଦର୍ଶ ଓ ଉଦାହରଣ ସ୍ୱରୂପ କାଳ କାଳକୁ ରହି ଶତ ଶତ ଲୋକଙ୍କୁ ପଥ ଦେଖାଇଥାଏ । ସମାଜରେ, ସାହିତ୍ୟରେ ଏହିପରି ବ୍ୟକ୍ତିମାନେ ନିଜର ବ୍ୟକ୍ତିତ୍ୱର ମୁଦ୍ରା ଅଙ୍କନ କରି ପାରନ୍ତି । ପକ୍ଷାନ୍ତରେ ଯେଉଁମାନେ ଗୋଟିଏ ଗୋଡ଼ ଆଗକୁ ଟୋଟିଏ ଗୋଡ଼ ପଛକୁ ପକାଇ ଆମ ଦେଶରେ ପଣ୍ଡିତ ଆଖ୍ୟା ଲାଭ କରିବାର ଲାଳସା ରଖନ୍ତି, ସେପରି ଭୀରୁ ଲୋକଙ୍କଦ୍ୱାରା ଦେଶର ବା ସମାଜର କେବେ କୌଣସି ମଙ୍ଗଳ ହୁଏ ନାହିଁ । ସେପରି ଲୋକ ଜାତି ବା ସମାଜର ଆବର୍ଜନା । ଏ ଦେଶର ନାନା କ୍ଷେତ୍ରରେ ଶତ ଶତ ଅଭାବ ଅସୁବିଧା ଦୂର କରିବାକୁ ଅଗ୍ନି ନିଆଁକୁ ଡେଇଁ ପଡ଼ିବା ଭଳି ମନୋବୃତ୍ତି ଥିବା ଲୋକର ଆବଶ୍ୟକ ଅଛି । ଦେଶରେ ସେହିପରି ଆତ୍ମବିଶ୍ୱାସୀ ସାହସୀ ଲୋକର ସଂଖ୍ୟା ଯେତେ ବଢ଼ିବ, ଏ ଦେଶ ସେହି ଅନୁପାତରେ ଉନ୍ନତି ଶିଖରକୁ ଉଠିବ । ବୀରତ୍ୱର, ସାହସର, ବିକ୍ରମର ଏ ଗୌରବ-ଶ୍ମଶାନରେ ଆଉ କଣ ସେପରି ବୀରଶିଶୁ ଖେଳିବେ ନାହିଁ ?

# ହିମାଳୟ ଭ୍ରମଣ

( ପୂର୍ବାନୁବୃତ୍ତି )

ଶ୍ରୀ ନରେନ୍ଦ୍ରମୋହନ ତ୍ରିପାଠୀ

ରୁଦ୍ରପ୍ରୟାଗ ହରିଦ୍ୱାରଠାରୁ ୯୪ ମାଇଲ—ପଞ୍ଚପ୍ରୟାଗ ମଧ୍ୟରେ ଗୋଟିଏ ତୀର୍ଥ । ଅଲକାନନ୍ଦା ଉପରେ ପୋଲ ପାରହୋଇ ଯିବାକୁ ହୁଏ । ମନ୍ଦାକିନୀ ଆସି ଏହିଠାରେ ଅଲକାନନ୍ଦା ସଙ୍ଗେ ମିଶିଅଛି । ଏହି ସଂଯୋଗ ସ୍ଥାନ ସମୁଦ୍ରଠାରୁ ୧୯୧୨ ଫୁଟ ଉଚ୍ଚ । ଯାତ୍ରୀମାନଙ୍କ ପାଇଁ ରାସ୍ତାରୁ ବରାବର ପାହାଚ ବନ୍ଧା ହୋଇ ସଙ୍ଗମ ସ୍ଥାନ ପର୍ଯ୍ୟନ୍ତ ଯାଇଅଛି । ସଙ୍ଗମ ସ୍ଥାନଟି ବହୁ ନିକଟରେ ଓ ତଳେ ଥିବାରୁ ପାହାଡ଼ କଠା ରାସ୍ତା ମଧ୍ୟରେ ଯିବାକୁ କଷ୍ଟ ହୁଏ । ଏହାର ଅପର ପାର୍ଶ୍ୱରେ ରୁଦ୍ରନାଥ ମହାଦେବଙ୍କର ମନ୍ଦିର । ଏଠାରୁ ମନ୍ଦାକିନୀ ନଦୀର କୂଳେ କୂଳେ କେଦାରନାଥକୁ ଯିବାର ବାଟ ଅଛି । ଆଉ ମଧ୍ୟ ଅଲକାନନ୍ଦା ତୀରରେ କର୍ଣ୍ଣପ୍ରୟାଗ ବାଟେ ବଦ୍ରୀନାଥକୁ ଯିବାର ରାସ୍ତା ଅଛି । ଏଠାରେ କେତେଗୁଡ଼ିଏ ଦୋକାନ, ଧର୍ମଶାଳା, ଡାକଘର ଓ ସରକାରୀ ବଙ୍ଗଳା ଅଛି ।

ଏ ପର୍ଯ୍ୟନ୍ତ ନିଜେ ରନ୍ଧାବଢ଼ା କରି ଚାଲି ଆସୁଥିଲୁଁ । କିନ୍ତୁ ଏହାଦ୍ୱାରା ବଡ଼ ଅସୁବିଧା ହେବାରୁ ବିଶେଷତଃ ବାଟ ଚାଲିବା ଦ୍ୱାରା କ୍ଲାନ୍ତ ହୋଇ ପଡ଼ିବାରୁ ସନ୍ନ୍ୟାସୀଙ୍କୁ ଜଣେ ବ୍ରାହ୍ମଣର ବନ୍ଦୋବସ୍ତ କରିବାକୁ କହିଲୁଁ । ସନ୍ନ୍ୟାସୀ କିଛି କ୍ଷଣ ବ୍ରାହ୍ମଣ ଖୋଜି ଜଣକୁ ସଙ୍ଗରେ ଘେନି ଉପସ୍ଥିତ ହେଲେ । ଲୋକଟି ଉଜ୍ଜ୍ୱଳ, ଶ୍ୟାମବର୍ଣ୍ଣ ଓ ଶୀର୍ଣ୍ଣକାୟ । ବାସସ୍ଥାନ ଉକ୍ତ ରୁଦ୍ରପ୍ରୟାଗ ନିକଟସ୍ଥ ଗ୍ରାମରେ । ଖାଇପିଇ ମାସିକ ଟ ୨୦୯ ବେତନରେ ରହିବାର ଧାର୍ଯ୍ୟ ହେଲା । ସେ ଅଞ୍ଚଳରେ କୁଲି, ଦାଣ୍ଡି, କାଣ୍ଡିକୁଲିମାନଙ୍କ ସଙ୍ଗରେ ଯାହା ଠିକାର ଚୁକ୍ତି ହୁଏ, ସେମାନେ ସେଥିରୁ ଖାଆନ୍ତି । ବ୍ରାହ୍ମଣଦ୍ୱାରା ରନ୍ଧାବଢ଼ାର କାର୍ଯ୍ୟ ଚଳିଲା କିନ୍ତୁ ବରାବର ଉପଦେଶ ଦେବାକୁ ହୁଏ । କାରଣ ସେ ଅଞ୍ଚଳରେ ଭିତରୁ ସେକି ଗାଳନ୍ତି ନାହିଁ । ରୁଟି ଅନ୍ତତଃ ½ ଇଞ୍ଚ ମୋଟା ହୁଏ ।

୮ ତାରିଖରେ ଶିବାନନ୍ଦୀରେ ୯ ଘଣ୍ଟା ସମୟରେ ପହଞ୍ଚିଲୁଁ । ସେଠାରୁ କମଳା ଚଟିରେ ଯାଇ ରହିଲୁଁ । ୯ ତାରିଖ ସକାଳେ ସେଠାରୁ ବାହାରି କର୍ଣ୍ଣପ୍ରୟାଗରେ ଦିବା ୯ ଘଣ୍ଟା ସମୟରେ ପହଞ୍ଚିଲୁଁ । ହରିଦ୍ୱାରରୁ କର୍ଣ୍ଣପ୍ରୟାଗ ୧୧୮ ମାଇଲ । ଏଠାରେ କର୍ଣ୍ଣଗଙ୍ଗା ଅଲକାନନ୍ଦା ସହିତ ମିଶିଅଛି । ଏହି ମିଶ୍ରଣ ସ୍ଥଳ ସମୁଦ୍ର ବକ୍ଷରୁ ୨୦୦୦ ଫୁଟ ଉଚ୍ଚ । ଏହି ନଦୀ ଉପରେ ୨୨୯ ଫୁଟ ଲମ୍ବା ଲୌହନିର୍ମିତ ଝୁଲା ପୋଲ ଅଛି । ଏହା ସବୁଠାରୁ ଲମ୍ବା ବୋଲି ବୋଧହୁଏ । ଚଟିର ସମ୍ମୁଖରେ ପିଣ୍ଡାର ନଦୀର ଦକ୍ଷିଣକୁ ପ୍ରସ୍ତରନିର୍ମିତ ସୋପାନ ଉପରେ ଚଣ୍ଡୀଦେବୀଙ୍କ ମନ୍ଦିର । ମହାତ୍ମା ଶଙ୍କରାଚାର୍ଯ୍ୟଙ୍କଦ୍ୱାରା ଏହି ମନ୍ଦିରଟି ନିର୍ମିତ । ପ୍ରବାଦ ଅଛି ଦାତାକର୍ଣ୍ଣ ଏହିଠାରେ ତପସ୍ୟା କରିଥିଲେ । ଏଠାରେ ତାଙ୍କର ଗୋଟିଏ ପୁରାତନ ମନ୍ଦିର ଅଛି । ଗୋନାର ବନ୍ୟାରେ ଏହି ମନ୍ଦିରଟି ଭାଙ୍ଗି ଯାଇଥିଲା କିନ୍ତୁ ପରେ ଏହାର ନୂତନ ସଂସ୍କାର ହୋଇଅଛି । କର୍ଣ୍ଣପ୍ରୟାଗ ଓ ରୁଦ୍ରପ୍ରୟାଗର ମଧ୍ୟ ସ୍ଥଳରେ ନାଗରାସୁ ନାମକ ଗୋଟିଏ ସରକାରୀ ବଙ୍ଗଳା ଅଛି । ଏଠାରୁ ରୁଦ୍ରପ୍ରୟାଗ ପ୍ରାୟ ୨୪ ମାଇଲ । ନାଗରାସୁଠାରେ ଗୋଟିଏ ଡାକ୍ତରଖାନା, ଡାକଘର, ପୋଲିସଫାଣ୍ଡି, ବଙ୍ଗଳା ଓ ଧର୍ମଶାଳା ଅଛି । ବଦ୍ରୀନାଥରୁ ଫେରିବା ସମୟରେ ଅନେକ ଯାତ୍ରୀ ମେହେଲଚୌରୀ ହୋଇ ରାମନଗର ଷ୍ଟେସନକୁ ଯାନ୍ତି । ଏଠାରୁ ତାହା ୧୦୧ ମାଇଲ । ସେଠାରୁ ଯାଇ ଆମ୍ଭେମାନେ ଜୟକାଣ୍ଡରେ ରହିଲୁଁ । ୧୦ ତାରିଖ ସକାଳ ଓଳ ନନ୍ଦପ୍ରୟାଗରେ ପହଞ୍ଚିଲୁଁ । ପାର୍ବତୀୟ ପଞ୍ଚପ୍ରୟାଗ ମଧ୍ୟରୁ ଏହା ଗୋଟିଏ । କଣ୍ୱ ମୁନିଙ୍କ ଆଶ୍ରମ ଥିଲା ବୋଲି ଏହାକୁ କଣ୍ୱାଶ୍ରମ *ମଧ୍ୟ କହନ୍ତି । ଏଠାରେ ଅଲକାନନ୍ଦା ସହିତ ନନ୍ଦାକିନୀ ନଦୀର ସଙ୍ଗମ ହୋଇଅଛି । ସଙ୍ଗମ ସ୍ଥାନଟି ସମୁଦ୍ର ବକ୍ଷରୁ ୨୪୬୪ ଫୁଟ ଉଚ୍ଚ । ନନ୍ଦପ୍ରୟାଗରେ ଅନେକ ଗୁଡ଼ିଏ ଦୋକାନ ଓ ଯାତ୍ରୀମାନଙ୍କର ରହିବା ଘର ଅଛି । ନଦୀର ସଙ୍ଗମ ସ୍ଥାନରେ ନାଗତର୍କଙ୍କର ଗୋଟିଏ ମନ୍ଦିର ଅଛି । ସେଥିରେ ନନ୍ଦ, ଯଶୋଦା, ବଳରାମ, ଲକ୍ଷ୍ମୀ ପ୍ରଭୃତିଙ୍କର ମୂର୍ତ୍ତି ବିଦ୍ୟମାନ । ଘର ଗୁଡ଼ିକ ଖୋଦିତ ଶିଳାଦ୍ୱାରା ଅଳଙ୍କୃତ । ନନ୍ଦାକିନୀ ନଦୀ ଉପରେ ୧୨୦ ଫୁଟ ଲମ୍ବା ଗୋଟିଏ ଲୌହର ଝୁଲା ସେତୁ ଅଛି । ସେଠାରୁ ଗୋଟିଏ ରାସ୍ତା ଏହି ନନ୍ଦାକିନୀ ତୀର ବାଟେ ଗରୁଡ଼ଚଟି ପର୍ଯ୍ୟନ୍ତ ଯାଇଅଛି । ଗରୁଡ଼ଚଟି ଏଠାରୁ ୪୭ ମାଇଲ । ଗରୁଡ଼ଚଟିରୁ ମଟର ସର୍ଭିସ ରାଣୀଖେତ, ନୈନିତାଲ ହୋଇ ୧୧୦ ମାଇଲ ଦୂରସ୍ଥିତ କାଠଗୋଦାମ ରେଲ ଷ୍ଟେସନକୁ ଯାଇଅଛି । ଏଠାରୁ ଓପର ଓଳ ଯାଇ କୁଆଦାରେ ରହିଲୁଁ ।

୧୧ ତାରିଖରେ କୁଆଦାରୁ ଓ ଲାଲସାଙ୍ଗା ବା ଚମୋଲି ହୋଇ ସୌଲ ଚଟିରେ ଦିନରେ ବିଶ୍ରାମ ନେଲୁଁ । ଏହି ଚମୋଲି ଚଟିରେ କେଦାରନାଥ ରାସ୍ତା ମିଳିଅଛି । ହରିଦ୍ୱାରରୁ ଲାଲସାଙ୍ଗା ବା ଚମୋଲି ୧୩୮ ମାଇଲ । ଏଠାରେ ଅନେକ ଦୋକାନ, ଯାତ୍ରୀମାନଙ୍କର ରହିବା ଘର ଓ ଧର୍ମଶାଳା ଏବଂ ପୋଷ୍ଟଅଫିସ ଓ ସରକାରୀ ବଙ୍ଗଳା ମଧ୍ୟ ଅଛି । ପୂର୍ବେ ଏହି ଚଟି ଅଲକାନନ୍ଦାର ଅପର ପାର୍ଶ୍ୱରେ ଥିଲା । ୧୮୯୪ ଖ୍ରୀଷ୍ଟାବ୍ଦର ଗୋନା ବନ୍ୟାରେ ଏହା ବିଧ୍ୱସ୍ତ ହୋଇଅଛି । ବର୍ତ୍ତମାନ ଅଲକାନନ୍ଦାର ଅପର ପାର୍ଶ୍ୱରେ ଏହି ନୂତନ ସହର ନିର୍ମିତ ହୋଇଅଛି ।



Digitized by srujanika@gmail.com

**ଘୋନାର ବନ୍ୟା**—ଗୃମେଲ୍ ଓ ପିପିଲର ମଧ୍ୟବର୍ତ୍ତୀ ସେଁଲ୍ଲଚଟିର ନିକଟରେ ବିରହୀଗଙ୍ଗା ନାମକ ଗୋଟିଏ ନଦୀ ଅଲକାନନ୍ଦାରେ ପଡ଼ିଅଛି । ଏହି ସଂଯୋଗ ସ୍ଥାନରୁ ପ୍ରାୟ ଛଅ ମାଇଲ୍ ଉପରେ ଘୋନା ବା ଗୋହନା ନାମକ ଗ୍ରାମ ନିକଟରେ ଗୋଟିଏ ପାହାଡ଼ର ପ୍ରକାଣ୍ଡ ଅଂଶ ୧୮୯୩ ଖ୍ରୀଷ୍ଟାବ୍ଦରେ ବିରହୀଗଙ୍ଗା ଉପରେ ଭାଙ୍ଗିପଡ଼ିବାରୁ ବିରହୀଗଙ୍ଗାର ସ୍ରୋତ ପ୍ରାୟ ଏକ ବର୍ଷ ପର୍ଯ୍ୟନ୍ତ ବନ୍ଦ ହୋଇ ଯାଇଥିଲା । କ୍ରମେ କ୍ରମେ ଜଳ ଜମା ହୋଇ ବହୁ ଦୂର ଲମ୍ବା ଓ ପ୍ରାୟ ୧୦୦୦ ଫୁଟ ଗଭୀର ହୋଇ ଗୋଟିଏ ଛୋଟ ହ୍ରଦ ଆକାରରେ ପରିଣତ ହୋଇଥିଲା । ଗଭର୍ଣ୍ଣମେଣ୍ଟ ଏହି ବ୍ୟାପାର ଦେଖି ସେଠାରୁ ହରଦ୍ୱାର ପର୍ଯ୍ୟନ୍ତ ଅଲକାନନ୍ଦା ଓ ଗଙ୍ଗାର ତୀରବର୍ତ୍ତୀ ସମସ୍ତ ଲୋକଙ୍କୁ ତାଙ୍କର ସମସ୍ତ ଦ୍ରବ୍ୟ-ସମ୍ଭାର ନେଇ ପ୍ରାୟ ୨୦୦ ଫୁଟ ଉର୍ଦ୍ଧ୍ୱରେ ରଖିବାକୁ ଆଦେଶ ଦେଲେ । ଘୋନାଠାରୁ ହରଦ୍ୱାର ପର୍ଯ୍ୟନ୍ତ ଅସ୍ଥାୟୀ ଟେଲିଗ୍ରାମ୍ ତାରର ବନ୍ଦୋବସ୍ତ କରି ଜଣେ ଇଞ୍ଜିନିଅରଙ୍କୁ ସେଠାରେ ରଖାଇ ପ୍ଲାବନ ପୂର୍ବରୁ ଖବର ଦେବାକୁ ବନ୍ଦୋବସ୍ତ କରିଥିଲେ । ଲାଲସଙ୍ଗା ବା ଗୃମେଲଠାରୁ ଲଛମନଝୁଲା ପର୍ଯ୍ୟନ୍ତ ସମସ୍ତ ଝୁଲା-ପୋଲ ଉଠାଇ ନେଇଥିଲେ । ଏହାପରେ ଅଗଷ୍ଟ ମାସ ତା ୨୫ ରିଖ ରାତ୍ରି ଦ୍ୱିପ୍ରହର ସମୟରେ ଉକ୍ତ ଗୋହନା ହ୍ରଦର ବିଶାଳ ଜଳରାଶି ପତିତ ପର୍ବତ ଭଗ୍ନ କରି ପ୍ରବଳ ବେଗରେ ଧାବିତ ହେଲା । ଏଠାରୁ ହରଦ୍ୱାର ପର୍ଯ୍ୟନ୍ତ ପ୍ରାୟ ୧୫୦ ମାଇଲ ନଦୀର ତୀରବର୍ତ୍ତୀ ସମସ୍ତ ଯାତ୍ରୀପଥ, ଘରଦ୍ୱାର ଓ ମନ୍ଦିରର ଚିହ୍ନ ପର୍ଯ୍ୟନ୍ତ ରହି ନ ଥିଲା । ଏହି ଭୀଷଣ ଦୁର୍ଘଟଣାରେ ଗଭର୍ଣ୍ଣମେଣ୍ଟଙ୍କ ଚେଷ୍ଟାରେ ପ୍ରଜାମାନଙ୍କର ପ୍ରାଣରକ୍ଷା ହେଲା ସତ୍ୟ କିନ୍ତୁ ସେମାନେ ସର୍ବସ୍ୱାନ୍ତ ହେଲେ । ନନ୍ଦପ୍ରୟାଗ, କର୍ଣ୍ଣପ୍ରୟାଗ, ରୁଦ୍ରପ୍ରୟାଗ, ଶ୍ରୀନଗର, ଦେବପ୍ରୟାଗ ପ୍ରଭୃତି ପ୍ରଧାନ ପ୍ରଧାନ ସ୍ଥାନରେ ଯେଉଁ ସମସ୍ତ ଘରଦ୍ୱାର ବର୍ତ୍ତମାନ ଦୃଷ୍ଟିଗୋଚର ହୁଏ, ତାହା ପ୍ରାୟ ୪୦।୫୦ ବର୍ଷ ହେବ ତିଆରି ହୋଇଅଛି । ଗୋହନା ଗାଁ ନିକଟରେ ବିରହୀଗଙ୍ଗା ବର୍ତ୍ତମାନ ସୁଦ୍ଧା ଗୋଟିଏ ହ୍ରଦ ଆକାରରେ ରହିଅଛି । ତାହାକୁ ଘୋଣା ହ୍ରଦ କହନ୍ତି ।

ଗଙ୍ଗା ଓ ଅଲକାନନ୍ଦା ନଦୀରେ ଶଙ୍ଗପାଇନ (ଦେବଦାରୁ) କାଠର ଅସଂଖ୍ୟ ସ୍ଲିପାର କାଠ ଭସାଇ ଦେଇ ହୃଷିକେଶ ଓ ହରଦ୍ୱାରରେ ଗଦା କରି ରଖା ହୋଇଅଛି ଓ ରେଲରେ ପଠା ହେଉଅଛି । ଏହି ପାର୍ବତୀୟ ପ୍ରଦେଶରେ କାଠ ନେବାର ଗାଡ଼ି ରାସ୍ତା ନାହିଁ । ନଦୀ ଭିନ୍ନ ଅନ୍ୟ ଉପାୟରେ କାଠ ନେବାର ସୁବିଧା ନାହିଁ । ଘୋନାର ନିକଟ ପାର୍ବତୀୟ ନଦୀର ପ୍ରଖର ସ୍ରୋତରେ କରତକଲ ବସାଇ ସ୍ଲିପାର ତିଆରି କରି ନଦୀ ସ୍ରୋତରେ ଭସାଇ ଦିଅନ୍ତି । ସମସ୍ତ କାଠ ଭସା ହେଲାପରେ ଲୋକ ପଛେ ପଛେ ଆସି ଅଟକି ଥିବା କାଠକୁ ଖସାଇ ଦିଅନ୍ତି । ଶଙ୍ଗ କାଠ ବଡ଼ ହାଲୁକା । ତେଣୁ ଭଲ ଭାସେ । ଏ ସ୍ଥାନରେ ଅନେକ—ଦେବଦାରୁ କାଠର ଜଙ୍ଗଲ ଅଛି । କାଠଗୁଡ଼ିକ ଅତ୍ୟଧିକ ମୋଟା ଓ ୧୦୦ ଫୁଟ ପର୍ଯ୍ୟନ୍ତ ଲମ୍ବ ।

କିନ୍ତୁ ସାଧାରଣ ଲୋକେ ଏ ସ୍ଥାନକୁ ଲାଲସାଙ୍ଗା ବୋଲି କହନ୍ତି । ପୂର୍ବେ ଅଲକାନନ୍ଦା ଉପରେ ଏହି ସ୍ଥାନରେ ଗୋଟିଏ ପୋଲ ଉପରେ ଲାଲ ରଙ୍ଗ ଦିଆ ହୋଇଥିଲା ବୋଲି ଏରୂପ ନାମକରଣ ହୋଇଅଛି । ଏହା ଲାଲସାଙ୍ଗୋ ଶବ୍ଦର ବିକୃତି । ଏଠାରେ ବର୍ତ୍ତମାନ ଗୋଟିଏ ଲୌହନିର୍ମିତ ୧୬୩ ଫୁଟ ଲମ୍ବର ଝୁଲା ପୋଲ ଅଛି । କେଦାରନାଥରୁ ଯାତ୍ରୀମାନେ ଏଠାରେ ଆସି ବଦ୍ରୀନାଥ ରାସ୍ତାରେ ପଡ଼ନ୍ତି ।

**ପିପିଲିକୋଠୀ**—ହରଦ୍ୱାରଠାରୁ ମା ୧୪୭ଇଲ । ଅଲକାନନ୍ଦାର ବାମ ତୀରରେ ଏହା ଗୋଟିଏ ଛୋଟ ସହର । ଲାଲସାଙ୍ଗାରୁ ଅଲକାନନ୍ଦାର ଉତ୍ତର ପାରରେ ରାସ୍ତା ବରାବର ହାଟଚଟି ପର୍ଯ୍ୟନ୍ତ ଆସି ନଦୀ ପାର ହୋଇ ଦକ୍ଷିଣ ପାର୍ଶ୍ୱରେ ଯାଇଅଛି । ଏହିଠାରେ ଲୁହାର ଝୁଲା-ପୋଲ ୮୦ ଫୁଟ ଲମ୍ବ । ଲାଲସାଙ୍ଗା ଓ ହାଟଚଟି ମଧ୍ୟରେ ଗୋଟିଏ ଜଳସ୍ରୋତ ଅଛି । ଉକ୍ତ ଜଳସ୍ରୋତ କେଦାରନାଥ ରାସ୍ତା ଗୋପେଶ୍ୱର ସନ୍ନିକଟ ଦଉଡ଼ି ନାମକ ହ୍ରଦର ଉଦ୍‌ଭୂତ ଜଳ ସଙ୍ଗେ ଆସି ଅଲକାନନ୍ଦାରେ ପଡ଼ିଅଛି । ପିପିଲିକୋଠୀରେ ଗୋଟିଏ ସୁନ୍ଦର ମନ୍ଦିର ଅଛି । ତାହାର ଚତୁର୍ଦ୍ଦିଗ ଅଁଳା ଫଳ ପତ୍ର । ଏଠାରେ ଡାକଘର ଓ ସରକାରୀ ବଙ୍ଗଳା ଅଛି । ବଙ୍ଗଳା ନିକଟରେ ଗୋଟିଏ ଛୋଟ ଶିବ ମନ୍ଦିର ଅଛି । ଏଠାରେ ଗୃମଣୀଗାଛରେ କୀଟାଲୁଙ୍କ (ଗୃମର) ଶବ୍ଦ ହୁଏ । ଗରୁଡ଼ଗଙ୍ଗା ଗୋଟିଏ ଚଟି । ଗରୁଡ଼-ଗଙ୍ଗା ନାମକ ଗୋଟିଏ ଛୋଟ ନଈ କୂଳରେ ଏହା ଅବସ୍ଥିତ । ଏଠାରେ ଗରୁଡ଼ଦେବଙ୍କର ଗୋଟିଏ କ୍ଷୁଦ୍ର ମନ୍ଦିର ଅଛି । ଯାତ୍ରୀମାନେ ଏଠାରେ ସ୍ନାନ କରି ଗରୁଡ଼ଙ୍କୁ ଦର୍ଶନ କରନ୍ତି । ପ୍ରବାଦ ଅଛି—ଗରୁଡ଼ଗଙ୍ଗାରେ ସ୍ନାନ କରିବା ସମୟରେ ଗୋଡ଼ି ଗୋଟିଏ ପ୍ରସ୍ତର ଆଣି ଘରେ ରଖି ପୂଜା କଲେ ସର୍ପ ଭୟ ଥାଏ ନାହିଁ । ଏହି ଗରୁଡ଼ଙ୍କ ମନ୍ଦିର ସମ୍ମୁଖରେ ବିଷ୍ଣୁଙ୍କର ଗୋଟିଏ କ୍ଷୁଦ୍ର ମନ୍ଦିର ଅଛି । ଏ ନଦୀର ଜଳ ଅତ୍ୟନ୍ତ ସ୍ୱଚ୍ଛ । ଏଠାରେ ଖିଆପିଆ କରି ବାହାରି ରାସ୍ତାରେ ଭରତଚନ୍ଦ୍ର କଲିଅଙ୍କୁ ଜ୍ୱର ହେବାରୁ ଦୁଇ ମାଇଲ ଯାଇ ଟାଙ୍ଗର ଚଟିରେ ବିଶ୍ରାମ ନେଲୁଁ । ଗରୁଡ଼ଗଙ୍ଗାର ଜଳ ବଡ଼ ଥଣ୍ଡା । ସେହି ଥଣ୍ଡା ଜଳରେ ମୁଣ୍ଡ ବୁଡ଼ାଇ ବେଶି ଗାଧୋଇବାରୁ ଥଣ୍ଡା ଲାଗି ଜ୍ୱର ହେଲା । ସେହି ଦିନ ରାତିରେ ସେ ଚଟିରେ ଜଣେ ଯୁନାଯାତ୍ରୀ ଗୋଟିଏ ଔଷଧ ଦେବାରେ ସେ ରାତିରେ ଜ୍ୱର ଛାଡ଼ିଗଲା । ପର ଦିନ ସକାଳେ ସମସ୍ତେ ସେଠାରୁ ଯାଇ କୁମାରଚଟିରେ ରହିଲୁଁ ।

କୁମାରଚଟି ଗୋଟିଏ ବୃହତ୍ ଚଟି । ଏଠାରେ ଅନେକ ଛୋଟ ଚଟିଘର ଅଛି । ଏହାର ଅଳ୍ପ ଦୂରରେ ଅଲକାନନ୍ଦା ଅତ୍ୟନ୍ତ ନିମ୍ନରେ ବହି ଯାଉଅଛି । ଏତେ ନିମ୍ନ ଯେ ରାସ୍ତାରୁ ନଦୀ ଆଦୌ ଦୃଷ୍ଟିଗୋଚର ହୁଏ ନାହିଁ । ସେହି ରାସ୍ତାରୁ ପ୍ରସ୍ତର ଗଡ଼ାଇଦେଲେ ଭୀଷଣ ବେଗରେ ଗଡ଼ି ତଳକୁ ଚାଲିଯାଏ । ଏହା ଦେଖିବାକୁ ବଡ଼ ଆନନ୍ଦ ବୋଧହୁଏ । ସନ୍ନ୍ୟାସୀ ମହାଶୟ ଅନେକ ପ୍ରସ୍ତର ଗଡ଼ାଇ ଆମ୍ଭମାନଙ୍କୁ ଆମୋଦ ଦେଉଥିଲେ । ଏ ଚଟି ସନ୍ନିକଟରେ ଗୋଟିଏ ଦଉଡ଼ିର ଝୁଲା-ପୋଲ ଅଛି । ଏଠାରୁ ଅଲକାନନ୍ଦା ଏହି



Digitized by srujanika@gmail.com

ଝୁଲ୍ପୋଲ ପାର ହୋଇ କଲେଶ୍ୱର ଯାଇଅଛି । କଲେଶ୍ୱର ମନ୍ଦିର ପାହାଡ଼ ଉପରେ, ନିବିଡ଼ ଚିଡ଼-ଦେବଦାରୁ ବନମଧ୍ୟରେ ଅବସ୍ଥିତ ।

**ଜ୍ୟୋଶୀମଠ ବା ଜ୍ୟୋତିର୍ଧାମ**—ହରଦ୍ୱାରଠାରୁ ୧୬୩ ମାଇଲ । ଏଠାରେ ମହାଦେବଙ୍କର ଜ୍ୟୋତିର୍ଲିଙ୍ଗ ଅଛି । ବଦ୍ରିନାଥଙ୍କ ରାଉଳ ବା ମହନ୍ତ ଏବଂ ତାଙ୍କର କର୍ମଚାରୀମାନେ ଶୀତକାଳରେ ପ୍ରାୟ ୬ ମାସ ଏଠାରେ ଆସି ରହନ୍ତି । ସମୁଦ୍ର ବକ୍ଷରୁ ଏ ସ୍ଥାନ ୬୧୦୭ ଫୁଟ ଉଚ୍ଚ । ଅଲକାନନ୍ଦା ସହିତ ଧବଳୀ ବା ବିଷ୍ଣୁଗଙ୍ଗା ନଦୀର ସଙ୍ଗମ ସ୍ଥାନରୁ ଏହା ପ୍ରାୟ ୧୫୦୦ ଫୁଟ ଉଚ୍ଚ । ଉକ୍ତ ସ୍ଥାନ ବିଷ୍ଣୁପ୍ରୟାଗ ନାମରେ ଖ୍ୟାତ । ପ୍ରବାଦ ଅଛି, ଏହି ସ୍ଥାନରେ ପୂର୍ବେ ବଦରୀ ବଣ ଥିଲା । ଏହି ସ୍ଥାନରେ ଅଗସ୍ତ୍ୟ ମୁନି ବିଷ୍ଣୁଙ୍କୁ ଆରାଧନା କରିଥିଲେ । ଜ୍ୟୋଶୀମଠରୁ ବିଷ୍ଣୁପ୍ରୟାଗକୁ ଯିବା ସମୟରେ ଭୟଙ୍କର ଗଡ଼ାଣି ଓ ଆସିବା ସମୟରେ ଅତ୍ୟନ୍ତ ଉଠାଣି । ଆସିବାକୁ ଭୟଙ୍କର କଷ୍ଟ ହୁଏ । ଏ ସ୍ଥାନରେ ଘର ପଥରରେ ତିଆରି, ଅତି ସୁନ୍ଦର ଓ ଶ୍ଳେଟ ପଥରର ଟାଇଲ ଦ୍ୱାରା ଛପରଣି । ରାଉଳ ଓ ପୁରୋହିତମାନଙ୍କର ଘର ସୁନ୍ଦରରୂପେ ନିର୍ମିତ । ଏମାନେ କାର୍ତ୍ତିକ ମାସ ୧୫ ଦିନ ପରେ ବଦ୍ରିନାଥରୁ ଆସି ଏଠାରେ ରହି ପ୍ରାୟ ବୈଶାଖ ମାସ ଶେଷ ସମୟକୁ ବଦ୍ରିନାଥକୁ ଯାନ୍ତି । କାରଣ ପ୍ରାୟ ୬ ମାସ ବଦ୍ରିନାଥ ମନ୍ଦିର ବରଫାବୃତ ଥାଏ । ଏଠାରେ ନରସିଂହ ବିଗ୍ରହଙ୍କର ଗୋଟିଏ ମନ୍ଦିର ଅଛି । ଏହି ମନ୍ଦିରଟି ତାମ୍ର ନିର୍ମିତରେ ଢଙ୍କା ହୋଇଅଛି । ଦକ୍ଷିଣରେ ଥିବା ପର୍ବତରୁ ଝରଣା ଜଳ ଆସି ଦୁଇଗୋଟି ପିତଳର ଗୋମୁଖୀ ନଳଦ୍ୱାରା ଏକ ପ୍ରସ୍ତର ବିଶିଷ୍ଟ ଜଳାଧାରରେ ପଡ଼ୁଅଛି । ଏହାକୁ ଦଣ୍ଡଧାରା କହନ୍ତି । ଏହା ସନ୍ନିକଟରେ ଶ୍ରେଣୀବଦ୍ଧ ଭାବେ କେତେଗୁଡ଼ିଏ ମନ୍ଦିର ଅଛି । ମନ୍ଦିରମାନଙ୍କରେ ପ୍ରାଚୀନ କାଳର ଚିହ୍ନସବୁ ଦେଖାଯାଏ । ଏହି ମନ୍ଦିରଗୁଡ଼ିକର ମଧ୍ୟଭାଗରେ ପ୍ରାଚୀର-ବେଷ୍ଟିତ ଗୋଟିଏ ବିଷ୍ଣୁ ମନ୍ଦିର ଅଛି । ଏଠାରେ ପୁରାତନ ଭଙ୍ଗା ମନ୍ଦିରର ବହୁତ ଚିହ୍ନ ଦେଖାଯାଏ । ଶୁଣାଯାଏ ଭୂମିକମ୍ପରେ ଏ ସବୁ ନଷ୍ଟ ହୋଇଅଛି । କିନ୍ତୁ ବିଷ୍ଣୁ, ଗଣେଶ, ସୂର୍ଯ୍ୟଙ୍କର ମନ୍ଦିର ଅତି ଅଳ୍ପ ନଷ୍ଟ ହୋଇଅଛି । ବିଷ୍ଣୁ ମନ୍ଦିର ନିର୍ମାଣ ପ୍ରଣାଳୀ ଅତି ଉତ୍କୃଷ୍ଟ । କୃଷ୍ଣବର୍ଣ୍ଣ ପ୍ରସ୍ତର ନିର୍ମିତ ଏବଂ ପ୍ରାୟ ୭ ଫୁଟ ଉଚ୍ଚ । ଏହା ଚାରି ଗୋଟି ସ୍ତ୍ରୀ-ମୂର୍ତ୍ତିଦ୍ୱାରା ରକ୍ଷିତ । ଜ୍ୟୋଶୀମଠରେ ଗୋଟିଏ ବହୁ ପୁରାତନ ମନ୍ଦିର ଅଛି । ଶୁଣାଯାଏ ଏଠାରେ ଏକ ଦେବୀ ପ୍ରତିଷ୍ଠିତ ଥିଲେ । ତାଙ୍କ ସମ୍ମୁଖରେ ପ୍ରତି ଦିନ ନରବଳି ଦିଆ ଯାଉଥିଲା । ମହାତ୍ମା ଶଙ୍କରାଚାର୍ଯ୍ୟ ଉକ୍ତ ପ୍ରଥା ଉଠାଇ ଦେଇଥିବାର ପ୍ରକାଶ । ଏ ମଠ ମହାତ୍ମା ଶଙ୍କରାଚାର୍ଯ୍ୟ ପ୍ରତିଷ୍ଠା କରିଥିଲେ । ଶଙ୍କରାଚାର୍ଯ୍ୟଙ୍କର ପ୍ରତିଷ୍ଠିତ ଚାରିଗୋଟି ମଠ ମଧ୍ୟରୁ ଦ୍ୱାରକାର ସାରଦା ମଠ, ସେତୁବନ୍ଧ ରାମେଶ୍ୱରରେ ଶିଙ୍ଗେରି ମଠ, ପୁରୁଷୋତ୍ତମ କ୍ଷେତ୍ରରେ ଗୋବର୍ଦ୍ଧନ ମଠ ଓ ହିମାଳୟରେ ଏହି ଜ୍ୟୋଶୀମଠ । କେଦାରନାଥ ଓ ବଦ୍ରିନାଥର ରାଉଳ ବା ମହନ୍ତ ମାନ୍ଦ୍ରାଜ ପ୍ରଦେଶ ଅନ୍ତର୍ଗତ ମାଲବାର ଜିଲ୍ଲାର ଲୋକ ।

ଜ୍ୟୋଶୀମଠ ମଧ୍ୟରେ ପାହାଡ଼ରୁ ଆସିଥିବା ବୃହତ୍ ଜଳସ୍ରୋତ-ଦ୍ୱାରା ଚାଳିତ କେତେଗୁଡ଼ିଏ ଅଟା ପେଶିବାର ପାନଚକି ବା ଯନ୍ତ୍ରାକଳ ଅଛି । ଏହି ଯନ୍ତ୍ରାକଳଗୁଡ଼ିକ ୧୫।୨୦ ଗଜ ଅନ୍ତରରେ ଅବସ୍ଥିତ । ଗୋଟିକ ପରେ ଗୋଟିଏ ବସା ହୋଇଅଛି । ଏ ଅଞ୍ଚଳରେ ଏହିପରି ଜଳସ୍ରୋତ ଓ ନଦୀ ସ୍ରୋତଦ୍ୱାରା ଶତ ଶତ ଯନ୍ତ୍ରାକଳ ଚାଲୁଅଛି । ଜଳକୁ ମାହାରି କରି ଆଣି ପ୍ରାୟ ୧୫ ଫୁଟ ଉଚ୍ଚରୁ ଗୋଟିଏ କାଠର ଡୁଙ୍ଗିଦ୍ୱାରା ତଳକୁ ଛାଡ଼ ଦିଆ ହୋଇ-ଅଛି । ଆଉ ଗୋଟିଏ ଚକ ବନ୍ଦ ଭାବରେ ଲାଗିଅଛି । ଉକ୍ତ ଚକର ମଧ୍ୟସ୍ଥଳରୁ ଗୋଟିଏ ଲୁହାର ଖୁଣ୍ଟ ଉପରକୁ ଉଠି ଅଛି ଏବଂ ଚକିଟି ଉକ୍ତ ଲୁହାର ଖୁଣ୍ଟ ଅଗରେ ସଂଯୋଗ କରା ହୋଇଅଛି । ଜଳ ଚକର ଆରା ଉପରେ ଖୁବ୍ ଜୋରରେ ପଡ଼ି ଚକିଟିକୁ ଘୁରାଉଅଛି । ତାହା ଉପରେ ଯଅ କିମ୍ବା ଗହମ ବସ୍ତାରେ ରଖା ହୋଇ ଅଳ୍ପ ଅଳ୍ପ ଆପେ ପଡ଼ି ଅଟା ତିଆରି ହେଉଅଛି । କଳ ଘୁରାଇବା ପାଇଁ କିଛି ଖରଚ ନାହିଁ । ଏ ଭଳି ସୁବିଧାରେ ଜଳସ୍ରୋତ ଯାଇ ଏ କାର୍ଯ୍ୟ ହେଉଅଛି । ପ୍ରତ୍ୟେକ କଳ ଉପରେ ଗଭର୍ଣ୍ଣମେଣ୍ଟଙ୍କୁ କିଛି କିଛି କର ଦେବାକୁ ହୁଏ ।

ଯୋଗୀମଠରେ ସୁନ୍ଦର ଗୋଲାପ ଫୁଲର ବଗିଚା ଅଛି । ସେହି ବଗିଚାରେ ବଡ଼ ବଡ଼ ଫୁଲ ପ୍ରତ୍ୟେକ ଗଛରେ ପ୍ରଚୁର ପରିମାଣରେ ଫୁଟେ । ଏଥିରେ ଯତ୍ନ ମଧ୍ୟ କିଛି କରାଯାଏ ନାହିଁ । ଆଉ ଏକ ପ୍ରକାର ଜଙ୍ଗଲ ଲତା-ଗୋଲାପ ମଧ୍ୟ ରାସ୍ତା ଧାରରେ ଦେଖିବାକୁ ମିଳେ । ତାହାର ପାଖୁଡ଼ା ଅଳ୍ପ ଓ ସାଧାରଣ ଜଙ୍ଗଲରେ ଆପେ ବିସ୍ତର ହୁଏ । ସୁଗନ୍ଧ ମଧ୍ୟ ଅଛି ।

ଏଠାରୁ ଧଉଳି ନଦୀର ତୀର ବାଟେ ଗୋଟିଏ ରାସ୍ତା ତିବ୍ବତକୁ ନୀତିପାସ ଗିରି ସଙ୍କଟ ହୋଇ ଯାଇଅଛି । ଏହା ୫୮ ମାଇଲ ଓ ୧୬୬୨୮ ଫୁଟ ଉଚ୍ଚ । ଏଠାରୁ ୧୩ ମାଇଲ ଦୂରରେ ଭବିଷ୍ୟବଦ୍ରି । ଏହା ତପୋବନ ନାମକ ସ୍ଥାନ ନିକଟରେ । ମାନସରୋବର ଓ କୈଳାସକୁ ମଧ୍ୟ ଏହି ରାସ୍ତାରେ ଯିବାକୁ ହୁଏ । ଏହି ରାସ୍ତାରେ ଏବଂ ବଦ୍ରିନାଥ ରାସ୍ତାରେ ଚାମରୀ ଗାଈ ଦେଖାଯାନ୍ତି । ଏଠାରୁ ବଦ୍ରିନାଥ ରାସ୍ତା ବଡ଼ ସଙ୍କୀର୍ଣ୍ଣ ଓ ବରଫାବୃତ । ସ୍ଥାନେ ସ୍ଥାନେ ଦୁର୍ଗମ ଓ ବିପଜ୍ଜନକ ।

ପ୍ରବାଦ ଅଛି, ଜ୍ୟୋଶୀମଠରେ ଯେ ନରସିଂହ ମୂର୍ତ୍ତି ଅଛନ୍ତି ତାଙ୍କର ଗୋଟିଏ ବାହୁ ଦିନକୁ ଦିନ କ୍ଷୀଣ ହେଉଅଛି । ଏହି ବାହୁ ଯେଉଁ ଦିନ ଛିଡ଼ିଯିବ ସେହି ଦିନ ପର୍ବତ ଭାଙ୍ଗି ବଦ୍ରିନାଥ ଯିବାର ରାସ୍ତା ବନ୍ଦ କରିଦେବ ଏବଂ ଭବିଷ୍ୟବଦ୍ରିଠାରେ ନୂତନ ମନ୍ଦିର ହେବ । ଏହି ପ୍ରବାଦ ମିଥ୍ୟା ବୋଲି ମନେ ହୁଏ ନାହିଁ । କାରଣ ଜ୍ୟୋଶୀଠାରୁ ବଦ୍ରିନାଥ ରାସ୍ତା ଧସିଯାଇ ନଷ୍ଟ ହେଉଅଛି । ଅତ୍ୟଧିକ ତୁଷାରପାତ ହୋଇ ମଧ୍ୟେ ମଧ୍ୟେ ବାଟ ବନ୍ଦ ହେବାର ଉପକ୍ରମ ହୁଏ । ସ୍ଥାନେ ସ୍ଥାନେ ରାସ୍ତା ଏପରି ଉଚ୍ଚ ପାହାଡ଼ ତଳେ ଯାଇଅଛି ଯେ ଦେଖିଲେ ପ୍ରବାଦ ବାକ୍ୟ ସତ୍ୟ ହେବ ବୋଲି ଅନୁମାନ ହୁଏ ।

**ବିଷ୍ଣୁ ପ୍ରୟାଗ**—ପାର୍ବତୀୟ ପଞ୍ଚପ୍ରୟାଗ ମଧ୍ୟରେ ଏହା ଗୋଟିଏ ତୀର୍ଥ । ଅଲକାନନ୍ଦା ସହିତ ଧଉଳି ନଦୀର ସଂଯୋଗ ଏହିଠାରେ । ଧଉଳି ନଦୀର ଅନ୍ୟ ନାମ ବିଷ୍ଣୁଗଙ୍ଗା । ଏଠାରେ ବିଷ୍ଣୁଙ୍କର ଗୋଟିଏ ମନ୍ଦିର ଅଛି । ମନ୍ଦିରଠାରୁ ସୋପାନଶ୍ରେଣୀ ଅତ୍ୟନ୍ତ ତଳକୁ ବିଷ୍ଣୁକୁଣ୍ଡ ପର୍ଯ୍ୟନ୍ତ ଯାଇଅଛି । ଏହା ଇନ୍ଦୋର ରାଣୀଙ୍କଦ୍ୱାରା ନିର୍ମିତ ବୋଲି ପ୍ରବାଦ ଅଛି । ଏଠାରେ ବେଣୀ ଚଟିଘର ନାହିଁ । ଏହି ରାସ୍ତାର ଦୁଇ ପାଖରେ ଅତ୍ୟୁଚ୍ଚ ପର୍ବତ । ଉକ୍ତ ଗିରିସଙ୍କଟ ମଧ୍ୟରେ ବଦ୍ରୀନାଥ ଯିବାକୁ ହୁଏ । ଏଠାରେ ଅଲକାନନ୍ଦାର ଓସାର ୩୦ ଗଜ ଓ ଧଉଳି ନଦୀର ଓସାର ୪୦ ଗଜ । ଏହି ସଙ୍ଗମସ୍ଥଳ ୪୭୪୩ ଫୁଟ ଉଚ୍ଚ । ଚତୁର୍ଦ୍ଦିଗର ଦୃଶ୍ୟ ବଡ଼ ଭୀଷଣ । ପାହାଡ଼ଗୁଡ଼ିକ ବୃକ୍ଷଲତାଶୂନ୍ୟ । ଧଉଳି ନଦୀର ଜଳ ପିଙ୍ଗଳ ବର୍ଣ୍ଣ । ଅଲକାନନ୍ଦାର ନୀଳ ବର୍ଣ୍ଣ ଜଳ ସହିତ ନ ମିଶି ବହୁ ଦୂର ପର୍ଯ୍ୟନ୍ତ ବହି ଯାଉଅଛି । ସ୍ରୋତର ବେଗ ବଡ଼ ପ୍ରଖର । ସେଥିଯୋଗୁଁ ବିଷ୍ଣୁକୁଣ୍ଡରେ ଲୁହାର ଜଞ୍ଜିର ଓ କଡ଼ାର ବ୍ୟବସ୍ଥା ଅଛି । ଏତେ ସାବଧାନ ହୋଇ ମଧ୍ୟ ଲୋକେ ସ୍ନାନ ସମୟରେ ଏହି ଜଳ ସ୍ରୋତରେ ପଡ଼ି ପ୍ରାଣ ତ୍ୟାଗ କରନ୍ତି । ଫେରିବା ସମୟରେ ଏଠାରୁ ଜ୍ୟୋଶୀମଠ ନ ଯାଇ ସିଧା ସିଂଧାରଚଟିକୁ ଯାଆନ୍ତି । ଜ୍ୟୋଶୀମଠକୁ ମଧ୍ୟ ସ୍ୱତନ୍ତ୍ର ରାସ୍ତା ଅଛି ।

ପାଣ୍ଡୁକେଶର ଅଲକାନନ୍ଦାର ଦକ୍ଷିଣ ପାର୍ଶ୍ୱରେ ଅବସ୍ଥିତ । ଅନେକ ଗୁଡ଼ିଏ ଚଟି ଓ ଧର୍ମଶାଳା ଏଠାରେ ଅଛି । ଏଠାର ଅଧିବାସିମାନେ ଭୁଟିଆ । ଏମାନେ ଦେଖିବାକୁ ଗୌରବର୍ଣ୍ଣ ହେଲେ ମଧ୍ୟ ଅପରିଷ୍କାର । ପାଣ୍ଡବମାନେ ହସ୍ତିନା ରାଜ୍ୟ ପରୀକ୍ଷିତଙ୍କୁ ଦେଇ ଏଠାରେ ତପସ୍ୟା କରିଥିଲେ ବୋଲି ପ୍ରକାଶ । କେହି କେହି କହନ୍ତି, ପାଣ୍ଡୁରାଜା ଏହିଠାରେ ତପସ୍ୟା କରିଥିଲେ ଓ ପାଣ୍ଡବମାନଙ୍କର ଜନ୍ମ ଏହିଠାରେ । ଏଠାରୁ ଅଲକାନନ୍ଦା ନଦୀ ଆର ପାରିରେ ଭୟଙ୍କର ଉଚ୍ଚ ପର୍ବତ । ଶୃଙ୍ଗରେ ଗୋଟିଏ ବେଦୀ ଭଳି ଦେଖାଯାଏ । ପ୍ରବାଦ ଅଛି, ପାଣ୍ଡବମାନେ ଏଠାରେ ଅଜ୍ଞାତବାସ କରିଥିଲେ । ଏଠାରେ କେତେଗୁଡ଼ିଏ ତାମ୍ରଫଳକ ଅଛି । ତାହା କାଠଯୋଡ଼ ନାମକ ରାଜାଙ୍କ ସମୟର ତାରିଖଯୁକ୍ତ । ପାଣ୍ଡୁକେଶରରୁ ଏକ ମାଇଲ ଦୂର ରାସ୍ତାରେ ଶେଷଧାରା ନାମକ ପ୍ରସ୍ରବଣ ଅଛି । ଏଠାରେ ଶେଷନାଗଙ୍କର ଗୋଟିଏ କ୍ଷୁଦ୍ର ମନ୍ଦିର ଅଛି । ଏହି ରାସ୍ତାରେ ଭୂର୍ଜପତ୍ରର ବୃକ୍ଷ ଦେଖିବାକୁ ମିଳେ । ଏହି ପତ୍ର ଏଠାର ଅଧିବାସିମାନେ ଘର ଛାଉଣି ଓ ଖାଇବାର ପତ୍ର ପରି ବ୍ୟବହାର କରନ୍ତି ।

**ହନୁମାନ ଚଟି**—ବଦ୍ରୀନାଥ ଯିବାର ଶେଷ ଚଟି । ଏଠାରେ ହନୁମାନଜୀଙ୍କର ଗୋଟିଏ ମନ୍ଦିର ଅଛି । ଘୃତଗଙ୍ଗା ନାମକ ଗୋଟିଏ ଉପନଦୀ ଆସି ଏଠାରେ ଅଲକାନନ୍ଦା ସହିତ ମିଶିଅଛି । ଏହି ଘୃତଗଙ୍ଗା ମଧ୍ୟସ୍ଥ ପଥରଗୁଡ଼ିକ ହଳଦୀ ରଙ୍ଗ । ବୋଧହୁଏ ଏ ଜଳର କିଛି ଗୁଣ ଅଛି । ଏଠାରେ ବୈଖାନସ ମୁନିଙ୍କର ଆଶ୍ରମ ଥିଲା ଓ ମରୁତରାଜା ପ୍ରସିଦ୍ଧ ଯଜ୍ଞ କରିଥିଲେ ବୋଲି ପ୍ରବାଦ ଅଛି ।

ଏଠାର ମାଟି ଭସ୍ମବର୍ଣ୍ଣ ପରି । ଏଣୁ ସହଜରେ ଧସି ଯାଇ ରାସ୍ତା ଅବରୋଧ କରେ ।

ବଦ୍ରୀନାଥ ଓ ଚଉଖାମ୍ବା ପର୍ବତରେ ଅନେକ ଦିନ ପୂର୍ବରୁ ଅଗ୍ନ୍ୟୁତ୍ପାତ ହେଉଥିଲା । ତାହାର ଗହ୍ୱର ଆଜିସୁଦ୍ଧା ଅଛି । ପୂର୍ବ ବର୍ଣ୍ଣିତ ଭସ୍ମବର୍ଣ୍ଣ ଏହି ପର୍ବତୋତ୍କ୍ଷିପ୍ତ ଭସ୍ମରାଶି କି ନା ତାହା ଅନୁସନ୍ଧେୟ । ଏଠାରୁ ବଦ୍ରୀନାଥ ଯିବାକୁ ୫ ମାଇଲ; କିନ୍ତୁ ଅତ୍ୟନ୍ତ କଠିନ ପଥରେ ଭୟଙ୍କର ଉଠାଣି ଓ ରାସ୍ତା ମଧ୍ୟେ ମଧ୍ୟେ ବରଫାବୃତ ଏବଂ ସ୍ଥାନେ ସ୍ଥାନେ ବଡ଼ ସଂକୀର୍ଣ୍ଣ ।

**ବଦ୍ରିନାଥ**—ବଦ୍ରୀନାରାୟଣ ବା ବଦ୍ରିକାଶ୍ରମ ହରଦ୍ୱାରଠାରୁ ୧୮୩ ମାଇଲ । ଏଠାରେ ବଦ୍ରୀନାରାୟଣଙ୍କର ବେଢ଼ା ମଧ୍ୟରେ ଗୋଟିଏ ମନ୍ଦିର ଅଛି, ଏହା ଅଲକାନନ୍ଦାର ଦକ୍ଷିଣ ତୀରରେ । ଅଲକାନନ୍ଦାର ବାମ ତୀରରେ ପୋଲିସ ଥାନା, ଡାକ୍ତରଖାନା, ସରକାରୀ ବଙ୍ଗଳା ଓ କେତୋଟି ଭଲ ଭଲ ଘର ମଧ୍ୟ ଅଛି । ରାସ୍ତା ସଂକୀର୍ଣ୍ଣ ଓ ବରଫଦ୍ୱାରା ଦୁର୍ଗମ ହୁଏ । ଶୀତ ଦିନରେ ରାସ୍ତା ଓ ବଦ୍ରୀନାଥ ମନ୍ଦିର ବରଫାବୃତ ହୋଇଥାଏ । ପଣ୍ଡାମାନେ ବୈଶାଖ ମାସରେ ସେଠାକୁ ଯାଇ ଦୋକାନ, ରାସ୍ତା ଓ ମନ୍ଦିର ପ୍ରଭୃତିରୁ ବରଫ କାଟି ପରିଷ୍କାର କରନ୍ତି । ଏହାର ରାସ୍ତାଗୁଡ଼ିକ ଯେଉଁ ବରଫଦ୍ୱାରା ଆବୃତ ହୋଇଥାଏ ତାହା ଶକ୍ତ ନୁହେଁ । ଏପରି କି ମଧ୍ୟେ ମଧ୍ୟେ ଶୂନ୍ୟ ସ୍ଥାନ ମଧ୍ୟ ରହିଥାଏ । ତହିଁରେ ପାଦ ନିକ୍ଷେପ କଲେ ପାଦ ବହୁ ଦୂର ପର୍ଯ୍ୟନ୍ତ ଗଳିଯାଏ । ସମୟ ସମୟରେ ମୃତ୍ୟୁ ମଧ୍ୟ ଘଟେ । କେଦାରନାଥ ରାସ୍ତା ଏହାଠାରୁ ଅଧିକ ଭୀଷଣ ବୋଲି ପ୍ରକାଶ । ଏ ସ୍ଥାନଟି ପ୍ରାୟ ଉତ୍ତର ଦକ୍ଷିଣ ୩ ମାଇଲ ଲମ୍ବା ଓ ପୂର୍ବ ପଶ୍ଚିମ ଅଧ ମାଇଲ ଚଉଡ଼ା—ଉପତ୍ୟକା ଭଳି । ଏହାର ପୂର୍ବକୁ ନର ଏବଂ ପଶ୍ଚିମକୁ ନାରାୟଣ ନାମରେ ବିଶାଳ ପର୍ବତଦ୍ୱୟ ଅବସ୍ଥିତ ଓ ଅଲକାନନ୍ଦା ଏହି ଉପତ୍ୟକା ବାଟେ ଉତ୍ତରରୁ ଦକ୍ଷିଣକୁ ବହିଯାଉଅଛି । ଏହାର ତଳ ଦେଶରେ ହନୁମାନ ଚଟି । ରାସ୍ତାରେ ସ୍ଥାନେ ସ୍ଥାନେ ବରଫ ପଡ଼ି ନଦୀ ଜଳକୁ ଆବୃତ କରିଥାଏ । ନଦୀ ଉକ୍ତ ବରଫ ତଳେ ବହି ଯାଉଥାଏ । ଉକ୍ତ ସ୍ଥାନରେ ନଦୀ କେଉଁଠାରେ ବହୁଅଛି ନିର୍ଦ୍ଦେଶ କରିବା କଠିନ ।

ବଦ୍ରୀନାଥ ମନ୍ଦିର ଭୂମିଠାରୁ ପ୍ରାୟ ୫୦ ଫୁଟ ଉଚ୍ଚ । ମନ୍ଦିରର ଉତ୍ତରକୁ ଆଉ ବସତି ନାହିଁ କହିଲେ ଚଳେ । ଦକ୍ଷିଣ ଦିଗରେ ବଜାର, ଡାକଘର ଓ ପଣ୍ଡାମାନଙ୍କର ଯାତ୍ରୀଘର; ଆଉ ପଶ୍ଚିମକୁ ଧର୍ମଶାଳା ଓ କେତେଗୁଡ଼ିଏ ବାସଗୃହ ଅଛି । ବଦ୍ରୀନାଥଙ୍କର ଆଦି ମନ୍ଦିର ପ୍ରାୟ ୨୦୦୦ ବର୍ଷ ପୂର୍ବରେ ମହାତ୍ମା ଶଙ୍କରାଚାର୍ଯ୍ୟଙ୍କଦ୍ୱାରା ପ୍ରତିଷ୍ଠିତ ହୋଇଥିଲା ବୋଲି ପ୍ରକାଶ । ପରେ ଏହା ବରଫ ଚାପରେ ଭାଙ୍ଗି ଯାଇ ଆଧୁନିକ ଧରଣରେ ଅନେକ ଅଂଶ ତିଆରି ହୋଇଅଛି । ମନ୍ଦିରର ସମ୍ମୁଖରେ ଯେଉଁ ଶୁଭ୍ର ଗମ୍ବୁଜ ଅଛି ତାହା ଆଗ୍ରାର ତାଜମହଲର ଗମ୍ବୁଜ ସଦୃଶ । ମନ୍ଦିର ପ୍ରାଙ୍ଗଣର ପ୍ରବେଶ ଦ୍ୱାରଟି ଦିଲ୍ଲୀର ତୋରଣ ସଦୃଶ ।



Digitized by srujanika@gmail.com

ମନ୍ଦିରଠାରୁ ପ୍ରାୟ ୨୫ ଫୁଟ ତଳ ଦେଶରେ ଅଳକାନନ୍ଦା ତୀରରେ ତପ୍ତକୁଣ୍ଡ ନାମକ ଗୋଟିଏ ଉଷ୍ଣପ୍ରସ୍ରବଣ ଅଛି । ଉକ୍ତ କୁଣ୍ଡଟି ୧୬ ଫୁଟ ଦୀର୍ଘ ଓ ପ୍ରାୟ ୧୪ ଫୁଟ ପ୍ରସ୍ଥ ବିଶିଷ୍ଟ । ଉକ୍ତ କୁଣ୍ଡ ଉପରେ ଛାତ କରା ହୋଇଅଛି । ଗୋଟିଏ ପିତଳର ଗୋ-ମୁଖା ବାଟେ ଗରମ ଜଳ ଆସି କୁଣ୍ଡରେ ପଡୁଅଛି । ଏହି ଜଳ ଅତ୍ୟନ୍ତ ଗରମ ଓ ଏଥିରୁ ଗନ୍ଧକର ଗନ୍ଧବାଷ୍ପ ବାହାରୁଅଛି । ଏହି ଜଳର ତାପ ୧୨୦ ଡିଗ୍ରୀ ଫାରେନହିଟ୍ । ଆଉ ଗୋଟିଏ ଶୀତଳ ଜଳର ଝରଣା ଆସି ଉକ୍ତ କୁଣ୍ଡରେ ପଡୁଥିବାରୁ ଉଭୟର ମିଶ୍ରଣ ଜଳରେ ସ୍ନାନ କରିବାର ସୁବିଧା ହୁଏ । ଏହି ଜଳ ଶୀତଳ କରି ଖାଇଲେ ଭଲ ଲାଗେ ବୋଲି ପ୍ରକାଶ ।

"ଶଙ୍କରବିଜୟ" ନାମକ ଗ୍ରନ୍ଥରେ (ମହାତ୍ମା ଶଙ୍କରାଚାର୍ଯ୍ୟଙ୍କ ଜୀବନ ଚରିତ) ଦେଖାଯାଏ ଯେ ମହାତ୍ମା ଶଙ୍କରାଚାର୍ଯ୍ୟଙ୍କ ଶିଷ୍ୟମାନେ ଶୀତରେ କଷ୍ଟ ପାଉଥିବା ଦେଖି ଏହି ଉଷ୍ଣପ୍ରସ୍ରବଣ ସେ ଯୋଗବଳରେ ଉତ୍ପନ୍ନ କରିଥିଲେ ।

ସ୍କନ୍ଦପୁରାଣ ବିଷ୍ଣୁଖଣ୍ଡରେ ବଦରିକାଶ୍ରମ ମହାତ୍ମ୍ୟର ଦ୍ୱିତୀୟ ଅଧ୍ୟାୟରେ ଲେଖାଅଛି—ବ୍ୟାସ କହିଲେ, ହେ ବୈଶ୍ୱାନର ! ପାପ ନିଷ୍କୃତିର ଗୋଟିଏ ଉପାୟ ଅଛି । ଆପଣ ବଦରୀର ଶରଣ ଗ୍ରହଣ କରନ୍ତୁ ! ଆପଣଙ୍କର ସର୍ବଭକ୍ଷ ନାମକ ଦୋଷ ଉପଶମ ହେବ । ଉକ୍ତ ସ୍ଥାନରେ ସାକ୍ଷାତ ଭଗବାନ ଦେବ ଦେବ ଜନାର୍ଦ୍ଦନ ବିରାଜ କରନ୍ତି । ଆପଣ ସେଠାକୁ ଯାଇ ଜାହ୍ନବୀ ଜଳରେ ସ୍ନାନ ଏବଂ ହରି ପ୍ରଦକ୍ଷିଣ କରି ଓ ତାଙ୍କର ଚରଣରେ ଆଶ୍ରିତ ହୋଇ ପ୍ରଣିପାତ କରନ୍ତୁ, ସମସ୍ତ ପାପ କ୍ଷୟ ହେବ ।

ବୈଶ୍ୱାନର ଏବମ୍ବିଧ ବାକ୍ୟ ଶ୍ରବଣ କରି ବଦ୍ରିକାଶ୍ରମରେ ନାରାୟଣଙ୍କୁ ସ୍ତବ ଦ୍ୱାରା ସନ୍ତୁଷ୍ଟ କରି ପାପ ମୁକ୍ତ ହୋଇଥିଲେ ।

ତପ୍ତକୁଣ୍ଡ ନିମ୍ନରେ ନଦୀଗର୍ଭରେ ଗୋଟିଏ ବିଶେଷ ସ୍ଥାନ ଅଛି । ତାହାକୁ ନାରଦକୁଣ୍ଡ କହନ୍ତି । ତୀରଠାରୁ ନଦୀର ମଧ୍ୟ ସ୍ଥଳ ପର୍ଯ୍ୟନ୍ତ ଲମ୍ବ ଭାବରେ ଗୋଟିଏ ବୃହତ୍ ପ୍ରସ୍ତର ପଡ଼ି ନଦୀର ପ୍ରବଳ ସ୍ରୋତକୁ ବାଧା ଦେଉଥିବାରୁ ଏହି କୁଣ୍ଡରେ ସ୍ନାନ କରିବା ସୁବିଧା ହୁଏ । ନାରଦକୁଣ୍ଡର ବାମ ପାର୍ଶ୍ୱରେ ସୂର୍ଯ୍ୟକୁଣ୍ଡ ନାମକ ଆଉ ଗୋଟିଏ ଛୋଟ ଉଷ୍ଣପ୍ରସ୍ରବଣ ଅଛି । ଏଠାରେ କୌଣସି କୁଣ୍ଡ ନାହିଁ । କେବଳ ଗରମ ଜଳ ବାହାରି ନଦୀରେ ପଡୁଅଛି । ଏହା ବ୍ୟତୀତ କୂର୍ମଧାରା, ଋଷିଗଙ୍ଗା ପ୍ରଭୃତି କେତେଗୁଡ଼ିଏ ଶୀତଳ ଝରଣାଧାରା ଅଛି ଓ କେଦାର ନାମକ ଶିବଲିଙ୍ଗ ମଧ୍ୟ ଅଛନ୍ତି ।

ମନ୍ଦିରର ଉତ୍ତରପୂର୍ବ କୋଣର କିଛି ଦୂରରେ ନଦୀ ତୀରରେ ଗୋଟିଏ ଛୋଟ ପ୍ରସ୍ତର ସ୍ତୂପ ଉପରେ ବ୍ରହ୍ମକପାଳ ବା ବ୍ରହ୍ମକପାଳୀ ବୋଲି ଗୋଟିଏ ସ୍ଥାନ ଅଛି । ଉକ୍ତ ସ୍ଥାନଟିର ଉପର ଭାଗର ପ୍ରସ୍ତର କାଟି ଅଳ୍ପ ସ୍ଥାନ ସମତଳ କରା ହୋଇଅଛି । ଏଠାରେ ଯାତ୍ରିମାନେ ଆସି ତାଙ୍କର ପୂର୍ବ ପୁରୁଷମାନଙ୍କୁ ପିଣ୍ଡଦାନ କରନ୍ତି । ଆଚାର୍ଯ୍ୟ ବ୍ରାହ୍ମଣମାନେ ପିଣ୍ଡଦାନ କରାନ୍ତି । ଏମାନେ ଯାତ୍ରିମାନଙ୍କଠାରୁ ପିଣ୍ଡ ନେବା ପାଇଁ ପଇସା ଆଶାରେ ଅଳ୍ପ ଜୁଲମ ମଧ୍ୟ କରନ୍ତି । ପ୍ରବାଦ ଅଛି, ଏଠାରେ ପିଣ୍ଡଦାନ କଲେ ଆଉ କୌଣସି ସ୍ଥାନରେ କିମ୍ବା କୌଣସି ସମୟରେ ପିଣ୍ଡ ବା ତର୍ପଣାଦି କରିବା ପ୍ରୟୋଜନ ନାହିଁ ।

ଏହି ବ୍ରହ୍ମକପାଳ ତୀର୍ଥର ଉତ୍ପତ୍ତି ସମ୍ବନ୍ଧେ ସ୍କନ୍ଦ ପୁରାଣ ବିଷ୍ଣୁଖଣ୍ଡ ବଦରିକାଶ୍ରମ ମହାତ୍ମ୍ୟର ଦ୍ୱିତୀୟ ଅଧ୍ୟାୟରେ ଉଲ୍ଲେଖ ଅଛି, ସତ୍ୟ ଯୁଗର ପ୍ରଥମରେ ବ୍ରହ୍ମା ତାଙ୍କର ଦୁହିତାଙ୍କ ରୂପରେ ମୋହିତ ହୋଇ ପାପ ପ୍ରବୃତ୍ତି ଚରିତାର୍ଥ କରିବା ଦେଖି ଶିବ କ୍ରୋଧପରବଶ ହୋଇ ଖଡ୍ଗଦ୍ୱାରା ବ୍ରହ୍ମାଙ୍କର ଶିର ଛେଦନ କରିଥିଲେ । କପାଳ-ରୂପିଣୀ ବ୍ରହ୍ମହତ୍ୟା ଆସି ଶିବଙ୍କୁ ଆଶ୍ରୟ କଲା । ଉକ୍ତ ବ୍ରହ୍ମ-କପାଳ ନେଇ ଶିବ ସ୍ୱର୍ଗ, ମର୍ତ୍ତ୍ୟ, ପାତାଳର ନାନା ତୀର୍ଥରେ ତପ କଲେ ସୁଦ୍ଧା ତାହା ଶିବଙ୍କ ହସ୍ତରେ ରହିଥିଲା । ଶେଷରେ ବୈକୁଣ୍ଠକୁ ଯାଇ ନାରାୟଣଙ୍କ ଆଶ୍ରୟରେ ତପସ୍ୟା କରିବାରୁ ବଦରୀ ଦର୍ଶନ କଲେ ପାପରୁ ମୁକ୍ତ ହେବା ଆଜ୍ଞା ହେଲା । ବଦରୀ ଆଗମନ ମାତ୍ରେ ଉକ୍ତ ବ୍ରହ୍ମକପାଳ ଶିବଙ୍କ ହସ୍ତରୁ ମୁକ୍ତ ହେବାରୁ ସେ ପାର୍ବତୀଙ୍କ ସହିତ ବଦରୀ କ୍ଷେତ୍ରରେ ରହି ତପସ୍ୟା କରିଥିଲେ ।

ଷଷ୍ଠ ଅଧ୍ୟାୟରେ ଉଲ୍ଲେଖ ଅଛି—କପାଳ-ମୋଚନ ତୀର୍ଥରେ ପିଣ୍ଡଦାନ କଲେ ପିତୃଗଣଙ୍କର ଉଦ୍ଧାର ସାଧନ ହୁଏ । ଏହି ତୀର୍ଥ ପିତୃତୀର୍ଥ ନାମରେ ଖ୍ୟାତ ଓ ଗୟାଠାରୁ ଅଷ୍ଟ ଗୁଣ ଫଳପ୍ରଦ । ଏହି ତୀର୍ଥରେ ତିଳତର୍ପଣ କଲେ ପିତୃଗଣ ଅଭିରୂପ ସ୍ୱର୍ଗଲୋକକୁ ଗମନ କରନ୍ତି । ଏହିଠାରେ ଅହୋରାତ୍ର ସ୍ଥିର ହୋଇ ନିଶ୍ଚଳ ମନରେ ଜପନିଷ୍ଠା କଲେ ଅଣିମାଦି ଅଷ୍ଟସିଦ୍ଧି ପ୍ରାପ୍ତ ହୁଅନ୍ତି ।

ବଦ୍ରିନାରାୟଣଙ୍କ ମୂର୍ତ୍ତି ଉପରେ ଗୋଟିଏ ସ୍ୱର୍ଣ୍ଣମୟ କ୍ଷୁଦ୍ର ଚନ୍ଦ୍ରାତପ ଓ ଗୋଟିଏ ଦର୍ପଣ ଅଛି । ମସ୍ତକରେ ଗୋଟିଏ ସ୍ୱର୍ଣ୍ଣର ଟାୟରା ଅଛି । ମଧ୍ୟରେ ଛୋଟ ହୀରା ଖଣ୍ଡେ ମଧ୍ୟ ଅଛି । ଯେଉଁ ସିଂହାସନରେ ମୂର୍ତ୍ତି ସ୍ଥାପିତ ତାହାର ମୂଲ୍ୟ ପ୍ରାୟ ୫୪୦୦୦୯ । ସମସ୍ତ ଅଳଙ୍କାର ଓ ବାସନ ଆଦିର ମୂଲ୍ୟ ପ୍ରାୟ ୫ ୧୦,୦୦୦୯ । ମୂର୍ତ୍ତି ସମ୍ମୁଖରେ କେତେଗୁଡ଼ିଏ ଘୃତଦୀପ ସର୍ବଦା ଜଳୁଥାଏ । ଏ ମନ୍ଦିର ଭିତରେ ପଣ୍ଡାମାନଙ୍କ ସହିତ ଯାତ୍ରିମାନଙ୍କର ପ୍ରବେଶ କରିବା ଅଧିକାର ନାହିଁ । ଗୋଟିଏ କାଠର ଅର୍ଗଳ ଦିଆ ହୋଇଥାଏ । ସେହିଠାରେ ଠିଆ ହୋଇ ସମସ୍ତେ ଦର୍ଶନ କରନ୍ତି ।

ବଦ୍ରିନାରାୟଣଙ୍କ ମନ୍ଦିରରେ ପ୍ରତ୍ୟହ ସକାଳୁ ବାଲଭୋଗ ହୁଏ । ତାହା ମିଷ୍ଟାନ୍ନ । ଉପର ଓଳି ଅନ୍ନ ଭୋଗ ହୁଏ—ଉଆ ଚାଉଳର ଅନ୍ନ ଓ ହଳଦୀ ରଙ୍ଗର ଘୃତାନ୍ନ ଏବଂ ଆମଚୁର ଦେଇ ବେସନର ଡାଲି, ବେସନର ଫୁଲରି, ଅଡ଼ୁର ବଡ଼ା, ଅଥବା ବେସନର ଲଡ୍ଡୁ, ପାଁପଡ଼ ଭଜା, ମାଲପୁଆ ଓ ଆମ୍ବର ଆଚାର ଇତ୍ୟାଦି । ଭୋଗ ପରେ ଯାତ୍ରିମାନଙ୍କୁ ଭୋଗ ବିତରଣ କରାହୁଏ । ପୁରୀ କ୍ଷେତ୍ର ପରି ମଧ୍ୟ ଏଠାରେ ଜାତି ବିଚାର ନାହିଁ । ବ୍ରାହ୍ମଣ ଓ ଶୂଦ୍ର ଏକତ୍ର ବସି ପ୍ରସାଦ ଭକ୍ଷଣ କରନ୍ତି । ଯେଉଁ ପାତ୍ରରେ ଭୋଗ ଦିଆହୁଏ ତାହା ସ୍ୱର୍ଣ୍ଣ ଓ ରୌପ୍ୟ ବାସନ ।



Digitized by srujanika@gmail.com

ମନ୍ଦିର କାର୍ଯ୍ୟରେ ଅନେକ ପରିଚାରକ ଓ ପରିଚାରିକା ଅଛନ୍ତି । ପରିଚାରିକାମାନେ ନର୍ତ୍ତକୀ । ମନ୍ଦିର ଭିତରକୁ ରାଉଳ ଭିନ୍ନ କାହାରି ପ୍ରବେଶ କରିବାର ଅଧିକାର ନାହିଁ ।

ମନ୍ଦିରରେ ଭେଟି ଦେବାର ବ୍ୟବସ୍ଥା ମଧ୍ୟ ଅଛି । ତାହାକୁ ଓ୍ୟାଲ ଭେଟି କହନ୍ତି । ଯାତ୍ରିମାନେ ତାଙ୍କର କ୍ଷମତାନୁଯାୟୀ ଭେଟି ଦିଅନ୍ତି । ଅଟିକା ଭୋଗ ମଧ୍ୟ ଯାତ୍ରିମାନେ ଦିଅନ୍ତି । ଯେଉଁ ଯାତ୍ରୀର ଯେତେ ଦୈନିକ ଖରଚ ହୁଏ ତାହାର ଦ୍ୱିଗୁଣ ଦେଲେ ଅଟିକା ଭୋଗ କରି ଉକ୍ତ ଯାତ୍ରୀଙ୍କୁ ଦିଆଯାଏ । ସକାଳ ଓଳି ଟଙ୍କା ଦେଲେ ଉପର ଓଳି ଭୋଗ ଦିଆଯାଏ । ରାଉଳ ବା ପୁରୋହିତଙ୍କ ଠାରେ କେହି କେହି ଯାତ୍ରୀ ତାଙ୍କ ବାସସ୍ଥାନରେ ଭେଟି ମଧ୍ୟ ଦିଅନ୍ତି । ଏହି ରାଉଳ କେରଳ ଦେଶୀୟ ବ୍ରାହ୍ମଣ ଅଟନ୍ତି, ଦେଖିବାକୁ ବେଶ ସୁନ୍ଦର । ଗୌର ବର୍ଣ୍ଣ । ବୟସ ପ୍ରାୟ ୩୨ ବର୍ଷ । ଏହାଙ୍କର ପଦ ଉତ୍ତରାଧିକାର ମୂଳକ ନୁହେ । କେରଳରୁ ରାଉଳ ନିର୍ବାଚିତ ହୁଅନ୍ତି । ଏହାଙ୍କର ବେତନ ମାସିକ ଟ ୧୦୦୯ । ବେତନ ବାଦ୍ ଯାତ୍ରିମାନଙ୍କଠାରୁ ଅନେକ ଅର୍ଥଭେଟି ପାଆନ୍ତି । ଦେବୋତ୍ତର ସମ୍ପତ୍ତି ଓ ଯାତ୍ରିମାନଙ୍କ ଭେଟି ମିଶି ମନ୍ଦିରର ଆୟ ବାର୍ଷିକ ପ୍ରାୟ ଟ ୫୦,୦୦୦୯ । ବର୍ଷକୁ ପ୍ରାୟ ଟ ୩୦,୦୦୦୯ ଖରଚ ହୁଏ । ବାକି ଟଙ୍କା ବେଙ୍କରେ ଗଚ୍ଛିତ ଥାଏ । ଟିହିରୀ ଗଡ଼ୋଆଲର ମହାରାଜା ଦେବାଳୟର ତତ୍ତ୍ୱାବଧାନ କରନ୍ତି ।

ବଦ୍ରିନାରାୟଣଙ୍କ ମନ୍ଦିର କାର୍ତ୍ତିକ ମାସର ପ୍ରାୟ ମଧ୍ୟ ଭାଗରେ ଗୋଟିଏ ଶୁଭ ଦିନ ଦେଖି ବନ୍ଦ କରାହୁଏ । ପ୍ରାୟ ସମସ୍ତ ମୂଲ୍ୟବାନ ବାସନ ଓ ଗହଣା ଆଦି ରାଉଳଙ୍କର ଜ୍ୟୋଶୀମଠକୁ ଘେନି ଆଣନ୍ତି । କାରଣ କାର୍ତ୍ତିକ ମାସ ମଧ୍ୟ ଭାଗରୁ ବୈଶାଖ ମାସ ଶେଷ ପର୍ଯ୍ୟନ୍ତ ଏହି ଧାମ, ସମସ୍ତ ବଜାର ଓ ଘର ବରଫରେ ଆଚ୍ଛନ୍ନ ଥାଏ । ଏହି ସ୍ତୂପାକୃତ ବରଫ ଚାପରେ କେତେକ ଘର ମଧ୍ୟ ଭାଙ୍ଗିଯାଏ । ମନ୍ଦିରର ମଧ୍ୟ କେବେ କେବେ ଏହା ଘଟିଥାଏ । ପରେ ତାକୁ ମରାମତି କରାହୁଏ । ଆମ୍ଭେମାନେ ମଇ ମାସ ୧୫ ତାରିଖରେ ବଦ୍ରିନାଥ ଧାମରେ ପହଞ୍ଚିଲୁଁ । ତାହା ଜ୍ୟେଷ୍ଠ ମାସ ୧ ଦିନ । ସେ ସମୟରେ ମଧ୍ୟ ରାସ୍ତା ଓ ଘର ବାରନ୍ଦାର ସ୍ଥାନେ ସ୍ଥାନେ ବରଫ ଜମା ହୋଇ ରହିଥିବା ଦେଖିଲୁଁ । ବରଫ ଖଣ୍ଡ କାଟି ହୋଇ ବାହାର କରା ନ ହୋଇଥିଲେ ପ୍ରାୟ ସମସ୍ତ ଘର ବାରନ୍ଦାରେ ବରଫସ୍ତୂପ ବିଦ୍ୟମାନ ଥାଆନ୍ତା । ସମସ୍ତେ ବରଫ କାଟି ବାହାର କରିଦିଅନ୍ତି । କାଟି ଅଲଗା କରି ଦେଲେ ଶୀଘ୍ର ଜଳ ହୋଇ ବହିଯାଏ ।

ହନୁମାନ ଚଟିରୁ ବଦ୍ରିନାଥକୁ ଯିବା ରାସ୍ତାର ଅନେକ ସ୍ଥାନରେ ଉକ୍ତ ବରଫ ଜମା ହୋଇ ରହିଥାଏ । ଉକ୍ତ ବରଫ ଉପରେ ଚାଲିବା ବଡ଼ ଆନନ୍ଦଦାୟକ ଓ ବିପଦଜନକ ମଧ୍ୟ । କୌଣସି କୌଣସି ସ୍ଥାନରେ ରାସ୍ତା, ନଦୀ ଓ ପାହାଡ଼ ସହିତ ବରଫ ଏପରି ଭାବରେ ଜମାଟ ହୋଇଅଛି ଯେ ଅଳକାନନ୍ଦା ନଦୀ କେଉଁଆଡ଼େ ତାହା ନିର୍ଣ୍ଣୟ କରିବା କଠିନ । କିନ୍ତୁ ତାହାର ତଳ ବାଟେ ନଦୀ ବହି ଦୂରରେ ପୁନରାୟ ସ୍ରୋତ ଦେଖାଯାଏ । ଉକ୍ତ ବରଫାବୃତ ରାସ୍ତାରେ ଯିବା ସମୟରେ ଖସଡ଼ା ଯୋଗୁଁ ପଡ଼ିଯିବାର ସମ୍ଭାବନା ପଦେ ପଦେ । ତତ୍ପରେ କୌଣସି କୌଣସି ସ୍ଥାନରେ ଉକ୍ତ ବରଫ ଗଳି ତଳ ଦେଶ ଫମ୍ପା ହୋଇଥାଏ । ଉପର ଅଂଶ ସମତଳ ଥାଏ । ସେହି ସ୍ଥାନମାନ ଭୟଙ୍କର ବିପଦଜନକ । ସେହିଠାରେ ଚାଲିବା ସମୟରେ ଭିତରକୁ ଗଳି ଗଲେ ଆଉ ଉଠିବାର ଉପାୟ ନାହିଁ ।

ବଦ୍ରିନାଥ ବା ବଦ୍ରିକାଶ୍ରମ ସହରଟି ମନ୍ଦିର ପର୍ଯ୍ୟନ୍ତ ସଂଲଗ୍ନ । ଏହି ସହର ଓ ମନ୍ଦିର ଅଳକାନନ୍ଦାର ଦକ୍ଷିଣ ତୀରରେ । ନଦୀର ଅପର ପାର୍ଶ୍ୱରେ ସରକାରୀ ବଙ୍ଗଳା, ପୋଲିସ ଥାନା, ଡାକ୍ତରଖାନା ଓ କେତେ ଗୋଟି ରହିବାର ଘର ମଧ୍ୟ ଅଛି । ଅଳକାନନ୍ଦା ପାରି ହେବା ପାଇଁ ପୋଲ ସନ୍ନିକଟରେ ଠିଆହେଲେ ପଶ୍ଚିମରେ ନୀଳକଣ୍ଠ ପାହାଡ଼ର ଦୃଶ୍ୟ ଅତି ମନୋରମ ଦେଖାଯାଏ ।

ବଦ୍ରିନାଥରେ କାଳୀକମଳିଓ୍ୱାଲାଙ୍କର ପ୍ରକାଣ୍ଡ ଧର୍ମଶାଳା ଅଛି ଓ ଦରିଦ୍ର ଯାତ୍ରିଙ୍କପାଇଁ ସଦାବ୍ରତର ମଧ୍ୟ ବ୍ୟବସ୍ଥା ଅଛି । ଏହା ବ୍ୟତୀତ ଗୋୟାଲିୟର ଓ କାଶ୍ମୀରର ମହାରାଜା ଏବଂ ଅନ୍ୟାନ୍ୟ ସଦାଶୟ ଲୋକଙ୍କର ସଦାବ୍ରତ ଅଛି ।

ଅତ୍ୟଧିକ ବରଫ ଯୋଗୁଁ ଏ ସ୍ଥାନରେ ବୃକ୍ଷ ଲତା ଆଦୌ ଦୃଷ୍ଟିଗୋଚର ହୁଏ ନାହିଁ । ସେଥିପାଇଁ ଜାଳେଣି କାଠ ବଡ଼ ଦୁର୍ମୂଲ୍ୟ । ପ୍ରତ୍ୟହ ହନୁମାନ ଚଟି ଓ ତାହା ସନ୍ନିକଟ ବସ୍ତିରୁ ସାଧାରଣତଃ ସ୍ତ୍ରୀ ଲୋକମାନେ ଏହି ଦୁର୍ଗମ ରାସ୍ତାରେ କାଠ ଆଣି ବିକ୍ରୟ କରନ୍ତି । ସେରେ କାଠର ମୂଲ୍ୟ ୧୯ ଟଙ୍କା । ଏଠାରେ ଶିଲାଜତୁ, କସ୍ତୁରୀ, ନାନା ପ୍ରକାର ବନ୍ୟ ଜନ୍ତୁର ଛାଲ ଓ ହିମାଳୟରେ ଉତ୍ପନ୍ନ ନାନା ପ୍ରକାର ଔଷଧ ବିକ୍ରୟ ହୁଏ । ଜ୍ୟୋଶୀମଠଠାରୁ ଏ ପର୍ଯ୍ୟନ୍ତ ଯେ ସମସ୍ତ ଗ୍ରାମ ଅଛି ସେଥିର ଅଧିବାସିମାନେ ପ୍ରାୟ ଭୁଟିଆ । ଏହି ପାର୍ବତୀୟ ପ୍ରଦେଶରେ ଭୁଟିଆମାନେ ହିଁ ବାଣିଜ୍ୟ କରନ୍ତି । ମାଲ ଆଦାନ ପ୍ରଦାନ ଛେଳି ଓ ମେଣ୍ଢାଙ୍କଦ୍ୱାରା ହୁଏ । ଛୋଟ ଛୋଟ ଛେଲି କରି ଏହାଙ୍କ ପିଠିରେ ବଳଦ ଛେଲି ପରି ଲଦି ଦିଅନ୍ତି । ପ୍ରତ୍ୟେକ ଛେଲିରେ ୧୨ ସେରରୁ ୨୦ ସେର ପର୍ଯ୍ୟନ୍ତ ଚାଉଳ, ଡାଲି, ଅଟା, ଆଳୁ ଆଦି ଥାଏ । ଏହିପରି ଶତ ଶତ ଛେଳି ଓ ମେଣ୍ଢାଦ୍ୱାରା ଏ ଅଞ୍ଚଳର ବାଣିଜ୍ୟ ହେଉଅଛି । ଏହି ଛେଳିଙ୍କ ଲୋମ ଲମ୍ବା-ପ୍ରାୟ ୧୦ ଇଞ୍ଚ । ଯେଉଁ ଛେଲିରେ ମାଲ ଆଣନ୍ତି ତାହା ଏହି ଛେଳି ଲୋମର ତିଆରି । ମେଣ୍ଢା ଲୋମ ମଧ୍ୟ ବେଶ ଲମ୍ବା, ଏହି ଲୋମରେ ସେମାନେ କମ୍ବଳ ଓ ଅନ୍ୟାନ୍ୟ ଶୀତ ବସ୍ତ୍ର ତିଆରି କରନ୍ତି । ଏମାନଙ୍କ ଛାଲ ବିଛଣାରେ ବ୍ୟବହୃତ ହୁଏ । ଭୁଟିଆମାନେ ଏମାନଙ୍କର ମାଂସ ମଧ୍ୟ ଭକ୍ଷଣ କରନ୍ତି । ଏହି ଦେଶର ଅଧିବାସୀ ଅଧିକାଂଶ ବ୍ରାହ୍ମଣ ଓ କ୍ଷତ୍ରିୟ ଅଟନ୍ତି । ଏମାନେ ନିରାମିଷ-ଭୋଜୀ । ଗୃହ କାର୍ଯ୍ୟ ( କେବଳ ହଳ କାର୍ଯ୍ୟ ଛଡ଼ା ), ଜଙ୍ଗଲରୁ କାଠ ଆଣିବା, ଜଳ ଆଣିବା, ଗାଈ ଓ ମଇଁଷିଙ୍କ ଲାଳନ



Digitized by srujanika@gmail.com

ପାଳନ ଓ ଗୃହ-କାର୍ଯ୍ୟ ସାଧାରଣତଃ ସ୍ତ୍ରୀଲୋକମାନଙ୍କ ଦ୍ୱାରା ହୁଏ । ଏଠାର ଅଧିବାସିମାନେ ଦେଖିବାକୁ ତେତେ ସୁନ୍ଦର ନୁହନ୍ତି । ରଙ୍ଗ ଉଜ୍ଜ୍ୱଳ ଗୌରବର୍ଣ୍ଣ ନୁହେଁ; ନାକ ଅଳ୍ପ ଚେପ୍ଟା, ସର୍ବଦା ଅଣ୍ଟାରୁ ତଳକୁ କମ୍ବଳକୁ ଘାଗରା ଭଳି କରି ପିନ୍ଧନ୍ତି ଓ ପ୍ରତ୍ୟେକ ସ୍ତ୍ରୀଲୋକ ହୁରୁଡା ବ୍ୟବହାର କରନ୍ତି ।

ଏ ଦେଶରେ ଚୋରି ଜନାକାରି ଆଦ କେହ କରନ୍ତି ନାହିଁ କହିଲେ ଚଳେ । ବର୍ଷକୁ ଏଠାକୁ ପ୍ରାୟ ୫୦।୬୦ ହଜାର ଯାତ୍ରୀ ଆସନ୍ତି । ରାସ୍ତା ଓ ଚଟିଘର ମେଳା ଭଳି । ଯାତ୍ରିମାନଙ୍କ ମଧ୍ୟରୁ ଶତକରା ପ୍ରାୟ ୭୦।୭୫ ଜଣ ସ୍ତ୍ରୀଲୋକ ଦେଖାଯାନ୍ତି । କିନ୍ତୁ ଚୋରି ଆଦ କାହାରି କିଛି ଶୁଣାଯାଏ ନାହିଁ । ଏହା ଛଡ଼ା ଏଠାକାର ଅଧିବାସିମାନେ ବଡ଼ ସତ୍ୟପ୍ରିୟ । କାହାରି ସଙ୍ଗରେ ମିଥ୍ୟା ପ୍ରବଞ୍ଚନା କରନ୍ତି ନାହିଁ ।

ହରଦ୍ୱାରଠାରୁ ରାସ୍ତାରେ ସ୍ତ୍ରୀ ଓ ବାଳକ ବାଳିକାମାନେ ସୁମଧୁର ସଙ୍ଗୀତ ଗାଇ କ୍ଲିଷ୍ଟ, ସୂତା ଓ ପଇସା ମାଗନ୍ତି । କ୍ଲିଷ୍ଟ ଓ ସୂତା ପାଇଲେ ବଡ଼ ଆନନ୍ଦ ହୁଅନ୍ତି । ପ୍ରତ୍ୟହ ୧୨ ମାଇଲରୁ ୧୫ ମାଇଲ ମଧ୍ୟରେ ଯିବାକୁ ହୁଏ । ପ୍ରତି ୩।୪ ମାଇଲରେ ଚଟିଘର । ଚାଉଳ, ଡାଲି, ଘିଅ, ଅଟା, ଆଳୁ ଓ ଦୁଧ ପ୍ରଭୃତି ମିଳେ । ଚଟିଘର ଭଡ଼ା ଦେବାକୁ ହୁଏ ନାହିଁ । ବାସନ ମଧ୍ୟ ଚଟିବାଲାମାନେ ଦେଇଥାନ୍ତି । ଚଟିବାଲାମାନେ ଦୋକାନ କରିଅଛନ୍ତି । ଯାହା ଚଟିରେ ବିଶ୍ରାମ କରିବାକୁ ହୁଏ ତାହାର ଦୋକାନରୁ ଖାଦ୍ୟ ସାମଗ୍ରୀ କ୍ରୟ କରିବାକୁ ହୁଏ । ଚାଉଳ ଦର ବଡ଼ ବେଶି—ସେର ୦।/ ରୁ ୦୵୪, କାରଣ ଧାନ ଏ ଦେଶରେ ବଡ଼ କମ ଉତ୍ପନ୍ନ ହୁଏ । ଅଟା ସେର ପ୍ରାୟ ୦୵୬ ରୁ ୦୵୬ । ଆଳୁ ଭିନ୍ନ ଅନ୍ୟ ଶାକସବଜି ବଡ଼ କମ ମିଳେ । ଏ ଦେଶର ପ୍ରଧାନ ଚାଷ ଆଳୁ ଓ ଗହମ । ଗାଈ ଦୁଧ ମଧ୍ୟ କମ ଉତ୍ପନ୍ନ ହୁଏ । ଏଠାର ଗାଈ ଛୋଟ ଛୋଟ । ଲାଞ୍ଜ ତଳ ଅଂଶକୁ ବେଶି ଲୋମ ଥାଏ । ଗାଈ ଗୋରୁଙ୍କ ସ୍ୱାସ୍ଥ୍ୟ ତେତେ ଭଲ ନୁହେଁ, ମହିଷି ଦୁଧ ଓ ଘିଅ ବେଶ ମିଳେ । ଚଟିଘରମାନଙ୍କରେ ଏହି ଦୁଧ ବିକ୍ରୟ ହୁଏ । ଅଉଟା ଦୁଧ ସେର ଚାରି ଅଣା କରି । ରାସ୍ତାରେ ଜଳର ଅତ୍ୟନ୍ତ ସୁବିଧା, ପ୍ରାୟ ଗଙ୍ଗା କୂଳେ କୂଳେ ରାସ୍ତା । ଧାର ବା ଝରଣା ଅସଂଖ୍ୟ ଓ ଏହି ଜଳ ଅତ୍ୟନ୍ତ ଥଣ୍ଡା, ସୁସ୍ୱାଦୁ ଓ ନିର୍ଦ୍ଦୋଷ ; ପ୍ରାୟ ପ୍ରତ୍ୟେକ ଚଟିଘରେ ଦୂର ଝରଣାରୁ ପାଇପ୍ ଲଗାଇ ଜଳର ବ୍ୟବସ୍ଥା ଗଭର୍ଣ୍ଣମେଣ୍ଟଙ୍କ ତରଫରୁ କରି ଦିଆ ହୋଇଅଛି । ପ୍ରତ୍ୟେକ ଚଟିରେ ସ୍ତ୍ରୀ ଓ ପୁରୁଷମାନଙ୍କ ପାଇଁ ଲାଲ ପତାକା ଦେଇ ଅଲଗା ଅଲଗା ସ୍ଥାନରେ ପାଇଖାନାର ବ୍ୟବସ୍ଥା ମଧ୍ୟ କରା ହୋଇଅଛି ଏବଂ ପ୍ରତ୍ୟେକ ଚଟିରେ ମେହେନ୍ତର ନିଯୁକ୍ତ ଥାନ୍ତି । ଏମାନଙ୍କୁ ଏହି ଦେଶରେ ଭଙ୍ଗି ବୋଲି କହନ୍ତି ।

ରାସ୍ତା ଅଧିକାଂଶ ଉଠାଣି ଗଡ଼ାଣି; ସମତଳ ସ୍ଥାନ ଏ ଅଞ୍ଚଳରେ ପ୍ରାୟ ଦେଖାଯାଏ ନାହିଁ । ଚଟିଘର ସନ୍ନିକଟରେ ଗ୍ରାମ ଅଛି, ଯାତ୍ରିମାନଙ୍କ ମଧ୍ୟରୁ କେହି ଗ୍ରାମର ଅତିଥି ହେଲେ ସେମାନେ ବେଶ ଅତିଥିସତ୍କାର କରିଥାନ୍ତି ।

# ପଥ ସଙ୍ଗୀତ

**ବୈକୁଣ୍ଠନାଥ ପଟ୍ଟନାୟକ**

ଦୂର-ଦେଶୀ ପଥିକ ଭୋଳା
ଭାରି ଆଉ ନୁହଇ ବାଟ ?
ବାଜୁଥିଲା ବଇଁଶୀ ଗୋଟି
ଅଧ ବାଟେ ଗଲା କି ଚାହିଁ ?
କିବା ଲାଭ ପଛକୁ ଚାହିଁ ?
ସାଥି ସାହା ନାହିଁ ରେ ନାହିଁ,
ଏକା ପଥ ଚାଲିବା ସୁଖ
କଥାରେ କି ହେବ ରେ କହି ।। ୧ ।
ନୀରବ ଯେ ହେଲାଣି ସ୍ୱର
ଥିରି ଯେ ପବନ ଲହରି
କିସ ହେବ ଶୋଚନା କରି
ଶୁଣେ କି ରେ ଅଚଳ ମାଝି ? * । ୨ ।

ଯେ ମୁରଲୀ ପରାଣଧନ
ଫିଙ୍ଗିବାକୁ ନ ବଳେ ମନ
ମାଝି ଆରେ ସକଳ ମାଝି
ଜନ୍ମେ ପୁଣି ମରଣେ ଜୟୀ । ୩ ।
ଆସିଲୁଣି କେତେ ତ ଛାଡ଼ି
ବୋଝ ଆଉ କାହିଁକି ଭାରି
ଚାହାଁ ଅଜଗର କାନନେ
ଚଳେ ଶୀତ ବରଷା ସହି । ୪ ।
ମିଛ ଖାଲି ଏ ହାହାକାର
ଦୂର ପଥ ଚଳିବା ସାର
ବନ୍ଧୁ ଅଣା ବନ୍ଧୁର ପଥେ
ସାହା ତୋର ଚିର ବିରହୀ । ୫ ।

* ଏ ସ୍ଥଳରେ ମାଝି ।



Digitized by srujanika@gmail.com

# ରାମ ନାମ ସତ୍ୟ ହେ

ଶ୍ରୀ ନିତ୍ୟାନନ୍ଦ ମହାପାତ୍ର

ନିଃସଙ୍ଗ ଜୀବନ ।

ପୁଅ ଅଛି, ବନ୍ଧୁ ଅଛି, ନାତି ନାତୁଣୀ କି ପୁଞ୍ଜାଏ; ତଥାପି, ଜୀବନଟା ନିଃସଙ୍ଗ ।

ଜୀବନର ବସନ୍ତ ବେଳଟା ଫାଇଲ ଘାଣ୍ଟି ଘାଣ୍ଟି ମୁଣ୍ଡ ଟାଙ୍ଗରା ହୋଇ ଯାଇଥିଲା । ଯେଉଁ ଗୋଟିଏ ଯୋଡ଼ିଏ ଧଳା ଖୋଟ ପରି ଲମ୍ବ ବାଳକୁ ରଙ୍ଗ ଲଗେଇ ଟାଙ୍ଗରା ଉପରେ ମୁଲାୟମ କରି ସଜେଇ ଦେଇଥାଏ, ସେଥିରେ ରୂପର ସୌନ୍ଦର୍ଯ୍ୟ ଯେତେ ବଢ଼ୁ ନ ବଢ଼ୁ, ଟାଙ୍ଗରାଟା କିନ୍ତୁ ଲୋକଲୋଚନର ଅନ୍ତରାଳରେ ରହିବାକୁ ବାଧ୍ୟ ହୁଏ ନାହିଁ କେବେ ।

ସେ ନିର୍ମମ ଫାଇଲ ଘଣ୍ଟାରୁ ଏବେ ଅବ୍ୟାହତି ମିଳିଛି । ଦଶ୍ନ ବାଜୁଣୁ ଅଫିସ୍‌କୁ ଦୌଡ଼, ରାତି ଆଠଟାଯାଏ ଏକାଠାଏ ଆଖିରେ ଚସମା ଦେଇ ବସିଥା—ସବୁ ଦିନେ ଏଇ ଏକ କଥା, ଦିହଘସା ବଧିଆପଡ଼ା, ଶରଲୁକର, ସମାନ ଜୀବନ ବିତି ଯାଇଛି ! ଦୁଃଖରେ ହେଉ ସୁଖରେ ହେଉ ହାହୁ ମିଳିଛି ସେଥିରୁ । କାମରୁ ଅବସର ନେଇଛି, ପେନସନ୍ ମିଳେ ଆଜିକାଲି ।

ଯେତେବେଳେ ମନ କରିଥିଲେ ସେ ପ୍ରାଣର ପ୍ରଣୟିନୀକୁ ଟିକିଏ ହେଲେ କାହାରିକୁ ଦେଇ ପାରି ଥାଆନ୍ତା, କାହାରିଠୁଁ ପ୍ରୀତି, ସୋହାଗ ଟିକିଏ ହେଲେ ପାଇ ପାରି ଥାଆନ୍ତା, ସେତେବେଳେ ଅଫିସର ଗୁରୁ ଦାୟିତ୍ୱ ଇମିତି ଚପେଇ ରଖିଥିଲା ଯେ ଜୀବନର ଗୋଟାଏ ବହୁ ମୂଲ୍ୟ ପଦାର୍ଥ ପ୍ରଣୟିନୀର ଗନ୍ଧ ପାଇଥିଲେ ସୁଦ୍ଧା ମନ-ବୋଧରେ କେବେ ଉପଲବ୍ଧି କରିନାହିଁ । ସେ ପୁଣି ଗୋଟାଏ ଇମିତି ଦରବ ଯେ ଯେତେ ପାଇଲେ ମନବୋଧ ହୁଏ ନାହିଁ । ତା' ହେଲେ ବି ନିଷ୍ଟିନ୍ତରେ, ନିରୋଳରେ ବସି, ଇଚ୍ଛା କରି, ମନ କରି, ଖୁସି କରି କେବେ ସେ ଦରବ ପଦାର୍ଥର ସୁସ୍ୱାଦୁ ପାଇବାର ସୁବିଧା ପାଇ ନାହିଁ । ମାସ ଶେଷ ଅଡ଼ିକୁ ହାତରୁ ପଇସା ସରିଗଲେ ସେଇ ଅଦ୍ଭୁତ ସାମଗ୍ରୀର ଝଲକ୍ତା ମିଳେ ବରଂ, କିନ୍ତୁ 'କ୍ଷଣା ପୀୟୂଷରୁ ସ୍ୱାଦୁଗୁଣ ବଳି ଯିବାର' ଭାଗ୍ୟ ଯଦି କେବେ ଘଟିଥିବ, ଫାଇଲ ଘଣ୍ଟା ଭିତରେ ବୁଆଡ଼େ ଯେ ଗୋଳେଇ ହୋଇଯାଇଛି ସେ, ତାକୁ ମନେକଲେ ବି ଛ ମାସେ ବର୍ଷକେ ମନେ ପଡ଼ିବାର ସମ୍ଭାବନା ନାହିଁ । ଅର୍ଦ୍ଧାଙ୍ଗିନୀଙ୍କର ଜାନୁଗଣ୍ଠି କଷ୍ଟ ଓ ନାକଚଣାଟାର ବରାଦକୁ ଯଦି କେହି ରସିକ ସେହି ସୁମିଷ୍ଟ ସୋହାଗ ଶ୍ରେଣୀରେ ପକାଏ, ତେବେ ସେଟା ତାର ରସିକତାର ପ୍ରଶଂସା କରିବାକୁ ହେବ ନିଷ୍ଟୟ କିନ୍ତୁ ଜଣେ କିରାଣୀ ପକ୍ଷରେ ହାକିମର ହୁକୁମ ତାମିଲ କରିବା ଯେଉଁକି କଷ୍ଟ, ତା'ଠାରୁ ସେ କୌଣସି ଗୁଣରେ କମ ନୁହେ ।

ସେ ଦିନ ଗୁଲିଗଲା । ଯେତେ ନିର୍ମମ ହେଉ ପଛେ ସେ ଆଉ ଏମିତି ନିଃସଙ୍ଗ, ଭୟଙ୍କର ନ ଥିଲା ।

ଯେ ଦିନ ଯାଇଛି, ଯାଇଛି । ସେ ତ ଆଉ କେବେ ଫେରିବ ନାହିଁ । ସେ ଆଶା ବି ନାହିଁ କିମ୍ବା ଆଶଙ୍କା ବି ନାହିଁ । ସେଥିପାଇଁ ବେଶି ଆଉ ମଥା ଘୁରାଇ ଲାଭ କ'ଣ ? ତେବେ ବି ପୁନିଆ-ମା କଥା ମନେ ପଡ଼ିଲେ ବୁଢ଼ା ଆଖିରେ ଲୁହ ଟଳଟଳ ହୋଇପଡ଼େ । ଛେଳି, କୁକୁର, ଗୋରୁ ଗାଈରୁ ଗୋଟିଏ ଦିନକୁ ଦୁଇ ଦିନ ରହିଲାଠୁଁ ମଣିଷର ଆପଣାଛଏଁ ଗୋଟାଏ ମାୟା ବସିଯାଏ । ପୁନିଆ ମା ତ ମଣିଷ । ସେ ଖରାପ ହେଉ, ଭଲ ହେଉ, ଜୀବନର ଅଧେ ନୁହେ—ଅଧିକରୁ ବେଶି ଯା' ସାଙ୍ଗରେ କଟିଯାଇଛି, ତାକୁ ଭୁଲି ହେବ କେମିତି ? ପାଷାଣ ହେଲା କ'ଣ ହେଲା, କାତି କାତି ଗୋଟାଏ ଜାଗାରେ ବସିଲେ, ସେ ବି ଟିକିଏନାକୁ ଦବିଯାଏ—ସେଠି ଗୋଟାଏ ଦାଗ ରହିଯାଏ । ପୁନିଆ-ମା ଯେତେ କଳିହୁଡ଼ି, ଯେତେ ନିଦାରୁଣ ହେଉ ପଛେ, ଦିନକ ଚବିଶ ଘଣ୍ଟାରୁ ଯେଉଁ ଘଣ୍ଟେ ଅଧ ଘଣ୍ଟେ କଚେରୀରୁ ଫେରି ସେ ସୁଖ ଦୁଃଖ କଥା ଦି'ପଦ ବୁଝା ବୁଝି ହୁଅନ୍ତି, ହୃଦୟରେ ଯେ ସେ ଟିକିଏ ବୋଲି ଗାର ପକାଇ ନ ଥିବ, କି ମନରେ ଛିଲେ ହେଲେ ମମତା ଜନ୍ମାଇ ନ ଥିବ ଏ କଥା କହିଲେ ନିହାତି ମିଛ ହୁଅନ୍ତା ।

ମଣିଷ ତ ସବୁ ଦିନେ ରହନ୍ତା ନାହିଁ । ଦିନେ ହେଲେ ଯିବ । କିଏ ଆଗେ କିଏ, ପଛେ । ପୁନିଆ-ମା ଚାଲିଗଲା ବୋଲି ଭାବିଲେ ଆଉ କି ଲାଭ ? ବୁଢ଼ା ନିଜ ମନକୁ ନିଜେ ବହୁତ ବୋଧ ଦିଏ । କିନ୍ତୁ ମନ ବୁଝେ ନାହିଁ । ଏକା କରି ଛାଡ଼ି ଗୁଲିଗଲା ବୋଲି ଯେତେ ନୁହେ, ତାଠୁଁ ଜୀବନରେ ଯେଉଁ ଅସମାପିକା ରହିଯାଇଛି, ସେଥି-ପାଇଁ କଷ୍ଟ ହୁଏ ଢ଼େର ବେଶି ।

ପୁଅ, ବନ୍ଧୁ, ନାତି, ନାତୁଣୀ ବିଦେଶରେ ଥାନ୍ତି । ପୁଅ ଚାକିରି କରେ—ବଡ଼ ଚାକିରି । ମାସକୁ ଶହେ ଦୁଇଶ ପାଏ । ବେଳେ ବେଳେ ଛୁଟିରେ ଘରକୁ ଆସେ । ହେଲେ କଅଣ ହେବ ? ଚାକିରି କଲା ଦିନଠୁଁ ତା' ମୁହଁ ସିଆଡ଼େ ତ ବୁଢ଼ା ମୁହଁ ଇଆଡ଼େ । ଆଜିକାଲି ସେ ଜଣେ ବଡ଼ ମଣିଷ । ପୁନିଆ ନୁହେ—ପୁର୍ଣ୍ଣଚନ୍ଦ୍ର ଦାସ । ବାପଟା ବୁଢ଼ା । କେଉଁ ମରହଟ୍ଟା ଯୁଗର ଲୋକ । ତାର ପସନ୍ଦ ହୁଏ ନାହିଁ । ତା' ବୋଲି ବାପକୁ ଯେ ବେଖାତିର କରେ, ଠିକ୍ ତା' ନୁହେ । ପାଠ ପଢ଼ିଛି । ବିବେକୀ ଲୋକ । ଲୋକେ ତାକୁ ଭଲ ମଣିଷ କହନ୍ତି । ତଳ ଅମଲାମାନେ ବଡ଼ ଦୟାଶୀଳ ବିଚକ୍ଷଣ ହାକିମ ବୋଲି ମାନନ୍ତି । ତାହା ପକ୍ଷରେ ଏ ଭଳି ନାପସନ୍ଦ କାମ କରିବା ଅସମ୍ଭବ । ସେ ବାପକୁ ମାନେ । କିନ୍ତୁ ବାପ ସାଙ୍ଗରେ ମିଶିବାର ପ୍ରୟୋଜନୀୟତା ଦେଖେ ନାହିଁ—ଦରକାର ମନେ କରେ



Digitized by srujanika@gmail.com

ନାହିଁ । ତାଙ୍କ ସାଙ୍ଗରେ ଗପ କରିବା ମାନେ ସମୟ ନଷ୍ଟ କରିବା—ସେ ଏଇୟା ବୁଝେ ।

ବନ୍ଧୁଟି ଭଲ ଘର ଝିଅ । ବୁଢ଼ା ବାଛି ବାଛି ଖାନଦାନ ଘରେ ପୁଅକୁ ବାହା ଦେଇଥିଲା । ସେତେବେଳେ କିଏ ଆସି କହିଥିଲା—ଝିଅଟି ଶ୍ୟାମଳ ଦେଖିବାକୁ । ବୁଢ଼ା ତାର ଜବାବ ଦେଇଥିଲା—'କୂଳ ବନ୍ଧୁ କାଳିଆ, ତୀର୍ଥ ଜଳ ଗୋଳିଆ; ହେଉ—କ୍ଷତି ନାହିଁ ।' ଶାଶୁ ଥିବାବେଳେ ବନ୍ଧୁଟି ବେଶ୍ ଧାଡ଼ସାଢ଼ରେ ଚଳୁଥିଲା । ଯେଉଁ ଦିନ ପାଖରୁ ସେ ଘର ପଦାକୁ ଗୋଡ଼ କାଢ଼ିଲା, ସେଇ ଦିନଠୁ ତାର କଅଣ ଯେ ହୋଇଗଲା, ଆଉ ତାକୁ ଓଡ଼ିଆ ଝିଅ ବୋଲି ଭୁଲରେ ବି କିଏ କାହିଁକି କହିବ ? ଯେମିତି ଖାଣ୍ଟି ଗୋଟେ ବଙ୍ଗାଳୁଣୀ କି କିରସ୍ତାନି କି କ'ଣ ! ବନ୍ଧୁଟା ବୁଢ଼ାର ମନକୁ ଆଉ ଆସେ ନାହିଁ । ବନ୍ଧୁ ତ ପୁଅ ସାଙ୍ଗରେ ସବୁ ଦିନେ ବିଦେଶରେ ଥାଏ । ଯେବେ ଆସେ, ମନକର ଯଦି ଶଶୁରଙ୍କୁ ଗଣ୍ଡିଏ ଭାତ ବାଢ଼ି ଆଣିଦିଏ, ଶଶୁର ଖଣ୍ଡେ ଦୂରରୁ ଥାଇ କହନ୍ତି—ସେଠି ରଖିଦେଇ ଚାଲିଯାଅ । ବନ୍ଧୁ ବିଛଣା ବିଛେଇ ଦେଇଗଲେ, ବୁଢ଼ା କହେ, 'ମୋ ସେବାଟା(?) ଥିଲା ଏଠି କାହିଁ ? ମୋ ବହୁଟାକୁ(?) ତଳେ ପକାଇ ଦେଲା କିଏ ? ଏଇଥିପାଇଁ କହେଁ, ମୋ ଜୀବନରେ କେହି ଲାଗିବ ନାହିଁ । ମୁଁ ପାରିଲେ ପାରିବ, ନ ପାରିଲେ ନାହିଁ ।'

ଭଲ ପାଇବା ଭିତରେ ବୁଢ଼ା ଭଲ ପାଏ ଛୁଆଗୁଡ଼ିଙ୍କୁ । ଆଉ ଭଲ ପାଏ । ବୁଢ଼ା ଖାଇ ବସିଲେ ଛୁଆଗୁଡ଼ାକ ବୁଢ଼ାକୁ କାନ୍ଧରୁ ବାନ୍ଧରୁ କରି ପକାନ୍ତି । ବୁଢ଼ାର ଖିଆ ହୁଏ ନାହିଁ ଭଲା; ସେଇଥିରେ ତାର ଖୁସି ।

କିନ୍ତୁ ଦୁଃଖ, ରାଗ, କଷ୍ଟ(?) ସବୁ ଏଇ ଛୁଆଙ୍କ ପାଇଁ । ବୁଢ଼ା ଚାହେଁ, ଛୁଆରୁ ଗୋଟିଏ ତା ପାଖରେ ରହନ୍ତୁ । ପୁଅ ବନ୍ଧୁ ମାନନ୍ତି ନାହିଁ । ଛୁଆଙ୍କୁ ଛାଡ଼ିଦେଲେ ଛୁଆ ବଗୁଲିଆ ହୋଇଯିବେ—ପାଠ ପଢ଼ିବେ ନାହିଁ ଇତ୍ୟାଦି ଇତ୍ୟାଦି ନାନା କାରଣ ଦେଖାନ୍ତି । ବୁଢ଼ା କହେ, "ଆମେ ଆଉ ପାଠ ପଢ଼ିଥିଲୁଁ କି; ଖାଲି ଏଇ ଯା ପାଠ ପଢ଼ିଛନ୍ତି ଆଜି ଯାଙ୍କ ପିଲେ ଯା' ପଢ଼ୁଛନ୍ତି । ଦେଖି ନାହିଁ—ଦେଖୁଛି ।" ରାଗ, ଧମକ ଅଭିମାନ ସବୁ ନିଷ୍ଫଳ ହୁଏ । ଛୁଆଗୁଡ଼ିକ ଚାଲିଗଲେ ବୁଢ଼ା ବସି କାନ୍ଦେ ।

ନଟିଆ-ମା ଆସି ବୁଝାଏ—ସଂସାରରେ କିଏ କା'ର ? ମିଛଟାରେ କାହିଁକି କାନ୍ଦୁଛ, ବାବୁ । ଏ ସବୁ ନାତି ନାତୁଣୀ ନୁହନ୍ତି ଯେ, ଗୋଟିଏ ଗୋଟିଏ ମାୟା—ମାୟା । ଏ ମାୟା କାଟିବା ସହଜ ନୁହେଁ । କାଟି ପାରିଲେ ଯାଇ ଗୋପାଳଙ୍କ ଦୟା ମିଳିବ । ଗୋପାଳ ପ୍ରସନ୍ନ ହେବେ ।

ନଟିଆ-ମା ମୂର୍ଖ । ହେଲେ କ'ଣ ହେବ ଅନେକ କଥା ଜାଣେ ସେ । ନିତି ସଞ୍ଜ ହେଲେ ବାବୁଘର ପିଣ୍ଡାରେ ବସି ଭାଗବତ ଶୁଣେ ।

ମଣିଷଟି ବି ମନ୍ଦ ନୁହେଁ । ବଡ଼ ଦୟାଶୀଳା । ଏତେ ସନ୍ତାନ ଯାର, ସେ ଦୟାଳୁ ନ ହେବ ତ ହେବ କିଏ ?

ଘରକୁ ଏକୁଟିଆ । ପୁଅ ନାହିଁ, ଗେରସ୍ତ ନାହିଁ—କେହି ନାହିଁ ତାର । ସଂସାରରେ ଆପଣାର ବୋଲିବାକୁ ଭଗବାନ ରଖି ନାହାନ୍ତି କାହାରିକି । କିନ୍ତୁ ପର ବୋଲି ତାର କେହି ନ ଥାନ୍ତି—ସମସ୍ତେ ଆପଣା । ତାର ନିଜର ଘର ଅଛି—ଭଙ୍ଗା—କାନ୍ଥୁଡ଼ା । ସେଠି ସେ କେବେ ରହେ ନାହିଁ । ଯେଉଁଠି ବସେ, ସେଇଠି ତାର ଘର । ସେଥିପାଇଁ ଗାଁରେ ତାକୁ ସମସ୍ତେ ଭଲପାନ୍ତି—ସମସ୍ତେ ଆଦର କରନ୍ତି ।

ବସି ଖାଇବା, ମାଗି ଖାଇବା କାହାକୁ କହନ୍ତି, ସେ ଜାଣେ ନାହିଁ । ସେ କହେ, ଗତର ଖଟେଇ ଅରଜନ ନ କଲେ, ହଜମ ହେବ କିମିତି ? ଠାକୁର ହାତ ଗୋଡ଼ ଦେଇଛନ୍ତି ଖଟି ଖାଇବାକୁ, ତଣ୍ଡି ଖାଇବାକୁ ନୁହେଁ କି ଭଣ୍ଡି ଖାଇବାକୁ ନୁହେଁ ।

କେତେବେଳେ କେଉଁଠି ଅଳସେଇ ହୋଇ ବସିବାର ତାକୁ କେହି ଦେଖି ନ ଥିବେ କେବେ । ବଡ଼ ସକାଳୁ ଉଠି ସେ ଦୁଇ ତିନୋଟି ଘରେ ବାସି କାମ ସାରିଦିଏ । ସେଠି ତାର ନାଗୁଆ । ଘର ପିଛା ମାସକୁ ତାକୁ ଅଠ'ଣା କରି ମିଳେ । ସେ ପଇସା ତକ ଜମେଇ ରଖେ । ଅଣ୍ଟିରେ ଖଣ୍ଡେ ଗାଞ୍ଜିଆ ଓହଳି ଥାଏ । ସେଇ ତାର ଧନାଗାର—ସେଇ ତାର ଯଖ-ସମ୍ପତ୍ତି । ସେଥିରୁ ସେ ଗୋଟେ ବି ଖରଚ କରେ ନାହିଁ । ଯେଉଁ ଦିନ ଯେଉଁଠି ବେଳ ହୋଇଯାଏ ସେଇଠି ଖାଏ । ତାର ଆଉ କି ଖରଚ ? ପଢୁଆଁ ଅଷ୍ଟମୀକୁ ବାବୁଘରେ ଖଣ୍ଡେ ଲୁଗା ଦିଅନ୍ତି । ରଜ ସଂକ୍ରାନ୍ତିରେ ଦାସଙ୍କ ଘରୁ ଖଣ୍ଡେ ମିଳେ । ଦାସଙ୍କ ଘର ଝିଏ ରଜ ପାଳିଲେ ସେ ତାଙ୍କର ସବୁ କାମ କରେ—ସେଥିପାଇଁ । ବାକି ପୂଜାରେ ସର୍ବେଶ୍ୱର ବାବୁ ଖଣ୍ଡେ ଦିଅନ୍ତି, ତାଙ୍କ ପୁଅ ବନ୍ଧୁ ଘରକୁ ଆସିଲେ । ତାଙ୍କ ନାତି ନାତୁଣୀଙ୍କର ଗୁଅ ମୁତ ସେ ଯେତେ କରେ, ଲୁଗା ଖଣ୍ଡେ ଦେଲେ ତ ବଡ଼ କଥାଟେ କ'ଣ ହେଲା ? ଯାହାହେଉ ଏମିତି ଏମିତି ବର୍ଷଟାରେ ପିନ୍ଧିବାକୁ ତାକୁ ପାଞ୍ଚ ହାତର ଅଭାବ ରହେ ନାହିଁ । ସର୍ବେଶ୍ୱର ବାବୁଙ୍କ ପୁଅକୁ କେତେ କହିବାରେ ସେ ତାକୁ ଖଣ୍ଡେ ଭୁଟ୍‌କମ୍ବଳ ଦେଇଛନ୍ତି । ସେଥିରେ ସେ ଟିକେ ଶୀତ ମାରିଲାଣି । ବାକି ଦରୀଖଣ୍ଡିକ ସେ ନିଜେ କିଣି ଥିଲା, ନ' ମୁକା ଦେଇ । ସେ ଖଣ୍ଡ ଏବେ ତେର ଦିନ ବଇନ୍ତରି(?) ଗଲାଣି ।

ଏମିତି ତାର ଗୁଜୁରାଣ ମେଣ୍ଟିଯାଏ । କାହାରି ଦୁଆରେ ସେ ଦିନେ ଲୁହାର ନେହୁରା ହୋଇ ହାତ ପାତେ ନାହିଁ । ଖଟେ—ଖାଏ । ସେଇ ତାର ସୁଖ ! କାମ କରିବାରେ ତାର ମମତା—ଜୀବନରେ ସେଇଟି ତାର ଅବଲମ୍ବନ ।

ସେ ସବୁଠି ଥାଏ—ପୁଣି କେଉଁଠି ଥାଏ ନାହିଁ । ସମସ୍ତେ ତାର—ପୁଣି କେହି ତାର ନୁହନ୍ତି । ଦଣ୍ଡକେ ସେ ସାତ ପରିକୁ ଟାଣେ(?) ଆପଣାର କରି ପକାଇବ । ପୁଣି ଆଉ ଘଣ୍ଟାକେ ତାର କେହି ନୁହନ୍ତି । ସମସ୍ତଙ୍କ ମାୟାକୁ ଏଡ଼ି ଦେଇ ସେ ନିଜ କାମରେ ଚାଲିଯାଏ—ଆପଣା ବାଟ ଧରେ ।



Digitized by srujanika@gmail.com

ବାବୁ ଘରେ କେଉଁ ଦିନ ଟିକିଏ ଡେରି ହୋଇଗଲେ ଦାସଙ୍କ ଘରେ ଖୁଣ୍ଟା ଦିଅନ୍ତି ଯେ ସେ ବାବୁ ଘରେ ଯେତେ ଦରଜ ଦେଇ କାମ କରେ, ଆଉ କେଉଁଠି ସେତେ କାମ କରେ ନାହିଁ। ସେ ହସେ। ବାବୁଘର ବି ଠିକ ସେମିତି ଖୁଣ୍ଟା ଦିଅନ୍ତି। ସେ ଶୁଣେ ନାହିଁ। କିନ୍ତୁ କାହିଁକି କେଜାଣି ସର୍ବେଶ୍ୱର ବାବୁ ଯଦି କେବେ ସେମିତି କଥା କହନ୍ତି, ସେ ମନେ ମନେ ବଡ଼ ରାଗେ।

ସର୍ବେଶ୍ୱର ବାବୁଙ୍କୁ ତାର ଦୟା ହୁଏ—ବଡ଼ ଦୟା ହୁଏ। ଏକୁଟିଆ ଲୋକ। ବୁଢ଼ା—ବୟସ ତିନି କୋଡ଼ି କି ତାଠୁଁ କିଛି ବେଶି ହେବ। ପୁଅ ବୋହୂଙ୍କର ବୁଢ଼ା ବାପଟା ପାଇଁ ଟିକିଏ ବୋଲି ମାୟା ନାହିଁ। ବୁଢ଼ାଟା ଏକୁଟିଆ ଏଠି ପଡ଼ିଛି—ଟିକିଏ ମଲା କି ଗଲା ଖୋଜନ୍ତି ବି ନାହିଁ। ସେଇ ଯା' ବରଷକେ ଥରେ ଆସିବେ ଘରକୁ। ବୁଢ଼ା ତ ନିହାଲ ହୋଇଯିବ ସେଥିରେ। କେଉଁ କଥାର କଥା ଏ? ପାଞ୍ଚ ବରଷର ଛୁଆଟିଏ ବି ନାହିଁ, ତା' ଛନ୍ଦ-ପନ୍ଦ ଦେଖିବ କି ଘର ଦୁଆରକୁ ନିଘା ଦେବ। ସକାଳ ପହରୁ ରାତି ଅଧ ଯାଏଁ ବୁଢ଼ାଟା ନିଜେ ଖଟୁଥିବ, ନିଜେ କରୁଥିବ—ସବୁ ଆପଣା ହାତରେ। ନଣିଆ-ମାକୁ ଏସବୁ ଦେଖି ବଡ଼ କଷ୍ଟ ହୁଏ। ତାକୁ ବଡ଼ ବାଧେ। ବୁଢ଼ା ତାକୁ କେବେ କିଛି କହେ ନାହିଁ। ସେ ତାର ବାସନ ଦି'ଖଣ୍ଡି ମାଜି ଧୋଇ ଦେଇ, ଘରପୁର ସଫା ସୁତୁରା କରିଦେଇ ଯେମିତି ଯାଉଛି—ସେମିତି ସବୁ ଦିନେ ଚାଲିଯାଏ। ବୁଢ଼ା ତାକୁ ସେତିକି ଛଡ଼ା ଆଉ କିଛି କରିବାକୁ କହେ ନାହିଁ। ଆଉ ଏମିତି ଗିରଧନ କାଙ୍କ୍ଷୀ ଯେ ବୁଢ଼ାଟା, ଚାକର ବି ରଖିବ ନାହିଁ ଗୋଟେ ପାଖରେ। ଏଥିପାଇଁ ବୁଢ଼ା ଉପରେ ମନେ ମନେ ସେ ଭାରି ରାଗେ। କିନ୍ତୁ କିଛି କହିବାର ତ କ୍ଷମତା ନାହିଁ। କରେ କ'ଣ ନା, ଚୁପ୍‌କିନି ଯାଇ ତାର ବିଛଣା ସଜାଡ଼ି ଦେଇ ଆସେ, ଗାଧୋଇବା ଟବ୍‌ରେ ପାଣି ଭରିଦିଏ—ପାନ ଭାଙ୍ଗି ଦେଇଯାଏ। ପୁରୁଣା ଫୋଟୋଟାଏ ଅଛି ଯେ ସେଟା ଗୋଟାଏ ଝୁମ୍ପୁଡ଼ି। ଦି'ଟି ଫୁଟେଇ ଦେବା ଛଡ଼ା ତାକୁ ଆଉ କଡ଼ାକର କାମ ବି କହି ହେବ ନାହିଁ, କି ଭରସି ହେବ ନାହିଁ!

ବୁଢ଼ାକୁ ଦିନେ ବଡ଼ ସର୍ଦ୍ଦି ହୋଇଥିଲା। ହାତ ଗୋଡ଼ ଭାରି ବିନ୍ଧୁଥାଏ। ଖଟିଆରେ ପଡ଼ି ଏକଡ଼ ସେକଡ଼ ବାଡ଼େଇ ପିଟି ହେଉଥାଏ। ଏମିତି ଦିହରେ ପୁଣି ସକାଳୁ ସଞ୍ଜଯାଏଁ ମୂଲିଆଙ୍କ ସାଙ୍ଗରେ ବାଇଗଣ ବାଡ଼ିରେ ଖଟିଛି। ବୁଢ଼ାର ଦୁଃଖ ଦେଖି ନଣିଆ-ମା ଭଲ ତେଲରେ ଅଫିମ ଟିକିଏ ଫୁଟେଇ ତଳିପାରେ ମାଲିସ କରି ଦେବାକୁ ବସିଲା। ବୁଢ଼ା ଚିହିଁକି ଉଠି କହିଲା—'କିଏ'?

'ମୁଁ ନଣିଆ-ମା', ସେ ଜବାବ ଦେଲା।

'ସେ କ'ଣ?'

'ଗରମ ତେଲ!'

'ନାଇଁ, ଥାଉ।'

'ନାଇଁ, ତଳିପାରେ ମାରିଦେଲେ ବଥା କମିଯିବ।'

ସେ ମାଲିସ କଲା, ମାନିଲା ନାହିଁ। ଖାଲି ସେ ଦିନ ନୁହେ, ତାପରେ ଅନେକ ଥର—ପ୍ରାୟ ଅଧିକାଂଶ ଦିନେ ସେ ବୁଢ଼ା ଗୋଡ଼ରେ ତେଲ ମାଲିସ କରିଦିଏ, ନଇଲେ ଘସି ଦେଇ ଦିଏ। ଏ କଥାକୁ ଗାଁ ଲୋକେ ଆଖି ଠାରାଠାରି ହେଲେ। ନଣିଆ-ମା କିଛି ଶୁଣିଲା ନାହିଁ। ସର୍ବେଶ୍ୱର ବାବୁ ତ ନ ଶୁଣିବା କଥା।

ନଣିଆ-ମାର ସେ ଦିନ ଖୁସି କହିଲେ ନ ସରେ, ସର୍ବେଶ୍ୱର ବାବୁ ଯେଉଁ ଦିନ ତାକୁ ନିରୋଳାରେ ଡାକି କହିଲେ, 'ନଣିଆ-ମା, ମୋର କେହି ନାହିଁ। ମୁଁ ବା ଆଉ କେତେ ଦିନ, ଏଣିକି ବଳ ବୟସ ହଟିଲା। ରୋଗ ବଇରାଗ ଦିହରେ ତ ଘର କରି ରହିଲେଣି, ପୁଅ ବୋହୂଙ୍କ କଥା ତୁ ତ ଜାଣୁ। ତୁ ନ ଦେଖିଲେ ଆଉ ଦେଖିବ କିଏ?'

ନଣିଆ-ମା ରହିଲା। ସର୍ବେଶ୍ୱର ବାବୁଙ୍କ ଘର ହେଲା ତାର ଘର। ଅନେକ ଲୋକ ଅନେକ କଥା କହିଲେ। ସବୁ ନଣିଆ-ମା ପଛଆଡ଼େ। ମୁହଁ ଉପରେ ତା'ର ସାହସ କରି କେହି କିଛି କହି ପାରନ୍ତି ନାହିଁ। ଗାଁର ଚଗଲା ଗାଈଆଳ ଟୋକାଗୁଡ଼ାକ ଖାଲି ଦିନେ ଦିନେ ଚଗଲାମି କରନ୍ତି—'ବୁଢ଼ି, ତୋ ବୁଢ଼ାକୁ ଛାଡ଼ିଆସିଲୁ କେଉଁଠି?' ନଣିଆ-ମା ଆସି ସର୍ବେଶ୍ୱର ବାବୁଙ୍କ ଆଗରେ ଏ କଥା କହେ। ସର୍ବେଶ୍ୱର ବାବୁ କହନ୍ତି, କହିଲେ ତ ହେଲା କ'ଣ? ନଣିଆ-ମା ଚୁପ୍ ହୋଇ ରହେ, ତାକୁ ଭାରି ଲାଜ ମାଡ଼େ।

ଏଥର ପୂଜାକୁ ଆଉ ପୁଅ ବୋହୂ ଆସିଲେ ନାହିଁ। ବୋହୂ କହିଲା, 'ଯେଉଁ ଘରେ ଦାସୀଟା ସାମ୍ରାଣୀ, ମୁଁ ସେଠି ଯାଇ ରହିବି କେଉଁ ମୁହଁରେ?' ପୁଅ କହିଲା, 'ମୁଁ ଗାଁରେ ମୁହଁ ଦେଖାଇବି କେମିତି?'

ସର୍ବେଶ୍ୱର ବାବୁ ଦିନେ ନଣିଆ-ମାକୁ ଡାକି କହିଲେ, 'ନଣିଆ-ମା, ମୋର ଆଉ କିଏ ଅଛି ସଂସାରରେ?'

ନଣିଆ-ମା କାନ୍ଦି ପକାଇଲା।

ସର୍ବେଶ୍ୱର ବାବୁ କହନ୍ତି, 'ନଣିଆ-ମା, ତୁ ଆଉ କାମ କରିବାକୁ ଯା'ଘର ତା' ଘର ଯା' ନାହିଁ।' ନଣିଆ-ମା ମାନେ ନାହିଁ—ଯାଏ।

କିନ୍ତୁ ସର୍ବେଶ୍ୱର ବାବୁଙ୍କର ସେଥିପାଇଁ କେବେ କୌଣସି ଅସୁବିଧା ହୁଏ ନାହିଁ। କାରଣ ନଣିଆ-ମା ଯେପରି ବିଚକ୍ଷଣ, ସେପରି ଧୁରନ୍ଧର।

ଏମିତି କେତେ ଦିନ ଚାଲିଗଲା। ନଣିଆ-ମା ବିନା ସର୍ବେଶ୍ୱର ବାବୁଙ୍କର ଦଣ୍ଡେ ଚଳେ ନାହିଁ, କି ନଣିଆ-ମା ସେ ବୁଢ଼ାଟିର ସବୁ ଖବର ନ ବୁଝି ସାରିବା ଯାଏ ତାକୁ ଭାତ ରୁଚେ ନାହିଁ।

କ୍ରମେ କ୍ରମେ ବୁଢ଼ାର ପୁଣି ଗୋଟିଏ ନୂଆ ସଂସାର ସୃଷ୍ଟି ହେଲା। ଅନାଥ ପିଲାଟିଏ କାହୁଁ ଆଣି ବୁଢ଼ା ପାଖରେ ରଖିଲା। ତା' ନାଁ ଦେଲା ସାଉଁଟା।

ବୁଢ଼ା ଆଜି କାଲି ବାଡ଼ି ଘର ଆଉ କିଛି ଦେଖେ ନାହିଁ—ସବୁ କରେ ନଣିଆ-ମା। ବୁଢ଼ାର ସକାଳ ସଞ୍ଜ ଯାଏ, ସେହି 'ସାଉଁଟା' ଆଉ 'ନଣିଆ-ମା' ହୋଇ ହୋଇ।



Digitized by srujanika@gmail.com

ଦିନ ଚାଲିଯାଏ । ବୁଢ଼ା ଧୀରେ ଧୀରେ ଶେଷ ଅଡ଼କୁ ଆଗେଇ ଚାଲିଛି । ବୁଢ଼ା ଭାବେ ନାହିଁ—ଭାବିବାକୁ ସମୟ ଦିଏ ନାହିଁ ।

ତଥାପି—ତଥାପି—ତାର ମନେହୁଏ ଏସବୁ ଯେମିତି ମିଛ । ଏଗୁଡ଼ା ଯେମିତି ଭୁଲ୍‌ଭାଡ଼ । ସବୁ ଯେପରି ମାୟା—ସପନ । ଏ ସାଉଁଟା, ଏ ନଖିଆ-ମା ତାର କିଏ ? କେହି ନୁହନ୍ତି । ତେବେ ଏ ମମତା କାହିଁକି ?

ଯାହାକୁ ସେ ସତ ବୋଲି ଭାବିଥିଲା, ସେ ତ ମିଛ ହୋଇଗଲା; ଏ ତ ମିଛ—ପ୍ରକୃତରେ ମିଛ—ଯାହା ହେଲେ ହେବ; ସେଥିପାଇଁ ଦୁଃଖ କ'ଣ ?—ଭାବନା କ'ଣ ?

ଯାହା ହେବାର ହେଲା । ବୁଢ଼ା ଜାଣି ନ ଥିଲା ତାର ଶେଷ ସମୟ ଅତି ନିକଟ । ପାଖରେ—ଅଧ ମାଇଲରୁ କମ୍ ହେବ ଜିଲ୍ଲା ବୋର୍ଡ଼ ଡାକ୍ତରଖାନା । ସେଇଠି ଯାଇ ପଡ଼ିଲା । ଡବଲ ନିମୋନିଆ ।

ନଖିଆ-ମା ଯାଏ । ନିତି ଯାଏ । ସାଉଁଟା ଯାଇ ବୁଢ଼ା ମୁଣ୍ଡ ପାଖରେ ସେମିତି ବସିଥାଏ । ଆଖି ପିଟ୍ଟା ବି ପଡ଼େ ନାହିଁ ।

ନଖିଆ-ମା ପଚାରେ, 'ପୁଅ ବୋହୂଙ୍କୁ ଖବର ଦେବି ?' ବୁଢ଼ା ମୁଣ୍ଡ ହଲାଏ । ନାହିଁ କରେ । ଆଉ ନଖିଆ-ମାର ହାତଟାକୁ ଜାବୁଡ଼ି ଧରେ ଖୁବ୍ ଜୋରରେ । ସେଇ ତାର ଶାନ୍ତି । ଶେଷ ସମୟରେ ସେଇ ତାର ଯେମିତି ଏକମାତ୍ର ସମ୍ବଳ ।

ନଖିଆ-ମା କହେ—ଭାଗବତ ପଢ଼େଁ ?

ସେଥିରେ ବି ବୁଢ଼ା ମୁଣ୍ଡ ହଲାଇଦିଏ । ମନା କରେ । ଆଉ ନିସ୍ପ୍ରଭ ଜଳପୂର୍ଣ୍ଣ ଯୋଡ଼ିଏ ଆଖିରେ ଚାହିଁ ରହେ ତା'ର ମୁହଁକୁ । ସେଇ ଯିମିତି ତାର ପୋଥିପୁରାଣ !

ସେ ଦିନ ରାତିରେ ବୁଢ଼ାର ଅବସ୍ଥା ବଡ଼ ଖରାପ ହୋଇଗଲା । ଗୋଟିଏ ନିଃସଙ୍ଗ ଜୀବନ । ପୁଅ ଥିଲା—ବୋହୂ ଥିଲା—ନାତି ନାତୁଣୀ ସବୁ ଥିଲେ—ତଥାପି ନିଃସଙ୍ଗ । ସେ ଚାଲିଯିବ, ସେଥିପାଇଁ ଦୁଃଖ କ'ଣ ?

ବୁଢ଼ାର ଶ୍ୱାସ ଊର୍ଦ୍ଧ୍ୱଗତ ହେଲା । ଭୀଷଣ କଷ୍ଟ । ଅସୀମ ଯନ୍ତ୍ରଣା । ନଖିଆ-ମା ସହି ପାରିଲା ନାହିଁ । ନିତି ସକାଳୁ ଯେମିତି ସେ କାମରେ ଚାଲିଯାଏ, ଫେରନ୍ତି ପଡ଼ିଲାଖଣି ସେ ସେମିତି ବାହାରି-ଗଲା କାମକୁ ।

ବୁଢ଼ା ତାକୁ ଜୀବନରେ ସେତେବେଳେ ଦେଖିଛି କି ନାହିଁ, ତା' କିଏ କହିବ ?

ବୁଢ଼ାର ନିଃସଙ୍ଗ ଜୀବନରେ ସେ ଥିଲା ଏକମାତ୍ର ସାଥୀ । ସାତ ପରର ସେ । ତଥାପି କେତେ ଆପଣାର ପରି ସେ କେତେ ଦିନ କଟାଇ ଆସିଲା ତା' ସାଙ୍ଗରେ । ନିଜର ପର ହୋଇଗଲେ—କିନ୍ତୁ ସେ ପର ହୋଇ ହୋଇଥିଲା ଆପଣାର ।

କେତେ ଲୋକ କେତେ କଥା କହନ୍ତି । ଦୁର୍ନାମ ରଟାନ୍ତି । ସେ ସେ କଥାକୁ କେବେ କାନରେ ପକାଏ ନାହିଁ, କି ମନକୁ ନିଏ ନାହିଁ । ବୁଢ଼ାକୁ ସେ ଭଲ ପାଉଥିଲା । ବୁଢ଼ା ପ୍ରତି ତାର ଭାରି ମମତା—ବଡ଼ ସ୍ନେହ । ସେଥିରେ ଅନ୍ୟାୟଟା ରହିଲା କେଉଁଠି ?

ବାବୁ ଘର ପାଇଟି ସାରି ସେ ଦାସଙ୍କ ଘର ବାସନ ମାଜୁଥାଏ । ଚାରି ବର୍ଷର ପିଲା ସାଉଁଟା ଡିଆଁ ମାରୁଥାଏ ଖଣ୍ଡେ ଦୂରରେ ।

ଦାସଙ୍କ ବୋହୂ ପଚାରିଲେ, 'ନଖିଆ-ମା, ବୁଢ଼ା ଦିହ କିମିତି ?'

ନଖିଆ-ମା ତାଙ୍କ ମୁହଁକୁ ଚାହିଁ କିଛି ସମୟ ଅଟକି ଗଲା । 'ଦୁନିଆରେ ତା' ଦୁଃଖ, ତା' ଭଲ ମନ୍ଦ ବୁଝିବାକୁ ପଣିଷ ଅଛନ୍ତି ନା ?' ସେ ଭାବିଲା ।

ପୁଣି ପ୍ରଶ୍ନ ହେଲା, 'ବୁଢ଼ା ଟିକିଏ ଭଲ ନା ?'

'ଭଲ ?—ଭଲ ଆଉ କ'ଣ ?'

'ତେବେ ?'

ଦୂରରେ, ଖଣ୍ଡେ ଦୂରରେ ଛାତିକି ଥରାଇ ଦେଇ ଗୋଟାଏ ଭୀଷଣ ଅଥଚ କରୁଣ ସ୍ୱର ଶୁଭିଲା—'ହରି ବୋଲ—ହରି ହରି ବୋଲ—ରାମ ନାମ ସତ୍ୟ ହେ !' ନଖିଆ-ମା ସେଇ ବୋହୂଟିକି ଖାଲି ବଲ ବଲ କରି ଚାହିଁ ରହିଲା ।

ଦୂରରେ ସାଉଁଟା ସେମିତି ଖେଳୁଥାଏ ।

# ଇରାକ୍ ଯାତ୍ରୀ

## ଶ୍ରୀ ବାଞ୍ଛାନିଧି ରଥ

ସେ ଦିନ ଜୁନ ମାସର ୨୩ ତାରିଖ, ବେଳ ପ୍ରାୟ ୪ଟା—କଲିକତାର ପୋଷ୍ଟ-ମାଷ୍ଟର-ଜେନେରାଲଙ୍କ କଚେରୀରୁ ଟେଲିଫୋନ ଆସିଲା, "ବାଞ୍ଛାନିଧି ରଥଙ୍କୁ ଅତି ଶୀଘ୍ର ରିଲିଭ (Relieve) କରି ପଠାଅ । ସେ ଇରାକ୍ ଯିବେ ।"

୧୯୨୦ ମସିହାର ଜୁନ ମାସରେ କଲିକତାର ପ୍ରଧାନ ପୋଷ୍ଟ ଅଫିସର ଇନ୍‌ସ୍ୟୁରାନ୍‌ସ ବିଭାଗରେ ମୁଁ କାର୍ଯ୍ୟ କରୁଥାଏଁ । ସେହି ସମୟରେ ଇରାକ୍‌ର ଶାସନ ଭାର ଭାରତ ସରକାରଙ୍କ ହସ୍ତରେ ଥିଲା । ସେଠାରେ ଡାକ ବିଭାଗରେ କେତେକ କର୍ମଚାରୀଙ୍କର ପ୍ରୟୋଜନ ହେବାରୁ ଭାରତ ସରକାର ଇସ୍ତାହାର



Digitized by srujanika@gmail.com

ଦ୍ୱାରା ପ୍ରତ୍ୟେକ ପ୍ରଦେଶରୁ କର୍ମଚାରୀ ମଗାଇଥିଲେ । ଉକ୍ତ ଇସ୍ତାହାର ପାଇ ମୁଁ ଖଣ୍ଡିଏ ଦରଖାସ୍ତ କରି ଦେଇଥିଲି । ତାହାର ଫଳରେ ଟେଲିଫୋନ୍ ଆସିଲା । ଟେଲିଫୋନ୍ ଆସିବା ମାତ୍ରେ ଆମ କଚେରୀର ବଡ଼-ବାବୁ ମୋ ନିକଟରୁ କାର୍ଯ୍ୟ ବୁଝିନେଇ ମୋତେ ଆଦେଶ ଦେଲେ ପ୍ରଧାନ ପୋଷ୍ଟ ମାଷ୍ଟର ସାହେବଙ୍କ ସହିତ ସାକ୍ଷାତ କରିବାକୁ । ମୁଁ ତତ୍‌କ୍ଷଣାତ୍ ଗଲି ଏବଂ ସାହେବଙ୍କ ସହିତ ସାକ୍ଷାତ କରିବାରେ ସେ ସାଙ୍ଗେ ସାଙ୍ଗେ ଏକ ମାସର ବେତନ ଟ ୧୨୦୯ ଅଗ୍ରିମ ଦେଇ ପର ଦିନ ବମ୍ବେ ଯିବା ସକାଶେ ଆଦେଶ ଦେଲେ ।

ବର୍ତ୍ତମାନ ବିଷମ ସମସ୍ୟା—ଦରଖାସ୍ତ ତ କଲି ଏବଂ ସେଥିରେ କୃତକାର୍ଯ୍ୟ ମଧ୍ୟ ହେଲି, କିନ୍ତୁ ବମ୍ବେ ଯିବି କିପରି ? ସେତେବେଳେ ମୋର ବୟସ ୨୨ ବର୍ଷ ମାତ୍ର, ମୁଁ କଲିକତା ଛଡ଼ା କେବେହେଁ ଅଧିକ ଦୂର ଯାଇ ନାହିଁ । ଟଙ୍କାତକ ନେଇ ବସାକୁ ଗଲି ଏବଂ ମୋର ଜନୈକ ବନ୍ଧୁ ଅକଲଙ୍କ ଚନ୍ଦ୍ର ମଣ୍ଡଳଙ୍କ ସହିତ ସାକ୍ଷାତ କଲି । ସେ କହିଲେ ଇରାକ୍ ଯିବାକୁ ହେଲେ ପ୍ୟାଣ୍ଟ୍, କୋଟ, କାମିଜ୍, ମୋଜା, ଗାର୍ଟର, କଲର, ନେକଟାଇ, କଲର ପିନ୍, କ୍ଲିପ୍, ବେଲଟ୍, ହ୍ୟାଟ୍ ଓ ଗୋଟିଏ ସୁଟ୍‌କେଶ ନିତାନ୍ତ ଆବଶ୍ୟକ ଏବଂ ଏହା ମଧ୍ୟରୁ କେତେକ ଜିନିଷ ଅଧିକା ଥିବା ଦରକାର । ମୁଁ ତାଲିକା ଶୁଣି ଅବାକ୍ । କାରଣ ଏଥିରୁ ଅଧିକାଂଶ ଜିନିଷର ନାମ ପର୍ଯ୍ୟନ୍ତ ବୁଝି ପାରିଲି ନାହିଁ । ପୁଣି ତାକୁ ପିନ୍ଧିବାକୁ ହେବ କିପରି ସେଥିରେ ମୋର ଅଭିଜ୍ଞତା ଏକାବେଳେ ଶୂନ । ଯାହାହେଉ ଭରସା ଏତିକି ଯେ, ଅକଲଙ୍କ ବାବୁଙ୍କ ପରି ଜଣେ ବନ୍ଧୁ ପାଇଥିଲି । କଲିକତାରେ ରହି ଇଂରାଜୀ ଫେସନରେ ଯିବା ଆସିବା କରିବାରେ ବହୁତ ପାରଦର୍ଶିତା ସେ ଲାଭ କରିଥିଲେ । ତେଣୁ ତତ୍‌କ୍ଷଣାତ ମୋତେ ସାଙ୍ଗରେ ନେଇ ହଗ୍ ମାର୍କେଟକୁ ଗଲେ । ହଗ୍ ମାର୍କେଟରେ ପହଞ୍ଚି ଯାହା କହିଲେ ତାହା କିଣିବାକୁ ଲାଗିଲି । କିଣୁ କିଣୁ ୧୨୦୯ ରୁ ଟ ୭୦୯ ଶେଷ । ମୁଁ କହିଲି, "ଅକଲଙ୍କ ବାବୁ, ଏଇଠାରେ ତ ଶହେ କୋଡ଼ିଏରୁ ସରିଗଲାଣି, ତେବେ ଇରାକ୍‌ରେ ପହଞ୍ଚିବାକୁ କେତେ ଲାଗିବ ?" ସେ କହିଲେ, "**Never mind, if money will be required, I shall arrange for you but you must dress yourself properly before you start.**" (କିଛି ପରବାଏ ନାହିଁ, ଟଙ୍କାର ଦରକାର ହେଲେ ମୁଁ ବ୍ୟବସ୍ଥା କରିଦେବି କିନ୍ତୁ ତୁମକୁ ଠିକ୍ ପୋଷାକରେ ବାହାରିବାକୁ ହେବ । )

ଅକଲଙ୍କ ବାବୁ ଅବସ୍ଥାପନ୍ନ ଘରର ଲୋକ ଓ ସାହେବୀ ପୋଷାକକୁ ବଡ଼ ଆଦର କରୁଥିଲେ । ଆଉ ଦଶ ଟଙ୍କା ଆନ୍ଦାଜର ଜିନିଷ କିଣି ହଗ୍ ମାର୍କେଟରୁ ବସାକୁ ଫେରିଲୁଁ । ଆର ଦିନ ୧୦ଟା ସମୟରେ ବମ୍ବେ ମେଲ୍ ଧରିବାକୁ ହେବ । ଅତଏବ ପର ଦିନ ଶୀଘ୍ର ଖିଆ ପିଆ ଶେଷ କରି ହାବଡ଼ା ଷ୍ଟେସନକୁ ବାହାରିଲୁଁ । ବାହାରିବା ପୂର୍ବରୁ ଅକଲଙ୍କ ବାବୁ ପ୍ୟାଣ୍ଟ, କୋଟ ଇତ୍ୟାଦି ପିନ୍ଧିବା ସକାଶେ ମୋତେ କହିଲେ । ମୁଁ କହିଲି, "ବମ୍ବେରେ ପିନ୍ଧିବି, ପ୍ରଥମେ ଏଠାରୁ ଲୁଗା ପିନ୍ଧି ଯାଏଁ । ଗାଡ଼ି ଛାଡ଼ିବାକୁ ପ୍ରାୟ ୨୦ ମିନଟ୍ ଅଛି ଆମେ ହାବଡ଼ା ଷ୍ଟେସନରେ ପହଞ୍ଚିଲୁଁ । ଅକଲଙ୍କ ବାବୁ କହିଲେ, "ବମ୍ବେ ଡାକଗାଡ଼ିରେ ସାହେବମାନଙ୍କ ସକାଶେ ତୃତୀୟ ଶ୍ରେଣୀ ଡବା ଥାଏ—(**European Third Class** ସେତେବେଳେ ଥିଲା), ତୁମେ ତୃତୀୟ ଶ୍ରେଣୀ ଟିକଟ କିଣ ।" ଖଣ୍ଡିଏ ତୃତୀୟ ଶ୍ରେଣୀ ଟିକଟ କିଣା ହେଲା ଓ ଆମେ ଟ୍ରେନ୍‌କୁ ଗଲୁଁ । ସେଠାରେ ଯାଇ ସାହେବମାନଙ୍କ ପାଇଁ ନିର୍ଦ୍ଦିଷ୍ଟ ଖଣ୍ଡିଏ ତୃତୀୟ ଶ୍ରେଣୀ ଗାଡ଼ିରେ ଉଠିଲି । ସେଥିରେ ସାହେବୀ ପୋଷାକରେ ଜଣେ ସ୍ତ୍ରୀ ଓ ଜଣେ ପୁରୁଷ ଥିଲେ । ସେମାନେ ମାନ୍ଦ୍ରାଜ ପ୍ରଦେଶର ଲୋକ ଓ ଦେଖିବାକୁ ଅତ୍ୟନ୍ତ କୃଷ୍ଣ ବର୍ଣ୍ଣ । ମୋତେ ଦେଶୀ ପୋଷାକରେ ଦେଖି ଇଂରାଜୀରେ କହିଲେ, " ଏ ଗାଡ଼ି ସାହେବମାନଙ୍କ ସକାଶେ ।" ଅକଲଙ୍କ ବାବୁ ସାହେବୀ କାଇଦାରେ ଚୁଡ଼ାନ୍ତ । ସେ ଇଂରାଜୀରେ ଉତ୍ତର ଦେଲେ, " ମୋର ବନ୍ଧୁଙ୍କୁ ମୁଁ ବର୍ତ୍ତମାନ ସାହେବ କରିଦେବି ।" ତା'ପରେ ମୋ ସୁଟ୍‌କେସରୁ ପ୍ୟାଣ୍ଟ, କୋଟ ଇତ୍ୟାଦି ବାହାର କରି ମୋତେ ସେହି ଗାଡ଼ିର ପାଇଖାନା ଭିତରକୁ ଟାଣି ନେଇ ପିନ୍ଧାଇ ଦେଲେ । ପୋଷାକ ପିନ୍ଧି ସାରି ବାହାରିବା କ୍ଷଣି ଅକଲଙ୍କ ବାବୁ ମୋର ଭାବୀ ସହଯାତ୍ରୀ ଦୁହିଁଙ୍କୁ କହିଲେ, "ବର୍ତ୍ତମାନ ମୋର ବନ୍ଧୁ ସାହେବ ହେଲେ, ଆପଣମାନଙ୍କର ଆଉ ଆପତ୍ତି କଣ ?" ସେମାନେ ହସି ହସି ଉତ୍ତର ଦେଲେ, "ନା, ଆଉ ଆପତ୍ତି ନାହିଁ । ଆପଣଙ୍କର ବନ୍ଧୁ ଏ ଗାଡ଼ିରେ ଆମ୍ଭମାନଙ୍କ ସହିତ ଯିବାର ଉପଯୁକ୍ତ ହୋଇଛନ୍ତି ।" ତତ୍‌ପରେ ମୋର ବନ୍ଧୁଙ୍କ ନିକଟରୁ ମୁଁ ବିଦାୟ ନେଲି ଓ ଡାକଗାଡ଼ି ବମ୍ବେ ଅଭିମୁଖରେ ଯାତ୍ରା କଲା ।

୨୬ ତାରିଖ ସକାଳ ଘ ୮ ଟା ସମୟରେ ଡାକଗାଡ଼ି ବମ୍ବେ ସହରର ଭିକ୍ଟୋରିଆ ଷ୍ଟେସନରେ ପହଞ୍ଚିଲା । ଷ୍ଟେସନଟି ହାବଡ଼ା ଷ୍ଟେସନ ପରି ସୁବୃହତ୍ ଓ ସହର ମଧ୍ୟରେ ଅବସ୍ଥିତ । ସେଠାରୁ ପ୍ରାଦେଶିକ ଡାକଘର ପ୍ରାୟ ଏକ ମିନିଟର ରାସ୍ତା । ମୋର ସେହି ଡାକଘରେ ପହଞ୍ଚିବାର କଥା, ଅତଏବ ନିଜର ଜିନିଷ ପତ୍ର ନେଇ ସେହିଠାକୁ ଗଲି । ମୁଁ ପହଞ୍ଚିବା ପୂର୍ବରୁ ତାର ଯୋଗେ ବମ୍ବେକୁ ସମ୍ବାଦ ଦିଆ ହୋଇଥିଲା ଏବଂ ଡାକଘରେ ପହଞ୍ଚି ମୋର ପରିଚୟ ଓ ଆଗମନର କାରଣ ଜଣାଇବାରେ ମୋତେ ଗୋଟିଏ ବଡ଼ ହଲ୍‌କୁ (କକ୍ଷକୁ) ନେଇଯାଇ ସେଠାରେ ରହିବାକୁ କହିଲେ । ଉକ୍ତ କକ୍ଷରେ ମୋ ପରି ଆଉ ଆଠ ଦଶ ଜଣ ଦେଶୀ ସାହେବ ଥାଆନ୍ତି । ସେମାନଙ୍କୁ ପଚାରିବାରେ ଜାଣିଲି ଯେ ସେମାନେ ମଧ୍ୟ ଇରାକର ଯାତ୍ରୀ, ବିଭିନ୍ନ ପ୍ରଦେଶରୁ ଆସି ଅପେକ୍ଷା କରି ରହି ଅଛନ୍ତି । କିପରି ଏକାକୀ ଇରାକ୍ ଯିବି, ଏହି ଚିନ୍ତା ହାବଡ଼ା ଛାଡ଼ିବା ପରେ ମନ ମଧ୍ୟରେ ଅହରହ ଖେଳୁଥିଲା, କିନ୍ତୁ ଏହି ସହଯାତ୍ରୀମାନଙ୍କ ସଙ୍ଗ ମିଳିବାରୁ ଅନେକ ପରିମାଣରେ ଆଶ୍ୱସ୍ତି ଅନୁଭବ କଲି ।

ସେତେବେଳେ ପ୍ରାୟ ବେଳ ଦଶଟା, ଖାଦ୍ୟର ବନ୍ଦୋବସ୍ତ କିପରି ହୋଇପାରେ ତାହା ପଚାରିବାରୁ ସେମାନଙ୍କ ମଧ୍ୟରୁ ଜଣେ ଭଦ୍ରଲୋକ ତାଙ୍କ ସହିତ ଖାଇବାକୁ ଅନୁରୋଧ କଲେ । ବେଳ ପ୍ରାୟ ବାର ଉପରେ ଗୋଟେ ବାଜିବା ସମୟରେ ଖାଇବାର ଡାକ



Digitized by srujanika@gmail.com

ଆସିଲା । ମୁଁ ଓ ସେ ଭଦ୍ରଲୋକ ଖାଇ ବସିଲୁଁ । ପ୍ରାୟ ଅର୍ଦ୍ଧ ଭୋଜନ ହୋଇଛି, ଏହି ସମୟରେ ମୋର ସଙ୍ଗୀ ଭଦ୍ରଲୋକଟି ଡାକିଲେ, "ଅହମଦ୍, ସାହେବକୋ ବାସ୍ତେ ଜେରା ଗୋସ୍ତ୍ କା କରି ଲେଆଓ ।" ତାହା ଶୁଣି ମୋର ହୃତ୍କମ୍ପ ହେଲା ଏବଂ ମନ ମଧ୍ୟରେ ଗୋଟାଏ ପ୍ରବଳ ଝଞ୍ଜା ବହିଗଲା । ଆଉ ଖାଇ ପାରିଲି ନାହିଁ । ଲୋକଟି ମୁସଲମାନ ବୋଲି ଜାଣିଲି ଏବଂ ତାହା ହାତର ରୋଷେଇରେ ଖାଇ ମୋର ଜାତି ନଷ୍ଟ କଲି ଭାବି ମନ ଅସ୍ଥିର ହେବାକୁ ଲାଗିଲା । ତତ୍ପରେ ତାଙ୍କୁ ପଚାରିଲି, "ଆପଣଙ୍କର ନାମ କଣ ?" ସେ କହିଲେ, "ମୋର ନାମ ଅବଦୁଲ ରହମନ୍, ଆମ ଘର ଚଟ୍ଟଗ୍ରାମରେ ।" ଭାବିଲି, ସର୍ବନାଶ ! ସେ ପଚାରିଲେ, "ଆପଣ କାହିଁକି ଆଉ ଖାଉ ନାହାନ୍ତି ?" ମୋର ଭୋକ ଶେଷ ହୋଇ ଗଲାଣି, ଆଉ ଖାଇ ପାରିବି ନାହିଁ କହି ତାଙ୍କୁ ଧନ୍ୟବାଦ ଦେଲି ।

ଭୋଜନ ପରେ ନିଜ ନିଜ ସ୍ଥାନକୁ ଗଲୁଁ, ସେ ବିଶ୍ରାମ କଲେ କିନ୍ତୁ ମୋର ଅବିଶ୍ରାମ ମନ ଭିତରେ ଅସ୍ଥିରତା ବଶତଃ ଛଟ୍ପଟ୍ ହେଉଥାଏଁ । ହିନ୍ଦୁ ହୋଇ ମୁସଲମାନ ହାତରେ ଖାଇବା, ଏତ ସହଜ କଥା ନୁହେ ! ମନୁଷ୍ୟ ଆବାଲ୍ୟରୁ ଯେଉଁ ସମାଜରେ ପ୍ରତିପାଳିତ ହୋଇ ଆସିଥାଏ, ସେହି ସମାଜର ରୀତିନୀତିରେ ତାହାର ମନପ୍ରାଣ ଏପରି ଭାବରେ ପରିପୁଷ୍ଟିତ ହୋଇଥାଏ ଯେ ସେଥିରୁ ତିଳେ ମାତ୍ର ବାହାରି ଯିବା ତାହା ପକ୍ଷରେ ଘୋର ଆତ୍ମ-ଗ୍ଲାନିର କାରଣ ହୁଏ—ସେହି ଦଶା ମୋର ଘଟିଲା । ଯାହାହେଉ ବହୁ ଚିନ୍ତା ପରେ ସ୍ଥିର କଲି ଯେ ଇରାକରୁ ଫେରିଲେ ପ୍ରାୟଶ୍ଚିତ୍ତ କରିବି । ଏହି ଆଶ୍ୱାସନାରେ ମନକୁ ପ୍ରବୋଧ ଦେଇ ବମ୍ବେରେ ଥିବା ସମୟରେ ଗୋଟିଏ ଗୁଜରାଟୀ ହୋଟେଲରେ ଖାଇବାର ବନ୍ଦୋବସ୍ତ କଲି । ଇରାକର ଯାତ୍ରୀ ଦୁଇଜଣ ବଙ୍ଗାଳି ଭଦ୍ରଲୋକ ମୋ ସହିତ ଯୋଗ ଦେଲେ ।

ଆମ୍ଭେମାନେ ମୋଟରେ ଦଶ ଜଣ ଥାଉଁ ଇରାକ ଯାତ୍ରୀ ଏବଂ ଅତି ଅଳ୍ପ ସମୟ ମଧ୍ୟରେ ପରସ୍ପର ବନ୍ଧୁତା ଜନ୍ମିଗଲା । ବିଦେଶକୁ ଗଲେ ବିଭିନ୍ନ ପ୍ରଦେଶବାସୀ ହେଲେ ମଧ୍ୟ ଭାରତୀୟମାନଙ୍କର ଯେ ଏତେ ଶୀଘ୍ର ବନ୍ଧୁତା ଜନ୍ମିପାରେ, ଏଥି ପୂର୍ବେ ତାହା ମୋର ଧାରଣା ନ ଥିଲା । ଆମ ଜାହାଜ ଜୁଲାଇ ମାସ ୭ ତାରିଖରେ ଛାଡ଼ିବାର ସ୍ଥିର ହୋଇଥିବାରୁ ବମ୍ବେରେ ପ୍ରାୟ ଦଶ ଦିନ ରହିବାକୁ ହେଲା । ବୋଧହୁଏ ବଙ୍ଗ ଭାଷା ଓ ବଙ୍ଗୀୟ ରୀତିନୀତି ସହିତ ଓଡ଼ିଆ ଭାଷା ଓ ରୀତିନୀତିର ବିଶେଷ ସାମଞ୍ଜସ୍ୟ ହେତୁ ଉକ୍ତ ଦୁଇ ଜଣ ବଙ୍ଗାଳି ଭଦ୍ରବ୍ୟକ୍ତିଙ୍କ ସହିତ ମୋର ଅଧିକ ଘନିଷ୍ଠତା ଜନ୍ମିଲା ଏବଂ ସମସ୍ତେ ସ୍ଥିର କଲୁଁ, ଏହି ଦଶ ଦିନ ମଧ୍ୟରେ ବମ୍ବେ ସହର ପରିଦର୍ଶନ କରିବୁଁ । ବମ୍ବେ ସହର ଭାରତର ଏକ ବଡ଼ ବନ୍ଦର ଏବଂ ବ୍ୟବସାୟ କେନ୍ଦ୍ର । କଲିକତା ଅପେକ୍ଷା ଆକାରରେ ବଡ଼ ନ ହେଲେହେଁ ଦେଖିବାକୁ ଏହା ବହୁ ଗୁଣରେ ସୁନ୍ଦର । ସାଧାରଣ ପକ୍କା ଗୃହଗୁଡ଼ିକ ପାଞ୍ଚ ଛଅ ମହଲାରୁ କମ୍ ନୁହେ ଏବଂ ଏହା ବିଭିନ୍ନ ପ୍ରକାରର ବିପଣୀରେ ପରିପୂର୍ଣ୍ଣ । ରାସ୍ତାଗୁଡ଼ିକ ପ୍ରଶସ୍ତ ଓ ପଥ ମଧ୍ୟରେ ଟ୍ରାମ୍ ଯାତାୟାତର ବନ୍ଦୋବସ୍ତ ଅଛି । ସହର ମଧ୍ୟରେ ଅନେକ ଗୁଡ଼ିଏ ମନୋହର ପ୍ରମୋଦ-ଉଦ୍ୟାନ ଅଛି ଏବଂ ସାନ୍ଧ୍ୟ ଭ୍ରମଣ ନିମନ୍ତେ ଭିକ୍ଟୋରିଆ ଓ ବାଲାର୍ଡ ପିଅର ଡକ୍ (ବାଷ୍ପୀୟ ପୋତର ଆଶ୍ରୟ ସ୍ଥଳ) ଅତି ଉପଯୁକ୍ତ ସ୍ଥାନ । ମାଲବାର୍ ହିଲ୍ (ପାହାଡ଼) ଏହି ସହରର ଗୋଟିଏ ଶ୍ରେଷ୍ଠ ରମଣୀୟ ସ୍ଥାନ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହି ପାହାଡ଼ଟିର ମୂଳ ଦେଶର ତିନି ପାର୍ଶ୍ୱରେ ସମୁଦ୍ର ଏବଂ ଶୀର୍ଷରେ ଜନପଦ । ଏହା ଉପରେ ଦଣ୍ଡାୟମାନ ହେଲେ ସମସ୍ତ ବମ୍ବେ ସହର ଦୃଷ୍ଟିଗୋଚର ହୁଏ । ସ୍ୱାସ୍ଥ୍ୟକର ସ୍ଥାନ ବୋଲି ବଡ଼ ବଡ଼ ଲୋକମାନେ ପ୍ରାୟ ପ୍ରତ୍ୟହ ବାୟୁ ସେବନ ନିମିତ୍ତ ଏଠାକୁ ଯାଆନ୍ତି ।

ପ୍ରତ୍ୟହ ସନ୍ଧ୍ୟା ସମୟରେ ଆମ୍ଭେମାନେ ଉପରୋକ୍ତ କୌଣସି ନା କୌଣସି ସ୍ଥାନକୁ ଯିବାକୁ ଆରମ୍ଭ କଲୁଁ । ମଧ୍ୟାହ୍ନରେ ବନ୍ଧୁ-ବାନ୍ଧବଙ୍କ ନିକଟକୁ ବିଦାୟ-ପତ୍ର ଲେଖିବା, ଅପରାହ୍ନରେ ସଙ୍ଗୀତ ଚର୍ଚ୍ଚା ଓ ସାୟଂ କାଳରେ ଭ୍ରମଣ ଓ ସହର ପରିଦର୍ଶନ—ଏହି ଭାବରେ ସମୟ କଟାଇବାକୁ ଲାଗିଲୁଁ । ବମ୍ବେରେ ଏକ ଭୟଙ୍କର ସମ୍ବାଦ ଶୁଣିଲୁଁ ଯେ ଇରାକ୍‌ରେ ଯୁଦ୍ଧ ଚାଲିଛି ଏବଂ ସେଠାକୁ ଗଲେ ଫେରିବାର ଆଶା କମ୍ । ଅତଏବ ମନକୁ ସତେଜ ରଖିବା ନିମିତ୍ତ ଉପରୋକ୍ତ ଭାବରେ ସମୟ କଟାଇବା ଅନ୍ୟତମ କାରଣ । ତଥାପି ଆମ୍ଭମାନଙ୍କ ମଧ୍ୟରୁ ଦୁଇ ଜଣ ବଙ୍ଗାଳି ଭଦ୍ରଲୋକ ବିଚଳିତ ହୋଇପଡ଼ିଲେ ଓ ଇରାକ୍ ନ ଯାଇ କଲିକତା ପ୍ରତ୍ୟାବର୍ତ୍ତନ କଲେ । ଇରାକ୍‌ରୁ ଫେରିବାର ଆଶା ଅଳ୍ପ, ଏ କଥା ଶୁଣି ମୁଁ ବି କମ୍ ଅସ୍ଥିର ହୋଇ ନ ଥିଲି କିନ୍ତୁ ପଛଘୁଞ୍ଚା ଦେବାରେ ମୋର ଆଦୌ ଅଭ୍ୟାସ ନ ଥିଲା । ଯାହାହେଉ ପିତାଙ୍କ ନିକଟକୁ ଖଣ୍ଡିଏ ସାନ୍ତ୍ୱନାପ୍ରଦ ପତ୍ର ଲେଖିଲି ଏବଂ ବନ୍ଧୁମାନଙ୍କ ନିକଟକୁ ବିଦାୟ-ପତ୍ର ନିମ୍ନଲିଖିତ ମର୍ମରେ ଆରମ୍ଭ କଲି :—

"Friend after friend departs, who hath not lost a friend ? * *."

( ଜଣେ ପରେ ଜଣେ ବନ୍ଧୁ ବିଦାୟ ନେଇ ଯାନ୍ତି—କିଏ ଅବା ବନ୍ଧୁ ଜଣେ ହରାଇ ନାହିଁ ? )

# ଓଡ଼ିଆ ଗ୍ରାମ୍‌ଫୋନ୍ ସଙ୍ଗୀତ ସମ୍ବନ୍ଧେ ପଦେ

**ଶ୍ରୀ ସୁରେନ୍ଦ୍ରନାଥ ପାଣିଗ୍ରାହୀ**

ଭାରତରେ ଆଜକାଲ ଗ୍ରାମଫୋନ ସଙ୍ଗୀତ ପ୍ରତି ବିଶେଷ ଶ୍ରଦ୍ଧା ଓ ଦୃଷ୍ଟି ପଡୁଥିବାର ଦେଖାଯାଏ । ଏ ବିଷୟରେ ଚର୍ଚ୍ଚା ଓ ଲେଖାଲେଖି ବିଭିନ୍ନ ପ୍ରଦେଶର ପତ୍ର ପତ୍ରିକାରେ ହୋଇଥାଏ । କିନ୍ତୁ ଓଡ଼ିଶାରେ ଆଶାନୁରୂପ ଆଲୋଚନା ହେଉନାହିଁ । ଅନେକ ପ୍ରାଚୀନ ଓ ଆଧୁନିକ ଓଡ଼ିଆ ଗୀତ ବର୍ତ୍ତମାନ ରେକର୍ଡ଼ରେ ଦିଆ ଯାଉଅଛି । ଗ୍ରାମଫୋନ ସଙ୍ଗୀତ ବିଷୟରେ ପଦେ ଅଧେ ଲେଖି ସଙ୍ଗୀତ ରସିକ ଓ ବିଶେଷଜ୍ଞଙ୍କ ଦୃଷ୍ଟି ଏଠାରେ ଆକର୍ଷଣ କରୁଅଛି ମାତ୍ର ।

ଦୁଇ ତିନି ବର୍ଷ ହେଲା ଓଡ଼ିଆରେ ଅନେକ ନୂତନ ରେକର୍ଡ଼ ବାହାରିଛି । ଗାୟକମାନଙ୍କ ପରିଚୟ ଦେବାକୁ ଏ ପ୍ରବନ୍ଧରେ ସ୍ଥାନ ନାହିଁ, କିନ୍ତୁ ସେମାନଙ୍କ ପ୍ରଦତ୍ତ ଗାନଗୁଡ଼ିକରେ ଅନେକ ନୂତନତ୍ୱ ଅଛି । ପଡ଼ୋଶୀ ପ୍ରାଦେଶିକ ଭାଷାମାନଙ୍କରେ ଥିବା ରେକର୍ଡ଼-ସଙ୍ଗୀତର କେତେକ ଉଚ୍ଚ ଧରଣର ଛିଟା ସେମାନେ ଧରି ପାରିଛନ୍ତି ଏବଂ ଓଡ଼ିଆ ସାଧାରଣଙ୍କୁ ଉପହାର ଦେଇଅଛନ୍ତି । ଏହି ନୂତନ ରେକର୍ଡ଼ ସମୂହ ଦ୍ୱାରା ଓଡ଼ିଆ ସଙ୍ଗୀତ ସାହିତ୍ୟର ପ୍ରଭୂତ ଉନ୍ନତି ସାଧିତ ହୋଇଅଛି । କିନ୍ତୁ ସେଥିରେ ଅନେକ ଦୁର୍ଗୁଣ ମଧ୍ୟ ଦେଖୁଁ । ଏଗୁଡ଼ିକ ବିରୁଦ୍ଧରେ କୌଣସି ସଙ୍ଗୀତଜ୍ଞ ଲେଖନୀ ଉତ୍ତୋଳନ କଲାବେଳେ ଆଲୋଚନା କରାଯାଇଅଛି ମୁଁ ଜାଣେନାହିଁ ।

ଅଧିକାଂଶ ଭୁଲ ଗାୟକର ନିଜ କୃତ ହୋଇ ନ ଥାଇ ପାରେ । କିନ୍ତୁ ସେଗୁଡ଼ିକୁ ଦେଖାଇ ଦେବା ଉଚିତ ମନେ କରି ନିମ୍ନରେ କେତୋଟି ଭୁଲ ଦେଖାଉଛି ।

ପୁରାତନ ଓଡ଼ିଆ ରେକର୍ଡ଼ ଲେବଲରେ ଗୀତର ରାଗର ନାମ ଲେଖା ଯାଉଥିଲା । କିନ୍ତୁ ବର୍ତ୍ତମାନ ରାଗ ରାଗିଣୀ ପ୍ରତି ତେତେ ଦୃଷ୍ଟି ନାହିଁ । ଫଳରେ ପ୍ରକୃତ ସଙ୍ଗୀତ-ଚର୍ଚ୍ଚାର ବହୁ ଦୂରକୁ ଆମେ ବାହାରି ଯାଉଅଛୁଁ । ସଙ୍ଗୀତ ଶିକ୍ଷା ଓ ଚର୍ଚ୍ଚା ପକ୍ଷରେ ରାଗର ନାମ ଜାଣିବା ଏକାନ୍ତ ଦରକାର ।

ଅନେକ ଓଡ଼ିଆ ରେକର୍ଡ଼ ଲେବଲରେ ଗୀତର ନାମ ଓ ପରିଚୟ ବଙ୍ଗାକ୍ଷରରେ ଲେଖା ଯାଇଥାଏ । ଏହା କିପରି ଆବଶ୍ୟକ ମୁଁ ବୁଝିପାରୁ ନାହିଁ । ଓଡ଼ିଆ ଗୀତର ନାମ ସେହି ଭାଷାର ଲିପିରେ ଲେଖିବା ବିଧି । କୌଣସି କୌଣସି ଭାଷାର ଲିପି ନ ଥିଲା ପରି ଓଡ଼ିଆ ଭାଷାର ଲିପି ଯଦି ନ ଥାନ୍ତା ତେବେ ବଙ୍ଗଳା ବା ଅନ୍ୟ ଲିପି ଦରକାର ପଡ଼ନ୍ତା । ଓଡ଼ିଶାରେ ବଙ୍ଗ ସଙ୍ଗୀତର ବିଶେଷ ଆଦର ଥିଲେ ମଧ୍ୟ ବଙ୍ଗଳା ରେକର୍ଡ଼ରେ ଓଡ଼ିଆ ଅକ୍ଷର ନ ଥାଏ । କ୍ରମେ ଓଡ଼ିଆ ରେକର୍ଡ଼ରେ ଏହି ବଙ୍ଗଳା ଲେଖା ଊଣା ପଡ଼ୁଅଛି, ସୁଖର କଥା ।

ଆଧୁନିକ ରେକର୍ଡ଼-ଗୀତ ସହିତ ଚମତ୍କାର ମନୋମୁଗ୍ଧକର ଏକାଧିକ ବାଦ୍ୟଯନ୍ତ୍ର ବଜା ଯାଇଥାଏ । ଓଡ଼ିଆ ଗାୟକ ଗାୟିକାଗଣ ଏପରି ଯନ୍ତ୍ରମାନ ବଜାଇ ସେମାନଙ୍କର କୃତିତ୍ୱ ଦେଖାଇ ପାରନ୍ତି । କିନ୍ତୁ ଦୁଃଖର କଥା ଅଧିକାଂଶ ସ୍ଥଳେ ରେକର୍ଡ଼ କମ୍ପାନୀର ଓଡ଼ିଆ-ଇତର ବାଦକମାନଙ୍କ କୁଟିଳ ଯନ୍ତ୍ର-ସଙ୍ଗୀତ ଦ୍ୱାରା ମୂଳ ଗୀତର ସ୍ପଷ୍ଟତା ଊଣା ପଡ଼ିଯାଏ । ଗାୟକର ଦୁର୍ବଳତା ଘୋଡ଼ାଇବାକୁ ଅସଂଖ୍ୟ ଯନ୍ତ୍ର ବ୍ୟବହୃତ ହୋଇଥାଏ ମାତ୍ର । ଖଣ୍ଡେ ସରଳ ବାଦ୍ୟଯନ୍ତ୍ର ଗାୟକ ବଜାଇ ପାରିଲେ ଯଥେଷ୍ଟ ହୁଅନ୍ତା ।

ଦେଶରେ ରେକର୍ଡ଼-ସଙ୍ଗୀତର ବହୁଳ ପ୍ରଚାର ବିରୁଦ୍ଧରେ ସେହି ରେକର୍ଡ଼-ଗାନର ବିଷୟ ନିର୍ବାଚନ ହିଁ ଦଣ୍ଡାୟମାନ । ଅନେକ ସମୟରେ ଗୀତର ଅର୍ଥ ଶୁଣିବା-ଲୋକେ ବୁଝି ପାରନ୍ତି ନାହିଁ । ହାସ୍ୟରସର ଗୀତ ଶୁଣିଲେ ହସ ବଦଳରେ କାନ୍ଦ ଆସେ । କେତେକ ଇଂରାଜୀ, ଯାବନିକ ବା ଅଶ୍ଳୀଳ ଶବ୍ଦ ନେଇ ହାସ୍ୟ-କବିତା ରଚନା କରିହେବ ନାହିଁ । ରେକର୍ଡ଼ ସଙ୍ଗୀତ ରଚକମାନେ ହିନ୍ଦୁସ୍ଥାନୀ ଛନ୍ଦରେ ପ୍ରେମ-କବିତା ଲେଖି ବାହାଦୁରୀ ପାଇ ପାରିବେ ନାହିଁ । କେତେକ ଗାୟକ ନିଜେ ସଙ୍ଗୀତ ରଚନା କରି ରେକର୍ଡ଼ରେ ତାହା ଦିଅନ୍ତି । ଦୁଇ କାର୍ଯ୍ୟରେ ହାତ ଦେବାକୁ ସେମାନେ ପ୍ରକୃତରେ ଉପଯୁକ୍ତ କି ନା ଭାବିବାକୁ ହେବ । ଉତ୍କଳର ପ୍ରତିଷ୍ଠିତ କବିଙ୍କ ରଚନା ପ୍ରତି ଗାୟକ ଗାୟିକାମାନେ କିଛି ଦୃଷ୍ଟି ଦେଇଥିଲେ ଆମର ତେତେ ଶୁଣିବାକୁ ନ ଥାନ୍ତା ।

'ଭକ୍ତପ୍ରଦୀପ'ର ଏକ ବିଗତ ସଂଖ୍ୟାରେ ସୁଶିକ୍ଷିତ ଗାୟକ ଓ ପ୍ରାଚୀନ ସଙ୍ଗୀତ-ସେବକ ଶ୍ରୀ ନିମାଇ ଚରଣ ହରିଚନ୍ଦନ ଲେଖି-ଥିଲେ ଯେ ଦେଶରେ ଗ୍ରାମଫୋନର ପ୍ରଚାର ହେତୁ କଣ୍ଠ-ସଙ୍ଗୀତର ଆଦର ଊଣା ପଡ଼ୁଅଛି । ଏହା ଭୁଲ ଧାରଣା । ମୋ ମତରେ ଗ୍ରାମଫୋନ କଣ୍ଠ-ସଙ୍ଗୀତକୁ ସାହାଯ୍ୟ କରେ ଏବଂ ତଦ୍ଦ୍ୱାରା ସେଥିର ଚର୍ଚ୍ଚା ମଧ୍ୟ ହୋଇପାରେ ।



Digitized by srujanika@gmail.com

# ପରମ ଶିକ୍ଷା

ଶ୍ରୀ କ୍ଷିତୀଶଚନ୍ଦ୍ର ଦେ

ନଗର-ପ୍ରାନ୍ତ-ବନେ,
ଥିଲେ ସମାସୀନ ପ୍ରଭୁ ତଥାଗତ ମଧୁର ପଦ୍ମାସନେ ।
ସେହିଠାରେ ଦିନେ ପାଗଳିନୀ ପରି
ମୃତ ସନ୍ତାନ ବକ୍ଷରେ ଧରି,
କ୍ରନ୍ଦନପରା ନାରୀ ଏକ ଆସି କହିଲା, "ହେ ଦୟାମୟ,
କରୁଣା ତୁମର ଅସୀମ ଅପାର,
ଦିଅ ମୋତେ ଖାଲି କଣିକାଏ ତାର,
ବଞ୍ଚାଇ ଦିଅ ପିଲାଟିକୁ ମୋର, ଏତିକି ହେ ଅନୁନୟ ।"

ଦୁଃଖ-କାତର କରୁଣା-ସିନ୍ଧୁ
ବୁଦ୍ଧ ଶୁଣି ଏ ବାଣୀ,
ଉଚିତ ତାହାର ପ୍ରତିକାର ଯାହା
ନିମେଷେ ପାରିଲେ ଜାଣି ।
ନୟନ ମେଲିଇ ନିମେଷକ ପରେ,
କହିଲେ କୋମଳ ସାନ୍ତ୍ୱନା-ସ୍ୱରେ,
"ଉଠ କଲ୍ୟାଣି, ଜୀଆଇଁ ଦେବି ମୁଁ ମୃତ ସନ୍ତାନ ତବ,
ଖାଲି, ତୁମେ ଥରେ ନଗରକୁ ଯାଇ,
ଯେଉଁ ଘରୁ କେବେ କେହି ମରି ନାହିଁ,
ସୋରିଷ ମୁଠିଏ ଆଣି ଦେଲେ ତହୁଁ କାମନା ପୂର୍ଣ୍ଣ ହବ ।"

ଏହା ଶୁଣି କ୍ଷଣେ ଜନନୀର ପ୍ରାଣ
ହରଷେ ଉଠିଲା ଥରି,
ଶୋକ ଲୁହ ଶୁଖି ସୁଖର ଅଶ୍ରୁ
ନୟନୁ ପଡ଼ିଲା ଝରି ।
ପୁଅକୁ ରଖି ପ୍ରଭୁ ପାଦ ତଳେ,
ଭିଜାଇ ସେ ପାଦ ନୟନର ଜଳେ,
ଅଧୀର ନଗରେ ଗଲା ଚାଲି ବେଗେ ଆଶାର ଜୁଆରେ ଭାସି ;
ନଗର ସୀମାରେ ଧନୀ ବଣିକର
ଉଚ୍ଚ ପ୍ରାସାଦ ଅଭ୍ର-ଶିଖର ;
ଦୁଆର ଆଗରେ ପହଲେ ତାହାର ଠିଆହେଲା ନାରୀ ଆସି ।

କାତରେ କହିଲା ବଣିକକୁ ଯାଇ,
"ମାଗୁଛି ଏତିକି, ବେଶୀ ମାଗୁ ନାହିଁ,
ମରି ନାହିଁ ଯହିଁ କେହି କେବେ ଏଠି, ସୋରିଷ ମୁଠିଏ ଦିଅ ।"
ଶୁଣି ଏହା ଦୁଃଖେ କହିଲା ବଣିକ,
"ନେବ ଯଦି ମାତ, ମୁକୁତା ମାଣିକ
ଦେବି ମୁଁ ଅଜାଡ଼ି, ଯେତେ ଇଚ୍ଛା ତୁମ ଅଞ୍ଚଳ ଭରି ନିଅ ;

କିନ୍ତୁ ମୋତେ ଗୋ ମାଗୁଅଛ ଯାହା,
ନାହିଁ ତ ଦେବାକୁ ଶକତିରେ ତାହା,
ଏ ମୋର କୋଠାର ସବୁ ପଥରରେ ପଡ଼ିଛି ଯମର ପାଦ,
ପ୍ରତି କାନ୍ଥର ରହିଥିବ ମନେ
କେତେ ହାହାକାର ମରଣର ରଣେ ।
ଅକ୍ଷମ ମୁହିଁ, ନ ପାରିବି ଦେଇ, ଘେନ ନାହିଁ ଅପରାଧ ।"

ନିରାଶା ବେଦନା ଅନ୍ତରେ ଘେନି,
ଲୁହ ଛଳ ଛଳ କରି ଆଖି ବେନି,
ଅପର ଦୁଆରେ ଠିଆ ହେଲା ନାରୀ ଭିକ୍ଷା ପାଇବା ପାଇଁ ;
ସେଠାରେ ବି ଆଶା ନ ପୂରିଲା ତାର,
ସେଠାରେ ବି ଯମ କରିଛି ଶିକାର,
ସେଠାରେ ବି କେତେ ମରଣର ଛାୟା କଳନା ତାହାର ନାହିଁ ।
ତହୁଁ, ନଗରର ଦୁଆରେ ଦୁଆରେ,
ବୁଲିଲା ରମଣୀ ଆଶା-ନିରାଶାରେ,
ଅବଶ ଚରଣେ ସୋରିଷ ମୁଠିଏ ଦିନ ଯାକ ମାଗି ମାଗି ;
ଯହିଁ ଯାଏ ଶୁଣେ ସେହି ଏକ କଥା,
ସବୁଠାରେ ଦେଖେ ମୃତ୍ୟୁର ବ୍ୟଥା,
ସବୁଠାରେ ଦେଖେ ଝୁରୁଛି ମାନବ ମରଣ ଦୁଃଖ ଲାଗି ।

କ୍ଳାନ୍ତ ତପନ ଲୁଚାଇଲେ ମୁହଁ
ଘନ ବନ ପଛ ପଟେ ;
କୋଳାହଳ କରି ଫେରିଲେ ବିହଗେ
ହରଷେ ବୃକ୍ଷ ବଟେ ।
ଫେରି ଧୀରେ ଧୀରେ ସନ୍ଧ୍ୟା ପଥରେ,
ମଥା ରଖି ନାରୀ ବୁଦ୍ଧ ପୟରେ,
କହିଲା, "ଦେବତା, ବୁଝିଲି ଏଥର ମୋହର ମନର ଭ୍ରମ ;
ଏକା ମୁହିଁ ନୁହେ ସକଳେ ମୋ'ପରି
ହରାଇ ତଥାପି ଗଲେଣି ପାସୋରି,
ଯମ ହାତ ଧରି ଚାଲିଛି ଦୁନିଆ ପରମ ବନ୍ଧୁ ସମ ।
ଦୁଃଖ ନାହିଁ ଆଉ ସନ୍ତାନ ପାଇଁ,
ନ କହିବି ଆଉ ଦେବାକୁ ଜୀଆଇଁ,
ବୁଝିଲି ଏଥର ଜୀଇଁବା ମରିବା ନିୟମ ଏ ଜଗତର ;
ମରଣର ଭୀମ ଚିତା ପାଶେ ବସି,
ଗମିବାକୁ ହେବ ଦିନେ ହସି ହସି,
ଜାଣି ନ ଥିଲି ମୁଁ ଏ କଥା ଆଗରୁ, ବୁଝିଅଛି ଏହି ଥର ।"



Digitized by srujanika@gmail.com

# ଭଞ୍ଜଦେଶ-ସ୍ମୃତି

**ଶ୍ରୀମତୀ ସରଳା ଦେବୀ**

ଥରେ କେବଳ ସପ୍ତାହକ ପାଇଁ ମୁଁ ଯାଇଥିଲି ମୟୂରଭଞ୍ଜ—ବହୁ ଦିନ ତଳେ । ଆଗରୁ ମୋର ଧାରଣା ଥିଲା ଯେ ଗଡ଼ଜାତ କହିଲେ ଯେପରି କରୁଣାସ୍ତା, ବଣ, ବାଘ, ଭାଲୁ, ଅଜଗର, ଅହିରାଜଙ୍କୁ ବୁଝାଏ, ପୁଣି ସେହିମାନଙ୍କ ସହିତ ପଡ଼ଶାବନ୍ଧା ବଣୁଆ ଗଡ଼ଜାତିଙ୍କୁ ବୁଝାଏ, ମୟୂରଭଞ୍ଜଟା ହୋଇଥିବ ସେହିପରି । କିନ୍ତୁ ରୂପସା ଷ୍ଟେସନଠାରୁ ଯେତେବେଳେ ନୂଆ ରେଲଗାଡ଼ି ଚଢ଼ିଲି, ସେତିକିବେଳୁଁ ମନେ ହେଲା ଯେ ନାଇଁ, ଏ ରାଜ୍ୟ ଅନ୍ୟ ରାଜ୍ୟଠାରୁ କେତେ ଅଂଶରେ ଭିନ୍ନ । ରାସ୍ତାଯାକ କିନ୍ତୁ ଖାଲି ଘନ ବନ । ଚଲନ୍ତା ଗାଡ଼ିର ଝରକାବାଟେ ମୁଁ ଦେଖୁଥାଏଁ—ସେ ବଣରେ ସବୁ ଲୁହସୁନ ଭେଦିବ ନାହିଁ ! ସ୍ଥାନେ ସ୍ଥାନେ ଲୋକେ ବଣ କାଟି ଚାଷ ଅବାଦୀ ଜମି କରିଛନ୍ତି । କିନ୍ତୁ ଶହ ହଜାର ମାଣ ଜଙ୍ଗଲ କାଟି କେତେ ଜମି ତିଆରିବା ମଣିଷ ବଳରେ ସମ୍ଭବେ ? 'ବେତନଟୀ' ମନେ ଅଛି ମୋର । ଷ୍ଟେସନରେ ଓହ୍ଲାଇ ରହିଥିଲି ରାଜତରାୟୁ ସାହେବଙ୍କ ବିଖ୍ୟାତ ଗୁଡ଼ଲ କଳ ବ୍ୟବସାୟୀର ସମ୍ପାଦକ ଶ୍ରୀ ରାଧାକୃଷ୍ଣ ବଳାଙ୍କ ବଙ୍ଗଳାରେ । ଷ୍ଟେସନ ଗୃହ-ପଟେ ସୁନ୍ଦର ଆମ୍ବତୋଟା ; ଯେଉଁଆଡ଼େ ଦେଖିବ ତେଣେ ଯେପରି ଦୁଇଟାଯାକ ଆଖି ମନ-ଇଚ୍ଛାରେ ଭୋଜି ଖାଇ ଚାଲିଛି— ଲୋଭ ସମ୍ଭର ପାରୁ ନାହିଁ । ସବୁଆଡ଼େ ଗଛ-ଲଟା-ଫୁଲ-ପତ୍ରର କାନ୍ଥାର । ଶାନ୍ତ ନିସ୍ତବ୍ଧ ବଙ୍ଗଳାଟିର ଗୋଟିଏ ଘରେ ମୁଁ ୧୨ ଘଣ୍ଟା ବିଶ୍ରାମ କରିଥିଲି—ମନେ ରହିଛି ସେ ଘର ; ତା'ର ଗୃହପାଖର ସୌମ୍ୟ ଶାନ୍ତ ପ୍ରକୃତି—ସବୁରି ଉପରେ ବଳା-ପରିବାରଙ୍କ ଆତିଥ୍ୟସତ୍କାର । ସେ ଦିନର ନିସ୍ତବ୍ଧ ଦ୍ୱିପହରର ବିଶ୍ରାମ କରି କିଛି ନ ଥିଲି ବୋଲି ରାଧାକୃଷ୍ଣ ବାବୁଙ୍କ ସାନ ବେଟୀ-ଅଷ୍ଟୋନଟିକୁ ନିଜେ ଚଲାଇ ନେବାର ଦୁଃସାହସିକତା ଦେଖାଇ ଗାଡ଼ିଟିକୁ ଲେଉଟାଇ ପକାଇବା ଉପରେ ରହିଥିଲି—ବଳା ମହାଶୟ ଉପସ୍ଥିତ ବିପଦରୁ ରକ୍ଷା କରିଥିଲେ, ତାହା ମନେ ଅଛି ।

ଏଣେ ଲୋକେ 'ବାରିପଦା' କୁହନ୍ତି ; ଭାବିଥିଲି ମୟୂରଭଞ୍ଜର ଚଳନ୍ତି ନାମ ବୋଧହୁଏ ବାରିପଦା । କିନ୍ତୁ ଶୁଣିଲି, ରାଜ ନିବାସ ଯୋଗେ ବାରିପଦା ଭଞ୍ଜଷ୍ଟେଟ୍‌ର ରାଜଧାନୀ । ରେଳ ରହିଲା । ମୁଁ ଏକା ! କୁଆଡ଼େ ଯିବି ? ମୋ ସହିତ ଏଠି ଚିହ୍ନା କେହି ନାହାନ୍ତି—କେବଳ 'ଭଞ୍ଜ ପ୍ରଦୀପ'ର ସହ-ସମ୍ପାଦକ ମୋହର ବନ୍ଧୁ ଶ୍ରୀଯୁକ୍ତ କାଳନ୍ଦୀଚରଣ ପାଣିଗ୍ରାହୀଙ୍କ ବଡ଼ ଭାଇ ଷ୍ଟେଟ୍ ଓକିଲ ଶ୍ରୀଯୁକ୍ତ ଦିବ୍ୟସିଂହ ପାଣିଗ୍ରାହୀଙ୍କୁ ଜାଣିଥିଲି । ଷ୍ଟେସନରେ 'ବାସ୍' ଛଡ଼ା ଗାଡ଼ି ନ ଥିଲା । ସୁତରାଂ ସେଇଥିରେ ତାଙ୍କ ଘରକୁ ଯାଇଥିଲି । ମୋର ଅଚିହ୍ନା ତାଙ୍କର ପ୍ରଥମ ବନ୍ଧୁ ଭାଇ ଶ୍ରୀଯୁକ୍ତ ଦିବ୍ୟସିଂହ ପାଣିଗ୍ରାହୀ । ସେଠାରେ ତାଙ୍କର ପୁଣ୍ୟଶ୍ଳୋକ ମାତା ଥିଲେ । ସବୁ ଦିନେ ମୋତେ ଦେଖିଲେ ତାଙ୍କର ବାତ୍ସଲ୍ୟ-ସ୍ନେହ ଆଖିରୁ ମୁହଁରୁ ଝରିପଡ଼େ—ସେ ଦିନ ବିଦେଶରେ ଏକୁଟିଆ ଦେଖି କେଡ଼େ ଆଦରରେ ମୋତେ ତାଙ୍କର ସ୍ନେହବାତ୍ସଲ୍ୟଭରା ବୁକୁରେ ଚାପି ଧରି ମୁଣ୍ଡରେ ହାତ ବୁଲାଇ "ବଞ୍ଚି ରହିଥା", "ଝିଅଟିଏ ହୋଇଥା" ବୋଲି ଆଶୀଷ ଢାଳିଦେଲେ ! ଘର-ଘରଣୀ ମୋତେ ଆଗରୁ ଚିହ୍ନି ନ ଥିଲେ ବୋଲି ତାଙ୍କର ଅନ୍ତରଭାବ ମୋ' ଆଖିରେ ଧରା ପଡ଼ି ଯାଉଥାଏ । ମୁଁ ସବୁ ଅବସ୍ଥାରେ ନିଜକୁ ମିଳାଇ ନେବାରେ ଓସ୍ତାଦ୍ ବୋଲି ତାଙ୍କୁ ବିଶେଷ କୁଣ୍ଠିତ ହେବାକୁ ପଡ଼ିଲା ନାହିଁ । ସ୍ନାନ ଭୋଜନ ସାରି ନୂଆବୋହୂଙ୍କୁ ସେ ଦେଶ କଥା କେତେ ପଚାରିଲି । ଅର୍ଜ୍ଜୁନ ବାବୁ, ବୈଷ୍ଣବ ବାବୁ, ଦୟାନିଧି ବାବୁ, ଶଚୀ ବାବୁ ସମସ୍ତେ ଅତି ଚିହ୍ନା ଲୋକ ମୋର । ପାଣିଗ୍ରାହୀ ବାବୁ ସେମାନଙ୍କର ଅବସ୍ଥିତି ବତାଇ ଦେବାରୁ ମୋତେ ପୁଣି ବୁଲିବାରୋଗ ଧରିଲା । ସେହିସବୁ ସ୍ଥାନରେ ମନେ ଦୁଇ ଦିନ କଟାଇଥିଲି । ସବୁଠାରେ ପ୍ରୀତିର ପ୍ରାଚୁର୍ଯ୍ୟ—ଆତିଥେୟତା-ସ୍ନେହ-ଯତ୍ନ କେଉଁଠି ଅପ୍ରତୁଳ ଦେଖିଲି ନାହିଁ । ନୂଆ କରି ଭାବୁଥିଲି—ବିଦେଶରେ ନିଜ ଦେଶ ଲୋକ, ନିଜ ଘର ଚଳନ ଏତେ ଆରାମ ଲାଗେ କାହିଁ ? ପୁରୁଣା ମଣିଷ ନୂଆ ମଣିଷ ପରି ଲାଗନ୍ତି କାହିଁ ?

ବାରିପଦା ଗଡ଼ଜାତର ସହର—କିନ୍ତୁ ସେ ଯେ ଆଜିକାଲିକା କେଉଁ ସହରଠାରୁ କେଉଁ ଗୁଣରେ କି ରୂପରେ କମ, ତାହା ଦେଖିବାକୁ ମିଳିବ ନାହିଁ । କଟକ, ପୁରୀ ଭଳି ସହରଠାରୁ (କେବଳ ଦୋକାନ କଥା ଛାଡ଼ିଦେଲେ) ସଫା ସୁତୁରା, ଆଲୁଅ, ପାଣି, ରାସ୍ତା, ଘରଦୁଆର, ଫଳଫୁଲଗଛରେ ବାରିପଦା ଯେ ବହୁତ ଉଚରେ ଏ କଥା ନ କହି ରହିବ କାହିଁ ? ଲୋକେ ବି ବାହାରର ଫେସନରେ ବଢ଼ିଛନ୍ତି । ପାଣିକଳ, ବିଜୁଳିପଙ୍ଖା ଓ ବଗିଚାରେ ଚଳିଛନ୍ତି । ହାଇସ୍କୁଲ, ଲାଇବ୍ରେରୀ, କ୍ଲବ ଘର, ହାଟକର ମହାରାଣୀଙ୍କର ଶିଳ୍ପସଦନ ଓ ରାଣୀବାଗ ଦେଖିବା ଜିନିଷ । ରାଜ-ପ୍ରାସାଦକୁ ଯାଇଥିଲି । ରାଜତରାୟୁ ସାହେବ ମୋର ଚିହ୍ନାଙ୍କୁ ଚହଲିଥିବାରୁ ମୋର ପରିଚୟ ପାଇ ମୋତେ ସ୍ୱାଗତ କରିଥିଲେ । ରାଜବଂଶଜାତ ରାଜଗିତ୍ନବ୍ୟ ରାଜନୀତି ରାଜତବଂଶୀ ସାହେବଙ୍କ ବ୍ୟକ୍ତିତ୍ୱ ବର୍ଣ୍ଣନାର ଜିନିଷ ନୁହେ—ହୃଦୟରେ ଅନୁଭବ କରିବାର ଜିନିଷ । ମାଧୁର୍ଯ୍ୟ ଓ ନମ୍ରତା ଦଉଚି ବୁଝିବା ଏପରି ଅପୂର୍ବ ସମନ୍ୱୟ ଇତିପୂର୍ବେ ମୁଁ ଆଉ କୌଣସି ରାଜକୁଳସମ୍ଭୂତ ବ୍ୟକ୍ତିଙ୍କଠାରେ ଦେଖିଥିବାର ଅଭିଜ୍ଞତା ସଞ୍ଚୟ କରି ନ ଥିଲି ବୋଲି ତାଙ୍କର ଉଦାରତା, ସ୍ନେହ ଓ ସୌଜନ୍ୟ [illegible] ନାହିଁ । ମୋର ଦୁର୍ଭାଗ୍ୟ ଯେ ସେ ଶାନ୍ତ ମହାରାଣୀ ସାହେବା ହାଜିବାରେ ବାହାରଦେଶରେ ଥିବାରୁ ତାଙ୍କ ଦର୍ଶନ ଘଟି ପାରିଲା ନାହିଁ ।



Digitized by srujanika@gmail.com

ଇଏଥିରେ ମୁରୁବ୍ବୀ ଗୋପବନ୍ଧୁ ସର୍ଦ୍ଦାରଙ୍କ ଘରକୁ ଯାଇଥିଲି। ଘରର ଆବେଷ୍ଟିତ ମନୋହର—ପରିବାରର ସମସ୍ତେ ସ୍ନେହୀ। ଅନ୍ୟ କେତୋଟି ଗାଁ ଗଣ୍ଡା ଦେଖିଲି। ଝଙ୍କା ଗଛଗୁଡ଼ିକ ଭିତରେ ଦରଲୁଗ୍ଣ କୋଲ ସାନ୍ତାଳ ବଣୁଆ ଜାତିଙ୍କ ଘରମାନ ଚିତ୍ରକର-ଙ୍କ ଛବି ଭଳି ଦିଶୁଥାଏ। ବଣୁଆ ଜାତିର ସ୍ତ୍ରୀମାନଙ୍କୁ ଦେଖିଛି। ସେମାନଙ୍କର ତୁଳନା ସୁଶିକ୍ଷିତା କି ଅଶିକ୍ଷିତା ମୋଗଲବନ୍ଦୀର କେଉଁ ନାରୀମାନଙ୍କ ସହିତ କରି ହେବ ନାହିଁ। କିନ୍ତୁ ପୂର୍ବରୁ ଶୁଣିଥିଲି ସେମାନେ ସାଙ୍ଗ କରିଥାନ୍ତି, କିନ୍ତୁ ସାଙ୍ଗରେ ଅକାରଣ ଖୁସି ତାଙ୍କ ସହଚରୀ ହୋଇ ଆସେ; ପୁଣି ଏହି କଳୁ-ସହଚରୀ ସେମାନଙ୍କୁ ମରଣର ଶେଷ ପାହାଚରେ ପହଞ୍ଚାଇ ଦେଇ ଆସେ। ଖୁସି ଭଳି ଫୁଲ ଏମାନଙ୍କର ଆଉ ଗୋଟିଏ ସାଙ୍ଗ। ଦେହ ମୁଣ୍ଡରେ ଫୁଲକୁ ସଜାଇବା ଏମାନଙ୍କ ପ୍ରସାଧନ। ଯେଉଁଠି କୃତ୍ରିମ ସ୍ନୋ, ଅତର, ପାଉଡ଼ର, ସାବୁନ୍ ନାହିଁ, ସେଇଠି ପ୍ରକୃତ ଫୁଲକୁ ସଙ୍ଗ ରଖିଥାଏ—ତାହା କୋଳରେ ବଢ଼ିଥିବା ଲୋକଙ୍କ ସଉଖ ପାଇଁକି। ସାବୁନ୍ ଥାନରେ ଇଠାଫଳ, ପାଉଡ଼ର ଥାନରେ ଫୁଲ ରେଣୁ—ଅତର ବଦଳରେ ଅଜଣା ଫୁଲର ମହକ! ଜୀବନରେ ଏ ଜାତି ସମସ୍ୟା କ'ଣ ଜାଣନ୍ତି ନାହିଁ—ପ୍ରକୃତି ଏମାନଙ୍କୁ ହସାଏ, କନ୍ଦାଏ, ରାଗାଏ, ଗୀତ ବୋଲାଏ, ନଚାଏ। ପରିଶ୍ରମ କରିବା ଏମାନଙ୍କର ଜୀବନର ଏକମାତ୍ର ଧର୍ମ। କୌଣସି ଜାତି, ଧର୍ମ, କର୍ମ, ଅନୁଷ୍ଠାନର ସଂସ୍କାର ନିଗଡ଼ ଭାବରେ ଏମାନଙ୍କଠି ନାହିଁ ବୋଲି, ପୁଣି ପଶ୍ଚିମ ଶିକ୍ଷା ଓ ଚଳନ୍ତି ମିଛିକାଇଦାରେ ବଢ଼ି ନ ଥିବାରୁ ସହଜରେ ଏମାନଙ୍କୁ ଦୁଃଖ ଘାରେ ନାହିଁ।

'ଏକତା'—'ଜାତୀୟ-ସମନ୍ୱୟ' ବକ୍ତୃତା ଶୁଣିଛି, ବହିରେ ଓ ଖବର କାଗଜରୁ ପଢ଼ିଛି। କିନ୍ତୁ ଏହି ଅଧମ ଗଡ଼ଜାତି ଅନାର୍ଯ୍ୟ ଜାତିର ଗୋଷ୍ଠୀଠାରେ କେବଳ ଏହି ଏକତା ଓ ସମନ୍ୱୟର ବିକାଶ ମୁଁ ଦେଖିଛି। କେତେଗୁଡ଼ିଏ ସାଧାରଣ ନୀତି ଓ ରୀତି ଏମାନଙ୍କ ଜୀବନକୁ ପରିଚାଳନ କରେ; ତହିଁରେ ବୈଷମ୍ୟ, ବିଶ୍ଳେଷଣ ଓ ଭାବର ଜଟିଳ ପ୍ରକାଶ ନ ଥାଏ ବୋଲି ଏମାନେ ଶାନ୍ତିରେ ଥାନ୍ତି। ଏ 'ଅନ୍ଧଶାନ୍ତି'କୁ 'ସନ୍ଦଗ୍ଧବାଦୀ'ମାନେ ନାକ ଟେକିବେ ସତ, କିନ୍ତୁ ଏହି 'ଅନ୍ଧ ଶାନ୍ତି' ପାଇଁ ତ ଆଜି ପୃଥିବୀମଯ୍ୟ ପାଗଳ। ରାଜନାୟକମାନେ ଏହି 'ଅନ୍ଧଶାନ୍ତି' ପାଇବାର ବାଟ ଖୋଜୁଛନ୍ତି! ଏହି ସମାଜରେ ଶିକ୍ଷା ମଧ୍ୟ ପଶି ନାହିଁ! ଲେଖାପଢ଼ା, ଗଣିବା, କିଛି ଜାଣନ୍ତି ନାହିଁ, କି ଜାଣିବାକୁ ଚାହାଁନ୍ତି ନାହିଁ। କାରଣ ଏମାନଙ୍କର ଜାତୀୟଭାଷାରେ ଏମାନେ କଥା କହନ୍ତି, ଚଳନ୍ତି। ଷ୍ଟେଟ୍‌ପକ୍ଷରୁ ଏମାନଙ୍କୁ ଧାରାବାହିକ ଭାବରେ ଶିକ୍ଷିତ କରିବାର ବ୍ୟବସ୍ଥା କରାଯାଇ ନାହିଁ। ମୋର ମନେହୁଏ ଅଳ୍ପ ଲେଖାପଢ଼ା ଶିଖାଇବାର ବ୍ୟବସ୍ଥା କରି ନାନା ଶିଳ୍ପ, କଳକାମ ଆଦି ଶିଖାଇଲେ ଏମାନଙ୍କର ଅର୍ଥାଗମର ସୁବିଧା ହୋଇ ଅବସ୍ଥା ସୁଧୁରନ୍ତା। ଅବଶ୍ୟ ଚେର ମୂଳ ଖାଇ, ଖଟ୍ରେ ମିଛ କାମ କରି, ଗାଇ, ନାଚି ଓ ହାଣ୍ଡିଆ ଖାଇ ଏମାନେ ଖୁସିରେ ଅଛନ୍ତି। ଏମାନଙ୍କର ରୋଗ ବୈରାଗ କମ୍—ସୁତରାଂ ଔଷଧ ପାଇଁ ଚବିଶ ଘଣ୍ଟା ମୁଣ୍ଡ ବିଥାଏ ନାହିଁ! ପର୍ଦ୍ଦାପ୍ରଥା ଆଦି କିଛି ବାଧା ନାହିଁ ବୋଲି ମୁକ୍ତ ବାଟରେ ଏ ଜାତିର ଲୋକେ ଅସୁମାରି କାଳରୁ ଚାଲି ଆସିଛନ୍ତି। ବାଧା-ବନ୍ଧନହୀନ ଲୋକଗୁଡ଼ିକୁ ଦେଖିଲେ ବାସ୍ତବିକ ମନ ଖୁସି ହୋଇଯାଏ।

ଷ୍ଟେଟ୍‌ର ସବୁଆଡ଼େ ବୁଲି ନାହିଁ—କିନ୍ତୁ ଯେତିକି ଦେଖିଛି, ତହିଁରେ ଷ୍ଟେଟ୍‌ର ସ୍ୱାସ୍ଥ୍ୟ, ଖେଳ, ଶିକ୍ଷା, ସାହିତ୍ୟ, ଶିଳ୍ପ କଳା, ପ୍ରଭୃତି ଆଡ଼େ ଉନ୍ନତି ହିଁ ଆଖି ଆଗରେ ପଡ଼ୁଛି। ଆଉ, ବିଚାର ବିଭାଗରେ ଉନ୍ନତି ଯେପରି ହୋଇଛି, ତାହା ଅନ୍ୟ ଗଡ଼ଜାତ ଶାସନମାନଙ୍କଠାରୁ ଉନ୍ନତ ଧରଣର ବୋଲି କହିଲେ ବାହୁଲ୍ୟ ହେବ ନାହିଁ। ଗଡ଼ଜାତର ଚବିଶ-ଘଣ୍ଟିଆ 'ଘରଗୁଣ୍ଠା' ନୀତିର ଶାସନ ଷ୍ଟେଟ୍‌ରେ ଚଳୁଥିବ ବୋଲି ମୋର ଧାରଣା ଜନ୍ମିବାର ଅବକାଶ ପାଇ ନାହିଁ।

ବାରିପଦାରେ ରାଜଦରବାରଙ୍କ ଅନୁକୂଲ୍ୟରେ 'ଛଉନାଚ' ବୋଲି ଗୋଟିଏ ନାଚ ହୁଏ, ଶୁଣିଥିଲି। ତାହାର ଏତେ ପ୍ରଶଂସା ଶୁଣିଛି ଯେ ଜୀବନରେ ସେହି ଶୁଣା କଥାର ସତ୍ୟମିଥ୍ୟା ପ୍ରମାଣ ପାଇବାର ଲାଳସା ରହିଛି। କିନ୍ତୁ ଯେଉଁ ନାଚ-ଗାନର ଏତେ ପ୍ରଶଂସା ତାହାର ବିସ୍ତାର ନ ହେଲେ, ତାହାର ବହିଃପ୍ରକାଶ ନ ହେଲେ, ବିକାଶ ହେବ କିପରି? ମୟୂରଭଞ୍ଜର ଛଉନାଚ କେବଳ ଓଡ଼ିଶାରେ ଆବଦ୍ଧ ହୋଇ ରହିଛି। ବାହାରେ ତାହାର ଯଥାଯୋଗ୍ୟ ବହୁଳ ଖ୍ୟାତି ଶୁଣିବାକୁ ସ୍ୱତଃ ଇଚ୍ଛା ହୋଇଥାଏ। ପୁଣ୍ୟଶ୍ଳୋକ ମହାରାଜା ଶ୍ରୀରାମଚନ୍ଦ୍ରଙ୍କର ସୁଯୋଗ୍ୟ ଦାୟାଦ ସ୍ୱର୍ଗତ ମହାରାଜା ପୂର୍ଣ୍ଣଚନ୍ଦ୍ର ଓ ବର୍ତ୍ତମାନ ମହାରାଜା ଶ୍ରୀ ପ୍ରତାପଚନ୍ଦ୍ର ସମସ୍ତ ବିଷୟରେ ପିତାଙ୍କର ପଦାଙ୍କ ଅନୁସରଣ କରି ଆସୁଛନ୍ତି।

ଜଣେ ଛାତ୍ର ମାଷ୍ଟରଙ୍କୁ ପଇସା ଦେବା ଅଛିବାରୁ ସେ ଘରକୁ ଟଙ୍କା ପାଇଁ ଲେଖିଲା। କିନ୍ତୁ ଥରକୁ ଥର ପଇସା ମାଗିବାଦ୍ୱାରା ତାହାର ମର୍ଯ୍ୟାଦା ହାନି ହେଉଛି ଭାବି ଚିଠି ଶେଷରେ ଜଣାଇ ଦେଲା:—"ତୁମକୁ ଟଙ୍କା ପାଇଁ ଲେଖିବାକୁ ମୋର ଆଦୌ ଇଚ୍ଛା ନ ଥିଲା ଏବଂ ଏ ଚିଠି ଖଣ୍ଡ ଫେରାଇ ଆଣିବାକୁ ପ୍ରକୃତରେ ମୁଁ ଡାକବାକ୍ସ ପଛରେ ଧାଇଁ ଥିଲି।"

ହପ୍ତାକ ପରେ ଘରୁ ଉତ୍ତର ଆସିଲା:—"ଶୁଣି ଆନନ୍ଦିତ ହେବ ଯେ ତୁମ ଚିଠି ଆମେ ପାଇ ନାହୁଁ।"

# ଅଶ୍ରୁ ନିମନ୍ତ୍ରଣ

**ଶ୍ରୀ ଚନ୍ଦ୍ରାମଣି ମହାନ୍ତି**

ହେ ଅଶ୍ରୁ ! ହେ ଦୟାଳୁ ଦେବତା—ହେ ଜୀବନ ସଖା, ଆସ ବନ୍ଧୁ ଆସ । ତୁମ୍ଭେ ଧ୍ୟାନନେତ୍ର-ସିଂହାସନର ରାଜା, ଧ୍ୟାନର ଧ୍ୟାନ ନିମନ୍ତ୍ରଣ ଗ୍ରହଣ କର । ତୁମ୍ଭେ ମୋର ଚିର-କାଳର ପୁରୁଣା ବନ୍ଧୁ, ରୋଗ, ଶୋକ, ସନ୍ତାପ ପ୍ରଭୃତିର ଆକ୍ରମଣ କାଳରେ ତୁମ୍ଭେ ବଳେ ବଳେ ଆସି ସାନ୍ତ୍ୱନା ଦିଅ । ତୁମ୍ଭେ ମନର ପୁଞ୍ଜୀଭୂତ କ୍ଳେଦକୁ ଭସାଇ ଆଣି ଭରା ମନକୁ ଉଶ୍ୱାସ କରିଦିଅ । ତୁମ୍ଭ ପରି ସୁବନ୍ଧୁ ଦୁଃଖୀଜନର ଆଉ କିଏ ଅଛି ! ତୁମ୍ଭର ମହୋପକାର ମୁଁ ଜୀବନରେ ସର୍ବଦା ଭୋଗ କରି ଆସୁଅଛି । ତୁମ୍ଭର ଋଣ ଅପରିଶୋଧ୍ୟ, ଦୟା ଅନନ୍ତ, ତାହା ଭୁଲି ଯିବାର କଥା ନୁହେଁ ।

ତୁମ୍ଭେ ବିନା ଆହ୍ୱାନରେ ବଳେ ବଳେ ଆସି ବିପଦରେ ସାନ୍ତ୍ୱନା ଦିଅ, କିନ୍ତୁ ଆଜି ମୁଁ ଆନନ୍ଦରେ ନିମନ୍ତ୍ରଣ କରୁଛି । ଆଜି ମୋର ସୁଖର ଦିନ—ବନ୍ଧନ-ମୁକ୍ତିର ଶୁଭ ଦିନ । ଆଜି ମୁଣ୍ଡରୁ ଭାର ଓହ୍ଲାଇ ଯାଉଛି—ଏଣିକି ଜଞ୍ଜାଳ-ଭାରାକ୍ରାନ୍ତ, କ୍ଳାନ୍ତ ଦେହ-ମନ-ଆତ୍ମା ଫୁଲ ପରି ହାଲୁକା ଲାଗିବ । ଆଜି ମୋର ଏହି ଆନନ୍ଦ ଉତ୍ସବରେ ତୁମ୍ଭେ ଆସି ଯୋଗ ଦେଲେ ଉତ୍ସବ ଅମୃତମୟ ହେବ । ମନୁଷ୍ୟର ଦୁଃଖଭାର ଯେ ଲଘୁ କରେ ସେ ଦେବତା । ତୁମ୍ଭ ପରି ତାପିତର ତାପ କିଏ ଊଣା କରିପାରିବ ? ସୁତରାଂ ତୁମ୍ଭେ ହିଁ ଦେବତା । କୀଟଠାରୁ ବ୍ରହ୍ମ ପର୍ଯ୍ୟନ୍ତ ସମସ୍ତଙ୍କଠାରେ ଈଶ୍ୱରସତ୍ତା ଅଛି । ତେଣୁ ତୁମ୍ଭେ ଈଶ୍ୱରଙ୍କ ପ୍ରତିରୂପ । ଏହି ଜ୍ଞାନରେ ଆଜି ତୁମ୍ଭ ସଙ୍ଗରେ କଥା କହିବି । ଅଶ୍ରୁଦେବ, ଏବେ ମୋର ପ୍ରାଣର ବାଣୀ କିଛି ଶୁଣ ।

ମନୁଷ୍ୟ ଜୀବନ ସବୁବେଳେ ହତାଶାମୟ । ତାହାର ମାନସ-ଲତାରେ ଅପର୍ଯ୍ୟାପ୍ତ ଆଶାଫୁଲ ଫୁଟେ, ମାତ୍ର କେତୋଟି ଫୁଲରୁ ଫଳ ହୁଏ ? ସଂସାରର ଆଘାତରେ ଫୁଲଗୁଡ଼ିକ ମଉଳି ଯାଇ ଝଡ଼ି ପଡ଼େ ଏବଂ ପଡ଼ି ମାଟିରେ ମିଶିଯାଏ । ସଂସାରରେ ଆଘାତ ଯେପରି ମନୁଷ୍ୟର ଏକମାତ୍ର ପ୍ରାପ୍ୟ । ଆଘାତ ଉପରେ ଆଘାତ, ପୁଣି ତାହା ଉପରେ ଆଘାତ, ଜୀବନଟା ଯାକ କେବଳ ଆଘାତ ଲାଗି ରହିଅଛି । ଆଘାତ ଏବଂ ହତାଶା ମନୁଷ୍ୟର ଅଲୋଡ଼ା ବନ୍ଧୁ, ତାକୁ କେହି ନ ଖୋଜିଲେ ବି ସେ ବଳେ ବଳେ ଆସି ବନ୍ଧୁ ହୁଏ । ଏହି ଦୁଇଟି କୁବନ୍ଧୁ ଯୋଗେ ସେ ନାନା ସ୍ଥାନସ୍ଥାରେ ପଡ଼େ । ହତାଶାର ଆଘାତ ସହି ନ ପାରି କିଏ ପାଗଳ ହୁଏ—କିଏ ଗୃହ-ତ୍ୟାଗୀ ହୁଏ—କିଏ ହାହାମୟ ଜୀବନର ଭାର ନୁହିଁ ବୋହିବାକୁ ପ୍ରାଣତ୍ୟାଗ କରିବାକୁ ସୁଦ୍ଧା କୁଣ୍ଠିତ ହୁଏ ନାହିଁ । ଏହି ତ ମନୁଷ୍ୟ ଜୀବନର ସୁଖ । ମନୁଷ୍ୟ ପ୍ରାଣ ସ୍ୱଭାବତଃ ସୁଖ ଖୋଜେ । ସେଥିପାଇଁ ପ୍ରାଣ ନିଅର୍ଗ କରେ, ମାତ୍ର ଫଳ କଅଣ ହୁଏ ? ତାହାର ସହସ୍ର ଚିନ୍ତା—ଲକ୍ଷେ ଚେଷ୍ଟା—କୋଟିଏ କଳ୍ପନା, ସବୁ ବାୟୁରେ ମିଳାଇଯାଏ । ଆତ୍ମଶକ୍ତି—ଆତ୍ମପ୍ରଭାବ ସବୁ ବିଫଳ ହୁଏ ।

ଏହି ମହାକାଳ-ଫଳ 'ସୁଖ' ଶବ୍ଦର ସ୍ରଷ୍ଟା କିଏ ? ମନୁଷ୍ୟ ମନରେ ସେ ସୁଖର ଆଶା ଦିଏ, ମାତ୍ର ସୁଖ ଦିଏ ନାହିଁ । ଜୀବନରେ ଟିକିଏ ଖରା ଦେଖାଇ ଦେଇ ପୁଣି ଅନ୍ଧାର କରିଦିଏ । ସବୁବେଳେ ଯେବେ ଅନ୍ଧାରରେ ରହିବାକୁ ହେବ, ତେବେ ଟିକିଏ ଆଲୁଅର ମୁହଁ ଦେଖି ଲାଭ କଅଣ ? ତାହା ଦେଖିବାଠାରୁ ଆଦୌ ନ ଦେଖିବା ବରଂ ବହୁ ଗୁଣ ଶ୍ରେୟ । କେଉଁ ଅଦୃଶ୍ୟ-ଦେବତା ମନୁଷ୍ୟକୁ ସ୍ୱର୍ଗକୁ ଉଠାଇ ନେଇ ପୁଣି ଆଣି ଖଣାରେ ପକାଇ ଦିଏ ! ଏ ଜୀବନ ହାସ୍ୟମୟ ନୁହେଁ—ଚିର କ୍ରନ୍ଦନମୟ, ପୁଣି ସରଳ ନୁହେଁ. କୁଟିଳତାରେ ମହା ଜଟିଳ । ଜୀବନର ପଥ ବି କର୍କଶ, ପିଚ୍ଛିଳ । ହତାଶାର ନିଦାରୁଣ ଆଘାତରେ ଜୀବନ ପଦେ ପଦେ କ୍ଷୟ ହୋଇଅଛି ମାତ୍ର ପୂର୍ଣ୍ଣତା ଆଡ଼କୁ ଯାଉଛି କାହିଁ ? ଏହିପରି ବିରୋଧ ଚିସଦୃଶ ଭାବ ଦେଖି ଏ ସୃଷ୍ଟିର ଗୋଟାଏ ଲକ୍ଷ୍ୟ ଥିଲା ପରି ବୋଧ ହୁଏ ନାହିଁ । ଯେଉଁ ଜୀବନରେ ଏତେ ହାହାକାର, ଏତେ କୁଟିଳତା, ଏତେ ଅହଙ୍କାର, ଏତେ ଗୁପ୍ତ ଶତ୍ରୁତା, ଏତେ ଅଶାନ୍ତି, ସେ ଜୀବନର ମୂଲ୍ୟ ବା ମହତ୍ତ୍ୱ କେତେ ? ଏପରି ଯନ୍ତ୍ରଣାମୟ ଜୀବନ କାହିଁକି କିଏ ସୃଷ୍ଟି କଲା ? କେହି କେହି କହନ୍ତି—ଜୀବନକୁ ମନୁଷ୍ୟ ନିଜେ ଯନ୍ତ୍ରଣାମୟ କରେ, ସେଥିପାଇଁ ସେ ନିଜେ ଦାୟୀ । କିନ୍ତୁ ମୁଁ ଏହା ସ୍ୱୀକାର କରିବି ନାହିଁ । ଉନ୍ନତିରେ କେବେ ମୁଁ ଔଦ୍ଧତ୍ୟ ପ୍ରକାଶ କରି ନାହିଁ, ଅବନତିରେ ବି ଦୁଃଖ କରି ନାହିଁ । ଏହା ମୋର ବ୍ୟର୍ଥ ଦର୍ପୋକ୍ତି ନୁହେଁ, ଏ ବିଷୟର ସାକ୍ଷୀ ସ୍ୱୟଂ ଅନ୍ତର୍ଯ୍ୟାମୀ । ମୁଁ ତାଙ୍କଠାରୁ ସ୍ୱତନ୍ତ୍ର ବୋଲି କେବେ ଭାବି ନାହିଁ । ଯେତେବେଳେ ତାଙ୍କୁ ଭୁଲି ଯାଉଥାଏଁ, ସେତେବେଳେ 'ମୁଁ' ବୋଲି କିଏ ଗୋଟାଏ ଦୈତ୍ୟ କି ଦାନବ କେଉଁଠୁ ଆସି ମୋ ଭିତରେ ପଶିଯାଏ, ମାତ୍ର ଚେତା ଆସିଲା କ୍ଷଣି ସେ ଆଉ ରହେ ନାହିଁ—ସେହି ଅନ୍ତର୍ଯ୍ୟାମୀ ପ୍ରଭୁଙ୍କ ଦେହରେ ଲୀନ ହୋଇଯାଏ । ସେତେବେଳେ ଭାବେଁ—ସେ ଗୋଟାଏ ଚୋର, ମୋର ବିଶ୍ୱାସ ଚୋରି କରିବାକୁ ଆସିଥିଲା, ମୋର ଜୀବନ ପ୍ରହରୀକୁ ଦେଖି ଭୟରେ ପଳାଇଗଲା ।

ସୁଖ ଦୁଃଖକୁ ମୁଁ କେବେ ଦେହକୁ ନିଏ ନାହିଁ—ସବୁ ତାଙ୍କରି ଉପରକୁ ପକାଇ ଦିଏଁ । ତେବେ ସୁଖ ସଂସାର ମୋ ଉପରେ ପ୍ରଭାବ ବିସ୍ତାର କରି ଭୟ ଦେଖାଏ କାହିଁକି ? ଖାଲି ଏହି ଜୀବନଟା ପାଇଁ କି ନା ! ଜୀବନ ନ ଥିଲେ ସେ କାହା ଉପରେ



Digitized by srujanika@gmail.com

କ୍ଷମତା ପ୍ରକାଶ କରନ୍ତା ? ଯେଉଁ ଜୀବନ ଲାଗି ଏତେ ଯନ୍ତ୍ରଣା—ଏତେ ଅଶାନ୍ତି—ଏତେ ଦୁର୍ଗତି ଭୋଗ କରିବାକୁ ହୁଏ, ସେ ଜୀବନର ପ୍ରୟୋଜନ ବା କଅଣ ! କପଟ ସେ ପାପ ମୋ ଦେହରୁ ଗଲେ ମୁଁ ନିଷ୍କୃତି ହୁଅନ୍ତି । ହେ ଅଶ୍ରୁଦେବତା, ସେଥିପାଇଁ ତୁମ୍ଭଙ୍କୁ ଡାକୁଅଛି । ତୁମ୍ଭେ ମୋର ପରମାତ୍ମୀୟ—ତୁମ୍ଭେ ମୋର ହିତୈଷୀ ବନ୍ଧୁ, ଏ ଦୀନହୀନ ଅସହାୟର କାତର ନିମନ୍ତ୍ରଣ ଗ୍ରହଣ କରି ମୋତେ ଏ ସଙ୍କଟରୁ ଉଦ୍ଧାର କର । ତୁମ୍ଭଙ୍କୁ ମୁଁ ଦୂତ ପଦରେ ବରଣ କଲି, ଦୟା କରି ମୋର ଦୁର୍ଗତି ମୋର ପ୍ରାଣାରାମ ହରିଙ୍କ ଛାମୁରେ ଯାଇ ଜଣାମଣା କର । ତୁମ୍ଭେ ଏକା ଏ କାର୍ଯ୍ୟର ଉପଯୁକ୍ତ ପାତ୍ର, ତୁମ୍ଭ ଛଡ଼ା ସେ ଅଗମ୍ୟ, ଅଜ୍ଞାତ ସ୍ଥାନକୁ ଆଉ କାହାର ଯିବାର ସାଧ ନାହିଁ । ତୁମ୍ଭେ ଯାଇ ମୋର ସେହି ଜୀବନଦାତାଙ୍କୁ କହିବ—"ହେ ଦୟାମୟ ପ୍ରଭୁ, ତୁମ୍ଭ ସୃଷ୍ଟ ଜୀବର—ତୁମ୍ଭ ଅଧମ ସନ୍ତାନର ଅଶାନ୍ତ ଜୀବନ ଧ୍ୱଂସ କରିଦିଅ । ତୁମ୍ଭେ ଅନ୍ତର୍ଯ୍ୟାମୀ, ତାହାର ଅନ୍ତରର ବ୍ୟଥା କି ଜାଣୁ ନାହଁ, ହରି ! ସେ ଚାହେଁ—ନିଃସ୍ୱାର୍ଥ ପ୍ରେମମୟ ଜୀବନ, ସେ ଚାହେଁ—କର୍ମସାର୍ଥକ ଜୀବନ, ସେ ଚାହେଁ—ଶାନ୍ତିମୟ ମଧୁମୟ ଅମୃତ ଜୀବନ । ଜଞ୍ଜାଳ ଉପଦ୍ରବମୟ ଜୀବନ ତାହାର ପ୍ରାର୍ଥନୀୟ ନୁହେ । ତାହାର ହାହାମୟ ଜୀର୍ଣ୍ଣ ଜୀବନ ଚୂର୍ଣ୍ଣ କରି ତାକୁ କର୍ମମୟ ନବ-ଜୀବନ ଏବଂ ପବିତ୍ର ଧର୍ମ-ଜୀବନ ପ୍ରଦାନ କର । ବାତ୍ୟାତ କାଳରୁ ସଂସାରର ଚାବୁକ ପ୍ରହାର ସହି ସହି ତାହାର ଦେହ ପଚିଯାଇ ପୂତିଗନ୍ଧମୟ ହୋଇ ଗଲଣି—ଅଙ୍ଗପ୍ରତ୍ୟଙ୍ଗ ଖସି ପଡ଼ିଲଣି, ସେ ଆଉ କଷାଘାତ ସହି ପାରିବ ନାହିଁ । ସେ ମୁକ୍ତି ଚାହେଁ ନାହିଁ, ଚାହେଁ—କର୍ମମୟ, ଶୁଦ୍ଧ-ପୂତ ନୈତିକ ଜୀବନ । ପ୍ରଭୁ, ଆଶ୍ରିତର ମନୋରଥ ପୂର୍ଣ୍ଣ କର । ତୁମ୍ଭର ଅଭୟ ପଦଛାୟାରେ ବସି ଟିକିଏ ଶାନ୍ତିର ନିଃଶ୍ୱାସ ମାରିଲେ ସେ ନିଜକୁ କୃତାର୍ଥ ମଣିବ ।"

ହେ ଅଶ୍ରୁବନ୍ଧୁ, ହେ ଅଶ୍ରୁଦୂତ, ମୁଁ ଏତିକି ମାତ୍ର କହିଲି, ମୋର କଲ୍ୟାଣ ପାଇଁ ତୁମ୍ଭଙ୍କୁ ଆଉ ଯାହା ଭଲ ଦିଶିବ, ତାହା କହିବ । ତୁମ୍ଭର ଗତିପଥ ମଙ୍ଗଳମୟ ହେଉ, ଯାଅ ବନ୍ଧୁ—ବିଦାୟ ।

# ପ୍ରତୀକ୍ଷା

**ଶ୍ରୀ ଅନୁକୂଳ ଚନ୍ଦ୍ର ନାୟକ**

ନିଶୀଥ ରାତିରେ—
ମନଟା ସତେ କେମିତି କେମିତି କରେ,
ଆସିବେ ନା କି ସୁନାର ବର ଆଜି ମୋର ଘରେ ।
ନିଶୀଥ ରାତିରେ ।

ଦୂଅର ପାଲେ ରହିଛି ମେଲି,
ଦିନ ଯାଇ ସନ୍ଧ୍ୟା ହେଲି,
ଚାହିଁ ଚାହିଁ ଆଖିର ପାଣି ମରେ,
ନିଶୀଥ ରାତିରେ ।

କଜଳ କଳା ଗଗନ ତଳେ,
ଅନ୍ଧାର ଶିରି ଝିଲିକ ଜଳେ,
ଛାତିଟା ମୋର ଦୁରୁଦୁରୁ ଥରେ,
ନିଶୀଥ ରାତିରେ ।

ପଦେକ ତାଙ୍କ ପାଟିର କଥା
ଟିକିଏ ତାଙ୍କ ହାତର ଛୁଆଁ
ପାଇଲି ଯଦି ବଞ୍ଚିଗଲି ତ ରେ ।
ନିଶୀଥ ରାତିରେ ।



Digitized by srujanika@gmail.com

# ଦେଶୀୟ ରାଜ୍ୟ ସମାଚାର

## କାଶ୍ମୀର

### ନାନା ଦିଗରେ ଉନ୍ନତି

କାଶ୍ମୀର ରାଜ୍ୟ ରାଜସ୍ୱ ବିଭାଗର ଗତ ବର୍ଷର ବିବରଣୀରୁ ଜଣାଯାଏ ଯେ ରାଜ୍ୟର ସର୍ବମୋଟ ରାଜସ୍ୱ ୨୬୭ ଲକ୍ଷ ଟଙ୍କା ଆଦାୟ ହୋଇଥିବା ସ୍ଥଳେ ସମସ୍ତ ବିଭାଗମାନଙ୍କୁ ନେଇ ମୋଟରେ ୨୩୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା । ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ସମବାୟ ସମିତି ଓ ଶିଳ୍ପ ବିଭାଗମାନଙ୍କରେ ଷ୍ଟେଟ୍ ସାହାଯ୍ୟ ବଢ଼ାଇ ଦେଇଥିବା ଉପରୋକ୍ତ ବଜେଟ ବୃଦ୍ଧିର ଏକମାତ୍ର କାରଣ । ସମବାୟ ସମିତି ଗୁଡ଼ିକର ସଂଖ୍ୟା ୩୩୬୩ ରୁ ୩୪୪୩ ଓ ସେମାନଙ୍କର ସଭ୍ୟ ସଂଖ୍ୟା ୭୯,୮୪୪ ରୁ ୮୪,୨୯୧ ପର୍ଯ୍ୟନ୍ତ ବଢ଼ି ଯାଇଥିଲା । ମାତ୍ର ସେଗୁଡ଼ିକର ଗଚ୍ଛିତ ମୂଳଧନ ଟ ୧,୦୦,୫୦,୦୭୮ ରୁ ୯୬,୧୬୧,୪୭ ଟଙ୍କା ପର୍ଯ୍ୟନ୍ତ କମ ହୋଇଥିଲା । ଫେରସ୍ତ ଦିଆଯାଉ ନ ଥିବା ଅଂଶ ଗୁଡ଼ିକୁ ଫେରସ୍ତ ଦିଆଯିବା ଅଂଶ ଭାବରେ ଗ୍ରହଣ କରିବା ଏବଂ ସମିତିରୁ ବାହାରିଯାଉଥିବା ସଭ୍ୟମାନଙ୍କୁ ତାହା ଫେରସ୍ତ ଦେବା କିମ୍ବା ତାଙ୍କର ଜମାରେ ଉକ୍ତ ଟଙ୍କା ଯୋଗ କରିନେବା ଉପରୋକ୍ତ ହ୍ରାସର ପ୍ରଧାନ କାରଣ ବୋଲି ଜଣାଯାଏ ।

## କୃଷି

ବ୍ରିଟିଶ ଭାରତ ଓ ଭାରତୀୟ ଦେଶୀୟ ରାଜ୍ୟମାନଙ୍କରେ ବର୍ତ୍ତମାନ ଯେଉଁ କୃଷି ଗବେଷଣା କାର୍ଯ୍ୟ ଚାଲିଛି ତାହା ସହିତ ଷ୍ଟେଟ୍ କୃଷି ବିଭାଗର ଖୁବ ନିକଟ ସମ୍ବନ୍ଧ ରଖିବା ପାଇଁ କାଶ୍ମୀର ଷ୍ଟେଟ୍ ରାଜକୀୟ ପ୍ରଧାନ କୃଷିଗବେଷଣା ସଭାରେ ( ଇମ୍ପେରିୟାଲ୍ କାଉନ୍‌ସିଲ୍ ଅବ୍ ଏଗ୍ରିକାଲଚର ରିସାର୍ଚ୍ଚ ) ସର୍ବାଦୌ ସଭ୍ୟ ଶ୍ରେଣୀଭୁକ୍ତ ହୋଇଛନ୍ତି । କାଶ୍ମୀର ଓ ଜାମୁଠାରେ ଦୁଇ ଗୋଟି ନୂତନ କୃଷି ଫାର୍ମ ଖୋଲା ଯାଇଅଛି ଏବଂ କୃଷିଜାତ ଫଳ ଗୁଡ଼ିକ ଯେପରି ସୁବିଧାରେ ବିକ୍ରୟ ହୋଇ ପାରିବ ସେଥିପାଇଁ ସମସ୍ତ କୃଷୀମାନଙ୍କୁ ନେଇ ସମବାୟ ପନ୍ଥାନୁସାରେ ଗୋଟିଏ କେନ୍ଦ୍ର-ସମ୍ମିଳନୀ ଗଠନ କରା ଯାଇଅଛି । ଫଳ ଆମଦାନି ହେଉଥିବା କେନ୍ଦ୍ର ଗୁଡ଼ିକରୁ ବୈଜ୍ଞାନିକ ପ୍ରଣାଳୀରେ ଥଣ୍ଡା ପ୍ରକ୍ରିୟା ଅନୁସାରେ ସେଗୁଡ଼ିକୁ ନେଇ ଉଦ୍ୟାନ-କେନ୍ଦ୍ରରେ ପହଞ୍ଚାଇବା ଓ ସେଠାରେ ଫଳ ଗୁଡ଼ିକୁ ଥଣ୍ଡା ସ୍ଥାନରେ ରଖିବା ବିଷୟରେ ମଧ୍ୟ ରାଜ-ସରକାର ଦୃଷ୍ଟି ଦେଉଛନ୍ତି । ଗୃହପାଳିତ ପଶୁ ଓ ଜଙ୍ଗଲମାନଙ୍କର ଉନ୍ନତି ବିଷୟରେ ମଧ୍ୟ ସରକାରଙ୍କର ବିଶେଷ ନଜର ପଡ଼ିଅଛି ।

## ଶିଳ୍ପ ବିଭାଗ

ସିଲ୍କ ସୂତାର ଦର ଅପେକ୍ଷାକୃତ ବଜାରରେ ଚଢ଼ି ଯାଇଥିଲା ଓ ଜାମୁ ସିଲ୍କ କାରଖାନାରେ ପ୍ରସ୍ତୁତ ହେଉଥିବା ସିଲ୍କ ସୂତା ଚୁଏନା ଓ ଜାପାନର ପ୍ରତିଯୋଗିତା ସତ୍ତ୍ୱ ଭାରତୀୟ ବଜାରମାନଙ୍କରେ ବେଶ୍ ବିକ୍ରି ହୋଇଥିଲା । ଶ୍ରୀ କାରେନ୍ ସିଂହ ସୂତା କଲର କାର୍ଯ୍ୟ ୧୯୩୬ ସାଲରୁ ଆରମ୍ଭ ହୋଇଥିଲା ଓ ଅନ୍ୟାନ୍ୟ ସରକାରୀ ସାହାଯ୍ୟ ପ୍ରାପ୍ତ କାରଖାନା ଗୁଡ଼ିକ ଯଥା—ହିମାଳୟ ସାବୁନ କାରଖାନା ଓ ଜାମୁଠାରେ ଥିବା ଶ୍ରୀନଗର ଓ କାଶ୍ମୀରର ମୃତ୍ତିକା କାରଖାନାର କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଥିଲା । ଜାମୁ ଓ କାଶ୍ମୀର ଷ୍ଟେଟର ୬ଷ ବାର୍ଷିକ ପ୍ରଦର୍ଶନୀରେ ମୋଟରେ ତିନି ଲକ୍ଷରୁ ଅଧିକ ଟଙ୍କାର ଜିନିଷ ବିକ୍ରୟ ହୋଇଥିଲା । ରାଜ୍ୟ ମଧ୍ୟରେ ଥିବା ୬୦ ଗୋଟି ଶିଳ୍ପ ବିଦ୍ୟାଳୟ ମାନଙ୍କରେ ୬୦୦ ଜଣ ଛାତ୍ର ଅଧ୍ୟୟନ କରୁଥିଲେ ।

## ଶିକ୍ଷା

କେବଳ ବାଳକମାନଙ୍କର ଅଧ୍ୟୟନ ପାଇଁ ଉଦ୍ଦିଷ୍ଟ ସରକାରୀ ଓ ସରକାରୀ ସାହାଯ୍ୟ ପ୍ରାପ୍ତ ଶିକ୍ଷାନୁଷ୍ଠାନ ଗୁଡ଼ିକର ସଂଖ୍ୟା ମୋଟରେ ୧,୧୫୭ ରୁ ୧,୧୮୦ ପର୍ଯ୍ୟନ୍ତ ବଢ଼ି ଯାଇଥିଲା ଓ ମୋଟ ସ୍କୁଲ ସଂଖ୍ୟା ମଧ୍ୟ ୭୮,୭୭୨ ରୁ ୭୭,୮୦୦ ପର୍ଯ୍ୟନ୍ତ ବଢ଼ିଥିଲା । ଶିକ୍ଷାନୁଷ୍ଠାନ ସଂଖ୍ୟା ବୃଦ୍ଧି ସଙ୍ଗେ ସଙ୍ଗେ ଶିକ୍ଷା ବିଭାଗର ଖର୍ଚ୍ଚ ମଧ୍ୟ ୧୩,୭୭,୦୦୦ ଟଙ୍କାରୁ ୧୩,୮୧,୦୦୦ ଟଙ୍କା ପର୍ଯ୍ୟନ୍ତ ଉଠିଥିଲା । ବାଳିକାମାନଙ୍କ ପାଇଁ ଥିବା ଶିକ୍ଷାନୁଷ୍ଠାନ ଗୁଡ଼ିକ ମଧ୍ୟ ୧୭୯ ରୁ ୧୯୩ ପର୍ଯ୍ୟନ୍ତ ବଢ଼ିଥିଲା ଓ ତାହା ସଙ୍ଗେ ସଙ୍ଗେ ବାଳିକା ଛାତ୍ରୀ ସଂଖ୍ୟା ୧୩,୨୨୧ ରୁ ୧୩,୯୩୫ ପର୍ଯ୍ୟନ୍ତ ବୃଦ୍ଧି ହୋଇଥିଲା । ଏ ଗୁଡ଼ିକର ଖର୍ଚ୍ଚ ମଧ୍ୟ ତଦନୁପାତରେ ୨,୪୮,୨୪୫ ଟଙ୍କାରୁ ୨,୬୮,୯୯୨ ଟଙ୍କା ପର୍ଯ୍ୟନ୍ତ ଉଠିଥିଲା । ଜାମୁ ଓ ଶ୍ରୀନଗରର ବାଳିକା ବିଦ୍ୟାଳୟରୁ ଗତ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ୮୩ ଜଣ ବାଳିକା ମଧ୍ୟରୁ ୨୦ ଜଣ କୃତକାର୍ଯ୍ୟ ହୋଇଥିଲେ । ରାଜ୍ୟର ଡାକ୍ତରଖାନା ଗୁଡ଼ିକ ମଧ୍ୟ ପୂର୍ବ ବର୍ଷ ୮୨ ଥିବା ସ୍ଥଳେ ଆଉରି ଦୁଇ ଗୋଟି ଅଧିକ କରା ଯାଇଥିଲା ।



Digitized by srujanika@gmail.com

## ତ୍ରିବାଙ୍କୁଡ଼

### ଯାତାୟାତ ସୁବିଧା

ହାଏଦ୍ରାବାଦ ରାଜ୍ୟରେ ଯାତାୟାତ ସମ୍ବନ୍ଧରେ ଯେଉଁ ସୁବନ୍ଦୋବସ୍ତ ହୋଇଅଛି ତଦନୁଯାୟୀ ତ୍ରିବାଙ୍କୁଡ଼ ରାଜସରକାର ତାଙ୍କ ରାଜ୍ୟରେ ଯାତାୟାତ ସୁବିଧାର ସଙ୍ଗଠନ କରିବା ଲାଗି ବିଶେଷ ଭାବରେ ଯତ୍ନ ନେଉଅଛନ୍ତି । ତ୍ରିବାଙ୍କୁଡ଼ ବ୍ୟବସ୍ଥା ସଭାର ଅର୍ଥନୈତିକ କମିଟିର ଏକ ଅଧିବେଶନରେ ଦେଓ୍ୱାନ ସର୍ ସି. ପି. ରାମସ୍ୱାମୀ ଏ ସମ୍ବନ୍ଧରେ ଏକ ବକ୍ତୃତା ବ୍ୟାଖ୍ୟା କରିଥିଲେ ଓ ଉକ୍ତ ଯାତାୟାତ ସୁବିଧାର ସଙ୍ଗଠନ ବ୍ୟବସ୍ଥାକୁ ପୂର୍ଣ୍ଣ ବ୍ୟବସାୟ ସୂତ୍ରରେ ଆରମ୍ଭ କରିବା ଏବଂ ଲଣ୍ଡନ କିମ୍ବା ଅନ୍ୟ ସ୍ଥାନରେ ଉକ୍ତ କାର୍ଯ୍ୟ ଚଲାଇ ଥିବା ଜଣେ ପ୍ରବୀଣ ବ୍ୟକ୍ତିଙ୍କ ତତ୍ତ୍ୱାବଧାନରେ ତାହା ରଖିବା ଲାଗି ଉକ୍ତ ସଭାରେ ପ୍ରସ୍ତାବମାନ ଗୃହୀତ ହୋଇଥିଲା । ହାଏଦ୍ରାବାଦ ଷ୍ଟେଟ୍ ଉକ୍ତ କାର୍ଯ୍ୟ ଆରମ୍ଭ କରିବାର ପ୍ରଥମ ତିନି ବର୍ଷ ମଧ୍ୟରେ ଶତକଡ଼ା ୧୦ ଟଙ୍କାରୁ ଅଧିକ ଲାଭ ପାଇଥିଲେ । ତ୍ରିବାଙ୍କୁଡ଼ ଷ୍ଟେଟ୍‌ରେ ହାଏଦ୍ରାବାଦ ଅପେକ୍ଷା ଅନେକ ସୁବିଧା ଥିବାରୁ ଜଣାଯାଏ ଓ ସେଥିପାଇଁ ଏଠାରେ ଅଧିକ ଲାଭ ହୋଇ ପାରିବାର ମଧ୍ୟ ଆଶା କରାଯାଏ ।

ପ୍ରଥମେ ତ୍ରିବାନ୍ଦ୍ରମ ଠାରୁ କେପ୍ କମୋରିନ ପର୍ଯ୍ୟନ୍ତ ମଟର ବାସ୍ ଚଲାଇବାର ଓ ଅନ୍ୟାନ୍ୟ ରାସ୍ତା ଗୁଡ଼ିକରୁ ବର୍ତ୍ତମାନ ଚଲାଉ ଥିବା ମଟର ବ୍ୟବସାୟୀମାନଙ୍କୁ ଛାଡ଼ି ଦେବାର ସ୍ଥିର କରିଛନ୍ତି । ପ୍ରାୟ ମୋଟ ୫୦ ଲକ୍ଷ ଟଙ୍କା ଖର୍ଚ୍ଚରେ ବର୍ତ୍ତମାନ ୭୦ ଗୋଟି ବାସ୍ ଓ ୧୦ ଗୋଟି ଲରି କିଣିବାର ବ୍ୟବସ୍ଥା ହୋଇଅଛି ।

ଉପରୋକ୍ତ ବ୍ୟବସ୍ଥାଦ୍ୱାରା ଅନେକ ସୁବିଧା ହେବାର ଆଶା କରାଯାଏ । ଆର୍ଥିକ ଦୃଷ୍ଟିରେ ଦେଖିଲେ ଷ୍ଟେଟ୍ ଏହାଦ୍ୱାରା ଲାଭବାନ ହେବ ଓ ସର୍ବସାଧାରଣ ନିୟମିତ ଭାବରେ ଯାତାୟାତର ସୁବିଧା ପାଇ ପାରିବେ । ମଟର ଚାଳନା ଓ ତାହାର ଆବଶ୍ୟକୀୟ ଅଂଶମାନଙ୍କର କାମିଗରି ଶିକ୍ଷା ଦେବା ପାଇଁ ମଧ୍ୟ ଏକ ଅନୁଷ୍ଠାନ ଖୋଲାଯିବ ଓ ତହିଁରେ ଷ୍ଟେଟବାସୀମାନଙ୍କୁ ସ୍ଥାନ ଦିଆଯିବ । ବର୍ତ୍ତମାନ କେବଳ ୩ କିମ୍ବା ୪ ଗୋଟି ଗାଡ଼ି ତାହାର ସମସ୍ତ ଅଂଶ ସହ କିଣାଯିବ ଓ ବାକିଗୁଡ଼ିକର ଯାନ ବସିବା ସ୍ଥାନମାନ ଷ୍ଟେଟ୍ କାରଖାନାରେ ତିଆରି ହେବ । ଷ୍ଟେଟ୍ ବିଶ୍ୱବିଦ୍ୟାଳୟରେ ଛାତ୍ରମାନଙ୍କୁ ଏ ଦିଗରେ ଅଧିକ ଉନ୍ନତ ଶିକ୍ଷା ଦେବାର ରାଜସରକାର ସୁବିଧା କରିବେ ବୋଲି ଦେଓ୍ୱାନ ସର୍ ସି. ପି. ରାମସ୍ୱାମୀ ଆୟାର ଆଶ୍ୱାସ ଦେଇଛନ୍ତି ।

### ବିଦ୍ୟୁତ୍ ଶକ୍ତି ଓ ଶିଳ୍ପୋନ୍ନତି

ତ୍ରିବାଙ୍କୁଡ଼ ରାଜ୍ୟର ଶିଳ୍ପ ଉନ୍ନତି ଦିଗରେ ବିଦ୍ୟୁତ୍ ଶକ୍ତି ଏବେ ଏକ ବିଶେଷ ସ୍ଥାନ ଅଧିକାର କରିଅଛି ଓ ୧୯୩୪-୩୬ ସାଲରେ ଏଥିପାଇଁ ମୋଟରେ ୩୮,୧୩,୦୦୦ ଟଙ୍କା ବ୍ୟୟ ହୋଇଅଛି । ଏଥି ପୂର୍ବରୁ କେବେ ଏତେ ଟଙ୍କା ଖର୍ଚ୍ଚ ହୋଇ ନ ଥିଲା । ଉପରୋକ୍ତ ଖର୍ଚ୍ଚ ମଧ୍ୟରୁ ଅଧିକ ଭାଗ ପଲ୍ଲିଭସଲ ହାଇଡ୍ରୋ-ଇଲେକଟ୍ରିକ୍ କାରଖାନାରେ ଖର୍ଚ୍ଚ ହୋଇଅଛି ଓ ଏହି କାରଖାନା ବର୍ଷ ମଧ୍ୟରେ ଅନେକ ଉନ୍ନତି କରିଅଛି । ତ୍ରିବାନ୍ଦ୍ରମ ଓ କୁଇଲନ ଇଲେକଟ୍ରିକ୍ ପାଓ୍ୱାର ହାଉସ୍ ଓ ତ୍ରିବାନ୍ଦ୍ରମ ଟେଲିଫୋନ କେନ୍ଦ୍ରର ମୋଟ ଜମା ପ୍ରାୟ ୧୨୫ ଲକ୍ଷ ଟଙ୍କା ହୋଇଥିଲା । ମୋଟ ଜମାରୁ ଶତକଡ଼ା ୩୦ ଭାଗ ତାହାର ସ୍ଥାୟୀ ପାଣ୍ଠି ଓ ଖର୍ଚ୍ଚ ପାଇଁ ରଖି ସରକାର ଶତକଡ଼ା ୬୪ ଟଙ୍କା ଫେରସ୍ତ ପାଆନ୍ତି ।

## ଯୋଧପୁର

### ଦୁର୍ଭିକ୍ଷ-ପୀଡ଼ିତ ଲୋକମାନଙ୍କ ପାଇଁ ସାହାଯ୍ୟ

ଗତ ବର୍ଷଠାରୁ ଯୋଧପୁର ଷ୍ଟେଟରେ ଯେଉଁ ଦୁର୍ଭିକ୍ଷ ପଡ଼ିଛି ତାହାର ବିହିତ ପ୍ରତିକାର ପାଇଁ ମହାରାଜା ସାହେବ ଅନ୍ୟାନ୍ୟ ବ୍ୟବସ୍ଥା ମଧ୍ୟରେ ଘାସ ଓ ଗହମ-କୁଟା କମ୍ ମୂଲ୍ୟରେ ବିକ୍ରୟ କରିବାର ଆଦେଶ କରିଅଛନ୍ତି । ଏ ସମସ୍ତ କ୍ରୟ ବିକ୍ରୟରେ ଯେଉଁ କ୍ଷତି ଘଟିବ ତାହା ଷ୍ଟେଟ ବହନ କରିବ । ଦୁର୍ଭିକ୍ଷ-ପୀଡ଼ିତ ସ୍ଥାନମାନଙ୍କରେ ଘାସ ଗୋଦାମମାନ ଖୋଲାଯିବ ଓ ଦରକାର ହେଲେ ପ୍ରଧାନ ମନ୍ତ୍ରୀଙ୍କର ମତ ନେଇ ଡେଭ୍‌ଲପ୍‌ମେଣ୍ଟ ଡ଼ିରେକ୍ଟର ଅଧିକ ଗୋଦାମମାନ ଖୋଲି ପାରିବେ । ପୂର୍ବରୁ ଅଟକରେ ଥିବା ସେଠାକାର ସମସ୍ତ ଜଙ୍ଗଲ ଗୋ-ମହିଷାଦି ପଶୁମାନଙ୍କର ଚରିବା ନିମନ୍ତେ ବିନା ମୂଲ୍ୟରେ ଛାଡ଼ି ଦିଆ ଯାଇଅଛି ଓ ସମସ୍ତଙ୍କ ପାଇଁ ଜଳର ସୁବିଧା ସକାଶେ ୫୩୦୦ ଟଙ୍କା ଖର୍ଚ୍ଚ କରିବାର ଆଦେଶ ହୋଇଅଛି ।

### ଓଜନ ଓ ମାପର ସମତା

**ଷ୍ଟେଟରେ ସବୁଆଡ଼େ ଓଜନ ଓ ମାପ ସମାନ ରଖିବା ପାଇଁ ଏକ ଆଦେଶ ଜାରି ହୋଇଅଛି ।** ଶୁଣାଯାଏ ଯେ ଏହି ଆଦେଶ ଜାରି ହେବା ପରେ କେତେକ ବଣିକ୍ ବ୍ୟବସାୟୀ ମହାରାଜାଙ୍କୁ ସାକ୍ଷାତ କରି ଆଦେଶ ରହିତ କରିବା ପାଇଁ ଅନୁରୋଧ କରିଥିଲେ । ମାତ୍ର ସର୍ବସାଧାରଣ ଏହି ଆଇନ ପ୍ରଣୟନଦ୍ୱାରା କ୍ଷତିଗ୍ରସ୍ତ ହେବେ ନାହିଁ ବୋଲି ଅବଗତ ହୋଇ ଏହି ଆଦେଶ ଜାରି ହୋଇ ଥିବାରୁ ମହାରାଜା ସାହେବ ତାଙ୍କ ଆପତ୍ତି ଗ୍ରହଣ କଲେ ନାହିଁ ।

## ମହୀସୂର

### ରାଜ୍ୟର ଶିଳ୍ପୋନ୍ନତି

ମହୀସୂର ଷ୍ଟେଟ୍ ଅର୍ଥ ବିଭାଗର ଅଳ୍ପ ଦିନ ତଳେ ହୋଇଥିବା ଏକ ସଭାରେ ପ୍ରବୀଣ ଦେଓ୍ୱାନ ସାହେବ ସର ମିର୍ଜା ଇସ୍‌ମାଇଲ ପୃଥିବୀ ତମାମ୍ ସାଧାରଣ ଆର୍ଥିକ ଦୁରବସ୍ଥା କ୍ରମେ କାଟିଯାଇ ଉନ୍ନତି ମାର୍ଗକୁ ଉଠୁଛି, ଯେ ସମ୍ବନ୍ଧରେ କହିଥିଲେ । ଅତ୍ୟଧିକ ପରିମାଣରେ ବିଦ୍ୟୁତ ଶକ୍ତି ଖର୍ଚ୍ଚ ହୋଇଥିବା ବିଷୟରେ ଜୋର ଦେଇ ସେ କହିଥିଲେ ଯେ, ଏହା କମୋନ୍ନତିର ଏକ ନିର୍ଦ୍ଦିଷ୍ଟ ଚିହ୍ନ ।



Digitized by srujanika@gmail.com

ମହୀସୁର ଷ୍ଟେଟ୍‌ରେ ବର୍ଷ ମଧ୍ୟରେ ୩୨୪,୦୦୦,୦୦୦ ଇଉନିଟ୍ ବିଦ୍ୟୁତ୍ ଶକ୍ତି ଖର୍ଚ୍ଚ ହେବାର ଓ ସେଥିରୁ ମୋଟରେ ୬,୪୦୦,୦୦୦ ଟଙ୍କା ଆଦାୟ ହେବାର ଦେଖା ଯାଇଅଛି ।

ବିଦ୍ୟୁତ୍ ଶକ୍ତି ଯୋଗାଇବା ପାଇଁ ଶିମ୍‌ସା ଜଳପ୍ରପାତରେ ଆଉ ଗୋଟାଏ ପାଉଆର ହାଉସ ବସିବ ଓ ତଦ୍ୱାରା ଅବଶ୍ୟକୀୟ ଅତ୍ୟଧିକ ବିଦ୍ୟୁତ୍ ଶକ୍ତିର ଅଭାବ ଘୁଞ୍ଚାଇ ହେବ । ସେଥିରେ ୬,୨୦୦,୦୦୦ ଟଙ୍କା ଖର୍ଚ୍ଚ ହେବାର ବ୍ୟବସ୍ଥା ହୋଇଅଛି ।

ଷ୍ଟେଟ୍‌ର ବାଣିଜ୍ୟ ବ୍ୟବସାୟ ସମ୍ବନ୍ଧରେ ଦେଓଆନ ସାହେବ କହିଥିଲେ ଯେ ଷ୍ଟେଟ୍ ବର୍ତ୍ତମାନ ତିନି ଗୋଟି ବିଭିନ୍ନ ଦିଗରେ ଏହି କାର୍ଯ୍ୟ ଆରମ୍ଭ କରିଛି । ପ୍ରଥମତଃ ସାଧାରଣ ଲୋକଙ୍କ ତତ୍ତ୍ୱାବଧାନରେ ରେଳ ବିଭାଗ, ବିଦ୍ୟୁତ୍-ଶକ୍ତି କାରଖାନା, ଜଳ ସେଚନ ଓ ଜଳ ଯୋଗାଇବା ଓ ଲୌହ କାରଖାନା ପ୍ରଭୃତି ପ୍ରଧାନ ପ୍ରଧାନ ବିଭାଗମାନଙ୍କରେ ଷ୍ଟେଟ୍ କାର୍ଯ୍ୟ ଆରମ୍ଭ କରିଛନ୍ତି ।

ଦ୍ୱିତୀୟରେ ଶିଳ୍ପ ଉନ୍ନତି ପାଇଁ ସାବୁନ କାରଖାନା ନିଜ ତତ୍ତ୍ୱାବଧାନରେ ଷ୍ଟେଟ୍ ଚଳାଇବା ଦ୍ୱାରା ଓ ନିର୍ଦ୍ଦିଷ୍ଟ ସଭ୍ୟ-ବିଶିଷ୍ଟ କମ୍ପାନିରେ ଅଂଶ କ୍ରୟ କରିବା ଦ୍ୱାରା ଶିଳ୍ପର ଉନ୍ନତି କରି ଯାଉଅଛି । ତୃତୀୟତଃ ଷ୍ଟେଟ୍‌ରେ ବ୍ୟାଙ୍କ୍ ସ୍ଥାପନ କରି ଋଣ ଦାନ ଦେବା ଦ୍ୱାରା କମ୍ପାନିମାନଙ୍କୁ ସାହାଯ୍ୟ କରି ଯାଉଅଛି । ମହୀସୁରର ପଥର ପାଇପ୍ ଓ ମୃତ୍ତିକା କାରଖାନା ଏହାର ଉଦାହରଣ ।

## ଅନ୍ୟାନ୍ୟ ଉଦ୍‌ଯୋଗ

ଶୁଣାଯାଏ ଯେ ମହୀସୁର ଷ୍ଟେଟ୍ ଏମ୍ ଓ ଏସ୍. ଏମ୍. ରେଲଓୱେ କମ୍ପାନି ଠାରୁ ଷ୍ଟେଟ୍ ରେଲଓୱେ ଗୁଡ଼ିକ ନେଇ ୧୯୩୮ ଜାନୁୟାରୀ ମାସ ପହିଲା ତାରିଖ ଠାରୁ ନିଜ ପରିଚାଳନାରେ ରଖିବେ । ରେଳଭଡ଼ା କମାଇ ଦେଇ ପରୀକ୍ଷା ସ୍ୱରୂପ ଦେଖା ଯାଇଛି ଯେ ତଦ୍ୱାରା ରେଳ ବିଭାଗର ଆୟ ବରଂ ବଢ଼ୁଛି । ୧୯୩୫-୩୬ ସାଲର ବଜେଟରେ ଧରି ଯାଇଥିବା ହାରାହାରି ଆୟ ଅପେକ୍ଷା ହାଇଡ୍ରୋ-ଇଲେକଟ୍ରିକ୍ କାରଖାନାର ମୋଟ ଆୟ ୧୭୦ ଲକ୍ଷ ପର୍ଯ୍ୟନ୍ତ ବଢ଼ି ଯାଇଛି । କେବଳ ଲୌହ କାରଖାନା ଏ ପର୍ଯ୍ୟନ୍ତ ଏ ଦିଗରେ ସନ୍ତୋଷଜନକ ଫଳ ଦେଖାଇ ପାରି ନାହିଁ । ବଜେଟରେ ଧରି ଯାଇଥିବା ହାରାହାରି ଲାଭ ୩୧୦ ଲକ୍ଷ ଟଙ୍କା ସ୍ଥଳେ କେବଳ ୫୦,୦୦୦ ଟଙ୍କା ଲାଭ ହୋଇଥିବାର ଦେଖାଯାଏ । ଲୌହ ନିର୍ମାଣରେ ଅନେକ ଅସୁବିଧା ଘଟୁଥିବା ଓ ଅଳ୍ପ ପରିମାଣରେ ଲୌହ ପ୍ରସ୍ତୁତ ହେଉଥିବା ଏହାର ପ୍ରଧାନ କାରଣ । ନୂତନ ଉଦ୍‌ଯୋଗ ମଧ୍ୟରେ ଗୋଟାଏ ସିମେଣ୍ଟ କାରଖାନା ଖୋଲା ଯାଉଛି ଓ ସେଥିପାଇଁ ୧୫୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଅଛି । ସେହି ମଞ୍ଜୁରି ଟଙ୍କା ମଧ୍ୟରୁ ଏ ବର୍ଷ ବଜେଟରେ ୩ ଲକ୍ଷ ଟଙ୍କା ଧରି ଯାଇଅଛି ଓ ଅବଶିଷ୍ଟ ଟଙ୍କା ଆସନ୍ତା ବର୍ଷ ବଜେଟରେ ଦିଆଯିବ ।

ଅନ୍ୟାନ୍ୟ ଖର୍ଚ୍ଚ ମଧ୍ୟରେ ମାନସିକ ବ୍ୟାଧିଗ୍ରସ୍ତ ଲୋକମାନଙ୍କ ପାଇଁ ଗୋଟାଏ ଡାକ୍ତରଖାନା ନିର୍ମାଣର ବ୍ୟବସ୍ଥା ହୋଇଅଛି । ଏହାର କାର୍ଯ୍ୟ ଶେଷ ହେଲେ ଏହା ପ୍ରାଚ୍ୟ ଦେଶୀୟ ଉପରୋକ୍ତ ଯେ କୌଣସି ଅନୁଷ୍ଠାନ ସଙ୍ଗେ ତୁଳନୀୟ ହୋଇ ପାରିବ ।

## ଗ୍ରାମ ସଂଗଠନ

ଗ୍ରାମ ସଂଗଠନ ଭାରତବର୍ଷରେ ବର୍ତ୍ତମାନ ଏକ ପ୍ରଧାନ ସମସ୍ୟା ଓ ସେହି ବିଷୟରେ ଦେଓଆନ ସାହେବ ଦୁଇ ଗୋଟି ପ୍ରକୃଷ୍ଟ ପନ୍ଥା ସ୍ଥିର କରିଅଛନ୍ତି । ପାନୀୟ ଜଳ ଯୋଗାଇବା ପାଇଁ ସରକାର ୧୮୨ ହଜାର ଟଙ୍କା ମଞ୍ଜୁର କରିଛନ୍ତି । ଏହାଛଡ଼ା ସାଧାରଣ ଲୋକଙ୍କ ମଧ୍ୟରୁ ଯେ ଏହି ପାଣ୍ଠିକୁ ଯାହା ଦାନ କରିବେ ତାହା ମଧ୍ୟ ଏହା ସହିତ ମିଶାଇ ଦିଆଯିବ ।

## ଭବନଗର

### ଗ୍ରାମ-ସଂଗଠନ

ଗ୍ରାମ୍ୟ ସମସ୍ୟା ଗୁଡ଼ିକର ସମାଧାନ ପାଇଁ ଭବନଗର ଷ୍ଟେଟ୍ ଯେଉଁପରି ଭାବରେ କାର୍ଯ୍ୟ ଆରମ୍ଭ କରିଛନ୍ତି ତାହା ପ୍ରଶଂସନୀୟ ଅଦ୍ଭୁତ ହୋଇଅଛି । ଷ୍ଟେଟ୍‌ର ରାଜସ୍ୱ ବିଭାଗର ଏକ ବିବରଣୀରେ ଉପରୋକ୍ତ କାର୍ଯ୍ୟର ବିସ୍ତୃତ ବର୍ଣ୍ଣନ କରାଯାଇଅଛି ଓ ସମସ୍ତ କାର୍ଯ୍ୟ ମହାରାଜାଙ୍କ ଅନୁକୂଳ୍ୟରେ ଓ ସର୍ ପ୍ରଭାଶଙ୍କର ପଟ୍ଟନୀଙ୍କ ତତ୍ତ୍ୱାବଧାନରେ ହେଉଅଛି ।

### ଗ୍ରାମ୍ୟ ପଞ୍ଚାୟତ ଶାସନ

ଗ୍ରାମ-ସଂଗଠନ କାର୍ଯ୍ୟରେ ଭବନଗର ଷ୍ଟେଟ୍ ସର୍ବାଦୌ ଗ୍ରାମ୍ୟ ପଞ୍ଚାୟତ ଶାସନର ସଂଗଠନ ଦିଗରେ ବେଶି ଦୃଷ୍ଟି ଦେଇଥିବାର ଜଣାଯାଏ । ପାଞ୍ଚ ବର୍ଷ ପୂର୍ବରେ ଏପରି ଗ୍ରାମ୍ୟ ପଞ୍ଚାୟତର ସଂଖ୍ୟା ୬ରୁ ବେଶି ନ ଥିଲା କିନ୍ତୁ ବର୍ତ୍ତମାନ ୮୦ ଗୋଟି ଗ୍ରାମରେ ଏହି ପଞ୍ଚାୟତ ସ୍ଥାପିତ ହୋଇଅଛି । ପଞ୍ଚାୟତ ନ ଥିବା ଗ୍ରାମମାନଙ୍କ ସଙ୍ଗେ ତୁଳନା କରି ଦେଖିଲେ ମନେହୁଏ ଯେ ପଞ୍ଚାୟତ-ବିଶିଷ୍ଟ ଗ୍ରାମ ଗୁଡ଼ିକ ନିୟମିତ ଭାବରେ ଓ ନିୟମିତ ସମୟରେ ଭୂମିରାଜସ୍ୱ ଆଦାୟ କରି ଦେଉଛନ୍ତି । ଏଥିପାଇଁ ସେମାନଙ୍କୁ ସ୍ଥାନୀୟ ରାଜସ୍ୱ ବିଭାଗୀୟ କର୍ମଚାରୀଙ୍କ ତାଗିଦ କିମ୍ବା ଉପଦେଶ ଦେବାକୁ ପଡୁନାହିଁ । ପଞ୍ଚାୟତ ଗଠିତ ଗ୍ରାମମାନଙ୍କରେ ପ୍ରାଥମିକ ସ୍କୁଲ ବସାଇବା ପାଇଁ ଷ୍ଟେଟ୍ ସେମାନଙ୍କୁ ସୁବିଧା ଦେଇଛନ୍ତି ଓ ଗୋଟିଏ ଗ୍ରାମୋନ୍ନତି ଫଣ୍ଡ ସ୍ଥାପିତ ହୋଇଅଛି । ସେହି ଫଣ୍ଡରେ ଜମାଥିବା ଟଙ୍କାର ସୁଧରୁ କେତେକ ଅଂଶ କୃଷି-ବିଦ୍ୟା ଅଧ୍ୟୟନ କରୁଥିବା ଉପଯୋଗୀ ଛାତ୍ରମାନଙ୍କୁ ବୃତ୍ତି ଦିଆ ଯାଉଅଛି ଓ କେତେକ ଅଂଶ ଗ୍ରାମର ଉନ୍ନତି ପାଇଁ ଖର୍ଚ୍ଚ କରି ଯାଉଅଛି । ଗ୍ରାମ୍ୟ ଉନ୍ନତି ପାଇଁ ଦିଆ ଯାଉଥିବା ଟଙ୍କା ଗ୍ରାମର ଲୋକମାନଙ୍କ ଠାରୁ ଉଠୁଥିବା ଚାନ୍ଦା ସଙ୍ଗେ ପ୍ରାୟ ସମାନ ଓ ସର୍ବମୋଟ ପାଞ୍ଚ ୧୦୦ ଟଙ୍କାରୁ ବେଶି ନୁହେ ।

ଏହା ଛଡ଼ା ଷ୍ଟେଟ୍ କୂପ ଖନନ ପାଇଁ ଓ ପୁରାତନ କୂପ ଗୁଡ଼ିକର ସଂସ୍କାର ପାଇଁ, କୃଷକମାନଙ୍କୁ ତାଙ୍କର ଆବଶ୍ୟକ ଅନୁଯାୟୀ କରଜ ଦେବା ସକାଶେ ୫୦,୦୦୦ ଟଙ୍କା ମହଜୁତ ରଖିଛନ୍ତି । ୧୯୩୫-୩୬ ରେ ଏହି ଟଙ୍କାରେ ୨୮ ଗୋଟି କୂପ ଖନନ ହୋଇଥିଲା ।



Digitized by srujanika@gmail.com


# ସମ୍ବାଦ ଓ ସଙ୍କେତ

## ମହାମହିମ ଭାରତ ସମ୍ରାଟଙ୍କ ଜନ୍ମୋତ୍ସବ

ମହାମହିମ ଭାରତ ସମ୍ରାଟଙ୍କ ଜନ୍ମଦିନ ଉତ୍ସବ ଗତ ଜୁନ ମାସ ୯ ତାରିଖରେ ମୟୂରଭଞ୍ଜରେ ଯଥାବିଧି ପ୍ରତିପାଳିତ ହୋଇଥିଲା । ସେ ଦିନ ସମସ୍ତ ସରକାରୀ ଅନୁଷ୍ଠାନ ବନ୍ଦ ରହିବ ବୋଲି ପୂର୍ବରୁ ଷ୍ଟେଟ୍ ଗେଜେଟରେ ଜଣାଇ ଦିଆ ଯାଇଥିଲା । ସକାଳ ୭ ଘଣ୍ଟା ସମୟରେ ସ୍ଥାନୀୟ ଅଫିସରମାନେ ବାରିପଦା ପୋଲିସ ପଡ଼ିଆରେ ଜୁଣ୍ଡ ହୋଇଥିଲେ । ସେଠାରେ ବ୍ରିଟିଶ୍ ପତାକା ୟୁନିୟନ୍ ଜ୍ୟାକ୍ ଉତ୍ତୋଳନ କରି ଯାଇଥିଲା ଓ ପୋଲିସ ଫଉଜ ପେରେଡ଼ କରି ପତାକା ପ୍ରତି ସମ୍ମାନ ପ୍ରଦର୍ଶନ କରିଥିଲେ । ସେଥି ସଙ୍ଗେ ବ୍ରିଟିଶ୍ ଜାତୀୟ ସଙ୍ଗୀତ ଗାଇ ଷ୍ଟେଟ୍ ବ୍ୟାଣ୍ଡ ବାଦ୍ୟ ବାଜି ଥିଲା । ଉପସ୍ଥିତ ଜନତା ଦଣ୍ଡାୟମାନ ହୋଇ ପତାକା ପ୍ରତି ସମ୍ମାନ ପ୍ରଦର୍ଶନ କରିଥିଲେ । ଷ୍ଟେଟ୍‌ର ଅନ୍ୟାନ୍ୟ ସବ୍-ଡିଭିଜନମାନଙ୍କରେ ମଧ୍ୟ ଉପରୋକ୍ତ ମତେ ଏହି ଶୁଭ ଦିନଟି ପ୍ରତିପାଳିତ ହୋଇଥିଲା ।

## ମୟୂରଭଞ୍ଜରେ ରଥଯାତ୍ରା

ପ୍ରତି ବର୍ଷ ପରି ଏ ବର୍ଷ ମଧ୍ୟ ରଥଯାତ୍ରା ମହା ସମାରୋହରେ ମୟୂରଭଞ୍ଜର ରାଜଧାନୀ ବାରିପଦାଠାରେ ଅନୁଷ୍ଠିତ ହୋଇଥିଲା ।



ରଥଯାତ୍ରାର ପୂଜା ବିଧିରେ ଯୋଗ ଦେବା ପାଇଁ ଶ୍ରୀମନ୍ ମହାରାଜାଙ୍କର ରାଜପ୍ରାସାଦରୁ ହସ୍ତୀ ପୃଷ୍ଠରେ ଯାତ୍ରାକାଳୀନ ଦୃଶ୍ୟ ।



Digitized by srujanika@gmail.com

ପ୍ରାୟ କୋଡ଼ିଏ ହଜାର ଯାତ୍ରୀ ଉପସ୍ଥିତ ହୋଇଥିଲେ । ରଥଯାତ୍ରା ମୟୂରଭଞ୍ଜରେ ସବୁଠାରୁ ବଡ଼ ମେଳା । ଗୁଣ୍ଡିଚା ଯାତ୍ରାର ନିର୍ଦ୍ଧାରିତ ଦିନ ନେଇ ଏ ବର୍ଷ ଓଡ଼ିଶାର ପଞ୍ଜିକାମାନଙ୍କରେ ମତାନ୍ତର ଘଟିଥିବାରୁ ଓ ପୁରୀ ରଥଯାତ୍ରାର ଦିନ ପରିବର୍ତ୍ତିତ ହୋଇଥିବାରୁ ସେହି ଅନୁସାରେ ଏଠାରେ ଜୁଲାଇ ମାସ ୯ ତାରିଖ ପରିବର୍ତ୍ତେ ୧୦ ତାରିଖରେ ଯାତ୍ରା ଆରମ୍ଭ ହୋଇଥିଲା ଏବଂ ତାରିଖ ପରିବର୍ତ୍ତନ ବିଷୟ ଷ୍ଟେଟ୍ ଗେଜେଟରେ ଜଣାଇ ଦିଆ ଯାଇଥିଲା । ଏଣୁ ଯାତ୍ରୀମାନଙ୍କର ମଧ୍ୟ କୌଣସି ଅସୁବିଧା ଘଟି ନ ଥିଲା । ଯାତ୍ରୀମାନଙ୍କ ମଧ୍ୟରୁ ଅଧିକାଂଶ ନିକଟବର୍ତ୍ତୀ ଗ୍ରାମମାନଙ୍କରୁ ଆସିଥିଲେ ହେଁ ମୟୂରଭଞ୍ଜର ନିକଟବର୍ତ୍ତୀ ବାଲେଶ୍ୱର, ମେଦିନୀପୁର ଓ ସିଂହଭୂମ ପ୍ରଭୃତି ବ୍ରିଟିଶ୍ ରାଜ୍ୟମାନଙ୍କରୁ ଆସିଥିବା ଯାତ୍ରି ସଂଖ୍ୟା ଉଣା ନ ଥିଲା ।

ଶ୍ରୀମନ୍ ମହାରାଜା ସାହେବ ଗଡ଼ରେ ଉପସ୍ଥିତ ଥିବାରୁ କୌଳିକ ପ୍ରଥାନୁଯାୟୀ ସମସ୍ତ ପୂଜା ଓ ରଥଟଣାରେ ସ୍ୱୟଂ ଯୋଗ ଦେଇଥିଲେ ।

ବାରିପଦା ମ୍ୟୁନିସିପାଲିଟି ସ୍ୱାସ୍ଥ୍ୟ ବିଭାଗର ସାହାଯ୍ୟ ନେଇ ଯାତ୍ରା ସମୟରେ ଯେପରି କୌଣସି ପ୍ରକାର ସଂକ୍ରାମକ ରୋଗ ନ ହୁଏ, ତହିଁର ବିହିତ ପ୍ରତିକାରମାନ କରିଥିଲେ । ଯାତ୍ରୀମାନଙ୍କୁ କଲେରା ଇନ୍‌ଜେକ୍‌ସନ ଦିଆ ଯାଇଥିଲା ଓ ବଜାରରେ ଯେପରି କୌଣସି ପଚା ସଢ଼ା ଜିନିଷ ବିକ୍ରୟ ନ ହୁଏ ଓ ଜଳବାୟୁ ଦୂଷିତ ନ ହୁଏ, ସେଥିପ୍ରତି ବିଶେଷ ଦୃଷ୍ଟି ଦିଆଯାଇଥିଲା ।

ମୟୂରଭଞ୍ଜ ଡେଭଲପ୍‌ମେଣ୍ଟ ଡିପାର୍ଟ୍‌ମେଣ୍ଟ ଏହି ସୁବିଧା ପାଇ ତାଙ୍କ ଶିଳ୍ପ ବିଭାଗର ସମସ୍ତ ପଦାର୍ଥ ଓ କୃଷି ବିଭାଗର ପ୍ରଚୁର ଶସ୍ୟ ଉତ୍ପାଦନକାରୀ କେତେକ ବଛା ବଛା ବିହନର ଏକ ପ୍ରଦର୍ଶନୀ ଖୋଲିଥିଲେ । ଆଧୁନିକ ଉପାୟରେ ଚାଷ କରି କିପରି ନିଜର ଆୟ ବୃଦ୍ଧି କରାଯାଇପାରେ ତାହା ମଧ୍ୟ ଲୋକମାନଙ୍କୁ ବୁଝାଇ ଦିଆ ଯାଇଥିଲା । ଗୁଣ୍ଡିଚା ଯାତ୍ରା ସମୟରେ ପାଗ ଖୁବ୍ ଭଲ ଥିବାରୁ ଯାତ୍ରୀମାନଙ୍କୁ କୌଣସି ଅସୁବିଧା ଭୋଗ କରିବାକୁ ପଡ଼ି ନ ଥିଲା ।

## ଶ୍ରୀମନ୍ ମହାରାଜାଙ୍କ ଶିମୂଳିପାଳ ଗସ୍ତ

ଗତ ମଇ ମାସର ଶେଷ ଭାଗରେ ଶ୍ରୀମନ୍ ମହାରାଜା ସାହେବ ଶିମୂଳିପାଳ ପର୍ବତ ଶ୍ରେଣୀର ଘୋର ଜଙ୍ଗଲମାନଙ୍କ ମଧ୍ୟରେ ଗସ୍ତ କରିଥିଲେ । ଷ୍ଟେଟ୍‌ର ଅନ୍ୟାନ୍ୟ ପର୍ବତ ଶ୍ରେଣୀ ମଧ୍ୟରେ ଏହା ସର୍ବ ବୃହତ୍ । ମହାରାଜା ସାହେବ ପ୍ରାୟ ଏକ ସପ୍ତାହରୁ ବେଶୀ ସେଠାରେ ନାନା ସ୍ଥାନ ଭ୍ରମଣ କରିଥିଲେ । ଶୀକାର ଅଭିଯାନରେ ଦୁଇ ଗୋଟି ବାଘ ଏବଂ ଗୋଟିଏ ଚିତା ବାଘ ମାରିଥିଲେ । ମେଘାସନ ଏହି ପର୍ବତମାଳାର ଉଚ୍ଚତମ ଶୃଙ୍ଗ ।

## ସ୍ୱର୍ଗତ ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜ ଦେଓଙ୍କ ସାମ୍ବତ୍ସରିକ ଶ୍ରାଦ୍ଧ

ସ୍ୱର୍ଗତ ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜ ଦେଓଙ୍କ ସାମ୍ବତ୍ସରିକ ଶ୍ରାଦ୍ଧ ଗତ ମଇ ମାସ ୧୧ ତାରିଖରେ ସ୍ଥାନୀୟ ପୂର୍ଣ୍ଣଚନ୍ଦ୍ର ମନ୍ଦିରରେ ଯଥାବିଧି



ମୟୂରଭଞ୍ଜର ତିନି ରଥର ଦୃଶ୍ୟ । ଦୂରରେ ଜଗନ୍ନାଥ ମନ୍ଦିର ମଧ୍ୟ ଦୃଶ୍ୟମାନ ।

ଅନୁଷ୍ଠିତ ହୋଇଥିଲା । ପ୍ରାତଃକାଳରୁ ଅର୍ଦ୍ଧରାତ୍ରି ପର୍ଯ୍ୟନ୍ତ ନାନା ରଙ୍ଗର ପୁଷ୍ପରେ ସୁସଜ୍ଜିତ ହୋଇଥିବାରୁ ଓ ସମସ୍ତ ଦିନ ପୂଜା ଓ ପ୍ରାର୍ଥନା ଚାଲିଥିବା ଯୋଗୁଁ ମନ୍ଦିରଟି ଏକ ଅପୂର୍ବ ଶୋଭା ଧାରଣ କରିଥିଲା । ସନ୍ଧ୍ୟା ସମୟରେ ହଜାର ହଜାର ଗରୀବ ଲୋକଙ୍କୁ ଭୋଜନ ମଧ୍ୟ ଦିଆ ଯାଇଥିଲା । ମୃତପତିକା ମହାରାଣୀ ସାହେବା ସମସ୍ତ ଦିନ ଉପବାସ କରି ନିଜେ ସବୁ କାର୍ଯ୍ୟରେ ଯୋଗ ଦେଇଥିଲେ । ସ୍ଥାନୀୟ ସମସ୍ତ ଅଫିସର ଓ ଭଦ୍ରବ୍ୟକ୍ତି ସନ୍ଧ୍ୟା ସମୟରେ ମନ୍ଦିରରେ ଉପସ୍ଥିତ ହୋଇ ପୁଣ୍ୟଶ୍ଳୋକ ମହାରାଜାଙ୍କ ସ୍ମୃତିକୁ ସମ୍ମାନ ପ୍ରଦର୍ଶନ କରିଥିଲେ ।

## ମୟୂରଭଞ୍ଜରେ କୃଷିର ଉନ୍ନତି

ମୟୂରଭଞ୍ଜ ଷ୍ଟେଟ୍ କୃଷି ବିଭାଗର ୧୯୩୬-୩୭ ସାଲିହାର ଏକ ବାର୍ଷିକ ବିବରଣୀରୁ କୃଷିର ଉନ୍ନତି ବିଷୟରେ କେତେକ



Digitized by srujanika@gmail.com

ଉଲ୍ଲେଖଯୋଗ୍ୟ କାର୍ଯ୍ୟ ହୋଇଥିବାର ଜଣାଯାଏ । ନିମ୍ନରେ ସେଥି ମଧ୍ୟରୁ କେତେକ ଉଦ୍ଧୃତ କରାଗଲା ।

ବଜେଟରେ ମଞ୍ଜୁର ହୋଇଥିବା ବାର୍ଷିକ ଖର୍ଚ୍ଚ ୧୬,୪୮୮ ଟଙ୍କା ମଧ୍ୟରୁ କୃଷି ବିଭାଗର ପରିଚାଳନା ପାଇଁ ଉପଯୁକ୍ତ କର୍ମଚାରୀ ରଖିବା, କୃଷି ବିଷୟରେ ଛାତ୍ରମାନଙ୍କୁ ଶିକ୍ଷା ଦେବା, କୃଷକମାନଙ୍କର ନିଜ ଜମିରେ ନାନା ପ୍ରକାର ରାସାୟନିକ ସାର ଦେଇ ତାହାର ଫଳାଫଳ ପରୀକ୍ଷା କରିବା, ଛାୟାଚିତ୍ର ସାହାଯ୍ୟରେ କୃଷି ଶିକ୍ଷାର ପ୍ରଚାର ଓ ଉପଯୁକ୍ତ ଜମିରେ କିପରି ଅଧିକ ଫସଲ ହୋଇ ପାରେ, ତାହା ସଦର ସବ୍-ଡିଭିଜନର ୪ ଗୋଟି ବିଭିନ୍ନ କେନ୍ଦ୍ରରେ କୃଷକମାନଙ୍କ ନିଜ ଜମିରେ ପ୍ରତ୍ୟକ୍ଷ ଦେଖାଇ ଦେବା, ନାନା ପ୍ରକାର ଉନ୍ନତ ଧରଣର ବୀଜ ଓ ସାର କୃଷକମାନଙ୍କୁ ବିନା ମୂଲ୍ୟରେ ବିତରଣ କରିବା ଓ ଷ୍ଟେଟ୍‌ର ଆଦର୍ଶ କୃଷି ଫାର୍ମର ପରିଚାଳନାରେ ମୋଟ ୧୨,୯୯୯ ଟଙ୍କା ବ୍ୟୟିତ ହୋଇଥିଲା । ସ୍ଥାନୀୟ ଲୋକଙ୍କର ଜମି



ମୟୂରଭଞ୍ଜ ମୃତ୍ତିକାରେ ଉତ୍ପନ୍ନ ସୁରଟ କପା ।

ସାଧାରଣତଃ ଆକାରରେ ଛୋଟ ଛୋଟ ଓ ତାହା ପୁଣି କ୍ରମାନ୍ୱୟରେ ବହୁ ଅଂଶରେ ବିଭକ୍ତ ହୋଇଅଛି । ତାହା ଛଡ଼ା ପୁରୁଣା କାଳିଆ ରୀତି ଅନୁଯାୟୀ କୃଷକମାନେ ଚାଷ କରନ୍ତି । ଅର୍ଥ ଅଭାବରୁ କୃଷି ଫାର୍ମ କରିବା କିମ୍ବା ଆଧୁନିକ ଉପାୟରେ ଚାଷ କରିବା ପାଇଁ ସେମାନେ ସମ୍ପୂର୍ଣ୍ଣ ଅକ୍ଷମ । ସର୍ବୋପରି ପୁଣି ଏଠାର ଅଧିକାଂଶ ଅଧିବାସୀ ଆଦିମ ଓ ଅଶିକ୍ଷିତ । ସେମାନଙ୍କର କୌଣସି ନୂଆ ପ୍ରଣାଳୀ ଗ୍ରହଣ ଦିଗରେ ଉତ୍ସାହ ଆଦୌ ନାହିଁ କହିଲେ ଚଳେ । ତଥାପି ଉପରୋକ୍ତ ସମସ୍ତ ବାଧାବିଘ୍ନ ସତ୍ତ୍ୱେ ଷ୍ଟେଟ୍ କୃଷି ଫାର୍ମ ଗତ ବର୍ଷ ମୋଟରେ ୬୩୨ ଟଙ୍କା ଟ୍ରେଜେରୀରେ ଦାଖଲ କରିଥିବା ସ୍ଥଳେ ଏ ବର୍ଷ ୨୪୮୩ ଟଙ୍କା ଦାଖଲ କରି ପାରିଅଛି ।

ବର୍ଷ ମଧ୍ୟରେ ଅତିରିକ୍ତ ବୃଷ୍ଟି ହେବାରୁ ଓ ଶୀଘ୍ର ଆରମ୍ଭ ହୋଇ କ୍ରମାଗତ ଭୀଷଣ ବୃଷ୍ଟି ହେବାରୁ କୃଷକମାନେ ସମୟରେ ଆଶୁ ଧାନ ବୁଣି ପାରିଲେ ନାହିଁ ଏବଂ ବର୍ଷା ଶୀଘ୍ର ବନ୍ଦ ହୋଇ ଯିବାରୁ ଅନ୍ୟାନ୍ୟ ଫସଲ ମଧ୍ୟ ଭଲ ଅମଦାନି ହୋଇ ପାରିଲା ନାହିଁ ।

ରବି ଚାଷ ସମୟରେ ଷ୍ଟେଟ୍ ମଧ୍ୟରେ ଥିବା ବିଭିନ୍ନ ପାଞ୍ଚ ଗୋଟି ଆଦର୍ଶ କୃଷି ଫାର୍ମର ଚାଷୀମାନଙ୍କୁ ୧୭୦ ଟଙ୍କା ମୂଲ୍ୟର ବିହନ ଓ ସାର ଦିଆ ଯାଇଥିଲା ଏବଂ ଯେଉଁମାନଙ୍କର କୃଷି ଭଲ ହେବ ସେମାନଙ୍କ ଠାରୁ ତାହାର ମୂଲ୍ୟ ଆଦାୟ କରାଯିବ ବୋଲି ତାଙ୍କୁ ଜଣାଇ ଦିଆ ଯାଇଥିଲା । ଭଦୋଇ ଚାଷ ସମୟରେ ମଧ୍ୟ ୨୦୮ ଟଙ୍କା ମୂଲ୍ୟର ବିହନ ଓ ସାର ବିନା ମୂଲ୍ୟରେ ବାଣ୍ଟି ଦିଆ ଯାଇଥିଲା ।

ଅନ୍ୟାନ୍ୟ ଚାଷ ମଧ୍ୟରେ ୨୧୩ ନମ୍ବର କୋଏମ୍ବାଟୁର ଆଖୁ ଚାଷ ମୟୂରଭଞ୍ଜ ଜମିରେ ଖୁବ୍ ଭଲ ହୋଇଥିଲା । ଅଳ୍ପ ଖର୍ଚ୍ଚରେ କୃଷକମାନେ ବେଶି ଗୁଡ଼ ଅମଦାନି କରି ପାରିଥିଲେ । ଗତ ବର୍ଷ ୨୯୩ ଗୋଟି ଗ୍ରାମର ୧୩୯୧ ଜଣ ଚାଷୀ ୧୦୩୭ ମାଣ ଜମିରେ ଆଖୁ ଚାଷ କରିଥିବା ସ୍ଥଳେ ଏ ବର୍ଷ ୩୧୦ ଗୋଟି ଗ୍ରାମରେ ୧୦୨୯ ଜଣ ଚାଷୀ ୯୯୦ ମାଣ ଜମିରେ ସେହି ଚାଷ କରିଥିଲେ । ଗୁଡ଼ର ଦର ପଡ଼ି ଯିବା ଓ ବିକ୍ରିର ଅସୁବିଧା ଯୋଗୁଁ ସେମାନଙ୍କର ସଂଖ୍ୟା କମି ଯାଇଥିଲା । ସୁଖର ବିଷୟ ଏହି ଯେ ନୂତନ ଚାଷୀମାନେ ଏ ବର୍ଷ ସ୍ୱତଃପ୍ରବୃତ୍ତ ହୋଇ ଆଖୁ ମଞ୍ଜିର ଅଧିକାଂଶ ନଗଦ ଟଙ୍କା ଦେଇ କିଣିଥିଲେ । କୃଷି ବିଭାଗ ଗତ ବର୍ଷ ୬୦୫ ଟଙ୍କା ମୂଲ୍ୟର ୧୮୦୨ ମହଣ ଆଖୁ ମଞ୍ଜି କୃଷକମାନଙ୍କୁ ଧାର ଦେଇଥିଲେ । ଅଥଚ ଏ ବର୍ଷ ମୋଟରେ ୨୭୭ ଟଙ୍କା ମୂଲ୍ୟର ୮୩୧ ମହଣ ଆଖୁ ମଞ୍ଜି ଧାର ଦେବାକୁ ହୋଇଥିଲା । ଏହିଥିରୁ ଜଣାଯାଏ ଯେ ଆଖୁ ଚାଷ ଏଠାରେ ସଫଳ ହୋଇଅଛି ଓ ଲୋକମାନଙ୍କର ସେଥିପ୍ରତି ଆଗ୍ରହ ଜନ୍ମିଛି । ଆଖୁ ଚାଷୀମାନଙ୍କୁ ବିହନ ଓ ସାର ପାଇଁ ପୂର୍ବ ବର୍ଷ ଦାଦନ ଦିଆ ଯାଇଥିବା ୨୭୬୪ ଟଙ୍କା ମଧ୍ୟରୁ ସେମାନେ ଗତ ବର୍ଷ ମଧ୍ୟରେ ୨୦୫୨ ଟଙ୍କା ପରିଶୋଧ କରି ଦେଇଥିଲେ । ଯେଉଁମାନଙ୍କର ଚାଷ ଭଲ ହୋଇ ନ ଥିଲା ସେମାନଙ୍କୁ ଦାଦନ ଟଙ୍କା ଶୁଝିବା ପାଇଁ ଆହୁରି ଏକ ବର୍ଷ ସମୟ ଦିଆ ଯାଇଛି ଓ ଅନ୍ୟ କିଛି ଲାଭଜନକ ଚାଷ କରିବା ପାଇଁ କୃଷି ବିଭାଗ ସେମାନଙ୍କୁ ସାହାଯ୍ୟ ମଧ୍ୟ ଦେଇଅଛନ୍ତି ।

ମଫସଲରେ ଆଖୁପେଡ଼ା କଳର ଦୈନିକ ଭଡ଼ା ୧ ଟଙ୍କା ଥିବା ସ୍ଥଳେ କୃଷି ବିଭାଗ ଚାଷୀମାନଙ୍କୁ ତାହା ଆଠ ଅଣା ମାତ୍ର ଭଡ଼ାରେ ଯୋଗାଇଥିଲେ । ଷ୍ଟେଟ୍‌ର ବିଭିନ୍ନ ୫୦ ଗୋଟି କେନ୍ଦ୍ରରେ କି ଉପାୟରେ ଭଲ ଗୁଡ଼ ପ୍ରସ୍ତୁତ କରାଯାଏ, ତାହା ପରୀକ୍ଷା କରି ଦେଖାଇ ଦିଆଯାଇଥିଲା । ବର୍ତ୍ତମାନ ଅଧିକାଂଶ ଚାଷୀ କି ଉପାୟରେ ପରିଷ୍କାର ଗୁଡ଼ ତିଆରି କରାଯାଏ, ତାହା ଶିକ୍ଷା କରି ପାରିଅଛନ୍ତି । ସେଥିପାଇଁ ସେମାନଙ୍କୁ କାହାର ସାହାଯ୍ୟ ନେବାକୁ ପଡ଼ୁ ନାହିଁ ।

ଚିନାବାଦାମ ଆଉ ଗୋଟିଏ ମୂଲ୍ୟବାନ ଶସ୍ୟ । ଏହା ମୟୂରଭଞ୍ଜର ଉଚ୍ଚ ଭୂମିରେ ପ୍ରଚୁର ପରିମାଣରେ ଜନ୍ମିପାରିବ । ଯେଉଁ ସ୍ଥାନମାନଙ୍କରେ ଏହି ଚାଷ ପରୀକ୍ଷା କରାଯାଇଥିଲା ସେଠାର ଲୋକମାନେ ବର୍ତ୍ତମାନ ୩୯୮ ଏକର ଜମିରେ ତାଙ୍କର ନିଜ ସଞ୍ଚିତ ବିହନରୁ ଏହି ଚାଷ କରୁଛନ୍ତି । କେବଳ ୧୦୩ ଜଣ ଚାଷୀଙ୍କୁ ୫୨ ଏକର ପାଇଁ ୨୬ ମହଣ ବିହନ ଷ୍ଟେଟ୍‌ରୁ ଦିଆଯାଇଥିଲା । ପୂର୍ବ ବର୍ଷ ୩୬୦ ଏକର ଜମିରେ ଏହି ଚାଷ ହୋଇଥିବା ସ୍ଥଳେ ଚଳିତ ବର୍ଷ ତାହା ୪୫୦ ଏକର ଜମିରେ କରାଯାଉଛି ।

ଅନ୍ୟାନ୍ୟ ଦ୍ରବ୍ୟ ବିହନ ମଧ୍ୟରେ ୭୩ ମହଣ କପାମଞ୍ଜି ୫୧ ଗୋଟି ଗ୍ରାମର ୮୬ ଜଣ କୃଷକଙ୍କୁ ଦିଆଯାଇଥିଲା । ପ୍ରଚୁର ଶସ୍ୟ ଉତ୍ପାଦନ ହେଉଥିବା ନୂଆ ପ୍ରକାର ଉନ୍ନତ ଧରଣ କଟକୀ ଧାନର ଚାଷ ୮୦୦ ଏକର ଜମିରେ କରାଯାଇଥିଲା ଓ ନୂତନ କେନ୍ଦ୍ରମାନଙ୍କରେ ୫୨ ଗୋଟି ଗ୍ରାମର ୯୭ ଜଣ କୃଷକଙ୍କୁ ୩୯ ମହଣ ବିହନ ଦିଆଯାଇଥିଲା । ପୂର୍ବ ବର୍ଷ ୪୫ ମାଣ ଜମିରେ ଜୁଆଣପୁର ମକାର ଚାଷ ହୋଇଥିବା ସ୍ଥଳେ ଚଳିତ ବର୍ଷ ତାହା ୯୨ ମାଣ ଜମିରେ କରାଯାଇଥିଲା । ପାଟନା, ଦାର୍ଜିଲିଂ ଓ ନୈନିତାଲ ଆଳୁର ପ୍ରାୟ ୭୦ ମହଣ ବିହନ ୨୮ ଗୋଟି ଗ୍ରାମର ୬୦ ଜଣ ଚାଷୀଙ୍କ ମଧ୍ୟରେ ବାଣ୍ଟି ଦିଆଯାଇଥିଲା ।

ପ୍ରାୟ ୧୦୦୦ ଟଙ୍କାରୁ ବେଶି ମୂଲ୍ୟର ସଲ୍‌ଫେଟ୍ ଅଫ୍ ଏମୋନିଆ, ନାଇଟ୍ରେଟ୍ ଓ ସଲଫେଟ୍ ଅବ୍ ପୋଟାସ୍ ପ୍ରଭୃତି ରାସାୟନିକ ସାର ସଦର ସବ୍-ଡିଭିଜନର କୃଷକମାନେ ଖରିଦ କରିଥିଲେ । ଏହା ଛଡ଼ା ହାଡ଼ଚୂନା, ମ୍ୟୁରିଏଟ୍ ଅବ୍ ପଟାସ୍ ପ୍ରଭୃତି ଅନ୍ୟାନ୍ୟ ସାର ଅନେକ ପରିମାଣରେ ଖର୍ଚ୍ଚ ହୋଇଥିଲା ।

କୃଷିବିଭାଗର କାର୍ଯ୍ୟ ମଫସଲର ସମବାୟ ସମିତି ଓ ବିଦ୍ୟାଳୟମାନଙ୍କରେ ମଧ୍ୟ ବିସ୍ତାର କରିଥିଲା । ସମିତିର ସଭ୍ୟମାନଙ୍କୁ ଲାଭଜନକ ଶସ୍ୟର ଚାଷ କରିବାପାଇଁ ଓ ସ୍କୁଲ ବଗିଚା ମାନଙ୍କରେ ନାନା ପ୍ରକାର ଚାଷର ପରୀକ୍ଷା କରିବାପାଇଁ ଉପଦେଶ ଓ ସାହାଯ୍ୟ ଦିଆଯାଇଥିଲା ।

ବାରିପଦାଠାରୁ ୩ ମାଇଲ ଦୂରରେ ଶାମଖୁଣ୍ଟାରେ ନାନା ପ୍ରକାର କୃଷିର ଗବେଷଣା କରିବା ପାଇଁ ସୁବୃହତ୍ ଫାର୍ମ କରାଯାଇଅଛି । ସେଠାରେ ନାନା ପ୍ରକାର ଧାନ, ଆଖୁ, ଗୋଲଆଳୁ ଓ ଅନ୍ୟାନ୍ୟ ଶାକସବଜି ଏବଂ ଫଳ ଓ ଘାସ ଚାଷ ଆଧୁନିକ ପ୍ରକ୍ରିୟାରେ ଓ ଆଧୁନିକ ଯନ୍ତ୍ର ସାହାଯ୍ୟରେ କରାଯାଇଥିଲା । ଏହି ଫାର୍ମରେ ଚଳିତ ବର୍ଷ ମୋଟରେ ୨୪୩ ଟଙ୍କା ଖର୍ଚ୍ଚ ହୋଇଥିଲା ଓ ସେଥିରୁ ମୋଟରେ ୩୧୬୫ ଟଙ୍କା ଆୟ ହୋଇଥିଲା । ରାଜାବସା, ଦୁର୍ଗାପୁର, ବେଲପାଲ ଓ ଶଙ୍ଖଭଙ୍ଗା ଗ୍ରାମମାନଙ୍କରେ ଚାଷୀଙ୍କ ଜମିରେ ଯେଉଁ ପରୀକ୍ଷା ଫାର୍ମମାନ କରାହୋଇଥିଲା, ତହିଁରେ ମୋଟ ୫୩୦ ଟଙ୍କା ଖର୍ଚ୍ଚ ହୋଇଥିଲା ଓ ୧୧୫୮ ଟଙ୍କା ଆୟ ହୋଇଥିଲା ।

## ମୟୂରଭଞ୍ଜରେ କୁଷ୍ଠ ରୋଗର ପ୍ରତିକାର

କୁଷ୍ଠ ରୋଗର ପ୍ରତିକାର ପାଇଁ ମୟୂରଭଞ୍ଜ କୁଷ୍ଠ-ଚିକିତ୍ସା ବିଭାଗ ୧୯୩୬-୩୭ ମସିହାରେ ଯେଉଁସବୁ କାର୍ଯ୍ୟ କରିଥିଲେ, ସେଥିମଧ୍ୟରେ ରୋଗ ଚିକିତ୍ସା, ରୋଗରୁ କି ପ୍ରକାରେ ରକ୍ଷା ଲାଭ କରାଯାଇପାରେ, ତାହାର ପ୍ରଚାର, ଉକ୍ତ ରୋଗରେ ଆକ୍ରାନ୍ତ ରୋଗୀମାନଙ୍କର ସଂଖ୍ୟା ନିରୂପଣ କରିବା ଓ କୁଷ୍ଠ ରୋଗ ବିଷୟରେ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀମାନଙ୍କୁ ଶିକ୍ଷା ଦେବା କାର୍ଯ୍ୟ ପ୍ରଧାନ ଅଟେ । ଷ୍ଟେଟ୍‌ର ବିଭିନ୍ନ ସ୍ଥାନରେ ଥିବା ୫ ଗୋଟି ଚିକିତ୍ସା କେନ୍ଦ୍ର ଓ ବାରିପଦା କୁଷ୍ଠାଶ୍ରମ-ଔଷଧାଳୟ ଏହି ରୋଗର ଚିକିତ୍ସା ଏବଂ ରୋଗରୁ ଲୋକେ କିପରି ରକ୍ଷା ପାଇବେ ଓ ତାହା ଯେପରି ଆଉ ଅଗ୍ରସର ନ ହୁଏ, ସେ ବିଷୟରେ ଉପଯୁକ୍ତ ବ୍ୟବସ୍ଥାମାନ କରିଥିଲେ । ସେଥିପାଇଁ ଜଣେ ସର୍ଭେ-ଓ୍ୱାର୍କରଙ୍କୁ ମଧ୍ୟ ନିଯୁକ୍ତ କରାଯାଇଥିଲା ।

ସମସ୍ତ କେନ୍ଦ୍ରମାନଙ୍କରେ ମୋଟରେ ୧୦୨୦ ଜଣ ରୋଗୀର ଚିକିତ୍ସା କରାଯାଇଥିଲା ଓ ୨୯୨ ଗୋଟି ଗ୍ରାମ ପରିଦର୍ଶନ କରାଯାଇ ସେଥିରେ ୩୬୨ ଜଣ ନୂତନ ରୋଗୀ ଥିବାର ଜଣାପଡ଼ିଥିଲା । ବର୍ଣ୍ଣିତ ବର୍ଷ ମଧ୍ୟରେ ପୂର୍ବରୁ ପରିଦର୍ଶନ କରାହୋଇଥିବା ୧୭୨ ଗୋଟି ଗ୍ରାମ ଦ୍ୱିତୀୟ ଥର ପରିଦର୍ଶନ କରାଯାଇଥିଲା ।

ତିନି ଜଣ ଡାକ୍ତରଙ୍କୁ ଏ ବିଷୟରେ ଶିକ୍ଷା ଦିଆ ହୋଇଥିଲା । ଅନ୍ୟାନ୍ୟ ବିଷୟ ମଧ୍ୟରେ ରୋଗ ପରୀକ୍ଷା, ତାହାର ଚିକିତ୍ସା, ଯନ୍ତ୍ର ସାହାଯ୍ୟରେ ରୋଗ ନିର୍ଣ୍ଣୟ ଓ ଅସ୍ତ୍ର ଚିକିତ୍ସା ପ୍ରଭୃତି ସେମାନଙ୍କୁ କାର୍ଯ୍ୟରେ ଦେଖାଇ ଦିଆଯାଇଥିଲା ।

ଗ୍ରାମେ ଗ୍ରାମେ ବୁଲି ଉକ୍ତ ରୋଗରୁ କି ଉପାୟରେ ରକ୍ଷା ମିଳିପାରେ, ସେ ସମ୍ବନ୍ଧେ ଲୋକମାନଙ୍କୁ ଛାୟାଚିତ୍ର ସାହାଯ୍ୟରେ ବୁଝାଇ ଦିଆଯାଇଥିଲା । ପୁଣି କାନ୍ଥମାନଙ୍କରେ ଛବି ଟଙ୍ଗାଇ ଓ ଉକ୍ତ ରୋଗର ପ୍ରତିକାର ସମ୍ବନ୍ଧେ ପୁସ୍ତିକାମାନ ବିତରଣ କରାଯାଇ ଲୋକମାନଙ୍କ ମଧ୍ୟରେ ପ୍ରତିକାର ଉପାୟମାନ ବହୁଳ ପ୍ରଚାର କରା ହୋଇଥିଲା । ଗ୍ରାମର ଛୋଟ ଛୋଟ ପିଲାମାନଙ୍କୁ ମଧ୍ୟ ବାରମ୍ବାର ପରୀକ୍ଷା କରି ଦେଖା ଯାଇଥିଲା ।

ବାରିପଦାରେ କୁଷ୍ଠ-ଡାକ୍ତରଖାନା ପୂର୍ବ ପରି ସପ୍ତାହରେ ଦୁଇ ଦିନ ଖୋଲା ରହୁଥିଲା ଓ ଆଧୁନିକ ପ୍ରଣାଳୀରେ ରୋଗର ଚିକିତ୍ସା କରାଯାଇଥିଲା । ବୈଜ୍ଞାନିକ ପଦ୍ଧତିରେ ଇଥିଲ୍ ଇଷ୍ଟର ଓ ହାଇଡ୍ରୋକାରପେଟ୍ ପ୍ରସ୍ତୁତ କରାଯାଇ ମଫସଲ ଡାକ୍ତରଖାନାମାନଙ୍କୁ ବ୍ୟବହାର ପାଇଁ ଦିଆ ଯାଇଥିଲା । ବର୍ଷ ମଧ୍ୟରେ ଉଭୟ ନୂଆ ଓ ପୁରୁଣା ରୋଗୀମାନଙ୍କର ମୋଟ ଉପସ୍ଥାନ ୬୯୭୧ ଓ ପ୍ରତ୍ୟେକ କେନ୍ଦ୍ରର ହାରାହାରି ଦୈନିକ ଉପସ୍ଥାନ ୬୭.୦୨ ।

ଏହାଛଡ଼ା ବିଭିନ୍ନ ଚିକିତ୍ସା କେନ୍ଦ୍ରମାନଙ୍କରେ କେତେଗୁଡ଼ିଏ ଅସ୍ତ୍ର-ଚିକିତ୍ସା କରାଯାଇ, ସେ ସମସ୍ତ କୃତକାର୍ଯ୍ୟ ହୋଇଥିଲା । ବ୍ରିଟିଶ୍ କୁଷ୍ଠ-ନିବାରଣ ସଙ୍ଘର ପ୍ରଚାରକ ଡାକ୍ତର ଅଇକାକ୍ ସାହେବ ବାରିପଦା କୁଷ୍ଠ ଡାକ୍ତରଖାନା ପରିଦର୍ଶନ କରିଥିଲେ ଏବଂ ଆଧୁନିକ ପ୍ରଣାଳୀରେ ରୋଗୀମାନଙ୍କର ଚିକିତ୍ସା ହେଉଥିବାର ଦେଖି ଅତ୍ୟନ୍ତ ପ୍ରୀତ ହୋଇଥିଲେ ।



Digitized by srujanika@gmail.com

ଷ୍ଟେଟ୍‌ର ବିଭିନ୍ନ ପାଞ୍ଚ ଗୋଟି କେନ୍ଦ୍ରରେ ଉଭୟ ପୁରାତନ ଓ ନୂତନ ରୋଗୀର ମୋଟ ଉପସ୍ଥାନ ୨୦,୦୬୦ ଏବଂ ରୋଗର ବାହୁଲ୍ୟ ସାଧାରଣତଃ ଅଧମ ଶ୍ରେଣୀର ଲୋକମାନଙ୍କ ମଧ୍ୟରେ ବେଶୀ ।

କୁଷ୍ଠ-ଚିକିତ୍ସା ବିଭାଗର ଖର୍ଚ୍ଚ ପାଇଁ ମୋଟରେ ୬,୬୩୪ ଟଙ୍କା ବଜେଟରେ ମଞ୍ଜୁର ହୋଇଥିଲା ଓ ସେଥି ମଧ୍ୟରୁ ବର୍ଷ ଶେଷକୁ ୬୦୦୦ ଟଙ୍କା ବ୍ୟୟିତ ହୋଇଥିଲା ।

## ଜାମସେଦପୁର ଓଡ଼ିଆ ସମାଜ

ଜାମସେଦପୁର ଓଡ଼ିଆ ସମାଜର ଏକ ବିବରଣୀରୁ ଜଣାଯାଏ ଯେ ଗତ ଦୁଇ ବର୍ଷ ମଧ୍ୟରେ ସମାଜ ବହୁ ବିଧ ଉନ୍ନତିକର କାର୍ଯ୍ୟ ସମ୍ପାଦନ କରିଅଛି । ସମାଜର କାର୍ଯ୍ୟ ପରିଚାଳନା ପାଇଁ ମିଷ୍ଟର ରତ୍ନମଣି ପେଟ୍ଟନାୟକ ପଟେଲ ସଭାପତି ଓ ମିଷ୍ଟର ଗୋକୁଳାନନ୍ଦ ମହାନ୍ତି ଏବଂ ଶିବାଦ୍ରୀ ଦାସ ସେକ୍ରେଟେରୀ ନିଯୁକ୍ତ ହୋଇଅଛନ୍ତି । ସମାଜର ୩୪ ଜଣ ସଭ୍ୟଙ୍କୁ ନେଇ ଗୋଟିଏ ସଭା ଗଠନ କରାଯାଇଅଛି ଓ ହିସାବ ପତ୍ର ଦେଖିବା ପାଇଁ ଦୁଇ ଜଣ ଅଡିଟର ନିଯୁକ୍ତ ହୋଇଅଛନ୍ତି । ଏହା ଛଡ଼ା ପ୍ରତ୍ୟେକ ବିଭାଗ ପାଇଁ ଗୋଟିଏ ଗୋଟିଏ ପୃଥକ କମିଟି ଗଠନ କରାଯାଇଅଛି ଓ ସେମାନେ ନାଟକାଭିନୟ, କ୍ରୀଡ଼ା, ଆଲୋଚନା, ପୁସ୍ତକାଗାର ଓ ପାଠାଗାର ପ୍ରଭୃତି ବିଭାଗମାନଙ୍କରେ ବିଶେଷ ଦକ୍ଷତା ସହିତ କାର୍ଯ୍ୟ ଚଳାଉ ଅଛନ୍ତି । ସମାଜର ତତ୍ତ୍ୱାବଧାନରେ ବର୍ତ୍ତମାନ ଗୋଟିଏ ପକ୍କାଘର ନିର୍ମିତ ହେଉଅଛି । ସେଥି ମଧ୍ୟରେ ୫୦ ଫୁଟ ଲମ୍ବ ଓ ୨୫ ଫୁଟ ଚଉଡ଼ାର ଗୋଟିଏ ରଙ୍ଗମଞ୍ଚ, ଦୁଇ ପାଖରେ ୧୫ ଫୁଟ ଲମ୍ବ ଓ ୧୨ ଫୁଟ ଚଉଡ଼ାର ଦୁଇଟି କୋଠରୀ ଏବଂ ଉପର ମହଲରେ ୧୫ ଫୁଟ ଲମ୍ବ ଓ ୧୨ ଫୁଟ ଚଉଡ଼ାର ଦୁଇ ଗୋଟି କୋଠରୀ; ୨୫ ଫୁଟ ଲମ୍ବ ଓ ୧୧ ଫୁଟ ଚଉଡ଼ାର ଗୋଟିଏ ଶୟନ କକ୍ଷ ଏବଂ ଭୂମି ତଳରେ ଦୁଇଟି ଭଣ୍ଡାର ଗୃହ ପ୍ରସ୍ତୁତ ହେଉଅଛି ଓ ସେଗୁଡ଼ିକର କାର୍ଯ୍ୟ ବର୍ତ୍ତମାନ ପ୍ରାୟ ଶେଷ ଉପରେ । ଏ ପର୍ଯ୍ୟନ୍ତ ମୋଟରେ ୬,୮୩୬ ଟଙ୍କା ଖର୍ଚ୍ଚ ହୋଇ ସରିଲାଣି ଏବଂ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଆହୁରି ୯,୩୦୦ ଟଙ୍କା ଖର୍ଚ୍ଚ ହେବ ବୋଲି ମୋଟାମୋଟି ହିସାବ କରାଯାଇଅଛି । ସେଥି ମଧ୍ୟରୁ ଗୋପବନ୍ଧୁ-ସ୍ମୃତି ପାଇଁ ୫୦୦୦ ଟଙ୍କା ବ୍ୟୟିତ ହେବାର ସ୍ଥିର କରାଯାଇଅଛି । ବର୍ଷ ମଧ୍ୟରେ ମୋଟରେ ୫୦୦୦ ଟଙ୍କା ଚାନ୍ଦା ଆଦାୟ ହୋଇଅଛି ।

## ପୁସ୍ତକ ପରିଚୟ

**ବନବେଣୁ (କବିତା)**—ରଚକ ଓ ପ୍ରକାଶକ ଶ୍ରୀ ବୃନ୍ଦାବନ ଚନ୍ଦ୍ର ଦାଶ । ୩୬ ପୃଷ୍ଠା । ମୂଲ୍ୟ ତିନି ଅଣା । କଟକ ସତ୍ୟବାଦୀ ପ୍ରେସ୍‌ରେ ମୁଦ୍ରିତ ।

ଏହି କବିତା ପୁସ୍ତକଟି ୧୦ ଗୋଟି କ୍ଷୁଦ୍ର କବିତାର ସମଷ୍ଟି ଯଥା:—ବିଜନ ନାନାରି ଶେଫେ, ଫାଲ୍‌ଗୁନ ରାଣୀ, ବର୍ଷା ମଙ୍ଗଳ, କଳ୍ପଲତା, କବିପ୍ରିୟା, କିଏ ତୁମେ, ଯୋଗମାୟା, ଶରତ୍‌ଶ୍ରୀ, କାହ୍ନି ଅଛ ଓ ପ୍ରତୀକ୍ଷା । ପ୍ରତ୍ୟେକ କବିତା ଆଧୁନିକ ଛନ୍ଦ ଏବଂ ଭାଷା ସାହାଯ୍ୟରେ ରଚିତ । ପୁସ୍ତକଟିରେ ଅନେକ ସ୍ଥଳେ କୃତ୍ରିମ ଯତିଭଙ୍ଗ ଦେଖାଯାଏ ଏବଂ ପ୍ରାୟ ସବୁ ସ୍ଥଳରେ ହିଁ ଯୁକ୍ତାକ୍ଷରକୁ ସ୍ୱୀକାର କରି ଏହି ତରୁଣ ରଚୟିତା ନିଜ ଛନ୍ଦୋଜ୍ଞାନର ସୁସ୍ପଷ୍ଟ ପରିଚୟ ଦେଇ ଅଛନ୍ତି । କବିତା ରଚନାର ପ୍ରଥମାବସ୍ଥାରେ ଛନ୍ଦ, କଳ୍ପନା ଓ ପଦଲାଳିତ୍ୟ ପ୍ରତି ଯେପରି ଅଧିକ ଆକର୍ଷଣ ଥାଏ, ପୁସ୍ତକଟିରେ ସେହି ସ୍ୱାଭାବିକତାର ବିଚ୍ୟୁତି ଘଟି ନାହିଁ । ସେଥିପାଇଁ କବିତାଗୁଡ଼ିକ ଶ୍ରୁତି-ମଧୁର ଓ ପାଠ-ମଧୁର ହେବାରେ ତ୍ରୁଟି ନାହିଁ । ଉପମା-ସୌଷ୍ଠବ ଓ ଭାବ-ଗାମ୍ଭୀର୍ଯ୍ୟ ପ୍ରତି ମଧ୍ୟ ରଚୟିତାଙ୍କର ଦୃଷ୍ଟି ଅଛି । ଯଥା, 'ଯୋଗମାୟା' କବିତାରେ—

"ସଙ୍ଗୀତ ଗୃହେଁ ଛନ୍ଦରେ ଯିବ ମିଳାଇ
ସଙ୍ଗୀତେ ଲୋଡ଼େ ଧରି ଦେବା ପାଇଁ ଛନ୍ଦ
ଧୂପ ଲୋଡ଼େ ଜଳ ଗନ୍ଧରେ ଯିବ ମିଳାଇ
ଧୂପ ଦେହେ ଜଡ଼ ବହିବାକୁ ଗୃହେଁ ଗନ୍ଧ ।
ଅଭିନବ କିଏ ସ୍ରଷ୍ଟା ସେ ଏହି ମାୟାର
ଏକର ସହିତେ ଆରେକର ଏ ଯେ ଯୁକ୍ତି
ମୁକ୍ତ ଲୋଡ଼ଇ ବନ୍ଧନ ଆନ ହୃଦୟର
ବନ୍ଦୀ ମରଇ ଖୋଜି ଆପଣାର ମୁକ୍ତି ।"

ଉପଯୁକ୍ତ ସାଧନା ଓ ଅନୁଶୀଳନ ବଳରେ ଏହି ପ୍ରତିଭାଙ୍କୁ ଭବିଷ୍ୟତରେ ଦ୍ରୁମାୟିତ ହେବ ବୋଲି ଯେ କେହି ଆଶା କରିପାରେ ।

ମୟୂରଭଞ୍ଜ ଷ୍ଟେଟ୍ ପ୍ରେସ୍‌ରେ ଶ୍ରୀ ପଦ୍ମଚରଣ ଦାଶଙ୍କଦ୍ୱାରା ମୁଦ୍ରିତ ଓ ପ୍ରକାଶିତ ।